# ଓଡ଼ିଆ ଆନ୍ଦୋଳନର ଇତିହାସ

ଗୋପବନ୍ଧୁ ସାହିତ୍ୟ ମନ୍ଦିର
ଗୋପବନ୍ଧୁ ଭବନ, କଟକ

Digitized by srujanika@gmail.com

# ଓଡ଼ିଆ ଆନ୍ଦୋଳନର ଇତିହାସ

ଲେଖକ ଓ ସଂକଳକ

**ପଣ୍ଡିତ ଶ୍ରୀ ବାଇକୋଳି ମହାପାତ୍ର,** ଜ୍ୟୋତିଷ ବିଶାରଦ

( ସମାଜ ସମ୍ପାଦକ ଶ୍ରୀ ରାଧାନାଥ ରଥଙ୍କ ମୁଖବନ୍ଧ ସହ )

**ଗୋପବନ୍ଧୁ ସାହିତ୍ୟ ମନ୍ଦିର**

ଗୋପବନ୍ଧୁ ଭବନ, କଟକ

Digitized by srujanika@gmail.com

# ଓଡ଼ିଆ ଆନ୍ଦୋଳନର ଇତିହାସ

ପ୍ରକାଶକ :

**ଗୋପବନ୍ଧୁ ସାହିତ୍ୟ ମନ୍ଦିର**

ଗୋପବନ୍ଧୁ ଭବନ, କଟକ—୭୫୩୦୦୧

ପ୍ରଥମ ପ୍ରକାଶ   ତା ୯ । ୧୦।୭୬

ମୁଦ୍ରାକର :

**ଶ୍ରୀ ଉଦୟନାଥ ଷଡ଼ଙ୍ଗୀ**

ସତ୍ୟବାଦୀ ପ୍ରେସ,

ଗୋପବନ୍ଧୁ ଭବନ, କଟକ-୭୫୩୦୦୧

ମୂଲ୍ୟ—ଦଶ ଟଙ୍କା ମାତ୍ର

Digitized by srujanika@gmail.com

# ପୂର୍ବ ସୂଚନା

ପରମ ଶ୍ରଦ୍ଧେୟ ପ୍ରଖ୍ୟାତ ଜ୍ୟୋତିର୍ବିଦ ପଣ୍ଡିତ ଖଲ୍ଲିକୋଟ କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ସହିତ ସଂପୃକ୍ତ ପଣ୍ଡିତ ବାଇକୋଳି ମହାପାତ୍ର ଜ୍ୟୋତିଷବିଶାରଦ "ଓଡ଼ିଆ ଆନ୍ଦୋଳନର ଇତିହାସ" ନାମରେ ବହୁ ଅଧ୍ୟୟନ ଓ ଅଧ୍ୟବସାୟରେ ଯେଉଁ ପୁସ୍ତକ ପ୍ରଣୟନ କରିଛନ୍ତି, ତାହା ଆଜି ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଜନ୍ମ ଶତବାର୍ଷିକ ଜୟନ୍ତୀ ଉତ୍ସବର ପ୍ରଥମ ଦିବସରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କଦ୍ୱାରା ଉଦ୍‌ଘାଟିତ ହେବାକୁ ଯାଉଛି । କିଛି କାଳ ହେଲା ଉକ୍ତ ପୁସ୍ତକ ଗୋପବନ୍ଧୁ ସାହିତ୍ୟ ମନ୍ଦିରଦ୍ୱାରା ଛାପା ହେଉଛି, ମାତ୍ର ଏ ପୁସ୍ତକର ପରିଶିଷ୍ଟରେ ଅନେକ ତଥ୍ୟ ଓଡ଼ିଆ ଇଂରାଜୀରେ ପ୍ରକାଶ କରିବାର କଥା ଏବଂ ଓଡ଼ିଆ ଆନ୍ଦୋଳନରେ ଅନେକ ନେତୃବୃନ୍ଦଙ୍କ ଫଟୋଚିତ୍ର ଦିଆହେବାର କଥା । କିନ୍ତୁ ସେସବୁର ସଂଗ୍ରହ ଓ ମୁଦ୍ରଣ ସମୟସାପେକ୍ଷ ହେବାରୁ ଏବଂ ଏହା ପ୍ରାୟ ଏକଶହ ବର୍ଷ ବ୍ୟାପୀ ବିଭିନ୍ନ ଘଟନାବଳୀର ଆଧାର ଉପରେ ସଂକଳନ କରିବାକୁ ପଡୁଥିବାରୁ ପୁସ୍ତକ ପ୍ରକାଶରେ ବିଳମ୍ବ ଘଟିଲା । ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ଜନ୍ମ ଶତବାର୍ଷିକର ପ୍ରଥମ ଦିବସରେ ଏହା ପ୍ରକାଶ କରିବା ଉଚିତ ଭାବି ଏହା ପ୍ରକାଶ କରୁଛୁ । ୧୯୧୯ରେ ଗଞ୍ଜାମର ସ୍ୱର୍ଗୀୟ ନିରଞ୍ଜନ ପଟ୍ଟନାୟକ, ଚକ୍ରପାଣି ପ୍ରଧାନ "The Oriya movement" (ଓଡ଼ିଆ ଆନ୍ଦୋଳନ) ନାମକ ଖଣ୍ଡିଏ ପୁସ୍ତକ ଇଂରାଜୀରେ ପ୍ରଣୟନ କରିଥିଲେ । ଏହା ତଦବଧି ଓଡ଼ିଆ ଆନ୍ଦୋଳନର ଇତିହାସ କହିଲେ ଚଳେ । ତାପରେ ପ୍ରାୟ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ବିତିଗଲାଣି । ଏଥିଭିତରେ ଓଡ଼ିଆ ଆନ୍ଦୋଳନର ବହୁ ପର୍ଯ୍ୟାୟ ସଂକଳିତ ହୋଇ ପ୍ରକାଶ ପାଇପାରି ନାହିଁ । ସେସବୁ ପରିପୂର୍ଣ୍ଣ ଇତିହାସ ଲେଖିବାକୁ ଗଲେ ଏକ ବିରାଟ ଗ୍ରନ୍ଥ ହେବ । ଶ୍ରଦ୍ଧେୟ ପଣ୍ଡିତ ବାଇକୋଳି ମହାପାତ୍ର ଓଡ଼ିଆ ଆନ୍ଦୋଳନର ଏକ ଶତାବ୍ଦୀବ୍ୟାପୀ ଘଟଣାବଳୀର ଏକ ସଂକ୍ଷିପ୍ତ ଚିତ୍ର ଏହି ପୁସ୍ତକରେ ପ୍ରକାଶ କରିଛନ୍ତି । ତାଙ୍କ ଅଧ୍ୟବସାୟ ଅତି ପ୍ରଶଂସନୀୟ । ୧୯୦୩ ଗଞ୍ଜାମ ଜାତୀୟ ସମ୍ମିଳନୀ ଓ ପରେ 'ଉତ୍କଳ ସମ୍ମିଳନୀ' ଓଡ଼ିଆ ଆନ୍ଦୋଳନର ପୃଷ୍ଠଭୂମିରୂପେ କାର୍ଯ୍ୟ କରି ଆସିଅଛି । ଏହି ପୁସ୍ତକରେ ଉଭୟ ଅନୁଷ୍ଠାନର କିଞ୍ଚିତ ଇତିହାସ ଲିପିବଦ୍ଧ କରା ଯାଇଛି । ପୁଣ୍ୟାତ୍ମା ପଣ୍ଡିତ ଗୋପବନ୍ଧୁ ଦାସ ୧୯୧୪ରେ ଉତ୍କଳ ସମ୍ମିଳନୀ ବିଷୟରେ 'ସତ୍ୟବାଦୀ'ମାସିକ ପତ୍ର ୨ୟ ସଂଖ୍ୟାରେ ଯାହା ଲେଖିଥିଲେ, ତାହା ଏଠାରେ ସ୍ମରଣୀୟ । ସେ ଲେଖିଥିଲେ,

## ଉତ୍କଳ ସମ୍ମିଳନୀ

"ଜଣେ ମନୁଷ୍ୟ ଜାତି ନୁହେଁ, ସେ ଏକ ବ୍ୟକ୍ତି । ଏହିପରି ଲକ୍ଷ ଲକ୍ଷ ଏବଂ କୋଟି କୋଟି ଲୋକଙ୍କ ସମଷ୍ଟିରେ ଜାତି । ଲୋକ ଗୋଟିକେ ପ୍ରକୃତି ଗୋଟିଏ, ମୁନି ଗୋଟିକେ ମତ ଗୋଟିଏ । ତେବେ କୋଟି କୋଟି ଲୋକଙ୍କର ଗୋଟିଏ ମନ ଏବଂ

Digitized by srujanika@gmail.com

ଗୋଟିଏ ପ୍ରାଣ କିପରି ହୋଇପାରେ ? ତାହା ନ ହେଲେ ଜାତୀୟ ଜୀବନ ସମ୍ଭବ ହେବ କିପରି ? ମନୁଷ୍ୟ ପ୍ରକୃତି ଏପରି ଯେ, ତହିଁରେ ନାନା ଲୋକଙ୍କର ନାନା ରୁଚି, ନାନା ଭାବ ଏବଂ ନାନା ମତ ହେଲେ ସୁଦ୍ଧା ସମସ୍ତଙ୍କର ଏପରି ଏକ ସମୂହ ସ୍ୱାର୍ଥ ଅଛି, ଯହିଁରେ ସମସ୍ତେ ଏକ ଭୂମି ଉପରେ ଛିଡ଼ା ହୋଇ ଏକ ପ୍ରାଣରେ ଏକ କାର୍ଯ୍ୟ କରନ୍ତି । ଏହି ସ୍ୱାର୍ଥକୁ କହନ୍ତି ଜାତୀୟ ବନ୍ଧନ, ଏହି ଭୂମିକୁ କହନ୍ତି ଦେଶ, ଏହି ପ୍ରାଣକୁ କହନ୍ତି ଜାତୀୟ ଜୀବନ ଏବଂ ଏହି କାର୍ଯ୍ୟକୁ କହନ୍ତି ଜାତୀୟ କାର୍ଯ୍ୟ; ଏହିପରି ଏକତ୍ର ହୋଇ ଏକ ଉଦ୍ଦେଶ୍ୟରେ କାର୍ଯ୍ୟ କରିବାର ଶକ୍ତି ବା ଶ୍ରେୟ ଯେଉଁମାନଙ୍କର ନାହିଁ, ସେମାନେ ମନୁଷ୍ୟ ସମଷ୍ଟି ମାତ୍ର, କିନ୍ତୁ ଜାତି ନୁହନ୍ତି । ତେଣୁ ସେମାନଙ୍କର ଦେଶ ନାହିଁ, ସାହିତ୍ୟ ନାହିଁ ବା ସମାଜ ନାହିଁ । ଦଳଗତ ଉଦ୍ୟମ ଜାତୀୟ ଜୀବନ ଗଠନର ପ୍ରକୃଷ୍ଟ ପଥ । ଓଡ଼ିଶାରେ ସାନ ବଡ଼ ଯେ ସମସ୍ତ ଦଳଗତ ଉଦ୍ୟମ ସ୍ଥାନେ ସ୍ଥାନେ ହେଉଅଛି, ବର୍ତ୍ତମାନ ଯୁଗର ଗତି ଦୃଷ୍ଟିରେ ସେ ସବୁ ଯଥେଷ୍ଟ ନୁହେଁ । ଏକ କୋଟି ଉତ୍କଳ ଅଧିବାସୀମାନଙ୍କ ମଧ୍ୟରେ ବଡ଼ ଦରର ଯୌଥ କାରବାର ପ୍ରାୟ ନାହିଁ । ଯଥାବିଧିରେ ରାଜନୈତିକ ଆନ୍ଦୋଳନ ନିମନ୍ତେ ପ୍ରଶସ୍ତ କର୍ମକେନ୍ଦ୍ର ଏ ପର୍ଯ୍ୟନ୍ତ ଫିଟି ନାହିଁ । ସାହିତ୍ୟ ଆଲୋଚନା ନିମନ୍ତେ ସତେଜ ଶକ୍ତିଶାଳୀ କୌଣସି ପ୍ରତିଷ୍ଠାନ ନାହିଁ । ବରଂ ଯେଉଁ ସବୁ ମଠ, ମନ୍ଦିର ଓ ପୁସ୍ତକାଗାରମାନ ପୂର୍ବେ ଧର୍ମାଲୋଚନାର କେନ୍ଦ୍ର ଥିଲା, ସେ ସବୁ କ୍ରମେ ନିସ୍ତେଜ ଏବଂ ବିଶୃଙ୍ଖଳ ହୋଇଅଛି । ବିଦ୍ୟା ବିସ୍ତାର ନିମନ୍ତେ ସମୂହ ଚେଷ୍ଟା ମଧ୍ୟ ନାହିଁ । ସମାଜରେ ଉନ୍ନତ ନୈତିକ ଜୀବନ-ପ୍ରବର୍ତ୍ତନ ଲାଗି ସମଷ୍ଟି ଭାବରେ କାର୍ଯ୍ୟ ହେଉଥିବାର ଦେଖାଯାଉ ନାହିଁ । ଏପରି ସକଳ ବିଭାଗରେ ଓଡ଼ିଶାର ଜାତୀୟ ଜୀବନ ନିସ୍ପନ୍ଦ ଦେଖିଲେ ଦୀର୍ଘ ନିଃଶ୍ୱାସ ପକାଇବାକୁ ହୁଏ । ତେବେ ବହୁକାଳର ପ୍ରତିଷ୍ଠିତ ଏହି ଜାତିର କି କୌଣସି ଭବିଷ୍ୟତ ନାହିଁ ? ଏହି ନିରାଶା ମଧ୍ୟରେ ଆମ୍ଭେମାନେ ଉତ୍କଳ ସମ୍ମିଳନୀରୁ ଆଶ୍ୱାସନା ପାଉଅଛୁ । ଏହା ହିଁ ବର୍ତ୍ତମାନ ଆମ୍ଭମାନଙ୍କର ଏକମାତ୍ର ଜାତୀୟ ପ୍ରତିଷ୍ଠାନ । ଆରମ୍ଭ ସମୟରୁ ଏ ପର୍ଯ୍ୟନ୍ତ ଗତ ଦଶ ବର୍ଷ ମଧ୍ୟରେ ଏହା ବିଶେଷ କିଛି କାର୍ଯ୍ୟ କରୁ ବା ନ କରୁ କୋଟିଏ ଲୋକଙ୍କ ମନରେ ଗୋଟିଏ ଭାବ ଜନ୍ମାଇବା ପକ୍ଷେ ଏହା ବିଶେଷ ସାହାଯ୍ୟ କରିଅଛି । ଏହି ଭାବଟି ଜାତୀୟ ଭାବ । ବିଚ୍ଛିନ୍ନ ଓଡ଼ିଆମାନେ ଆଜି ବୁଝି ପାରୁଛନ୍ତି ଯେ, ସେମାନେ ଗୋଟିଏ ସୂତ୍ରରେ ବନ୍ଧା । ପୃଥକ୍ ରହିଲେ ସୁଦ୍ଧା ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ ଏକ ଏବଂ ପ୍ରାଣରେ ଏକନିଷ୍ଠ ହୋଇ କାର୍ଯ୍ୟ ନ କଲେ ସେମାନଙ୍କର ଆକାଂକ୍ଷା ଚରିତାର୍ଥ ହେବ ନାହିଁ । ଏହି ଭାବରେ ପ୍ରଥମ ସୂଚନା ପ୍ରାଣରେ ଆସିଲେ ଯଥେଷ୍ଟ ଲାଭ । ଏହି ଭାବର କ୍ରମ ବିକାଶ ସଙ୍ଗେ ସଙ୍ଗେ ଦେଶରେ ନାନା ବିଭାଗରେ ସମବାୟ ଉଦ୍ୟମ ଦେଖାଦେବ ।

"ସମ୍ମିଳନୀର ଗତ ପାରଳା ଅଧିବେଶନରେ ଓଡ଼ିଆ ଜାତୀୟ ଚରିତ୍ରର କିଛି ବିଶେଷତ୍ୱ ପ୍ରକାଶ ପାଇଥିବା ଅତ୍ୟନ୍ତ ଆହ୍ଲାଦର ବିଷୟ । ପାରଳାର ନବୀନ ରାଜା ଶ୍ରୀମାନ୍ ଶ୍ରୀକୃଷ୍ଣଚନ୍ଦ୍ର ନାରାୟଣ ଗଜପତି ଦେଓ ଏ ଅଧିବେଶନର କାର୍ଯ୍ୟ ନିର୍ବାହରେ ଯେପରି ସରଳତା, ସୌଜନ୍ୟ, କାର୍ଯ୍ୟ କୌଶଳ, ଧୈର୍ଯ୍ୟ, ମୁକ୍ତହସ୍ତତା ଦେଖାଇ ଅଛନ୍ତି, ସେଥିରେ

Digitized by srujanika@gmail.com

ଶ୍ରୀମାନ୍ କୃଷ୍ଣଚନ୍ଦ୍ର ନାରାୟଣ ଗଜପତି ଦେଓ ଏ ଅଧିବେଶନର କାର୍ଯ୍ୟ ନିର୍ବାହରେ ଯେପରି ସରଳତା, ସୌଜନ୍ୟ, କାର୍ଯ୍ୟ କୌଶଳ, ଧୈର୍ଯ୍ୟ, ମୁକ୍ତହସ୍ତତା ଦେଖାଇ ଅଛନ୍ତି, ସେଥିରେ ଓଡ଼ିଆମାନଙ୍କ ଅଭ୍ୟୁଦୟ ନିମନ୍ତେ ଶୁଭ ଯୋଗ ଉପସ୍ଥିତ ହୋଇଅଛି ବୋଲି ସମସ୍ତଙ୍କର ବିଶ୍ୱାସ ଜନ୍ମୁଅଛି । ଜାତୀୟ ଅନୁଷ୍ଠାନରେ ରାଜା, ପ୍ରଜା, ଧନୀ, ଦରିଦ୍ର, ଉଚ୍ଚ, ନୀଚ, ସମସ୍ତେ ସମାନ ଏବଂ ସମଭାବରେ ଅଧିକାରୀ । କିଶୋର କୃଷ୍ଣଚନ୍ଦ୍ର ଏହା ଉତ୍ତମରୂପେ ବୁଝିପାରି ଆପଣାର ଗଜପତି ବଂଶ ଗରିମାର ପରିଚୟ ଦେଇଅଛନ୍ତି । ଜାତୀୟ କଲ୍ୟାଣ ଏବଂ ଦେଶରେ ଧନ ଓ ଜ୍ଞାନ ବିସ୍ତାର ନିମନ୍ତେ ଉତ୍କଳୀୟ ପ୍ରାଚୀନ ନରପତି-ମାନେ ସର୍ବସ୍ୱ ଦାନ କରିଥିବାର କଥା ଇତିହାସ ଓ ଅନୁଷ୍ଠାନମାନଙ୍କରୁ ସ୍ପଷ୍ଟ ଜଣା-ଯାଉଅଛି । ଆଧୁନିକ ରାଜା ମହାରାଜାମାନେ ପୂର୍ବ ପୁରୁଷମାନଙ୍କର ଏହି ଉଜ୍ଜ୍ୱଳ ଉଦାହରଣର ଅନୁବର୍ତ୍ତୀ ନ ହେଲେ ଆମ୍ଭମାନଙ୍କର ଜାତୀୟ ଜଡ଼ତା ଘୁଞ୍ଚିବ ନାହିଁ । ଏହି ଅଧିବେଶନରେ ଜନୈକ ଉତ୍କଳ ସନ୍ତାନ ଶ୍ରୀମାନ୍ ରାମମୂର୍ତ୍ତି ପଟ୍ଟନାୟକଙ୍କର ୟୁରୋ-ପୀୟ ଯୁଦ୍ଧରେ ମାନବ ସେବା ନିମନ୍ତେ ଆତ୍ମୋତ୍ସର୍ଗ ଓଡ଼ିଆ ଜାତି ପକ୍ଷରେ ଗୌରବର ବିଷୟ । ଏ ଜୀବନ କେବଳ ଉପଭୋଗ ନିମନ୍ତେ ନୁହେଁ, କିମ୍ବା ଆତ୍ମୀୟ ପରିବାର-ମାନଙ୍କର ସୁଖ ବିଧାନରେ ଶେଷ ହେବାର ନୁହେଁ । ନ୍ୟାୟ, ଧର୍ମ ଏବଂ ସତ୍ୟର ପକ୍ଷ ସମର୍ଥନ ନିମନ୍ତେ ଜଗତର ଯେ କୌଣସି ସ୍ଥାନରେ ଏବଂ ଯେ କୌଣସି ଜାତି ମଧ୍ୟରେ ପ୍ରତ୍ୟେକ ମନୁଷ୍ୟର ଯେ କର୍ତ୍ତବ୍ୟ ରହିଅଛି, ଏହି ସାର୍ବଜନୀନ ଭାବର ସ୍ଫୁରଣ ଜାତୀୟ ଜୀବନରେ ଏକ ବିଶେଷ ଘଟଣା ।''

ଉତ୍କଳ ସମ୍ମିଳନୀର ପାରଳା ଅଧିବେଶନରେ (ଦଶମ ଅଧିବେଶନରେ) ବହୁ ଜାତୀୟ ସମସ୍ୟା ବିଷୟକ ଆଲୋଚନା ଓ ପ୍ରସ୍ତାବ ଭିତରେ ବିଭିନ୍ନ ଶାସନାଧୀନରେ ନିୟନ୍ତ୍ରିତ ସମଗ୍ର ଓଡ଼ିଆ ଭାଷୀ ଅଞ୍ଚଳ ନିମନ୍ତେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବୀ ଉପସ୍ଥାପିତ କରି ପଣ୍ଡିତ ଗୋପବନ୍ଧୁ ଏହି ସମ୍ମିଳନୀରେ ଏକ ପ୍ରସ୍ତାବ ଆଗତ କରିଥିଲେ ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ର ତାହା ଅନୁମୋଦନ କରିଥିଲେ । ସେ ପ୍ରସ୍ତାବରେ କୁହାଯାଇଥିଲା :—

''୭ମ ପ୍ରସ୍ତାବ :—ବିଭିନ୍ନ ପ୍ରାଦେଶିକ ଶାସନାଧୀନ ସମସ୍ତ ଓଡ଼ିଆ-ଭାଷୀମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଏହି ସମ୍ମିଳନୀ ସଂପୂର୍ଣ୍ଣରୂପେ ଉପଲବ୍ଧି କରୁଅଛନ୍ତି ଏବଂ ଏହା କାର୍ଯ୍ୟରେ ପରିଣତ ହେବାଯାଏ ସେମାନଙ୍କୁ କୌଣସି ଏକ ବିଶ୍ୱବିଦ୍ୟାଳୟ ଅଧୀନ କରାଯିବା ଉଚିତ ବୋଲି ସମ୍ମିଳନୀ ହୃଦୟଙ୍ଗମ କରୁ-ଅଛନ୍ତି ।''

ଏହାର ପରବର୍ତ୍ତୀ ଅଷ୍ଟମ ପ୍ରସ୍ତାବରେ ପଣ୍ଡିତ ନୀଳକଣ୍ଠ ଦାଶ ନିମ୍ନଲିଖିତ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହା ବାରିଷ୍ଟର ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା :—

Digitized by srujanika@gmail.com

"୮ମ ପ୍ରସ୍ତାବ :—ଓଡ଼ିଶା ପ୍ରଦେଶର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଶିକ୍ଷକ ଓ ତତ୍ତ୍ୱାବଧାରକ ନିଯୁକ୍ତ ନ ହେଲେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତି ସୁଦୂର ପରାହତ ବୋଲି ସମ୍ମିଳନୀ ବିଶ୍ୱାସ କରନ୍ତି ।"

ଏହା ପରେ ନବମ, ଦଶମ ଓ ଏକାଦଶ ପ୍ରସ୍ତାବମାନଙ୍କରେ ଖୋର୍ଦ୍ଧା, ସମ୍ବଲପୁର ରେଳରାସ୍ତା ନିର୍ମାଣ, ଓଡ଼ିଆ ଭାଷୀ ଅଞ୍ଚଳରେ ମାଧ୍ୟମିକ ଓ ମଧ୍ୟମ ଶ୍ରେଣୀୟ ଶିକ୍ଷାର ବହୁଳ ବିସ୍ତାର ଏବଂ ବିଶାଖାପାଟଣା ଅନ୍ତର୍ଗତ ଜୟପୁର ଏଜେନ୍‌ସିକୁ ନେଇ ଗୋଟିଏ ପୃଥକ୍ ଓଡ଼ିଆ ଜିଲ୍ଲା ଗଠିତ ହେବା ସକାଶେ ଯେଉଁ ସବୁ ଦାବୀ ଉପସ୍ଥାପିତ୍ ହୋଇ ପ୍ରସ୍ତାବମାନ ଧାର୍ଯ୍ୟ ହୋଇଥିଲା, ତାହା ଏଠାରେ ଉଲ୍ଲେଖ କରାଗଲା :—

"୯ମ ପ୍ରସ୍ତାବ :—ଯାତାୟାତ ଓ ବାଣିଜ୍ୟାଦିର ସୁବିଧା ଏବଂ ଦେଶର ଅନ୍ୟାନ୍ୟ ବୈଷୟିକ ଉନ୍ନତି ସାଧନ ସମ୍ପାଦନାର୍ଥେ ଖୋରଧା ରୋଡ଼ ଷ୍ଟେସନଠାରୁ ସମ୍ବଲପୁର ପର୍ଯ୍ୟନ୍ତ ସିଧା ରେଳପଥ ଶୀଘ୍ର ଖୋଲା ହେବା ଆବଶ୍ୟକ ବୋଲି ସମ୍ମିଳନୀ ଉପଲବ୍ଧି କରୁଅଛନ୍ତି ।"

"୧୦ମ ପ୍ରସ୍ତାବ :—ସମଗ୍ର ଉତ୍କଳଭାଷୀ ଅଞ୍ଚଳରେ ବହୁସଂଖ୍ୟକ ପ୍ରାଥମିକ ଓ ମଧ୍ୟଶ୍ରେଣୀୟ ଶିକ୍ଷାର ବହୁଳ ବିସ୍ତାର ନିମନ୍ତେ ସର୍କାର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ସମ୍ମିଳନୀ ମନେ କରନ୍ତି ।"

"୧୧ଶ ପ୍ରସ୍ତାବ :—ବିଶାଖାପାଟଣା ଅନ୍ତର୍ଗତ ଜୟପୁର ଏଜେନ୍‌ସିକୁ ନେଇ ଗୋଟିଏ ପୃଥକ୍ ଓଡ଼ିଆ ଜିଲ୍ଲା ଗଠିତ ନ ହେବା ଯାଏଁ ସେହି ଅଞ୍ଚଳସ୍ଥ ଓଡ଼ିଆମାନଙ୍କ ସର୍ବାଙ୍ଗୀନ ଉନ୍ନତି ସୁଦୂର ପରାହତ ବୋଲି ସମ୍ମିଳନୀ ବିଶ୍ୱାସ କରନ୍ତି ।"

ଓଡ଼ିଆ ଜାତିର ପ୍ରଥମ ଜାତୀୟ ସମ୍ମିଳନୀ "ଉତ୍କଳ ସମ୍ମିଳନୀ" ଓ ଓଡ଼ିଆ ଆନ୍ଦୋଳନର ଇତିହାସ ସଂଗ୍ରହ ଓ ପ୍ରଣୟନରେ ଜ୍ୟୋତିଷ ବିଶାରଦ ପଣ୍ଡିତ ବାଇକୋଳି ମହାପାତ୍ର ଯେଉଁ ଅଧ୍ୟବସାୟ କରିଛନ୍ତି ଏବଂ ଯେଉଁ ଉପାଦେୟ ପୁସ୍ତକ ପ୍ରଣୟନ କରିଛନ୍ତି, ତାହା ସମଗ୍ର ଓଡ଼ିଆ ଜାତି ପ୍ରତି ତାଙ୍କର ଅପୂର୍ବ ଦାନ । ଏ ପୁସ୍ତକ ତାଙ୍କ ଜୀବଦ୍ଦଶାରେ ମୁଦ୍ରିତ ହୋଇ ସାରିଥିଲା । କେବଳ ପରିଶିଷ୍ଟରେ ମୁଦ୍ରିତ ହେବାକୁ କେତେକ ବିଷୟ ବାକିଥିବାରୁ ଏହା ପ୍ରକାଶ ପାଇପାରି ନ ଥିଲା ।

ଗଭୀର ଦୁଃଖର କଥା, ୧୯୭୭ ଡିସେମ୍ବର ୧୯ ତାରିଖ ମାର୍ଗଶୀର ଶୁକ୍ଳ ଦଶମୀ ତିଥିରେ ପଣ୍ଡିତ ଜ୍ୟୋତିଷ ବିଶାରଦଙ୍କର ପରଲୋକ ହୋଇଗଲା । ସେତେବେଳେ ସ୍ୱର୍ଗତ ଆତ୍ମା ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି 'ସମାଜ'ର ସମ୍ପାଦକୀୟରେ ପ୍ରକାଶ ପାଇଥିଲା—

"ଓଡ଼ିଶାର ବିଖ୍ୟାତ ଜ୍ୟୋତିଷବିଶାରଦ ଓ ସାହିତ୍ୟିକ ପଣ୍ଡିତ ବାଇକୋଳି ମହାପାତ୍ରଙ୍କର ଆକସ୍ମିକ ବିୟୋଗ ଓଡ଼ିଶା ପ୍ରତି ଏକ ଦାରୁଣ ଆଘାତ । ଏତେ

Digitized by srujanika@gmail.com

ଶୀଘ୍ର ସେ ସମସ୍ତଙ୍କ ମେଳରୁ ଏପରି ହଠାତ୍ ଚିର ବିଦାୟ ନେଇ ଚାଲିଯିବେ ବୋଲି ଆଦୌ କଳ୍ପନା କରାଯାଇ ନ ଥିଲା । ଗତ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ସେ ଜ୍ୟୋତିଷଶାସ୍ତ୍ର ଚର୍ଚ୍ଚାରେ ଯେପରି ମନୋନିବେଶ କରିଥିଲେ ଏବଂ ଏହାର ଉତ୍କର୍ଷ ଓ ପ୍ରତିଷ୍ଠା ଲାଗି ଯେଉଁ ପ୍ରଗାଢ଼ ଉଦ୍ୟମ କରିଥିଲେ, ତାହା ଅବିସ୍ମରଣୀୟ । ଓଡ଼ିଶାର ଐତିହ୍ୟ ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ତାଙ୍କୁ ଚିରଯଶସ୍ୱୀ କରି ରଖିବ । ତାଙ୍କର ଅକାଳ ବିୟୋଗରେ ଓଡ଼ିଶାର ଯେଉଁ କ୍ଷତି ହେଲା, ତାହା ଅପୂରଣୀୟ । ତାଙ୍କର ସାଧନା ଓ ପ୍ରଜ୍ଞା ବଳରେ ସେ ସମଗ୍ର ଓଡ଼ିଶାରେ ଓ ଓଡ଼ିଶା ବାହାରେ ବିଶେଷ ସମ୍ମାନ ଲାଭ କରିଥିଲେ ଓ ନାନା ଉପାଧି ଅର୍ଜ୍ଜନ କରିଥିଲେ । ତାଙ୍କ ପ୍ରଣୀତ "ଜ୍ୟୋତିଃସାର ରତ୍ନାବଳୀ" ଏକ ଉଚ୍ଚକୋଟୀର ଜ୍ୟୋତିଷ ଗ୍ରନ୍ଥ । ଏହାଛଡ଼ା ସେ ଆଉ ଅନେକ ପୁସ୍ତକର ପ୍ରଣେତା । ତାଙ୍କ ଲିଖିତ "ଓଡ଼ିଆ ଆନ୍ଦୋଳନର ଇତିହାସ" ତାଙ୍କର ସର୍ବଶେଷ ରଚନା । ଏହା ବର୍ତ୍ତମାନ ଯନ୍ତ୍ରସ୍ଥ । ସ୍ୱର୍ଗୀୟ ପଣ୍ଡିତ ବାଇକୋଳି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସିନେଟ ଓ ଏକାଡ଼େମିକ୍ କାଉନସିଲ୍‌ର ସଭ୍ୟ ଭାବରେ ବିଶ୍ୱ-ବିଦ୍ୟାଳୟର ଉନ୍ନତି ପାଇଁ ବଡ଼ ଆଗ୍ରହୀ ଥିଲେ । ସ୍ୱର୍ଗୀୟ ସାମନ୍ତ ଚନ୍ଦ୍ରଶେଖରଙ୍କ ସ୍ମୃତି-ରକ୍ଷା ଲାଗି ସେ ବିଶେଷ ଉତ୍ସାହୀ ଥିଲେ । ତାଙ୍କର ବହୁମୁଖୀ ପ୍ରତିଭା, ସରଳ, ଅମାୟିକ ଓ ସ୍ନେହଶୀଳ ସ୍ୱଭାବ ହେତୁ ସେ ସବୁ କ୍ଷେତ୍ରରେ ସମ୍ମାନ ଅର୍ଜ୍ଜନ କରିଥିଲେ ଓ ସମସ୍ତଙ୍କର ପ୍ରିୟ ଥିଲେ । ଏଭଳି ଜଣେ ବରପୁତ୍ରଙ୍କର ଦାରୁଣ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଆମ୍ଭେମାନେ ତାଙ୍କ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମ-ବେଦନା ଜଣାଉଛୁ ଓ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରୁଛୁ ।"

ଦେଶ ମିଶ୍ରଣର ପରମ ପୃଷ୍ଠପୋଷକ ଖଲ୍ଲିକୋଟ ରାଜାଙ୍କ ସହାୟତାରେ ସେ ବହୁ ଦେଶହିତକର ଅନୁଷ୍ଠାନ ଗଢ଼ିବାରେ ବ୍ରତୀ ଥିଲେ । ଉତ୍କଳ ସମ୍ମିଳନୀର ଉତ୍ପତ୍ତି ଖଲ୍ଲିକୋଟର ସ୍ୱର୍ଗୀୟ ରାଜା ହରିହର ମର୍ଦ୍ଦରାଜ ଦେଓଙ୍କଠାରୁ ।

ଆଜି ୯-୧୨-୭୮ ତାରିଖରେ ତିଥି ଅନୁସାରେ ପଣ୍ଡିତ ଜ୍ୟୋତିଷବିଶାରଦଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସରେ ତାଙ୍କ ଜୀବନକାଳରେ ମୁଦ୍ରିତ ପୁସ୍ତକଟି ପୂର୍ଣ୍ଣାଙ୍ଗ ଆକାରରେ ପ୍ରକାଶ କରାଯାଉଛି । ପଣ୍ଡିତ ବାଇକୋଳି ମହାପାତ୍ର ଜ୍ୟୋତିଷ ବିଶାରଦଙ୍କ-ଠାରେ ଆମ୍ଭେମାନେ ଗଭୀର କୃତଜ୍ଞତା ପ୍ରକାଶ କରୁଛୁ ଏବଂ ଆଶା କରୁଛୁ ଓଡ଼ିଆ ଆନ୍ଦୋଳନର ଇତିହାସ ଦେଶର ଜନସାଧାରଣ, ଛାତ୍ରଛାତ୍ରୀ, ବିଦ୍ୟାଳୟ ଓ ବିଶ୍ୱବିଦ୍ୟା-ଳୟମାନଙ୍କରେ ଆଦୃତ ଓ ବ୍ୟବହୃତ ହେବ ।

ଗୋପବନ୍ଧୁ ଭବନ
କଟକ-୧
ତା ୯ । ୧୨ । ୭୮

**ରାଧାନାଥ ରଥ**
ସମ୍ପାଦକ ଓ ପ୍ରକାଶକ
ଗୋପବନ୍ଧୁ ସାହିତ୍ୟ ମନ୍ଦିର

Digitized by srujanika@gmail.com

# ଦୁଇପଦ

ନମ୍ରତାର ସହିତ କହିବି ମୁଁ ଐତିହାସିକ ନୁହେ, କିନ୍ତୁ ଇତିହାସ ପ୍ରିୟ, ତେଣୁ ଓଡ଼ିଆ ଆନ୍ଦୋଳନର ଇତିହାସରେ ମୁଁ କେତେ ଦୂର କୃତକାର୍ଯ୍ୟ ତାର ବିଗ୍ଚର ସହୃଦୟ ପାଠକବର୍ଗଙ୍କ ଉପରେ ନ୍ୟସ୍ତ ରହିଲା ।

ନୂତନ ଓଡ଼ିଶା ଗଠିତ ହେଲା । ଆନନ୍ଦ ଉତ୍ସାହ ଭିତରେ ଖଲିକୋଟର ସ୍ୱର୍ଗତ ରଜା ବାହାଦୁର ରମଚନ୍ଦ୍ର ମର୍ଦ୍ଦରଜ ଦେବ କହିଲେ "ଏ ଆନ୍ଦୋଳନ ଖଲିକୋଟରେ ଆରମ୍ଭ ହେଲା । ଏସବୁ ଲେଖା ହେବା ଉଚିତ ।" ମୋ ପ୍ରତି ସେ ଲକ୍ଷ୍ୟ ରଖିଲେ । ମୁଁ କହିଲି "ଏ ସମ୍ବନ୍ଧେ ଯାହା ସବୁ ଲେଖା ଅଛି ଯୋଗାଇ ଦିଆଯାଉ ।" ଫଳରେ କାଗଜପତ୍ର ଖୋଜାହେଲା । ମିଳିଲା କେତେ ଖଣ୍ଡ 'ପ୍ରଜାବନ୍ଧୁ' ଓ 'ଉତ୍କଳଦୀପିକା', 'ହିନ୍ଦୁ', 'ମାନ୍ଦ୍ରାଜ ଏକସପ୍ରେସ' ଇତ୍ୟାଦି, କିନ୍ତୁ ଦେଶମିଶ୍ରଣ ସମ୍ବନ୍ଧେ ଓ ଉତ୍କଳ ସମ୍ମିଳନୀ ସମ୍ବନ୍ଧେ ଯାହାସବୁ ପୁରୁଣା ଫାଇଲ ସେ ସବୁ କୁଆଡ଼େ ଉଭେଇଯାଇଛି । ଜଣାଗଲା କୋଟ-ଅଫ୍-ଓ୍ୱାର୍ଡ୍ସ-ବେଳେ ଅଣଓଡ଼ିଆ କର୍ମଚ୍ଚରୀ ସେ ସବୁକୁ କୁଆଡ଼େ ନେଇଛନ୍ତି । ୧୯୨୦ ମସିହାଠାରୁ ଯାହାକିଛି ହୋଇଛି, ସେ ସବୁରୁ ଅଧିକାଂଶ ମିଳିଲା, ଲେଖା ଚ୍ଚଲିଲା ।

ନାମକରଣ ନେଇ କେତେ ମତ ହେଲା, "ସ୍ୱତନ୍ତ୍ର ଉତ୍କଳର କ୍ରମବିକାଶ" "ଉତ୍କଳ ସମ୍ମିଳନୀ ଇତିହାସ", ଏସବୁ ବିଗ୍ଚର କରି ଶେଷରେ ବନ୍ଧୁମାନଙ୍କ ମତ ହେଲା ଓଡ଼ିଆ ଭଷାକୁ ରକ୍ଷାକରିବା ପାଇଁ ଆନ୍ଦୋଳନ ଆରମ୍ଭ ହେଲା, ତେଣୁ ତାର ଇତିହାସ କହିଲେ ଅନ୍ୟ ସବୁ କଥା ତା ପରିସରକୁ ଆସିଯିବ । ସେହି କଥା ହେଲା ।

ବହୁ ଖ୍ୟାତନାମା ସାହିତ୍ୟିକ, ଐତିହାସିକଙ୍କ ଦୃଷ୍ଟି ପୁସ୍ତକଟି ପ୍ରତି ପଡ଼ିଥିଲା, ସମସ୍ତେ ପ୍ରକାଶ ପାଇଁ ଉତ୍ସାହିତ କଲେ । ସବୁ ନେତାଙ୍କର ଛବି ଓ ଅଭିଭାଷଣ ମଧ୍ୟ ସଂଗ୍ରହ କରଯାଇ ପାରିଲା ନାହିଁ, ଦିନ ଗଡ଼ିଗଲା, ସୁଯୋଗକୁ 'ସମାଜ' ସମ୍ପାଦକ ଡକ୍ଟର ରଧାନାଥ ରଥଙ୍କ ଦୃଷ୍ଟି ଗ୍ରନ୍ଥ ପ୍ରତି ପଡ଼ିଲା । ସେ ପ୍ରକାଶନର ଭର ନେଲେ, ଏଥି ନିମନ୍ତେ ମୁଁ ତାଙ୍କ ନିକଟରେ କୃତଜ୍ଞ ରହିଲି ।

ଯେଉଁ ଗ୍ରନ୍ଥ ପତ୍ରିକା ଆଦିରୁ ବିଷୟ ସଂଗ୍ରହ କରଯାଇଛି ସେହି ଗ୍ରନ୍ଥ କର୍ତ୍ତାଦିଙ୍କୁ ମୁଁ ହାର୍ଦ୍ଦିକ ଧନ୍ୟବାଦ ଅର୍ପଣ କରୁଅଛି । ଯେଉଁ ମହାନୁଭବ ବ୍ୟକ୍ତିମାନଙ୍କ ଆପ୍ରାଣ ଉଦ୍ୟମ ବଳରେ ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହେଲା, ସେହିମାନଙ୍କ ନାମ ପର୍ଯ୍ୟନ୍ତ ଆଜିର ଶିକ୍ଷିତ ସମାଜ ଭୁଲିବା ଉପରେ । ଏ ଗ୍ରନ୍ଥ ପ୍ରକାଶ ଫଳରେ ସେହି ପୂର୍ବ ପୁରୁଷଙ୍କ ପବିତ୍ର କାର୍ଯ୍ୟ ପ୍ରତି ସମସ୍ତେ ଆଗ୍ରହୀ ହେଲେ ମୋର ଉଦ୍ଦେଶ୍ୟ ସଫଳ ହେଲା ଭବିବି ।

**ଶ୍ରୀ ବାଇକୋଳି ଜ୍ୟୋତିଷବିଶାରଦ**

ଖଲିକୋଟ

ତା ୧୫।୮।୭୭

Digitized by srujanika@gmail.com



ପଣ୍ଡିତ ବାଇକୋଳି ଜ୍ୟୋତିଷ ବିଶାରଦ

ଜନ୍ମ—[illegible] ୧୨.୧୨.୧୮୦୮ ମୃତ୍ୟୁ—୧୯।୧୨।୭୭

Digitized by srujanika@gmail.com

# ସୂଚୀ


| | ବିଷୟ | ପୃଷ୍ଠା |
|---|---|---|
| ୧ । | ଓଡ୍ର ବା ଉଡ୍ର ଦେଶ .. | ୧ |
| ୨ । | ପ୍ରାଚୀନ ଉତ୍କଳ .. | ୨ |
| ୩ । | ପୁଣ୍ୟଭୂମି ଉତ୍କଳ .. | ୩ |
| ୪ । | କଳିଙ୍ଗର ଖ୍ୟାତି .. | ୫ |
| ୫ । | ଓଡ଼ିଆ ଭାଗବତ .. | ୧୧ |
| ୬ । | ମୁସଲମାନମାନେ ଓଡ଼ିଶା ଆକ୍ରମଣ କଲେ | ୧୧ |
| ୭ । | ଓଡ଼ିଶା ଖଣ୍ଡ ବିଖଣ୍ଡିତ ହେଲା | ୧୨ |
| ୮ । | ଫରାସୀ ଓ ଇଂରେଜ ବିବାଦ .. | ୧୨ |
| ୯ । | ଓଡ଼ିଶା ଇଂରେଜମାନେ ଦଖଲ କଲେ | ୧୩ |
| ୧୦ । | ଓଡ଼ିଶା ବିଭଜନରେ ଅଣଓଡ଼ିଆ କର୍ମଚାରୀ .. | ୧୪ |
| ୧୧ । | ନାମମାତ୍ର ମୂଲ୍ୟରେ ଓଡ଼ିଆ ଜମିଦାରୀ ବିକା ହେଲା | ୧୫ |
| ୧୨ । | ପାଇକ-ବିଦ୍ରୋହ | ୧୫ |
| ୧୩ । | ମାନ୍ଦ୍ରାଜ ଓଡ଼ିଆଙ୍କ ଦୁର୍ଦ୍ଦଶା | ୧୭ |
| ୧୪ । | ପ୍ରକାଶ୍ଯ ପତ୍ରିକା | ୧୮ |
| ୧୫ । | ଗଞ୍ଜାମରେ ଭାଷା ଆନ୍ଦୋଳନ .. | ୧୮ |
| ୧୬ । | ମାନ୍ଦ୍ରାଜ ସରକାରଙ୍କ ଆଦେଶ ଅକାମି ହେଲା .. | ୧୯ |
| ୧୭ । | ଓଡ଼ିଆ ଅକ୍ଷରରେ କିଛି ନ ଲେଖିବା ପାଇଁ ସରକାରୀ ଆଦେଶ | ୧୯ |
| ୧୮ । | ତେଲୁଗୁ ଜନଗଣନାକାରୀଙ୍କ ଜାତସାଦି ବଳରେ ଜନଗଣନା | ୨୦ |
| ୧୯ । | ଓଡ଼ିଆ ବିଭିଜନରେ ଓଡ଼ିଆଙ୍କ ନିର୍ଯାତନା | ୨୧ |
| ୨୦ । | ଓଡ଼ିଆରେ ପାଠ୍ୟବହିର ଅଭାବ | ୨[illegible] |
| ୨୧ । | ମଧ୍ୟପ୍ରଦେଶ ଓଡ଼ିଆଙ୍କ ଦୁଃଖ .. | ୨୬ |
| ୨୨ । | ସମ୍ବଲପୁରରେ ଓଡ଼ିଆ ଭାଷା ଆନ୍ଦୋଳନ | ୨୭ |
| ୨୩ । | ଇଂରେଜ ରାଜତ୍ୱରେ ଓଡ଼ିଶାର ଆର୍ଥିକ ପରିସ୍ଥିତି | ୩୧ |
| ୨୪ । | ନଅଙ୍କ ଦୁର୍ଭିକ୍ଷରେ ଓଡ଼ିଶାର ଅବସ୍ଥା | ୩୨ |
| ୨୫ । | ଉତ୍କଳ ଦୀପିକା | ୩୩ |
| ୨୬ । | ଓଡ଼ିଆରେ ପାଞ୍ଜି ଛପା ହେଲା .. | ୩୩ |
| ୨୭ । | ଦୁର୍ଭିକ୍ଷର କାରଣ ସମ୍ବନ୍ଧେ କମିଶନଙ୍କ ମତ | ୩୫ |


Digitized by srujanika@gmail.com

| | ବିଷୟ | ପୃଷ୍ଠା |
|---|---|---|

| ୨୮ । | ଦୁର୍ଭିକ୍ଷରେ ସାହାଯ୍ୟଦାତା .. | ୩୬ |
| ୨୯ । | ଦୁର୍ଭିକ୍ଷରେ ଦରଦାମ .. | ୩୬ |
| ୩୦ । | ରବର୍ଟ ହେରି ଓ ରଜେନ୍ଦ୍ରଲାଲ ମତ୍ରଙ୍କ ଓଡ଼ିଆ ଭାଷା ଉପରେ ଆକ୍ରମଣ .. | ୩୬ |
| ୩୧ । | ରେଭେନ୍‌ସାଙ୍କ ଓଡ଼ିଆ ଭାଷା ରକ୍ଷା ଉଦ୍ୟମ | ୪୦ |
| ୩୨ । | ଓଡ଼ିଶା ଡିଭିଜନରେ ଶିକ୍ଷା ବ୍ୟବସ୍ଥା | ୪୨ |
| ୩୩ । | ପୁରୀରେ ସଂସ୍କୃତ କଲେଜ | ୪୪ |
| ୩୪ । | ହଣ୍ଟର କମିଶନ .. | ୪୬ |
| ୩୫ । | ବାଲେଶ୍ୱରରେ ଓଡ଼ିଆ ଆନ୍ଦୋଳନ | ୪୬ |
| ୩୬ । | ସମ୍ବଲପୁରରେ ଓଡ଼ିଆ ଭାଷା ଅଚଳ | ୪୮ |
| ୩୭ । | ବଙ୍ଗ ବ୍ୟବସ୍ଥାପକସଭାରେ ଓଡ଼ିଶା କଥା .. | ୪୯ |
| ୩୮ । | ଉଡ୍‌ବର୍ଣ୍ଣ ସାହେବଙ୍କ ଅବିଚାର .. | ୪୯ |
| ୩୯ । | ବଡ଼ଲାଟଙ୍କ ପୁରୀ ଦରବାର .. | ୫୩ |
| ୪୦ । | ରମ୍ଭାରେ ଉତ୍କଳର ଜୟଧ୍ୱନି .. | ୫୪ |
| ୪୧ । | ପ୍ରଜାବନ୍ଧୁ ପତ୍ରିକା .. .. | ୫୬ |
| ୪୨ । | ଗଞ୍ଜାମ ସମ୍ମିଳନୀ .. .. | ୫୭ |
| ୪୩ । | ଜାତୀୟ କଂଗ୍ରେସରେ ଓଡ଼ିଆଙ୍କ କଥା .. | ୬୧ |
| ୪୪ । | ଉତ୍କଳ ସମ୍ମିଳନୀ .. .. | ୬୨ |
| ୪୫ । | ଉତ୍କଳ ସମ୍ମିଳନୀର କାର୍ଯ୍ୟ ବିବରଣ .. | ୭୧ |
| ୪୬ । | ମଙ୍ଗଳାଚରଣ .. .. | ୭୨ |
| ୪୭ । | ଅର୍ଥ .. .. | ୭୨ |
| ୪୮ । | କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା .. | ୧୧୭ |
| ୪୯ । | ରିସ୍‌ଲିଙ୍କ ମତ .. .. | ୧୧୮ |
| ୫୦ । | ମାନ୍ଦ୍ରାଜ ଲାଟଙ୍କ ବିରୋଧ .. .. | ୧୧୮ |
| ୫୧ । | ଦୁର୍ଦ୍ଦଶାର ଅନ୍ତ ନାହିଁ .. .. | ୧୨୦ |
| ୫୨ । | ସମ୍ମିଳନୀର ଦ୍ୱିତୀୟ ଅଧିବେଶନ | ୧୨୧ |
| ୫୩ । | ତୃତୀୟ ଅଧିବେଶନ .. .. | ୧୨୨ |
| ୫୪ । | ଗଞ୍ଜାମ ଜିଲ୍ଲା କାଉନ୍‌ସିଲର ବିରୋଧ .. | ୧୨୨ |
| ୫୫ । | ବଙ୍ଗଦେଶରେ ରହିବା ପାଇଁ ସମ୍ବଲପୁରର ଅନିଚ୍ଛା .. | ୧୨୪ |
| ୫୬ । | ସମ୍ମିଳନୀର ଚତୁର୍ଥ ଅଧିବେଶନ | ୧୨୫ |
| ୫୭ । | ବିଲାତରେ ମଧୁବାବୁ | ୧୨୬ |
| ୫୮ । | ଗଞ୍ଜାମ ଓଡ଼ିଆ ହିତବାଦିନୀ | ୧୨୭ |


Digitized by srujanika@gmail.com

| | ବିଷୟ | ପୃଷ୍ଠା |
|---|---|---|
| ୫୯ । | ପଞ୍ଚମ ଅଧିବେଶନ | ୧୩୨ |
| ୬୦ । | ଷଷ୍ଠ ଅଧିବେଶନ | ୧୩୩ |
| ୬୧ । | ସପ୍ତମ ଅଧିବେଶନ .. | ୧୩୪ |
| ୬୨ । | ବିହାର-ଓଡ଼ିଶା ପ୍ରଦେଶ ଗଠନ ସୁପାରିଶ | ୧୩୪ |
| ୬୩ । | ଅଷ୍ଟମ ଅଧିବେଶନ | ୧୩୫ |
| ୬୪ । | ନବମ ଅଧିବେଶନ | ୧୩୫ |
| ୬୫ । | ସତ୍ୟବାଦୀ ଜାତୀୟ ବିଦ୍ୟାଳୟ .. | ୧୪୧ |
| ୬୬ । | ବିହାର ଓଡ଼ିଶା ପ୍ରଦେଶ ଗଠନରେ ଲର୍ଡ଼ କର୍ଜନଙ୍କ ମତ | ୧୪୨ |
| ୬୭ । | ବିହାରରେ ଓଡ଼ିଆଙ୍କ ଅବସ୍ଥା .. | ୧୪୩ |
| ୬୮ । | ଷଡ଼େଇକଳା ଖରସୁଆଁର ଖ୍ୟାତି | ୧୪୫ |
| ୬୯ । | ଆଶା ପତ୍ରିକା ପ୍ରକାଶ | ୧୪୬ |
| ୭୦ । | ସମ୍ମିଳନୀର ଆଦର୍ଶ | ୧୪୭ |
| ୭୧ । | ଲର୍ଡ଼ ପେଣ୍ଟଲଣ୍ଡଙ୍କ ଅସ୍ତିଦାଣୀ | ୧୪୮ |
| ୭୨ । | ଦଶମ ଅଧିବେଶନ | ୧୪୮ |
| ୭୩ । | ଏକାଦଶ ଅଧିବେଶନ .. | ୧୫୫ |
| ୭୪ । | ବିହାର ଓଡ଼ିଶା ଲାଟମାନଙ୍କ ପ୍ରତିଶ୍ରୁତି | ୧୫୬ |
| ୭୫ । | ଦ୍ୱାଦଶ ଅଧିବେଶନ .. | ୧୫୬ |
| ୭୬ । | ସିଂହଭୂମିରେ ଓଡ଼ିଆ ଭଷା ପାଇଁ ଆନ୍ଦୋଳନ | ୧୫୬ |
| ୭୭ । | ତ୍ରୟୋଦଶ ଅଧିବେଶନ .. .. | ୧୫୭ |
| ୭୮ । | ଓଡ଼ିଆ ନେତାମାନେ "ମଣ୍ଟେଗୁ"ଙ୍କୁ ଦାବୀପତ୍ର ଦେଲେ | ୧୫୮ |
| ୭୯ । | ମଣ୍ଟେଗୁ ରିପୋର୍ଟରେ ଓଡ଼ିଆ ନିରଶ ହେଲେ | ୧୫୮ |
| ୮୦ । | ସ୍ୱତନ୍ତ୍ର ଅଧିବେଶନ | ୧୫୯ |
| ୮୧ । | ଚତୁର୍ଦ୍ଦଶ ଅଧିବେଶନ .. | ୧୫୯ |
| ୮୨ । | ସଂସ୍କାର ଆଇନ ପରେ ଓଡ଼ିଆ ଭଷାର ଦୁର୍ଦ୍ଦଶା | ୧୬୭ |
| ୮୩ । | ସମ୍ମିଳନୀର ପଞ୍ଚଦଶ ଅଧିବେଶନ .. | ୧୬୮ |
| ୮୪ । | ଗଞ୍ଜାମରେ ଦୁର୍ଭିକ୍ଷ-ମାନ୍ଦ୍ରାଜ ସରକାରଙ୍କ ଅବହେଳା | ୧୬୯ |
| ୮୫ । | ଷୋଡ଼ଶ ଅଧିବେଶନ .. | ୧୬୯ |
| ୮୬ । | ସିଂହଭୂମିରେ ପଣ୍ଡିତ ଗୋଦାବରୀଶ | ୧୭୧ |
| ୮୭ । | ଇମ୍ପିରିଅଲ କାଉନ୍‌ସିଲରେ ଓଡ଼ିଶା ପ୍ରସଙ୍ଗ | ୧୭୧ |
| ୮୮ । | ପ୍ରାଦେଶିକ କଂଗ୍ରେସ କମିଟିରେ ସୀମା ବିବାଦ | ୧୭୨ |
| ୮୯ । | ମହାତ୍ମା ଗାନ୍ଧିଙ୍କ ଓଡ଼ିଆଙ୍କ ପ୍ରତି ସହାନୁଭୂତି .. | ୧୭୨ |
| ୯୦ । | ସୀମା ବିଗ୍ରହରେ ଆମ୍ଭମାନେ ସହଯୋଗ କଲେ ନାହିଁ | ୧୭୩ |

Digitized by srujanika@gmail.com

| | ବିଷୟ | ପୃଷ୍ଠା |
|---|---|---|
| ୯୧ । | ସପ୍ତଦଶ ଅଧିବେଶନ .. | ୧୭୪ |
| ୯୨ । | ମଧୁବାବୁଙ୍କ ମନ୍ତ୍ରୀ ପଦରୁ ଇସ୍ତଫା | ୧୭୪ |
| ୯୩ । | ଅଷ୍ଟାଦଶ ଅଧିବେଶନ | ୧୭୪ |
| ୯୪ । | ଫିଲିପ୍ ଡଫ୍ କମିଶନ ନିଯୁକ୍ତି | ୧୭୪ |
| ୯୫ । | କମିଶନଙ୍କ ରିପୋର୍ଟ | ୧୭୬ |
| ୯୬ । | ଊନବିଂଶ ଅଧିବେଶନ | ୧୭୭ |
| ୯୭ । | ସାଇମନ କମିଶନଙ୍କ ସୁପାରିଶ .. .. | ୧୭୭ |
| ୯୮ । | ବିହାର ଓଡ଼ିଶା ବିଧାନସଭାରେ ସ୍ୱତନ୍ତ୍ର ପ୍ରଦେଶ ପ୍ରସ୍ତାବ | ୧୭୮ |
| ୯୯ । | ସର୍ବଦଳୀୟ ସମ୍ମିଳନୀରେ ଓଡ଼ିଶା ପ୍ରସଙ୍ଗ | ୧୭୯ |
| ୧୦୦ । | ଉତ୍କଳର ସର୍ବଦଳୀୟ ସମିତି .. | ୧୮୦ |
| ୧୦୧ । | କଲିକତାରେ ସର୍ବଦଳୀୟ ସମ୍ମିଳନୀ | ୧୮୧ |
| ୧୦୨ । | ପ୍ରବାସୀ ଉତ୍କଳ ସମ୍ମିଳନୀ | ୧୮୨ |
| ୧୦୩ । | ବିଂଶ ଅଧିବେଶନ | ୧୮୨ |
| ୧୦୪ । | ଏକବିଂଶତି ଅଧିବେଶନ .. | ୧୮୨ |
| ୧୦୫ । | ଗୋଲଟେବୁଲ ବୈଠକରେ ଓଡ଼ିଶା କଥା | ୧୮୩ |
| ୧୦୬ । | ଦ୍ୱାବିଂଶତି ଅଧିବେଶନ | ୧୯୩ |
| ୧୦୭ । | ଓଡ଼ନେଲ କମିଟି .. .. | ୧୯୪ |
| ୧୦୮ । | ଓଡ଼ନେଲ କମିଶନରେ ମଧ୍ୟପ୍ରଦେଶ ଓଡ଼ିଆ ଙ୍କ କଥା | ୧୯୭ |
| ୧୦୯ । | ବିହାରରେ ଓଡ଼ିଆ ଅଞ୍ଚଳ .. | ୧୯୯ |
| ୧୧୦ । | ମାନ୍ଦ୍ରାଜ କାଉନ୍ସିଲ୍‌ରେ ଓଡ଼ିଶା କଥା | ୨୦୨ |
| ୧୧୧ । | ସମ୍ମିଳନୀର ବିଶେଷ ଅଧିବେଶନ | ୨୦୩ |
| ୧୧୨ । | ତୃତୀୟ ଗୋଲଟେବୁଲ ବୈଠକ | ୨୦୫ |
| ୧୧୩ । | ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ଘୋଷଣା .. | ୨୦୫ |
| ୧୧୪ । | EXTRACT FROM THE SECRETARY OF STATE'S SPEECH | ୨୦୬ |
| ୧୧୫ । | ଓଡ଼ିଶା ସୀମା ସମ୍ବନ୍ଧେ ସ୍ମାରକପତ୍ର | ୨୦୬ |
| ୧୧୬ । | ବଙ୍ଗଳାର ଦକ୍ଷିଣ ମେଦିନୀପୁର .. | ୨୧୦ |
| ୧୧୭ । | ସିଂହଭୂମି (ଛୋଟନାଗପୁର) ବିଷୟ .. | ୨୧୦ |
| ୧୧୮ । | ମଧ୍ୟପ୍ରଦେଶର କେତୋଟି କ୍ଷୁଦ୍ର ଓଡ଼ିଆ ଭଷାଭଷୀ ଅଞ୍ଚଳ | ୨୧୨ |
| ୧୧୯ । | ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି | ୨୨୧ |
| ୧୨୦ । | ହବାକ୍ କମିଟି | ୨୨୨ |
| ୧୨୧ । | ତ୍ରୟୋବିଂଶ ଅଧିବେଶନ | ୨୨୩ |


Digitized by srujanika@gmail.com

| | ବିଷୟ | ପୃଷ୍ଠା |
|---|---|---|
| ୧୨୨ । | ମାନ୍ଦ୍ରାଜ କାଉନ୍‌ସିଲ୍‌ରେ ଶ୍ୱେତପତ୍ର ପ୍ରସଙ୍ଗ | ୨୨୩ |
| ୧୨୩ । | ଚତୁର୍ବିଂଶତି ଅଧିବେଶନ — | ୨୨୪ |
| ୧୨୪ । | ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା | ୨୨୪ |
| ୧୨୫ । | ପାରଳା ମନ୍ତ୍ରିମଣ୍ଡଳ | ୨୨୪ |
| ୧୨୬ । | କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ କଲେ | ୨୨୪ |
| ୧୨୭ । | ଗଡ଼ଜାତରେ ପ୍ରଜା ଆନ୍ଦୋଳନ .. | ୨୨୫ |
| ୧୨୮ । | ପଞ୍ଚବିଂଶତି ଅଧିବେଶନ .. | ୨୨୬ |
| ୧୨୯ । | ଗାନ୍ଧି ସେବା ସଂଘ .. | ୨୨୭ |
| ୧୩୦ । | ଦ୍ୱିତୀୟ ମହାସମର .. .. | ୨୨୭ |
| ୧୩୧ । | ଭରତଛାଡ଼ ଆନ୍ଦୋଳନ .. | ୨୨୭ |
| ୧୩୨ । | ପାରଳା ମନ୍ତ୍ରିମଣ୍ଡଳ | ୨୨୮ |
| ୧୩୩ । | ଷଡ଼ବିଂଶତି ଅଧିବେଶନ .. | ୨୨୮ |
| ୧୩୪ । | ୧୯୪୩ ମସିହାର ଦୁର୍ଭିକ୍ଷ .. | ୨୨୯ |
| ୧୩୫ । | ସପ୍ତବିଂଶତି ଅଧିବେଶନ .. | ୨୨୯ |
| ୧୩୬ । | ଅଷ୍ଟବିଂଶତି ଅଧିବେଶନ | ୨୨୯ |
| ୧୩୭ । | ଊନତ୍ରିଂଶତ୍ ଅଧିବେଶନ | ୨୨୯ |
| ୧୩୮ । | ତ୍ରିଂଶ ଅଧିବେଶନ | ୨୩୦ |
| ୧୩୯ । | ପ୍ରଦେଶର ଆର୍ଥିକ ଅଭାବ | ୨୩୧ |
| ୧୪୦ । | ଏକତ୍ରିଂଶତ୍ ଅଧିବେଶନ | ୨୩୪ |
| ୧୪୧ । | ଭାରତ ସ୍ୱାଧୀନ ହେଲା | ୨୩୫ |
| ୧୪୨ । | ଦ୍ୱାତ୍ରିଂଶତ୍ ଅଧିବେଶନ | ୨୩୬ |
| ୧୪୩ । | ତ୍ରୟତ୍ରିଂଶତ୍ ଅଧିବେଶନ | ୨୩୬ |
| ୧୪୪ । | ଓଡ଼ିଶା ହାଇକୋର୍ଟ .. | ୨୩୭ |
| ୧୪୫ । | ବଡ଼ଲାଟଙ୍କୁ ଓଡ଼ିଆଙ୍କ ନିବେଦନ .. | ୨୩୭ |
| ୧୪୬ । | ମହାତ୍ମା ଗାନ୍ଧିଙ୍କ ମହାପ୍ରୟାଣ .. | ୨୩୭ |
| ୧୪୭ । | ହୀରାକୁଦ ବନ୍ଧ .. | ୨୩୭ |
| ୧୪୮ । | ଭୁବନେଶ୍ୱରରେ ରାଜଧାନୀ .. | ୨୩୭ |
| ୧୪୯ । | ଭାରତ ସାର୍ବଭୌମ ରାଷ୍ଟ୍ର ହେଲା .. | ୨୩୮ |
| ୧୫୦ । | ଚତୁସ୍ତ୍ରିଂଶତ୍ ଅଧିବେଶନ .. | ୨୩୯ |
| ୧୫୧ । | ଷଢ଼େଇକଳାରେ ଓଡ଼ିଆ ନେତାଙ୍କ ଅପମାନ | ୨୩୯ |
| ୧୫୨ । | ଫଜଲ ଅଲି ସୀମା କମିଶନ .. | ୨୪୦ |
| ୧୫୩ । | ପଞ୍ଚତ୍ରିଂଶତ୍ ଅଧିବେଶନ .. | ୨୪୧ |


Digitized by srujanika@gmail.com

| ବିଷୟ | | ପୃଷ୍ଠା |
|---|---|---|
| ୧୫୪ । | ଧେଦର ଜମିଟି | ୨୪୧ |
| ୧୫୫ । | ଏକ ପଞ୍ଚାଶତ୍ ଅଧିବେଶନ | ୨୪୩ |
| ୧୫୬ । | ଅଷ୍ଟପଞ୍ଚାଶତ୍ ଅଧିବେଶନ | ୨୪୬ |
| ୧୫୭ । | ନୀଳଚକ୍ରର କାର୍ଯ୍ୟ | ୨୪୯ |
| ୧୫୮ । | ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ | ୨୪୯ |

Digitized by srujanika@gmail.com

# ଓଡ଼ିଆ ଆନ୍ଦୋଳନର ଇତିହାସ

ଆମର ଓଡ଼ିଶା ପ୍ରଦେଶ ପ୍ରାଚୀନ ଓଡ୍ର, ଉତ୍କଳ, ଦକ୍ଷିଣକୋଶଳ, କୋଙ୍ଗଦ ଓ କଳିଙ୍ଗର କେତେକାଂଶକୁ ନେଇ ଗଠିତ ହୋଇଅଛି ।

## ଓଡ୍ର ବା ଉଡ୍ରଦେଶ

ଉଡ୍ରଦେଶର ଉଲ୍ଲେଖ ମତ୍ସ୍ୟ—ବିଷ୍ଣୁଧର୍ମୋତ୍ତର- କାଳିକା-ସ୍କନ୍ଦ-ପଦ୍ମ-ଅଗ୍ନିପୁରାଣମାନଙ୍କରେ, ମହାଭାରତରେ ଓ ବୃହତ୍‌ସଂହିତା ଗ୍ରନ୍ଥରେ ରହିଅଛି । ଉଡ୍ର ବା ଓଡ୍ର କପିଶାନଦୀ (ମେଦିନୀପୁର ଜିଲ୍ଲାର କଂସାଇ)ର ଉତ୍ତରରୁ ଆରମ୍ଭ କରି ମେଦିନୀପୁରର ଦକ୍ଷିଣ-ପଶ୍ଚିମାଂଶ, ବାଙ୍କୁଡ଼ା, ମାନଭୂମି ଓ ସିଂହଭୂମିସମେତ ସୁରୁଗୁଜା ରାଜ୍ୟର ଦକ୍ଷିଣ-ପୂର୍ବାଞ୍ଚଳଯାଏ ବିସ୍ତୃତ ଥିଲା । ଉଡ୍ରଦେଶକୁ ସହଦେବ ଜୟ କରିବା ଓ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ଏ ଦେଶର ରାଜା ଏକସହସ୍ର ସୁସଜ୍ଜିତ ହସ୍ତୀ ଭେଟି ଦେଇଥିବା ମହାଭାରତରୁ ଜଣାଯାଏ । ବହୁ ତନ୍ତ୍ର ଗ୍ରନ୍ଥରେ ମଧ୍ୟ "ଉଡ୍ର" ଦେଶର ଉଲ୍ଲେଖ ଅଛି । ୧ ।

---

୧ । ପାଣ୍ଡ୍ୟାଂଶ୍ଚ ଦ୍ରବିଡ଼ାଂଶ୍ଚୈବ ସହିତାଂଶ୍ଚୋଡ୍ରକେରଳୈଃ
ଅନ୍ଧ୍ରାଂସ୍ତାଳବନାଂଶ୍ଚୈବ କଳିଙ୍ଗାନୁଷ୍ଟ୍ରକର୍ଣ୍ଣିକାନ୍ ।
ଆଟବୀଞ୍ଚ ପୁରୀ ରମ୍ୟାଂ ଯବନାନାଂ ପୁରଂ ତଥା
ଦୂତୈରେବ ବଶେ ଚକ୍ରେ କରଞ୍ଚୈନାନଦାପୟତ୍ ।। ମଃ ସଭାପର୍ବ ୩୦।୬୯,୭୦
ଦ୍ରାବିଡ଼ୌଡ୍ରାଃ ସପାଣ୍ଡ୍ୟାଶ୍ଚ ଶୈଳାଃ କୋଙ୍କାସ୍ତଥୈବ ଚାଃ ମଃ ସଭାପର୍ବ ୫୦।୧୮
X × ×
ଦଦ୍ୱୌ କୈକୋ ଦଶଶତାନ୍ କୁଞ୍ଜରାନ କବଚ୍ୱବୃତାନ୍
କ୍ଷମାବତଃ କୁଳୀନାଂଶ୍ଚ ଦ୍ୱାରେଣ ପ୍ରାବିଶଂ ସ୍ତଦା ।। ମଃ ସଭାପର୍ବ ୫୦।୨୧

Digitized by srujanika@gmail.com

# ପ୍ରାଚୀନ ଉତ୍କଳ

ଉତ୍କଳ ଦେଶର କଥା ମହାଭାରତ, ବ୍ରହ୍ମ-ବାୟୁ-ଅଗ୍ନି-ଲିଙ୍ଗ-ହରିବଂଶ ମତ୍ସ୍ୟ-ବାମନ-ମାର୍କଣ୍ଡେୟ ପୁରାଣରେ ଅଛି । କାଳିକା ଓ ସ୍କନ୍ଦ ପୁରାଣ ମତରେ 'ଉଡ୍ଡ଼ୀୟାନ' ହିଁ ଉତ୍କଳ । ଏହି ଦେଶ ଉତ୍ତରରେ କପିଶା ନଦୀ (କଂସେଇ ବା କାଂଶବାଂଶ)ଠାରୁ ଦକ୍ଷିଣରେ ଋଷିକୁଲ୍ୟା ଯାଏ, ପୂର୍ବରେ ପୂର୍ବସମୁଦ୍ର (ଆଧୁନିକ ବଙ୍ଗୋପସାଗର)ଠାରୁ ପଶ୍ଚିମରେ ବିଳାସପୁର ଯାଏ ବିସ୍ତୃତ ଥିଲା । ୨ ।

ଉତ୍କଳର ନାମକରଣ ସମ୍ବନ୍ଧରେ ବହୁମତ ରହିଛି । ସୁଦ୍ୟୁମ୍ନଙ୍କ ପୁତ୍ର 'ଉତ୍କଳ' ଏ ରାଜ୍ୟ ସ୍ଥାପନ କରିଥିଲେ । ରାଜଧାନୀର ନାମ ଥିଲା "ଉତ୍କଳା" । ସମସ୍ତ ପ୍ରକାର 'କଳା' ବା ବିଦ୍ୟାର ବିକାଶଭୂମିହେତୁ ଏ ଦେଶ ଉତ୍କଳ ନାମରେ ପ୍ରସିଦ୍ଧ ହେବା କେତେକଙ୍କର ମତ । ମହାଭାରତ ଭୀଷ୍ମପର୍ବରେ କର୍ଣ୍ଣ ଏ ଦେଶ ଜୟ କରିଥିବା ଉଲ୍ଲେଖ ଅଛି । ମହାକବି କାଳିଦାସଙ୍କ ରଘୁବଂଶରେ ଉତ୍କଳର ନାମ ଅଛି । ଏ ଦେଶକୁ ଲାଗି ଦକ୍ଷିଣରେ କଳିଙ୍ଗ ଦେଶ ଥିଲା । ୩ ।

ଦକ୍ଷିଣକୋଶଳ ବର୍ତ୍ତମାନ ମଧ୍ୟପ୍ରଦେଶର ସମଗ୍ର ପୂର୍ବାଞ୍ଚଳସମେତ ସମ୍ବଲପୁର, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାମାନଙ୍କୁ ନେଇ ଗଠିତ ହୋଇଥିଲା । ମହାଭାରତର ସଭା-ଭୀଷ୍ମ-ଦ୍ରୋଣ ଓ କର୍ଣ୍ଣପର୍ବମାନଙ୍କରେ କୋଶଳ ଦେଶର ଉଲ୍ଲେଖ ଅଛି । କର୍ଣ୍ଣ ଦୁର୍ଯ୍ୟୋଧନଙ୍କ ସାହାଯ୍ୟନେ ଏ ଦେଶ ଜୟ କରିଥିଲେ । ସହଦେବ ତାଙ୍କର ଦକ୍ଷିଣ-ଦିଗ ବିଜୟରେ ମଧ୍ୟ ଏ ଦେଶ ଜୟ କରିଥିଲେ । ଅଭିମନ୍ୟୁ କୋଶଳାଧିପତି ବୃହଦ୍‌ବଳଙ୍କୁ ଯୁଦ୍ଧରେ ନିହତ କରିଥିଲେ । ୪ । ଦକ୍ଷିଣକୋଶଳର ଏକାଂଶ ଉତ୍କଳର ଅଧୀନ ହୋଇଥିଲା ।

---

୨ । ସୁଦ୍ୟୁମ୍ନସ୍ୟ ଚ ଦାୟାଦସ୍ତ୍ରୟଃ ପରମଧାର୍ମିକଃ
ଉତ୍କଳଶ୍ଚ ଗୟଶ୍ଚୈବ ବିନତାଶ୍ୱଶ୍ଚ ଭାରତ ।
ଉତ୍କଳସ୍ୟୋତ୍କଳା ରାଜନ୍ ବିନତାଶ୍ୱସ୍ୟ ପଶ୍ଚିମା
ଦିକ୍ ପୂର୍ବା ଭରତ ଶ୍ରେଷ୍ଠ ଗୟସ୍ୟଚ ଗୟାପୁରୀ ।। ହରିବଂଶ ୧୦, ୧୮,୧୯

୩ । ଉତ୍ତମାଶ୍ଚ ଦଶାର୍ଣ୍ଣାଶ୍ଚ ମେକଳାଶ୍ଚୋତ୍କଳୈଃ ସହ । ମ: ଭୀଷ୍ମପର୍ବ ୯।୫୪
ସ ତୀର୍ତ୍ତ୍ୱା କପିଶାଂ ସୈନ୍ୟୈର୍ବଦ୍ଧଦ୍ୱିରଦସେତୁଭିଃ
ଉତ୍କଳାଦର୍ଶିତପଥଃ କଳିଙ୍ଗାଭିମୁଖୋ ଯଯୌ ।। ରଘୁବଂଶ ୪।୩୮

୪ । କୋଶଳାଧିପତିଞ୍ଚୈବ ତଥା ବେଣ୍ୱାତଟାଧିପମ୍ ।। ସଭାପର୍ବ ୩୦।୧୨
କୋଶଳାନାମଧିପତିର୍ହତ୍ୱା ବହୁମତାନ୍ ପରାନ୍
ସୌଭଦ୍ରେଣେହ ବିକ୍ରମ୍ୟ ଗମିତୋ ଯମସାଦନମ୍ ।। କର୍ଣ୍ଣପର୍ବ ୫।୩୭

Digitized by srujanika@gmail.com

# ପୁଣ୍ୟଭୂମି ଉତ୍କଳ

ଉତ୍କଳ ପୁଣ୍ୟଭୂମି, ବ୍ରହ୍ମ-ବାମନ-ବିଷ୍ଣୁ-ସ୍କନ୍ଦ-ଗରୁଡ଼ପୁରାଣାଦି, ମହାଭାରତ, କପିଳସଂହିତା, ବାମଦେବସଂହିତା, ସ୍ୱର୍ଣ୍ଣାଦ୍ରିମହୋଦୟ, ନୀଳାଦ୍ରିମହୋଦୟ, ଏକାମ୍ରଚନ୍ଦ୍ରିକା ଆଦି ଗ୍ରନ୍ଥମାନଙ୍କରେ ଏ ଦେଶର ତୀର୍ଥମାନଙ୍କ ବିବରଣ ରହିଅଛି । ବିରଜା, ବୈତରଣୀ, ଲିଙ୍ଗରାଜ, କୋଣାର୍କ, ପୁରୁଷୋତ୍ତମ ତଥା ତତ୍ରତ୍ୟ ପଞ୍ଚତୀର୍ଥରେ ସ୍ନାନ, ଦାନ ଓ ତର୍ପଣରେ ଅକ୍ଷୟ ଫଳ ଲଭ ହେବା ଲେଖାଅଛି ।

ଏ ଦେଶ ଉର୍ବର, ଆଧିବ୍ୟାଧିଶୂନ୍ୟ, ଶୂରବୀରଙ୍କ ଜନ୍ମଭୂମି, ଆଗ୍ର-ବ୍ୟବହାର ଉତ୍ତମ, ଗ୍ୱତୁର୍ବର୍ଣ୍ଣ୍ୟ ସମାଜ ସ୍ୱ ସ୍ୱ ଧର୍ମନିରତ, ସ୍ତ୍ରୀମାନେ ପତିବ୍ରତା, ସୁଗୁଣମଣ୍ଡିତା ବୋଲି ଉଲ୍ଲେଖ ରହିଛି । ଭରତବର୍ଷ ସକଳ ବର୍ଷ ବା ଦେଶ ମଧ୍ୟରେ ଶ୍ରେଷ୍ଠ । ଭରତ ମଧ୍ୟରେ ଉତ୍କଳର ସ୍ଥାନ ଶ୍ରେଷ୍ଠତମ । ଏଠି ଦୁର୍ଭିକ୍ଷ, ମରକ ତଥା ଗଷ୍ଟ୍ରଭଙ୍ଗ ଭୟ ନାହିଁ । ୫ ।

ସ୍ୱୟଂ ନାରାୟଣ ଯେଉଁ ଦେଶରେ ଜଗନ୍ନାଥ ନାମରେ ଦାରୁବ୍ରହ୍ମ ରୂପେ ବିରାଜମାନ, ଯେଉଁଠି ବୈଷ୍ଣବ, ଶୈବ, ଶାକ୍ତ, ସୌର, ଗାଣପତ୍ୟ ଏପରିକି ଜୈନ ଓ ବୌଦ୍ଧ ସମସ୍ତେ ପରସ୍ପର ବିଦ୍ୱେଷ ତ୍ୟାଗ କରି 'ଜଗନ୍ନାଥ ସଂସ୍କୃତି'ର ସହନଶୀଳତାରେ ପ୍ରଭାବିତ, ସର୍ବବର୍ଣ୍ଣ ସମାଜର ଉଚ୍ଚ-ନୀଚ ଭେଦ ଯେଉଁ ସଂସ୍କୃତିରେ ଲୋପ ପାଇଅଛି, ସେ ଦେଶର ପ୍ରଶଂସା ସର୍ବତ୍ର ଲିଖିତ ହେବାରେ ଆଶ୍ଚର୍ଯ୍ୟ ନାହିଁ ।

ମାନବ ଜାତିର ପ୍ରତୀକ ରୂପେ ଶ୍ୱେତପ୍ରତିମା ବଳଦେବ, ପୀତପ୍ରତିମା ସୁଭଦ୍ରା ଓ କୃଷ୍ଣ ପ୍ରତିମା ଜଗନ୍ନାଥ ପୂଜିତ, ସର୍ବଧର୍ମର ସାର ଜଗନ୍ନାଥ ସଂସ୍କୃତିରେ ନିହିତ । ଜଗନ୍ନାଥଙ୍କ ରଥଯାତ୍ରା ପୃଥିବୀପ୍ରସିଦ୍ଧ । ବୈଦେଶିକ ତଥା ବିଧର୍ମୀମାନେ ଏ ରଥଯାତ୍ରାର କେବଳ କୁତ୍ସାରଟନା କରି ନିରସ୍ତ ହୋଇନାହାନ୍ତି; ଏ ଯାତ୍ରା ବନ୍ଦ କରଯାଉ ବୋଲି ସରକାରଙ୍କ ଉପରେ ଚାପ ଦେଇଛନ୍ତି । ଜଗନ୍ନାଥଙ୍କୁ ରକ୍ତପିପାସୁ ରୂପେ ବର୍ଣ୍ଣନା କରିଛନ୍ତି

---

୫ । ତତ୍ରାପ୍ତେ ଭାରତେ ବର୍ଷେ ଦକ୍ଷିଣୋଦଧିସଂସ୍ଥିତଃ
ଓଡ୍ରଦେଶ ଇତି ଖ୍ୟାତଃ ସ୍ୱର୍ଗମୋକ୍ଷପ୍ରଦାୟକଃ ।।

× × × ×

ପୁତ୍ରଦାରଧନୈର୍ଯୁକ୍ତା ଦାତାରଃ ସତ୍ୟବାଦିନଃ
ନିବସନ୍ତ୍ୟୁତ୍କଳେ ପୁଣ୍ୟେ ଯଜ୍ଞୋତ୍ସବ ବିଭୂଷିତେ ।। ବ୍ରହ୍ମପୁରା । ୨୮।୧।୭

ବ୍ରହ୍ମ ପୁରାଣର ୨୮ ଅଧ୍ୟାୟଠାରୁ ଓଡ୍ରଦେଶର ପ୍ରଶଂସା, କୋଣାର୍କ ବିବରଣ, ଶିବଙ୍କ ମାହାତ୍ମ୍ୟ, ବିରଜା କ୍ଷେତ୍ର ତଥା ବୈତରଣୀ ତୀର୍ଥ, ପରୁଷୋତ୍ତମ ଓ ଅନ୍ୟାନ୍ୟ ତୀର୍ଥ ବିଷୟ ଓ ଗୁଣ୍ଡିଚ୍ଚା ଯାତ୍ରାଦିର ବିବରଣ ୬୭ ଅଧ୍ୟାୟ ଯାଏ ରହିଅଛି ।

Digitized by srujanika@gmail.com

ଓ ଲୋକେ ଏ ଯାତ୍ରାରେ ଯୋଗଦେବା ନିର୍ବୋଧତା ବୋଲି ପ୍ରଚାର କରିଛନ୍ତି । ଏ ସମସ୍ତ ସତ୍ତ୍ୱେ ଜଗନ୍ନାଥ-ସଂସ୍କୃତିର ତିଳାର୍ଦ୍ଧେ କ୍ଷତି ହୋଇନାହିଁ । କୋଟି କୋଟି ହିନ୍ଦୁ ଜନତା ଜଗନ୍ନାଥଙ୍କ ଦର୍ଶନ ତଥା ରଥଯାତ୍ରାରେ ଯୋଗଦେବା ପରମସୌଭାଗ୍ୟ ବୋଲି ମନେ କରୁଛନ୍ତି । ଏତଦ୍ୱାରା ଐହିକ ତଥା ପାରତ୍ରିକ କଲ୍ୟାଣପ୍ରାପ୍ତି ହେବା ସେମାନଙ୍କର ଦୃଢ଼ ବିଶ୍ୱାସ । ଯେତେବେଳେ ରାଜମାର୍ଗର ଅଭାବ ଥିଲା, ହିଂସ୍ରଜନ୍ତୁଙ୍କ ଭୟ ସର୍ବତ୍ର ରହିଥିଲା, ଚୋର ଖଣ୍ଡ ମଧ୍ୟ ସର୍ବସ୍ୱ ଅପହରଣ କରିନେଉଥିଲେ, ସେତେବେଳେ ସୁଦ୍ଧା ଆକୁମାରୀ-ହିମାଚଳର ଅଗମ୍ୟ ଅଞ୍ଚଳମାନଙ୍କରୁ ଯେଉଁ ଜନତା କାୟକ୍ଲେଶ, ଧନବ୍ୟୟକୁ ଖାତିର ନ କରି ପ୍ରାଣର ଆବେଗରେ ପ୍ରଭୁଙ୍କ ଦର୍ଶନ ନିମନ୍ତେ ଅହରହ ପୁରୀଧାମକୁ ଚାଲି ଆସୁ-ଥିଲେ, ଆଜି ଯାତାୟାତର ସକଳ ସୁବିଧା ବେଳେ ଏହି ସୁଯୋଗ କେଉଁ ଭକ୍ତ ତ୍ୟାଗ କରିବ ? ତେଣୁ ଯାତ୍ରୀସଂଖ୍ୟା ଅବିରାମ ଗତିରେ ବୃଦ୍ଧିପାଉଛି । ବସ୍ତୁତାନ୍ତ୍ରିକ ତଥା ବିଶ୍ୱାସହୀନ ଯୁଗଧର୍ମର ପ୍ରଭାବରେ ଏ ମହନୀୟ-ମୃତ୍ୟୁଞ୍ଜୟୀ ସଂସ୍କୃତିର ପ୍ରଭା ମଉଳି ନାହିଁ ।

---

ଉପୋଷ୍ୟ ରଜନୀମେକାଂ ବିରଜାଂ ସ ନଦୀଂ ଯଯୌ
ସ୍ନାତ୍ୱା ବିରଜସେ ତୀର୍ଥେ ଦତ୍ତ୍ୱା ପିଣ୍ଡଂ ପିତୃସ୍ତଥା
ଦର୍ଶନାର୍ଥଂ ଯଯୌ ଶ୍ରୀମାନଜିତଂ ପୁରୁଷୋତ୍ତମମ୍ ।। ବାମନପୁରାଣ
ସ ଚାପି ଭଗବାନ୍ କଣ୍ଡୁ କ୍ଷୀଣେ ତପସି ସତ୍ତମଃ
ପୁରୁଷୋତ୍ତମମାଖ୍ୟାତଂ ବିଷ୍ଣୋରାୟତନଂ ଯଯୌ ।। ବିଷ୍ଣୁ ପୁରାଣ ୧।୧୫।୫୨

ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ତୀର୍ଥ ତଥା ଲୋକ ବ୍ୟବହାରାଦି ବହୁତ ବିଷୟ ଉଲ୍ଲେଖ ଅଛି । ଷଷ୍ଠ ଅଧ୍ୟାୟରେ:—ସାଗରସ୍ୟୋତ୍ତରେ ତୀରେ ମହାନଦ୍ୟାଶ୍ଚ ଦକ୍ଷିଣେ ।

× × ×

ଦୀର୍ଘାୟୁଷସ୍ତତ୍ରଜନାଃ ସ୍ତ୍ରୀୟଶ୍ଚ ପତିଦେବତାଃ
ସୁଶୀଳା ଧର୍ମଶୀଳାଶ୍ଚ ତ୍ରପା ଚାରିତ୍ରଭୂଷିତାଃ

× × ×

ନ ଶସ୍ୟହାନିର୍ନିମନ୍ତତ୍ କ୍ଷୁନ୍ନପୀଡ଼ୟତି ପ୍ରଜାଃ
ଦୁର୍ଭିକ୍ଷେ ମରକେନାତ୍ର ରାଷ୍ଟ୍ରଭଙ୍ଗଃ ପ୍ରଜାୟତେ ।

× ×

ସିନ୍ଧୁତୀରେ ତୁ ଯୋ ବ୍ରହ୍ମନ୍ ରାଜତେ ନୀଳପର୍ବତଃ
ପୃଥିବ୍ୟାଂ ଗୋପିତଂ ସ୍ଥାନଂ ତବଚାପି ସୁଦୁର୍ଲଭମ୍ ।। ସ୍କନ୍ଦପୁରାଣ ।
ବିରଜସ୍ତୁ ମହାତୀର୍ଥଂ ତୀର୍ଥଂ ଶ୍ରୀପୁରୁଷୋତ୍ତମମ୍। ମହେନ୍ଦ୍ରପର୍ବତସ୍ତୀର୍ଥଂ କାବେରୀଚ
ନଦୀପରା । ଗରୁଡ଼ପୁରାଣ ୮୧।୧୬
ତତୋ ବୈତରଣୀଂ ଗତ୍ୱା ସର୍ବପାପପ୍ରମୋଚନୀମ୍, ବିରଜଂତୀର୍ଥମାସାଦ୍ୟ ବିରାଜତି
ଯଥା ଶଶୀ । ମ: ବନପର୍ବ ୭୦।୬

Digitized by srujanika@gmail.com

# କଳିଙ୍ଗର ଖ୍ୟାତି

କଳିଙ୍ଗ ଋଷିକୁଲ୍ୟା ନଦୀର ଦକ୍ଷିଣରୁ ଗୋଦାବରୀ ନଦୀ ଯାଏ ପୂର୍ବସାଗର ଠାରୁ ପଶ୍ଚିମରେ ଅମରକଣ୍ଟକ ପର୍ବତମାଳା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ମତ୍ସ୍ୟ, କୂର୍ମ, ବାୟୁ ଓ ସ୍କନ୍ଦପୁରାଣରେ ଏହା ଉଲ୍ଲେଖ ଅଛି ।

•

ମହାଭାରତର ଆଦି ପର୍ବରେ ଅର୍ଜୁନଙ୍କ ତୀର୍ଥଯାତ୍ରା ପ୍ରସଙ୍ଗରେ, ଭୀଷ୍ମପର୍ବରେ ସହଦେବଙ୍କ ଦକ୍ଷିଣ ଦିଗ୍-ବିଜୟରେ, ସଭାପର୍ବରେ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ଭେଟି ଦେବା, ବନ ପର୍ବରେ କର୍ଣ୍ଣ ଏ ଦେଶକୁ ଜୟକରିବା ଏବଂ ଉଦ୍‌ଯୋଗାଦି ପର୍ବରେ ମଧ୍ୟ ଏ ଦେଶର ଉଲ୍ଲେଖ ରହିଛି । କଳିଙ୍ଗରାଜା ଶ୍ରୁତାୟୁ କୌରବଙ୍କ ପକ୍ଷରେ ରହିଥିଲେ ଓ ଭୀମଙ୍କ

---

ବାମଦେବ ସଂହିତା ପ୍ରଥମ ଅଧ୍ୟାୟ ୩୩ ଶ୍ଳୋକ ଓ ୩୮ ଶୋକ:—

ଯସ୍ମାୟଂ ଭାରତେ ବର୍ଷେ ଉତ୍କଳାଖ୍ୟଃ କୁମଣ୍ଡନଃ
ତଦ୍ଦେଶେ ଯେ ଜନାଃ ସନ୍ତି ଲଜ୍ଜାଶୀଳା ବିନୀତକାଃ ।
ବ୍ରାହ୍ମଣାଶ୍ଚାପି ଯଜ୍ୱାନୋ ନୀତିଜ୍ଞାଃ ଶାସ୍ତ୍ରକୋବିଦାଃ

× × × × ×

କ୍ଷତ୍ରିୟାଶ୍ଚାପି ଶୂରାଶ୍ଚ ବୈଶ୍ୟାଃ ସର୍ବେ ଧନାଢ଼୍ୟକାଃ
ଶୂଦ୍ରାଃ ସର୍ବେ ସ୍ୱଧର୍ମେଷୁ ତିଷ୍ଠନ୍ତି ଯତ୍ର ଦେଶକେ ।।

କପିଳସଂହିତା:—ବର୍ଷାଣାଂ ଭାରତଃ ଶ୍ରେଷ୍ଠୋ ଦେଶାନାମୁତ୍କଳଃ ଶ୍ରୁତଃ
ଉତ୍କଳସ୍ୟ ସମୋ ଦେଶୋ ଦେଶୋ ନାସ୍ତି ମହୀତଳେ ।।

୬ । ଅଙ୍ଗବଙ୍ଗ କଳିଙ୍ଗେଷୁ ଯାନି ତୀର୍ଥାନି କାନିଚିତ୍
ଜଗାମ ତାନି ସର୍ବାଣି ତୀର୍ଥାନ୍ୟାୟତନାନି ଚ ।। ମ: ଆଦି ପର୍ବ ୨୨୮।୯
କଳିଙ୍ଗ ରାଷ୍ଟ୍ର ଦ୍ୱାରେ ତୁ ବ୍ରାହ୍ମଣାଃ ପାଣ୍ଡବାନୁଗାଃ । ମ: ଆଦି ପର୍ବ ୨୨୮।୧୦
ସ କଳିଙ୍ଗାନତିକ୍ରମ୍ୟ ଦେଶାନାୟତନାନି ଚାମେ: ଆଦି ପର୍ବ ୨୨୮।୧୦
ବନାନି ରମଣୀୟାନି ପ୍ରେକ୍ଷମାଣୋ ଯଯୌ ପ୍ରଭୁଃ । ଆଦି ପର୍ବ ୨୨୮।୧୨ ।

Digitized by srujanika@gmail.com

ଦ୍ୱାର ସପୁତ୍ର ନିହତ ହୋଇଥିଲେ । ବିଷ୍ଣୁ ପୁରଣରେ 'ଗୁହ' ନାମକ ରଜା କଳିଙ୍ଗ ଶାସନ କରୁଥିବା ଉଲ୍ଲେଖ ଅଛି । ୬। କୌଟଲ୍ୟଙ୍କ ଅର୍ଥଶାସ୍ତ୍ରରେ କଳିଙ୍ଗ ହସ୍ତୀମାନେ ଶ୍ରେଷ୍ଠବୋଲି ଉଲ୍ଲେଖ ଅଛି । ୭ । ରଘୁବଂଶରେ ଅଛି, କଳିଙ୍ଗରଜା ରଘୁଙ୍କଦ୍ୱାର ପରଜିତ ହେଲେ । ତାଙ୍କୁ ମହେନ୍ଦ୍ରାଧିପତି କୁହାଯାଇଛି । ୮ ।

ପାଣିନିଙ୍କ ବ୍ୟାକରଣ ୪।୧।୧୭୦ ସୂତ୍ରରେ କଳିଙ୍ଗ ଜନପଦ ରଜ୍ୟ ଥିବା ଉଲ୍ଲେଖ କରଯାଇଛି ।

ଚନ୍ଦ୍ରବଂଶୀୟ ବଳିରଜାଙ୍କ ରଣୀ ସୁଦେଷ୍ଣାଙ୍କଠାରୁ ଅଙ୍ଗ, ବଙ୍ଗ, କଳିଙ୍ଗ, ସୁହ୍ମ ଓ ପୌଣ୍ଡ୍ର ନାମକ ପଞ୍ଚପୁତ୍ର ଜାତହୋଇ ସ୍ୱସ୍ୱ ନାମରେ ପାଞ୍ଚଟି ରଜ୍ୟ ସ୍ଥାପନ କଲେ । ଗରୁଡ଼ପୁରଣ ଏବଂ ହରିବଂଶରେ ଏହାର ଉଲ୍ଲେଖ ଅଛି । ୯ ।

ଜୈନ ଓ ବୌଦ୍ଧ ଗ୍ରନ୍ଥମାନଙ୍କରେ 'କଳିଙ୍ଗ' ଦେଶ କଥା ବହୁଳଭବେ ରହିଛି । ୧୦ ।

ଗ୍ରୀକ୍ ଐତିହାସିକ ପ୍ଲିନି ତାଙ୍କର ପ୍ରାକୃତିକ ଇତିହାସ (Natural History VI.17-× × 1) ରେ କଳିଙ୍ଗକୁ ତିନି ଭଗରେ ବିଭକ୍ତ କରିଛନ୍ତି । ୧ ଗଙ୍ଗାରିଡ଼ସେ କଳିଙ୍ଗ; ୨ କେପ୍ କଳିଙ୍ଗ, ୩ ମକ କଳିଙ୍ଗ (Maccocalingae) । ୧୧

---

ଦିଷ୍ଟ୍ୟା କଳିଙ୍ଗରାଜସ୍ୟ ରାଜପୁତ୍ରସ୍ୟ କେତୁମାନ୍
ଶକ୍ରଦେବସ୍ୟ କାଳିଙ୍ଗାଃ କଳିଙ୍ଗାସ୍ୟ ମୃଧେ ହତାଃ । ଭୀଷ୍ମପର୍ବ ୫୪।୧୧୯
କଳିଙ୍ଗରାଜ ପ୍ରମୁଖା ରୁକ୍ମିଣଂ ବାକ୍ୟମବ୍ରୁବନ୍ । ବିଷ୍ଣୁପୁରାଣ ୫।୨୮।୧୦

୭ । କଳିଙ୍ଗାସ୍ୟ ଗଜା ଶ୍ରେଷ୍ଠାଃ । କୌଟଲ୍ୟ ୨୨।୧୦

୮ । ଗୃହୀତ ପ୍ରତିମୁକ୍ତସ୍ୟ ସଧର୍ମ ବିଜୟୀ ନୃପଃ
ଶ୍ରିୟଂ ମହେନ୍ଦ୍ରନାଥସ୍ୟ ଜହାର ନ ତୁ ମେଦିନୀମ୍ ।। ରଘୁବଂଶ ୪।୪୩

୯ । ବଳିଃ ସୁତପସୋ ଜଜ୍ଞେ ଅଙ୍ଗବଙ୍ଗ କଳିଙ୍ଗକାଃ । ଗରୁଡ଼ ପୁରାଣ ୧୩୯।୬୯
ବଳିସ୍ତାନାଭିଷିଚ୍ୟେହ ପଞ୍ଚପୁତ୍ରାନକଳ୍ମଷାନ୍

× ×

ତେଷାଂ ଜନପଦାଃ ପଞ୍ଚ ଅଙ୍ଗା ବଙ୍ଗାଃ ସସୁହ୍ମକାଃ
କଳିଙ୍ଗାଃ ପୁଣ୍ଡ୍ରକାଶ୍ଚୈବ ପ୍ରଜାସ୍ତ୍ୱଙ୍ଗସ୍ୟ ମେ ଶୃଣୁ । ହରିବଂଶ ୨୨।୪୦।୪୨

୧୦ । ଜୈନ ହରିବଂଶ ପୁରାଣ, ହରିଭଦ୍ରିୟବୃତ୍ତି, ଜମ୍ବୁଦ୍ୱୀପପନ୍ନତି ଇତ୍ୟାଦି ।

୧୧ । India as discribed by early Greek writers by Baijnath Puri p. 24 &67
ବୌଦ୍ଧ ଗ୍ରନ୍ଥ– ସରଭଙ୍ଗ–ବେସସାନ୍ତ, କଳିଙ୍ଗବୋଧି ଅଙ୍ଗୁତ୍ତର ଜାତକାଦି ।

Digitized by srujanika@gmail.com

ଉପର୍ଯ୍ୟୁକ୍ତ ପ୍ରମାଣମାନ ଆଲୋଚନା କଲେ ଜଣାଯାଏ ଏ ତିନୋଟି ଦେଶ (ଓଡ୍ର ବା ଉଡ୍ର, ଉତ୍କଳ, କଳିଙ୍ଗ) ଅତି ପ୍ରାଚୀନ । ସମଜାତୀୟ ତଥା ସମଭାଷାଭାଷୀ ବ୍ୟକ୍ତିବର୍ଗ ଏଠି ରାଜତ୍ୱ କରୁଥିଲେ । ବହୁ ସମୟରେ ଏମାନଙ୍କର ସୀମା ମଧ୍ୟ ବଦଳୁଥିଲା । ତିନୋଟିଯାକ ରାଜ୍ୟର ବହୁ ଅଂଶ-ଶବରାଦି ଆଦିବାସୀଙ୍କ ବାସସ୍ଥଳୀ ଥିଲା । କାଳକ୍ରମେ ଉଡ୍ର ଏବଂ ଉତ୍କଳ ଏକ ହୋଇଗଲା ।

କଳିଙ୍ଗ ସାମ୍ରାଜ୍ୟ ଦିନକୁ ଦିନ ବୃଦ୍ଧିଲାଭ କଲା । ଏକ ସମୟରେ ମହାନଦୀଠାରୁ ଗୋଦାବରୀଯାଏ ଏହାର ବିସ୍ତୃତି ଘଟିଥିଲା ।

ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତକରେ ଚନ୍ଦ୍ରଗୁପ୍ତ ଭାରତର ଅଧିକାଂଶ ଅଞ୍ଚଳକୁ ନିଜର ଅଧୀନ କରିଥିଲେହେଁ 'କଳିଙ୍ଗ' ଏବଂ ଉତ୍କଳ ସ୍ୱାଧୀନ ଥିଲେ । ନନ୍ଦବଂଶପରେ ଅଶୋକ ଭାରତର ସମ୍ରାଟ ହେଲେ ଓ ୨୬୧ ଖ୍ରୀଷ୍ଟ ପୂର୍ବାବ୍ଦରେ କଳିଙ୍ଗସହ ଯୁଦ୍ଧକଲେ । ଉତ୍କଳ ତଥା କଳିଙ୍ଗର ମିଳିତ ସୈନ୍ୟବାହିନୀ ସଂଗ୍ରାମରେ ପରାସ୍ତ ହେଲେ । ଉଭୟ ପକ୍ଷରୁ ଲକ୍ଷାଧିକ ଲୋକ ମଲେ । ଅକାରଣ ନରହତ୍ୟା ଘଟାଇ ସାମ୍ରାଜ୍ୟ ବିସ୍ତାରକରିବା 'ଅନ୍ୟାୟ' ଭାବି ତାଙ୍କ ମନରେ ବୈରାଗ୍ୟ ଜାତହେଲା । ସେ ବୁଦ୍ଧ ଧର୍ମରେ ଦୀକ୍ଷିତ ହୋଇଗଲେ । ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହେଲେ । ବୌଦ୍ଧହୋଇ ସେ ବୁଦ୍ଧଙ୍କର ଅହିଂସାବାଣୀ ପ୍ରଚାରରେ ମନଦେଲେ । ତାଙ୍କର ଏକାଦଶ ଅନୁଶାସନ ଖ୍ରୀଷ୍ଟପୂର୍ବ ୨୫୬ ଅବ୍ଦରେ ଭୁବନେଶ୍ୱର ନିକଟସ୍ଥ ଧଉଳିଗିରିରେ ଉତ୍କୀର୍ଣ୍ଣ ହୋଇଅଛି । ଅପର ଶିଳାଲିପି ଖ୍ରୀଷ୍ଟପୂର୍ବ ୨୫୫ ଅବ୍ଦରେ ଗଞ୍ଜାମ ଜିଲ୍ଲା ଜୌଗଡ଼ଠାରେ ଉତ୍କୀର୍ଣ୍ଣ କରାଯାଇଛି । ଉଭୟ ଲିପିର ମୂଳ ପାଠ ତଥା ଓଡ଼ିଆ ଭାଷାନ୍ତର ପରିଶିଷ୍ଟରେ ଦିଆଯାଇଛି ।

ଅଶୋକଙ୍କ ଏହି ଦାରୁଣ ଆଘାତରୁ ମୁକ୍ତହୋଇ ପୁଣି ବଳ ସଞ୍ଚୟ କରିବାପାଇଁ କଳିଙ୍ଗକୁ ପ୍ରାୟ ଶହେ ବର୍ଷ ଲାଗିଲା । ଖ୍ରୀଷ୍ଟପୂର୍ବ ୨୦୭ ଅବ୍ଦରେ "ଚୈତ୍ର" ବଂଶରେ ଖାରବେଳ ଜନ୍ମହେଲେ । ସେ ପ୍ରତାପୀ ସମ୍ରାଟ ହୋଇ ଭାରତର ଅଧିକାଂଶ ରାଜ୍ୟ ନିଜ ଅଧିକାରଭୁକ୍ତ କଲେ । ତାଙ୍କଏ ବିଜୟବାର୍ତ୍ତା ଖଣ୍ଡଗିରି ହାତୀଗୁମ୍ଫା ଶିଳାଲିପିରେ ଉତ୍କୀର୍ଣ୍ଣ ହୋଇଅଛି । ସେ ସମ୍ମିଳିତ ଉତ୍କଳ ଓ କଳିଙ୍ଗର ସମ୍ରାଟ ହୋଇ ଜୈନଧର୍ମ ପ୍ରଚାରରେ ମନଦେଲେ । ସେ ଐର ମହାରାଜା ମେଘବାହନ ଉପାଧି ଧାରଣ କରିଥିଲେ । ୧୨ ।

ଖାରବେଳଙ୍କ ପରେ ଶୈଳୋଦ୍ଭବ ବଂଶୀୟ ରାଜାମାନେ କଳିଙ୍ଗକୁ ଅଧିକାର କଲେ; କିନ୍ତୁ ଏହି ସମ୍ମିଳିତ କଳିଙ୍ଗ ସାମ୍ରାଜ୍ୟରୁ କଂଗୋଦ, ତୋଷଳ ଆଦି ରାଜ୍ୟମାନେ

---

୧୨ । ଓଡ଼ିଶା ଇତିହାସ ଡଃ ହରେକୃଷ୍ଣ ମହତାବ

Digitized by srujanika@gmail.com

ସ୍ୱ ସ୍ୱ ଅଧିକାର ପ୍ରତିଷ୍ଠା କରି ଅଲଗା ହୋଇଗଲେ । ହର୍ଷବର୍ଦ୍ଧନ ଖ୍ରୀଷ୍ଟିୟ ସପ୍ତମ ଶତକରେ କଳିଙ୍ଗର ବହୁ ଅଂଶ ଅଧିକାର କଲେ । ଅଶୋକଙ୍କ ସମୟରୁ ବୌଦ୍ଧଧର୍ମ ରାଜାନୁଗ୍ରହ ଲାଭ କରିଥିଲେ, ସୁଦ୍ଧା ଉତ୍କଳୀୟ ସଂସ୍କୃତି (ଜଗନ୍ନାଥ ସଂସ୍କୃତି) ଉପରେ ବିଶେଷ ପ୍ରଭାବ ପକାଇ ପାରି ନ ଥିବା ଖ୍ରୀଷ୍ଟୀୟ ସପ୍ତମଶତକର ଚୀନ ପରିବ୍ରାଜକ ହୁଏନ୍‌ସାଂଙ୍କ ଭାରତ ଭ୍ରମଣ ବିବରଣୀରୁ ଜଣାଯାଏ । ସେ ବୈଦିକ ଧର୍ମର ପ୍ରଚାର ଦେଖି ଚକିତ ହୋଇ-ଥିଲେ । ୧୩ ।

କରବଂଶ ଓ ଭୌମବଂଶ କ୍ରମେ କଳିଙ୍ଗୋତ୍କଳ ମିଳିତ ରାଜ୍ୟର ଶାସକ ହେଲେ । ଏତେବେଳେ 'ତ୍ରିକଳିଙ୍ଗ' ନାମ ମଧ୍ୟ ପ୍ରଚଳିତ ଥିଲା; କିନ୍ତୁ ଖ୍ରୀ: ଦ୍ୱାଦଶ ଶତକରୁ ଗଙ୍ଗ ବଂଶୀୟ ରାଜାମାନେ ଏହି ରାଜ୍ୟର ଅଧିପତି ହେଲେ । କଳିଙ୍ଗ ନାମ ଲୋପ ପାଇ ସମଗ୍ର ରାଜ୍ୟ ଉତ୍କଳ (ଉଡ଼ିଶା ବା ଓଡ଼ିଶା) ନାମରେ ପ୍ରତିଷ୍ଠିତ ହେଲା । ଏ ମିଳିତ ରାଜ୍ୟରେ ସେମାନେ ପୃଥିବୀପ୍ରସିଦ୍ଧ ମନ୍ଦିରମାନ ନିର୍ମାଣ କଲେ । ଓଡ଼ିଆ ଭାଷାର ପ୍ରଚାର ଗଙ୍ଗାଠାରୁ ଗୋଦାବରୀ ଯାଏ ଚାଲିଲା ।

ଗଙ୍ଗବଂଶୀୟ ରାଜା ଅନନ୍ତବର୍ମାଙ୍କ ମଞ୍ଜୁଷା ତାମ୍ରଫଳକରେ ବ୍ୟବହୃତ ଭାଷା ଏ ଦେଶର କଥିତ ଭାଷା ଥିଲା । ଖ୍ରୀଷ୍ଟୀୟ ଏକାଦଶ ଶତକରେ ଲିଖିତ ରଣକଦେବଙ୍କ ଭାଷା ଓଡ଼ିଆ । ଶ୍ରୀକାକୋଲ ଜିଲ୍ଲାର ଉରଲମ୍ ଗ୍ରାମରୁ ମିଳିଥିବା ଶିଳାଲେଖର ଭାଷା ଓଡ଼ିଆ ।

ଗଙ୍ଗବଂଶୀୟ ରାଜତ୍ୱ ଆଗରୁ ସୋମବଂଶୀୟ ରାଜାମାନେ ଓଡ଼ିଶା ଅଧିକାର କରିଥିଲେ । ଏମାନଙ୍କ ମନ୍ଦିର ନିର୍ମାଣ କୀର୍ତ୍ତି ଏ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଅଛି । ଯଯାତିକେଶରୀ ଖ୍ରୀ: ଅଷ୍ଟମ ଶତକରେ ଭୁବନେଶ୍ୱରସ୍ଥ ଲିଙ୍ଗରାଜ ମନ୍ଦିରର ଭିତ୍ତିସ୍ଥାପନ କରିଥିଲେ । ଲଲାଟେନ୍ଦୁ କେଶରୀ* ଖ୍ରୀ: ଦଶମ ଶତକରେ ପୂର୍ଣ୍ଣକଲେ । ଏହା ଶିଳ୍ପକଳା ତଥା ବିଶାଳତାରେ ଭାରତ-ଖ୍ୟାତ ଅଟେ । ପଥରକୁ ଆବଶ୍ୟକତାନୁରୂପେ କାଟି ଚୂନ ନ ଦେଇ ଭାରକେନ୍ଦ୍ର ସାମ୍ୟ ରଖି ଯେପରି ନିର୍ମାଣ କୌଶଳ ଖଞ୍ଜାପାଇଛି, ତାର ତୁଳନା ନାହିଁ । ଓଡ଼ିଆ କାରିଗରଙ୍କ କୌଶଳ ବିଶିଷ୍ଟ ଇଞ୍ଜିନିୟର ଏମ. ଏଚ. ଆରନଟ୍ (M. H. Arnott, M. I. C. E.) ଆଦିଙ୍କୁ ମୁଗ୍‌ଧ କରି ପାରିଛି । ଯଯାତିକେଶରୀ ପୁରୀର ଜଗନ୍ନାଥ ମନ୍ଦିର ୮୨୪ ମସିହାରେ ନିର୍ମାଣ କରିଥିଲେ । ଏ ମନ୍ଦିର ପ୍ରାକୃତିକ କାରଣରୁ ନଷ୍ଟହେବାପରେ, ଚୋଡ଼ଗଙ୍ଗ ୧୦୩୮ ମସିହାରେ ତାହାର ପୁନର୍ନିର୍ମାଣ କଲେ । ବର୍ତ୍ତମାନ ଥିବା ବିଶାଳ ମନ୍ଦିର ଏକାଦଶ ଶତକ ମସିହାରେ ଅନନ୍ତବର୍ମା ଆରମ୍ଭ କରିଥିଲେ ଓ ଦ୍ୱାଦଶ ଶତକର ଶେଷାଂଶ (୧୧୯୬ ମସିହା)ରେ ଅନଙ୍ଗଭୀମଦେବଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିଲା ।

ଅନଙ୍ଗଭୀମଦେବଙ୍କ ଆଗରୁ ପୂର୍ବରେ କୋଣାର୍କଠାରୁ ପଶ୍ଚିମରେ ଭୀମନଗର ଦଣ୍ଡପାଟ, ଉତ୍ତରରେ କାଂଶବାଂଶ ନଦୀଠାରୁ ଦକ୍ଷିଣରେ ଋଷିକୁଲ୍ୟା ନଦୀ ମଧ୍ୟସ୍ଥ

୧୩ । ହିଉଏନଚ୍ୟାଙ୍ଗ୍ (ବଙ୍ଗଳା) ସତ୍ୟେନ୍ଦ୍ରକୁମାର ବସୁ ୯୭ ପୃଷ୍ଠା

Digitized by srujanika@gmail.com

ଭୂଖଣ୍ଡରୁ ପଦରଲକ୍ଷ ସ୍ୱର୍ଣ୍ଣମୋହର ରାଜସ୍ୱ ଆଦାୟ ହେଉଥିଲା । ଅନଙ୍ଗଭୀମଦେବ ରାଜ୍ୟ ସୀମା ଉତ୍ତରରେ ଦାମୋଦର ନଦୀ ଠାରୁ ଦକ୍ଷିଣରେ ଗୋଦାବରୀଯାଏ ବଢ଼ାଇଦେଲେ । ଫଳରେ କୋଡ଼ିଏ ଲକ୍ଷ ସୁବର୍ଣ୍ଣମୋହର ରାଜସ୍ୱ ପାଇଲେ ।

ଏ ବଂଶର ଖ୍ୟାତନାମା ରାଜା ନରସିଂହଦେବ ତ୍ରୟୋଦଶ ଶତକ ମଝିହାରେ ଶିଳ୍ପକଳାପରିପୂର୍ଣ୍ଣ କୋଣାର୍କ ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିର ଗ୍ରହ-ନକ୍ଷତ୍ର ନିରୀକ୍ଷଣାଗାରରେ ପରିଣତ ହୋଇଥିଲା । ଏ ନିଜ ରାଜ୍ୟକୁ ଦକ୍ଷିଣରେ ବର୍ତ୍ତମାନର ନେଲୋର ଜିଲ୍ଲାଯାଏ ବଢ଼ାଇ ପାରିଥିଲେ ।

ତ୍ରୟୋଦଶ ଶତକରେ ମୁସଲମାନମାନେ ଯାଜପୁରକୁ ଆକ୍ରମଣ କଲେ । ଏହା ସେମାନଙ୍କର ପ୍ରଥମ ଆକ୍ରମଣ । ସେମାନେ ଯୁଦ୍ଧରେ ହଟିଯାଇ ବଙ୍ଗଳାରେ ଆଶ୍ରୟ ନେଲେ ।

ଖ୍ରୀ: ପଞ୍ଚଦଶ ଶତକରେ କପିଳେନ୍ଦ୍ରଦେବ ଓଡ଼ିଶାର ସମ୍ରାଟ ହେଲେ । ସେ ଗଙ୍ଗାଠାରୁ ଦକ୍ଷିଣରେ କାବେରୀ ନଦୀଯାଏ ସମସ୍ତ ରାଜ୍ୟ ନିଜ ସାମ୍ରାଜ୍ୟଭୁକ୍ତ କଲେ - ସେ ବଙ୍ଗ ତଥା ମାଳବର ସୁଲତାନମାନଙ୍କୁ ପରାଜିତ କରିଥିଲେ । ''ଗଜପତି-ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱର ବୀରଧିବୀରବର'' ଉପାଧି ଗ୍ରହଣ କରିଥିଲେ ।

ଉତ୍କଳର ପ୍ରଶସ୍ତି ଥିଲା :—

କର୍ଣ୍ଣାଟୋଜ୍ଜାସସିଂହଃ କଳବରଗଜୟୀ ମାଳବଧ୍ୱଂସଶୀଳଃ
ଜଂଘାଳୋ ଗୌଡ଼ମର୍ଦ୍ଦୀ ଭ୍ରମରବରନୃପୋ ଧ୍ୱସ୍ତଦିଲ୍ଲୀନ୍ଦ୍ରଗର୍ବଃ ।
ସଂଗ୍ରାମେ ଦ୍ରଷ୍ଟୁମେନଂ ପ୍ରତିଭଟସୁଭଟାଃ କେବଳନ୍ତେ ବଳନ୍ତେ
ଯେଷାଂ ସ୍ୟାନ୍ନାକନାରୀକୁଚକଲଶତଟୀ କୁଙ୍କୁମାସଙ୍ଗରଙ୍ଗଃ ।
ଗୋପୀନାଥପୁର ଶାସନସ୍ଥ ଶ୍ରୀବଳଦେବ ମନ୍ଦିର ଶିଳାଲିପି ।

ଭବାର୍ଥ ହେଲା କର୍ଣ୍ଣାଟଦଳନରେ ସିଂହତୁଲ୍ୟ ବିକ୍ରମଶାଳୀ, କଳବରଗ (କୁଲ୍‌ବର୍ଗା) ଜୟୀ, ମାଳବ ବିଧ୍ୱସ୍ତକାରୀ, ଅଳ୍ପ ଆୟାସରେ ଗୌଡ଼ଦେଶ ବିମର୍ଦ୍ଦକ, ଦିଲ୍ଲୀପତି ବାଦଶାହଙ୍କ ଗର୍ବ ଖର୍ବକାରୀ (କପିଳେନ୍ଦ୍ରଦେବ) ଭ୍ରମରବର ନୃପତିଙ୍କୁ ଯୁଦ୍ଧରେ ଭେଟିବା ମାତ୍ରେ ଶତ୍ରୁପକ୍ଷର ବୀରମାନେ ସ୍ୱର୍ଗାଙ୍ଗନା ଭୋଗ କରିଥାନ୍ତି । ଯୁଦ୍ଧରେ ମଲେ ତ ସ୍ୱର୍ଗଲାଭ, ତେଣୁ ସେମାନେ ସେହି ଫଳ ଲାଭ କରନ୍ତି ।

Digitized by srujanika@gmail.com

କପିଳେନ୍ଦ୍ରଙ୍କ ପୁତ୍ର ହମ୍ଵୀର ମଧ୍ୟ ବଳବିକ୍ରମରେ ସମଗ୍ର ଦକ୍ଷିଣ ଭାରତକୁ ସଂତ୍ରସ୍ତ କରି ଦେଇଥିଲେ । କପିଳେନ୍ଦ୍ର ଦକ୍ଷିଣଦିଗ୍‌ବିଜୟରୁ ଫେରି ଗୋଦାବରୀ ତଟରେ ଅବସ୍ଥାନ କଲାବେଳେ ୧୪୭୦ ମସିହାରେ ପରଲୋକ ପ୍ରାପ୍ତ ହେଲେ ।

ଏହାଙ୍କ ପରେ ଗଜପତି ପୁରୁଷୋତ୍ତମଦେବ କାଞ୍ଚି ରଜାଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କ କନ୍ୟା ପଦ୍ମାବତୀଙ୍କୁ ବିବାହ କରିଥିଲେ । ଗଞ୍ଜାମଜିଲ୍ଲାର ରଜାମାନେ ଉତ୍କଳ ସମ୍ରାଟଙ୍କ ଅଧୀନତା ସ୍ୱୀକାର କରି ଆବଶ୍ୟକବେଳେ ସୈନ୍ୟସାମନ୍ତ ଯୋଗାଉଥିଲେ ଓ ନାମମାତ୍ର ରାଜସ୍ୱଦେଇ ରଜ୍ୟ ଭୋଗକରୁଥିଲେ । ପୁରୁଷୋତ୍ତମ ଏହିରଜା ଜମିଦାର ମାନଙ୍କୁ ନୂଆ-ସନନ୍ଦ ଦେଇଥିଲେ ।

ପୁରୁଷୋତ୍ତମ ଯେପରି ବୀର, ସେପରି ବିଦ୍ୱାନ ଥିଲେ । ଏହାଙ୍କ ସମୟରବ ବହୁ ବିଶିଷ୍ଟ ଧର୍ମପ୍ରଚାରକ ପୁରୀକୁ ଆସିଥିଲେ । ଆସାମ(କାମରୂପ)ର ଶଙ୍କରଦେବ ପୁରୀ ଗୋବର୍ଦ୍ଧନ ମଠରେରହି ଭାଗବତର ଶ୍ରୀଧରସ୍ୱାମୀଙ୍କ ଟୀକା ପଢ଼ିଥିଲେ । ଏଠାରୁ ଯାଇ ନିଜ ରାଜ୍ୟରେ ଭାଗବତ ଧର୍ମ ପ୍ରଚାର କରିଥିଲେ । ତାଙ୍କ ରଚିତ ଭକ୍ତିମୂଳକ ଗୀତ-ଗୁଡ଼ିକ ପଢ଼ିଲେ ଓଡ଼ିଆଭାଷା ସହିତ ଆସାମୀ ଭାଷାର ଘନିଷ୍ଠ ସମ୍ପର୍କ ଅବଧାରଣ କରି ହୁଏ । ଏଠାରେ ସେହି ଗୀତମାନଙ୍କରୁ କିଛି ଉଦ୍ଧୃତ ହେଲା ।

ଅଥିର ଧନଜନ ଜୀବନ ଯୌବନ ଅଥିର ଏହୁ ସଂସାର
ପୁତ୍ର ପରିବାର ସବହି ଅସାର କରବୋ କାହେରି ସାର
ଜାହେ ଭକତି ତାହେ ମୁକୁତି ଭକତେ ଏ ତତ୍ତ୍ୱ ଜାନା ।

× × × ×

ନାରୀଗଣେ ଶୁନିଲେକ କୃଷ୍ଣ ଆସିବାର
ଉରୁକ ମୁରୁକ କରି ପିନ୍ଧେ ଅଳଂକାର ।

× × × ×

ଅନ୍ୟ ଦେବୀ ଦେବ ନ କରିବା ସେବ ନ ଖାଇବା ପ୍ରସାଦ ତାର
ମୂର୍ତ୍ତିକୋ ନ ଚାଇବା ଗୃହୋ ନ ପଶିବା ଭକ୍ତି ହୈବ ବ୍ୟଭିଚାର ।

ଶଙ୍କରଦେବ—ଡ଼ାଃ ମହେଶ୍ୱର ନିୟୋଗ (ଇଂରଜି)

ପୁରୁଷୋତ୍ତମଦେବ ଦକ୍ଷିଣ ଭାରତରୁ କିଛି ଅଂଶ ନିଜ ସାମ୍ରାଜ୍ୟଭୁକ୍ତ କଲେ । ରାଜଧାନୀ ବାରାଣସୀ—କଟକରେ ସ୍ଥାପନ କଲେ । ସେ ୧୪୯୭ ମସିହାରେ ପରଲୋକ ପ୍ରାପ୍ତ ହେଲେ । ପୁତ୍ର ପ୍ରତାପରୁଦ୍ରଦେବ ରଜା ହେଲେ ।

Digitized by srujanika@gmail.com

ପ୍ରତାପରୁଦ୍ର ପିତାଙ୍କ ତୁଲ୍ୟ ବିଦ୍ୱାନ ଓ ବୀର ଥିଲେ । ସାମ୍ରାଜ୍ୟକୁ ପୁନର୍ଗଠନ କରିଥିଲେ । ଶସ୍ତ୍ର ତଥା ଶାସ୍ତ୍ର ଉଭୟରେ ପାରଦର୍ଶୀହେତୁ ରାଜନ୍ୟମଣ୍ଡଳୀର ସମ୍ମାନନୀୟ ହୋଇଥିଲେ । ଏହାଙ୍କ ସମୟରେ ଶ୍ରୀଚୈତନ୍ୟଦେବ ବଙ୍ଗଦେଶରୁ ଆସି ରାଧା-କୃଷ୍ଣ ପ୍ରେମଧର୍ମ ପ୍ରଚାର କଲେ । ରାଜପରିଷଦର କେତେକ ମୁଖ୍ୟବ୍ୟକ୍ତି ଓ ଶେଷରେ ନିଜେ ରାଜା ମଧ୍ୟ ଏ ପ୍ରେମଧର୍ମରେ ମଜ୍ଜିଗଲେ । ଭକ୍ତିଧର୍ମ ଶାସନକଳକୁ ବିଗାଡ଼ିଦେଲା । ଓଡ଼ିଶାର ଭାଗ୍ୟରବି ଅସ୍ତାଚଳକୁ ଢ଼ଳିଲେ । ରାଜକର୍ମଚାରୀ ଦଣ୍ଡଭୟ ନ ଥିବା ଜାଣି ରାଜସ୍ୱ ଆତ୍ମସାତ୍ କଲେ । ଏପରିକି ରାଜମହେନ୍ଦ୍ରୀ ଦଣ୍ଡପାଟର ରାଜସ୍ୱ ରାୟରାମାନନ୍ଦ ଆତ୍ମସାତ୍ କଲାବେଳେ, ତାଙ୍କ ବଡ଼ଭାଇ ଗୋପୀନାଥ ବଡ଼ଜେନା ମାଳଛତା (ମେଦିନୀପୁର-ବାଙ୍କୁଡ଼ା ସମେତ) ଦଣ୍ଡପାଟର ରାଜସ୍ୱ ଦୁଇଲକ୍ଷ ଟଙ୍କା ନେଇଗଲେ । ଚୈତନ୍ୟଚରିତାମୃତ (ଅନ୍ତ୍ୟଖଣ୍ଡ ନବମ ପରିଚ୍ଛେଦ)ରେ ଅଛି ଯେ, ବଡ଼ଜେନାଙ୍କୁ ଏ ଦୋଷ ଲାଗି ପ୍ରାଣଦଣ୍ଡ ଆଦେଶ ରାଜା ଦେଇଥିଲେ ସୁଦ୍ଧା ଶ୍ରୀଚୈତନ୍ୟ ଓ ତାଙ୍କ ଶିଷ୍ୟମାନଙ୍କ ଅନୁରୋଧରେ ତାଙ୍କୁ କ୍ଷମା ମିଳିଗଲା । କ୍ରମେ ସୈନ୍ୟମାନେ ତରବାରି ତ୍ୟାଗ କରି 'ମାଳା' ଭଜନରେ ଦିନ ନେଲେ । ଖୋଳ-କରତାଳ କୀର୍ତ୍ତନରେ ସମସ୍ତେ ମାତିଗଲେ । ଓଡ଼ିଆଙ୍କ ବୀରତ୍ୱ ତଥା ମହତ୍ତ୍ୱ କ୍ଷୀଣ ହୋଇଆସିଲା ।

## ଓଡ଼ିଆ ଭାଗବତ

ଶଂସିତ କାଳରେ ମହାତ୍ମା ଜଗନ୍ନାଥ ଦାସ ସଂସ୍କୃତ ଭାଗବତକୁ ଓଡ଼ିଆ ନବାକ୍ଷରୀ ପଦ୍ୟରେ ଅନୁବାଦ କରିଥିଲେ । ଆଜିପର୍ଯ୍ୟନ୍ତ ତାହା ଓଡ଼ିଆର ଗୃହେ ଗୃହେ ପାଠ କରଯାଉଅଛି । ଏଭଳି ସୁଲଳିତ ପଦ୍ୟାମୃତ ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀଚୈତନ୍ୟ ମହାତ୍ମା ଜଗନ୍ନାଥଙ୍କ ପାଣ୍ଡିତ୍ୟ ତଥା ଭକ୍ତି ଭାବରେ ମୁଗ୍ଧ ହୋଇ ତାଙ୍କୁ ''ଅତିବଡ଼ୀ'' ଆଖ୍ୟାରେ ସମ୍ମାନିତ କରିଥିଲେ ।

ରାଜ୍ୟର ବିଶୃଙ୍ଖଳାକୁ ଏକ ସୁବର୍ଣ୍ଣସୁଯୋଗ ମନେକରି ବିଜୟନଗର ରାଜା କୃଷ୍ଣଦେବ ରାୟ ଓଡ଼ିଶା ଆକ୍ରମଣ କଲେ । ବିଶୃଙ୍ଖଳିତ ଓଡ଼ିଆ ସୈନ୍ୟ ଯୁଦ୍ଧରେ ହଟିଗଲେ । ପ୍ରତାପରୁଦ୍ର ସନ୍ଧି ନାମରେ ନିଜ କନ୍ୟା ଅନ୍ନପୂର୍ଣ୍ଣାଙ୍କୁ କୃଷ୍ଣଦେବରାୟଙ୍କସହ ବିବାହ କରା-ଇଲେ । ଓଡ଼ିଶାର ଶ୍ରୀ ତୁଟିଗଲା ।

## ମୁସଲମାନମାନେ ଓଡ଼ିଶା ଆକ୍ରମଣ କଲେ

ପ୍ରତାପରୁଦ୍ରଙ୍କ ପରେ ମୁକୁନ୍ଦଦେବ ରାଜାହେଲେ । ଏହାଙ୍କ ସମୟରେ ମୁସଲ-ମାନମାନେ କଳାପାହାଡ଼ଙ୍କ ନେତୃତ୍ୱରେ ଉତ୍ତରପଟୁ ଓଡ଼ିଶା ଆକ୍ରମଣ କଲେ । ୧୫୬୦ ମସିହା ବେଳକୁ ପୁରୀଜିଲ୍ଲାର ଦକ୍ଷିଣସୀମା ଯାଏ ମୁସଲମାନ ସାମ୍ରାଜ୍ୟଭୁକ୍ତ ହୋଇଗଲା ମୁକୁନ୍ଦଦେବ କଟକ-ବାରବାଟୀ ଦୁର୍ଗରେ ନବତଳ ପ୍ରାସାଦ ନିର୍ମାଣ କରିଥିଲେ ।

Digitized by srujanika@gmail.com

ଦକ୍ଷିଣରେ ଗୋଲକୁଣ୍ଡାର ସୁଲତାନମାନେ ଉତ୍ତରପଟର ଆକ୍ରମଣରେ ବହପ ପାଇ ଓଡ଼ିଶାକୁ ଆକ୍ରମଣ କଲେ । ଶ୍ରୀକାକୁଳ ରଜା ନୀଳକଣ୍ଠ ମୁସଲମାନମାନଙ୍କ ଆକ୍ରମଣକୁ ପ୍ରତିହତ କରିବାପାଇଁ ଗଜପତି ମୁକୁନ୍ଦଦେବଙ୍କ ସାହାଯ୍ୟ ପ୍ରାର୍ଥନା କଲେ । ସାହାଯ୍ୟ ମିଳିଲା । ମୁସଲମାନମାନେ ହଟିଗଲେ ।

ମୁକୁନ୍ଦଦେବ ଓ ନୀଳକଣ୍ଠ ଉଭୟେ ମିଶି ଉତ୍ତର ଓଡ଼ିଶାକୁ ମସଲମାନ ଆକ୍ରମଣରୁ ରକ୍ଷାକରିବା ନିମନ୍ତେ ଯୁଦ୍ଧଯାତ୍ରା କଲେ । ଉଭୟେ ଯୁଦ୍ଧରେ ମଲେ । ଦୁର୍ଘଟଣା ପୁଣି ଗୋଲକୁଣ୍ଡା କୁତବସାହି ରଜା ଇବ୍ରାହିମଙ୍କୁ ସୁଯୋଗ ଆଣିଦେଲା । ୧୫୭୧ ମସିହା ବେଳକୁ ଶ୍ରୀକାକୁଳ ଯାଏ ସମଗ୍ର ଦକ୍ଷିଣ ଓଡ଼ିଶା ତାଙ୍କ ଅଧିକାରଭୁକ୍ତ ହେଲା ।

## ଓଡ଼ିଶା ଖଣ୍ଡ–ବିଖଣ୍ଡିତ ହେଲା

ମୁକୁନ୍ଦଦେବଙ୍କ ପରେ ରଜଗାଦି ପାଇବାପାଇଁ ଗୃହଯୁଦ୍ଧ ଆରମ୍ଭ ହେଲା । ଗଜପତି ରାମଚନ୍ଦ୍ରଦେବ (ରମାଇ) ମହାନଦୀର ଉତ୍ତର ତଥା ଦକ୍ଷିଣର କେତେକ ଅଞ୍ଚଳର ରଜା ବୋଲି ଘୋଷଣା କଲେ । ୧୫୯୦ ମସିହାରେ ଶ୍ରୀକାକୁଳ ଫଉଜଦାର ସାହା ସୁଦୁରଲି ସମଗ୍ର ଗଞ୍ଜାମ ଜିଲ୍ଲାକୁ ନିଜ ଅଧିକାରଭୁକ୍ତ କଲେ ।

ବାଦଶାହ ଆକବର ତାଙ୍କର ୧୫୮୨ ମସିହା ଆଦେଶନାମାରେ ଓଡ଼ିଶାକୁ ପାଞ୍ଚଟି ସରକାର ବା ଅଞ୍ଚଳରେ ବିଭକ୍ତ କରିଥିଲେ । ସେଗୁଡ଼ିକ ହେଲା –୧ । ଜଳେଶ୍ୱର (ମେଦନୀପୁର ସମେତ), ୨ । ଭଦ୍ରଖ, ୩ । କଟକ, ୪ । ଶିକାକୋଲ, ୫ । ରଜମହେନ୍ଦ୍ରୀ ଦଣ୍ଡପାଟ ବଦଳରେ ପରଗଣା ଓ ମହାଲ ସୃଷ୍ଟି ହେଲା ।

୧୬୮୭ ମସିହାରେ କୁତୁବସାହ ବଂଶର ଶେଷ ଶାସକ ଆବ୍ଦୁଲ ହୋସେନ ଦିଲ୍ଲୀ ବାଦଶାହ ଆଉରଙ୍ଗଜେବଙ୍କ ଦ୍ୱାରା ପରାସ୍ତ ହେଲେ । ଫଳରେ ଶିକାକୋଲ ସରକାର ମୋଗଲ ଶାସନଭୁକ୍ତ ହେଲା । ୧୭୨୫ ମସିହାରେ ହାଇଦରାବାଦ ନିଜାମ ଏହାକୁ ନିଜ ରଜ୍ୟଭୁକ୍ତ କରି ଫଉଜଦାର ଆନଓ୍ୱାର୍ଦି ଖାଁଙ୍କୁ ଶାସକ ନିଯୁକ୍ତ କଲେ । ଇଛାପୁରପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ତାଙ୍କର ଅଧିକାରରେ ରହିଲା ।

## ଫରାସୀ ଓ ଇଂରେଜ ବିବାଦ

ଫରାସୀମାନେ ୧୭୫୩ ମସିହା ନଭେମ୍ବର ମାସରେ ଗଞ୍ଜାମ, ବିଶାଖାପାଟଣା, ଗୋଦାବରୀ ଓ କୃଷ୍ଣା ଚାରି ଜିଲ୍ଲାର ଅଧିକାର ହାଇଦରାବାଦର ନିଜାମ ସଲାବତଜଙ୍ଗଙ୍କ

Digitized by srujanika@gmail.com

ଠାରୁ ପଟାସୂତ୍ରରେ ପାଇଲେ । ବୁସ୍‌ସି ଏହାର ଶାସକ ହେଲେ । ଏ ଗ୍ରରିଜିଲ୍ଲା ଉତ୍ତର ସର୍କାର ନାମରେ ପରିଚିତ ହେଲା । ଏ ମଧ୍ୟରେ ଇଂରେଜମାନେ ଫରାସୀମାନଙ୍କୁ ଯୁଦ୍ଧରେ ପରାସ୍ତ କଲେ ।

## ଓଡ଼ିଶା ଇଂରେଜମାନେ ଦଖଲ କଲେ

୧୭୬୨ ମସିହା ଏପ୍ରିଲ ମାସରେ ଦିଲ୍ଲୀ-ସମ୍ରାଟ ଶାହ ଆଲମଙ୍କ ଫରମାନ ପ୍ରକାରେ ଇଂରେଜମାନେ ସମଗ୍ର ଉତ୍ତର-ସର୍କାର ଦାନରୂପେ ପାଇଗଲେ । ସେମାନେ କ୍ରମଶଃ ସବୁ ରାଜା ଜମିଦାରଙ୍କୁ ପରାସ୍ତ କଲେ ଓ ସେମାନଙ୍କ ମଧ୍ୟରେ ନାନା ବିଭେଦ ସୃଷ୍ଟି କରି ଗଞ୍ଜାମଜିଲ୍ଲା ସମେତ ସମଗ୍ର ଉତ୍ତର ସର୍କାରକୁ ଦଖଲରେ ରଖିଲେ । ଓଡ଼ିଶାର ଦକ୍ଷିଣଭାଗ ଗଜପତି ସାମ୍ରାଜ୍ୟରୁ ବିଚ୍ଛିନ୍ନ ହୋଇଗଲା ।

ଗଞ୍ଜାମ ରାଜାମାନଙ୍କ ମଧ୍ୟରୁ ପାରଳା, ମହୁରୀ, ବିଜୟନଗର (ବଡ଼ଖେମୁଣ୍ଡୀ ଓ ସାନଖେମୁଣ୍ଡୀ) ଘୁମୁସର, ଖଲିକୋଟ, ଆଠଗଡ଼, ବିଶାଖାପାଟଣା ଜିଲ୍ଲାର ଜୟପୁର ମହାରାଜା ପ୍ରବଳ ପ୍ରତିରୋଧ କରିଥିଲେ । ଘୁମୁସର-ପାରଳାଖେମୁଣ୍ଡୀ ତଥା ମହୁରିର ରାଜାମାନେ ଦୀର୍ଘକାଳ ପ୍ରତିରୋଧ ଚଳାଇଥିଲେ । ଇଂରେଜମାନେ ଅଧିକାର କରିବା ସଙ୍ଗେ ସଙ୍ଗେ ତେଲେଙ୍ଗା ବା ମୁସଲମାନମାନଙ୍କୁ କର୍ମଚାରୀରୂପେ ନିଯୁକ୍ତ କଲେ । ଓଡ଼ିଆଙ୍କ ଭାଷା ଓ ସଂସ୍କୃତିଉପରେ ପ୍ରଚଣ୍ଡ ଆକ୍ରମଣ ଚାଲିଲା । ଓଡ଼ିଆ ରାଜା ଓ ଜମିଦାରମାନେ ଇଂରାଜଙ୍କ କର୍ତ୍ତୃତ୍ୱ ମାନି ନ ଥିବା ଓ ସାମୟିକ ଆକ୍ରମଣ କରୁଥିବାହେତୁ ବିରାଗଭାଜନ ହୋଇଥିଲେ । ଇଂରାଜୀ କମ୍ପାନୀ (East India Company) ଏହି ଅଞ୍ଚଳକୁ ମାନ୍ଦ୍ରାଜପ୍ରଦେଶ ଅନ୍ତର୍ଭୁକ୍ତ କଲେ ।

୧୮୦୩ ମସିହା ବେଳକୁ ସମଗ୍ର ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶାରୁ ମେଦିନୀ-ପୁର, ବାଲେଶ୍ୱର ଅଞ୍ଚଳ ଇଂରାଜୀମାନେ ଦଖଲ କରିଗଲେ । ମଧ୍ୟଖଣ୍ଡରେ ମରହଟ୍ଟା-ମାନେ ନାମକୁ ମାତ୍ର ଶାସକ ଥିଲେ । ସେମାନଙ୍କ ମଧ୍ୟରେ ଅନ୍ତର୍ବିବାଦହେତୁ ପ୍ରତିରୋଧ ଶକ୍ତି ଆଦୌ ନ ଥିଲା । ଷାଠିଏ ବର୍ଷ କାଳ ପୁରୀ-କଟକ ସମେତ କେତେକ ଗଡ଼ଜାତକୁ ଅଧିକାରରେ ରଖି ମଧ୍ୟ ସେମାନେ ସୈନ୍ୟ ତଥା ଯୁଦ୍ଧ ସରଞ୍ଜାମରେ ଦୁର୍ବଳ ଥିଲେ । ଦକ୍ଷିଣ ଓଡ଼ିଶାରୁ କର୍ଣ୍ଣେଲ ହାରକୋଟଙ୍କ ଅଧିନାୟକତ୍ୱରେ କମ୍ପାନୀ ଖୋର୍ଦ୍ଧା ଉପରେ ଆକ୍ରମଣ ଚଳାଇଲା । ଖୋର୍ଦ୍ଧା ଓ ନିକଟସ୍ଥ ଅଞ୍ଚଳର ଅଧିବାସୀମାନେ ଇଂରାଜମାନଙ୍କୁ ସହଯୋଗ କଲେ, କାରଣ ମରହଟ୍ଟା ରାଜତ୍ୱରେ ବହୁବ୍ୟକ୍ତି ସୁଖୀ ନ ଥିଲେ ଓ ଇଂରାଜ-ମାନେ କେତେକଙ୍କୁ ମଧ୍ୟ ପ୍ରଲୁବ୍ଧ କରିଦେଲେ ।

Digitized by srujanika@gmail.com

ତା ୧୪-୧୦-୧୮୦୩ ମସିହାରେ ବାରବାଟୀ ଦୁର୍ଗ ଇଂରେଜଙ୍କ ହସ୍ତଗତ ହେଲା । ମରହଟ୍ଟାମାନେ ପ୍ରତିରୋଧ କଲେ, କିନ୍ତୁ ହଟିଗଲେ ।

ଖୋର୍ଦ୍ଧା ରାଜା ମୁକୁନ୍ଦଦେବ ଓ ତାଙ୍କର ଅନୁଚରମାନେ ଇଂରେଜଙ୍କଠାରୁ ବହୁ ଲାଭ ଆଶାରେ ସହଯୋଗ କରିଥିଲେ, କିନ୍ତୁ ପରେ କୌଣସି ଲାଭ ନ ଦେଖି ଇଂରେଜଙ୍କ ପ୍ରତି ବିରାଗଭାବ ପୋଷଣ କଲେ । ସାହେବମାନେ ରାଜାଙ୍କୁ ଓ ତାଙ୍କ ଉପଦେଷ୍ଟା ଜୟ ରାଜଗୁରୁଙ୍କୁ ବହୁତ ଡ଼ରାଇଲେ । ରାଜାଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳିତ ହେବ ବୋଲି ଘୋଷଣା କଲେ ଓ ସବୁ ବିଷୟ ତୁଟାଇବାପାଇଁ ରାଜଗୁରୁଙ୍କୁ ଡ଼କାଇନେଲେ । ଏଣେ ପ୍ରତିଶ୍ରୁତି ଭଙ୍ଗକରି ରାଜା ବ୍ରିଟିଶ ସରକାର ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛନ୍ତି କହି ତାଙ୍କର ସମସ୍ତ ଅଧିକାର କାଟି-ଦେଲେ । ଏପରି କି ଶ୍ରୀ ଜଗନ୍ନାଥଙ୍କ ପୂଜା ଇତ୍ୟାଦିରେ ରାଜାଙ୍କ ନାମ ନ ଧରିବା ଲାଗି ଶ୍ରୀମନ୍ଦିର ପରିଛାଙ୍କୁ ହୁକୁମ ଦେଲେ । ୧୮୦୫ ମସିହା ଜାନୁୟାରୀ ମାସରେ ରାଜାଙ୍କୁ ବନ୍ଦୀ କଲେ ଓ ମେଦିନୀପୁର ଜେଲରେ ରଖିଲେ । ୧୮୦୭ରେ ମୁକୁନ୍ଦଦେବ ସମସ୍ତ ଦୋଷ ରାଜଗୁରୁଙ୍କ ଉପରେ ଲଦିଦେଇ ନିଜେ ମୁକ୍ତ ହେବା ପାଇଁ କ୍ଷମା ମାଗିଲେ । ତାଙ୍କୁ କ୍ଷମା ଦିଆଗଲା । ସେ କିଛି ଭତ୍ତା ଓ ଶ୍ରୀମନ୍ଦିର ପରିଚାଳନା ଭାର ପାଇଲେ । ଜୟ ରାଜଗୁରୁ ନିଜେ ବ୍ରିଟିଶ ବିରୋଧୀ ଓ ରାଜା ନିର୍ଦ୍ଦୋଷ କହି ବୀରୋଚିତ ମୃତ୍ୟୁବରଣ କଲେ ।

ମରହଟ୍ଟା ତଥା ପୁରୀ ରାଜାଙ୍କ ଅଧୀନରେ ଥିବା ସମସ୍ତ ଅଞ୍ଚଳ ବଙ୍ଗପ୍ରଦେଶରେ ସାମିଲ ହୋଇଗଲା । ସମ୍ବଲପୁର ତଥା ନିକଟସ୍ଥ ଗଡ଼ଜାତ ଅଞ୍ଚଳ ମରହଟ୍ଟାଙ୍କଠାରୁ ଛଡ଼ାଇ ନେଇ (ସାଉଥ୍‌ଓ୍ୱେଷ୍ଟ-ଫ୍ରଣ୍ଟିୟର-ଏଜେନ୍‌ସି) ଦକ୍ଷିଣ-ପଶ୍ଚିମ ସୀମାନ୍ତ ଅଞ୍ଚଳ ରୂପେ ବଙ୍ଗ-ପ୍ରଦେଶରେ ମିଶାଇଦେଇ ଛୋଟନାଗପୁର କମିଶନରଙ୍କ ଅଧୀନରେ ରଖାଗଲା । ମାନ୍ଦ୍ରାଜ ପ୍ରଦେଶଭୁକ୍ତ ଓଡ଼ିଆ ଅଞ୍ଚଳରେ ତେଲୁଗୁ, ବଙ୍ଗଳାର ଓଡ଼ିଆ ଅଞ୍ଚଳରେ ବଙ୍ଗଳା ଓ ମଧ୍ୟ-ପ୍ରଦେଶର ଓଡ଼ିଆ ଅଞ୍ଚଳରେ ହିନ୍ଦୀଭାଷା ମାଧ୍ୟମରେ ସବୁକାମ ଚାଲିଲା ।

## ଓଡ଼ିଶା ଡ଼ିଭିଜନରେ ଅଣଓଡ଼ିଆ କର୍ମଚାରୀ

୧୮୦୫ ମସିହାରେ ଓଡ଼ିଶା ଡ଼ିଭିଜନର କୋର୍ଟ-କଚେରି ଆଦି ସରକାରୀ ସିରସ୍ତାର କାର୍ଯ୍ୟ ଓଡ଼ିଆ ଓ ପାର୍ଶି ଭାଷାରେ ଚାଲିଲା । ଯେଉଁ କେତୋଟି ଓଡ଼ିଆ ମୋହରିର କାମରେ ନିଯୁକ୍ତି ପାଇଲେ, ସେମାନେ ହିସାବ ରଖିବାରେ ପାରଙ୍ଗମ ନୁହନ୍ତି ବୋଲି ଅଣଓଡ଼ିଆ କର୍ମଚାରୀମାନେ ପ୍ରଚାର ଚଳାଇଲେ । ଓଡ଼ିଆଭାଷା ବୁଝୁ ନ ଥିବା ସାହେବ-ମାନେ ବଙ୍ଗାଳୀ ମୋହରୀରମାନଙ୍କୁ ବଙ୍ଗଦେଶରୁ ଆଣି ନିଯୁକ୍ତ କଲେ । ଫଳରେ ୧୮୨୩ ମସିହାଯାଏ କୌଣସି ଓଡ଼ିଆ ଦାୟିତ୍ୱସମ୍ପନ୍ନ ପଦରେ ରହି ନ ଥିଲେ । ଓ. ଏସ. ମଲେ ସାହେବ ଏସବୁ ବିଷୟ କଟକଜିଲ୍ଲା ଗେଜେଟିୟରରେ ଦର୍ଶାଇଛନ୍ତି ।

Digitized by srujanika@gmail.com

## ନାମମାତ୍ର ମୂଲ୍ୟରେ ଓଡ଼ିଆ ଜମିଦାରୀ ବିକାହେଲା

ଓଡ଼ିଶା କମିଶନର ୧୮୧୮ ମସିହାରେ ତାଙ୍କ ରିପୋର୍ଟରେ ଲେଖିଛନ୍ତି ଯେ, ବ୍ରିଟିଶ ରାଜତ୍ୱର ୧୫ ବର୍ଷ ପରେ ମଧ୍ୟ ଓଡ଼ିଆଙ୍କର କୌଣସି ଉପକାର ହୋଇନାହିଁ । ସେମାନେ କେବଳ କରଦେଇ ହନ୍ତସନ୍ତ ହେଉଛନ୍ତି । ଜମିଦାରମାନଙ୍କ ଜମିଦାରି ବାକି ରାଜସ୍ୱ ପାଇଁ ନାମମାତ୍ର ମୂଲ୍ୟରେ ନିଲମ ହେଉଛି । ସାଢ଼େ ଚାରିଲକ୍ଷ ଟଙ୍କା ବାର୍ଷିକ ରାଜସ୍ୱ ଦେଉଥିବା ଜମିଦାରି ମୋଟେ ବାରଲକ୍ଷ ଟଙ୍କାରେ ନିଲମ କରଯାଇଛି । କଲେକ୍ଟର ଦର୍ଶାଇଲେ ଯେ ଏ ଶାସନ ଦିନ ଦିପହରେ ଡ଼କେଇତି (Little better than down right robbery) ) ଠାରୁ କମ୍ ନୁହେଁ । ସେ ଲେଖିଥିଲେ ଯେ ଜଣେ ଅଫିସ ମୁନସୀ "ନସୀମୁଦ୍ଦୀନ" ଯେଉଁ ରାଜ୍ୟ ବାର୍ଷିକ ୫୩ ହଜାର ଟଙ୍କା ରାଜସ୍ୱ ଦେଉଥିଲା ତାକୁ ୨୩ ହଜାର ଟଙ୍କାରେ ନିଲମ ନେଇଛନ୍ତି । ଏଭଳି ବେନାମୀ କାରବାର ନ ହେଉଥିଲେ ପ୍ରକାଶ୍ୟ ନିଲମରେ ବହୁତ ଟଙ୍କା ଆଦାୟ ହୁଅନ୍ତା ।

## ପାଇକ—ବିଦ୍ରୋହ

ଇଂରେଜ କମ୍ପାନୀ ଓଡ଼ିଶା ଦଖଲ କରିବା ଅଳ୍ପଦିନ ମଧ୍ୟରେ ଓଡ଼ିଶାରୁ କେଉଁ କେଉଁ ଉପାୟରେ ରାଜସ୍ୱ ଉଠାଇବାକୁ ହେବ ଚିନ୍ତାକଲେ । ସେମାନେ ଦେଖିଲେ ସମଗ୍ର ହିନ୍ଦୁ ଜଗତର ଆରାଧ୍ୟ ଦେବତା ଜଗନ୍ନାଥମନ୍ଦିର ପୁରୀରେ ଅଛି । ଭାରତର ପ୍ରତ୍ୟେକ ଅଞ୍ଚଳରୁ ଯାତ୍ରୀ ଜଗନ୍ନାଥଙ୍କ ଦର୍ଶନପାଇଁ ଆସୁଛନ୍ତି । ଏମାନଙ୍କ ଉପରେ କର ବସାଇ ଦେଲେ ଅକ୍ଲେଶରେ ବହୁତ ଟଙ୍କା ମିଳିଯିବ । ଯାତ୍ରୀଙ୍କ ଉପରେ କର ବସିଲା । ୧୮୦୬ ମସିହାରେ ଆଦାୟ ହେଲା ୧,୧୭,୪୯୦ ଟଙ୍କା । ଶ୍ରୀମନ୍ଦିର ଖର୍ଚ୍ଚପାଇଁ ମୋଟେ ପଚାଶ ହଜାର ଟଙ୍କା ଦେଇ ବାକି ଶତଷଠି ହଜାର ଚାରିଶହ ନବେ ଟଙ୍କା କମ୍ପାନୀ ନେଲା । ୧୮୧୩ ମସିହାରେ ଆଦାୟ ହେଲା ୮୭,୧୫୯ ଟଙ୍କା । ବ୍ୟୟ ବାଦ୍ ଲାଭହେଲା ୩୮,୪୮୫ ଟଙ୍କା । ୧୮୧୫ ମସିହାରେ କର ବାବଦରୁ ଆୟ ହେଲା ୧,୩୫,୬୭୬ ଟଙ୍କା । ଖର୍ଚ୍ଚ ଖୁବ୍ ଅଳ୍ପହେଲା । ଦୂରଯାତ୍ରୀମାନଙ୍କଠାରୁ ନିର୍ଦ୍ଧାରିତ ଶୁଳ୍କ ଅପେକ୍ଷା ଖୁବ୍ ଅଧିକ ଆଦାୟ କରଗଲା । କର୍ମଚାରୀମାନେ ଯାତ୍ରୀଙ୍କୁ ହନ୍ତସନ୍ତ କରି ଆଦାୟ ଧନର ଅଧିକାଂଶ ଭାଗ ଆତ୍ମସାତ୍ କଲେ । ବିଶେଷତଃ ପୃଥିବୀପ୍ରସିଦ୍ଧ ରଥଯାତ୍ରା ଦର୍ଶନ ଲାଗି ଆସୁଥିବା ଅସଂଖ୍ୟ ଯାତ୍ରୀ ଅକଥନୀୟ ଅତ୍ୟାଚାର ଭୋଗକଲେ । ଫଳରେ ଦିନକୁ ଦିନ ଯାତ୍ରୀସଂଖ୍ୟା କମିଗଲା ।

ସରକାର ୧୮୦୭ ମସିହାଠାରୁ ଖୋର୍ଦ୍ଧା ରାଜାଙ୍କୁ ଶ୍ରୀମନ୍ଦିରର ମୁଖ୍ୟ ଅଧିକାରୀ ବୋଲି ଘୋଷଣା କରିଥିଲେହେଁ ସେ ନାମମାତ୍ର ଥିଲେ । ସର୍ବସାଧାରଣଙ୍କ ମନରେ ଏ କଥା ସବୁ ଅଶାନ୍ତି ସୃଷ୍ଟି କରୁଥିଲା ।

Digitized by srujanika@gmail.com

କମ୍ପାନୀ ଶାସନ ଆରମ୍ଭରୁ ଓଡ଼ିଶାରେ ଦୁର୍ଭିକ୍ଷ ଲାଗିରହିଲା । ଅଣଓଡ଼ିଆମାନେ ସବୁକ୍ଷେତ୍ରରେ ଓଡ଼ିଆମାନଙ୍କୁ ଅପମାନିତ କଲେ । ପୁରୁଷାନୁକ୍ରମେ ନିଷ୍କର ଜାଗିରି ଭୋଗ କରୁଥିବା ଲୋକଙ୍କୁ ଉଚ୍ଛେଦ କରାଗଲା । କର୍ମଚାରୀମାନେ ଯେତେ ପାରିଲେ ଖଜଣା ନେଲେ । ରାଜସ୍ୱର ସାମାନ୍ୟ ଅଂଶ ରାଜକୋଷକୁ ଗଲା । ପ୍ରଜାଙ୍କ ଗୁହାରି ଅଣଓଡ଼ିଆ କର୍ମଚାରୀ ବା ସାହେବ କେହି ବୁଝିଲେ ନାହିଁ । ଶାସନରେ ସବୁପ୍ରକାର ଅବ୍ୟବସ୍ଥା ଘଟିଲା । ଅଣ-ଓଡ଼ିଆମାନେ ନାନା କୂଟକୌଶଳ ପ୍ରୟୋଗ କରି ନାମମାତ୍ର ମୂଲ୍ୟରେ ଓଡ଼ିଆଙ୍କ ଜମି-ଦାରୀ ଦଖଲ କଲେ । ସବୁ ଭାବରେ ଅତୃପ୍ତ ଓଡ଼ିଆ ଇଂରେଜୀ ଶାସନ ବଦଳରେ ଗଜପତି ଶାସନ ପୁନର୍ବାର ପ୍ରତିଷ୍ଠିତ ହେବା ଇଚ୍ଛାକଲେ ।

୧୮୧୭ ମସିହାରେ ସମଗ୍ର ଉତ୍ତର-ଗଞ୍ଜାମ ଓ ପୁରୀ ଜିଲ୍ଲାରେ ଦୁର୍ଭିକ୍ଷ ପଡ଼ିଥିଲା । ଘୁମୁସର ରାଜ୍ୟ ରାଜନୀତିକ ଅଶାନ୍ତିରେ ଦଗ୍ଧ ହେଉଥିଲା । ଘୁମୁସର ପ୍ରଜା ଇଂରେଜୀ ଶାସନ ବିରୁଦ୍ଧରେ ଥିଲେ । ସେଠାରୁ ପ୍ରାୟ ଚାରିଶହ କନ୍ଧ ମେଳ ହୋଇ ଲୁଟପାଟ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଅଞ୍ଚଳରେ ପଶିଲେ । ଖୋର୍ଦ୍ଧା ଅଞ୍ଚଳବାସୀ ପୂର୍ବକଥିତ କାରଣ-ମାନଙ୍କ ଲାଗି ବ୍ରିଟିଶ ଶାସନର ଉଚ୍ଛେଦ ଚାହିଁବାବେଳେ ତାଙ୍କୁ ସୁଯୋଗ ମିଳିଲା । ସେମାନେ କନ୍ଧମାନଙ୍କ ସହିତ ସହଯୋଗ କଲେ । ବାଣପୁରରେ ଥିବା ଖଜଣାଖାନା ଲୁଟିହେଲା । ସରକାରୀ କର୍ମଚାରୀ ଡ଼ରିଗଲେ ।

ଖୋର୍ଦ୍ଧା, ପୁରୀ, କୁଜଙ୍ଗ, ବାଣପୁର, ଖଲିକୋଟ, ଆଠଗଡ଼ (ଗଞ୍ଜାମ), ଘୁମୁସର ସବୁଠି ରାଜାମାନଙ୍କଦ୍ୱାରା ପ୍ରତିପାଳିତ ପାଇକମାନେ ମିଶି ସରକାରଙ୍କୁ ବ୍ୟତି-ବ୍ୟସ୍ତ କଲେ । ବକ୍‌ସି ଜଗବନ୍ଧୁ ଓ ଦେୱାନ କୃଷ୍ଣଚନ୍ଦ୍ର ଏ ବିଦ୍ରୋହର ମୁଖ୍ୟ ନେତା ହେଲେ । ବାଣପୁରଠାରୁ ଖୋର୍ଦ୍ଧା ଓ ତନ୍ନିକଟ ଅଞ୍ଚଳ ବିଦ୍ରୋହୀମାନଙ୍କ ଅକ୍ତିଆରରେ ରହିଲା ।

କଟକରୁ ଇଂରେଜ ସେନାଧ୍ୟକ୍ଷ ଲେଫ୍‌ଟନାଣ୍ଟ ପ୍ରାଇଡ଼ ଖୋର୍ଦ୍ଧାକୁ, ଲେ: ଫେରିସ୍ ପିପିଲିକୁ ଓ କପ୍ତାନ ଓ୍ୱେଲିଂଟନ ପୁରୀକୁ ଦଳବଳ ଧରି ଚାଲିଲେ । ଗଙ୍ଗପଡ଼ା ଯୁଦ୍ଧରେ ଫେରିସ୍ ସାହେବ ମଲେ । ପ୍ରାଇଡ଼ ସାହେବ ପ୍ରାଣଭୟରେ କଟକ ପଳାଇଲେ । ପୁରୀରେ ମଧ୍ୟ ବିଦ୍ରୋହୀଙ୍କ ଜୟହେଲା । ସାହେବମାନେ ସବୁଠି ହଟି କଟକରେ ଆଶ୍ରୟ ନେଲେ । ଏସବୁ ମୂଳରେ ରାଜା ମୁକୁନ୍ଦଦେବ ଅଛନ୍ତି ଭାବି କ୍ୟାପଟେନ୍ ଲିଟ୍‌ଲେ ବହୁ ସୈନ୍ୟ ସଙ୍ଗରେ ନେଇ ପୁରୀ ସହରକୁ ଅବରୋଧ କରି ରାଜାଙ୍କୁ ନେଇ ବାରବାଟୀ ଦୁର୍ଗରେ ବନ୍ଦୀ-ରୂପେ ରଖିଲେ ।

କ୍ରମେ କ୍ରମେ ବିଦ୍ରୋହୀ ନେତାମାନେ ହତୋତ୍ସାହ ହୋଇପଡ଼ିଲେ । ଅନେକେ ଆତ୍ମସମର୍ପଣ କଲେ । ଏମାନେ ୧୮୧୯ ମସିହା ଜାନୁୟାରୀ ମାସରେ ଗଭର୍ଣ୍ଣର ଜେନେ-ରାଲଙ୍କ ଆଦେଶରେ କ୍ଷମାପାଇଲେ । ଘୁମୁସର ସହ ସମଗ୍ର ଉତ୍ତର ଗଞ୍ଜାମର ବିଦ୍ରୋହୀ-

Digitized by srujanika@gmail.com

ମାନେ ସାହେବମାନଙ୍କ ସୁହୃଦ୍‌ଭେଦ ନୀତିରେ ତଥା ଆଧୁନିକ ଅସ୍ତ୍ରଶସ୍ତ୍ର ଅଭାବରେ ହାର ମାନିବାକୁ ବାଧ୍ୟ ହେଲେ । ବିଦ୍ରୋହବହ୍ନି ନିର୍ବାପିତ ହେଲା ।

ଏ ବିଦ୍ରୋହରେ ବହୁ ବ୍ୟକ୍ତି ପ୍ରାଣ ହରାଇଲେ । ସରକାର ଅନେକଙ୍କୁ ପ୍ରାଣଦଣ୍ଡ ଦେଲେ । ବକ୍‌ସି ଜଗବନ୍ଧୁ ବାରବାଟୀ ଦୁର୍ଗରେ ବନ୍ଦୀ ହେଲେ, ପରେ ମୁକ୍ତ ହେଲେ ଓ ଭତ୍ତା ପାଇଲେ । ଦେବାନ କୃଷ୍ଣଚନ୍ଦ୍ର ଆତ୍ମସମର୍ପଣ କଲେ । କରୁଣାକର ପରମଗୁରୁ ଦ୍ୱୀପାନ୍ତର ଦଣ୍ଡ ପାଇ କେତେଦିନ ପରେ ମୁକ୍ତିଲାଭ କଲେ । ବହୁ ବିଦ୍ରୋହୀ ଆଲିପୁର ଜେଲରେ ୧୪ ବର୍ଷ ଯାଏ ବନ୍ଦୀଜୀବନ କଟାଇଲେ । କେତେକ ସେଠି ମଲେ । ଶହକରୁ ଅଧିକ ଲୋକ ଦ୍ୱୀପାନ୍ତର ଦଣ୍ଡ ପାଇଲେ । କେତେକ ଆଜୀବନ କାରାଦଣ୍ଡ ଭୋଗକଲେ । ମୁକୁନ୍ଦଦେବ ଜେଲରେ ମରିଗଲେ ।

ବ୍ରିଟିଶ ଶାସନ ବିରୁଦ୍ଧରେ ଏ ହେଲା ପ୍ରଥମ ବିରୋଧ । ଫଳହେଲା ଅଣଓଡ଼ିଆ କର୍ମଚାରୀମାନେ ସରକାରଙ୍କ ବିଶ୍ୱାସପାତ୍ର ହେଲେ ଓ ସ୍ୱାଧୀନପ୍ରେମୀ ଦେଶଭକ୍ତ ଓଡ଼ିଆଙ୍କ ପ୍ରତି ସାହେବମାନଙ୍କ ଭୟ, ଘୃଣା ତଥା ଅବିଶ୍ୱାସ ବୃଦ୍ଧି ପାଇଲା ।

## ମାନ୍ଦ୍ରାଜ ଓଡ଼ିଆଙ୍କ ଦୁର୍ଦ୍ଦଶା

ତେଲୁଗୁ ତଥା ଅନ୍ୟ ଅଣଓଡ଼ିଆ ସୁଦୂର ଦକ୍ଷିଣରୁ ଆସି ଓଡ଼ିଆ–ଅଞ୍ଚଳରେ ସରକାରୀ କର୍ମଚାରୀ ହେଲେ । ଆର୍ଥିକ, ସାମାଜିକ, ସରକାରୀ, ବେସରକାରୀ ସବୁରେ ଓଡ଼ିଆମାନେ ନିର୍ଯାତିତ ଓ ଅପମାନିତ ହୋଇ ଦୁଃଖ ଭୋଗକଲେ । ଗାଁର କରଣ କାର୍ଯ୍ୟଙ୍କ ରେକଡ଼ଠାରୁ ଆରମ୍ଭ କରି ପୋଲିସ ଥାନା ତଥା କୋଟ-କଚେରୀ ସବୁଠି ତେଲୁଗୁ ଭାଷା ଚଳିଲା । ଓଡ଼ିଆ ପିଲେ ବାଧ୍ୟହୋଇ ତେଲୁଗୁ ପଢ଼ିଲେ । କାଁ ଭାଁ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟ ନାମକୁ ଥିଲେହେଁ ଓଡ଼ିଆ ଶିକ୍ଷକ ଅଭାବ ଆଳରେ ତେଲୁଗୁ ଶିକ୍ଷକ ନିଯୁକ୍ତ କରାଗଲା । ଦରଖାସ୍ତ, ଅର୍ଜିସବୁ ତେଲୁଗୁରେ ନ ଲେଖିଲେ କୋଟ କଚେରୀରେ ଗ୍ରହଣ କରାଗଲା ନାହିଁ । ରାଇତଙ୍କୁ ରସିଦ ତେଲୁଗୁରେ ଦିଆଯାଉଥିଲା । କୋଟରୁ ସମନ ତେଲୁଗୁ ଭାଷାରେ ଆସିବାହେତୁ ଓଡ଼ିଆମାନେ ତେଲୁଗୁ ଓକିଲଙ୍କ ପାଖକୁ ନ ଗଲେ ଗତ୍ୟନ୍ତର ନ ଥିଲା । ସେମାନେ ମଧ୍ୟ ବହୁ ଦୂରରୁ ଆସିଥିବା ହେତୁ ଓଡ଼ିଆ ମହକିଲଙ୍କ କଥା ବୁଝି ନ ପାରି ରମା-ଢିମା ଯାହା ଲେଖୁଥିଲେ ସେଥିରେ ନିରାଶ ହେବାକୁ ପଡ଼ୁଥିଲା । ଓଡ଼ିଆ ଠିକଣା ଲେଖା ଚିଠି ମିଳୁ ନ ଥିଲା ।

ଏ ସମସ୍ତ କଥା କ୍ରମଶଃ ବଡ଼ ଅସହ୍ୟ ହେଲା । ରାଜା-ଜମିଦାର ଏପରିକି ଖ୍ରୀଷ୍ଟିୟାନ ପାଦ୍ରିମାନେ ମଧ୍ୟ ଆପତ୍ତି କଲେ ଯେ, ଓଡ଼ିଆରେ ଅର୍ଜି ଗ୍ରହଣ କରାଯାଉ ।

Digitized by srujanika@gmail.com

ଓଡ଼ିଆରେ ରସିଦ ଦିଆଯାଉ । ସରକାରୀ ଆଦେଶ ମଧ୍ୟ ଓଡ଼ିଆରେ ନ ଲେଖାଯିବା-ହେତୁ କାର୍ଯ୍ୟକାରୀ ହେଉ ନ ଥିଲା । ଯେଉଁ ନୋଟିସ ସବୁ ମାନ୍ଦ୍ରାଜ ସରକାର ଗଞ୍ଜାମ-ଗେଜେଟରେ ପ୍ରକାଶ କରୁଥିଲେ ତାହା ଯେପରି ଅସ୍ପଷ୍ଟ, ସେପରି ଅଶୁଦ୍ଧହେତୁ ଅବୋଧ୍ୟ ହେଉଥିଲା ।

ଗଞ୍ଜାମ ଗେଜେଟରେ ପ୍ରକାଶିତ ଓଡ଼ିଆ ନୋଟିସର ଅବିକଳ ନକଲ ଦେଖନ୍ତୁ ––

The Ganjam Gazettee 1859-1860
Ryots wishing to relinquish lands should do so before the 30th April

## ପ୍ରକଟନ ପତ୍ରିକା

ରଇତମାନେ ଆପଣା ପଟ୍ଟାମାନଙ୍କରେ ଲଗିଥିବା ସରକାରୀ ଭୂମି ଆସନ୍ତା ବରଷକୁ ଛାଡ଼ିଦେବାକୁ ତାତ୍ପର୍ଯ୍ୟ ଥିବା ସରିକି ଏପ୍ରେଲ ମାସ ୩୦ ତାରିଖକୁ ଭିତରେ ସେ ଭୂମିମାନଙ୍କ ନମ୍ବର ନାମ ଆପଣାର ତଳେ ଥିବା ସେ ନମ୍ବର ପଗରୁ ବନ୍ଦ ପରିମାଣ ସିସ୍ତୁ ଟଙ୍କା ମଧ୍ୟ ନମୋଦ କରି ଛାଡ଼ପତ୍ର ଲେଖି କରଣ କାର୍ଯିଙ୍କ ସନ୍ତକ ସହିତରେ ତହସିଲ-ଦାରଙ୍କ ଜବାବ ନେବାର ଅଛି । ସଦରକାଳ ଅତିକ୍ରମଣ ହେବା ପକ୍ଷକୁ ସେ ଆସନ୍ତା ବରଷକୁ ଆପଣାର ପଟ୍ଟାଭୂମିମାନଙ୍କୁ ପୂର ସିସ୍ତୁ ଦେଇ ଘେନିମା ପୁଟୀ ରଇତଙ୍କୁ ଛାଡ଼ ହୋଇଯିବ ନାହିଁ ।

ଛାଡ଼ିଦେବା ଭୂମିମାନେ ଅନ୍ୟତ୍ର ରଇତଙ୍କୁ ଦିଆଯିବ । ଫେରେ ଆପଣଙ୍କୁ ଏକା ଦିଆଇବାର ଅଛି ବୋଲି ଲୋଡ଼ିବା ପକ୍ଷକୁ ଅନ୍ୟ ଲୋକଙ୍କ ଦରଖାସ୍ତ ପ୍ରତିକି ଆପଣାର ଦରଖାସ୍ତ ବଳହୀନ ହେବାର ବୋଲି ଜାଣିବାର ଅଛି । ଏ ସଙ୍ଗତି ରଇତ ସମସ୍ତଙ୍କୁ କରଣ କାର୍ଯିମାନେ ଉତ୍ତମ କରି ଜଣାକରି ସେଥିକୁ ଅନୁସରି ଅମଳ ଚଳାଉଥିବାର ଅଛି ।

## ଗଞ୍ଜାମରେ ଭାଷା ଆନ୍ଦୋଳନ

ଗଞ୍ଜାମ ଜିଲାରେ ତେଲେଙ୍ଗା ଭାଷା ପ୍ରଚଳନ ହେବାରେ ଓଡ଼ିଆମାନେ ବିଶେଷ ହଇରାଣ ହେଲେ । ଘୁମୁସର ଓଡ଼ିଆମାନେ ଏ ବିଷୟରେ ପ୍ରଥମେ ଆନ୍ଦୋଳନ ଆରମ୍ଭ କଲେ । ୧୮୭୦ ମସିହା ସେପ୍‌ଟେମ୍ବର ମାସରେ ରସୁଲକୋଣ୍ଡା (ବର୍ତ୍ତମାନ ଭଞ୍ଜନଗର) ଠାରେ ସଭା ହୋଇ ମାନ୍ଦ୍ରାଜ ସରକାର ତଥା ବଡ଼ଲାଟଙ୍କୁ ପ୍ରାର୍ଥନାପତ୍ର ଦିଆଯାଇ ସେଥିରେ ଖଲ୍ଲିକୋଟ, ଆଠଗଡ଼, ବିରୁଳି, ପାଲୁର, ହୁମା, ଗଞ୍ଜା, ଧରାକୋଟ, ସୋରଡ଼ା, କରଡ଼ା, କାଟିଙ୍ଗିଆ, ଗଦାପୁର, ବଡ଼ଗଡ଼, ଶେରଗଡ଼, ସାନଖେମୁଣ୍ଡୀ, ବଡ଼ଖେମୁଣ୍ଡୀ, ଚିକିଟି, ମହୁରି,

Digitized by srujanika@gmail.com

ଜରଡ଼ା, ଜଳନ୍ତର, ସୁରଙ୍ଗି, ବୁଢ଼ାରସିଂହ, ମଞ୍ଜୁଷା, ତରଳା, ଟିକିଲି, ପାରଳା ଜମିଦାରୀମାନଙ୍କରେ ଓଡ଼ିଆ ଭାଷା ଶୀଘ୍ର ପ୍ରଚଳନ କରାଯାଉ ଓ ଓଡ଼ିଆ ଲୋକଙ୍କୁ ସରକାରୀ କାମରେ ନିଯୁକ୍ତ କରାଯାଉ ବୋଲି ଅନୁରୋଧ କରାଗଲା । "ମହରଗ କାଳେ ଗାଈ, ବିପତ୍ତିକାଳେ ଭାଇ" ଡାକ ବଚନାନୁରୂପେ ଉତ୍କଳୀୟ ଭାଇମାନେ ମାନ୍ଦ୍ରାଜସ୍ଥ ହତଭାଗ୍ୟ ଓଡ଼ିଆଙ୍କୁ ରକ୍ଷା କରନ୍ତୁ ବୋଲି ପ୍ରାର୍ଥନା କରାଗଲା । ଏ ସମ୍ବାଦ ଘୁମୁସର ନିବାସୀ ଶ୍ରୀ ଜନାର୍ଦ୍ଦନ ଦାସଙ୍କ ଦ୍ୱାରା ଉତ୍କଳଦୀପିକାରେ ତା ୨୨।୧୦।୧୮୭୦ରେ ପ୍ରକାଶ ପାଇଲା । ସମ୍ପାଦକ ଏ ବିଷୟରେ ସରକାର ତଥା ପ୍ରାକୃତିକ ଓଡ଼ିଶାର ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ମାନ୍ଦ୍ରାଜ ସରକାରଙ୍କ ଆଦେଶ ଅକାମି ହେଲା

ମାନ୍ଦ୍ରାଜ ସରକାର ୧୮୭୨ ମସିହାରେ ଯେଉଁ ଆଦେଶ ପ୍ରକାଶ କଲେ ତାହାର ଭାଷା ଯେପରି ବିକୃତ ସେପରି ଅବୋଧ୍ୟ ଅଟେ । ତାହା ଅବିକଳଭାବେ ଏଠାରେ ଉଦ୍ଧୃତ ହେଲା ।

"ତେଲେଙ୍ଗା ଭାଷାରେ ଲେଖାଇ ଓଡ୍ର ଲୋକେ ଦାଖଲ କରିବା ଅର୍ଜିମାନଙ୍କରେ ଅର୍ଜିଦାରର ତାତ୍ପର୍ଯ୍ୟ ଜଣା କରିବାରେ ହୁଡ଼ିଲା ପରିରେ କେତେକ କଥାର ଦୃଶ୍ୟ ହେଲା । ଅର୍ଜିରେ ଜଣା କରିବାକୁ ଉଦ୍ଦେଶ୍ୟ କରିବା ଭାବ ଫିଟିଯାଇ ତହିଁକି ପ୍ରତ୍ୟକ୍ଷ ବିରୁଦ୍ଧ ହୋଇଥିବା ଭାବ କେତେକ ସଙ୍ଗତିରେ ସମ୍ଭବିଲା । ଓଡ୍ରଭାଷାରେ ଥିବା ଯାବନ୍ତ ଅର୍ଜି କଚେରିମାନଙ୍କରେ ଦାଖଲ କରି ଘେନିବାର ହେଉଅଛି ବୋଲି ଓ ତେଲୁଗୁ ଲେଖା ହୋଇଥିଲେ କୋ ପ୍ରକାର ଶ୍ରଦ୍ଧା କରାଯାଉଅଛି କି ଓଡ୍ରରେ ଲେଖା ହୋଇଥିଲେ ମଧ୍ୟ ତେମନ୍ତ ଏକା ଶ୍ରଦ୍ଧା କରାଯିବ ବୋଲି ସର୍ବସାଧାରଣରେ ଜଣା ହୋଇ ନାହିଁ ।"

ଏଭଳି ଆଦେଶ ଗେଜେଟରେ ରହିଲା, କିନ୍ତୁ କାର୍ଯ୍ୟରେ କିଛି ହେଲା ନାହିଁ । ଓଡ଼ିଆରେ ଲେଖାଥିବା ଦରଖାସ୍ତ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେବା ଦୂରର କଥା ଉତ୍ତର ମଧ୍ୟ ମିଳିଲା ନାହିଁ ।

## ଓଡ଼ିଆ ଅକ୍ଷରରେ କିଛି ନ ଲେଖିବା ପାଇଁ ସରକାରୀ ଆଦେଶ

ତା ୨୯।୭।୧୮୭୩ ମସିହାରେ ବ୍ରହ୍ମପୁର ଜିଲ୍ଲା ପାଠଶାଳାରେ ଉତ୍କଳ ହିତବାଦିନୀ ସମାଜ ଗଠିତ ହେଲା । ଶ୍ରୀ ଉଇଲିୟମ ମହାନ୍ତି ଖାଣ୍ଟି ଓଡ଼ିଆ ମୁଲକ ଗଞ୍ଜାମରେ ତେଲେଙ୍ଗା ଭାଷା ଚଳାଇବା ବିରୁଦ୍ଧରେ କହିଥିଲେ । ତେଲେଙ୍ଗା କର୍ମଚାରୀମାନେ ତ ଜୋର ଜବରଦସ୍ତିରେ ତେଲେଙ୍ଗାରେ ସବୁ କାମ କରାଉଥିଲେ ; ସେଥିରେ ଅଗ୍ନିକୁ ପବନ ସହାୟ ଭଳି

Digitized by srujanika@gmail.com

ମାନ୍ଦ୍ରାଜ ସରକାର ତା ୨୪-୧-୧୮୭୪ ମସିହାରେ ଗଞ୍ଜାମ ଗେଜେଟରେ ପ୍ରକାଶ କଲେ ଯେ, ''ଓଡ଼ିଆମାନେ ଓଡ଼ିଆ ଲିପିରେ କାଗଜପତ୍ର ଦାଖଲ କରିବାରେ ଆପତ୍ତି ନାହିଁ । ମାତ୍ର ସେଥିର ଜବାବ ମିଳିବା ବିଳମ୍ବ ହେବ । ଓଡ଼ିଆ ଭାଷା ତେଲେଙ୍ଗା ଲିପିରେ ବା ଇଂରେଜି ଲିପିରେ ଲେଖିଲେ ବେଗରେ ଜବାବ ମିଳିପାରିବ ।'' ଏହି ଆଦେଶ ବଳରେ ଓଡ଼ିଆରେ ଲେଖିବାକୁ କେହି ସାହସ କଲେ ନାହିଁ ।

ଓଡ଼ିଆଙ୍କ ଏ ଦୁର୍ଦ୍ଦଶା ସରକାରଙ୍କ ଗୋଚରକୁ ଆଣିବା ନିମନ୍ତେ ଶ୍ରୀ ଉଇଲିୟମ ମହାନ୍ତି ସ୍ୱଦେଶୀ ନାମକ ଓଡ଼ିଆ ସାପ୍ତାହିକ ପତ୍ରିକା ୧୮୭୬ ମସିହାରେ ପ୍ରକାଶ କଲେ । ଓଡ଼ିଆ ଗ୍ରାହକ ଖୁବ୍ କମ୍ ହେବା ଫଳରେ ସେ ପତ୍ରିକାଟିକୁ ତ୍ରୈଭାଷିକ (ଓଡ଼ିଆ-ତେଲୁଗୁ-ଇଂରାଜୀ) ରୂପେ ପ୍ରକାଶ କଲେ । ସେ ପୁଣି ୧୮୭୭ ମସିହାରେ ବାର୍ତ୍ତାଲହରୀ ତ୍ରୈଭାଷିକ ପାକ୍ଷିକ ପତ୍ରିକା ପ୍ରକାଶ କଲେ । ଏ ସବୁରେ ଯେଉଁସବୁ ଅଭିଯୋଗ ପ୍ରକାଶ ପାଇଲା ତାହା ପ୍ରବଳ ଅଣଓଡ଼ିଆଙ୍କ ପ୍ରତିବାଦ ଆଗରେ ତିଷ୍ଠି ପାରିଲା ନାହିଁ ।

ଶାସକଗୋଷ୍ଠୀ ଆଗରେ ସବୁ କ୍ଷେତ୍ରରେ ଓଡ଼ିଆମାନଙ୍କୁ ହେୟ ପ୍ରତିପନ୍ନ କରିବାରେ ଦକ୍ଷିଣରୁ ଆସିଥିବା ତେଲେଙ୍ଗାମାନେ ବିଶେଷ ତତ୍ପର ଥିଲେ । ସାହେବମାନେ ବା ବୁଝିବେ କ'ଣ ? ସେମାନେ ତ ତେଲେଙ୍ଗାଙ୍କ ବୁଦ୍ଧିରେ ରାଜ୍ୟ ଚଳାଉଥିଲେ । ଓଡ଼ିଆମାନଙ୍କ ମଧ୍ୟରେ ଭେଦନୀତି ପ୍ରୟୋଗ ବଳରେ ସର୍ବଦା ଭାଗ ଭାଗ କରି ରଖିବାରେ ଅଣଓଡ଼ିଆ-ମାନେ ବହୁ ଅଂଶରେ ସଫଳ ହୋଇଥିଲେ । ଏପରି କି ଯେଉଁ ରାଜା ଜମିଦାରଙ୍କ ଅଧୀନରେ ଏମାନେ ଚାକିରି କରୁଥିଲେ, ସେମାନଙ୍କ ମଧ୍ୟରେ ଯେପରି ମେଳ ନ ରହିବ, ଓଡ଼ିଆ ଭାଷାର ପ୍ରଚଳନ ଯେପରି କମିଯିବ, ତାର ବ୍ୟବସ୍ଥା କରୁଥିଲେ । କ୍ଷମତା-ସୀନ ଅଣଓଡ଼ିଆମାନେ ଶାସକ ସାହେବମାନଙ୍କୁ ଅନବରତ ଓଡ଼ିଆମାନଙ୍କ ବିରୁଦ୍ଧରେ କହିବା ଓ ନାନା କୁତ୍ସିତ ଉପାୟରେ ସେମାନଙ୍କୁ ପ୍ରଭାବିତ କରିବା ଫଳରେ ଓଡ଼ିଆମାନଙ୍କ ପ୍ରତି ଘୃଣାଭାବ ଜାତକରାଇ ପାରିଥିଲେ । ସାହେବମାନେ ଲେଖିଲେ ଯେ, ''ମାନ୍ଦ୍ରାଜର ଅନ୍ୟାନ୍ୟ ଅଧିବାସୀଙ୍କ ତୁଳନାରେ ଓଡ଼ିଆମାନେ ନିର୍ବୁଦ୍ଧିଆ, ଅଳସୁଆ, ଉଦ୍ୟମହୀନ ।'' ତେଲୁଗୁମାନେ ଓଡ଼ିଆଙ୍କ ତୁଳନାରେ ବିଶେଷ ଉଦ୍ୟମଶୀଳ ତଥା କର୍ମଦକ୍ଷ । × × × ପ୍ରାୟ ସମସ୍ତ କିରାଣୀ ତେଲେଙ୍ଗା ।'' ଏ ବିଷୟସବୁ ଗଞ୍ଜାମ ଜିଲ୍ଲା ମାନୁଏଲରେ ଅଛି । ୧୩।

## ତେଲଙ୍ଗା ଜନଗଣନାକାରୀଙ୍କ କାରସାଦ ବଳରେ ଜନଗଣନା

ରିପୋର୍ଟରେ କୁମ୍ଭାର ''କୁମାରି' ଧୋବା, 'ରଜାଲି' ଭାବେ ଚିହ୍ନିତ ହେଲେ । ଶିଷ୍ଟକରଣ ବା ବଡ଼ାଳି କରଣମାନେ ସେମାନଙ୍କର ମାତୃଭାଷା ଓଡ଼ିଆ ଛାଡ଼ି ଦେଇ

---

13 The Uriyas are unintelligent, lazy and unenterprising men as Compared with the other inhabitants of the Madras Presidency. × ×
The Telugus are more enterprising and pushing than the Uriyas. × Most of the Government Clerks are Telugus.
"The Ganjam District manual pp 205 & 206."

Digitized by srujanika@gmail.com

ତେଲୁଗୁ ପଢ଼ିଲେ । କାରଣ, ସେମାନେତ ଓଡ଼ିଆ ଦରଖାସ୍ତ, ଦଲିଲ, ଦସ୍ତାବେଜ ଲେଖି ଜୀବିକା ଚଳାଉଥିଲେ , ତାକୁ ଯେତେବେଳେ ଗ୍ରହଣ କରା ନ ଗଲା, ଏମାନେ ବାଧ୍ୟ ହୋଇ ତେଲେଙ୍ଗା ପଢ଼ିଲେ ଓ ତେଲେଙ୍ଗା ଲେଖି ଜୀବିକା ନିର୍ବାହ କଲେ । ଏମାନଙ୍କର କଥିତ ଭାଷା କ୍ରମଶଃ ଓଡ଼ିଆ-ତେଲୁଗୁ ମିଶ୍ରିତ ଭାଷାରେ ପରିଣତ ହେଲା । ୧୪। ବହୁ ଅନୁନୟ ଓ ପ୍ରତିବାଦ ଫଳରେ ମାନ୍ଦ୍ରାଜ ଶିକ୍ଷା ବିଭାଗର ଡାଇରେକ୍ଟର ବ୍ରହ୍ମପୁରରେ ଚତୁର୍ଥ ଶ୍ରେଣୀଯାଏ ଓଡ଼ିଆ ପଢ଼ାଯାଇପାରେ ବୋଲି ମାନ୍ଦ୍ରାଜ ସରକାରଙ୍କୁ ସୁପାରିଶ କଲେ । 'ମାନ୍ଦ୍ରାଜ ଟାଇମ୍ସ୍' ପତ୍ରିକା ଏଥିରେ ମନ୍ତବ୍ୟ ଦେଲେ ଯେ ତେଲେଙ୍ଗା ଶିକ୍ଷକ ଓଡ଼ିଆ ପଢ଼ାଇବେ । ସେଥିନିମନ୍ତେ ଓଡ଼ିଆ ଶିକ୍ଷକ ଅନାବଶ୍ୟକ । ଫଳରେ କେତେକ ତେଲେଙ୍ଗାଙ୍କୁ ଓଡ଼ିଆ ଶିକ୍ଷକ କାମ ମିଳିଗଲା । ଗଞ୍ଜାମର ଓଡ଼ିଆମାନେ ମାତୃଭାଷାର ଦୁର୍ଗତି ଦେଖି ପ୍ରବଳ ଆନ୍ଦୋଳନ ଚଳାଇଲେ । ୧୮୭୨ ମସିହାଠାରୁ ଓଡ଼ିଆକୁ କଚେରି ଭାଷାରୂପେ ଚଳାଇବାପାଇଁ ସରକାରଙ୍କ ଆଦେଶ ଯେପରି ଅବହେଳିତ ହେଉଅଛି, ସେଥିପ୍ରତି ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଗଲା । ପରିଶେଷରେ ସରକାରୀ ଅଫିସ ତଥା କୋର୍ଟମାନଙ୍କରେ ଓଡ଼ିଆ ଭାଷା ଚଳିବ ବୋଲି ମାନ୍ଦ୍ରାଜ ସରକାର ତା ୧-୮-୧୮୯୦ରେ ଆଦେଶ ଦେଲେ । ଘୁମୁସର ଅଞ୍ଚଳରେ କେବଳ ଓଡ଼ିଆ ଭାଷା ଓ ଜିଲ୍ଲାର ଅନ୍ୟ ଅଞ୍ଚଳମାନଙ୍କରେ ଓଡ଼ିଆ ଓ ତେଲୁଗୁ ଉଭୟ ଭାଷା ଚଳିବା ଆଦେଶରେ ''ନାହିଁ ମାମୁଁଠାରୁ କଣା ମାମୁଁ ଭଲ'' ଭାବି ଓଡ଼ିଆମାନେ କିଞ୍ଚିତ ଆଶ୍ୱାସନା ଲାଭ କଲେ ।

## ଓଡ଼ିଶା ଡିଭିଜନରେ ଓଡ଼ିଆଙ୍କ ନିର୍ଯାତନା

ଏ ସମୟରେ ବଙ୍ଗପ୍ରଦେଶାନ୍ତର୍ଗତ ଓଡ଼ିଶା ଡିଭିଜନର ଓଡ଼ିଆଭାଷୀଙ୍କ ଦର୍ଦ୍ଦଶା କହିଲେ ନ ସରେ । ଓଡ଼ିଶା ଡିଭିଜନ୍ କହିଲେ ପୁରୀ, କଟକ, ବାଲେଶ୍ୱର ତିନୋଟି ଜିଲ୍ଲା ମାତ୍ର । ଆଗରୁ ସରକାର ଏ ତିନି ଜିଲ୍ଲାରେ ଓଡ଼ିଆ ଭାଷା ଚଳିବ ବୋଲି ଆଦେଶ ଦେଇଥିଲେ । କିନ୍ତୁ ଅଣଓଡ଼ିଆ ଅଫିସରମାନଙ୍କୁ ଏ କଥା ବଡ଼ ଅଡୁଆ ହେଲା । ନାନା ଉପାୟରେ ଓଡ଼ିଆଙ୍କୁ ନିର୍ଯାତନା ଦେଇ ଓଡ଼ିଆ ଭାଷାର ପ୍ରଚଳନ ରୋକି ଦିଆଯିବା ଚେଷ୍ଟା ଖୋଦ୍ ଓଡ଼ିଶା ଡିଭିଜନରେ ଯେଉଁଳି ଚାଲିଥିଲା, ତାହା ଯେପରି ବିସ୍ମୟକର, ସେହିଭଳି ମର୍ମନ୍ତୁଦ ।

ମେଦିନୀପୁର, ବାଙ୍କୁଡ଼ା ଅଞ୍ଚଳରେ ଥିବା ଓଡ଼ିଆ ନିଜର ଜାତୀୟତା ପାସୋରି ଦେଇ ବଙ୍ଗାଳୀ ବୋଲି ପରିଚୟ ଦେବାକୁ ବାଧ୍ୟ ହେଲେ । ଓଡ଼ିଆ ଛାଡ଼ି ବଙ୍ଗଳା ପଢ଼ିଲେ । ଫଳରେ ମେଦିନୀପୁରର ପାଞ୍ଚ ଲକ୍ଷରୁ ଅଧିକ ଓଡ଼ିଆ ଦଶ ବର୍ଷ ମଧ୍ୟରେ

---

14 Sisti — Karnamas or Bombali Karnams Origininaly Oriyas × ×× adopted Telugu language when Southern area were lost to Oriyas.
Koraput Gazetteer p 85.

Digitized by srujanika@gmail.com

ଏକ ଲକ୍ଷ ହୋଇଗଲେ । ବୟୋଧିକ ବ୍ୟକ୍ତିମାନେ ଓଡ଼ିଆ ଭଷାର ମଧୁରତା, ସରଳତା ତଥା ସୁନ୍ଦର ଗୋଲ ଲିପିକୁ ପାଶୋରିବା କଷ୍ଟକର ହେଲ । ମହାତ୍ମା ଜଗନ୍ନାଥ ଦାସଙ୍କ ଓଡ଼ିଆ ଭଗବତକୁ ସେମାନେ କିପରି ଛାଡ଼ନ୍ତେ ? ତେଣୁ ବଙ୍ଗଳା ଅକ୍ଷରରେ ଓଡ଼ିଆ ଭଗବତ ଛାପା ହେଲ । ଓଡ଼ିଆଏ ତାକୁ ପଢ଼ିଲେ ।

ଆଗରୁ ଉଲ୍ଲେଖ ଅଛି ଛୋଟନାଗପୁର କମିଶନରଙ୍କ ଅଧୀନରେ ସମ୍ବଲପର ଆଦି ଅଞ୍ଚଳ ରହିଥିଲ । ସେସବୁ ମଧ୍ୟପ୍ରଦେଶରେ ସାମିଲ ହେଲ, କିନ୍ତୁ ସିଂହଭୂମି, ମାନଭୂମି, ବଣେଇ, ଗାଙ୍ଗପୁର, କଟକ କମିଶନରଙ୍କ ଅଧୀନ ହେଲ । ୧୮୬୨ ମସିହାରେ କଳାହାଣ୍ଡି ଓ ବସ୍ତର ରଜ୍ୟକୁ ମଧ୍ୟପ୍ରଦେଶରେ ଯୋଡ଼ା ଗଲ । ମେଦିନୀପର, ବାଙ୍କୁଡ଼ା ଯାହା ସବୁ କଟକ କମିଶନରଙ୍କ ଅଧୀନରେ ଥିଲ, ସେସବୁକୁ ବର୍ଦ୍ଧମାନ କମିଶନରଙ୍କୁ ଦିଆଗଲ । ଓଡ଼ିଆ ଅଞ୍ଚଳ ସବୁ ଥରକୁ ଥର ବିଭିନ୍ନ ପ୍ରଦେଶ ତଥା କମିଶନରି ମଧ୍ୟରେ ଯୋଡ଼ିବା ଫଳରେ ଓଡ଼ିଆଙ୍କ ଏକତା ଭଙ୍ଗି ଦିଆଗଲ । ଭଷା ଲେପ ହେଲ ଓ ସଂସ୍କୃତି ଉପରେ ପ୍ରଚଣ୍ଡ ଆକ୍ରମଣ ଗ୍ଲଲିଲ । ସବୁ ପ୍ରଦେଶରେ ତଥା କମିଶନରୀରେ ଓଡ଼ିଆ ଯେପରି ସଂଖ୍ୟାନ୍ୟୁନ ହେବେ ତାର ଉପାୟ ସୁଚିନ୍ତିତ ଭବେ କରଗଲ ।

ଏ ତ ଗଲ ମିଶ୍ରିତ ଭଷାଭଷୀ ଜିଲ୍ଲ କଥା । ପୁରୀ, କଟକ, ବାଲେଶ୍ୱର ଭଳି ଖାଣ୍ଟି ଓଡ଼ିଆଭଷୀ ଅଞ୍ଚଳର ଘଟଣା ମେଦିନୀପୁରଠାରୁ ବଳିପଡ଼ିଲ ।

୧୮୩୭ ମସିହାରେ ବୋର୍ଡ-ଅପ୍ ରେଭେନ୍ୟୁର କମିଶନର ହେଲେ ରିକେଟସ୍ ସାହେବ । ସେ ଓଡ଼ିଆଙ୍କ ଦୁର୍ଦ୍ଦଶା ଚିନ୍ତା କରି ଏ ଅଞ୍ଚଳରେ ଓଡ଼ିଆ ବିଦ୍ୟାଳୟ ସ୍ଥାପନ ଦ୍ୱାର ଓଡ଼ିଆ ଭଷାକୁ ରକ୍ଷା କରିବା ପାଇଁ ରିପୋର୍ଟ ଦେଇଥିଲେ । କିନ୍ତୁ ୧୮୪୧ ମସିହାରେ କଟକ ରେଭେନ୍ୟୁ ବୋର୍ଡ଼ ସରକାରଙ୍କୁ ରିପୋର୍ଟ ଦେଲେ ଯେ—ଓଡ଼ିଶା ଡିଭିଜନର କୋର୍ଟ କଚେରିରୁ ଓଡ଼ିଆ ଭଷା ଉଠାଇ ଦେଇ ବଙ୍ଗଳା ଚଳାଇବା ଉଚିତ । କାରଣ କୋର୍ଟରେ ଶତକର ପଞ୍ଚାନବେ ବଙ୍ଗାଳୀ କର୍ମଗ୍ଲରୀ, ସେମାନେ ଓଡ଼ିଆ ଶିଖିପାରିବେ ନାହିଁ । ଓଡ଼ିଆ-ମାନେ ବଙ୍ଗଳା ବଝନ୍ତି ଓ ବଙ୍ଗଳା ଭଳି ଉନ୍ନତ ଭଷା ପଢ଼ିବା ସେମାନଙ୍କ ପକ୍ଷରେ ଭଲ ହେବ । 'ମିଲସ' ସାହେବ ଓଡ଼ିଶା ଡିଭିଜନର କମିଶନର ଥିଲେ । ସେ ଜଣେ ବୁଦ୍ଧିମାନ ଲେକ । ଖାଣ୍ଟି ଓଡ଼ିଆ ଅଞ୍ଚଳରେ ବଙ୍ଗ ଭଷା ଚଳାଇବା ପଛରେ ଷଡ଼ଯନ୍ତ୍ର ଥିବା ଜାଣି ସେ ପ୍ରସ୍ତାବର ବିରୋଧ କଲେ । ଫଳରେ କଟକ ଓ ବର୍ଦ୍ଧମାନ କମିଶନରୀ ଅଫିସରେ ଓଡ଼ିଆ ଭଷା ଚଳିଲ ।

୧୮୩୮ ମସିହା ଯାଏଁ ଖ୍ରୀଷ୍ଟାନ ମିଶନାରୀମାନଙ୍କ ଦ୍ୱାର ପରିଚାଳିତ ଦୁଇ ତିନୋଟି ବିଦ୍ୟାଳୟ ଓଡ଼ିଶା ଡିଭିଜନରେ ଥିଲ । ଐତିହାସିକ ହଣ୍ଟର ସାହେବ ଲେଖିଛନ୍ତି ''କାଁ ଭାଁ କେଉଁଠି ଧନୀ ଜମିଦାରଙ୍କ ଗୃହରେ ପଣ୍ଡିତମାନେ କେତୋଟି ପିଲାଙ୍କୁ ଜୁଟାଇ ସଂସ୍କୃତ

Digitized by srujanika@gmail.com

କିଛି ପଢ଼ାଉଥିଲେ । ବଡ଼ ବଡ଼ ଗାଁମାନଙ୍କରେ ବରଗଛ ମୂଳେ ଚଟଶାଳୀ ନାମକୁମାତ୍ର ଥିଲା । ପିଲାଏ ତଳେ ବସି ମାଟି ଉପରେ ଖଡ଼ିରେ ଲେଖୁଥିଲେ ।

ବଙ୍ଗ ସରକାର ତ ଓଡ଼ିଶାରେ ବିଦ୍ୟାଳୟ ସ୍ଥାପନ ପାଇଁ ପରାଙ୍ମୁଖ ଥିଲେ—ତା ସହିତ ଓଡ଼ିଆମାନଙ୍କ ଧାରଣା ଥିଲା ଯେ—ମିଶନାରୀ ବା ସରକାରୀ ବିଦ୍ୟାଳୟରେ ପାଠ ପଢ଼ିଲେ ପିଲା ଖ୍ରୀଷ୍ଟାନ ହୋଇଯିବେ । ତେଣୁ ଇଂରାଜୀ ପାଠ ପ୍ରତି ବହୁ ଦିନ ଯାଏ ଓଡ଼ିଶାବାସୀ ବିମୁଖ ରହିବା ଫଳରେ ଅଣଓଡ଼ିଆମାନେ ନାମ ମାତ୍ର ଶିକ୍ଷା ପାଇ "ଏରଣ୍ଡୋଽପିଦ୍ରୁମାୟତେ" ନୀତିରେ ଏ ରାଜ୍ୟରେ ବଡ଼ ବୋଲାଇଲେ । ଓଡ଼ିଆମାନଙ୍କ ଏ ଧାରଣା କେତେକାଂଶରେ ସତ୍ୟ ଥିଲା । ମିଶନାରୀମାନଙ୍କ ଉଦ୍ଦେଶ୍ୟ ଥିଲା ଶିକ୍ଷା ନାମରେ ଦେଶଟାକୁ ଖ୍ରୀଷ୍ଟାନ ଧର୍ମରେ ଦୀକ୍ଷିତ କରାଇବେ । ଏଥିରେ ସେମାନେ ପ୍ରଥମ ସ୍ତରରେ ବିଶେଷ ସଫଳତା ଅର୍ଜନ କରିଥିଲେ । ଅନବରତ ହିନ୍ଦୁଧର୍ମ ବିରୋଧରେ ପ୍ରଚାର କରି ଓ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହେଲେ ସବୁ ପ୍ରକାର ଲାଭ ମିଳିବା ପ୍ରଲୋଭନଦ୍ୱାରା ଅନେକ ଯୁବକଙ୍କୁ ଖ୍ରୀଷ୍ଟଧର୍ମକୁ ଟାଣି ନେଇଥିଲେ । ୧୮୩୫ ମସିହାରେ ପୁରୀଠାରେ ଯେଉଁ ଇଂରାଜୀ ସ୍କୁଲ ବସିଥିଲା ତାହା ପାଞ୍ଚ ବର୍ଷ କଷ୍ଟେମଷ୍ଟେ ଚଳି ବନ୍ଦ ହୋଇଗଲା । ପୁରୀର ଶିକ୍ଷିତସମାଜ ଏ ଧର୍ମବିରୋଧୀ ବିଦ୍ୟାଳୟରେ ତାଙ୍କ ପିଲାଙ୍କୁ ପଢ଼ାଇବାରେ ବିମୁଖ ହୋଇଉଠିଲେ ।

ଏ ଯେଉଁ ନୂତନ ଶିକ୍ଷା ଦିଆଗଲା ଏହାର ଫଳାଫଳ ଉଲ୍ଲେଖ କରି ବହୁ ଇଂରେଜ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ଯେ—ଇଂରାଜୀ ପାଠ ପଢ଼ାଇ ଆମେ ଏ ଦେଶ ଲୋକଙ୍କୁ ଖାଦ୍ୟ, ବେଶଭୂଷା ଓ ମନୋଭାବରେ ପୁରା ଇଂରାଜୀ କରିଦେବୁ—ସେମାନଙ୍କର ଏ ଅହଙ୍କାର ଆଂଶିକ ଭାବେ ସଫଳ ହେଲେ ହେଁ, ସ୍ଥାୟୀ ପ୍ରଭାବ ରଖିପାରି ନାହିଁ । ପକ୍ଷାନ୍ତରରେ ଅନ୍ୟ କେତେକ ବାସ୍ତବବାଦୀ ଇଂରାଜ କହିଛନ୍ତି ଯେ, "ଏ ଶିକ୍ଷା ଦେଶରେ ଏକତା ଆଣିବାରେ ସାହାଯ୍ୟ କରିଛି ଓ ସଙ୍ଗେ ସଙ୍ଗେ ଧର୍ମାନ୍ତର ଗ୍ରହଣରେ ମଧ୍ୟ ପ୍ରଲୁବ୍ଧ କରିଅଛି ।" ସାର ହେନେରି ଜନ୍ ଷ୍ଟେଡ୍‌ମେନ୍ କଟନ ତାଙ୍କର New India ଗ୍ରନ୍ଥରେ ଲେଖିଛନ୍ତି—

The Government is perhaps, open to reproach for using power unduly advance christianity when it Supports to Bishops, archdeacons, and a considerable staff of Anglican and prebyterian Chaplains out of revenue almost wholly raised from Hindoos and Mahomedans. There are cases in which high officials have injudiciously identified themselves with the promotion and propaganda of their Christian creed. × × × × P. 225

The spread of education has enabled the people to bind together with more cohesion and unity against a form of proselytion they so

Digitized by srujanika@gmail.com

much dislike and confesious to christianity, otherwise than among the very lowest classes of the people, who are attracted to Christianity because it raises their position × × × During my long residence in India, I can scarcely recall the Conversion of a respectable Indian gentleman to Christianity. P. 231.

ଏହାର ଭବାର୍ଥ ହେଲ, ''ସରକାରଙ୍କୁ ସର୍ବସାଧାରଣ ନିନ୍ଦା କରିବା ପାଇଁ କାରଣ ହେଲ ଯେ, ସେ ଖ୍ରୀଷ୍ଟିୟାନ ଧର୍ମ ପ୍ରଗ୍ବର ପାଇଁ ଖ୍ରୀଷ୍ଟଧର୍ମ ପ୍ରଗ୍ବରକ ଓ ସମର୍ଥକମାନଙ୍କୁ ନିଜ ଶକ୍ତି ବିନିଯୋଗ କରି ସାହାଯ୍ୟ କରୁଛନ୍ତି । ହିନ୍ଦୁ ଓ ମୁସଲମାନମାନଙ୍କଠାରୁ ଅସୁଲ ହେଉଥିବା ରାଜସ୍ୱ ଖ୍ରୀଷ୍ଟଧର୍ମ ପ୍ରଗ୍ବରରେ ଲଗୁଛି । ପ୍ରମାଣ ମିଳୁଛି, ସରକାରଙ୍କ ଉଚ୍ଚପଦସ୍ଥ ଖ୍ରୀଷ୍ଟିୟାନ କର୍ମଗ୍ବରୀମାନେ ଅନ୍ୟାୟ ଆଚରଣ କରି ଖ୍ରୀଷ୍ଟୀୟ ସଂପ୍ରଦାୟର କର୍ମୋନ୍ନତି ଓ ଖ୍ରୀଷ୍ଟଧର୍ମ ପ୍ରଗ୍ବରରେ ସାହାଯ୍ୟ କରୁଛନ୍ତି....

× × × ×

ଶିକ୍ଷାର ପ୍ରସାର ଲେକଙ୍କୁ ଏକତା ସୂତ୍ରରେ ବାନ୍ଧିପାରୁଛି ଓ ସେମାନେ ଖ୍ରୀଷ୍ଟ-ଧର୍ମରେ ଦୀକ୍ଷିତ ହେବାକୁ ଘୃଣା କରୁଛନ୍ତି । କେବଳ କେତେକ ନିମ୍ନଜାତିର ବ୍ୟକ୍ତିଙ୍କୁ ଏ ଧର୍ମ ଆକୃଷ୍ଟ କରୁଛି । କାରଣ ଏହା ଫଳରେ ସେମାନଙ୍କର ଅବସ୍ଥାରେ ଉନ୍ନତି ଘଟୁଛି । ମୁଁ ଦୀର୍ଘକାଳ ଭରତବର୍ଷରେ ଥିଲି । ମୁଁ ମନେ ପକାଇ ପାରୁ ନାହିଁ ଯେ, ଜଣେ କେହି ପଦସ୍ଥ ଭରତୀୟ ଭଦ୍ରଲେକ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଛନ୍ତି । ''ଦି' ଓ୍ୱାର୍ଲ୍ଡ଼ ଅଫ୍ ଟୁ ଡ଼େ'' ଇଂରଜୀ ଗ୍ରନ୍ଥରେ ଭରତବର୍ଷ ସମ୍ପର୍କୀୟ ଆଲେଚନାରେ ଲେଖାଯାଇଛି—

"Protestant missionaries labour on against all discouragements, but in most cases they are fair to confess that they must sow their seeds in the indirect way of education, through which it is hoped eventually to influence the natives who attend their schools without any pretence of listening to their doctrines.

"The world of To-day by A. R. Hope Moncriff Vol. I P. 182

ସାରାର୍ଥ ହେଲ ପ୍ରୋଟେଷ୍ଟାଣ୍ଟ ମିଶିନାରୀମାନେ ବହୁ ବାଧାବିଘ୍ନ ମଧ୍ୟରେ ଧର୍ମ ପ୍ରଗ୍ବର ଚଳାଇଛନ୍ତି କିନ୍ତୁ ଅଧିକାଂଶ ସ୍ଥଳରେ ଅନନ୍ୟଗତିକ ହୋଇ ସ୍ୱୀକାର କରିଛନ୍ତି ଯେ, ସେମାନେ ଶିକ୍ଷାଦ୍ୱାର ହିଁ ଖ୍ରୀଷ୍ଟଧର୍ମ ବୀଜବପନ କରିବାକୁ କ୍ଷେତ୍ର ପାଉଛନ୍ତି । ସେମାନଙ୍କ ଆଶା ଯେଉଁ ଭରତୀୟ ଛାତ୍ରମାନେ ଏହି ଶିକ୍ଷା ପାଇବେ ସେମାନେ ତାଙ୍କ କଥାରେ ଭୁଲିଯାଇ ଖ୍ରୀଷ୍ଟିୟାନ ହେବେ ।

## ଓଡ଼ିଆରେ ପାଠ୍ୟ ବହିର ଅଭ୍ବବ

୧୮୪୦ ମସିହାରେ ଓଡ଼ିଆ ପାଠ୍ୟନିର୍ଘଣ୍ଟରେ ଥିଲ ନୀତିକଥା, ଲିଖନ, ହିସାବ, ଇଂରଜୀ-ଓଡ଼ିଆରେ ପ୍ରକୃତି ପାଠ; କିନ୍ତୁ ଏ ବିଷୟରେ ପାଠ୍ୟ ବହି ନ ଥିଲ । ୧୮୪୧

Digitized by srujanika@gmail.com

ମସିହାରେ ପଣ୍ଡିତ ବିଶ୍ୱମ୍ଭର ବିଦ୍ୟାଭୂଷଣଙ୍କ ଓଡ଼ିଆ ବ୍ୟାକରଣ ପ୍ରକାଶ ପାଇଲା । ବଙ୍ଗଳା ଶିକ୍ଷା କମିଟି ସଭର ୧୮୪୨ ମସିହା ବୈଠକରେ ଡାକ୍ତର ଇଟସ୍ ସାହେବ ମତ ଦେଲେ ଯେ ଆଗେ ଇଂରଜୀରେ ପାଠ୍ୟ ବହି ସ୍ଥିର କରଯାଉ । ପରେ ସେଗୁଡ଼ିକୁ ଆଞ୍ଚଳିକ ଭଷାରେ ଅନୁବାଦ କରଯାଇ ସ୍କୁଲମାନଙ୍କରେ ପଢ଼ାଯିବ ।

ଯାଜପୁର ନିବାସୀ ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାର ଓଡ଼ିଆରେ ବତ୍ରିଶ ସିଂହାସନ ହିତୋପଦେଶ ଆଦି ଲେଖିଥିଲେ । ତାଙ୍କର ଶେଷ ରଚନା ପ୍ରବୋଧ ଚନ୍ଦ୍ରିକା ତାଙ୍କ ମୃତ୍ୟୁର ବହୁ କାଳ ପରେ ପ୍ରକାଶିତ ହେଲା । ମୃତ୍ୟୁଞ୍ଜୟ ସଂସ୍କୃତ, ଓଡ଼ିଆ ଓ ବଙ୍ଗଳା ଭଷାରେ ପଣ୍ଡିତ ଥିଲେ । ସେ ୧୮୦୦ ଖ୍ରୀଷ୍ଟାବ୍ଦରେ କଲିକତାସ୍ଥ ଫୋର୍ଟ ଉଇଲିୟମ କଲେଜରେ ପ୍ରାଚ୍ୟ ବିଦ୍ୟା ଅଧ୍ୟାପକ ଥିଲେ । ବଙ୍ଗାଳୀମାନେ ତାଙ୍କ ଓଡ଼ିଆ ବହିଗୁଡ଼ିକୁ ଓଡ଼ିଶାରେ ଚଳାଇବାର ପକ୍ଷପାତୀ ନ ଥିଲେ ଓ ଓଡ଼ିଆ ବୋଲି ତାଙ୍କ ପ୍ରତି ସୁନଜର ଦେଉ ନ ଥିଲେ । ତାଙ୍କର ଜନ୍ମ ୧୭୬୨ ବା ୧୭୬୩ ଖ୍ରୀଷ୍ଟାବ୍ଦ ହେବା ସମ୍ଭବ ।

୧୮୪୨ ମସିହାରେ ଖ୍ରୀଷ୍ଟାନ୍ ମିଶନାରିମାନେ ଓଡ଼ିଆରେ 'ବାଇବେଲ୍' ଛପାଇ-ଥିଲେ । ତାର ଭଷା ବିକୃତ ତଥା ଅବୋଧ୍ୟ ଥିଲା । ତାପରେ ସେହିମାନେ ପାଠ୍ୟ ବହି ଛାପିଲେ । ୧୮୫୮ ମସିହାରେ ରେଭରେଣ୍ଡ ଏ ସଟନ୍ ସାହେବ (Rev. A. Sutton )ଙ୍କ ଦ୍ୱାର କଟକସ୍ଥ ଓଡ଼ିଶା ମିଶନ ପ୍ରେସରୁ ''ପଦାର୍ଥ ବିଦ୍ୟାସାର'' ( Elements of Natural Philosophy ) ପୁସ୍ତକର ପ୍ରଥମ ତଥା ଦ୍ୱିତୀୟ ଭଗ ପ୍ରକାଶ ପାଇଲା । ତାହାର ଭଷା ଯେପରି ବିକୃତ ସେପରି ଅର୍ଥଶୂନ୍ୟ (ପୁସ୍ତକର ଉଦ୍ଧୃତାଂଶ ଦେଖନ୍ତୁ) ''ଏକ ଉଦାହରଣ କହିବା, ବିଗ୍ରର କର ବଡ଼ ପୁଖରୀର ମଧ୍ୟରେ ଗୋଟାଯେ ମାଠିଆ ଥାଯେ । ସେ ମାଠିଆ ଉପରେ ଗୋଟିଏ ପିମ୍ପୁଡ଼ି ବସଇ । ପବନ ବହିବାରୁ ସେ ମାଠିଆ ବେଗ ବେଗ ବୁଲିଲେ ଯେବେ ସେ ପିମ୍ପୁଡ଼ି ବୋଲଇ ଆହା ଗଛ, ଘର, ପଶୁ, ମନୁଷ୍ୟ, ଆକାଶ, ସୂର୍ଯ୍ୟାଦି କେମନ୍ତ ଆମ୍ଭଙ୍କୁ ଘେରନ୍ତି ତେବେ କି ସେ ପିମ୍ପୁଡ଼ିକୁ ଅତି ଅବୋଧ ନ ବୋଲିବା ? ଅବଶ୍ୟ ବୋଲିବା ଯେ ପ୍ରକାରେ ଭୂଗୋଳ ଘୁରିବାର ସକାଶୁଁ ସୂର୍ଯ୍ୟ ଗ୍ରହାଦି ଆମ୍ଭମାନଙ୍କର ସୋରିଷ ବୁଲ ସ୍ୱରୂପ ପୃଥିବୀକୁ ଘେରନ୍ତି । ଏହି କଥା ଜ୍ଞାନ କରିବାର ଆମ୍ଭମାନଙ୍କର ଅତି ଅସଙ୍ଗତ ବିଷୟ ।'' (୭୬ ଓ ୭୭ ପୃଷ୍ଠା)

× × × ×

ସେ ସେମାନଙ୍କ ମଧ୍ୟରେ ସୂର୍ଯ୍ୟର ଆବାସ ରଖିଛନ୍ତି । ସେ ଆପଣା କୋଠାରୁ ଆସନ୍ତା ବରର ତୁଲ୍ୟ ବାହାରଇ ପୁଣି ବଳବନ୍ତ ପରୁଷ ପରି ଆପଣା ପଥେ ଧାଇଁବାକୁ ଆହ୍ଲାଦ ହୁଅଇ ! ସେ ଆକାଶର ଏକ ସୀମାରୁ ବାହାରଇ ଆନ ସୀମା ପର୍ଯ୍ୟନ୍ତେ ବଲିକରି ଗ୍ଲଇ । ତାହାର ତେଜର କୌଣସି ବସ୍ତୁ ବର୍ଜିତ ନୁହଇ । (୧୧୦ ପୃଷ୍ଠା)

ଆଗରୁ ସେହି ସଟନ ସାହେବ ୧୮୪୪ ମସିହାରେ ଓଡ଼ିଆ ଅଭିଧାନ ଓ ୧୮୪୬ ମସିହାରେ ଓଡ଼ିଶାର ଇତିହାସ, ୧୮୫୨ ମସିହାରେ ନୀତି କଥା ପ୍ରକାଶ କରିଥିଲେ ।

Digitized by srujanika@gmail.com

ଯାହା ହେଉ ଭଷା ବିକୃତ ହେଲେ ମଧ୍ୟ ମିଶନାରିମାନଙ୍କ ପରିଗ୍ଳିତ କଟକ ମିଶନ ପ୍ରେସ ଓଡ଼ିଆ ବହି ପ୍ରକାଶ କରି ବହୁ ଉପକାର ସାଧନ କରିଛନ୍ତି, ମିଶନ ପ୍ରେସ ୧୮୩୭ ମସିହାରେ ପ୍ରତିଷ୍ଠିତ ହୋଇଥିଲା ।

ଏହି ସଟନ ସାହେବଙ୍କ ଓଡ଼ିଆ ବହି ପ୍ରକାଶ ଶ୍ରମକୁ ଇନ୍‌ସପେକ୍‌ଟର ଡା: ହୋର ବିଶେଷ ପ୍ରଶଂସା କରିଛନ୍ତି ଓ ଲିଖିତ ଭଷା ରୂପେ ଓଡ଼ିଆ ଭଷାକୁ ପ୍ରତିଷ୍ଠା କରିବାରେ ସେ କର୍ତ୍ତା ବୋଲି କହିଛନ୍ତି । ଏ ମଧ୍ୟରେ କଟକ ଜିଲ୍ କଲେକ୍‌ଟର ବାଉରିଙ୍ଗ ସାହେବ ୧୮୪୮-୪୯ ମସିହା ରିପୋର୍ଟରେ ଓଡ଼ିଆଙ୍କ ବିରୁଦ୍ଧରେ ଯାହା ସବୁ ଲେଖିଲେ ତାହା ତାଙ୍କର ଅନଭିଜ୍ଞତାର ପରିଚୟ ଦିଏ । ତାଙ୍କ ସୁପାରିଶର ସାର ମର୍ମ ହେଲା ଓଡ଼ିଆ ସ୍ୱତନ୍ତ୍ର ଭଷା ନୁହେ ବଙ୍ଗଳାର ବିକୃତି ମାତ୍ର । ଏପରି କି ଓଡ଼ିଆ ଅକ୍ଷର ଯାହା ଲେଖାଯାଏ ଅବୋଧ୍ୟ । ତେଣୁ କେବେହେଲେ ସାମାନ୍ୟ କେତେ ଲକ୍ଷ ଲୋକ କହୁଥିବା ଭଷାକୁ ବ୍ରିଟିଶ ଅଧିକୃତ ଏ ରାଜ୍ୟରେ ଚଳାଯାଇ ନ ପାରେ । ଏ ଭଷାର ସ୍ୱତନ୍ତ୍ର ଅସ୍ତିତ୍ୱ ନ ଥିବା ଦୃଷ୍ଟିରୁ ବଙ୍ଗଳା ଏ ରାଜ୍ୟରେ ଚଳାଇବା ଉଚିତ । ଏମାନେ ବଙ୍ଗଳା ଭଷା ଅଳ୍ପ ସମୟରେ ଶିଖିଯିବେ । ୧୫। ଏ ଯୁକ୍ତିର ଖଣ୍ଡନ କରି ଇନ୍‌ସପେକ୍‌ଟର ଡକ୍‌ଟର ଇ: ହୋର ଲେଖିଲେ ଯେ, ଓଡ଼ିଆ ବଙ୍ଗଳା ଭଷାର ଗୋଟିଏ ବୋଲି ନୁହେଁ । ଏ ଭଷା ସ୍ୱତନ୍ତ୍ର । ଏହାର ବ୍ୟାକରଣ ଅଛି । ପୁରାଣମାନଙ୍କର ଓଡ଼ିଆ ଅନୁବାଦ ସବୁ ପଢ଼ାଯିବା ଉଚିତ ।

ଖୋଦ କଟକ ଜିଲାରେ ଏ ଅବସ୍ଥା ବେଳେ ଓଡ଼ିଶା ଡିଭିଜନର ଅନ୍ୟ ଜିଲାମାନଙ୍କ ଅବସ୍ଥା ସହଜରେ ଅନୁମାନ କରଯାଇପାରେ ।

## ମଧ୍ୟପ୍ରଦେଶ ଓଡ଼ିଆଙ୍କ ଦୁଃଖ

ମଧ୍ୟପ୍ରଦେଶବାସୀ ଓଡ଼ିଆଙ୍କ ଦୁର୍ଦ୍ଦଶା ସବୁଠୁ ବଳି ପଡ଼ିଥିଲା । ଖାଣ୍ଟି ଓଡ଼ିଆ ମୂଳକ ସମ୍ବଲପୁର ଜିଲା ଓ ସନ୍ନିହିତ କେତେକ ଗଡ଼ଜାତ ତଥା ଜମିଦାରୀ ମଧ୍ୟପ୍ରଦେଶରେ ଥାଇ ଯେ ଦୁଃଖ ଭୋଗୁଥିଲେ, ତାହା ତତ୍କାଳୀନ ସାହେବ କର୍ମଚାରୀଙ୍କ ହୃଦୟ ମଧ୍ୟ ତରଳାଇ ଦେଇଥିଲା । ତା ସତ୍ତ୍ୱେ ସେମାନେ ଅଣଓଡ଼ିଆମାନଙ୍କ ପ୍ରଭବରେ ପଡ଼ି ଓଡ଼ିଆଙ୍କ ମିଳନ ତଥା ଦାବୀକୁ ସୁଖି ପାଉ ନ ଥିଲେ । କେପ୍‌ଟନ ବ୍ରୁକ୍ ଓଡ଼ିଆମାନେ ପରସ୍ପର ସଙ୍ଗାତ-ମିତ ବୋଲାଇ ମେଳି ବାନ୍ଧୁଛନ୍ତି ବୋଲି ତା ୨୧-୭-୧୮୭୭ରେ ସରକାରଙ୍କୁ

15 The Oriah of this District what ever it may originally have been is now but a dialect of Bengalee from which it differs Chiefly, in pron unciation and in its written Character. × × It is desirable that the Ooriah should cease to exist as a separate language.. "Report of Collector Cuttack 1848 - 49 "

Digitized by srujanika@gmail.com

ଜଣାଇଥିଲେ । ଓଡ଼ିଆଙ୍କ ମଧ୍ୟରେ ସ୍ନେହ ବନ୍ଧନ ଅକ୍ଷୁର୍ଣ୍ଣ ରଖିବା ପାଇଁ "ମହାପ୍ରସାଦ" ଅମୋଘ ଅସ୍ତ୍ର ଥିଲା । ହିନ୍ଦୀଭାଷୀ ଶିକ୍ଷାବିଭାଗ କର୍ମଚାରୀମାନେ ଓଡ଼ିଆ ବଦଳରେ ହିନ୍ଦୀ ପଢ଼ିବା ପାଇଁ ଆଦେଶ ଦେଲେ । ନିଜର ସରଳ ସୁନ୍ଦର ମାତୃଭାଷା ଓଡ଼ିଆକୁ ଛାଡ଼ିବା ପାଇଁ ଜନସାଧାରଣ ଅମଙ୍ଗ ହେଲେ । ଫଳରେ ଆନ୍ଦୋଳନ ଚାଲିଲା ।

ସରକାର ଓଡ଼ିଆଙ୍କ ଦାବୀ ପ୍ରତି କର୍ଣ୍ଣପାତ କଲେ ନାହିଁ । କଟା ଘା'ରେ ଚୂନ ଦେବା ଭଳି ମଧ୍ୟପ୍ରଦେଶ ଚିଫ୍ କମିଶନର ଉଡ଼ବର୍ଣ୍ଣ ସାହେବ ତା ୧୫-୧-୧୮୯୫ ମସିହାରେ ଆଦେଶ ଜାରି କଲେ ଯେ, "ଓଡ଼ିଆ ଭାଷା କୋର୍ଟ କଚେରିରେ ଆଉ ଚଳିବ ନାହିଁ । ହିନ୍ଦୀ ଭାଷା ହିଁ ସ୍କୁଲମାନଙ୍କରେ ଶିକ୍ଷା ଦିଆଯିବ ।" ଏ ଆଦେଶ ମଧ୍ୟପ୍ରଦେଶସ୍ଥ ବିଶେଷତଃ ସମ୍ବଲପୁର ଜିଲ୍ଲାବାସୀଙ୍କୁ ବଡ଼ ଦୁଃଖପ୍ରଦ ହେଲା । ପ୍ରତିବାଦ ଚାଲିଲା । ଫଳ କିଛି ହେଲା ନାହିଁ ।

## ସମ୍ବଲପୁରରେ ଓଡ଼ିଆ ଭାଷା ଆନ୍ଦୋଳନ

ଦୀର୍ଘ ୫ ବର୍ଷ ଚାଲିଗଲା । ସମ୍ବଲପୁରର ବିଶିଷ୍ଟ ନାଗରିକମାନେ ମଧୁବାବୁଙ୍କ ନିର୍ଦ୍ଦେଶକ୍ରମେ ଏ ଅନ୍ୟାୟ ଆଦେଶ ବିରୁଦ୍ଧରେ ବଡ଼ଲାଟ ( Viceroy)ଙ୍କୁ ଦେଖା କରିବା ସ୍ଥିର କଲେ । ତଦନୁରୂପେ ସେମାନେ ମଧୁବାବୁଙ୍କୁ ଜଣାଇଦେଲେ । ମଧୁବାବୁ ବଡ଼ଲାଟଙ୍କୁ ଚିଠି ଓ ତାରବାର୍ତ୍ତା ପଠାଇ ସମସ୍ତ ଦାବୀ ଆମୂଳଚୂଳ ବର୍ଣ୍ଣନା କଲେ । ବଡ଼ଲାଟଙ୍କ ପ୍ରାଇଭେଟ ସେକ୍ରେଟାରୀ ତାଙ୍କ ଉତ୍ତର ତାରବାର୍ତ୍ତାରେ ଦେଲେ । ସେଥିରେ ଲେଖିଲେ ଆପଣଙ୍କ ଚଳିତ ମାସ ୪ ତାରିଖର ଚିଠି ଓ ସଂପୃକ୍ତ କାଗଜପତ୍ର ମୁଁ ବଡ଼ଲାଟଙ୍କୁ ଦେଖାଇଲି । ଆପଣଙ୍କ କେତେକ ତାରବାର୍ତ୍ତା ମଧ୍ୟ ଦେଖାଇଲି । ଜଣାଗଲା ଶ୍ରୀ ଫ୍ରେଜରଙ୍କୁ ସମ୍ବଲପୁରରେ ଓଡ଼ିଆ ଭାଷା ପ୍ରଚଳନପାଇଁ ଆବେଦନ କରଯାଇଅଛି । ତାଙ୍କଠାରୁ ଭାରତ ସରକାର ରିପୋର୍ଟ ପାଇଲା ପରେ ମହାମାନ୍ୟ ବଡ଼ଲାଟ ସେଥିପ୍ରତି ଧ୍ୟାନ ଦେବେ ।

ବିନୀତ ସମ୍ମାନ ସହ—
ଲରେନସ

ତାରବାର୍ତ୍ତାର ପ୍ରତିଲିପି ହେଲା—

"From W. Lawrence
Private Secretary to Viceroy
To Hon'ble Mr M. S. Das
( Dated Simla the 12th Sept, 1901)

I have shown your letter of the 4th instant and its enclosers to the viceroy. I have also shown some of your telegrams. It is understood that Mr, Fraser has before. him a representation on the subjec

Digitized by srujanika@gmail.com

on the use of Oriya in Sambalpur. When Mr. Freser's report is received by the Government of India, H. E. will go into the matter.

with kind regards.

Lawrence.

ବଡ଼ଲାଟଙ୍କ ତାରବାର୍ତ୍ତା ସମ୍ବଲପୁର ପ୍ରତିନିଧିମାନେ ଜାଣିପାରିଲେ ନାହିଁ । ସେମାନେ ସିମଳାରେ ଉପସ୍ଥିତ ହେଲେ । ଏ ପ୍ରତିନିଧି ଦଳରେ ଥିଲେ ସର୍ବଶ୍ରୀ ମହନ୍ତବିହାରୀ ଦାସ, ବ୍ରଜମୋହନ ପଟ୍ଟନାୟକ, ଶ୍ରୀପତି ମିଶ୍ର, ବଳଭଦ୍ର ସୁପକାର ଓ ମଦନମୋହନ ମିଶ୍ର । ସେତିକିବେଳେ ମଧ୍ୟପ୍ରଦେଶ ଚିଫ୍ ସେକ୍ରେଟାରୀ କ୍ରମ୍ପ ସାହେବ ମଧ୍ୟ ସିମଳାରେ ଥିଲେ । ସେ ପ୍ରତିନିଧିମାନଙ୍କୁ ବଡ଼ଲାଟଙ୍କୁ ଦେଖା ନ କରିବା ପାଇଁ ପରାମର୍ଶ ଦେଲେ । କମିଶନରଙ୍କଠାରୁ ରିପୋର୍ଟ ଆସିବା ଯାଏ ଅପେକ୍ଷା କରିବା ଉଚିତ ବୋଲି ବୁଝାଇ ଦେଲେ । "ସିମଳା ଯାତ୍ରା" ନାମରେ ଶ୍ରୀପତି ମିଶ୍ର ଏହାର ବିସ୍ତୃତ ବିବରଣ ପ୍ରକାଶ କରିଛନ୍ତି । ୧୬

କିଛି ଦିନ ପରେ ଫ୍ରେଜର ସାହେବ ସମ୍ବଲପୁର ପରିଦର୍ଶନରେ ଆସିଲେ । ସମ୍ବଲପୁରଠାରେ ସର୍ବସାଧାରଣ ତାଙ୍କୁ ଯେପରି ସମ୍ବର୍ଦ୍ଧନା ଦେଲେ ସେ ସେଥିରେ ଅଭିଭୂତ ହୋଇଗଲେ । ଓଡ଼ିଆଙ୍କ ଦୁଃଖ ଦୁର୍ଦ୍ଦଶା ତାଙ୍କ ହୃଦୟକୁ ଆଲୋଡ଼ିତ କରିଥିଲା । ଏହା ତାଙ୍କର "ଓ୍ୱିଥ୍ ଦି ରଜାସ୍ ଆଣ୍ଡ ରୟଟସ୍" ( with the Rajas & Royats ) ନାମକ ଇଂରଜୀ ବହି ପଢ଼ିଲେ ଜଣାଯାଏ ।

ତାଙ୍କ ଲେଖାର ସାର ମର୍ମ ଏଠାରେ ଦିଆଗଲା ।୧୭ ।

---

୧୬ ଶ୍ରୀପତି ମିଶ୍ର ୧୮୭୩ ମସିହାରେ ଜନ୍ମହୋଇଥିଲେ । ୧୮୯୨ରେ ସୋନପୁର ଶିକ୍ଷାବିଭାଗରେ କାମ କରି, ଚାକିରି ଛାଡ଼ି ସମ୍ବଲପୁର ଭାଷା ଆନ୍ଦୋଳନରେ ଯୋଗଦେଲେ । ୧୯୦୫ରେ ଉତ୍କଳଦର୍ପଣର ସମ୍ପାଦକ ହେଲେ । ସେ ଗାଙ୍ଗପୁର ରାଜ୍ୟ ତଥା ସମ୍ବଲପୁର ଫ୍ରେଜର ପ୍ରେସରେ କେତେକ ଦିନ କାମ କରିଥିଲେ । ସେମିଷ୍ଟବାଦୀ, ବକ୍ତା, ନିର୍ଭୀକ ତଥା ଦେଶବତ୍ସଳ ଥିଲେ । ତାଙ୍କର ମୃତ୍ୟୁ ୧୯୩୦ ମସିହାରେ ହେଲା ।

17 "The language of that Distr ict ( Sambalpur ) is Uriya. × × The difficulty of administrating it properly is immencse. × × A begining was made in teaching Hindi as the District vernacular in the Village Schools. The revenue and police records were kept in Hindi, and the work of the courts was done in that language. Immediately after these orders were given effect to, showers of petitions came in protesting against the practical abolition of the true language of the people and soon after this I had in the course of my first tour as Chief Commissioner to visit the Sambalpur District. I found that the state of things exceedingly distressing. I found cases of men who had been

Digitized by srujanika@gmail.com

"ସମ୍ବଲପୁର ଜିଲ୍ଲାର ଭାଷା ଓଡ଼ିଆ, ଅନ୍ୟ ଭାଷା ଚଳାଇବା ଫଳରେ ପ୍ରଶାସନଗତ ଅସୁବିଧା ବିଶେଷଭାବେ ଆସୁଅଛି ।

ହିନ୍ଦିକୁ ଗାଁର ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଶିକ୍ଷା ଦିଆଗଲା । ଗ୍ରାମ ରାଜସ୍ୱ ତଥା ପୋଲିସ ରେକର୍ଡ଼ ହିନ୍ଦିରେ ଲେଖାଗଲା । କୋର୍ଟ କଚେରି କାମ ହିନ୍ଦିରେ ଚାଲିଲା । ଏ ସବୁ ଦେଖି ଓଡ଼ିଆମାନେ ବହୁ ପ୍ରତିବାଦପତ୍ର ସରକାରଙ୍କୁ ପଠାଇଲେ । ନିଜର ମାତୃଭାଷାରୁ ତାଙ୍କୁ ବଞ୍ଚିତ କରାଯିବା ସେମାନଙ୍କ ପକ୍ଷରେ ଅସହ୍ୟ ହେଲା । କିଛି ଦିନ ପରେ ମଧ୍ୟପ୍ରଦେଶର କମିଶନର ଭାବେ ମୁଁ ସମ୍ବଲପୁର ଜିଲ୍ଲା ଗସ୍ତରେ ଗଲି । ମୁଁ ଦେଖିଲି ଲୋକଙ୍କ ଅସୁବିଧା ସୀମାଲଙ୍ଘନ କଲାଣି । କୋର୍ଟରୁ ହିନ୍ଦିରେ ସମନ ଯାଇଛି । ଆସାମୀ ତା ଘରଠାରୁ ୪୦ ବା ୫୦ ମାଇଲ ଦୂରସ୍ଥ କୋର୍ଟରେ ହାଜର ହେବ । କିନ୍ତୁ କାରଣ କଣ ସେ ଜାଣିପାରୁ ନାହିଁ । ସେ ତ ହିନ୍ଦି ଜାଣେ ନାହିଁ । ତା ଗାଁରେ ମଧ୍ୟ କେହି ନାହିଁ ଯେ ହିନ୍ଦି ପଢ଼ି ତାକୁ କହିବ । ଯେ ବ୍ୟକ୍ତି ସମନ ଧରି ଯାଇଛି ସେ ନିରକ୍ଷର । ସେ କେବଳ କହୁଛି ଅମୁକ ଦିନ କୋର୍ଟରେ ହାଜର ହେବ । ନ ହେଲେ ଦଣ୍ଡ ପାଇବ । ଓଡ଼ିଆମାନେ ଭୟରେ ଯାଆନ୍ତି । ଅଭିଯୋଗର କାରଣ ବୁଝନ୍ତି । ଆଉ ଗୋଟିଏ ତାରିଖ ମହଲତ ମାଗନ୍ତି । ଦୀର୍ଘ ୫୦ ମାଇଲ

---

summoned to court forty or fifty miles. They could not themselves read the summons nor could they find any one in their village to read it. They were merely told by the illiterate officer that brought it that it necessiated their appearance at the fearful consequences of absenting themselves, they went to the court, and there inquired what it was that was wanted. Then they has to apply for an adjournment to enabie them to bringup their weary Journey that again perhaps fifty miles on foot or in a Country Cart to obtain these or again a man went up to the police station and laid information before the police regarding some offence which it was his duty to report. The report which he gave in Uriya, was taken down in Hindi and read over to him in that language. He was called on to Sign it, without being able to read it for himself or understand it when it was read to him, or again in regard to that which interests the people most, the patwari ( or village accountant ) kept the village records in Hindi. The Cultivator or tennant went to look at the entry, or received the " parcha" ( or paper containing details of his holding ) and found in Hindi, which neither he nor any of his friends could read, and it was of little or no use to him. Again, his children were begining to learn to read Hindi, but they could not read anything to him of all that he had been accostomed to regard as of sacred or pleasant association. He could not affored to teach them two languages; and his old beloved vernacular Oriya is a very pleasant language to hear and to see in writing was lost to him. No wonder that the people were griviously stirred.

Digitized by srujanika@gmail.com

ଅଗମ୍ୟ ରାସ୍ତା ଗ୍ଲି ଗ୍ଲି ବା ଶଗଡ଼ରେ ଫେରନ୍ତି । କାୟକ୍ଳେଶ,ଧନବ୍ୟୟ ସବୁ ଭୋଗ କରନ୍ତି ।

ଓଡ଼ିଆ ଲୋକ ପୋଲିସ ଥାନାକୁ ଯାଇ ତାର ଦୁର୍ଦ୍ଦଶା ଜଣାଇ ଓଡ଼ିଆରେ ଲେଖିଦିଏ । ଅଫିସର ହିନ୍ଦୀଭାଷୀ, ସେ ଯାହା ବୁଝିଲେ ତାଙ୍କ ଭାଷାରେ ଲେଖନ୍ତି ଓ ବାଦୀକୁ ପଢ଼ି ଶୁଣାଇ ଦିଅନ୍ତି । ବାଦୀ କିଛି ନବୁଝି ସନ୍ତକଟିଏ କରିଦିଏ । ଗାଁର ପଟୁଆରୀ ଜମିଜମା ରେକର୍ଡ ହିନ୍ଦୀରେ ଲେଖେ, ଓଡ଼ିଆ ଗ୍ରାମୀକୁ 'ପାର୍ଚା'' ହିନ୍ଦୀରେ ଦିଆଯାଏ । ସେ କିଛି ବୁଝିପାରେ ନାହିଁ । କେହି ତାକୁ ପଢ଼ି ବୁଝାଇବାକୁ ପାଖଆଖରେ ନଥାନ୍ତି । କାର୍ଯ୍ୟତଃ ଏ ପାର୍ଚ୍ଚା କୌଣସି କାମରେ ଲାଗେ ନାହିଁ । ତା ପିଲାମାନେ ବିଦ୍ୟାଳୟରେ ହିନ୍ଦୀ ପଢ଼ିବେ । କିନ୍ତୁ ଓଡ଼ିଆରେ ଲେଖା ଯାଇଥିବା ଧର୍ମଗ୍ରନ୍ଥ ପଢ଼ିପାରିବେ ନାହିଁ । ତା ଘରର କାଗଜପତ୍ର ସେମାନେ ପଢ଼ିବାକୁ ଅକ୍ଷମ । ଏଣେ ଗୃହରେ ଶିକ୍ଷକ ରଖି ଓଡ଼ିଆ ପଢ଼ାଇବାକୁ ଅର୍ଥବଳ ନାହିଁ । ଓଡ଼ିଆ ତାର ପ୍ରାଣର ଭାଷା, ଶୁଣିବାକୁ ମଧୁର, ଲିପି ସୁନ୍ଦର ତାକୁ ତାଠୁ ଛଡ଼ାଇନେବା କେଡ଼େ ଅସଙ୍ଗତ । ଏପରି ଅବସ୍ଥାରେ ସର୍ବସାଧାରଣ ଦୁଃଖରେ ମ୍ରିୟମାଣ ହୋଇପଡ଼ିବାରେ ଆଶ୍ଚର୍ଯ୍ୟ କିଛି ନାହିଁ ।'' ହିନ୍ଦୀରେ ଦରଖାସ୍ତ ଏପରିକି ରସିଦ ଆଦି ଲେଖିବାକୁ ବାଧ୍ୟ କରିବା ଫଳରେ ସବୁ ଓଡ଼ିଆ ଜମିଦାର ମଧ୍ୟ ନିଜର ରେକର୍ଡ ହିନ୍ଦୀରେ ଲେଖାଇବାକୁ ବାଧ୍ୟ ହେଲେ । ଓଡ଼ିଆ ଭାଷାର ପ୍ରଚଳନ ଲୋପ ପାଇଲା । ଖଡ଼ିଆଳ ରାଜା ବୀରବିକ୍ରମ ସିଂହ ଉତ୍କଳୀୟଙ୍କ ଏ ଦୁର୍ଦ୍ଦଶା ଦେଖି ଉତ୍କଳ ଦୁର୍ଦ୍ଦଶା ନାଟକ ଲେଖିଥିଲେ । ସେଥିରେ ଗୀତଟିଏ —

ସହିବକେ ଦେଖି ଏ ଉତ୍କଳ
ଅଙ୍ଗ ପ୍ରତ୍ୟଙ୍ଗ ବିଭଙ୍ଗ ହୋଇ ଗଲାଣି ଉତ୍ସଙ୍ଗ
ଜଣେ ନାହିଁ କହିବାକୁ ପ୍ରବୋଧି ଗୀର ।
ହିନ୍ଦୀ ତେଲେଙ୍ଗା ବଙ୍ଗାଳୀ ମହାରାଷ୍ଟ୍ର ଆଦି ମିଳି
ବାଣ୍ଟି ନେଲେ ସର୍ବେ ଯେଝା ଇଚ୍ଛା ପ୍ରକାର,
ଉତ୍କଳ ଯେତେ ସନ୍ତାନ ହେଉଛନ୍ତି ହୀନମାନ
ଉତ୍କଳ ଦୁର୍ଦ୍ଦଶା କେବେ ହେବ ଅନ୍ତର ।।

ମର୍ମସ୍ପର୍ଶୀ ବାସ୍ତବ କଥା ।

ସାର ଆଣ୍ଡ୍ରଫେ୍ରଜର ସରକାରଙ୍କୁ ଓଡ଼ିଆ ଭାଷୀଙ୍କ ଦୁର୍ଦ୍ଦଶା ଜଣାଇ ମତ ଦେଲେ ଯେ ବଙ୍ଗଳାରେ ବହୁ ଓଡ଼ିଆ ଅଞ୍ଚଳ ଥିବା ହେତୁ ସମ୍ବଲପୁର ଜିଲାକୁ ବଙ୍ଗଳାକୁ ନିଆଯାଉ । ତା ଯଦି ଅସୁବିଧା ମନେ କରଯାଏ ବଙ୍ଗଦେଶରୁ ସବୁ ଓଡ଼ିଆ ଅଞ୍ଚଳ ମଧ୍ୟ ପ୍ରଦେଶକୁ ଆସିଯାଉ । ତାହେଲେ ଓଡ଼ିଆମାନେ ଏକ ଶାସନାଧୀନ ହୋଇ ତାଙ୍କ ଭାଷା ତଥା

Digitized by srujanika@gmail.com

ସଂସ୍କୃତିକୁ ବଞ୍ଚାଇ ପାରିବେ । କିନ୍ତୁ ଏ ପ୍ରସ୍ତାବକୁ ଭାରତସରକାରଙ୍କ ସେକ୍ରେଟରୀ ସି. ରିଭର ସାହେବ ଉଡ଼ାଇ ଦେଲେ । ସେ ଲେଖିଲେ ଏ ପ୍ରସ୍ତାବ ସମ୍ଭବ ନୁହେ । ଓଡ଼ିଆଙ୍କୁ ଏକ ଶାସନାଧୀନ କରଯାଇ ନ ପାରେ । କିନ୍ତୁ ଓଡ଼ିଆଙ୍କ ବାରମ୍ବାର ଦାବୀ ଓ ଫ୍ରେଜର ସାହେବଙ୍କ ଏକାନ୍ତ ଚେଷ୍ଟା ଫଳରେ ୧୯୦୫ ମସିହା ଅକ୍ଟୋବର ୧୬ ତାରିଖରେ ସମ୍ବଲପୁର ବଙ୍ଗ ପ୍ରଦେଶ ଅନ୍ତର୍ଗତ ଓଡ଼ିଶା ବିଭାଗ ସହିତ ସମ୍ମିଳିତ ହେଲା । ସେତେବେଳକୁ ଫ୍ରେଜର ସାହେବ ବଙ୍ଗର ଛୋଟଲାଟ ରୂପେ ନିଯୁକ୍ତି ପାଇଥିଲେ ।

ସମ୍ବଲପୁର ସମେତ ମଧ୍ୟପ୍ରଦେଶରେ ଥିବା ପାଟଣା, ସୋନପୁର, କଳାହାଣ୍ଡି, ବାମଣ୍ଡା ଓ ରେଢ଼ାଖୋଲ ରାଜ୍ୟମାନ ଓଡ଼ିଶା ସହିତ ମିଳିତ ହୋଇ ଓଡ଼ିଶା କମିଶନରଙ୍କ ଅଧୀନରେ ଥିବା ପଲିଟିକାଲ ଏଜେଣ୍ଟଙ୍କ ତତ୍ତ୍ୱାବଧାନରେ ରହିଲା ।

ସମ୍ବଲପୁରରୁ ପ୍ରକାଶିତ ଶ୍ରୀପତି ମିଶ୍ରଙ୍କ ସମ୍ପାଦିତ ଉତ୍କଳ ଦର୍ପଣ, ଦେବଗଡ଼ରୁ ପ୍ରକାଶିତ ସମ୍ବଲପୁର-ହିତୈଷିଣୀ ପତ୍ରିକାମାନେ ସମ୍ବଲପୁର ଆଦି ଓଡ଼ିଆ ଅଞ୍ଚଳ ମିଶ୍ରଣରେ ବହୁ କାର୍ଯ୍ୟ କରି ପାରିଥିଲେ । ସମ୍ବଲପୁର ଓଡ଼ିଶା ଡ଼ିଭିଜନକୁ ଆସିଲେହେଁ ଚନ୍ଦ୍ରପୁର, ଫୁଲଝର, ମାଲଖୋର୍ଦ୍ଧା ଆଦି ଓଡ଼ିଆ ଅଞ୍ଚଳ ମଧ୍ୟପ୍ରଦେଶରେ ଏପର୍ଯ୍ୟନ୍ତ ରହିଅଛି ।

## ଇଂରେଜ ରାଜତ୍ୱରେ ଓଡ଼ିଶାର ଆର୍ଥିକ ପରିସ୍ଥିତି

କେଉଁ ଅଶୁଭ ମୁହୂର୍ତ୍ତରେ ଓଡ଼ିଶା ଇଂରେଜମାନଙ୍କ ହାତକୁ ଗଲା କେଜାଣି, ଦୈବୀ ଦୁର୍ବିପାକ ଓ ଅଣ ଓଡ଼ିଆଙ୍କ ଅତ୍ୟାଚାରରେ ଜନତା ହନ୍ତସନ୍ତ ହେଲେ । ତାଙ୍କ ଗୁହାରି କେହି ବୁଝିଲେ ନାହିଁ । ୧୮୦୫ ମସିହାରେ ବନ୍ୟା ବାତ୍ୟାରେ ବାଲେଶ୍ୱର ଜିଲାରେ ବହୁତ ଲୋକ ମଲେ । ଅକଳନା କ୍ଷତି ହେଲା । ସରକାରୀ ସାହାଯ୍ୟ ମୋଟେ ମିଳିଲା ନାହିଁ । ପୁନଶ୍ଚ ୧୮୨୩ ମସିହାରେ ବାତ୍ୟା ଓ ସମୁଦ୍ର ଜୁଆର ମାଡ଼ିଆସିବା ଫଳରେ ବହୁ ଲୋକ ମଲେ । କ୍ଷତିର ପରିମାଣ ଅକଥନୀୟ । ସାହାଯ୍ୟ ଯାହା ମିଳିଲା କିଛି ନୁହେ । ୧୮୩୧ରେ ବାତ୍ୟା ଓ ସମୁଦ୍ର ମାଡ଼ିଆସିବା ଫଳରେ ୨୨ ହଜାର ଲୋକ ଓ ୫୦ ହଜାରରୁ ଅଧିକ ଗୃହପାଳିତ ପଶୁ ମଲେ । କଲେକ୍ଟର ରିକେଟସ୍ କ୍ଷତିଗ୍ରସ୍ତ ଅଞ୍ଚଳ ଦେଖି ସରକାରଙ୍କୁ ରିପୋର୍ଟ ଦେଲେ ମଧ୍ୟ ଲୋକେ ବିଶେଷ କିଛି ସାହାଯ୍ୟ ପାଇଲେ ନାହିଁ । ୧୮୩୩ ମସିହାରେ ବୃଷ୍ଟି ଅଭାବରୁ 'ମରୁଡ଼ି' ହେଲା । ଲୋକେ ଖାଇବାକୁ ନ ପାଇ ମଲେ । ବିଦେଶୀ କର୍ମଚାରୀ ଲୋକଙ୍କ ଦୁଃଖକଷ୍ଟ କିଛି ବୁଝିଲେ ନାହିଁ ।

ପ୍ରତିବର୍ଷ କିଛିନା କିଛି ପ୍ରାକୃତିକ ଦୁର୍ଯୋଗ ଓଡ଼ିଶା ଭାଗ୍ୟରେ ଲାଗି ରହିଥିଲା । କେତେବେଳେ ବନ୍ୟା ଓ କେତେବେଳେ ମରୁଡ଼ି । ଏଣେ ମାଲେରିଆ ଆଦି ସଂକ୍ରାମକ ରୋଗ ମଧ୍ୟ କମ୍ କ୍ଷତି କରୁ ନ ଥିଲା ।

Digitized by srujanika@gmail.com

୧୮୫୮ ମସିହାରେ ଓଡ଼ିଶାକୁ ବନ୍ୟାଦାଉରୁ ରକ୍ଷା କରିବା ଓ ଜଳ ଅଭାବ ସ୍ଥଳରେ ଜଳସେଚନ ବ୍ୟବସ୍ଥା କରିବା ନିମନ୍ତେ ଭାରତ ସରକାର ଜଣେ ବିଶେଷଜ୍ଞ ସାର ଅର୍ଥର କଟନଙ୍କୁ ଭାର ଦେଲେ । ସେ ପ୍ରସ୍ତାବ ଦେଲେ ଯେ ବଡ଼ ବଡ଼ ନଦୀମାନଙ୍କୁ ବନ୍ଧ ପକାଇ ପାଣି କେନାଲରେ ଛାଡ଼ିବାକୁ ହେବ । ଫଳରେ ବନ୍ୟା କମିବ ଓ କେନାଲ ପାଣିରେ ତ୍ରିକୋଣ ଭୂମି ଅଞ୍ଚଳରେ ଜଳସେଚନ କରାଯିବ । କିନ୍ତୁ ଏ ପ୍ରସ୍ତାବ କାର୍ଯ୍ୟକାରୀ ହେଲା ନାହିଁ ।

ଲୋକଙ୍କ ଆର୍ଥିକ ଦୁଃସ୍ଥିତି ଦିନକୁ ଦିନ ବଢ଼ିଲା । ଅଧିକାଂଶ ପେଟପୁର ଖାଇବାକୁ ମଧ୍ୟ ପାଇଲେ ନାହିଁ । ଅଣ ଓଡ଼ିଆଙ୍କ ବୁଦ୍ଧିରେ ପରିଚାଳିତ ସରକାର ଏଥିପ୍ରତି ଆଦୌ ଦୃଷ୍ଟି ଦେଲେ ନାହିଁ ।

## 'ନ'ଅଙ୍କ ଦୁର୍ଭିକ୍ଷରେ ଓଡ଼ିଶାର ଅବସ୍ଥା

୧୮୬୫ ମସିହାରେ ବୃଷ୍ଟିର ଅଭାବ ସମଗ୍ର ଓଡ଼ିଶାରେ ଦୁର୍ଭିକ୍ଷ ସୃଷ୍ଟିକଲା । ୧୮୬୬ ମସିହାରେ ଅବସ୍ଥା ଅସମ୍ଭାଳ ହୋଇପଡ଼ିଲା । ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ନବମ ଅଙ୍କରେ ଏ ଦୁର୍ଭିକ୍ଷ ପଡ଼ିବାରୁ ଏହାକୁ 'ନଅଙ୍କ' ବୋଲି କୁହାଗଲା । କ୍ରମେ ଦୁର୍ଭିକ୍ଷର ଅପର ନାମ ନଅଙ୍କ ହୋଇଗଲା । ବୃଷ୍ଟିର ଅଭାବ, ଦେଶରେ ଥିବା ଖାଦ୍ୟଶସ୍ୟର ବେପାରୁଆ ଚାଲାନ ଫଳରେ ଲୋକେ ମୋଟେ ଖାଇବାକୁ ପାଇଲେ ନାହିଁ । ବନ୍ଧରୁ କଇଁନାଡ଼, ଗେଣ୍ଡା. ଶାମୁକା, ବଣରୁ ନାନା ପ୍ରକାର କନ୍ଦା, ଚେରେଙ୍ଗା, ପିଠଳ, ଓଲ ସରିଗଲା, ଲୋକେ ନ ଖାଇ ନ ପିଇ ମଲେ । ମୃତ୍ୟୁ ସଂଖ୍ୟା ପ୍ରାକୃତିକ ଓଡ଼ିଶାରୁ ପ୍ରାୟ ପନ୍ଦର ଲକ୍ଷ ହୋଇଗଲା । ବାଲେଶ୍ୱର, କଟକ, ପୁରୀ ତଥା ଗଞ୍ଜାମ ଜିଲ୍ଲାକୁ ଏ ଦୁର୍ଭିକ୍ଷ ବେଶୀ ବାଧିଥିଲା ।

ଅଣ ଓଡ଼ିଆ କର୍ମଚାରୀଙ୍କ ବେଖାତିର ଭାବ ତଥା ମିଥ୍ୟା ରିପୋର୍ଟ ଅବସ୍ଥାକୁ ସାଂଘାତିକ କରିଦେଲା । ସରକାରଙ୍କ ନିଦ ଭାଙ୍ଗିଲାବେଳକୁ ଆଉ କିଛି ନାହିଁ । ବିଦେଶରୁ ଚାଉଳ ଆଣି ଧର୍ମଛତ୍ର ଦେଲା ପରେ ମଧ୍ୟ ବହୁ ଲୋକ ମଲେ । ଦୁର୍ଭିକ୍ଷ ଦାଉରେ କଙ୍କାଳସାର ହୋଇ ବଞ୍ଚିଥିବା ଲୋକେ ଥରେ ମାତ୍ର ପେଟପୁର ଖାଇଦେଇ ମରିଗଲେ । ବଙ୍ଗ ସରକାର କଲିକତାରୁ ଓ ମାନ୍ଦ୍ରାଜ ସରକାର ମାନ୍ଦ୍ରାଜରୁ ଖାଦ୍ୟ ଯୋଗାଇ ଦେବା କହି ମାସ ମାସ ବିତାଇ ଦେବା ଫଳରେ ଏଭଳି ମହାମାରୀ ଅବସ୍ଥା ଘଟିଗଲା । ବିଭିନ୍ନ ପ୍ରଦେଶରେ ବିଚ୍ଛିନ୍ନ ହୋଇ ପଡ଼ିଥିବା ଓଡ଼ିଆଭାଷୀ ଅଞ୍ଚଳରୁ ପ୍ରତିବାଦ ଉଠିଲା । ''ଆମେ ପୋକମାଛି ପରି ମରୁଛୁ ଅଥଚ ସରକାର ନିର୍ବିକାର ଭାବରେ ବସିଛି'' ଏହି ଧ୍ୱନି ସର୍ବତ୍ର ଶୁଣାଗଲା । ଓଡ଼ିଆଙ୍କର ତ ସମ୍ବାଦପତ୍ର ନ ଥିଲା । ଇଂରାଜି ତଥା ଅନ୍ୟ ଭାଷାରେ ପ୍ରକାଶିତ ସମ୍ବାଦପତ୍ର ସବୁ ଅଣ ଓଡ଼ିଆଙ୍କ କର୍ତ୍ତୃତ୍ୱରେ ପରିଚାଳିତ ହେଉଥିଲା । ସେଥିରେ ଓଡ଼ିଶା କଥା ପ୍ରାୟ ରହୁ ନ ଥିଲା । ତେଣୁ ସରକାରଙ୍କ ଦୃଷ୍ଟକୁ ଓଡ଼ିଆଙ୍କ ଦୁର୍ଦ୍ଦଶା ଆଣିବାର ଉପାୟ କିଛି ନ ଥିଲା ।

Digitized by srujanika@gmail.com

## ଉତ୍କଳ-ଦୀପିକା

ପ୍ରାକୃତିକ ଓଡ଼ିଶାର ସବୁ ଅଞ୍ଚଳରେ ଥିବା ମୁଷ୍ଟିମେୟ ଶିକ୍ଷିତ ଓଡ଼ିଆ ଏକଥା ବୁଝିଥିଲେ ସୁଦ୍ଧା ସାହସ ଓ ଧନର ଅଭାବହେତୁ ସମ୍ବାଦପତ୍ରଟିଏ ପ୍ରକାଶ କରିବା ଅସମ୍ଭବ ହୋଇଥାଏ । କଟକର ଶିକ୍ଷିତ ଯୁବକ ଗୋଷ୍ଠୀ ଏ ବିଷୟରେ ଆଲୋଚନା ଚଳାଇଥିଲେ । ଏମାନଙ୍କ ଉତ୍ସାହରେ ଗୌରୀଶଙ୍କର ରାୟ ନାମକ କଲେକ୍ଟର ଅଫିସର କର୍ମଚାରୀ କର୍ମତ୍ୟାଗ କରି ସମ୍ବାଦପତ୍ର ପ୍ରକାଶ କରିବା ସ୍ଥିର କଲେ । ସମସ୍ତ ଅଭାବ ଅସୁବିଧା ସତ୍ତ୍ୱେ ୧୮୬୬ ମସିହାରେ ଗୌରୀଶଙ୍କରଙ୍କ ସମ୍ପାଦନାରେ ଉତ୍କଳ-ଦୀପିକା ପ୍ରକାଶ ପାଇଲା । ଦୁର୍ଭିକ୍ଷ ପ୍ରତି ସରକାରଙ୍କ ଚରମ ଅବହେଳା,ଖାଦ୍ୟଦ୍ରବ୍ୟ ଆମଦାନୀରେ ବିଳମ୍ବ, କର୍ମଚାରୀଙ୍କ ନିଶ୍ଚେଷ୍ଟତା ଆଦି ଲାଗି ଅନ୍ନାଭାବରେ ପୋକମାଛି ଭଳି ଜନକ୍ଷୟ ନେଇ ସରକାରଙ୍କୁ ସମାଲୋଚନା କରାଗଲା । ଏ ବାଦେ ଓଡ଼ିଆଭାଷା ତଥା ଓଡ଼ିଆ ସଂସ୍କୃତିର ଅବମାନନା ପ୍ରତି ପତ୍ରିକା ବିଶେଷ ଦୃଷ୍ଟି ରଖିଥିଲା । ସରକାର ଓଡ଼ିଆଙ୍କୁ ଏକ ଶାସନାଧୀନ କରିବା ନିମନ୍ତେ ଦାବୀ କରାଯାଉଥିଲା । ଓଡ଼ିଆଭାଷାକୁ ବଙ୍ଗାଳୀଙ୍କ କବଳରୁ ରକ୍ଷାକରିବାରେ ଏ ପତ୍ରିକାର ଚେଷ୍ଟା ଅବିସ୍ମରଣୀୟ । ଉତ୍କଳ ଦୀପିକା ସମ୍ପାଦକ ଗୌରୀଶଙ୍କର ଥିଲେ ଓଡ଼ିଆ ସଂସ୍କୃତିର ପୂଜାରୀ । ଏହାଙ୍କ ପୂର୍ବ ପୁରୁଷ ବଙ୍ଗଦେଶରୁ ଆସି ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିଲେ । ଏହାଙ୍କର ଜନ୍ମ ୧୮୩୮ ମସିହାରେ ଅସୁରେଶ୍ୱରର ଦୀକ୍ଷିତପଡ଼ା (କଟକ ଜିଲା)ଠାରେ ହୋଇଥିଲା । ସେ ୪୦ ବର୍ଷକାଳ ଉତ୍କଳ ଦୀପିକା ତଥା କଟକ ପ୍ରିଣ୍ଟିଂ କମ୍ପାନୀ ଚଳାଇଥିଲେ । ଓଡ଼ିଆରେ କେତେକ ପୁସ୍ତକ ଲେଖିଥିଲେ ଓ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା କେତେ ଖଣ୍ଡ ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ଛପାଇଥିଲେ ।

## ଓଡ଼ିଆରେ ପାଞ୍ଜି ଛପାହେଲା

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ହାତଲେଖା ପାଞ୍ଜି ଚଳୁଥିଲା, କାହା ସହିତ କାହାର ମେଳ ନଥାଏ । ଏ ଅଶୁଦ୍ଧ ଗଣିତ ପଞ୍ଜିକା ସହିତ ବଙ୍ଗ ଦେଶର ପଞ୍ଜିକା ମଧ୍ୟ କେହି କେହି ଚଳାଇଥାନ୍ତି । ଖଣ୍ଡପଡ଼ାର ଚନ୍ଦ୍ରଶେଖର ସିଂହ ସାମନ୍ତ ଏ ପାଞ୍ଜିମାନଙ୍କର ଭୁଲ ଦେଖାଇ ନିଜର ପଞ୍ଜିକା ପ୍ରଚଳନ କଲେ । ସର୍ବପ୍ରଥମେ ପ୍ରିଣ୍ଟିଂ କମ୍ପାନୀରେ ଗୌରୀଶଙ୍କରବାବୁ ଏ ପାଞ୍ଜି ୧୮୬୭ ମସିହାରେ ଛାପିଲେ । ୧୮-୮-୧୮୬୮ରେ ଗୋଟିଏ ସୂର୍ଯ୍ୟୋପରାଗ ଘଟିଲା । ସେଥିରେ ସାମନ୍ତଙ୍କ ଗଣିତ ସମୟ ଠିକ୍ ହେଲା । ଏ ବିଷୟରେ ଉତ୍କଳଦୀପିକାରେ ·ଓଡ଼ିଶାର ଏହି ଖ୍ୟାତନାମା ଜ୍ୟୋତିର୍ବିଦଙ୍କ ପ୍ରଶଂସା କରାଯାଇଥିଲା । ବହୁଦିନ ପରେ ସାମନ୍ତଙ୍କ ସିଦ୍ଧାନ୍ତ-ଦର୍ପଣ ପ୍ରକାଶ ପାଇଲା । ଉତ୍କଳଦୀପିକାର ଲେଖା ପଢ଼ି ବହୁ ଗୁଣଜ୍ଞ ବ୍ୟକ୍ତି ସାମନ୍ତଙ୍କ କୃତୀ ପ୍ରତି ଆକୃଷ୍ଟ ହୋଇଥିଲେ । ଗୌରୀଶଙ୍କର ବଙ୍ଗାଳୀମାନଙ୍କ ଓଡ଼ିଆଭାଷା ପ୍ରତି ଆକ୍ରମଣ ଓ ବଙ୍ଗଭାଷାକୁ ଓଡ଼ିଶାରେ ଚଳାଇବା ଅସାର ଯୁକ୍ତିକୁ ଖଣ୍ଡନ କରି ଓଡ଼ିଆ ଭାଷାର ମହତ୍ୱ ପ୍ରତିପାଦନ କରିଥିଲେ । ତାଙ୍କର ଅନୁଜ ରାମଶଙ୍କର ଓଡ଼ିଆ ଉପନ୍ୟାସ ତଥା ନାଟକ ଲେଖାରେ ସିଦ୍ଧହସ୍ତ ଥିଲେ ।

Digitized by srujanika@gmail.com

ଉଭୟ ଭ୍ରାତାଙ୍କ ବିଷୟ ନେଇ ବ୍ୟାସକବି ଫକୀରମୋହନ ସେନାପତି ତାଙ୍କର 'ଉତ୍କଳ ଭ୍ରମଣ'ରେ ଲେଖିଛନ୍ତି ।

''ହେ ଗୌରୀଶଙ୍କର ଧନ୍ୟ ତୁମ୍ଭର ସାହସ
ଦୀପିକା ଲେଖୁଛ ବସି ତିରିଶ ବରଷ
ନମାନି ବିପଦ ବାଧା ନ ଗ୍ରହିଁ ଦେହକୁ
ମନପ୍ରାଣ ସମରପି ପାଳିଛ ବ୍ରତକୁ ।
× × ×
ହେ ରାମଶଙ୍କର ମୋର ମାନୁଛି ମନକୁ
ହୋଇ ପାର ଭାଇ ତୁମେ ଗଉରୀ ପଛକୁ ।
ଓଡ଼ିଆ ନାଟକ ଆଉ ନଭେଲର ଲେଖା
ପ୍ରଥମରେ ତୁମ୍ଭଠାରେ ଗଲ୍ପସିନା ଦେଖା''

ଭକ୍ତ କବି ମଧୁସୂଦନ ଲେଖିଛନ୍ତି—

ଶୁଭକ୍ଷଣେ ଜନ୍ମ ତୁମ୍ଭ ଉତ୍କଳ ଉତ୍ସଙ୍ଗେ
କର୍ମଯୋଗେ କର୍ମଯୋଗୀ କେତେ ବିଘ୍ନ ସଙ୍ଗେ ।
× × ×
ନବଯୁଗ-ଉଷାପ୍ରଭ ଦୀପିକା ପ୍ରକାଶି
ଧନ୍ୟ ତୁମ୍ଭେ ଏ ଉତ୍କଳେ ସୁକୃତ-ବିଳାସୀ ।

ଉତ୍କଳଦୀପିକାର ଲେଖା ଓ ପ୍ରଦେଶବାସୀ ମୁଖ୍ୟ ବ୍ୟକ୍ତିମାନଙ୍କର ଦାବୀ ଓଡ଼ିଶା କମିସନର, ବଙ୍ଗଳା ସରକାର ତଥା ଭାରତ ସରକାରଙ୍କୁ ମଧ୍ୟ ପ୍ରଭାବିତ କରିପାରିଥିଲା । ୧୮୬୭ ମସିହାରେ ଚାଉଳ ଅଭାବ ମେଣ୍ଟାଇବା ପାଇଁ ସରକାର ବାର ଲକ୍ଷ ଏକ ହଜାର ମହଣ ଚାଉଳ ପଠାଇଲେ । ଏ ଚାଉଳ ଟଙ୍କାରେ ଚାରିସେର ଦରରେ ବିକ୍ରି ହେଲା । ଅନାଥ ପିଲାମାନଙ୍କୁ ମାସିକ ୪ ଟଙ୍କା ସାହାଯ୍ୟ ଦିଆଗଲା, କେନ୍ଦ୍ରାପଡ଼ା ନାଳ ଖୋଳାଗଲା । ଲୋକେ କାମ ପାଇଲେ । ଦୁର୍ଭିକ୍ଷର କାରଣ ନିର୍ଣ୍ଣୟ ପାଇଁ ସରକାର ଗୋଟିଏ କମିଟି ନିଯୁକ୍ତ କଲେ । ସେଥିରେ ହାଇକୋର୍ଟ ଜଜ୍ କ୍ୟାମ୍ବେଲ ସଭାପତି, କର୍ଣ୍ଣେଲ ମଟନ ଓ ଜଣେ ଡାକ୍ତର ସଦସ୍ୟ ରହିଲେ ।

ଉତ୍କଳଦୀପିକା ଲେଖିଲେ ଯେ ଏ କମିସନ ଗ୍ରାମଗହଳକୁ ନ ଯାଇ ସହରରେ ରହି କେତେକଙ୍କ ମତାମତ ନେଇଛନ୍ତି । ସମଗ୍ର ଅଞ୍ଚଳ ବୁଲି ସ୍ୱଚକ୍ଷୁରେ ଦେଶର ଦୁରବସ୍ଥା ଦେଖିଥିଲେ ଭଲ ହୋଇଥାନ୍ତା ।

ଏ କମିସନ ଯାହା ରିପୋର୍ଟ ଦେଲେ ତା ଉପରେ ଭାରତ ସଚିବ ସାର ଷ୍ଟାଫୋର୍ଡ ନର୍ଥକୋର୍ଟ ୧୮୬୮ ମସିହାରେ ତାଙ୍କ ରିପୋର୍ଟରେ ଦର୍ଶାଇଲେ ଯେ ଅପ୍ରାକୃତିକ

Digitized by srujanika@gmail.com

ଭବେ ଛିନ୍ନଭିନ୍ନ ହୋଇ ରହିଥିବା ଓଡ଼ିଆମାନଙ୍କୁ ଏକ ଶାସନାଧୀନ କରିଦେବା' ଭଲ । ଓଡ଼ିଆଭଷୀଙ୍କର ଏକତ୍ରୀକରଣ ବିଷୟରେ ଏହା ବୋଧ ହୁଏ ପ୍ରଥମ ସରକାରୀ ସୁପାରିଶ । ୧୮

## ଦୁର୍ଭିକ୍ଷର କାରଣ ସମ୍ବନ୍ଧେ କମଶନଙ୍କ ମତ

କ୍ୟାମ୍ପେଲ କମିଶନ ଦୁର୍ଭିକ୍ଷର କାରଣ ଅନୁସନ୍ଧାନ କଲେ । ସେମାନେ ଅନ୍ୟାନ୍ୟ କାରଣ ମଧ୍ୟରେ ଓଡ଼ିଶାରେ ରାସ୍ତାଘାଟ ଅଭାବ, ଶିକ୍ଷା ଅଭାବ, କର୍ମଚାରୀମାନେ ଓଡ଼ିଆ ଭଷା ନ ବୁଝିବା, ଓଡ଼ିଆମାନେ ଆଧୁନିକ ଠକାମିରେ ଦକ୍ଷ ନ ଥିବା, ବିଶ୍ୱାସଭବେ କାମ କରିବା, ସର୍ବୋପରି ଟି: ଇ: ରେଭେନ୍‌ସାଙ୍କ ଓଡ଼ିଶା ଲୋକଙ୍କ ପ୍ରତି ସହାନୁଭୂତି ଅଭବ ଆଦି ଦର୍ଶାଇଲେ । ୧୯। କମିଶନଙ୍କ ଏହି ନିର୍ଦ୍ଦେଶ ବୋଧହୁଏ ରେଭେନ୍‌ସାଙ୍କ ମନୋଭବ ଓଡ଼ିଆଙ୍କ ପ୍ରତି ଅନୁକୂଳ ହେବା ପାଇଁ ବାଧ୍ୟ କଲା । ତାଙ୍କର ଜ୍ଞାନୋଦୟ ହେଲା । ଗୋଟାଏ ମହାନ ସଂସ୍କୃତିସମ୍ପନ୍ନ ବିଶ୍ୱସ୍ତ ଜାତି ପ୍ରତି ଆଚରଣ କରିଥିବା ଅନ୍ୟାୟର ପ୍ରାୟଶ୍ଚିତ୍ତ ସ୍ୱରୂପ ପରବର୍ତ୍ତୀ କାଳରେ ଓଡ଼ିଆଙ୍କ ପାଇଁ କେତେକ ହିତକର କାର୍ଯ୍ୟ କଲେ । କମିଶନର ରେଭେନ୍‌ସାଙ୍କ ସାଙ୍ଗକୁ ଜୁଟି ଯାଇଥିଲେ ବଙ୍ଗଳାର ଲାଟ ସାର ସେସିଲ ବିଡ଼ନ୍ । ଅଣଓଡ଼ିଆଙ୍କ ବୁଦ୍ଧିରେ ପରିଚାଳିତ ସାହେବ ଦ୍ୱୟଙ୍କ ଲାଗି ଓଡ଼ିଶା ଯେଉଁଳି ଦୁର୍ଦ୍ଦଶା ଭୋଗିଲା ତାର ପଟାନ୍ତର ନାହିଁ । ଅବଶ୍ୟ ରେଭେନସାଙ୍କ ପଶ୍ଚାତ୍ତାପ ଏହି କ୍ଷତ ଉପରେ ପ୍ରଲେପ ଭଳି ହେଲା ।

୧୮୬୭ ମସିହାରେ କଟକରେ 'ଉତ୍କଳଭଷୋଦ୍ଦିପନୀ' ସଭ ସ୍ଥାପିତ ହେଲା । ଓଡ଼ିଆରେ ପୁସ୍ତକ ପ୍ରକାଶ ଏହାର ମୁଖ୍ୟ ଲକ୍ଷ୍ୟ ଥିଲା । ଏଥିରେ ପଣ୍ଡିତ ଆର୍ତ୍ତତ୍ରାଣ ତର୍କ ପଞ୍ଚାନନ, କପିଳେଶ୍ୱର ବିଦ୍ୟାଭୂଷଣ, ଗୌରୀଶଙ୍କର ରାୟ ସଭ୍ୟ ରହିଲେ । ବୈଦେହୀଶ-ବିଳାସ ପ୍ରକାଶ ଭର ପ୍ୟାରିମୋହନ ବନ୍ଦ୍ୟୋପାଧ୍ୟାୟ ଓ ପଣ୍ଡିତ ପ୍ରଭକର ବିଦ୍ୟାରତ୍ନ ନେଲେ । ୧୮୬୮ ମସିହାରେ କୃଷ୍ଣସିଂହ ମହାଭରତ କଟକ ପ୍ରିଣ୍ଟିଂ କଂପାନୀ ଦ୍ୱାରା ପ୍ରକାଶିତ ହେଲା ।

---

18 I feel for the unnaturalness of territorial dismemernent & suggest to bring the Oriya Country under one separate administration.

19 The whole province is geographicaly isolated to an excessive degree. × × The people of are also separate and distinct, of a Character and a language peculiar to themselves. × × They have a certain intelligence of their oun and are thought to be less sklled in fraud and in some respect more reliable. × × Considering the important position held by Mr. Ravenshaw during the famine the degree to which his consent must be the subject of Critisism × × We feel bound to say that coming among the Oryahs from a different people, he seems from the first to have conceived against them a prejudice from which an officer in his position should have been careful to guard himself.

Digitized by srujanika@gmail.com

## ଦୁର୍ଭିକ୍ଷରେ ସାହାଯ୍ୟଦାତା

ଏ ଦୁଭକ୍ଷରେ ଢେଙ୍କାନାଳ ମହାରଜା ଭଗିରଥୀ ମହେନ୍ଦ୍ରବାହାଦୁର, ପାରିକୁଦ ରଜା, ଖଲିକୋଟ ରଜା ନାରୟଣ ମର୍ଦ୍ଦରଜ ଦେବ, ଚୌଧୁରୀ ରଘୁନାଥ ଦାସ, ରଧାଶ୍ୟାମ ନରେନ୍ଦ୍ର, କେତେକ ମଠାଧୀଶ ଓ ବହୁ ବଦାନ୍ୟ ବ୍ୟକ୍ତି ଲୋକଙ୍କୁ ସାହାଯ୍ୟ ଦେଇଥିବା ଲାଗି ସରକାରଙ୍କଠାରୁ ପଦବୀ, ସମ୍ମାନ ଓ ପ୍ରଶଂସାପତ୍ର ପାଇଥିଲେ ।

ଦୁର୍ଭିକ୍ଷରେ ଜାତିଭ୍ରଷ୍ଟ ହେବା ଲୋକଙ୍କୁ ସମାଜରେ ନିଆଯିବାପାଇଁ ସ୍ଥିର ହେଲେହେଁ କେତେକ ରକ୍ଷଣଶୀଳଙ୍କ ସାମାଜିକ ନିର୍ଯ୍ୟାତନାକୁ ଡ଼ରି ବହୁ ସହସ୍ର ବ୍ୟକ୍ତି ଖ୍ରୀଷ୍ଟିୟାନ ହେଲେ । ଅନ୍ଯ କେତେକ ମୁସଲମାନ ଧର୍ମ ମଧ୍ୟ ଗ୍ରହଣ କଲେ ।

## ଦୁଭକ୍ଷରେ ଦରଦାମ

ଦୁର୍ଭିକ୍ଷବେଳେ କଟକରେ ଚାଉଳ ଟଙ୍କାରେ ସାଢ଼େ ଚାରିସେରଠାରୁ ପାଞ୍ଚସେର-ଯାଏ ମିଳୁଥିଲା । ଏ ସେର କଟକୀ ଅର୍ଥାତ୍ ୧୦୫ ତୋଳା ଓଜନ । ପୁରୀରେ ଚାରିସେରଠାରୁ ଚାରିସେର ପାଏ ଓ ବାଲେଶ୍ୱରରେ (ଅଶିଏ ତୋଳା ଓଜନ ସେରରେ) ସାତସେରଠାରୁ ସାଢ଼େ ସାତସେର ମିଳୁଥିଲା ।

(ଉତ୍କଳଦୀପିକା, ପ୍ରଥମ ଭାଗ ୧୮-୮-୬୬ ସଂଖ୍ୟା —ଦ୍ରଷ୍ଟବ୍ୟ)

ଏହାର ଛମାସ ଆଗରୁ ହାରହାରି ଟଙ୍କାରେ କୋଡ଼ିଏ ସେର ଚାଉଳ ମିଳୁଥିଲା । ବ୍ରହ୍ମପୁରରେ ପଚିଶ ସେର ଦରଥିଲା; ଦୁର୍ଭିକ୍ଷ ବେଳେ ଦଶସେର ହୋଇଗଲା ।

## ରବର୍ଟ ପେରି ଓ ରାଜେନ୍ଦ୍ରଲାଲ ମିତ୍ରଙ୍କ ଓଡ଼ିଆ ଭାଷା ଉପରେ ଆକ୍ରମଣ

୧୮୬୮ ମସିହାରେ ଓଡ଼ିଶା ସ୍କୁଲ ବିଭାଗୀୟ ଇନ୍ସପେକ୍ଟର ରବର୍ଟ ପେରି ସରକାରଙ୍କୁ ପରାମର୍ଶ ଦେଲେ ଯେ ଓଡ଼ିଶା ଡ଼ିଭିଜନରେ ଓଡ଼ିଆ ବଦଳରେ ବଙ୍ଗଭାଷା ଚଳିବା ଉଚିତ ।

ବଙ୍ଗର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏହି ପ୍ରସ୍ତାବରେ ବିଶେଷ ଉତ୍ସାହିତ ହୋଇ ସପକ୍ଷରେ ପ୍ରଚାର ଚଳାଇଲେ ।

ଐତିହାସିକ ରାଜେନ୍ଦ୍ରଲାଲ ମିତ୍ର ଓଡ଼ିଶାର ପ୍ରତ୍ନତତ୍ତ୍ୱ ଉପରେ ଗବେଷଣା କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଲେ । ସେ ପ୍ରତ୍ନତତ୍ତ୍ୱ ଆଲୋଚନା କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷା ବିରୁଦ୍ଧରେ ବହୁ କାର୍ଯ୍ୟ କଲେ । ତା ୯-୧୨-୧୮୬୮ରେ କଟକରେ ସଭା

Digitized by srujanika@gmail.com

କରି ଓଡ଼ିଆଙ୍କର ଭଷା ପ୍ରୀତି ନେଇ କଠୋର ସମାଲୋଚନା କଲେ । ସେ କହିଲେ,ଉପକୂଳବାସୀ ମୋଟ ୨୦ ଲକ୍ଷ ଲୋକ କହୁଥିବା ଓଡ଼ିଆ ଭଷା କେବେ ହେଲେ ଉନ୍ନତି ଲଭ କରି ନ ପାରେ । ଓଡ଼ିଆ ବଙ୍ଗଳାରୁ ଉତ୍ପନ୍ନ ଉପଭଷା ମାତ୍ର । ଭଷାର ପ୍ରଗତି ତୁଳନା କରି ସେ କହିଲେ, ଗତ ତିନି ମାସ ମଧ୍ୟରେ ବଙ୍ଗଳା ଭଷାରେ ପାଞ୍ଚଶ ଖଣ୍ଡ ବହି ପ୍ରକାଶ ପାଉଥିବାବେଳେ ଓଡ଼ିଆରେ ତିନି ଖଣ୍ଡ ନା ଚାରିଖଣ୍ଡ ମାତ୍ର ପ୍ରକାଶ ପାଇଛି । ଏପରି ସ୍ଥଳେ ଏ ଭଷା ଛାଡ଼ି ଦେଇ ଉନ୍ନତିଶୀଳ ବଙ୍ଗଳା ଭଷା ପଢ଼ିବା ଭଲ ।

ଏଥି ସହିତ ଭଷାତତ୍ତ୍ୱବିଦ୍ ସାର ଜର୍ଜ ଗ୍ରୀଏରସନଙ୍କ ମତାମତ ତୁଳନା କରାଯାଉ । ସେ ଲେଖିଛନ୍ତି :

"The Oriya language spoken in the four provinces covers an area of a little less than jugoslovia and is spoken by people numbering a little more than the combined population of Norway and Sweden"- Linguestic survey of India Vol. I Page - 1466

"ଓଡ଼ିଆ ଭଷା ଚାରୋଟି ପ୍ରଦେଶରେ ବ୍ୟବହୃତ ହୁଏ । ଏହାର ପ୍ରଚାର କ୍ଷେତ୍ର ଯୁଗୋସ୍ଲୋଭିଆର ଆୟତନରୁ ସାମାନ୍ୟ ଊଣା, ଓଡ଼ିଆ ଭଷା କହୁଥିବା ଲୋକଙ୍କ ସଂଖ୍ୟା ନରୱେ ଓ ସ୍ୱିଡ଼େନ୍‌ର ମିଳିତ ଜନ ସଂଖ୍ୟାଠାରୁ ସାମାନ୍ୟ ଅଧିକ ।"

ଗ୍ରୀଏରସନ ସେହି ଗ୍ରନ୍ଥରେ ପୁଣି ଦର୍ଶାଇଛନ୍ତି ଯେ ଉତ୍ତରରେ ହଳଦୀ ନଦୀର ତମଲୁକ୍ (ତାମ୍ରଲିପ୍ତ) ମେଦିନୀପୁରଠାରୁ ପଶ୍ଚିମରେ ବାଙ୍କୁଡ଼ା ଯାଏ, ସିଂହଭୂମିର ଷଢ଼େଇକଳା ଅଞ୍ଚଳ ସମେତ ପଶ୍ଚିମରେ ଯଶପୁର, ରାଇଗଡ଼, ସାରଙ୍ଗଗଡ଼ ଦେଇ ବସ୍ତର ଯାଏ , ଦକ୍ଷିଣରେ ବିଶାଖପାଟଣା ତଥା ବାରୁଆ ବନ୍ଦର ଯାଏ ଓଡ଼ିଆ ଅଞ୍ଚଳ । ନିଜ ଭଷା ପ୍ରେମରେ ଅନ୍ଧ ହୋଇ ରାଜେନ୍ଦ୍ରବାବୁ ବହୁ ଅଯୌକ୍ତିକ କଥା କହିଗଲେ, କିନ୍ତୁ ଓଡ଼ିଆ ଭଷାର ପ୍ରାଚୀନତା ଶବ୍ଦବିଭବ ତଥା ଲାଳିତ୍ୟ ତାଙ୍କୁ ଆଦୌ ଦିଶିଲା ନାହିଁ । ବଙ୍ଗଳାର ଯେ ପ୍ରଥମେ ନାଟ୍ୟ-ଗୀତି ଲେଖିଲେ ସେ ହେଉଛନ୍ତି ଓଡ଼ିଆ । ଯାଜପୁରର ଗୋଟିଏ କରଣ ପରିବାରରେ ତାଙ୍କର ଜନ୍ମ । ବଙ୍ଗଳାର ରାଜା କୃଷ୍ଣଚନ୍ଦ୍ରଙ୍କ ସଭରେ ସେ ପ୍ରଶଂସିତ ହୋଇଥିଲେ । ଏପର୍ଯ୍ୟନ୍ତ ସେହି କବି ଗୋପାଳଙ୍କ ଗୀତିନାଟ୍ୟ "ଗୋପାଳ ଉଡ଼େର ଟପ୍‌ପା" ନାମରେ ପ୍ରଚଳିତ, ଲେଖାକାଳ ବୋଧହୁଏ ଖ୍ରୀ ୧୭୧୦ । ଉତ୍କଳୀୟ ପଣ୍ଡିତ ମୃତ୍ୟୁଞ୍ଜୟ ତର୍କାଳଙ୍କାର ବଙ୍ଗଳାର ପ୍ରଥମ ଲେଖକ ଅଟନ୍ତି । 'ରସିକ ମଙ୍ଗଳ' ନାମକ ଭକ୍ତି ଗ୍ରନ୍ଥର ଲେଖକ ଗୋପୀବଲ୍ଲଭ ଦାସ ଜଣେ ଓଡ଼ିଆ, ଘର ମେଦିନୀପୁରରେ, ଏପରି ବହୁ ଉଦାହରଣ ମିଳିବ । ମୂଳ କଥା ଓଡ଼ିଆ କବିମାନେ ଯେଉଁଠି ରହୁଥିଲେ ସେହି ଭଷାରେ ଦକ୍ଷତା ପ୍ରକାଶ କରିପାରୁଥିଲେ ଓ ପ୍ରାଚୀନ ଓଡ଼ିଆ ଗ୍ରନ୍ଥମାନଙ୍କରୁ ବିଷୟ ଗ୍ରହଣ କରୁଥିଲେ । ପ୍ରଚାର ଅଭବରୁ ସେମାନେ ଅଣଓଡ଼ିଆ ଭଷୀ ବୋଲି ପରିଗଣିତ ହେଉଥିଲେ ।

ରାଜେନ୍ଦ୍ର ଲାଲଙ୍କ ଅଯୌକ୍ତିକ ତଥା ଅସାର ଯୁକ୍ତିର ତୀବ୍ର ପ୍ରତିବାଦ ଉତ୍କଳ ଦୀପିକାରେ ପ୍ରକାଶ ପାଇଲା । ବ୍ରହ୍ମପୁର ତଥା ପାରଳାଖେମୁଣ୍ଡିରେ ସତ୍ୟର ଅପଳାପ

Digitized by srujanika@gmail.com

ଲାଗି ଆପତ୍ତି କରାଗଲା ।୧୮୬୯ ମସିହାରେ କଟକ ହାଇସ୍କୁଲ ଆଇନ ଅଧ୍ୟାପକ ଗଜକୃଷ୍ଣ ମୁଖୋପାଧ୍ୟାୟଙ୍କ ନେତୃତ୍ୱରେ ବଙ୍ଗଳା ସପକ୍ଷରେ ଆନ୍ଦୋଳନ ଚାଲିଲା । ଓଡ଼ିଆଙ୍କୁ ଭୁଲାଇ ସ୍ୱାକ୍ଷର ସଂଗ୍ରହ କରାଗଲା । ବଙ୍ଗ ଅକ୍ଷରରେ ଓଡ଼ିଆଭାଷା ଲେଖାଯାଉ ବୋଲି ବଙ୍ଗୀୟମାନେ ଆନ୍ଦୋଳନ ଚଳାଇଲେ । ରାଜେନ୍ଦ୍ରଲାଲ କେବଳ କଟକ ସଭାରେ ଓଡ଼ିଆ ଭାଷାର ଅସାରତା ପ୍ରତିପାଦନ କରି ନ ଥିଲେ, ପରନ୍ତୁ ''ଆଣ୍ଟିକୁଇଟିଜ ଅଫ୍ ଓଡ଼ିଶା' ଗ୍ରନ୍ଥରେ ସମଗ୍ର ବଙ୍ଗ ଦେଶରୁ ଓଡ଼ିଆ ଭାଷା ଉଠାଇ ଦେବା ଫଳରେ ମେଦିନୀପୁର, ବାଙ୍କୁଡ଼ା ଆଦି ଓଡ଼ିଆଭାଷୀ ଅଞ୍ଚଳ କିପରି ବଙ୍ଗ ଭାଷୀ ହୋଇଗଲେ ତାହା ''ରୟେଲ ଏସିଆଟିକ ସୋସାଇଟି''ର ବୈଠକରେ କହି ବର୍ଦ୍ଧମାନ କମିସନରଙ୍କୁ ପ୍ରଶଂସା କରିଥିବା ଉଲ୍ଲେଖ କରିଥିଲେ । ସେ ଲେଖିଛନ୍ତି———

"Some twenty years ago when the District of Medinapur was transferred from Commissionership of Cuttack to that Burdwan the language of the courts there and of the Opeople was Qriya. The new Commissionership for the sake of uniformity in all the Districts or some other cause suppressed Oriya and introduced Bengali language and the whole of Medinapur, Bankuda have now become Bengali speaking Districts."

ଭାବାର୍ଥ ହେଲା ପ୍ରାୟ କୋଡ଼ିଏ ବର୍ଷ ଆଗେ ଯେତେବେଳେ ମେଦିନୀପର କଟକ କମିଶନରଙ୍କ ଅଧୀନରୁ ବର୍ଦ୍ଧମାନ କମିଶନରଙ୍କ ଅଧୀନକୁ ଗଲା, ସେତେବେଳେ କୋର୍ଟ କଚେରି ସର୍ବତ୍ର ଓଡ଼ିଆ ଭାଷା ଚଳୁଥିଲା, ବର୍ଦ୍ଧମାନ କମିଶନର ତାଙ୍କ ଅଧୀନ ସବୁ ଜିଲ୍ଲାରେ ଏକମାତ୍ର ବଙ୍ଗଭାଷା ଚଳାଇବା ସ୍ଥିରକରି ଓଡ଼ିଆଭାଷା ପ୍ରଚଳନ ବନ୍ଦ କରିଦେଲେ । ବର୍ତ୍ତମାନ ମେଦିନୀପୁର ଓ ବାଙ୍କୁଡ଼ା ବଙ୍ଗଭାଷୀ ଅଞ୍ଚଳ ହୋଇଗଲା । ପଦସ୍ଥ ବିଶିଷ୍ଟ ବଙ୍ଗୀୟମାନଙ୍କ ଓଡ଼ିଆଭାଷା ପ୍ରତି ଏ ତାଚ୍ଛଲ୍ୟଭାବ ବଙ୍ଗାଳୀଙ୍କୁ ଓଡ଼ିଆଭାଷା ବିରୋଧୀ ହେବାପାଇଁ ଉତ୍ସାହିତ କଲା । କିଛି ଦିନ ପରେ ମଧୁବାବୁଙ୍କ ସହ ରାଜେନ୍ଦ୍ର ଲାଲଙ୍କ ଭେଟ ହେଲା । ମଧୁବାବୁ ତାଙ୍କର ଭୁଲ ଦେଖାଇ ଓଡ଼ିଆଭାଷୀ ଅଞ୍ଚଳର ବିସ୍ତୃତି ଓ ଓଡ଼ିଆ ସାହିତ୍ୟ ସମ୍ପଦ ବଙ୍ଗଭାଷାଠାରୁ ନ୍ୟୁନ ନ ଥିବା ବୁଝାଇ ଦେବା ପରେ ସେ ନିଜର ଭ୍ରମ ସ୍ୱୀକାର କରିଥିଲେ । ୧୮୭୦ ମସିହାରେ ବାଲେଶ୍ୱର ସ୍କୁଲ ଶିକ୍ଷକ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ''ଉଡ଼ିୟା ସ୍ୱତନ୍ତ୍ର ଭାଷା ନୟ'' ପୁସ୍ତକ ପ୍ରକାଶ କଲେ । ସେଥିରେ ସେ ଓଡ଼ିଆ ଭାଷୀଙ୍କ ପ୍ରତି ନାନା ପ୍ରକାର କୁତ୍ସା ରଟନା କରିଥିଲେ । ସ୍କୁଲର ବଙ୍ଗାଳୀ ପ୍ରଧାନ ଶିକ୍ଷକ ସହକାରୀଙ୍କର ଏହି କାର୍ଯ୍ୟରେ ବିଶେଷ ଉତ୍ସାହ ପ୍ରକାଶ କରି ବାଲେଶ୍ୱର ଡ଼େପୁଟି ଇନ୍‌ସପେକ୍‌ଟରଙ୍କୁ ଜଣାଇଲେ । ଡ଼େପୁଟି ଇନ୍‌ସ-ପେକ୍‌ଟର ବଙ୍ଗାଳୀ, ତେଣୁ ସେ ଏହା ଉପରେ ପ୍ରଶଂସାସୂଚକ ମନ୍ତବ୍ୟ ଦେଇ ମେଦିନୀ-ପୁର ସର୍କଲର ସ୍କୁଲ ଇନ୍‌ସପେକ୍‌ଟର ମାର୍ଟିନ୍ ସାହେବଙ୍କୁ ପଠାଇ ଦେଲେ । ସାହେବ ଏସମସ୍ତ ଅଯୌକ୍ତିକ କଥାରେ ଭୁଲିଲେ ନାହିଁ । ସେ ଲେଖିଲେ, ଓଡ଼ିଆ ଗୋଟିଏ ମୁଖ୍ୟ ଭାଷା, ଓଡ଼ିଶା ଡ଼ିଭିଜନ୍‌ରୁ ତାକୁ ଉଠାଇ ଦେବା ପ୍ରଶ୍ନ ଉଠୁ ନାହିଁ ।

Digitized by srujanika@gmail.com

ଓଡ଼ିଶା ଡ଼ିଭିଜନରେ କି ଶିକ୍ଷା ବିଭାଗ ବା ଅନ୍ୟ ବିଭାଗ ସବୁଥିରେ ତଳୁ ଓପରଯାଏ ବଙ୍ଗାଳୀ କର୍ମଚାରୀ ରହିଥିବା ହେତୁ ତାଙ୍କ ମନଲାଖି କାମ ସେମାନେ କରିଯିବା ସୁଯୋଗ ପାଉଥିଲେ । ଓଡ଼ିଶାର ପରିଚାଳନା ନେଇ ତା ୧୯।୧୦।୧୮୭୦ ମସିହାରେ ଯେଉଁ ରିପୋର୍ଟ ବଙ୍ଗଳା ସରକାରଙ୍କୁ ଦିଆ ଯାଇଥିଲା, ସେଥିରେ ଥିଲା ଓଡ଼ିଶାରେ ବର୍ତ୍ତମାନ ୫୫୦ ସରକାରୀ କର୍ମଚାରୀ ଅଛନ୍ତି । ଏମାନଙ୍କ ମଧ୍ୟରୁ ୨୨୬ ଓଡ଼ିଆ, ୨୨୪ ବଙ୍ଗାଳୀ ବାକି ସବୁ ମୁସଲମାନ ୨୦ । ଓଡ଼ିଆ ଭାଷା ପ୍ରତି ବଙ୍ଗାଳୀମାନଙ୍କ କ୍ରମାଗତ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଇଲା । ଉତ୍କଳ ଦୀପିକା ସମ୍ପାଦକ ଗୌରୀଶଙ୍କର ରାୟ, ରାଜା ଶ୍ୟାମାନନ୍ଦ ଦେ, ବ୍ୟାସକବି ଫକୀର-ମୋହନ ସେନାପତି ଆଦି ବଙ୍ଗାଳୀଙ୍କ ମତ ବାଦକୁ ଖଣ୍ଡନ କରି ଓଡ଼ିଆ ଭାଷାର ପ୍ରାଚୀନତା, ଶବ୍ଦ ବିଭବ ଆଦି ସମ୍ବନ୍ଧେ ଭୁରି ଭୁରି ପ୍ରମାଣ ଦେଇ ଏହା ତୁଳନାରେ ବଙ୍ଗଭାଷା କେଡ଼େ ଅର୍ବାଚୀନ ତାହା ପ୍ରତିପାଦନ କରିଥିଲେ ।

ଭାଷାତତ୍ତ୍ୱବିଦ୍ ସାରଜନ୍ ବିମସ୍ ବାଲେଶ୍ୱରରେ କଲେକ୍ଟର ଥିଲେ । ଫକୀର-ମୋହନଙ୍କ ଚେଷ୍ଟାରେ ଯେଉଁ ସବୁ ଦରଖାସ୍ତ ଓଡ଼ିଆ ଭାଷା ରକ୍ଷା ନିମନ୍ତେ ସରକାରକୁ ଗଲା, ସେଥିରେ ସେ ମତ ଦେଲେ, "ଓଡ଼ିଆ ଭାଷା ଅତି ପ୍ରାଚୀନ । ଏହାକୁ ବହୁଳ ଭାବେ ଶିକ୍ଷା ଦିଆଯିବା ଉଚିତ" । ସେ ଗୋଟିଏ ଚତୁର୍ଭାଷିକ ତୁଳନା ମୂଳକ ଗ୍ରନ୍ଥ ଲେଖି ସେଥିରେ ଦର୍ଶାଇଛନ୍ତି "ବଙ୍ଗାଳୀ, ମରାଠୀ, ଗୁଜରାଟି, ହିନ୍ଦୀ, ପଞ୍ଜାବୀ ଓ ସିନ୍ଧୀ ଭାଷାମାନଙ୍କରେ ବହୁ ପ୍ରକାର ବୋଲି ରହିଛି; କିନ୍ତୁ ଓଡ଼ିଆ ଅଞ୍ଚଳର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ଯାଏ ଗୋଟିଏ ଗୋଟିଏ ପ୍ରକାର ଓଡ଼ିଆ ଭାଷା ଶୁଣିବାକୁ ମିଳେ ।" ସେ ପୁନଶ୍ଚ ଲେଖିଛନ୍ତି, "ଓଡ଼ିଆ ଭାଷା ଯେତେବେଳେ ସମ୍ପୂର୍ଣ୍ଣ ପ୍ରତିଷ୍ଠିତ ହୋଇ ପାରିଥିଲା, ସେତେବେଳେ ବଙ୍ଗଳା ଭାଷାର ସ୍ୱତନ୍ତ୍ର ସତ୍ତା ନ ଥିଲା । ତା ୪।୫।୧୮୭୦ରେ ସେ ରୟାଲ ଏସିଆଟିକ୍ ସୋସାଇଟିରେ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ନେଇ ଯେ ପ୍ରବନ୍ଧ ପାଠ କରିଥିଲେ ତାହା ଓଡ଼ିଆ ଜାତିର ଆତ୍ମୋ-ତ୍କର୍ଷକାରୀ ଦଲିଲ ଅଟେ । ସୁଧୀବର୍ଗ ତାଙ୍କର ଅକାଟ୍ୟ ଯୁକ୍ତିରେ ଏକମତ ହୋଇ ଥିଲେ । ୨୧ ।

---

20 Letter of Setton - Karr to the Govt. of Bengal History of the freedom movement in Orissa - Vol II

21 That each of the six languages ( Bengali, Marathi Guj urati, Hindi, Punjabi and Sindhi ) Possess many dialects which the Oriya language Consists of one form only

× × × × ×

At a period when Oriya was already a fixed and settled e language, Bengali did not exist × × ×. Beam's Comparative Gramar of our languages Vol I Page, 120.

Digitized by srujanika@gmail.com

୧୮୨୦ ମସିହାରେ ଅର୍ଥାତ୍ ଇଂରେଜ ସରକାର ଓଡ଼ିଶା ଅଧିକାର କରିବା ସତର ବର୍ଷ ପରେ ସାର ଓ୍ୱାଲଟିଅର ହାମିଲଟନଙ୍କ ଦ୍ୱାରା ଲିଖିତ "Geographical, statistical and Historical Discription of Hindustan and the adjacent countries" ଗ୍ରନ୍ଥରେ ଓଡ଼ିଶା ସମ୍ପର୍କରେ ଲେଖାଯାଇଛି ଯେ ଉତ୍ତରରେ ବଙ୍ଗ ଦେଶ, ଦକ୍ଷିଣରେ ଗୋଦାବରୀ ନଦୀ ତଥା ପଶ୍ଚିମରେ ଗଣ୍ଡବାନା ପ୍ରଦେଶ ମଧ୍ୟସ୍ଥ ଭୂଖଣ୍ଡ ଓଡ଼ିଆ ଅଞ୍ଚଳ, ଏଗୁଡ଼ିକ ୧୫୮୨ ମସିହାଠାରୁ ପାଞ୍ଚଟି ସରକାର ବା ଜିଲ୍ଲାରେ ବିଭକ୍ତ ହୋଇଥିଲା । ଜଳେଶ୍ୱର ଜିଲ୍ଲା ଅଧୀନରେ ମେଦିନୀପୁର ଆଦି ଥିଲା, ଭଦ୍ରଖ, କଟକ, ଶିକାକୋଲ, ରଜମହେନ୍ଦ୍ରୀ ଅନ୍ୟ ଚାରିଟି ଜିଲ୍ଲା । ଏସବୁ ଓଡ଼ିଆ ଅଞ୍ଚଳ । ବୈଦେଶିକମାନେ ଏ ଦେଶର ବିସ୍ତୃତି ବୁଝିପାରିଥିଲେ ସୁଦ୍ଧା ଅନ୍ୟ ଭାରତୀୟମାନେ ତଥା ସରକାର ଏ ସମ୍ବନ୍ଧେ ଆଦୌ ଦୃଷ୍ଟି ଦେଇ ନ ଥିଲେ ।

## ରେଭେନସାଙ୍କ ଓଡ଼ିଆ ଭାଷା ରକ୍ଷା ଉଦ୍ୟମ

ଓଡ଼ିଶା ବିଭାଗର କମିଶନର ଟି. ଇ. ରେଭେନ୍‌ସା (Thomas Eric Ravenshaw)ଅଣ ଓଡ଼ିଆଙ୍କ ଅପପ୍ରଚାରରୁ ନିଜକୁ ମୁକ୍ତ ରଖି ବାସ୍ତବ କଥା ବୁଝି ବଙ୍ଗ ସରକାରଙ୍କୁ ଲେଖିଲେ ଯେ ''ଓଡ଼ିଶା ଡ଼ିଭିଜନର ସମସ୍ତ ବିଦ୍ୟାଳୟରୁ ବଙ୍ଗଭାଷା ଉଠାଇ ଦିଆଯାଉ ଓ ଓଡ଼ିଆ ଭାଷାର ବହୁଳ ପ୍ରଚାର ନିମନ୍ତେ ଯଥେଷ୍ଟ ବିଦ୍ୟାଳୟ ସ୍ଥାପିତ ହେଉ । ଓଡ଼ିଶାରେ ଓଡ଼ିଆ ଭାଷାହିଁ ପଢ଼ାଯିବା ଉଚିତ ।'' ସରକାର ତାଙ୍କ ସୁପାରିଶ ଗ୍ରହଣ କଲେ ।

ରେଭେନ୍‌ସା ସାହେବ କଟକରେ ଦ୍ୱିତୀୟ ଶ୍ରେଣୀ କଲେଜ, ବାଳିକା ବିଦ୍ୟାଳୟ, ଡ଼ାକ୍ତରଖାନା, ନର୍ମାଲ ସ୍କୁଲ; ଚାନ୍ଦବାଲିରେ ବନ୍ଦର ଓ ହାଇଲେଭଲ କେନାଲ ଆଦି ପ୍ରତିଷ୍ଠାରେ ସହାୟକ ଥିଲେ । ଓଡ଼ିଆମାନେ ଉଚ୍ଚ ଶିକ୍ଷା ଲାଭ ନ କଲେ କଦାପି ଉନ୍ନତଶୀଳ ଜାତି-ମାନଙ୍କର ସମକକ୍ଷ ହୋଇ ପାରିବେ ନାହିଁ, ଫଳରେ ଏମାନେ ସରକାରୀ ଚାକିରୀ ତ ପାଇବେ ନାହିଁ, ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଅବହେଳିତ ହୋଇ ପଡ଼ିବେ, ଏକଥା ରେଭେନ୍‌ସାଙ୍କ ମନକୁ ଧରିଲା । ଓଡ଼ିଆଙ୍କ ଶିକ୍ଷା ଦିଗରେ ସେ ଯଥାସମ୍ଭବ ଚେଷ୍ଟା ଚଳା-ଇଲେ । ଦୁର୍ଭିକ୍ଷରେ ଓଡ଼ିଆ ଜାତି ପ୍ରତି କରିଥିବା ଅନ୍ୟାୟର ପ୍ରତୀକାର ନିମନ୍ତେ ସେ ମନପ୍ରାଣ ଦେଇ ଓଡ଼ିଆଙ୍କର ଅକୃତ୍ରିମ ବନ୍ଧୁ ହୋଇଗଲେ ।

ଶ୍ରୀ ବିଚିତ୍ରାନନ୍ଦ ଦାସ ରେଭେନ୍‌ସା ସାହେବ କମିଶନରଙ୍କର ସିରସ୍ତାଦାର ଥିଲେ । ତାଙ୍କରି ପ୍ରେରଣାରେ ସାହେବ ଉଦ୍‌ବୁଦ୍ଧ ହୋଇ କଲେଜ ସ୍ଥାପନ କଲେ । ଓଡ଼ିଶାର ଏହି ମହନୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାରେ ବିଚିତ୍ରାନନ୍ଦଙ୍କ ଦାନ ଅବିସ୍ମରଣୀୟ ଅଟେ

ରେଭେନ୍‌ସା ୧୮୪୨ ମସିହାରୁ ଇଷ୍ଟ-ଇଣ୍ଡିଆ କମ୍ପାନୀ ଅଧୀନରେ ଚାକିରୀ ଆରମ୍ଭ କରି ୧୮୮୧ ମସିହାରେ ଅବସର ଗ୍ରହଣ କଲେ । ଦୀର୍ଘ ଚାଳିଶ ବର୍ଷ କର୍ମକାଳ ମଧ୍ୟରୁ

Digitized by srujanika@gmail.com

ଓଡ଼ିଶାରେ ବାରବର୍ଷ କଟାଇଥିଲେ ହେଁ ଖ୍ୟାତନାମା ଓକିଲ ମଧୁବାବୁଙ୍କ ସହିତ ତାଙ୍କର ଦେଖା ହୋଇ ନ ଥିଲା । କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରି ଇଂଲଣ୍ଡରେ ଥିବାବେଳେ ସେ ଶୁଣିଲେ ଯେ ମଧୁବାବୁ ଓଡ଼ିଆଙ୍କ କାର୍ଯ୍ୟ ନେଇ ଲଣ୍ଡନ ଆସିଛନ୍ତି । ଗୁଣପ୍ରଲୁବ୍ଧ ରେଭେନ୍‌ସା ମଧୁବାବୁଙ୍କୁ ଦେଖିବା ପାଇଁ ଲଣ୍ଡନ ଗଲେ । ଉଭୟଙ୍କର ଭେଟ ହେଲା । ମଧୁବାବୁଙ୍କ କୃତିତ୍ୱର ଅଭିନନ୍ଦିତ କରି ସାହେବ ତାଙ୍କୁ ସସ୍ନେହରେ ପଗ୍ଭରିଲେ, ମଧୁବାବୁ ପ୍ରକୃତରେ ଓଡ଼ିଆ କି ନା ? ମଧୁବାବୁ କହିଲେ,ମୋର ପ୍ରତ୍ୟେକ ରକ୍ତବିନ୍ଦୁ ଓଡ଼ିଆ । ସାହେବ ଆଗ୍ରହରେ ଓଡ଼ିଶାର ସବୁକଥା ପଗ୍ଭରିଗଲେ । ଶେଷରେ କହିଲେ, ‘‘ମିଷ୍ଟର ଦାସ, ମୁଁ ଆପଣଙ୍କ ଜାତିକୁ ଖୁବ୍ ଭଲପାଏ । ସେମାନଙ୍କ ସଙ୍ଗରେ ସ୍ୱଚ୍ଛନ୍ଦରେ କଥାବାର୍ତ୍ତା କରି ସୁଖୀ ହୁଏ ।’’ ମଧୁବାବୁ ସାହେବଙ୍କଠାରୁ ଶୁଦ୍ଧ-ଓଡ଼ିଆ ଶୁଣି ଆନନ୍ଦିତ ହେଲେ ଓ ସେ ଓଡ଼ିଆ ଜାତିର ଉନ୍ନତି ପାଇଁ ବହୁ କାର୍ଯ୍ୟ କରିଥିବା ହେତୁ ଆନ୍ତରିକ ଧନ୍ୟବାଦ ଅର୍ପଣ କଲେ ।୨୨ ।

ରେଭେନ୍‌ସାଙ୍କ ସମ୍ବନ୍ଧେ ଫକୀରମୋହନ ତାଙ୍କ ଉତ୍କଳ ଭ୍ରମଣରେ ଲେଖିଛନ୍ତି—

ଧନ୍ୟ ଧନ୍ୟ ଧନ୍ୟ ଧନ୍ୟ ଧନ୍ୟ ଟି ରେଭେନ୍‌ସା
ଚିରକାଳ ତୁମ୍ଭ କୀର୍ତ୍ତି ଗାଇବ ଓଡ଼ିଶା ।
କେତେ କମିଶନ ଆସିଥିଲେ ଓଡ଼ିଶାକୁ
ମାତ୍ର କେତେ ଜଣ ଲୋକ ଚିହ୍ନନ୍ତି ତାହାଙ୍କୁ ।

× × ×

ହେ ରେଭେନ୍‌ସା ପୁଣ୍ୟଶ୍ଳୋକ ଧର୍ମପରାୟଣ
ଧନ୍ୟ ମୁହିଁ ତୁମ୍ଭ ନାମ କଲି ଉଚ୍ଚାରଣ ।
ଓଡ଼ିଶା ମା ବାପ କାହିଁ ତୁମ୍ଭ ପରି ଜଣେ
ଓଡ଼ିଶା ସକାଶେ ଲାଗିଥିଲ ପ୍ରାଣପଣେ ।
ପରପାଇଁ କରିବାର ଆତ୍ମବିସର୍ଜନ
ଦେଖାଇ ଯାଇଛ ତୁମ୍ଭେ ସେହି ନିଦର୍ଶନ ।

× × ×

ରେଭେନ୍‌ସା କଲେଜ କୀର୍ତ୍ତି ସବୁଦିନେ ଥିବ
ଜୟ ଜୟ ଜୟ ଜୟ ରେଭେନ୍‌ସା ସାହେବ ।

ରେଭେନ୍‌ସାଙ୍କର ମୃତ୍ୟୁ ୧୮୯୯ ମସିହାରେ ହେଲା ।

---

22 ‘‘Letters of Madhusudan Das from England.
ଉତ୍କଳଦୀପିକାର ତା ୭।୮।୧୮୯୭ରେ ପ୍ରକାଶିତ ।

Digitized by srujanika@gmail.com

# ଓଡ଼ିଶା ଡ଼ିଭିଜନରେ ଶିକ୍ଷା ବ୍ୟବସ୍ଥା

ଆଗରୁ ଉଲ୍ଲେଖ କରଯାଇଛି, ଖ୍ରୀଷ୍ଟାନ ମିଶନାରୀମାନେ ୧୮୨୨ ମସିହାରେ ଲୋକଙ୍କୁ ଖ୍ରୀଷ୍ଟ ଧର୍ମରେ ପ୍ରଲୋଭିତ କରିବା ଲକ୍ଷ୍ୟରେ ଆଙ୍ଗ୍ଲୋଭର୍ଣ୍ଣାକୁଲର ସ୍କୁଲମାନ ସ୍ଥାପନ କରିଥିଲେ । ସାଧାରଣ ଶିକ୍ଷା ସହିତ ଖ୍ରୀଷ୍ଟଧର୍ମ ଶିକ୍ଷା ଏଥିରେ ଦିଆଗଲା । କିନ୍ତୁ ଏ ସବୁ ଅନୁଷ୍ଠାନ ଚଳାଇବା ଅସମ୍ଭବ ହେବାରୁ ୧୮୪୧ ମସିହାରେ ସରକାରଙ୍କୁ ଦେଇ ଦେଲେ । ପୁରୀ କଲେକ୍ଟର ଉଇଲିୟମ୍ ଉଇଲକିନ୍ସନ ୧୮୩୫ରେ ପୁରୀରେ ''ଫ୍ରି ଏକାଡ଼େମୀ'' ସ୍ଥାପନ କରିଥିଲେ । ୧୮୫୧ରେ କଟକଠାରେ ୧୮୫୩ରେ ପୁରୀ ଓ ବାଲେଶ୍ୱରଠାରେ ଜିଲ୍ଲା ସ୍କୁଲମାନ ସ୍ଥାପିତ ହେଲା । ୧୮୪୪ ମସିହାରେ କେତୋଟି ଭର୍ଣ୍ଣାକୁଲର ସ୍କୁଲ ମଧ୍ୟ ସ୍ଥାପିତ ହୋଇଥିଲା । ୧୮୬୬ ମସିହା ବେଳକୁ ଓଡ଼ିଶା ଡ଼ିଭିଜନରେ ମୋଟେ ୬୧ ଗୋଟି ଆଙ୍ଗ୍ଲୋଭର୍ଣ୍ଣାକୁଲର ସ୍କୁଲ ଥିଲା

୧୮୫୯ ମସିହାରେ ବଙ୍ଗ ଗଭର୍ଣ୍ଣର ଜି. ଏଫ୍. କକ୍‌ବର୍ଣ୍ଣ ଲେଖିଲେ ସରକାର ବଙ୍ଗଳାରେ ଲକ୍ଷ ଲକ୍ଷ ଟଙ୍କା ଶିକ୍ଷା ଦିଗରେ ବ୍ୟୟ କଲାବେଳେ ଓଡ଼ିଶା ଡ଼ିଭିଜନକୁ ସେଥିରୁ ବଞ୍ଚିତ କରଯାଇଛି । ଓଡ଼ିଶାର ଶିକ୍ଷା ଉନ୍ନତି ପ୍ରତି ବଙ୍ଗ ସରକାରଙ୍କ ଦୃଷ୍ଟି ନ ପଡ଼ିବା ଅତୀବ ନିନ୍ଦାର ବିଷୟ । ଏ ସମସ୍ତ ସତ୍ତ୍ୱେ ବଙ୍ଗୀୟ କର୍ମଚାରୀଙ୍କ ଷଡ଼ଯନ୍ତ୍ର ହେତୁ ଲାଟଙ୍କ ଉପଦେଶର କୌଣସି ଫଳହେଲା ନାହିଁ । ଏହାପରେ ଦଶବର୍ଷ ଗଲିଗଲା ।୧୮୬୯ ମସିହାରେ ବଙ୍ଗର ଛୋଟଲାଟ ତାଙ୍କ ପରିଚାଳନା ରିପୋର୍ଟରେ ଓଡ଼ିଆଙ୍କ ଦୁର୍ଦ୍ଦଶା ନେଇ ଲେଖିଲେ ଯେ ''ଓଡ଼ିଶା ଡ଼ିଭିଜନରୁ ଓଡ଼ିଆ ଉଠାଇ ଦେଇ ବଙ୍ଗଳା ପଢ଼ିବା ପାଇଁ ଓ ଓଡ଼ିଆ ଭାଷାକୁ କେବଳ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଆବଦ୍ଧ ରଖିବା ପାଇଁ ବଙ୍ଗଳା ଡ଼ି. ପି. ଆଇ କରିଥିବା ସୁପାରିଶ ଅନ୍ୟାୟ । ଓଡ଼ିଆମାନଙ୍କୁ ଓଡ଼ିଆ ଭାଷା ଶିକ୍ଷା ଦିଆଯିବା ଉଚିତ'' ଏହା ଫଳରେ କେତେ ଖଣ୍ଡ ଓଡ଼ିଆ ବହି ଛାପା ହେବାର ସୁଯୋଗ ମିଳିଲା । ଲେଖକମାନେ ବଙ୍ଗଳା ପାଠ୍ୟ ବହିରୁ ଅନୁବାଦ କରି ଓଡ଼ିଆ ପାଠ୍ୟ ବହି ଲେଖିଲେ ।

କଟକ ଡ଼ିବେଟିଂ କ୍ଲବରେ ବଙ୍ଗୀୟମାନେ ସଭକରି ସ୍ଥିର କଲେ, ''ଉତ୍କଳ ପୁସ୍ତକ-ମାନ ବଙ୍ଗାକ୍ଷରରେ ମୁଦ୍ରିତ କରି ପ୍ରଚାର କଲେ ଏବଂ ଏ ଦେଶୀୟ କଚେରୀ ଦରବାର-ମାନଙ୍କରେ ବଙ୍ଗାକ୍ଷର ବ୍ୟବହାର କଲେ ଅନେକ ଧର୍ମିଷ୍ଠ ଜ୍ଞାନୀ ବଙ୍ଗୀୟମାନଙ୍କ ସହ-ବାସରେ ଏତଦ୍ଦେଶରେ ଅନେକ ଉପକାର ଓ ଶ୍ରୀ ବୃଦ୍ଧି ହେବ ।'' (ଉତ୍କଳ ଦୀପିକା ୪ ଭାଗ ୩୦ ସଂଖ୍ୟା ତା ୨୪।୭।୧୮୬୧)ଏ ପ୍ରସ୍ତାବ ଉପରେ ତୀବ୍ର ପ୍ରତିବାଦ ହେଲା । ତେଣୁ ସରକାର ଓଡ଼ିଆ ଭାଷାକୁ ବଙ୍ଗାକ୍ଷରରେ ଛାପିବା ପ୍ରସ୍ତାବ ଗ୍ରହଣ କଲେ ନାହିଁ ।

୧୮୬୯ ମସିହାରେ ନଅଜଣ ଛାତ୍ର ଓଡ଼ିଶା ଡ଼ିଭିଜନରେ ତିନୋଟି ହାଇସ୍କୁଲରୁ ମାଟ୍ରିକ ପରୀକ୍ଷା ଦେଇଥିଲେ । ଛଅଜଣ ପାଶ କଲେ । ୧୮୮୫ ମସିହାଯାଏଁ ମୋଟେ ୧୮

Digitized by srujanika@gmail.com

ଜଣ ଓଡ଼ିଆ ଛାତ୍ର ଏଫ୍. ଏ. ପରୀକ୍ଷାରେ ପାଶ୍ କରିଥିଲେ । ୧୮୭୦ ମସିହାରେ ପ୍ରଥମେ ମଧୁସୂଦନ ଦାସ ବି. ଏ. ପାଶ କଲେ ।

୧୮୪୧ ମସିହାରେ ସ୍ଥାପିତ କଟକ ଜିଲ୍ଲା ସ୍କୁଲ ୧୮୬୩ରେ ଦ୍ୱିତୀୟ ଶ୍ରେଣୀ କଲେଜ ଓ ୧୮୭୬ରେ ପ୍ରଥମ ଶ୍ରେଣୀ କଲେଜରେ ପରିଣତ ହେଲା । ନାମ ରହିଲା ''ଓଡ଼ିଶା କଲେଜ'' । ରେଭେନ୍‌ସା କର୍ମକ୍ଷେତ୍ରରୁ ଅବସର ଗ୍ରହଣ କଲା ପରେ ତାଙ୍କ ସ୍ମୃତିକୁ ଚିର-ସ୍ମରଣୀୟ କରିବା ଲାଗି ୧୮୮୦ରେ ଏହାର ନାମ ହେଲା ''ରେଭେନ୍‌ସା କଲେଜ'' । ଏପର୍ଯ୍ୟନ୍ତ ଏହି କଲେଜ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଆଲୋକସ୍ତମ୍ଭ ସ୍ୱରୂପ ହୋଇ ରହିଛି । ୧୯୦୪ରେ କଲିକତା ବିଶ୍ୱବିଦ୍ୟାଳୟରେ ଏଫ୍. ଏ. ଓ ବି. ଏ. ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ରେଭେନ୍‌ସା କଲେଜର ୫୪ ଜଣ ଛାତ୍ର ଏଫ୍. ଏ. ଓ ୨୬ ଜଣ ବି. ଏ. ପରୀକ୍ଷା ଦେଇଥିଲେ । ଏଥିରୁ ୩୨ ଜଣ ଛାତ୍ର ଏଫ୍. ଏ. ଓ ୧୦ ଜଣ ଛାତ୍ର ବି. ଏ. ପରୀକ୍ଷାରେ ପାଶ୍ କଲେ । ପ୍ରବେଶିକା ପରୀକ୍ଷା ୧୩୪ ଜଣ ଦେଇଥିଲେ ୫୫ ଜଣ ପାଶ କଲେ ।

ସାଧାରଣ ବିଦ୍ୟାଳୟମାନଙ୍କରେ ତାଲିମ୍‌ପ୍ରାପ୍ତ ଶିକ୍ଷକଙ୍କ ଅଭାବ ହେତୁ ନାନା ଅସୁବିଧା ଉପୁଜୁଥିଲା । ବଙ୍ଗଳା ସରକାର ବଙ୍ଗଳା ଓ ଆସାମର ବହୁ ସ୍ଥାନରେ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟମାନ ୧୮୫୯ ମସିହାଠାରୁ ଆରମ୍ଭ କରିଥିଲେ ହେଁ ଓଡ଼ିଶା ଡ଼ିଭିଜନ ପ୍ରତି ତାଙ୍କର ଦୃଷ୍ଟି ପଡ଼ିଲା ୧୮୬୯ ମସିହାରେ । ଫଳରେ କଟକରେ ନର୍ମାଲ ସ୍କୁଲଟିଏ ସ୍ଥାପିତ ହେଲା ।

ଏତ ଗଲା ସାଧାରଣ ଶିକ୍ଷା କଥା । ବୈଷୟିକ ଶିକ୍ଷାର ଅବସ୍ଥା ଅବା ପଚାରେ କିଏ ? କଟକର ସିଭିଲିସର୍ଜନ ଡ଼ାକ୍ତର ଡ଼ବ୍ଲ୍ୟୁ ଷ୍ଟୁଆର୍ଟଙ୍କ ସାହାଯ୍ୟରେ କଟକରେ ମେଡ଼ିକଲ ସ୍କୁଲ ୧୮୭୬ ମସିହାରେ ସ୍ଥାପିତ ହେଲା । ତାହା ବର୍ତ୍ତମାନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ପରିଣତ ହୋଇଅଛି

୧୮୯୧ ମସିହା ବେଳକୁ ଓଡ଼ିଶା ଡ଼ିଭିଜନରେ ଗୋଟିଏ କଲେଜ, ଦଶୋଟି ହାଇସ୍କୁଲ, ଚାଳିଶଟି ମଧ୍ୟଇଂରାଜି ସ୍କୁଲ ଥିଲା । ଓଡ଼ିଆମାନଙ୍କର ଇଂରାଜି ଶିକ୍ଷା ପ୍ରତି ଘୃଣା ଓ ସରକାରଙ୍କ ଅବହେଳା ହେତୁ ଓଡ଼ିଆମାନେ ଶିକ୍ଷା ଦିଗରେ ଆଗେଇ ପାରିଲେ ନାହିଁ । ଫଳରେ ଅଣଓଡ଼ିଆମାନେ ଏଠି ସବୁ ଚାକିରି ମାଡ଼ି ବସିଲେ ।

ସଟନ-କର ନାମକ ଖ୍ରୀଷ୍ଟଧର୍ମ ପ୍ରଚାରକ ଲେଖିଲେ, ''ଓଡ଼ିଆମାନେ ଉଚ୍ଚଶିକ୍ଷା ପ୍ରତି ଆଗ୍ରହୀ ନ ହେବା କାରଣ ସେମାନେ ଦେଖିଲେ ଯେ ସବୁ ଚାକିରି ବଙ୍ଗାଳୀମାନଙ୍କ ହାତରେ, ତେଣୁ ତାଙ୍କ ପିଲେ ଚାକିରୀ ପାଇବେ ନାହିଁ । ଏହି ଆଶଙ୍କା ସେମାନଙ୍କ ମନରୁ ଦୂର କରିବାକୁ ହେଲେ ଓଡ଼ିଆମାନଙ୍କୁ ଚାକିରୀ ଦିଆଯିବା ଉଚିତ ।୨୩ ।

---

୨୩ ସଟନ-କର ( Seton-kar )ଙ୍କ ବଙ୍ଗଳା ସରକାରଙ୍କୁ ୧୯-୧୦-୧୮୬୦ର ଚିଠି ।

Digitized by srujanika@gmail.com

# ପୁରୀରେ ସଂସ୍କୃତ କଲେଜ

୧୯୦୪ରେ ପୁରୀ ଜିଲ୍ଲା ସ୍କୁଲଠାରେ ଓଡ଼ିଶା ଡ଼ିଭିଜନାଲ କମିସନର ଗ୍ରାଉସ ସାହେବଙ୍କ ସଭପତିତ୍ୱରେ ସଭ ହୋଇ ସଂସ୍କୃତ ପଢ଼ାଇବା ଆଲୋଚନା କରଗଲା । ଏଥିରେ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ, ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ, ଡ଼େପୁଟି ମାଜିଷ୍ଟ୍ରେଟ, ଜଗନ୍ନାଥ ମନ୍ଦିର ମାନେଜର ରଜକିଶୋର ଦାସଙ୍କୁ ନେଇ କମିଟି ଗଢ଼ାଗଲା । ପରବର୍ଷଠାରୁ କାର୍ଯ୍ୟାରମ୍ଭ ହେଲା । ବର୍ତ୍ତମାନ ଏହି କ୍ଷୁଦ୍ର ଅନୁଷ୍ଠାନ ''ସଦାଶିବ ସଂସ୍କୃତ ମହାବିଦ୍ୟାଳୟ'' ନାମରେ ୧୯୫୧ଠାରୁ ପରିଚିତ ହୋଇଅଛି । ଏହା ପୂର୍ବରୁ ୧୮୬୫ ମସିହାରେ ପୁରୀର ପଣ୍ଡିତ ହରିହର ଦାସଙ୍କ ଚେଷ୍ଟାରେ ବଳରାମପୁର ମହାରଜାଙ୍କ ବଦାନ୍ୟତା ବଳରେ ସଂସ୍କୃତ ଶିକ୍ଷା ପାଇଁ ୫୫୦୦ ଟଙ୍କା ସରକାରଙ୍କ ହାତରେ ଦିଆଯାଇଥିଲା । ହରିହର ଅଳ୍ପ ବୟସରେ ମହାରଜାଙ୍କୁ ନିଜ ବିଦ୍ୟାବଳରେ ଅଭିଭୂତ କରି ଦେଇଥିଲେ । ମହାରଜ ସୁପଣ୍ଡିତ ଥିଲେ । ସେ ଓଡ଼ିଶାରୁ ଯାଇଥିବା ପଣ୍ଡିତଙ୍କୁ ପଚ୍ଚରିଲେ, ''କା ପୂର୍ବଃ'' (ଆପଣଙ୍କ ଘର କେଉଁଠି ?) ପଣ୍ଡିତେ ଉତ୍ତର ଦେଲେ, ''ପୁରୀ ପୂର୍ଣ୍ଣଃ'' (ଆମ ଘର ପୁରୀରେ) ଏହି ଉତ୍ତର ପାଇ ମହାରଜ ସନ୍ତୁଷ୍ଟ ହେଲେ ଓ ପୁରୀରେ ସଂସ୍କୃତ ଶିକ୍ଷାର ଅଭବ ଦୂର କରିବା ପାଇଁ ସାହାଯ୍ୟ ଦେଲେ । ହରିହର ୧୮୪୨ ମସିହାରେ ଜନ୍ମ ହୋଇ ୧୮୭୪ରେ ପରଲୋକ ହେଲେ ।

ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଉତ୍କଳମଣି ଗୋପବନ୍ଧୁ ଲେଖିଥିଲେ

ନିଦାରୁଣ କାଳ କିନ୍ତୁ ଏ ସକଳ
ସହି ନ ପାରିଲା କ୍ଷଣେ
ବନ ଫୁଲ ପରି ଅଚିରେ ବିକଶି
ଝାଉଁଳି ପଡ଼ିଲା ବଣେ ।
କିଶୋର ବୟସେ କେତେ ସ୍ୱାର୍ଥ ତ୍ୟାଗ
କରିଥିଲା ଦେଶ ହିତେ
ଏବେ ଦେଶ ଦଶା ଆହେ କ୍ଷଣଜନ୍ମା
ନ ପଡ଼େ କି ଦିବ୍ୟଚିତ୍ତେ ?
ଉତ୍କଳ ମଣ୍ଡଳେ ନବ୍ୟ ସଭ୍ୟ ଦଳେ
ସର୍ବେ ଆଜି ସ୍ୱାର୍ଥପର
ଆସ ହରିହର ପଣ୍ଡିତ–ପ୍ରବର
ସମାଜ ସଂସ୍କାର କର ।

ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ କର୍ମୀ କୁଳବୃଦ୍ଧ ମଧୁସୂଦନଙ୍କ ଅପୂର୍ଣ୍ଣ ଆତ୍ମଜୀବନୀ ପାଠକଲେ ସେତେବେଳେ ଓଡ଼ିଆମାନେ ଶିକ୍ଷା କ୍ଷେତ୍ରରେ କିପରି ଲାଞ୍ଛିତ ତଥା

Digitized by srujanika@gmail.com

ଅବମାନିତ ହେଉଥିଲେ ତାହାର କିଞ୍ଚିତ ଆଭାଷ ମିଳେ । ମଧୁବାବୁ ଲେଖିଛନ୍ତି ''ମୁଁ କଟକ-ଜିଲ୍ଲା ସ୍କୁଲରେ ପଢ଼ିବାକୁ ଗଲାବେଳେ ଅଧିକାଂଶ ଛାତ୍ର ବଙ୍ଗାଳୀ ଓ ଶିକ୍ଷକ ସମସ୍ତେ ବଙ୍ଗାଳୀ ।

× × × × ×

ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କ ଅମଳରୁ ବହୁ ବଙ୍ଗାଳୀ ଓଡ଼ିଶାକୁ ଆସିଗଲେ । ଏମାନେ ବ୍ରିଟିଶ-ଶାସନ-ପଦ୍ଧତି ଭଲରୂପେ ଜାଣିଥିଲେ । କାରଣ ବଙ୍ଗ ଦେଶ ବହୁଦିନୁ ବ୍ରିଟିଶ ଶାସନ ଅଧୀନ ହୋଇଥିଲା । ଇଂରଜି ଭାଷା ମଧ୍ୟ ଶିଖିଥିଲେ । ଯେଉଁ ସବୁ ସାହେବ ଶାସନ କ୍ଷେତ୍ରରେ ଉଚ୍ଚପଦରେ ଥିଲେ ତାଙ୍କୁ ଏମାନେ ସାହାଯ୍ୟ କରୁଥିଲେ । ଓଡ଼ିଆମାନେ ଶାସନର ନିୟମ ବା ଆଇନ କିଛି ବୁଝି ପାରୁ ନ ଥିଲେ । ତେଣୁ ବଙ୍ଗାଳୀମାନେ ଓଡ଼ିଆଙ୍କୁ ଅବମାନନା କରିବାରେ ଆଶ୍ଚର୍ଯ୍ୟ ହେବାର କାରଣ ନାହିଁ । × × ×

ମଧୁସୂଦନ ସ୍କୁଲ୍ ଜୀବନରେ ବଙ୍ଗାଳୀ ଛାତ୍ର ତଥା ଶିକ୍ଷକଙ୍କ ବ୍ୟବହାରର ତିକ୍ତ ଅନୁଭୂତି ଦର୍ଶାଇଛନ୍ତି । ସେ ବାସ୍ତବ କଥା କହି ସ୍କୁଲରୁ ବିତାଡ଼ିତ ହେବା ପରେ ଶିକ୍ଷା ବିଭାଗ କର୍ତ୍ତା ଶ୍ରୀ ହେଲି ସାହେବ ( Mr. Healy ) ଙ୍କ ହସ୍ତକ୍ଷେପ ଫଳରେ ପୁନଶ୍ଚ ସ୍କୁଲରେ ପ୍ରବେଶ ପାଇଁ ଅନୁମତି ପାଇଲେ ।୨୪ ।

୧୮୭୭ ମସିହାରେ ବୃଷ୍ଟି ଅଭାବରୁ ପୁରୀ ଜିଲ୍ଲାର ବହୁ ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିଲା । ସରକାର ପୁରୀ ସହରର ସମସ୍ତ ପୁଷ୍କରିଣୀରୁ ପଙ୍କୋଦ୍ଧାର କରିବା ପ୍ରସ୍ତାବ କଲେ । ତା ସଙ୍ଗେ ସଙ୍ଗେ 'ଶ୍ୱେତଗଙ୍ଗା' ପୁଷ୍କରିଣୀକୁ ପୋତାଇ ଦେବା ମଧ୍ୟ ଥିଲା । କାରଣ ଏହି ଉଭୟ ପ୍ରକାର କାର୍ଯ୍ୟରେ ବହୁ ଶ୍ରମଜୀବୀ ମୂଲ ପାଇବେ । ଶ୍ୱେତଗଙ୍ଗା ପ୍ରଧାନ ତୀର୍ଥ । ତାକୁ ପୋତିଦେବା ପ୍ରସ୍ତାବରେ ପ୍ରତିବାଦ ହେଲା । ପୁରୀ ରଜା ଦିବ୍ୟସିଂହ ଦେବ କେତେକ ପ୍ରତିପତ୍ତିଶାଳୀ ଅଣଓଡ଼ିଆ ଓ ଅପର କେତେକ ପଣ୍ଡିତମାନଙ୍କ କଥାରେ ପଡ଼ି 'ନରେନ୍ଦ୍ର' ପୁଷ୍କରିଣୀକୁ 'ଶ୍ୱେତଗଙ୍ଗା' ବୋଲି ପ୍ରମାଣ ଦେବାରେ ଲାଗିପଡ଼ିଲେ । ବନ୍ଧଟି ପୋତିଦେବା

---

24 My admission into the English School brought me in Contact with Bengali teachers. The administration of East India Company had brought into Orissa a very large number of Bengalees. They were familiar with the System of British administration. Bengal had been under British administration for a pretty long time. They knew the English language and were conversant with the rules and laws of British administration. They were helpful to the officers who were responsible for the administration of Orissa. The people of Orissa were profoundly ignorant of the rules and laws by which the administration was carried on. It was natural for the Bengalees to treat the Oriyas with contempt. From Madhusudan's incomplete autobiography

Digitized by srujanika@gmail.com

କେତେକଙ୍କର ସ୍ୱାର୍ଥ ଥିଲା । ଫେରେ ସରକାର ଯେତେବେଳେ ପ୍ରଭାବିତ ହେଲେଣି ଆଉ ବା ବିଗ୍ଭର କ'ଣ ? ସେଥିରେ ଦିବ୍ୟସିଂହ 'ମହାରାଜ' ଉପାଧି ପାଇବେ ଲୋଭଟା ଥାଏ । ଯାହା ହେଉ ଶେଷରେ ସର୍ବସାଧାରଣଙ୍କ କଥା ରହିଲା, ଶ୍ୱେତଗଙ୍ଗା ପୋତା ନ ହେବା ସ୍ଥିର ହେଲା ।

ଏ ରାଜାଙ୍କ ଅମଳରେ 'ଗୋବିନ୍ଦଦ୍ୱାଦଶୀ'ର ସ୍ନାନଯୋଗ ପଡ଼ିଲା, ଅବ୍ୟବସ୍ଥା ହେତୁ ବହୁ ଯାତ୍ରୀ ଦେଉଳ ଭିତରେ ଦଳାଚକଟା ହୋଇ ମଲେ ।

ଦିବ୍ୟସିଂହ ଆଗେ ଭଲ ଥିଲେ । କ୍ରମେ ମଦ୍ୟପାନ, ବ୍ୟଭଗ୍ଭର ତାଙ୍କୁ ଭ୍ରଷ୍ଟ କରି-ଦେଲା । ସେ ଜଣେ ବାବାଜୀଙ୍କୁ ଅତି ଜଘନ୍ୟ ଭାବରେ ହତ୍ୟା କରିବାରେ ମୁଖ୍ୟ ଭାବରେ ଦାୟୀ ହୋଇ ଦ୍ୱୀପାନ୍ତର ଦଣ୍ଡ ପାଇଲେ । ଆନ୍ଦାମାନ ଦ୍ୱୀପରେ ୧୮୮୭ ମସିହାରେ ପରଲୋକ ହେଲେ ।

ଦୁର୍ଭିକ୍ଷ ହେତୁ ଓଡ଼ିଆ ଛାତ୍ରଙ୍କ ସଂଖ୍ୟା ଶିକ୍ଷାନୁଷ୍ଠାନମାନଙ୍କରୁ କମିଗଲା, ଫଳରେ ବଙ୍ଗାଳୀ ଫେରେ ଆନ୍ଦୋଳନ କଲେ ଯେ ଓଡ଼ିଆ ପଢ଼ିବା ଛାତ୍ର ସଂଖ୍ୟା ଖୁବ୍ କମ୍, ତେଣୁ ବଙ୍ଗଳା ଶିକ୍ଷା ଦିଆଯାଉ । ସରକାର କିନ୍ତୁ ଏମାନଙ୍କ ଦାବୀ ଭିତ୍ତିହୀନ ଓ ଛାତ୍ର ସଂଖ୍ୟା କମିବା ସାମୟିକ ବୋଲି ଧରିନେଲେ ।

## ହଣ୍ଟର୍-କମିଶନ

୧୮୮୨ ମସିହାରେ ଆଞ୍ଚଳିକ ଭାଷାରେ ଶିକ୍ଷା ପ୍ରସାର ଦାବୀର ଗୁରୁତ୍ୱ ବଡ଼ଲାଟ ଲର୍ଡ ରିପନ ବୁଝିପାରି ହଣ୍ଟର କମିଶନ ନିଯୁକ୍ତ କଲେ । ଓଡ଼ିଆ ପ୍ରାଚୀନ ଓ ସ୍ୱତନ୍ତ୍ର ଭାଷା । ଏହାର ସାହିତ୍ୟ-ଭଣ୍ଡାରରେ ଯେ ମହାର୍ଘରତ୍ନ ସବୁ ରହିଛି ତାହା ପ୍ରମାଣିତ କରିବା ପାଇଁ ମହାକବି ଉପେନ୍ଦ୍ରଭଞ୍ଜ ଆଦିଙ୍କ କାବ୍ୟ କବିତା ଲେଖାଥିବା ତାଳପତ୍ର-ପୋଥିଗୁଡ଼ିକୁ କମି-ଶନଙ୍କୁ ଦେଖାଇ ଦିଆଗଲା । କମିଶନ ଏସବୁ ଦେଖି ଓଡ଼ିଆ ଭାଷାରେ ଶିକ୍ଷା ଦିଆଯିବା ଉଚିତ ବୋଲି ସୁପାରିଶ କଲେ । କିନ୍ତୁ ପଦସ୍ଥ ଅଣଓଡ଼ିଆ କର୍ମଗ୍ଭରୀଙ୍କ ପ୍ରାବଲ୍ୟ ହେତୁ ଏହା ବିଶେଷଭାବେ କାର୍ଯ୍ୟକାରୀ ନ ହେଲେ ମଧ୍ୟ ସରକାରୀ ଭାବରେ ଓଡ଼ିଆ ଭାଷାର ପ୍ରଭାବ ଅନୁଭୂତ ହେଲା ।

## ବାଲେଶ୍ୱରରେ ଓଡ଼ିଆ ଆନ୍ଦୋଳନ

୧୮୭୨ ମସିହାରେ ବାଲେଶ୍ୱର ଜଲାର ସମଗ୍ର ଉପକୂଳ ଝଡ଼—ଜୁଆରରେ ଧ୍ୱସ୍ତ-ବିଧ୍ୱସ୍ତ ହେଲା । ଓଡ଼ିଆଙ୍କ ଗୁହାରି ଅରଣ୍ୟରୋଦନରେ ପରିଣତ ହେଲା । ବାଲେଶ୍ୱରର ବିଶିଷ୍ଟ ବ୍ୟକ୍ତିମାନେ ସରକାରଙ୍କ ଅବହେଳାରେ ବିଶେଷ କ୍ଷୁବ୍ଧ ହେଲେ । ଓଡ଼ିଆ ଭାଷୀ

Digitized by srujanika@gmail.com

ଏକ ଶାସନାଧୀନ ନ ହେଲେ ଯାଙ୍କ ଗୁହାରି ବା ଦାବୀ କେହି ଶୁଣିବେ ନାହିଁ । ଯେତେ ବଡ଼ ପ୍ରାକୃତିକ ବିପଦ ପଡ଼ୁ ସରକାରୀ ସାହାଯ୍ୟ ମିଳିବ ନାହିଁ । ଏ ଧାରଣା କ୍ରମଶଃ ବଦ୍ଧମୂଳ ହେଲା ।

ବାଲେଶ୍ୱର ରଜା ଶ୍ୟାମାନନ୍ଦ ଦେ ଓ ବିଚିତ୍ରାନନ୍ଦ ଦାସ ଆଦି ବିଶିଷ୍ଟ ବ୍ୟକ୍ତିମାନଙ୍କ ଯତ୍ନରେ ୧୮୭୫ ମସିହାରେ "ଓଡ଼ିଆମାନଙ୍କୁ ଏକ ଶାସାଧୀନ କରଯାଉ" ଦାବୀ ଉପରେ ଆନ୍ଦୋଳନ କରଗଲା । ବଙ୍ଗଳାର ଛୋଟ-ଲାଟ ସାର ରିଚ୍ଚର୍ଡ ଟେମ୍ପଲଙ୍କ ଓଡ଼ିଶା ପରିଦର୍ଶନ ବେଳେ ୧୮୭୫ ମସିହା ଫେବୃୟାରୀ ମାସରେ ବାଲେଶ୍ୱରଠାରେ ଦାବୀପତ୍ର ଦିଆଗଲା ଏଥିରେ ଓଡ଼ିଆଭାଷୀଙ୍କୁ ଏକ ଶାସନାଧୀନ କରିବା, ପ୍ରାକୃତିକ ବିପଦରେ କ୍ଷତିଗ୍ରସ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲାବାସୀଙ୍କୁ ସାହାଯ୍ୟ ଦେବା, ରେଲ ରାସ୍ତା ଦ୍ୱାରା କଲିକତା-କଟକକୁ ସଂଯୋଗ କରିବା ଆଦି ଦାବୀ ଯୁକ୍ତିଯୁକ୍ତ ଭାବେ ଜଣାଇ ଦିଆଗଲା । ବାଲେଶ୍ୱରରୁ ପ୍ରକାଶିତ "ଉତ୍କଳ ଦର୍ପଣ" ଏଥିରେ ବିଶେଷ ତତ୍ପରତା ଦେଖାଇଥିଲା । ଏ ସମସ୍ତ ସତ୍ତ୍ୱେ ଅଣଓଡ଼ିଆ କର୍ମଚାରୀଙ୍କ ପ୍ରରୋଚନାରେ ସରକାର କୌଣସି ଦାବୀର ସୁବିଚାର କଲେ ନାହିଁ । ଓଲଟି କେନାଲ ବାଟ ଦେଇ କଲିକତାରୁ କଟକ ଯିବା ସୁବିଧା ଥିବା ହେତୁ ଅଧିକ ବ୍ୟୟ କରି ରେଲରାସ୍ତା କରିବା ଅନାବଶ୍ୟକ ବୋଲି ଉଦ୍ୟୋକ୍ତାମାନଙ୍କୁ ଜଣାଇ ଦେଲେ

•

୧୮୮୫ ମସିହାରେ ବଙ୍ଗଳାର ଛୋଟ-ଲାଟ ଲେଫଟନାଣ୍ଟ ଗଭର୍ଣ୍ଣର ସାର ରିଚ୍ଚର୍ଡ ଥମ୍ପସନ ଓଡ଼ିଶା ଗସ୍ତରେ ଆସିଲେ । ତାଙ୍କୁ ଓଡ଼ିଆଭାଷୀଙ୍କୁ ଏକ ଶାସନାଧୀନ କଲେ ଶାସନ ସୁବିଧାରେ ଚାଲିବ , ଜାତିର ଐକ୍ୟ ପ୍ରତିଷ୍ଠା ହେବ, ସର୍ବସାଧାରଣଙ୍କର ବହୁ ସୁବିଧା ହେବ ଆଦି ଯୁକ୍ତିଯୁକ୍ତ ଦାବୀପତ୍ର ଦିଆଗଲା । ଫଳ କିଛି ହେଲା ନାହିଁ ।

୧୮୮୫ ଓ ୧୮୮୭ ମସିହାରେ ମଧ୍ୟ ବାଲେଶ୍ୱର ଓ କଟକ ଜିଲ୍ଲାର କେତେକାଂଶ ଝଡ଼-ତୁଆରରେ ଧ୍ୱସ୍ତ ହୋଇଗଲା । ବହୁ ଲୋକ ମରିଗଲେ, ଆର୍ଥିକ ଦୁଃସ୍ଥିତିରୁ ଲୋକଙ୍କୁ ରକ୍ଷା କରିବା ପାଇଁ ସରକାର ବିଶେଷ କିଛି କଲେ ନାହିଁ । ୧୮୮୮ ମସିହାରେ ବଙ୍ଗଳାର ଛୋଟ ଲାଟ କଲଭିନ୍ ଷ୍ଟୁଆର୍ଟ ଓଡ଼ିଶାର ଦୁର୍ଦ୍ଦଶା ଦେଖିବାକୁ ଆସିଲେ । ଦେଶର ଦୁଃସ୍ଥିତି ତଥା ଓଡ଼ିଆଭାଷୀଙ୍କୁ ଏକ ଶାସନାଧୀନ କରିବା ବିଷୟ ଜଣାଇ ଦିଆଗଲା, ତଥାପି "ଯଥା ପୂର୍ବଂ ତଥା ପରମ୍" ନ୍ୟାୟ ହେଲା । ସେ କିଛି କଲେ ନାହିଁ ।

୧୮୭୩ ମସିହା ଜନଗଣନା ରିପୋର୍ଟରେ ବେଭରଲି ସାହେବ ଲେଖିଲେ ଯେ "ବଙ୍ଗାଳୀଙ୍କ ତୁଳନାରେ ଓଡ଼ିଆମାନେ ଭୟାଳୁ । ପୂର୍ବ ଚଳଣିର ପକ୍ଷପାତୀ ହେତୁ ସେମାନଙ୍କ ଠାରେ ଉତ୍ସାହର ଅଭାବ ଦେଖାଯାଏ ।" କର୍ତ୍ତୃପକ୍ଷ ଓଡ଼ିଆଙ୍କୁ କିଭଳି ଦେଖୁଥିଲେ ତାହା ଏଥିରୁ ଜଣାଯାଏ । ଉତ୍କଳଦୀପିକା ଏହି ମତର ପ୍ରତିବାଦ କରିଥିଲେ । ଯେଉଁ ସାହେବମାନେ ଅଣଓଡ଼ିଆଙ୍କ କଥାରେ ଚଳୁଥିଲେ ସେମାନେ ଓଡ଼ିଆଙ୍କ ପ୍ରତି ହେୟ ଭାବ

Digitized by srujanika@gmail.com

ପୋଷଣ କରୁଥିଲେ ହେଁ କେତେକ ନିରପେକ୍ଷ ସାହେବ ଅଫିସର ଓଡ଼ିଆଙ୍କ କର୍ମକୁଶଳତା ତଥା ସଚ୍ଚୋଟ ପଣିଆର ପ୍ରଶଂସା କରିଥିଲେ । ସାର: ଏଇଚ୍: ରିକେଟ୍‌ସ Sri H. Ricketts ଯେ କି ୧୮୩୫ ମସିହାଠାରୁ ୧୮୩୮ ଯାଏ ଓଡ଼ିଶା ଡ଼ିଭିଜନର କମିଶନର ଥିଲେ ସେ କଲିକତା ରିଭ୍ୟୁ" Calcutta Reviev ପତ୍ରିକାରେ ୧୮୬୮ ମସିହାରେ ଗୋଟିଏ ଚିଠି ପ୍ରକାଶ କରି ଓଡ଼ିଆ କର୍ମଚାରୀଙ୍କ ଭୂୟସୀ ପ୍ରଶଂସା କରିଥିଲେ ।

## ସମ୍ବଲପୁରରେ ଓଡ଼ିଆଭାଷା ଅଚଳ

ମଧ୍ୟପ୍ରଦେଶର ଚିଫ୍ କମିଶନର ସାରଜନ୍ ଉଡ଼ବର୍ଣ୍ଣ ୧୮୯୫ ମସିହା ଜାନୁୟାରୀ ୨୫ ତାରିଖ ଦିନ ଆଦେଶ ଦେଲେ ଯେ ସମ୍ବଲପୁରରେ ଓଡ଼ିଆଭାଷା ଚଳିବ ନାହିଁ । ଏ ଆଦେଶ ବଳରେ ନ୍ୟାୟର ବେକ ମୋଡ଼ି ଦିଆଗଲା । ଅନ୍ୟାୟର ପ୍ରତିଷ୍ଠା ହେଲା । ଓଡ଼ିଆଙ୍କ ମୁଣ୍ଡରେ ଅକାଳ-ଚଡ଼କ ପଡ଼ିଲା ।

## ଉତ୍କଳ-ସଭା

୧୮୯୨ ମସିହାରେ ଗୌରୀଶଙ୍କର ରାୟଙ୍କ ସମ୍ପାଦକତ୍ୱରେ କଟକରେ ଉତ୍କଳ ସଭା ପ୍ରତିଷ୍ଠିତ ହେଲା । ଏଥିରେ ରାଜନୀତିକ ବିଷୟ ସହ ଓଡ଼ିଆ ଜାତିର ବୈଷୟିକ–ଉନ୍ନତିମୂଳକ ବିଷୟ ଆଲୋଚିତ ହୋଇ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଥିଲା । ୧୮୯୩-୯୪ ମସିହାର ସରକାରୀ ରିପୋର୍ଟରେ ପ୍ରକାଶ ପାଇଲା––

"Public opinion in Orissa restricts as are intimately connected with the material welfare of the people, such as the settlement now in progress. The public in Orissa, less, if possible, than in Bengal concerns itself with politics and in this aspect the public. with the imperfect means of ascertaining the truth acts wisely".

ବାସ୍ତବରେ ଓଡ଼ିଆମାନେ ନବୀନ ଶିକ୍ଷା ଅଭାବରୁ ରାଜନୀତିରେ ଭାଗ ନେଇ ପାରୁ ନ ଥିଲେ । ତେଣୁ ବଙ୍ଗଳାରେ ରାଜନୀତିକ ଆନ୍ଦୋଳନର ଉଗ୍ରରୂପ ପ୍ରକାଶ ପାଇବା ବେଳେ ଓଡ଼ିଶାରେ ତାର କାଣିଚାଏ ମଧ୍ୟ ନ ଥିଲା । କେବଳ ପ୍ରାର୍ଥନା, ଅନୁନୟରେ ଦାବୀ ପୂର୍ଣ୍ଣ କରିବା ଭାବନା କରାଯାଉଥିଲା ।

ଉତ୍କଳ ସଭା ତରଫରୁ ସମ୍ବଲପୁରରୁ ଓଡ଼ିଆଭାଷା ଉଠିଯିବା ବିରୁଦ୍ଧରେ ପ୍ରତିବାଦ-ପତ୍ର ତା ୨୦।୬।୧୮୯୫ ମସିହାରେ ବଡ଼ଲାଟ ଏଲଗିନଙ୍କୁ ଦିଆଯାଇଥିଲା । ମଧୁବାବୁ ଗୋକୁଳାନନ୍ଦ ଚୌଧୁରୀ, ଗୌରୀଶଙ୍କର ରାୟ ଆଦି ନେତୃସ୍ଥାନୀୟ ବ୍ୟକ୍ତିମାନେ ବିଭିନ୍ନ ସ୍ଥାନରେ ସଭା କରି ସରକାରଙ୍କ ଓଡ଼ିଆ ଭାଷା ମାରଣ ନୀତିର କଠୋର ସମାଲୋଚନା

Digitized by srujanika@gmail.com

କଲେ । ଓଡ଼ିଶା କମିଶନର ହେନ୍‌ରି ଚିରଡ଼ କୁକ୍ ସାହେବ ତା ୨୩।୨।୧୮୯୫ ମସିହା ପ୍ରଶାସନିକ ରିପୋର୍ଟରେ ଲେଖିଲେ ଯେ ଓଡ଼ିଆଭଷୀ ଅଞ୍ଚଳକୁ ଏକତ୍ର କରିବା ଶାସନଗତ ସୁବିଧା ଦୃଷ୍ଟିରୁ ନିତାନ୍ତ ଆବଶ୍ୟକ । ଓଡ଼ିଶା ଡ଼ିଭିଜନ ସମେତ ସବୁ ଗଡ଼ଜାତ, ସମ୍ବଲପୁର, ସମଗ୍ର ଗଞ୍ଜାମ ଜିଲ୍ଲା ବା ଏହାର ଅଧିକାଂଶ ଅଞ୍ଚଳ ଏକ ଶାସନାଧୀନ ହେବା ଉଚିତ । ଓଡ଼ିଆମାନେ ତିନୋଟି ଶାସନାଧୀନ ହେବା ଫଳରେ ସେମାନଙ୍କ ଭଷାର ଉନ୍ନତି ଘଟି-ପାରୁ ନ ଥିବା ସେ ସ୍ୱୀକାର କରିଥିଲେ । କୁକ୍ ସାହେବ ଜଣେ ସହାନୁଭୂତିଶୀଳ ବ୍ୟକ୍ତି ଥିଲେ । ଶ୍ରୀ ଗୋପାଳବଲ୍ଲଭ ଦାସ ତାଙ୍କ "କବିତାମଞ୍ଜରୀ" (୧୮୯୫ ମସିହାରେ ପ୍ରକାଶିତ) ଏହାଙ୍କ ନାମରେ ଉତ୍ସର୍ଗ କରି କୁକ୍ ଓଡ଼ିଆମାନଙ୍କର ହିତକାରୀ ଥିବା ଦର୍ଶାଇ-ଛନ୍ତି

## ବଙ୍ଗ ବ୍ୟବସ୍ଥାସଭାରେ ଓଡ଼ିଶା କଥା

ଆଗରୁ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ସରକାରୀ ଅବହେଳା କିପରି ଘଟୁଥିଲା ତାହା ଲେଖା ଯାଇଅଛି । ୧୮୯୬ ମସିହାରେ ବଙ୍ଗ ବ୍ୟବସ୍ଥାପକ ସଭାରେ ପ୍ରାଥମିକ ଶିକ୍ଷା ବାବଦ ଖର୍ଚ୍ଚର ବଜେଟ ଆସିଲା । ଲାଟଙ୍କ ଅଧ୍ୟକ୍ଷତାରେ ବଜେଟ ଆଲୋଚନା ଚାଲିଥାଏ । ମଧୁବାବୁ ଜଣେ ସଦସ୍ୟ ଥିଲେ । ସେ ଆଧୁନିକ ଶିକ୍ଷାକୁ କଳାପାହାଡ଼ର ଆକ୍ରମଣ ସହିତ ତୁଳନାକରି ଏ ଶିକ୍ଷା ଲୋକଙ୍କୁ କର୍ମକୁଣ୍ଠ କରାଇ ଦେବ ବୋଲି କହିଥିଲେ । ଓଡ଼ିଶା ପ୍ରତି ସରକାରଙ୍କ ଅବହେଳାର ସମାଲୋଚନା କରିଥିଲେ ।

ମଧୁବାବୁ ୧୮୯୮ ମସିହାରେ ବଙ୍ଗଳା ବିଧାନସଭା (Bengal legislative Council) ରେ ଦାବୀ କଲେ ଯେ ଅନ୍ତତଃ ଓଡ଼ିଆ ଅଞ୍ଚଳରେ ଓଡ଼ିଆ କର୍ମଚାରୀ ରହନ୍ତୁ । ଅନ୍ୟ ଭଷାଭଷୀମାନେ ଓଡ଼ିଆ ଭଷା ବୁଝୁ ନ ଥିବା ଫଳରେ ଲୋକଙ୍କ ଅଭବ ଅସୁବିଧା ହୃଦୟଙ୍ଗମ କରିପାରୁ ନାହାନ୍ତି ।

## ଉଡ଼ବର୍ଣ୍ଣ ସାହେବଙ୍କ ଅବଦାର

୧୮୯୮ ମସିହାରେ ବଙ୍ଗଳା ଛୋଟଲାଟ ଉଡ଼ବର୍ଣ୍ଣ ସାହେବ କଟକରେ ଗୋଟିଏ ଦରବାର କରିଥିଲେ । ଓଡ଼ିଆମାନେ ନିଜର ଅଭବ ଅସୁବିଧା ତଥା ଭଷାର ଉନ୍ନତି ଆଦି ନେଇ ଯାହା ସବୁ କହିଲେ ସେ ସମସ୍ତ ତାଙ୍କ ହୃଦୟକୁ ସ୍ପର୍ଶ କଲା ନାହିଁ । ସେ ଓଡ଼ିଆଙ୍କ ଦାବୀର ବିରୋଧ କଲେ । ଆଗରୁତ ସେ ମଧ୍ୟପ୍ରଦେଶର ଚିଫ୍ କମିଶନର ଥିବେ ଓଡ଼ିଆ ଭଷାକୁ ସମ୍ବଲପୁର ଜିଲ୍ଲାରୁ ଉଠାଇ ଦେଇ ଓଡ଼ିଆ ଜାତିର ଅବମାନନା ଘଟାଇ ଥିଲେ , ଏବେ ବା ସହାନୁଭୂତି ଦେଖାନ୍ତେ କାହିଁକି ?

ଏ ଦରବାରରେ ବାଙ୍କୀର ପଣ୍ଡିତ ଗୋବିନ୍ଦ ରଥ ଲାଟଦର୍ଶନ ନାମରେ ଛାପ

Digitized by srujanika@gmail.com

କବିତା ବାନ୍ଧିଥିଲେ । ସେଥିରେ ସେ ଓଡ଼ିଆଙ୍କ ଦୁର୍ଦ୍ଦଶା ବଖାଣି ସମ୍ବଲପୁର ଓ ଗଞ୍ଜାମ ଜିଲ୍ଲାକୁ ଓଡ଼ିଶା ଡ଼ିଭିଜନ ସହିତ ମିଶାଇ ଦେବା ପାଇଁ ଲାଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । 'ଲାଟ ଦର୍ଶନ' କବିତାର କିୟଦଂଶ ଉଦ୍ଧୃତ, ହେଲା ।

× × ×

ଅସଂଖ୍ୟ ଆଇନ ବନ୍ଧା ବିଧିମାନ
ମଧ୍ୟେ ପଡ଼ି ଆମ୍ଭେ ହେଉ ହତଜ୍ଞାନ ।
ଉତ୍କଳର ପାଇଁ ସ୍ୱତନ୍ତ୍ର ବିଧାନ
କରିଦିଅ ଲାଟ ପ୍ରାର୍ଥନା ଏତେ ।
ଗଞ୍ଜାମ-ସମ୍ବଲପୁରକୁ ଏଥର
କଟକ ସଙ୍ଗରେ ଆଣି ଯୋଗକର ।
ରେଲ ଛକ ପାତ ହେଲା ତ ଦେଶର
ଆଉ କାହା ପାଇଁ ବିଳମ୍ବ କେତେ ?"

× × ×

ଭାରତେଶ୍ୱରୀଙ୍କୁ କହିବ ଆପଣ
ବଡ଼ ନିରୀହଟି ଉତ୍କଳୀୟ ଗଣ
କରନ୍ତି ସର୍ବଦା ଶାକାନ୍ନ ଭୋଜନ
ତେଣୁ ରାଜଭକ୍ତି ସ୍ୱଭାବୋଚିତ ।
ତାମସିକ ନୁହେ ତାହାଙ୍କ ସ୍ୱଭାବ
ରଖିଥିବ ତାଙ୍କ ପ୍ରତି ଦୟାଭାବ
ଦେଉଥିବ ରାଜଦ୍ୱାରେ ବେଳେ ଠାବ
କାଳେ କାଳେ ଥିବ ସନ୍ତୋଷ ଚିତ୍ତ ।

୧୮୮୫ ମସିହାରେ କଟକ ପ୍ରିଣ୍ଟିଂ କମ୍ପାନୀରେ ମୁଦ୍ରିତ ଗୋବିନ୍ଦ ରଥଙ୍କ କବିତା କଳାପ ପୁସ୍ତକରେ 'ସ୍ୱଦେଶ' କବିତାରୁ ତାଙ୍କର ଓଡ଼ିଶା ପ୍ରୀତି ଜଣାଯାଏ । ସେ ଲେଖିଛନ୍ତି :—

"ଆହେ ଭ୍ରାତୃଗଣ ଶୁଣ ମୋ ବଚନ ହୁଅ ବଦ୍ଧ ପରିକର
ପ୍ରତ୍ୟେକରେ ଆସ କରିବା ସ୍ୱଦେଶ ମୁଖକୁ ଉଜ୍ଜ୍ୱଳତର ।
ସ୍ୱଜାତି ଉନ୍ନତି ଚିନ୍ତି ଦିନ ରାତି ସାଧନେ ହୁଅ ତତ୍ପର
ସ୍ୱଦେଶ-ଗୌରବ କରି ଅନୁଭବ ଜନମ ସାର୍ଥକ କର ।।
ସ୍ୱଦେଶ ପ୍ରେମରେ ମୁଗ୍ଧ ହୋଇବାରେ ଧୀରେ କି ନ କରିଛନ୍ତି ?
ପଢ଼ି ଇତିହାସ ନକର ସାହସ ଦେଖି ଉତ୍କଳର ଗତି

× × ×

ବାଜୁ ବୀରବାଜା ଉଡ଼ୁ ଥାଉ ଧ୍ୱଜା ଚିରକାଳ ଉତ୍କଳର
ମହୀରେ ଆଦର୍ଶ ହେଉ ଏହି ଦେଶ ଅନ୍ୟ ଅନ୍ୟ ଜାତିଙ୍କର ।।

Digitized by srujanika@gmail.com

ରଥେ ବ୍ୟଙ୍ଗ କବିତା ଲେଖିବାରେ ପାରଙ୍ଗମ ଥିଲେ । 'ଫିଟେର ସାହେବ' କବିତାରେ ସେ ଇଂରେଜି ଶିକ୍ଷିତଙ୍କ ସ୍ୱଦେଶ ପ୍ରୀତି ର ଅଭାବ ନେଇ ଆଛାଭାବେ ସମାଲୋଚନା କରିଛନ୍ତି ।

ପଣ୍ଡିତ ଗୋବିନ୍ଦ ରଥ ୧୮୪୮ ମସିହା ଅକ୍‌ଟୋବର ୩୧ ତାରିଖରେ (କାର୍ତ୍ତିକ ଶୁକ୍ଳ ଚତୁର୍ଥୀ) ବାଙ୍କୀ ଗଡ଼ଜ୍ୟର ପାଟପୁର ଗାମରେ ଜନ୍ମ ହୋଇଥିଲେ । ସେ ବହୁତ ଛୋଟ ଛୋଟ ବହି ଲେଖି ସ୍ୱଳ୍ପ ମୂଲ୍ୟରେ ବିକ୍ରିକରି ଓଡ଼ିଆ ଭାଷାର ଛାପା ପୁସ୍ତକ ଦାରିଦ୍ର୍ୟକୁ କିୟତ୍ ପରିମାଣରେ ଲାଘବ କରିଥିଲେ । ତାଙ୍କର ପ୍ରକାଶିତ ପୁସ୍ତକ ପଞ୍ଚରତ୍ନ, ସତ୍ୟେଶ୍ୱର, ଶ୍ଳୋକରତ୍ନାବଳୀ, ପଦ୍ୟପଞ୍ଜରୀ, କବିତାକଳାପ, ସଙ୍ଗୀତସୁଧାନିଧି, କୁସୁମକଳିକା, ବିଧବାବିବାହ , ମହାମେଳା ଦର୍ଶନ, ଫିଉଚର ସାହେବ, ବର୍ଣ୍ଣବୋଧକ, ହନୁ ଅର୍ଜୁନ କଳି, ଅମୃତରସାବଳୀ, ରାଜଧାନୀ କଟକନଗରୀ, ଚୌପଦୀ ଚନ୍ଦ୍ରୋଦୟ, ମନୋରଞ୍ଜନ, କଲିକତା ବର୍ଣ୍ଣନ ଆଦି ଉଲ୍ଲେଖନୀୟ ।

ସେ ଯୌବନ ଆରମ୍ଭରେ ପ୍ରଥମେ ଓଡ଼ିଆ ଭାଷାରକ୍ଷା ପାଇଁ ବିପ୍ଳବ ଆରମ୍ଭ କରିଥିଲେ । ବଙ୍ଗ-ସରକାର ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା ବର୍ଣ୍ଣପରିଚୟ ଓଡ଼ିଆ ପିଲେ ପଢ଼ିବେ ବୋଲି ଆଦେଶ ଦେବାରୁ ସେ ପ୍ରତିବାଦ କଲେ । ଅନ୍ୟ ସାହିତ୍ୟିକମାନେ ଏଥିରେ ଯୋଗ ଦେଲେ । ଫଳରେ ଆଦେଶ ପ୍ରତ୍ୟାହୃତ ହେଲା । ରଥେ ବର୍ଣ୍ଣବୋଧକ ଲେଖିଲେ, ତାହାହିଁ ପାଠ୍ୟ ହେଲା ।

ସର୍ବସାଧାରଣଙ୍କ ହିତ କାର୍ଯ୍ୟରେ ଲାଗିବା ଓ ସରକାରୀ କର୍ମଚାରୀଙ୍କ ଦୌରାତ୍ମ୍ୟରୁ ଲୋକଙ୍କୁ ରକ୍ଷା କରିବା ତାଙ୍କର ବ୍ରତ ଥିଲା । ସେ ସ୍ପଷ୍ଟବାଦୀ ଥିଲେ । ଦେଶପ୍ରୀତି ହେତୁ ଅଣଓଡ଼ିଆ ସରକାରୀ କର୍ମଚାରୀଙ୍କ ଚକ୍ଷୁଶୂଳ ଥିଲେ । କେତେକ ଓଡ଼ିଆ କର୍ମଚାରୀ ମଧ୍ୟ ତାଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିଲେ ।

ବାଙ୍କୀ ତହସିଲଦାର ଲାଞ୍ଚ ନେବା ଅଭଯୋଗ କରି ସେ ବଙ୍ଗଳାର ଛୋଟଲାଟଙ୍କୁ ଲେଖିଲେ । କଟକ ଜିଲ୍ଲା ମାଜିଷ୍ଟ୍ରେଟ ଗ୍ୟାରେଟ୍ ସାହେବ ଅଭିଯୋଗ ମିଥ୍ୟା ବୋଲି ରିପୋର୍ଟ ଦେଲେ । ତାପରେ ରଥଙ୍କ ବିରୁଦ୍ଧରେ ମକଦ୍ଦମା ସୃଷ୍ଟି କରାଗଲା । ଉଦ୍ଦେଶ୍ୟ ହେଲା ସର୍ବସାଧାରଣରେ ତାଙ୍କୁ ବଦନାମ କରାଇବା କିନ୍ତୁ ଏହି ଉତ୍କଳପ୍ରେମୀଙ୍କ ସମ୍ମାନ ବଢ଼ିଲା ସିନା କମିଲା ନାହିଁ ।

ପ୍ୟାରିମୋହନ ଆଚାର୍ଯ୍ୟ ତାଙ୍କ ସହଯୋଗରେ 'ଉତ୍କଳ ପୁତ୍ର' ସମ୍ବାଦପତ୍ର ପ୍ରକାଶ କଲେ । ସେଥିରେ ଦେଶର ଅଭାବ ଅଭିଯୋଗ, ଅତ୍ୟାଚାର ଓ ଅନାଚାର ପ୍ରକାଶ ପାଇ ଅତ୍ୟାଚାରୀଙ୍କୁ ସତର୍କ କରାଯାଉଥିଲା ।

Digitized by srujanika@gmail.com

[ କଟକସ୍ଥ ପ୍ୟାରିମୋହନ ଏକାଡ଼େମୀର ପ୍ରଧାନ ଉଦ୍ୟୋକ୍ତା ଥିଲେ ଗୋବିନ୍ଦ ରଥେ । କଟକରୁ କଲିକତା ଚାଲି ଚାଲି ଯାଇ ଶ୍ରୀ ବିପିନ ପାଲ (ପରେ ଖ୍ୟାତନାମା ନେତା)ଙ୍କୁ ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟଭାର ନେବା ପାଇଁ ଅନୁରୋଧ କରି ଆଣିଲେ । ନିଜେ ନାମମାତ୍ର ଦରମା ନେଇ ଶିକ୍ଷକ ହେଲେ । ୧୮୭୫ ମସିହାରେ ଏକାଡ଼େମୀ (ହାଇସ୍କୁଲ) ସ୍ଥାପିତ ହୋଇଥିଲା । ଏହାହିଁ କଟକର ପ୍ରଥମ ବେସରକାରୀ ହାଇସ୍କୁଲ୍ ।

ବ୍ୟାସ କବି ଫକୀରମୋହନ ତାଙ୍କ ଉତ୍କଳ ଭ୍ରମଣରେ ଲେଖିଛନ୍ତି—

ଭଲା ରଥେ କରିଛନ୍ତି ବାହୁଣପଣିଆ
ପୁସ୍ତକ ଛପାଇ ଦେଇ ଅଣେ ଦିଅଣିଆ ।
ଆଛା ହେଲା ଭଲ ହେଲା ପେଟ ଚଳଥାଉ
ଖଣ୍ଡ କେତେ ପୋଥି ମଧ୍ୟ ଛାପା ହୋଇଯାଉ ।

ଏହି ସାଧକଙ୍କ କର୍ମମୟ ଜୀବନ ବହୁ ଅଭାବ ଅସୁବିଧା ଦେଇ ଗତି କରିଥିଲା । ତାଙ୍କର ମୃତ୍ୟୁ ତା ୨୯-୫-୧୯୧୮ ମସିହାରେ ହୋଇଥିଲା ।

ଓଡ଼ିଆଙ୍କ କାକୁତି-ମିନତି ଉଡ୍‌ବର୍ଣ୍ଣ ସାହେବଙ୍କ ହୃଦୟକୁ ସ୍ପର୍ଶ କଲା ନାହିଁ । ଓଲଟି ସେ ଓଡ଼ିଆଙ୍କ କ୍ଷତି ଯେପରି ହେବ ତାର ବ୍ୟବସ୍ଥା କଲେ । ସେତ ବଙ୍ଗାଳୀମାନଙ୍କ କଥାରେ ଚଳୁଥିଲେ । ତେଣୁ ଓଡ଼ିଆଙ୍କ ଦୁଃଖ-ଦୁର୍ଦ୍ଦଶା ବୁଝନ୍ତେ କିପରି ? ବ୍ୟାସ କବି ଫକୀରମୋହନ ତାଙ୍କ ଉତ୍କଳ ଭ୍ରମଣରେ ଏକଥା ସ୍ପଷ୍ଟଭାବେ ଦେଖାଇଛନ୍ତି । ସେ ଲେଖିଛନ୍ତି—

× × ×

ଯାହା କରିଗଲେ ଉଡ୍‌ବରନ ସାହେବ
ରକ୍ତ ଅକ୍ଷରରେ ଇତିହାସେ ଲେଖା ହେବ ।
ସେ ଦିନ ସାହେବ କହିଗଲେ କଟକରେ
କିଛି କାର୍ଯ୍ୟ ହେବ ନାହିଁ ତାହାଙ୍କ ନାମରେ ।
ମାତ୍ର ମୁହିଁ ତାଙ୍କ କୀର୍ତ୍ତି ଗାଇବି ନିତାନ୍ତ
[ ଓଡ଼ିଆ ଭାଷାର ହାଣି ଦେଇଛନ୍ତି ହାତ ।
ଗରିବ ଓଡ଼ିଆ କହି ନ ଜାଣନ୍ତି କଥା
ତୁନି ହୋଇ ରହିଗଲେ ପୋତି ତଳେ ମଥା ।
ଘରିଆଡ଼େ ତାଙ୍କ ଯଶ ହେଉଛି ବିକାଶ
ଓଡ଼ିଆମାନଙ୍କ କିନ୍ତୁ କଲେ ସର୍ବନାଶ ।

ଏଠାରେ ଉଲ୍ଲେଖନୀୟ ଯେ କେତେକ ବଙ୍ଗୀୟ ଓଡ଼ିଆ ଭାଷାକୁ ଲୋପ କରିଦେବା ପାଇଁ ଚେଷ୍ଟା ଚଳାଇଥିବାବେଳେ କଟକ ନର୍ମାଲ ସ୍କୁଲର ସୁପରିନ୍‌ଟେଣ୍ଡେଣ୍ଟ ଶ୍ରୀଦ୍ୱାରିକାନାଥ ଚକ୍ରବର୍ତ୍ତୀଙ୍କ ଭଳି ନିରପେକ୍ଷ ବିଦ୍ୱାନ ବ୍ୟକ୍ତି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ତଥା ମହନୀୟତା ପ୍ରତିପାଦନ କରିଥିଲେ । ତାଙ୍କର "ଲାଙ୍ଗୁଏଜ ଆଣ୍ଡ ଲିଟରେଚର ଅଫ୍ ଓଡ଼ିଶା

Digitized by srujanika@gmail.com

( Language and literature of Orissa") ପ୍ରବନ୍ଧ ଉପାଦେୟ ଅଟେ ।

## ବଡ଼ଲାଟଙ୍କ ପରୀ ଦରବାର

ବଡ଼ଲଟ ଲର୍ଡ଼ କର୍ଜନ ଓଡ଼ିଆ- ଆନ୍ଦୋଳନ ବିଷୟରେ ୧୯୦୦ ମସିହାରେ ମଧୁବାବଙ୍କ ପତ୍ର ପାଇ ତାଙ୍କ ସହିତ ଦେଖା କରିବା ପାଇଁ ଅନୁରୋଧ କଲେ । ପୁରୀ ଆସି ଗୋଟିଏ ଆଲୋଚନା ସଭା କରାଇଲେ । ଏ ସଭାରେ ଯୋଗ ଦେବା ନିମନ୍ତେ ସରକାରୀ କର୍ମଚାରୀ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଡ଼ାକିଲେ କିନ୍ତୁ ମଧୁବାବୁଙ୍କୁ ଡ଼ାକିଲେ ନାହିଁ । ବଡ଼ଲାଟ ମଧୁବାବୁଙ୍କୁ ଖୋଜିଲେ । ତାଙ୍କୁ ସେଠି ଦେଖିବାକୁ ଚାହାନ୍ତି ବୋଲି କହିଲେ । ( Where is mr Das ? I want him to be here ). ପଦସ୍ଥ ଅଣଓଡ଼ିଆ ସରକାରୀ କର୍ମଚାରୀ ନିରୁପାୟ ହୋଇ ମଧୁବାବୁଙ୍କୁ ଡ଼ାକିନେଲେ । ମଧୁବାବୁ ଓଡ଼ିଶାର ଦୁର୍ଦ୍ଦଶା ତଥା ଏକ ଶାସନାଧୀନର ଜରୁରି ଆବଶ୍ୟକତା ବଡ଼ଲାଟଙ୍କୁ ବୁଝାଇ ଦେଲେ । ତାଙ୍କଠାରୁ ଆଶାଜନକ ଉତ୍ତର ପାଇଲେ ।

ବଙ୍ଗଳାର ଲାଟଥିଲେ ସର ଆଣ୍ଡ୍ରୁ ଫ୍ରେଜର । ସେତ ମଧ୍ୟପ୍ରଦେଶର ଚିଫ୍ କମିଶନର ଭାବେ ସମ୍ବଲପୁର ଆଦି ଅଞ୍ଚଳର ଓଡ଼ିଆଙ୍କ ଦର୍ଦ୍ଦଶା ଜାଣିଥିଲେ । ତେଣୁ ଓଡ଼ିଆଙ୍କୁ ଏକ ଶାସନାଧୀନ କରିବା ତାଙ୍କର ଅଭିପ୍ରାୟ ଥିଲା ।

ମଧୁବାବୁ ୧୯୦୧ ମସିହାରେ ଭାଇସରାୟ ଲର୍ଡ଼ କର୍ଜନଙ୍କ ସହିତ ସିମଲାରେ ଦେଖା କରି ଓଡ଼ିଶାର ଅବସ୍ଥା ବର୍ଣ୍ଣନା କଲେ ଓ ସମ୍ବଲପୁରରେ ଓଡ଼ିଆଭାଷାର ପୁନଃ ପ୍ରଚଳନ ତଥା ଓଡ଼ିଆଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା ବିଷୟ ଯୁକ୍ତିଯୁକ୍ତ ଭାବେ ବୁଝାଇ ଦେଲେ ,

ବହ୍ମପୁର ଉତ୍କଳହିତବାଦିନୀ ସଭା ଉଇଲିୟମ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗଞ୍ଜାମ ଓଡ଼ିଆଙ୍କ ଦୁର୍ଦ୍ଦଶା ସରକାରଙ୍କ ଦୃଷ୍ଟିକୁ ଆଣିବା ନିମନ୍ତେ ବିଶେଷ ଚେଷ୍ଟା ଚଳାଇଲେ ।

## ଉତ୍କଳ ସଭାରେ ସ୍ୱତନ୍ତ୍ର ପ୍ରଦେଶ ପ୍ରସ୍ତାବ

ଏ ମଧ୍ୟରେ ଉତ୍କଳ ସଭା ( Orissa Association ' ସମସ୍ତ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ" ଦାବୀ ଜଣାଇ ବଡ଼ଲଟଙ୍କୁ ସ୍ମାରକପତ୍ର ଦେଲେ । ଯାହାର ରେଭରେଣ୍ଡ ହ୍ୱାଇଟ୍, ରେଭରେଣ୍ଡ ଶେମ ସାହୁ ଓ ଶ୍ରୀ ଶରତ୍ଚନ୍ଦ୍ର ମୁଖାର୍ଜି ଏଥିରେ ସହଯୋଗ କଲେ । ଓଡ଼ିଶାର ସବୁ ଅଞ୍ଚଳ ବଙ୍ଗଳାରେ ରହିବ କି ମଧ୍ୟପ୍ରଦେଶରେ ରହିବ, ଏ ବିଷୟ ନେଇ ନେତାମାନଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହେଲା । ରେଭେରେଣ୍ଡ ହାଉଲସଙ୍କ

Digitized by srujanika@gmail.com

ସହିତ ଶ୍ରୀଗୋକୁଳାନନ୍ଦ ଚୌଧୁରୀ ପ୍ରମୁଖ ଯୋଗ ଦେଇ ବଙ୍ଗପ୍ରଦେଶଠାରୁ ମଧ୍ୟ-ପ୍ରଦେଶରେ ରହିଲେ ଓଡ଼ିଆଙ୍କ ଦାବୀ ସୁରକ୍ଷିତ ବୋଲି ଯୁକ୍ତି କଲେ । ମଧୁବାବୁ ବଙ୍ଗଦେଶ-ଠାରୁ ମଧ୍ୟପ୍ରଦେଶ ଅନୁନ୍ନତ ହେତୁ ଓଡ଼ିଆଙ୍କର କୌଣସି ଉନ୍ନତି ଘଟିବ ନାହିଁ ବୋଲି ଦୃଢ଼ମତ ଦେଲେ । ସେ କହିଲେ ଆଗେ ସମଗ୍ର ଓଡ଼ିଆ ଅଞ୍ଚଳକୁ ଏକ ଶାସନାଧୀନ କରିବାକୁ ସରକାର ସ୍ୱୀକୃତ ହୁଅନ୍ତୁ, ପରେ ଆମେ କେଉଁ ପ୍ରଦେଶରେ ରହିବା ତାହା ସ୍ଥିର ହେବ । ଏତିକିରେ ବିବାଦ ଶାନ୍ତ ହେଲା ।

ଉତ୍କଳସଭା ପ୍ରସ୍ତାବ କଲେ ଯେ ସମ୍ବଲପୁର, ଛୋଟନାଗପୁର, ଗଞ୍ଜାମ, ବିଶାଖା-ପାଟଣା ମାଳ ଅଞ୍ଚଳ, ଜୟପୁର ଏବଂ ମେଦିନୀପୁରକୁ ଓଡ଼ିଶା ଡ଼ିଭିଜନ ସଙ୍ଗେ ମିଶାଯାଉ । ଏ ସବୁ ଅଞ୍ଚଳ କଲିକତା ହାଇକୋର୍ଟ ତଥା କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ରହୁ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ ବା ବଙ୍ଗଳାରେ ରହିବ, ସରକାର ପରେ ସ୍ଥିର କରିବେ । ସଭା ତରଫରୁ ସ୍ମାରକପତ୍ରର ଚିଠା ନିମନ୍ତେ ସର୍ବଶ୍ରୀ ମଧୁସୂଦନ ଦାସ, ଗୋକୁଳାନନ୍ଦ ଚୌଧୁରୀ, ରାମଶଙ୍କର ରାୟ, ଫାଦର ରେଭେରେଣ୍ଡ ହ୍ୱାଇଟ ଓ ହାଉଲସ ରହିଲେ । ସର୍ବଶ୍ରୀ ଜାନକୀନାଥ ବୋଷ ଓ ସୁରେଶଚନ୍ଦ୍ର ଚକ୍ରବର୍ତ୍ତୀ ଓଡ଼ିଶା ବଙ୍ଗ ପ୍ରଦେଶରେ ରହିବା ଉଚିତ , ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଅନାବଶ୍ୟକ ବୋଲି ଯୁକ୍ତି କଲେ । ମଧୁବାବୁ ଏହାର ପ୍ରତିବାଦ କରି କହିଲେ ଯେ ଲର୍ଡ଼ କର୍ଜନଙ୍କ ସହିତ ସିମଲାରେ ହୋଇଥିବା କଥାବାର୍ତ୍ତାରୁ ଜଣାଯାଉଛି ଯେ ବଙ୍ଗଳା ଖୁବ୍ ବଡ଼ ହେତୁ ଦୁଇ ଭାଗରେ ବିଭକ୍ତ ହୋଇ ପାରେ , ଏପରି ସ୍ଥଳେ ସମଗ୍ର ଓଡ଼ିଆ ଅଞ୍ଚଳ ମିଶିଲେ ତାହା ଆହୁରି ବଡ଼ ହୋଇଯିବ । ତେଣୁ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଦାବୀ କରିବା ଅନୁଚିତ ନୁହେଁ ।

ଏମଧ୍ୟରେ ଭାରତ ସରକାରଙ୍କ ସେକ୍ରେଟରୀ ସାର ସି. ରିଭର (Sir C. River ଓଡ଼ିଆ ଆନ୍ଦୋଳନ ଉପରେ ତା ୨୯-୧-୧୯୦୨ରେ ରିପୋର୍ଟ କଲେ ଯେ ଓଡ଼ିଶାକୁ ବଙ୍ଗଳାରୁ ଅନ୍ୟତ୍ର ନେବା ବା ଓଡ଼ିଶାକୁ ସ୍ୱତନ୍ତ୍ର ଚିଫ୍ କମିଶନରଙ୍କ ଅଧୀନରେ ରଖିବା ପ୍ରସ୍ତାବ ଗ୍ରହଣଯୋଗ୍ୟ ନୁହେଁ । ଓଡ଼ିଆଙ୍କ ଆଶା ଦ୍ରୁମମୂଳରେ ଏ କୁଠାରଘାତର ପ୍ରତିବାଦ ଗଞ୍ଜାମ ଓଡ଼ିଆଙ୍କ ତରଫରୁ ବଡ଼ଲାଟ ଲର୍ଡ଼ କର୍ଜନଙ୍କ ନିକଟରେ ଦାଖଲ କରାଗଲା ।

## ରମ୍ଭାରେ ଉତ୍କଳରତ୍ନଙ୍କ ଧନ୍ଦା

ଖଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେବ ଓଡ଼ିଆଙ୍କ ଦୁର୍ଦ୍ଦଶା ନାନାଭାବରେ ଅନୁଭବ କରୁଥିଲେ । ଗଞ୍ଜାମର କେତେକ ବିଶିଷ୍ଟ ବ୍ୟକ୍ତି ତାଙ୍କ ସହିତ ଏ ବିଷୟ ଆଲୋଚନା କରି ଗଞ୍ଜାମ ତଥା ଅନ୍ୟ ଓଡ଼ିଆ ଅଞ୍ଚଳ ଏକ ଶାସନାଧୀନ ହେବା ପାଇଁ ଆନ୍ଦୋଳନ କରିବା ନିମନ୍ତେ ପ୍ରରୋଚିତ କରୁଥିଲେ । ସର୍ବଶ୍ରୀ ଫକୀରମୋହନ ସେନାପତି, ରାଧାନାଥ ରାୟ ବିଶେଷତଃ ମଧୁବାବୁଙ୍କ ସମ୍ପର୍କ ତାଙ୍କୁ ଏ ଦିଗରେ ଆଗେଇ ନେଲା ।

Digitized by srujanika@gmail.com

ଓଡ଼ିଆଙ୍କ ହିତ ଚିନ୍ତା କରୁଥିବା ହରିହରଙ୍କ ଗୁଣାବଳୀ ବିଭିନ୍ନ ପତ୍ର-ପତ୍ରିକାରେ ପ୍ରକାଶ ପାଇଲା । ଏ ସମ୍ବାଦରେ ମୁଗ୍ଧ ହୋଇ ଓଡ଼ିଆପ୍ରାଣ ନୀଳମଣି ବିଦ୍ୟାରତ୍ନ ହରିହରଙ୍କ ନିକଟକୁ ଆସିଗଲେ । ମଣି-କାଞ୍ଚନ ସଂଯୋଗ ହେଲା । ବିଦ୍ୟାରତ୍ନ ଦେଶମିଶ୍ରଣ ନେଇ ହରିହରଙ୍କୁ ଉତ୍ସାହିତ କଲେ । ସ୍ଥିର ହେଲା, ରମ୍ଭାରେ ଏକ ବନ୍ଧୁ ମିଳନ କରାଯାଇ ପ୍ରାକୃତିକ ଓଡ଼ିଶାର କେତେକ ବିଶିଷ୍ଟ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରାଯିବ ।

ଓଡ଼ିଆଙ୍କର ଦୁର୍ଦ୍ଦଶା ସରକାରଙ୍କ କର୍ଣ୍ଣଗୋଚର କରାଯିବ, ଏଣେ ସମ୍ମିଳନୀ ନିମନ୍ତେ ପ୍ରଚାର ଚାଲିବ, ଏଥିପାଇଁ ପତ୍ରିକା ଖଣ୍ଡେ ଆବଶ୍ୟକ । ଛାପାଖାନା ନ ରଖିଲେ ପତ୍ରିକା ଚଳିବା ସମ୍ଭବ ନୁହେଁ । ତେଣୁ ହରିହର ''ପ୍ରେସ''ଟିଏ କିଣିଲେ; ନାମ ରହିଲା ''ଖଲିକୋଟ ଏଷ୍ଟେଟ ପ୍ରେସ'' । ପରେ ଏହା ମର୍ଦ୍ଦରାଜ ପ୍ରେସ, ରମ୍ଭା ନାମରେ ନାମିତ ହେଲା ।

୧୯୦୨ ମସିହାରେ ପ୍ରାକୃତିକ ଓଡ଼ିଶାର କେତେକ ରାଜା ତଥା ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଗଲା । ସମଗ୍ର ଓଡ଼ିଶା ବିଶେଷରେ ଗଞ୍ଜାମ ଓ ଜୟପୁର ଓଡ଼ିଆଙ୍କ ଶିକ୍ଷା, ସରକାରୀ କାର୍ଯ୍ୟକ୍ଷେତ୍ରରେ ପ୍ରବେଶ-ବାଧା, ବାଣିଜ୍ୟ ଏପରି କି ସାମାଜିକତାରେ ଯେଉଁ ସବୁ ଅସୁବିଧା ଘଟୁଛି, ସରକାର ଓଡ଼ିଆମାନଙ୍କ ପ୍ରତି ଯେପରି ବୈମାତୃକ ବ୍ୟବହାର ଦେଖାଉଛନ୍ତି; ତାହାର ପୁଙ୍ଖାନୁପୁଙ୍ଖ ଆଲୋଚନା ଚାଲିଲା । ଉତ୍କଳ ଜନନୀଙ୍କର ଖଣ୍ଡବିଖଣ୍ଡିତ ଶରୀର ସମସ୍ତଙ୍କ ଆଖି ଆଗରେ ନାଚିଗଲା । ଧ୍ୱନି ଉଠିଲା ''ଜୟ ଉତ୍କଳର ଜୟ'' । ମଧୁବାବୁ ପ୍ରସ୍ତାବ କଲେ ଯେ ବ୍ରହ୍ମପୁରଠାରେ 'ଗଞ୍ଜାମ'-ସମ୍ମିଳନୀ' ଅନୁଷ୍ଠିତ ହେଉ । ପ୍ରାକୃତିକ ଓଡ଼ିଶାର ସବୁ ଅଞ୍ଚଳରୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଉ । ଓଡ଼ିଶାର ସମସ୍ତ ଅସୁବିଧା ଦୂର କରିବା ନିମନ୍ତେ ସମସ୍ତେ ଲାଗିବା, ଓଡ଼ିଆମାନେ ବିଭିନ୍ନ ସରକାର ଅଧୀନରେ ରହି ଯେପରି ଅବହେଳିତ ତଥା ନିର୍ଯ୍ୟାତିତ ହେଉଛନ୍ତି ତାହାର ପ୍ରତିବିଧାନ କରାଯିବ । ଏ ମିଳନରେ ମଧୁବାବୁ, ରାଧାନାଥ ରାୟ, ଫକୀରମୋହନ ସେନାପତି, ମୟୂରଭଞ୍ଜ ମହାରାଜା, ପରଶୁରାମ ପାତ୍ର, ଗଦାଧର ବିଦ୍ୟାଭୂଷଣ, ସଦାଶିବ ବିଦ୍ୟାଭୂଷଣ, ବଳରାମ ମହାରଣା, ନରସିଂହ ଦାସ ଆଦି ଯୋଗ ଦେଇଥିଲେ ।

ରମ୍ଭାରେ ଯେଉଁଠି ଏ ପ୍ରଥମ ମିଳନ ଘଟିଥିଲା, ସେ ସ୍ଥାନଟି ରମ୍ଭା ରାଜପ୍ରାସାଦ ସମ୍ମୁଖରେ ଅଛି । ବିଚିତ୍ର ଚନ୍ଦ୍ରାତପ ଶୋଭିତ ସୁସଜ୍ଜିତ ବେଦିକା ଉପରେ ବସି ନେତାମାନେ ''ଜୟ ଉତ୍କଳର ଜୟ'' ମହାମନ୍ତ୍ର ଗାନ କରୁଥିଲାବେଳେ ବୋଧହୁଏ ବିଧାତାଙ୍କର ଆଶୀର୍ବାଦ ସେମାନଙ୍କ ଉପରେ ବରଷୁଥିଲା । ଫଳରେ ସିଦ୍ଧିଲାଭ ଘଟିଲା । ଦେଢ଼କୋଟି ଓଡ଼ିଆଙ୍କର ଭାଷା, ସଂସ୍କୃତି ବଞ୍ଚିଗଲା । ମଧୁବାବୁ ଯେତେଥର ରମ୍ଭା ଆସିଛନ୍ତି, ସେହି ବେଦିକାରେ ମୁଣ୍ଡିଆ ମାରନ୍ତି, କହନ୍ତି ''ଏ ମୋର ଜାତୀୟ ଯଜ୍ଞପୀଠ'' । ବାସ୍ତବରେ ଯେଉଁ ଯଜ୍ଞର ପୁରୋଧା ଥିଲେ ହରିହର, ଉଦ୍‌ଗାତା ଥିଲେ ମଧୁସୂଦନ, ସେ ଯଜ୍ଞର ଫଳ ଯେ ଅବଶ୍ୟ ମିଳନ୍ତା ଏଥିରେ ସନ୍ଦେହର ଅବକାଶ ନ ଥିଲା ।

Digitized by srujanika@gmail.com

# ପ୍ରଜାବନ୍ଧୁ ପତ୍ରିକା

ଓଡ଼ିଆଙ୍କ ଆନ୍ଦୋଳନ ନିମନ୍ତେ ବିଦ୍ୟାରତ୍ନ ହରିହରଙ୍କୁ ତୁରନ୍ତ ପତ୍ରିକା ପ୍ରକାଶନର ବ୍ୟବସ୍ଥା କରିବା ପାଇଁ ପ୍ରରୋଚିତ କଲେ । ବିଦ୍ୟାରତ୍ନଙ୍କ ସମ୍ପାଦକତ୍ୱରେ ୧୯୦୨ ମସିହା ଜୁନ ମାସରେ ପ୍ରଜାବନ୍ଧୁ ନାମରେ ସାପ୍ତାହିକ ପତ୍ରିକା ପ୍ରତି ବୁଧବାର ଦିନ ପ୍ରକାଶ ପାଇଲା । ରମ୍ଭାନିବାସୀ ରାଜକର୍ମଚାରୀ ଜୟକୃଷ୍ଣ ଚ୍ୟାଉ ପଟ୍ଟନାୟକଙ୍କ କର୍ମକୁଶଳତା ଏଥିରେ ସାହାଯ୍ୟ କଲା ।

ଶ୍ରୀନୀଳମଣି ବିଦ୍ୟାରତ୍ନ ବାଙ୍କୀର ବୈଦ୍ୟେଶ୍ୱର ଗ୍ରାମରେ ତା ୧୪-୧୨-୧୮୬୭ ମସିହାରେ ଜନ୍ମ ହୋଇଥିଲେ । ଚର୍ଚ୍ଚିକା ମିଡ଼ଲ ଭର୍ଣ୍ଣାକୁଲର ସ୍କୁଲରେ ଶିକ୍ଷା ପରେ ଧନାଭାବରୁ ଉଚ୍ଚ ଶିକ୍ଷା ନିମନ୍ତେ ଅନ୍ୟତ୍ର ଯାଇ ନ ପାରି ନିଜ ଅଧ୍ୟବସାୟ ବଳରେ ସଂସ୍କୃତ ତଥା ଇଂରେଜିରେ ଦକ୍ଷତା ଲାଭ କରିଥିଲେ ।

ଦିନେ ରାସ୍ତାରେ ବିଦ୍ୟାଳୟ ପରିଦର୍ଶକ କବିବର ରାଧାନାଥ ରାୟଙ୍କ ସହିତ ତାଙ୍କର କଥାବାର୍ତ୍ତା ହେଲା । ରାଧାନାଥ ନୀଳମଣି ମିଶ୍ର ଙ୍କ ବିଦ୍‌ବତ୍ତାରେ ମୁଗ୍‌ଧ ହେଲେ ଓ ବଡ଼ାମ୍ବା ରାଜ୍ୟର ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ରୂପେ ନିଯୁକ୍ତ କଲେ । ବଡ଼ାମ୍ବା ରାଣୀ ବିଦୁଷୀ ଥିଲେ । ସେ ନୀଳମଣିଙ୍କ କବିତା ରଚନାରେ ମୁଗ୍‌ଧ ହୋଇ ତାଙ୍କୁ 'ବିଦ୍ୟାରତ୍ନ' ପଦବୀରେ ଭୂଷିତ କଲେ । ଏ ମଧ୍ୟରେ ବିଦ୍ୟାରତ୍ନ ବାମଣ୍ଡା ରାଜା ସାର ବାସୁଦେବ ସୁଢ଼ଳ ଦେବଙ୍କ ଅର୍ଥାନୁକୂଲ୍ୟରେ ପ୍ରକାଶିତ 'ସଂବାଦବାହିକା' ପତ୍ରିକାରେ କେତେକ ପ୍ରବନ୍ଧ ଲେଖିଲେ । ଗୁଣଗ୍ରାହୀ ସୁଢ଼ଳ ଦେବ ତାଙ୍କୁ ଡ଼କାଇ ନେଇ ଶିକ୍ଷକ ପଦରେ ନିଯୁକ୍ତ କଲେ । କ୍ରମେ ତାଙ୍କର ପରିଚାଳନା ତଥା ପାଣ୍ଡିତ୍ୟରେ ମୁଗ୍‌ଧ ହୋଇ ସମ୍ବଲପୁର ହିତୈଷିଣୀ ପତ୍ରିକାର ସମ୍ପାଦନା ଭାର ଦେଲେ । ଏହି ପତ୍ରିକାରେ ସାହିତ୍ୟିକ ଆଲୋଚନା ସହିତ ପ୍ରାକୃତିକ ଓଡ଼ିଶାର ଅଭାବ, ଅସୁବିଧା ତଥା ଓଡ଼ିଆ ଭାଷାର ଉନ୍ନତି ବିଷୟକ ଆଲୋଚନା ହେଉଥାଏ । ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ମୂଳରେ ଏ ପତ୍ରିକାର ଅବଦାନ ମହତ୍ ଅଟେ । ଥରେ କୌଣସି କାରଣ ନେଇ ଓଡ଼ିଆ ଜାତୀୟତାର ଅବମାନନା ବୋଧ କରି ବିଦ୍ୟାରତ୍ନ ବାମଣ୍ଡା ତ୍ୟାଗ କଲେ ।

ପ୍ରଜାବନ୍ଧୁ ସାପ୍ତାହିକ ନିମନ୍ତେ କବି ରାଧାନାଥ ନିମ୍ନୋକ୍ତ ସୂକ୍ତି ରଚନା କରିଥିଲେ' ତାହା ପ୍ରତ୍ୟେକ ଥର ପତ୍ରିକାର ଶିରୋଦେଶରେ ପ୍ରକାଶ ପାଉଥିଲା ।

''ହିତ କଥା ଶୁଭବାର୍ତ୍ତା ସର୍ବ ସମାଚାର
କରିବ ଏ ପ୍ରଜାବନ୍ଧୁ ଉଚ୍ଛନ୍ଦେ ପ୍ରଚାର ।
ନିୟତ କାମନା କରି ସ୍ୱଦେଶର ହିତ
ରାଜାଙ୍କର ହେଉ ମନ୍ତ୍ରୀ ପ୍ରଜାଙ୍କର ମିତ ।

Digitized by srujanika@gmail.com

ନ୍ୟାୟ ଦେବଙ୍କର କରି ନିତ୍ୟ ସେବକତା
କରୁ ପ୍ରଜାବନ୍ଧୁ ନିଜ ନାମ ସାର୍ଥକତା ।
ହେଉ ସ୍ୱଦେଶର ଏହା ନିତ୍ୟ ଶ୍ରଦ୍ଧା ସ୍ଥଳ
ଜଗଦୀଶ କରନ୍ତୁ ଏ କାମନା ସଫଳ ।।

'ପ୍ରଜାବନ୍ଧୁ ନିୟମିତ ପ୍ରକାଶ ପାଇ ଓଡ଼ିଆଙ୍କ ଦୁର୍ଦ୍ଦଶା ସରକାରଙ୍କ ଦୃଷ୍ଟିକୁ ଆଣିବାରେ ସମର୍ଥ ହେଲା । ଫଳରେ ଅନେକ ଓଡ଼ିଆ ସରକାରୀ ଚାକିରୀ ପାଇଲେ । ଓଡ଼ିଆ ଭାଷା ପ୍ରତି ଅବହେଳା କିୟତ୍ ପରିମାଣରେ ଲଘବ ହେଲା । ଚିଠିପତ୍ର ଓଡ଼ିଆ ଠିକଣା ଲେଖି ଦେଲେ ଗହୀତ ହେଲା, ପ୍ରାପକଙ୍କୁ ମିଳିଲା କୋଟ କଚେରିର ସମନ,ନୋଟିସ ମଧ୍ୟ ଓଡ଼ିଆରେ ଲେଖାଗଲା ।

ହରିହର ଲେଖକମାନଙ୍କୁ ଉତ୍ସାହିତ କରିବା ପାଇଁ ଖଲିକୋଟରେ ଉତ୍କଳ ସାହିତ୍ୟ ସମାଜ ଗଢ଼ିଲେ । ସାହିତ୍ୟିକ ବାୟୁମଣ୍ଡଳ ରମ୍ଭା ତଥା ଖଲିକୋଟରେ ସୃଷ୍ଟି ହୋଇ ସମଗ୍ର ଅଞ୍ଚଳକୁ ଉଦ୍‌ବୁଦ୍ଧ କଲା, ହରିହର ଲେଖକମାନଙ୍କୁ ପୁରସ୍କାରସହ ସେମାନଙ୍କର ଲେଖା ନିଜ ପ୍ରେସରେ ଛାପିବା ବ୍ୟୟ-ଭର ବହନ କଲେ ।' ପ୍ରଜାବନ୍ଧୁ ବହୁ ନବୀନ ଲେଖକ ସୃଷ୍ଟି କରିବାରେ ସମର୍ଥ ହେଲା । ଫକୀରମୋହନଙ୍କ ମହାଭରତ ବିରାଟପର୍ବ ଏଠ ଛାପା ହୋଇଥିଲା । ପ୍ରଜାବନ୍ଧୁ ପତ୍ରିକାରେ ବିଶିଷ୍ଟ ଲେଖା ସବୁ ପ୍ରକାଶ ପାଉଥାଏ । ପଣ୍ଡିତ ମୃତ୍ୟୁଞ୍ଜୟ ରଥେ ଉପାଦେୟ ପ୍ରବନ୍ଧମାନ ଲେଖି ଜାତୀୟତାକୁ ଉଦ୍‌ବୁଦ୍ଧ କରୁଥାନ୍ତି । ରଥେ ୧୮୮୨ ମସିହାରେ ପୁରୀ ଜିଲ୍ଲର ଦକ୍ଷିଣ ଗଜସ ଗ୍ରାମରେ ଜନ୍ମ ହୋଇଥିଲେ । ତାଙ୍କର ମୃତ୍ୟୁ ୧୯୨୪ ମସିହାରେ ହୋଇଥିଲା '

## ଗଞ୍ଜାମ ସମ୍ମିଳନୀ

ଗଞ୍ଜାମ ସମ୍ମିଳନୀ ପାଇଁ ପ୍ରଜାବନ୍ଧୁରେ ପ୍ରଚାର ଚାଲିଲା, ବିଦ୍ୟାରତ୍ନଙ୍କ ଚାତୁରୀପୂର୍ଣ୍ଣ ଯୁକ୍ତିଯୁକ୍ତ ଲେଖା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲା । ବ୍ରହ୍ମପୁରରେ ସମ୍ମିଳନୀ ହେବା ଦିନ ଯେତିକି ନିକଟ ହୋଇଆସଲା, ଅବହେଳିତ ଗଞ୍ଜାମ ଓଡ଼ିଆଙ୍କର ଉତ୍ସାହ ସେତିକି ବୃଦ୍ଧି ପାଇଲା ।

ଏ ସମୟରେ ସମ୍ରାଟ ଅଷ୍ଟମ ଏଡ଼ୱାର୍ଡ଼ ଦିଲ୍ଲୀରେ ଦରବାର କରୁଥିଲେ । ହରିହର ନିମନ୍ତ୍ରଣ ପାଇଥିଲେ, କିନ୍ତୁ ବ୍ରହ୍ମପୁରର ଭ୍ରାତୃମିଳନର ଗୁରୁତ୍ୱ ଦୃଷ୍ଟିରୁ ଏଥିରେ ଧନ-ମନ ଦେଇ ଲାଗିବା ଉଚିତ ବୋଲି ବିଦ୍ୟାରତ୍ନେ ହରିହରଙ୍କୁ ଉତ୍ସାହିତ କଲେ । 'ତାଙ୍କ ଅନୁପସ୍ଥିତି ଜାତୀୟ ଯଜ୍ଞରେ ବିଘ୍ନ ଘଟାଇବ' ଏ କଥା ହରିହରଙ୍କ ମନକୁ ଧଇଲା । ସେ ଦିଲ୍ଲୀଯିବା ଇଚ୍ଛା ତ୍ୟାଗ କରି ସମ୍ମିଳନୀ କାମରେ ମନ ଦେଲେ । 'ଗଞ୍ଜାମ ଜାତୀୟ ସମିତି' ଏହାର ପରିଚାଳନା ଭର ନେଲେ ।

Digitized by srujanika@gmail.com

୧୯୦୩ ମସିହା ଏପ୍ରିଲ ମାସରେ ଗଞ୍ଜାମର ପ୍ରଥମ ଗ୍ରାଜୁଏଟ ପାରଳାଖେମୁଣ୍ଡି ନିବାସୀ ଶ୍ୟାମସୁନ୍ଦର ରାଜଗୁରୁଙ୍କ ସଭାପତିତ୍ୱରେ ସମ୍ମିଳନୀ ବସିଲା । ସମଗ୍ର ଓଡ଼ିଆ ଭାଷୀ ଅଞ୍ଚଳରୁ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଏଥିରେ ଯୋଗ ଦେଲେ । କଟକରୁ ମଧୁବାବୁ, ବିଶ୍ୱନାଥ କର, ଗୋପାଳଚନ୍ଦ୍ର ପ୍ରହରାଜ, ନନ୍ଦକିଶୋର ବଳ, ଶଶିଭୂଷଣ ରାୟ, ରଘୁନାଥ ରାଓ; ପୁରୀରୁ ଗୋପବନ୍ଧୁ ଦାସ, ମୁକ୍ତାର ରାମଚନ୍ଦ୍ର ଦାସ, ବାଲେଶ୍ୱରରୁ ଫକୀରମୋହନ ସେନାପତି ଆଦି ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମିଳନୀରେ ଯୋଗ ଦେଲେ ।

ମଧୁବାବୁ କଟକରୁ ଆସିବା ଦିନ ଗୋଟାଏ କୌତୁହଳଜନକ ଘଟନା ଘଟିଲା । ରେଳଗାଡ଼ିରୁ ଓହ୍ଲାଇ ସଭାସ୍ଥଳକୁ ଯିବା ନିମନ୍ତେ ଖଲ୍ଲିକୋଟ ରାଜାଙ୍କ ଘୋଡ଼ାଗାଡ଼ି ପ୍ରସ୍ତୁତ ଥାଏ । ଲୋକେ ଘୋଡ଼ାଙ୍କୁ ଫିଟାଇ ଦେଇ ମଧୁବାବୁଙ୍କୁ ଗାଡ଼ିରେ ବସାଇ ଗାଡ଼ି ଟାଣିନେବେ ବୋଲି ଜଣାଇଲେ । ମଧୁବାବୁ ଏଥିରେ ସମ୍ମତ ହେଲେ ନାହିଁ । ଲୋକଙ୍କୁ ଏହାର ଅନାବଶ୍ୟକତା ବୁଝାଇ ଦେଲେ । ଘୋଡ଼ା ଯୋଗୁ ହେଲେ । ମଧୁବାବୁ ଗାଡ଼ିରେ ବସିଲେ । ବାଦ୍ୟନାଦ ପଟୁଆରରେ ଶୋଭାଯାତ୍ରା ଚାଲିଲା । ବ୍ରହ୍ମପୁରର ଦଶପନ୍ଦର ମାଇଲ ଦୂରରୁ ଲୋକେ ଆସିଥିଲେ । ଓଡ଼ିଆଙ୍କ ଉତ୍ସାହ, ଲୋକ ସମାଗମର ତୁଳନା ନ ଥିଲା । ପ୍ରତ୍ୟକ୍ଷଦର୍ଶୀମାନେ କହନ୍ତି, ସେପରି ବିରାଟ ଶୋଭାଯାତ୍ରା ଏ ପର୍ଯ୍ୟନ୍ତ ଦେଖାଯାଇ ନାହିଁ ।

ମଧୁବାବୁ ତାଙ୍କ ଓଜସ୍ୱିନୀ ଭାଷଣରେ ଓଡ଼ିଆମାନଙ୍କୁ ଉଦ୍‌ବୁଦ୍ଧ କରି କହିଲେ ଦେଶମିଶ୍ରଣ ଓଡ଼ିଆ ଜାତି ପକ୍ଷରେ ଗୁରୁତର ସମସ୍ୟା । ଓଡ଼ିଆମାନେ ବିଭିନ୍ନ ସରକାରଙ୍କ ଅଧୀନରେ ରହି ନିଜର ଭାଷା ତଥା ସ୍ୱତନ୍ତ୍ର ସତ୍ତା ହରାଇଲେଣି । ତାଙ୍କ ଗୁହାରି କେହି ଶୁଣୁ ନାହାନ୍ତି । ସବୁଠି ଏମାନେ ସଂଖ୍ୟାଳ୍ପ, ତେଣୁ ଏମାନେ ଏକଶାସନାଧୀନ ହେବା ନିତାନ୍ତ ଆବଶ୍ୟକ । ସଭାପତି ତାଙ୍କ ଅଭିଭାଷଣରେ ମାନ୍ଦ୍ରାଜ ସରକାରଙ୍କ ଅଧୀନରେ ଥିବା ଓଡ଼ିଆ ଅଞ୍ଚଳରେ ଓଡ଼ିଆଭାଷା କିପରି ଅବହେଳିତ ହେଉଅଛି, ତାର ଭୂରି ଭୂରି ପ୍ରମାଣ ଦେଇ ଦେଶମିଶ୍ରଣ ବିନା ଏହାର ସମାଧାନ ପାଇଁ ଅନ୍ୟପନ୍ଥା ନ ଥିବା ଦର୍ଶାଇଥିଲେ ।

ମଧୁବାବୁ ଗଞ୍ଜାମସମ୍ମିଳନୀକୁ ଉତ୍କଳସମ୍ମିଳନୀ ରୂପ ଦେବା ବିଷୟ ନେଇ କହିଲେ ଯେ ଏହି ସମ୍ମିଳନୀରେ ପ୍ରାକୃତିକ ଓଡ଼ିଶାର ସବୁ ଅଞ୍ଚଳରୁ ପ୍ରତିନିଧି ଆସିଛନ୍ତି । ତେଣୁ ଏଣିକି ଏହା ଉତ୍କଳ ସମ୍ମିଳନୀ ବୋଲାଇବ । ସମସ୍ତଙ୍କ ମନକୁ ଏ କଥା ପାଇଲା । ସ୍ଥିର ହେଲା ''ଉତ୍କଳସମ୍ମିଳନୀ''ର ପ୍ରଥମ ଅଧିବେଶନ କଟକରେ ଅନୁଷ୍ଠିତ ହେବ । ସମ୍ମିଳନୀର ପ୍ରତିନିଧିମାନେ ଗୋଲାପବର୍ଣ୍ଣ 'ପାଗ' ଧାରଣ କରିବା ସ୍ଥିର ହେଲା । ଗଞ୍ଜାମ ସମ୍ମିଳନୀ 'ଉତ୍କଳସମ୍ମିଳନୀ'ର ଜନ୍ମଦାତ୍ରୀ ହେଲା ।

ରାଜା ହରିହରଙ୍କ ଧନ-ମନ, ବ୍ରହ୍ମପୁର ନିକଟସ୍ଥ ନିମଖଣ୍ଡୀ ଗ୍ରାମର ବଦାନ୍ୟ ସାହୁ ପରିବାରର ମାଥୁରୀ ସାହୁଙ୍କ ସାହାଯ୍ୟ ସମ୍ମିଳନୀର ସଫଳତାର ମୂଳ ଅଟେ ।

Digitized by srujanika@gmail.com

ଗଞ୍ଜାମର ସର୍ବଶ୍ରୀ କୃଷ୍ଣଚନ୍ଦ୍ର ସାହାଣି, ଦାନିୟେଲ ମହାନ୍ତି, ୱଇଲିୟମ ମହାନ୍ତି ଶ୍ରୀବତ୍ସ ପଣ୍ଡା, ନରସିଂହ ଦାସ, ହରିହର ସଦସ୍ୟ, ହରିଡ଼ାଖଣ୍ଡି ମହନ୍ତ, ବଳରାମ ମହାରଣା ପର୍ଶୁରାମ ପାତ୍ର (ପରେ ସାର୍) ଏବଂ ଗୁନେୟା ଶାସ୍ତ୍ରୀ ଓ ବାବୁରାଓ ନାଇଡ଼ୁଙ୍କ ଭଳି ନିରପେକ୍ଷ କେତେକ ତେଲୁଗୁ ଭଦ୍ରବ୍ୟକ୍ତିମଧ୍ୟ ଏଥିରେ ସହଯୋଗ କରିଥିଲେ ।

ଗଞ୍ଜାମ ସମ୍ମିଳନୀର ସଭାପତି ଶ୍ରୀ ଶ୍ୟାମସୁନ୍ଦର୍ ରାଜଗୁରୁ ତା ୧୨।୨।୧୮୬୬ ମସିହାରେ ପାରଳାଖେମୁଣ୍ଡିରେ ଜନ୍ମ ହୋଇଥିଲେ । ୧୮୮୭ ମସିହାରେ ପାରଳାଖେମୁଣ୍ଡି ହାଇସ୍କୁଲରୁ ପ୍ରଥମ ସ୍ଥାନ ପାଇ ମାଟ୍ରିକ ପାଶ କଲେ । ବ୍ରହ୍ମପୁର କଲେଜରୁ ଆଇ.ଏ. ପାଶ୍ କରି ରାଜମହେନ୍ଦ୍ରୀ କଲେଜରୁ ୧୮୯୨ ମସିହାରେ ବି.ଏ. ପାଶ୍ କଲେ । ପାରଳାର ଦ୍ୱିତୀୟ ରାଜକୁମାର ପଦ୍ମନାଭ ନାରାୟଣଙ୍କ ଗୃହଶିକ୍ଷକ ରୂପେ ରହି ତାଙ୍କ ମନରେ ଦେଶାତ୍ମବୋଧ ଜାତ କରାଇଥିଲେ । ସେ ପାରଳାରେ "ଉତ୍କଳ ହିତୈଷିଣୀ ସମାଜ", "ଭାଷାବିବର୍ଦ୍ଧିନୀ ସମାଜ' ଆଦି ଗଢ଼ି ଓଡ଼ିଆ ଜାତିର ଲୁପ୍ତଗୌରବ ଉଦ୍ଧାର କରିଥିଲେ । ବହୁ କୃତବିଦ୍ୟ ବ୍ୟକ୍ତି ରାଜକୁମାରଙ୍କ ଉତ୍ସାହରେ ଖ୍ୟାତନାମା ହୋଇଥିଲେ । ଏମାନଙ୍କ ମଧ୍ୟରେ ଭାଷାତତ୍ତ୍ୱ ଓ ଶବ୍ଦତତ୍ତ୍ୱବୋଧ ଅଭିଧାନ ଗ୍ରନ୍ଥ କର୍ତ୍ତା ଗୋପୀନାଥ ନନ୍ଦ, ଅନ୍ଧଗାୟକ ଅପର୍ଣ୍ଣା ପାଣିଗ୍ରାହୀ ଆଦିଙ୍କ ନାମ ଉଲ୍ଲେଖନୀୟ ।

ଶ୍ୟାମସୁନ୍ଦର ରାଜଗୁରୁ ଓଡ଼ିଆଙ୍କ ବ୍ରତ-ଉପବାସ ସମ୍ବନ୍ଧେ ଇଂରାଜୀରେ "ଦି ଫିଷ୍ଟଜ୍ ଆଣ୍ଡ ଫାଷ୍ଟଜ୍ ଅଫ୍ ଦି ଓରିୟାଜ୍" ( The feasts and fasts of the Oriyas") ବହି ଲେଖି ଓଡ଼ିଆଙ୍କ ସ୍ୱତନ୍ତ୍ର ସଭ୍ୟତା ଓ କୃଷ୍ଟିର ନିଦର୍ଶନ ସରକାରଙ୍କୁ ଦେଖାଇ ପାରିଥିଲେ । ସେ ୧୮୯୪ ମସିହାଠାରୁ ପନ୍ଦର ବର୍ଷଯାଏ ପାରଳା ମ୍ୟୁନିସିପାଲିଟିର ଚେୟାରମ୍ୟାନ ରୂପେ ବହୁ ହିତକର କାର୍ଯ୍ୟ କରିଥିଲେ । ଦି ଗଞ୍ଜାମ ନିଉଜ ( The Ganjam News ) ପତ୍ରିକାର ସମ୍ପାଦକ ରୂପେ ଓଡ଼ିଆ ସାହିତ୍ୟର ଉନ୍ନତିମୂଳକ ଲେଖାସହ ସରକାରଙ୍କ ଅବହେଳା ସମ୍ବନ୍ଧେ ବିଶେଷ ଆଲୋଚନା କରୁଥିଲେ । ୧୮୯୪ ମସିହାରେ ଭାରତୀୟ କଂଗ୍ରେସର ମାନ୍ଦ୍ରାଜ ଅଧିବେଶନ, ୧୮୯୫ ମସିହାରେ ପୁନା ଅଧିବେଶନ, ୧୮୯୭ରେ ଅମରାବତୀ ଅଧିବେଶନରେ ଓଡ଼ିଶାର ପ୍ରତିନିଧି ରୂପେ ଯୋଗ ଦେଇଥିଲେ । ତାଙ୍କର ପ୍ରବନ୍ଧାବଳୀ ଓଡ଼ିଆ-ସାହିତ୍ୟ-ଭଣ୍ଡାରର ଏକ ମହାର୍ଘରତ୍ନ । ସେ ୧୯୦୯ ମସିହାରେ ପରଲୋକ ପ୍ରାପ୍ତ ହେଲେ ।

ଓଡ଼ିଆ ଭାଷାକୁ ବିଶ୍ୱଦରବାରରେ ସ୍ଥାନ ଦେବାରେ ଓ ଅଣଓଡ଼ିଆଙ୍କୁ ଓଡ଼ିଆ ଭାଷାର ସମୃଦ୍ଧି ଦେଖାଇବାରେ ଅପର ବ୍ୟକ୍ତି ହେଉଛନ୍ତି ପଣ୍ଡିତ ଗୋପୀନାଥ ନନ୍ଦ, ସେ ତା ୨୧।୮।୧୮୬୮ରେ ଜନ୍ମ ହୋଇଥିଲେ । ଓଡ଼ିଆ, ସଂସ୍କୃତ ଓ ତେଲୁଗୁ ଭାଷାରେ ଦକ୍ଷ ଥିଲେ । ଚାଟଶାଳୀ ଶିକ୍ଷା ପରେ ନିଜେ ପରିଶ୍ରମ କରି ସବୁ ପଢ଼ିଲେ । ମେଘଦୂତ ଅନୁବାଦ, ଉଦ୍ଧବ ଦୂତକାବ୍ୟ, ଶ୍ରୀଭାରତଦର୍ପଣ, ଶବ୍ଦତତ୍ତ୍ୱବୋଧ ଅଭିଧାନ, ବିକ୍ରମୋର୍ବଶୀୟ, ବିହ୍ଲଣୀୟ କାବ୍ୟ, ସୀତା ବନବାସ, ମକୁନ୍ଦାନନ୍ଦଭାଣ, ଉନ୍ମତ୍ତରାଘବାଦି ନାଟକ ଆଦି କୋଡ଼ିଏ ଖଣ୍ଡ ବହି ଲେଖିଲେ । ତାଙ୍କର ପାଣ୍ଡିତ୍ୟ ହେତୁ କୌଣସି ଉପାଧି (ଡିଗ୍ରୀ) ନ ଥିଲେ ହେଁ

Digitized by srujanika@gmail.com

୧୯୦୩ ମସିହା ଏପ୍ରିଲ ମାସରେ ଗଞ୍ଜାମର ପ୍ରଥମ ଗ୍ରାଜୁଏଟ ପାରଳାଖେମୁଣ୍ଡି ନିବାସୀ ଶ୍ୟାମସୁନ୍ଦର ରାଜଗୁରୁଙ୍କ ସଭାପତିତ୍ୱରେ ସମ୍ମିଳନୀ ବସିଲା । ସମଗ୍ର ଓଡ଼ିଆ ଭାଷୀ ଅଞ୍ଚଳରୁ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଏଥିରେ ଯୋଗ ଦେଲେ । କଟକରୁ ମଧୁବାବୁ, ବିଶ୍ୱ-ନାଥ କର, ଗୋପାଳଚନ୍ଦ୍ର ପ୍ରହରାଜ, ନନ୍ଦକିଶୋର ବଳ, ଶଶିଭୂଷଣ ରାୟ, ରଘୁନାଥ ରାଓ; ପୁରୀରୁ ଗୋପବନ୍ଧୁ ଦାସ, ମୁକ୍ତାର ରାମଚନ୍ଦ୍ର ଦାସ, ବାଲେଶ୍ୱରରୁ ଫକୀରମୋହନ ସେନା-ପତି ଆଦି ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମିଳନୀରେ ଯୋଗ ଦେଲେ ।

ମଧୁବାବୁ କଟକରୁ ଆସିବା ଦିନ ଗୋଟାଏ କୌତୂହଳଜନକ ଘଟଣା ଘଟିଲା । ରେଳଗାଡ଼ିରୁ ଓହ୍ଲାଇ ସଭାସ୍ଥଳକୁ ଯିବା ନିମନ୍ତେ ଖଲିକୋଟ ରାଜାଙ୍କ ଘୋଡ଼ାଗାଡ଼ି ପ୍ରସ୍ତୁତ ଥାଏ । ଲୋକେ ଘୋଡ଼ାଙ୍କୁ ଫିଟାଇ ଦେଇ ମଧୁବାବୁଙ୍କୁ ଗାଡ଼ିରେ ବସାଇ ଗାଡ଼ି ଟାଣିନେବେ ବୋଲି ଜଣାଇଲେ । ମଧୁବାବୁ ଏଥିରେ ସମ୍ମତ ହେଲେ ନାହିଁ । ଲୋକଙ୍କୁ ଏହାର ଅନା-ବଶ୍ୟକତା ବୁଝାଇ ଦେଲେ । ଘୋଡ଼ା ଯୋଗ୍ରୁ ହେଲେ । ମଧୁବାବୁ ଗାଡ଼ିରେ ବସିଲେ । ବାଦ୍ୟନାଦ ପଟୁଆରରେ ଶୋଭାଯାତ୍ରା ଚାଲିଲା । ବ୍ରହ୍ମପୁରର ଦଶପନ୍ଦର ମାଇଲ ଦୂରରୁ ଲୋକେ ଆସିଥିଲେ । ଓଡ଼ିଆଙ୍କ ଉତ୍ସାହ, ଲୋକ ସମାଗମର ତୁଳନା ନ ଥିଲା । ପ୍ରତ୍ୟକ୍ଷଦର୍ଶୀ-ମାନେ କହନ୍ତି, ସେପରି ବିରାଟ ଶୋଭାଯାତ୍ରା ଏ ପର୍ଯ୍ୟନ୍ତ ଦେଖାଯାଇ ନାହିଁ ।

ମଧୁବାବୁ ତାଙ୍କ ଓଜସ୍ୱିନୀ ଭାଷଣରେ ଓଡ଼ିଆମାନଙ୍କୁ ଉଦ୍‌ବୁଦ୍ଧ କରି କହିଲେ ଦେଶମିଶ୍ରଣ ଓଡ଼ିଆ ଜାତି ପକ୍ଷରେ ଗୁରୁତର ସମସ୍ୟା । ଓଡ଼ିଆମାନେ ବିଭିନ୍ନ ସରକାରଙ୍କ ଅଧୀନରେ ରହି ନିଜର ଭାଷା ତଥା ସ୍ୱତନ୍ତ୍ର ସତ୍ତା ହରାଇଲେଣି । ତାଙ୍କ ଗୁହାରି କେହି ଶୁଣୁ ନାହାନ୍ତି । ସବୁଠି ଏମାନେ ସଂଖ୍ୟାଳ୍ପ, ତେଣୁ ଏମାନେ ଏକଶାସନାଧୀନ ହେବା ନିତାନ୍ତ ଆବଶ୍ୟକ । ସଭାପତି ତାଙ୍କ ଅଭିଭାଷଣରେ ମାନ୍ଦ୍ରାଜ ସରକାରଙ୍କ ଅଧୀନରେ ଥିବା ଓଡ଼ିଆ ଅଞ୍ଚଳରେ ଓଡ଼ିଆଭାଷା କିପରି ଅବହେଳିତ ହେଉଅଛି, ତାର ଭୁରି ଭୁରି ପ୍ରମାଣ ଦେଇ ଦେଶମିଶ୍ରଣ ବିନା ଏହାର ସମାଧାନ ପାଇଁ ଅନ୍ୟପନ୍ଥା ନ ଥିବା ଦର୍ଶାଇଥିଲେ ।

ମଧୁବାବୁ ଗଞ୍ଜାମସମ୍ମିଳନୀକୁ ଉତ୍କଳସମ୍ମିଳନୀ ରୂପ ଦେବା ବିଷୟ ନେଇ କହିଲେ ଯେ ଏହି ସମ୍ମିଳନୀରେ ପ୍ରାକୃତିକ ଓଡ଼ିଶାର ସବୁ ଅଞ୍ଚଳରୁ ପ୍ରତିନିଧି ଆସିଛନ୍ତି । ତେଣୁ ଏଣିକି ଏହା ଉତ୍କଳ ସମ୍ମିଳନୀ ବୋଲାଇବ । ସମସ୍ତଙ୍କ ମନକୁ ଏ କଥା ପାଇଲା । ସ୍ଥିର ହେଲା "ଉତ୍କଳସମ୍ମିଳନୀ"ର ପ୍ରଥମ ଅଧିବେଶନ କଟକରେ ଅନୁଷ୍ଠିତ ହେବ । ସମ୍ମି-ଳନୀର ପ୍ରତିନିଧିମାନେ ଗୋଲାପବର୍ଣ୍ଣ 'ପାଗ' ଧାରଣ କରିବା ସ୍ଥିର ହେଲା । ଗଞ୍ଜାମ ସମ୍ମି-ଳନୀ 'ଉତ୍କଳସମ୍ମିଳନୀ'ର ଜନ୍ମଦାତ୍ରୀ ହେଲା ।

ରାଜା ହରିହରଙ୍କ ଧନ-ମନ, ବ୍ରହ୍ମପୁର ନିକଟସ୍ଥ ନିମଖଣ୍ଡୀ ଗ୍ରାମର ବଦାନ୍ୟ ସାହୁ ପରିବାରର ମାଥୁରୀ ସାହୁଙ୍କ ସାହାଯ୍ୟ ସମ୍ମିଳନୀର ସଫଳତାର ମୂଳ ଅଟେ ।

Digitized by srujanika@gmail.com

ଗଞ୍ଜାମର ସର୍ବଶ୍ରୀ କୃଷ୍ଣଚନ୍ଦ୍ର ସାହାଣି, ଦାନିୟେଲ ମହାନ୍ତି, ଉଇଲିୟମ ମହାନ୍ତି ଶ୍ରୀବସ୍ତ ପଣ୍ଡା, ନରସିଂହ ଦାସ, ହରିହର ସଦସ୍ୟ, ହରିଡ଼ାଖଣ୍ଡି ମହନ୍ତ, ବଳରାମ ମହାରଣା ପର୍ଶୁରାମ ପାତ୍ର (ପରେ ସାର୍) ଏବଂ ଗୁନେୟା ଶାସ୍ତ୍ରୀ ଓ ବାବୁରାଓ ନାଇଡ଼ୁଙ୍କ ଭଳି ନିର ପେକ୍ଷ କେତେକ ତେଲୁଗୁ ଭଦ୍ରବ୍ୟକ୍ତି ମଧ୍ୟ ଏଥିରେ ସହଯୋଗ କରିଥିଲେ ।

ଗଞ୍ଜାମ ସମ୍ମିଳନୀର ସଭପତି ଶ୍ରୀ ଶ୍ୟାମସୁନ୍ଦର୍ ରାଜଗୁରୁ ତା ୧୨।୨।୧୮୬୬ ମସହାରେ ପାରଳାଖେମୁଣ୍ଡିରେ ଜନ୍ମ ହୋଇଥିଲେ । ୧୮୮୭ ମସିହାରେ ପାରଳାଖେମୁଣ୍ଡି ହାଇସ୍କୁଲରୁ ପ୍ରଥମ ସ୍ଥାନ ପାଇ ମାଟ୍ରିକ ପାଶ କଲେ । ବ୍ରହ୍ମପୁର କଲେଜରୁ ଆଇ.ଏ. ପାଶ୍ କରି ରାଜମହେନ୍ଦ୍ରୀ କଲେଜରୁ ୧୮୯୨ ମସିହାରେ ବି.ଏ. ପାଶ୍ କଲେ । ପାରଳାର ଦ୍ୱିତୀୟ ରାଜକୁମାର ପଦ୍ମନାଭ ନାରାୟଣଙ୍କ ଗୃହଶିକ୍ଷକ ରୂପେ ରହି ତାଙ୍କ ମନରେ ଦେଶାତ୍ମବୋଧ ଜାତ କରାଇଥିଲେ । ସେ ପାରଳାରେ ''ଉତ୍କଳ ହିତୈଷିଣୀ ସମାଜ'', ''ଭାଷାବିବର୍ଦ୍ଧିନୀ ସମାଜ' ଆଦି ଗଢ଼ି ଓଡ଼ିଆ ଜାତିର ଲୁପ୍ତଗୌରବ ଉଦ୍ଧାର କରିଥିଲେ । ବହୁ କୃତବିଦ୍ୟ ବ୍ୟକ୍ତି ରାଜକୁମାରଙ୍କ ଉତ୍ସାହରେ ଖ୍ୟାତନାମା ହୋଇଥିଲେ । ଏମାନଙ୍କ ମଧ୍ୟରେ ଭାଷାତତ୍ତ୍ୱ ଓ ଶବ୍ଦତତ୍ତ୍ୱବୋଧ ଅଭିଧାନ ଗ୍ରନ୍ଥ କର୍ତ୍ତା ଗୋପୀନାଥ ନନ୍ଦ, ଅନ୍ଧଗାୟକ ଅପର୍ଣ୍ଣା ପାଣିଗ୍ରାହୀ ଆଦିଙ୍କ ନାମ ଉଲ୍ଲେଖନୀୟ ।

ଶ୍ୟାମସୁନ୍ଦର ରାଜଗୁରୁ ଓଡ଼ିଆଙ୍କ ବ୍ରତ-ଉପବାସ ସମ୍ବନ୍ଧେ ଇଂରାଜୀରେ ''ଦି ଫିଷ୍ଟ୍ସ୍ ଆଣ୍ଡ ଫାଷ୍ଟସ୍ ଅଫ୍ ଦି ଓରିୟାଜ୍'' (The feasts and fasts of the Oriyas'') ବହି ଲେଖି ଓଡ଼ିଆଙ୍କ ସ୍ୱତନ୍ତ୍ର ସଭ୍ୟତା ଓ କୃଷ୍ଟିର ନିଦର୍ଶନ ସରକାରଙ୍କୁ ଦେଖାଇ ପାରିଥିଲେ । ସେ ୧୮୯୪ ମସିହାଠାରୁ ପନ୍ଦର ବର୍ଷଯାଏ ପାରଳା ମ୍ୟୁନିସିପାଲିଟିର ଚେୟାରମ୍ୟାନ ରୂପେ ବହୁ ହିତକର କାର୍ଯ୍ୟ କରିଥିଲେ । ଦି ଗଞ୍ଜାମ ନିଉଜ (The Ganjam News) ପତ୍ରିକାର ସମ୍ପାଦକ ରୂପେ ଓଡ଼ିଆ ସାହିତ୍ୟର ଉନ୍ନତିମୂଳକ ଲେଖାସହ ସରକାରଙ୍କ ଅବହେଳା ସମ୍ବନ୍ଧେ ବିଶେଷ ଆଲୋଚନା କରୁଥିଲେ । ୧୮୯୪ ମସିହାରେ ଭାରତୀୟ କଂଗ୍ରେସର ମାଦ୍ରାଜ ଅଧିବେଶନ, ୧୮୯୫ ମସିହାରେ ପୁନା ଅଧିବେଶନ, ୧୮୯୭ରେ ଅମରାବତୀ ଅଧିବେଶନରେ ଓଡ଼ିଶାର ପ୍ରତିନିଧି ରୂପେ ଯୋଗ ଦେଇଥିଲେ । ତାଙ୍କର ପ୍ରବନ୍ଧାବଳୀ ଓଡ଼ିଆ-ସାହିତ୍ୟ-ଭଣ୍ଡାରର ଏକ ମହାର୍ହରତ୍ନ । ସେ ୧୯୦୯ ମସିହାରେ ପରଲୋକ ପ୍ରାପ୍ତ ହେଲେ ।

ଓଡ଼ିଆ ଭାଷାକୁ ବିଶ୍ୱଦରବାରରେ ସ୍ଥାନ ଦେବାରେ ଓ ଅଣଓଡ଼ିଆଙ୍କୁ ଓଡ଼ିଆ ଭାଷାର ସମୃଦ୍ଧି ଦେଖାଇବାରେ ଅପର ବ୍ୟକ୍ତି ହେଉଛନ୍ତି ପଣ୍ଡିତ ଗୋପୀନାଥ ନନ୍ଦ, ସେ ତା ୨୧।୮।୧୮୬୮ରେ ଜନ୍ମ ହୋଇଥିଲେ । ଓଡ଼ିଆ, ସଂସ୍କୃତ ଓ ତେଲୁଗୁ ଭାଷାରେ ଦକ୍ଷ ଥିଲେ । ଚାଟଶାଳୀ ଶିକ୍ଷା ପରେ ନିଜେ ପରିଶ୍ରମ କରି ସବୁ ପଢ଼ିଲେ । ମେଘଦୂତ ଅନୁବାଦ, ଉଦ୍ଧବ ଦୂତକାବ୍ୟ, ଶ୍ରୀଭାରତଦର୍ପଣ, ଶବ୍ଦତତ୍ତ୍ୱବୋଧ ଅଭିଧାନ, ବିକ୍ରମୋର୍ବଶୀୟ, ବିହ୍ଲଣୀୟ କାବ୍ୟ, ସୀତା ବନବାସ, ମକୁନ୍ଦାନନ୍ଦଭାଣ, ଉନ୍ମତ୍ତରାଘବାଦି ନାଟକ ଆଦି କୋଡ଼ିଏ ଖଣ୍ଡ ବହି ଲେଖିଲେ । ତାଙ୍କର ପାଣ୍ଡିତ୍ୟ ହେତୁ କୌଣସି ଉପାଧି (ଡିଗ୍ରୀ) ନ ଥିଲେହେଁ

Digitized by srujanika@gmail.com

ପାରଳାଖେମୁଣ୍ଡି କଲେଜରେ ଅଧ୍ୟାପକ ହୋଇଥିଲେ । ଓଡ଼ିଆରେ ଶ୍ରୀଭରତଦର୍ପଣ ଭଳି ସମାଲୋଚନାମୂଳକ ଅନ୍ୟ ଗ୍ରନ୍ଥ କିଛି ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ମୃତ୍ୟୁ ତା ୧୪।୧।୨୯୨୪ରେ ହୋଇଗଲା ।

ଗଞ୍ଜାମସମ୍ମିଳନୀର କେତେକ କର୍ମୀଙ୍କ ସାମାନ୍ୟ ପରିଚୟ
ଏଠି ଦେବା ଉଚିତ ମନେ କରଗଲା

ଶ୍ରୀ ବଳରାମ ମହାରଣା--ଘୁମୁସର ଶିକ୍ଷା ବିଭାଗର ଡେପୁଟି ଇନ୍‌ସପେକ୍‌ଟର ଥିଲେ । ନିଜ କର୍ତ୍ତବ୍ୟ ସୁଗ୍ଧରୂ ରୂପେ ପାଳନ କରି ଦେଶମିଶ୍ରଣ କାର୍ଯ୍ୟରେ ସର୍ବଦା ଲାଗି-ଥିଲେ

ଶ୍ରୀନରସିଂହ ଦାସ—ଘମୁସର କାନକୁଟୁରରେ ଜନ୍ମ । ସରକାରୀ କର୍ମରେ ଥିବା ସତ୍ତ୍ୱେ ଦେଶମିଶ୍ରଣରେ ମନପ୍ରାଣ ଦେଇଥିଲେ ।

ଶ୍ରୀହରିହର ସଦସ୍ୟ—ଘୁମୁସର ଧୂଆଁଛାଇ ଗ୍ରାମରେ ଜନ୍ମ ହୋଇଥିଲେ, ନାନା ଅଭାବ ସତ୍ତ୍ୱେ ଓଡ଼ିଆ ଆନ୍ଦୋଳନରେ ଲାଗିଥିବେ । 'ଦେଶମିଶ୍ରଣ' ଲେଖାଥିବା ପଟାଟିଏ ପିଠିରେ ବାନ୍ଧି ଗଞ୍ଜାମ ଜିଲା ତମାମ ବୁଲୁଥିଲେ

ଶ୍ରୀହରିହର ପଣ୍ଡା—ଆସିକା, ଗଞ୍ଜାମର ପ୍ରଥମ ଓକିଲ, ଦେଶମିଶ୍ରଣ କାର୍ଯ୍ୟରେ ଅନବରତ ଲାଗିଥିଲେ ।

ଶ୍ରୀକୃଷ୍ଣଚନ୍ଦ୍ର ସାହାଣୀ—ବ୍ରହ୍ମପୁର, ଅଦ୍ୱିତୀୟ ସଙ୍ଗଠକ, ଅଣଓଡ଼ିଆଙ୍କ ଦାଉରୁ ଓଡ଼ିଆଙ୍କୁ ରକ୍ଷା କରିବାରେ ପାରଙ୍ଗମ ।

ଶ୍ରୀ ଦାନିଏଲ ମହାନ୍ତି—ବ୍ରହ୍ମପୁର, ମୁନସିଫ କାମରୁ ଅବ୍ୟାହତି ନେବା ପରେ, ଦେଶମିଶ୍ରଣ କାମରେ ଲାଗିଥିଲେ ।

ଶ୍ରୀ ଉଇଲିୟମ ମହାନ୍ତି—ବ୍ରହ୍ମପୁର, ଓଡ଼ିଆ ଭାଷା ପ୍ରଚାର ତଥା ଦେଶମିଶ୍ରଣ କାମରେ ମନ ଦେଇଥିଲେ ।

ଶ୍ରୀ ଶ୍ରୀବତ୍ସ ପଣ୍ଡା—ଓଡ଼ିଆ ଭାଷା ପ୍ରଚାରରେ, ସମାଜ ସଂସ୍କାରକ ଭାବେ ସର୍ବୋପରି ଦେଶମିଶ୍ରଣ କାର୍ଯ୍ୟରେ ଅନୁରକ୍ତ ଥିଲେ । ବିଭିନ୍ନ ପ୍ରବନ୍ଧ ତଥା କବିତା ଲେଖି ଓଡ଼ିଆ ଜାତିକୁ ଉଦବୋଧନ ଦେଉଥିଲେ । ତାଙ୍କର ଗୋଟିଏ ଗୀତର ଏକାଂଶ:—

Digitized by srujanika@gmail.com

''ତୁମ୍ଭ ନିମନ୍ତେ କେବେ ଭଳି
ବସିତ ନାହାନ୍ତି ବଙ୍ଗାଳୀ ।
ତୁମ୍ଭର ଦୁଃଖରେ ଆକୁଳ
ନୁହନ୍ତି ତେଲୁଗୁ ତାମିଲ ।''

ସେ ରସୁଲକୋଣ୍ଡା ମଧ୍ୟଇଂରେଜୀ ବିଦ୍ୟାଳୟରୁ ତା ପରେ ବ୍ରହ୍ମପୁର ହାଇସ୍କୁଲ, ଶେଷରେ ରାଜମହେନ୍ଦ୍ରୀ କଲେଜରେ ଶିକ୍ଷା ଲାଭ କଲେ । ଦର୍ଶନ ଶାସ୍ତ୍ରରେ ବି.ଏ. ଉପାଧି ପାଇଲେ । ସେ ପ୍ରଥମେ କଲେକ୍ଟରୀରେ ଗୁମାସ୍ତା କାମ କଲେ । ତାକୁ ଇସ୍ତଫା ଦେଇ ସବ୍‌ରେଜିଷ୍ଟର ହେଲେ । ଦେଶମିଶ୍ରଣ ତଥା ଓଡ଼ିଆ ଭାଷାର ଉନ୍ନତି ପାଇଁ ବହୁ ପରିଶ୍ରମ କରୁଥିଲେ । ତେଲୁଗୁ କର୍ମଚାରୀଙ୍କ କ୍ରୁରଦୃଷ୍ଟି ହେତୁ ସେ କର୍ମତ୍ୟାଗ କଲେ । ସ୍ୱାମୀ ଦୟାନନ୍ଦଙ୍କ ପ୍ରବର୍ତ୍ତିତ ବୈଦିକବାଦ ତାଙ୍କୁ ଆକୃଷ୍ଟ କରିଥିଲା । ମହାତ୍ମାଗାନ୍ଧିଙ୍କ ପନ୍ଥାରେ ଅରଟ ପ୍ରସାର, ପଞ୍ଚାୟତ ପ୍ରଥା ଆଦିରେ ସେ ମନ ଦେଇଥିଲେ । 'ତନରଡ଼ା'ଠାରେ ଗୋରକ୍ଷାଶ୍ରମ ପ୍ରତିଷ୍ଠା କରିଥିଲେ । 'ଆର୍ଯ୍ୟ' ମାସିକ ପତ୍ର ପ୍ରକାଶ କରିଥିଲେ । ସେ କିଛି ଦିନ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଥିଲେ ।

ଏମାନଙ୍କ ଭଳି ସମ୍ମିଳନୀର କାମରେ ଧନ-ମନ ଦେଇ ଲାଗିଥିବା ଅନ୍ୟ କେତେକ ଦେଶପ୍ରେମୀଙ୍କ ଜୀବନୀ ସମ୍ବନ୍ଧେ କୌଣସି ତଥ୍ୟ ନ ମିଳିଲେହେଁ ସେମାନଙ୍କ ନିକଟରେ ଉତ୍କଳୀୟମାନେ ଋଣୀ ।

## ଜାତୀୟକଂଗ୍ରେସରେ ଓଡ଼ିଆଙ୍କ କଥା

୧୮୮୫ ମସିହାଠାରୁ ଭାରତ ଜାତୀୟ କଂଗ୍ରେସ ପ୍ରତିଷ୍ଠିତ ହେଲେହେଁ ଓଡ଼ିଆ-ମାନଙ୍କ ପ୍ରତିନିଧି ୧୮୮୭ ମସିହାର ମାନ୍ଦ୍ରାଜ ଅଧିବେଶନରେ, ୧୮୮୯ରେ ବମ୍ବେ, ୧୮୯୪ରେ ମାନ୍ଦ୍ରାଜ, ୧୮୯୫ରେ ପୁନା ୧୮୯୬ରେ କଲିକତା ଓ ୧୮୯୭ରେ ଅମରାବତୀ ଅଧିବେଶ-ନରେ ଯୋଗ ଦେଇଥିଲେ ।

୧୯୦୩ ମସିହାରେ ମାନ୍ଦ୍ରାଜରେ କଂଗ୍ରେସ ଅଧିବେଶନ ବସିଲା । ବଙ୍ଗଭଙ୍ଗ ଆନ୍ଦୋଳନର ବିଚାର କରାଗଲା । ଉଭୟବଙ୍ଗକୁ ପୁଣି ଏକତ୍ର କରାଯାଉ ବୋଲି ପ୍ରସ୍ତାବ ଗୃହୀତ ହେଲା ।

ମଧୁବାବୁ ପ୍ରସ୍ତାବ ଆଣିଲେ ଯେ, ବିଭିନ୍ନ ପ୍ରଦେଶରେ ଥିବା ଓଡ଼ିଆମାନଙ୍କୁ ଏକ ଶାସନାଧୀନ କରାଯାଉ । ତେଲେଙ୍ଗା ପ୍ରତିନିଧିମାନେ ଏକଜୁଟ୍ ହୋଇ ଦାବୀ କଲେ ଯେ ଗଞ୍ଜାମ ଜିଲ୍ଲା ତଥା ମାନ୍ଦ୍ରାଜ ପ୍ରଦେଶର କୌଣସି ଅଂଶ ଓଡ଼ିଶାସହ ମିଶିବ ନାହିଁ । କଂଗ୍ରେ-ସର ବଡ଼ପଣ୍ଡାମାନେ ଏ ଅଯୌକ୍ତିକ ଅବାଞ୍ଛିତ ଦାବୀ ଗ୍ରହଣ କରିଗଲେ । ସଂଖ୍ୟାଧିକ

Digitized by srujanika@gmail.com

ବଳରେ ନ୍ୟାୟର ବେକ ମୋଡ଼ି ଦିଆଗଲା । ମଧୁବାବୁଙ୍କୁ ଏ କଥା ବଡ଼ ବାଧିଲା । କଂଗ୍ରେସ ସଂଖ୍ୟାଲ୍ପ ଓଡ଼ିଆଙ୍କ ନ୍ୟାଯ୍ୟଦାବୀ କଦାପି ଗ୍ରହଣ କରିବେ ନାହିଁ, ତେଣୁ ଏ ସଂସ୍ଥା ଦ୍ୱାରା ଓଡ଼ିଆଙ୍କ ଉପକାର ହେବା ଅସମ୍ଭବ ମନେ କରି କଂଗ୍ରେସ ସହ ସବୁ ସମ୍ପର୍କ ତୁଟାଇ ଦେଲେ ଓ ଓଡ଼ିଆଙ୍କ ଜାତୀୟଯଜ୍ଞ ଉତ୍କଳସମ୍ମିଳନୀର ସଫଳତା ପାଇ ଧନମନ ଦେଇ ଲାଗିଗଲେ ।

'ଉତ୍କଳଦୀପିକା', 'ପ୍ରଜାବନ୍ଧୁ' ଆଦି ପତ୍ରିକାମାନଙ୍କରେ ସମ୍ମିଳନୀର ପ୍ରଚାର ଚାଲିଲା · ପ୍ରାକୃତିକ ଓଡ଼ିଶାର ସବୁ ଅଞ୍ଚଳରେ ଉତ୍ସାହ ଖେଳିଗଲା ।

## ଉତ୍କଳସମ୍ମିଳନୀ

ତା ୧୫।୧୦।୧୯୦୩ ମସିହାରେ କଟକସ୍ଥ କନିକାରାଜବାଟିରେ ଗୋଟିଏ ସାଧାରଣସଭା ଆହୂତ ହୋଇ ପ୍ରସ୍ତାବ ଗ୍ରହଣ କରାଗଲା ଯେ ଆଗାମୀ ଡିସେମ୍ବର ମାସ ୩୦ ଓ ୩୧ ତାରିଖରେ କଟକଠାରେ ଉତ୍କଳସମ୍ମିଳନୀ ସଭାର ପ୍ରଥମ ଅଧିବେଶନ ହେବ । କେତେକ ବ୍ୟକ୍ତିଙ୍କୁ ନେଇ କାର୍ଯ୍ୟ ନିର୍ବାହକ ସମିତି ଗଠିତ ହେଲା । ଏହା ପ୍ରଥମ ସମ୍ମିଳନୀ ହେତୁ କାର୍ଯ୍ୟ ବିବରଣୀ ଯେଉଁଳି ଭାବେ ଛାପା ହୋଇଥିଲା ତାର ଅବିକଳ ନକଲ ଉଦ୍ଧୃତ ହେଲା ।

ତା ୧୫।୧୧।୧୯୦୩ରେ କାର୍ଯ୍ୟନିର୍ବାହକ ସମିତିର ପ୍ରଥମ ଅଧିବେଶନ ବସିଲା । ସମ୍ମିଳନୀରେ ଯେଉଁ ଯେଉଁ ବିଷୟମାନ ପଡ଼ିବ ତାହା ଏହି ଅଧିବେଶନରେ କେତେକ ପରିମାଣରେ ସ୍ଥିର ହେଲା । ନିମନ୍ତ୍ରଣ ପତ୍ର ଓ ସଂକଳ୍ପିତ ପ୍ରଦର୍ଶନୀକୁ ଦ୍ରବ୍ୟ ପଠାଇବା ନିମନ୍ତେ ପ୍ରାର୍ଥନା ଫାରମ ଗଠିତ ହୋଇ ଗୃହୀତ ହେଲା ।

ଆଗାମୀ ଉତ୍କଳ ସମ୍ମିଳନୀରେ ସଭାପତି ହେବା ନିମନ୍ତେ ବାମଣ୍ଡାର ମହାରାଜା ସର ସୁଡଳ ଦେବ କେ. ସି. ଏସ୍. ଆଇ.ଙ୍କ ନିକଟକୁ ଅନୁରୋଧପତ୍ର ପ୍ରେରିତ ହେବାର ସ୍ଥିର ହେଲା । (୨୫)

ତା ୨୨।୧୧।୦୩—କାର୍ଯ୍ୟ ନିର୍ବାହକ ସମିତିର ଦ୍ୱିତୀୟ ଅଧିବେଶନ:—

---

(୨୫) ବାମଣ୍ଡା ମହାରାଜା ବାସୁଦେବଙ୍କୁ ଏହି ମହାନ୍ ସମ୍ମିଳନୀର ସଭାପତି ପଦରେ ବରଣ କରିବା ପାଇଁ ବହୁକାରଣ ଥିଲା । ସେ ସୁଶାସକ ଥିଲେ, ଶିକ୍ଷାର ପ୍ରସାର ନିମନ୍ତେ ସର୍ବପ୍ରଥମେ ସ୍ୱ-ରାଜ୍ୟରେ ହାଇସ୍କୁଲ ସ୍ଥାପନ କରିଥିଲେ । ନିଜେ ପଣ୍ଡିତ ଥିଲେ । ଗୁଣୀ ଲୋକଙ୍କୁ ସମାଦର କରୁଥିଲେ । ସେ ଅଳଙ୍କାର ବୋଧୋଦୟ, ଚିତ୍ରୋତ୍ପଳା, ବୀରବାମା ଆଦି ଲେଖିଥିଲେ । ଗଦାଧରପଦ୍ଧତି ଆଦି ସ୍ମୃତି ଓ ଧର୍ମଗ୍ରନ୍ଥ ପ୍ରକାଶ କରିଥିଲେ । ସଂସ୍କାରବାଦୀ ଥିଲେ । ଜନ୍ମ ୧୬-୫-୧୮୫୦ ମସିହା, ମୃତ୍ୟୁ ୧୯-୧୧-୧୯୦୩ରେ ହୋଇଥିଲା ।

Digitized by srujanika@gmail.com

ବାମଣ୍ଡାର ମହାରାଜାଙ୍କ ପରଲୋକ ପ୍ରାପ୍ତି ଯୋଗୁଁ ଶ୍ରୀଯୁକ୍ତ ମୟୂରଭଞ୍ଜ ମହାରାଜ ସମ୍ମିଳନୀର ସଭାପତି ହେବା ନିମନ୍ତେ ତାଙ୍କ ନିକଟକୁ ଅନୁରୋଧ ପତ୍ର ପଠାଯିବାର ସ୍ଥିର ହେଲା; ଓ ସମ୍ବଲପୁର, ମେଦିନୀପୁର ଏବଂ ଗଞ୍ଜାମରୁ ପ୍ରତିନିଧିମାନଙ୍କୁ ଆମନ୍ତ୍ରଣ କରିବା ନିମନ୍ତେ ୩ଜଣ ସଭ୍ୟ ମନୋନୀତ ହେଲେ । କଟକର ଇଦିଘା ପଡ଼ିଆରେ ଥିବା ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ରନାଥ ରାୟ ଚୌଧୁରୀଙ୍କ ବିସ୍ତୃତ ହତାକୁ ଚୌଧୁରୀ ମହାଶୟ ବିନା ଭଡ଼ାରେ ସମ୍ମିଳନୀ ଓ ପ୍ରଦର୍ଶନୀ ମଣ୍ଡପ ପାଇଁ ୩ମାସ ନିମନ୍ତେ ଛାଡ଼ି ଦେଇଥିବାରୁ ତାଙ୍କୁ ଧନ୍ୟବାଦ ପ୍ରେରିତ ହେଲା । ସମ୍ମିଳନୀର ସମସ୍ତ ବ୍ୟୟଭାର କାର୍ଯ୍ୟନିର୍ବାହକ ସମିତି ଉପରେ ନ୍ୟସ୍ତ ରହିଲା ଏବଂ କାହାରିଠାରୁ ଏଥି ନିମନ୍ତେ ସମ୍ପ୍ରତି କିଛି ଯାଚଞ୍ଚା କରିବେ ନାହିଁ ବୋଲି ଧାର୍ଯ୍ୟ ହେଲା ।

ତା ୬।୧୨।୦୩—ତୃତୀୟ ଅଧିବେଶନ:—

ମୟୂରଭଞ୍ଜ ମହାରାଜା ମହୋଦୟ ସଭାପତି ହେବାକୁ ସ୍ୱୀକୃତ ହୋଇଥିବା ବିଷୟ କୃତଜ୍ଞତାସହ ଜ୍ଞାପିତ ହେଲା । ସରକାରୀ ବିଭାଗୀୟ ଉଚ୍ଚ କର୍ମଚାରୀମାନେ (ଯଥା କମି-ଶନର, ଜଜ୍, ତିନି ଜିଲ୍ଲାର ମାଜିଷ୍ଟ୍ରେଟ, ସୁପରିନ୍‌ଟେଣ୍ଡିଙ୍ଗ୍ ଇଞ୍ଜିନିୟର, କମାଣ୍ଡିଂ ଅଫିସର, ସିଭିଲସର୍ଜନ, କଲେଜର ପ୍ରିନ୍‌ସିପାଲ, ପୁଲିସ ସୁପରିନ୍‌ଟେଣ୍ଡେଣ୍ଟ, ଶିକ୍ଷାବିଭାଗ ଇନ୍‌ସ-ପେକ୍‌ଟର, ଅନୁଗୁଳର ଡେପୁଟୀ କମିଶନର) ବିଶେଷ ଭାବରେ ସଭାକୁ ଆମନ୍ତ୍ରିତ ହେବାର ସ୍ଥିର ହେଲା; ଏବଂ ନିମନ୍ତ୍ରଣ ପତ୍ର ଘେନି କମିଶନର ସାହେବଙ୍କ ନିକଟକୁ କେତେକ ଜଣ ସଭ୍ୟ ଯିବାର ଧାର୍ଯ୍ୟ ହେଲା । କଟକର କେତେକ ବିଶିଷ୍ଟ ଭିନ୍ନ ଜାତୀୟ ଭଦ୍ର ବ୍ୟକ୍ତିଙ୍କୁ ସଭାକୁ ବିଶେଷ ଭାବରେ ଆମନ୍ତ୍ରଣ କରାଯିବାର ସ୍ଥିର ହେଲା । ବଜାରର ସର୍ଦ୍ଦାରମାନେ ଆମନ୍ତ୍ରିତ ହେବେ ଏବଂ ଆଖଡ଼ାବାଲା ଓ ସେବକ ଛାତ୍ରମାନଙ୍କ ଦ୍ୱାରା ସଭାରେ ଶାନ୍ତିରକ୍ଷାର ଉପାୟ କରାଯିବାର ନିର୍ଦ୍ଧାରିତ ହେଲା ।

ତା ୧୦।୧୨।୦୩—ଚତୁର୍ଥ ଅଧିବେଶନ:—

ଉତ୍କଳୀୟମାନେ ଜାତୀୟ ଚିହ୍ନ ସ୍ୱରୂପ ପିନ୍ଧିବା ନିମନ୍ତେ କେତେକ ପ୍ରକାର ପଗଡ଼ି ଉପସ୍ଥିତ ହେଲାରୁ ତହିଁ ମଧ୍ୟରୁ ଏକପ୍ରକାର ପଗଡ଼ି ସଭ୍ୟମାନେ ପସନ୍ଦ କଲେ ଏବଂ ତାହା ଗୋଲାପି ରଙ୍ଗର ହେବାର ସ୍ଥିର ହେଲା । ଅତିଥିମାନଙ୍କର ଚର୍ଚ୍ଚା ବୁଝିବା ନିମନ୍ତେ ସଭ୍ୟମାନଙ୍କ ଦ୍ୱାରା ଗୋଟିଏ କମିଟି ଗଠିତ ହେଲା । ଆମନ୍ତ୍ରଣ ପତ୍ରମାନ ପଠିତ ହୋଇ ଗୃହୀତ ହେଲା । ଶ୍ରୀଯୁକ୍ତ ରାଧାପ୍ରସାଦ ଭଗତ ଅତିଥିମାନଙ୍କ ବସା ନିମନ୍ତେ ତାଙ୍କର ବକ୍‌ସିବଜାରରେ ଥିବା ପ୍ରକାଣ୍ଡ ଗୃହ ଛାଡ଼ି ଦେଇଥିବାରୁ ତାଙ୍କୁ ଧନ୍ୟବାଦ ଦିଆଗଲା ।

ତା ୧୬।୧୨।୦୩—ପଞ୍ଚମ ଅଧିବେଶନ:—

ସମ୍ମିଳନୀ ସଭାର ପରଦିନ ଅତିଥିମାନଙ୍କର ଆମୋଦପ୍ରମୋଦ ନିମନ୍ତେ କେତେ

Digitized by srujanika@gmail.com

ପ୍ରକାର ଦେଶୀୟ ଖେଳ ହେବାର ସ୍ଥିର ହେଲା । ପ୍ରଦର୍ଶନୀ ଦ୍ରବ୍ୟମାନଙ୍କର ଶ୍ରେଣୀ ବିଭାଗ ଓ ପୁରସ୍କାର ବିଧାନ କରିବା ନିମନ୍ତେ ସଭ୍ୟମାନଙ୍କ ଦ୍ୱାରା ଗୋଟିଏ କମିଟି ଗଠିତ ହେଲା । ଅତିଥିମାନଙ୍କ ନିମନ୍ତେ କଟକରେ କେତେ ଘର ଭଡ଼ାରେ ମିଳି ଅଛି ତହିଁର ତାଲିକା ପ୍ରସ୍ତୁତ ହେଲା ଏବଂ ଘରଗୁଡ଼ିକର ସୁବିଧାଜନକ ବନ୍ଦୋବସ୍ତ କରିବା ନିମନ୍ତେ କେତେକ ସଭ୍ୟ ନିଯୁକ୍ତ ହେଲେ ।

ତା ୨୦।୧୨।୦୩–ଷଷ୍ଠ ଅଧିବେଶନ: –

ସମ୍ମିଳନୀର ପ୍ରସ୍ତାବ, ପ୍ରସ୍ତାବକ, ଅନୁମୋଦନ ଓ ସମର୍ଥକମାନଙ୍କ ନାମ ଇତ୍ୟାଦି ସ୍ଥିର ହେଲା । ସମଗ୍ର ଉତ୍କଳ ଖଣ୍ଡକୁ ଏକ ଶାସନାଧୀନରେ ରଖିବା ପ୍ରସ୍ତାବ ଯୋଗୁ ଭାରତ ଗଭର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ଦେବା ନିମନ୍ତେ ଯେଉଁ ପ୍ରସ୍ତାବ ହୋଇଥିଲା ତାହା କେତେକ ବାଦାନୁବାଦ ପରେ ଗୃହୀତ ହେଲା ।

ତା ୨୧।୧୨।୦୩–ସପ୍ତମ ଅଧିବେଶନ: –

ସମ୍ମିଳନୀର ଜଣେ ଯୁଗ୍ମସମ୍ପାଦକ ସ୍ଥାୟୀ ଭାବରେ ନିର୍ବାଚିତ ହେଲେ, ଏବଂ ପ୍ରସ୍ତାବମାନ ଶେଷ ଥର ନିମନ୍ତେ ଗୃହୀତ ହୋଇ ଛାପା ହେବା ନିମନ୍ତେ ସ୍ଥିର ହେଲା । ଏବଂ ତା ୧।୧।୦୪ରେ ଫିଟିବା ପ୍ରଦର୍ଶନୀକୁ କମିଶନର୍ ସାହେବ ଫିଟାଇବେ ବୋଲି ତାଙ୍କ ନିକଟକୁ ଅନୁରୋଧ ପତ୍ର ପଠାଯିବାର ସ୍ଥିର ହେଲା ।

ତା ୨୪।୧୨।୦୩–ଅଷ୍ଟମ ଅଧିବେଶନ: –

କେତେକ ସରକାରୀ କର୍ମଚାରୀ ସଭ୍ୟପଦରୁ ଇସ୍ତଫା ଦେଇଥିବା ଓ ସରକାରୀ କର୍ମଚାରୀମାନେ ସମ୍ମିଳନୀରେ ଯୋଗ ନ ଦେବାକୁ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ଆଦିଷ୍ଟ ହୋଇ-ଥିବା ବିଷୟ ଅବଗତ ହୋଇ କାର୍ଯ୍ୟନିର୍ବାହକ ସମିତିର ସମ୍ପାଦକ ଶ୍ରୀ ମଧୁସୂଦନ ଦାସ ବଙ୍ଗଳା ଗଭର୍ଣ୍ଣମେଣ୍ଟଙ୍କଠାକୁ ନିମ୍ନଲେଖିତ ମର୍ମରେ ଖଣ୍ଡିଏ ଟେଲିଗ୍ରାମ କରିଥିଲେ ।

Telegram (ତାର ଖବର)

ଏଠାରେ ଜନରବ ଉଠିଅଛି ଯେ କିରାନୀ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀଙ୍କୁ ସମ୍ମିଳନୀ ଏବଂ ପ୍ରଦର୍ଶନୀରେ ଉପସ୍ଥିତ ହେବାକୁ ଗଭର୍ଣ୍ଣମେଣ୍ଟ ନିଷେଧ କରିଅଛନ୍ତି । ଗତ କାଲିଠାରୁ କେତେକ ସରକାରୀ କର୍ମଚାରୀ ସଭାରେ ଉପସ୍ଥିତ ହୋଇ ନ ପାରିବେ ବୋଲି ଦୁଃଖ ପ୍ରକାଶ କରି ଆମ୍ଭ ନିକଟକୁ ପତ୍ର ଲେଖିଅଛନ୍ତି । ଆହୁରି ମଧ୍ୟ ଜନରବ ଉଠିଅଛି ଯେ ରାଜାମାନଙ୍କୁ ଏ ସଭାରେ ଯୋଗଦେବା ନିମନ୍ତେ ଗଭର୍ଣ୍ଣମେଣ୍ଟ ନିଷେଧ କରିଅଛନ୍ତି । ଏହି

Digitized by srujanika@gmail.com

ଜନରବ ଦ୍ୱାରା ସାଧାରଣଙ୍କ ମନ ଉତ୍ତେଜିତ ଏବଂ ନୈରାଶ୍ୟଜଡ଼ିତ ହୋଇଅଛି । ଏ ପ୍ରକାର ଜାତୀୟ ଆନ୍ଦୋଳନରେ ଗଭର୍ଣ୍ଣମେଣ୍ଟ ହସ୍ତକ୍ଷେପ କରିବେ ନାହିଁ, ଏହି ଆଶାରେ ଆଗନ୍ତୁକମାନଙ୍କ ଚର୍ଚ୍ଚା ନିମନ୍ତେ ବ୍ୟୟସାଧ୍ୟ ବନ୍ଦୋବସ୍ତମାନ କରାଯାଇଅଛି । ଓଡ଼ିଆମାନେ ଅନୁନ୍ନତ ଜାତି; ସେମାନଙ୍କ ମଧ୍ୟରୁ ଅଧିକାଂଶ ସରକାରୀ ଚାକର । ଯଦିଚ ସାମାନ୍ୟ କିରାନୀ ଓ ସ୍କୁଲ ଶିକ୍ଷକ ଆତ୍ମନିର୍ଭର ପ୍ରଣାଳୀରେ ଆପଣାର ଉନ୍ନତି କରିବା ପାଇଁ ସମ୍ମିଳନୀରେ ଯୋଗ ଦେବାକୁ ନିଷିଦ୍ଧ ହୁଅନ୍ତି, ତାହା ହେଲେ ଆତ୍ମନିର୍ଭର ପ୍ରଣାଳୀ ମୂଳରେ କୁଠାରଘାତ ହେବ ଏବଂ ଆପଣାର ଅବସ୍ଥା ଉନ୍ନତି କରିବା ବିଷୟରେ ଗଭର୍ଣ୍ଣମେଣ୍ଟ ବାଧା ଦେଉଅଛନ୍ତି ବୋଲି ମଣି ଓଡ଼ିଆମାନେ ଅସନ୍ତୁଷ୍ଟ ଓ ବିରକ୍ତ ହେବେ । ଗଭର୍ଣ୍ଣମେଣ୍ଟଙ୍କର ଏପରି ନିଷେଧକୁ ସାଧାରଣ ଲୋକେ ମନ୍ଦ ଅଭିପ୍ରାୟ ପ୍ରକାଶକ ବୋଲି ଅର୍ଥ କରୁଅଛନ୍ତି । ଏ ବିଷୟରେ ପୁନର୍ବିଚାର କରିବା ନିମନ୍ତେ ଛୋଟ ଲାଟବାହାଦୂରଙ୍କୁ ପ୍ରାର୍ଥନା କରୁଅଛୁଁ । ରାଜନୈତିକ କଂଗ୍ରେସ ସଂଲଗ୍ନ ପ୍ରଦର୍ଶନୀକୁ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ସାହାଯ୍ୟ କରୁ ଅଛନ୍ତି । ଯେଉଁ ସମ୍ମିଳନୀ ସଙ୍ଗେ ରାଜନୀତିର ସମ୍ପର୍କ ନାହିଁ, ଏପରି ସମ୍ମିଳନୀରେ ବମ୍ବେଠାରେ ହାଇକୋର୍ଟ ଜଜ୍ ଏବଂ ଗଭର୍ଣ୍ଣମେଣ୍ଟଙ୍କ ସେକ୍ରେଟରୀ ସଭାପତି ହୋଇଅଛନ୍ତି । ଓଡ଼ିଆମାନେ ଗଭର୍ଣ୍ଣମେଣ୍ଟଙ୍କ ନିକଟରେ ଅବିଶ୍ୱାସଜନକ ଏପରି କିଛି କାର୍ଯ୍ୟ କରି ନାହାନ୍ତି କି ଯହିଁରେ ଗଭର୍ଣ୍ଣମେଣ୍ଟଙ୍କର ଓଡ଼ିଆଙ୍କ ପ୍ରତି ବିଶ୍ୱାସ ଉଠି ଯାଇଅଛି ।

ସମ୍ମିଳନୀର ପ୍ରସ୍ତାବମାନ ଏହି:—

"୧—ଉତ୍କଳଭାଷୀ ଅଞ୍ଚଳମାନଙ୍କୁ ଏକଶାସନାଧୀନରେ ରଖିବା ପ୍ରସ୍ତାବ ଯୋଗୁଁ ବଡ଼ଲାଟଙ୍କୁ ଧନ୍ୟବାଦ ।

୨—ସମ୍ବଲପୁରରେ ଓଡ଼ିଆ ଭାଷା ପୁନଃ ପ୍ରଚଳନ କରାଇବା ଯୋଗୁଁ ଛୋଟଲାଟଙ୍କୁ ଧନ୍ୟବାଦ ।

୩—ଅନ୍ୟାନ୍ୟ ଜାତିମାନଙ୍କ ସଙ୍ଗେ ଉତ୍କଳୀୟମାନଙ୍କର ଭ୍ରାତୃଭାବ ସମ୍ବର୍ଦ୍ଧନ ।

୪—ଆବଶ୍ୟକୀୟ ସାମାଜିକ ସଂସ୍କାର ନିମନ୍ତେ ସ୍ଥାୟୀ କମିଟି ଗଠନ ।

୫—ଓଡ଼ିଆ ସାହିତ୍ୟର ଉନ୍ନତି ନିମନ୍ତେ କମିଟି ଗଠନ ।

୬—ଦେଶୀୟ ଶିଳ୍ପର ଉନ୍ନତି ଏବଂ ବାର୍ଷିକ ପ୍ରଦର୍ଶନୀର ବ୍ୟବସ୍ଥା ।

୭—ବାଳକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ସୁଚାଳିତ ଉପାୟ ନିର୍ଦ୍ଧାରଣ । ଯେଉଁମାନଙ୍କ ଯୋଗୁଁ ସମ୍ମିଳନୀ ସୁଫଳ ହେବ, ଅନ୍ୟାନ୍ୟ ପ୍ରସ୍ତାବମାନଙ୍କରେ ସେହିମାନଙ୍କୁ ଧନ୍ୟବାଦ ଦିଆଯାଇଅଛି ।"

ଏବଂ ସମ୍ମିଳନୀରେ ରାଜନୈତିକ ଆନ୍ଦୋଳନ ଇତ୍ୟାଦି ନ ହେଉଥିବାର ନିଶ୍ଚୟ ଜାଣି ଜଣେ ସରକାରୀ କର୍ମଚାରୀଙ୍କୁ ସମ୍ମିଳନୀରେ ସଭାପତି ହେବା ନିମନ୍ତେ ଗଭର୍ଣ୍ଣମେଣ୍ଟ ନିରୂପଣ କରନ୍ତୁ ବୋଲି ପରେ ପ୍ରାର୍ଥନା କରାଯାଇଥିଲା । ଯଦିଚ ଏଥିର ଉତ୍ତର ନ ମିଳେ ତେବେ ଭାରତ ଗଭର୍ଣ୍ଣମେଣ୍ଟଙ୍କଠାକୁ ତାର ପଠାଯିବାର ସ୍ଥିର ହେଲା । ତତ୍ପରେ ଓଡ଼ିଆ ସଂସ୍କୃତ ସଙ୍ଗୀତମାନ ସଭ୍ୟମାନଙ୍କ ସମକ୍ଷରେ ବାଳକମାନଙ୍କ ଦ୍ୱାରା ବୋଲାଗଲା । ଉକ୍ତାର ଦୁଇ

Digitized by srujanika@gmail.com

ଜଣ ପ୍ରଧାନ ଓ ପ୍ରତିଭଶାଳୀ ଲୋକଙ୍କୁ ସମ୍ମିଳନୀରୁ ଉପହାର ଦିଆଯିବା ନିମନ୍ତେ ଗୋଟିଏ ସୁନାର କଲମ ଏବଂ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର ଦେବାକୁ ଖଲ୍ଲିକୋଟ ରଜା ପ୍ରସ୍ତାବ କରିଥିଲେ, କିନ୍ତୁ ଅଧିକାଂଶ ସଭ୍ୟଙ୍କ ମତାନୁସାରେ ସମ୍ମିଳନୀର ମଣ୍ଡପରେ ଏ ଉପହାର-ମାନ ପ୍ରଦତ୍ତ ହେବାର ସୁବିଧା ହେବ ନାହିଁ ବୋଲି ଉକ୍ତ ପ୍ରସ୍ତାବ ସ୍ଥଗିତ ରହିଲା ।

ତହର ଦିବସ କମିଶନର ସାହେବଙ୍କ ଆହ୍ୱାନକ୍ରମେ କେତେକ ସଭ୍ୟ କମିଶନର ମହୋଦୟଙ୍କ ନିକଟକୁ ଯିବାରୁ ସାହେବ ମହୋଦୟ ଶୁଣାଇ ଦେଲେ ଯେ ବଙ୍ଗଳା ଗଭର୍ଣ୍ଣ-ମେଣ୍ଟ ଶ୍ରୀ ମଧୁସୂଦନ ଦାସଙ୍କ ଟେଲିଗ୍ରାମ ପାଇ ସାହେବ ମହୋଦୟଙ୍କ ନିକଟକୁ ଏହି ଉତ୍ତର ପଠାଇ ଦେଇଅଛନ୍ତି କି ଯେବେ ଟେଲିଗ୍ରାମ ଲିଖିତମତେ ସମ୍ମିଳନୀରେ ରାଜନୈତିକ ଆନ୍ଦୋଳନ ନ ହୋଇ ସମାଜ, ଶିକ୍ଷା, ଶିଳ୍ପାଦି ଉନ୍ନତି ବିଷୟରେ ଚର୍ଚ୍ଚା ହୁଏ ତେବେ ଗଭର୍ଣ୍ଣମେଣ୍ଟ କର୍ମଚାରୀଙ୍କର ସେ ସଭରେ ଉପସ୍ଥିତ ହେବା ଏବଂ ଯୋଗଦେବା ସର୍ବଥା ଉଚିତ । ସଭ୍ୟମାନଙ୍କ ଅନୁରୋଧମତେ କମିଶନର ସାହେବ ସମ୍ମିଳନୀ ସଂଲଗ୍ନ ପ୍ରଦର୍ଶନୀକୁ ଫିଟାଇବାକୁ ଏବଂ ସଭରେ ଉପସ୍ଥିତ ହେବାକୁ ପ୍ରତିଶ୍ରୁତି ହେଲେ ।

ସମ୍ମିଳନୀ ସେବକଛାତ୍ର--ବ୍ୟବସ୍ଥା—ଏଥିମଧ୍ୟରେ ସମ୍ମିଳନୀର କାର୍ଯ୍ୟ କରିବା ନିମନ୍ତେ କେତେଗୁଡ଼ିଏ ଛାତ୍ର ସ୍ୱଇଚ୍ଛାକ୍ରମେ ଗୋଟିଏ ଦଳ ଗଠନ କରିଥିଲେ । ଜଣେ ଶିକ୍ଷିତା ସ୍ତ୍ରୀଲୋକଙ୍କ ଉପରେ ସେମାନଙ୍କୁ ପରିଚାଳନ କରିବାର ସମସ୍ତ ଭାର ନ୍ୟସ୍ତ ହୋଇଥିଲା । ଏବଂ ସୁପରିଚାଳିତ ହେଲେ ସ୍ତ୍ରୀ-ପ୍ରତିଭା କେତେ ଦୂର ଉନ୍ନତି କରିପାରେ ତାହା ସମ୍ମିଳନୀର ସମସ୍ତ ଆୟୋଜନରୁ ସ୍ପଷ୍ଟ ବୁଝା ଯାଉଥିଲା । ସେବକ ଛାତ୍ରମାନଙ୍କ ମଧ୍ୟରେ ଏମ୍.ଏ. କ୍ଳାସର ଛାତ୍ରଠାରୁ ସ୍କୁଲ ଛାତ୍ର ପର୍ଯ୍ୟନ୍ତ ସମସ୍ତେ ଥିଲେ । ସେମାନେ ତଳଲିଖିତ ବିଭାଗରେ ବିଭକ୍ତ ହୋଇଥିଲେ ।

୧—ମଣ୍ଡପ, ୨—ପ୍ରଦର୍ଶନୀ, ୩—ସଭାପତି, ୪—ଅତିଥିଚର୍ଯ୍ୟା, ୫—ଲେଖକ ୬—ଅଭ୍ୟର୍ଥନା

ପ୍ରତ୍ୟେକ ବିଭାଗର କାର୍ଯ୍ୟ ତତ୍ତ୍ୱନେବା ନମନ୍ତେ ଦୁଇଜଣ ଲେଖାଏଁ ଦଳପତି ଓ କେତେକ ଜଣ ଲେଖାଏଁ କାର୍ଯ୍ୟନିର୍ବାହକ ସମିତିର ସଭ୍ୟ ନିଯୁକ୍ତ ହୋଇଥିଲେ । ସେବକ-ମାନଙ୍କ ସାହାଯ୍ୟରେ ସଭାମଣ୍ଡପ ସଜ୍ଜିତ ହୋଇଥିଲା, ପ୍ରଦର୍ଶନୀ ପଦାର୍ଥମାନ ସଜ୍ଜିତ ହୋଇଥିଲା, ଶାନ୍ତିରକ୍ଷା ହୋଇଥିଲା, ଆଗନ୍ତୁକମାନଙ୍କ ଚର୍ଚ୍ଚା ହୋଇଥିଲା, ସଭାପତିଙ୍କ ସାହଚର୍ଯ୍ୟ ହୋଇଥିଲା, ଆମନ୍ତ୍ରଣପତ୍ର, ପ୍ରବେଶ କାର୍ଡ, ଟିକଟ ଇତ୍ୟାଦି ଲିଖିତ ଓ ପ୍ରେରିତ ହୋଇଥିଲା । ସେବକମାନଙ୍କ ଅକ୍ଳାନ୍ତ ଉଦ୍ୟମ ଓ ଉତ୍ସାହ ଦେଖି ସମସ୍ତେ ଚମତ୍କୃତ ହୋଇ-ଥିଲେ । ସେବକ ଛାତ୍ରଙ୍କୁ ଚିହ୍ନସ୍ୱରୂପ ଗୋଟିଏ ଲେଖାଏ ରେସମର ରଙ୍ଗ ଫୁଲ ପରିଧାନ କରିବା ନିମନ୍ତେ ପ୍ରଦତ୍ତ ହୋଇଥିଲା । ଏ ରିପୋର୍ଟ ଛାପାଖାନାକୁ ପଠାଇବା ସମୟରେ

Digitized by srujanika@gmail.com

ଆମ୍ଭେମାନେ କଲିକତା ଗେଜେଟରୁ ଜ୍ଞାତ ହେଲୁଁ ଯେ ସେବକ ଛାତ୍ରମାନଙ୍କ ଦଳପତି ଶ୍ରୀ ବାବୁ ଶଶୀଭୂଷଣ ସତପଥୀ ଡ଼ିପୋଟି କଲେଟର ପଦରେ ନଯୁକ୍ତ ହୋଇଅଛନ୍ତି । ଅତି ଶୁଭ ସମ୍ବାଦ ।)

ଆଗନ୍ତୁକମାନଙ୍କ ବସା ନିମନ୍ତେ ଶ୍ରୀଯୁକ୍ତ ରାଧାପ୍ରସାଦ ଭଗତ ବକ୍‌ସିବଜାର ହାଟ ନକଟସ୍ଥ ବଡ଼କୋଠାକୁ ବିନା ଭଡ଼ାରେ ଛାଡ଼ିଦେଇଥିଲେ । ତହିଁରେ ଗଞ୍ଜାମର ପ୍ରାୟ ଜ ୧୨୦ ଣ ପ୍ରତିନିଧି ଥିଲେ । ବକ୍‌ସବଜାର ଭୀଷୁରାମ ଇବ୍ରାହିମ କୋଠା ଭଡ଼ା ନେଆ ଯାଇଥିଲା । ସେଥିରେ ଗଞ୍ଜାମର ଜ ୭୦ ଣ ଥିଲେ । ବକ୍‌ସିବଜାରର ମଦନ ସାହୁଙ୍କ କୋଠାରେ ଗଞ୍ଜାମର ଜ ୫ ଣ ତେଲଗୁ ଆମନ୍ତ୍ରିତ ଭଦ୍ରଲୋକ ଥିଲେ । ରଜା ବନବିହାରୀ କାପୁର ମହୋଦୟ ବର୍ଦ୍ଧମାନ କୋଠି ସମ୍ମିଳନୀ ନିମନ୍ତେ ଛାଡ଼ି ଦେଇଥିଲେ । ଶ୍ରୀଯୁକ୍ତ ବର୍ଦ୍ଧମାନ ରଜାଙ୍କର ଗୁଲଛିଆଗଞ୍ଜ କୋଠିରେ ଖଲ୍ଲିକୋଟ ଓ ଆଠଗଡ଼ର ରଜା ଥିଲେ । ବାଖରବାଦ ଶ୍ରୀ ନଦିଆବାବୁଙ୍କ କୋଠାରେ ମଞ୍ଜୁସାର ପାଟଦେବ ଥିଲେ । ନର୍ମାଲ ସ୍କୁଲ ଲେନ ଶ୍ରୀ କାର୍ତ୍ତିକ ଭଗତଙ୍କ କୋଠାରେ ଗଞ୍ଜାମର ୫ ଜଣ ମହନ୍ତ, ଖଲ୍ଲିକୋଟ ରଜାଙ୍କ କୋଠାରେ ଗଞ୍ଜାମର ୧୫ ଜଣ ଶ୍ରୀ ଫକୀରମୋହନ ସେନାପତିଙ୍କ ବସାରେ ବିଶାଖାପଟନର ଶ୍ରୀ ବିକ୍ରମଦେବ, ବାଖରବାଦ ଶ୍ରୀ ଦ୍ୱାରୀବାବୁଙ୍କ କୋଠାରେ ଜ ୧୫ ଣ ସମ୍ବଲପୁର ପ୍ରତିନିଧ, ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାଲିତଙ୍କ ଘରେ ମେଦିନୀପୁରର କେତେକ ପ୍ରତିନିଧି, ତେଲଙ୍ଗାବଜାର ହରିରାମ ମାରଓ୍ୟାଡ଼ି କୋଠାରେ ମେଦନୀପୁର ବାଲ୍ୟାବେଢ଼ାର ପ୍ରହରାଜ ମହାଶୟ, କଟକଚଣ୍ଡୀ ଲକ୍ଷ୍ମୀନାରାୟଣ ଚୌଧୁରିଙ୍କ କୋଠିରେ ସଭାପତି, କନକାରଜାଙ୍କ କୋଠରେ ଅମୃତବଜାର ପତ୍ରିକାର ସମ୍ପାଦକ, ଏହା ଛଡ଼ା ଆଉ କେତେଗୁଡ଼ିଏ ଘର ଆଗନ୍ତୁକମାନଙ୍କ ଅପେକ୍ଷାରେ ଭଡ଼ା ନିଆ ଯାଇଥିଲା । ଆଗନ୍ତୁକମାନଙ୍କୁ ଷ୍ଟେସନରୁ ଆଣି ବସାରେ ରଖାଇବା ନିମନ୍ତେ କାର୍ଯ୍ୟନିର୍ବାହକ କମିଟିର କେତେକ ସଭ୍ୟ ନିଯୁକ୍ତ ହୋଇଥିଲେ । ଅଧିକାଂଶ ଅତିଥିଙ୍କର ଷ୍ଟେସନରୁ ବସା ପର୍ଯ୍ୟନ୍ତ ଆସିବାର ଗାଡ଼ିଭଡ଼ା, ଆହାରାଦିର ବ୍ୟୟ, ଭୃତ୍ୟ ଇତ୍ୟାଦିର ବ୍ୟୟ, କାର୍ଯ୍ୟନିର୍ବାହକ କମଟି ବହନ କରିଥିଲେ । ସମ୍ମିଳନୀ ଅତି ଅଳ୍ପ ସମୟ ମଧ୍ୟରେ ଆୟୋଜନ ହୋଇଥିବାରୁ ଆଗନ୍ତୁକମାନଙ୍କ ଚର୍ଚ୍ଚା ଓ ମଣ୍ଡପରେ ବସିବାର ସ୍ଥାନ ଇତ୍ୟାଦିରେ ଢ଼େର ତ୍ରୁଟି ହୋଇଥିଲା । ସେ ତ୍ରୁଟି ନିମନ୍ତେ କାର୍ଯ୍ୟନିର୍ବାହକ ସମିତି ଆଗନ୍ତୁକମାନଙ୍କ ନିକଟରେ କ୍ଷମାପ୍ରାର୍ଥନା କରୁଅଛନ୍ତି ଓ ଭବିଷ୍ୟତ୍‌ରେ ତ୍ରୁଟିମାନ ଯଥାସାଧ୍ୟ ପୂରଣ କରିବା ନିମନ୍ତେ ସଂକଳ୍ପ କରିଅଛନ୍ତି । ରାଜନୈତିକ ଓଡ଼ିଶାରୁ ଆଗତ ପ୍ରତିନିଧି ଓ ଦର୍ଶକମାନଙ୍କ ଚର୍ଚ୍ଚା ନିମନ୍ତେ କମିଟି କୌଣସି ବନ୍ଦୋବସ୍ତ କରି ନ ଥିଲେ । ଅଭ୍ୟାଗତମାନଙ୍କ ନିମନ୍ତେ ଗାଡ଼ି ଓ ପାଇଖାନାର ସୁବନ୍ଦୋବସ୍ତ କରି ଦେଇଥିବା ଯୋଗୁଁ କାର୍ଯ୍ୟନିର୍ବାହକ ସମିତିର ସଭ୍ୟମାନେ କଟକ ମିଉନିସିପାଲିଟି ଏବଂ କାଣ୍ଟନମେଣ୍ଟର କର୍ତ୍ତୃପକ୍ଷମାନଙ୍କଠାରେ ଋଣୀ ।

ବ୍ୟୟଭାର—ସମ୍ମିଳନୀର ବ୍ୟୟ କାର୍ଯ୍ୟନିର୍ବାହକ ସମିତି ବହନ କରିଅଛନ୍ତି । ଏଥି ନିମନ୍ତେ କମିଟି କାହାକୁ ଯାଚଞ୍ଚା କରି ନାହାନ୍ତି । ତେବେ ସୁଦ୍ଧା ନିମ୍ନଲିଖିତ ବନ୍ଧୁମାନେ

Digitized by srujanika@gmail.com

ଅଯାଚିତ ଭବରେ ଯାହା ଦାନ କରିଥିଲେ ତାହା ଏଠାରେ ଉଲ୍ଲେଖ କରାଗଲା ।

ସମ୍ମିଳନୀର ଆୟ ବ୍ୟୟ ରଖାଯାଇଅଛି । କେହି ଇଚ୍ଛା କଲେ ସମ୍ମିଳନୀର ସ୍ଥାୟୀ କାର୍ଯ୍ୟାଳୟରୁ ତାହା ଦେଖିପାରିବେ । କିନ୍ତୁ କେତେକ କାରଣ ବଶତଃ କମିଟି ଉକ୍ତ ଆୟ ବ୍ୟୟର ହିସାବ ସାଧାରଣରେ ପ୍ରକାଶ କରିବାରୁ ବର୍ତ୍ତମାନ କ୍ଷାନ୍ତ ରହିଲେ ।

| | |
|---|---|
| ଶ୍ରୀ ବାବୁ ପାରେଶ୍ୱର ମହାନ୍ତି .. | ଟ ୫ ଙ୍କା |
| ଶ୍ରୀ ମଧୁପୁର ରଜା ମହୋଦୟ | ଟ ୩୦ ଙ୍କା |
| ଶ୍ରୀ ବାବୁ ରମାଶଙ୍କର ରାୟ .. | ଟ ୫୦ ଙ୍କା |
| ଶ୍ରୀ ଗଉରୀଶଙ୍କର ରାୟ .. | ଟ ୧୦୦ ଙ୍କା |
| ଶ୍ରୀ ମଧୁସୂଦନ ରାଓ .. | ଟ ୧୦ ଙ୍କା |
| ଶ୍ରୀ ଦୀନକୃଷ୍ଣ ଅପା .. | ଟ ୨୦ ଙ୍କା |
| ଶ୍ରୀ ରାଧାପ୍ରସାଦ ଭଗତ .. | ଟ ୪୦ ଙ୍କା |
| ଶ୍ରୀ କୃଷ୍ଣଚନ୍ଦ୍ର ପାଲିତ .. | ଟ ୨୦ ଙ୍କା |
| ଶ୍ରୀ କନିକା ରଜା ମହୋଦୟ | ଟ ୫୦୦ ଙ୍କା |
| ଶ୍ରୀ କୃଷ୍ଣପ୍ରସାଦ ମହାନ୍ତି ବଲାଙ୍ଗିର .. | ଟ ୧୦ ଙ୍କା |
| ଶ୍ରୀ ଆଠଗଡ଼ ରଜା ମହୋଦୟ .. | ଟ ୨୦୦ ଙ୍କା |
| ଶ୍ରୀ ସୟଦ ରଯାଇ ରସୁଲ | ଟ ୧୦ ଙ୍କା |
| ଶ୍ରୀ ବାବୁ ନରସିଂହ ବ୍ରହ୍ମଚାରି | ଟ ୨୦ ଙ୍କା |
| ଶ୍ରୀ ରଘୁନାଥ ପୁରିଗୋସାଇଁ .. | ଟ ୦୧ ଙ୍କା |
| ଶ୍ରୀ ନିତ୍ୟାନନ୍ଦ ସେନା .. | ଟ ୫ ଙ୍କା |
| ଶ୍ରୀ ପାରିକୁଦ ରଜା ବାହାଦର .. | ଟ ୭୦ ଙ୍କା |
| ଶ୍ରୀ ସିଦ୍ଧେଶ୍ୱରପୁରର ସଭା .. | ଟ ୨ ଙ୍କା |
| ଶ୍ରୀ ଖଣ୍ଡପଡ଼ା ରଜା ମହୋଦୟ .. | ଟ ୫୦୦ ଙ୍କା |
| ସର୍ବେଶ୍ୱର ମିଶ୍ର । ସା । ବୀରପ୍ରତାପପୁର । ପ୍ର । ଝଙ୍କଡ଼ ତାହାଙ୍କ ପୁତ୍ରଙ୍କ ବିବାହ ଉପଲକ୍ଷେ ବାବୁ ବାଳକୃଷ୍ଣ ମହାନ୍ତିଙ୍କ ଦ୍ୱାରା ପ୍ରେରିତ .. | ଟ ୧୦ ଙ୍କା |
| ବାବୁ ବାଳକୃଷ୍ଣ ମହାନ୍ତି | ଟ ୧ ଙ୍କା |
| ଦାହାରର ବନ୍ଧୁମାନଙ୍କଠାରୁ ବାବୁ ବିଶ୍ୱନାଥ କରଙ୍କ ଦ୍ୱାରା | ଟ ୩୦ ଙ୍କା |
| ମୋଟ | ଟ ୧୬୬୧ ଙ୍କା |

ଉତ୍କଳ କନଫରେନ୍‌ସର ଅଧିବେଶନ ସନ ୧୯୦୩ ମସିହା ଡ଼ିସେମ୍ବର ତା ୩୦ । ୩୧ ତାରିଖରେ ହୋଇଥିଲା ।

Digitized by srujanika@gmail.com

ସମ୍ମିଳନୀରେ ଉପସ୍ଥିତ ବ୍ୟକ୍ତିଗଣ —ଶ୍ରୀଯୁକ୍ତ କମଶନର ମାନ୍ୟବର କେ. ଜି ଗୁପ୍ତ ମହୋଦୟ ସମ୍ମିଳନୀରେ ପ୍ରଥମ ଦିନ ଉପସ୍ଥିତ ହୋଇଥିଲେ ।

କଲିକତାର ଅମୃତବଜାର ପତ୍ରିକାର ସମ୍ପାଦକ ।
ଶ୍ରୀଯୁକ୍ତ ମୟୂରଭଞ୍ଜ ମହାରଜା
ଶ୍ରୀଯୁକ୍ତ କେଉଁଝର ମହାରଜା
ଶ୍ରୀଯୁକ୍ତ ତାଳଚେର ରଜା
ଶ୍ରୀଯୁକ୍ତ ଆଠଗଡ଼ ରଜା
ଶ୍ରୀଯୁକ୍ତ ଖଲ୍ଲିକୋଟ ରଜା
ଶ୍ରୀଯୁକ୍ତ ମଞ୍ଜୁଷାର ରଜକୁମାର
ଶ୍ରୀଯୁକ୍ତ ବିଶାଖାପଟଣାର ବିକ୍ରମଦେବ
ଶ୍ରୀଯୁକ୍ତ କନିକାର ରଜା
ଶ୍ରୀଯୁକ୍ତ ରଜା ବୈକୁଣ୍ଠନାଥ ଦେ ବାହାଦୂର
ଶ୍ରୀଯୁକ୍ତ ସୁରଙ୍ଗୀର ରଜଭ୍ରାତା
ଶ୍ରୀଯୁକ୍ତ ରେଭରେଣ୍ଡ ଇଅଙ୍ଗ
ଶ୍ରୀଯୁକ୍ତ ରେଭରେଣ୍ଡ ହାଉଏଲସ
ଶ୍ରୀଯୁକ୍ତ ରୟ ଯୋଗେଶ୍ୱର ଚନ୍ଦ୍ର ଚନ୍ଦ୍ର ବାହାଦୂର
ଶ୍ରୀଯୁକ୍ତ ସୁକୁମାର ରୟ ଚୌଧୁରୀ
ଶ୍ରୀଯୁକ୍ତ ପ୍ରିନ୍‌ସପାଲ ରେଭେନ୍‌ସା କଲେଜ
ଶ୍ରୀମତୀ ଶୈଳବାଳା ଦାସ
ଶ୍ରୀଯକ୍ତ ଯୋଗେଶଚନ୍ଦ୍ର ରଯ
ଗଞ୍ଜାମର—ଜ ୩୦୦ ଣ
ମେଦିନୀପରର ଜ ୧୦ ଣ
ସମ୍ବଲପୁର—ଜ ୨୫ ଣ
କଟକ, ପୁରୀ, ବାଲେଶ୍ୱର
ଓ ଗଡ଼ଜାତରୁ ଆଗତ ବ୍ୟକ୍ତମାନଙ୍କ ତାଲିକା ସଂଗୃହୀତ ହୋଇ ପାରି ନାହିଁ ।
କଲେଜ ଓ ସ୍କୁଲର ଛାତ୍ର
କଟକର ବାସିନ୍ଦା ଓ ସ୍ଥାନୀୟ ଲୋକ
କଟକବାସି ଓ ଅନ୍ୟ ଦେଶୀୟ ଭଦ୍ରଲୋକ

ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କ ନିମନ୍ତେ ଶ୍ରେଣୀ ବିଭଗରେ ଆସନ ପଂକ୍ତି ନିର୍ଦ୍ଦିଷ୍ଟ ହୋଇଥିଲେହେଁ ଆସନ ବିଭଗ ଇତ୍ୟାଦିରେ ଅଳ୍ପ ସମୟ ଯୋଗୁଁ ସନ୍ତୋଷଜନକ ବନ୍ଦୋବସ୍ତ ହୋଇ ପାରି ନ ଥିଲା । କେତେକ ଇଂରଜ ଭଦ୍ରଲୋକ ଆମନ୍ତ୍ରଣ ପତ୍ର ପାଇ

Digitized by srujanika@gmail.com

ଉତ୍ତର ଦେଇ ନ ଥିବାରୁ ଓ ଅନୁପସ୍ଥିତ ହୋଇଥିବାରୁ କାର୍ଯ୍ୟନିର୍ବାହକ ସମିତି ସେମାନଙ୍କ ଆଚରଣରେ ମର୍ମାନ୍ତିକ ବ୍ୟଥିତ ହୋଇଅଛନ୍ତି । ନିମ୍ନଲିଖିତ ବ୍ୟକ୍ତମାନେ ସମ୍ମିଳନୀକୁ ପତ୍ର ଓ ଟେଲିଗ୍ରାମ ପଠାଇବା ଦ୍ୱାରା ସହାନୁଭୂତି ଦେଖାଇଅଛନ୍ତି;—

ଶ୍ରୀମାନ୍ ରଜା ଧରକୋଟ
ଶ୍ରୀମାନ୍ ରଜା ସୁରଙ୍ଗି
ଶ୍ରୀମାନ୍ ସେକଣ୍ଡ ପ୍ରିନ୍ସ ପାରଳାଖେମୁଣ୍ଡୀ
ଶ୍ରୀମାନ୍ ରଜା ଖରସଆ
ଶ୍ରୀମାନ୍ ରଜା ହିନ୍ଦୋଳ
ଶ୍ରୀମାନ୍ ରଜା ସୋନପୁର
ଶ୍ରୀମାନ୍ ରଜା ଖଣ୍ଡପଡ଼ା
ଶ୍ରୀମାନ୍ ରଜା ନରସିଂହପୁର
ଶ୍ରୀମାନ୍ ଜମିଦାର ବରପାଲି
ଶ୍ରୀ ଶ୍ୟାମସୁନ୍ଦର ନନ୍ଦ
ଶ୍ରୀ ଜଗନ୍ମୋହନ ଲାଲ
ଶ୍ରୀ ଅଜୟଚନ୍ଦ୍ର ଦାସ
ଶ୍ରୀଯୁକ୍ତ ରେଭରେଣ୍ଡ ହାଉଏଲସ
ଶ୍ରୀ କ୍ଷୀରୋଦ ନାରାୟଣ ଭୂୟାଁ
ଶ୍ରୀଯୁକ୍ତ କନ୍ଧମାଳର ସବ୍‌ଡ଼ିଭିଜନ ଅଫିସର
ଶ୍ରୀଯୁକ୍ତ ପୁରୀ ମାଜିଷ୍ଟ୍ରେଟ
ଶ୍ରୀ ଶ୍ରୀବତ୍ସ ପଣ୍ଡା
ମେଦିନୀପୁରର ଉତ୍କଳଭକ୍ତିମାନଙ୍କ ପକ୍ଷରୁ
ଶ୍ରୀ ଦାଶରଥି ବାନୁର୍ଯ୍ୟା
ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ
ମାନ୍ୟବର ଡ଼ାକ୍ତର ଆସୁତୋଷ ମୁଖର୍ଯ୍ୟା
ପ୍ରଫେସର ଶ୍ରୀ କାଳୀଚରଣ ବାନର୍ଯ୍ୟା

**କାର୍ଯ୍ୟନିର୍ବାହକ ସମିତିର ସଭ୍ୟମାନେ**—ଅଧିକାଂଶ ସଭ୍ୟ ସମ୍ମିଳନୀର କାର୍ଯ୍ୟରେ ମନ ପ୍ରାଣ ଢ଼ାଳି କାର୍ଯ୍ୟ କରିଅଛନ୍ତି । ଯାହାଙ୍କଠାରେ ଯେଉଁ କାର୍ଯ୍ୟ ନ୍ୟସ୍ତ ଥିଲା ସେ ଉକ୍ତ କର୍ତ୍ତବ୍ୟ ପାଳନରେ ତ୍ରୁଟି କରି ନାହାନ୍ତି । ଭିନ୍ନ ଭିନ୍ନ ବିଭାଗର କାର୍ଯ୍ୟ ଭିନ୍ନ ଭିନ୍ନ ସଭ୍ୟମାନଙ୍କ ଉପରେ ନ୍ୟସ୍ତ ଥିଲା । ସଭ୍ୟମାନଙ୍କ ଜ୍ଞାନକୃତ ତ୍ରୁଟି ବା ଅବହେଳା ଯୋଗୁଁ କାହାକୁ କଷ୍ଟ ଭୋଗ କରିବାକୁ ହୋଇ ନାହିଁ । ଏହା ଆନନ୍ଦର ବିଷୟ । ଅନ୍ୟସ୍ଥାନର ସଭ୍ୟମାନେ ଅବଶ୍ୟ ଢ଼େର ସହାନୁଭୂତି ଦେଖାଇଅଛନ୍ତି । କିନ୍ତୁ ସମ୍ମିଳନୀର ଅଧିବେଶନ କଟକରେ ହେବାରୁ କଟକର ସ୍ଥାନୀୟ ସଭ୍ୟମାନଙ୍କ ପ୍ରତି ଆୟୋଜନର ସମସ୍ତ ଭାର ପଡ଼ି-

Digitized by srujanika@gmail.com

ଥିଲା । କାର୍ଯ୍ୟନିର୍ବାହକ ସମିତି ସେବକ ଛାତ୍ରମାନଙ୍କଠାରୁ ଅନେକ ସାହାଯ୍ୟ ପାଇଅଛନ୍ତି ଓ ସେମାନେ ମନ, ପ୍ରାଣ ଦେଇ ସେବା କାର୍ଯ୍ୟ କରି ନ ଥିଲେ, ଅନେକ ବିଷୟରେ ସଭ୍ୟ-ମାନଙ୍କୁ ଅସୁବିଧା ଭୋଗ କରିବାକୁ ହୋଇଥାନ୍ତା । ଓଡ଼ିଶାର ପ୍ରତି ଅଞ୍ଚଳରୁ ପୂର୍ଣ୍ଣ ସହାନୁ-ଭୂତିର ସୂଚନା ମିଳିଅଛି । ଏମନ୍ତ କି ଅଶିକ୍ଷିତ ସାଧାରଣ ଲୋକମାନେ ସୁଦ୍ଧା ସମ୍ମିଳନୀରେ ଯୋଗ ଦେବା ନିମନ୍ତେ ବ୍ୟଗ୍ରତା ଓ ସହାନୁଭୂତି ଦେଖାଇଅଛନ୍ତି । ଏଡ଼େବଡ଼ ବୃହତ୍ ଆୟୋଜନ ପୁଲିଶର ବିନା ସାହାଯ୍ୟରେ ନିର୍ବିଘ୍ନରେ ସମ୍ପନ୍ନ ହେଲା ଓ ପୁଲିଶର ସମୁଦାୟ କାର୍ଯ୍ୟ ସେବକମାନଙ୍କ ଦ୍ୱାରା ହୋଇଥିଲା ।

**ଜାତୀୟ ପଗଡ଼ି**—କାର୍ଯ୍ୟନିର୍ବାହକ ସମିତି ଯେଉଁ ଜାତୀୟ ପାଗ ଚଳାଇ ଅଛନ୍ତି ସେହି ଜାତୀୟ ପାଗ ପ୍ରତି କେତେକ ଉତ୍କଳୀୟଙ୍କର ଦୃଷ୍ଟି ପଡ଼ିଅଛି । ଏହା ବଡ଼ ଆନନ୍ଦର ବିଷୟ, କିନ୍ତୁ ଉତ୍କଳୀୟ ସାଧାରଣଙ୍କର ଏଥିପ୍ରତି ପୂର୍ଣ୍ଣ ଦୃଷ୍ଟି ପଡ଼ିବାର ଆବଶ୍ୟକ, ଏହିପରି କହୁତ ଭାବରେ ପ୍ରଚଳିତ ହେଲେ ଉତ୍କଳୀୟମାନଙ୍କର ଜାତୀୟ ଜୀବନ ଗଠନ ବିଷୟରେ ଅନେକ ସୁବିଧା ହେବ । ସଭା ସମିତି ଇତ୍ୟାଦିରେ ଉତ୍କଳୀୟମାନଙ୍କ ଜାତୀୟ ଚିହ୍ନ ସ୍ୱରୂପ ଯେପରି ଏହି ପଗଡ଼ି ବହୁ ପରିମାଣରେ ବ୍ୟବହୃତ ହୁଏ ଏଥିପ୍ରତି ସମସ୍ତ ଉତ୍କଳୀୟଙ୍କର ଦୃଷ୍ଟ ଓ ଚେଷ୍ଟା ରହିବା ଆବଶ୍ୟକ ।

**ସମ୍ମିଳନୀର କାର୍ଯ୍ୟ ବିବରଣ ପ୍ରକଟନ**—ସମ୍ମିଳନୀର ରିପୋର୍ଟ ଲେଖିବା ନିମନ୍ତେ କଲିକତାରୁ ଜଣେ ରିପୋର୍ଟର ଆସିଥିଲେ ଏବଂ ଯଥାସମୟରେ ଷ୍ଟେଟ୍ସମାନ, ଅମୃତବଜାର ପତ୍ରିକା ଏବଂ ଇଂଲିସମାନରେ ସମ୍ମିଳନୀର ସଂକ୍ଷିପ୍ତ ବିବରଣ ପ୍ରକାଶିତ ହୋଇଥିଲା । ଉତ୍କଳଦୀପିକାରେ ସମ୍ମିଳନୀର ବିବରଣ ବିଶେଷ ଭାବରେ ପ୍ରକାଶିତ ହୋଇଥିଲା ଏବଂ ଉତ୍କଳର ଅନ୍ୟାନ୍ୟ ସମ୍ବାଦପତ୍ରମାନ ଯଥାସମୟରେ ସଂକ୍ଷେପ ବିବରଣ ପ୍ରକାଶ କରିଥିଲେ ।

## ଉତ୍କଳ ସମ୍ମିଳନୀର କାର୍ଯ୍ୟବିବରଣ

ଶୁଭକ୍ଷଣରେ ୧୯୦୩ ସାଲ ଡ଼ିସେମ୍ବର ମାସ ତା ୩୦ ରିଖ ବୁଧବାର ପ୍ରଭାତ ହୋଇଥିଲା । ସେ ଦିନ ଘ ୧୧ ଣ୍ଟା ବେଳେ ଉତ୍କଳସମ୍ମିଳନୀ ସଭାର ପ୍ରଥମ ଅଧିବେଶନ ହେଲା । ସଭାମଣ୍ଡପଟି ଅତ୍ୟନ୍ତ ମନୋହର ରୂପେ ସୁସଜ୍ଜିତ ହୋଇଥିଲା ଏବଂ ଏଡ଼େ ବୃହତ୍ ଥିଲା ଯେ ପ୍ରାୟ ଦୁଇସହସ୍ର ଲୋକ ଅକ୍ଳେଶରେ ତହିଁ ମଧ୍ୟରେ ସ୍ଥାନ ପାଇଲେ । ଆସନର ବନ୍ଦୋବସ୍ତ ଉତ୍ତମ ଥିଲା ଏବଂ ଶାନ୍ତିରକ୍ଷାର କାର୍ଯ୍ୟ ସେବକ ଛାତ୍ରମାନେ ସଉକିନି ସୈନ୍ୟଦଳରୂପେ ଅତି ସାବଧାନ ଓ ମନୋଯୋଗ ସହିତ ନିର୍ବାହ କରିଥିଲେ । ସଭାରେ ଯୋଗଦାନ କରିବା କାରଣ ଓଡ଼ିଶା, ଗଞ୍ଜାମ, ସମ୍ବଲପୁର, ମେଦିନୀପୁର ଓ ଗଡ଼ଜାତରୁ ବହୁ ଲୋକ ସମାଗତ ହୋଇଥିଲେ । ମେଦିନୀପୁରର ୧୦ ଜଣ, ସମ୍ବଲପୁରର ୨୫ ଜଣ ଏବଂ ଗଞ୍ଜାମରୁ ଛାତ୍ରବୃନ୍ଦ ସହିତ ୩୦୦ ଜଣ ହେବେ । ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ମଧ୍ୟରେ

Digitized by srujanika@gmail.com

ମୟୂରଭଞ୍ଜ ଓ କେଉଁଝରର ମହାରଜାମାନେ, ତାଳଚେର, ଢେଙ୍କାନାଳ, ଆଠଗଡ଼, ମଧୁପୁର, ଖଲିକୋଟ ଓ କନିକାର ରଜାମାନେ, ରଜା ବୈକୁଣ୍ଠନାଥ ଦେବ ବାହାଦୂର ଜୟପୁରର ଶ୍ରୀ ବିକ୍ରମଦେବ ବର୍ମା, ମଞ୍ଜୁଷା ରଜପୁତ୍ର ଓ ସୁରଙ୍ଗିର ରଜଭ୍ରାତା, କଲିକତା ଅମୃତବଜାର ପତ୍ରିକାର ସମ୍ପାଦକ ବାବୁ ମତିଲାଲ ଘୋଷ, ଓଡ଼ିଶାର କମିଶନର ଶ୍ରୀଯୁକ୍ତ କେ.ଜି.ଗୁପ୍ତ, ପାଦରିୟଙ୍ଗ ଓ ପାଦରି ହାଉଏଲସ ପ୍ରଭୃତି ଉପସ୍ଥିତ ଥିଲେ । ଆଠଗଡ଼ ରଜା ଗୋଟିଏ ସଂସ୍କୃତ ସ୍ତବ ପାଠ ପୂର୍ବକ ସଭାର କାର୍ଯ୍ୟାରମ୍ଭ କଲେ । ଯଥା—

## ମଙ୍ଗଳାଚରଣ

"ଶ୍ରୀଶୋ ଭୂଭଙ୍ଗଲୀଳାକୃତନିଖିଳଜଗତ୍‌ସୃଷ୍ଟିରକ୍ଷାବିନାଶୋ
ଯୋ ବିଶ୍ୱବ୍ୟାପକୋଽୟଂ ଜୟତି ସୁକରୁଣାବାରିଧିଃ ସର୍ବଦର୍ଶୀ ।
ଯାଚେ ତତ୍ପାଦପଦ୍ମେ ସକଳଜନସୁଖାପାଦିକଲ୍ୟାଣରାଶିଂ
ସଭ୍ୟାନାଂ ଶ୍ରୀଯୁତାନାଂ ସ ହୃଦୟକମଳେଷୁପବିଷ୍ଟସ୍ତନୋତୁ । ୧
କୁର୍ବନ୍ତି ଯ ପ୍ରସାଦାଦିହ ପରିମିଳିତା ଉତ୍କଳା ମାନ୍ୟଗଣ୍ୟାଃ
ସ୍ୱାମ୍ନାୟାଃ ସୂତ୍ରଭୂମେଶ୍ଚିରମଳିନମୁଖଂ ନିର୍ମଳୀକୃତ୍ୟ ନିତ୍ୟଂ ।
ସନ୍ତୋ ସ୍ୟାଃ କ୍ରୋଡ଼ଦେଶେ ପ୍ରମୁଦିତମନସୋ ଭ୍ରାତୃତା ସୌଖ୍ୟଯୁକ୍ତାଃ
ସୌଜନ୍ୟୈ କତ୍ୱବିଦ୍ୟାଦିଗୁଣଜଯଶସା ଭୂଷିତା ଦୀର୍ଘଖେଳାଂ । ୨ ।

## ଅର୍ଥ ।

ଯେଉଁ ଭଗବାନ ସର୍ବବ୍ୟାପକ ସର୍ବଦର୍ଶୀ ଦୟାସାଗର କଟାକ୍ଷ ଲୀଳାରେ ସମଗ୍ର ସଂସାରକୁ ସୃଜନ ପାଳନ ଓ ବିନାଶ କରନ୍ତି ସେହି ଶ୍ରୀପତି ଜୟ କରନ୍ତୁ । ଶ୍ରୀଯୁକ୍ତ ସଭ୍ୟମାନଙ୍କର ହୃଦୟପଦ୍ମରେ ଉପସ୍ଥିତ ହୋଇ ସମସ୍ତ ଜନମାନଙ୍କର ସୁଖକର କଲ୍ୟାଣ ସମୂହକୁ ବିସ୍ତାର କରନ୍ତୁ, ମୁଁ ଏହା ତାଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଅଛି ।

ଯାହାଙ୍କ ପ୍ରସାଦରୁ ଉତ୍କଳୀୟ ମାନ୍ୟ ଗଣ୍ୟ ବ୍ୟକ୍ତିମାନେ ଏଠାରେ ସର୍ବତୋ-ଭାବରେ ମିଳିତ ହୋଇ ନିଜ ମାତା ସୂତ୍ର ଭୂମିର ଚିରକାଳର ମଳିନ ମୁଖକୁ ନିର୍ମଳ କରି ସୁଜନତା, ଐକ୍ୟତା, ବିଦ୍ୟା ପ୍ରଭୃତି ଯଶଦ୍ୱାରା ଭୂଷିତ ଭ୍ରାତୃତା ସୌଖ୍ୟଯୁକ୍ତ ଏବଂ ଆନନ୍ଦଚିତ୍ତ ହୋଇ ପ୍ରତ୍ୟହ ଏହି ଜନନୀଙ୍କ କ୍ରୋଡ଼ଦେଶରେ ଦୀର୍ଘକାଳ ଲୀଳା କରୁ-ଅଛନ୍ତି ।

କାର୍ଯ୍ୟନିର୍ବାହକ କମିଟୀର ସଭାପତି ଶ୍ରୀଯୁକ୍ତ କନିକା ରଜା ସଭାରେ ସମୁପସ୍ଥିତ ସଭ୍ୟମାନଙ୍କୁ ସମ୍ବୋଧନ କରି କହିଲେ ଆପଣମାନେ ଏତେ କଷ୍ଟ ସ୍ୱୀକାର କରି ନାନା ସ୍ଥାନରୁ ଶୁଭାଗମନ କରିଅଛନ୍ତି ଓ ଉତ୍କଳ ଭାଇମାନଙ୍କୁ ଏକାଠି ଦେଖି ମୁଁ ଯେପର୍ଯ୍ୟନ୍ତ ଆନନ୍ଦିତ

Digitized by srujanika@gmail.com

ହୋଇଅଛି ତାହା ବାକ୍ୟରେ ପ୍ରକାଶ କରି ପାରୁନାହିଁ । ଆପଣମାନଙ୍କର ସୁଯୋଗ୍ୟ ଅଭ୍ୟର୍ଥନା କରିବା ପୁଣି ସମୁଚିତ ଚର୍ଚ୍ଚା କରିବା ମୋହର ସାଧ୍ୟ ନୁହେଁ । ସେଥିର ସମସ୍ତ ତ୍ରୁଟି ଆପଣମାନେ ଉଦାରତା ସହିତ କ୍ଷମା କରିବେ ଏବଂ ମୋହର ହୃଦୟର ଉପହାର ଗ୍ରହଣରେ ସନ୍ତୁଷ୍ଟ ହେବେ । ଉତ୍କଳର ଉଜ୍ଜ୍ୱଳତମ ନକ୍ଷତ୍ର ସ୍ୱର୍ଗୀୟ ସୁଢ଼ଳଦେବଙ୍କୁ ଏ ସଭାରେ ଦେଖିବାର ବଡ଼ ଆଶାଥିଲା ମାତ୍ର ଈଶ୍ୱରଙ୍କ ବିଚାର ଅନ୍ୟପ୍ରକାର ହେଲା, ଆୟତ୍ତ କାହାର ଅଛି ?

ବାବୁ ମଧୁସୂଦନ ଦାସ କେତେଗୁଡ଼ିଏ ତାର ସମ୍ବାଦ ଦେଖାଇ କହିଲେ କି ବଡ଼ଲାଟସଭାର ସଦସ୍ୟ ଶ୍ରୀଯୁକ୍ତ ଡାକ୍ତର ଆଶୁତୋଷ ବାନୁର୍ଯ୍ଯା, କଲିକତା ବିଶ୍ୱବିଦ୍ୟାଳୟର ରେଜିଷ୍ଟର ଶ୍ରୀଯୁକ୍ତ କାଳୀଚରଣ ବାନୁର୍ଯ୍ଯା, ହିନ୍ଦୋଳ, ବୌଦ, ଖଣ୍ଡପଡ଼ା ଓ ସୋନପୁରର ରାଜାମାନେ ଅନିର୍ବାର୍ଯ୍ୟ ହେତୁରେ ଉପସ୍ଥିତ ହୋଇ ନ ପାରି ଦୁଃଖ ଏବଂ ସହାନୁଭୂତିସୂଚକ ସମ୍ବାଦ ପଠାଇଅଛନ୍ତି । ଏପର କଲିକତାସ୍ଥ କେତେ ଜଣ ଉତ୍କଳୀୟ ଭ୍ରାତା ସଭାକୁ ଆସି ନ ପାରିବା ହେତୁ ଦୁଃଖିତ ହୋଇଅଛନ୍ତି .

ତଦନନ୍ତର ମହାରାଜା କେନ୍ଦୁଝରାଧିପତି ପ୍ରସ୍ତାବ କଲେ ଯେ ମୟୂରଭଞ୍ଜାଧିପତି ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ଏହି ଶୁଭାନୁଷ୍ଠାନରେ ସଭାପତି ପଦରେ ବରୀତ ହୁଅନ୍ତୁ ଓ ଏହି ପ୍ରସ୍ତାବ ଢେଙ୍କାନାଳର ରାଜା ଅନୁମୋଦନ କଲେ ଏବଂ ସର୍ବସମ୍ମତିକ୍ରମେ ତାହା ଧାର୍ଯ୍ୟ ହୁଅନ୍ତେ ସଭାପତି ଆସନ ଗ୍ରହଣ କରି ଏହି ଶୁଭଘଟନା ଉପଲକ୍ଷରେ ରଚିତ ଓଡ଼ିଆ, ବଙ୍ଗଳା, ଉର୍ଦ୍ଦୁ ଓ ସଂସ୍କୃତ ସଙ୍ଗୀତମାନ ଯଥାକ୍ରମେ ହାରମୋନିୟମ ଯନ୍ତ୍ରରେ ଗାୟନ ହେଲା ।

( ଓଡ଼ିଆ ) ରାଗ ଆଶାବରୀ ।

ଘୋଷୁ ଜନନି ଗୋ, ଭୁବନ ତବ ମହିମା
ଅଯୁତ ରସନା, ଆଜି ମା ଉତ୍କଳ, ରଟଇ ତବ ଗରିମା । ଘୋଷା ।
ଏତେକାଳେ ସତେ ପରତେ ହେଉଛି, ବିହି ଘଟାଇଲା ଆଣି ।
ନିରାଶାକୁହରେ ମୃତସଞ୍ଜୀବନୀ ଆଶା ବିଣା-ଜିଣା ବାଣୀ । ୧ ।
ଗିରି ବନ କୁଞ୍ଜ ଲତାଏ ଉଷତ, ଜଡ଼ତା ଗଲା କି ଭାଜି ।
ମାତୃପଦଯୁଗେ ବରଷନ୍ତି ଭକ୍ତିପ୍ରୀତି ପୁଷ୍ପମାଳା ରାଜି । ୨ ।
ଉତ୍କଳର ବିଷ୍ଣୁପଦୀ ମହାନଦୀ ଊର୍ଦ୍ଧ୍ୱେ ତୋଳି ଊର୍ମ୍ମିଶିଖା ।
ଉତ୍କଳତନୁଜେ ଜନ୍ମଭୂମିପ୍ରେମ ମହାମନ୍ତ୍ର ଦିଏ ଦୀକ୍ଷା । ୩ ।
ଉତ୍କଳଜନନୀ ବିଷାଦଗଞ୍ଜନେ ଉନ୍ମୁଖ ଆଜି ଗଞ୍ଜାମ ।
ସମାଗତ ହର୍ଷେ ସଙ୍ଗେ ଘେନି ସର୍ବ ସମ୍ବଲପୁର ଲଲାମ । ୪ ।
ବାଞ୍ଛିତ କେବଳ, ଏତିକି ହୃଦୟ ମନ ଦାନ ପ୍ରତିଦାନ ।

Digitized by srujanika@gmail.com

ସମକାଳେ ବାଜୁ ଉତ୍କଳର କୋଟିହୃଦ ହୋଇ ଏକତାନ । ୫ ।
ଲଲଟ, ଅନଙ୍ଗଭୀମ, ଉପଇନ୍ଦ୍ର, ଦୀନକୃଷ୍ଣ, ଲୀଳାସ୍ଥଳ ।
ଉତ୍କଳର ଭାଗ୍ୟଲତିକା ଦେଇଛି ଦୁଃଖ-ହନ୍ତାବଳଦଳ । ୬ ।
ପାହି ଆସିଲଣି ବିଷାଦରଜନୀ, ଭାଗ୍ୟଦିବ୍ୟାକର ଉଦେ ।
ଫୁଟିବ ଉତ୍କଳ-ହୃଦୟ-ସରସେ ମାନସକମଳ ମୁଦେ । ୭ ।
ବାଞ୍ଛାକଳ୍ପତରୁ ବ୍ରହ୍ମାଣ୍ଡଈଶ୍ୱରପଦେ ପଶିଲୁଁ ଶରଣ ।
ରଖ, ଉତ୍କଳକୁ ଏତିକି ମାଗୁଣି, ପ୍ରଭୁ ଅରକ୍ଷରକ୍ଷଣ । ୮ ।

( ବଙ୍ଗଳା ) ଭଗିନୀ ସିନ୍ଧୁ ଖାମ୍ବାଜ—ତାଲ ଯତ୍ ।

ଜନନୀ ଦୁଃଖିନୀ କେନ ମଲିନ ବଦନ ?
ଅଶ୍ରୁନୀରେ ଭସେ କେନ କମଲ ନୟନ ?
୧ ବିଶ୍ୱ-ବିମୋହନ କତ ରତନ ଭୂଷନ
ବଙ୍କିମ, କେଶବ, ମଧୁ, ଶ୍ରୀକୃଷ୍ଣ ମୋହନ—
ସାହିତ୍ୟ, ଧରମ, ଗୀତି, ନାନା ଦରଶନ,
ଜଗତେ ଅକ୍ଷୟ ଯଶ କରିତେ ଅର୍ଜ୍ଜନ ।
୨ ଅମର ଭବନେ ତାରା, ଅଭାଗା ଆମରା,
ମାୟେର ନୟନନୀର, ଦେଖିବ କି ମୋରା ?
ଭବିଷ୍ୟତ ଭାବି କରି ଅତୀତ ସ୍ମରନ
ପ୍ରଣମି ବିଭୁରେ, କରି ଏକତା ବନ୍ଧନ ।
୩ ଉଠ, ଜାଗ, ଭ୍ରାତୃଗନ, ଜନନୀର ତରେ,
କରିତେ କି ପାରି ସବେ ଦେଖାବ ଧରାରେ .
ଜନନୀର କାଯେ ସାଜ, ଧର୍ମେ କରି ପଣ,
ସଂପଦ, ଜନନୀ ପଦେ ଧନ, ପ୍ରାନ, ମନ

(ସଂସ୍କୃତ) ଭାରତ ଗୀତିକା ।

ଭୈରବୀ ରାଗ,—କାଵାଳି-ତାଳାଭ୍ୟାଂ ଗୀୟତେ ।

ସର୍ବେଷାଂ ନୋ ଜନନୀ ଭାରତ—
ଧରଣୀ କଳ୍ପଲତେୟଂ
ଜନନୀବତ୍ସଲତନୟଗଣୈସ୍ତତ—
ସମ୍ୟକ୍-ଶର୍ମ୍ମ ବିଧେୟମ୍ । ଧ୍ରୁବଂ ।
ହିମଗିରି ସୀମନ୍ତିତ ମସ୍ତକ ମିଦ—
ମମ୍ବୁଧି ପରିଗତ ପାର୍ଶ୍ୱମ୍

Digitized by srujanika@gmail.com

ଅସ୍ମଜ୍ଜନ୍ମଦ ମନ୍ଦମନିଶଂ
ଶ୍ରୌତ ପୁରାତନମାର୍ଷମ୍ ।
ବିଜନିତ ହର୍ଷଂ ଭାରତବର୍ଷଂ
• ବିଶ୍ୱୋତ୍କର୍ଷ ନଦାନମ୍
ଭାରତଶର୍ମଣକୃତମସ୍ମାଭି–
ର୍ନବମିଦମୈକ୍ୟବିଧାନମ୍ ।
ଉତ୍କଳଗୌଡ଼ାନ୍ଧ୍ରୀୟାଃ ସଂସଦି
ଯେ ବୟମତ୍ର ସମେତାଃ,
ଏତେ, ଗୃପରଜନପଦଜାଃ ନନୁ,
–ଭାରତ ବିହିତ ନିକେତାଃ ।
ଭାରତହିତ ସମ୍ପାଦନମେବ ହି
କାର୍ଯ୍ୟମିଷ୍ଟବିପାକମ
ଭାରତବର୍ଜ୍ଜଂକିମପି ନ କାର୍ଯ୍ୟଂ
ନିଶ୍ଚିତମିତ୍ୟସ୍ମାକମ ।
ଭାରତପଙ୍କଜଦଳମିଦମୁତ୍କଳ
ମଣ୍ଡଳ ନୀତି ବିଦିତଂ ଯତ
ତସ୍ୟ କୃତେ ବୟମତ୍ର ସମେତାଃ
ବିହିତାତ୍ରୋତ୍କଳ ସଂସତ୍ ।
ଭାରତମେକାଗତିରସ୍ମାକଂ
ନାପରଗତି ଭୂବି ନାମ୍ନ
ସର୍ବାଦୌ ପରିଷତ୍ କର୍ମଣି ତତ
ଭାରତମେବ ନମାମଃ ।

ଉର୍ଦ୍ଦୁ ସଙ୍ଗୀତକୁ ଓଡ଼ିଆ ଅକ୍ଷରରେ ଛାପିବାର ଅସୁବିଧା ହେବାରୁ ଦଆଯାଇ ପାରି ନାହିଁ ।

ତତ୍‌ପରେ ସଭାପତି ମହୋଦୟ ତାଙ୍କର ବକ୍ତୃତା ପାଠକଲେ:–

ଶ୍ରୀହରିଃ ।

ସଭ୍ୟ ମହୋଦୟମାନେ ! ଅଦ୍ୟତନ ବକ୍ତୃତା ଆରମ୍ଭ କରିବା ପୂର୍ବରୁ ମୋର ନିଜ ସମ୍ବନ୍ଧରେ କେତେକ ବକ୍ତବ୍ୟ ଅଛି, ତାହା ସଂକ୍ଷେପରେ କହୁଅଛି ।

ଏହି ସାର୍ବଜନିକ ସଭାପତିର ଆସନ ଗ୍ରହଣ କରିବା ନିମିତ୍ତ କାର୍ଯ୍ୟ ନିର୍ବାହକାରୀ ସମିତିର ଆମନ୍ତ୍ରଣ ଯେତେବେଳେ ମୋଠାରେ ଉପଗତ ହେଲା ତେତେବେଳେ ଉକ୍ତ

Digitized by srujanika@gmail.com

ଆମନ୍ତ୍ରଣକୁ ମୁଁ ଗ୍ରହଣ କରିବି କି ନା ଏହି ବିଷୟରେ ମୋ ମନରେ ସଂଶୟ ହେଲା । ମୁଁ ବିଚାରିଲି ଯେ ଏପରି ସଭା ଉତ୍କଳ ଦେଶର ଇତିହାସରେ ଅଭିନବ କାର୍ଯ୍ୟ ଅଟେ । ଏହି ପ୍ରଦେଶର ସର୍ବସ୍ଥାନରୁ ଗୁଣବିଶାରଦ ପ୍ରତିନିଧିମାନେ ଶୁଭଗମନ କରିବେ ଓ ସେମାନେ ଯେଉଁ ସବୁ ବିଷୟ ବିଚାର କରିବେ ତାହା ଗରିଷ୍ଠ ଓ ତହିଁପ୍ରତି ଉତ୍କଳଦେଶର ଭବିଷ୍ୟତ ଭଲ ମନ୍ଦ ନିର୍ଭର କରେ । ସୁତରାଂ ସଭାପତିଙ୍କର ଦାୟିତ୍ୱ ମଧ୍ୟ ଊଣା ନୁହେ । ଏପରି କାର୍ଯ୍ୟରେ ମୋର ଅଭ୍ୟାସ ନାହିଁ, ଅଥଚ ମୁଁ ଜାଣେ ଯେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ମୋ ଅପେକ୍ଷା ଅଧିକ ଦକ୍ଷତାର ସହିତ ଏ କାର୍ଯ୍ୟ ନିର୍ବାହ କରିପାରିବେ (ଅତଏବ ଆପଣମାନଙ୍କ ଆହ୍ୱାନକୁ ଗ୍ରହଣ କରିବି କି ନା ସନ୍ଦେହଯୁକ୍ତ ହୋଇ ରହିଲି) । ପରିଶେଷରେ ମୁଁ ବିଚାରିଲି ଯେ କେବଳ ଆପଣମାନଙ୍କ ଆହୂତିକୁ ସ୍ୱୀକାର କଲେ ମୋର କର୍ତ୍ତବ୍ୟ କର୍ମର ଶିଥିଳତା ହେବ, ଏହି କାରଣରୁ ମୁଁ ଆପଣମାନଙ୍କ ଆବାହନରେ ଆପଣାକୁ ସମ୍ମାନିତ ବୋଧ କରି ଆପଣମାନଙ୍କ ସମୀପରେ ଉପସ୍ଥିତ । ଆଶା କରେ ଯେ ଆପଣମାନେ ଯେବେ ମୋ କାର୍ଯ୍ୟରେ କୌଣସି ଅଂଶରେ ତ୍ରୁଟି ଲକ୍ଷିତ ହେବ ତେବେ କ୍ଷମା କରିବାକୁ ରୁଚ ହେବ ।

(ପୁନଶ୍ଚ ପ୍ରକୃତ ପ୍ରସ୍ତାବ ଆରମ୍ଭ ପୂର୍ବରୁ ଆଉ ଗୋଟିଏ ବିଷୟ ଉଲ୍ଲେଖ କରିବା ଉଚିତ ବୋଧ କରୁଅଛି) । ବାମଣ୍ଡାଧିପତି ସର ସୁଚଳଦେବ କେ. ସି. ଆଇ. ଇ.ଙ୍କ ସ୍ୱର୍ଗାରୋହଣ ବାର୍ତ୍ତାରେ ଏହି ଦେଶବାସୀ ସମସ୍ତେ ବିଷଣ୍ଣ ହୋଇ ଅଛନ୍ତି । ସେ ଜଣେ ପ୍ରଶସ୍ତମନା ବିଜ୍ଞ ନୃପତି ଥିଲେ, ନାନା ସଦ୍‌ଗୁଣମାନରେ ଭୂଷିତ ହୋଇ ସର୍ବସାଧାରଣଙ୍କର ମାନ୍ୟାର୍ହ ହୋଇଥିଲେ ଓ ନିଜ ପ୍ରଜାଙ୍କର ଉନ୍ନତିସାଧନାରେ ସର୍ବଦା ନିଯୁକ୍ତ ଥିଲେ । ସଂସ୍କୃତ ସାହିତ୍ୟ ଓ ବିଶେଷତଃ ଉତ୍କଳ ଭାଷା ତାହାଙ୍କଠାରେ ଚିର ଋଣୀ ଅଟେ ସେ ନିଜେ ଜଣେ ବିଖ୍ୟାତ ଗ୍ରନ୍ଥକର୍ତ୍ତା ଥିଲେ, ସାହିତ୍ୟ ଓ ଶିଳ୍ପ ବିଦ୍ୟାର ଉନ୍ନତି ନିମିତ୍ତ ସର୍ବଦା ଯତ୍ନ କରୁଥିଲେ । ଗୁଣଗ୍ରାହୀ ଗବର୍ଣ୍ଣମେଣ୍ଟ ତାହାଙ୍କ ପ୍ରତି ଉଚ୍ଚ ମର୍ଯ୍ୟାଦା ଅର୍ପଣ କରିଥିଲେ । ଏପରି ବ୍ୟକ୍ତି ଅଭାବରେ ବର୍ତ୍ତମାନ ଏହି ଦେଶ ଦରିଦ୍ରତର ହୋଇଅଛି । ଉତ୍କଳ ଦେଶୀୟ ରାଜାଙ୍କର ସେ ଆଦର୍ଶ ଥିଲେ, ତାହାଙ୍କ ଅନୁକାରୀ ହେଲେ ଆମ୍ଭମାନଙ୍କର ଉପକାର ଅଛି । ଆମ୍ଭେମାନେ ଆଶା କରୁଁ ଯେ ତଦୀୟ ପୁତ୍ର ଓ ଉତ୍ତରାଧିକାରୀ ନିଜ ପିତାଙ୍କ ସଦୃଶ ବରଂ ଅଧିକ ଯୋଗ୍ୟ ହୋଇ ନିଜର ଯୋଗ୍ୟ ପିତାଙ୍କର ପୌରୁଷକୁ ବଳି ଖ୍ୟାତି ଲାଭ କରିବେ ।

ସଭ୍ୟ ମହୋଦୟଗଣ ! ଯେତେ ସ୍ଥାନରେ ଏହି ଉତ୍କଳ ଭାଷା କଥିତ ହେଉଅଛି, ତହିଁରେ ଯେତେ ଭିନ୍ନ ଭିନ୍ନ ଜାତି ବାସ କରୁଅଛନ୍ତି ସେମାନଙ୍କ ମଧ୍ୟରେ ପରସ୍ପର ବନ୍ଧୁଭାବ ସଂସ୍ଥାପନ କରିବା ଏହି ସଭାର ଗୋଟିଏ ଉଦ୍ଦେଶ୍ୟ ।

(୧) ଶିଳ୍ପ ଇତ୍ୟାଦିର ଉନ୍ନତି କରିବା ଦ୍ୱାରା ଦେଶର ଧନ ବଢ଼ି କରିବା ଦ୍ୱିତୀୟ ଉଦ୍ଦେଶ୍ୟ,

Digitized by srujanika@gmail.com

(୨) ସାଧାରଣ ଜନମାନଙ୍କ ମଧ୍ୟରେ ଶିକ୍ଷା ପ୍ରଚାର କରିବା ତୃତୀୟ ଉଦ୍ଦେଶ୍ୟ,
(୩) ଭାଷା ଓ ସାହିତ୍ୟର ଉନ୍ନତି କରିବା, ସମାଜ ସଂସ୍କାର କରିବା ଏହିପରି ଅନ୍ୟ କେତେଗୁଡ଼ିଏ ଉଦ୍ଦେଶ୍ୟ ଅଛି ।

ମୋ ବିବେଚନାରେ ରାଜନୀତି ଓ ଧର୍ମସମ୍ବନ୍ଧୀୟ ତର୍କକୁ ବର୍ଜିତ କରିବାଦ୍ୱାରା ଏହି ସଭା ପ୍ରବୀଣତାର ପରିଚୟ ଦେଇଅଛନ୍ତି । ରାଜନୀତି କାହାକୁ କହନ୍ତି ? କି କାରଣରୁ ଆମ୍ଭେମାନେ ତାହାକୁ ଏହି ସଭାର ବିବେଚ୍ୟ ବିଷୟରୁ ବର୍ଜନ କରିବା ? ରାଜ୍ୟ ଶାସନ ବିଜ୍ଞାନକୁ ରାଜନୀତି କହି । କୌଣସି ଦେଶ ଅଥବା ଜାତିର ଶାସନ ନିମିତ୍ତ ତାହାର ଶାନ୍ତି ଓ ସମୃଦ୍ଧି ରକ୍ଷା ନିମିତ୍ତ ଅଥଚ ଦେଶବାସି ଜନମାନଙ୍କୁ ବିଦେଶୀୟ ଆକ୍ରମଣରୁ ରକ୍ଷା ନିମିତ୍ତ ମନୁଷ୍ୟ ଜାତିର ଅତିଶୟ ଉଦ୍ୟମକୁ ରାଜନୀତି କହି ।

ଜୀବନ ଓ ଧନ ରକ୍ଷା ବ୍ୟତିରେକେ ମନୁଷ୍ୟ ସମାଜ ସ୍ଥାୟୀ ହୋଇ ନ ପାରେ । ଅରାଜକ ହେଲେ ସମାଜରେ ବିଘ୍ନ ଓ ଗୋଳ ଉପସ୍ଥିତ ହୁଏ । ଶ୍ରମଜୀବିମାନେ କଷ୍ଟ ପ୍ରାପ୍ତ ହୁଅନ୍ତି ଓ ଶିକ୍ଷା ପ୍ରଦାନ ଅନ୍ତର୍ହିତ ହୁଏ । ଏ ସବୁ ବାସ୍ତବିକ ଘଟନା ଦେଖିବାରେ ଆସେ । ଇତିହାସ ପାଠରୁ ଆମ୍ଭେମାନେ ଜାଣୁଅଛୁ ଯେ ଅସଭ୍ୟ ଦେଶମାନଙ୍କରେ ଶିଳ୍ପ ଓ ଶାସ୍ତ୍ର ବିଦ୍ୟାର ଆଲୋଚନା ଅତି ସାମାନ୍ୟ; ତତ୍ରତ୍ୟ ଲୋକମାନଙ୍କର ଆଚାର ବ୍ୟବହାର ଅନୁନ୍ନତ, ସେପରି ଦେଶରେ ରାଜାମାନେ ଯଥେଚ୍ଛାଚାରୀ, ଆପଣାର ପ୍ରଜାମାନଙ୍କ ପ୍ରତି ହୁଏତ ଅତ୍ୟାଚାର କରନ୍ତି ଅଥବା ସେମାନଙ୍କ ଧନ ଓ ଜୀବନରକ୍ଷା କରିବାରେ ଅପଟୁ କିମ୍ବା ଅସମର୍ଥ ହୁଅନ୍ତି । ଦେଶ ମଧ୍ୟରେ ବିଦ୍ରୋହ ହେତୁରୁ ଅଥବା ବହିସ୍ଥ ଶତ୍ରୁର ଭୟରୁ ସେହି ଦେଶବାସିଜନମାନେ ସର୍ବଦା ଉଦ୍‌ବିଗ୍ନ ହୁଅନ୍ତି । କିନ୍ତୁ ସଭ୍ୟ ରାଜ୍ୟର ଅବସ୍ଥା ତାହାର ଠିକ୍ ବିପରୀତ । ସେଠାରେ ଲୋକମାନଙ୍କର ଧନ ପ୍ରାଣ ରକ୍ଷା ନିମିତ୍ତ ଆଇନମାନ ବିଧିବଦ୍ଧ ହୋଇଥାଏ; ନ୍ୟାୟାନୁସାରେ ଦୋଷାଦୋଷ ବିଚାର ହୁଏ । ବିଦେଶୀୟ ଆକ୍ରମଣରୁ ପ୍ରଜାମାନଙ୍କ ରକ୍ଷା ନିମିତ୍ତ ଅଥବା ଦେଶ ମଧ୍ୟରେ ବିଶୃଙ୍ଖଳା କିମ୍ବା ବିଦ୍ରୋହ ନିବାରଣ ନିମିତ୍ତ ସୁଶିକ୍ଷିତ ସେନା ସର୍ବଦା ନିଯୁକ୍ତ ଥାନ୍ତି । ସେହି ଦେଶରେ ଶିଳ୍ପର ଉନ୍ନତି ହୁଏ, ବାଣିଜ୍ୟ ସମ୍ବର୍ଦ୍ଧିତ ହୁଏ, ପ୍ରଜାମାନଙ୍କ ମଧ୍ୟରେ ଶାସ୍ତ୍ର ବିଶେଷରୂପେ ଆଲୋଚିତ ହୁଏ, ସାହିତ୍ୟ, ବିଜ୍ଞାନ, ଚିତ୍ର, ସ୍ଥାପତ୍ୟ ପ୍ରଭୃତିର ଯଥେଷ୍ଟ ଉନ୍ନତି ସାଧିତ ହୁଏ, ଅଭିନବ ଦେଶମାନ ଆବିଷ୍କୃତ ହୁଏ ଓ ନବ ନବ ଯନ୍ତ୍ରମାନ ପ୍ରକାଶିତ ହୋଇ ପ୍ରାଣିମାନଙ୍କର ସୁଖ ସ୍ୱଚ୍ଛନ୍ଦତା ବୃଦ୍ଧି କରନ୍ତି ।

ଏବେ ଦେଖିବା ହେଉନ୍ତୁ, ଉପରି ଉକ୍ତ ବିଷୟରେ ଆମ୍ଭମାନଙ୍କର କିପରି ଅବସ୍ଥା ହୋଇଅଛି । ଆପଣମାନେ ସମସ୍ତେ ବରଗି ଅମଳ କଥା ଶ୍ରବଣ କରିବା ହୋଇଥିବେ; ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ପ୍ରାନ୍ତ ଭାଗରେ ମହାରାଷ୍ଟ୍ରୀୟମାନେ ଯେପରି ଅତ୍ୟାଚାର କରୁଥିଲେ ସେ ବୃତ୍ତାନ୍ତ ମଧ୍ୟ ଶ୍ରବଣ କରିବା ହୋଇଥିବେ ।

Digitized by srujanika@gmail.com

ଉତ୍କଳର ନାନା ସ୍ଥାନମାନଙ୍କରେ ପ୍ରାଚୀନ ଦୁର୍ଗମାନଙ୍କର ଭଗ୍ନାବଶେଷ ଦେଖାଯାଏ । ମୟୂରଭଞ୍ଜର ଅନ୍ତର୍ବର୍ତ୍ତୀ ଶିମଳିପାଳ ନାମକ ଗିରି ବନରେ ଅତ୍ୟନ୍ତ ନିର୍ଜନ ଓ ମନୁଷ୍ୟର ଅଗମ୍ୟ ସ୍ଥାନରେ ଗୋଟିଏ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ଓ କେତେକ କ୍ଷୁଦ୍ର ତୋପ ମୁଁ ଦେଖିଅଛି । ତଦ୍ରୂପ ଦୁର୍ଗଗେହ, ଅଗମ୍ୟ ନିର୍ଜନ ଅରଣ୍ୟ ମଧ୍ୟରେ ସୁଦ୍ଧା ସେହି ବରଗିମାନେ ପ୍ରବେଶ କରୁଥିଲେ ଓ ମନୁଷ୍ୟମାନଙ୍କ ପ୍ରତି ଅତ୍ୟାଚାର କରୁଥିଲେ । ଦେବତାମାନଙ୍କ ମନ୍ଦିରମାନ ମଧ୍ୟ ଲୁଣ୍ଠନକାରୀଙ୍କର ଅପବିତ୍ର କରରୁ ରକ୍ଷା ପାଉ ନ ଥିଲା ।

ମୁସଲମାନ ରାଜତ୍ୱ ସମୟରେ ଉତ୍କଳ ଦେଶର କିୟଦଂଶ, ଛୋଟନାଗପୁର ଓ ମଧ୍ୟପ୍ରଦେଶକୁ ଝାଡ଼ଖଣ୍ଡି କହୁଥିଲେ; ଅରାଜକ ହେତୁରୁ ସେହି ଅବସ୍ଥା ଘଟି ଥିଲା କି ଦସ୍ୟୁମାନଙ୍କଠାରୁ ରକ୍ଷା ପାଇବା ନିମିତ୍ତ ସେ ପ୍ରଦେଶକୁ ଇଚ୍ଛାପୂର୍ବକ ଅରଣ୍ୟମୟ କରି ରଖିଥିଲେ ତାହା ବୋଲଯାଇ ନ ପାରେ; କିନ୍ତୁ ଯେଉଁ କାରଣରୁ ହେଉ ସେ ପ୍ରଦେଶ ଅରଣ୍ୟମୟ ହୋଇଥିଲା । ବର୍ତ୍ତମାନ କାଳର ସେହି ପ୍ରଦେଶକୁ ତାହାର ପୂର୍ବ ଅବସ୍ଥା ସହିତ ତୁଳନା କଲେ ଜଣା ପଡ଼ିବ ଯେ ଶାସନ ପ୍ରଣାଳୀର ପ୍ରାଦୁର୍ଭାବରେ ଦେଶର କିପରି ଉନ୍ନତି ହୋଇପାରେ ।

ବିଖ୍ୟାତ କଳାପାହାଡ଼ର ବୃତ୍ତାନ୍ତ କାହାକୁ ଜଣା ନାହିଁ ? ଉତ୍କଳ ଦେଶର ଗୋଟିଏ ସୁଦ୍ଧା ଦେବତା ମନ୍ଦିର ଏହି ବିନାଶକାରୀର ଉପଦ୍ରବରୁ ରକ୍ଷା ପାଇ ନାହିଁ । ପୁନଶ୍ଚ ଅଳ୍ପ ଦିନ ପୂର୍ବେ 'ଠଗ'ମାନେ ରାଜପଥରେ ଯେପରି ଡ଼କାଏତି କରୁଥିଲେ ତାହା ମଧ୍ୟ ଆପଣମାନେ ଜାଣିବା ହୋଇଥିବେ । ଧନ ତେଣିକିଥାଉ, କାଳୀଙ୍କଠାରେ ବଳିଦେବା ନିମିତ୍ତ ସେମାନେ ସାନ ସାନ ପିଲାଙ୍କୁ ସୁଦ୍ଧା ଅପହରଣ କରି ନେଇ ଯାଉଥିଲେ । ଉତ୍କଳ ଦେଶର ଉତ୍ତର ଅଞ୍ଚଳରେ ଏହି ଠଗମାନଙ୍କୁ 'ମୁଣ୍ଡବାନ୍ଦରିଆ' କହୁଥିଲେ । ଆଜକୁ କୋଡ଼ିଏ ବର୍ଷ ପୂର୍ବେ ମାତାମାନେ ''ମୁଣ୍ଡବାନ୍ଦରିଆ'' କହି ନିଜ ସାନ ସନ୍ତାନମାନଙ୍କୁ ଭୟ ଦେଖାଇ ଶୁଆଇ ପକାଉଥିଲେ ।

ପୂର୍ବ ଅବସ୍ଥାକୁ ବର୍ତ୍ତମାନ ଅବସ୍ଥା ସଙ୍ଗେ ତୁଳନା କରିବା ନମିତ୍ତ ଉକ୍ତ ପ୍ରକାର କେତେକ ଦୁଷ୍ଟ ବ୍ୟବହାରର ଦୃଷ୍ଟାନ୍ତ ଉଲ୍ଲେଖ କଲି । ତଦ୍ବ୍ୟତିରେକେ ଆଉ ଅନେକ ସେହିପରି ଦୃଷ୍ଟାନ୍ତ ଅଛି । ଯେଉଁ ସବୁ ଦୁଷ୍ଟାଚରଣ ଦ୍ୱାରା ଏହି ଦେଶ ଆଚ୍ଛନ୍ନ ହୋଇଥିଲା ତାହା ଇତିହାସ ଗର୍ଭରେ ନିହିତ ହୋଇ ଅଛି । ଅଧୁନା ଆମ୍ଭେମାନେ ଏପରି ସୁଖରେ ବାସ କରୁଅଛୁଁ ଯେ ଅଚିରକାଳ ପୂର୍ବେ ଏହି ଦେଶ ଯେଉଁ ଉପଦ୍ରବରାଶିର ବିଳାସ ଭୂମି ଥିଲା ଓ ସର୍ବଦା ରକ୍ତରେ ପ୍ଲାବିତ ହେଉଥିଲା ତାହା ଶୁଣିଲେ ଆମ୍ଭମାନଙ୍କୁ ଆଶ୍ଚର୍ଯ୍ୟ ବୋଧ ହେଉଅଛି, ଓ ବିଶ୍ୱାସ ହେଉ ନାହିଁ ଯେ ପ୍ରକୃତରେ ଏପରି ଅତ୍ୟାଚାର ହେଉଥିଲା । ଅତୀତ କାଳର ଅନ୍ଧକାରମୟ ଅବସ୍ଥା ପରିବର୍ତ୍ତରେ ବର୍ତ୍ତମାନର ଯେ ଆଲୋକ ପ୍ରଚାର ହୋଇଅଛି ତଜ୍ଜନ୍ୟ ଆମ୍ଭେମାନେ ଅନ୍ତଃକରଣ ସହିତ ପରମେଶ୍ୱରଙ୍କୁ ଓ ଗବର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ଦେଉଅଛୁଁ ।

Digitized by srujanika@gmail.com

ପରମେଶ୍ୱରଙ୍କ କୃପାରୁ ସମୁଦ୍ରର ପର ପାରରୁ ସମାଗତ ଗୋଟିଏ ପ୍ରବଳ ପରାକ୍ରମଶାଳୀ ଜାତିଙ୍କ ହସ୍ତରେ ଆମ୍ଭମାନଙ୍କର ଅଦୃଷ୍ଟ ଆବଦ୍ଧ ହୋଇଅଛି । ବ୍ରିଟିସ ଶାସନାଧୀନରେ ସର୍ବତ୍ର ଶାନ୍ତି ବିରାଜମାନ ହୋଇଅଛି; ଦେଶ ମଧ୍ୟର ସମସ୍ତ ବିବାଦ ତିରୋହିତ ହୋଇଅଛି । ଦେଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ଶାନ୍ତି ବିରାଜୁଅଛି । ଏପରି ଶାନ୍ତି ଏ ଦେଶର ଭାଗ୍ୟରେ ବହୁକାଳରୁ ଘଟି ନ ଥିଲା '

ସାଧାରଣ ଲୋକମାନଙ୍କ ମଧ୍ୟରେ ଏପରି ପ୍ରବାଦ ଅଛି ଯେ "ବାଘ ଓ ଛାଗ ଏକ ଘାଟରେ ପାଣି ପିଉଅଛନ୍ତି", ଏହାକୁ ବଳି ଆଉ କି ପ୍ରଶଂସାର କଥା ବର୍ତ୍ତମାନ ସୁଶାସନ ସପକ୍ଷରେ ବୋଲାଯାଇ ପାରେ ? ଏବେ ଦେଖିବା ହେଉନ୍ତୁ ଶ୍ରମଜୀବିକା ଓ ଶାସ୍ତ୍ରାଲୋଚନାର ମୂଳାଧାର ଶାନ୍ତି ଓ ସୁଶୃଙ୍ଖଳା ଦେଶର ସର୍ବତ୍ର ବିରାଜିତ ହୋଇଅଛି । ବହୁକାଳରେ ଅରାଜକତା ହେତୁରୁ ଆମ୍ଭ ଦେଶର ଯେଉଁ କ୍ଷତି ହୋଇଅଛି ତାକୁ ପୂର୍ଣ୍ଣ କରିବାର ଏହି ସମୟ । ଏହି ସମୟରେ ଆମ୍ଭମାନଙ୍କର ଉଦ୍ୟମ କରିବା କର୍ତ୍ତବ୍ୟ । ଅନେକ ବିଷୟ ନିଷ୍ପନ୍ନ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ସର୍ବସାଧାରଣରେ ଶିକ୍ଷା ପ୍ରଚାର କାର୍ଯ୍ୟରେ ଗବର୍ଣ୍ଣମେଣ୍ଟଙ୍କର ସହାୟ ହେବା, ଯେଉଁ ଯୁବକମାନେ ଉଚ୍ଚଶିକ୍ଷା ଅଥବା ବିଶେଷ ଶିକ୍ଷା ଲଭିବାକୁ ଅଭିଳାଷୀ ସେମାନଙ୍କୁ ସାହାଯ୍ୟ ଦେଇ ଉତ୍ସାହିତ କରିବା ଆମ୍ଭମାନଙ୍କର ବିଧେୟ । ଏହି ଦେଶ ଯେ ଅନ୍ୟ ଦେଶ ଅପେକ୍ଷା କେଡ଼େ ଦରିଦ୍ର ତାହା ଆପଣମାନଙ୍କୁ ବିଦିତ ଅଛି । ଏହି ଦେଶରେ ଅଧିକାଂଶ ପ୍ରଜା ଯାହା ଉପାର୍ଜନ କରନ୍ତି ତାହା ସେମାନଙ୍କର ଗ୍ରାସାଚ୍ଛାଦନକୁ ନଅଣ୍ଟ । କେତେକ ଲୋକେ ଦିନ ମଧ୍ୟରେ ଥରେ ମାତ୍ର ଆହାର କରି କାଳକ୍ଷେପଣ କରନ୍ତି, ସେମାନଙ୍କ ଦରିଦ୍ରତା ଦୂର ହେବା ନିମିତ୍ତ ଶ୍ରମଜୀବିକା ମାନ ଅନୁଷ୍ଠିତ ହେଉ ।

କାଳକ୍ରମରେ ଆମ୍ଭମାନଙ୍କ ସମାଜରେ ଅନେକ ଆଚାର ବ୍ୟବହାର ଚଳି ଆସୁଅଛି ଯାହା ହେତୁରୁ ଆମ୍ଭେମାନେ ଉନ୍ନତି ପଥରେ ଅଗ୍ରସର ହୋଇ ପାରୁ ନାହୁଁ; ସେହି ସବୁ ଥିବାରୁ ଶ୍ରମଜୀବିକାର ଉନ୍ନତି ଓ ଜାତୀୟ ଏକତାର ଉନ୍ନତି ହୋଇ ପାରୁ ନାହିଁ, ଅତଏବ ଆବଶ୍ୟକ ପ୍ରମାଣେ ସମାଜର ଉନ୍ନତି କରାଯାଉ । ଅନେକ ଗୁରୁତର ବିଷୟର ସମାଧାନ ଆମ୍ଭମାନଙ୍କ ପ୍ରତି ନର୍ଭର କରେ । ଅତଏବ ରାଜନୈତିକ ବିଷୟ ବିଚାର ନ କରି ସେହି ସବୁ ବିଷୟର ବିଚାର କରିବା ଉଚିତ । ଯେଉଁ ସବୁ ଗରିଷ୍ଠ ରାଜନୈତିକ ବିଷୟମାନ ଅଛି, ଯଦ୍ଦ୍ୱାରା ବିଦେଶୀୟ ରାଜ୍ୟ ସଙ୍ଗେ ସନ୍ଧି କି ବିଗ୍ରହ ପ୍ରଭୃତି ବିବେଚିତ ହୁଏ, କିମ୍ବା ଅପର ଯେଉଁ ଗରିଷ୍ଠ ରାଜନୈତିକ ବିଷୟ ନିମିତ୍ତ ଆମ୍ଭ ଦେଶର ସାଧାରଣ ଲୋକେ ଅଧିକାରୀ ହୋଇ ନାହାନ୍ତି ସେ ସବୁ ବିଷୟ ଆଲୋଚନା କରିବାର ପ୍ରୟୋଜନ କଣ ? ଉକ୍ତ ପ୍ରକାର ବଡ଼ ବଡ଼ ତର୍କରେ ଦୋଷ ଅଛି ଓ କିଛି ଫଳ ନାହିଁ । ଆହୁରି ସେ ବିଷୟ ସବୁ ଘେନି ତର୍କ ବିତର୍କ କଲେ ଆଶୁ ପ୍ରୟୋଜନୀୟ ବିଷୟମାନଙ୍କୁ ଅବହେଳା କରିବାକୁ ହେବ ।

ପୂର୍ବେ ମୁଁ କହିଅଛି ଯେ ଧର୍ମ୍ମସଂକ୍ରାନ୍ତ ବିଷୟ ଘେନି ଏହି ସଭାରେ ତର୍କ ହେବ

Digitized by srujanika@gmail.com

ନାହିଁ । ଏହି କଥା କହିବାରେ ମୋର ଏପରି ଉଦ୍ଦେଶ୍ୟ ନୁହେ ଯେ ଧର୍ମ ସମ୍ବନ୍ଧୀୟ ଉପଦେଶ ପ୍ରତି ଆମ୍ଭେମାନେ ଉଦାସୀନ ହେବା । ବାସ୍ତବରେ ଧର୍ମ ବିନା ମନୁଷ୍ୟ ସମାଜ ସ୍ଥାୟୀ ହୋଇ ନ ପାରେ । ବିପତ୍ତି ଓ ପ୍ରଲୋଭନ ସମୟରେ ମନୁଷ୍ୟକୁ କିଏ ସତ୍‌ସାହସ ଓ ବଳ ପ୍ରଦାନ କରେ ? ଧର୍ମ ତାହା ସମ୍ପନ୍ନ କରେ । ଦୁଃଖିତ ଅଥବା ହତାଶ ହେବାବେଳେ, ଯେତେବେଳେ ମନୁଷ୍ୟ ଆପଣାର ଚତୁଃପାର୍ଶ୍ୱ ଅନ୍ଧକାରମୟ ଦେଖେ, ଯେତେବେଳେ ସଂସାର ତାହାକୁ ଶୂନ୍ୟ ବୋଧ ହୁଏ, ଧର୍ମ ସିନା ତାହାକୁ ଆଶ୍ୱାସ ପ୍ରଦାନ କରେ, ତାପିତ ଅନ୍ତଃକରଣରେ ଶାନ୍ତି ଆଶା ଓ ସହିଷ୍ଣୁତା ପ୍ରଦାନ କରେ । ଧର୍ମ ସୁନୀତିର ମୂଳ ଅଟେ । ଧର୍ମ ବିହୀନ ହେଲେ ସୁନୀତି ସତେଜ ହୋଇ ମନୁଷ୍ୟ ସମାଜକୁ ଚଳାଇ ନ ପାରେ । ପୃଥିବୀ ମଧ୍ୟରେ ଏପରି କୌଣସି ଜାତି ନାହିଁ ଯେ କି କୌଣସି ପ୍ରକାର ଧର୍ମକୁ ଆଶ୍ରୟ ନ କରେ କି ବିଶ୍ୱାସ ନ କରେ । ମନୁଷ୍ୟ ସମାଜକୁ ଧର୍ମ ବନ୍ଧନକରି ରଖିଅଛି । ଶତ ଶତ ଲୋକେ ଏହି ଧର୍ମ ନିମିତ୍ତ ନିଜ ଜୀବନକୁ ସ୍ଥିରଭାବରେ ଓ ହୃଷ୍ଟାନ୍ତଃକରଣରେ ବିସର୍ଜନ କରିଅଛନ୍ତି । ଶତ ଶତ ବ୍ୟକ୍ତି ନିଜର ସୁତ, ଦାର, ଗୃହ, ସ୍ୱଜନ ଓ ଅତି ପ୍ରିୟ ଦ୍ରବ୍ୟମାନଙ୍କୁ ଧର୍ମପ୍ରଚାର ନିମିତ୍ତ ତ୍ୟାଗ କରିଅଛନ୍ତି; ଅଥବା ସେମାନଙ୍କ ସହିତ ସଂସ୍ରବରହିତ ହୋଇ ବନବାସୀ ହୋଇଅଛନ୍ତି । ଯୋଗୀ ଓ ଋଷିଙ୍କର ବାସଭୂମି ଏହି ଭାରତରେ ଉକ୍ତ ରୂପ ଉଦାହରଣର ଅଭାବ ନାହିଁ । ଧର୍ମ ମହାନ୍ ଉଦ୍ଦେଶ୍ୟ ସମ୍ପାଦନ କରେ । କିନ୍ତୁ ଧର୍ମର ନାମରେ ପୂର୍ବକାଳରେ ଲୋକେ ଅନେକ ଅତ୍ୟାଚାର କରିଅଛନ୍ତି, ଅକାରଣରେ ଲୋକଙ୍କୁ କ୍ଲେଶ ପ୍ରଦାନ କରିଅଛନ୍ତି, ଦୁଷ୍କର୍ମ ଓ ରକ୍ତପାତ କରିଅଛନ୍ତି । ସେ ସବୁ ବିଷୟ ଚିନ୍ତା କଲେ ମନୁଷ୍ୟର ମନ ଦୁଃଖରେ ଅଭିଭୂତ ହୁଏ । ଇତିହାସରୁ ପ୍ରମାଣ ମିଳେ ଯେ ଧର୍ମର ନାମ ଘେନି ବୃହତ୍ ଯୁଦ୍ଧମାନ ଘଟିଅଛି । ରାଜାମାନେ କିମ୍ବା ଧର୍ମପ୍ରଚାରକମାନେ ଏକତ୍ର ହୋଇ ଅପରର ମତକୁ ଖଣ୍ଡନ କରି ଆପଣାର ମତକୁ ସଂସ୍ଥାପନ କରିବାପାଇଁ ବହୁ ଅତ୍ୟାଚାର କରିଅଛନ୍ତି । ଏପରି କାର୍ଯ୍ୟଦ୍ୱାରା ଧର୍ମର ଅସଦ୍‌ବ୍ୟବହାର ହୋଇଅଛି । ତଦ୍ରୂପ କାର୍ଯ୍ୟଦ୍ୱାରା ସ୍ୱାର୍ଥପର ଲୋକେ ଧର୍ମ ଦ୍ୱାରରେ ଦାୟୀଅଟନ୍ତି । ଧର୍ମ ଆମ୍ଭମାନଙ୍କୁ ଏହି ଶିକ୍ଷା ଦିଏ ଯେ ପରମେଶ୍ୱର ସମସ୍ତଙ୍କର ପିତା ଓ ଆମ୍ଭେ ମନୁଷ୍ୟମାନେ ସମସ୍ତେ ଯେଉଁ ଜାତିରେ ଥାଉଁ ପରସ୍ପର ଭ୍ରାତା ଅଟୁଁ. ଏହା ନ ବୁଝି ଯେଉଁମାନେ ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ଧର୍ମର ନାମ ଧରି ବିବାଦ ଓ ବିଚ୍ଛେଦ ମଚାଇ ଦିଅନ୍ତି, ସେମାନେ ନିଜ ସ୍ୱଭାବଦୋଷରୁ ଏପରି କରନ୍ତି । ହିନ୍ଦୁ ଶାସ୍ତ୍ରରେ ଗୋଟିଏ ଉପଦେଶ ଅଛି, ''ଯେଉଁ ଧର୍ମ ଅପର ଧର୍ମକୁ ନିନ୍ଦା କରେ ସେ ଧର୍ମ ଧର୍ମପଦବାଚ୍ୟ ନୁହେ'' । ଏହା ଅତି ସତ୍ୟ ଓ ସାରଗର୍ଭ କଥା ।

ବର୍ତ୍ତମାନ ବଡ଼ ସୁଖର ବିଷୟ ଯେ ଏ ସମୟରେ ଧର୍ମକୁ ନେଇ ଲୋକମାନଙ୍କ ମଧ୍ୟରେ କୌଣସି ଅସଦ୍‌ଭାବ ନାହିଁ । ଧର୍ମର ନାମରେ ଅତ୍ୟାଚାର କରିବା ଅଥବା ନିଜମତକୁ ଅକାଟ୍ୟ ମନେ କରି ଅନ୍ୟ ବ୍ୟକ୍ତିଙ୍କୁ ଯନ୍ତ୍ରଣା ଦେବାର କାଳ ଅତୀତ ହୋଇଅଛି । ବ୍ରିଟିସ ଶାସନାଧୀନରେ ପୃଥକ୍ ପୃଥକ୍ ଧର୍ମାବଲମ୍ବିମାନେ ଏକତ୍ର ନିର୍ବିରୋଧରେ ବାସ କରୁଅଛନ୍ତି । ମନୁଷ୍ୟର ବୁଦ୍ଧିବୃତ୍ତ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ଭୋଗ କରୁଅଛି । ଯେ ଯାହା ଯୁକ୍ତି-ସଙ୍ଗତ ମନେକରେ ସେ ତାହା ବିଶ୍ୱାସ କରିବାରେ ସମ୍ପୂର୍ଣ୍ଣ ଅଧିକାରୀ ଅଟେ । ଏପରି

Digitized by srujanika@gmail.com

କେହି କହି ନ ପାରେ ଯେ ସେ ଯାହା ବିଶ୍ୱାସ କରେ ତାହା ସତ୍ୟ ଓ ସମସ୍ତଙ୍କୁ ସେହି ମତ ବିଶ୍ୱାସ କରିବାକୁ ହେବ । ଧର୍ମର ପ୍ରକୃତ ଲକ୍ଷଣ ସତ୍ୟକଥନ, ଦୟା, ସରଳତା ଇତ୍ୟାଦି; ଅପରଧର୍ମମାନଙ୍କୁ ନିନ୍ଦା କରିବା ଧର୍ମର ଲକ୍ଷଣ ନୁହେଁ । ଏ ଅତଏବ ଆତ୍ମ ଧର୍ମ ଶ୍ରେଷ୍ଠ ଓ ଅପର ଧର୍ମ ମିଥ୍ୟା କିମ୍ବା ମନ୍ଦ ଏପରି ଗର୍ବ କରିବା ଅନୁଚିତ । ପରମେଶ୍ୱର ଆମ୍ଭମାନଙ୍କୁ ଯେଉଁ ବୁଦ୍ଧି ଦେଇଅଛନ୍ତି, ତଦ୍ୱାରା ଆମ୍ଭେମାନେ ଜାଣୁଅଛୁଁ ଯେ ପ୍ରଚଳିତ ସମସ୍ତ ଧର୍ମମାନଙ୍କ ମଧ୍ୟରେ ସତ୍ୟ ନିହିତ ହୋଇ ରହିଅଛି ।

ସବୁ ଧର୍ମ ତାପରମେଶ୍ୱରଙ୍କୁ ସ୍ରଷ୍ଟା, ପାତା, ନିୟନ୍ତା ସ୍ୱରୂପରେ ପ୍ରତିପାଦନ କରେ । ତାହାଙ୍କୁ ଗଡ୍‌କହ, ଖୋଦା କହ, ଈଶ୍ୱର କହ, ବ୍ରହ୍ମ କହ ଅଥବା ଅନ୍ୟ କୌଣସି ନାମରେ ଡ଼ାକ ସେ ଏକ, ଏବଂ ଅଦ୍ୱିତୀୟ । ତପରେ ସମସ୍ତ ଧର୍ମ ମନୁଷ୍ୟମାନଙ୍କ ମଧ୍ୟରେ ମିତ୍ରଭାବ ପ୍ରତିପାଦନ କରେ, ଅତଏବ ଆମ୍ଭେମାନେ ହିନ୍ଦୁ ହେଉଁ ଅଥବା ମୁସଲମାନ, କି ଖ୍ରୀଷ୍ଟିଆନ, କି ବୌଦ୍ଧ ଅଥବା ଅପରଧର୍ମାବଲମ୍ବୀ ହେଉଁ ସମସ୍ତେ ବିଶ୍ୱାସ କରୁଁ ଯେ ଆମ୍ଭେମାନେ ସମସ୍ତେ ଏକ ପରମେଶ୍ୱରଙ୍କ ପୁତ୍ର ଅଟୁଁ ଓ ଆମ୍ଭେମାନେ ସମସ୍ତେ ପରସ୍ପର ଭ୍ରାତା ସଦୃଶ । ଅତଏବ ସହୋଦର ପ୍ରାୟ ହୋଇ ଆମ୍ଭେମାନେ କି କାରଣରୁ ଏକତ୍ର ବାସ ନ କରିବା ? ଏକ ପରମେଶ୍ୱରଙ୍କର ସନ୍ତାନ ଓ ପରସ୍ପର ଭ୍ରାତା ଏହି ଧାରଣା ଆମ୍ଭମାନଙ୍କ ମନରେ ସର୍ବଦା ଜାଗ୍ରତ ଥାଉ । ଏହି ବିଶ୍ୱାସରେ ଆମ୍ଭମାନଙ୍କର ମିତ୍ର ହେବା ଉଚିତ । ଧର୍ମସମ୍ବନ୍ଧରେ ମୁଁ ଏହି ଅବଧି କହିଲି ।

ସଦସ୍ୟବୃନ୍ଦ ! ଏବେ ଶିକ୍ଷା, ଶ୍ରମଜୀବିକା ଓ ସମାଜ ବିଷୟରେ ମୁଁ କିଛି କହିବି । ଯାହାର ଉନ୍ନତ ହେବାର ବାଞ୍ଛା ଥିବ ସେ ଏହି ତିନି ପଦାର୍ଥରୁ କାହାକୁ ତ୍ୟାଗ କରି ପାରିବ ନାହିଁ । ଏ ତିନିଙ୍କ ମଧ୍ୟରୁ ଗୋଟିଏ ଆଉ ଗୋଟିକ ଉପରେ ନିର୍ଭର କରେ । ସୁସ୍ଥ ଶରୀରରେ ଯେପରି ହସ୍ତ ପଦାଦି ଭଲ ଅବସ୍ଥାରେ ଥିଲେ ମନୁଷ୍ୟ କାର୍ଯ୍ୟକ୍ଷମ ହୁଏ ଓ ସେମାନେ ରୁଗ୍ଣ କି ଅକ୍ଷମ ଥିଲେ ମନୁଷ୍ୟ କିଛି କରି ନ ପାରେ, ସେପରି ମନୁଷ୍ୟ ସମାଜ ଭଲ ହେବା ପାଇଁ କୃଷି, ବାଣିଜ୍ୟ, ଶିଳ୍ପ ଏ ସବୁ ଉନ୍ନତ ହେବାର ଆବଶ୍ୟକ । ଏମାନେ ଭଲ ନ ହେଲେ ସମାଜ ଭଲ ହୋଇ ନ ପାରିବ । ଶରୀରର ଯେପରି ହସ୍ତ ପଦାଦି, ସମାଜର ସେହିରୂପ ବାଣିଜ୍ୟ ଓ ଶିଳ୍ପ ହସ୍ତ ପଦ ସ୍ୱରୂପ । ବ୍ୟାୟାମ କଲେ ଯେପରି ହସ୍ତ ପଦ ବକ୍ଷସ୍ଥଳ ସୁନ୍ଦର ଓ ସବଳ ହୁଏ, ତଦ୍ରୂପ ଅବିଶ୍ରାନ୍ତ ଶ୍ରମ ଓ ସାହସଦ୍ୱାରା କୃଷି, ବାଣିଜ୍ୟ ଓ ଶିଳ୍ପର ଉନ୍ନତି ହୁଅଇ । ପୁନଶ୍ଚ କୌଣସି ବ୍ୟକ୍ତିର ହସ୍ତପଦ ସୁନ୍ଦର ଥିଲେହେଁ ରୋଗ ହେତୁରୁ ସେ ହସ୍ତପଦ ଯେପରି କାର୍ଯ୍ୟକ୍ଷମ ନ ହୁଏ, ସେହିପରି ମନୁଷ୍ୟ ସମାଜରେ ଆଚାର ବ୍ୟବହାରର ଦୋଷ ରୋଗ ସ୍ୱରୂପ, ସେହି ଦୋଷ ଥିଲେ ସମାଜର ଲୋକେ କୌଣସି କାର୍ଯ୍ୟ ଭଲକରି ନିଷ୍ପନ୍ନ କରି ପାରନ୍ତି ନାହିଁ । ଆପଣମାନେ ଜାଣନ୍ତି ଯେ ମନୁଷ୍ୟ ଶରୀରରେ ମସ୍ତିଷ୍କ କିପରି କାର୍ଯ୍ୟ କରେ । ମଗଜ ଭଲ ନ ଥିଲେ ମନୁଷ୍ୟ କୌଣସି କାର୍ଯ୍ୟ କରି ପାରଇ ନାହିଁ । ମନୁଷ୍ୟ ସମାଜ ମଧ୍ୟରେ ଶିକ୍ଷା ଓ ଶାସ୍ତ୍ରାଲୋଚନା ମସ୍ତିଷ୍କର କାର୍ଯ୍ୟ କରେ । ଯେବେ

Digitized by srujanika@gmail.com

ବୁଦ୍ଧି ନ ଥାଏ ତେବେ ଶରୀରରେ କି ପ୍ରୟୋଜନ ? ମନୁଷ୍ୟ ସମାଜରେ ସେହିପରି ଯେବେ ଲୋକେ ଶିକ୍ଷିତ ନ ହୁଅନ୍ତି ତେବେ କିପରି ସେମାନେ ଏକତ୍ର ହୋଇ କାର୍ଯ୍ୟ କରି ପାରିବେ ? କିପରି ଅବା ବାଣିଜ୍ୟ କରିବେ ? ଓ କିପରି ଅବା ସେମାନେ ସମାଜର ଦୋଷାଦୋଷ ବିଗ୍ରହ କରି ପାରିବେ ? ମନୁଷ୍ୟ ସମାଜ ମଧ୍ୟରେ ଶିକ୍ଷା, କୃଷି ବାଣିଜ୍ୟ ଓ ଶିଳ୍ପ କିପରି ଭାବରେ ଥାଏ ଓ କି କି ପ୍ରକାରେ ସେମାନଙ୍କର ଉନ୍ନତି ହୁଏ ଏହା ଦେଖାଇବା ନିମିତ୍ତ ତୁଳନା କରି କହିଲି, ଦୃଷ୍ଟାନ୍ତଦ୍ୱାରା କଥିତ ବିଷୟ ନିର୍ମଳ ବୁଝାଯାଏ ।

ଉପର୍ଯ୍ୟୁକ୍ତ ବିଷୟର ଉନ୍ନତି କରିବା ନମିତ୍ତ ଆମ୍ଭମାନଙ୍କର କି କି ଉପାୟ ଅବଲମ୍ବନ କରିବା ବିଧେୟ ? ଆପଣମାନେ ଏ ପ୍ରଶ୍ନର ଉତ୍ତର ଦେବେ ଯେ ଆମ୍ଭେମାନେ ଉଦାସୀନ ନ ହୋଇ କି ହେଳା ନ କରି ଅନ୍ତଃକରଣ ସହିତ କାର୍ଯ୍ୟରେ ପ୍ରବୃତ୍ତ ହେବା । ଆମ୍ଭମାନଙ୍କ ଦେଶର ଲୋକଙ୍କର ଗୋଟିଏ ସ୍ୱଭାବ ଅଛି ଯେ ତହିଁ ପ୍ରତି ଆମ୍ଭମାନଙ୍କର ସତର୍କ ହେବା କର୍ତ୍ତବ୍ୟ, ଆମ୍ଭ ଦେଶୀୟ ଲୋକେ କୌଣସି କାର୍ଯ୍ୟ କଲେ ତହିଁରେ ବିଶେଷ ପରିଶ୍ରମ ନ କରି ଦୈବ ପ୍ରତି ନିର୍ଭର କରନ୍ତି । ଏହାଦ୍ୱାରା କେତେକ ଉପକାର ଅଛି ସତ୍ୟ, କିନ୍ତୁ ବହୁପରିମାଣରେ ଦୈବ ପ୍ରତି ନିର୍ଭର କଲେ କୌଣସି କାର୍ଯ୍ୟ ସୁସମ୍ପନ୍ନ ହୁଏ ନାହିଁ, ବରଂ ଅପକାର ହୁଏ । ପ୍ରଥମେ ଉପକାର ଏହି ଯେ ଦୈବ ପ୍ରତି ନିର୍ଭର କଲେ ଲୋକେ ଧୀର ଭାବରେ କାର୍ଯ୍ୟ କରନ୍ତି । ପୃଥିବୀ ମଧ୍ୟରେ ଅନ୍ୟ କୌଣସି ଜାତି ଅଛନ୍ତି କି ନା ସନ୍ଦେହ, ଯେଉଁମାନେ କି ଏହି ଗୁଣରେ ଆମ୍ଭମାନଙ୍କଠାରୁ ଅଧିକ । ଅନେକ ଉଚ୍ଚପଦସ୍ଥ ସରକାରୀ କର୍ମଚାରିମାନେ କହିଅଛନ୍ତି ଯେ ଭାରତବାସିଙ୍କର ସହିଷ୍ଣୁତା ଗୁଣ ଅନ୍ୟ ଜାତିରେ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ ସେମାନେ କହନ୍ତି ଯେ ଯେତେବେଳେ ଦୁର୍ଭିକ୍ଷ ଉପସ୍ଥିତ ହୁଏ ଓ ଦେଶର ସହସ୍ର ୨ ଲୋକେ ଅନାହାରରେ ମୃତ୍ୟୁ ମୁଖରେ ପତିତ ହୁଅନ୍ତି ତେତେବେଳେ ଭାରତବାସୀମାନେ ଅସାଧାରଣ ଧୈର୍ଯ୍ୟ ପ୍ରକାଶ କରନ୍ତି । ବିଲାତରେ ଯେଉଁଠାରେ ଲୋକେ ଆମ୍ଭମାନଙ୍କ ଅପେକ୍ଷା ଧନୀ ଓ ସ୍ୱଚ୍ଛନ୍ଦରେ ବାସ କରନ୍ତି, ସେଠାରେ ଆମ୍ଭେମାନେ ଶୁଣୁ ଯେ ଶ୍ରମଜୀବୀମାନେ ସମୟ ୨ ରେ ଏକତ୍ରିତ ହୋଇ ବ୍ୟବସାୟୀଙ୍କର କାର୍ଯ୍ୟ ବନ୍ଦ କରନ୍ତି ଓ ସେମାନଙ୍କ ପ୍ରତି ଆକ୍ରମଣ କରନ୍ତି । କିନ୍ତୁ ଆମ୍ଭଦେଶରେ ଯେଉଁଠାରେ କୋଟି ୨ ଲୋକେ ଦରିଦ୍ରାବସ୍ଥାରେ ଅଛନ୍ତି, ସେମାନେ କଦାପ ଏପରି ଅନିଷ୍ଟ କରନ୍ତି ନାହିଁକି କାହାରି ପ୍ରତି ଅତ୍ୟାଗ୍ଭର କରିବାର ଚେଷ୍ଟା ମଧ୍ୟ କରନ୍ତି ନାହିଁ । ଭାରତବାସିଙ୍କର ଏହି ପ୍ରକୃତି କିୟତ୍ ପରିମାଣରେ ହିନ୍ଦୁ ଧର୍ମ ଶିକ୍ଷାର ଫଳ; ଓ କିୟତ୍ ପରିମାଣରେ ପୂର୍ବକାଳର ଅଶାନ୍ତି ଓ ଉପଦ୍ରବର ଫଳ ।

ଧୈର୍ଯ୍ୟ ଓ ସହିଷ୍ଣୁତାଦ୍ୱାରା ଏ ପ୍ରକାର ଉପକାର ହୁଏ । ମାତ୍ର ଦୈବ ପ୍ରତି ନିର୍ଭର ଅତିଶୟ କଲେ ଲୋକେ ଅଦୃଷ୍ଟବାଦୀ ହୋଇ ସବୁ କର୍ମରୁ ବିରତ ହୁଅନ୍ତି । ହିନ୍ଦୁଶାସ୍ତ୍ର ଅନୁସାରେ ମନୁଷ୍ୟ ଜୀବନକୁ ଦୈବ ଓ ପୁରୁଷକାର ଏ ଦୁହେଁ ପରିଗ୍ରହନ କରନ୍ତି; ଯେ ଦୈବପ୍ରତି ନିର୍ଭର କରି ପୁରୁଷକାରକୁ ଆଦୌ ସ୍ଥାନ ନ ଦିଏ ସେ ଅଳସୁଆ ଓ ଅନଭିଜ୍ଞ ।

Digitized by srujanika@gmail.com

କିନ୍ତୁ ଯେ ଆପଣାର କାର୍ଯ୍ୟକୁ ଦୃଢ଼ରୂପେ ମନ ଦେଇ କରେ ଅଦୃଷ୍ଟ ତାହାକୁ କୃତକାର୍ଯ୍ୟ କରି ଉତ୍ତମ ଫଳ ଦିଏ । ତାହା ନ ହୋଇ ଯେ ଆପଣାର କର୍ତ୍ତବ୍ୟକର୍ମରେ ତ୍ରୁଟି କରି ନିଶ୍ଚିନ୍ତ ହୋଇ ବସିଥିବ ଅଦୃଷ୍ଟ ତାହାକୁ କୌଣସି ଫଳ ଦେବ ନାହିଁ । ଇଷ୍ଟସିଦ୍ଧି, କାହାରି ଆୟତ୍ତ ନୁହେ କିନ୍ତୁ ଯେ କର୍ତ୍ତବ୍ୟକର୍ମ କରେ ତାହାର ଇଷ୍ଟସିଦ୍ଧି ହୋଇପାରେ ଓ ଯେ କର୍ତ୍ତବ୍ୟକର୍ମ ନ କରେ ତାହାର ଇଷ୍ଟସିଦ୍ଧି କଦାପି ହୋଇ ନ ପାରେ । ଆମ୍ଭେମାନେ ଯେବେ କର୍ତ୍ତବ୍ୟକର୍ମ ନ କରିବା ତେବେ ଆମ୍ଭମାନଙ୍କର କଦାପି ଇଷ୍ଟ ସିଦ୍ଧି ହେବ ନାହିଁ । ଅତଏବ ସାଧ୍ୟାନୁସାରେ ଆମ୍ଭମାନଙ୍କର କର୍ତ୍ତବ୍ୟକର୍ମ କରିବା ବିଧେୟ । କୁରୁକ୍ଷେତ୍ର ଯୁଦ୍ଧରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଅଛନ୍ତି:—

''ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍''
କ୍ଷଣେ ମାତ୍ର କୌଣସି ବ୍ୟକ୍ତି କର୍ମ ନ କରି ରହି ନ ପାରେ ।

'ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।
ଶରୀରଯାତ୍ରାଽପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ'' ।

ସର୍ବଦା କର୍ମ କର । ଆଳସ୍ୟ ଅପେକ୍ଷା କର୍ମ କରିବା ଶ୍ରେୟସ୍କର, କର୍ମ ନ କଲେ ତୁମ୍ଭର ଶରୀର ରକ୍ଷା ମଧ୍ୟ ହୋଇ ପାରିବ ନାହିଁ । ଏହି ଉପଦେଶ ହିନ୍ଦୁଧର୍ମର ଗୋଟିଏ ପ୍ରଧାନ ଉପଦେଶ ଅଟେ । ଏହାକୁ ସ୍ମରଣ ରଖି ଆମ୍ଭେମାନେ ଯେବେ ଏତଦନୁରୂପ କର୍ମ କରିବା ତେବେ ଆମ୍ଭମାନଙ୍କର ମଙ୍ଗଳ ସ୍ୱୟଂ ଆସି ଉପସ୍ଥିତ ହେବ ।

ପୁନଶ୍ଚ କଥିତ ଅଛି ଯେ, 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ', ନିଜର ଜନନୀ ଓ ଜନ୍ମଭୂମି ଓ ଦୁହେଁ ସ୍ୱର୍ଗଅପେକ୍ଷା ଗରିଷ୍ଠ ଅଟନ୍ତି । ଏହି ବାକ୍ୟର ସତ୍ୟତା ପ୍ରତ୍ୟେକ ସହୃଦୟ ବ୍ୟକ୍ତି ଅନୁଭବ କରନ୍ତି, ଏହା ପ୍ରମାଣ କରିବାର ଆବଶ୍ୟକ ନାହିଁ । କୌଣସି ବ୍ୟକ୍ତିର ଜନନୀ ଯେବେ ଦୁଃଖରେ ପତିତ ହୋଇଥାଏ, ତେବେ ତାହାକୁ ଉଦ୍ଧାର ନ କରିବା ପର୍ଯ୍ୟନ୍ତ ସେ ବି ଅନ୍ୟ କୌଣସି କାର୍ଯ୍ୟ କରିପାରେ ? ''କଦାପି ନୁହେଁ'' ବୋଲି ଆମ୍ଭେମାନେ ସମସ୍ତେ ଉତ୍ତର ଦେବା । ତଦ୍ରୂପ ଆମ୍ଭମାନଙ୍କର ମାତୃଭୂମି ଉତ୍କଳଦେଶ ନିଜର ଅଭାବ ମୋଚନାର୍ଥେ ଆମ୍ଭମାନଙ୍କ ସମୀପରେ ଉପସ୍ଥିତ ହୋଇଅଛି । ସଭ୍ୟବୃନ୍ଦ ତାହାଙ୍କର ଡ଼ାକ ନ ଶୁଣି ଆମ୍ଭେମାନେ କି ନିଶ୍ଚିନ୍ତ ହୋଇ ରହିପାରୁ ? ଯେ ପର୍ଯ୍ୟନ୍ତ ତାହାଙ୍କର ଅଭାବ ମୋଚନ ନ ହୋଇଅଛି, ସେ ପର୍ଯ୍ୟନ୍ତ ଆମ୍ଭେମାନେ କଦାପି ସ୍ଥିର ହୋଇ ରହି ନ ପାରୁଁ । ଆମ୍ଭମାନଙ୍କର ଦାୟିତ୍ୱ ମହାନ୍, ଏହି ପବିତ୍ର କର୍ମ ସିଦ୍ଧ ନୋହିବା ପର୍ଯ୍ୟନ୍ତ ଆମ୍ଭେମାନେ କି ସ୍ଥିର ହୋଇ ରହି ପାରିବା ? ଆମ୍ଭମାନଙ୍କର ଜନ୍ମଭୂମି ଉତ୍କଳଦେଶର ଅଭାବ ମୋଚନ ନ କରି କି ଆମ୍ଭେମାନେ ତାହାର ଯୋଗ୍ୟ ସନ୍ତାନ ବୋଲି ଆପଣାକୁ ଆପେ ମନ ମଧ୍ୟରେ ବୋଧ କରି ପାରିବା ?

Digitized by srujanika@gmail.com

ଆପଣମାନଙ୍କୁ ବିଦିତ ଅଛି ଯେ ଏହି ଉତ୍କଳଦେଶରେ ବହୁ ଶତବର୍ଷବ୍ୟାପୀ ଉତ୍ପୀଡ଼ନଦ୍ୱାରା ଲୋକମାନେ ହତସାହସ ଓ ହତୋଦ୍ୟମ ହୋଇଅଛନ୍ତି । ସେମାନଙ୍କର ପୂର୍ବପୁରୁଷମାନଙ୍କର ତେଜ ଓ ବଳ ବର୍ତ୍ତମାନ ଆମ୍ଭମାନଙ୍କଠାରେ ନାହିଁ । କିନ୍ତୁ ଆମ୍ଭେମାନେ ଇଦାନିଂ ଗ୍ରେଟବ୍ରିଟେନର ଶାସନାଧୀନ ହୋଇଅଛୁଁ । ପୁନରୁତ୍‌ଥାନର ସମୟ ଉପସ୍ଥିତ ହୋଇଅଛି । ସଭ୍ୟବୃନ୍ଦ । ଭୁବନେଶ୍ୱରର କୀର୍ତ୍ତି ରାଜିର ଭଗ୍ନାବଶେଷ ଆପଣମାନେ ସମସ୍ତେ ଦେଖିବା ହୋଇଥିବେ । କେଶରୀ ବଂଶୀୟ ନରପତି ଲଲାଟେନ୍ଦୁ କେଶରୀଙ୍କ ଗୌରବ ସେଠାରେ ଦେଦୀପ୍ୟମାନ ହୋଇ ରହିଅଛି । ମହାଦେବଙ୍କ ଉଦ୍ଦେଶ୍ୟରେ ସେଠାରେ କେତେ କେତେ ଦେବାଳୟ ନିର୍ମିତ ହୋଇ ନ ଥିଲା ? ସେମାନଙ୍କର ଗଠନସୌଷ୍ଠବ ଓ ଚିତ୍ରମାନ ଦେଖି କାହାର ହୃଦୟ ବିସ୍ମୟାଭିଭୂତ ନ ହେବ ? ସେହି କୀର୍ତ୍ତିସବୁ ଦେଖିଲେ ପ୍ରାଚୀନକାଳରେ ଉତ୍କଳଦେଶ କେଡ଼େ ସମୃଦ୍ଧିଶାଳୀ ହୋଇଥିଲା, ତାହା କେତେକ ପରିମାଣରେ ଉପଲବ୍ଧି ହୁଏ ।

ଖଣ୍ଡଗିରିର ପର୍ବତ ଦେହରେ ଯେଉଁସବୁ ଗୁମ୍ଫା ଖୋଳା ହୋଇଅଛି ଓ ଯହିଁରେ ପୂର୍ବକାଳରେ ବୌଦ୍ଧ ଯୋଗିମାନେ ବାସ କରି ଯୋଗାଭ୍ୟାସ କରୁଥିଲେ, ତାହା ଆପଣମାନେ ଦେଖିବା ହୋଇଥିବେ, ତତ୍ସଙ୍ଗେ କୋଣାର୍କର ଭଗ୍ନ ମନ୍ଦିରର ପ୍ରସ୍ତରଖଣ୍ଡ ଦେଖିବା ହୋଇଥିବେ, ତାହା ଦେଖି ମନରେ ବିସ୍ମୟ ଜାତ ହୁଏ ଓ ପ୍ରଶ୍ନ ଉପସ୍ଥିତ ହୁଏ ଯେ ଏହା ଦେବନିର୍ମିତ ଅଥବା ମନୁଷ୍ୟ ନିର୍ମିତ ଏପରି ? ଆପଣମାନେ ଶ୍ରୀକ୍ଷେତ୍ର ଓ ତତ୍ରସ୍ଥ ଶ୍ରୀ ଜଗନ୍ନାଥଙ୍କର ଓ ଅନ୍ୟାନ୍ୟ ଦେବାୟତନମାନଙ୍କୁ ଦେଖିବା ହୋଇଥିବେ । ସେଠାରେ ମନୁଷ୍ୟ ସମାଜରେ ପରସ୍ପର ବନ୍ଧୁତା ଓ ଅଭେଦ କିପରି ପ୍ରସ୍ଫୁଟ ଭାବରେ ଶ୍ରୀ ମହାପ୍ରସାଦଦ୍ୱାରା ପ୍ରଚରିତ ହୋଇଅଛି । ଭାରତବର୍ଷର ନାନା ସ୍ଥାନରୁ ସହସ୍ର ସହସ୍ର ଲୋକେ ରୋଗ ବ୍ୟାଧି ସହ୍ୟ କରି ଓ ପଥରେ ଅସହ୍ୟ ଯାତନା ଭୋଗ କରି ସେଠାରେ ଦେବଦର୍ଶନ ପାଇଁ ଏକତ୍ରିତ ହୁଅନ୍ତି । ଆମ୍ଭ ପୂର୍ବପୁରୁଷମାନଙ୍କର ସଭ୍ୟତା ଯେ କି ପରିମାଣରେ ବଢ଼ିଥିଲା, ତାହା ଜଣାପଡ଼େ । ଆମ୍ଭମାନଙ୍କ ପୂର୍ବପୁରୁଷଙ୍କର ତାଦୃଶ ସଭ୍ୟତାର ଉନ୍ନତି ମନରେ କରି ଆମ୍ଭମାନଙ୍କ ମନରେ ଅହଂକାର ହୁଏ ନାହିଁ କି ? ସହସ୍ର ବର୍ଷ ପୂର୍ବେ ସେମାନେ ଯେଉଁ କୀର୍ତ୍ତି ସ୍ଥାପନ କରିଥିଲେ, ତାହା ଅଦ୍ୟାବଧି ଅଛି, ସେମାନେ ଯେପରି କାର୍ଯ୍ୟ କରିଥିଲେ ଆମ୍ଭେମାନେ ସେହିପରି କରିବା ବୋଲି ଆମ୍ଭମାନଙ୍କର ଅଭିଳାଷ ହୁଏ ନାହିଁ କି ? ସେମାନଙ୍କ ଦେହରେ ଯେଉଁ ରକ୍ତ ସଞ୍ଚାଳନ କରୁଥିଲା, ଆମ୍ଭମାନଙ୍କ ଦେହରେ ସେ ରକ୍ତ ପ୍ରବାହିତ ହେଉଅଛି । ଆମ୍ଭମାନଙ୍କର ପୂଜ୍ୟ ପୂର୍ବପୁରୁଷମାନଙ୍କର ଦୃଷ୍ଟାନ୍ତ ଅନୁସାରେ ଆମ୍ଭେମାନେ ଯେବେ କାର୍ଯ୍ୟ କରିବା, ସମସ୍ତେ ମିଶି ଏକତ୍ର ହୋଇ ଉଦ୍ୟମ କରିବା, ତେବେ ସେମାନେ ଯେପରି ଉନ୍ନତ ହୋଇଥିଲେ ଆମ୍ଭେମାନେ ବି ସେହିପରି ଅଥବା ଅଧିକ ଉନ୍ନତ ନ ହେବା ? ଦେଖିବା ହେଉନ୍ତୁ ବର୍ତ୍ତମାନ କାଳ ଉନ୍ନତିର ସମ୍ପୂର୍ଣ୍ଣ ଅନୁକୂଳ ହୋଇଅଛି । ଲୌହପଥ ସର୍ବତ୍ର ଖୁଲି ହୋଇ ଅଛି ଓ ଆହୁରି ନୂତନ ନୂତନ ରେଲମାନ ବସୁଅଛି । ତାରମାନ ବିଜୁଳି ବେଗରେ ବାର୍ତ୍ତା ବହନ କରୁଅଛି, ପୃଥିବୀର ସର୍ବ ଦେଶର

Digitized by srujanika@gmail.com

ଲୋକେ ଏକତ୍ର ହୋଇ ବ୍ୟବସାୟ ବାଣିଜ୍ୟ କରୁଅଛନ୍ତି । ଏ ସମୟରେ ଯେବେ ଆମ୍ଭେମାନେ ଉଦାସୀନ ହୋଇ ରହିବା ତେବେ ଆଉ କାର୍ଯ୍ୟ କରିବା କେବେ ?

ଶିକ୍ଷା ସମ୍ବନ୍ଧରେ ଆମ୍ଭେ ବର୍ତ୍ତମାନ କିଛି କହିବୁଁ; ଶିକ୍ଷାଦ୍ୱାରା ଆମ୍ଭେମାନେ କଣ ବୁଝୁଅଛୁଁ ? ଅନେକ ଲୋକ ଅନେକ ପ୍ରକାର ଏହି ପ୍ରଶ୍ନର ଉତ୍ତର ଦେଇ ପାରନ୍ତି । କେହି କହିବେ ଯେ ଆମ୍ଭର ଯୁବକମାନଙ୍କୁ ସାହିତ୍ୟ, ଗଣିତ ଓ ଅପରାପର ବିଷୟମାନ ଶିକ୍ଷା ଦେବା, ଯେପରି କି ସେମାନେ ବଢ଼ିଲେ ସେମାନଙ୍କର ପ୍ରୟୋଜନକୁ ଆସିବ । ଆଉ କେହି କେହି କହିପାରନ୍ତି ଯେ ସେମାନଙ୍କୁ ଏପରି ପଢ଼ାଇବ ଯଦ୍ୱାରା ସେମାନେ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଗବର୍ଣ୍ଣମେଣ୍ଟ ଅଧୀନରେ ଅଥବା ଅନ୍ୟତ୍ର ବଡ଼ ୨ ଚାକରୀ କରିପାରିବେ । ଏ ସବୁ ଉତ୍ତମ, କିନ୍ତୁ ଶିକ୍ଷାର ପ୍ରଶସ୍ତ ଫଳ ଆହୁରି ଅଛି । ଶିକ୍ଷାଲାଭ କରି ମନୁଷ୍ୟ କେବଳ ନିଜର ବିଷୟ ଆଲୋଚନା କରି ପାରିଲେ ଅଥବା ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଗବର୍ଣ୍ଣମେଣ୍ଟରେ ଚାକିରି କଲେ ଯେ ତାହାର କର୍ତ୍ତବ୍ୟକର୍ମ୍ମ ସାଧିତ ହେଲା ତାହା ନୁହେଁ । ପିତା ମାତାଙ୍କ ପ୍ରତି ପୁତ୍ର କନ୍ୟାଙ୍କ ପ୍ରତି, ସ୍ତ୍ରୀପ୍ରତି, ପ୍ରତିବାସୀଙ୍କ ପ୍ରତି, ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ ପ୍ରତି, ସମାଜ ପ୍ରତି ତାହାଙ୍କର ଯାହା କର୍ତ୍ତବ୍ୟ ତାହା ତାହାଙ୍କୁ କରିବାକୁ ହେବ । ଶିକ୍ଷା ଦ୍ୱାରା ମନୁଷ୍ୟର ଗୁଣମାନେ ବିକଶିତ ହୁଅନ୍ତି । ଶିକ୍ଷା ଅଗ୍ରେ ବୁଦ୍ଧିକୁ ସତେଜ କରେ, ଉପରେ ସବୁ ବିଷୟରେ ଅନୁସନ୍ଧାନ କରିବାରି ଇଚ୍ଛାକୁ ଜାତ କରେ, ଆଚରଣକୁ ଗଠନ କରେ ଅର୍ଥାତ୍ ଶିକ୍ଷିତ ବ୍ୟକ୍ତି ଆପଣାର ସଦ୍‌ବୁଦ୍ଧି ଦ୍ୱାରା ଯେଉଁ ସୁପଥରେ କାର୍ଯ୍ୟ କରିବାର ସ୍ଥିର କରେ ସେହି ପଥରେ ଯାବଜ୍ଜୀବନ କାର୍ଯ୍ୟ କରେ । ମନୁଷ୍ୟପଣ ଯାହାକୁ କହନ୍ତି ଶିକ୍ଷା ତାହା କରାଏ । କି ବଡ଼ କି ସାନ ସମସ୍ତେ ଶିକ୍ଷାଦ୍ୱାରା ଉପକୃତ ହୁଅନ୍ତି । ଅଧିକ କହିବା ନିଷ୍ପ୍ରୟୋଜନ; ଏହି ମାତ୍ର କହୁଅଛି ଯେ ଶି .। ଆପଣାର ଜାତୀୟ ଏକତାକୁ ସ୍ଥାପନ କରେ ଓ ଉନ୍ନତିର ଇଚ୍ଛା ଜାତ କରେ । ସମାଜସ୍ଥିତ ଲୋକଙ୍କଠାରେ ସହାନୁଭୂତି ଜାତ କରାଏ । ସାଧାରଣର ଉପକାର କାର୍ଯ୍ୟରେ ପ୍ରବୃତ୍ତି ଜନ୍ମାଏ । ଅନେକ ଶିକ୍ଷିତ ଲୋକେ ଏପରି ମିଳି ଯେଉଁ କାର୍ଯ୍ୟ କରନ୍ତି ସେ କାର୍ଯ୍ୟର ମୂଳ ଦୃଢ଼ ହୁଏ ଓ ପରିଶେଷରେ ସେ କାର୍ଯ୍ୟ ସଫଳ ହୁଏ । ଆମ୍ଭେମାନେ ଯେଉଁ ଇଂରାଜୀ ଶିକ୍ଷା ଲାଭ କରିଅଛୁ ତଦ୍ୱାରା ଉକ୍ତ ପ୍ରକାର ଫଳ ହେଉଅଛି । ଅତଏବ ଯେଉଁ ଯୁବକମାନେ ଉଚ୍ଚଶିକ୍ଷା କରୁଅଛନ୍ତି ଅଥବା କରିବାର ଅଭିଳାଷୀ ଅଛନ୍ତି ସେମାନଙ୍କୁ ଯଥାଯୋଗ୍ୟ ସାହାଯ୍ୟ ଦେବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

ବର୍ତ୍ତମାନ ଶିକ୍ଷା ପ୍ରଣାଳୀରେ କେତେକ ଦୋଷ ଥିଲେ ହେଁ ସେ ଶିକ୍ଷା ଆମ୍ଭମାନଙ୍କ ସମାଜରେ ଅନେକ ପରିବର୍ତ୍ତନ ଘଟାଇଅଛି ଓ ଅନେକ ନୂତନ ପ୍ରକାର କର୍ତ୍ତବ୍ୟ କର୍ମ୍ମ ଅଛି ବୋଲି, ଆମ୍ଭମାନଙ୍କର ଚକ୍ଷୁ ଉନ୍ମୀଳନ କରିଅଛି । ଇଂରାଜୀ ଶିକ୍ଷା ଦ୍ୱାରା ଆମ୍ଭମାନଙ୍କ ମଧ୍ୟରେ ପାଶ୍ଚାତ୍ୟ ସଭ୍ୟତା ଓ ବିଦ୍ୟା ପ୍ରବେଶ କରିଅଛି । ଏମନ୍ତ କି ଭାଷା, ପୋଷାକ ଓ ଆମ୍ଭର ବ୍ୟବହାର କେତେକ ପରିମାଣରେ ସୁଦ୍ଧା ପରିବର୍ତ୍ତିତ ହୋଇଅଛି । ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ଆମ୍ଭମାନଙ୍କର ଏହି ଭାରତ ଭୂମିରେ କେତେ କେତେ ରାଜ-

Digitized by srujanika@gmail.com

ନୀତିଜ୍ଞ ସୁବକ୍ତା, ଗ୍ରନ୍ଥକର୍ତ୍ତା, ଧର୍ମ୍ମ ଏବଂ ସମାଜ ସଂସ୍କାରକ ଜାତ ହୋଇଅଛନ୍ତି ? ତାହାଙ୍କର ଗୁଣ ଓ ପ୍ରଗଲ୍ଭତା ଦେଖି ଆମ୍ଭମାନଙ୍କ ହୃଦୟରେ ଅହଂକାର ଜାତ ହେଉଅଛି ଯେ ଆମ୍ଭ ଦେଶରେ ଏପରି କ୍ଷମତାଶାଳୀ ଲୋକେ ଜନ୍ମଗ୍ରହଣ କଲେ, ଆମ୍ଭର ଦେଶ ତନ୍ନିମିତ୍ତ ଧନ୍ୟ । ଇଂରଜି ଶିକ୍ଷା ଗୁଣରୁ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଓ ଅନ୍ୟ କେତେ କେତେ ବିଜ୍ଞ ଓ ମହାନ୍ ବ୍ୟକ୍ତିମାନେ କର୍ମ୍ମ କରୁଅଛନ୍ତି । ଅଳ୍ପ ଦିନ ହେଲା ଭରତବର୍ଷରୁ ଚାରିଜଣ ଲୋକ ଜାପାନକୁ ଯାଇ ସେଠାରୁ ଶିକ୍ଷା କରି ଫେରି ଆସିଅଛନ୍ତି । ଜଣେ ଭୂତତ୍ତ୍ୱରେ, ଜଣେ ସାବିନ ପ୍ରସ୍ତୁତ କରିବାରେ, ଆଉ ଜଣେ ଦିଆସିଲାଇ କାରଖାନାରେ ଓ ଆଉ ଜଣେ ଆଉ ବିଷୟରେ ଯୋଗ୍ୟତା ଲାଭ କରିଅଛନ୍ତି । କି ରାଜନୀତି, କି ସମାଜର ଉନ୍ନତି, କି ଧର୍ମ୍ମନୀତି ଯାହାସବୁ ଆଜି କାଲି ଉନ୍ନତ ହେଉଅଛି ସେ ସବୁ ଇଂରଜି ଶିକ୍ଷା ପ୍ରଭାବରୁ ହେଉଅଛି । ଏହି ସଭା ଯେ ଅଦ୍ୟ ସ୍ଥାପନ ହୋଇଅଛି ଓ ଯହିଁରେ ଆମ୍ଭେମାନେ ଇଷ୍ଟସିଦ୍ଧି ନିମିତ୍ତ ସମବେତ ହୋଇଅଛୁଁ ସେ ମଧ୍ୟ ଇଂରଜି ଶିକ୍ଷା ପ୍ରଭାବରୁ ହୋଇଅଛି ଓ ଏହାର ସ୍ଥାୟିତ୍ୱ ମଧ୍ୟ ସେହି ଶିକ୍ଷା ଉପରେ ନିର୍ଭର କରେ ।

ଏତଦ୍‌ବ୍ୟତିରେକେ ଆହୁରି ଅନେକ ବିଷୟ ଅଛି ଯଦ୍ୱାରା ଉଚ୍ଚଶିକ୍ଷା ପ୍ରଭାବରୁ ଆମ୍ଭେମାନେ ବିଶେଷ ଉପକାର ପ୍ରାପ୍ତ ହୋଇଅଛୁଁ । ଯାହା ପ୍ରଭାବରୁ ଆମ୍ଭେମାନେ ଏତେ ଉପକାର ଲଭିଅଛୁଁ ସେହି ବିଦ୍ୟା ଶିକ୍ଷାନିମିତ୍ତ ଆମ୍ଭମାନଙ୍କର କାୟମନୋବାକ୍ୟରେ ଯତ୍ନ କରିବା ଶ୍ରେୟସ୍କର । ଆମ୍ଭମାନଙ୍କ ନିମିତ୍ତ ଗବର୍ଣ୍ଣମେଣ୍ଟ ଏହି କାର୍ଯ୍ୟ କରୁଅଛନ୍ତି ବୋଲି କେହି କହିପାରନ୍ତି । ଗବର୍ଣ୍ଣମେଣ୍ଟ ସ୍କୁଲ କଲେଜ ସ୍ଥାପନ କରିଅଛନ୍ତି ସେଠାରେ ଆମ୍ଭମାନଙ୍କର ଯୁବକମାନେ ଅଧ୍ୟୟନ କରୁଅଛନ୍ତି ଆଉ ଆମ୍ଭେ ଅଧିକ କି କରିବା ? ଏହାର ଉତ୍ତରରେ ମୁଁ କହୁଅଛି ଯେ ଆମ୍ଭେମାନେ ନିଜେ ନିଜେ ଯେବେ ତହିଁରେ ଯୋଗ ଦେବା ତେବେ ଗବର୍ଣ୍ଣମେଣ୍ଟଙ୍କର ଉଦ୍ୟମମାନ ବିଶେଷ ସଫଳ ହେବ । ଗବର୍ଣ୍ଣମେଣ୍ଟ ବହୁ ସଂଖ୍ୟକ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି ସତ୍ୟ, କିନ୍ତୁ ଆହୁରି ଅନେକ ସ୍ଥାପିତ ହେବାର ଆବଶ୍ୟକତା ନାହିଁ କି ? ଆମ୍ଭ ଦେଶର ଧନୀ ଓ ବୁଦ୍ଧିମାନ ଲୋକେ ଏକତ୍ର ହେଲେ ଆମ୍ଭ ଦେଶର ଦରିଦ୍ର ଲୋକେ ସୁଦ୍ଧା ଶିକ୍ଷିତ ହୋଇ ପାରିବେ, ଓ ଗ୍ରାମ୍ୟ ପାଠଶାଳାମାନ ଅଧିକ ଉନ୍ନତ ହୋଇପାରିବ ।

ସ୍ତ୍ରୀ ଶିକ୍ଷା ଆଉ ଗୋଟିଏ ବକ୍ତବ୍ୟ ବିଷୟ । ଯଦି ଆମ୍ଭମାନଙ୍କର ଜନନୀମାନେ, ସ୍ତ୍ରୀମାନେ, ଦୁହିତାମାନେ ସୁଶିକ୍ଷିତା ହୁଅନ୍ତି ତେବେ ଆମ୍ଭମାନଙ୍କ ସାଂସାରିକ କାର୍ଯ୍ୟ ବହୁ ପରିମାଣରେ ଲଘୁ ହୋଇପାରିବ । ଜନନୀର ଶିକ୍ଷାଦ୍ୱାରା ସନ୍ତାନର ବହୁ ଉପକାର ହୁଏ, ସହଜରେ ସେ ଅନେକ ବିଷୟ ଶିକ୍ଷା କରିପାରେ ଓ ତାହାର କୋମଳ ହୃଦୟରେ ସେ ଯେଉଁ ଉପଦେଶ ପାଏ ତାହା ଦୃଢ଼ରୂପେ ମନ ମଧ୍ୟରେ ଅଙ୍କିତ ହୋଇ ରହେ । ବର୍ତ୍ତମାନ ପୁରୁଷରେ ସୁଶିକ୍ଷିତା ଜନନୀମାନେ ଯେବେ ନିଜ ନିଜ ସନ୍ତାନମାନଙ୍କୁ ବିଧିପୂର୍ବକ ଶିକ୍ଷାପ୍ରଦାନ କରନ୍ତି ତେବେ ଭବିଷ୍ୟତ୍ ପୁରୁଷରେ ତାହାର ଫଳ ଫଳିବ ଓ ସନ୍ତାନ-

Digitized by srujanika@gmail.com

ମାନେ ବିଶେଷ ଉପଯୁକ୍ତ ହେବେ । ଆମ୍ଭମାନଙ୍କ ଦେଶରେ ଶିକ୍ଷାର ପ୍ରଚାର ନିମିତ୍ତ ଯଦି ନିୟମାବଳୀ କରାଯାଏ ତେବେ ତନ୍ମଧ୍ୟରେ ସ୍ତ୍ରୀଶିକ୍ଷା ଅତି ଉଚ୍ଚସ୍ଥାନ ଅଧିକାର କରିବ । ଉତ୍କଳ ଦେଶରେ ସ୍ତ୍ରୀଶିକ୍ଷା ଅଗ୍ରସର ହୋଇ ନାହିଁ । ଅତଏବ ଯହିଁରେ ତାହାର ଉନ୍ନତି ହୁଏ ତାହା ଆମ୍ଭେମାନେ ସମସ୍ତେ ଏକତ୍ର ହୋଇ ସମ୍ପନ୍ନ କରିବା ନାହିଁ କି ?

ପରନ୍ତୁ ବର୍ତ୍ତମାନ ପ୍ରତିଯୋଗିତାର ସମୟ । ଯେ ପାରିଲା, ଯାହାର ଗୁଣ ଅଧିକ ସେ ବଡ଼ ହେଲା, ଏଣୁ କରି ବିଦ୍ୟାର୍ଥିମାନଙ୍କୁ ଦେଶାନ୍ତରକୁ ପ୍ରେରଣ କରିବା କର୍ତ୍ତବ୍ୟ ସେମାନେ ବିଦେଶକୁ ଯାଇ ଯେଉଁଠାରେ ଶିଳ୍ପ ଓ ଶ୍ରମଜୀବିକା ବିଶେଷ ରୂପେ ଚର୍ଚ୍ଚିତ ହୁଏ ସେଠାରେ ଶିକ୍ଷାଲାଭ କରି ଆତ୍ମଦେଶକୁ ପ୍ରତ୍ୟାଗମନ କରିବେ । ଭାରତବର୍ଷର ଅପର ପ୍ରଦେଶରୁ ଅନେକ ଯୁବକମାନେ ଦେଶାନ୍ତର ଗମନ କରି ସେଠାରେ ଯୋଗ୍ୟତା ଲାଭ କରୁଅଛନ୍ତି ଓ ଅନେକ ଯୋଗ୍ୟତା ଲାଭ କରି ଏଠାକୁ ପ୍ରତିଗମନ କରିଅଛନ୍ତି । କିନ୍ତୁ ଉତ୍କଳ ପ୍ରଦେଶରୁ ତଦ୍ରୂପ ଯାଇଥିବାର କି ଯାଉଥିବାର ଜଣା ଯାଉ ନାହିଁ ଅତଏବ ଆମ୍ଭମାନଙ୍କର ଏ ଦେଶରୁ ବିଦ୍ୟାର୍ଥୀ ପ୍ରେରଣ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ନୁହେ କି ? ଏହିପରି ଅନ୍ୟାନ୍ୟ ଅଭାବମାନ ଅଛି ଯେଉଁ ସମ୍ବନ୍ଧରେ ଆମ୍ଭେମାନେ ମନଯୋଗୀ ହେଲେ ଦେଶର ଶିକ୍ଷୋନ୍ନତି ବିଶେଷରୂପେ ହୋଇ ପାରିବ ।

ରାଜା ଓ ଜମିଦାରମାନଙ୍କର ଶିକ୍ଷା ଭାରତବର୍ଷରେ ଆଉ ଗୋଟିଏ ଗୁରୁତର ବିଷୟ । ସ୍ୱଭାବତଃ ସେମାନେ ସମାଜର ନେତା ଅଟନ୍ତି, ସେମାନଙ୍କ ସ୍କନ୍ଧରେ ବିଶେଷ ଦାୟିତ୍ୱ ଅଛି, ସେମାନେ ଇଚ୍ଛା କଲେ ଅନେକ ଲୋକଙ୍କର ଉପକାର କରିପାରନ୍ତି ଓ ଅପକାର ମଧ୍ୟ କରି ପାରନ୍ତି । ଅତଏବ ସେମାନଙ୍କୁ ଏପରି ଶିକ୍ଷା ଦେବା ବିଧେୟ ଯହିଁରେ ସେମାନେ ନିଜ ନିଜ ରାଜ୍ୟର ଓ ନିଜ ନିଜ ପ୍ରଜାବର୍ଗର ମଙ୍ଗଳ ସାଧନ କରି ପାରିବେ ଓ ଆପଣା ଉପରେ ଯେଉଁ ସବୁ ବିଷୟର ଦାୟିତ୍ୱ ଅଛି ତାହା ଉତ୍ତମରୂପେ ସମାଧାନ କରି ପାରିବେ । ଏହି ବିଷୟରେ ମୋର ନିଜର କେତେକ ଅନୁଭବ ଅଛି । ମୋର ଅଭିମତ ଏହି ଯେ ଭାରତବର୍ଷର ଅନ୍ୟସ୍ଥାନମାନଙ୍କରେ ଯେପରି ଅଛି ସେହିପରି ଉତ୍କଳ ଦେଶରେ ରାଜା ଓ ଜମିଦାରଙ୍କ ସନ୍ତାନମାନେ ସୁଶିକ୍ଷିତ ହେବା ନିମିତ୍ତ ଗୋଟିଏ ସ୍ୱତନ୍ତ୍ର ଶିକ୍ଷାଗାର ସ୍ଥାପିତ ହେବା ଉଚିତ । କେହି କେହି ଏପରି କହନ୍ତି ଯେ ରାଜକୁମାର ଓ ଜମିଦାରମାନଙ୍କ ସନ୍ତାନଙ୍କ ନିମିତ୍ତ ସ୍ୱତନ୍ତ୍ର ଶିକ୍ଷାଗାର ହେଲେ ସେମାନଙ୍କର ସାଧାରଣ ପିଲାଙ୍କ ସହିତ ସାଧାରଣ ପିଲାଙ୍କ ସହିତ ସଂସ୍ରବ ରହିବ ନାହିଁ ଓ ସେମାନେ ନିଜ ନିଜ ବଡ଼ପଣ ନିମିତ୍ତ ଅହଂକାରୀ ହେବେ, ଓ ଦରିଦ୍ରମାନଙ୍କର ଅବସ୍ଥା ଅବଗତ ହୋଇ ପାରିବେ ନାହିଁ । ମୋ ମତରେ ଶିକ୍ଷକମାନେ ସତର୍କ ହେଲେ ସେପରି ଦୋଷ ଘଟିବାର ସମ୍ଭାବନା ନାହିଁ । ଯେପରି ଡ଼ାକ୍ତରି ବାରିକମିସ୍ତିରି ପ୍ରଭୃତି ବିଶେଷ ଶିକ୍ଷା ନିମିତ୍ତ ବିଶେଷ ବିଦ୍ୟାଳୟମାନ ସ୍ଥାପିତ ହୋଇଅଛି ସେହିପରି ରାଜା ଓ ଜମିଦାରଙ୍କ ପୁତ୍ରମାନଙ୍କର ବିଶେଷ ଯୋଗ୍ୟତା ଓ ଉଚ୍ଚ ଶିକ୍ଷାର ଆବଶ୍ୟକତା ଥିବାରୁ ସେମାନଙ୍କର ସ୍ୱତନ୍ତ୍ର ଶିକ୍ଷା ମନ୍ଦିର ହେବାର

Digitized by srujanika@gmail.com

ପ୍ରୟୋଜନୀୟ । ଏପରି ହେଲେ ପ୍ରଥମ ଆରମ୍ଭରୁ ସେମାନଙ୍କର ଯେପରି ସ୍ୱତନ୍ତ୍ର ଶିକ୍ଷାର ଆବଶ୍ୟକ ସେହି ଅନୁସାରେ ଶିକ୍ଷା ଦିଆଯିବା ଯେଉଁ ସବୁ ସ୍କୁଲ ଓ କଲେଜ ଆମ୍ଭମାନଙ୍କ ଦେଶରେ ସ୍ଥାପିତ ହୋଇଅଛି ସେ ସର୍ବସାଧାରଣଙ୍କ ସନ୍ତାନମାନଙ୍କ ନିମିତ୍ତ । ସେମାନେ ସାଧାରଣ ରୂପେ ସେଠାରେ ଶିକ୍ଷାଲାଭ କରିପାରିବେ । କୌଣସି ବିଶେଷ ଶ୍ରେଣୀର ଲୋକଙ୍କୁ ବିଶେଷ ଶିକ୍ଷା ଦେବାନିମିତ୍ତ ସେମାନେ ସ୍ଥାପିତ ହୋଇ ନାହାନ୍ତି । ଅତଏବ ମୋ ମତରେ ରଜା ଓ ଜମିଦାରମାନଙ୍କର ସନ୍ତାନମାନେ ଯାହାଙ୍କର କେତେକ ବିଷୟରେ ବିଶେଷ ଯୋଗ୍ୟତାର ଆବଶ୍ୟକ ସେମାନେ କିପରି ସାଧାରଣଜନଙ୍କ ନିମିତ୍ତ ସ୍ଥାପିତ ବିଦ୍ୟାଳୟରେ ଅଧ୍ୟୟନ କରି କୃତକାର୍ଯ୍ୟ ହେବେ ? କିଛି ନ ପଢ଼ିବା ଅପେକ୍ଷା ସାଧାରଣ ବିଦ୍ୟାଳୟରେ ପଢ଼ିବା ଶ୍ରେୟସ୍କର । କିନ୍ତୁ ଯେଉଁ ରଜା ଜମିଦାରଙ୍କ ସନ୍ତାନମାନେ ସେମାନଙ୍କ ପ୍ରୟୋଜନାନୁରୂପ ବିଶେଷ ବିଦ୍ୟାଳୟରେ ଅଧ୍ୟୟନ କରିଥିବେ ସେମାନଙ୍କ ଅପେକ୍ଷା ସାଧାରଣ ବିଦ୍ୟାଳୟର ଛାତ୍ରମାନେ କଦାପି ଭଲ ହେବେ ନାହିଁ । ଅଧିକନ୍ତୁ, ରାଜକୁମାର ଓ ବଡ଼ ବଡ଼ ଜମିଦାରମାନଙ୍କ ସନ୍ତାନମାନେ ଏକତ୍ର ଅଧ୍ୟୟନ କଲେ ସେମାନଙ୍କ ମଧ୍ୟରେ ଅନ୍ୟୋନ୍ୟରେ ମିତ୍ରତା ସ୍ଥାପିତ ହେବ । ବଡ଼ ହେଲେ ସେମାନେ ଏକତ୍ର ହୋଇ ଦେଶର ଉପକାରୀ ବୃହତ୍ କାର୍ଯ୍ୟର ଅନୁଷ୍ଠାନ କରିପାରିବେ, ଆହୁରି ମନେ କରିବା ହେଉଛି ଯେ ବାଲ୍ୟକାଳରୁ ସେମାନେ ଯେବେ ଏକତ୍ର ବଢ଼ିବେ ଓ ପଢ଼ିବେ ତେବେ ସେମାନଙ୍କ ମଧ୍ୟରେ ସଦ୍ଭାବ ଓ ଏକତା ହେବାର ଖୁବ ସମ୍ଭବ ! ସେପରି ସଦ୍ଭବ କି ଏକତା ଅନ୍ୟ କୌଣସି ପ୍ରକାରେ ଘଟିବାର ଜଣା ପଡ଼ୁ ନାହିଁ । ମୁଁ ଆଶା କରେଁ ଯେ ଏହି ଉତ୍କଳ ଦେଶରେ ଭବିଷ୍ୟତରେ ରଜା ଓ ଜମିଦାରମାନଙ୍କ ପୁତ୍ରଙ୍କ ନିମିତ୍ତ ଗୋଟିଏ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ଥାପିତ ହେବ ।

ଏପର୍ଯ୍ୟନ୍ତ ମୁଁ ବର୍ତ୍ତମାନ ଶକ୍ଷାର ଉପକାରିତାର ବିଷୟ କହୁଥିଲି, ଏବେ ସେ ଶିକ୍ଷାରେ ଯେଉଁ ଅଭାବ ଅଛି ତାହା କହିବି । ବୁଦ୍ଧିକୁ ସତେଜ ଓ ତୀକ୍ଷ୍ଣ କରିବା ଶିକ୍ଷାର ଗୋଟିଏ ମୁଖ୍ୟ ଉଦ୍ଦେଶ୍ୟ । ବର୍ତ୍ତମାନ ଶିକ୍ଷା ତାହା ସମ୍ପନ୍ନ କରୁଅଛି । କିନ୍ତୁ ଧର୍ମ୍ମ ଓ ନୀତି-ଶିକ୍ଷା ପ୍ରଦାନରେ ବର୍ତ୍ତମାନର ଶିକ୍ଷା ସମ୍ପୂର୍ଣ୍ଣ ସମର୍ଥ ନୁହେଁ । ଆମ୍ଭମାନଙ୍କର ଛାତ୍ରମାନେ ବର୍ତ୍ତମାନ ଯେଉଁ ଶିକ୍ଷାଲାଭ କରୁଅଛନ୍ତି ତାହା କେବଳ ବିଦ୍ୟାଗୃହ ଉପାର୍ଜ୍ଜନ । ସେଠାରୁ ଆସିଲେ ସେମାନଙ୍କ ପ୍ରତି କୌଣସି ଆକଟ ଥାଏ ନାହିଁ । ସେମାନଙ୍କ ଚରିତ୍ର ଗଠନ ସମ୍ବନ୍ଧରେ ବିଶେଷ ଯତ୍ନ ନାହିଁ । ବର୍ତ୍ତମାନ ଶିକ୍ଷା ପ୍ରଣାଳୀରେ ଏଇଟି ପ୍ରଧାନ ଦୋଷ । ଇଂଲଣ୍ଡ ଓ ଅନ୍ୟାନ୍ୟ ସଭ୍ୟ ଦେଶରେ ଯେଉଁ ଶିକ୍ଷା ଦିଆଯାଏ ତାହା କେବଳ ଯେ ବିଦ୍ୟା ପଢ଼ିବା ସମୟରେ ଦିଆଯାଏ, ତାହା ନୁହେଁ । ଦିବା ରାତ୍ର ସବୁ ସମୟରେ ଓ ସବୁ ସ୍ଥାନରେ ଯାହା ଯାହା କରିବେ ସେ ସବୁ ବିଷୟରେ ଛାତ୍ରମାନଙ୍କ ଉପରେ ଶାସନ ଥାଏ । ଯେଉଁ ସବୁ ବିଷୟର ଶିକ୍ଷା ଦିଆଯାଏ ତନ୍ମଧ୍ୟରେ ଧର୍ମ୍ମ ଓ ନୀତି ଦୁହେଁ ଅବଶ୍ୟ ଥାନ୍ତି । ଏହି ଉପାୟଦ୍ୱାରା ଛାତ୍ରମାନଙ୍କର ଆଚରଣ ଗଠିତ ହୁଏ । ଏହି କାରଣରୁ ତଦ୍ଦେଶବାସୀ ଯେଉଁମାନେ ଶିକ୍ଷିତ ହୋଇଥାନ୍ତି ସେମାନଙ୍କର ଚରିତ୍ର ପରିମାର୍ଜ୍ଜିତ ଓ ସ୍ୱାଧୀନ ହୋଇ-

Digitized by srujanika@gmail.com

ଥାଏ । ସେମାନେ ନିଜେ ନିଜେ ସବୁ କାର୍ଯ୍ୟ କରିବାକୁ ସମର୍ଥ ହୁଅନ୍ତି, ପର ଉପରେ ନିର୍ଭର କରନ୍ତି ନାହିଁ ।

ପୂର୍ବ କାଳରେ ଭରତବର୍ଷରେ ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟମାନଙ୍କର ସନ୍ତାନମାନେ ଉପନୟନ ହେଲା ପରେ ଗୁରୁଙ୍କ ଗୃହକୁ ପ୍ରେରିତ ହେଉଥିଲେ । ନଜ ଗୃହ ଛାଡ଼ି ଛାତ୍ରମାନେ ସେଠାରେ ଅନ୍ୟୂନ ୧୨ ବଷ, କେହି କେହି ୨୪ ବର୍ଷ ଅଥବା ୩୬ ବର୍ଷ ରହି ସର୍ବଦା ଗୁରୁଙ୍କର ଆଜ୍ଞାକାରୀ ହେଉଥିଲେ । ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଗୁରୁଙ୍କ ଗୃହରେ ଥାଇ ଅରଣ୍ୟକୁ କାଷ୍ଠ ଆଣିବା ନିମିତ୍ତ ଆଉ ଗୋଟିଏ ଶିଷ୍ୟ ସହ ଗମନ କରିଥିଲେ, ବର୍ତ୍ତମାନ ଗୋଟିଏ ବଡ଼ଲୋକର ସନ୍ତାନ କାଷ୍ଠ କାଟିବା ତେଣିକି ଥାଉ ହସ୍ତରେ କୁରାଢ଼ୀ ଧରିବାକୁ ଲଜ୍ଜିତ ହେବେ । ଗୁରୁଙ୍କ ଗୃହରେ ଯେତେକାଳ ରହୁଥିଲେ ତାହାହିଁ ବ୍ରହ୍ମଚର୍ଯ୍ୟ ସମୟ । ଶିଷ୍ୟମାନେ ଏହି ସମୟରେ କଠିନ ଶାସନର ଅଧୀନରେ ରହୁଥିଲେ । ଏହି ସମୟରେ ଶିଷ୍ୟମାନେ କି କି କାର୍ଯ୍ୟ କରିବେ ଓ କି ପ୍ରକାରେ ଜୀବନଯାତ୍ରା ନିର୍ବାହ କରିବେ ତାହା ସମୁଦାୟ ମନୁଙ୍କ କୃତ ଧର୍ମଶାସ୍ତ୍ରରେ ବିବୃତ ହୋଇ ଲେଖାଅଛି । ଗୁରୁ କୁଳରେ ଯେଉଁ ଶିକ୍ଷାଲାଭ କରନ୍ତି ତାହାର ପ୍ରଧାନ ଉଦ୍ଦେଶ୍ୟ ଯେ ଶିଷ୍ୟମାନେ ଆତ୍ମଜୟ କରିବେ ।

"ଇନ୍ଦ୍ରିୟାଣାଂ ପ୍ରସଙ୍ଗେନ ଦୋଷମୃଚ୍ଛତ୍ୟସଂଶୟମ୍ ।
ସଂନିୟମ୍ୟ ତୁ ତାନେବ ତତଃସିଦ୍ଧିଂ ନିୟଚ୍ଛତି"

ଅର୍ଥ । ଯେଉଁବ୍ୟକ୍ତି ଇନ୍ଦ୍ରିୟମାନଙ୍କ ହେତୁରୁ ଅପଥରେ ଗମନ କରେ ସେ ଅବଶ୍ୟ ପାପକର୍ମ କରିବ । ଇନ୍ଦ୍ରିୟମାନଙ୍କୁ ଦମନ କଲେ ଅବଶ୍ୟ ତାହାର ଇଷ୍ଟସିଦ୍ଧି ହେବ ।

ପ୍ରାଚୀନ ଧର୍ମଶାସ୍ତ୍ରରୁ ଆମ୍ଭେମାନେ ଦେଖୁଅଛୁଁ ଯେ ଧର୍ମ-ନୀତିର ଶକ୍ଷା ଆତ୍ମଜୟର ଅନ୍ତର୍ଭୁତ । ମୋ ବିଗ୍ଚରରେ ସେ କଥା ସତ୍ୟ । ଆତ୍ମଦମନ ସବୁ ଧର୍ମନୀତି ଶିକ୍ଷାର ମୂଳ ଅଟେ । ବ୍ରହ୍ମଚର୍ଯ୍ୟ ପ୍ରଥା ଯେତେକାଳ ପର୍ଯ୍ୟନ୍ତ ଭରତବର୍ଷରେ ପ୍ରଚଳିତ ଥିଲା, ତହିଁରେ ସଭ୍ୟତା କେତେ କାଳ ପର୍ଯ୍ୟନ୍ତ ବିରାଜୁଥିଲା, ଯେଉଁ କାଳରୁ ବ୍ରହ୍ମଚର୍ଯ୍ୟ କ୍ରମରେ ରହିତ ହେଲା ସେହି ସମୟରୁ ଭରତୀୟମାନେ କ୍ରମଶଃ ପୈତୃକଗୁଣ ତ୍ୟାଗ କରି ଅପଗତି ଲଭିଲେ ।

ପ୍ରାଚୀନ ବ୍ରହ୍ମଚର୍ଯ୍ୟ ଯେପରି ଥିଲା ଅବିକଳ ସେହିପରି ବ୍ୟବହାରକୁ ପୁନରୁଥାପନ କରିବା ବର୍ତ୍ତମାନ ସମୟରେ ଅସମ୍ଭବ କିନ୍ତୁ ଧର୍ମନୀତି ଶିକ୍ଷା ଦେବାପାଇଁ ଆମ୍ଭେମାନେ ଯେତେ ପ୍ରକାର ନିୟମାବଳୀ ପ୍ରସ୍ତୁତ କରୁଁ ଫଳରେ ଓ ତାତ୍ପର୍ଯ୍ୟରେ ସେହି ବ୍ରହ୍ମଚର୍ଯ୍ୟର ବ୍ୟବହାରମାନଙ୍କୁ ଆଶ୍ରୟ କରିବାକୁ ହେବ । ଭରତବର୍ଷରେ ସର୍ବତ୍ର ଅଧୁନା ଧର୍ମନୀତି ଶିକ୍ଷା ଦେବା ନିମିତ୍ତ ଉଦ୍‌ଯୋଗ ହେଉଅଛି । ହରଦ୍ୱାରଠାରେ ଗୋଟିଏ ଗୁରୁକୁଳ ସ୍ଥାପିତ ହୋଇଅଛି । ସେଠାରେ ଶିଷ୍ୟମାନେ ପୂର୍ବ ଆର୍ଯ୍ୟ ପ୍ରଥା ଅନୁସାରେ ଶିକ୍ଷିତ ହେଉଅଛନ୍ତି ।

Digitized by srujanika@gmail.com

ବନାରସଠାରେ ଗୋଟିଏ ହିନ୍ଦୁ କଲେଜ ସ୍ଥାପିତ ହୋଇଅଛି । ସେଠାରେ ମିସେସ୍ ବସନ୍ତଙ୍କ ଯତ୍ନରେ ହିନ୍ଦୁ ପ୍ରଥା ଅନୁସାରେ ଧର୍ମ ଓ ନୀତି ଶିକ୍ଷା ପ୍ରଦତ୍ତ ହେଉଅଛି । ଶ୍ରୀ ରବୀନ୍ଦ୍ରନାଥ ଠାକୁରଙ୍କ ଯତ୍ନରେ ବଙ୍ଗ ପ୍ରଦେଶରେ ବୋଲପୁରଠାରେ ଗୋଟିଏ ବ୍ରହ୍ମଚର୍ଯ୍ୟାଶ୍ରମ ସ୍ଥାପିତ ହୋଇଅଛି । ଧର୍ମନୀତି ଓ ଧର୍ମଶିକ୍ଷା ଦେବା ନିମିତ୍ତ ଉକ୍ତ ଆଶ୍ରମମାନ ସ୍ଥାପିତ ହୋଇଅଛି ଯେ ସେଠାରେ ଉଦ୍ଦେଶ୍ୟ ସଫଳ ହେଲେ ଆମ୍ଭେମାନେ ଆଉ ସେହିପରି ଆଶ୍ରମମାନ ଅନ୍ୟତ୍ର ସ୍ଥାପିତ କରି ପାରିବା ଅତଏବ ଆମ୍ଭମାନଙ୍କର କର୍ତ୍ତବ୍ୟ ଯେ ସେହି ବିଦ୍ୟାଳୟମାନଙ୍କୁ ଉତ୍ସାହିତ କରିବା । ଆମ୍ଭେମାନେ ଆଶା କରୁଁ ଯେ ସେହି ବିଦ୍ୟାଳୟମାନ କୃତକାର୍ଯ୍ୟ ହେଲେ ଆମ୍ଭର ଏହି ଉତ୍କଳ ଦେଶରେ କୌଣସି ସ୍ଥାନରେ ତଦ୍ରୂପ ଗୋଟିଏ ଶିକ୍ଷାଶ୍ରମ ସ୍ଥାପିତ ହେବ । ବର୍ତ୍ତମାନ ସମୟରେ ଯେଉଁଠାରେ ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରୁ ଛାତ୍ରମାନଙ୍କର ମନ ପ୍ରାଚୀନ ଚିନ୍ତା ପଦ୍ଧତିରୁ ବିଭିନ୍ନ ହୋଇଅଛି ସେହିଠାରେ ଏହି ଧର୍ମ ନୀତିଶିକ୍ଷା ଅତି ପ୍ରୟୋଜନୀୟ । ପାଶ୍ଚାତ୍ୟ ଶିକ୍ଷା ଅନେକ କୁସଂସ୍କାରମାନଙ୍କୁ ଅନ୍ତର କରିଅଛି ସତ୍ୟ, କିନ୍ତୁ ଧର୍ମ ଓ ଧର୍ମ ନୀତି ଶିକ୍ଷା ଅଭାବରୁ ଆମ୍ଭ ଦେଶୀୟ ବିଦ୍ୟାର୍ଥିମାନଙ୍କ ମନରୁ ଧର୍ମ ଓ ଧର୍ମଘଟିତ ବୃତ୍ତିମାନଙ୍କୁ ଏକାବେଳକେ ବିନାଶ କରିବାକୁ ଉଦ୍ୟତ ହୋଇଅଛି । ଏହି ବିଷୟ ଭାରତବର୍ଷରେ ସର୍ବତ୍ର ଆନ୍ଦୋଳନ ଲାଗିଅଛି । କିନ୍ତୁ ତହିଁରେ ଅନେକ ପ୍ରକାର ଧର୍ମ ଓ ଅନେକ ପ୍ରକାର ଜାତି ଥିବାରୁ କି ପ୍ରକାରେ ସେ ଅଭାବ ମୋଚନ ହେବ ତାହା ନିଶ୍ଚିତ ହୋଇ ପାରୁ ନାହିଁ । ଧର୍ମ ଓ ନୀତି ଶିକ୍ଷା ନିମିତ୍ତ କେତେକ ବିଦ୍ୟାଳୟ ସ୍ଥାପିତ ହୋଇଅଛି । କିନ୍ତୁ ମୁଁ ଏଠାରେ ସେ ବିଦ୍ୟାଳୟ ବିଷୟ କହୁ ନାହିଁ । ଆମ୍ଭର କହିବାର ଉଦ୍ଦେଶ୍ୟ ଯେ ଯେଉଁ ସବୁ ବିଦ୍ୟାଳୟ ସାଂସାରିକ ବିଷୟ ଶିକ୍ଷା ନିମିତ୍ତ ସର୍ବସାଧାରଣଙ୍କ ପ୍ରୟୋଜନ ପାଇଁ ସ୍ଥାପିତ ହୋଇଅଛି ତାହାରି ଅଭାବ ବିଷୟ କହୁଅଛି ।

ବର୍ତ୍ତମାନ କାଳର ଶିକ୍ଷାର ଅଭାବ ପ୍ରଦର୍ଶନ କରିବା ମୋର ଉଦ୍ଦେଶ୍ୟ ଥିଲା, ତାହା ଏଠାରେ ଏକପ୍ରକାର କହିଲି । ମୁଁ ଆଶା କରେଁ ଯେ ଏ ବିଷୟ ଆମ୍ଭମାନଙ୍କ ମନରୁ ଯେପରି ବିସ୍ମୃତ ନ ହୁଏ । ଏହା ପରେ ସମାଜ ସଂସ୍କାର କଥା କହିବାକୁ ଉଦ୍ୟତ ହେଲି ।

ଦେଶ ଭେଦରେ ଆଚାର ଓ ବ୍ୟବହାରର ମଧ୍ୟ ଅନେକ ଭେଦ ହୁଏ । ଏକ ଦେଶରେ ଯେତେ ଲୋକ ବାସ କରନ୍ତି ସେମାନଙ୍କର ଏକଭାଷା ଓ ଏକ ପ୍ରକାର ପୋଷାକ ଓ ଏକ ଧର୍ମକୁ ସେମାନେ ଅବଲମ୍ବନ କରିଥାନ୍ତି । ଏହି ପ୍ରକାରେ ଯେଉଁମାନଙ୍କର ଏକ ଭାଷା ଏକ ଧର୍ମ ଏକ ପ୍ରକାର କିମ୍ବଦନ୍ତୀ ଓ ଏକପ୍ରକାର ଆଚାର ବ୍ୟବହାର ସେମାନଙ୍କୁ ''ଏକ ଜାତିର ଲୋକ'' କୁହାଯାଏ ଓ ସେମାନେ ଅନ୍ୟ ଜାତିର ଲୋକଙ୍କଠାରୁ ପୃଥକ୍ । ସମାଜର ସେହି ବନ୍ଧନ ଛେଦନ କଲେ, ଓ ପରମ୍ପରାଗତ ଆଚାର ବ୍ୟବହାରର ବିପରୀତ କାର୍ଯ୍ୟ କଲେ ସମାଜରେ ବିଶୃଙ୍ଖଳା ଜାତ ହୁଏ ଓ ଏକଜାତୀୟ ଲୋକଙ୍କ ମଧ୍ୟରେ ଯେଉଁ ବନ୍ଧୁତା ଥାଏ ତାହା ରହିତ ହୁଏ । ଅତଏବ ସହଜରେ ମନୁଷ୍ୟ କୌଣସି ନିୟମଭଙ୍ଗ କରି ନ ପାରେ, ଯଦି ଭଙ୍ଗ କରେ ତେବେ ସମାଜରୁ ବହିର୍ଭୂତ ହୁଏ । ମୋ ମତରେ ମଧ୍ୟ

Digitized by srujanika@gmail.com

ସେପରି ହେବା ଉଚିତ । ସମାଜର ନିୟମମାନ ସର୍ବଦା ଏକ ପ୍ରକାର ନ ଥାଏ ମାତ୍ର ଇତିହାସ ପାଠ କଲେ ଜଣାଯାଏ ଯେ କାଳକ୍ରମରେ ଭାଷା, ପରିଚ୍ଛଦ ଓ ଧର୍ମ ସମ୍ବନ୍ଧୀୟ ମତାମତ ପରିବର୍ତ୍ତିତ ହୁଏ । ବାସ୍ତବରେ ବିଜ୍ଞାନରୁ ଆମ୍ଭେମାନେ ଜାଣୁଅଛୁଁ ଏହି ସଂସାରରେ କୌଣସି ଦ୍ରବ୍ୟ ଏକପ୍ରକାର ହୋଇ ରହେ ନାହିଁ । ଅବଶ୍ୟ ତାହାର ପରିବର୍ତ୍ତନ ହୁଏ । ଜଡ଼ ଜଗତରେ ଯେପରି ପରିବର୍ତ୍ତନ ହୁଏ ସମାଜର ନିୟମମାନଙ୍କର ମଧ୍ୟ ସେହିପରି ପରିବର୍ତ୍ତନ ହୁଏ । ଅତି ପ୍ରାଚୀନକାଳରୁ ଅଦ୍ୟାବଧି ଭାରତବର୍ଷରେ ସାମାଜିକ ପରିବର୍ତ୍ତନ ଅନେକ ହୋଇଅଛି ତନ୍ମଧ୍ୟରୁ କେତେଗୁଡ଼ିଏ ଏଠାରେ ଉଲ୍ଲେଖ କରିବି ।

ଅନେକ ପଣ୍ଡିତମାନଙ୍କ ଗବେଷଣାଦ୍ୱାରା ଏହା ସ୍ଥିର ହୋଇଅଛି ଯେ ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଉତ୍ତରଦିଗରୁ ଆସି ଏହି ଦେଶର ଆଦିମନିବାସୀଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ପରାସ୍ତ କରିଦେଇ ଏଠାରେ ବାସ କଲେ । ଆର୍ଯ୍ୟମାନେ ଏହି ଦେଶବାସୀଙ୍କୁ ଦସ୍ୟୁ ବୋଲି ବୋଲୁଥିଲେ । ଆଦିମ ନିବାସୀ ଦସ୍ୟୁମାନଙ୍କ ସହିତ ଆର୍ଯ୍ୟମାନଙ୍କର ନିରନ୍ତର ଯୁଦ୍ଧ ହେଉଥିଲା । କିନ୍ତୁ ଦସ୍ୟୁମାନେ ଆର୍ଯ୍ୟମାନଙ୍କ ସହିତ ଯୁଦ୍ଧରେ ସମକକ୍ଷ ହୋଇ ପାରୁ ନ ଥିଲେ । ଏହି ପ୍ରକାରେ ଆର୍ଯ୍ୟମାନେ ଜୟଲାଭ କଲେ ଓ ଦସ୍ୟୁମାନେ ପରାସ୍ତ ହୋଇ ଆର୍ଯ୍ୟମାନଙ୍କ ଅଧୀନରେ ରହିଲେ । କେହି କେହି କହନ୍ତି ଯେ ସେହି ଦସ୍ୟୁମାନେ ବର୍ତ୍ତମାନ କାଳରେ ଶୂଦ୍ର ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଅଛନ୍ତି ।

ବେଦରେ ଯେଉଁ ସଂସ୍କୃତଭାଷା ଅଛି ସେହିପରି ଭାଷାକୁ ତତ୍କାଳର ଆର୍ଯ୍ୟମାନେ କଥୋପକଥନ କରୁଥିଲେ । ସମାଜ ଆଦିମ ଅବସ୍ଥାରେ ଥିଲା, ଗୋଟିଏ ବଂଶ ମଧ୍ୟରେ ଯେପରି ଜଣେ ବିଜ୍ଞ ଓ ବୃଦ୍ଧ ଥାଇ ଅନ୍ୟମାନଙ୍କୁ ଶାସନ କରେ ସେହିପରି ଶାସନ ପ୍ରଣାଳୀ ସେ ସମୟରେ ପ୍ରଚଳିତ ଥିଲା । ବେଦଭାଷା ଯେଉଁ ସମୟରେ କଥିତ ହେଉଥିଲା ସେ ସମୟରେ ଜାତିବିଭାଗ ଏତେ ଅଧିକ ପ୍ରକାର ନଥିଲା । ଓ ଯାହାଥିଲା ତାହା ପ୍ରଥମ ଆରମ୍ଭ ଅବସ୍ଥାରେ ଥିଲା ।

ତତ୍ପରେ ଆମ୍ଭେମାନେ ଦେଖୁ ଯେ ଆଦିମ ଅବସ୍ଥା ପରେ ଅତି ଉଚ୍ଚ ସଭ୍ୟତା ଜାତ ହେଲା । ବଡ଼ ବଡ଼ ନଗରମାନ ନିର୍ମିତ ହେଲା । ଭାରତବର୍ଷର ଦକ୍ଷିଣ ଭାଗ ଅର୍ଥାତ ଦାକ୍ଷିଣାତ୍ୟ ଆବିଷ୍କୃତ ଓ ବଶୀଭୂତ ହେଲା । ଶିଳ୍ପ ଓ ଶ୍ରମଜୀବିକାର ଯଥେଷ୍ଟ ଉନ୍ନତି ସାଧିତ ହେଲା । ବୈଦିକ ସଂସ୍କୃତ ଯାଇ ତାହା ସ୍ଥାନରେ ଗୋଟିଏ ସୁନ୍ଦର ଓ ବିଶୁଦ୍ଧ ସଂସ୍କୃତ ଭାଷା ଜାତ ହେଲା । ତହିଁରେ ଅନେକାନେକ ନୂତନ ଶବ୍ଦ ସଂଯୁକ୍ତ ହେଲା ଓ ଯହିଁରେ ଧର୍ମଶାସ୍ତ୍ର ଅର୍ଥାତ୍ ଆଇନମାନ ଲିଖିତ ହେଲା । ଦର୍ଶନଶାସ୍ତ୍ରର ବିଶେଷ ଚର୍ଚ୍ଚା ହେଲା ଓ ତାହାର ଅସାଧାରଣ ଉନ୍ନତି ହେଲା । ଜ୍ୟୋତିଷ ଓ ବୈଦ୍ୟଶାସ୍ତ୍ରମାନଙ୍କର ଯତ୍ପରୋନାସ୍ତି ଉନ୍ନତି ହେଲା । ସଂକ୍ଷେପରେ କହିବାକୁ ଗଲେ ଭାରତୀୟ ସଭ୍ୟତା ସର୍ବୋଚ୍ଚ ସ୍ଥାନ ପ୍ରାପ୍ତ ହେଲା । ରାଜନୀତିରେ, ସମାଜରେ, ସାହିତ୍ୟରେ, ଶ୍ରମଜୀବିକାରେ ଓ ଧର୍ମରେ

Digitized by srujanika@gmail.com

ଯେଉଁ ସବୁ ପରିବର୍ତ୍ତନ ହେଲା ସେ କିଛି ଦିନକେ ହୋଇ ନ ଥିଲା, କିନ୍ତୁ ସହସ୍ର ୨ ବର୍ଷରେ ସେହି ଉନ୍ନତି ଓ ପରିବର୍ତ୍ତନ ପ୍ରଫୁଲ୍ଲିତ ହେଲା । ଏହି ସମୟରେ ଭଗବାନ ବୁଦ୍ଧଦେବଙ୍କର ଜନ୍ମ ଓ ଆପଣମାନେ ଜାଣିବା ହୋଇଥିବେ ଯେ ବୌଦ୍ଧଧର୍ମ କିପରି ଭାରତବର୍ଷରେ ପ୍ରଚାରିତ ହେଲା । ବୈଦିକ ଧର୍ମ ଯାହା ସର୍ବସାଧାରଣରେ ପ୍ରଚଳିତ ଥିଲା ତାହା ସ୍ଥାନରେ ବୌଦ୍ଧଧର୍ମ ପ୍ରଚଳିତ ହେଲା । ଏହି ଧର୍ମ ଜାତ ହୋଇ ୧୬।୧୭ ଶତ ବର୍ଷ ପରେ ଭାରତ-ବର୍ଷରୁ ଲୁପ୍ତ ହେଲା । ବୁଦ୍ଧଦେବଙ୍କର ଉଦ୍ଦେଶ୍ୟ ନ ଥିଲା ଯେ ସେ ଗୋଟିଏ ନୂତନ ଧର୍ମ ସ୍ଥାପନ କରିବେ, କିନ୍ତୁ ଯେଉଁ ଧର୍ମ ପ୍ରଚଳିତ ଥିଲା ତାହାରି ସଂସ୍କାର ମାତ୍ର କରିବେ । ଭାରତୀୟ ସମାଜରେ ତାହାଙ୍କ ପ୍ରବର୍ତ୍ତିତ ଧର୍ମପ୍ରଭାବରୁ ଅନେକ ପରିବର୍ତ୍ତନ ଘଟିଥିଲା । ଅନେକ ଶାସ୍ତ୍ରଜ୍ଞ ପଣ୍ଡିତମାନେ କହନ୍ତି ଯେ ବୌଦ୍ଧଧର୍ମ ଅନ୍ତରିତ ହେଲେ ହେଁ ବର୍ତ୍ତମାନ କାଳର ହିନ୍ଦୁଧର୍ମରେ ସମାଜ ମଧ୍ୟରେ ଓ ସାହିତ୍ୟରେ ବୌଦ୍ଧଧର୍ମର ଅନେକ ଚିହ୍ନ ରହିଅଛି ଯାହା କି କେବେ ଲୋପ ହେବାର ନୁହେ ।

ଏହି ବୌଦ୍ଧଧର୍ମ ପ୍ରଚାର ସମୟରେ ସୀହିୟ, ହୁଣ ଓ ଶକମାନଙ୍କର ଦଳ ଭାରତବର୍ଷରେ ପ୍ରବେଶ କରି ରାଜ୍ୟମାନ ସ୍ଥାପନ କଲେ । ସେମାନେ ବର୍ତ୍ତମାନ କେଉଁଠାରେ ଅଛନ୍ତି ? ଏ ପ୍ରଶ୍ନର ଉତ୍ତରରେ ଇତିହାସକର୍ତ୍ତାମାନେ କହନ୍ତି ଯେ ସେମାନେ ଭାରତ-ବାସୀଙ୍କ ସହିତ ମିଶ୍ରିତ ହୋଇ ଯାଇଅଛନ୍ତି । ସେମାନଙ୍କର ବିଦେଶରୁ ଆସିଥିବାର କୌଣସି ଚିହ୍ନ ମାତ୍ର ନାହିଁ । ଏହି ଘଟନା ବର୍ତ୍ତମାନ ଆମ୍ଭମାନଙ୍କର ସମାଜ ସହିତ ତୁଳନା କରିବାକୁ ଗଲେ ବିସ୍ମୟାବିଷ୍ଟ ହେବାକୁ ହୁଏ । ଖ୍ରୀଷ୍ଟାବ୍ଦର ପ୍ରଥମ ଶତାବ୍ଦୀଠାରୁ ୧୨।୧୩ ଶତ ବର୍ଷ ପର୍ଯ୍ୟନ୍ତ ଭାରତବର୍ଷର ଇତିହାସ ତମୋମୟ । ଏହି ସମୟରେ ବୌଦ୍ଧ ଧର୍ମ କ୍ରମରେ ଲୋପ ହେଲା ଓ ତାହା ପରିବର୍ତ୍ତରେ ବର୍ତ୍ତମାନ ହିନ୍ଦୁଧର୍ମ ପୁନରୁତ୍ଥାପିତ ହେଲା । ଅନେକାନେକ ଧର୍ମ, ସମ୍ପ୍ରଦାୟ ନିଜ ମତ ବିସ୍ତାର ଅଭିପ୍ରାୟରେ ପରସ୍ପର ବିବାଦ କଲେ । ତାନ୍ତ୍ରିକମାନେ ଏହି ସମୟରେ ଦେଖା ଦେଲେ । ଏହି ସମୟର ଇତିହାସ ଓ ମନୁଷ୍ୟ-ମାନଙ୍କର ଆଚାର ବ୍ୟବହାର ସମ୍ବନ୍ଧରେ କେତେକ ବିଷୟ ଧର୍ମଶାସ୍ତ୍ରରୁ ଓ ପୁରାଣରୁ ଓ ନାଟକାଦିରୁ ସଂଗ୍ରହ କରାଯାଇପାରେ; ଏହି ସବୁ ଗ୍ରନ୍ଥକୁ ପୁଙ୍ଖାନୁପୁଙ୍ଖ ରୂପେ ଆଲୋଚନା କଲେ ପ୍ରକାଶ ପାଇବ ଯେ ସେହି ସବୁ ଗ୍ରନ୍ଥମାନ ଯେଉଁ ସମୟରେ ଲେଖା ହୋଇଥିଲା ସେହି ସମୟରେ ଲୋକମାନଙ୍କର କିପରି ଆଚାର ବ୍ୟବହାର ଥିଲା । ମନୁ ଯେଉଁ ସବୁ ବ୍ୟବସ୍ଥା କରି ଯାଇଥିଲେ ସେ ସବୁ ଯାଜ୍ଞବଲ୍କ୍ୟଙ୍କ ମତରୁ ପୃଥକ୍, ତହିଁରେ ଯାଜ୍ଞବଲ୍କ୍ୟଙ୍କ ବିଧି ସମୂହରୁ ପରାଶରଙ୍କ ବିଧିମାନେ ଅନେକ ଅଂଶରେ ଭିନ୍ନ । ପୁନଶ୍ଚ ପରାଶର ଯାହା ଲେଖିଅଛନ୍ତି ଅପର କେତେକ ଧର୍ମଶାସ୍ତ୍ର ଲେଖକଙ୍କଠାରୁ ତାହା ପୃଥକ୍ । ଉପର୍ଯ୍ୟୁକ୍ତ ଧର୍ମ-ଶାସ୍ତ୍ର ଲେଖକମାନେ ଯେଉଁ ୨ ସମୟରେ ବର୍ତ୍ତମାନ ଥିଲେ ସେମାନେ ସେହି ୨ ସମୟର ଆଚାର ବ୍ୟବହାର କଥା ଲେଖି ଯାଇଅଛନ୍ତି; ଏଥିରୁ ଜଣା ଯାଉଅଛି ଯେ ସାମାଜିକ ନିୟମ ସବୁ ଚିରକାଳ ସମାନ ନ ଥାଏ କିନ୍ତୁ ଅବସ୍ଥାନୁସାରେ ସ୍ଥାନ ଓ ସମୟ ଭେଦରେ ପରିବର୍ତ୍ତିତ ହୁଏ । କେବଳ ଭାରତବର୍ଷରେ ଯେ ଏପରି ଘଟନା ହୋଇଅଛି ତାହା ନୁହେଁ ।

Digitized by srujanika@gmail.com

ପୃଥିବୀର ଅପରପର ଦେଶମାନଙ୍କରେ ସୁଦ୍ଧା ଏହି ନିୟମରେ ସାମାଜିକ ପରିବର୍ତ୍ତନ ହୋଇଥାଏ । ପ୍ରାଚୀନ ଶାସ୍ତ୍ରକର୍ତ୍ତାମାନେ ଉତ୍ତମରୂପେ ଅବଗତ ହୋଇଥିଲେ ଯେ ସାମାଜିକ ନିୟମମାନ କାଳକ୍ରମେ ପରିବର୍ତ୍ତିତ ହୁଏ । ମନୁଷ୍ୟ ସମାଜରେ ଯେଉଁ ଯୁଗରେ ଯେପରି ବ୍ୟବହାର ଘଟିଥିଲା ତଦନୁସାରେ ସେମାନେ ସତ୍ୟ, ତ୍ରେତା, ଦ୍ୱାପର ଓ କଳି ଯୁଗମାନଙ୍କ ଦ୍ୱାରା ସମୟକୁ ବିଭକ୍ତ କରିଥିଲେ ।

ଭାରତ ସମାଜରେ ମୁସଲମାନମାନଙ୍କର ଶାସନର କେତେକ ଚିହ୍ନ ରହି-ଯାଇଅଛି, ଆର୍ଯ୍ୟାବର୍ତ୍ତରେ ଅର୍ଥାତ୍ ଭାରତବର୍ଷର ଉତ୍ତରଭାଗରେ, ଯେଉଁ ଠାରେ ମୁସଲମାନ-ମାନଙ୍କର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲା, ସେଠାରେ ଭାଷାରେ, ପୋଷାକରେ ଓ ଆଚାରରେ ଅନେକ ଚିହ୍ନ ରହିଅଛି । କିନ୍ତୁ ଦାକ୍ଷିଣାତ୍ୟରେ ଅର୍ଥାତ୍ ଭାରତବର୍ଷର ଦକ୍ଷିଣ ଭାଗରେ ମୁସଲମାନମାନଙ୍କର ପ୍ରାଦୁର୍ଭାବ ତେତେ ଅଧିକ ନ ଥିବାରୁ ସେ ପ୍ରଦେଶରେ ତାହାଙ୍କର ରାଜ୍ୟ କରିଥିବାର ଚିହ୍ନ ତେତେ ଜଣାପଡ଼େ ନାହିଁ ।

ତପରେ ଶ୍ରୀ ଚୈତନ୍ୟଦେବ, ରାମାନୁଜ ଓ ନାନକ ପ୍ରଭୃତି ଧର୍ମ୍ମ ଓ ସମାଜ ସଂସ୍କାରକମାନେ ଆବିର୍ଭୂତ ହୋଇଥିଲେ । ଚୈତନ୍ୟ ମହାପ୍ରଭୁ ବଙ୍ଗ, ପୂର୍ବବଙ୍ଗ ଓ ଉତ୍କଳ ଓ ଦକ୍ଷିଣରେ ସୁଦ୍ଧା ନିଜ ଉପଦେଶର ଚିହ୍ନମାନ ରଖିଯାଇଅଛନ୍ତି । ସେପରେ ନାନକ ପଞ୍ଜାବରେ ଓ ରାମାନୁଜ ଦକ୍ଷିଣରେ ଆପଣା ଆପଣା ମତର ଚିହ୍ନ ରଖିଯାଇଅଛନ୍ତି । ଆଉ ଯେଉଁ ସଂସ୍କାରକମାନେ ଜାତ ହୋଇଥିଲେ ଓ ସମାଜର ନିୟମମାନଙ୍କୁ ପରିବର୍ତ୍ତନ କରିଥିଲେ ତାହା ଏଠାରେ ଉଲ୍ଲେଖ କରିବା ଅନାବଶ୍ୟକ ।

ଏବେ ଆମ୍ଭେମାନେ ଏକଶତବର୍ଷରୁ ଅଧିକ ହେଲା ଇଂରାଜିଜାତିଙ୍କ ସହିତ ବ୍ୟବହାର କରୁଅଛୁଁ । ଇଂରାଜୀ ଶିକ୍ଷା ଓ ସଭ୍ୟତା କେତେକ ପରିମାଣରେ ଆମ୍ଭମାନଙ୍କର ସମାଜକୁ ଅଭିଭୂତ କରିଅଛି । ପଞ୍ଚାଶବର୍ଷ ପୂର୍ବେ ଆମ୍ଭମାନଙ୍କ ସମାଜ ଯେପରି ଥିଲା ବର୍ତ୍ତମାନ ସେପରି ନାହିଁ । ଯେଉଁମାନେ ଇଂରାଜୀ ଶିକ୍ଷା ଲାଭ କରିଅଛନ୍ତି ଓ ଇଂରାଜୀ ସଭ୍ୟତାରେ ବିଚାର ହେଉଅଛନ୍ତି ସେମାନଙ୍କ ମଧ୍ୟରେ ସାମାଜିକ ପରିବର୍ତ୍ତନ ଯେ ପରିମାଣରେ ଦୃଶ୍ୟ ହୁଏ ଅନ୍ୟାନ୍ୟ ଲୋକଙ୍କ ମଧ୍ୟରେ ସେ ପରିମାଣରେ ଦୃଶ୍ୟ ହୁଏ ନାହିଁ । ଇଂରାଜୀ ଶିକ୍ଷା ଆହୁରି ଯେତେ ବୃଦ୍ଧି ହେଉଥିବ ସମାଜ ମଧ୍ୟରେ ପରିବର୍ତ୍ତନ ମଧ୍ୟ ସେହିପରି ବୃଦ୍ଧି ହେଉଥିବ ।

ଏବେ ପ୍ରଶ୍ନ ହେଉଅଛି ଯେ ଏପରି ପରିବର୍ତ୍ତନ ହେଉଥିବାର ଦେଖି ଆମ୍ଭମାନଙ୍କର କି କର୍ତ୍ତବ୍ୟ । କେତେକ ଲୋକେ ସମାଜ ସଂସ୍କାରର ସମ୍ପୂର୍ଣ୍ଣ ବିରୋଧୀ; ଆଉ କେତେକ ଲୋକେ କହନ୍ତି ଯାହା କିଛି ପ୍ରାଚୀନ ଅଛି ସେ ସବୁ ମନ୍ଦ; ସେମାନେ ପ୍ରାଚୀନ ସମାଜର ନିୟମମାନଙ୍କୁ ଉଠାଇ ଦେଇ ନୂତନ ନିୟମ ସ୍ଥାପନ କରିବାକୁ ଅତି ବ୍ୟଗ୍ର ।

Digitized by srujanika@gmail.com

ଯେଉଁମାନେ କହନ୍ତି ଯେ ସମାଜସଂସ୍କାର ଆଦୌ କରିବାର ନୁହେଁ ସେମାନଙ୍କ ପ୍ରତି ମୁଁ କହୁଅଛି ଯେ ପରିବର୍ତ୍ତନ ଅନିବାର୍ଯ୍ୟ, କେହି ତାହାକୁ ଅଟକ କରି ରଖି ପାରିବ ନାହିଁ । ଅତଏବ ଯେଉଁ ସବୁ ସାମାଜିକ ନିୟମରେ ଦୋଷ ଅଛି ସେ ସବୁ ପରିବର୍ତ୍ତନ କରିବା ନିମିତ୍ତ ଆମ୍ଭମାନଙ୍କର ଯତ୍ନ କରିବା ଉଚିତ । କେତେକ ଦୋଷ ଅଛି ଯହିଁର ସଂଶୋଧନ ଶୀଘ୍ର ଆବଶ୍ୟକ । ସେହି ଦୋଷ ସବୁ ଆମ୍ଭ ସମାଜର ବିଶେଷ କ୍ଷତି କରୁଅଛନ୍ତି । ଆମ୍ଭମାନଙ୍କର ଶିକ୍ଷା ସମ୍ବନ୍ଧୀୟ ଓ ଶ୍ରମଜୀବିକା ସମ୍ବନ୍ଧୀୟ ଉନ୍ନତିର ସେମାନେ ସମ୍ପୂର୍ଣ୍ଣ ବିରୋଧୀ; ଆମ୍ଭମାନଙ୍କର ଜାତୀୟ ସଦ୍ଭାବ, ଜାତୀୟ ଏକତା ଓ ଉନ୍ନତିର ବିରୋଧୀ ହୋଇଅଛନ୍ତି । ସେହି ନିୟମମାନଙ୍କ ମଧ୍ୟରୁ କେତେଗୁଡ଼ିଏ ଆମ୍ଭ ସମାଜର ଜୀବନୀ ଶକ୍ତିକୁ ଭକ୍ଷଣ କରୁଅଛନ୍ତି । ଯେଉଁମାନେ ଏ ଦେଶର ହିତ କରିବାକୁ ଇଚ୍ଛା କରନ୍ତି ସେମାନେ ଏପରି କାର୍ଯ୍ୟ କରନ୍ତୁ ଯହିଁରେ ସମାଜର ଅବଶିଷ୍ଟ ଜୀବନୀ ଶକ୍ତି ନଷ୍ଟ ନ ହୁଏ ।

ଯେଉଁମାନେ ଏକାବେଳକେ ସବୁ ସଂସ୍କାର ଯୋଗାଇବାର ଇଚ୍ଛା କରନ୍ତି ଓ ଯେଉଁଠାରେ ସଂସ୍କାର ଅନାବଶ୍ୟକ ସେଠାରେ ସୁଦ୍ଧା ନୂତନ ସଂସ୍କାର ପ୍ରବେଶର ଇଚ୍ଛା କରନ୍ତି ସେମାନଙ୍କ ପ୍ରତି ମୋହର ବକ୍ତବ୍ୟ ଏହି ଯେ ସେମାନେ ଯାହା ପ୍ରସ୍ତାବ କରନ୍ତି ସେ ଆଦୌ ଦେଶହିତୈଷିତା ନୁହେଁ ଓ ତଦ୍ୱାରା ଦେଶର ଉପକାର ହୋଇ ନ ପାରେ । ତାହାର ହେତୁ ଏହି ଯେ ସେମାନେ ଯେବେ ମନ୍ଦ ସହିତ ଭଲକୁ ସୁଦ୍ଧା ବାହାର କରି ଦେବାର ଇଚ୍ଛା କରନ୍ତି ତେବେ ସେମାନଙ୍କ ଆଚରଣରୁ ପ୍ରକାଶ ପାଏ ଯେ ସେମାନଙ୍କର ଆପଣାର ସମାଜପ୍ରତି, ଆପଣାର ଦେଶପ୍ରତି ଆପଣା ଦେଶର ଲୋକଙ୍କ ପ୍ରତି, କିମ୍ବା ଆପଣା ଦେଶର ପରମ୍ପରାଗତ ପ୍ରାଚୀନ ଜନଶ୍ରୁତିପ୍ରତି କୌଣସି ଗୌରବ ନାହିଁ । ଦ୍ୱିତୀୟରେ ସେପରି ସଂସ୍କାର ଅସମ୍ଭବ । ଉକ୍ତ ପ୍ରକାର ସଂସ୍କାରକୁ ନିଃସନ୍ଦେହରେ ସମସ୍ତ ଲୋକେ ବାଧା ଦେବେ; ସେମାନଙ୍କର ମଧ୍ୟ ତଦ୍ରୂପ ବାଧା ଦେବା କର୍ତ୍ତବ୍ୟ । ଯଦି ସେହି ସଂସ୍କାରକମାନେ ଅତ୍ୟନ୍ତ ସାହସୀ ଓ ଉତ୍ସାହୀ ହୁଅନ୍ତି ତେବେ ସୁଦ୍ଧା ଅନେକ ଲୋକେ କଦାପି ତାହାଙ୍କ ମତରେ ମତ ଦେବେ ନାହିଁ । ଅତି ଅଳ୍ପ ଲୋକ ହୁଏତ ତାହାଙ୍କର ଅନୁକାରୀ ହୋଇ ପାରନ୍ତି କିନ୍ତୁ ସମାଜର ଅଧିକାଂଶ ଲୋକଙ୍କଠାରୁ ତାହାଙ୍କୁ ପୃଥକ୍ ହୋଇ ରହିବାକୁ ହେବ । ଏହି ପ୍ରକାରେ ସେମାନଙ୍କର ସଂସ୍କାର କରିବାର ଇଚ୍ଛା ଏକତା ଉତ୍ପାଦନ ନ କରି ବିବାଦ ଓ କଳହର ବୀଜ ରୋପଣ କରେ । ଅତଏବ ଆମ୍ଭମାନଙ୍କର କର୍ତ୍ତବ୍ୟ ଯେ ଆମ୍ଭେମାନେ ଦୁଇ ପ୍ରାନ୍ତକୁ ତ୍ୟାଗ କରି ମଧ୍ୟପଥ ଅବଲମ୍ବନ କରିବା । ସମାଜ ମଧ୍ୟରେ ପରିବର୍ତ୍ତନ ଅଜ୍ଞାତଭାବରେ ପ୍ରବେଶ କରୁଅଛି ଓ ପ୍ରବେଶ କରୁଥିବ । ତାହା କେହି ଅଟକ କରି ରଖି ପାରିବ ନାହିଁ । ସମାଜରେ ନୂତନ ଦୋଷ ସବୁ ଯାହା ପୂର୍ବେ ନ ଥିଲା ସେ ସବୁ କ୍ରମଶଃ ପ୍ରବେଶ କରୁଅଛି । ଅତଏବ ଯେଉଁମାନେ ବୁଦ୍ଧିମାନ ଓ କ୍ଷମତାଶାଳୀ, ଯେଉଁମାନେ ବର୍ତ୍ତମାନ-ସମାଜର ବିନାଶ ହେତୁ ଓ ଅବସ୍ଥା ଦେଖୁଅଛନ୍ତି ସେମାନଙ୍କର ଉଦାସୀନ ହୋଇ ରହିବା କର୍ତ୍ତବ୍ୟ ନୁହେ । ସେମାନଙ୍କର କର୍ତ୍ତବ୍ୟ ଯେ ସେମାନେ ଆସି ସଂସ୍କାରର ସହାୟ କରନ୍ତୁ । ଆମ୍ଭମାନଙ୍କ ସମାଜ ମଧ୍ୟରେ ଯେଉଁସବ

Digitized by srujanika@gmail.com

ଉତ୍ତମ ନିୟମ ଅଛି ସେ ସବୁ ବଜାୟ ରଖିବା ଓ ଯାହା କି ଦୋଷଜନକ ସେମାନଙ୍କୁ ବାହାର କରିଦେବା । ସମାଜ ସଂସ୍କାର କରିବା ବେଳେ ଯଦି ଆମ୍ଭେମାନେ ଯୁକ୍ତିସଙ୍ଗତ କାର୍ଯ୍ୟ କରୁଁ ଓ ମଧ୍ୟମ କ୍ରମକୁ ଅବଲମ୍ବନ କରୁଁ, ଯଦି ଆମ୍ଭେମାନେ ସମସ୍ତେ ଏକମନା ହୋଇ ସେହି କାର୍ଯ୍ୟ କରୁଁ ତେବେ ଆମ୍ଭମାନଙ୍କର ଇଷ୍ଟସିଦ୍ଧି ଲାଭ ହେବ

ସମାଜ ଓ ଶିକ୍ଷା ବିଷୟରେ ଖବରକାଗଜମାନଙ୍କର ଅତ୍ୟନ୍ତ ଦାୟିତ୍ୱ ଅଛି ସର୍ବସାଧାରଣର ଅଭିମତ ପ୍ରକାଶ କରିବା ଏହାର ଏକ ପ୍ରଧାନ ଉଦ୍ଦେଶ୍ୟ, ମଧ୍ୟ ଖବର କାଗଜମାନଙ୍କ ଦ୍ୱାରା ସାଧାରଣ ଲୋକଙ୍କର ବିଶେଷ ଶିକ୍ଷା ହୁଏ । ଆମ୍ଭମାନଙ୍କର ଉତ୍କଳ ଦେଶର ଖବରକାଗଜମାନଙ୍କ ପ୍ରତି ଆମ୍ଭମାନଙ୍କର କୃତଜ୍ଞ ହେବା କର୍ତ୍ତବ୍ୟ । ସେହି କାଗଜର ସମ୍ପାଦକମାନେ ସାଧାରଣର ବିଶେଷ ଉପକାର କରୁଅଛନ୍ତି । ସାଧାରଣର ଉପକାର କିମ୍ବା ଅପକାର ଘଟିତ କୌଣସି ଗୁରୁତର ବିଷୟ ପଡ଼ିଲେ ସେମାନେ ସର୍ବଦା ମଧ୍ୟମକ୍ରମ ଅବଲମ୍ବନ କରି ବିଚାର କରିବାରେ ପ୍ରବୃତ୍ତ ହୁଅନ୍ତି । ଖବରକାଗଜ ଦ୍ୱାରା ଓ ସାହିତ୍ୟ ପ୍ରବନ୍ଧମୟ ପତ୍ରିକାଦ୍ୱାରା ସର୍ବସାଧାରଣରେ ସାହିତ୍ୟ ପ୍ରତି ରୁଚି ଜାତ ହୁଏ । ସ୍ୱଦେଶ ପ୍ରତି ଯେପରି ସ୍ନେହ ସେପରି ମାତୃଭାଷା ପ୍ରତି ସ୍ନେହ କରିବା କର୍ତ୍ତବ୍ୟ । ଅଦ୍ୟ ସଭାରୁ ପ୍ରକାଶ ପାଉଅଛି ଯେ ଆମ୍ଭମାନଙ୍କର ଦେଶୀୟ ଲୋକେ ଓ ବିଷୟ ଉତ୍ତମରୂପେ ବୁଝିଅଛନ୍ତି । ଉତ୍କଳଭାଷାର ଯେତେଦୂର ଉନ୍ନତି ହେବାର ଉଚିତ ଯଦିଚ ତେତେଦୂର ଉନ୍ନତି ହୋଇ ନାହିଁ, ଯଦିଚ ତାହାର ଭଗିନୀ ବଙ୍ଗଭାଷା ସମାନ ତାହାର ଉନ୍ନତି ହୋଇ ନାହିଁ, ତଥାପି ଉତ୍କଳ ସାହିତ୍ୟର ଆକାଶରେ ଉଜ୍ଜ୍ୱଳ ତାରାର ଅଭାବ ନାହିଁ । କବିବର ରାଧାନାଥ ରାୟ ଓ କବି ମଧୁସୂଦନ ରାଓଙ୍କ ଲେଖିବା ପଦ୍ଧତିକୁ ଅନେକ ଶିକ୍ଷିତ ଓ ଉପଯୁକ୍ତ ଲୋକେ ଅନୁକରଣ କରୁଅଛନ୍ତି । ଅତଏବ ଉତ୍କଳସାହିତ୍ୟର ଅନେକ ବିଷୟରେ ଉନ୍ନତି ଆଶା କରାଯାଏ ।

ତତ୍ପରେ ଦେଶର ଆର୍ଥିକ ଉନ୍ନତି ବିଷୟ କିଛି କହୁଅଛି । ଭାରତବର୍ଷରେ ଅପରାପର ସ୍ଥାନରେ ଯେପରି, ଉତ୍କଳ ଦେଶରେ ମଧ୍ୟ ସେହିପରି ଅଧିକାଂଶ ଲୋକ କୃଷିକାର୍ଯ୍ୟଦ୍ୱାରା ଜୀବନଯାତ୍ରା ନିର୍ବାହ କରନ୍ତି । ଭାରତବର୍ଷ କୃଷି ପ୍ରଧାନ ଦେଶ, ଅତଏବ କୃଷି ଆମ୍ଭ-ମାନଙ୍କର ପ୍ରଧାନ ଆଶ୍ରୟ । ବଡ଼ ଦୁଃଖର ବିଷୟ କୃଷିର ଉନ୍ନତି ବିଷୟରେ ଆମ୍ଭମାନଙ୍କର ପ୍ରବୃତ୍ତି ତେତେ ନାହିଁ । ଯେତେଦୂର ଆବଶ୍ୟକ ତେତେଦୂର ଆମ୍ଭେମାନେ ତହିଁରେ ମନ ଦେଉ ନାହୁଁ । କୃଷିର କିପରି ସମ୍ୟକ୍ ଉନ୍ନତି ହୁଏ ତାହା ଆମ୍ଭେମାନେ ବିଶେଷ ଜାଣୁ ନାହୁଁ; ତହିଁରେ ମନ ନ ଦେବାର ଏ ଗୋଟିଏ କାରଣ । କୃଷି ଗୋଟିଏ ବିଜ୍ଞାନ ରୂପରେ ପରିଗଣିତ ହେଉଅଛି, ସେ ବିଜ୍ଞାନକୁ ଅଧ୍ୟୟନ କରିବାକୁ ହେବ ଓ କାର୍ଯ୍ୟରେ ଦେଖିବାକୁ ହେବ ଯେ କେଉଁ ବିଷୟରେ କୃଷିର ଉନ୍ନତି ଏ ଦେଶରେ କରାଯାଇ ପାରିବ । ଏଠାରେ ନିପୁଣ କୃଷିକାରିଙ୍କର ଅଭାବ ତହିଁରେ ପୁଣି ଆମ୍ଭମାନଙ୍କର ରଜାମାନେ, ବିଶେଷରେ ଗଡ଼ଜାତରେ ଯେଉଁମାନେ ବାସ କରନ୍ତି ସେମାନେ ଏଡ଼େ ଅଜ୍ଞ ଓ ପ୍ରାଚୀନ ରୀତିର

Digitized by srujanika@gmail.com

ରକ୍ଷଣଶୀଳ ଯେ ସେମାନେ ଆପଣାର ଲଭକୁ ସ୍ପଷ୍ଟରୂପେ ବୁଝି ସୁଦ୍ଧା କୌଣସ ନୂତନ ଉପାୟ ଗ୍ରହଣ କରନ୍ତି ନାହିଁ । ଏହି ସବୁ ଅଭାବ ହେତୁରୁ ଆମ୍ଭେମାନେ କୃଷି କାର୍ଯ୍ୟ ଭଲ କରି କରି ପାରୁ ନାହିଁ । ଶିବପୁର ଇଞ୍ଜିନିୟରିଂ କଲେଜରେ ଗୋଟିଏ କୃଷି ବିଭାଗ ସ୍ଥାପିତ ହୋଇଅଛି । ସେଠାରେ ଆମ୍ଭ ଦେଶର ଯୁବକମାନେ ଅଧ୍ୟୟନ କରୁଅଛନ୍ତି, ଉତ୍କଳ ଦେଶରୁ କତିପୟ ଛାତ୍ର ସେଠାକୁ ପଠାଇବା ଆମ୍ଭମାନଙ୍କର ଉଚିତ ଓ ଆବଶ୍ୟକ, ସେମାନେ ଶିକ୍ଷାଲଭ କରି ଫେରିଆସିଲେ ଉତ୍କଳଦେଶର ରଜାମାନେ ଓ ଜମିଦାରମାନେ ଯଦି ସେମାନଙ୍କୁ ନିଜ ନିଜ ରଜ୍ୟରେ ଓ ଜମିଦାରୀରେ ନିମୁକ୍ତ କରି ରଖନ୍ତି ତେବେ ବିଶେଷ ଉପକାର ହେବ । କୃଷିର ଉନ୍ନତି ବିଷୟରେ ଏ ଗୋଟିଏ ପ୍ରଧାନ ଉପାୟ ଯାହାକି କାର୍ଯ୍ୟରେ ପରିଣତ ହୋଇପାରେ ଓ ନୂତନ ପ୍ରକାର ଦ୍ରବ୍ୟମାନ ଉତ୍ପନ୍ନ କରା ହୋଇପାରେ ଯଦ୍ୱାରା ଭୂମି ଉର୍ବରା ହେବ ଓ ରଇତଙ୍କର ଓ ଜମିଦାର ଦୁହିଁଙ୍କର ଲଭ ହେବ ।

କେତେକ ଗଡ଼ଜାତରେ ଲକ୍ଷା ଓ ଟସର ଜାତ ହୁଏ, କିନ୍ତୁ ଦିନକୁ ଦିନ ଟସର ଓ ବିଶେଷରେ ଲକ୍ଷାର ଉତ୍ପତ୍ତି, କୀଟମାନଙ୍କଠାରେ ରୋଗ ହେତୁରୁ ବା ଅନ୍ୟ କାରଣରୁ, ହ୍ରାସ ହେଉଅଛି । ଯେ କୃଷି କାର୍ଯ୍ୟ ଶିକ୍ଷା କରିଥିବେ ସେହି ବ୍ୟକ୍ତି ଯେବେ ଟସର ଉତ୍ପାଦନ କରିବାର ଶିକ୍ଷା ପାଇଥିବ ତେବେ ଯେଉଁ କାରଣରୁ ଟସର କୀଟ ନଷ୍ଟ ହେଉଅଛନ୍ତି ଅଥବା ଲକ୍ଷା କୀଟ ଜନ୍ମରେ ଦୋଷ ଘଟୁଅଛି ତାହା ସେ ସଂଶୋଧନ କରିପାରିବେ । ରେସମ ଉତ୍ପନ୍ନ କରିବା ମଧ୍ୟ ଗୋଟିଏ ଉତ୍ତମ ବ୍ୟବସାୟ । ଉତ୍କଳ ଦେଶରେ ଯତ୍ନ କଲେ ତୁତ ଗଛ ଉତ୍ତମ ରୂପେ ବଢ଼େ । ରେସମ ଆମଦାନୀ କରିବାର ଉପାୟ କୃଷି-କାରୀଙ୍କୁ ଶିକ୍ଷା ଦେଲେ ଥରେ ଯେବେ ସେମାନେ ସେ କାର୍ଯ୍ୟ କରନ୍ତି ତଦ୍ୱାରା ଗୋଟିଏ ସୁନ୍ଦର ବ୍ୟବସାୟ ସ୍ଥାପିତ ହେବ । ଲଭ ପାଇଲେ ପ୍ରଜାମାନେ କଦାପି ସେଥିରୁ ନିରସ୍ତ ହେବେ ନାହିଁ ।

ଗୋମହିଷୀମାନଙ୍କର ସଂଖ୍ୟା ଓ ଯୌନ ଉନ୍ନତି ଆଉ ଗୋଟିଏ ପ୍ରଧାନ ବିଷୟ । ବର୍ତ୍ତମାନ ବସନ୍ତ ରୋଗରେ ଓ ଅନ୍ୟାନ୍ୟ ରୋଗରେ ଅନେକାନେକ ଗୋରୁ ମହିଷୀ ସମୟ ସମୟରେ ବିନଷ୍ଟ ହୁଅନ୍ତି, ତଦ୍ୱାରା ପ୍ରଜାମାନେ ଦରିଦ୍ର ହୋଇଯାନ୍ତି । ଏ ବିଷୟ ନିବାରଣ ନିମିତ୍ତ ଗୋଚିକିତ୍ସକ ଆବଶ୍ୟକ । ଯେ କୃଷି କାର୍ଯ୍ୟ ଶିକ୍ଷା କରିଥିବେ ସେ ମଧ୍ୟ ପଶୁଚିକିତ୍ସା ଶିକ୍ଷା କରିବେ ।

ବର୍ତ୍ତମାନ ସମୟରେ ଆମ୍ଭମାନଙ୍କର ଶିକ୍ଷିତ ଯୁବକମାନଙ୍କୁ ଚାକରି ମିଳିବା କଠିନ ହୋଇଅଛି । ଗବର୍ଣ୍ଣମେଣ୍ଟଙ୍କର ଓ ଅପର ବ୍ୟକ୍ତିଙ୍କର କଚେରି କର୍ମଚାରିଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଅଛି । ଉକିଲ ଓ ଡ଼ାକ୍ତରି ବ୍ୟବସାୟରେ ବହୁସଂଖ୍ୟକ ଲୋକେ ଶିକ୍ଷିତ ହୋଇ ଅଛନ୍ତି । କିନ୍ତୁ ମୁଁ ଅନୁମାନ କରେଁ ଯେ କୃଷି, ବିଜ୍ଞାନ ଓ ଶିଳ୍ପ ଜାଣିବା ଲୋକଙ୍କର ଅଭାବ ଅଛି । ଯଦି ଆମ୍ଭମାନଙ୍କର ଶିକ୍ଷିତ ଯୁବକମାନେ ଏହି ସବୁ ବିଷୟ ଶିକ୍ଷା କରନ୍ତି

Digitized by srujanika@gmail.com

ତେବେ ସେମାନେ ସମ୍ମାନସହ ଆପଣାର ଜୀବିକା ନର୍ବାହ ଓ ତହିଁ ସଙ୍ଗେ ଦେଶର ଉପକାର ମଧ୍ୟ କରିପାରିବେ ।

ପ୍ରଜାମାନଙ୍କର ରକ୍ଷଣଶୀଳତା ଅର୍ଥାତ୍ ପୁରୁଣା କଥା ନ ଛାଡ଼ିବା ଗୁଣଟି ଇଂରଜୀ ଶିକ୍ଷା ବିସ୍ତାରଦ୍ୱାର କ୍ରମଶଃ ହ୍ରାସ ହେଉଅଛି । ମଧ୍ୟ ବିଦେଶୀୟ ଲୋକଙ୍କ ସହିତ ସମାଗମଦ୍ୱାର ଦିନକୁ ଦିନ ଲୋକେ ନୂତନ କଥା ଶିଖୁଅଛନ୍ତି । ଦିନକୁ ଦିନ ଉପାର୍ଜନ କଠିନ ହେଉଅଛି । ଏହି କାରଣରୁ ସେମାନେ ଉପାର୍ଜନର ନୂତନ ଉପାୟ ଅନ୍ୱେଷଣ କରୁଅଛନ୍ତି ଓ ଅଧିକ ଲାଭ କରିବା ଆଶାରେ ପ୍ରାଚୀନକାଳର କାର୍ଯ୍ୟ ପ୍ରଣାଳୀକୁ କ୍ରମଶଃ ତ୍ୟାଗ କରୁଅଛନ୍ତି । ଏଥିଉତ୍ତାରୁ ଯଦି କୃଷିକାର୍ଯ୍ୟର ଉନ୍ନତି କରଯାଏ ତେବେ ପ୍ରଜାମାନେ ଲାଭ ଦେଖି ନୂତନ ଉପାୟ ମାନ ଆଶ୍ରୟ କରିପାରିବେ । ସ୍ୱର୍ଗୀୟ ବିଚିତ୍ରାନନ୍ଦ ଦାସଙ୍କ କୃଷି ବିଜ୍ଞାନ କିମ୍ବା ତଦ୍ରୂପ ଅନ୍ୟ ପୁସ୍ତକ ନୂତନ ଆବିଷ୍କୃତ ବିଷୟମାନଙ୍କ ସହିତ ବର୍ତ୍ତମାନ ଛାପା ହେଲେ ଓ ପ୍ରଧାନ ପ୍ରଧାନ ପ୍ରଜାଙ୍କୁ ଦିଆଗଲେ ଏବଂ ଗ୍ରାମ୍ୟ ପାଠଶାଳାରେ ବ୍ୟବହୃତ ହେଲେ ଅନେକ ଉପକାର ହୋଇ ପାରିବ ।

ଗଡ଼ଜାତମାନଙ୍କରେ ଅନେକ ଅନେକ ସ୍ଥାନରେ କୃଷିଯୋଗ୍ୟ ବଡ଼ ବଡ଼ ସ୍ଥାନ ଅଛି, ସେହି ଭୂମିଖଣ୍ଡମାନଙ୍କରୁ ଅରଣ୍ୟ କାଟିଦେଇ ଅଳ୍ପ ପରିଶ୍ରମରେ ଅଳ୍ପ ବ୍ୟୟରେ ସେଠାରେ କୃଷି କରଯାଇ ପାରେ । ଯେଉଁମାନଙ୍କର କୃଷି କାର୍ଯ୍ୟରେ ଆଗ୍ରହ ଅଛି ଓ ଅରଣ୍ୟରେ ରହିବାକୁ କଷ୍ଟ ମନେ ନ କରନ୍ତି ସେମାନେ ଗଡ଼ଜାତ ମଧ୍ୟରେ ବଡ଼ ବଡ଼ ଭୂମିଖଣ୍ଡ ନେଇ ଆପଣାର ବିଶେଷ ଲାଭ କରି ପାରନ୍ତି ।

ଭାରତବର୍ଷ କୃଷିପ୍ରଧାନ ଦେଶ, ସ୍ୱଭାବରେ ତାହାର ଭୂମି ଏପରି ଉର୍ବର ଯେ କୌଣସି ମନୁଷ୍ୟ ଅଧିକ ଯତ୍ନ ନ କରି ସୁଦ୍ଧା ଆପଣାର ଜୀବନ ରକ୍ଷା କରିପାରେ । କିନ୍ତୁ ଏକପ୍ରକାର କୃଷିପ୍ରତି ନିର୍ଭର କଲେ ଆପଦର ସମ୍ଭାବନା । ଭାରତବର୍ଷରେ ସମୟ ସମୟରେ ଦୁର୍ଭିକ୍ଷ ହୁଏ । ମଧ୍ୟ ପ୍ରତିବର୍ଷ ଶୁଣାଯାଏ ଯେ ତାହାର କୌଣସି ଅଂଶରେ ହେଲେ ଦୁର୍ଭିକ୍ଷ ପଡ଼ିଅଛି । ଏଠାରେ ଉପସ୍ଥିତ ଥିବା ଅନେକ ଲୋକଙ୍କ ମନରେ ୧୮୬୬ ମସିହାର ଦୁର୍ଭିକ୍ଷ କଥା ଜାଗ୍ରତ ଥିବ । କିନ୍ତୁ ଗବର୍ଣ୍ଣମେଣ୍ଟ ତଦ୍ବିଷୟରେ ସତର୍କ ହୋଇ ବାଣିଜ୍ୟ ବୃଦ୍ଧି କରିବା ଦ୍ୱାର ଓ ନାଳ ଖୋଳାଇବା ଦ୍ୱାର ଦୁର୍ଭିକ୍ଷ ନିବାରଣର ଉପାୟ କରି ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଆଉ ଏପରି ଦୁର୍ଭିକ୍ଷ ଉତ୍କଳରେ ଦେଖାଯିବାର ସମ୍ଭାବନା ନାହିଁ । କିନ୍ତୁ ଦୁର୍ଭିକ୍ଷ ବୃଷ୍ଟିଦୋଷରୁ ହୋଇଥାଏ ଓ କିଏ କହିପାରେ ଯେ ବୃଷ୍ଟିର ଅଭାବ ହେତୁରୁ ପୁନର୍ବାର ଦୁର୍ଭିକ୍ଷ ନ ଘଟିବ ।

ବାଣିଜ୍ୟ ଓ ଶ୍ରମଜୀବିକାର ବିଶେଷ ଉନ୍ନତି ହେଲେ ପ୍ରଜାମାନେ ଭୂମିର ଉତ୍ପନ୍ନ ଦ୍ରବ୍ୟ ପ୍ରତି ବିଶେଷ ନିର୍ଭର କରିବେ ନାହିଁ । ଯଦି କୃଷି ହାନି ହୁଏ ତେବେ ଲୋକେ ଅନ୍ୟ

Digitized by srujanika@gmail.com

ପାୟଦ୍ୱାରା ଜୀବନ ରକ୍ଷା କରିବାକୁ ସମର୍ଥ ହେବେ । ଭାରତବର୍ଷର କେତେକ ସ୍ଥାନରେ ବାଣିଜ୍ୟ ଓ ଶିଳ୍ପର ଉନ୍ନତି ହେଉଅଛି ଯେ ପ୍ରଜାମାନେ ତଦ୍ୱାରା ଜୀବନଯାତ୍ରା ନିର୍ବାହ କରି ପାରିବେ । ଆମ୍ଭମାନଙ୍କର ଏହି ଉତ୍କଳ ଦେଶରେ ଅନେକ ନୈସର୍ଗିକ ବିଭବ ଅଛି ଯାହାର ଉନ୍ନତି ହୋଇ ପାରେ । ଗଡ଼ଜାତରେ ଅରଣ୍ୟ ସବୁ ଏବେ ପ୍ରାଧାନ୍ୟ ଲାଭ କରିଅଛି । ପୂର୍ବ କାଳରେ ସେହି ଅରଣ୍ୟକୁ କେହି ପଗ୍ଭରୁ ନ ଥିଲେ । କିନ୍ତୁ ବର୍ତ୍ତମାନ କଡ଼ିକାଠ, ଜାଳିବା କାଠ ଓ ଜଙ୍ଗଲର ଉତ୍ପନ୍ନ ଦ୍ରବ୍ୟମାନ ବାଣିଜ୍ୟରେ ଲାଗୁଅଛି । ତଦ୍ୱାରା ରାଜାମାନଙ୍କର ସୁନ୍ଦର ଆୟ ହେଉଅଛି । ଦୁର୍ଭିକ୍ଷ ସମୟରେ ଗଡ଼ଜାତର ପ୍ରଜାମାନେ ଅରଣ୍ୟ ଉତ୍ପନ୍ନ ଦ୍ରବ୍ୟ କାରବାର କରି ଜୀବନ ରକ୍ଷା କରିପାରନ୍ତି । ଅରଣ୍ୟ ଅଧିକ ହେଲେ ବୃଷ୍ଟି ଭଲ ହୁଏ, ଏହା ବିଦିତ ବିଷୟ । ଅତଏବ ଅରଣ୍ୟ ପ୍ରକାରାନ୍ତରେ କୃଷିର ଉପକାର କରେ । ଅରଣ୍ୟର ହ୍ରାସ ହେଲେ କୃଷିର ହାନି ମଧ୍ୟ ହୋଇ ପାରେ । ଅତଏବ ଅରଣ୍ୟମାନଙ୍କୁ ରକ୍ଷା କରିବା ସର୍ବତୋଭାବେ ବିଧେୟ । ଅରଣ୍ୟ ଦ୍ୱାରା ଦେଶର ସ୍ଥାୟୀ ଉନ୍ନତି ହୋଇ ପାରେ ।

ଉତ୍କଳ ଦେଶରେ ବହୁମୂଲ୍ୟ ଦ୍ରବ୍ୟର ଖଣିମାନେ ଥିବାର ସମ୍ଭବ । ତନ୍ନିମନ୍ତେ ଜଣେ ଭୂତତ୍ତ୍ୱବେତ୍ତାଙ୍କର ଆବଶ୍ୟକ । ସେ ନିଯୁକ୍ତ ହୋଇ ଦେଶର ସର୍ବସ୍ଥାନ ଭ୍ରମଣ କରି ପରୀକ୍ଷା କଲେ ତଦ୍ୱାରା ବିଶେଷ ଉପକାର ହୋଇପାରେ । ବିଶେଷରେ ଗଡ଼ଜାତମାନଙ୍କୁ ବୁଲି ଦେଖିଲେ କେଉଁଠାରେ କି ଦ୍ରବ୍ୟ ଅଛି ତାହା ଆମ୍ଭେମାନେ ଜାଣିପାରିବା । ଏ ବିଷୟରେ କୃତକାର୍ଯ୍ୟ ହେବା ନିମିତ୍ତ ସମଗ୍ର କରଦ ରାଜାଙ୍କର ଓ ବଡ଼ ବଡ଼ ଜମିଦାରଙ୍କର ଏକତ୍ର ହେବାର ଆବଶ୍ୟକ ।

ଦେଶରେ ସ୍ୱଦେଶୀୟ ଶିଳ୍ପକାରଙ୍କର କୃତ ଦ୍ରବ୍ୟମାନ ଅଛି । ସେ ସବୁ ଦେଖି ତହିଁର ଉନ୍ନତି କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଏହି କଟକ ନଗର ରୂପାର ତାରକର୍ମ ନିମିତ୍ତ ବିଖ୍ୟାତ । ସେ କାର୍ଯ୍ୟ ବର୍ତ୍ତମାନ ମଧ୍ୟମ ରୂପେ ଚଳୁଅଛି । ଶ୍ରୀଯୁକ୍ତ ମଧୁସୂଦନ ଦାସ ମହାଶୟ ସେ କାର୍ଯ୍ୟର ଉନ୍ନତି ନିମିତ୍ତ ବିଶେଷ ଉଦ୍ୟୋଗୀ ହୋଇଥିବାରୁ ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ତାର ବ୍ୟବସାୟ କମିଯାଇଥିଲା କିନ୍ତୁ ତାଙ୍କର ଯତ୍ନରୁ ତାହାର ପୁନରୁଦ୍ଧାର ହୋଇଅଛି । ଅସୀମ ଉତ୍ସାହ ଓ ଅଧ୍ୟବସାୟଦ୍ୱାରା ମନୁଷ୍ୟ କେତେଦୂର କୃତକାର୍ଯ୍ୟ ହୋଇପାରେ, ଉକ୍ତ ମହାଶୟ ତହିଁର ଜୀବନ୍ତ ଦୃଷ୍ଟାନ୍ତ ଅଟନ୍ତି । ତାହାଙ୍କ ସଦୃଶ ଆମ୍ଭେମାନେ ସମସ୍ତେ ଯେବେ ଉତ୍ସାହଯୁକ୍ତ ହେଉଁ ତେବେ ଆମ୍ଭେମାନେ ବର୍ତ୍ତମାନ ଯେଉଁ ସବୁ ବିଷୟ ଦେଶର ଉପକାର ନିମିତ୍ତ ବିଗ୍ଭର କରୁଅଛୁଁ ସେ ସମସ୍ତ ବିଷୟ ଅନାୟାସରେ ସୁସମ୍ପନ୍ନ ହୋଇ ପାରିବ ଓ ଉତ୍କଳର ମୁଖ ଉଜ୍ଜ୍ୱଳ ହେବ ।

କଳକାରଖାନା ଆଉ ଗୋଟିଏ ବିଷୟ, ଯଥା ଲୁଗାକଳ ପ୍ରଭୃତି । ଏ ଦେଶର ଉତ୍ପନ୍ନ ଦ୍ରବ୍ୟ ଦେଶାନ୍ତରକୁ ଯାଇ ସେଠାରେ ଆମ୍ଭମାନଙ୍କର ବ୍ୟବହାର ଯୋଗ୍ୟ ଦ୍ରବ୍ୟ-

Digitized by srujanika@gmail.com

ମାନ ପ୍ରସ୍ତୁତ ହୋଇ ଆମ୍ଭ ନିକଟକୁ ଆସୁଅଛି । ତାହା ନ ହୋଇ ଏହି ଦେଶରେ ଯେବେ ସେହି ଦ୍ରବ୍ୟ ପ୍ରସ୍ତୁତ ହୁଅନ୍ତା ତେବେ ଏ ଦେଶର ଧନ ଏହି ଦେଶରେ ରହନ୍ତା ଓ ଲୋକେ ଅନେକ ଶସ୍ତାଦରରେ ସେହି ଦ୍ରବ୍ୟମାନ ପାଇ ପାରନ୍ତେ । କିନ୍ତୁ ସେପରି କାରଖାନା ଏ ଦେଶରେ ସ୍ଥାପନ କରିବାର ସମୟ ହୋଇଅଛି କି ନା ମୁଁ କହି ନ ପାରେଁ । କିନ୍ତୁ ଏ କାର୍ଯ୍ୟ ଅସମ୍ଭବ ନୁହେଁ । ସମ୍ଭବ ମଧ୍ୟରେ ଭାରତବର୍ଷରେ କେତେକ ସ୍ଥାନରେ ସେପରି କାରଖାନା-ମାନ ଫିଟିଅଛି । ଉତ୍କଳ ଦେଶରେ କି କାରଣରୁ ନୋହିପାରିବ ? ଆଜି ନ ହେଲେ କିଛି-କାଳ ପରେ ହେବ ।

ସ୍ଥାୟୀ ଉନ୍ନତି କରିବା ନିମିତ୍ତ ମୂଳଧନ ଆବଶ୍ୟକ । ମୂଳଧନ ନ ହେଲେ କୌଣସି କାର୍ଯ୍ୟ ସିଦ୍ଧ ହୋଇ ନ ପାରେ, ମୂଳଧନ ଖଟାଇଲେ ବାଣିଜ୍ୟର ଓ ଶ୍ରମଜୀବିକାର ବୃଦ୍ଧି ହୁଏ । ପୁନଶ୍ଚ ବାଣିଜ୍ୟ ବୃଦ୍ଧି ଓ ଶିଳ୍ପ ବୃଦ୍ଧିଦ୍ୱାରା ଧନ ବୃଦ୍ଧି ହୁଏ, ଅତଏବ ମୂଳଧନ, ବାଣିଜ୍ୟ ଓ ଶିଳ୍ପ ପରସ୍ପର ପରସ୍ପର ପ୍ରତି ନିର୍ଭର କରନ୍ତି । ଇଂଲଣ୍ଡ ଓ ଆମେରିକା ଏଥିର ଦୃଷ୍ଟାନ୍ତ; ସେହି ଦେଶରେ ବାଣିଜ୍ୟ ଓ ଶିଳ୍ପର ବିଶେଷ ଉନ୍ନତି ହୋଇଅଛି । ସେ ଦେଶରେ ଅନେକ ଲୋକେ କୋଟୀଶ୍ୱର ଅର୍ଥାତ୍ କୋଟି କୋଟି ଟଙ୍କାର ଅଧିକାରୀ ହୋଇଅଛନ୍ତି । ସେ ଦେଶମାନଙ୍କ ସଙ୍ଗେ ତୁଳନା କଲେ ଭାରତବର୍ଷ ବଡ଼ ଦରିଦ୍ର ।

ଅତଏବ ଭାରତବର୍ଷର ଧନୀଲୋକଙ୍କ ପ୍ରତି ବଡ଼ ଦାୟିତ୍ୱ ଅଛି, ସେମାନେ ଯଦ ନିଜ ନିଜ ଧନର ସଦ୍‌ବ୍ୟବହାର କରନ୍ତି ତେବେ ସେମାନଙ୍କର ନିଜର ଓ ସେମାନଙ୍କର ଦେଶର ଉନ୍ନତି ହେବ ଏବଂ ଉପକାର ହେବ । ଯେଉଁ କାର୍ଯ୍ୟରେ ଲାଭ ନାହିଁ ସେ କାର୍ଯ୍ୟରେ ଧନ ଖଟାଇଲେ କୌଣସି ଲାଭ ହୁଏ ନାହିଁ । ଟଙ୍କାକୁ ନେଇ ଜମା କରି ରଖିବା ମଧ୍ୟ ଉଚିତ ନୁହେଁ । ଯେତେବେଳେ ଅରାଜକ ହୋଇଥିଲା ସେତେବେଳେ ସଞ୍ଚୟକରି ରଖିବାର ଆବଶ୍ୟକତା ଥିଲା । କିନ୍ତୁ ଇଂରାଜ ଶାସନାଧୀନରେ ସେପରି କରିବାର ବାଞ୍ଛନୀୟ ନୁହେ । ଟଙ୍କାକୁ ଚଳପ୍ରଚଳ କରୁଥିଲେ ନିଜର ଲାଭ ଓ ଦେଶର ଉପକାର ହୁଏ । କୌଣସି ସମ-ୟରେ ଏପରି ହୁଏ ଯେ ମୂଳଧନ ଲୋକସାନ ହୋଇଯାଏ, କିନ୍ତୁ ସେ ଲୋକସାନରେ ଆମ୍ଭେ-ମାନେ ହତୋଦ୍ୟମ ନ ହୋଇ ଅଧିକ ଉଦ୍ୟମ ସହିତ କାର୍ଯ୍ୟ କରିବା ଉଚିତ । ଏ ବିଷୟ ଆମ୍ଭମାନଙ୍କର ସ୍ମରଣ ରଖିବା ଉଚିତ ଯେ ପରାଜୟ ନ ଥାଇ କୌଣସି କାର୍ଯ୍ୟ ନାହିଁ, ବାସ୍ତ-ବରେ ପରାଜିତ ହେଲେ ଭବିଷ୍ୟତରେ ଲୋକେ ସାବଧାନ ହୁଅନ୍ତି, ସାବଧାନ ହେବାର ଶିକ୍ଷା ଲାଭ ହୁଏ । ଏହି ପୃଥିବୀରେ ବିଜ୍ଞାନର ଯେତେ ଯେତେ ଆବିଷ୍କାର ହୋଇଅଛି ଓ କଳର ଯେତେ ଆବିଷ୍କାର ହୋଇଅଛି; ସବୁଥିରେ ଲୋକେ ବାରମ୍ବାର ପରାସ୍ତ ହୋଇ ପରି-ଶେଷରେ କୃତ କାର୍ଯ୍ୟ ହୁଅନ୍ତି । କଷ୍ଟମାନଙ୍କୁ ଅତିକ୍ରମ ନ କଲେ ଇଷ୍ଟସିଦ୍ଧିର ମୂଲ୍ୟ କାହୁ ହେବ, ଯେଉଁ କାର୍ଯ୍ୟରେ ଲୋକେ ବହୁତଥର ପରାସ୍ତ ହୋଇଥାନ୍ତି ସେହି କାର୍ଯ୍ୟ ସଫଳ ହେଲେ ଚେଷ୍ଟାକାରିଙ୍କର ତଦ୍ୱାରା ବିଶେଷ ଲାଭ ହୁଏ ।

Digitized by srujanika@gmail.com

ସଭ୍ୟବୃନ୍ଦ ! ଆପଣମାନଙ୍କ ସମକ୍ଷରେ ଶିକ୍ଷା, ସମାଜ ଓ ଶଳ୍ପ ସମ୍ବନ୍ଧୀୟ ଉନ୍ନତି ବିଷୟରେ ମୋର ଯେଉଁ ଅଭିପ୍ରାୟ ଥିଲା ତାହା ବ୍ୟକ୍ତ କଲି । ଉନ୍ନତିକୁ ଅଗ୍ରସର କରିବା ନିମିତ୍ତ ଏକତାର ଆବଶ୍ୟକ, ତାହା ଦେଖାଇବାକୁ ମୁଁ ଚେଷ୍ଟା କରିଅଛି । ଆମ୍ଭମାନଙ୍କ ମଧ୍ୟରେ ଯେଉଁ ମତଭେଦ ଅଛି ତାହା ପରିତ୍ୟାଗ କରି ଆମ୍ଭମାନଙ୍କ ଦେଶପ୍ରତି ଯେଉଁ କର୍ତ୍ତବ୍ୟକର୍ମ ଅଛି ତାହା କିପରି ସାଧନ କରିବାକୁ ହେବ ତଦ୍‌ବିଷୟରେ ମୁଁ କେତେକ କଥା କହିଅଛି, ମଧ୍ୟ ଅନ୍ୟାନ୍ୟ ସୁବକ୍ତା ଅଛନ୍ତି ଯେଉଁମାନେ କି ଏ ବିଷୟରେ ନିଜ ନିଜ ମତ ପ୍ରକାଶ କରିବେ । ଏ ବିଷୟମାନ ଅତି ଗୁରୁତର ଏବଂ ଆପଣମାନେ ଏହାକୁ ଅବଶ୍ୟ ଅତି ମନୋଯୋଗର ସହିତ ଶୁଣିବେ ଓ ଚିନ୍ତାକରିବେ ।

କେହି କେହି କହନ୍ତି ଯେ ବର୍ତ୍ତମାନ ଭରତବର୍ଷରେ ସମସ୍ତେ ଏକତ୍ର ହୋଇ କାର୍ଯ୍ୟ ସାଧନ କରିବା ଦୁଷ୍କର, କିନ୍ତୁ ମୋ କ୍ଷୁଦ୍ର ବିବେଚନା ରେ ଅନ୍ୟ ଦେଶରେ ଯାହା ହେଉ ଆମ୍ଭମାନଙ୍କର ଉତ୍କଳଦେଶରେ ସେପରି ହେବ ନାହିଁ । ଆପଣମାନେ ନିଜର ସମୟ ନଷ୍ଟ କରି, ସୁଖ ଭଙ୍ଗ କରି, ଏତେଦୂର ପଥ ଆଗମନ କରିଅଛନ୍ତି, ଆପଣମାନଙ୍କ ଅନ୍ତଃକରଣରେ ଯେଉଁ ଉତ୍ସାହ ଜାତ ହୋଇଅଛି, ତହିଁରୁ ମୋର ବିଶ୍ୱାସ ହେଉଅଛି ଯେ ଆମ୍ଭମାନଙ୍କର ଉଦ୍ୟମ ସଫଳ ହେବ । ଉତ୍କଳଦେଶର ଇତିହାସରେ ଏପରି ଗୋଟିଏ ସଭ ଅଭିନବ ବ୍ୟାପାର । ଏ ସଭରେ ଆପଣମାନଙ୍କୁ ସାକ୍ଷାତ କରି ମୋର ଅନିର୍ବଚନୀୟ ଆନନ୍ଦ ଜାତ ହୋଇଅଛି ଓ ଏହି ଦେଶହିତକର କାର୍ଯ୍ୟରେ ଆପଣମାନଙ୍କ ସହିତ ଭଗୀ ହୋଇଥିବାରୁ ମୁଁ ନିଜକୁ କୃତକୃତ୍ୟ ମନେ କରୁଅଛି ।

ସଭ୍ୟବୃନ୍ଦ ! ପରିଶେଷରେ କହୁଅଛୁଁ ଯେ ଆମ୍ଭମାନଙ୍କର କର୍ତ୍ତବ୍ୟ କର୍ମ ବଡ଼ କଠିନ, ଅତଏବ ମୁଁ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛି ଯେ ସେ କୃପାପୂର୍ବକ ଆମ୍ଭମାନଙ୍କର ଉଦ୍ୟମକୁ ସଫଳ କରନ୍ତୁ ଓ କର୍ତ୍ତବ୍ୟକର୍ମକୁ ସୁସମ୍ପନ୍ନ କରିବା ନିମିତ୍ତ ଶକ୍ତି ପ୍ରଦାନ କରନ୍ତୁ । ଇତି ।"

ସଭପତିଙ୍କ ବକ୍ତୃତା ସମସ୍ତ ସଭ୍ୟବୃନ୍ଦ ଅତି ମନୋଯୋଗ ସହିତରେ ଓ ସତୃଷ୍ଣ ନୟନରେ ଶୁଣୁଥିଲେ ।

ମହାରଜା କେନ୍ଦୁଝରର ପ୍ରସ୍ତାବ କଲେ । ଯଥା:—

୧ମ ପ୍ରସ୍ତାବ--ସମଗ୍ର ଉତ୍କଳଭାଷି ଅଞ୍ଚଳକୁ ଏକ ଶାସନାଧୀନରେ ସ୍ଥାପନ କରିବା ନିମନ୍ତେ ମାନ୍ୟବର ଭରତର ବଡ଼ଲାଟ ବାହାଦୁର ଯେଉଁ କଲ୍ୟାଣକର ପ୍ରସ୍ତାବ କରିଅଛନ୍ତି ସେଥି ନିମନ୍ତେ ଏହି ସମ୍ମିଳନୀ ମାନ୍ୟବର ବଡ଼ଲାଟ ମହୋଦୟଙ୍କୁ ହୃଦୟର ଗଭୀରତମ ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ବଡ଼ଲାଟ ମହୋଦୟଙ୍କ ଅବଗତି ନିମନ୍ତେ ଏ ନିର୍ଦ୍ଧାରଣ-ପତ୍ରର ପ୍ରତିଲିପି ପ୍ରାଇଭେଟ ସେକ୍ରେଟେରୀଙ୍କ ନିକଟକୁ ଏ ସଭ ପକ୍ଷରୁ ପ୍ରେରିତ ହେଉ ।

Digitized by srujanika@gmail.com

ଅନୁମୋଦନ—ଶ୍ରୀଯୁକ୍ତ ରଜା ଖଲ୍ଲି କୋଟ ଆଠଗଡ଼, ଗଞ୍ଜାମ ।'
ସମର୍ଥକ—ଶ୍ରୀଯୁକ୍ତ ରଜା ବୈକୁଣ୍ଠନାଥ ଦେ ବାହାଦୂର, ବାଲେଶ୍ୱର ।
ସମର୍ଥକ—ଶ୍ରୀଯୁକ୍ତ ବାବୁ ବିଶ୍ୱନାଥ କର, କଟକ ।
ସମର୍ଥକ—ଶ୍ରୀଯୁକ୍ତ ବାବୁ ବ୍ରଜମୋହନ ପଟ୍ଟନାୟକ, ସମ୍ବଲପୁର ।

ସମର୍ଥକମାନେ ଉପରୋକ୍ତ ପ୍ରସ୍ତାବ ସମର୍ଥନ କରି କହିଲେ:—ହେ ମହାରଜା, ରଜା, ଜମିଦାର, ସ୍କୁଲଛାତ୍ର ଓ ଭଦ୍ର ମହୋଦୟଗଣ ! ଏହି ଉତ୍କଳ ସମ୍ମିଳନୀ ସଭରେ ଉପସ୍ଥିତ ହୋଇ ଆପଣମାନଙ୍କୁ ଦର୍ଶନ କରି ଆମ୍ଭେମାନେ ପରମଆନନ୍ଦ ଲଭ କରିଅଛୁଁ । ମନୁଷ୍ୟର ଅଙ୍ଗ ବିଚ୍ଛିନ୍ନ ହେବା ଦ୍ୱାର ସେ ଯେପରି ସବଳ ରୂପେ କାର୍ଯ୍ୟ କରିବାକୁ ଅସମର୍ଥ ହୁଏ ସେହିପରି ସମଗ୍ର ଓଡ଼ିଆଭଷୀ ଦେଶସବୁ ଭିନ୍ନ ଭିନ୍ନ ଶାସନ ଅଧୀନରେ ରହି ଆଗ୍ରର ବ୍ୟବହାର, ରୀତିନୀତି ଆଦି ପ୍ରତ୍ୟେକ ବିଷୟରେ ଆମ୍ଭମାନଙ୍କୁ ଯେଉଁ ଅସୁବିଧା ଭେଗ କରିବାକୁ ପଡ଼ୁଅଛି, ତାହା ସମସ୍ତଙ୍କ ହୃଦୟଙ୍ଗମ ହୋଇଅଛି; ତାହା ଦୂରୀକରଣ ଅର୍ଥେ ସମସ୍ତ ଓଡ଼ିଆଭଷୀ ଦେଶ ସବୁ ଏକତ୍ର କରି କୌଣସି ଏକ ଶାସନାଧୀନରେ ରଖିବାକୁ ବଡ଼ଲଟ ସାହେବ ବାହାଦୂର ଯେଉଁ କଲ୍ୟାଣକର ପ୍ରସ୍ତାବ କରୁଅଛନ୍ତି, ତହିଁ ନିମନ୍ତେ ସମସ୍ତେ ତାଙ୍କୁ ଆନ୍ତରିକ ଧନ୍ୟବାଦ ଦେବା ଉଚିତ ।

୨ୟ ପ୍ରସ୍ତାବ—ମଧ୍ୟପ୍ରଦେଶର ଚିଫ୍ କମିଶନର ପଦରେ ପ୍ରତିଷ୍ଠିତ ଥିବା ସମୟରେ ବଙ୍ଗଦେଶର ବର୍ତ୍ତମାନ ଛୋଟଲଟ ମହୋଦୟ ସମ୍ବଲପୁରରେ ଓଡ଼ିଆ ଭଷାକୁ ଅଦାଲତର ଭଷା ରୂପେ ପୁନଃପ୍ରତିଷ୍ଠିତ କରିଥିବା ଯୋଗୁଁ ଏ ସମ୍ମିଳନୀ ସଭର ଆନ୍ତରିକ ଧନ୍ୟବାଦ ମହାମାନ୍ୟ ଛୋଟଲଟଙ୍କ ଅବଗତି ନିମିତ୍ତ ପ୍ରାଇଭେଟ୍ ସେକ୍ରେଟରୀଙ୍କ ନିକଟ ପ୍ରେରିତ ହେଉ ।

ପ୍ରସ୍ତାବକ—ବିଶାଖାପାଟନାର ଶ୍ରୀଯୁକ୍ତ ବିକ୍ରମଦେବ ବର୍ମା କହିଲେ—

"ଚିରକାଳରୁ ସ୍ଥାୟୀ ହୋଇଥିବା ଉତ୍କଳଭଷା ସମ୍ବଲପୁର ଅଞ୍ଚଳ ସରକାରୀ ଅଦାଲତମାନଙ୍କରୁ ଉଠିଯାଇଥିଲ ଏହା ଆପଣମାନଙ୍କୁ ଅଗୋଚର ନାହିଁ । ଯଦି ସେପରି ଘଟିଥାନ୍ତା ନିଶ୍ଚୟରେ ସେ ପ୍ରଦେଶରେ ଆଉ ଓଡ଼ିଆ ଭଷା ରହନ୍ତା ନାହିଁ । କାରଣ:— କେବଳ ସାହିତ୍ୟାନୁରଗରେ କୌଣସି ଭଷା ଗଠିତ ହେଉଥିବାର ପ୍ରାୟ ଦେଖାଯାଏ ନାହିଁ । ପ୍ରୟୋଜନ ବିନା ସର୍ବସାଧାରଣ ପଠନଶ୍ରମ ସ୍ୱୀକାର କରନ୍ତି ନାହିଁ । ବର୍ତ୍ତମାନ ବିଦ୍ୟାଭିବୃଦ୍ଧି ତହିଁର ପରିଗ୍ରୟକ ଅଟଇ । ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ଦେଶ ପ୍ରଚଳିତ ଭଷାମାନ ଅର୍ଥାତ୍ ତେଲଗୁ, ଦ୍ରାବିଡ଼, କର୍ଣ୍ଣାଟକ ପ୍ରଭୃତି ଭଷାମାନ ବ୍ୟବହୃତ ହେଉଥିବାରୁ ସେଠା ଛାତ୍ରମାନେ ଉକ୍ତ ଭଷାମାନଙ୍କୁ ନ ପଢ଼ିଲେ ଚଳେ ନାହିଁ । ଏହି କାରଣରୁ ସେ ଅଞ୍ଚଳରେ ସେହି ସେହି ଭଷାମାନଙ୍କର ଉନ୍ନତି ହେଉଅଛି । ଏହି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପ୍ରଭୃତି ଦେଶୀୟ ଭଷାମାନ ଉଚ୍ଚ ଶ୍ରେଣୀ ଛାତ୍ରମାନଙ୍କୁ ଆବଶ୍ୟକ ହେଉ ନ ଥିବାରୁ ଏଠା ବାଳକ-

Digitized by srujanika@gmail.com

ମାନେ ଦେଶୀୟ ଭାଷା ପଠନରେ ହେଳା କରୁଅଛନ୍ତି । ଯଦି ଓଡ଼ିଆଭାଷା ସମ୍ବଲପୁର କଚେରୀମାନଙ୍କରୁ ଉଠି ଯାଇଥାଆନ୍ତା ପଠନ ବିଷୟ ଈଶ୍ୱର ଜାଣନ୍ତି ଓଡ଼ିଆ ସମ୍ଭାଷଣ ସୁଦ୍ଧା ଲୋପ ହୋଇଯାନ୍ତା । ଏ ଦୀନ ଦୁଃଖୀ ଉତ୍କଳବାସୀଙ୍କଠାରେ କୃପାକରି ସମ୍ବଲପୁର ପ୍ରଦେଶରେ ଓଡ଼ିଆକୁ ପୁନଶ୍ଚ ରାଜକୀୟ ଭାଷା ସ୍ୱରୂପେ ସଂସ୍ଥାପନ କରିବା ହେତୁ, ମାନନୀୟ ଶ୍ରୀ ବଙ୍ଗଳା ଛୋଟଲାଟଙ୍କୁ ଧନ୍ୟବାଦ ଦେବା ନିମିତ୍ତ ଏବଂ ଉକ୍ତ ସମ୍ବାଦ ପ୍ରାଇଭେଟ ସେକ୍ରେଟରୀଙ୍କ ଦ୍ୱାରା ସେ ମହୋଦୟଙ୍କୁ ଜଣାଇବା ନିମିତ୍ତ ମୁଁ ପ୍ରସ୍ତାବ କରୁଅଛି ।"

ଅନୁମୋଦକ—ଶ୍ରୀଯୁକ୍ତ ବାବୁ ଚନ୍ଦ୍ରଶେଖର ବେହେରା (ସମ୍ବଲପୁର) କହିଲେ ।

"ସନ ୧୮୯୬ ସାଲରେ ଭୂତପୂର୍ବ ସାର୍ ଜନ୍ ଉଡ୍‌ବର୍ଣ୍ଣ ସାହେବ ସମ୍ବଲପୁରର ଅଦାଲତମାନଙ୍କରେ ହିନ୍ଦିଭାଷା ପ୍ରଚଳନର ଆଦେଶ ପ୍ରଚାର କରିବାରେ କ୍ରମେ କ୍ରମେ ଓଡ଼ିଆଭାଷାର ଶିକ୍ଷାର ଆଦର ଊଣା ପଡ଼ିଆସିଲା ଓ ଅନ୍ୟାନ୍ୟ ଜିଲାମାନଙ୍କରୁ ପରିବର୍ତ୍ତିତ ହାକିମମାନେ ଆଦୌ ସେ ଭାଷା ଶିକ୍ଷା ନ କରିବାରୁ ଜନସାଧାରଣଙ୍କ ଭାବ ନ ବୁଝି ତାଙ୍କ ସଙ୍ଗେ ସହାନୁଭୂତି ପ୍ରକାଶ କରିବାରୁ ବଞ୍ଚିତ ହେଲେ, ଏଥିର ପରିଣାମ ସ୍ୱରୂପ ଏହା ଘଟିଲା ଯେ ବିଦେଶୀୟ ଓ ସ୍ୱଦେଶୀୟ ଲୋକଙ୍କ ମଧ୍ୟରେ ଏକପ୍ରକାର ଘୃଣାଭାବ ଜାତ ହେଲା । କେବଳ ଏହା ନୁହେ ବିଦେଶୀମାନେ ସକଳ ପ୍ରକାର କାର୍ଯ୍ୟରେ ବେଶି ସଂଖ୍ୟାରେ ନିଯୁକ୍ତ ହେବାକୁ ଲାଗିଲେ । ଏ ସବୁ ପରିଣାମ ଦେଖି କତିପୟ ଭଦ୍ରବ୍ୟକ୍ତି ମାନନୀୟ ଫ୍ରେଜର ସାହେବଙ୍କୁ ଆପଣା ଦୁଃଖ ଜଣାଇବାରୁ ସେ ସମ୍ବଲପୁରର ଅଦାଲତମାନଙ୍କରେ ପୁନର୍ବାର ଓଡ଼ିଆ ପ୍ରଚଳନ ସକାଶେ ବଡ଼ଲାଟ ବାହାଦୂରଙ୍କୁ ସୁପାରିଶ କରି ଆପଣା ପ୍ରସ୍ତାବ କାର୍ଯ୍ୟରେ ପରିଣତ କରିବାରେ କୃତକାର୍ଯ୍ୟ ହୋଇ ସମ୍ବଲପୁରବାସୀଙ୍କର ଅଶେଷ ଉପକାର କରି ସେମାନଙ୍କର ଗୃହଦେବତା ସ୍ୱରୂପ ହୋଇଅଛନ୍ତି । ଉକ୍ତ ମାନନୀୟ ମହାଶୟ ଯେ ଉପକାର କରିଅଛନ୍ତି ତନ୍ନିମିତ୍ତ ସମ୍ବଲପୁରବାସୀ ତାଙ୍କୁ ଏଥିପୂର୍ବେ ଧନ୍ୟବାଦ ଦେଇଅଛନ୍ତି । ବର୍ତ୍ତମାନ ଉତ୍କଳ ସମ୍ମିଳନୀ ଏହି ଉପକାର ପାଇଁ ଫ୍ରେଜର ସାହେବଙ୍କୁ ଯେଉଁ ଧନ୍ୟବାଦ ଦେବାକୁ ପ୍ରସ୍ତାବ କରିଅଛନ୍ତି ତାହା ମୁଁ ଅନୁମୋଦନ କରୁଅଛି ।"

ସମର୍ଥକ—ପୁରୀର ଶ୍ରୀ ରାମଚନ୍ଦ୍ର ଦାସ କହିଲେ:—

"ସମ୍ବଲପୁର ଅଦାଲତମାନଙ୍କରୁ ଉତ୍କଳଭାଷା ଉଠିଯିବାରୁ ସେ ଅଞ୍ଚଳର ଲୋକମାନଙ୍କର ଓ ସମଗ୍ର ଉତ୍କଳଭାଷୀ ପ୍ରଦେଶରେ ଗଭୀର ଦୁଃଖ ଉପସ୍ଥିତ ହୋଇଥିଲା । ଗୋଟିଏ ଲୋକର ଜିହ୍ୱା କର୍ତ୍ତନ କଲେ ସେ ଯେପରି ମନୋଗତ ଭାବ ପ୍ରକାଶ କରି ନ ପାରେ ମାତୃଭାଷା ଉଠିଯିବାରୁ ସମ୍ବଲପୁର ଅଞ୍ଚଳର ଭାଇମାନେ ଅଦାଲତମାନଙ୍କରେ ଆପଣାର ମନୋଗତ ଭାବ ପ୍ରକାଶ କରି ସୁବିଚାର ପାଇବା ଆଶାରୁ ଏକାବେଳକେ ବଞ୍ଚିତ ହୋଇ-ଥିଲେ । ସାର ଏଣ୍ଡ୍ରୁ ଫ୍ରେଜର ମହୋଦୟ ଶାସନକର୍ତ୍ତା ଥିବାବେଳେ ସେ ଅଞ୍ଚଳର ସୁଯୋଗ୍ୟ ଭାଇମାନଙ୍କର କାତର ପ୍ରାର୍ଥନାରେ କର୍ଣ୍ଣପାତ କରି ମହାମାନ୍ୟ ଭାରତ ପ୍ରତିନିଧିଙ୍କ ନିକଟକୁ

Digitized by srujanika@gmail.com

ଲେଖବାରୁ ପୁନର୍ବାର ଉତ୍କଳଭଷା ଅଦାଲତର ଭଷା ହେବାର ଆଦେଶ ହୋଇଅଛି । ସେଥିନିମନ୍ତେ ସେ ଅଞ୍ଚଳର ଭଇମାନେ ତାଙ୍କ (ଫ୍ରେଜରଙ୍କ) ନାମ ଚିରସ୍ମରଣୀୟ କରିବା ସକାଶେ ଫ୍ରେଜର କୋମ୍ପାନୀ, ଫ୍ରେଜର ପ୍ରେସ,ଫ୍ରେଜର ଟାଙ୍କ ପ୍ରଭୃତି ସ୍ଥାପନ କରିଅଛନ୍ତି । କାର୍ଯ୍ୟ ଉପଲକ୍ଷରେ ଉକ୍ତ ମହାତ୍ମା ଏ ନଗରକୁ ଆସିଥିବା ସମୟରେ ଉତ୍କଳଭଷା ପୁନଃ-ପ୍ରଚଳନରେ ସାହାଯ୍ୟ କରିଥିବାରୁ ତାହାଙ୍କୁ କଟକର ଭଇମାନେ ଅଭିନନ୍ଦନ ପତ୍ରରେ ଧନ୍ୟବାଦ ପ୍ରଦାନ କରିଥିଲେ । ବର୍ତ୍ତମାନ ସମଗ୍ର ଉତ୍କଳଭଷୀ ପ୍ରଦେଶର ରଜା, ମହାରଜା, ଜମିଦାର, ଗଣ୍ୟ, ମାନ୍ୟ, ସୁଯୋଗ୍ୟ ସନ୍ତାନମାନେ ଆଜି ଏଠାରେ ଏକତ୍ରିତ ହୋଇଅଛ । ମୋହର ଆଶା ପୂର୍ବୋକ୍ତ ଘଟନା ସ୍ମରଣ କରି ଉକ୍ତ ମହାତ୍ମାଙ୍କୁ ଧନ୍ୟବାଦ ଦିଆଯିବାର ଯେ ପ୍ରସ୍ତାବ ହୋଇଅଛି ତାହା ଆମ୍ଭମାନଙ୍କର ଏକାନ୍ତ କର୍ତ୍ତବ୍ୟ ଏବଂ କୃତଜ୍ଞତାର ଏକ-ମାତ୍ର ଉପାୟ । ସୁତରାଂ ମୁଁ ଅନ୍ତରର ସହିତ ସେହି ପ୍ରସ୍ତାବ ଅନୁମୋଦନ କରୁଅଛି । ଆଶା-କରେ ସମସ୍ତେ ଏକବାକ୍ୟରେ ଏ ପ୍ରସ୍ତାବ ଅନୁମୋଦନ କରିବେ ।”

ସମର୍ଥକ—ବାଲେଶ୍ୱରର ଶ୍ରୀଯୁକ୍ତ ବାବୁ ଗଗନବିହାରୀ ଚଉଧୁରୀ ବି.ଏ, ବି.ଏଲ୍.,

୩ୟ ପ୍ରସ୍ତାବ—ଉତ୍କଳୀୟମାନେ ଅନ୍ୟ ଯେଉଁ ଜାତିମାନଙ୍କ ସଂଶ୍ରବରେ ଆସି-ଅଛନ୍ତି ସେମାନଙ୍କ ସଙ୍ଗେ ଉତ୍କଳୀୟମାନଙ୍କର ସଖ୍ୟ ଓ ଭ୍ରାତୃଭବର ସଂରକ୍ଷଣ ଓ ସମ୍ବର୍ଦ୍ଧନା ଏକାନ୍ତ ବାଞ୍ଛନୀୟ ବୋଲି ଏହି ଉତ୍କଳ ସମ୍ମିଳନୀ ସଭ ସ୍ଥିର କରୁଅଛନ୍ତି ।

ପ୍ରସ୍ତାବକ--ରଜା ବୈକୁଣ୍ଠନାଥ ଦେ ବାହାଦୂର, ବାଲେଶ୍ୱର ।

ଅନୁମୋଦକ ମଞ୍ଜୁଷାର ରଜଗୁରୁ ଶ୍ରୀଯୁକ୍ତ ରଜଗୋପାଳ ଆଗ୍ରେରୀ କହିଲେ:—

“ଏହି ମାନବ ଜଗତରେ ନାନାପ୍ରକାର ଶ୍ରେଣୀ ଉଚ୍ଚ ନୀଚ ବ୍ୟବସ୍ଥାରେ ଅବ-ସ୍ଥିତ । ମାତ୍ର କାଳକ୍ରମେ ନୀଚ ଜାତି ଉଚ୍ଚ ହୋଇ ପାରେ ଓ ଉଚ୍ଚ ଜାତି ନୀଚ ହୋଇ ପାରେ । ଏହାର ମୂଳ କାରଣ ସମ୍ପର୍କ । ଯାହାର ଉଚ୍ଚ ଶ୍ରେଣୀ ସହିତ ସମ୍ପର୍କ ରହେ ତାହାର ଉଚ୍ଚତା, ଯାହାର ଅବା ନୀଚ ଶ୍ରେଣୀ ସହିତ ସମ୍ପର୍କ ତାହାର ନୀଚତା ଉପାର୍ଜିତ ହୋଇ-ଥାଏ । ଅତଏବ, ବର୍ତ୍ତମାନ ଅବସ୍ଥାରେ ଓଡ଼ିଆମାନେ ସଂପୂର୍ଣ୍ଣ ଉଚ୍ଚ ଶ୍ରେଣୀରେ ପରିଗଣିତ ହୋଇ ପାରି ନାହାନ୍ତି । କିନ୍ତୁ ହେବାକୁ ଚେଷ୍ଟା କରୁଅଛନ୍ତି । ତେବେ ଯଦି ବିଜାତୀୟମାନଙ୍କ ସହିତ ବିଦ୍ୱେଷ ରଖିବାକୁ ହୁଏ ତାହା ହେଲେ ବନ୍ଧୁତା ଉପାର୍ଜନ ହୋଇ ନ ପାରେ । ଏବଂ ଅନ୍ୟୋନ୍ୟ ବିଦ୍ୱେଷଦ୍ୱାରା ବହୁ ପରିମାଣରେ ଅନିଷ୍ଟର ଘଟନା ହୋଇ ପାରେ । ଅତଏବ ଓଡ଼ିଆମାନଙ୍କର ସର୍ବଦା ବିଜାତୀୟମାନଙ୍କ ସହିତ ଦୃଢ଼ତର ସୌଭ୍ରାତ୍ର ଓ ଅଭିମାନ ରଖିବା ଆବଶ୍ୟକ । ପରନ୍ତୁ (ଆପଣାଠାରୁ) ଉଚ୍ଚଶ୍ରେଣୀ ସହିତ ସମ୍ପର୍କ ରଖିବା ଆବଶ୍ୟକ ବୋଲି ନ୍ୟୂନ ଶ୍ରେଣୀରେ ବିଦ୍ୱେଷ ରଖିବାର ମଧ୍ୟ କାର୍ଯ୍ୟ ନୁହେ । କେତେବେଳେ ହେଲେ କାହାରି

Digitized by srujanika@gmail.com

ଅବା ମିତ୍ରତା ବିଫଳ ହୁଏ ନାହିଁ । ଦେଖ, ମୁଁ ଜଣେ ଦ୍ରାବିଡ଼ ବୈଷ୍ଣବ । ମୋର କାଞ୍ଚୀ ନଗରରେ ନିବାସ । ପିତୃ ପିତାମହାଦିମାନେ ମଞ୍ଜୁଷାରେ ଆଶ୍ରୟ ଉପାର୍ଜନ କରିଥିବାରୁ ସେହି ସ୍ଥାନରେ ଅଦ୍ୟାପି ନିବାସ କରେ । ସେ ସ୍ଥାନଟି ଉତ୍କଳଭୂୟିଷ୍ଠ । ଉତ୍କଳମାନେ ଗୌଡ଼ ବିଭାଗରେ ଭୁକ୍ତ । ତଥାପି ସେମାନଙ୍କ ସହିତ ମୋର ଘନିଷ୍ଠ ସମ୍ପର୍କ ଥାଏ । ସେହିଯୋଗୁଁ ମୋର ନାନାପ୍ରକାର ଉପକାର ସାଧିତ ହୋଇଥାଏ । ଅତଏବ ଓଡ଼ିଆମାନଙ୍କ ମଧ୍ୟରେ ମୁଁ ଜଣେ ଓଡ଼ିଆହୋଇ ରହି ଥାଏଁ । ପ୍ରକୃତ ଉପଦେଶରେ ମୋତେ ନିଦର୍ଶନ ରୂପେ ଜାଣି ବିଜାତୀୟ ମୈତ୍ରୀରେ ତ୍ରୁଟି ନ କରିବା ଉଚିତ ଓ ଆବଶ୍ୟକ ।

ସମର୍ଥକ—ମେଦିନୀପୁରର ଶ୍ରୀଯୁକ୍ତ ବାବୁ ରାଧାନାଥ ପତି ବି.ଏଲ୍. ।
ସମର୍ଥକ—ଶ୍ରୀଯୁକ୍ତ ବାବୁ ଗଜନାରାୟଣ ମିଶ୍ର, ସମ୍ବଲପୁର ।
ସମର୍ଥକ—ରେଭରେଣ୍ଡ, ଏ. ଏଚ୍. ଇଅଙ୍ଗ, କଟକ ।
ସମର୍ଥକ—ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ଏମ୍. ଏ. ବି. ଏଲ୍., କଟକ ।

ସରସ ଓ ଉତ୍ସାହପୂର୍ଣ୍ଣ ଓଡ଼ିଆ ଓ ଇଂରେଜୀ ଭାଷାରେ ବକ୍ତୃତା ପ୍ରଦାନ କରିଥିଲେ ତହିଁର ମର୍ମ ଏହି କି:—ସ୍ଥିର ସମୁଦ୍ରରେ ଚନ୍ଦ୍ରର ଗୋଟିଏ ପ୍ରତିବିମ୍ବ ଦେଖାଯାଏ ମାତ୍ର ତରଙ୍ଗ ଉଠିଲେ ଶତ ଶତ ପ୍ରତିବିମ୍ବ ଦେଖାଯାଏ । ଆଜି ଭାଇମାନଙ୍କୁ ଦେଖି ମୋହର ହୃଦୟରେ ପ୍ରେମତରଙ୍ଗ ଉଠବାରୁ ମୁଁ ଭାଇମାନଙ୍କୁ ଦେଖି ସେହିପରି ଆନନ୍ଦିତ ହେଉଅଛି । ଧାତୁ ଅଗ୍ନି ସାହାଯ୍ୟରେ ତରଳି ଯାଇ ଥାଏ ଏବଂ ହିନ୍ଦୁଙ୍କର ବିଶ୍ୱାସ ଯେ ଏକତ୍ରେ ମିଳିଶି ଅଷ୍ଟଧାତୁ ଏମନ୍ତ ଏକ ଧାତୁମୟ ପଦାର୍ଥ ଉତ୍ପନ୍ନ ହୁଏ ଯାହା କି ଅନେକ ମହତ୍ କାର୍ଯ୍ୟ ସାଧନ କରି ଥାଏ । ଅତଏବ ଏହି ଭ୍ରାତୃପ୍ରେମ ଦ୍ୱାରା ଆମ୍ଭେମାନେ ଏପରି ଭାବରେ ଦ୍ରବୀଭୂତ ହେବୁଁ ଯେ ଏହି ନବଗଠିତ ଉତ୍କଳଖଣ୍ଡ ଅନେକ ଶୁଭ କାର୍ଯ୍ୟ ସମ୍ପାଦନ କରି ପାରିବ । ଇତିହାସକୁ ଅବଲୋକନ କଲେ ଜଣାଯାଏ ଯେ ନାନାସ୍ଥାନର ଲୋକେ ଇଂଲଣ୍ଡକୁ ଆସି ଏକତ୍ରେ ବାସ ଏବଂ ମିଶ୍ରଣ ଦ୍ୱାରା ଇଂରେଜ ଜାତି ହୋଇଅଛି ଏବଂ ଏହି ଜାତି କିପରି ମହତ କାର୍ଯ୍ୟମାନ ସାଧନ କରୁଅଛନ୍ତି ଏହା ବୋଲିବା ବାହୁଲ୍ୟ । ଆମ୍ଭମାନଙ୍କର ମାତୃଭୂମି ସକାଶେ ସେହି-ପରି ମିଶିବା ଆବଶ୍ୟକ । ଭାଇମାନଙ୍କ ମଧ୍ୟରୁ ଯଦି କେହି ମାତୃବିୟୋଗ ଦୁଃଖ ଭୋଗ କରିଥାନ୍ତି, ତେବେ ମାତୃବିୟୋଗ ରୂପ ଦାରୁଣ କ୍ଲେଶ ସେ ଅବଶ୍ୟ ବୁଝି ପାରୁଥିବେ । ବର୍ତ୍ତମାନ ଉତ୍କଳ ଜନନୀର ଦୁଃଖ ଦେଖି ଆମ୍ଭମାନଙ୍କ ମନରେ ତତୋଽଧିକ ଗଭୀର ଦୁଃଖ ହେବା ଅବଶ୍ୟଂଭାବି । କିପରି ଜନନୀର ଦୁଃଖ ମୋଚନ ହେବ ଦିବାରାତ୍ରି ଆମ୍ଭମାନଙ୍କର ଏହା ଭାବିବା ଉଚିତ । ଅନ୍ୟାନ୍ୟ ଉନ୍ନତ ଜାତିମାନଙ୍କ ସଙ୍ଗେ ତୁଳନା କରିବାକୁ ଗଲେ ଉତ୍କଳର ଅବସ୍ଥା ଅତି ଶୋଚନୀୟ । ଏହି ଅବସ୍ଥା ଦୂର କରିବା ନିମନ୍ତେ ଆମ୍ଭମାନଙ୍କର ଉନ୍ନତ ଜାତିମାନଙ୍କ ସଙ୍ଗେ ମିଶିବା ଏକାନ୍ତ ଆବଶ୍ୟକ । ମିଶିବାକୁ ଗଲେ ପ୍ରଥମେ ସମସ୍ତଙ୍କ ସଙ୍ଗେ ଭାଇ ଭାବ ରଖିବା ଆବଶ୍ୟକ, ଭ୍ରାତୃ ଚକ୍ଷୁରେ ନ ଦେଖିଲେ ଉନ୍ନତ ଜାତିଙ୍କ ସଙ୍ଗେ ସମକକ୍ଷ ହେବା କାଠିକାର ପାଠ ।

Digitized by srujanika@gmail.com

ମହାତ୍ମା ମହମ୍ମଦ କହିଅଛନ୍ତି ଯେ ଯେତେବେଳେ ସେ ପିଲା ଥିଲେ ସେ ସମୟରେ ଗୋଟିଏ ସ୍ୱର୍ଗଦୂତ ଆସି ତାହାଙ୍କ ଛାତିକୁ କାଟି ମେଲକଲା ଏବଂ ହୃଦୟର ପିଣ୍ଡଟି ବାହାର କରି ଆଣିଲା । ସେହି ପିଣ୍ଡରେ ଗୋଟିଏ କଳାଦାଗ ଥିଲା । ସ୍ୱର୍ଗୀୟ ଦୂତ ସେହି କଳାଦାଗଟି ଉଠାଇ ନେଇ ପିଣ୍ଡକୁ ପୁନର୍ବାର ଛାତିରେ ବସାଇ ଦେଲା । ସେହିପରି ଆମ୍ଭେମାନେ ସମସ୍ତେ ହୃଦୟରୁ କଳାଦାଗଟି ଉଠାଇ ଦେବାକୁ ଉଚିତ । କଳାଦାଦାଗ ଗୁଡ଼ିକ ଆଉ କିଛି ନୁହେ, ତାହା ଆମ୍ଭମାନଙ୍କର ଗର୍ବ ଓ ଅଭିମାନ । ଏଗୁଡ଼ିକ ହୃଦୟରୁ ବାହାର କରି ଦେବାକୁ ହେବ । ବିଜ୍ଞାନର ସିଦ୍ଧାନ୍ତ ଏହି ଯେ ମନୁଷ୍ୟ ଦେହର ମାଂସ ଓ ହାଡ଼ର କଣିକା ଗୁଡ଼ିକ ସାତବରଷରେ ଥରେ ବଦଳିଯାଏ । ତଥାପି ଶରୀର ବଢ଼ୁଥାଏ । ସେହିପରି ତୁମ୍ଭେ ଆମ୍ଭେ ଉତ୍କଳୀୟ ଜାତିର ମାଂସ ଓ ଅସ୍ଥି କଣିକା ମାତ୍ର । ଆଜି ତୁମ୍ଭେ ଓ ଆମ୍ଭେ ଅଛୁଁ କାଲି ତୁମ୍ଭେ ଆମ୍ଭେ ଚାଲିଯିବା, ତଥାପି ମନୁଷ୍ୟ ଶରୀର ପରି ଆମ୍ଭର ଜାତିଟି ଦିନକୁ ଦିନ ବଢ଼ୁଥିବ । ଜନନୀ ସେବାରେ ଆତ୍ମଗର୍ବ, ସ୍ୱାର୍ଥପରତା ତ୍ୟାଗ କରିବାକୁ ହେବ, ମୁଁ ବା ତୁମ୍ଭେମାନେ କାଲି ଇହସଂସାରରୁ ଚାଲିଯିବା, କିନ୍ତୁ ଜାତି ଅମର ଓ ଚିରଜୀବୀ । ସ୍ୱାର୍ଥତ୍ୟାଗ ଓ ପ୍ରେମ ଜାତୀୟ ଉନ୍ନତିର ପ୍ରଧାନ ସହାୟ ।

୪ର୍ଥ ପ୍ରସ୍ତାବ—ଉତ୍କଳୀୟମାନଙ୍କ ମଧ୍ୟରେ କାଳୋଚିତ ସାମାଜିକ ସଂସ୍କାରମାନ ପ୍ରବର୍ତ୍ତିତ କରିବା ନିମିତ୍ତ ବିହିତ ଉପାୟମାନ ଅବଧାରଣ କରି କାର୍ଯ୍ୟରେ ତାହା ପରିଣତ କରିବା ଉଦ୍ଦେଶ୍ୟରେ ଲୋକସାଧାରଣଙ୍କ ମତକୁ ଯତ୍ନସହକାରେ ସୁଶିକ୍ଷିତ କରାଇବା ପାଇଁ ତନ୍ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ ଏବଂ ସଭ୍ୟ ସଂଖ୍ୟା ବୃଦ୍ଧି କରିବାର ଓ ସ୍ଥାନୀୟ ଶାଖା ସମିତିମାନ ଗଠନ କରିବାର କ୍ଷମତା ଉକ୍ତ ସାମାଜକ ସମିତି ହସ୍ତରେ ନ୍ୟସ୍ତ ହେଉ । ଉକ୍ତ ସମିତି ସେମାନଙ୍କର ବାର୍ଷିକ କାର୍ଯ୍ୟର ବିବରଣ ସମ୍ମିଳନୀ ସଭାର ଆଗାମୀ ବାର୍ଷିକ ଅଧିବେଶନରେ ଉପସ୍ଥିତ କରିବାର ବିଧି ନିର୍ଦ୍ଧାରିତ ହେଉ ।

### ସ୍ଥାୟୀ ସମିତିର ସଭ୍ୟବୃନ୍ଦ

| | | | | |
|---|---|---|---|---|
| ୧ । | ମୟୂରଭଞ୍ଜର | ଶ୍ରୀମାନ୍ | ମହାରାଜ | ମହୋଦୟ |
| ୨ । | କେନ୍ଦୁଝରର | ,, | ,, | ,, |
| ୩ । | ଆଠଗଡ଼ର | ,, | ରାଜା | ,, |
| ୪ । | ଖଣ୍ଡପଡ଼ାର | ,, | ,, | ,, |
| ୫ । | ଆଠମଲ୍ଲିକର | ,, | ,, | ,, |
| ୬ । | ବାମଣ୍ଡାର | ,, | ,, | ,, |
| ୭ । | ସୋନପୁର | ,, | ,, | ,, |
| ୮ । | ଗାଙ୍ଗପୁରର | ,, | ,, | ,, |

Digitized by srujanika@gmail.com

## ସ୍ଥାୟୀ ସମିତିର ସଭ୍ୟବୃନ୍ଦ

| | | | | |
|---|---|---|---|---|
| ୯ । | ଜୟପୁରର | ,, | ମହାରାଜା | ,, |
| ୧୦ । | ପାରିକୁଦର | ,, | ରାଜା | ,, |
| ୧୧ । | କନିକାର | ,, | ,, | ,, |
| ୧୨ । | ତାଳଚେରର | ,, | ,, | ,, |
| ୧୩ । | ମଧୁପୁରର | ,, | ,, | ,, |
| ୧୪ । | ଟିଗିରିଆର | ,, | ,, | ,, |
| ୧୫ । | ଖଲ୍ଲିକୋଟ ଓ ଆଠଗଡ଼ର | ,, | ,, | ,, |
| ୧୬ । | ବଡ଼ଖେମୁଣ୍ଡିର | ,, | ,, | ,, |
| ୧୭ । | ମଞ୍ଜୁଷାର | ,, | ,, | ,, |
| ୧୮ । | ଧରାକୋଟର | ,, | ,, | ,, |
| ୧୯ । | ପାରଳାଖେମୁଣ୍ଡିର | ,, | ସେକେଣ୍ଡପ୍ରିନସ | |
| ୨୦ । | ବିଶାଖାପାଟଣାର | ଶ୍ରୀମାନ | ଯୁବରାଜ | ବିକ୍ରମଦେବ |
| ୨୧ । | ନରସିଂହପୁରର | ,, | ରାଜା | . |
| ୨୨ । | ବଡ଼ମ୍ବାର | ,, | ,, | |
| ୨୩ । | ରଣପୁରର | ,, | ,, | |
| ୨୪ । | ବୌଦର | ,, | ,, | |
| ୨୫ । | ଦଶପଲ୍ଲାର | ,, | ,, | |
| ୨୬ । | ନୀଳଗିରିର | ,, | ,, | |
| ୨୭ । | ଢେଙ୍କାନାଳର | ,, | ,, | |
| ୨୮ । | ପାଲଲହଡ଼ାର | ,, | ,, | |
| ୨୯ । | ରେଢ଼ାଖୋଲର | ,, | ,, | |
| ୩୦ । | ହିନ୍ଦୋଳର | ,, | ,, | |

୩୧ । ନୟାଗଡ଼ର ଶ୍ରୀମାନ ରାଜା

୩୨ । ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓ

୩୩ । ରାୟ ରାଧାନାଥ ରାୟ ବାହାଦୁର

୩୪ । ଶ୍ରୀଯୁକ୍ତ ବାବୁ ବିଶ୍ୱନାଥ କର

୩୫ । ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ

୩୬ । ଶ୍ରୀଯୁକ୍ତ ବାବୁ ରାମଶଙ୍କର ରାୟ

୩୭ । ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ

୩୮ । ଶ୍ରୀଯୁକ୍ତ ବାବୁ ଗୋକୁଳାନନ୍ଦ ଚୌଧୁରୀ

୩୯ । ଶ୍ରୀଯୁକ୍ତ ବାବୁ ଗୋପାଳଚନ୍ଦ୍ର ପ୍ରହରାଜ

Digitized by srujanika@gmail.com

## ସ୍ଥାୟୀ ସମିତିର ସଭ୍ୟବୃନ୍ଦ

୪୦ । ଶ୍ରୀଯୁକ୍ତ ବାବୁ ଅଭିରାମ ଭଞ୍ଜ
୪୧ । ଶ୍ରୀଯୁକ୍ତ ବାବୁ ସୁଦାମଚରଣ ନାୟକ
୪୨ । ଶ୍ରୀଯୁକ୍ତ ବାବୁ ଗୋପାଳବଲ୍ଲଭ ଦାସ
୪୩ । ଶ୍ରୀଯୁକ୍ତ ବାବୁ ରଙ୍ଗକିଶୋର ଦାସ
୪୪ । ଶ୍ରୀଯୁକ୍ତ ବାବୁ ନିମାଇଚରଣ ମିତ୍ର
୪୫ । ଶ୍ରୀଯୁକ୍ତ ବାବୁ ବନବିହାରୀ ପାଲିତ
୪୬ । ଶ୍ରୀଯୁକ୍ତ ବାବୁ ବ୍ରଜସୁନ୍ଦର ଦାସ
୪୭ । ଶ୍ରୀଯୁକ୍ତ ବାବୁ ଦାମୋଦର କର
୪୮ । ଶ୍ରୀଯୁକ୍ତ ବାବୁ ଫକୀରମୋହନ ସେନାପତି
୪୯ । ଶ୍ରୀଯୁକ୍ତ ବାବୁ ନନ୍ଦକିଶୋର ବଳ
୫୦ । ଶ୍ରୀଯୁକ୍ତ ବାବୁ ଯେ. ଏସ୍. ଗଡତ
୫୧ । ଶ୍ରୀଯୁକ୍ତ ବାବୁ ଏମ୍. ଏଲ୍. ଯେ ଯାଚକ
୫୨ । ଶ୍ରୀଯୁକ୍ତ ବାବୁ ବ୍ରଜାନନ୍ଦ ଦାସ
୫୩ । ଶ୍ରୀଯୁକ୍ତ ବାବୁ ପଦ୍ମନାଭ ଶତପଥୀ
୫୪ । ଶ୍ରୀଯୁକ୍ତ ପଣ୍ଡିତ ପୁରୁଷୋତ୍ତମ ତର୍କାଳଙ୍କାର
୫୫ । ଶ୍ରୀଯୁକ୍ତ ପଣ୍ଡତ ବିଶ୍ୱନାଥ ଶତପଥୀ
୫୬ । ମୌଲବୀ ସୈୟଦ ମହାମୁଦ ଅଲି
୫୭ । ମୌଲବୀ ରଫିଉଦ୍ଦିନ ମହମ୍ମଦ
୫୮ । ମୌଲବୀ ସେୟଦ୍ ନୁରୁଲ ହକ
୫୯ । ମୌଲବୀ ଏକରମ୍ ରସୁଲ
୬୦ । ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାଶ
୬୧ । ଶ୍ରୀଯୁକ୍ତ ରଜା ବୈକୁଣ୍ଠନାଥ ଦେ ବାହାଦୁର ବାଲେଶ୍ୱର
୬୨ । ଶ୍ରୀଯୁକ୍ତ ବାବୁ ଗଗନବିହାରୀ ଚୌଧୁରୀ

ଅନୁମୋଦକ :—ଶ୍ରୀଯୁକ୍ତ ବାବୁ ଦାନିଏଲ ମହାନ୍ତି (ବ୍ରହ୍ମପୁର) ନିମ୍ନଲିଖିତ ରୂପେ ସମର୍ଥନ କରିଥିଲେ ।

୧ "କାଳୋଚିତ ସାମାଜିକ ସଂସ୍କାର ଅତି ପ୍ରୟୋଜନୀୟ, କାରଣ ବିଗତ କାଳରେ ଯେ ୨ ସଂସ୍କାର ଅନୁକରଣ କରିବାର ଆବଶ୍ୟକ ଥିଲା ସମ୍ପ୍ରତି ତାହା ପରିତ୍ୟାଗ କରିବାର ସମୟ ହୋଇଅଛି । ପୂର୍ବେ ଉତ୍ତମ ସଭ୍ୟରୂପେ ପରିଗଣିତ ହେବା ନିମିତ୍ତ ସଭର ସଭ୍ୟମାନେ ପିନ୍ଧାଟିଏ ପିନ୍ଧି, ପାଛୁଡ଼ି ଖଣ୍ଡେ ଉପରେ ପକାଇ, କାନ୍ଧଉପରେ

Digitized by srujanika@gmail.com

ପାଣିଗାମୁଛା ଗୋଟିଏ ପକାଇ, କାନ୍ଧରେ ପାନଝାଲେ ଯାକି ସଭାରେ ଉପସ୍ଥିତ ହେଉଥିଲେ । ମାତ୍ର ବର୍ତ୍ତମାନ ଦେଶର ରୁଚି ପରିବର୍ତ୍ତିତ ହୋଇଅଛି ଏଣୁ ସାମୟିକ ବେଶାବଲମ୍ବନ କରିବା କର୍ତ୍ତବ୍ୟ ।

୨ ଯେଉଁ ଦିଗରୁ ପାଣି ପବନ ବହେ ଛତ୍ରା ଧରି ସେହିଦିଗକୁ ଡ଼େରିବାର ଆବଶ୍ୟକ, ଏବଂ ଉପଯୁକ୍ତ ସମୟରେ ବିହନ ବୁଣିବାକୁ ହୁଏ । ଅଶିଣ ମାସରେ ଧାନବୁଣି, କାର୍ତ୍ତିକ ମାସରେ ଶସ୍ୟ ଅପେକ୍ଷା କରିବା ବିଡ଼ମ୍ବନା ମାତ୍ର । ଜ୍ୟେଷ୍ଠ ମାସରେ ବିହନ ବୁଣିବା ଆବଶ୍ୟକ । ଏଣୁ ଏହି ସମୟରେ କାଳୋଚିତ ସାମାଜିକ ସଂସ୍କାର ପ୍ରବର୍ତ୍ତ କରିବା ନିମିତ୍ତ ବିହିତ ଉପାୟମାନ ଅବଧାରଣ ନ କଲେ ଭବି କାଳରେ ଉତ୍କଳୀୟ ସମାଜର ଗୌରବ ଅପେକ୍ଷିତ ହୋଇ ପାରିବ ନାହିଁ ।

୩ ଉତ୍କଳୀୟମାନଙ୍କ ମଧ୍ୟରେ ଯେ ସାମାଜିକ ସଂସ୍କାର କିଛି ନାହିଁ ଏହା ମୁଁ କହୁ ନାହିଁ, ଅନେକ ସାମାଜିକ ବିଧିବିଧାନ ଅଛି, ତଥାପି ଅନେକଗୁଡ଼ିଏ କୁସଂସ୍କାର ରୀତି ମଧ୍ୟ ପ୍ରବେଶ କରି ଆସୁଅଛି ତାହାସବୁ ତ୍ୟାଗ କରା ଆବଶ୍ୟକ । ସଂସ୍କାର କହିବା ମାତ୍ରକେ କୁସଂସ୍କାର ଦୂର କରିବାର ବୁଝାଯାଏ । କି କି କୁସଂସ୍କାର ଉତ୍କଳୀୟ ସମାଜ ମଧ୍ୟରେ ଅଛି ତା କହିଲେ ବାହୁଲ୍ୟ ହେବ । ତାହା ସବୁ ଦୂର କରିବାର ଭର ସ୍ଥାୟୀ ସମିତି ଉପରେ ନ୍ୟସ୍ତ ହେବାର ପ୍ରସ୍ତାବ ହୋଇଅଛି । ଏ ସମ୍ପର୍କରେ ସମିତି ଯାହା କରିବେ ତହିଁରେ ଯେ ଅଭିପ୍ରାୟ ସିଦ୍ଧ ହେବ ତାହା ନୁହେଁ । ଏଠାରେ ଆମ୍ଭେମାନେ ଯେତେ ଉପସ୍ଥିତ ହୋଇଅଛୁଁ ଆମ୍ଭେମାନେ ସମସ୍ତେ ଯତ୍ନ ସହକାରେ ସାଧାରଣ ଉତ୍କଳୀୟ ଭାଇମାନଙ୍କୁ ନିଜ ୨ ସହରରେ, ଗ୍ରାମରେ ,ସାଇରେ ଓ ଘରେ ସୁଶିକ୍ଷିତ କରାଇବାର ଭର ଆମ୍ଭ ପ୍ରତ୍ୟେକଙ୍କ ଉପରେ ମଧ୍ୟ ରହିଅଛି ।

୪ ମଧୁମକ୍ଷିକା ଯେମନ୍ତ ଚତୁର୍ଦ୍ଦିଗସ୍ଥ ପୁଷ୍ପମାନଙ୍କରୁ ମକରନ୍ଦ ସଂଗ୍ରହ କରିଆଣି ଆପଣାମାନଙ୍କ ମହୁ ଫେଣାକୁ ପୂର୍ଣ୍ଣ କରୁଥାନ୍ତି ତଦନୁକ୍ରମେ ଦେଖି, ଶୁଣି, ପଢ଼ି ଜାଣିଥିବା ପର୍ଯ୍ୟନ୍ତ କି ପ୍ରାଚ୍ୟ, କି ପାଶ୍ଚାତ୍ୟ, କି ଦକ୍ଷିଣ, କି ଉତ୍ତରୀୟ ସର୍ବ ଅଞ୍ଚଳର ସାମାଜିକକୁ ସଂସ୍କାର ଆମ୍ଭେମାନେ ବାଛି ଆମ୍ଭ ଉତ୍କଳୀୟ ଭ୍ରାତାମାନଙ୍କ ସମାଜରେ ପ୍ରବିଷ୍ଟ କରାଇବା ବାଧ୍ୟ ଅଟୁ ।

୫ ଏସମ୍ବନ୍ଧେ କୌଣସି ପତ୍ରିକା ଛାପା କରି ଉତ୍କଳୀୟମାନଙ୍କ ଅନୁକରଣାର୍ଥେ ପ୍ରଚାର କରାଇବାଠାରୁ ଆମ୍ଭେମାନେ ସମସ୍ତେ ଯେ ଯେଉଁ ଅଞ୍ଚଳରେ ବାସ କରୁଅଛୁ ସେ ସେହି ଅଞ୍ଚଳ ବାସିମାନଙ୍କୁ ହିତ ବାକ୍ୟ ଉପଦେଶଦ୍ୱାରା ଶିକ୍ଷିତ କରାଇଲେ ଫଳ ଅଧିକତର ହେବ ମୋର ଏ ବିଶ୍ୱାସ ।

୬ ଦେଖିବାକୁ ଗଲେ ଆମ୍ଭମାନଙ୍କର ଏହି ଭରତ ଖଣ୍ଡରେ ତୈଲଙ୍ଗ ଭାଇମାନେ, ଦ୍ରାବିଡ଼ ଭାଇମାନେ, ବଙ୍ଗାଳି ଭାଇମାନେ, ମହାରାଷ୍ଟ୍ରୀ ଭାଇମାନେ ସ୍ୱ ସ୍ୱ ସମାଜରେ

Digitized by srujanika@gmail.com

କାଳୋଚିତ ସଂସ୍କାରମାନ ପ୍ରବର୍ତ୍ତାଇବା ନିମିତ୍ତ ଯଥେଷ୍ଟ ସଜାଗର ହୋଇ କାର୍ଯ୍ୟ କରୁଅଛନ୍ତି, ପୁଣି ଦେଖିବା ହେଉନ୍ତୁ ସେମାନଙ୍କର ସମାଜ କେଡ଼େ ଉନ୍ନତି ଲାଭ କରିଅଛି । ଆମ୍ଭେମାନେ ସେପରି ନ କଲେ କାଳକ୍ରମେ ସେମାନଙ୍କର ଅଧୀନତା ସ୍ୱୀକାର କରିବାକୁ ହେବ; ଯେମନ୍ତ କଥିତ ଅଛି "ମାରି ବାହାରିଲେ ମହାପାତ୍ର ଗୃହିଁ ବସିଥିଲେ ଜଳକା" ଏଣୁ ଆମ୍ଭେମାନେ ଜଳକା ତୁଲ୍ୟ ନ ହୋଇ ପ୍ରାଣପଣ ଚେଷ୍ଟା କରିବା । ଏତଦ୍ ବିଷୟରେ ଯେଉଁ ପ୍ରସ୍ତାବ ହୋଇଅଛି ତାହା ମୁଁ ସମ୍ପୂର୍ଣ୍ଣ ଉତ୍ସାହ ଓ ସନ୍ତୋଷସହ ସମର୍ଥନ କରୁଅଛି ।

୫ମ ପ୍ରସ୍ତାବ:--ଓଡ଼ିୟାଭାଷାର ଏବଂ ସାହିତ୍ୟର ଉନ୍ନତି ସାଧନାର୍ଥ ସମ୍ମିଳିତ ଓ ସୁଶୃଙ୍ଖଳିତ ଚେଷ୍ଟାର ଆବଶ୍ୟକତା ଏହି ସମ୍ମିଳନୀ ଉପଲବ୍‌ଧି କରୁଅଛନ୍ତି । ସେହି ଉଦ୍ଦେଶ୍ୟ ସାଧନାର୍ଥ ନିମ୍ନଲିଖିତ ବ୍ୟକ୍ତିମାନଙ୍କଦ୍ୱାର ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ । ଉକ୍ତ ସ୍ଥାୟି ସମିତି କଟକର "ଉତ୍କଳ-ସାହିତ୍ୟ-ସମାଜ" ସଙ୍ଗେ ଯୁକ୍ତ ହୋଇ ଉଦ୍ଦେଶ୍ୟ ସାଧନ ନିମନ୍ତେ ବିହିତ ଉପାୟର ବିଧାନ କରନ୍ତୁ; ଉକ୍ତ ସମିତି ସେମାନଙ୍କର ବାର୍ଷିକ କାର୍ଯ୍ୟ ବିବରଣ ସମ୍ମିଳନୀର ଅଧିବେଶନରେ ଉପସ୍ଥାପିତ କରିବାର ବିଧି ନିର୍ଦ୍ଧାରିତ ହେଉ ।

ସ୍ଥାୟୀ ସାହିତ୍ୟ ସମିତିର ସଭ୍ୟବୃନ୍ଦ :---

୧ । ରାୟ ରାଧାନାଥ ରାୟ ବାହାଦୂର
୨ । ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓ
୩ । ଶ୍ରୀଯୁକ୍ତ ବାବୁ ଫକୀରମୋହନ ସେନାପତି
୪ । ଶ୍ରୀଯୁକ୍ତ ବାବୁ ବିଶ୍ୱନାଥ କର
୫ । ଶ୍ରୀଯୁକ୍ତ ବାବୁ ଅଭିରାମ ଭଞ୍ଜ
୬ । ଶ୍ରୀଯୁକ୍ତ ବାବୁ ନନ୍ଦକିଶୋର ବଳ
୭ । ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାଶ (ଶିକ୍ଷକ)
୮ । ଶ୍ରୀଯୁକ୍ତ ବାବୁ ଗୋପାଳଚନ୍ଦ୍ର ପ୍ରହରାଜ

ପ୍ରସ୍ତାବକ--ରାୟ ରାଧାନାଥ ରାୟ ବାହାଦୂର କଟକ
ଅନୁମୋଦକ--ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓ କଟକ
ସମର୍ଥକ--ଶ୍ରୀଯୁକ୍ତ ବାବୁ ଗୋପାଳବଲ୍ଲଭ ଦାସ ଏମ୍. ଏ, କଟକ

ଆମ୍ଭଙ୍କୁ ଏହି ପ୍ରସ୍ତାବ ସମର୍ଥନ କରିବାକୁ ହେଉଅଛି ଯେ ଓଡ଼ିଆଭାଷା ଓ ସାହିତ୍ୟର ଉନ୍ନତି ସାଧନ ପାଇଁ ଗୋଟିଏ ସମିତି ଗଠିତ ହେଉ । ଅବଶ୍ୟ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଚେଷ୍ଟା କରିବାର ସମୟ ଉପସ୍ଥିତ ହୋଇଅଛି ସତ୍ୟ, କିନ୍ତୁ ତାହା ବୋଲି ଓଡ଼ିଆଭାଷା ଓ ସାହିତ୍ୟ ସମ୍ବନ୍ଧରେ ସାଧାରଣଙ୍କର ଯେଉଁପରି ଧାରଣା ଅଛି ତାହା ଯଥାର୍ଥ ନୁହେ । କେହି ୨ କହନ୍ତି ଯେ ଗୋଟାଏ ହାଣ୍ଡିରେ କଡ଼ା କେତେ କଉଡ଼ି

Digitized by srujanika@gmail.com

ପୂରଇ ହଲଇଲେ ଓଡ଼ିଆ ହେଲ । କେହି ୨ କହନ୍ତି ଯେ ବଙ୍ଗଳାଭଷାର ଗୋଟାକେତେ ଅକ୍ଷର ପରିବର୍ତ୍ତନ କାଟ ଛାଟ କରି ଦେଲେ ଓଡ଼ିଆ ହେଲ । ଏହିପରି କେତେକ କଥା ଶୁଣା ଯାଇଥାଏ । ଆଜି ସବୁ ଭଇମାନେ ଏକତ୍ରିତ ହୋଇଥିବାରୁ ଏ ଦୁଃଖ ପ୍ରକାଶ କରିବାକୁ ହେଉଅଛି । କିନ୍ତୁ ଏ ଧାରଣା ଅମୂଳକ । ଟିକିଏ ଭବିଲେ ଦେଖାଯାଏ ବଙ୍ଗଳାଭଷାଠାରୁ ଓଡ଼ିଆର ସଂସ୍କୃତ ସଙ୍ଗେ ଅଧିକ ସାଦୃଶ୍ୟ । ସଂସ୍କୃତ ନାଟକରେ ସ୍ତ୍ରୀଲୋକମାନଙ୍କର କଥା ବାର୍ତ୍ତାକୁ ଓଡ଼ିଆ କଥାବାର୍ତ୍ତା ଅନେକ ମେଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ନିରକ୍ଷର ଲୋକେ ସୁଦ୍ଧା ଅନେକ ସଂସ୍କୃତ କଥା ବ୍ୟବହାର କରିଥାନ୍ତି--ଗଛ ପତ୍ରର ନାମ ସୁଦ୍ଧା ସଂସ୍କୃତ । ଏହା ଏତେଦୂର ଜଣା ଶୁଣା ଯେ ଏହାର ଉଦାହରଣ ଦେଇ ସମୟ ନଷ୍ଟ କରିବାର ପ୍ରୟୋଜନ ନାହିଁ । ସଂସ୍କୃତ ସଙ୍ଗେ ଏତେ ସାଦୃଶ୍ୟ ଥିଲେ ସୁଦ୍ଧା ଓଡ଼ିଆର ନିଜର ଟିକିଏ ବିଶେଷତ୍ୱ ଅଛି । ସଂସ୍କୃତରେ ମନୁଷ୍ୟତା ଛନ୍ଦେ ଓଡ଼ିଆରେ ମନୁଷ୍ୟପଣିଆ ଉଦାହରଣଟି ଦେଲେ ଯଥେଷ୍ଟ ହେବ ବୋଲି ମନେ କରୁଅଛୁଁ । ପୁଣି ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ ଆମ୍ଭମାନଙ୍କର ସୁପରିଚିତ ବିମସ୍ ସାହେବ ପ୍ରମାଣ ଦେଖାଇ ଯାଇଅଛନ୍ତି । ଯେ ବଙ୍ଗଳାଭଷା ସୃଷ୍ଟି ହେବାର ବହୁକାଳ ପୂର୍ବେ ଓଡ଼ିଆ ସାହିତ୍ୟ ସମୃଦ୍ଧଶାଳିନୀ ଥିଲା । ଆଜି ବଙ୍ଗଳା ଏତେ ସମୃଦ୍ଧଶାଳିନୀ ହୋଇ ସୁଦ୍ଧା ତହିଁରେ ଓଡ଼ିଆପରି ଏତେ ଧର୍ମଶାସ୍ତ୍ରର ପଦ୍ୟାନୁବାଦ ନାହିଁ । ଏହି ଅଭବ ଦୂର କରିବା ନିମନ୍ତେ ସେ ଦିନ ଓଡ଼ିଆ ଏକାଦଶସନ୍ଧ ବଙ୍ଗଳା ଅକ୍ଷରରେ ଛାପା ହୋଇଅଛି । ଲଙ୍କଳାରେ ଭରତ ଓ ରମାୟଣର ଏକ ପ୍ରକାର ପଦ୍ୟାନୁବାଦ ଦେଖାଯାଏ । କିନ୍ତୁ ଓଡ଼ିଆରେ ଦୁଇ ତିନିପ୍ରକାର ସେପରି ଅନୁବାଦ ଚଳି-ଆସୁଅଛି । ଭରତବର୍ଷରେ ପ୍ରାୟ ସବୁ ପ୍ରାକୃତ ଭଷାର କାବ୍ୟ ନାଟକାଦି ପୌରଣିକ ଘଟନା ଅବଲମ୍ବନରେ ଲେଖା ହୋଇଥିବା ଓ ଓଡ଼ିଆ ପଦ୍ମାବତୀ କାଦ୍ୟ ଏହି ପ୍ରଚଳିତ ପ୍ରଥା ଅନୁସରଣରେ ଲେଖା ନ ହୋଇ କବିଙ୍କର କପୋଳକଳ୍ପିତ ଘଟଣା ଥିବାରୁ ଗ୍ରୀୟରସନ ସାହେବ ପଦ୍ମାବତୀ ଓ ତାହାର ଗ୍ରନ୍ଥକାରଙ୍କର ଭୂରି ଭୂରି ପ୍ରଶଂସା କରିଅଛନ୍ତି । ଆମ୍ଭ ପୂର୍ବପୁରୁଷମାନେ ଲବଣ୍ୟବତୀ, ରସକହାରବଳ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ପ୍ରଭୃତି ରଖି ଯାଇଅଛନ୍ତି । ପ୍ରେମ ଆଶା କିପରି ପ୍ରକାଶ କରଯାଇ ପାରେ ତାହାର ପ୍ରମାଣ ବିଦଗଧଚିନ୍ତାମଣିର ଦୁଇଗୋଟି ଛାନ୍ଦରେ ଥୁଆ ହୋଇଅଛି । ଏହିପରି ଦେଖାଯାଏ ଯେ ଆମ୍ଭମାନଙ୍କର ପୂର୍ବ ପୁରୁଷମାନେ ଯେ ଆମ୍ଭମାନଙ୍କର ଟେକ ପାଇଁ କେବଳ ଶ୍ରୀକ୍ଷେତ୍ର, ଭୁବନେଶ୍ୱର ମାଟି ପଥରର କାମ ରଖିଯାଇଅଛନ୍ତି ତାହା ନୁହେଁ, ଯେପରି ଏକ ଦିଗରେ ମାଟି ପଥର କାମ ରଖିଥିଲେ ସେହିପରି ଅନ୍ୟ ଆଡ଼େ ତ୍ରିବେଣୀଠାରୁ କାବେରୀ ପ୍ରଦେଶ ଜୟ କରିଥିଲେ । ଆମ୍ଭେମାନେ କେବଳ ଆମ୍ଭମାନଙ୍କର ଅଣ୍ଡଧନକୁ ନ ଗୁହିଁବାରୁ ଆମ୍ଭ-ମାନଙ୍କୁ ଏପରି ଲାଞ୍ଛିତ ଓ ଅପମାନିତ ହୋଇ ନିରବରେ ଦୁଃସହ ମନୋବେଦନା ଭେଗ କରିବାକୁ ହୋଇଥାଏ ଓ ଆମ୍ଭେମାନେ ଭ୍ରମରେ ପଡ଼ିଥାଉଁ । ଏହା ବୋଲି ଯେ ଆମ୍ଭେ-ମାନେ ନିଶ୍ଚିନ୍ତ ରହିବା ତାହା ନୁହେଁ । ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଯେଉଁ ଭଷା ଓ ସାହିତ୍ୟ ରଖି ଯାଇଅଛନ୍ତି ତହିଁରେ ପାଶ୍ଚାତ୍ୟଭବ ଓ ବିଜ୍ଞାନ ଓ ପାଶ୍ଚାତ୍ୟ ଦର୍ଶନ ଶାସ୍ତ୍ର ପ୍ରଭୃତିର ଅଭବ ଅଛି । ସେ ସବୁ ଅଭବମାନ ସ୍ମରଣ କଲେ ଯେ ଆମ୍ଭମାନଙ୍କର ଉନ୍ନତିର

Digitized by srujanika@gmail.com

ଆଶା ନାହିଁ ଏହା କହିବା ବାହୁଲ୍ୟ ମାତ୍ର । ଏଥିରେ ଏଣିକି ସମସ୍ତେ କାୟମନୋବାକ୍ୟରେ ଯତ୍ନବାନ ହେଲପରି ଆଶା ହେଉଅଛି—କାରଣ ଆଜି ଏଠାରେ କଟକ, ବାଲେଶ୍ୱର, ମେଦିନୀପୁର, ସମ୍ବଲପୁର, ଗଞ୍ଜାମର ବ୍ରାହ୍ମଣ, କ୍ଷତ୍ରୀୟ, କରଣ, କାୟସ୍ଥ, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ଏକତିତ । ଏମାନଙ୍କର ଦେଶାଗ୍ରର କୂଳାଗ୍ରର ମାନ ମର୍ଯ୍ୟାଦା ସବୁ ପୃଥକ୍ । ଏପରି କି ଅନେକ ଅନେକଙ୍କ ହସ୍ତର ଜଳସୁଦ୍ଧା ସ୍ପର୍ଶ କରିବେ ନାହିଁ । ତଥାପି ସମସ୍ତଙ୍କର ମାତୃଭାଷା ଏକବୋଲି ଆଜି ସମସ୍ତେ ଏକ ମନ ପ୍ରାଣ ହୋଇଅଛନ୍ତି । ଆଜି ଯେ ଏପରି ହୋଇଅଛନ୍ତି ତାହା ନୁହେଁ । ଯେତେବେଳେ ଓଡ଼ିଶାରୁ ଓଡ଼ିଆଭାଷା ଉଠାଇ ଦେବାକୁ ଶେଷ ଯୁଦ୍ଧ ଲାଗିଥିଲା ତେତେବେଳେ କି ଗଞ୍ଜାମବାସୀ କି ସମ୍ବଲପୁରବାସୀ ସମସ୍ତେ ସମବେଦନା ଅନୁଭବ କରିଥିଲେ । ସମ୍ବଲପୁରରୁ ଓଡ଼ିଆଭାଷା ଉଠାଇ ଦିଆଯିବାବେଳେ ମଧ୍ୟ ସେହିପରି ଭାବ ହୋଇଥିଲା । ଶତ ୨ କ୍ରୋଶ ଦୂରରେ ଥାଇ ଚିହ୍ନା ପରିଚୟ ନ ଥିଲା ବେଳେ ଯେବେ ତୁଣ୍ଡରୁ ମାତୃସ୍ତନ କାଢ଼ିନେଲା ପରି ସମବେଦନା ଭୋଗ କରିଥିଲୁଁ ତେବେ ଆଜି ଏହି ସମ୍ମିଳନୀ ଉତ୍ତାରୁ ଆମ୍ଭେମାନେ ତହୁଁ ଅଧିକ ଭାବରେ ବଦ୍ଧ ହେବା, ଏହା ନିଶ୍ଚୟ ।

ସମର୍ଥକ—ସମ୍ବଲପୁରର ଶ୍ରୀଯୁକ୍ତ ବାବୁ ଗଙ୍ଗାଧର ମେହେର କହିଲେ—

"ପ୍ରତ୍ୟେକ ବିଷୟର ଉନ୍ନତି ନିମନ୍ତେ ଗୋଟିଏ ଗୋଟିଏ ବିଭାଗ କରାଯିବାର ଆବଶ୍ୟକ, ଉନ୍ନତ ଦେଶମାନଙ୍କରେ ତାହା କରା ଯାଇଅଛି । ସାହିତ୍ୟର ଉନ୍ନତି ନିମନ୍ତେ ସମ୍ପ୍ରତି ଆମ୍ଭଦେଶରେ ଗୋଟିଏ ବିଭାଗ ସ୍ଥାପନ କରାଯିବା ବାଞ୍ଛନୀୟ ଏବଂ ଯେପରି ଉତ୍କଳ ସାହିତ୍ୟ ଆବର୍ଜ୍ଜନା ପୂର୍ଣ୍ଣ ନ ହୋଇ ଉତ୍ତମ ଉତ୍ତମ ଅଳଙ୍କାରରେ ପରିଶୋଭିତ ହେବ ତହିଁର ସମ୍ୟକ ଚେଷ୍ଟା ହେଲେ ଅଧିକ ଶ୍ରେୟଃ ହେବ" ।

୬ଷ୍ଠ ପ୍ରସ୍ତାବ :—ଉତ୍କଳୀୟମାନଙ୍କର ବୈଷୟକ ଉନ୍ନତି ଏବଂ ଉତ୍କଳଭାଷୀ ଅଞ୍ଚଳର କୃଷି ଓ ଶଳ୍ପାଦି ସମ୍ବନ୍ଧୀୟ ଉନ୍ନତି ସାଧନାର୍ଥ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ । ଉକ୍ତ ସମିତି ପ୍ରୟୋଜନାନୁସାରେ ଉତ୍କଳର ବିଭିନ୍ନ ଅଞ୍ଚଳରେ ଶାଖା ସମିତିମାନ ଗଠନ କରି ଓ ସଭ୍ୟସଂଖ୍ୟା ବୃଦ୍ଧି କରି ଉଦ୍ଦେଶ୍ୟ ସାଧନାର୍ଥ ଯଥାବିହିତ ଉପାୟ ଅବଲମ୍ବନ କରନ୍ତୁ । ପ୍ରତିବର୍ଷ ସମ୍ମିଳନୀର ଅଧିବେଶନ ସମୟରେ ଗୋଟିଏ ପ୍ରଦର୍ଶନୀ ବସାଇବାର ବ୍ୟବସ୍ଥା କରାଯାଉ ଏବଂ କଟକର "ଉତ୍କଳ ଶିଳ୍ପୋନ୍ନତି ସଭାକୁ" ଏହି ସମ୍ମିଳନୀର ଅଙ୍ଗୀଭୂତ କରିବାର ଚେଷ୍ଟା କରାଯାଉ । ସମିତିର ବାର୍ଷିକ କାର୍ଯ୍ୟ ବିବରଣ ସମ୍ମିଳନୀର ଆଗାମୀ ଅଧିବେଶନରେ ଉପସ୍ଥାପିତ ହେବାର ବିଧି ନିର୍ଦ୍ଧାରିତ ହେଉ .

ପ୍ରସ୍ତାବକ—ତାଳଚେରର ଶ୍ରୀମାନ୍ ରାଜା ମହୋଦୟ,

Digitized by srujanika@gmail.com

ଅନୁମୋଦକ--ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ, ଏମ୍ ଏ. ବି.ଏଲ୍, ସି, ଆଇ.ଇ
ସମର୍ଥକ—ଶ୍ରୀଯୁକ୍ତ ବାବୁ କୃଷ୍ଣଚନ୍ଦ୍ର ପାଳିତ,
ସମର୍ଥକ--ଶ୍ରୀଯୁକ୍ତ ବାବୁ ଶରତଚନ୍ଦ୍ର ମୁଖୋପାଧ୍ୟାୟ ।

## ସ୍ଥାୟୀ ସମିତିର ସଭ୍ୟବୃନ୍ଦ ।

| | | | | |
|---|---|---|---|---|
| ୧ । | ମୟୂରଭଞ୍ଜର | ଶ୍ରୀମାନ | ମହାରାଜ | ମହୋଦୟ |
| ୨ । | କେନ୍ଦୁଝରର | ,, | ,, | ,, |
| ୩ । | ଜୟପୁରର | ,, | ,, | ,, |
| ୪ । | ଆଠଗଡ଼ର | ,, | ରଜା | ,, |
| ୫ । | ଖଣ୍ଡପଡ଼ାର | ,, | ,, | ,, |
| ୬ । | ଆଠମଲ୍ଲିକ | ,, | ,, | ,, |
| ୭ । | ବାମଣ୍ଡାର | ଶ୍ରୀମାନ | ରଜା | ମହୋଦୟ |
| ୮ । | ସୋନପୁରର | ,, | ,, | ,, |
| ୯ । | ଗାଙ୍ଗପୁରର | ,, | ,, | ,, |
| ୧୦ । | ପାରିକୁଦର | ,, | ,, | ,, |
| ୧୧ । | କନିକାର | ,, | ,, | ,, |
| ୧୨ । | ତାଳଚେରର | ,, | ,, | ,, |
| ୧୩ । | ମଧୁପୁରର | ,, | ,, | ,, |
| ୧୪ । | ତିଗିରିଆର | ,, | ,, | ,, |
| ୧୫ । | ଖଲ୍ଲିକୋଟ ଓ ଆଠଗଡ଼ର | ,, | ,, | ,, |
| ୧୬ । | ବଡ଼ଖେମଣ୍ଡିର | ,, | ,, | ,, |
| ୧୭ । | ମଞ୍ଜୁଷାର | ,, | ,, | ,, |
| ୧୮ । | ଧରାକୋଟର | ,, | ,, | ,, |
| ୧୯ । | ନରସିଂହପୁରର | ,, | ,, | ,, |
| ୨୦ । | ବଡ଼ମ୍ବାର | ,, | ,, | ,, |
| ୨୧ । | ରଣପୁରର | ,, | ,, | ,, |
| ୨୨ । | ବୌଦର | ,, | ,, | ,, |
| ୨୩ । | ଦଶପଲ୍ଲାର | ,, | ,, | ,, |
| ୨୪ । | ନୀଳଗିରିର | ,, | ,, | ,, |
| ୨୫ । | ଢେଙ୍କାନାଳର | ,, | ,, | ,, |
| ୨୬ । | ପାଲଲହଡ଼ାର | ,, | ,, | ,, |

Digitized by srujanika@gmail.com

## ସ୍ଥାୟୀ ସଭାପତି ସଭ୍ୟବୃନ୍ଦ

| | | | | |
|---|---|---|---|---|
| ୨୭ । | ରେଢ଼ାଖୋଲର | ,, | ,, | ,, |
| ୨୮ । | ହିନ୍ଦୋଳର | ,, | ,, | ,, |
| ୨୯ । | ନୟାଗଡ଼ର | ,, | ,, | ,, |
| ୩୦ । | ପଟଣାର | ଶ୍ରୀମାନ | ମହାରଜା | ମହୋଦୟ |
| ୩୧ । | ଖଡ଼ିଆଳର | ,, | ରଜା | |

୩୨ । ଶ୍ରୀଯୁକ୍ତ ରଜା ବୈକୁଣ୍ଠନାଥ ଦେ, ବାହାଦୁର ବାଲେଶ୍ୱର

୩୩ । ପାରଳାଖେମୁଣ୍ଡିର ସେକେଣ୍ଡ ପ୍ରିନ୍ସ ମହୋଦୟ

୩୪ । ବିଶାଖାପଟଣାର ଶ୍ରୀମାନ୍ ଯୁବରଜ ବିକ୍ରମଦେବ

୩୫ । ଶ୍ରୀଯୁକ୍ତ ବାବୁ ଶରଚ୍ଚନ୍ଦ୍ର ସୁଖର୍ଯ୍ୟା

୩୬ । ଶ୍ରୀଯୁକ୍ତ ବାବୁ କୃଷ୍ଣଚନ୍ଦ୍ର ପାଲିତ

୩୭ । ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ

୩୮ । ଶ୍ରୀଯୁକ୍ତ ବାବୁ ଗୋକୁଳାନନ୍ଦ ଚୌଧୁରୀ

୩୯ । ଶ୍ରୀଯୁକ୍ତ ବାବୁ ଚିନ୍ତାମଣି ଚୌଧୁରୀ

୪୦ । ଶ୍ରୀଯୁକ୍ତ ବାବୁ ଜେନାରୟଣ ପଣ୍ଡିତ

୪୧ । ଶ୍ରୀଯୁକ୍ତ ବାବୁ ମାୟାଧର ଦାସ

୪୨ । ଶ୍ରୀଯୁକ୍ତ ବାବୁ ସୁଦାମଚରଣ ନାୟକ

୪୩ । ଶ୍ରୀଯୁକ୍ତ ବାବୁ ଗୋପାଳବଲ୍ଲଭ ଦାସ

୪୪ । ଶ୍ରୀଯୁକ୍ତ ବାବୁ ରଜକିଶୋର ଦାସ

୪୫ । ଶ୍ରୀଯୁକ୍ତ ବାବୁ ଶ୍ରୀରମଚନ୍ଦ୍ର ବୋଷ

୪୬ । ଶ୍ରୀଯୁକ୍ତ ବାବୁ ହରେକୃଷ୍ଣ ମହାନ୍ତି

୪୭ । ଶ୍ରୀଯୁକ୍ତ ବାବୁ ଗୌରଶ୍ୟାମ ମହାନ୍ତି

୪୮ । ଶ୍ରୀଯୁକ୍ତ ବାବୁ ଫକୀରମୋହନ ସେନାପତି

୪୯ । ଶ୍ରୀଯୁକ୍ତ ବାବୁ ଜୟରମ ଦାସ

୫୦ । ଶ୍ରୀଯୁକ୍ତ ବାବୁ ବ୍ରଜସୁନ୍ଦର ମର୍ଦ୍ଦରଜ

୫୧ । ଶ୍ରୀଯୁକ୍ତ ବାବୁ ବ୍ରଜସୁନ୍ଦର ଦାସ

୫୨ । ଶ୍ରୀଯୁକ୍ତ ବାବୁ ରମଶଙ୍କର ରୟ

୫୩ । ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରୟ

୫୪ । ଶ୍ରୀଯୁକ୍ତ ବାବୁ ନିମାଇଚରଣ ମିତ୍ର

୫୫ । ଶ୍ରୀଯୁକ୍ତ ବାବୁ ବୈକୁଣ୍ଠନାଥ ଦତ୍ତ

୫୬ । ଶ୍ରୀଯୁକ୍ତ ବାବୁ ଦର୍ପନାରୟଣ ଦାସ

୫୭ । ଶ୍ରୀଯୁକ୍ତ ବାବୁ ଯେ. ଏସ୍. ରଉତ



Digitized by srujanika@gmail.com

୫୮ । ଶ୍ରୀଯୁକ୍ତ ବାବୁ ଈଶ୍ୱରଲାଲ ପରବାର
୫୯ । ଶ୍ରୀଯୁକ୍ତ ବାବୁ ଦାମୋଦର ପଟ୍ଟନାୟକ ,,
୬୦ । ଶ୍ରୀଯୁକ୍ତ ବାବୁ ଅଭିରାମ ଭଞ୍ଜ
୬୧ । ଶ୍ରୀଯୁକ୍ତ ବାବୁ ଶଶୀଭୂଷଣ ରାୟ
୬୨ । ମୌଲବୀ ସୟଦ୍ ନୁରୁଲ ହକ୍
୬୩ । ମୌଲବୀ ରଫିଉଦ୍ଦିନ ମହମ୍ମଦ

୭ମ—ପ୍ରସ୍ତାବ—ଉପଯୁକ୍ତ ଦରିଦ୍ର ଛାତ୍ରମାନଙ୍କୁ ସାହାଯ୍ୟ କରିବା କାରଣ ଓ ଶିଳ୍ପାଦି ଶିକ୍ଷା ନିମନ୍ତେ ଉପଯୁକ୍ତ ଯୁବକମାନଙ୍କୁ ବିଦେଶକୁ ପଠାଇବାର ଉପାୟ ବିଧାନ କରିବା ନିମିତ୍ତ ନିମ୍ନଲିଖିତ ବ୍ୟକ୍ତିମାନଙ୍କଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ । ପ୍ରୟୋଜନ ଅନୁସାରେ ସଭ୍ୟସଂଖ୍ୟା ବୃଦ୍ଧି କରିବାର ଓ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ଶାଖା ସମିତିମାନ ଗଠନ କରିବାର ଭାର ଉକ୍ତ ସମିତି ଉପରେ ନ୍ୟସ୍ତ ହେଉ । ଉକ୍ତ ସମିତି ସେମାନଙ୍କର ବାର୍ଷିକ ବିବରଣ ସମ୍ମିଳନୀର ଆଗାମୀ ଅଧିବେଶନରେ ଉପସ୍ଥାପିତ କରିବାର ବିଧି ନିର୍ଦ୍ଧାରିତ ହେଉ ।

ପ୍ରସ୍ତାବକ—ଶ୍ରୀଯୁକ୍ତ ବାବୁ ଗୋକୁଳାନନ୍ଦ ଚୌଧୁରୀ ବି. ଏଲ୍ କଟକ
ଅନୁମୋଦକ—ଶ୍ରୀଯୁକ୍ତ ବାବୁ ଶ୍ରୀପତି ମିଶ୍ର (ସମ୍ବଲପୁର)
ସମର୍ଥକ—ଶ୍ରୀଯୁକ୍ତ ବାବୁ ହରିହର ପଣ୍ଡା, ବି. ଏ. ଗଞ୍ଜାମ
ସମର୍ଥକ—ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ କଟକ
ସମର୍ଥକ ଶ୍ରୀଯୁକ୍ତ ବାବୁ ମାୟାଧର ଦାସ ବି. ଏଲ୍. କଟକ

ସ୍ଥାୟୀ ସମିତିର ସଭ୍ୟବୃନ୍ଦ

| | | | | | | | |
|---|---|---|---|---|---|---|---|
| ମୟୂରଭଞ୍ଜର | ଶ୍ରୀମାନମହାରାଜା | ମହୋଦୟ | | ଧରାକୋଟର | ଶ୍ରୀମାନ୍ | ରାଜା | ମହୋଦୟ |
| କେନ୍ଦୁଝରର | ,, | ,, | ,, | ନରସିଂହପୁରର | ,, | ,, | ,, |
| ଜୟପୁରର | ,, | ,, | ,, | ବଡ଼ାମ୍ବାର | ,, | ,, | ,, |
| ପଟଣାର | ,, | ,, | ,, | ରଣପୁରର | ,, | ,, | ,, |
| ଆଠଗଡ଼ର | ,, | ରାଜା | ,, | ବୌଦର | ଶ୍ରୀମାନ୍ | ରାଜା | ମହୋଦୟ |
| ଖଣ୍ଡପଡ଼ାର | ,, | ,, | ,, | ଦଶପଲ୍ଲାର | ,, | ,, | ,, |
| ଆଠମଲ୍ଲିକର | ,, | ,, | ,, | ନୀଳଗିରିର | ,, | ,, | ,, |
| ବାମଣ୍ଡାର | ,, | ,, | ,, | ଢେଙ୍କାନାଳର | ,, | ,, | ,, |
| ସୋନପୁରର | ,, | ,, | ,, | ପାଲଲହଡ଼ାର | ,, | ,, | ,, |
| ଗାଙ୍ଗପୁରର | ,, | ,, | ,, | ରେଢ଼ାଖୋଲର | ,, | ,, | ,, |
| ପାରିକୁଦର | ,, | ,, | ,, | ହିନ୍ଦୋଳର | ,, | ,, | ,, |

Digitized by srujanika@gmail.com

| | | | | | | | |
|---|---|---|---|---|---|---|---|
| କନିକାର | ,, | ,, | ,, | ନୟାଗଡ଼ର | ,, | ,, | ,, |
| ତାଳଚେରର | ,, | ,, | ,, | ଖଡ଼ିଆଳର | ,, | ,, | ,, |
| ମଧୁପୁରର | ,, | ,, | ,, | ରଜା ବୈକୁଣ୍ଠନାଥ ଦେ ବାହାଦୁର, ବାଲେଶ୍ୱର | | | |
| ତିଗିରିଆର | ,, | ,, | ,, | ପାରଳାଖେମୁଣ୍ଡିର ସେକେଣ୍ଡ ପ୍ରିନ୍ସ ମହୋଦୟ | | | |
| ଖଲିକୋଟ ଓ | | | | | | | |
| ଆଠଗଡ଼ର | ,, | ,, | ,, | | | | |
| ବଡ଼ଖେମଣ୍ଡିର | ,, | ,, | ,, | ବିଶାଖାପାଟଣାର ଶ୍ରୀମାନ୍ ଯୁବରଜ ବିକ୍ରମ-ଦେବ | | | |
| ମଞ୍ଜୁଷାର | ,, | ,, | ,, | | | | |

ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ
ଶ୍ରୀଯୁକ୍ତ ବାବୁ ଗୋକୁଳାନନ୍ଦ ଚୌଧୁରୀ
ରଯ଼ ରଧାନାଥ ରଯ଼ ବାହାଦୁର
ଶ୍ରୀଯୁକ୍ତ ବାବୁ ମଧୁସୂଦନ ରଓ
ଶ୍ରୀଯୁକ୍ତ ବାବୁ ଅଭିରମ ଭଞ୍ଜ
ଶ୍ରୀଯୁକ୍ତ ବାବୁ ବ୍ରଜସୁନ୍ଦର ଦାସ
ଶ୍ରୀଯୁକ୍ତ ବାବୁ ରଜନାରୟଣ ପଣ୍ଡିତ
ଶ୍ରୀଯୁକ୍ତ ବାବୁ ବିହାରିଲାଲ ପଣ୍ଡିତ
,, ,, ରଜକିଶୋର ଦାସ
,, ,, ସୁଦାମଚରଣ ନାୟକ
,, ,, ଗୌରୀଶଙ୍କର ରୟ
,, ,, ବ୍ରଜାନନ୍ଦ ଦାସ
ମୌଲବୀ ନୁରୁଲ ହକ୍
ଶ୍ରୀଯୁକ୍ତ ବାବୁ ବିଶ୍ୱନାଥ କର

୮ମ ପ୍ରସ୍ତାବ—ଯେଉଁ ସେବକ ଛାତ୍ରବୃନ୍ଦ ଏ ସଭର କାର୍ଯ୍ୟ ସୁଗ୍ୱରୁରୂପେ ସମାହିତ ହେବା ଉଦ୍ଦେଶ୍ୟରେ ସେମାନଙ୍କର ପବିତ୍ର ସେବା କାର୍ଯ୍ୟ ନିଃସ୍ୱାର୍ଥ ଓ ଅକ୍ଳାନ୍ତ ଉତ୍ସାହ-ସହକାରେ ସମ୍ପାଦନ କରିଅଛନ୍ତି ସେହି ଛାତ୍ରମାନଙ୍କୁ ଏ ସଭର ଆନ୍ତରିକ ଧନ୍ୟବାଦ ଅର୍ପିତ ହେଉ ।

ପ୍ରସ୍ତାବକ—ସଭପତି ।
ଅନୁମୋଦକ—ମଧୁସୂଦନ ରଓ କଟକ ।
ସମର୍ଥକ—ଭେଳାନାଥ ସାମନ୍ତରୟ ବାଲେଶ୍ୱର ।

୯ମ ପ୍ରସ୍ତାବ—ବହୁକଷ୍ଟ ସ୍ୱୀକାର ପୂର୍ବକ ଏହି ସଭରେ ଉପସ୍ଥିତ ହୋଇ ସଭ କାର୍ଯ୍ୟରେ ସହୃଦୟ ଯୋଗ ପ୍ରଦାନ କରିଥିବା ଯୋଗୁଁ ଶ୍ରଦ୍ଧେୟ ଅତିଥିବର୍ଗଙ୍କୁ ଆନନ୍ଦସହକାରେ ସଭର ଧନ୍ୟବାଦ ଅର୍ପିତ ହେଉ ।

ପ୍ରସ୍ତାବକ—ଶ୍ରୀଯୁକ୍ତ ବାବୁ ନମାଇଚରଣ ମିତ୍ର କଟକ ।
ଅନୁମୋଦକ—ଶ୍ରୀଯୁକ୍ତ ବାବୁ ଗୋକୁଳାନନ୍ଦ ଚୌଧୁରୀ ବି.ଏଲ୍. କଟକ ।

୦ମ ପ୍ରସ୍ତାବ—ଏହି ସମ୍ମିଳନୀର ଆଗାମୀ ବାର୍ଷିକ ଅଧିବେଶନ ଏହି କଟକ ନଗରରେ ହେଉ; ଏବଂ ସେହି ଅଧିବେଶନର ସମୟ ନିର୍ଦ୍ଧାରିତ ହୋଇ ଯଥା ସମୟରେ

Digitized by srujanika@gmail.com

ପ୍ରଚ୍ରରିତ ହେଉ; ଏବଂ ଏହି ସମ୍ମିଳନୀର ସମସ୍ତ ବିଭଗର କାର୍ଯ୍ୟ ବିହିତ ରୂପେ ଚଳାଇବା ପାଇଁ ବର୍ତ୍ତମାନ କାର୍ଯ୍ୟନିର୍ବାହିକା ସମିତିର ସମସ୍ତ ସଭ୍ୟ ଓ ନିମ୍ନଲିଖିତ କର୍ମଗ୍ରରଙ୍କ ଦ୍ୱାରା ଗୋଟିଏ ସାଧାରଣ ସମିତି ଗଠିତ ହେଉ । ସଭ୍ୟସଂଖ୍ୟା ବୃଦ୍ଧି କରିବାର ଓ ସ୍ଥାନୀୟ କାର୍ଯ୍ୟନିର୍ବାହକ କମିଟିମାନ ଗଠନ କରିବାର କ୍ଷମତା ଉକ୍ତ ସମିତି ହସ୍ତରେ ନ୍ୟସ୍ତ ହେଉ ।

ପ୍ରସ୍ତାବକ—ତାଳଚେରର ଶ୍ରୀମାନ୍ ରଜା ମହୋଦୟ ।
ଅନୁମୋଦକ—ଶ୍ରୀଯୁକ୍ତ ବାବୁ ହରିଶ୍ଚନ୍ଦ୍ର ଘୋଷ, ପୁରୀ ।

କର୍ମଗ୍ରରୀବନ୍ଦ

ଶ୍ରୀଯୁକ୍ତବାବୁ ମଧୁସୂଦନ ଦାସ ।
,, ,, ଗୋକୁଳାନନ୍ଦ ଚୌଧୁରୀ
,, ,, ରଜନାରାୟଣ ପଣ୍ଡିତ .
,, ,, ସାମସନ ରଉତ — ସମ୍ପାଦକମାନେ
,, ,, ଜୟରାମ ଦାସ
,, ,, ଅଭିରାମ ଭଞ୍ଜ
,, ,, ମାୟାଧର ଦାସ '
,, ,, ଗୋପାଳଚନ୍ଦ୍ର ପହରାଜ ।
,, ,, ଗୌରୀଶଙ୍କର ରାୟ
,, ମୁନସି ମହେମୁଦ ଅଲି

୧୧ଶ ପ୍ରସ୍ତାବ—ମୟୂରଭଞ୍ଜର ଶ୍ରୀମାନ୍ ମହାରଜା ମହୋଦୟ ଏହି ସଭର ସଭପତି ହୋଇ କାର୍ଯ୍ୟାବଳୀ ସୁପରିଗ୍ରଳିତ କରି ଏ ସଭକୁ ସମ୍ମାନିତ କରିଥିବା ଯୋଗୁଁ ମହାରଜା ମହୋଦୟଙ୍କୁ ଏ ସଭର ଆନ୍ତରିକ ଧନ୍ୟବାଦ ଅର୍ପିତ ହେଉ ।

ପ୍ରସ୍ତାବକ—ତାଳଚେରର ଶ୍ରୀମାନ୍ ରଜାମହୋଦୟ ।
ଅନୁମୋଦକ—ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ କଟକ ।
ଶ୍ରୀଯୁକ୍ତ ବାବୁ ଅଭିରାମ ଭଞ୍ଜ ଏମ୍. ଏ, ବି. ଏଲ୍. କଟକ

୩ୟ ପ୍ରସ୍ତାବ ୩୦—୧୨—୦୩ରେ ଶେଷ ହୋଇ ଅନ୍ୟାନ୍ୟ ପ୍ରସ୍ତାବ ଗୁଡ଼ିକ ତା ୩୧ ରିଖ ଦିନ ଧାର୍ଯ୍ୟ ହେଲା ଓ ତତ୍ପରେ ସଭର କାର୍ଯ୍ୟ ଶେଷ ହେଲା ।— —

---

ମଧୁବାବୁ ତାଙ୍କ ଅପୂର୍ଣ୍ଣ ଆତ୍ମଜୀବନୀରେ ଲେଖିଛନ୍ତି ବଙ୍ଗାଳୀମାନେ ଓଡ଼ିଶାର ମୁକୁଟମଣି ମୟୂରଭଞ୍ଜ ମହାରଜାଙ୍କୁ ବଙ୍ଗାଳୀ ବୋଲି ଲେଖୁଛନ୍ତି । ଏହାର ପ୍ରତିବାଦ ହେଉ ନ ଥିଲା । ମୁଁ ଯେତେବେଳେ ସମ୍ମିଳନୀ ବିଷୟରେ ତାଙ୍କୁ ବୁଝାଇ ସ୍ୱୀକୃତି ପାଇଲି,

Digitized by srujanika@gmail.com

ସେତେବେଳେ କହିଲି ମୁଁ ଆପଣଙ୍କୁ ଓଡ଼ିଆ କରିଦେବି ( I am determind to make you Oriya to-day)

ମୟୂରଭଞ୍ଜ ମହାରାଜା ରାମଚନ୍ଦ୍ର ଭଞ୍ଜ ଦେବ ୧୭-୧୨-୧୮୭୧ ମସିହାରେ ଜନ୍ମଲାଭ କରିଥିଲେ, ତାଙ୍କର ମୃତ୍ୟୁ ୨୨-୨-୧୯୧୨ ମସିହାରେ ହୋଇଥିଲା । ଜୀବନର ଏହି ୪୦ ବର୍ଷ ମଧ୍ୟରୁ ସେ କୋଡ଼ିଏ ବର୍ଷ ରାଜ୍ୟ ଶାସନ କରିଥିଲେ । ସେ ବହୁ ସୁଗୁଣର ଅଧିକାରୀ ଥିଲେ । ଦେଶପ୍ରାଣ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ସେ ଷ୍ଟେଟ ଓକିଲଭାବେ ନିଯୁକ୍ତ କରିଥିଲେ । ରାମଚନ୍ଦ୍ର ୟୁରୋପ ଭ୍ରମଣରେ ଗଲାବେଳେ ଗୋଟିଏ ବିରାଟ ସାଧାରଣ ସଭା ବାରିପଦାରେ ହୋଇଥିଲା । ସେଥି ନିମନ୍ତେ ଗୋପବନ୍ଧୁ ଯେଉଁ ବିଦାୟ ଗୀତିକା ରଚନା କରିଥିଲେ ତାହା ମହାରାଜାଙ୍କ ପ୍ରଜାପ୍ରୀତିର ନିଦର୍ଶନ ଅଟେ ।

ଗୀତିକାର ଏକାଂଶ:—

ରାମଚନ୍ଦ୍ର ମହାରାଜ ପରଜା-ପରାଣ ଧନ
ଯାଉଛ କେଉଁ ବିଦେଶେ ହେ ଭଞ୍ଜକଞ୍ଜତପନ ।
x x x
ଭୁଲିବ ନାହିଁ ଭୂପାଳ ସରଳୀ ଶୁଦ୍ଧ ସଲିଳ
ମେଘାସନ ଗୁଳ୍ମକୁଞ୍ଜ ବୁଢ଼ାବଳଙ୍ଗ ପଳନ ।

ରାମଚନ୍ଦ୍ରଙ୍କ ବେଶଭୂଷା, ଖାଦ୍ୟପାନ ସବୁ ଅତି ସାଧାରଣ ଥିଲା । ସେ ରାଜ୍ୟରେ ଷ୍ଟେଟ କାଉନ୍‌ସିଲ ଗଢ଼ିଥିଲେ । ରାଜ୍ୟର ଆୟ ବ୍ୟୟ ହିସାବ ସର୍ବସାଧାରଣଙ୍କ ସମକ୍ଷରେ ଉପସ୍ଥାପିତ କରୁଥିଲେ । ରାଜ୍ୟର ଶାସନ ତଥା ବିଚାର ବିଭାଗକୁ ପୃଥକ୍ କରି ଦେଇଥିଲେ ।

ବ୍ୟାସକବି ଫକୀରମୋହନ ଉତ୍କଳ-ଭ୍ରମଣରେ ଲେଖିଛନ୍ତି:—

କୋଟି ତାରା ମଧ୍ୟେ ଯେହ୍ନେ ଶୋଭପାଏ ଚନ୍ଦ୍ର
ଓଡ଼ିଶା ମଣ୍ଡଳେ ମହାରାଜ ରାମଚନ୍ଦ୍ର ।
ଧନେ ମାନେ ଜାତି କୁଳେ ରୂପେ କ୍ଷମତାରେ
ଏତେ ଗୁଣ ପୂର୍ଣ୍ଣ କାହିଁ ଅଛି ଏକାଧାରେ ?
× × ×
ଆଶା ଅଛି ଓଡ଼ିଶାକୁ ଅନାଇବ ବାରେ
ଅବଶ୍ୟ କୀରତି-ବାନା ଉଡ଼ିବ ସଂସାରେ ।

## କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା

ଓଡ଼ିଶା ଡ଼ିଭିଜନ ବଙ୍ଗଳାରେ ଥାଇ ସୁଦ୍ଧା ଓଡ଼ିଆ ଭାଷାକୁ ସ୍ୱୀକୃତି ଦେବା ଓ

Digitized by srujanika@gmail.com

ଏଫ୍. ଏ ତଥା ବି. ଏରେ ଓଡ଼ିଆ ପଢ଼ାଯାଇ ପ୍ରଶ୍ନୋତ୍ତର ଲେଖିବା ନିମନ୍ତେ ଆନ୍ଦୋଳନ କରଯିବାରୁ 'ସିଣ୍ଡିକେଟ' ତାର ବିରୋଧ କରି ଏ ଭଷା ଶିକ୍ଷା ଦିଆଯିବା ଅନାବଶ୍ୟକ ବୋଲି କହିଲେ । ବଙ୍ଗ ଲଟଙ୍କୁ ଏ ବିଷୟ ନେଇ ପ୍ରତିବାଦପତ୍ର ଦିଆଗଲା । ସେ ହସ୍ତକ୍ଷେପ କରି ସିଣ୍ଡିକେଟ ଏଭଳି ଅନ୍ୟାୟ ନ କରି ପୁନର୍ବିଗ୍ଚର କରୁ ବୋଲି ଆଦେଶ ଦେବାରୁ ୧୯୦୨ ମସିହାରେ ଓଡ଼ିଆ ଭଷାକୁ ସ୍ୱୀକୃତି ମିଳିଲା ।

## ରିସଲିଙ୍କ ମତ

ବଙ୍ଗ ସରକାରଙ୍କ ସେକ୍ରେଟରୀ ଏଚ୍. ଏଚ୍. ରିସ୍‌ଲି (H. H. Risley) ଭରତ ସରକାରଙ୍କୁ ଭଷାନୁରୂପେ ପ୍ରଦେଶ ଗଠନ ସମ୍ବନ୍ଧେ ଗୋଟିଏ ଦୀର୍ଘ ରିପୋର୍ଟ ତା ୧୩-୧୨-୧୯୦୩ରେ ଦେଲେ । ସେଥିରେ ଓଡ଼ିଶା ବିଷୟ ନେଇ ଲେଖିଲେ—

"The Government of India would add to Orissa the Ganjam District with possible exceptions of one taluk in which Oriya has said not to be prevalent language and Ganjam and Vizagpatam agency tracts, such as scheme would solve the question of language once for all"

"ଭରତ ସରକାର ଓଡ଼ିଶା (ଡ଼ିଭିଜନ) ସହିତ ଗଞ୍ଜାମ ଜିଲ୍ଲାର ମିଶ୍ରଣ ସେ ଜିଲ୍ଲାର ଗୋଟିଏ ତାଲୁକା ଛାଡ଼ି କରି ଦିଅନ୍ତୁ । କାରଣ ସେହି ତାଲୁକାରେ ଓଡ଼ିଆ ଭଷାର ପ୍ରଚଳନ ନାହିଁ ବୋଲି କୁହାଯାଉଛି । ଗଞ୍ଜାମ ଓ ବିଶାଖପାଟଣାର ମାଳ ଅଞ୍ଚଳ ଓଡ଼ିଶାରେ ଅନ୍ତର୍ଭୁକ୍ତ କରଯାଉ । ଏହା ହେଲେ ଭଷା ପ୍ରଶ୍ନ ସବୁ କାଳକୁ ସୁଧୁରିଯିବ । "

ବଙ୍ଗଳା ବ୍ୟବସାୟୀ ସଂଘ(Bengal ehamber of Commerce )ର ସେକେଟରୀ ଡ଼ବ୍ଲ୍ୟୁ ପିଅରସନ ସମସ୍ତ ଓଡ଼ିଆ ଅଞ୍ଚଳକୁ ବଙ୍ଗ ସରକାରଙ୍କ ଅଧୀନରେ ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ ।

## ମାନ୍ଦ୍ରାଜ ଲାଟଙ୍କ ବରୋଧ

ବଙ୍ଗ ସରକାରଙ୍କ ଏ ପ୍ରସ୍ତାବକୁ ମାନ୍ଦ୍ରାଜ ଲାଟ ତୀବ୍ର ବିରୋଧ କରି ଭରତ ସରକାରଙ୍କୁ ଯେଉଁ ରିପୋର୍ଟ ପଠାଇଥିଲେ ତାର ଉପରେ ଯାହା ଟିପ୍‌ପଣି ପ୍ରକାଶ ପାଇଥିଲା, ତାହା ହେଲା:—

I ord Ampthil Governof Madras was opposed to the tronsfer of Ganjam to Orissa. It was pointed out that "It is use less to strive after an administration based onlinguistic uniformity, which

Digitized by srujanika@gmail.com

both Geographiccal and ethnological Conditions Combined with the ordinary course of trade and Commercce and Consequent Comm-ingleing of races absolutely incapable of satisfactory fullilment. (Letter to Government of India dated 20.6.1904 from Chief Secratary of Madras Sir Munray Hammick).

•

ଭବାର୍ଥ ହେଲ ମାନ୍ଦ୍ରାଜ ଲଟ ଲର୍ଡ ଆମ୍ପଥିଲ ଗଞ୍ଜାମର ଓଡ଼ିଶା ସହ ମଶ୍ରଣ ବିରୁଦ୍ଧରେ ମତ ଦେବା କାରଣ ଦର୍ଶାଇଲେ,ଶାସନ ସଂସ୍ଥା ସମଭଷାଭଷୀ ତଥା ଭୌଗୋଳିକ ସୁବିଧା ସହ ସମଜାତୀୟ ଲେକଙ୍କୁ ନେଇ ଗଢ଼ିବାପାଇଁ ଚିନ୍ତା କରିବା ଅନାବଶ୍ୟକ । ସାଧାରଣତଃ ବ୍ୟବସାୟ ଗତ ସମ୍ପର୍କରୁ ଭଷା ସାମଞ୍ଜସ୍ୟ ଲଗି ମିଶ୍ରିତ ଜାତିର ବ୍ୟକ୍ତିଙ୍କୁ ଏକତ୍ର କଲେ ତାହା କାହାରି ସନ୍ତୋଷ ଉତ୍ପାଦନରେ ସମର୍ଥ ହେବ ନାହିଁ ।

ମାନ୍ଦ୍ରାଜ ଲଟଙ୍କୁ ଏଭଳି ବିରୋଧ ମତ ଦେବା ପାଇଁ ଯେଉଁମାନେ ବୁଦ୍ଧି ଦେଇଥିଲେ, ସେମାନେ ଏତିକିରେ ସନ୍ତୁଷ୍ଟ ନ ରହି କେତେକ ନ୍ୟସ୍ତସ୍ୱାର୍ଥ ଜମିଦାର ତଥା ନିରକ୍ଷର ଓଡ଼ିଆମାନଙ୍କୁ ନାନା ପ୍ରକାର ପ୍ରଲୋଭନ ଓ କୁପ୍ରବର୍ତ୍ତନା ଦେଇ ମିଶ୍ରଣ ବିରୁଦ୍ଧରେ ଦରଖାସ୍ତମାନ ସଂଗ୍ରହ କରି ମାନ୍ଦ୍ରାଜ ଲଟ ତଥା ଭଇସ୍‌ରୟଙ୍କୁ ପଠାଇଥିଲେ । 'ପ୍ରଜାବନ୍ଧୁ' ସମ୍ବାଦପତ୍ର ଏହାର ତୀବ୍ର ପ୍ରତିବାଦ କରି, ଜମିଦାରମାନେ ତେଲେଙ୍ଗା ଦେୱାନ ରଖିଥିବା ଫଳରେ ସେମାନଙ୍କ କୁବୁଦ୍ଧିରେ ପଡ଼ି ରୟତମାନଙ୍କୁ ଡ଼ରାଇ ସ୍ୱାକ୍ଷର ସଂଗ୍ରହ କରିଥିବା ପ୍ରକାଶ କଲେ । (୨୭)

ମାନ୍ଦ୍ରାଜ ସରକାରଙ୍କ ଏହି ମତ ବିରୋଧରେ ସମଗ୍ର ଓଡ଼ିଶାରେ ଆନ୍ଦୋଳନ ଚାଲିଲା, ଓଡ଼ିଆଙ୍କ ତରଫରୁ ୬୬୦୦ ସ୍ୱାକ୍ଷର ସମ୍ବଳିତ ଦାବୀପତ୍ର ଭରତ ସରକାରଙ୍କୁ ପଠାଗଲା, ତେଲେଙ୍ଗାମାନେ ପଠାଇଥିବା ଦରଖାସ୍ତ 'ଜାଲ' ବୋଲି ଜଣାଇ ଦିଆଗଲା, ମାନ୍ଦ୍ରାଜ ଲଟଙ୍କ ମିଶ୍ରଣ ବିରୋଧ ମତ ଅସଙ୍ଗତ ବୋଲି କେତେକ ନିରପେକ୍ଷ ସମ୍ବାଦପତ୍ର ଲେଖିଲେ । ମାନ୍ଦ୍ରାଜ ସରକାର ପୁଣି ତାଙ୍କୁ ସୁହାଇବା ଭଳି ମତ ଦେଲେ ଯେ ସମଗ୍ର ଗଞ୍ଜାମ ଜିଲାକୁ ଓଡ଼ିଶା ଡ଼ିଭିଜନରେ ମିଶାଇ ଦେଲେ ତାଙ୍କର ଆପତ୍ତିର କାରଣ ନାହିଁ ।

ବଙ୍ଗଳାର ଛୋଟଲଟ ସାର ଆଣ୍ଡ୍ରୁ ଫ୍ରେଜର ଯେ କି ଆଗେ ଗଞ୍ଜାମ ମିଶ୍ରଣର ପକ୍ଷପାତୀ ଥିଲେ, ସେ ଗଞ୍ଜାମ କଲେକ୍ଟରଙ୍କ ସହିତ କଥାବାର୍ତ୍ତା କରି ଜିଲ୍ଲାରେ ଶତକଡ଼ା ୨୮ ତେଲୁଗୁ ଥିଲେ ହେଁ ସେମାନେ ମାତୃଭଷା ଶିକ୍ଷା ପାଇବା ପାଇଁ ଆନ୍ଦୋଳନ ଚଳାଇବେ ଓ ପରିଚାଳନା ପ୍ରତିବନ୍ଧକ ସୃଷ୍ଟି ହେବ , ତେଣୁ ଗଞ୍ଜାମ ଜିଲ୍ଲାକୁ ନେବା ନିମନ୍ତେ ଆଉ

---

୨୭ । ପ୍ରଜାବନ୍ଧୁର ୧, ୮, ୧୫, ୨୨ ତାରିଖ--ଜୁଲାଇ, ୧୯୦୪ର ସଂଖ୍ୟା ଦ୍ରଷ୍ଟବ୍ୟ

Digitized by srujanika@gmail.com

ଆଗ୍ରହ ଦେଖାଇଲେ ନାହିଁ । ଏକଥା ସେ ୧୨-୯-୧୯୦୪ରେ ଭାରତ ସରକାରଙ୍କୁ ଜଣାଇ ଦେଲେ । (ଚିଠି ନମ୍ବର ୨୭୧୯ ଜେ: ଡ଼ି:) ।

୧୯୦୩ ମସିହାରେ ଗଞ୍ଜାମ ଜିଲ୍ଲା କଲେକ୍ଟରେଟରେ ୧୨୦ ଜଣ ଅମଲଙ୍କ ମଧ୍ୟରୁ ଚାରିଜଣ ମାତ୍ର ଓଡ଼ିଆ ଥିଲେ । ଏହି ଓଡ଼ିଆ ଅମଲମାନେ ଓଡ଼ିଆ ଆନ୍ଦୋଳନକୁ ତେଜାଉଥିବା ଅଭିଯୋଗ ଅଣଓଡ଼ିଆ ଅମଲଙ୍କ ଦ୍ୱାରା ଚାଲିଲା । କଲେକ୍ଟର ଓଡ଼ିଆ କର୍ମଚାରୀଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଲେ ଓ ନାନା ଆକାରରେ ଭୀତତ୍ରସ୍ତ କରାଇଲେ ।

## ଦୁର୍ଦ୍ଦଶାର ଅନ୍ତ ନାହିଁ

ବଡ଼ଲାଟ ଲର୍ଡ କର୍ଜନ (Lord Cnrzon) ଓଡ଼ିଆଙ୍କ ପ୍ରତି ସହାନୁଭୂତିଶୀଳ ଥିଲେ । ତାଙ୍କ ସୁବିଚାରର କୌଣସି ଅଂଶ କାର୍ଯ୍ୟରେ ପରିଣତ ହେବା ଆଗରୁ ୧୯୦୪ ମସିହାରେ ସେ ଇସ୍ତଫା ଦେଲେ । ସରକାର ତାଙ୍କ କାର୍ଯ୍ୟକାଳ ଦୁଇବର୍ଷ ବଢ଼ାଇ ଦେଲେ, କିନ୍ତୁ ଅଳ୍ପ ସମୟ ମଧ୍ୟରେ ସାମରିକ କାରଣରୁ ତାଙ୍କ ସହିତ ଜଂଘିଲାଟ କିଚନରଙ୍କ ମତାନ୍ତର ସୃଷ୍ଟି ହେଲା । ବିଲାତ ସରକାର କିଚନରଙ୍କ ପକ୍ଷ ସମର୍ଥନ କଲେ । ଲର୍ଡ କର୍ଜନ ଏକଥା ସହିପାରିଲେ ନାହିଁ । ଇସ୍ତଫା ଦେଇ ବିଲାତ ଚାଲିଗଲେ । ଓଡ଼ିଆମାନଙ୍କ ନ୍ୟାୟ ପାଇବା, କ୍ଷୀଣ ଆଶା ମଧ୍ୟ ଗଲା ।

ଏକସ୍ୟ ଦୁଃଖସ୍ୟ ନ ଯାବଦନ୍ତମ୍
ଗଚ୍ଛାମ୍ୟହଂ ପାରମିବାର୍ଣ୍ଣବସ୍ୟ
ତାବଦ୍ଦ୍ୱିତୀୟଂ ସମୁପସ୍ଥିତଂ ମେ
ଛିଦ୍ରେଷ୍ୱନର୍ଥା ବହୁଳୀ ଭବନ୍ତି ।

ଓଡ଼ିଆଙ୍କ ପକ୍ଷରେ ଏ ପ୍ରମାଣ ବାସ୍ତବ ହେଲା, ଗୋଟିଏ ଦୁଃଖ ନଯାଉଣୁ ଅପର ଦୁଃଖ ଆସି ପହଞ୍ଚିଲା, ଲର୍ଡ କର୍ଜନଙ୍କ ସ୍ଥାନରେ ଓଡ଼ିଆ ବିରୋଧୀ ମାନ୍ଦ୍ରାଜ ଲାଟ ଲର୍ଡ ଆମ୍ପଥିଲ (Lord Ampthil)ବଡ଼ଲାଟ ରୂପେ ନିଯୁକ୍ତି ପାଇଲେ । ଗଞ୍ଜାମ-ବିଶାଖପାଟଣା ଅଞ୍ଚଳର ଓଡ଼ିଆମାନେ ସମଗ୍ର ଓଡ଼ିଆ ଅଞ୍ଚଳ ଏକତ୍ରୀକରଣ ନିମନ୍ତେ ମାନ୍ଦ୍ରାଜ ସରକାରଙ୍କ ଜରିଆରେ ବଡ଼ଲାଟଙ୍କୁ ପୁନଶ୍ଚ ଦରଖାସ୍ତ ଦେଲେ । ମାନ୍ଦ୍ରାଜ ସରକାର ଗଞ୍ଜାମ ଓ ବିଶାଖାପାଟଣା କଲେକ୍ଟରମାନଙ୍କର ମତ ଲୋଡ଼ିଲେ ।

ଗଞ୍ଜାମ ଜିଲ୍ଲା କଲେକ୍ଟର ଏ ଜିଲ୍ଲାର ବ୍ୟବସାୟ-ବାଣିଜ୍ୟ,ରାସ୍ତାଘାଟ ବଙ୍ଗଦେଶ ସହ ସଂଯୁକ୍ତ ନୁହେ, ଗଞ୍ଜମ ଜିଲ୍ଲାର ଲୋକେ ବଙ୍ଗଦେଶ ଅନ୍ତର୍ଭୁକ୍ତ ହେଲେ ବହୁ ଅସୁବିଧା

Digitized by srujanika@gmail.com

ଭୋଗ କରିବେ । ତେଣୁ ଗଞ୍ଜାମର କୌଣସି ଅଂଶ ବଙ୍ଗଦେଶକୁ ନେବା ଅନୁଚିତ ବୋଲି ରିପୋର୍ଟ ଦେଲେ ।

ବିଶାଖାପାଟଣା କଲେକ୍‌ଟର ଲେଖିଲେ ଯେ ଏଠା ଓଡ଼ିଆମାନେ ଉନ୍ନତ ଭାଷା ତେଲୁଗୁକୁ ଛାଡ଼ିବା ଉଚିତ ନୁହେ । ଓଡ଼ିଆ ଓ ଆଦିବାସୀ ସମସ୍ତେ ତେଲୁଗୁ ଜାଣନ୍ତି । ନାନା କାରଣରୁ ଏ ଜିଲ୍ଲାର କୌଣସି ଅଂଶ ବଙ୍ଗଦେଶକୁ ଯିବା ସୁବିଧାଜନକ ନୁହେଁ, ଅନାବଶ୍ୟକ ମଧ୍ୟ ।

ଉଭୟ କଲେକ୍‌ଟରତ ଅଣଓଡ଼ିଆ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଥିଲେ, ନିରପେକ୍ଷ ମତ ଦିଅନ୍ତେ କିପରି ? ତେଣୁ ଏଭଳି ଭ୍ରାନ୍ତ ମତ ଦେବାକୁ ବାଧ୍ୟ ହେଲେ । ମାନ୍ଦ୍ରାଜ ସରକାରଙ୍କୁ କେଞ୍ଚୁଆକୁ ଗୋଳିପାଣି ସୁହାଇଲା ଭଳି ଏକଥା ଭଲଲାଗିଲା,ତଦନୁ ରୂପେ ବଡ଼ଲାଟଙ୍କଙ୍କୁ ରିପୋଟ ଗଲା ।

ଅସ୍ଥାୟୀ ବଡ଼ଲାଟ ଲର୍ଡ ଆମ୍ପଥିଲ ତା ୧୯-୭-୧୯୦୫ ମସିହାରେ ଆଦେଶ ଦେଲେ ଯେ ଗଞ୍ଜାମ ଓ ବିଶାଖପାଟଣା ଜିଲା ମାନ୍ଦ୍ରାଜରେ ହିଁ ରହିବ । ଅସ୍ଥାୟୀ ବଡ଼ଲାଟଙ୍କ ଏ କଠୋର, ଅନ୍ୟାୟ ଆଦେଶ ଗଞ୍ଜାମ ଓଡ଼ିଆଙ୍କୁ ବଡ଼ ଆଘାତ ଦେଲା । ତଥାପି ସେମାନେ ଅଧିକ ପରିଶ୍ରମ ସହ ଆନ୍ଦୋଳନକୁ ତେଜାଇ ରଖିଲେ ।

## ସମ୍ମିଳନୀର ଦ୍ୱିତୀୟ ଅଧିବେଶନ

ଏ ଅଧିବେଶନ ତା ୨୮।୧୨।--୧୯୦୪ ଓ ତା ପରଦିନ କଟକରେ ଧରାକୋଟ ରାଜା ଶ୍ରୀମଦନମୋହନ ସିଂହ ଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ଦେଶମିଶ୍ରଣ ଓଡ଼ିଆ ଜାତିର ଜୀବନ--ମରଣ ସମସ୍ୟା, ଏଥିପ୍ରତି ବିଭିନ୍ନ ସରକାରଙ୍କ ପ୍ରତିକୂଳ ମନୋଭାବର ତୀବ୍ର ସମାଲୋଚନା କରାଯାଇଥିଲା । କୃଷି ତଥା ଶିଳ୍ପର ଉନ୍ନତିକରଣ, ଓଡ଼ିଆ ହିତକାମୀ ଲର୍ଡ କର୍ଜନଙ୍କୁ ଓଡ଼ିଆ ଅଞ୍ଚଳ ସ୍ୱତନ୍ତ୍ର ଶାସନରେ ରଖିବା ପ୍ରସ୍ତାବ ଦେଇଥିବାରୁ ଧନ୍ୟବାଦ ଜ୍ଞାପନ । କର୍ଜନଙ୍କ ସ୍ମୃତିରକ୍ଷା ନିମନ୍ତେ ଗଞ୍ଜାମରେ ଛାତ୍ରବୃତ୍ତି ସଂସ୍ଥାପନ, ''ଇୟଙ୍ଗ ଉତ୍କଳ'' ଏସୋସିଏସନକୁ ସମ୍ମିଳନୀର ଅଙ୍ଗରୂପେ ଗ୍ରହଣ, କଟକରେ ବାଳିକା ବିଦ୍ୟାଳୟ ସ୍ଥାପନ, ସାମନ୍ତ ଚନ୍ଦ୍ରଶେଖରଙ୍କ ସ୍ମୃତିରକ୍ଷାପାଇଁ ଛାତ୍ରବୃତ୍ତି ପାଣ୍ଠି ଗଠନ, ସର୍ବସାଧାରଣଙ୍କୁ ଭଲ ଚାଉଳ ଯୋଗାଣ, ତନ୍ତୀମାନଙ୍କୁ ଉପଯୁକ୍ତ ସୂତା ଯୋଗାଣ, ସ୍ୱର୍ଗତ ପଦ୍ମନାଭ ଦେବ (ପାରଳାଖେମୁଣ୍ଡୀ)ଙ୍କ ଜୀବନୀ ଲିଖନ ଆଦି ବିଷୟରେ ବିଚାର କରାଯାଇଥିଲା, ଅଭ୍ୟର୍ଥନା ସଭାର ସଭାପତି ଥିଲେ କେନ୍ଦୁଝର ମହାରାଜା ।

ଧରାକୋଟ ରାଜା ମଦନମୋହନ ସିଂହ ଦେବ ୧୮୮୦ ମସିହାରେ ଜନ୍ମ ହୋଇ-

Digitized by srujanika@gmail.com

ଥିଲେ । ସେ ଓଡ଼ିଆ ଭାଷାର ଉନ୍ନତି ତଥା ଦେଶମିଶ୍ରଣ ପାଇଁ ବହୁ କାର୍ଯ୍ୟ କରିଛନ୍ତି । ସେ ମାନ୍ଦ୍ରାଜ କାଉନ୍‌ସିଲର ସଦସ୍ୟ ଥିଲେ । ୧୯୩୮ ମସିହାରେ ତାଙ୍କର ପରଲୋକ ହୋଇଗଲା ।

## ତୃତୀୟ ଅଧିବେଶନ

ତା ୧୩ ଓ ୧୪ ଏପ୍ରିଲ ୧୯୦୬ ମସିହାରେ ବାଲେଶ୍ୱରଠାରେ ତାଳଚେର ରାଜା ଶ୍ରୀ କିଶୋରଚନ୍ଦ୍ର ସିଂହଦେବଙ୍କ ସଭାପତିତ୍ୱରେ ସମ୍ପନ୍ନ ହେଲା । ଏଥିରେ ପ୍ରସ୍ତାବମାନଙ୍କ ମଧ୍ୟରେ ଥିଲା ସମ୍ବଲପୁରକୁ ଓଡ଼ିଶା ସହିତ (ବଙ୍ଗଦେଶ) ଯୋଗ କରିବା ହେତୁ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ, ଗଞ୍ଜାମ ଓ ବିଶାଖପାଟଣାର ଓଡ଼ିଆ ଅଞ୍ଚଳ ଶୀଘ୍ର ଓଡ଼ିଶାରେ ସଂଯୋଗ କରିବା ପାଇଁ ନିବେଦନ; କୃଷିର ସମ୍ପ୍ରସାରଣ; କୃଷକମାନଙ୍କ ପିଲାମାନଙ୍କୁ ଶିକ୍ଷାଦାନର ବ୍ୟବସ୍ଥା, ଟାନିଂ ଫାକ୍‌ଟରି (ଚମଡ଼ା କଷାଇବା ଓ ଦ୍ରବ୍ୟ ନିର୍ମାଣ କରିବା) ସ୍ଥାପନ ପାଇଁ ଧନ୍ୟବାଦ ଦାନ; ତନ୍ତୀମାନଙ୍କୁ ଅବୈତନିକ ଶିକ୍ଷା ଦାନ; ସରକାର ଇଞ୍ଜିନିୟରିଂ ଶିକ୍ଷାଳୟ ସ୍ଥାପନ ନିମନ୍ତେ କୋଡ଼ିଏ ହଜାର ଟଙ୍କା ସର୍ବସାଧାରଣଙ୍କଠାରୁ ଚନ୍ଦା ସଂଗ୍ରହ; ଭିକ୍‌ଟୋରିଆ ସ୍ମୃତି ପାଣ୍ଠି ଗଠନ ।

ସମ୍ମିଳନୀର କାର୍ଯ୍ୟ ସର୍ବସାଧାରଣଙ୍କ ଗୋଚରକୁ ଆଣିବା ନିମନ୍ତେ 'ଜର୍ନାଲ ଅବ ଉତ୍କଳ ସମ୍ମିଳନୀ' ନାମକ ପତ୍ରିକା ବାବୁ ନୀଳମଣି ଚନ୍ଦ ଦେ ବି. ଏଙ୍କ ସମ୍ପାଦନାରେ ପ୍ରକାଶ ପାଇଲା ।

ଅଭ୍ୟର୍ଥନା ସଭାର ସଭାପତି ଥିଲେ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଓ ସମ୍ପାଦକ ଥିଲେ ଶ୍ରୀ ଦୈତାରିପ୍ରସାଦ ଦାସ ।

## ଗଞ୍ଜାମ ଜିଲ୍ଲା କାଉନ୍‌ସିଲର ବିରୋଧ

ଅସ୍ଥାୟୀ ବଡ଼ଲାଟ ଆମ୍ପଥିଲ ପୁଣ ମାନ୍ଦ୍ରାଜ ଲାଟ ହେଲେ । ସେ ଗଞ୍ଜାମ ଗସ୍ତରେ ଆସିବା ଜାଣି ରମ୍ଭାରେ ଓଡ଼ିଆ ନେତାମାନେ ଏକତ୍ର ହୋଇ ପୁନଶ୍ଚ ଦାବୀପତ୍ର ଦେବା ସ୍ଥିର କଲେ । ତା ୨୫-୨-୧୯୦୫ରେ ଲାଟ ଗଞ୍ଜାମ ଗସ୍ତରେ ଆସି ପାରଳାଖେମୁଣ୍ଡୀ ରାଜାଙ୍କ ଆତିଥ୍ୟ ଗ୍ରହଣ କଲେ । ତା ୧-୩-୧୯୦୫ରେ ବ୍ରହ୍ମପୁରରେ ପହଞ୍ଚିଲେ । ଏଠି ଖଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେବଙ୍କ ଦାନରେ ନିର୍ମିତ ଡ଼ାଏମଣ୍ଡ-ଜୁବିଲି ଟାଉନ୍‌ହଲ ଉଦ୍‌ଘାଟନ କଲେ । ଏ ଅବସରରେ ଅଣ ଓଡ଼ିଆଙ୍କ ଦ୍ୱାରା ପରିଚାଳିତ ଗଞ୍ଜାମ ଜିଲ୍ଲା କାଉନ୍‌ସିଲ ତରଫରୁ ଅଭିନନ୍ଦନ ଦିଆଯାଇ ଗଞ୍ଜାମ ଜିଲ୍ଲାର କୌଣସି ଅଂଶ ଓଡ଼ିଶାକୁ ନ ଦେବା ପାଇଁ ଗୁହାରି କରାଗଲା । ଲାଟ କହିଲେ ସେ ଗଞ୍ଜାମ ଓ ବିଶାଖପାଟଣାକୁ ବଙ୍ଗ ପ୍ରଦେଶରେ ମିଶାଇବା ପକ୍ଷରେ ନାହାନ୍ତି । ଏ ପ୍ରକାର ମିଶ୍ରଣ ହେଲେ ରାଜକାର୍ଯ୍ୟ ପରି-

Digitized by srujanika@gmail.com

ଶାଳନାରେ ବହୁ ବିଶୃଙ୍ଖଳା ଘଟିବ । ବଙ୍ଗ ପ୍ରଦେଶରେ ଥିବା ଓଡ଼ିଆମାନଙ୍କର ଲାଭ ହେବ । ଚାକିରୀ ମିଳିବା ସୁଯୋଗ ବଢ଼ିବ କିନ୍ତୁ ଗଞ୍ଜାମବାସୀ ଓଡ଼ିଆଙ୍କର କୌଣସି ଲାଭ ହେବ ନାହିଁ । ଗଞ୍ଜାମ ଓଡ଼ିଆ ମାନ୍ଦ୍ରାଜରେ ରହିବା ଫଳରେ ଲାଭବାନ ହେବେ । ଏଠା ଓଡ଼ିଆଙ୍କର ଉନ୍ନତି ଘଟିବା ସୁବିଧା ସେ କରିଦେବେ ।

ଗଞ୍ଜାମ କାଉନ୍‌ସଲରେ ତ ନାମକୁ ମାତ୍ର ଜଣେ ଓଡ଼ିଆ ଧଡ଼କୋଟ ରଜା ଥିଲେ । ବାକି ସବୁ ଅଣଓଡ଼ିଆ, ଅଧିକାଂଶ ତେଲେଙ୍ଗା ଜଣେ ଓଡ଼ିଆଙ୍କ ପ୍ରତିବାଦ ବା କିଏ ଶୁଣିବ ? ଲାଟଙ୍କଠାରୁ ବହପ ପାଇ ତେଲେଙ୍ଗାମାନେ ଆନନ୍ଦିତ ହେଲେ ।

ଲାଟ ଛତ୍ରପୁର ପରିଦର୍ଶନ ସାରି ରମ୍ଭାରେ ଖଲିକୋଟ ରଜାଙ୍କ ଅତିଥି ହେଲେ ।

ଗଞ୍ଜାମ ଉତ୍କଳ ସଭାର ସମ୍ପାଦକ ଶ୍ରୀ ହରିହର ପଣ୍ଡା ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଅଭିନନ୍ଦନ ପତ୍ରରେ ଓଡ଼ିଆମାନଙ୍କର ଐତିହ୍ୟସମ୍ବନ୍ଧେ ବହୁତଥ୍ୟ ଦେଇ, ବର୍ତ୍ତମାନ ସେମାନେ ସଂଖ୍ୟାନ୍ୟୂନ ଭାବରେ ଯେଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ଦର୍ଶାଇଥିଲେ । ଶୀଘ୍ର ଗଞ୍ଜାମ ଓ ବିଶାଖାପାଟଣାର ଓଡ଼ିଆ ଅଞ୍ଚଳ ବଙ୍ଗ ଦେଶରେ ମିଶାଇ ଦେଲେ, ଓଡ଼ିଆଙ୍କର ଉନ୍ନତି ହେବ ବୋଲି ଦୃଢ଼ ଦାବୀ କରିଥିଲେ । ଅଭିନନ୍ଦନ ଦେବାକୁ ହେଲେ ଜିଲା କଲେକ୍‌ଟରଙ୍କ ଅନୁମତି ଦରକାର, କଲେକ୍‌ଟର ଅନୁମତି ତ ଦେଲେ ନାହିଁ । କୌଣସି କାରଣ ମଧ୍ୟ ଦର୍ଶାଇଲେ ନାହିଁ । ବ୍ରହ୍ମପୁରର ଅଭିନୟର ପୁନରାବୃତ୍ତି ରମ୍ଭାରେ ଦେଖି ଉଦ୍ୟୋକ୍ତାମାନେ ବ୍ୟଥିତ ହେଲେ ।

ହରିହର ଏ ସୁଯୋଗ ଛାଡ଼ିଲେ ନାହିଁ । ଲାଟଙ୍କୁ ସବୁ ବୁଝାଇ ଅଭିନନ୍ଦନ ଗ୍ରହଣ କରିବାରେ ପ୍ରବର୍ତ୍ତାଇଲେ । ଲାଟ ଗ୍ରହଣ କଲେ ।

ଗଞ୍ଜାମ ନେତାମାନେ ସବୁ ବାଧାବିଘ୍ନ ଏଡ଼ି ଥରକୁଥର ବିଭିନ୍ନ ଉପାୟରେ କାର୍ଯ୍ୟସିଦ୍ଧି ଲକ୍ଷ୍ୟରେ ଆଗେଇ ଚାଲିଲେ ।

ଶାସ୍ତ୍ର କହେ— ପ୍ରାରଭ୍ୟତେ ନ ଖଲୁ ବିଘ୍ନଭୟେନ ନୀଚୈଃ
ପ୍ରାରଭ୍ୟ ବିଘ୍ନନିହତା ବିରମନ୍ତି ମଧ୍ୟାଃ
ବିଘ୍ନୈର୍ମୁହୁର୍ମୁହୁରପି ପ୍ରତିହନ୍ୟମାନା
ପ୍ରାରବ୍ଧମୁତ୍ତମଗୁଣା ନ ପରିତ୍ୟଜନ୍ତି ।।

ସାଧାରଣ ବ୍ୟକ୍ତମାନେ ବିଘ୍ନ ଭୟରେ କୌଣସ କାର୍ଯ୍ୟ ଆରମ୍ଭ କରନ୍ତି ନାହିଁ । ମଧ୍ୟମ ଧରଣର ବ୍ୟକ୍ତିମାନେ କାର୍ଯ୍ୟ ଆରମ୍ଭ କରନ୍ତି । କିନ୍ତୁ ବିଘ୍ନ ଉପସ୍ଥିତ ହେଲେ କାର୍ଯ୍ୟ

Digitized by srujanika@gmail.com

ବନ୍ଦ କରି ଦିଅନ୍ତି । ଉତ୍ତମ ବ୍ୟକ୍ତିମାନେ ବାରମ୍ବାର ବିଘ୍ନ ଉପସ୍ଥିତ ହେବା ସତ୍ତ୍ୱେ ଆରମ୍ଭ କାର୍ଯ୍ୟ ପୂର୍ଣ୍ଣ ହେବା ଯାଏ ଲାଗିଥାନ୍ତି !

ମାନ୍ଦ୍ରାଜ ଲାଟ ଅଭିନନ୍ଦନ ଗ୍ରହଣ କରିବା ଫଳରେ ଓଡ଼ିଆଙ୍କ ମନରେ କିଛି, ସୁବିଚାର ମିଳିବ ବୋଲି ଯେ ଆଶା ଥିଲା ତାହା ତାଙ୍କର ବକ୍ତୃତା ଭାଷଣରେ ତୁଟିଗଲା । ଲାଟ କହିଲେ,ମାନ୍ଦ୍ରାଜର କୌଣସି ଅଂଶ ବଙ୍ଗ ପ୍ରଦେଶକୁ ଯିବାର ସେ ବିରୋଧ କରୁଛନ୍ତି । ସେ ଆଶା କରୁଛନ୍ତି ଯେ ଭାରତସରକାର ତାଙ୍କ କଥା ରଖିବେ । ଏହି ଘୋଷଣା ଫୋର୍ଟ-ସେଣ୍ଟ ଜର୍ଜ ଗେଜେଟର ୩୦୪ ପୃଷ୍ଠାରେ ପ୍ରକାଶ ପାଇଲା ।

ତା ୨୯-୪-୧୯୦୫ଠାରୁ ତା ୧-୫-୧୯୦୫ ସୁଦ୍ଧା ମଧୁବାବୁଙ୍କ ପ୍ରେରଣାରେ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତାମାନଙ୍କର ଗୋଟିଏ ବୈଠକ ରମ୍ଭା ରାଜନବରରେ ହେଲା । ଏଥିରେ ଗଞ୍ଜାମ, ପୁରୀ, ସମ୍ବଲପୁର, ବାଲେଶ୍ୱର, କଟକ ଓ ଗଡ଼ଜାତମାନଙ୍କରୁ ବହୁବ୍ୟକ୍ତି ଓ ଗଞ୍ଜାମର କେତେକ ତେଲୁଗୁ ବ୍ୟକ୍ତି ମଧ୍ୟ ଯୋଗ ଦେଇଥିଲେ । ଏ ସଭରେ ସ୍ଥିର ହେଲା ଯେ ଏ ଲାଟଙ୍କଠାରୁ ନ୍ୟାୟ ମିଳିବା ସମ୍ଭବ ନୁହେଁ । ଏ ତ ଅଳ୍ପ ଦିନରେ ଚାଲିଯିବେ, ନୂଆ ଲାଟଙ୍କୁ ପୁଣି ଦାବୀପତ୍ର ଦିଆଯିବ । ଏ ସଭର ସଫଳତା ଲାଗି ରାଜା ହରିହର ମର୍ଦ୍ଦରାଜ ଧନ-ମନ ବିନିଯୋଗ କରିଥିଲେ । ମୟୂରଭଞ୍ଜ ମହାରାଜା ରାମଚନ୍ଦ୍ର ସଭାପତିତ୍ୱ କରିଥିଲେ । ଦେଶମିଶ୍ରଣ ଛଡ଼ା ଓଡ଼ିଆଙ୍କ ଶିକ୍ଷା ବିସ୍ତାର, ସ୍ୱାସ୍ଥ୍ୟ ବିଷୟକ ପ୍ରଚାର, ସମାଜ ସଂସ୍କାର, କବିସୂର୍ଯ୍ୟ ବଳଦେବ ରଥଙ୍କ ସ୍ମୃତି ସ୍ଥାପନ, ପଞ୍ଚାୟତ ପ୍ରଥାର ପ୍ରଚଳନ, କୃଷି ତଥା ଶିଳ୍ପର ବିକାଶ ନିମନ୍ତେ ପ୍ରସ୍ତାବ ଗୃହୀତ ହେଲା, ଏ ସଭରେ ରାଜା ହରିହର କବି ଫକୀରମୋହନ ସେନାପତିଙ୍କୁ ତାଙ୍କର ସାହିତ୍ୟ ସେବା ନିମନ୍ତେ ସମ୍ବର୍ଦ୍ଧନା କରି ଏକ ସ୍ୱର୍ଣ୍ଣପଦକ ଦେଲେ ଓ ସଭାପତି ତାହା ସେନାପତିଙ୍କୁ ଲଗାଇ ଦେଇଥିଲେ ।

୧୯୦୬ ମସିହାରେ ମାନ୍ଦ୍ରାଜ ଲାଟଙ୍କୁ ପୁଣି ସ୍ମାରକପତ୍ର ଦିଆଗଲା । ଫଳ ଏତିକି ହେଲା ଯେ କେତେକ ଓଡ଼ିଆ ସରକାରୀ ଚାକିରି ପାଇଲେ କିନ୍ତୁ ଦେଶମିଶ୍ରଣ ସମ୍ବନ୍ଧେ କୌଣସି ଅନୁକୂଳ ଭାବ ସରକାର ପୋଷଣ କଲେ ନାହିଁ ।

## ବଙ୍ଗଦେଶରେ ରହିବା ପାଇଁ ସମ୍ବଲପୁରର ଅନିଚ୍ଛା

ଏ ମଧ୍ୟରେ ସମ୍ବଲପୁର ମଧ୍ୟପ୍ରଦେଶରୁ ନେଇ ବଙ୍ଗଦେଶରେ ସାମିଲ କରାଗଲା, ସମ୍ବଲପୁରବାସୀ ତତ୍କାଳୀନ ଡେପୁଟି କମିଶନର ଏମ. ଏମ୍. କ୍ରଫୋର୍ଡ (M. M Crawford) ଙ୍କ ଜରିଆରେ ବଙ୍ଗ ଲାଟଙ୍କୁ ୧୯୦୭ ମସିହା ସେପ୍ଟେମ୍ବର ମାସରେ ଗୋଟିଏ ସ୍ମାରକପତ୍ର ଦେଇ ପ୍ରାର୍ଥନା କଲେ ଯେ ସେମାନଙ୍କୁ ନେଇ ବଙ୍ଗଦେଶରେ ରଖିବା ପାଇଁ କୌଣସି କାରଣ ନାହିଁ । ସେମାନେ ମାତୃଭାଷା ଓଡ଼ିଆର ପ୍ରଚଳନ ଚାହୁଁ-

Digitized by srujanika@gmail.com

ଥିଲେ, ତା ତ ହେଲ । ଆଉ ସେମାନେ ବଙ୍ଗ ଦେଶକୁ ଯିବେ କାହିଁକି ? ଏହି ମିଶ୍ରଣବେଳେ ସେମାନଙ୍କର ମତ ନିଆଗଲ ନାହିଁ ! ମଧ୍ୟପ୍ରଦେଶ ଆଇନ ତଥା ଭୂସମ୍ପର୍କୀୟ ବ୍ୟବସ୍ଥାରେ ସେମାନେ ଅଭ୍ୟସ୍ତ ହୋଇଗଲେଣି, ପୁଣି ବଙ୍ଗଦେଶର ଅଲଗା ବିଧାନରେ ଘାଣ୍ଟି ହେବାକୁ ଇଚ୍ଛା କରୁ ନାହାନ୍ତି । ମୂଳ କଥା ହେଲ ସନ୍ତ୍ରାସବାଦୀ ତଥା ଉଚ୍ଚ ଶିକ୍ଷିତ ବଙ୍ଗାଳୀଙ୍କ ଦ୍ୱାରା ବିଶେଷ ଅସୁବିଧା ସବୁ କ୍ଷେତ୍ରରେ ଭୋଗ କରିବା ଭୟ ସେମାନଙ୍କୁ ଧରିଥିଲ । ବଙ୍ଗ ଦେଶର ଆନ୍ଦୋଳନ ସମସ୍ତଙ୍କ ମନରେ ଆଶା-ନିରାଶାର ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲ । ଏହି ଦାବୀ-ପତ୍ର ଯଥାର୍ଥ ନୁହେଁ ବୋଲି କ୍ରଫୋର୍ଡ ସାହେବ ମନ୍ତବ୍ୟ ଦେଇ ଓଡ଼ିଶା କମିଶନରଙ୍କୁ ପଠାଇ ଦେଲେ ।

ସମ୍ବଲପୁର ଅଞ୍ଚଳର ସବୁ ଗଡ଼ଜାତର ରାଜାମାନେ ମଧ୍ୟ ବଙ୍ଗ ଲଟ ସାର, ଆଣ୍ଡ୍ରୁ ଫ୍ରେଜର (ଯେ କି ଆଗରୁ ମଧ୍ୟପ୍ରଦେଶର ଚିଫ୍ କମିଶନର ଥିଲେ) ଙ୍କୁ ଦେଖା କରି ବଙ୍ଗଳାରେ ମିଶିବା ଫଳରେ ତାଙ୍କର ଅଧିକାରରେ ଆଞ୍ଚ ଆସିବା, ଭରତୀୟମାନେ ଓଡ଼ିଶା ଡ଼ିଭିଜନର କମିଶନର ହେଉଥିବା, ଇଂରେଜ କମିଶନରଙ୍କ ଅଧୀନ ହେବା ତାଙ୍କ ପକ୍ଷରେ ସୁଖକର ଇତ୍ୟାଦି ଦର୍ଶାଇ ସ୍ମାରକପତ୍ର ଅର୍ପଣ କଲେ । ଲଟ ତାଙ୍କୁ ବୁଝାଇ ଦେଲେ ଯେ ସେମାନେ ଯେଉଁ ଅଧିକାର ଉପଭୋଗ କରୁଛନ୍ତି, ସେଥିରେ ଆଦୌ ଆଞ୍ଚ ଲଗିବ ନାହିଁ । ଏବେତ ସାହେବ କମିଶନର ଅଛନ୍ତି, ସେ ଭରତ ସରକାରଙ୍କୁ କହି ଗଡ଼ଜାତମାନଙ୍କ ପାଇଁ ସ୍ୱତନ୍ତ୍ରଭବେ ଜଣେ ପଲିଟିକେଲ ଏଜେଣ୍ଟ(Political Agent) ରଖାଇ ଦେବେ, ସେମାନେ ତାଙ୍କ ଅଧୀନରେ ରହିବେ । ରାଜାମାନଙ୍କର ୟୁରୋପିୟନ ପ୍ରୀତିରେ ସାହେବ ବିସ୍ମିତ ହୋଇଥିଲେ । ସେ ଏକଥା ତାଙ୍କର "ରାଜା ଓ ରୟତ (The Raja and Royts ) ପୁସ୍ତକରେ ଲେଖିଛନ୍ତି ।

## ସମ୍ମିଳନୀର ଚତୁର୍ଥ ଅଧିବେଶନ

ଏ ଅଧିବେଶନ କନିକା ରାଜା ଶ୍ରୀ ରାଜେନ୍ଦ୍ରନାରାୟଣ ଭଞ୍ଜଦେବଙ୍କ ପୌରୋହିତ୍ୟରେ ୧୯୦୬ ମସିହାରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେଲ । ମାନ୍ଦ୍ରାଜ ସରକାରଙ୍କ ଦେଶମିଶ୍ରଣ ବିରୋଧ ମନୋଭବର ତୀବ୍ର ନିନ୍ଦା କରାଗଲ । ଦେଶମିଶ୍ରଣ ବାର୍ତ୍ତା ସର୍ବତ୍ର ପ୍ରଚାର କରିବା ନିମନ୍ତେ ସ୍ଥାୟୀ ପାଣ୍ଠି ଗଠନ କରାଯିବା ସ୍ଥିର ହେଲ । ମାନ୍ଦ୍ରାଜରେ ଓଡ଼ିଆ ଶିକ୍ଷାର ଯେପରି ଅବନତି ଘଟୁଛି,ତାର ନିରାକରଣ ଲଗି ଉପାୟ ସ୍ଥିର କରାଗଲ । ଏହି ଅଧିବେଶନର ସଫଳତା ପାଇଁ ଖଲିକୋଟ ରାଜା ହରିହର ଧନ-ମନ ଦେଇ ଲଗିଥିଲେ । ସମ୍ମିଳନୀ ଫଳରେ ଗଞ୍ଜାମ ଓଡ଼ିଆଙ୍କ ମନରେ ଆଶା ସଞ୍ଚରିଲା । ବାବୁ ନରସିଂହ ଦାସ, ବଡ଼ଖେମୁଣ୍ଡୀର ରାଜା କୃପାମୟ ଦେବ ଆଦି ବହୁ ବିଶିଷ୍ଟ ବ୍ୟକ୍ତି ଓଡ଼ିଆ ଭଷାର ପ୍ରଚାର ତଥା ଅଭିବୃଦ୍ଧି ସାଧନରେ ଧନ-ମନ ଦେଇଥିଲେ । ଗଞ୍ଜାମ ଓ ବିଶାଖପାଟଣା ଜିଲ୍ଲର ବିଭିନ୍ନ ସ୍ଥାନରେ ଓଡ଼ିଆ ବିଦ୍ୟାଳୟମାନ ସ୍ଥାପିତ ହେଲ, ଦେଶମିଶ୍ରଣ ବାର୍ତ୍ତା ପ୍ରଚାର

Digitized by srujanika@gmail.com

ନିମନ୍ତେ ପ୍ରଚାରକ ନିଯୁକ୍ତ ହେଲେ । ସେମାନଙ୍କ ବ୍ୟୟ ବାବଦରେ ମାସିକ ଏକଶହ ଟଙ୍କା ମାତ୍ର ମଞ୍ଜୁର କରାଗଲା ।

ସଭାରେ ଓଡ଼ିଆମାନଙ୍କ ମଧ୍ୟରେ ସ୍ତ୍ରୀ ଶିକ୍ଷାର ଅଭାବ ଦୂର କରିବା ନିମନ୍ତେ ବଡ଼ଖେମୁଣ୍ଡୀର ରାଜା ଦୁଇ ହଜାର ଏବଂ ମଧୁବାବୁ ସମ୍ମିଳନୀର ଶାଖା ସମିତି ସ୍ଥାପନ ପାଇଁ ନଅଶହ ଟଙ୍କା ଦାନ କରିଥିଲେ ।

ସଭାପତି ଦେଶର କୃଷି, ବାଣିଜ୍ୟ ତଥା ଶିଳ୍ପର ଅଭ୍ୟୁଦୟ ଲାଗି ବିଶେଷ ଚେଷ୍ଟା କରାଯିବା ଉଚିତ ଓ ଓଡ଼ିଆମାନେ ସବୁକ୍ଷେତ୍ରରେ ଆଗଭର ହୋଇ ଚାଲିବାକୁ ହେବ ବୋଲି ଉତ୍ସାହ ବ୍ୟଞ୍ଜକ ବାଣୀ ଶୁଣାଇ ଥିଲେ । ଏ ଅଧିବେଶନ ଅଣଓଡ଼ିଆଙ୍କ ମନରେ ବିଶେଷ ପ୍ରଭାବ ପକାଇଥିଲା ।

ଅଭ୍ୟର୍ଥନା ସଭାର ସଭାପତି ଥିଲେ ବଡ଼ଖେମଣ୍ଡୀ ରାଜା କୃପାମୟ ଅନଙ୍ଗ ଭୀମଦେବ । ସମ୍ପାଦକ ଥିଲେ ନରସିଂହ ଦାସ ।

ରାଜେନ୍ଦ୍ରନାରାୟଣ ବିହାର ଏକ୍‌ଜିକ୍ୟୁଟିଭ କାଉନ୍‌ସିଲର ପ୍ରଥମ ଓଡ଼ିଆ ସଭ୍ୟଥିଲେ । କେନ୍ଦ୍ର ବ୍ୟବସ୍ଥାପକ ସଭାର ସଦସ୍ୟ ଥିଲେ । ସାର, ଓ. ବି. ଇ. ଉପାଧି ସରକାରଙ୍କଠାରୁ ପାଇଥିଲେ .

୧୯୦୭ ମସିହାରେ ମଧୁବାବୁ ରୟାଲ କମିଶନ ଆଗରେ ସାକ୍ଷ୍ୟ ଦେଇ ବଙ୍ଗଳା, ମଧ୍ୟପ୍ରଦେଶ ତଥା ମାନ୍ଦ୍ରାଜରେ ରହିଥିବା ଓଡ଼ିଆମାନଙ୍କ ଅଭାବ ଓ ଶିକ୍ଷା, ଚାକିରି ସବୁ କ୍ଷେତ୍ରରେ ଅବହେଳିତ ହେଉଥିବା ବିଷୟ ପ୍ରାଞ୍ଜଳଭାବେ ବୁଝାଇ ଓଡ଼ିଆଙ୍କୁ ଏ ଦୁର୍ଦ୍ଦଶାରୁ ମୁକ୍ତ କରିବାକୁ ହେଲେ ସ୍ୱତନ୍ତ୍ର ପ୍ରଦେଶ ଗଠନ ଏକମାତ୍ର ଉପାୟ ବୋଲି ଦୃଢ଼ ଦାବୀ ଉପସ୍ଥାପିତ କଲେ ।

## ବିଲାତରେ ମଧୁବାବୁ

୧୯୦୮ ମସିହାରେ ମଧୁବାବୁ ବିଲାତ ଗଲେ, ସେଠ "ଅସନ୍ତୁଷ୍ଟ-ଭାରତ" ( Discontented India ) ଶିରୋନାମାରେ ଗୋଟିଏ ପ୍ରଚାରପତ୍ର ବାଣ୍ଟିଲେ । ସେଥିରେ ସମଗ୍ର ଭାରତର ଅଭାବ-ଅସୁବିଧା ସହିତ ଓଡ଼ିଆ ଜାତିର ଦୁଃଖ ଦୁର୍ଦ୍ଦଶା ବର୍ଣ୍ଣିତ ହୋଇଥିଲା ।

ହାଉସ୍-ଅଫ୍-କମନ୍‌ସ ସଭାର ୭୦ ଜଣ ସଭ୍ୟଙ୍କୁ ଏକତ୍ର କରାଇ ସେ ଆଲୋଚନା ସଭା କଲେ । ଓଡ଼ିଆଙ୍କ ଶୋଚନୀୟ ଅବସ୍ଥା ସମସ୍ତେ ଶୁଣିଲେ । ଭାରତ ସଚିବ ଲର୍ଡ

Digitized by srujanika@gmail.com

ମର୍ଲେ (Lord Morly) ଙ୍କ ସେକ୍ରେଟରୀ ମଧୁବାବୁଙ୍କ ସହିତ ଯାହାସବୁ ଆଲୋଚନା କରିଥିଲେ ତାହା ମର୍ଲେ ସାହେବଙ୍କୁ ଜଣାଇ ଦେଲେ । ମର୍ଲେ କହି ପଠାଇଲେ ଯେ ସେ ମିଷ୍ଟର ଦାସଙ୍କ ସହିତ ବ୍ୟକ୍ତିଗତ ଭାବେ କଥାବାର୍ତ୍ତା କରିବେ କିନ୍ତୁ ଓଡ଼ିଆଙ୍କ ପ୍ରତିନିଧି ଭାବେ ନୁହେଁ । ମଧୁବାବୁ ଏଥିରେ ଦୁଃଖିତ ହେଲେ ହେଁ ସୁଯୋଗ ଛାଡ଼ିବା ଠିକ ହେବ ନାହିଁ ଭାବି ଦେଖା କଲେ, ବ୍ରିଟିଶ ଶାସନରେ ଓଡ଼ିଆଙ୍କର କିଭଳି ଅବନତି ଘଟିଛି, ଅଣଓଡ଼ିଆମାନେ ଓଡ଼ିଆଭାଷୀ ଅଞ୍ଚଳରେ ପ୍ରଭୁପଣ ଦେଖାଇ ସ୍ଥାନୀୟ ଓଡ଼ିଆମାନଙ୍କୁ ଶିକ୍ଷା, ଚାକିରି ତଥା ବ୍ୟବସାୟ କ୍ଷେତ୍ରରେ କିପରି ଅପଦସ୍ଥ କରୁଛନ୍ତି ତାର ଯଥାର୍ଥ ଚିତ୍ର ଦେଇ ପ୍ରଶ୍ନ କଲେ ଯେ, ସାମ୍ରାଜ୍ଞୀ ଭିକ୍ଟୋରିଆଙ୍କୁ ରୁଷର ସିଂହାସନରେ ବସାଇଲେ ବା 'ଜାର'ଙ୍କୁ ବ୍ରିଟିଶ ରାଜଗାଦୀ ଦେଲେ ଅବସ୍ଥା କ'ଣ ହୁଅନ୍ତା ? ଲୋକେ ଏକଥା ବରଦାସ୍ତ କରନ୍ତେ ନା ସେମାନଙ୍କ ମୁଣ୍ଡକାଟି ଦିଅନ୍ତେ ? ଆଜି ଦୁର୍ବଳ ଓଡ଼ିଆ ଅଣଓଡ଼ିଆଙ୍କ ଶାସନକୁ ସେଭଳି ମନେ କରୁଛି । କିନ୍ତୁ ପ୍ରତିବିଧାନ କରି ପାରୁ ନାହିଁ । ଆମ ଗୁହାରି ବିଚାର କରିବା ଭାର ଆମ ସ୍ୱାର୍ଥ ବିରୋଧୀ ଲୋକଙ୍କୁ ଦିଆ ଯାଉଛି । ଆମେ ତାଙ୍କଠାରୁ କି ନ୍ୟାୟ ଆଶା କରିବୁ ? ସାହେବ ଏହାର ଅବଶ୍ୟ ପ୍ରତିବିଧାନ କରାଯିବ ବୋଲି ଆଶା ଦେଲେ ସୁଦ୍ଧା କିଛି କଲେ ନାହିଁ

## ଗଞ୍ଜାମ ଓଡ଼ିଆ ହିତବାଦିନୀ

ଏ ମଧ୍ୟରେ ଓଡ଼ିଆ ଆନ୍ଦୋଳନକୁ ତେଜାଇ ରଖିବା ନିମନ୍ତେ ଆଉ ଜଣେ ବିଶିଷ୍ଟ କର୍ମୀ କବି ଚିନ୍ତାମଣି ମହାନ୍ତି ଗଞ୍ଜାମ ଆସିଗଲେ । ବ୍ରହ୍ମପୁରରୁ ଗଞ୍ଜାମ ଓଡ଼ିଆ-ହିତବାଦିନୀ" ପତ୍ରିକା ପ୍ରକାଶ ପାଉଥିଲା । ତାର ସମ୍ପାଦକ ହେଲେ ଚିନ୍ତାମଣି । ସେଥିରେ ସେ ଓଡ଼ିଆଙ୍କର ଅଭାବ ଅସୁବିଧାର ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଜାତିକୁ ନିଜ ମାତୃଭାଷା ତଥା ମାତୃଭୂମିର ଟେକ ରଖିବା ପାଇଁ ଉଦ୍‌ବୁଦ୍ଧ କରୁଥିଲେ । ପ୍ରଜାବନ୍ଧୁ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା । ନୀଳମଣି ବିଦ୍ୟାରତ୍ନଙ୍କ ଦେଶପ୍ରୀତି ଓ ହରିହରଙ୍କ ଦାତୃତ୍ୱ ତାଙ୍କୁ ମୁଗ୍‌ଧ କରିଥିଲା । ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା ଓଡ଼ିଆଙ୍କ ମଧ୍ୟରେ ଓଡ଼ିଆଭାଷାର ପ୍ରଚାର ଯେପରି ବୃଦ୍ଧି ପାଇବ ସେଥିପାଇଁ ନାନା ଉପାୟ ଅବଲମ୍ବନ କରିଥିଲେ । ସେ ସୁରଙ୍ଗୀର ରାଜା ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦେବଙ୍କ ନିକଟରେ ରହି ସାହିତ୍ୟ ଚର୍ଚ୍ଚାରେ ମନ ଦେଇଥିଲେ । ରାଜା ହରିହର ମର୍ଦ୍ଦରାଜଙ୍କ ଭଗିନୀପତି, ଉତ୍କଳ ସମ୍ମିଳନୀର କାର୍ଯ୍ୟକଳାପ ପ୍ରତି ତାଙ୍କର ବିଶେଷ ଶ୍ରଦ୍ଧାଥାଏ । ଚିନ୍ତାମଣିଙ୍କ ପ୍ରରୋଚନାରେ ଇଚ୍ଛାପୁରଠାରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ ସ୍ଥାପନ କଲେ । ଫଳରେ ଗରିବ ଓଡ଼ିଆ ପିଲେ ଶିକ୍ଷାଲାଭ ସୁଯୋଗ ପାଇଲେ । ଚିନ୍ତାମଣିଙ୍କ ସାଙ୍ଗକୁ ମିଳିଗଲେ ନୀଳମଣି ବିଦ୍ୟାରତ୍ନଙ୍କ ଭାଇ ଦାମୋଦର କବିରତ୍ନ । ସେ ମଧ୍ୟ ଉତ୍କଳବାସୀ ନାମରେ ସମ୍ବାଦପତ୍ର ପ୍ରକାଶ କରି ଓଡ଼ିଆ ଭାଷା ପ୍ରସାରରେ ବିଶେଷ ସାହାଯ୍ୟ କରିଥିଲେ । ଫଳରେ ତେଲୁଗୁ ପ୍ରଭାବରେ ଲୋପ ହୋଇ ଆସୁଥିବା ଓଡ଼ିଆ ଭାଷା ବଞ୍ଚିଗଲା ।

Digitized by srujanika@gmail.com

ଚିନ୍ତାମଣ ୧୮୬୭ ମସିହାରେ ଉଦ୍ରୁଖ ନକଟସ୍ଥ କୂଳମୂଳାଇ ଗ୍ରାମରେ ଜନ୍ମ ହୋଇଥିଲେ । ଅଳ୍ପ ବୟସରେ ପିତୃହୀନ ତଥା ଦାରିଦ୍ର୍ୟ କାରଣରୁ ସେ ଭର୍ଣ୍ଣାକୁଲର ଶିକ୍ଷା ଶେଷ କରି କିଛିଦିନ ଶିକ୍ଷକ ହେଲେ । କାର୍ଯ୍ୟ ତ୍ୟାଗ କରି ଗଞ୍ଜାମ ଆସି ଓଡ଼ିଆ ଆନ୍ଦୋଳନରେ ମନପ୍ରାଣ ଦେଇ ଲଗିଲେ । ସେ ବହୁ ଗ୍ରନ୍ଥ ରଚନା କରିଛନ୍ତି । ଓଡ଼ିଶାର ନଦୀ, ପର୍ବତ, ବ୍ୟକ୍ତିବିଶେଷଙ୍କ ସମ୍ବନ୍ଧେ ଉପାଦେୟ ତର୍ଥ୍ୟ ନିବଦ୍ଧ କରିଛନ୍ତି । ତାଙ୍କର ଲେଖା ଜାତୀୟଭବ ପୂର୍ଣ୍ଣ ଓ ଶବ୍ଦ ଚାତୁରୀରେ ଅଦ୍ୱିତୀୟ । ଓଡ଼ିଆ ସାହିତ୍ୟର ପ୍ରାଣଭୂମି ଗଞ୍ଜାମ ଓଡ଼ିଶାରୁ ବିଛିନ୍ନ ହୋଇ ରହିବା କବିଙ୍କୁ ବିଶେଷ ବାଧୁଥିଲ, ସେ ଲେଖିଛନ୍ତି––

ଗଞ୍ଜାମ ପବିତ୍ର ଭୂମ କବିକୁଞ୍ଜ ଧାମ
ପ୍ରକୃତିର ଲୀଳା କ୍ଷେତ୍ର ଦୃଶ୍ୟ ଅଭିରମ

× × ×

କହିଛନ୍ତି ଶୋଭ ଦେଖି ଗୟ କବିବର
ଗଞ୍ଜାମ ସଂକ୍ଷିପ୍ତ ସାର ଉତ୍କଳ ଦେଶର
ଉତ୍କଳର ଅନ୍ତର୍ଗତ ଥିଲ ଏହି ମାଟି
ବିଛିନ୍ନ କରୁଛି ଏବେ ଛତ୍ର-ଗଡ଼ ଘାଟି (୨୮)

× × ×

ହାୟ ମା ଗଞ୍ଜାମ ଭୂମି ସୁକବି ଜନନୀ
ଉତ୍କଳରେ ଥିଲୁ ତୁହି ଭଷା ଧନେ ଧନୀ
ଭଷା ଗଙ୍କ୍ୟେ କଳଙ୍କ ତୋ ଲଗିଥିଲ ନାହିଁ
କେତୋଟା ଦିନରେ ଗଲ ବଣ ଘାସ ଛାଇ ।

× × ×

ଗଞ୍ଜାମ ଓଡ଼ିଆ ଭଇ ନ ହୁଅ ନିରଶ
ଦିନେ ନିଷ୍ଟେ ପୂର୍ଣ୍ଣ ହେବ ତୁମ୍ଭ ଅଭିଳାଷ (ଗଞ୍ଜାମଭ୍ରମଣ)

---

ଚନ୍ତାମଣିଙ୍କୁ ଲେକ ଲେଚନକୁ ଆଣବାରେ ଓ ତାଙ୍କର ସାହିତ୍ୟ ସାଧନାକୁ ସାର୍ଥକ କରିବାରେ ନୀଳମଣିଙ୍କ ସାହାଯ୍ୟ ଚିନ୍ତାମଣି କୃତଜ୍ଞତା ପୂର୍ଣ୍ଣ ହୃଦୟରେ ସ୍ୱୀକାର କରି ତାଙ୍କର "ପ୍ରକୃତି-ପେଟିକା" ପୁସ୍ତକାଟି ସାହାଯ୍ୟ ଦାତା ନୀଳମଣିଙ୍କ ନାମରେ ଉତ୍ସର୍ଗ କରି ଲେଖିଛନ୍ତି :––

୨୮ । ଗଞ୍ଜାମ ଜିଲ୍ଲର ଉତ୍ତର ସୀମାରେ (ଖଲିକୋଟ ରାଜ୍ୟର ମଧ୍ୟ ଉତ୍ତର ସୀମା) ଥିବା ଭଲେରି ପର୍ବତ-ପାଦ-ଦେଶରେ ଛତ୍ର-ଗଡ଼ ଗ୍ରାମ ଅଛି । ସେଠି ପୂର୍ବେ ଖଲିକୋଟର ଘାଟ (ପାଇକ) ଜଗୁଥିଲେ । ତେଣୁ ତାକୁ ଛତ୍ରଗଡ଼ ଘାଟି କୁହାଯାଏ । ଛତ୍ରଗଡ଼ର ଉତ୍ତରକୁ ବଙ୍ଗଳା ପ୍ରଦେଶ ଓ ଦକ୍ଷିଣକୁ ମାନ୍ଦ୍ରାଜ ପ୍ରଦେଶ ଥିଲ ।

Digitized by srujanika@gmail.com

ଯୋଗଜନ୍ମା ନୀଳମଣ ହେ ଆର୍ଯ୍ୟ କେଶରୀ
କେଉଁ ଧନୀ ମହାଧନୀ ତୁମ୍ଭଙ୍କୁ ହେ ସରି ?
ସତ ସତ ତୁମ୍ଭେ ଅଟ ଗରିବର ପୁଅ
ମାତ୍ର ତବ ହୃଦେ ବହେ ଦେଶୋନ୍ନତି ସୁଅ
ଧନେ ମାନେ ବଡ଼ଲୋକ ଅଛନ୍ତି ଅନେକ
କୋଟିକେ ଦୁର୍ଲଭ ମନେ ବଡ଼ ଲୋକ ଏକ ।

× × ×

ଅଟଭଇ ତୁମ୍ଭେ ମୋର ଉନ୍ନତି କାରଣ
ତୁମ୍ଭରି ଉତ୍ସାହେ ମୋର କବିତା ସ୍ଫୁରଣ

ନୀଳମଣଙ୍କ ଅପରକୀତ୍ତ ସ୍ୱଭବ କବି ଗଙ୍ଗାଧର ମେହେରଙ୍କୁ ଲୋକ ଲୋଚନକୁ ଆଣିବା, ସମ୍ବଲପୁର ହିତୈଷିଣୀ ପ୍ରକାଶ କଲାବେଳେ ସେ ଗଙ୍ଗାଧରଙ୍କୁ ଜାଣିଥିଲେ । ପ୍ରଜାବନ୍ଧୁ ସମ୍ପାଦକଭବେ 'କୀଚକବଧ'ର ଆଲୋଚନା କରିବା ଫଳରେ ମଧୁବାବୁଙ୍କ ଅର୍ଥାନୁକୂଲ୍ୟରେ ତାହା ପ୍ରକାଶ ପାଇଲା ।

ଗଙ୍ଗାଧର କୃତଜ୍ଞତା ସହ ଲେଖଛନ୍ତି:—

ଧନ୍ୟ ଧନ୍ୟ କ୍ଷଣଜନ୍ମା ବୁଧ ନୀଳମଣି ।
ଉତ୍କଳରେ କରି ଶୁଭ ଯଜ୍ଞର ଆରମ୍ଭ
ସ୍ଥାପି ଦେଲ କାଳଦର୍ପଧ୍ୱଂସୀ ଯୂପସ୍ତମ୍ଭ ।

× × × ×

କରିଅଛ ମୋର ଯେତେ ଯେତେ ଉପକାର
ମୋ ହୃଦେ ରହିଛି ସବୁ ସ୍ୱର୍ଣ୍ଣମୟ ଗାର ।।
ତୁମ୍ଭ କୀରତିର ସ୍ୱର୍ଣ୍ଣ—ପତାକା ସୀବନେ
ସୂତ୍ର ହେଲେ ଧନ୍ୟ ହେବି ମୁଁ ଦୀନ ଜୀବନେ ।।

ଗଙ୍ଗାଧର ୧୮୬୨ ଖ୍ରୀଷ୍ଟାବ୍ଦରେ ସମ୍ବଲପୁର ଜିଲ୍ଲାନ୍ତର୍ଗତ ବରପାଲି ଗ୍ରାମରେ ଜନ୍ମ ହୋଇଥିଲେ । ପିତା ଗରିବ ଥିଲେ । ଲୁଗାବୁଣା କୌଳିକ ବ୍ୟବସାୟରେ ଯାହା ପାଉଥିଲେ, ତାହା କୁଟୁମ୍ବ ପ୍ରତିପୋଷଣରେ ନିଅଣ୍ଟ ହେଉଥିଲା । ଗଙ୍ଗାଧର ପଞ୍ଚମ ଶ୍ରେଣୀ ଯାଏ ଗ୍ରାମ୍ୟ ବିଦ୍ୟାଳୟରେ ପଢ଼ି ପରେ ନିଜ ଚେଷ୍ଟାରେ ପ୍ରାଚୀନ ଓଡ଼ିଆ ସାହିତ୍ୟ ତଥା ସଂସ୍କୃତ ଗ୍ରନ୍ଥ ପଢ଼ିଲେ । ହିନ୍ଦୀ ଓ ବଙ୍ଗଳା ଉଭୟ ଭଷା ସେ ଜାଣିଥିଲେ । ସେ କୀଚକବଧ, କବିତାକଲ୍ଲୋଳ, ଅଯୋଧ୍ୟାଦୃଶ୍ୟ, ପ୍ରଣୟବଲ୍ଲରୀ, ତପସ୍ୱିନୀ, ଅର୍ଘ୍ୟଥାଳୀ, ଇନ୍ଦୁମତୀ, ଉତ୍କଳ-ଲକ୍ଷ୍ମୀ, କୃଷକ ଆଦି ଗ୍ରନ୍ଥ ଛଡ଼ା ବହୁ ସାମୟିକ କବିତା ଲେଖିଛନ୍ତି ।

Digitized by srujanika@gmail.com

ସେ ପ୍ରଥମେ ବରପାଲିରେ ଅମୀନ କାମକରି ଜୀବିକା ନିର୍ବାହ କରୁଥିଲେ । ୧୯୧୭ ମସିହା ସୁଦ୍ଧା ସେ ଚାକିରି କରି ଅବସର ନେଇଥିଲେ । ସେ ଉତ୍କଳ ସମ୍ମିଳନୀର ପରମ ଭକ୍ତ ଥିଲେ । ତା ଆଗରୁ ସମ୍ବଲପୁରରେ ଓଡ଼ିଆ ଭାଷା ରକ୍ଷା ପାଇଁ ବହୁ ଉଦ୍ୟମ କରିଥିଲେ ।

ସମ୍ବଲପୁର ଉତ୍କଳ ସମ୍ମିଳନୀର ଉଦ୍‌ବୋଧନ ସଙ୍ଗୀତରେ ସେ ଲେଖିଥିଲେ—

ନିଜ ଘରେ ବସି ନିର୍ବାସନ ଦୁଃଖ ଆମ୍ଭକି ଲଲାଟ ଲିଖନ
ମାତୃଭାଷା ମନା ଭାଇ ସଙ୍ଗ ବିନା ବିକଳ ହେଉଛି ଜୀବନ । ପଦ ।
ଗୁହାରିଲେ ଦୁଃଖ ନୃପତି ଆଗରେ, ତଡ଼ି ଦେଉଛନ୍ତି ଛାମୁରୁ ରାଗରେ,
ନୁହେ ତାଙ୍କ ଦୋଷ, ବୁଝନ୍ତି ନାହିଁ ସେ ଆମ୍ଭର କଥିତ ବଚନ । ୧ ।
ବିଦେଶୀ ସଦସ୍ୟ ଛନ୍ତି ନିକଟରେ, କହି ଦେଉଛନ୍ତି ଶ୍ରବଣପଟରେ
ହସୁଛନ୍ତି ବୋଲି ବୁଝାଉ ଅଛନ୍ତି, କରୁଅଛୁଁ ଯେତେ ରୋଦନ । ୨ ।
ଆମ୍ଭ ଧନଯୋଗେ ଲଭ କରି ଜ୍ଞାନ, ଆମ୍ଭର ମସ୍ତକେ ଚରଣ ପ୍ରଦାନ
କରି ଉଠୁଛନ୍ତି ସମ୍ରାଟ ସଭାକୁ, ହରଷେ ବିକାଶି ରଦନ । ୩ ।
ଆସିଅଛ ବଡ଼ ସୋଦର ସକଳ, ଦେଖି ଦଶା କର ବୁଦ୍ଧିକଉଶଳ
କୋଟିକଣ୍ଠେ ଗୋଟିସ୍ୱରେ ଉଚ୍ଚେ ଡ଼ାକ କର୍ମ ଯାଉ ରାଜସଦନ । ୪ ।

× ×

ସେ ଜ୍ଞାନ କର୍ମର ସମାବେଶ ନ ହେଲେ କୌଣସି କାର୍ଯ୍ୟ ସମ୍ପନ୍ନ ହୋଇ ନ ପାରେ, ଏହି ମତ ଦୃଢ଼ଭାବେ ପୋଷଣ କରିଥିଲେ ।

ଗୋଟିଏ ଉଦ୍‌ବୋଧନ କବିତାରେ ଲେଖିଛନ୍ତି—

ଦେଖ ବହୁଛି ହେ ଈଶ୍ୱର-ଆଶିଷ ଧାର
ଜ୍ଞାନ କର୍ମ ଗଙ୍ଗା ଯମୁନା ପରଯେ ଭବୁଁ କରିବାକୁ ପାର ।
ସେ ଧାର ଯୁଗଳ ଉତ୍କଳ ଭୂମିର ବହୁ ଦୂରେ ଛନ୍ତି ରହି
କୁଲ୍ୟା ଖୋଳିବାର ପ୍ରୟାସ ନ କଲେ ଆସି ନ ପାରିବ ବହି ।।
କୁଲ୍ୟା ଖୋଳା ହୋଇ ନ ପାରିବ ଭାଇ ଦୁଇ ଚାରି ଜଣକରେ
ଲୋକ ଲକ୍ଷ ଲକ୍ଷ ନ ବାନ୍ଧିଲେ ସଖ୍ୟ ନ ମିଳିଲେ ପରମ୍ପରେ ।।

× × × ×

ଓଡ଼ିଆ ଭାଷା ପ୍ରତି ତାଙ୍କର ମମତା ଅତିରେକ ଥିଲା । ତାଙ୍କ ଲେଖାରୁ କେତୋଟି ସୂକ୍ତି ଉଦ୍ଧୃତ ହେଲା ।

ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ
ତାଙ୍କୁ ଯେବେ ଜ୍ଞାନୀଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ ?

Digitized by srujanika@gmail.com

× × × ×

ଉଚ୍ଚ ହେବା ପାଇଁ ଯେବେ କର ଆଶା
ଉଚ୍ଚ କର ଆଗେ ନିଜ ମାତୃ-ଭଷା ।

ଅନ୍ୟତ୍ର ଲେଖିଛନ୍ତି – ମାତୃଭଷା ପୋଥି ଛୁଇଁବାକୁ କରେ
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ?

× × ×

ମାତୃଭୂମି ମାତୃଭଷାର ବନ୍ଦନ
ଦୀପ୍ତ କର ଦେଇ ଧନ ଧ୍ୟାନ ମନ ।

ଗଙ୍ଗାଧରଙ୍କ କବିତା ପାଠକରି ସାହିତ୍ୟିକ ନନ୍ଦକିଶୋର ବଳ ଲେଖିଛନ୍ତି—

ଭକ୍ଷୁକ ସଙ୍ଗତେ ନୃପ–ମୁକୁଟ ମଣ୍ଡିତ
କାଳ ବଳେ ହେବେ ସର୍ବେ ଭବୁଁ ଅନ୍ତର୍ହିତ ;
କିନ୍ତୁ ତୁମ୍ଭେ ଦୀନକବି ରହିବ ଜୀବିତ
ଯେତେ ଦନ ଭବେ ଥିବ ଓଡ଼ିଆ ସାହିତ୍ୟ ।"

ବାସ୍ତବରେ ଗଙ୍ଗାଧର ଓଡ଼ିଆ ସାହିତ୍ୟ ରାଜ୍ୟରେ ଅମର ହୋଇ ରହିବେ । ଗଙ୍ଗାଧରଙ୍କ ମୃତ୍ୟୁ ତା ୪-୪-୧୯୨୪ରେ ହୋଇଥିଲା ।

ପ୍ରାଚୀନ ସମ୍ବଲପୁର ରାଜ୍ୟରେ ବହୁ କବି, ଦେଶପ୍ରେମିକ ଓ ବୀର ଜନ୍ମଲାଭ କରି ସମଗ୍ର ଉତ୍କଳର ଟେକ ରଖିଥିଲେ । ବୟାକରଣିକ ବୈଜଳ, କୋସଳାନନ୍ଦ କାବ୍ୟକର୍ତ୍ତା ଗଙ୍ଗାଧର ମିଶ୍ର, ଚିକିତ୍ସାମଞ୍ଜରୀ ଲେଖକ ଗୋପୀନାଥ ଷଡ଼ଙ୍ଗୀ, ଅଧ୍ୟାତ୍ମ ରାମାୟଣ ଲେଖକ ଗୋପାଳ (୨୯) ଦେଶପ୍ରେମୀ ବୀର ସୁରେନ୍ଦ୍ର ସାଏ, ଆଦି ବହୁ ଖ୍ୟାତନାମା ପୁରୁଷ ଏ ରାଜ୍ୟରେ ଜନ୍ମ ହୋଇଥିଲେ ।

ପ୍ରାଚୀନ ସମ୍ବଲପୁର ରାଜ୍ୟ ଏକ ବିସ୍ତୃତ ଭୂଖଣ୍ଡ ଥିଲା, ସୁରଗୁଜା, ଉଦୟପୁର, ରାୟଗଡ଼, ଯଶୀପୁର (ଜସିପୁର) ଗାଙ୍ଗପୁର, ସୋନପୁର ବାମଣ୍ଡା, ବଣାଇ, ଆଠମଲିକ, ବଉଦ, ସାରଙ୍ଗଗଡ଼, ପାଟଣା, ଫୁଲଝର, ବରଗଡ଼ (ବିଳାସପୁର), ବୋଡ଼ାସମ୍ବର, ବରପାଲି, କୋଲବିରା, ରାମପୁର, ଚନ୍ଦ୍ରପୁର, ପଦ୍ମପୁର ସମସ୍ତେ ତାର ଅଧୀନ ଥିଲେ । (୩୦) ଅଠରଗଡ଼, ତେରଦଣ୍ଡପାଟ, ବତିଶ ହଜାର ସୈନ୍ୟ ଏ ମହାରାଜାଙ୍କର ଥିଲା । ଉତ୍କଳ ସମ୍ରାଟ ଗଜପତି ପୁରୁଷୋତ୍ତମ ଦେବ ସୁଲତାନ ମହମ୍ମଦ ଶାହାଙ୍କ ସଙ୍ଗରେ ଯୁଦ୍ଧ କଲାବେଳେ ମହାବୀର ବଳରାମ ଦେବ ତାଙ୍କୁ ସାହାଯ୍ୟ କରିଥିବା ନିମ୍ନୋକ୍ତ ଶ୍ଳୋକରୁ ଜଣାଯାଏ ।

Digitized by srujanika@gmail.com

"ନମଗ୍ନମାବୀକ୍ଷ୍ୟ ସ ଯାବନାମ୍ବୁଧୌ
ତମୁହ୍ଲଦେଶମଶେଷଭବନଂ ।
ଚମୂମମାନାମନୟଦ୍ୟମକ୍ଷୟଂ
ମୁଦା ସମାରୁହ୍ୟ ମହାରୟଂ ହୟମ୍" କୋସଳାନନ୍ଦ ଅଧ୍ୟାୟ
୨୦।୬

ପାଟଣା (ବଲଙ୍ଗୀର) ରଜା ମଧ୍ୟ ସମ୍ବଲପୁର ସମେତ ପୂର୍ବ କଥିତ ରାଜ୍ୟମାନଙ୍କୁ ଅଧିକାର କରିଥିଲେ । ପାଟଣା ରାଜ୍ୟ ଆକାରରେ ହସ୍ତୀ ତୁଲ୍ୟ ବୋଲି କୋସଳାନନ୍ଦ କାବ୍ୟରେ ବର୍ଣ୍ଣିତ ହୋଇଅଛି । ଐଶ୍ୱର୍ଯ୍ୟପୂର୍ଣ୍ଣା ସମ୍ବଲପୁର ତାର ଉଦର ଅଟେ । ତତ୍ରତ୍ୟ ଦେବୀ ସମଲେଶ୍ୱରୀ ସର୍ବକାମନା ପୂରଣରେ କାମଧେନୁ ଅଟନ୍ତି । ୩୧ ।

## ପଞ୍ଚମ ଅଧିବେଶନ

ଏ ଅଧିବେଶନ ସୁରଙ୍ଗୀ ରଜା ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦେବଙ୍କ ସଭାପତିତ୍ୱରେ ୧୮ ଓ ୧୯ ଏପ୍ରିଲ ୧୯୦୮ ମସିହାରେ ପୁରୀଠାରେ ଅନୁଷ୍ଠିତ ହେଲା । ମୁଖ୍ୟ ପ୍ରସ୍ତାବମାନଙ୍କ ମଧ୍ୟରେ ମଧୁବାବୁ ବିଲାତରେ ଓଡ଼ିଆଙ୍କ ଦାବୀ ନେଇ ଆନ୍ଦୋଳନ ଚଳାଇଥିବା ହେତୁ ଧନ୍ୟବାଦ ଜ୍ଞାପନ, କଟକରେ ବି, ଏଲ୍. ଶ୍ରେଣୀର ପୁନଃ ସ୍ଥାପନ, ରୁରକି ଓ ଶିବପୁର ଇଞ୍ଜିନୀୟରିଂ କଲେଜରେ ଓଡ଼ିଆ ଛାତ୍ରଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ଓ ଛାତ୍ରବୃତ୍ତି ପ୍ରଦାନ, ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ ଚାନ୍ଦା ସଂଗ୍ରହ, ସ୍ତ୍ରୀ ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ବଡ଼ଖେମୁଣ୍ଡୀ ରଜା ଓ ଶ୍ରୀ ଶ୍ରୀବତ୍ସ ପଣ୍ଡାଙ୍କର ଏକହଜାର ଛଅଶହ ଟଙ୍କା ଦାନ ନିମନ୍ତେ ଧନ୍ୟବାଦ ଆଦି ଥିଲା ।

---

୨୯ । ଦକ୍ଷିଣ ଦେଶ ମହଟାଏ । ଧ୍ୱଂସିଲେ ପୂର୍ବଖଣ୍ଡଯାଏ । ସେ ପୁଣି ସମ୍ବଲପୁରେଣ, ଭୟରେ ନଛୁଅଁନ୍ତି ତୃଣ "ଗୋପାଳଙ୍କ ରମାୟଣ" ।

୩୦ । ଦେଖନ୍ତୁ

Bengl and Agra annual guide and Gazetteer. 1841, Vol II

ଅଠରଗଡ଼ ତେରଦଣ୍ଡପାଟ
ବତିଶ ସହସ୍ର ବଳ ମୁଗଟ ।
ସୀମା ଅଟଇ ବିଂଶାଶହେ କୋଶ
ଉପମା ନାହିଁ ଯହିଁ ଅନ୍ୟ ଦେଶ । ଚିକିତ୍ସାମଞ୍ଜରୀ

ଦୁର୍ଗ ଅଠାରହ ଅମିତ ଛବି, ସମ୍ବଲପୁର ପରସିଦ୍ଧ
ଶରତଚନ୍ଦ୍ର ସୋଁ ଉଦିତ ଜହାଁ ଶ୍ରୀ ବଳରାମ ନରିନ୍ଦ । ଜୟଚନ୍ଦ୍ରିକା

Digitized by srujanika@gmail.com

ପାରିକୁଦ ରଜା ଗୌରଚନ୍ଦ୍ର ମାନସିଂହ ହରିଚନ୍ଦନ ମର୍ଦ୍ଦରାଜ ଭ୍ରମରବର ରାୟ ଅଭ୍ୟର୍ଥନା ସମିତିର ସଭପତି ଓ ଶ୍ରୀ ଜଗବନ୍ଧୁ ସିଂହ ସମ୍ପାଦକ ଥିଲେ ।

ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦେବଙ୍କ ଜନ୍ମ ୧୮୭୬ ମସିହା ଓ ମୃତ୍ୟୁ ୧୯୩୧ ମସିହାରେ ହୋଇଗଲା । ଏ ଜଣେ ଲେଖକ ଓ କବିବର ଚିନ୍ତାମଣି ମହାନ୍ତିଙ୍କ ସହାୟକ ଥିଲେ । ଉପାନ୍ତ ଅଞ୍ଚଳରେ ଓଡ଼ିଆଙ୍କୁ ଉତ୍ସାହିତ କରି ନୀଳମଣି ବିଦ୍ୟାରତ୍ନ (ପ୍ରଜାବନ୍ଧୁ ସମ୍ପାଦକ)ଙ୍କ ଭାଇ ଦାମୋଦର କବିରତ୍ନଙ୍କୁ ସାହାଯ୍ୟ ଦେଇ 'ଉତ୍କଳବାସୀ' ପତ୍ରିକା ପ୍ରକାଶ କରି ଓଡ଼ିଆ ପ୍ରଚାରରେ ବିଶେଷ ସହାୟକ ଥିଲେ । କବିରତ୍ନ ୬୧ ବର୍ଷ ବୟସରେ ୧୯୩୮ ମସିହାରେ ପରଲୋକ ହୋଇଥିଲେ ।

## ଷଷ୍ଠ ଅଧିବେଶନ

ଏ ଅଧିବେଶନ ଆଠଗଡ଼ ରଜା ରାଧାନାଥ ବର୍ମାଙ୍କ ସଭପତିତ୍ୱରେ ୧୯୦୮ ମସିହା ଡିସେମ୍ବର ମାସରେ କଟକରେ ଅନୁଷ୍ଠିତ ହେଲା । ଚନ୍ଦ୍ରଶେଖର ଛାତ୍ରବୃତ୍ତିର ସ୍ଥାୟୀ ପାଣ୍ଠି ଗଠନ କରାଗଲା । ଜାପାନରେ ଅଧ୍ୟୟନ କରୁଥିବା ଶ୍ରୀ ସାରଙ୍ଗଧର ଦାସ ଓ ପୂଷାରେ ଅଧ୍ୟୟନ କରୁଥିବା ଶ୍ରୀବିରଜମୋହନ ସେନାପତିଙ୍କୁ ସାହାଯ୍ୟ ଦିଆଗଲା । ଏ ଉଭୟେ କୃଷିବିଦ୍ୟାର ଛାତ୍ର ଥିଲେ ।

ଏହି ଅଧିବେଶନ ପରେ ରମ୍ଭାରେ ଆଲୋଚନା ସଭବସି କର୍ମପନ୍ଥା ନିରୂପଣ କରାଗଲା । ରଜା ହରିହର ମର୍ଦ୍ଦରାଜଙ୍କ ତତ୍ତ୍ୱାବଧାନରେ ଏହା ବୋଧହୁଏ ଶେଷ ବୈଠକ ।

ହରିହର ତା ୧୦।୭।୧୮୭୧ରେ ଜନ୍ମ ହୋଇଥିଲେ । ବାଲ୍ୟ ବୟସରେ ପିତୃହୀନ ହୋଇ ପାରଳା ଓ ମାନ୍ଦ୍ରାଜରେ ଶିକ୍ଷା ଲଭ କରି ୧୮୯୩ରେ ରଜଗାଦୀ ପାଇଲେ । କୃଷିର ଉନ୍ନତି ନିମନ୍ତେ ବହୁ କାର୍ଯ୍ୟ କଲେ । ଶିକ୍ଷା ନିମନ୍ତେ ସେ ରଜ୍ୟରେ ସଂସ୍କୃତ ଟୋଲ ତଥା ଇଂରଜୀ ବିଦ୍ୟାଳୟ ସ୍ଥାପନ କଲେ । ତାଙ୍କର ମହନୀୟ କୀର୍ତ୍ତି ଖଲ୍ଲିକୋଟ କଲେଜ (ବ୍ରହ୍ମପୁର), ଡାଏମଣ୍ଡ ଜୁବିଲି ଟାଉନହଲ ଓ ସର୍ବୋପରି ଉତ୍କଳ ଏକତ୍ରୀକରଣରେ ଧନ-ମନ ଅର୍ପଣ । ରମ୍ଭାରେ ସାଧାରଣସଭ ବୀଜରୁ ଉତ୍କଳ ସମ୍ମିଳନୀ ରୂପକ ବିରଟ ମହୀରୁହର ଉପତ୍ତିରେ ଆଜୀବନ ପୋଷଣକର୍ତ୍ତା ଥିଲେ ହରିହର । ତାଙ୍କର ମୃତ୍ୟୁ ତା ୨୦।୭।

---

୩୧ ହ୍ରଦରଂ ତପୁରଂ ଯତ୍ର ଭୀତିହା ସମଲେଶ୍ୱରୀ
ପରଂବ୍ରହ୍ମାତ୍ମିକା କାମଦୁଘା କିଞ୍ଚିଦ୍‌ବିଚିନ୍ତିତା ।।
ଅନାୟାସେନ ସୁଖଦଂ ନିର୍ଭୀତଂ ସୁଧନୈର୍ଯୁତମ୍ ।।
ବୋସଲାନନ୍ଦ ୧୪ ସର୍ଗ, ୫୧ ଓ ୫୪ ଶ୍ଳୋକ

Digitized by srujanika@gmail.com

୧୯୦୯ରେ ଘଟିଗଲା । ଏହି ସ୍ୱଳ୍ପ ଜୀବନକାଳ ମଧ୍ୟରେ ତାଙ୍କର ଉତ୍କଳ ଜନନୀଙ୍କ ସେବା ଚିରସ୍ମରଣୀୟ ହୋଇ ରହିବ ।

ଗଞ୍ଜାମ ଓଡ଼ିଆ-ସମାଜ ତରଫରୁ ମାନ୍ଦ୍ରାଜ ଲାଟ ସାର୍ ଆର୍ଥର ଲାଲି (Sri Arthur Lawly )ଙ୍କୁ ସ୍ମାରକପତ୍ର ୧୯୦୯ ମସିହାରେ ଦିଆଗଲା । ସେଥିରେ ପ୍ରାର୍ଥନା କରଯାଇଥିଲା ଯେ ଗଞ୍ଜାମ ଓ ବିଶାଖାପାଟଣା ଜିଲ୍ଲାରୁ ଓଡ଼ିଆ ଅଞ୍ଚଳମାନ ଓଡ଼ିଶାରେ ରଖାଯାଉ । ଅଣଓଡ଼ିଆଙ୍କ ପ୍ରଭବ ବଳରେ ଏ ଗୁହାରି ଅରଣ୍ୟରୋଦନରେ ପରିଣତ ହେଲା

## ସପ୍ତମ ଅଧିବେଶନ

ଏ ଅଧିବେଶନ ବାଲେଶ୍ୱର ରଜା ବେକୁଣ୍ଠନାଥ ଦେ ବାହାଦୁରଙ୍କ ସଭପତିତ୍ୱରେ ତା ୩୦ ଓ ୩୧ ଡିସେମ୍ବର ୧୯୧୦ ମସିହାରେ କଟକରେ ଅନୁଷ୍ଠିତ ହେଲା । ଏକତ୍ରୀକରଣ ଦାବୀ ଓ ରେଭେନ୍‌ସା ସାହେବ ଓଡ଼ିଆ ଛାତ୍ରଙ୍କ ଶିକ୍ଷା ନିମନ୍ତେ ଏକହଜାର ଟଙ୍କା ଦେଇ-ଥିବା ହେତୁ କୃତଜ୍ଞତା ଜ୍ଞାପନ କରଗଲା । ଗଞ୍ଜାମ, ପୁରୀ ତଥା କଟକରେ ଦେଶମିଶ୍ରଣ କାର୍ଯ୍ୟର ଅଗ୍ରଗତି ନିମନ୍ତେ ଜିଲ୍ଲା କମିଟିମାନ ଗଠନ କରଗଲା ।

ଅଭ୍ୟର୍ଥନା ସମିତିର ସଭପତି ଥିଲେ ମଧୁପୁର ରଜା ଓ ସମ୍ପାଦକ ଥିଲେ ଶ୍ରୀ ଗୋକୁଳାନନ୍ଦ ଚୌଧୁରୀ ।

## ବିହାର-ଓଡ଼ିଶା ପ୍ରଦେଶ ଗଠନ ସୁପାରିଶ

ବଡ଼ଲାଟ ଲର୍ଡ଼ ହାର୍ଡିଞ୍ଜ ( Lord Hardinge ) ତା ୨୫।୮।୧୯୧୧ ବିଲାତସରକାରଙ୍କୁ ପ୍ରସ୍ତାବ ଦେଲେ ଯେ ବଙ୍ଗଳାଦେଶରୁ ବିହାର, ଓଡ଼ିଶା ଓ ଛୋଟ-ନାଗପୁର ଅଞ୍ଚଳ ନେଇ ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେଉ, ବିହାରୀମାନେ ବଙ୍ଗାଳୀଙ୍କଠାରୁ ଭଷା, ରୀତି ଆଦିରେ ସଂପୂର୍ଣ୍ଣ ଅଲଗା ତେଣୁ ସେମାନେ ସ୍ୱତନ୍ତ୍ର ଶାସିତ ହେବା ଉଚିତ । ଓଡ଼ିଆମାନେ ମଧ୍ୟ ବିହାରୀଙ୍କ ଭଳି ବଙ୍ଗାଳୀଙ୍କସହ ସବୁ-ଥିରେ ସଂପର୍କହୀନ, ତେଣୁ ଓଡ଼ିଆମାନେ ବିହାରୀଙ୍କ ସଙ୍ଗେ ରହିବାକୁ ଭଲ ପାଇବେ ଓ ବିହାର ପ୍ରଦେଶ ସମୁଦ୍ର-ଉପକୂଳ ପାଇବାରେ, ଏ ପ୍ରସ୍ତାବକୁ ଅଭିନନ୍ଦିତ କରିବ । ଏଥି ନିମନ୍ତେ ଓଡ଼ିଆଙ୍କର ମତ ଆଦୌ ନିଆଗଲା ନାହିଁ । ବଡ଼ଲାଟ ପରିଷଦର ସଭ୍ୟ ସାର ଆଲି ଇମାମ ଯେଭଳି ବତାଇଲେ ସେଭଳି କରଗଲା । ଫଳ ହେଲା ଓଡ଼ିଆମାନେ ତିନୋଟି ପ୍ରଦେଶରୁ ଯାଇ ଚାରିଟି ପ୍ରଦେଶରେ ରହି ଅଧିକ ଦୁଃଖପ୍ରଦ ସମସ୍ୟାର ସମ୍ମୁଖୀନ ହେଲେ ।

Digitized by srujanika@gmail.com

## ଅଷ୍ଟମ ଅଧିବେଶନ

ଏ ଅଧିବେଶନ ସୁରଙ୍ଗୀ ରଜା ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନ ଜଗଦେବଙ୍କ ସଭାପତିତ୍ୱରେ ୬ ଓ ୭ ଏପ୍ରିଲ ୧୯୧୨ରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେଲା । ମୁଖ୍ୟ ପ୍ରସ୍ତାବମାନଙ୍କ ମଧ୍ୟରେ ଗଞ୍ଜାମ ଓ ଅନ୍ୟାନ୍ୟ ଓଡ଼ିଆ ଅଞ୍ଚଳକୁ ଶୀଘ୍ର ଓଡ଼ିଶାରେ ଅନ୍ତର୍ଭୁକ୍ତ କରିବା; ପାର୍ଲମେଣ୍ଟରେ ଓଡ଼ିଶାର ଏକତ୍ରୀକରଣ ଦାବୀ ପ୍ରତି ସମର୍ଥନ ଜଣାଇ ଥିବା ହେତୁ ଶ୍ରୀ ମାକ୍ କଲମ୍ ସ୍କଟ ଓ ଲର୍ଡ଼ କର୍ଜନଙ୍କୁ ଧନ୍ୟବାଦ ଜଣାଇବା; ବ୍ରହ୍ମପୁରସ୍ଥ ଓଡ଼ିଆ ଟ୍ରେନିଂ ବିଦ୍ୟାଳୟକୁ ତେଲୁଗୁ ବିଦ୍ୟାଳୟରେ ପରିଣତର ପ୍ରତିବାଦ; ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ବିଦ୍ୱାନ୍ ପରୀକ୍ଷାରେ ଓଡ଼ିଆ ଭାଷା ଗ୍ରହଣ; ରସୂଲକୋଣ୍ଡା (ଆଧୁନିକ ଭଞ୍ଜନଗର)ରେ ଉଚ୍ଚ-ଇଂରାଜୀ-ବିଦ୍ୟାଳୟ ସ୍ଥାପନ; ଶିବପୁର ଇଞ୍ଜିନିୟରିଂ କଲେଜରେ ପଢ଼ିବା ପାଇଁ ଲକ୍ଷ୍ମୀନାରାୟଣ ସାହୁଙ୍କୁ ବୃତ୍ତି ପ୍ରଦାନ ଆଦି ପ୍ରସ୍ତାବ ଗୃହୀତ ହେଲା ।

ମଞ୍ଜୁଷା ଯୁବରାଜ ଶ୍ରୀନିବାସ ରାଜମଣି ଦେବ ଅଭ୍ୟର୍ଥନା ସଭାର ସଭାପତି ଓ ଚିକିଟିର ରାଜା ସମ୍ପାଦକ ଥିଲେ ।

## ନବମ ଅଧିବେଶନ

ସମ୍ମିଳନୀର ନବମ ଅଧିବେଶନ ୧୯୧୩ ମସିହାରେ ମଧୁବାବୁଙ୍କ ସଭାପତିତ୍ୱରେ ପୁରୀଠାରେ ଅନୁଷ୍ଠିତ ହୋଇଥିଲା । ତାଙ୍କର ମର୍ମସ୍ପର୍ଶୀ ଅଭିଭାଷଣର କିୟଦଂଶ ଏଠାରେ ଉଦ୍ଧୃତ ହେଲା । ସେ କହିଲେ "ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ସମସ୍ତ ଉତ୍କଳବାସୀଙ୍କର ମଙ୍ଗଳ ସାଧନ ସମସ୍ତ ଉତ୍କଳବାସୀ କହିଲେ ଏକଜାତି ବୁଝାଏ । × × × ଉତ୍କଳଜାତିର ଅର୍ଥ ଯେଉଁମାନେ ଆପଣାକୁ ଉତ୍କଳସନ୍ତାନ ବୋଲି ମନେ କରନ୍ତି, ଏବଂ ଉତ୍କଳର ଅତୀତ ଗୌରବରେ ଯେଉଁମାନେ ଆପଣାକୁ ଗୌରବାନ୍ୱିତ ମନେ କରନ୍ତି ଓ ଭବୀ ଗୌରବକୁ ଆକାଂକ୍ଷା କରନ୍ତି , ସେହିମାନଙ୍କୁ ମୁଁ ଉତ୍କଳଜାତି ବୋଲି ମନେ କରେ ।

× × × × × ×

ସେ ପୁଣି କହିଲେ ଯେବେ ଉତ୍କଳବାସୀଙ୍କ ମଧ୍ୟରୁ ପ୍ରଧାନ ବ୍ୟକ୍ତିମାନଙ୍କର ଜାତୀୟ ଜୀବନ ଥାଆନ୍ତା ଏବଂ ସେମାନେ ଯେବେ ଉତ୍କଳ ସମ୍ମିଳନୀ କାର୍ଯ୍ୟରେ ମନୋଯୋଗୀ ହୋଇଥାନ୍ତେ ତାହା ହେଲେ ସମ୍ମିଳନୀର ପ୍ରସ୍ତାବମାନ ବିଫଳ ହୋଇ ନ ଥାନ୍ତା ।

ଏ ସମ୍ମିଳନୀ ଜାତିର ସମ୍ମିଳନୀ ସମସ୍ତ ଉତ୍କଳବାସୀଙ୍କ ହୃଦୟରେ ଜାତୀୟ ଜୀବନ ସଞ୍ଚାର କରିବା ନିମନ୍ତେ ସ୍ଥାପିତ ହୋଇ ଅଛି । ଏ ସମ୍ମିଳନୀ କୌଣସି ଏକ ସଂପ୍ରଦାୟସ୍ଥ ବ୍ୟକ୍ତିମାନଙ୍କର ଉନ୍ନତି ସାଧନ ନିମନ୍ତେ ହୋଇ ନାହିଁ । ଯାହା ଦ୍ୱାରା ସମସ୍ତ ଉତ୍କଳବାସୀଙ୍କର ଉନ୍ନତି ହେବ ସେହି ପ୍ରକାର ବିଷୟସବୁ ଆଲୋଚନା କରିବା ନିମନ୍ତେ ସମ୍ମିଳନୀର ସୃଷ୍ଟି । ଏରୂପ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଜାତୀୟ ଜୀବନର ସଞ୍ଚାର ହୃଦୟରେ ଜାଗ୍ରତ ହେବା ଉଚିତ । ମୁଁ ଉତ୍କଳମାତାର ସନ୍ତାନ ଏବଂ ଉତ୍କଳ ଭୂମିରେ ଯେଉଁମାନେ ଜନ୍ମ ଗ୍ରହଣ କରି-

Digitized by srujanika@gmail.com

ଅଛନ୍ତି ଓ ଯେଉଁମାନେ ମରଣାନ୍ତେ ତାଙ୍କର ମୃତ ଦେହକୁ ଉତ୍କଳମାତାର କ୍ରୋଡ଼ରେ ଅର୍ପଣ କରିବାକୁ ଇଚ୍ଛା କରନ୍ତି, ସେମାନେ ଯେଉଁ ଜାତି ହେଉନ୍ତୁ, କି ବଙ୍ଗାଳୀ, କି ମୁସଲମାନ, କି ବ୍ରାହ୍ମଣ, କି କରଣ, କି କଣ୍ଡରା, କି ପାଣ, କି ପଞ୍ଜାବୀ, କି ମାନ୍ଦ୍ରାଜୀ, ଏ ସମସ୍ତେ ଉତ୍କଳମାତାର ସନ୍ତାନ । ଯେ ଉତ୍କଳମାତାର କ୍ରୋଡ଼ରେ ଜନ୍ମ ଗ୍ରହଣ କରିଅଛି ଏବଂ ଯେ ବିଶ୍ୱାସ କରେ କି ମୃତ୍ୟୁ ପରେ ଦୁର୍ଗନ୍ଧ ହେତୁ ତାହାର ମୃତ ଦେହକୁ ଜନ୍ମ ଦେଇଥିବା ମାତା ଘରୁ ବାହାର କରି ଦେଲେ ସେହି ଦୁର୍ଗନ୍ଧ ଶରୀରକୁ ଉତ୍କଳମାତା ଆପଣାର କ୍ରୋଡ଼ରେ ଗ୍ରହଣ କରିବେ, ସେ ହିଁ ହେଉଛି ଉତ୍କଳ ସନ୍ତାନ । ଉଚ୍ଚ ଶିକ୍ଷାଦ୍ୱାରା ଓକିଲ ଡେପୁଟି କଲେକ୍ଟରଙ୍କ ସଂଖ୍ୟା ବଢ଼ାଇବା ଏ ସମ୍ମିଳନୀର ଉଦ୍ଦେଶ୍ୟ ନୁହେଁ । ଏ ଶ୍ରେଣୀର ଲୋକମାନଙ୍କଦ୍ୱାରା ବ୍ୟକ୍ତିଗତ ଉନ୍ନତି ହୁଏ, ଜାତୀୟ ଉନ୍ନତି ହୁଏ ନାହିଁ । ଅବଶ୍ୟ ଏ ପ୍ରକାର ହୋଇପାରେ ଯଦି ଏ ଶ୍ରେଣୀସ୍ଥ ଲୋକମାନଙ୍କ ମଧ୍ୟରେ ଜାତୀୟ ଜୀବନ ସଞ୍ଚାରିତ ହୁଏ ଏବଂ ଜାତିର ଉନ୍ନତି କରିବା ଲାଗି ଏ ଶ୍ରେଣୀର ଲୋକମାନେ କୃତସଂକଳ୍ପ ହୁଅନ୍ତି ତାହା ହେଲେ ସେ ଉଦ୍ଦେଶ୍ୟ ସମ୍ପାଦନ କରିବା ନିମନ୍ତେ ଏ ଶ୍ରେଣୀର ଲୋକମାନଙ୍କର ବିଶେଷ ଯେ ସୁବିଧା ଅଛି ଏହା ସ୍ୱୀକାର କରିବାକୁ ହେବ । କିନ୍ତୁ ଉଚ୍ଚ ଶିକ୍ଷିତ ହେଲେ କିମ୍ବା ଗଭର୍ଣ୍ଣମେଣ୍ଟଙ୍କ ଅଧୀନରେ ଉଚ୍ଚପଦ ପ୍ରାପ୍ତ ହେଲେ ଯେ ଜାତୀୟ ଜୀବନ ବୃଦ୍ଧି ହେବ ଏହା କୁହାଯାଇ ନ ପାରେ । ଜାତୀୟ ଜୀବନର ସଞ୍ଚାର ଓ ବୃଦ୍ଧି ପ୍ରତ୍ୟେକ ବ୍ୟକ୍ତିଙ୍କର ଜୀବନର ଉଦ୍ଦେଶ୍ୟ ଉପରେ ନିର୍ଭର କରେ । ମୁଁ ବିଶ୍ୱାସ କରେ ଯେ ଜଗଦୀଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଙ୍କର ଉଦ୍ଦେଶ୍ୟ ପାଳନ କରିବା ନିମନ୍ତେ ଜନ୍ମ ଦେଇ ଅଛନ୍ତି । ମନୁଷ୍ୟ ଜନ୍ମର ଉଦ୍ଦେଶ୍ୟ ଆତ୍ମ ସୁଖ ଉପାର୍ଜନ ନୁହେ । ମନୁଷ୍ୟ ନିଜ ସୁଖ ସମ୍ପାଦନରେ ଜୀବନ ଯାପନ କରିବ ଏହା ଜଗତ ପିତାଙ୍କର ଉଦ୍ଦେଶ୍ୟ ନୁହେଁ । ମୋ ଜୀବନ କେବଳ ମୋ ସକାଶେ ଈଶ୍ୱର ଦେଇ ନାହାନ୍ତି । ପରର ଉପକାର ନିମନ୍ତେ ମନୁଷ୍ୟର ଜୀବନ ହୋଇଅଛି । ସଂସାରର ମାୟା ବୋଲି ଯାହା ଲୋକେ ସଚରାଚର କହନ୍ତି ତାହାର ଅର୍ଥ ଏହି କି ଯେଉଁମାନଙ୍କୁ ଆମ୍ଭେମାନେ ଆପଣାର ବୋଲି ଜ୍ଞାନ କରୁଅଛୁ ସେମାନେ ବାସ୍ତବରେ ପର ଅଟନ୍ତି । ପରଙ୍କ ସକାଶେ ମନୁଷ୍ୟ ଜୀବନ ଧାରଣ କରୁଅଛି । ପ୍ରକୃତିର ପ୍ରତି ଦୃଷ୍ଟି କରି ଦେଖିବ, ପ୍ରକୃତିର ଜୀବନ ପରୋପକାର ପାଇଁ । ଏହି ଉତ୍କଳ ଭୂମିରେ ଉତ୍କଳ ସନ୍ତାନମାନେ ବହୁକାଳ ପୂର୍ବେ ଏକତାର ମୂଲ୍ୟ ଓ ଆବଶ୍ୟକତା ଯେ ବୁଝିଥିଲେ ତହିଁର ପ୍ରମାଣ ଜଗନ୍ନାଥଙ୍କ ମନ୍ଦିର । ଏଠାରେ ଜାତିର ମାନ ନାହିଁ । ରଜାକୁ ମଧ୍ୟ ଏ ପ୍ରକାର କାର୍ଯ୍ୟ କରିବାକୁ ହୁଏ, ଯାହା ସ୍ଥାନାନ୍ତରେ ନିକୃଷ୍ଟବ୍ୟକ୍ତି କରିଥାଏ । ଜଗନ୍ନାଥଙ୍କର ମନ୍ଦିର ପ୍ରତି ଦୃଷ୍ଟିକର, ସେଠାରେ ଏକତାର ଜ୍ୱଳନ୍ତ ଶିକ୍ଷା ପାଇବ । ସମୁଦ୍ରପ୍ରତି ଦୃଷ୍ଟିକର ସେଠାରେ ଏକତାର ଉଦାହରଣ ପାଇବ । ଏହିଠାରେ ସ୍ୱର୍ଗଦ୍ୱାର ଅଛି । ମନୁଷ୍ୟ ଏହି ସ୍ୱର୍ଗଦ୍ୱାର ବାଟେ ଉନ୍ନତି ଓ ସୁଖର ସ୍ଥାନକୁ ଲାଭ କରିପାରେ । ଏ ପ୍ରକାର ସ୍ଥାନରେ ଏ ସମ୍ମିଳନୀରେ ଅଧିବେଶନ । ମୋହର ବକ୍ତୃତା ଦେବାର ଆବଶ୍ୟକ ନାହିଁ । ଶତ ଶତ ବର୍ଷ ପୂର୍ବେ ଆମ୍ଭମାନଙ୍କର ପୂଜନୀୟ ପୂର୍ବ ପୁରୁଷମାନେ ଉନ୍ନତିର ଯେଉଁ ଶିକ୍ଷା ଦେଇଥିଲେ ତାହା ସ୍ୱର୍ଣ୍ଣାକ୍ଷରରେ ଜଗନ୍ନାଥଙ୍କ ମନ୍ଦିରରେ ଲେଖା ଅଛି । ପ୍ରକୃତି ସ୍ଥାନେ ସ୍ଥାନେ ନିଃଶବ୍ଦ ଭାବରେ ଯେଉଁ ଶିକ୍ଷା ଦେଉଅଛି ତାହା ସମୁଦ୍ର କ୍ରୋଧରେ ଗର୍ଜ୍ଜନ କରି ଶିକ୍ଷା ଦେଇ-

Digitized by srujanika@gmail.com

ଅଛି । କ୍ରୋଧର କାରଣ ଏହି କି ଏତେକାଳ ଯାଏ ଏ ଶିକ୍ଷା ଆମ୍ଭେମାନେ ଗ୍ରହଣ କଲୁ ନାହିଁ । ଜାତିର ଉନ୍ନତି, ଜାତିର ଗୌରବ ବିଷୟ, ଯେତେବେଳେ ଅବକାଶ ପାଅ, ଚିନ୍ତାକର । ରୋଜ ୧୦ ମିନିଟ ମାତ୍ର ଚିନ୍ତା କଲେ ଦେଖିବ ସେ ଚିନ୍ତାରୁ ମନରେ ସୁଖଲାଭ ହେବ ଏବଂ ସେ ସୁଖ ଲାଭ ହେତୁ ୧୦ ମିନିଟକୁ ୨୦ ମିନିଟ କରିବାକୁ ଇଚ୍ଛା ହେବ । ଜାତୀୟ ବିଷୟ ଚିନ୍ତା କରିବା ଦ୍ୱାରା କ୍ରମେ ଜାତୀୟ ଜୀବନ ହୃଦୟରେ ଜାଗ୍ରତ ହେବ, ଶେଷରେ ସେହି ଜୀବନ ତୁମ୍ଭର ହୃଦୟ ସ୍ଥଳରୁ ଆରମ୍ଭ କରି ସମୟରେ ରକ୍ତ ମାଂସ ଏବଂ ସମସ୍ତ ଶରୀରକୁ ଜାତୀୟ ଜୀବନରେ ଉତ୍ତେଜିତ କରିବ । ଏହି ଭାବ ସମସ୍ତ ଉତ୍କଳବାସୀଙ୍କ ମନରେ ଜନ୍ମାଇ-ବାର ପ୍ରଥମେ ଚେଷ୍ଟାକର । ସହସ୍ର ସହସ୍ର ହୃଦୟ ସେହି ମନ୍ତ୍ର ଦ୍ୱାରା ଉତ୍ତେଜିତ ହେଉ । ଅଳ୍ପ ଦିନ ମଧ୍ୟରେ ଦେଖିବ ସମ୍ମିଳନୀ ଜାତୀୟ ମହାସମୁଦ୍ର ଧାରଣ କରି ତାହାର ଉନ୍ନତି ପଥରେ ଯେଉଁ ବାଧାବିଘ୍ନ ପଡ଼ିବ ତତ୍‌ସମସ୍ତ ଅବଲୀଳାକ୍ରମେ ଅତିକ୍ରମ କରି ଉତ୍କଳ ଜାତିକୁ ସୁଖମୟ ସ୍ଥାନରେ ପହଞ୍ଚାଇବ । ଆମ୍ଭମାନଙ୍କର ଯେ ବର୍ତ୍ତମାନ ଆକାଂକ୍ଷା, ଦେଶ ମିଶ୍ରଣ ସମ୍ବନ୍ଧେ କୁହ, ସମାଜ ସଂସ୍କାର ସମ୍ବନ୍ଧେ କୁହ, ସମସ୍ତ ପୂର୍ଣ୍ଣ ହେବ । ଉତ୍କଳ ମାତାଙ୍କର ଶରୀର ବର୍ତ୍ତମାନ ଛିନ୍ନ, ଅବସ୍ଥା ଅତିଶୟ ଶୋଚନୀୟ । ଯେଉଁ ପ୍ରଦେଶରୁ ଉପେନ୍ଦ୍ରଭଞ୍ଜଙ୍କର କଣ୍ଠଧ୍ୱନି ଉଠି ଏକ ସମୟରେ ଉତ୍କଳ ଜାତିର ହୃଦୟକୁ ଆହ୍ଲାଦରେ ନଗ୍ନଉଥିଲା ସେ ପ୍ରଦେଶ ବର୍ତ୍ତମାନ ଉତ୍କଳ ଜନନୀଙ୍କର ଶରୀରରୁ ବିଚ୍ଛିନ୍ନ । କିଏ ଏପରି ଉତ୍କଳ ସନ୍ତାନ ଅଛି ଯେ, ଏହାର ମିଳନ ଆକାଂକ୍ଷା ନ କରେ ? କିନ୍ତୁ ଦୁଃଖର ସହିତ ସ୍ୱୀକାର କରିବାକୁ ହେବ ଯେ, ଆମ୍ଭମାନଙ୍କ ନିଜ ଦୋଷରୁ କିୟଦଂଶରେ ଆମ୍ଭେମାନେ ବର୍ତ୍ତମାନ ହୀନାବସ୍ଥା ଲାଭ କରି-ଅଛୁଁ । ଗତ ଦୋଷମାନ ବ୍ୟାଖ୍ୟା କରିବାର ବର୍ତ୍ତମାନ ଆବଶ୍ୟକ ନାହିଁ । ଜାତୀୟ ଜୀବନର ସଞ୍ଚାର ହେଲେ ଦେଶ ମିଶ୍ରଣ ନିମନ୍ତେ ପ୍ରସ୍ତାବ କରିବା, ମେମୋରିଏଲ କରିବା, ଆବଶ୍ୟକ ହେବ ନାହିଁ । ଜାତୀୟ ଜୀବନ ଦ୍ୱାରା କି ଆଶ୍ଚର୍ଯ୍ୟ କାର୍ଯ୍ୟମାନ ହୋଇପାରେ ତାହା ଜାପାନ ଦେଶର ଇତିହାସରୁ ଶିକ୍ଷା କର । ଜାତୀୟ ଜୀବନକୁ ପ୍ରବଳ କରିବାକୁ ସର୍ବଦା ଚେଷ୍ଟା କର । କେହି ସେ ଜୀବନର ଗତିକୁ ରୋଧ କରି ପାରିବ ନାହିଁ । ଈଶ୍ୱର କରନ୍ତୁ ଆଗାମୀ ବର୍ଷ ସମ୍ମିଳନୀ ଅଧିବେଶନ ସମୟରେ ଜାତୀୟ ଜୀବନର ସ୍ପଷ୍ଟ ପ୍ରମାଣ ଦୃଶ୍ୟ ହେଉ । କେହି କେହି ପଚାରି ପାରନ୍ତି ଜାତୀୟ ଜୀବନର ଲକ୍ଷ କଣ ? କି କି ଲକ୍ଷଣ ଦ୍ୱାରା ଜାତୀୟ ଜୀବନର ପରିଚୟ ମିଳିବ ? ଜାତୀୟ ଜୀବନ ଏ ପ୍ରକାର ଯେ, ପ୍ରତି ମନୁଷ୍ୟଠାରେ ତାହା ରହିଅଛି । ମନୁଷ୍ୟ ଜୀବନ ପ୍ରଥମ ଓ ଶେଷ ସୀମା ସମାନ ଭାବେ ଧାରଣ କରେ । ଏ ସାଦୃଶ୍ୟ କି ରାଜା, କି ଭିକ୍ଷୁକ, କି ବ୍ରାହ୍ମଣ, କି ନୀଚ ଜାତି ସମସ୍ତଙ୍କର ଜୀବନରେ ଦେଖାଯାଏ । ମାତୃ ଗର୍ଭରେ ଜୀବନର ଆରମ୍ଭ ସମୟେ ସମାଜ ସହିତ କିମ୍ବା ବହିର୍ଜଗତ ସହିତ କୌଣସି ସଂସ୍ରବ ନ ଥାଏ । ଶରୀରର ଯେଉଁସବୁ ଦୈହିକ କ୍ରିୟା ଦ୍ୱାରା ମନୁଷ୍ୟ ଜୀବିତ ଅଛି, ମାତୃ ଗର୍ଭରେ ସେ ସବୁ କ୍ରିୟା ମଧ୍ୟ ଶରୀରରେ ନ ଥାଏ । ଚକ୍ଷୁ, କର୍ଣ୍ଣ ଆଦି ଇନ୍ଦ୍ରିୟମାନଙ୍କର ପରିଚାଳନା ଦ୍ୱାରା ବହିର୍ଜଗତ ସହିତ ମନୁଷ୍ୟର ସଂପର୍କ ସ୍ଥାପିତ ହୁଏ । ଏହିସବୁ ଇନ୍ଦ୍ରିୟ ମାନଙ୍କର ଚାଳନା ନ ହେଲେ ମନୁଷ୍ୟ କୌଣସି କାର୍ଯ୍ୟ କରି ପାରେ ନାହିଁ ।

× × × × × ×

Digitized by srujanika@gmail.com

ସମସ୍ତ ମନୁଷ୍ୟଙ୍କର ହାତ, ଆଖି କାନ ନାକ ଓ ଜିଭ ଅଛି, ଶିକ୍ଷା ଦ୍ୱାରା ବୁଦ୍ଧିର ଯେ ପ୍ରକାର ଉନ୍ନତି ହୋଇ ପାରେ ପରିଚାଳନା ଦ୍ୱାରା ହସ୍ତାଦିମାନଙ୍କର ମଧ୍ୟ ସେହି ପ୍ରକାର ଉନ୍ନତି ହୋଇପାରେ । ସାଧାରଣ ଚକ୍ଷୁ ଅପେକ୍ଷା ସୁଶିକ୍ଷିତ ଚକ୍ଷୁର ମୂଲ୍ୟ ଅଧିକ ହୁଏ, ଯେଉଁ ହାତ କୋଡ଼ି ଧରି ମାଟି ହାଣି ସାରା ଦିନ ପରିଶ୍ରମ କରି ଦୁଇ ଅଣା ପଇସା ରୋଜଗାର କରୁଅଛି, ସେ ହାତ ଶିଳ୍ପୀର ହାତ ହେଲେ ଦିନରେ ଦୁଇ ଟଙ୍କା ରୋଜଗାର କରିପାରେ ।

× × × × × ×

ମୁଁ ବୋଧକରେ ଉପସ୍ଥିତ ଉତ୍କଳବାସୀ ସମସ୍ତେ ଭୁବନେଶ୍ୱର ରାଜରାଣୀ ମନ୍ଦିରରେ ଥିବା ପ୍ରସ୍ତର ଖୋଦିତ ମୂର୍ତ୍ତିମାନ ଦେଖିଥିବେ ।

× × × × × ×

ଓଡ଼ିଶାରେ ଯେଉଁହାତ ସେ ମୂର୍ତ୍ତି ନିର୍ମାଣ କରିଥିଲା, ତାହାର ବଂଶଧରମାନେ ବର୍ତ୍ତମାନ ପଥରର ଶିଳ, ଚକି ତିଆରି କରି ସାମାନ୍ୟ ଅର୍ଥ ଉପାର୍ଜନ କରୁଅଛନ୍ତି । × × × × ଉନ୍ନତ ଅବସ୍ଥାର ହାତ ଯେଉଁ କାର୍ଯ୍ୟ ସହଜରେ କରୁଥିଲା, ବର୍ତ୍ତମାନ ଅବନତ ହାତ କଷ୍ଟରେ ମଧ୍ୟ ସେ କାର୍ଯ୍ୟ କରି ପାରିବ ନାହିଁ । ଏହି ଉଦାହରଣରୁ ଆପଣମାନେ ବୁଝିବେ ଜାତିର ହାତର ମୂଲ୍ୟ କିପରି ବଢ଼ିପାରେ ଓ କମି କରିପାରେ ତା ପରେ ସେ ସମାଜ ସଂସ୍କାର ଓ ମହାପୁରୁଷମାନଙ୍କ ଜୀବନର ଉଦାହରଣ ଦେଇଥିଲେ । ତାଙ୍କ ବକ୍ତୃତାରେ ଶ୍ରୋତା ମଣ୍ଡଳୀ ମୁଗ୍ଧ ହୋଇଗଲେ । ଏ ଅଧିବେଶନ ବହୁଦିଗରୁ ଗୁରୁତ୍ୱପୂର୍ଣ୍ଣ ଥିଲା । ଉତ୍କଳ ସମ୍ମିଳନୀର କର୍ତ୍ତା ନିଜେ ମଧୁବାବୁ ସଭପତି ହୋଇଥିବାରୁ ସମସ୍ତଙ୍କ ମନ ଆଶା ଓ ଆନନ୍ଦରେ ପୁରି ଉଠିଥିଲା । ସୁରଙ୍ଗୀର ରାଜା ସାହେବ ସଭପତି ପଦ ପାଇଁ ମଧୁବାବୁଙ୍କ ନାମ ପ୍ରସ୍ତାବ କରି କହିଲେ—"ମୁଁ ଏ ସମ୍ମିଳନୀର ଜନ୍ମଦାତା, ଉତ୍କଳର ସର୍ବପ୍ରଧାନ ନେତା ଶ୍ରୀଯୁକ୍ତ ମଧୁସୂଦନ ଦାସ ସି.ଆଇ.ଇ. ମହୋଦୟ ସଭପତି ହେବା ନିମନ୍ତେ ପ୍ରସ୍ତାବ କରୁଅଛି । × × × ବର୍ତ୍ତମାନ ବିଚକ୍ଷଣ ବ୍ୟକ୍ତିଙ୍କ ସୁପରାମର୍ଶ ଏକାନ୍ତ ଆବଶ୍ୟକ । ଉତ୍କଳ ସମ୍ମିଳନୀ ଦାସମହାଶୟଙ୍କ ଚିନ୍ତାର ଫଳ । ସମ୍ମିଳନୀ ସମ୍ବନ୍ଧେ ସେ ଆମ୍ଭମାନଙ୍କର କର୍ତ୍ତବ୍ୟ ସ୍ଥିର କରି ଦେବେ ସନ୍ଦେହ ନାହିଁ । ଜ୍ଞାନ, ବହୁଦର୍ଶିତା, ଦେଶାନୁରାଗ ପ୍ରଭୃତି ଦୃଷ୍ଟିରେ ଦାସ ମହାଶୟ ଯେ କୌଣସି ଦେଶର ଜାତୀୟ ସମ୍ମିଳନୀର ସଭପତି ହେବାରେ ଯେ ଉପଯୁକ୍ତ ଏହା ବୋଲିବା ବାହୁଲ୍ୟ; ଅତଏବ ମୁଁ ଆଶା କରେ ଆପଣମାନେ ମୋହର ପ୍ରସ୍ତାବକୁ ସାଦରେ ଗ୍ରହଣ କରିବେ ।

ପ୍ରସ୍ତାବ ସମର୍ଥନ କରି ପଣ୍ଡିତ ଗୋପବନ୍ଧୁ ଦାସ କହିଲେ "ଧନ୍ୟ ମଧୁବାବୁ ଧନ୍ୟ ତୁମର ଜନ୍ମ, ତୁମ୍ଭେ ନିଜର କାର୍ଯ୍ୟ ଦ୍ୱାରା ଉତ୍କଳର ଗୃହେ ଗୃହେ ସୁପରିଚିତ । ତୁମ୍ଭେ ଦେଶର କଲ୍ୟାଣ ନିମନ୍ତେ ଚିନ୍ତା କରିଅଛ । ନିଜ ଗୁଣରେ ନିଜେ ସୁପ୍ରତିଷ୍ଠିତ ହୋଇଅଛ ଏବଂ ଦେଶର ପ୍ରତିଷ୍ଠା ମଧ୍ୟ ବଢ଼ାଇଅଛ । ଆଜି ଆମ୍ଭେମାନେ ଏ ଜାତୀୟ ଅନୁଷ୍ଠାନରେ ଆପଣଙ୍କୁ ସଭପତି ରୂପେ ପାଇଲେ ଧନ୍ୟ ହେବୁଁ । ଭାଇମାନେ, ମଧୁବାବୁଙ୍କୁ ସଭପତି କରିବା ଦ୍ୱାରା ତାଙ୍କର ଯେ ସମ୍ମାନ ବଢ଼ିବ, ତାହା ନୁହେଁ କିନ୍ତୁ ତାଙ୍କୁ ସମ୍ମାନ ଦେବା ଦ୍ୱାରା ଆମ୍ଭେମାନେ

Digitized by srujanika@gmail.com

ସମ୍ମାନିତ ହେବ। । ଅତଏବ ମୁଁ ଏ ପ୍ରସ୍ତାବକୁ ଅନ୍ତରର ସହିତ ଅନୁମୋଦନ କରୁଅଛି ।

ଏ ଅଧିବେଶନର ଅଭ୍ୟର୍ଥନା-ସମିତିର ସଭାପତି ଥିଲେ ଏମାର ମଠମହନ୍ତ ରାମାନୁଜ ଗଦାଧର ଦାସ ।

ଓଡ଼ିଆ ଭାଷୀଙ୍କ ଏକତ୍ରୀକରଣ, ସତ୍ୟବାଦୀ ଜାତୀୟ ବିଦ୍ୟାଳୟର ଉଦ୍‌ଯୋକ୍ତାମାନଙ୍କୁ ଅଭିନନ୍ଦନ, ଲର୍ଡ଼ ହାର୍ଡ଼ିଞ୍ଜ (ବଡ଼ଲାଟ)ଙ୍କୁ ଓଡ଼ିଶା ଆସିବାପାଇଁ ଅନୁରୋଧ, ଇଞ୍ଜିନୟରିଂ ବିଦ୍ୟାଳୟ ସ୍ଥାପନ, ସିଂହଭୂମିରେ ଓଡ଼ିଆ ଭାଷା ପ୍ରଚଳନ, କଟକରେ ଏମ୍.ଏ. ଓ ବି. ଏଲ୍. ଶ୍ରେଣୀ ସ୍ଥାପନ ଆଦି ଦାବୀ କରଯାଇଥିଲା । ମଧୁସୂଦନଙ୍କ ବିଦ୍‌ବତ୍ତା ତଥା ଦେଶ ପ୍ରେମ ଅନ୍ୟନ୍ୟ ସାଧାରଣ ଥିଲା ।

କବି ଫକୀର ମୋହନ ଉତ୍କଳ-ଭ୍ରମଣରେ ଲେଖିଛନ୍ତି:—

ନିରନ୍ତର ବସି ଭାଳୁ ଥାଅ ମହାମତି, କି ଉପାୟେ ହେବ ଜନ୍ମ ଭୂମିର ଉନ୍ନତି । !

× × × × ×

ଉତ୍କଳର ସର୍ମ୍ମିଳନୀ ବାଞ୍ଛା କଳ୍ପତରୁ, ବାହାରିଛି ଏହା ମଞ୍ଜି ତୁମ୍ଭରି ମୁଖରୁ

× × × × ×

ବୋଲ ତାକୁ କେହି ପାଶେ ଗଲେ ଭଲଲୋକ, ଦେଶ କଥା ଭଲ ପାଞ୍ଚ ମିନିଟ ମାତ୍ରକ;
ପାଞ୍ଚ ଜଣ ମଧ୍ୟେ କିମ୍ବା ରାଜ ଦରବାରେ, ଲାଗିଥାଅ ମାତୃଭୂମି ଉନ୍ନତି କଥାରେ ।

କବି ଅବସର-ବାସରେ ପୁସ୍ତକରେ ମଧ୍ୟ ମଧୁସୂଦନଙ୍କ କୀର୍ତ୍ତି ଗାଥା ଗାଇଛନ୍ତି:—

ଧନ୍ୟ ଧନ୍ୟ ଧନ୍ୟ ମଧୁସୂଦନ ଉତ୍କଳ ମାତାର ଯୋଗ୍ୟ ନନ୍ଦନ;
ଦେଲ ଉତ୍କଳକୁ ନବଜୀବନ ଶିଖାଇଲ ଲୋକେ ଜାତି-ବନ୍ଧନ ।

× × × × ×

କଥା ନୁହେ ଏହା ଦେଖେ ପ୍ରମାଣ ଦେଶହିତ ବ୍ରତେ ସର୍ମ୍ପିଛ ପ୍ରାଣ

× × × × ×

କୋଟି ପରିମାଣ ଉତ୍କଳ ଲୋକ, ସମସ୍ତଙ୍କ କାହିଁ ଘୁଞ୍ଚିବ ଦୁଃଖ ।
ଗୋଟା ଦେଶ ପାଇଁ ଭାଳୁଛି ଜଣେ ଏ କଥା ଯେ ଜାଣେ ପଡ଼େ ମୋ ମନେ ।
ହୃଦୟରେ ମୋର ହୁଏ ପ୍ରତ୍ୟୟ, ଦୈବ-ଶକ୍ତି ଏହା ଅଟେ ନିଶ୍ଚୟ ।

× × × × ×

ତୁମ୍ଭର ଚରିତ୍ର ଓ ଇତିହାସ, ପାଉ ନାହିଁ ଭାଷାକରେ ପ୍ରକାଶ ।
ଯେତେକାଳ ଥିବ ଉତ୍କଳୀ ଜାତି, ଯାବତଚନ୍ଦ୍ରାର୍କେ ରଟିବ ଖ୍ୟାତି ।।

ମଧୁସୂଦନଙ୍କ "ଉତ୍କଳ ସନ୍ତାନ" କବିତା ବିଶେଷ ହୃଦୟଗ୍ରାହୀ । ତହିଁର କେତେକ ପଙ୍‌କ୍ତି ଉଦ୍ଧାର କରଗଲା ।

Digitized by srujanika@gmail.com

''ତୁପଗ ବୋଲଉ ଉତ୍କଳ ସନ୍ତାନ ତେବେ କିପାଁ ତୁହି ଭୀରୁ
ତୋହର ଜନନୀ ଗେଦନ କରିଲେ କହିବାକୁ କିପାଁ ଡ଼ରୁ ?
ତୋ ପୂର୍ବ ପୁରୁଷେ ଜୟ କରିଥିଲେ ଗଙ୍ଗାଠାରୁ ଗୋଦାବରୀ,
ତାଙ୍କରି ଔରଷେ ଜନ୍ମ ହୋଇ ତୁହି କେଉଁଗୁଣେ ତାଙ୍କୁ ସରି ?

× × × × ×

ଜାତି ନନ୍ଦିଘୋଷ ଚଳିବ କି ଭଇ ସ୍ୱାର୍ଥକୁ ସାରଥୀ କଲେ,
ଟାଣେ କି ରେ ଗାଡ଼ି ଦାନାର ତୋବଡ଼ା ଘୋଡ଼ା ମୁହେଁ ବନ୍ଧା ଥିଲେ ।
ସ୍ୱାର୍ଥର ବନିତା ଅଟେ ତୋଷାମଦ ଭୟମିଥ୍ୟା ତାଙ୍କ ପୁତ୍ର,
ରାଜ୍ୟରେ ବିପ୍ଳବ ନିଶ୍ଚୟ ଘଟିବ ଏମାନେ ହେଲେ ଏକତ୍ର ।
ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେ ଦିନେ,
ପୂରୁବ ଗୌରବ ପୂରୁବ ମହିମା ପଡ଼ିବ କି କେବେ ମନେ ?
ତୋହର ଜନନୀ ବୀରପ୍ରସବିନୀ ଧୂଳିରେ ପଡ଼ିଛି ଦେଖ,
ଜନସମାଜରେ ଏ ମହୀ ମଧ୍ୟରେ କିପରି ଦେଖାଉ ମୁଖ ?
ତୋ ପୂର୍ବ ପୁରୁଷ ସ୍ୱର୍ଗଧାମେ ଥାଇ ଭୋଗୁଛନ୍ତି ମନସ୍ତାପ,
ତାଙ୍କରି ଜୀବନ କରିବିସରଣ କରୁଛୁ ତୁ ମହାପାପ

ମଧୁସୂଦନ କଟକ ଜିଲ୍ଲା ସତ୍ୟଭମା ପୁରରେ ତା ୧୮୪୭ ମସହାରେ ଜନ୍ମଗ୍ରହଣ କରିଥିଲେ । କଟକରେ ଶିକ୍ଷା ଶେଷ କରି କଲିକତା ଗଲେ । ସେଠି ଏମ.ଏ;; ଓ ବି.ଏଲ୍. ପରୀକ୍ଷାରେ ପାଶ୍ କଲେ । ସେ ପ୍ରଥମ ଓଡ଼ିଆ ଏମ୍.ଏ ଓ ପ୍ରଥମ ଓକିଲ, କଲିକତା ହାଇ କୋର୍ଟର ଓଡ଼ିଆ ଅନୁବାଦକ କର୍ମ କରି ପରେ କଟକରେ ଓକିଲତି କଲେ । ପୁରୀ ଜଗନ୍ନାଥ ମନ୍ଦିର ମକଦ୍ଦମାରେ ରାଜାଙ୍କ ଅଧିକାର ପ୍ରତିଷ୍ଠା କରଇଲେ । କଟକ କଲେଜରେ ଆଇନ ଶ୍ରେଣୀର ଅଧ୍ୟାପକ, କଟକ ଜିଲ୍ଲା ବୋର୍ଡ଼ର ଭଇସ୍‌ଚେୟାରମ୍ୟାନ ଓ ବଙ୍ଗ ପ୍ରାଦେଶିକ କାଉନ୍‌ସିଲର ସଭ୍ୟ ଥିଲେ । ଉତ୍କଳ-ସମ୍ମିଳନୀର ପ୍ରାଣପ୍ରତିଷ୍ଠା କରିଥିଲେ । ଜାତୀୟ ଭବରେ ଉଦ୍‌ବୁଦ୍ଧ ହୋଇ ବୟନ ଶିଳ୍ପ, କାରୁକର୍ମ, ଚମଡ଼ା କାରଖାନା ଇତ୍ୟାଦିରେ ବହୁଧନ ବ୍ୟୟ କରିଥିଲେ । The Oriya ନାମକ ଇଂରଜୀ ସମ୍ବାଦପତ୍ର ପ୍ରକାଶ କରିଥିଲେ । ବିହାର-ଓଡ଼ିଶା ଗଠନ ପରେ ମନ୍ତ୍ରୀ ହୋଇ ଦରମା ଗ୍ରହଣ ନ କରିବା ଯୁକ୍ତିରେ କର୍ମ ତ୍ୟାଗ କଲେ । ସେ ଯେପରି ବାଗ୍ମୀ ସେପରି ନିର୍ଭୀକ ଓ ସ୍ପଷ୍ଟ ବକ୍ତା ଥିଲେ । ଖ୍ରୀଷ୍ଟଧର୍ମ ଗ୍ରହଣ କରି ସୁଦ୍ଧା ସେ ଜାତୀୟତାରେ ଖାଣ୍ଟି ଓଡ଼ିଆ ଥିଲେ । ଏ ଗ୍ରନ୍ଥର ବହୁ ସ୍ଥଳରେ ତାଙ୍କର କୃତିତ୍ୱର ବହୁ ବିବରଣୀ ଦେଇଥିବା ହେତୁ ଏଠାରେ ସଂକ୍ଷିପ୍ତ ଜୀବନୀ ମାତ୍ର ଦିଆଗଲା । ତାଙ୍କର ଜୀବନାନ୍ତ ୧୯୩୪ ମସିହାରେ ହେଲା । ସେ ଭରତର ଗୌରବ ଥିଲେ ଓ ଜାତି ପାଇଁ ସର୍ବସ୍ୱ ଦାନ ଦେବାରେ ଅଗ୍ରଣୀ ହୋଇଥିଲେ । ଉତ୍କଳ ସ୍ୱତନ୍ତ୍ର ପ୍ରଦେଶର ପତା ଭବରେ ଅମର ହୋଇ ରହିବେ ।

Digitized by srujanika@gmail.com

# ସତ୍ୟବାଦୀ ଜାତୀୟ ବିଦ୍ୟାଳୟ

ଏ ଅଧିବେଶନରେ ଅନ୍ୟାନ୍ୟ ପ୍ରସ୍ତାବ ମଧ୍ୟରେ ସତ୍ୟବାଦୀ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠାତାମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ଏହି ବିଦ୍ୟାଳୟ ଆଦର୍ଶ ବିଦ୍ୟାପୀଠ ରୂପେ ଜାତୀୟତାର ବିକାଶ ଘଟାଇଥିଲା । ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ସେବା ଧର୍ମ ତଥା ଦେଶ ଭକ୍ତିରେ ଆକୃଷ୍ଟ ହୋଇ ହରିହର, ଗୋଦାବରୀଶ, ନୀଳକଣ୍ଠ, ଲିଙ୍ଗରାଜ, କୃପାସିନ୍ଧୁ ଆଦି ଉଦୀୟମାନ ଶିକ୍ଷିତ ଯୁବକ ନାମ ମାତ୍ର ଦରମାରେ ଜାତୀୟ ବିଦ୍ୟାଳୟରେ ଶିକ୍ଷକ ହେଲେ । ଏ ବିଦ୍ୟାଳୟରେ ନିୟମ ଥିଲା ଯେ ଜାତି-ବର୍ଣ୍ଣ-ନିର୍ବିଶେଷରେ ଛାତ୍ରମାନେ ପଂକ୍ତି ଭୋଜନ କରିବେ, ସାଧାରଣ ଖାଦ୍ୟ ଖାଇବେ, ସକାଳେ ଓ ସନ୍ଧ୍ୟାରେ ନିୟମିତ ଉପାସନା କରିବେ; ଶୀତ ଓ ଖରା ଦିନରେ ଗଛ ଛାଇରେ ଓ ବର୍ଷାବେଳେ କୋଠରୀରେ ପଢ଼ିବେ । ଛାତ୍ରମାନଙ୍କର ଶୃଂଖଳା ଜ୍ଞାନ ବିଦ୍ୟାଭିବୃଦ୍ଧି ସବୁ ଉନ୍ନତ ଧରଣର ଥିବା ହେତୁ ଓଡ଼ିଶାର ସବୁ ଅଞ୍ଚଳରୁ ଛାତ୍ର ଏଠି ପଢ଼ିବାକୁ ଆସୁଥିଲେ । ସରକାର ଏ ଅନୁଷ୍ଠାନକୁ ସୁନଜରରେ ଦେଖୁ ନ ଥିଲେ । ବିଦ୍ୟାଳୟକୁ ସୁପ୍ତ ଆଗ୍ନେୟଗିରି ଓ ଶିକ୍ଷକଙ୍କୁ ବିଷଧର ସର୍ପ ବୋଲି ପୁଲିସ ରିପୋର୍ଟ ଦେଇଥିଲେ ।

ତା ୧୨।୬।୧୯୧୮ରେ ଶିକ୍ଷାବିତ୍ ସାର ଆଶୁତୋଷ ମୁଖାର୍ଜି ଏହି ଶିକ୍ଷାନୁଷ୍ଠାନ ଦେଖି ଓ ଏହାର ଶିକ୍ଷାଦାନ ପ୍ରଣାଳୀ, ସାହିତ୍ୟ-ଚର୍ଚ୍ଚା, ଦରିଦ୍ର-ନାରାୟଣ-ସେବାରେ ମୁଗ୍ଧ ହୋଇ ଏପରି ଅନୁଷ୍ଠାନ ବଙ୍ଗଳାର ପ୍ରତ୍ୟେକ ଗ୍ରାମରେ ରହିବା ଉଚିତ ବୋଲି ମତ ଦେଇଥିଲେ । ସେ ଲେଖିଥିଲେ—

"One cannot but wish that every village in Bengal should possess a geniuin place of instruction like Satyabadi School"

ଗୋପବନ୍ଧୁ ଆଦିଙ୍କ ତ୍ୟାଗପୂତ ସେବା ତଥା ମନୀଷା ଦ୍ୱାରା ଏ ବିଦ୍ୟାଳୟ ଦେଶରେ ଜ୍ଞାନାଲୋକ ବିକୀରଣର ଏକ ଉଚ୍ଚ ସ୍ତମ୍ଭ ରୂପେ ଦେଦୀପ୍ୟମାନ ଥିଲା ।

ଫକୀର ମୋହନ ତାଙ୍କ ଉତ୍କଳ ଭ୍ରମଣରେ ଲେଖିଛନ୍ତି—

ସଦାଶିବ ନୀଳକଣ୍ଠ ସନ୍ତତ ସନ୍ୟାସୀ, ଜଗତ ମଙ୍ଗଳେ ଗୋପବନ୍ଧୁ ବ୍ରଜବାସୀ ।
ଗୋଦାବରୀ ଉପକୂଳ ନିୟତ ଉର୍ବର, କୃପାମୟ କୃପାସିନ୍ଧୁ ଜନହିତକର ।
କାର୍ଯ୍ୟ ସାଧନାରେ ଅବତୀର୍ଣ୍ଣ ଧରାଧାମେ, ସମବେତ ସେମାନେ ତ ସତ୍ୟବାଦୀଗ୍ରାମେ;
ଜ୍ଞାନଗରିମା ପବିତ୍ରତା ଉଭୟତ ଠୁଳ, ଉଦ୍ଧାରିବେ ଭଗୀରଥ ସମାନରେ କୂଳ ।
ବହୁ ଯୁଗ ଯୁଗାନ୍ତର ତପସ୍ୟାର ଫଳେ, ଜନ୍ମିଲେ ନିଃସ୍ୱାର୍ଥ ଯୋଗ୍ୟପୁତ୍ର ଏ ଉତ୍କଳେ
ସମବେତ ସମବେତ ଚତର୍ବ୍ଧା ମୂରତି, ତଡ଼ିଦେବେ କୁସଂସ୍କାର ଦୁର୍ନୀତି ଦୁର୍ଗତି ।
ସତ୍ୟ-ବାଦୀ ଗ୍ରାମେ ଦେଖି ବାଣୀର ମନ୍ଦିର, ଭବି ଭବି ମନ ମଧ୍ୟେ ବୁଝିଲିଣି ସ୍ଥିର ।
ଇତିହାସୁଁ ଶୁଣାଥିଲା ନାଳନ୍ଦା ବିହାରେ, ସତ୍ୟବାଦୀ ଗ୍ରାମେ ଆସିବତ ଦେଖିବାରେ ,

Digitized by srujanika@gmail.com

ମଧୁବାବୁ ତାଙ୍କ ଓଜସ୍ୱିନୀ ଭାଷଣରେ ଜାତିକୁ ଉଦ୍‌ବୁଦ୍ଧ କରିଥିଲେ । ସେ କହିଲେ ସରକାର ବିହାରକୁ ୧୯୧୧ ମସିହାରେ ବଙ୍ଗଳାରୁ ଅଲଗା କରି ସେଥିରେ ଓଡ଼ିଶା ଅଂଶ ଯୋଡ଼ି ଦେଲେ, କିନ୍ତୁ ଏଥିରେ ଓଡ଼ିଆଙ୍କ ମତାମତ ଆଦୌ ଗ୍ରହଣ କଲେ ନାହିଁ । ଲର୍ଡ଼ ହାର୍ଡ଼ିଞ୍ଜ ଆମକୁ ସ୍ୱତନ୍ତ୍ର ପ୍ରଦେଶ ଦେବା ବଦଳରେ ଆମ୍ଭେ ବିହାରୀଙ୍କ ସାଙ୍ଗରେ ରହିଲେ ସୁଖୀ ହେବୁ ବୋଲି ମନେ କଲେ । ଏ ଅନ୍ୟାୟର ଅବସାନ ଘଟାଇବା ପାଇଁ ସେ ଜାତିକୁ ବଦ୍ଧପରିକର ହେବା ନିମନ୍ତେ ଆହ୍ୱାନ କରିଥିଲେ ।

× × × × ×

ମଧୁବାବୁ ବିଲାତରେ ଯେ ଆନ୍ଦୋଳନ ଚଳାଇ ଆସିଥିଲେ ତାହା କେତେକ ନିରପେକ୍ଷ ବ୍ୟକ୍ତିଙ୍କ ଦ୍ୱାରା ସମର୍ଥିତ ହୋଇଥିଲା । ମଧ୍ୟେ ମଧ୍ୟେ ସେମାନେ ଓଡ଼ିଆ ଜାତିର କଥା ପାର୍ଲାମେଣ୍ଟରେ ଉଠାଉ ଥିଲେ । ମି. ଏମ୍. ୱାଟ ନାମକ ପାର୍ଲାମେଣ୍ଟ ସଦସ୍ୟ କମନ୍‌ସ ସଭାରେ କହିଲେ ଗଞ୍ଜାମ ଜିଲ୍ଲାକୁ ବିହାର ଓଡ଼ିଶା ସହିତ ଯୋଡ଼ି ଦିଆଯାଉ ।, ଭାରତ ମନ୍ତ୍ରୀ ଉତ୍ତର ଦେଲେ –

"That this very important question of the Oriyas has engaging the most careful consideration of the Govt. of India"

ଓଡ଼ିଆଙ୍କ ଏହି ଅତ୍ୟାବଶ୍ୟକୀୟ ବିଷୟ ପ୍ରତି ଭାରତ ସରକାର ଯଥେଷ୍ଟ ଦୃଷ୍ଟି ଦେଇଛନ୍ତି । କିନ୍ତୁ କାର୍ଯ୍ୟରେ କିଛି କରାଗଲା ନାହିଁ ।

## ବିହାର ଓଡ଼ିଶା ପ୍ରଦେଶ ଗଠନରେ ଲର୍ଡ଼ କର୍ଜନଙ୍କ ମତ

ବିହାରର ନେତା ସାର୍ ଆଲି ଇମାମ ବଡ଼ଲାଟ ସଭାରେ ଆଇନ ସଦସ୍ୟ ଥାଇ ଓଡ଼ିଆଙ୍କ ସ୍ୱାର୍ଥ ବିରୋଧ କରିଥିବା ଆଗରୁ ଉଲ୍ଲେଖ ଅଛି । ଗଞ୍ଜାମ ଓଡ଼ିଆଙ୍କ ତରଫରୁ ବଡ଼ଲାଟଙ୍କୁ ନିବେଦନ କରାଗଲା ଯେ ଜାତିଗତ ଏକତା ରକ୍ଷା କରି ଆପଣ ବିହାର ଓଡ଼ିଶା ପ୍ରଦେଶ ଗଢ଼ିଲେ । ଏବେ ମାନ୍ଦ୍ରାଜ ପ୍ରଦେଶରେ ରହିଥିବା ଓଡ଼ିଆ ଅଞ୍ଚଳ ନେଇ ଏ ନୂଆ ପ୍ରଦେଶରେ ଯୋଗ କରନ୍ତୁ । ଏ ପ୍ରାର୍ଥନା କର୍ତ୍ତୃପକ୍ଷଙ୍କୁ ଆଦୌ ପ୍ରଭାବିତ କରି ପାରିଲା ନାହିଁ । ବଙ୍ଗଳାରୁ ଯାଇ ଓଡ଼ିଶା ଡିଭିଜନ ବିହାରୀଙ୍କ ପ୍ରତାପରେ ପୀଡ଼ିତ ହେଲା । ଓଡ଼ିଆଙ୍କର କୌଣସି ଲାଭ ହେଲା ନାହିଁ ।

୧୯୧୨ ମସିହାରେ ଏ ବିଲ୍‌ର ଆଲୋଚନା ପାର୍ଲାମେଣ୍ଟରେ ଚାଲିଥିବାବେଳେ ଲର୍ଡ଼ କର୍ଜନ କହିଲେ "ଓଡ଼ିଶାକୁ ବିହାର ସହିତ ଯୋଡ଼ିବାରେ କି ଲାଭ ହେବ ? ଭାଷା, ଚଳଣି କୌଣସି ଟାରେ ସମ୍ବନ୍ଧ ନ ଥିବା ଦୁଇଟି ଜାତିକୁ ଏକାଠି ରଖିବା ଠିକ୍ ନୁହେ । ଉଭୟ ପ୍ରଦେଶ ପର୍ବତ ଓ ନଦୀ ଦ୍ୱାରା ପରସ୍ପର ଅଲଗା ହୋଇ ରହିଅଛି । ଆମେ ଏ ପର୍ଯ୍ୟନ୍ତ ଏ ବ୍ୟବଧାନ ଦୂର କରିବା ପାଇଁ ରେଳ ରାସ୍ତାଟିଏ ମଧ୍ୟ କରି ପାରି ନାହୁଁ । ମୁଁ ଭବିଷ୍ୟତ ବାଣୀ କରି ପାରେ ଯେ–ଏ ଭୁଲ କଦାପି ଦୀର୍ଘକାଳ ରହିବ ନାହିଁ । ଓଡ଼ିଆମାନେ ତୀବ୍ର ଆନ୍ଦୋଳନ ନ କରିବା ହେତୁ ଆଜି ତାଙ୍କର ସ୍ୱାର୍ଥକୁ ବଳି ଦିଆଗଲା ।"

Digitized by srujanika@gmail.com

ଲର୍ଡ଼ କର୍ଜନଙ୍କ ଇଂରେଜୀ ଭାଷଣର କିଛି ଅଂଶ ଏଠାରେ ଉଦ୍ଧୃତ ହେଲା—

"What is the good of Orissa being tied to the tail of Bihar where there is no affinity of language and rare, with which they have nothing common and from which they are separated by a great belt of mountains and rivers over which we have never been able to carry a railway. I venture the prophecy that this is a blinder that cannot remain permanent × × × The interest of the Oriyas have been sacrificed without compunction and this callous indifference for of coniya interest has been due to the fact that the Oriyas are a none-agitating people".

ଏହାର ଉତ୍ତରରେ ଷ୍ଟେଟ ସେକ୍ରେଟରୀ ଲର୍ଡ଼ କ୍ରିୟୁ ( Lord Crew ) ଓଡ଼ିଆଙ୍କ ଇଚ୍ଛା ପ୍ରତି ସରକାରଙ୍କ ସହାନୁଭୂତି ଥିବା ଓ ଚିଫ୍‌କମିଶନର ବିହାରୀଙ୍କ ଭଳି ଓଡ଼ିଆଙ୍କୁ ସମାନ ଦୃଷ୍ଟି ଦେବା ଓ ସେମାନଙ୍କର ଆବଶ୍ୟକତା ପୂରଣ କରାଯିବା ନିମନ୍ତେ ଦୃଢ଼ ପ୍ରତିଜ୍ଞ ଥିବା ଜଣାଇ ଦେଲେ । ଏତ ଗଲା ଲର୍ଡ଼ ସଭା କଥା । କମନ୍‌ସ ସଭାରେ ଓଡ଼ିଆଙ୍କୁ ଏକ ଶାସନାଧୀନରେ ରଖିବା ପ୍ରଶ୍ନ ଉଠିବାରୁ ଅଣ୍ଡର ସେକ୍ରେଟରୀ ମଣ୍ଟେଗୁ କହିଲେ ଗଞ୍ଜାମ ଯେ କୌଣସି ସମୟରେ ଓଡ଼ିଶାକୁ ଆସିବ । ସାଧାରଣଙ୍କ ତରଫରୁ ସେ ଭଳି ଦୃଢ଼ ଇଚ୍ଛା ଥିବା ପ୍ରମାଣ ମିଳିବା ଆବଶ୍ୟକ । ଏଭଳି ବା ଖେଳ ଉତ୍ତର ଦେଇ ଓଡ଼ିଆଙ୍କ ଅସଲ ଦାବୀକୁ ପଛକୁ ପକାଇ ଦିଆଗଲା ।

## ବିହାରରେ ଓଡ଼ିଆଙ୍କ ଅବସ୍ଥା

ବିହାରରେ ଓଡ଼ିଶା ଅନ୍ତର୍ଭୁକ୍ତ ହେବା ଫଳରେ ଖାଣ୍ଟି ଓଡ଼ିଆ ଭାଷୀ ସିଂହଭୂମିରୁ ଓଡ଼ିଆଭାଷାକୁ ଉଠାଇ ଦିଆଯାଇ ହିନ୍ଦୀକୁ ବିଦ୍ୟାଳୟମାନଙ୍କରେ ପ୍ରଚଳନ କରିବା ପାଇଁ ଆଦେଶ ଦିଆଗଲା । ଷଢ଼େଇକଳା ଓ ଖରସୁଆଁର ଓଡ଼ିଆମାନେ ଏହାର ବିରୋଧ କଲେ । ସିଂହଭୂମିର ଡେପୁଟି କମିଶନର ତା ୨୬।୧।୧୯୧୪ରେ ଏ କଥା ସରକାରଙ୍କୁ ଜଣାଇ ଦେଲେ ।

୧୯୧୧ ମସିହାରେ ଜନଗଣନାରେ ଷଢ଼େଇକଳା ଓ ଖରସୁଆଁରେ ଓଡ଼ିଆଙ୍କ ସଂଖ୍ୟା ୪୩,୦୫୮ ଥିଲାବେଳେ ହିନ୍ଦୀଭାଷୀଙ୍କ ସଂଖ୍ୟା ଥିଲା ୯,୪୪୪ ମାତ୍ର । ଏଥିରେ ହିନ୍ଦୀକୁ ଜବରଦସ୍ତ ଓଡ଼ିଆଙ୍କ ଉପରେ ଲଦି ଦେବା ସାହସ ବିହାର ସରକାର କରି ପାରିଲେ ନାହିଁ । ପୁନଶ୍ଚ ଓଡ଼ିଆ ଭାଷା ସେଠି ଚଳିଲା । ଅଣଓଡ଼ିଆ ଗଣନାକାରୀଙ୍କ କାରସାଦୀ ବଳରେ ୧୮୮୧ ମସିହାଠାରୁ ଏ ସଂଖ୍ୟା କମାଇଦେବା ଚେଷ୍ଟା ବରାବର ଚାଲିଥିଲା । ୧୮୮୧ରେ ଦେଖାଗଲା ଯେ—ସିଂହଭୂମିରେ ଓଡ଼ିଆଭାଷୀଙ୍କ ସଂଖ୍ୟା ହେଉଛି ୯୪,୪୫୧ । ୧୯୧୧ବେଳକୁ ଅନ୍ୟମାନଙ୍କ ତୁଳନାରେ ଏ ସଂଖ୍ୟା ବଢ଼ି ଅନ୍ତତଃ ଦେଢ଼ ଲକ୍ଷରେ ପହଞ୍ଚି ଥାଆନ୍ତା । କିନ୍ତୁ ତିରିଶ ବର୍ଷ ମଧ୍ୟରେ ଏ ସଂଖ୍ୟା ଅଧାକୁ କମି ଆସିଲା । ଯେ କୌଣସି

Digitized by srujanika@gmail.com

ଚିନ୍ତାଶୀଳ ବ୍ୟକ୍ତି ଏଥିରେ ଯେ ଅନ୍ୟାୟ କରାଯାଇଛି, ତାହା ଅବଶ୍ୟ ଉପଲବ୍ଧି କରି ପାରିବେ ।

ସିଂହଭୂମରେ ଭାଷା ଆନ୍ଦୋଳନ ୧୮୪୫ ମସିହାରେ ଆରମ୍ଭ ହେଲା । ସରକାର ଓଡ଼ିଆଭାଷା କେତେକ ଅଞ୍ଚଳରେ ଚଳିବା ଆଦେଶ ଦେଲେ, କିନ୍ତୁ ପ୍ରବଳ ବଙ୍ଗାଳୀ ଓ ବିହାରୀ ଉଭୟଙ୍କ ମିଳିତ ଆକ୍ରମଣରେ କ୍ରମଶଃ ଓଡ଼ିଆ ଭାଷାର ପ୍ରଚଳନ ସଙ୍କୋଚ ହୋଇ ପଡ଼ିଲା । ଯାହା ତ ହୋଇଥିଲା, ବିହାର ପ୍ରଦେଶ ଗଢ଼ା ହେବା ଫଳରେ ଓଡ଼ିଆଭାଷୀଙ୍କ ଅବସ୍ଥା ଗୁରୁତର ହୋଇ ଉଠିଲା । ସବୁ କ୍ଷେତ୍ରରେ ଓଡ଼ିଆଙ୍କୁ ହନ୍ତସନ୍ତ କରାଗଲା । ବଙ୍ଗଳା ଓ ବିହାରରେ ବହୁ ସଂଖ୍ୟକ ଓଡ଼ିଆ ଥିବା କଥା ବଙ୍ଗଳା ଜନଗଣାରିପୋର୍ଟର (୧୮୭୨ ମସିହାରେ ପ୍ରକାଶିତ) ୧୧୯ ପୃଷ୍ଠାରେ ଯାହା ଲେଖାଯାଇଛି ତାହାର ସାମାନ୍ୟ ଅଂଶ ଏଠାରେ ଦର୍ଶାଗଲା ।

"It is difficult to say where the boarder line of the province should be drawn. It is well known that there are large numbers of Oriyas both in Midnapur and Singhbhum.

Oriya is spoken throughout the District. × × 235000 speak a munda language named 'HO' which in course of time will give place to Oriya"

ସାରାଂଶ ହେଲା ପ୍ରଦେଶର ସୀମାରେଖା ସ୍ଥିର କରିବା କଷ୍ଟକର । ଏ କଥା ଭଲ ଭାବେ ଜଣାଯାଏ ଯେ ମେଦିନୀପୁର ତଥା ସିଂହ ଭୂମରେ ବହୁ ଓଡ଼ିଆ ଅଛନ୍ତି । × × ସିଂହ ଭୂମିର ସର୍ବତ୍ର ଓଡ଼ିଆ ଭାଷା ଚଳୁଛି । ଜିଲ୍ଲାର ଦୁଇ ଲକ୍ଷ ପଞ୍ଚତିରିଶ ହଜାର ଲୋକ 'ମୁଣ୍ଡା' ଭାଷା କହନ୍ତି, ଯାହା 'ହୋ' ନାମରେ ପରିଚିତ କାଳକ୍ରମେ ଏହି 'ହୋ' ଭାଷୀମାନେ ଓଡ଼ିଆ ଭାଷା ଗ୍ରହଣ କରିଯିବେ ।

୧୯୭୧ ମସିହା ଜନଗଣା ରିପୋର୍ଟରେ ସି. ସି. ଟାଲେଣ୍ଟ ସିଂହଭୂମ ବିଷୟରେ ଲେଖିଛନ୍ତି—

"The Oriya speakers are found in the west of the District. × × Two Chotanagpur states where the inteligentiea are Oriyas and the state records are maintained in Oriya".

ସାରାର୍ଥ ହେଲା ସିଂହଭୂମିର ଓଡ଼ିଆଭାଷୀଙ୍କ ସଂଖ୍ୟାଗରିଷ୍ଠତା ଜିଲ୍ଲାର ପଶ୍ଚିମାଞ୍ଚଳରେ ଦେଖାଯାଏ । × × × ଛୋଟ ନାଗପୁର ଅନ୍ତର୍ଗତ ଦୁଇଟି ରାଜ୍ୟ (ଷଢ଼େଇକଳା ଓ ଖରସୂଆଁ)ର ବୁଦ୍ଧିଜୀବୀମାନେ ଓଡ଼ିଆ ଓ ସେହି ରାଜ୍ୟମାନଙ୍କର ସମସ୍ତ କାଗଜ ପତ୍ର ଓଡ଼ିଆ ଭାଷାରେ ଲେଖାଯାଏ ।

Digitized by srujanika@gmail.com

# ଷଢ଼େଇକଲା-ଖରସଆଁ ର ଖ୍ୟାତ

ଷଢ଼େଇକଳା ଓ ଖରସୁଆଁରେ ବହୁ ଖ୍ୟାତନାମା କବି, ଜ୍ୟୋତିର୍ବିଦ ତଥା ବୈଦ୍ୟ ଜନ୍ମ ଲଭ କରିଥିଲେ । ସମସ୍ତେ ଉତ୍କଳାନ୍ତର୍ଗତ ସିଂହଭୂମି ବୋଲି ନିଜ ନିଜ ରଚନାରେ ଦର୍ଶାଇ ଉତ୍କଳୀୟତ୍ୱ ପ୍ରତିପାଦନ କରି ଦେଶର ଗୌରବ ବୃଦ୍ଧି କରିଛନ୍ତି । କବି-ଜ୍ୟୋତିର୍ବିଦ ଚିନ୍ତାମଣି ପଟ୍ଟନାୟକ ତାଙ୍କର "ପୁରୁଷାର୍ଥ-ଚିନ୍ତାମଣିଃ" ଗ୍ରନ୍ଥର ମଙ୍ଗଳାଚରଣରେ ଲେଖି-ଛନ୍ତି: —

"ଭକ୍ତାନନୁକ୍ତାନ୍ ବିବୁଧାନ୍ ପ୍ରପୂଜ୍ୟାନ୍ ଶ୍ରୀପାଉଡ଼ିଂ ସିଂହଧବେଶ୍ୱରୀଞ୍ଚ ।
ପ୍ରଣମ୍ୟ ଭକ୍ତ୍ୟାଜନକଂ ଜନିତ୍ରୀ ସ୍ୱାଭୀଷ୍ଟସିଦ୍ଧ୍ୟୈ ଶରଣଂ ବ୍ରଜାମି ।।
ଶ୍ରୀଚିନ୍ତାମଣି ପଟ୍ଟନାୟକ ଇନ ଶ୍ରୀକୃଷ୍ଣପାଦାଶ୍ରିତୋ,
ଗୋପୀନାଥଜ ଆର୍ଯ୍ୟଧର୍ମ ବିଳସତ୍ କାୟସ୍ଥ ବର୍ଣ୍ଣୋଭବଃ ।
ତ୍ରିଷ୍ୱଂକାବ୍‌ଧି (୪୯୫୩) ସମାଗତୌ ଖଲୁକଳେହ୍ୟୁପତ୍ତିମାନୁହ୍ଲଛେ,
ଶ୍ରୀମତ୍ ସିଂହଧଗସୁ ଷୋଡ଼ଶକଳା ନାମ୍ନାଂ ନଗର୍ଯ୍ୟାଶ୍ରିୟାମ୍ ।।

କବି ଆଜକୁ ୧୨୧ ବର୍ଷ ପୂର୍ବେ ଅର୍ଥାତ୍ ୧୮୫୨ ମସିହାରେ ଜନ୍ମଲଭ କରିଥିଲେ । ୧୮୯୨ରେ ଗ୍ରନ୍ଥ ସମାପ୍ତ କଲେ ।

ମହେଶ୍ୱର କବିଚନ୍ଦ୍ର ୧୮୩୩ ମସିହାରେ ଜନ୍ମ ଲଭ କରି ୧୮୮୨ ମସିହାରେ ପର-ଲୋକପ୍ରାପ୍ତ ହୋଇଥିଲେ ସେ "କୀର୍ତ୍ତିସାର" ନାମକ ଗ୍ରନ୍ଥ ଲେଖିଛନ୍ତି । ତାଙ୍କର ଉକ୍ତି ହେଲା "ଉତ୍କଳେ ଷୋଡ଼ଶକଳା ନଗରୀ ବିଖ୍ୟାତ, ପ୍ରକଟ ମହିମ ହୋଇ ତହିଁ ବିରାଜିତ ।"ଏପରି ଅନେକ ଉପାଦେୟ ଗ୍ରନ୍ଥ ଏହି ଅଞ୍ଚଳବାସୀଙ୍କ ଦ୍ୱାରା ରଚିତ ହୋଇଅଛି । ଏ ସବ କବିଙ୍କ ରଚନା ପଢ଼ୁଛି କିଏ ? ବିହାରୀଙ୍କ ପ୍ରଭବକୁ ବଳିବା ଶକ୍ତି ଓଡ଼ିଆଙ୍କର କାହିଁ ? ସମଗ୍ର ସିଂହଭୂମି ଜିଲ୍ଲା କଥା ଛାଡ଼ ଦୁଇଟି ଖାଣ୍ଟି ଓଡ଼ିଆ ରାଜ୍ୟ ଷଢ଼େଇକଳା ଓ ଖରସୁଆଁ ମଧ୍ୟ ଓଡ଼ିଶାରୁ ପରିତ୍ୟକ୍ତ ହୋଇ ରହିବା ଯେ ଭଳି ଦୁଃଖପ୍ରଦ ଓ ଅନ୍ୟାୟ ତାହା ପ୍ରତ୍ୟେକ ଓଡ଼ିଆ ଅନୁଭବ କରୁଛନ୍ତି । ନବମ ଅଧିବେଶନ ପ୍ରସ୍ତାବାନୁରୂପେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ପ୍ରଚାର ନିମନ୍ତେ ଶ୍ରୀ ଅନନ୍ତ ମିଶ୍ରଙ୍କୁ ନିଯୁକ୍ତି କରାଗଲା । ସେ ସିଂହଭୂମି ଆଦି ବିଚ୍ଛିନ୍ନ ଅଞ୍ଚଳରେ ବିଶେଷ କାମ କରି "ପ୍ରଚାରକ ଅନନ୍ତ ମିଶ୍ର" ରୂପେ ଖ୍ୟାତି ଅର୍ଜନ କରିଥିଲେ ।

ଏ ମଧ୍ୟରେ ଲୋକମତ ସଂଗ୍ରହ କରାଯାଇ ବଡ଼ଲାଟ ଲର୍ଡ଼ ହାର୍ଡିଞ୍ଜଙ୍କୁ ଓଡ଼ିଆ ପ୍ରଦେଶ ପାଇଁ ଦାବୀପତ୍ର ଦିଆଗଲା । ଭାରତସଚିବ ଓଡ଼ିଆଙ୍କ ଏକତ୍ରୀକରଣ ଆନ୍ଦୋ-ଳନକୁ ତାଚ୍ଛଲ୍ୟ କରି କହିଲେ—"

"The agitation for amalgamation is superfluous and unnecessary"

ଏ ଦେଶ ମିଶ୍ରଣ ଆନ୍ଦୋଳନ "ନିରର୍ଥକ ଓ ଅନାବଶ୍ୟକ" ଓଡ଼ିଆଙ୍କ ପକ୍ଷରେ ଏହା କଟାଘାରେ ଚୂନ ଦେବା ଭଳି ହେଲା ।

Digitized by srujanika@gmail.com

୧୯୧୨ ମସିହାରେ ଗଞ୍ଜାମର ସବୁ ରଜା ଓ ଜମିଦାର ମିଶି ମାନ୍ଦ୍ରାଜ ଗଭର୍ଣ୍ଣରଙ୍କୁ ଜଣାଇଲେ ଯେ ଗଞ୍ଜାମ ଜିଲ୍ଲାକୁ ଭାଷା, ଭୌଗୋଳିକ ପରିସ୍ଥିତି, ଆଚାର ବ୍ୟବହାରାଦି ଦୃଷ୍ଟିରୁ ଅତିଶୀଘ୍ର ଓଡ଼ିଶା ଡିଭିଜନରେ ମିଶାଇ ଦିଆଯାଉ । ଏ ସମ୍ବନ୍ଧେ ସରକାରୀ କାଗଜ ''ମାଡ୍ରାସ ମେଲରେ'' ( Madras• Mail, Date 8-2-1912) ଗୋଟିଏ ସୁଚିନ୍ତିତ ଲେଖା ମଧ୍ୟ ପ୍ରକାଶ ପାଇଥିଲା । ଏ ସବୁ ସତ୍ତ୍ୱେ ମାନ୍ଦ୍ରାଜ ଲାଟ ଲର୍ଡ଼ କାରମାଇକେଲ ( Carmichal ) କୌଣସି ବିଚାର କଲେ ନାହିଁ ।

ମଞ୍ଜୁଷା ରଜାଙ୍କ ସଭାପତିତ୍ୱରେ ମଞ୍ଜୁଷା ତଥା ନିକଟସ୍ଥ ଅଧିବାସୀଙ୍କର ଗୋଟିଏ ସଭା ହୋଇ ଓଡ଼ିଶାରେ ମଞ୍ଜୁଷା ଆଦି ଅଞ୍ଚଳକୁ ମିଶାଇବା ଦାବୀ କରାଗଲା ।

## ଆଶା ପତ୍ରିକା ପ୍ରକାଶ

୧୯୧୨ବେଳକୁ ଗଞ୍ଜାମରେ ପ୍ରକାଶ ପାଉଥିବା ପତ୍ର ପତ୍ରିକା ସବୁ ବନ୍ଦ ହୋଇ ଗଲାଣି । ତେଣୁ ସମ୍ବାଦପତ୍ର ମାଧ୍ୟମରେ ସରକାରଙ୍କୁ ଲୋକଙ୍କ ଦୁଃଖ ଗୁହାରି ଜଣାଇବାକୁ ଉପାୟ ନାହିଁ । ଖବର କାଗଜ ଖଣ୍ଡେ ପ୍ରକାଶ ପାଉ ବୋଲି ସମସ୍ତଙ୍କ ଇଚ୍ଛା, କିନ୍ତୁ ସାହସ କରିବ କିଏ ? ଏ ଦେଶରେ ସେତେବେଳେ ଖବର କାଗଜର ଅଦିଆ ଗ୍ରାହକ ସଂଖ୍ୟା ବହୁ ଗୁଣ, ଏ ଅବସ୍ଥାରେ ଶଶିଭୂଷଣ ରଥ ସାହସ ବାନ୍ଧି ୧୯୧୩ ମସିହାରେ ଆଶା ପ୍ରେସ ସ୍ଥାପନ କରି ସାପ୍ତାହିକ ଆଶା ପ୍ରକାଶ କଲେ । ପଣ୍ଡିତ ଗୋପବନ୍ଧୁ ଅନେକ ଦିନ ଯାଏ ପତ୍ରିକାର ସମ୍ପାଦକୀୟ ଲେଖୁଥିଲେ । ପତ୍ରିକା ଜନପ୍ରିୟ ହେଲା । ସମ୍ମିଳନୀରେ ଗୃହୀତ ପ୍ରସ୍ତାବ ଗୁଡ଼ିକ କାର୍ଯ୍ୟରେ ପରିଣତ କରିବା ପାଇଁ ଏଥିରେ ନିୟମିତ ପ୍ରଚାର ଚାଲିଲା । ସାପ୍ତାହିକ ଆଶା ସମ୍ମିଳନୀର ମୁଖପତ୍ର ରୂପେ କାର୍ଯ୍ୟ କଲା ।

ଆଶା ପ୍ରେସରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସମ୍ପାଦନାରେ ସାହିତ୍ୟ ପତ୍ରିକା ''ସତ୍ୟବାଦୀ'' ପ୍ରକାଶ ପାଉଥାଏ । ଏ ପତ୍ରିକାରେ ଗଭୀର ଚିନ୍ତାପ୍ରସୂତ ବହୁ ପ୍ରବନ୍ଧରେ ଜାତିକୁ ସତ୍ୟ ଓ ନ୍ୟାୟ ମାର୍ଗରେ ପରିଚାଳିତ କରିବା ଉପଦେଶ ରହିଥାଏ । ଦେଶାନୁରାଗ ବିଶ୍ୱପ୍ରୀତିର ବିରୋଧୀ ନୁହେ । ବରଂ ବିଶ୍ୱ-ପ୍ରୀତି-ବିହୀନ ପ୍ରାଣରେ ଜାତୀୟତା ଏବଂ ସ୍ୱଦେଶ ବାତ୍ସଲ୍ୟ ଅସମ୍ଭବ । ଏହାହିଁ ଥିଲା ପତ୍ରିକାର ଚିନ୍ତାଧାରା ।

''ସମ୍ମିଳନୀ ତାହାର ପ୍ରାଣ ଓ ପ୍ରକୃତି'' ପୁସ୍ତକ ଶଶିଭୂଷଣ ରଥେ ପଣ୍ଡିତ ଗୋପବନ୍ଧୁଙ୍କ ନାମରେ ଉତ୍ସର୍ଗ କରି ଲେଖିଛନ୍ତି–

''ଉତ୍କଳ ସମ୍ମିଳନୀର ପରମ ଭକ୍ତ, ଆଦର୍ଶତ୍ୟାଗୀ ଓ କର୍ମବୀର ପୂଜ୍ୟପାଦ ଶ୍ରୀ ଗୋପବନ୍ଧୁ ଦାସ ବି. ଏଲ୍.ଙ୍କ ପ୍ରତି ଲେଖକର ଗଭୀର ଭକ୍ତିର ସାମାନ୍ୟ ଚିହ୍ନ ସ୍ୱରୂପ ଏହି ପୁସ୍ତକ ଖଣ୍ଡି ତାଙ୍କର ପବିତ୍ର ନାମରେ ଉତ୍ସର୍ଗ ହେଲା ।''

Digitized by srujanika@gmail.com

# ସମ୍ମିଳନୀର ଆଦର୍ଶ

ସାପ୍ତାହିକ ଆଶାର ତା ୨୦।୧୨।୧୯୧୫ ମସିହାରେ ପ୍ରକାଶିତ ଲେଖା ପାଠ କଲେ ସମ୍ମିଳନୀର ଆଦର୍ଶ ଜାଣି ହୁଏ ।"ସମ୍ମିଳନୀ ଓଡ଼ିଆ ଜାତିର ମିଳନ ମନ୍ଦିର । ଏହି-ଠାରେ ଗଞ୍ଜାମ, ସିଂହଭୂମ, ଜୟପୁର, ବସ୍ତର, ମେଦିନୀପୁରର ଓଡ଼ିଆ-ମାନେ ଗଡ଼-ନୈତିକ ଓଡ଼ିଶାବାସୀଙ୍କ ସଙ୍ଗେ ସମ୍ମିଳିତ ହେବେ । ବିଭିନ୍ନ ପ୍ରାଦେଶିକ ଶାସନରେ ଥିବା ଓଡ଼ିଆ-ମାନେ ଏକତ୍ରିତ ହୋଇ ପରସ୍ପର ସୁଖଦୁଃଖରେ ସମଭାଗୀ ହେବା ନମନ୍ତେ ସମ୍ମିଳନୀ ମଣ୍ଡପ ପ୍ରକୃଷ୍ଟ ସ୍ଥାନ ଗଭର୍ଣ୍ଣମେଣ୍ଟ ଶାସନ ଭେଦନୀତି ଓ ନିୟମ ସୁଦ୍ଧା ଏହି ନିୟମରେ ଅନ୍ତ-ରାୟ ହୋଇ ନ ପାରେ । ଓଡ଼ିଆମାନେ ଯେଉଁଠାରେ ଯେ ଅବସ୍ଥାରେ ଥାଆନ୍ତୁ ସେମାନଙ୍କର ରକ୍ତର ସମ୍ବନ୍ଧ ଶିଥିଳ ହେବ ନାହିଁ । ଏମାନେ ଏକ ଐତିହାସିକ ଜାତି, ଶାସନ ସୂତ୍ରରେ ବିଚ୍ଛିନ୍ନ କରି ଦେବା ଦ୍ୱାରା ଏ ଜାତିର ଅସ୍ତିତ୍ୱ ରଖିବା ନିମନ୍ତେ କେବଳ ନୁହେ, ପୂର୍ବ ଗୌରବ, ପ୍ରାଚୀନ କୀର୍ତ୍ତି ପରମ୍ପରାର ପ୍ରେରଣାରେ ଏହି ଜାତି କିପରି ଅନ୍ୟ ଭାରତୀୟ ଜାତିମାନଙ୍କ ସମକକ୍ଷ ହୋଇ ମହାଭାରତୀୟ ଜାତୀୟତା ସୃଷ୍ଟି ଓ ସଂରକ୍ଷଣରେ ସାହାଯ୍ୟ ଦେବ ତାହାର ବ୍ୟବସ୍ଥା କରିବା ଲାଗି, ସମ୍ମିଳନୀର ଉତ୍ପତ୍ତି, ସମଗ୍ର ଓଡ଼ିଆ ଅଞ୍ଚଳର ଏକତ୍ରୀକରଣ ଓଡ଼ିଆର ନ୍ୟାଯ୍ୟ ଦାବୀ ପ୍ରତିଷ୍ଠା ଏବଂ ଓଡ଼ିଆ ଜାତୀୟ ପ୍ରାଣ ଓ ପ୍ରକୃତିର ପୃଥକ୍ ସଂରକ୍ଷଣ ନିମନ୍ତେ ପୃଥକ୍ ବିଶ୍ୱବିଦ୍ୟାପୀଠ, ପୃଥକ୍ ହାଇକୋର୍ଟ ପ୍ରଭୃତି ସଂସ୍ଥାପନର ଉଦ୍ୟୋଗରେ, ଯେଉଁ-ମାନେ କେବଳ ଜାତିଗତ ପାର୍ଥକ୍ୟ ବୃଦ୍ଧି ବା କ୍ଷୁଦ୍ର ସ୍ୱାର୍ଥ ସାଧନର ଛାୟା ଦେଖୁ ଅଛନ୍ତି; ସେମାନେ ଉତ୍କଳ ସମ୍ମିଳନୀ ରୂପ ଓଡ଼ିଆର ମହୋଚ୍ଚ ଜାତୀୟ ଅନୁଷ୍ଠାନର ଲକ୍ଷ୍ୟ ଓ ଲକ୍ଷଣ ଭଲ ରୂପେ ବୁଝି ନାହାନ୍ତି ବୋଲି ଆମେମାନେ କହିପାରୁଁ । ଦେଶମିଶ୍ରଣ ଓଡ଼ିଆର ସିଦ୍ଧି ନୁହେ । ତାହା ସାଧନର ଏକ ସାମଗ୍ରୀ ମାତ୍ର । × × ×

ଶଶିଭୂଷଣ ରଥଙ୍କ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାରେ ଦାନ କମ୍ ନୁହେ । ହରି-ହରଙ୍କ ପରେ ସେ ଗଞ୍ଜାମ ଓଡ଼ିଆଙ୍କର ଅଗ୍ରଣୀ ଥାଇ ଅସାଧ୍ୟ ସାଧନ କରିଥିଲେ । ତାଙ୍କ ଜୀବନୀର ସ୍ଥୂଳାଭାସ ମାତ୍ର ଏଠି ଦିଆଗଲା ।

ଶଶିଭୂଷଣ ଗଞ୍ଜାମ ଜିଲ୍ଲାର ସୋରଡ଼ାଠାରେ ତା ୧।୧।୧୮୮୫ ମସିହାରେ ଜନ୍ମ ଲାଭ କରିଥିଲେ । ତାଙ୍କର ପିତାଙ୍କ ନାମ ଲମ୍ବୋଦର ମହାପାତ୍ର । ସେ ଭଞ୍ଜନଗର ନିକଟସ୍ଥ ମହୁଲିଆ ଗ୍ରାମର ଦିଗମ୍ବର ରଥଙ୍କୁ ଦତ୍ତପୁତ୍ର ହୋଇଥିଲେ । ଦିଗମ୍ବର ଖଲ୍ଲିକୋଟ ରାଜ୍ୟର ବାଲୁକେଶ୍ୱରପୁର ଶାସନର ଭାଗଦାର ଥିଲେହେଁ ବହୁଦିନୁ ଏଠା ଛାଡ଼ି ମହୁଲିଆରେ ରହୁଥିଲେ । ଶଶିଭୂଷଣ ରସୁଲକୋଣ୍ଡା (ଆଧୁନିକ ଭଞ୍ଜନଗର) ସ୍କୁଲରେ ପଢ଼ୁଥିବାବେଳେ ବମ୍ବେ ଚାଲିଗଲେ । ସେଠି ଚମଡ଼ା କଷାଇବା କୌଶଳ ଶିକ୍ଷା କଲେ, Ruth & Co. ନାମରେ ଚମଡ଼ା କଷାଇବା କାରଖାନା ଚଳାଇଲେ । ସେଠାରୁ ଆସି ମଧୁବାବୁଙ୍କ ଚମଡ଼ା କାରଖାନାରେ କାମ କଲେ , କିନ୍ତୁ ସ୍ୱାଧୀନ କାମ କରିବା ସ୍ଥିର କରି କଲିକତା ଗଲେ । ସେ ଓଡ଼ିଆ ସଙ୍ଗଠନରେ ମନ ଦେଲେ । ୧୯୧୨ ମସିହାରେ ଗଞ୍ଜାମକୁ ଆସି ସାପ୍ତାହିକ

Digitized by srujanika@gmail.com

ଆଶା ପ୍ରକାଶ କଲେ । ସେ ୧୯୨୧ ମସିହାରେ ମାନ୍ଦ୍ରାଜ କାଉନ୍‌ସଲର ସଭ୍ୟ ହେଲେ । ମହାତ୍ମାଗାନ୍ଧିଙ୍କ ପ୍ରବର୍ତ୍ତିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ, ୧୯୨୨ରେ କାରାବରଣ କଲେ । ଜେଲରେ ଗାନ୍ଧିଙ୍କ ଭଗବଦ୍‌ଗୀତା ଭାଷ୍ୟର ଓଡ଼ିଆ ଅନୁବାଦ କଲେ । ୧୯୨୮ରେ ଦୈନିକ ଆଶା ପ୍ରକାଶ କଲେ । ମାନ୍ଦ୍ରାଜ କାଉନସିଲରେ ଦଶ ବର୍ଷ ରହି ଓଡ଼ିଆମାନଙ୍କର ତଥା ଗଞ୍ଜାମ ଜିଲ୍ଲାର ବହୁ ହିତକର କାର୍ଯ୍ୟ କରିଥିଲେ । ଇଂରାଜୀ ସମ୍ବାଦପତ୍ର ନ ହେଲେ ଶାସକ ଗୋଷ୍ଠୀର ଦୃଷ୍ଟି ପଡ଼ିବ ନାହିଁ ଭାବି ସେ ପ୍ରଥମେ "ଇଷ୍ଟକୋଷ୍ଟ" ( East Coast ) ନାମକ ଇଂରାଜୀ ସାପ୍ତାହିକ ପରେ ୧୯୩୨ରେ "ନ୍ୟୁଓଡ଼ିଶା" ( New Orissa ) ଇଂରାଜୀ ଦୈନିକ ପ୍ରକାଶ କଲେ । ୧୯୩୪ରେ ବର୍ମା ଯାଇ, ସେଠି ଓଡ଼ିଆଙ୍କ ଅବସ୍ଥା ପର୍ଯ୍ୟବେକ୍ଷଣ କରି ସେମାନଙ୍କୁ ସଙ୍ଗଠିତ କରାଇଲେ । ଗଞ୍ଜାମର ଦଣ୍ଡାସୀମାନେ ଯେପରି ଦୁର୍ନୀତି ମୁକ୍ତ ହୋଇ ସୁନାଗରିକ ରୂପେ ଅବସ୍ଥାନ କରିବେ ତନ୍ନିମନ୍ତେ ଚେଷ୍ଟା କରିଥିଲେ ଓ ତା ଫଳରେ ଦଣ୍ଡାସୀ ଜାତିର ଉନ୍ନତି ମଧ୍ୟ ଘଟିଥିଲା ।

ଗଞ୍ଜାମର ପ୍ରସିଦ୍ଧ ଦେବୀ-ପୀଠ ତାରତାରିଣୀଙ୍କଠାରେ ଚୈତ୍ରମାସର ମଙ୍ଗଳବାରମାନଙ୍କରେ ସହସ୍ର, ଛାଗବଳି ଦିଆଯାଉଥିଲା । ୧୯୩୧ ମସିହାରେ ଶଶିଭୂଷଣ ଏହା ବିରୁଦ୍ଧରେ ଆନ୍ଦୋଳନ ଚଳାଇଲେ । ଫଳରେ ସେଠୁ ବଳି ପ୍ରଥା ଉଠିଗଲା । ଶଶିବାବୁ ତା ୧୯।୩।୧୯୪୩ରେ ପରଲୋକ ହେଲେ । ତାଙ୍କର ଅନୁଜ ଶରତଚନ୍ଦ୍ର ମହାପାତ୍ର ଦେଶମିଶ୍ରଣ କାର୍ଯ୍ୟରେ ବହୁ ପରିଶ୍ରମ କରିଥିଲେ ଓ କଂଗ୍ରେସର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ପରେ କଂଗ୍ରେସ କାର୍ଯ୍ୟରୁ ନିବର୍ତ୍ତିଯାଇ ଦଣ୍ଡାସୀ ଜାତିର ଉନ୍ନୟନରେ ମନ ଦେଲେ । ସେ ଶଶିଭୂଷଣ ପ୍ରେସ ସ୍ଥାପନ କରି ସାପ୍ତାହିକ ଆଶା କିଛି ଦିନ ଚଳାଇ ଥିଲେ ।

## ଲର୍ଡ଼ ପେଣ୍ଟଲାଣ୍ଡଙ୍କ ନାସ୍ତି ବାଣୀ

ମାନ୍ଦ୍ରାଜ ଲାଟ ଲର୍ଡ଼ ପେଣ୍ଟଲଣ୍ଡ (Lord Pentland ) ୧୯୧୩ ଡସେମ୍ବର ମାସରେ ବ୍ରହ୍ମପୁର ପରିଦର୍ଶନରେ ଆସିଥିଲେ । ଓଡ଼ିଆ ସମାଜ ତରଫରୁ ତାଙ୍କୁ ଦେଶମିଶ୍ରଣ ନେଇ ଅନୁରୋଧ ପତ୍ର ଦିଆଗଲା । ସେ କହିଲେ ବର୍ତ୍ତମାନର ପରିସ୍ଥିତି ବଦଳିଲେ ଓ ବଳିଷ୍ଠ ଯୁକ୍ତି ଉପସ୍ଥାପିତ ନ ହେଲେ ଏ ବିଷୟର ବିଚାର କରାଯିବା ଆଶା ମୁଁ ଦେବି ନାହିଁ । (୩୨)

## ଦଶମ ଅଧିବେଶନ

ଶ୍ରୀ ବିକ୍ରମଦେବ ବର୍ମା (ପରେ ଜୟପୁର ମହାରାଜା)ଙ୍କ ସଭାପତିତ୍ୱରେ ପାରଳାଖେମୁଣ୍ଡୀଠାରେ ୨୬।୧୨।୧୯୧୪ରେ ଏ ଅଧିବେଶନ ବସିଲା । ସଭପତି ତାଙ୍କ ଅଭିଭାଷଣରେ କହିଲେ–

32. Unless condition change and unless new arguements of weight are produced, I can hold out no hope to you of thc question being reopened. Te Oriya Movement P 44

Digitized by srujanika@gmail.com

ଉତ୍କଳ ସମ୍ମିଳନୀ ସମଗ୍ର ଓଡ଼ିଆ ଦେଶର ମହୋଚ୍ଚ ଏବଂ ସର୍ବୋତ୍କୃଷ୍ଟ ଜାତୀୟ ଅନୁଷ୍ଠାନ । ତାହାର ସଭପତି ରୂପେ ଆଜି ଯାଏ ଗଣ୍ୟମାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ବରିତ ହୋଇ ଆସଅଛନ୍ତି । ବିଗତ ପୁରୀ ଅଧିବେଶନରେ ଆମ୍ଭମାନଙ୍କର ଗୌରବର ଆଶ୍ରୟ ସ୍ୱନାମଧନ୍ୟ ମାନ୍ୟବର ମଧୁସୂଦନ ଦାସ ସି: ଆଇ: ଇ: ସଭପତିର ଆସନ ଅଳଂକୃତ କରିଥିଲେ । ତାଙ୍କ ପରେ ମୋପରି ନଗଣ୍ୟ ବ୍ୟକ୍ତିର ନିର୍ବାଚନ କୌଣସି ଅଂଶରେ ସମ୍ମିଳନୀର ଗୌରବ ଓ ଗରିମା ବୃଦ୍ଧି କରିବ ନାହିଁ । ଅଧିକନ୍ତୁ ସଭପତିଙ୍କ ଆସନ ତଦ୍ୱାରା ଲୋକଦୃଷ୍ଟିରେ ମୂଲ୍ୟହୀନ ଥିବାର ପ୍ରତିପାଦିତ ହେବ ବୋଲି ମୋହର ଆଶଙ୍କା ଜନ୍ମିଅଛି । ଏହି ଆଶଙ୍କା କରି ଏବଂ ନିଜ ଅପାରଗତା ଓ ଅନୁପଯୁକ୍ତତା ସମ୍ବନ୍ଧେ ଆତ୍ମଜ୍ଞାନ ହେବାରୁ ମୁଁ ପ୍ରଥମତଃ ଅଭ୍ୟର୍ଥନା ସମିତିର ସାଗ୍ରହ ପ୍ରାର୍ଥନା ରକ୍ଷା କରିବାକୁ ଅସମ୍ମତ ଥିଲି । ଦେଶରେ ଅନେକ ଯୋଗ୍ୟତର ଏବଂ ପ୍ରବୀଣବ୍ୟକ୍ତି ଥାଉଁ ଥାଉଁ, ମତେ କାହିଁକି ନିର୍ବାଚନ କଲେ, ଏହାର କାରଣ ମନ ମଧ୍ୟରେ ଖୋଜିବାକୁ ବସିଲି । ବୁଝିଲି, ଅଭ୍ୟର୍ଥନା ସମିତି ଏ ଗୌରବ ମତେ ଦେଇ ନାହାନ୍ତି, ଯେଉଁ ଓଡ଼ିଆ ଜାତି ଜୟପୁର ଓ ବିଶାଖାପାଟଣାରେ ନଜର ବ୍ୟକ୍ତିତ୍ୱ, ନିଜର ମାତୃଭଷା ପର୍ଯ୍ୟନ୍ତ ଭୁଲିଯିବାକୁ କାଳକ୍ରମେ ଏବଂ ଅବସ୍ଥାର ବିପର୍ଯ୍ୟୟରେ ବାଧ୍ୟ ହୋଇ ଅଛନ୍ତି, ସେମାନଙ୍କ ସଂଜ୍ଞାପ୍ରାପ୍ତି ନିମିତ୍ତ ମାତୃସ୍ତନ୍ୟ ପାନରୁ ବଞ୍ଚିତ ପ୍ରାୟ ମାତୃଭଷାର ଅନବରତ ଚର୍ଚ୍ଚାରୁ ବିରତ, ମୋପରି ତାଙ୍କର ଜଣେ ଦୁର୍ବଳ ପ୍ରତିନିଧିଙ୍କୁ ସଭପତି ନିର୍ବାଚନ କରିଛନ୍ତି । ମତେ ବର୍ତ୍ତମାନ ଆପଣମାନେ ଯେଉଁ ସମ୍ମାନରେ ଗୌରବାନ୍ୱିତ କରିଅଛନ୍ତି, ତାହା ବାସ୍ତବିକ ମୋହର ବ୍ୟକ୍ତିଗତ ଗୌରବ ନୁହେ, ଏହା ମନେ କରି ଅଭ୍ୟର୍ଥନା ସମିତିର ଆମନ୍ତ୍ରଣ ଗ୍ରହଣ କଲି, ବିଶାଖାପାଟଣା ଓଡ଼ିଆମାନଙ୍କ ପ୍ରତି ଆପଣଙ୍କ ମମତା ପ୍ରଶଂସନୀୟ । ମୋ ପକ୍ଷରୁ ଏବଂ ଜୟପୁର, ବିଶାଖାପାଟଣା ଓଡ଼ିଆମାନଙ୍କ ପକ୍ଷରୁ ମୁଁ ଏଥିପାଇଁ ଆପଣମାନଙ୍କୁ ଅନ୍ତରର ଧନ୍ୟବାଦ ଦେଉଅଛି । ବିଗତ ବର୍ଷ ସମ୍ମିଳନୀ ସଭରେ ଡି. ନରସିଂହରାଓ ପାଠକ ନାମକ ଜଣେ ବିଶାଖାପାଟଣାର ଓଡ଼ିଆ ସେହି ଅଞ୍ଚଳର ଓଡ଼ିଆମାନଙ୍କ ଦୁରବସ୍ଥାର ପରିବର୍ତ୍ତନ ନିମନ୍ତେ ଯେଉଁ କରୁଣ ନିବେଦନ ପ୍ରକାଶ କରିଥିଲେ, ତାହା ଫଳରେ ସମ୍ଭବତଃ ଆଜି ବିଶାଖାପାଟଣାର ସୋଦରମାନଙ୍କ ପ୍ରତି ଆପଣମାନଙ୍କର ଦୃଷ୍ଟି ପଡ଼ିଅଛି । ମୋହର ନିର୍ବାଚନର ଅନ୍ୟ ଅର୍ଥ, ଅପର କାରଣ ମୁଁ ପାଇପାରୁ ନାହିଁ । ଯାହା ହେଉ, ଏହା ଆପଣମାନଙ୍କର ଗଭୀର ହୃଦୟବତ୍ତା ଓ ଉଦାରତାର ପରିଚୟ ଦେଉଅଛି ।"

**ଯୁଦ୍ଧ**—ସାମ୍ରାଜ୍ୟର ଘୋର ଅସମୟରେ ପୃଥିବୀର ସର୍ବବିଧ୍ୱଂସକାରୀ ବିପ୍ଳବ ଓ ବ୍ୟୁପାତ କାଳରେ ଆମ୍ଭମାନଙ୍କର ଏହି ସମ୍ମିଳନୀର ଦଶମ ଅଧିବେଶନ ହେଉଅଛି । ୟୁରୋପର ମହାଯୁଦ୍ଧ ବିଂଶତି ଶତାବ୍ଦୀର ଏକ ବିଶେଷ ଘଟଣା । ପୁନର୍ବାର କୁରୁକ୍ଷେତ୍ରର ଆବିର୍ଭାବ ହୋଇଅଛି । କୁରୁକ୍ଷେତ୍ର ଫ୍ରାନ୍ସ, ବେଲଜିୟମକୁ ସ୍ଥାନାନ୍ତରିତ ହୋଇଅଛି; ମାତ୍ର ଉପସ୍ଥିତ ମହାଯୁଦ୍ଧର କାରଣ ଅନୁସନ୍ଧାନ କଲେ ଜଣାଯାଏ ଯେ, ଜର୍ମାନୀ ନଜର ଅନ୍ୟାୟ ଲୋଭ ଆଶାରେ ଅନ୍ୟ ରାଜ୍ୟମାନଙ୍କର ସ୍ୱାଧୀନତା ନଷ୍ଟ କରି ନଜ ରାଜ୍ୟ ବୃଦ୍ଧ ପିପାସା ଚରିତାର୍ଥ କରିବା ଉଦ୍ଦେଶ୍ୟରେ ଏହି ଯୁଦ୍ଧ ଆରମ୍ଭ କରିଅଛି । × × ×

Digitized by srujanika@gmail.com

ବିଚ୍ଛିନ୍ନ ହୋଇ ଶାସନାଧୀନରେ ରହିଥିବାରୁ ଓଡ଼ିଆମାନଙ୍କର ସମୂହଶକ୍ତି ବିକାଶ ପାଇପାରୁ ନାହିଁ । ଉତ୍କଳ ନାନାକାରଣରୁ ଶିକ୍ଷା ସମ୍ପର୍କରେ ପଛରେ ପଡ଼ିଅଛି । ତାହାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେ । ତାହାର ପୂର୍ବଗୌରବ ନାହିଁ । ପୁରାତନ ଐଶ୍ୱର୍ଯ୍ୟରେ ଗର୍ବ କରିବାକୁ ଆହୁରି ଶିକ୍ଷା କରି ନାହିଁ । ପୂର୍ବ ଯଶ ଆଣିବାକୁ ତାହାର ଉଦ୍ୟମ ନାହିଁ, ନୋହିଲେ କି ଆଜି ଏହି ଯୁଦ୍ଧବେଳେ ତାହାର ଇତିହାସ ପ୍ରସିଦ୍ଧ ପାଇକସେନାକୁ ସେ ଯୁଦ୍ଧକୁ ପଠାଇ ନ ଥାନ୍ତା ? ଯେଉଁ କୃଷକ ସେନାବଳରେ ଗଙ୍ଗାଠାରୁ ଗୋଦାବରୀ ଯାଏଁ ଉତ୍କଳ ଅଖଣ୍ଡ ରାଜ୍ୟ ସଂସ୍ଥାପନ କରିଥିଲା, ଯେଉଁମାନଙ୍କ ପ୍ରବଳ ସ୍ୱାର୍ଥ ତ୍ୟାଗ ପ୍ରଭାବରେ ଓଡ଼ିଶା ତିନ ଶତ-ବର୍ଷକାଳ ପର୍ଯ୍ୟନ୍ତ ମୁସଲମାନ ସୈନ୍ୟଙ୍କ ଆକ୍ରମଣ ପ୍ରତିହତ କରିବାକୁ ସମର୍ଥ ହୋଇଥିଲା ସେମାନେ କାହାନ୍ତି ? ଆଜି ସେହି ସେନାନୀକୁ ଉତ୍କଳ ଯୁଦ୍ଧ କ୍ଷେତ୍ରକୁ ପଠାଇ ପାରିଥିଲେ ନିଜକୁ କୃତାର୍ଥ ମଣିଥାନ୍ତା, ସେ ଯାହା ହେଉ ତାହାର ବର୍ତ୍ତମାନ ଅବସ୍ଥାରେ ସେ ଯାହା କରି ପାରେ ଉତ୍କଳ ଯୁଦ୍ଧର ସାହାଯ୍ୟାର୍ଥେ ତାହା କରିଅଛି, ଏଥିରେ କୌଣସ ସନ୍ଦେହ ନାହିଁ ।

× × ×

ବ୍ରହ୍ମପୁରଠାରେ ଦିନକର ସଭରେ ପ୍ରାୟ ତିରିଶହଜାର ଟଙ୍କା ସ୍ୱୀକୃତ ହୋଇ-ଅଛି । ଏକା ପାରଳା ରାଜାସାହେବ ଏକ ଲକ୍ଷ ଟଙ୍କା ଦାନ କରିଅଛନ୍ତି । ଜୟପୁର, ଗଞ୍ଜାମ, ଓଡ଼ିଶା, ସିଂହଭୂମି ସକଳ ସ୍ଥାନର କି ରାଜା କି ପ୍ରଜା ଚାନ୍ଦା ଦେଇଅଛନ୍ତି ।

× × × × ×

ଯୁଦ୍ଧ ଏକ ମହାଦୁଃଖର କାରଣ । ରାଜା ଓ ପ୍ରଜା ଉଭୟଙ୍କ ପକ୍ଷରେ ଅଶେଷ କ୍ଷତି-କାରକ, ଏହି ସାଧାରଣ କ୍ଷତି ଓ କ୍ଷୋଭର ବିଷୟ ଉଲ୍ଲେଖ କରୁଁ । ଆମ୍ଭମାନଙ୍କର ଯେଉଁ ବିଶେଷ ଦୁଃଖ ଏ ବର୍ଷ ମଧ୍ୟରେ ଦୈବ ଦୁର୍ବିପାକରୁ ସଂଘଟିତ ହୋଇଅଛି, ତାହା ଉଲ୍ଲେଖ କରିବା ଆବଶ୍ୟକ ମନେ କରେ ।

ସେ ତା ପରେ ସମ୍ମ ଜନନୀ ଭକ୍ତ, ଶାସନପଟୁ, ସୁଶାସକ ମଞ୍ଜୁଷାର ରାଜା ବାସୁ-ଦେବ ରାଜମଣିଙ୍କ ବିୟୋଗ ପାଇଁ ଦୁଃଖ ପ୍ରକାଶ କରିଥିଲେ । ରେଭେନସା ସାହେବଙ୍କ ଓଡ଼ିଆ ଶିକ୍ଷା ପ୍ରତି ଅବଦାନ ଉଲ୍ଲେଖସହ ପ୍ରଶଂସା କରିଥିଲେ ।

× × × × ×

ଭାଷାସୂତ୍ରରେ ଓଡ଼ିଆମାନେ ଏକ ଶାସନାଧୀନରେ ରହିବା ବାଞ୍ଛନୀୟ । ଏହା ସେମାନେ ଅନେକ ଦିନରୁ କହି ଆସୁଛନ୍ତି । କୌଣସି କୃତ୍ରିମରୀତିରେ ଏହି ଭାଷା ମିଳନର ଅନ୍ତରାୟ ହେଲେ ତାହା ସମାଜର ହିତକାରକ ହୁଏ ନାହିଁ । ଏହି କଥା ଆମ୍ଭମାନଙ୍କର ବଡ଼ଲାଟ ମହାଶୟ ଲର୍ଡ ହାର୍ଡିଞ୍ଜ ତାହାଙ୍କର ୨୬ ତାରିଖ ଅଗଷ୍ଟ ସନ ୧୯୧୧ର ସୁପ୍ରସିଦ୍ଧ ଉଲ୍ଲେଖରେ ପ୍ରତିପାଦନ କରି ଅଛନ୍ତି ।

ଭାଷା, ଜାତି, ପୂର୍ବପରମ୍ପରା ଇତ୍ୟାଦରେ ଯେଉଁମାନେ ଏକ ଓ ଅବିଚ୍ଛିନ୍ନ, ସେମାନେ ଏକା ପ୍ରାଦେଶିକ ଶାସନାଧୀନ ହୋଇ ରହିବା ବାଞ୍ଛନୀୟ । ଏହି ନୀତି ଆମ୍ଭ-

Digitized by srujanika@gmail.com

ମାନଙ୍କର ସଦାଶୟ ବଡ଼ଲାଟ ଲର୍ଡ଼ ହାର୍ଡ଼ିଞ୍ଜ ଦେଖାଇ ଅଛନ୍ତି । ପୁଣି ଏହି ସୂତ୍ରରେ ପ୍ରତ୍ୟେକ ପ୍ରାଦେଶିକ ଶାସନର ସ୍ୱାତନ୍ତ୍ର୍ୟ ସମ୍ପାଦିତ ଓ ସଂରକ୍ଷିତ ହେବାରେ ସେ ସୂଚନା ଦେଇଅଛନ୍ତି । ବଙ୍ଗାଳିମାନଙ୍କ ଚିତ୍କାର କିମ୍ବା ରାଜନୈତିକ ଦୁର୍ବିନୀତତା ଫଳରେ ବଙ୍ଗରେ ପୁନର୍ମିଳନ ହୋଇ ନାହିଁ । ତାଙ୍କର ଏହି ସିଦ୍ଧାନ୍ତ ଏକ ଉନ୍ନତ ରାଜନୀତି ଉପରେ ପ୍ରତିଷ୍ଠିତ ବୋଲି ମୋହର ଆନ୍ତରିକ ଧାରଣା । ପ୍ରାଦେଶିକ ଶାସନ ସ୍ୱାତନ୍ତ୍ର୍ୟ ଭାରତବାସୀଙ୍କ ପକ୍ଷେ ପ୍ରଧାନ ଆକାଂକ୍ଷାର କଥା । ଲର୍ଡ଼ ହାର୍ଡିଞ୍ଜଙ୍କ ଶାସନରେ ସମସ୍ତ ଘଟଣାବଳୀ ସେହି ଦିଗକୁ କ୍ରମେ ଅଗ୍ରସର ହେଉଅଛି, ଏଥିରେ କୌଣସି ସନ୍ଦେହ ନାହିଁ । ଦିଲ୍ଲୀ ବୋମା ଆଘାତ, କାନପୁର ଗୋଳମାଳ କୋମାଗାଟାମାରୁ ପ୍ରକରଣ, ଦକ୍ଷିଣ ଆଫ୍ରିକାରେ ଭାରତବାସୀଙ୍କ ସମସ୍ୟା ଇତ୍ୟାଦିରେ ଲର୍ଡ଼ ହାର୍ଡିଞ୍ଜ ଯେଉଁ ଉଦାରତା ଓ ଉଚ୍ଚ ହୃଦୟବତ୍ତା ଦେଖାଇଅଛନ୍ତି, ତାହା ଭାରତ ଇତିହାସରେ ଚିରସ୍ମରଣୀୟ ହୋଇ ରହିବ । × × × ଏଥିପୂର୍ବେ କୌଣସି ବଡ଼ଲାଟ ଓଡ଼ିଶାର ରାଜଧାନୀରେ ପଦାର୍ପଣ କରି ନ ଥିଲେ । × × ଓଡ଼ିଆମାନେ ଆଶା କରନ୍ତି ଯେ, ବଡ଼ଲାଟ ମହୋଦୟ ତାଙ୍କ ଅଳ୍ପକାଳ ଅବସ୍ଥାନରେ ସୁଦ୍ଧା ଓଡ଼ିଆଙ୍କ ବ୍ୟକ୍ତିତ୍ୱ ଓ ବିଶେଷତ୍ୱ ସମ୍ବନ୍ଧରେ କିଛି ଅନୁଭୂତି ସଂଗ୍ରହ କରିଯାଇ ଅଛନ୍ତି । କଟକନଗର ପ୍ରତି ତାଙ୍କର ଶୁଭାଗମନ ଘଟଣା ଓଡ଼ିଆମାନଙ୍କ ଇତିହାସରେ ଜଡ଼ିତ ହୋଇ ରହିବ । × × ×

"ଓଡ଼ିଆମାନେ ନିଜର ବ୍ୟକ୍ତିତ୍ୱ ଲୋପର ଆଶଙ୍କା କରୁଥିବାରୁ ସେମାନଙ୍କର ଉକ୍ତ ଆଶଙ୍କା ନିରାକରଣ ନିମନ୍ତେ ସେମାନଙ୍କୁ ବଙ୍ଗଳାରୁ ପୃଥକ ରଖାଯିବା ଆବଶ୍ୟକ ବୋଲି ଗଭର୍ଣ୍ଣମେଣ୍ଟ ତାଙ୍କର ଏକ ଡ଼େସପାଚରେ ଉଲ୍ଲେଖ କରିଥିଲେ । କେବଳ ବଙ୍ଗଳାରୁ ପୃଥକ ରହିବାଦ୍ୱାରା ସେମାନଙ୍କ ଆଶଙ୍କା ନିରାକରଣ ହେଲା କି ? ପ୍ରବଳ ଜାତିଙ୍କ ନିଷ୍ପେଷଣ ଓ ନିର୍ଯ୍ୟାତନାରେ ଆଧିପତ୍ୟ ଓ ଆକ୍ରମଣରେ ଆଜି ଲକ୍ଷଲକ୍ଷ ଓଡ଼ିଆଙ୍କ ବ୍ୟକ୍ତିତ୍ୱ ସଂସ୍ଥାପନ ଓ ସଂରକ୍ଷଣ ଆଶା ବହୁ ଦୂରକୁ ଚାଲିଯାଇ ନାହିଁ କି ? ତାଙ୍କର ମାତୃଭାଷା ନାନା ଭାବରେ ବିକୃତ, ଦୂଷିତ ହେଉ ନାହିଁ କି ? ଆକୃତି, ପ୍ରକୃତି, ଆଚାର, ବ୍ୟବହାର ଭାଷା, ଭାବ ଇତ୍ୟାଦି ସକଳ ବିଷୟରେ ଭାରତର ଅନ୍ୟାନ୍ୟ ଜାତିଙ୍କଠାରୁ ଓଡ଼ିଆମାନେ ପୃଥକ ବୋଲି ବଡ଼ ବଡ଼ ଶାସନ କର୍ମଚାରୀ ଏବଂ ଘଟଣା ବିଶେଷରେ ଗଭର୍ଣ୍ଣମେଣ୍ଟ ସୁଦ୍ଧା ଘୋଷଣା କରି ଆସଅଛନ୍ତି । ଓଡ଼ିଆଙ୍କର ଏହି ପାର୍ଥକ୍ୟ ଓ ସ୍ୱାତନ୍ତ୍ର୍ୟ ରକ୍ଷା କରିବା ଗଭର୍ଣ୍ଣମେଣ୍ଟଙ୍କ କର୍ତ୍ତବ୍ୟ ନୁହେଁ କି ? ବଙ୍ଗରୁ ବିଚ୍ଛିନ୍ନ ରଖିବା ମାତ୍ରକେ ଓଡ଼ିଆମାନଙ୍କର ଏହି ସ୍ୱାତନ୍ତ୍ର୍ୟ ରକ୍ଷା ବିଧାନ ସମ୍ପୂର୍ଣ୍ଣ ହେଲା କି ? ମାନ୍ଦ୍ରାଜ ଅନ୍ତର୍ଗତ ଓଡ଼ିଶା ପ୍ରଦେଶ, କି ଜୟପୁର, କି ଗଞ୍ଜାମ ଏହା ପ୍ରାକୃତିକ ଓଡ଼ିଶାର ଏକ ଅବିଚ୍ଛିନ୍ନ ଅଂଶ । ପ୍ରାୟ ସମସ୍ତ ଗଞ୍ଜାମ ଜିଲ୍ଲା ଓ ଜୟପୁର ଓଡ଼ିଆ ରାଜ୍ୟମାନଙ୍କ ଦ୍ୱାରା ଅଧିକୃତ ଏବଂ ଓଡ଼ିଆ ଲୋକଙ୍କଦ୍ୱାରା ଅଧ୍ୟୁଷିତ ହେଲେ ସୁଦ୍ଧା, ଦୁଃଖର ବିଷୟ, କ୍ଷମତାଶାଳୀ ତେଲେଙ୍ଗମାନଙ୍କ ପ୍ରଭାବରେ ଓଡ଼ିଆ ଶକ୍ତି ଏକାବେଳକେ ମ୍ରିୟମାଣ ହୋଇଅଛି—ଓଡ଼ିଆ ଆଜି ମୁଣ୍ଡ ଟେକି ଚାଲିପାରୁ ନାହିଁ । ବିଦ୍ୟାଳୟରେ, ଅଫିସରେ, ରାଜକାର୍ଯ୍ୟରେ ଓଡ଼ିଆ ଏକପ୍ରକାର ବର୍ଜ୍ଜିତ । ଓଡ଼ିଆ ଛାତ୍ର ନିଜ ଜାତୀୟ ଭାଷା ଅଧ୍ୟୟନ; ନିଜ ଜାତୀୟ ସାହିତ୍ୟ ଚର୍ଚ୍ଚାରୁ ବଞ୍ଚିତ; ରାଜ-

Digitized by srujanika@gmail.com

ଦ୍ୱାରରେ ଓଡ଼ିଆ ଅଚିହ୍ନିତ ଓ ଅପମାନିତ । ସିଂହଭୂମିର ଅବସ୍ଥା ତଥୈବଚ । ଓଡ଼ିଆଦେଶ ଆଜି ଖଣ୍ଡବିଖଣ୍ଡିତ । ଏଥିରେ ଓଡ଼ିଆ କିପରି ତାହାର ପାର୍ଥକ୍ୟ ରଖିପାରିବ ? ପ୍ରାୟ ଦଶ ବର୍ଷ ହେଲା ଓଡ଼ିଆମାନେ ଏହି ବିଚ୍ଛିନ୍ନ ଉତ୍କଳ ପ୍ରଦେଶର ଏକୀକରଣ ନିମନ୍ତେ ଆନ୍ଦୋଳନ କରିଆସୁଛନ୍ତି । ସଭା ସମିତି ହୋଇ ଯାଇଅଛି—ନିବେଦନ ଆବେଦନର ବିରାମ ନାହିଁ; କିନ୍ତୁ ଦୁଃଖର ବିଷୟ ସରକାର ବାହାଦୂର ନିଶ୍ଚିନ୍ତ ହୋଇ ରହିଛନ୍ତି । ସେଦିନ ସମ୍ବଲପୁର ମଧ୍ୟପ୍ରଦେଶର ଅନ୍ତର୍ଗତ ଥିବାରୁ ଯେ ଅସହ୍ୟ ଅସୁବିଧା ଭୋଗ କରୁଥିଲା, ତାହା ଆପଣ-ମାନଙ୍କର ସ୍ମୃତିର ଅତୀତ ନୁହେଁ । କେତେକ କାଳଯାଏ ସେମାନେ କିପରି ନିର୍ଯ୍ୟାତନା ଓ ନିଷ୍ପେଷଣ ଭୋଗ କରିଥିଲେ ତାହା ପାସୋର ହୋଇନାହିଁ । ଆଜିଯାଏ ମେଦିନୀପୁର ଅଞ୍ଚଳର ଓଡ଼ିଆମାନେ ବଙ୍ଗଳା ଅକ୍ଷରରେ ଲିଖିତ ସ୍ୱର୍ଗତଃ ଜଗନ୍ନାଥ ଦାସ ଭାଗବତ ପଢ଼ୁ-ଅଛନ୍ତି । ଉନ୍ନତ ବଙ୍ଗ ସହିତ ସଂଶ୍ଳିଷ୍ଟ ଥାଇ ମେଦିନୀପୁର ଓଡ଼ିଆଙ୍କର କିଛି ଅତି ବୃଦ୍ଧ ହୋଇପାରି ନାହିଁ । ଯେଉଁମାନେ କହନ୍ତି, ଉନ୍ନତତର ଜାତିମାନଙ୍କ ସଂଶ୍ରବ ଜାତି ପକ୍ଷରେ ଶ୍ରେୟସ୍କର, ସେମାନେ ଏଥିର କି ଉତ୍ତର ଦେବେ ? ଏହିପରି ଭାବରେ ପ୍ରବଳ ଜାତିଙ୍କର ଆଧିପତ୍ୟରେ ଜୀବନଯାପନ କଲେ ଆତ୍ମବିସ୍ମୃତି ଘଟିବ ନାହିଁ କି ? ଆତ୍ମବିସ୍ମୃତି ରୂପ ରୋଗ ଥରେ ଆକ୍ରମଣ କଲେ ଜାତିର ଆଉ ଗତ୍ୟନ୍ତର ରହିବ ନାହିଁ । ମେଦନୀପୁର କାନ୍ଥି ଅଞ୍ଚଳ ଓଡ଼ିଆଙ୍କର ଦୁରବସ୍ଥା ଶୀଘ୍ର ନିରାକରଣ ହେବାର ନୁହେଁ । କୌଣସି ବ୍ୟକ୍ତି ବା ସମାଜ ବଳହୀନ ହେଲେ ତାହାର ଆତ୍ମବୋଧ ରହେ ନାହିଁ । ଆଜି ମେଦିନୀପୁର ଅଞ୍ଚଳସ୍ଥ ଓଡ଼ିଆମାନେ ନିର୍ବାସିତ ପ୍ରାୟ ଓଡ଼ିଆ ଦେଶର ବାହାରେ ପଡ଼ିଅଛନ୍ତି । ଶାସନ ସମ୍ପର୍କ ବିଚ୍ଛେଦ ହେବା ସଙ୍ଗେ ସଙ୍ଗେ ଓଡ଼ିଆଙ୍କ ସହ ସେମାନଙ୍କ ସାମାଜିକ ବନ୍ଧନ ଶିଥିଳ ହୋଇ ଯାଉଅଛି । ସେହି ପ୍ରଦେଶ ଓଡ଼ିଆଙ୍କର କିପରି ସଂଜ୍ଞାପ୍ରାପ୍ତି ହେବ, ସେମାନେ କିପରି ନିଜ ଜାତିର ଲୋକଙ୍କୁ ଚିହ୍ନିବେ ଏବଂ ତାଙ୍କ ପିତୃପିତାମହ ପ୍ରତି ଗୌରବରେ, ତାଙ୍କ ଇତିହାସରେ ଶ୍ରଦ୍ଧା ପ୍ରକାଶ କରିବେ, ଏହା ସମ୍ମିଳନୀର ଗୋଟିଏ ବିଶିଷ୍ଟ କାର୍ଯ୍ୟ ହେବା ଉଚିତ ବୋଲି ମୁଁ ମନେ କରେ ।"

ସେମାନଙ୍କୁ ବୁଝାଇଦେବାକୁ ହେବ, ଓଡ଼ିଆ ଜାତିର ଇତିହାସ ଅଛି; ଗୌରବ ଅଛି । ପୁରୀ, କୋଣାର୍କ, ଭୁବନେଶ୍ୱର ଯେଉଁ ଓଡ଼ିଆ ହସ୍ତର ନୈପୁଣ୍ୟ, ବୁଦ୍ଧିର ବିଚକ୍ଷଣତା, ହୃଦୟର ପ୍ରଶସ୍ତତାର ପରିଚୟ ଦେଉଅଛି, ସେ ଓଡ଼ିଆର ଶକ୍ତି, ତାହାର ବ୍ୟକ୍ତିତ୍ୱ ଲୋପ ହେବ ନାହିଁ । ଓଡ଼ିଆ ବୋଲି ପରିଚୟ ଦେବାରେ ସେମାନଙ୍କର ଅପମାନ ଓ ଲଜ୍ଜାର କିଛି କାରଣ ନାହିଁ । × × ପ୍ରତି ଗ୍ରାମରେ ପ୍ରତି ସହରରେ ଏହି ଦେଶମିଶ୍ରଣ ଆନ୍ଦୋଳନର ସୂତ୍ରପାତ କରିବାକୁ ହେବ । ଏହି ଆନ୍ଦୋଳନ କେତେକ ଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରେ ଆବଦ୍ଧ ନାହିଁ । ଏହା ଓଡ଼ିଆର ସରଳ ସ୍ୱାଭାବିକ ଆକାଂକ୍ଷା ଏବଂ ଓଡ଼ିଆର ଘରେ ଘରେ ଦେଶମିଶ୍ରଣ ଆଶା ଉଦ୍ରେକ ହୋଇଅଛି । ଏହି କଥା ସରକାର ଜାଣନ୍ତୁ; ପ୍ରସ୍ତରକ ଯାଇ ଏହି ଆନ୍ଦୋଳନ ଦୃଢ଼ୀଭୂତ କରନ୍ତୁ; ଦେଖିବେ ଲୋକଙ୍କର ପ୍ରାର୍ଥନା ସରକାର ଅଗ୍ରାହ୍ୟ କରିବେ ନାହିଁ । ଯୁକ୍ତି ଅକାଟ୍ୟ ହେଉ ପଛକେ ତାହାର ପଶ୍ଚାଦ୍ଦେଶରେ ଲୋକସମୂହର ଆର୍ତ୍ତନାଦ ସମର୍ଥନ କରିବାକୁ ନ ଥିଲେ ଯେ କୌଣସ ବିଷୟ ଅବାଞ୍ଛନୀୟ

Digitized by srujanika@gmail.com

ଓ ଅନାବଶ୍ୟକ ବୋଲି ସରକାର କହି ଦେଇପାରନ୍ତି । × × ସରକାର ଯାହା କରନ୍ତୁ, ଗଞ୍ଜାମର ତେଲେଙ୍ଗା ଭାଇମାନେ ଯାହା କରନ୍ତୁ ରକ୍ତର ଆକର୍ଷଣ କଦାପି ଶିଥିଳ ହେବାର ନୁହେ । ଯେଉଁମାନଙ୍କର ପ୍ରାଣର ଆଶା, ଭରସା, ଆଗ୍ରହ ବ୍ୟବହାର, ସାମାଜିକ ରୀତି-ନୀତି ବହୁ ଶତାବ୍ଦୀର ଇତିହାସରେ ଦୃଢ଼ଭାବରେ ଗଠିତ ଓ ଗ୍ରଥିତ ହୋଇ ଆସିଅଛି, ସେମାନଙ୍କୁ ବିଚ୍ଛିନ୍ନ ରଖିବା ପ୍ରକୃତିର ବିରୁଦ୍ଧାଚରଣ ମାତ୍ର । ଭାରତ ପରି ମହାଦେଶର ପ୍ରାଦେଶିକ ଜାତୀୟ ବ୍ୟକ୍ତିତ୍ୱ ଏକ ଭାଷାଖଣ୍ଡରେ ସୀମାବଦ୍ଧ ନ ହେଲେ ପ୍ରାଦେଶିକ ଜାତୀୟ କଲ୍ୟାଣ ତଥା ଭବିଷ୍ୟତରେ ଭାରତୀୟ ମହାଜାତୀୟତାର ଆଶା ସୁଦୂର ପରାହତ । ସରକାର ଯେ ଏକଥା ବୁଝି ନାହାନ୍ତି, ତାହା ନୁହେ । ଏହି ଉଦ୍ଦେଶ୍ୟରେ ପଣ୍ଡିତ ପ୍ରବର ଗ୍ରୀଏରସନ୍ ସାହେବ ଭାରତର ସମସ୍ତ ସ୍ଥାନ ନିଜେ ଦେଖି ଭାଷାଭିତ୍ତିରେ ପ୍ରାଦେଶିକତା ସ୍ଥିର କରି ଭାରତର ଗୋଟିଏ ନୂତନ ମାନଚିତ୍ର ସୃଷ୍ଟି କରି ଅଛନ୍ତି । ଓଡ଼ିଆଭାଷୀ ବୋଲି ଗ୍ରିଏରସନ ସାହେବ ଯେଉଁ ଭୂଭାଗ ନିର୍ଣ୍ଣୟ କରିଅଛନ୍ତି, ତାହା ଓଡ଼ିଆଙ୍କର ଅଭିପ୍ରାୟ ସମ୍ପୂର୍ଣ୍ଣରୂପେ ସମର୍ଥନ କରୁଅଛି । ଗ୍ରୀଏରସନଙ୍କ ମାନଚିତ୍ର ପାଖରେ ପକାଇ ଓଡ଼ିଆଙ୍କ ଆବେଦନ ଆଲୋଚନା କଲେ ସରକାର ଦେଖିବେ ଯେ, ତାଙ୍କ ଦାବୀ କୌଣସି ପ୍ରକାର ଅପ୍ରାକୃତ ଓ ଅସମୀଚୀନ ନୁହେ । ରାଜା-ପ୍ରଜା ସମସ୍ତେ ଏକସ୍ୱରରେ ଏହି ମିଳନ ପ୍ରାର୍ଥନା କରିଅଛନ୍ତି । × × × ତାପରେ ସେ ଶିକ୍ଷାର ସର୍ବାଦୌ ଆବଶ୍ୟକତା ନେଇ କହିଲେ

ଶିକ୍ଷା ବିହୀନ ହେଲେ ଆମ୍ଭେମାନେ ସଭ୍ୟ ହେବାର ଠେଣକି ଥାଉ, କ୍ରମେ ପଶୁତ୍ୱ ପ୍ରାପ୍ତ ହେବାର ଆଶଙ୍କା ପୂର୍ଣ୍ଣ ମାତ୍ରାରେ ଅଛି । ଓଡ଼ିଆ ଜାତି ପୂର୍ବକାଳରେ ଶିକ୍ଷା ଦୀକ୍ଷାରେ ପ୍ରବୀଣ ଥିଲା । ହୃଦୟକୁ ଉନ୍ନତ କରିବା, ମନୁଷ୍ୟର ଦେବତା ସୁଲଭ ଗୁଣ ବିକାଶ କରିବା ଏବଂ ମନକୁ ସଂସ୍କାର କରିବା ଯେ କୌଣସି ଶିକ୍ଷାର ଉଦ୍ଦେଶ୍ୟ । ଯେଉଁ ଭାଷାରେ, ଯେଉଁ ଭାବରେ ଦିଆଯାଉ ଶିକ୍ଷାର ପ୍ରଧାନ ଲକ୍ଷ୍ୟ ମନୁଷ୍ୟତା ପ୍ରାପ୍ତି । ପୁରା କାଳରେ ଓଡ଼ିଆମାନେ ଏହି ମନୁଷ୍ୟତା ପ୍ରାପ୍ତି ନିମନ୍ତେ ଯେ ଶିକ୍ଷିତ ହେଉଥିଲେ, ଏହାର ଭୂରି ଭୂରି ପ୍ରମାଣ ମିଳୁଅଛି । କିନ୍ତୁ ଆଧୁନିକ ଯୁଗରେ ସେମାନଙ୍କର ଶିକ୍ଷାର ଅବସ୍ଥା କଅଣ ? ସେମାନେ ନବ୍ୟ ଶିକ୍ଷାର ବହୁ ଦୂରରେ ପଡ଼ିଛନ୍ତି ଏବଂ ପୁରାତନ ଯାହା ଟିକିଏ ଥିଲା, ତାହା ମଧ୍ୟ ଲୋପ ପାଇଅଛି । ଅବଧାନ ଗ୍ରହାଳୀ ଦେଖିବାକୁ ନାହିଁ କି ସ୍କୁଲ କଲେଜର ମଧ୍ୟ ଯଥେଷ୍ଟ ଆଭାସ ନାହିଁ । ଏପରି ଜାତିଟା 'ନ ନୀରେ ନ ତୀରେ' ହୋଇ ପଡ଼ିଅଛି । ଭାରତବର୍ଷ ଭିତରୁ ଓଡ଼ିଶାରେ ଯେତେ ସାକ୍ଷର ବ୍ୟକ୍ତି ଅଛନ୍ତି, ବୋଧହୁଏ ଅନ୍ୟ କୌଣସି ପ୍ରଦେଶରେ ନାହାନ୍ତି । ଏହିକଥା ସରକାରୀ ରିପୋର୍ଟାଦିରୁ ମଧ୍ୟ ଜଣାଯାଏ । ଏହା ମଧ୍ୟ ଆଧୁନିକ ଶିକ୍ଷା ବିସ୍ତାରର ଚେଷ୍ଟାର ଫଳ ବୋଲି ବୋଧ ହୁଏ ନାହିଁ । ଉତ୍କଳରେ ଯେଉଁ ସବୁ ଅବଧାନ ଗ୍ରଟଶାଳୀ, ଚୌପାଠୀର ବ୍ୟବସ୍ଥା ଥିଲା ତାହା ବର୍ତ୍ତମାନ ଉଠି ଯାଇଅଛି । ତାହା ଫଳରେ ଦେଶରେ ଅସ୍ପୃଶ୍ୟ ଜାତିର ଲୋକମାନେ ମଧ୍ୟ ଭାଗବତ ପଢ଼ିବା ଭଳି ସାକ୍ଷର ହୋଇଥିଲେ । × × ×

Digitized by srujanika@gmail.com

ବର୍ତ୍ତମାନ ଆମ ଦେଶରେ ଯେ ଶିକ୍ଷାନୁଷ୍ଠାନର ଅଭାବ ଅଛି, ଏଥିରେ କୌଣସି ଦ୍ୱିରୁକ୍ତ ହୋଇ ନ ପାରେ । ଜୟପୁର ବିଶାଖପଟଣ ଅଞ୍ଚଳର ଓଡ଼ିଆ ପ୍ରଧାନ ସ୍ଥଳମାନଙ୍କରେ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟର ଏକାନ୍ତ ଅଭାବ ପରିଲକ୍ଷିତ ହେଉଅଛି । ସେହିଠାରେ ଓଡ଼ିଆ ପରିବର୍ତ୍ତେ ଓଡ଼ିଆ ବାଳକମାନେ ତେଲୁଗୁ ଶିଖିବାକୁ ବାଧ୍ୟ ହେଉଛନ୍ତି । ଏଥିପ୍ରତି ସରକାର କିମ୍ବା ଲୋକଙ୍କର ଦୃଷ୍ଟି ଅଦ୍ୟାବଧି ପଡ଼ି ନାହିଁ । ପାଦ୍ରି ମିଶନାରୀମାନେ ଯାହା କରୁଅଛନ୍ତି, ତାହା ବାଦ୍ ଦେଲେ ଓଡ଼ିଆ ଶିକ୍ଷାର ପ୍ରଚାର ନିମନ୍ତେ ସେହି ଅଞ୍ଚଳର କୌଣସି ଉତ୍ସାହ, କୌଣସି ଉଦ୍ୟମ ନାହିଁ ।

× × × ×

ସେ ଶିକ୍ଷାର ଆଦର୍ଶ ସମ୍ବନ୍ଧେ କହି ସତ୍ୟବାଦୀ ବିଦ୍ୟାଳୟର ଉଦାହରଣ ଦେଇ ଶିକ୍ଷକମାନେ ପ୍ରାଚୀନ ଆଚାର୍ଯ୍ୟମାନଙ୍କ ଭଳି କିପରି କାମ କରୁଛନ୍ତି, ତହିଁର ପ୍ରଶଂସା କରିଥିଲେ ।

ସିଂହଭୂମିରେ ଓଡ଼ିଆ ଶିକ୍ଷକଙ୍କର ଅଭାବ ସୂଚାଇ ସମ୍ମିଳନୀ ଚେଷ୍ଟା କରି କେତେକ ଶିକ୍ଷକଙ୍କୁ ସେ ଅଞ୍ଚଳକୁ ପଠାଇବା ବ୍ୟବସ୍ଥା କରନ୍ତୁ ବୋଲି କହିଥିଲେ ।

ସେ ସ୍ତ୍ରୀ ଶିକ୍ଷା ଓ ସଂସ୍କାର ବିଷୟ ନେଇ ଆଲୋଚନା କରିଥିଲେ ।

•

ଉପସଂହାରରେ ସେ କହିଥିଲେ ଜାତିର ଉନ୍ନତି ପାଇଁ ଶତବର୍ଷ ବ୍ୟାପୀ ଉଦ୍ୟମ, ଆନ୍ଦୋଳନ ଆବଶ୍ୟକ । କଠୋର ସ୍ୱାର୍ଥତ୍ୟାଗ, ପ୍ରତିଭଶାଳୀମାନଙ୍କର ଶକ୍ତି ଓ ସାମର୍ଥ୍ୟ ବିନିଯୋଗ ଓ ସମ୍ମିଳନୀର କାର୍ଯ୍ୟରେ କିଛି ନ କରି ବର୍ଷକ ପରେ ଅନ୍ୟ ଅଧିବେଶନରେ କିଛି କାମ ହେଲା ନାହିଁ ବୋଲି ନିରାଶବାଣୀ କହି ବୀତଶ୍ରଦ୍ଧ ହେବା ବିଶ୍ୱାସୀମାନଙ୍କର କର୍ତ୍ତବ୍ୟ ନୁହେ ।

ଏହି ଅଧିବେଶନରେ ଭାଷା ସୂତ୍ରରେ ଓଡ଼ିଶା ପ୍ରଦେଶ ଗଠନ ଅତିଶୀଘ୍ର କରାଯାଉ ବୋଲି ଦାବୀ କରାଗଲା । ବ୍ରିଟିଶ ସରକାର ଯୁଦ୍ଧରେ ଜୟଲାଭ କରନ୍ତୁ ବୋଲି ପରମେଶ୍ୱରଙ୍କୁ ପ୍ରାର୍ଥନା କରାଗଲା । ସିଂହଭୂମି, ଜୟପୁର, ଫୁଲଝର, ଚନ୍ଦ୍ରପୁର ଓ ପଦ୍ମପୁର ଆଦି ଓଡ଼ିଆଭାଷୀ ଅଞ୍ଚଳରେ ଓଡ଼ିଆ ଭାଷା ବିଦ୍ୟାଳୟ ତଥା କୋଟକଚେରିରେ ଚଳାଯାଉ । ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଉ ଓଡ଼ିଆ ଶିକ୍ଷକ ତଥା ପରିଦର୍ଶକ ଓଡ଼ିଆ ବିଦ୍ୟାଳୟ ପାଇଁ ନିଯୁକ୍ତ ହୁଅନ୍ତୁ । ଖୋରଧାରୁ ସମ୍ବଲପୁରକୁ ରେଲ ରାସ୍ତା ନିଆଯାଉ ଓ ବିଶାଖାପାଟଣା ଏଜେନ୍‌ସି ଓ ଜୟପୁରକୁ ଏକ ସ୍ୱତନ୍ତ୍ର ଜିଲ୍ଲା କରାଯାଉ ବୋଲି ଆଜି ପ୍ରସ୍ତାବ ଗ୍ରହଣ କରାଗଲା ।

ମହାଯୁଦ୍ଧରେ ଆହତମାନଙ୍କୁ ସେବା ଓ ଚିକିତ୍ସା କରିବା ପାଇଁ ଏ ଅଧିବେଶନ ପକ୍ଷରୁ ଡ଼ାକ୍ତର ମଣିରାମ ମୂର୍ତ୍ତି ପଟ୍ଟନାୟକଙ୍କୁ ମାସିକ ତିନିଶତ ଟଙ୍କା ଦରମା ଦେଇ ଯୁଦ୍ଧ

Digitized by srujanika@gmail.com

ଭୂମକୁ ପଠାଯାଇଥିଲା । ପ୍ରାୟ ତିନିବର୍ଷ ପର୍ଯ୍ୟନ୍ତ ତାଙ୍କର ଦରମା ସମ୍ମିଳନୀ ବହନ କରିଥିଲା ।

ଏ ଅଧିବେଶନର ଅଭ୍ୟର୍ଥନା ସମିତିର ସଭାପତି ଥିଲେ ରାଧାକାନ୍ତ ମଠ ମହନ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ, ସମ୍ପାଦକ ଥିଲେ ବାବୁ ନିତ୍ୟାନନ୍ଦ ପଟ୍ଟନାୟକ । ଏ ଅଧିବେଶନ ପାରଳା ରାଜାଙ୍କ ଧନ ଓ ମନ ସାହାଯ୍ୟରେ ସର୍ବାଙ୍ଗସୁନ୍ଦର ହୋଇଥିଲା । ଶ୍ରୀ ବିକ୍ରମଦେବ ବର୍ମା ତା ୨୮-୬-୧୮୬୯ ମସିହାରେ ଗଞ୍ଜାମ ଜିଲାର ଶ୍ରୀକାକୋଲ ତାଲୁକାର ପର୍ବତାଲପେଟା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଗୋଟିଏ ତେଲୁଗୁ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାରମ୍ଭ କଲେ । ଘରେ ଓଡ଼ିଆ, ସଂସ୍କୃତ ଓ ଇଂରାଜି ପଢ଼ିଲେ, ଜୟପୁର ଅଧୀନସ୍ଥ ମାଡ଼ୁଗୁଲା ରାଜାଙ୍କ ପୋଷ୍ୟପୁତ୍ରହେଲେ, କିନ୍ତୁ ଏହା ବିରୁଦ୍ଧରେ କୋର୍ଟ ମତ ଦେବାରୁ 'ପୋଷ୍ୟପୁତ୍ର' ରଦ୍ଦ ହେଲା । ବିକ୍ରମଦେବ ୧୮୮୫ ମସିହାଠାରୁ ୧୯୩୧ ମସିହାଯାଏ ବିଶାଖାପାଟଣାରେ ବାସ କରିଥିଲେ । ସେଠି ଓଡ଼ିଆ ନାଟକ ଲେଖି, ଅଭିନୀତ କରି ଓଡ଼ିଆଙ୍କୁ ଉଦ୍‌ବୁଦ୍ଧ କରିଥିଲେ । ଓଡ଼ିଆ ସମାଜ ଗଢ଼ି ଦେଶମିଶ୍ରଣ ତଥା ସୀମା ଦାବୀ ନେଇ ବହୁ କାର୍ଯ୍ୟ କରିଥିଲେ । ୧୯୩୧ ମସିହା ଜୁନ ମାସ ୫ ତାରିଖରେ ସେ ଜୟପୁର ରାଜଗାଦୀ ପାଇଲେ । ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ବାର୍ଷିକ ଏକ ଲକ୍ଷ ଟଙ୍କା ଦାନ ଦେଲେ । ତାଙ୍କର ସାକ୍ଷ୍ୟ ଓ ସ୍ମାରକପତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ଜୟପୁର ମିଶ୍ରଣରେ ବିଶେଷ ସହାୟକ ହୋଇଥିଲା । ତାଙ୍କର ଲେଖାଗୁଡ଼ିକ ରାଜର୍ଷି "ଶ୍ରୀ ବିକ୍ରମଦେବ ବର୍ମା ରଚନାଳି ନାମରେ ପ୍ରକାଶିତ ହୋଇଅଛି ।

## ଏକାଦଶ ଅଧିବେଶନ

ସମ୍ବଲପୁରଠାରେ ୨୭ ଓ ୨୮-୧୨-୧୯୧୫ ମସିହାରେ ସିଂହଭୂମ ଜିଲା କେରା ରାଜ୍ୟର ରାଜା ଲକ୍ଷ୍ମୀନାରାୟଣ ସିଂହ ଦେଓଙ୍କ ସଭାପତିତ୍ୱରେ ଏକାଦଶ ଅଧିବେଶନ ଅନୁଷ୍ଠିତ ହେଲା । ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ ଓ ଇମ୍ପିରିଏଲ କାଉନ୍‌ସିଲରେ ଓଡ଼ିଆ ପ୍ରତିନିଧି ଗ୍ରହଣ, ସିଂହଭୂମି ଫୁଲଝର ଆଦି ଅଞ୍ଚଳରେ ଓଡ଼ିଆ ଶିକ୍ଷା ଅଦାଲତରେ ଓଡ଼ିଆ ଭାଷା ପ୍ରଚଳନ ପ୍ରସ୍ତାବ ଗୃହୀତ ହେଲା । ପ୍ରଥମ ମହାସମର ଇଂରାଜି ଓ ଜର୍ମାନୀ ମଧ୍ୟରେ ୧୯୧୪ ମସିହାଠାରୁ ୧୯୧୮ ଯାଏ ଲାଗି ରହିଲା, ଓଡ଼ିଆମାନେ ସବୁ କ୍ଷେତ୍ରରେ ସରକାରଙ୍କୁ ସହଯୋଗ କଲେ । ସମସ୍ତଙ୍କ ମନରେ ଆଶା ଯୁଦ୍ଧର ଅବସାନ ପରେ ଭାରତକୁ ସ୍ୱାୟତ୍ତ ଶାସନ ମିଳିବ ଓ ଓଡ଼ିଆଙ୍କ ଦାବୀ ଗୃହୀତ ହେବ । ଖୋର୍ଦ୍ଧା-ସମ୍ବଲପୁର ରେଲ ରାସ୍ତା, ନିର୍ମାଣ, ଇଞ୍ଜିନିୟରିଂ ମନ ଓ ବି ଏଲ୍ ଶ୍ରେଣୀ ସ୍ଥାପନ ଆଦି ଦାବୀ କରାଯାଇଥିଲା ।

ସମ୍ବଲପୁରର ଶ୍ରୀ ବାଲୁକେଶ୍ୱର ମିଶ୍ର ବି. ଏଲ୍. ଅଭ୍ୟର୍ଥନା ସମିତିର ସଭାପତି ହୋଇଥିଲେ ।

Digitized by srujanika@gmail.com

## ବିହାର ଓଡ଼ିଶା ଲାଟମାନଙ୍କ ପ୍ରତିଶ୍ରୁତି

ବିହାର ଓଡ଼ିଶା ଗଠନ ପରେ ଓଡ଼ିଆମାନେ ଅବଶ୍ୟ ଉପକୃତ ହେବେ ବୋଲି ବିହାର ସରକାରଙ୍କ ପ୍ରତିଶ୍ରୁତି ବାରମ୍ବାର ପ୍ରକାଶିତ ହେଲା । ଲାଟ ସାର ଚାର୍ଲସ ବୋଲି Sri Charles Bailey ଓଡ଼ିଶା ଭ୍ରମଣରେ ଆସି କହିଲେ ସବୁବେଳେ ଓଡ଼ିଶା ସରକାରଙ୍କ ଅର୍ଦ୍ଧଦୃଷ୍ଟି ଉପଭୋଗ କରିବ । କିନ୍ତୁ ବାସ୍ତବରେ ଓଡ଼ିଆଙ୍କ ସ୍ୱାର୍ଥ ପ୍ରତି ସରକାର ଅଧାଅଧି ଦୃଷ୍ଟି ଦେବା ଦୂରେ ଥାଉ କାଣିଚାଏ ମଧ୍ୟ ଦୃଷ୍ଟି ଦେଲେ ନାହିଁ ।

## ଦ୍ୱାଦଶ ଅଧିବେଶନ

ତା ୨୯ ଓ ୩୦-୧୨-୧୯୧୬ ମସିହାରେ ମଞ୍ଜୁଷା ରାଜା ଶ୍ରୀନିବାସ ରାଜମଣି ରାଜଦେବଙ୍କ ଅଧ୍ୟକ୍ଷତାରେ ଏ ଅଧିବେଶନ ବାଲେଶ୍ୱରଠାରେ ଅନୁଷ୍ଠିତ ହେଲା । ଏଥିରେ ଲବଣ ଶିଳ୍ପର ପୁନରୁତ୍‌ଥାନ, ଇଞ୍ଜିନୀୟରିଙ୍ଗ ସ୍କୁଲ ସ୍ଥାପନ, ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ, ସିଂହଭୂମିରେ ଓଡ଼ିଆ ଭାଷା ପ୍ରଚାର, ବିଶାଖାପାଟଣାର କରଣମାନଙ୍କୁ ଓଡ଼ିଆ ରୂପେ ଗ୍ରହଣ ଆଦି ମୁଖ୍ୟ ପ୍ରସ୍ତାବ ଗୃହୀତ ହେଲା । ବାବୁ ରାଧାଗୋବିନ୍ଦ ଦାସ ଅଭ୍ୟର୍ଥନା ସମିତିର ସଭାପତି ହୋଇଥିଲେ ।

ଏ ସମ୍ମିଳନୀ ତରଫରୁ ଯେଉଁ ଅଞ୍ଚଳ ସବୁ ଓଡ଼ିଶାରେ ମିଶିବା ଦାବୀ କରା-ଯାଉଛି, ତାହାର ସବୁ ବିଷୟର ପୁଙ୍ଖାନୁପୁଙ୍ଖ ବିଚାର ନିମନ୍ତେ ଗୋଟିଏ କମିଟି ମଧୁବାବୁ କନିକାରାଜା ରାଜେନ୍ଦ୍ରନାରାୟଣ ଭଞ୍ଜଦେବ, ହରିହର ପଣ୍ଡା (ଗଞ୍ଜାମ ଓଡ଼ିଆ ସମାଜ ସମ୍ପାଦକ) , ବ୍ରଜସୁନ୍ଦର ଦାସ, ପଣ୍ଡିତ ଗୋପବନ୍ଧୁ ଦାସ, ରାୟବାହାଦୁର ସୁଦାମଚରଣ ନାୟକ, ଶେରଗଡ଼ ରାଜା ଶୋଭଚନ୍ଦ୍ର ସିଂହଦେବଙ୍କୁ ନେଇ ଗଠିତ ହେଲା । ଏମାନେ ବହୁ ଯୁକ୍ତି ଦେଇ ଗୋଟିଏ ରିପୋର୍ଟ ପ୍ରସ୍ତୁତ କଲେ । ସମଗ୍ର ଓଡ଼ିଆ ଅଞ୍ଚଳକୁ ବିଭିନ୍ନ ପ୍ରଦେଶରୁ ନେଇ ଯଦି ସ୍ୱତନ୍ତ୍ର ପ୍ରଦେଶ ହୋଇ ନ ପାରୁଛି ତେବେ ସେ ସବୁକୁ ବିହାର-ଓଡ଼ିଶାର ଅନ୍ତର୍ଭୁକ୍ତ କରାଯାଇ ଓଡ଼ିଆ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖାଯାଉ । ଯେପରି କି ସେମାନେ ଅତୀତର ଦୁଃଖ ଭୋଗିବେ ନାହିଁ ।

ଏହି ଅଧିବେଶନରେ ମଧ୍ୟପ୍ରଦେଶ ଓଡ଼ିଆ ଅଞ୍ଚଳ ଅଧିବାସୀଙ୍କଠାରୁ ଆସିଥିବା ପତ୍ର ପାଠ କରାଯାଇଥିଲା । ଜୟପୁରକୁ ଏକ ସ୍ୱତନ୍ତ୍ର ଜିଲାରେ ପରିଣତ କରିବା, ଆଦି ପ୍ରସ୍ତାବ ଗୃହୀତ ହେଲା ।

## ସିଂହଭୂମିରେ ଓଡ଼ିଆ ଭାଷା ପାଇଁ ଆନ୍ଦୋଳନ

୧୯୧୬ ମସିହା ଜାନୁୟାରୀ ମାସରେ ପୋଡ଼ାହାଟ ଧଳଭୂମ ଓ ଆନନ୍ଦପୁର ରାଜା ପ୍ରମୁଖ ସିଂହଭୂମିର ବହୁ ବିଶିଷ୍ଟ ବ୍ୟକ୍ତି ବିହାର ଓଡ଼ିଶାର ଗଭର୍ଣ୍ଣରଙ୍କୁ ସ୍ମାରକପତ୍ର

Digitized by srujanika@gmail.com

ଦେଇ ଓଡ଼ିଆ ଭଷାକୁ ସିଂହଭୂମି ଜିଲ୍ଲାର ଶିକ୍ଷାର ମାଧ୍ୟମ ରୂପେ ଗ୍ରହଣ କରିବା ପାଇଁ ଦାବୀ କରିଥିଲେ ।

ଏହା ପୂର୍ବରୁ ତା ୭-୧-୧୯୧୪ରେ ବିହାର ଓଡ଼ିଶା ଗଭର୍ଣ୍ଣର ସାର ଚାର୍ଲସ ଷ୍ଟିଓ୍ୱାଟ ସିଂହଭୂମିର ସ୍କୁଲମାନଙ୍କରେ ଓଡ଼ିଆ ଭଷା ମାଧ୍ୟମରେ ଶିକ୍ଷା ଦେବା ସୁପାରିଶ କରିଥିଲେ । ଏ ସବୁ ସତ୍ତ୍ୱେ ଓଡ଼ିଆ ଭଷା ଚଳିବା ସମ୍ଭବ ହୋଇ ନ ଥିଲା ।

## ତ୍ରୟୋଦଶ ଅଧିବେଶନ

କଟକରେ ତା ୩୦ ଓ ୩୧-୩-୧୯୧୬ ମସିହାରେ ବ୍ୟାସ-କବି ଫକୀରମୋହନ ସେନାପତିଙ୍କ ସଭପତିତ୍ୱରେ ଅନୁଷ୍ଠିତ ହେଲା । ଦେଶ ମିଶ୍ରଣ ଦାବୀ ମୁଖ୍ୟ ସ୍ଥାନ ଅଧିକାର କଲା । ଲବଣ ଶିଳ୍ପର ଉନ୍ନତି, ପୁରୀ ଆଦିର ପ୍ରାଚୀନ ମନ୍ଦିରମାନଙ୍କ ସଂସ୍କାର, ଇମ୍ପିରିଏଲ କାଉନ୍‌ସିଲ ତଥା ଏକଜିକ୍ୟୁଟିଭ କାଉନସିଲରେ ଓଡ଼ିଆ ସଭ୍ୟ ଗ୍ରହଣ ଆଦି ପ୍ରସ୍ତାବ ଗୃହୀତ ହେଲା । ଆଠଗଡ଼ ରଜା ବୟନ ଶିଳ୍ପ ଶିକ୍ଷା ନିମନ୍ତେ ଦଶ ସହସ୍ର ଟଙ୍କା ଦାନର ପ୍ରତିଶ୍ରୁତି ଦେଇଥିଲେ । ଭୁବନେଶ୍ୱର ମନ୍ଦିର ମରାମତି ପାଇଁ ଦୁଇ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଅଟକଳ କରାଗଲା । କନିକା ରଜା ରାଜେନ୍ଦ୍ରନାରାୟଣ ଅଭ୍ୟର୍ଥନା ସମିତିର ସଭପତି ଥିଲେ ।

ଫକୀରମୋହନ ୧୮୪୩ ମସିହାରେ ବାଲେଶ୍ୱର ମଲ୍ଲିକାଶପୁରରେ ଜନ୍ମ ହୋଇଥିଲେ । ମାଇନରଯାଏ ପଢ଼ି ନିଜ ଅଧ୍ୟବସାୟ ବଳରେ ଓଡ଼ିଆ ସଂସ୍କୃତ ଓ ଇଂରାଜିରେ ଦକ୍ଷତା ଲାଭ କଲେ । କିଛି ଦିନ କଚେରି କାମ ପରେ ଶିକ୍ଷକ କାମ ତାପରେ ନୀଳଗିରି ଡ଼ମପଡ଼ା, ଢ଼େଙ୍କାନାଳ, ଦଶପଲ୍ଲା ପାଲଲହଡ଼ା, କେଉଁଝରରେ ଉଚ୍ଚପଦସ୍ଥ ରାଜକର୍ମରେ ନିଯୁକ୍ତ ହୋଇଥିଲେ । ସେ ଭରତବର୍ଷର ଇତିହାସ, ରମାୟଣ ତଥା ମହାଭରତର ଉତ୍କଳ ପଦ୍ୟାନୁବାଦ, ଉତ୍କଳ ଭ୍ରମଣ, ମାମୁ, ଲଛମା, ଛମାଣ ଆଠଗୁଣ୍ଠ ଗଳ୍ପସ୍ୱଳ୍ପ ବୌଦ୍ଧାବତାର, ଅବସର ବାସରେ ଆଦି ତିରିଶ ଖଣ୍ଡରୁ ଅଧିକ ବହି ଲେଖି 'ବ୍ୟାସକବି' ରୂପେ ପରିଚିତ ହେଲେ । ଓଡ଼ିଶାର ଦୁର୍ଦ୍ଦଶାରେ ତାଙ୍କ ପ୍ରାଣ କିପରି ବ୍ୟଥିତ ହେଉଥିଲା ତାହା ନିମ୍ନୋକ୍ତ ପଂକ୍ତିମାନଙ୍କରୁ ଅବଧାରଣା କରିହୁଏ । × × ×

''ମାତ୍ର ଆହା ଏହି ଦେଶ ହୋଇ ଖଣ୍ଡ ଖଣ୍ଡ, ସକଳ ସୌନ୍ଦର୍ଯ୍ୟ ହୋଇ ଅଛି ଲଣ୍ଡ-ଭଣ୍ଡ''
ଦକ୍ଷିଣଟା କମାମାନେ ବସିଛନ୍ତି ମାଡ଼ି, ଉତ୍ତରଟା ହେଲାଣିତ ବଙ୍ଗାଳୀଙ୍କ ବାଡ଼ି ।।
ପଶ୍ଚିମ ଦିଗର କଥା ବୋଇଲେ ନ ସରେ, ପଡ଼ିଲାଣି ମରହଟ୍ଟା ପଶ୍ଚିମାଭଗରେ ।।

× × × ×

ବାକି ତିନି ଗୋଟା ଜିଲ୍ଲା ଓଡ଼ିଆ ଗୌରବ, ତହିଁ ମଧ୍ୟୁ ସବୁ ସରି ଯାଇଛି ବିଭବ ।।
ମାରୁଆଡ଼ି କାପୋଡ଼ିଆ ଭେଜ ପୁରୀ ମୁଦି, ବାଣିଜ୍ୟ ବେପାର ଦ୍ୱାର ରଖିଛନ୍ତି ମୁଦି ।।

Digitized by srujanika@gmail.com

ଓଡ଼ିଆ କାଟିବେ ଧାନ ଚଷି ଚଷି ମାଟି, ମାଡ଼କ ଖାଇବେ ରସ ତହୁଁ ଗୁଜରଟି ।
ହାକିମ ଓକିଲ ସବୁ ଅଟନ୍ତି ବିଦେଶୀ ଡ଼ାକଘର କିରଣୀଟି ନୁହେ ମଧ୍ୟ ଦେଶୀ ।।
"ଉତ୍କଳ ଭ୍ରମଣଂ"

ଓଡ଼ିଆ ଭାଷା ରକ୍ଷା ନିମନ୍ତେ ଫକୀରମୋହନ ଯାହା କରିଛନ୍ତି, ତାହା କଦାପି ପାଶୋର ଯିବ ନାହିଁ ।

## ଓଡ଼ିଆ ନେତାମାନେ 'ମଣ୍ଟେଗୁ'ଙ୍କୁ ଦାବାପତ୍ର ଦେଲେ

ସମ୍ମିଳନୀର ଦ୍ୱାଦଶ ଅଧିବେଶନରେ ନିଯୁକ୍ତ ହୋଇଥିବା କମିଟି ତାଙ୍କ ରିପୋର୍ଟ ନେଇ ଭାରତର ଷ୍ଟେଟ ସେକ୍ରେଟରୀ ମଣ୍ଟେଗୁ (Mr. Montague) ଙ୍କୁ କଲିକତା-ଠାରେ ତା ୧୧-୧୨-୧୯୧୭ରେ ଦେଲେ । ଓଡ଼ିଆଙ୍କ ପ୍ରତିନିଧିଭାବେ ମଧୁବାବୁ ଓ କନିକାରାଜା ସ୍ମାରକପତ୍ର ମଣ୍ଟେଗୁ ଓ ଲର୍ଡ ଚେମସଫୋର୍ଡ (Lord Chelmsford)ଙ୍କୁ ଦେଲେ ।

ଏହି ଦାବୀର ସମର୍ଥନରେ କଲିକତାଠାରେ ଯେଉଁ ବିରାଟ ସଭା ହୋଇଥିଲା ତାହା ଅଦ୍ୱିତୀୟ ବୋଲି ଅମୃତବଜାର ପତ୍ରିକା ଲେଖିଥିଲେ । କଟକ, ପୁରୀ ଓ ବ୍ରହ୍ମପୁରରେ ମଧ୍ୟ ବିରାଟ ସଭାମାନ କରଯାଇ ଓଡ଼ିଆଙ୍କ ଦାବୀକୁ ଦୃଢ଼ ସମର୍ଥନ କରାଗଲା ।

ସମ୍ମିଳନୀ ତରଫରୁ ଦି ଓରିଆ (The Oriya) ନାମକ ସାପ୍ତାହିକ ଇଂରାଜି ଖବରକାଗଜ ପ୍ରକାଶ କରଯାଇ ଦେଶମିଶ୍ରଣ କାର୍ଯ୍ୟକୁ ଦୃଢ଼ ସମର୍ଥନ କରାଗଲା ।

## ମଣ୍ଟେଗୁ ରିପୋର୍ଟରେ ଓଡ଼ିଆ କାରଣ ହେଲେ

ଏ ମଧ୍ୟରେ ମଣ୍ଟେଗୁ ରିପୋର୍ଟ ପ୍ରକାଶ ପାଇଲା । ଏଥିରେ ଲେଖାଗଲା ଯେ ଓଡ଼ିଶା ଓ ବିହାରର ସବୁ ଘଟଣା ପ୍ରତି ଦୃଷ୍ଟି ରଖି ଆମେ ଏମାନଙ୍କ ପାଇଁ ସବ୍-ପ୍ରଭିନ୍ସ ଗଢ଼ିବା ସମ୍ଭାବନାକୁ ବାଦ୍ ନ ଦେଇ ଶୀଘ୍ର ଏ ବିଷୟ ବିଚାର କରିବା ଉଚିତ ବୋଲି ଭାବୁଛୁ । ୩୩ ।

ଏହି ରିପୋର୍ଟରେ ସ୍ଥାନ ପାଇଥିବା ଶାସନ ସଂସ୍କାର ବ୍ୟବସ୍ଥାର ଆଲୋଚନା ନିମନ୍ତେ ତା ୧୩-୯-୧୯୧୮ରେ ବିହାର-ଓଡ଼ିଶା ବ୍ୟବସ୍ଥା ସଭାର ସଦସ୍ୟମାନଙ୍କର ଗୋଟିଏ ସଭା ସାର ଆଲି ଇମାମଙ୍କ ସଭାପତିତ୍ୱରେ ବସିଲା । ଓଡ଼ିଶାର ସଭ୍ୟମାନେ ଯେତେବେଳେ

---

33. In Orissa and Berar at all events, it Seems to us that the Possibility of instructing Sub-Provinces not to be excluded from Consideration at a very early date ( Moutague report.

Digitized by srujanika@gmail.com

ରିପୋର୍ଟର ୨୪୬ ଧାରରେ ଉଲ୍ଲେଖ ଥିବା ସବ୍-ପ୍ରଭିନ୍ସ କଥା ଉଠାଇଲେ ସେତେବେଳେ ସଭାପତି ଏହାର ବିଚାର ଅନାବଶ୍ୟକ ବୋଲି କହିଲେ ।

## ସ୍ୱତନ୍ତ୍ର ଅଧିବେଶନ

ମଣ୍ଟେଗୁ ରିପୋର୍ଟର ପ୍ରତିବାଦ କରିବା ନିମନ୍ତେ ତା ୨୧ ଓ ୨୨-୯-୧୯୧୮ ମସିହାରେ କଟକଠାରେ ମଧୁବାବୁଙ୍କ ସଭାପତିତ୍ୱରେ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ ବସିଲା । ଏଥିରେ ଭାଷାସୂତ୍ରରେ ପ୍ରଦେଶ ଗଠନ ସୂଚନା ନିମନ୍ତେ ସରକାରଙ୍କୁ ଧନ୍ୟବାଦ ଦେବା ସଙ୍ଗେ, ଓଡ଼ିଆଙ୍କ ଦାବୀର ସୁବିଚାର କରାଯିବା ପାଇଁ ଅନୁରୋଧ କରାଗଲା । ଓଡ଼ିଆଙ୍କ ପାଇଁ ସବ୍-ପ୍ରଭିନ୍ସ ଦେବାରେ ବିଶେଷ କିଛି ଲାଭ ନ ଥିବା ଦର୍ଶାଇ ସ୍ୱତନ୍ତ୍ର ପ୍ରଦେଶ ବିନା ଓଡ଼ିଆମାନେ ସନ୍ତୁଷ୍ଟ ହୋଇ ପାରିବେ ନାହିଁ ତେଣୁ ସଂସ୍କାର ପ୍ରବର୍ତ୍ତନ ଆଗରୁ ଓଡ଼ିଆଙ୍କ ଦାବୀ ଗୃହୀତ ହେବା ଉଚିତ ବୋଲି ଦର୍ଶାଗଲା ।

ବିହାର-ଓଡ଼ିଶା କାଉନ୍‌ସିଲର ତା ୨୮-୧୧-୧୯୧୮ ବୈଠକରେ ସଭ୍ୟ ମଧୁବାବୁ ପ୍ରଶ୍ନ କଲେ ଯେ ସରକାର ଦି. ଓରିଆ ପତ୍ରିକାରେ ତା ୨-୧୦-୧୯୧୮ରେ ପ୍ରକାଶିତ ମଣ୍ଟେଗୁ ରିପୋର୍ଟର ୨୪୬ ଦଫାରେ-ଓଡ଼ିଶା ସବ୍‌ପ୍ରଭିନ୍ସ ଉପରେ ମନ୍ତବ୍ୟ ପ୍ରତି ଦୃଷ୍ଟି ଦେଇଛନ୍ତି କି ? ସବ୍ ପ୍ରଭିନ୍ସ ଗଢ଼ାଯିବା ପାଇଁ ସରକାର ଭାବୁଛନ୍ତି କି ? ସରକାର ଉତ୍ତର ଦେଲେ ଯେ ସରକାର ପତ୍ରିକାର ମନ୍ତବ୍ୟ ଦେଖିଛନ୍ତି । ସେ ସମ୍ପର୍କରେ କଅଣ କରାଯାଇ ପାରେ ବିଚାର କରୁଛନ୍ତି ।

ତା ୭-୩-୧୯୧୯ରେ କନିକା ରାଜା ଇମ୍ପିରିୟାଲ କାଉନ୍‌ସିଲରେ ଭାରତ ସରକାରଙ୍କୁ ଏ ବିଷୟ ନେଇ ପ୍ରଶ୍ନ କଲେ । ସରକାର ଉତ୍ତର ଦେଲେ ଯେ ମଣ୍ଟେଗୁ ସଂସ୍କାର ପ୍ରବର୍ତ୍ତନ ପରେ ପ୍ରାଦେଶିକ ସରକାର ଏହାର ବିଚାର କରିବେ । ତା ପୂର୍ବରୁ କିଛି ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ଚତୁର୍ଦ୍ଦଶ ଅଧିବେଶନ

ତା ୧୯ ଓ ୨୦-୪-୧୯୧୯ ମସିହାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସଭାପତିତ୍ୱରେ କଟକରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଗୋପବନ୍ଧୁ ନିଜର ସ୍ୱଭାବ ସୁଲଭ ହୃଦ୍ୟ ଭାଷାରେ କହିଲେ ମନେ ରଖିବାକୁ ହେବ ଯେ, ଓଡ଼ିଆଭାଷା ଉପରେ ଆମ୍ଭମାନଙ୍କର ଜାତୀୟ-ସତ୍ତା ନିର୍ଭର କରେ । ଭାଷା ଲୋପ ପାଇଲେ ଓଡ଼ିଆ ଜାତି ଲୋପ ପାଇବ । ସୁତରାଂ ଭାଷା ଆମମାନଙ୍କ ପକ୍ଷେ ଜୀବନମରଣ ସମସ୍ୟା । ଅବଶ୍ୟ ଭାରତରେ ସମସ୍ତଙ୍କର ଏକ ସାଧାରଣ ଭାଷା ହୋଇ ପାରିଲେ ପରମ ସୌଭାଗ୍ୟର ବିଷୟ ହୁଅନ୍ତା । ସେଥିଲାଗି ଓଡ଼ିଆଭାଷାକୁ ତ୍ୟାଗ କରିବା ନିମନ୍ତେ ମୁଁ କୁଣ୍ଠିତ ନୁହେ । ଭାରତରେ ଏକ ଭାଷା ନିମନ୍ତେ

Digitized by srujanika@gmail.com

ଯେ କୌଣସି ସ୍ୱାର୍ଥ ତ୍ୟାଗ ବ୍ୟକ୍ତିବିଶେଷ ବା ପ୍ରଦେଶ ବିଶେଷପକ୍ଷେ କଦାପି ଅତ୍ୟଧିକ ହୋଇ ନ ପାରେ । ଭରତର ସମୂହ କଲ୍ୟାଣରେ ପ୍ରାଦେଶିକ ସ୍ୱାର୍ଥକୁ ବଳି ଦେବା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ । ମାତ୍ର ଯେତେ ଦିନ ଯାଏ ଭରତରେ ଏକ ସାଧାରଣ ଭଷାର ସମ୍ଭବ ହୋଇ ନାହିଁ ଭରତରେ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ବିଦ୍ୟମାନ ରହିଅଛି, ସେତେ ଦିନ ଯାଏ ଓଡ଼ିଆ ଅକାରଣ ତାହାର ସ୍ୱାତନ୍ତ୍ର୍ୟ ହରଇବାକୁ ପ୍ରସ୍ତୁତ ନୁହେ । ସିଂହଭୂମିରେ ଓଡ଼ିଆ ଶିକ୍ଷା ପ୍ରଚଳନ ନିମନ୍ତେ ଆମେମାନେ ଓଡ଼ିଆ ଶିକ୍ଷାପାଣ୍ଠି ଖୋଲିଅଛୁ । ବର୍ତ୍ତମାନ ମୁଁ ଭବି ଦେଖୁଛି, କେବଳ ସିଂହଭୂମି ଲଗି ନୁହେଁ, ଓଡ଼ିଶାର ବାହାରେ ଯେ ସମସ୍ତ ଓଡ଼ିଆ ଅଞ୍ଚଳରେ ଓଡ଼ିଆମାନେ ନିଜର ମାତୃଭଷା ବ୍ୟବହାରରୁ ବଞ୍ଚିତ ହୋଇଛନ୍ତି, ସେ ସମସ୍ତ ଅଞ୍ଚଳରେ ଓଡ଼ିଆ ଭଷାର୍ ଶିକ୍ଷା ଏବଂ ବ୍ୟବହାର ଯେପରି କ୍ରମେ ବଢ଼ିବ, ଓଡ଼ିଆର ନ୍ୟାଯ୍ୟ ଅଧିକାର ଓଡ଼ିଆ ଯେପରି ପାଇବ, ତାହାର ବିହିତ ପ୍ରତିକାର କରିବା ଦରକାର ।"

× × × ×

"ଓଡ଼ିଆ ଜାତି କିଏ ? ପୃଥିବୀରେ ସ୍ଥାନ ଅନୁସାରେ ଜାତିର ନାମକରଣ ହୋଇଥିବା ପ୍ରାୟ ସର୍ବତ୍ର ଦେଖାଯାଏ । ଏକ ସ୍ଥାନରେ ବାସ କରୁଥିବା ଲେକମାନଙ୍କ ମଧ୍ୟରେ ସ୍ୱତଃ ମାୟା ମମତା ଜନ୍ମେ । ସେମାନଙ୍କର ଆଶା, ଅଭିପ୍ରାୟ, ଭଗ୍ୟ ଓ ଭବିଷ୍ୟତ ଏକ ଶ୍ରେୟ-ସ୍ୱାର୍ଥରେ ଆବଦ୍ଧ । ସେମାନଙ୍କର କର୍ମଭୂମି ଏକ ଏବଂ ଅଭିନ୍ନ । ସେହି ଭୂମି ସେମାନଙ୍କ ପକ୍ଷରେ ପବିତ୍ର ଏବଂ ପ୍ରେମମୟ କ୍ଷେତ୍ର । ଏହା ସେମାନଙ୍କର ଜନ୍ମଭୂମି । ସେମାନଙ୍କ ଦୃଷ୍ଟିରେ 'ସ୍ୱର୍ଗାଦପି ଗରୀୟସି' । ସୁତରାଂ ଯେଉଁମାନେ ଏପରି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରନ୍ତି, ସେମାନେ ଏକ ଜାତି ଏବଂ ସେହି ଭୂଖଣ୍ଡ ନାମାନୁସାରେ ନାମିତ ହୁଅନ୍ତି । ଏହି ପ୍ରାକୃତିକ ବିଧାନରେ ଯେଉଁମାନେ ଉତ୍କଳ ବା ଓଡ଼ିଶାରେ ସମାନ ଆଶା ଓ ଆକାଂକ୍ଷା ଧରି ଜନ୍ମ-ମରଣରେ, ସମାନ ଶ୍ରେୟ-ସ୍ୱାର୍ଥରେ ବିଜଡ଼ିତ, ସେମାନେ ସମସ୍ତେ ଓଡ଼ିଆ ଜାତି ।

"କେହି କେହି ପୁଣି ଉତ୍କଳ ଓ ଓଡ଼ିଶା ମଧ୍ୟରେ ପାର୍ଥକ୍ୟ ଦେଖନ୍ତି । ଯଥାର୍ଥରେ ଏ ଉଭୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ କିମ୍ବା ରହିବା ଉଚିତ ନୁହେଁ । ବଙ୍ଗଳାର ହୁଅନ୍ତୁ ବା ପଞ୍ଜାବର ହୁଅନ୍ତୁ, ମାରବାରର ହୁଅନ୍ତୁ ବା ମାନ୍ଦ୍ରାଜର ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ ବା ମୁସଲମାନ ହୁଅନ୍ତୁ, ଆର୍ଯ୍ୟ ହୁଅନ୍ତୁ ବା ଆଦିମ ଅଧିବାସୀ ହୁଅନ୍ତୁ, ଯେ ଉତ୍କଳ ବା ଓଡ଼ିଶା ସଙ୍ଗେ ଆପଣାର ସମସ୍ତ ସ୍ୱତ୍ୱ ଓ ସ୍ୱାର୍ଥ ମିଳାଇ ଦେଇଛନ୍ତି, ଓଡ଼ିଶା ତାଙ୍କର ଏବଂ ସେ ଓଡ଼ିଶାର । ଆଜିକାଲି ସମୟରେ ଏକ ସ୍ଥାନରେ ଯେ କେବଳ ଏକ ପ୍ରକାର ଲେକ ରହିବେ, ତାହା ଅସମ୍ଭବ । ପୃଥିବୀରେ ଏପରି ପ୍ରାୟ ସ୍ଥାନ ନାହିଁ, ଯେଉଁଠାରେ ଭିନ୍ନ ଭିନ୍ନ ଜାତି ବା ସମାଜର ଲେକ ଏକତ୍ର ବାସ କରୁନାହାନ୍ତି । ମାତ୍ର ସେମାନଙ୍କର ସ୍ୱାର୍ଥର କେନ୍ଦ୍ର ଏକ । ତେଣୁ କାଳକ୍ରମେ ଏକୀଭୂତ ହେବା ସେମାନଙ୍କ ପକ୍ଷେ ସ୍ୱାଭବିକ ଏବଂ ଶ୍ରେୟସ୍କର । ଆମେରିକାର ଇଉନାଇଟେଡ଼ ଷ୍ଟେଟସ୍ ଏହି ଜାତୀୟତା ଗଠନ ବିଷୟରେ ଉଦାହରଣର ସ୍ଥଳ ।

Digitized by srujanika@gmail.com

''ଭଗବାନ ଏକ ଏକ ଜାତି ନିମନ୍ତେ ସ୍ୱତନ୍ତ୍ର ଏକ ଏକ ଦେଶ ନିରୂପଣ କରିଥିଲା ପରି ଜଣାଯାଏ; ମାତ୍ର ଏକ ଦେଶ ବା ପ୍ରଦେଶର ଜାତିବିଶେଷ କାଳକ୍ରମେ ଅନ୍ୟ ଜାତିର ସଂଶ୍ରବରେ ଆସିଲେ, ସେହି ଦେଶର ଆଶା, ଭାଷା, ଶିକ୍ଷା, ସଭ୍ୟତାରେ ପରିବର୍ତ୍ତନ ଘଟିବା ସ୍ୱାଭାବିକ । ଏହି ନବ ପରିବର୍ତ୍ତିତ ସଭ୍ୟତା ସେ ଦେଶର ତଥା ସେ ଦେଶର ନୂତନ ଏବଂ ପୁରାତନ ଅଧିବାସୀଙ୍କର ସଭ୍ୟତା ହୁଏ ।

''ପ୍ରାକୃତିକ ଅବସ୍ଥାନ ଦ୍ୱାରା ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ । ଆଜିକାଲିର ରାଜନୈତିକ ଓଡ଼ିଶା ନୁହେଁ, ସ୍ୱାଧୀନ ଓଡ଼ିଶା ଯେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା—ଗଙ୍ଗାନଦୀଠାରୁ ଗୋଦାବରୀ ପର୍ଯ୍ୟନ୍ତ, ମହୋଦଧିଠାରୁ ମଧ୍ୟପ୍ରଦେଶର ପର୍ବତ ଶ୍ରେଣୀ ପର୍ଯ୍ୟନ୍ତ, ସେହି ବିଶାଳ ରାଜ୍ୟ ଯେ ଏକ ସ୍ୱତନ୍ତ୍ର ପ୍ରାକୃତିକ ଭୂଖଣ୍ଡ, ଏହା ଦେଖିବାମାତ୍ରେ ଯେ କେହି ସ୍ୱୀକାର କରିବାକୁ କୁଣ୍ଠିତ ହେବେ ନାହିଁ । ଓଡ଼ିଆମାନେ ଏଠାରେ ବାସ କରି ନିଜର ଏକ ସ୍ୱତନ୍ତ୍ର ସଭ୍ୟତା ଗଠନ କରିଥିଲେ । କାଳକ୍ରମେ ଅନ୍ୟାନ୍ୟ ଧର୍ମ ଓ ଜାତିର ଲୋକେ ସ୍ଥାନାନ୍ତରରୁ ଆସି ସେମାନଙ୍କ ସଙ୍ଗରେ ଏକତ୍ର ବାସ କରିଛନ୍ତି । ଏହି ବିଭିନ୍ନ ଶ୍ରେଣୀର ସମ୍ମେଳନରେ ଆଜ ଓଡ଼ିଆ ସଭ୍ୟତା ପ୍ରଭାବିତ ହୋଇଅଛି, ଏହା ବୋଲିବା ବାହୁଲ୍ୟ ।

''ଭାଇ ଉତ୍କଳବାସୀ, ତୁମେ ବଙ୍ଗାଳୀ, ଓଡ଼ିଆ, ତେଲେଙ୍ଗା, ହିନ୍ଦୁସ୍ଥାନୀ, କୋହ୍ଲ, ହିନ୍ଦୁ, ଖ୍ରୀଷ୍ଟାନ, ମୁସଲମାନ ଯେ ହୁଅ, ଉତ୍କଳଭୂମି ତୁମକୁ ଆପଣା ଶରୀରରେ ବହି ତୁମର କେତେ ଅଳିଅର୍ଦ୍ଦଳି ସହୁଛି । ତୁମର ହେଉ ବା ତୁମର ଶିଶୁ ସନ୍ତାନମାନଙ୍କର ହେଉ ଏହା ଶୈଶବର ଲୀଳାଭୂମି, ଯୌବନର କର୍ମକ୍ଷେତ୍ର, ବାର୍ଦ୍ଧକ୍ୟର ବିଶ୍ରାମ ସ୍ଥାନ ଏବଂ ଅନ୍ତିମକାଳର ଆଶ୍ରୟ । ଏ ଦେଶକୁ ଏପରି ଭାବରେ ଯେବେ ଗ୍ରହଣ କରିଥାଅ, ଦେଶାନୁରାଗର ପବିତ୍ର ସୂତ୍ରରେ ଏ ଦେଶର ଅନ୍ୟାନ୍ୟମାନଙ୍କ ସଙ୍ଗେ ଯଦି ଭାଗ୍ୟ ଆବଦ୍ଧ କରିଥାଅ ଏବଂ ଏ ଦେଶର ଜାତୀୟ ଭାଷା, ଶିକ୍ଷା ଓ ସଭ୍ୟତାରେ ଆତ୍ମସମର୍ପଣ କରିଥାଅ, ତେବେ ଏ ଦେଶ ଅନୁସାରେ ତୁମର ଜାତି, ଏ ଦେଶର ଇତିହାସ ଓ ସଭ୍ୟତା ତୁମର । କାରଣ ଏଦେଶର ଅତୀତ ଇତିହାସର ଫଳ ଏବେ ତୁମେ ଭୋଗ କରୁଅଛ ଏବଂ ଏହାର ବର୍ତ୍ତମାନ ଓ ଭବିଷ୍ୟତ ଗଠନରେ ତୁମେ ଯୋଗ ଦେଉଅଛ । ସୁତରାଂ ତୁମେ ଓଡ଼ିଆ, ତୁମେ ଉତ୍କଳୀ ।

''ଭାରତରେ ଜାତୀୟତା ଗଠନର ନାନା ଅନ୍ତରାୟ ରହିଅଛି । ନାନା ଭାଷା, ନାନା ଧର୍ମ, ନାନାବିଧ ଆଚାର ବ୍ୟବହାର ଯୋଗୁଁ ଭାରତୀୟମାନଙ୍କ ମଧ୍ୟରେ ଏତେ ପାର୍ଥକ୍ୟ ରହିଅଛି ଯେ, ଭାରତ ଜାତୀୟତା ଏକାବେଳକେ କେହି କେହି ଅସମ୍ଭବ ମନେକରନ୍ତି । ସେଥିରେ ପୁଣି କୌଣସି ପ୍ରଦେଶ ବା ଅଞ୍ଚଳରେ ସେହି ପ୍ରକାର ଭେଦ ଘଟିଲେ ଭାରତ ଜାତୀୟ ସମସ୍ୟା ଅଧିକ ଦୁଃସାଧ୍ୟ ଏବଂ ଜଟିଳ ହେବ । ଏକ ପ୍ରଦେଶରେ ବାସ କରି ସମସ୍ତ ଶ୍ରେୟ-ସ୍ୱାର୍ଥ, ମାୟା ମମତା ତହିଁ ସଙ୍ଗେ ମିଶାଇ ନ ଦେଇ ଯେଉଁମାନେ ସ୍ୱତନ୍ତ୍ର ସ୍ୱାର୍ଥ ଏବଂ ସ୍ୱତ୍ୱ ଦାବୀ କରନ୍ତି, ସେମାନେ ସେ ପ୍ରଦେଶର ଉନ୍ନତି ପଥରେ କଣ୍ଟକ ।

Digitized by srujanika@gmail.com

ନିଜର ଆପାତ ସ୍ୱାର୍ଥ ଲାଗି ଅନ୍ୟ ଜାତିର ଉନ୍ନତିରେ ଅନ୍ତରାୟ ଏବଂ ଏକ ପ୍ରଦେଶ ମଧ୍ୟରେ ସ୍ୱାର୍ଥର ଅନୈକ୍ୟ ଘଟାଇବାଦ୍ୱାରା ଭାରତର ସମୂହ କଲ୍ୟାଣର ଶତ୍ରୁ; ସୁତରାଂ ପରିଣାମରେ ଆତ୍ମଘାତୀ । ଅତଏବ ପ୍ରାକୃତିକ ଓଡ଼ିଶାରେ ଯେଉଁ ବିଭିନ୍ନ ସମ୍ପ୍ରଦାୟର ଲୋକେ ବାସ କରି ଏହାକୁ ନିଜ ଦେଶ ବୋଲି ଗ୍ରହଣ କରିଛନ୍ତି, ସେ ସମସ୍ତଙ୍କର ସମ୍ମେଳନରେ ଯେଉଁ ଓଡ଼ିଆ ଜାତି ସଙ୍ଗଠିତ, ତାହାର ଜାତୀୟତାର ବିକାଶ ସମ୍ମିଳନୀର ଉଦ୍ଦେଶ୍ୟ ।

''ପ୍ରାକୃତିକ ଓଡ଼ିଶା ସମ୍ମିଳନୀର କାର୍ଯ୍ୟକ୍ଷେତ୍ର ବୋଲି ମୂଳରୁ ନିରୂପିତ ହୋଇଅଛି । ମାତ୍ର ଆମମାନଙ୍କର ଆକାଂକ୍ଷା ସେହିଠାରେ ସୀମାବଦ୍ଧ ହୋଇ ରହିବା ଉଚିତ ନୁହେ । ସଂକୀର୍ଣ୍ଣ ସୀମା ମଧ୍ୟରେ ପ୍ରକୃତ ଜାତୀୟତାର ପୂର୍ଣ୍ଣ ବିକାଶ ଅସମ୍ଭବ । ଯେ ଯେଉଁ ଜାତିର ହୁଅନ୍ତୁ, ସେ ସର୍ବପ୍ରଥମେ ମନୁଷ୍ୟ, ଈଶ୍ୱରଙ୍କର ସନ୍ତାନ । ଏହି ସମତା ଏବଂ ଭ୍ରାତୃଭାବ ପ୍ରତ୍ୟେକ ଜାତିର ଧର୍ମଶାସ୍ତ୍ରରେ ପ୍ରତିପାଦିତ ହୋଇଅଛି ଏବଂ ଏହା ହିଁ ଜାତୀୟ ଜୀବନର ମୂଳମନ୍ତ୍ର ହେବା ଉଚିତ । ମାନବସମାଜ କ୍ରମେ ବଢ଼ିବାକୁ ଲାଗିଲା । ଭିନ୍ନ ଭିନ୍ନ ଭୂଖଣ୍ଡରେ ବିଭିନ୍ନ ଦଳର ମନୁଷ୍ୟ ବାସ କରି ସେଠାରେ ସେମାନେ କେତେଗୁଡ଼ିଏ ସ୍ୱାତନ୍ତ୍ର୍ୟ ଲାଭ କଲେ । ଏହି ସ୍ୱାତନ୍ତ୍ର୍ୟ ସେମାନଙ୍କର ଜାତୀୟ ଚରିତ୍ର । ଏହି ଜାତୀୟ ଚରିତ୍ର ଛଡ଼ା ପୁଣି ବ୍ୟକ୍ତିବିଶେଷର କେତେଗୁଡ଼ିଏ ସ୍ୱତନ୍ତ୍ର ପ୍ରବୃତ୍ତି, ଅଭ୍ୟାସ, ଇଚ୍ଛା, ଅନୁରାଗ, ଅଭିପ୍ରାୟ ରହିବା ସ୍ୱାଭାବିକ । ଆମ୍ଭେମାନେ ବ୍ୟକ୍ତିଗତ ଭାବରେ ବା ଜାତିଗତ ଭାବରେ ଯାହା କରୁଁ, ତାହା ମାନବଧର୍ମର ଅନୁକୂଳ ନ ହେଲେ, ଉଦାର ମାନବଭାବର ପରିପୋଷକ ନ ହେଲେ ଆମ୍ଭମାନଙ୍କର ଅକର୍ତ୍ତବ୍ୟ । ମାନବ-ଆତ୍ମାର କ୍ରମେ ବିକାଶ ହେଉଅଛି, ମାନବ-ସମାଜ କ୍ରମେ ବିଧାତାଙ୍କର ସୃଷ୍ଟି ନିୟମର ନୂତନ ବାଟ ଫିଟାଉଅଛି, ମାନବଜୀବନରେ କ୍ରମେ ଭଗବାନଙ୍କର ଇଚ୍ଛା ଅଧିକରୁ ଅଧିକତର ଭାବରେ ପରିସ୍ଫୁଟ ହେଉଅଛି । ମାନବ ଜାତିର ଏହି କ୍ରମ ଉନ୍ନତି ଓ ମାନବ ଧର୍ମର ଏହି ଅଭ୍ୟୁଦୟ ଫଳରେ ପ୍ରତ୍ୟେକ ଜାତିର ଉନ୍ନତି । ସୁତରାଂ ଉଦାର ମାନବିକତା ପ୍ରତ୍ୟେକ ଜାତୀୟ ଅନୁଷ୍ଠାନର ଲକ୍ଷ୍ୟ ହେବା ଉଚିତ । ଅନେକ କ୍ଷୁଦ୍ର ଜଳପ୍ରବାହର ମିଳନରେ ନଦୀର ଉତ୍ପତ୍ତି; ପୁଣି ଏହିପରି ଅନେକ-ଗୁଡ଼ିଏ ନଦୀ ମିଶି 'ମହାନଦୀ'ରେ ପରିଣତ ଏବଂ ପରିଶେଷରେ ସମସ୍ତ ମହାନଦୀର ପ୍ରବେଶ ମହାସମୁଦ୍ରରେ । ଆମମାନଙ୍କର ବ୍ୟକ୍ତିଗତ ଏବଂ ଜାତିଗତ ଆତ୍ମାର ପୂର୍ଣ୍ଣ ପରିଣତି ମାନବ-ଆତ୍ମାର ମିଳନରେ । ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟ ଏପରି ହେବା ଉଚିତ ଯେ, ସମସ୍ତ ବ୍ୟକ୍ତିଗତ କ୍ରିୟାର ସମଷ୍ଟିରେ ସମୂହ ଜାତିର କଲ୍ୟାଣ ସାଧିତ ହେବ; ପୁଣି ଭିନ୍ନ ଭିନ୍ନ ଜାତିର କାର୍ଯ୍ୟ ଏବଂ ଗତି ପରିଣାମରେ ସମଗ୍ର ମାନବଜାତିର କଲ୍ୟାଣରେ ସହାୟ ହେବ । ଏହି ଲକ୍ଷ୍ୟରେ ଜାତୀୟ ଆକାଂକ୍ଷା ପରିଚାଳିତ ଏବଂ ନିୟନ୍ତ୍ରିତ ନ ହେଲେ ଜାତୀୟ ଉନ୍ନତି ଏବଂ ପୂର୍ଣ୍ଣତା ଦିଗରେ ଜାତିର ଗତି ଅସମ୍ଭବ ।

''ସାର୍ବଜନୀନ ମାନବସମାଜ ଭଗବାନଙ୍କର ଅଭିବ୍ୟକ୍ତି । ମାନବସେବା ହିଁ ଭଗବତ୍ ସେବା; ମାତ୍ର ବ୍ୟକ୍ତିବିଶେଷର ଶକ୍ତି କ୍ଷୀଣ, ବାହୁ କ୍ଷୁଦ୍ର, ଦୃଷ୍ଟି ସଂକୀର୍ଣ୍ଣ, ଗତି

Digitized by srujanika@gmail.com

ସୀମାବଦ୍ଧ । ସୁତରାଂ ବିଶ୍ୱଜନୀନ ସମଗ୍ର ମାନବ ସମାଜର ସେବା ତା ପକ୍ଷରେ ଅସମ୍ଭବ । ସେ ଯେଉଁ ନିର୍ଦ୍ଦିଷ୍ଟ ଦେଶରେ ଏବଂ ନିର୍ଦ୍ଦିଷ୍ଟ ଜାତି ମଧ୍ୟରେ ବାସ କରନ୍ତି, ସେହି ଦେଶ ତାଙ୍କର ପୂଜାପୀଠ ଏବଂ ସେହି ଜାତିର ସେବାରେ ହିଁ ତାଙ୍କର 'ମାନବସେବା' ।

''ସର୍ବଦେବ ନମସ୍କାରଃ କେଶବଂ ପ୍ରତିଗଚ୍ଛତି ।''

''ଏହି ଉଦାର ମାନବିକତାକୁ ଲକ୍ଷ୍ୟ କରି ଜାତୀୟ ଉନ୍ନତି ପଥରେ ଅଗ୍ରସର ହେବାକୁ ହେବ । ଏଥିରେ କୌଣସି ସନ୍ଦେହ ନାହିଁ, ଅକଲ୍ୟାଣ ନାହିଁ ।

''ନ ହି କଲ୍ୟାଣକୃତ୍ କଶ୍ଚିତ୍ ଦୁର୍ଗତିଂ ତାତ ଗଚ୍ଛତି ।''

''ହୃଦୟରେ ଏହି ବିଶ୍ୱାସ ଜାଗ୍ରତ ଥିଲେ, ଏହି ଉଦାର ନୀତିର୍ରେ ଜୀବନର ଗତି ନିୟନ୍ତ୍ରିତ ହେଲେ କ୍ଷୁଦ୍ର ପଲ୍ଲୀରେ ସୀମାବଦ୍ଧ କାର୍ଯ୍ୟକ୍ଷେତ୍ରରେ ରହି ମନୁଷ୍ୟ ସମସ୍ତ ମାନବକଲ୍ୟାଣରେ ଆତ୍ମବିନିଯୋଗ କରିପାରେ । ଏହି ବିଶ୍ୱାସ ଏହି ମହାଲକ୍ଷ୍ୟ ପ୍ରକୃତିର ବିଭିନ୍ନ ଜାତିର ଲୋକମାନଙ୍କୁ ଏକ ସୂତ୍ରରେ ଆବଦ୍ଧ କରି ସମଗ୍ର ମାନବ ସମାଜରେ ମଧୁମୟ ସମନ୍ୱୟ ସ୍ଥାପନ କରିବ । ଏହି ବିଶ୍ୱାସ ଦୃଢ଼ ନ ହେଲେ ମନୁଷ୍ୟ ନିଜ ଜାତିରେ ଦେବତ୍ୱ ଦେଖିବ ନାହିଁ । ଉତ୍କଳଜାତିର ପବିତ୍ର ମୂର୍ତ୍ତି ଆମମାନଙ୍କର ଏହି ସମ୍ମିଳନୀ; ଆମମାନଙ୍କର ଆରାଧ୍ୟ ଈଶ୍ୱର—ଏହି ସ୍ଥାୟୀ ଜ୍ଞାନ ହୃଦୟରେ ଜାଗ୍ରତ ରହିବ, ଯଦି କେବଳ ଉଦାର ମାନବିକତା ଆଡ଼କୁ ଲକ୍ଷ୍ୟ ରଖି ଆମମାନଙ୍କର ଜାତୀୟ ଜୀବନ ଗଠନ କରିବା ।

''ମାନବ ଭଗବାନଙ୍କର ସନ୍ତାନ ଏବଂ ଉଦାର ମାନବୀୟ ପୂର୍ଣ୍ଣ ପ୍ରାଣତା ପ୍ରତ୍ୟେକ ଜାତିର ଲକ୍ଷ୍ୟ । ଏହି ସ୍ଥିରବିଶ୍ୱାସ ନ ହେଲେ ବ୍ୟକ୍ତିବିଶେଷର ସମତା ଏବଂ ଏକତା ସମ୍ଭବପର ନୁହେ । ଏହା ନ ହେଲେ ଜାତୀୟତା ଆଭିଜାତ୍ୟରେ ପରିଣତ ହେବ । ବୋଲିବା ନିଷ୍ପ୍ରୟୋଜନ, ଯେ କୌଣସି କାରଣରୁ ହେଉ, ଓଡ଼ିଶାରେ ତଥା ଭାରତରେ ଆଭିଜାତ୍ୟର ପ୍ରଭାବ ଆମମାନଙ୍କର ଜାତୀୟ ଶକ୍ତିକୁ ଅତ୍ୟନ୍ତ ହୀନବଳ କରିଅଛି; ମାତ୍ର ସମ୍ମିଳନୀ ପରି ଜାତୀୟତା ଗଠନ ଉଦ୍ୟମରେ ଆଭିଜାତ୍ୟ ନିମନ୍ତେ କୌଣସି ପ୍ରକାର ଅବକାଶ ରହିବା ବାଞ୍ଛନୀୟ ନୁହେ । ଏ ମାତୃପୂଜା ମଣ୍ଡପରେ ସମସ୍ତଙ୍କର ସମାନ ଅଧିକାର, ସମାନ ଆସନ । ତା ନ ହେଲେ ସମ୍ମିଳନୀର ଉଦ୍ଦେଶ୍ୟ କଦାପି ସିଦ୍ଧ ହେବ ନାହିଁ ।

''ଉଦାର ମାନବିକତା ସମ୍ମିଳନୀର ଲକ୍ଷ୍ୟ ହେଲେ ଭାରତର ଜାତୀୟ ଆନ୍ଦୋଳନରୁ ଆମେମାନେ ପୃଥକ୍ ହୋଇ ରହିଲେ ଚଳିବ ନାହିଁ । ଓଡ଼ିଶା ନଦୀ, ବନ, ପର୍ବତାଦି ପ୍ରାକୃତିକ ଅବଚ୍ଛେଦ ଦ୍ୱାରା ଭାରତର ଅନ୍ୟାନ୍ୟ ପ୍ରଦେଶରୁ ବିଚ୍ଛିନ୍ନ ଥିଲା ପରି ବୋଧ ହେଲେ

Digitized by srujanika@gmail.com

ସୁଦ୍ଧା ଏହା ଅନ୍ୟାନ୍ୟ ପ୍ରଦେଶ ପରି ବିଶାଳ ଭାରତର ଅଙ୍ଗବିଶେଷ । ଭାରତୀୟ ଆକାଂକ୍ଷା ସଙ୍ଗେ ଉତ୍କଳ ଆକାଂକ୍ଷାର ସାମଞ୍ଜସ୍ୟ ରହିବା ଉଚିତ । ଭାରତ ସଙ୍ଗେ ଉତ୍କଳର ନିତ୍ୟସମ୍ବନ୍ଧ ରହିବାଇ ରହିବ । ଏହି ସମ୍ବନ୍ଧ ଚିରଦିନ ରହିଅଛି । ସମ୍ମିଳନୀ କାର୍ଯ୍ୟରେ ଭାରତୀୟ ଆନ୍ଦୋଳନରୁ ପୃଥକ୍ ଥିଲେ ସୁଦ୍ଧା ମହାଭାରତ ଜାତୀୟତା ସହିତ ଏହାର ସଂଯୋଗ ମୂଳମନ୍ତ୍ର । ବର୍ଷକୁ ବର୍ଷ ସମ୍ମିଳନୀର ପ୍ରାରମ୍ଭରେ ଆମେମାନେ ପୂତପ୍ରାଣରେ ଅବହିତ ହୋଇ ପ୍ରଥମେ ଗାଉ—

"ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଳ୍ପଲତେୟମ୍ ।"

"ଏହି ଜାତୀୟ ଗୀତରେ "ଭାରତମେକା ଗତିରସ୍ମାକଂ" ବୋଲି ଆମେମାନେ ଯାହା କହୁଅଛୁ, ଜାତୀୟ ଜୀବନରେ ତଥା ଜାତୀୟ କାର୍ଯ୍ୟରେ ତାହାର ସାର୍ଥକତା କରିବା ବିଧେୟ । ଉଦାର ମାନବୀୟତା ଲାଭ କରିବା ପଥରେ ଭାରତଭାବ ଆମମାନଙ୍କୁ ଅବଶ୍ୟ ସହାୟ ହେବ । ମନେ ରଖିବାକୁ ହେବ ଯେ ଆମେମାନେ ଭାରତ ଜାତିର ଅନ୍ତର୍ଗତ । ଭାରତ ଏକ ମହାଦେଶ; ତେଣୁ ସେଥିରେ ଅନେକ କ୍ଷୁଦ୍ର ଜାତି ପ୍ରାଦେଶିକ ପାର୍ଥକ୍ୟ ଅନୁସାରେ କାଳକ୍ରମେ ଉଦ୍‌ଭବ ହୋଇଅଛନ୍ତି । ମାତ୍ର ସେ ସମସ୍ତଙ୍କର ଭାଗ୍ୟ ଭାରତ ଭାଗ୍ୟ ସଙ୍ଗେ ସୀମାବଦ୍ଧ । ଆମେମାନେ ଭାରତୀୟ ଅନୁଷ୍ଠାନ ସଙ୍ଗେ ସମ୍ପୃକ୍ତ ହେଉ ବା ନ ହେଉ ଭାରତର ସୁଖଦୁଃଖରେ ଆମମାନଙ୍କୁ ଅଳ୍ପାଧିକ ପରିମାଣରେ ଭାଗୀ ହେବାକୁ ପଡ଼ିବ ।

"ମନେ ରଖିବାକୁ ହେବ, ଆମେମାନେ ପ୍ରଥମେ ମନୁଷ୍ୟ, ପରେ ଭାରତୀୟ ଏବଂ ସର୍ବଶେଷରେ ଓଡ଼ିଆ । ଏହି ଭାବ ମନରେ ନ ରଖିଲେ ଜାତୀୟ କ୍ରମବିକାଶ ଅସମ୍ଭବ । ପ୍ରତ୍ୟେକ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଅଛି; ମାତ୍ର ସାମାଜିକ ଭିତ୍ତି ବିନା ସେ ସ୍ୱାତନ୍ତ୍ର୍ୟ ପ୍ରକଟିତ ହୁଏ ନାହିଁ । ସେହିପରି ଓଡ଼ିଆର ଜାତୀୟ ସ୍ୱାତନ୍ତ୍ର୍ୟ ଫୁଟିବ ପ୍ରଶସ୍ତତର ଭାରତୀୟ ଜାତୀୟତା କ୍ଷେତ୍ରରେ ଏବଂ ସାର୍ବଜନୀନ ଉଦାର ମାନବିକତାରେ ।

"ଓଡ଼ିଆମାନେ ଯେ ଏହି ଉଦାର ମାନବ ଧର୍ମରେ ଚିରଦିନ ଦୀକ୍ଷିତ ଏବଂ ଭାରତ ସହିତ ଉତ୍କଳର ନିତ୍ୟସମ୍ବନ୍ଧ ଅନୁଭବ କରୁଅଛନ୍ତି, ଓଡ଼ିଆ ଜାତିର ଇତିହାସ ଅଭ୍ରାନ୍ତ ଭାବରେ ଏହା ପ୍ରମାଣ କରୁଅଛି । ଓଡ଼ିଶାର ଯଥାର୍ଥ ଇତିହାସ ଏ ପର୍ଯ୍ୟନ୍ତ ଲେଖା ହୋଇ ନାହିଁ । ଏହାର ଗିରି-ବନ-କନ୍ଦରରେ ଯେ ସମସ୍ତ ଉପାଦାନ ବିକ୍ଷିପ୍ତ-ଭାବରେ ପଡ଼ି ରହିଅଛି, ଭଗ୍ନମନ୍ଦିରରେ ଯେ ସମସ୍ତ ସ୍ମୃତି ଏବଂ ସଂସ୍କାର ଜଡ଼ିତ ଅଛି, ପୁଣ୍ୟପର୍ବମାନଙ୍କରେ ଏମନ୍ତ କି ଯେ ସମସ୍ତ ଅନୁଷ୍ଠାନ ଆଜି ଅନେକଙ୍କ ନିକଟରେ କୁସଂସ୍କାର ସେ ସବୁର ମଜ୍ଜାରେ ଯେ 'ସତ୍ୟସାର' ନିହିତ ଅଛି, ପ୍ରବାଦ, ପ୍ରବଚନ ପରମ୍ପରାରେ ଜୀବନର ଯେ ସମସ୍ତ ତଥ୍ୟ ପ୍ରକାଶ ପାଉଛି ଯେ ସବୁର ଭିତରକୁ

Digitized by srujanika@gmail.com

ଦେଖିଲେ ଜଣାଯାଏ, ଓଡ଼ିଆ ଜାତି ଇତିହାସ କେବେ ସଂକୀର୍ଣ୍ଣ ସୀମାରେ ଆବଦ୍ଧ ନ ଥିଲା । ନଦୀ ପର୍ବତ ଦ୍ୱାରା ଓଡ଼ିଶାର ସୀମା ଆବଦ୍ଧ ହେଲେ ସୁଦ୍ଧା ଓଡ଼ିଆମାନେ ସର୍ବଦା ସୀମା ଅତିକ୍ରମ କରି ବିଶାଳତା ଆଡ଼କୁ ଗତି କରିଛନ୍ତି । ଜାତୀୟତାର ଲକ୍ଷ୍ୟ ଯେ ଉଦାର ମାନବିକତା, ସମଗ୍ର ଭାରତରେ ତାହା ଓଡ଼ିଆ ହିଁ ବୁଝିଥିଲେ । ବିଶ୍ୱ-ପ୍ରୀତି ହିଁ ଓଡ଼ିଆର ଜାତୀୟତା; ପୂର୍ଣ୍ଣପ୍ରାଣ ଓଡ଼ିଆର ମନୁଷ୍ୟତା । ଓଡ଼ିଆର ଏ ଜାତୀୟତା, ଦେଶାନୁରାଗ କେବେ ଜଡ଼, ନିର୍ଜୀବ, ନୀରସ ଓ ସ୍ୱାର୍ଥପୂର୍ଣ୍ଣ ନୁହେଁ; ରାଜ୍ୟଲାଭ ବା ରକ୍ତପାତରେ ଏହାର ପ୍ରତିଷ୍ଠା ନୁହେଁ, ଗଭୀର ଧର୍ମଭାବ ଏବଂ ଦୃଢ଼-ବିଶ୍ୱାସ ଏହାର ଭିତ୍ତି; ସାମ୍ୟ, ମୈତ୍ରୀ, ସ୍ୱାଧୀନତା ଏହାର ବିଗ୍ରହ । ଓଡ଼ିଆର ଏହି ଭାବ ନୀଳାଚଳ ଧାମରେ ପ୍ରକଟିତ । ତେଣୁ ଜଗନ୍ନାଥ ଓଡ଼ିଆର ଜାତୀୟ ଦେବତା । ବଦ୍ରିନାଥ, ରାମନାଥ, ଦ୍ୱାରକାନାଥ, ସ୍ଥାନ ବିଶେଷର 'ନାଥ'; ମାତ୍ର ଜଗତର ନାଥ ନୁହନ୍ତି । ପ୍ରାଚୀନ କାଶୀଧାମରେ ବିଶ୍ୱନାଥ ଅଛନ୍ତି, କିନ୍ତୁ ସମସ୍ତ ବିଶ୍ୱକୁ ଆଲିଙ୍ଗନ କରିବାର ଉଦାରତା ସେଠାରେ ନାହିଁ । କାଳକ୍ରମେ ଆମ୍ଭମାନଙ୍କ ଜାତୀୟ ଅଧୋଗତି ସଙ୍ଗେ ସଙ୍ଗେ ନୀଳାଚଳର ମୌଳିକ ଉଦାର ଭାବ ଆଜି ବହୁ ସଙ୍କୁଚିତ ହୋଇଅଛି ସତ୍ୟ; କିନ୍ତୁ ଧର୍ମଜୀବନରେ ସାର୍ବଜନୀନ ଉଦାରତା ଯେ ଏକମାତ୍ର ସତ୍ୟ, ଏ ଭାବ ଓଡ଼ିଶାରୁ ଲୋପ ପାଇନାହିଁ । ନୀଳାଚଳର ନୀତିରେ କ୍ଷୁଦ୍ର ବୃହତ୍ ନାହିଁ, ରାଜା ପ୍ରଜା ନାହିଁ, ବ୍ରାହ୍ମଣ ଚଣ୍ଡାଳ ନାହିଁ, ପାମର-ପ୍ରେମିକ ନାହିଁ; ଏମନ୍ତ କି ହିନ୍ଦୁ ବୌଦ୍ଧର ଭେଦଭାବ ନାହିଁ । ପରବର୍ତ୍ତୀ ଚୈତନ୍ୟ ଯୁଗରେ ମଧ୍ୟ ହିନ୍ଦୁ-ମହମ୍ମଦୀୟ ଭେଦ ପର୍ଯ୍ୟନ୍ତ ଏଠାରେ ଲୁଚି ଯାଇଥିଲା । ଏହି ଉଦାର ମାନବିକତା ଏବଂ ମହାଭାରତ ଜାତୀୟତାର ବୀଜ ନୀଳାଚଳ ଧାମରେ ଅଛି ବୋଲି ତ କାଳେ କାଳେ ଭାରତର ଦିଗଦିଗନ୍ତରୁ ସିଦ୍ଧ ସାଧକ ମହାପୁରୁଷମାନେ ଆକୃଷ୍ଟ ହୋଇ ଆସିଛନ୍ତି । ଜଗନ୍ନାଥ ତ ସାକ୍ଷାତ ବୌଦ୍ଧାଦତାର । ଶଙ୍କରଙ୍କର ପ୍ରଧାନ ମଠ ପୁରୀରେ । ରାମାନୁଜଙ୍କର ଏହା ପୁଣି ଏକ ପ୍ରଧାନ ଧର୍ମକେନ୍ଦ୍ର । ନାନକ ପୁରୀର ସାଗରସୈକତରେ ନିଜ ସର୍ବୋତ୍କୃଷ୍ଟ ମଧୁମୟ ସଙ୍ଗୀତ ଗାଇଥିଲେ । କବୀରଙ୍କର ମଧ୍ୟ ଆସ୍ଥାନ ଏହିଠାରେ । ଅବଶେଷରେ ପ୍ରେମର ଅବତାର ଭଗବାନ ଶ୍ରୀକୃଷ୍ଣ ଚୈତନ୍ୟ ଭାରତର ସମଗ୍ର ତୀର୍ଥ ଭ୍ରମି ଏହି ସାର୍ବ-ଜନୀନ ପ୍ରେମଧାମରେ ସ୍ଥାୟୀ ନିବାସ କରି ଗାଇଲେ -''ଜଗନ୍ନାଥ ସ୍ୱାମୀ ନୟନପଥ-ଗାମୀ ଭବତୁ ମେ'' । ମୁସଲମାନ ଭକ୍ତ ହରିଦାସ, ଶାଲବେଗ ପ୍ରଭୃତିଙ୍କର ସମାଧି ଏହି ପୁରୀରେ ପ୍ରତିଷ୍ଠିତ ।

''ବାସ୍ତବିକ ଉତ୍କଳଭୂମି ସଂକୀର୍ଣ୍ଣ ଭୂମ ନୁହେଁ । ଓଡ଼ିଆ କେବେ କ୍ଷୁଦ୍ରରେ ସୀମାବଦ୍ଧ ନୁହେ । ପୁରୀ, ଭୁବନେଶ୍ୱର ଓ କୋଣାର୍କ ମନ୍ଦିରର ବିଶାଳତା ଏହାର ପରିଚୟ । ମନୁଷ୍ୟହାତଗଢ଼ା ଶିଳ୍ପ ଛଡ଼ା ଓଡ଼ିଶାର ପାରିପାର୍ଶ୍ୱିକ ବେଷ୍ଟନୀ ଓଡ଼ିଆର ସେହି ବିଶାଳ ଭାବ ଓ ଉଦାରତାର ପ୍ରମାଣ । ଯେଉଁ ଦେଶର ଦେବତା ଜଗନ୍ନାଥ, ସେ ଦେଶର ନଦୀ, ଗିରି, ସାଗର, ଶ୍ମଶାନରେ ଯେ ସେହି ମହା-ଉଦାରଭାବ ବିକାଶ

Digitized by srujanika@gmail.com

ପାଇବ, ତାହା ସ୍ୱାଭବିକ । ଓଡ଼ିଶାର ନଦୀ ମହାନଦୀ, ସମୁଦ୍ର ମହୋଦଧ, ଗଙ୍ଗ-ମହୀନ୍ଦ୍ର, ବୃକ୍ଷ କଳ୍ପବଟ, ଏମନ୍ତ କି ଶ୍ମଶାନ ମାନବର ଅନ୍ତିମ ସ୍ଥାନ ନୁହେ, ଦିବ୍ୟ ଅନନ୍ତଧାମର ପ୍ରବେଶଦ୍ୱାର -ସ୍ୱର୍ଗଦ୍ୱାର ! ଏହି ନାମ ସବୁ କଣ ପ୍ରକାଶ କରୁଅଛି ? ଓଡ଼ିଆ ପ୍ରାଣ ଯେ ମହାଭବ କଳ୍ପନା କରିଅଛି, ଚତୁର୍ଦ୍ଦିଗରେ ତାହା ହିଁ ଦେଖିବାକୁ ପ୍ରୟାସୀ ହୋଇଅଛି । ଗୋଟିଏ ଗୋଟିଏ ଶବ୍ଦ ଏକ ଏକ ଜାତିର ଇତିହାସପଟ୍ଟ ଫିଟାଇ ଦେଇ ଅତୀତ ଅନ୍ଧାରରେ ଆଲୋକ ଦେଉଅଛି । ମହାନଦୀ, ମହୋଦଧି ପ୍ରଭୃତି ଓଡ଼ିଆ ପ୍ରାଣର ବିଶାଳତା ଏବଂ ପୂର୍ଣ୍ଣତା ନିମନ୍ତେ ଓଡ଼ିଆ ହୃଦୟର ଆକାଂକ୍ଷା ପ୍ରକାଶ କରୁ ନାହିଁ କି ? ଶିଳ୍ପରେ ଏବଂ ଦେବମୂର୍ତ୍ତିରେ ଓଡ଼ିଆ ତା ହୃଦୟର ଯେ ଭବ ବ୍ୟକ୍ତ କରିଅଛି, ଏହିପରି ଗୋଟିଏ ଗୋଟିଏ ଶବ୍ଦରେ ତାହାର ପ୍ରାଣର କବିତା ସେହି ଉଦାର ମହାଭବ ପ୍ରକାଶ କରିଅଛି ।

"ଏହି ସମସ୍ତ ଐତିହାସିକ ଘଟଣାରୁ କେବଳ ଯେ ଓଡ଼ିଆମାନଙ୍କ ବଦାନ୍ୟତାର ପରିଚୟ ମିଳୁଅଛି ସେତିକି ନୁହେ, ଭରତୀୟ ରାଜନୀତିରେ ସେମାନେ ଯେ ପୂର୍ବେ ବରବର ଯୋଗ ରଖିଥିଲେ, ଏହା ମଧ୍ୟ ପ୍ରମାଣିତ ହେଉଅଛି । ଧର୍ମ, ରାଜନୀତି ସକଳ ବିଷୟରେ ଭରତ ସହିତ ଓଡ଼ିଶାର ଯେ ଚିର ସମ୍ବନ୍ଧ ଅଛି, ତାହା ଅସ୍ୱୀକାର କରଯାଇ ନ ପାରେ । ଭଇ ଓଡ଼ିଆ, ବର୍ତ୍ତମାନ ତୁମେ ଯାହା ହୁଅ କିମ୍ବା ତୁମ୍ଭଙ୍କୁ ଅନ୍ୟ ଯାହା ବୋଲି ମନେ କରୁ ପଛକେ, ଯେତେ ଦିନ ଯାଏ ନୀଳାଚଳରେ ସାମ୍ୟ-ମୈତ୍ରୀର ଧ୍ୱଜା ଉଡ଼ୁଥିବ, ସେତେ ଦିନ ଯାଏ ଓଡ଼ିଶା ସମଗ୍ର ଭରତର କେନ୍ଦ୍ରଭୂମି ହୋଇ ବିରଜୁଥିବ । ତୁମ୍ଭେ ଏହି 'ଭରତ-ଜାତୀୟତା କେନ୍ଦ୍ର'ର ଅଧିକାରୀ । ଏହି ଅଧିକାରର ଉପଯୁକ୍ତ କାର୍ଯ୍ୟ ନ କଲେ ଆମମାନଙ୍କୁ ଭରତ ନିକଟରେ ଅପମାନିତ ହେବାକୁ ହେବ ଏବଂ ଭବିଷ୍ୟତ ପୁରୁଷମାନେ ଆମମାନଙ୍କର ସଂକୀର୍ଣ୍ଣତା ଓ ଅଦୂର-ଦର୍ଶିତାର ନିନ୍ଦା କରିବେ ।"

ଏ ଅଧିବେଶନରେ ଅଭ୍ୟର୍ଥନା ସଭର ସଭପତି ଥିଲେ ଶ୍ରୀ ଜଗତ୍‌ବଲ୍ଲଭ ଘୋଷ । ଏ ଅଧିବେଶନ ଆରମ୍ଭରୁ ପ୍ରଧାନ ଉଦ୍ୟୋକ୍ତା ଶ୍ରୀ ମଧୁସୂଦନ ଦାସ ଓ କଟକର କେତେକ ଛାତ୍ରମାନଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଲା, ଫଳରେ ସ୍ୱେଚ୍ଛାସେବକ କାର୍ଯ୍ୟ ତୁଲାଇବାକୁ କଟକ ଛାତ୍ରମାନେ ମନା କଲେ, ମଧୁସୂଦନ ସତ୍ୟବାଦୀ ବିଦ୍ୟାଳୟରୁ ୬୦ ଜଣ ଛାତ୍ର ନେଇ କାର୍ଯ୍ୟ ଚଳାଇଲେ । ଛାତ୍ର ଓ ଶିକ୍ଷକଙ୍କ ଶୃଂଖଳା ତଥା କର୍ତ୍ତବ୍ୟ-ନିଷ୍ଠାରେ ସମସ୍ତେ ମୁଗଧ ହୋଇଗଲେ । ଛାତ୍ରମାନଙ୍କୁ ପ୍ରଦୀପ୍ତ ଅନଳ ଓ ସତ୍ୟବାଦୀ ଶିକ୍ଷାନୁଷ୍ଠାନକୁ ପ୍ରାଚୀନ 'ନାଳନ୍ଦା'ସହ ତୁଳନା କରଗଲା ।

ସମ୍ମିଳନୀର ମୁଖ୍ୟପ୍ରସ୍ତାବମାନଙ୍କ ମଧ୍ୟରେ "ମଣ୍ଟେଗୁ ରିପୋର୍ଟ ଏକ ଧଆ-ବାଣ, ଏଥିରେ ଭରତକୁ ଅଧିକାର ହସ୍ତାନ୍ତର କଥା ନାହିଁ । ସ୍ୱାୟତ୍ତଶାସନ ନାମମାତ୍ରେ

ଡିଭିଜନର କମିଶନର ମି: ବି: ଫୋଲେ ୧୯୧୯ ମାର୍ଚ୍ଚରେ ସରକାରଙ୍କୁ ଜଣାଇଥିଲେ ଯେ— ଧଳଭୂମିର ପଶ୍ଚିମ ଭାଗ କୋହ୍ଲାଣ, ଷଢ଼େଇକଳା, ଖରସୁଆଁ ଓଡ଼ିଆ ଅଞ୍ଚଳ, ସିଂହଭୂମି ଓଡ଼ିଶା ସହିତ ମିଶିଯିବା ଉଚିତ ।

## ସମ୍ମିଳନୀର ପଞ୍ଚଦଶ ଅଧିବେଶନ

୧୯୧୯ ମସିହାରେ ପୁରୀଠାରେ ଶ୍ରୀ ଚନ୍ଦ୍ରଶେଖର ବେହେରଙ୍କ ସଭାପତିତ୍ୱରେ ଏ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସେ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାଷଣରେ ନିଜେ ହିନ୍ଦି ଭାଷା ପଢ଼ିଥିବା ହେତୁ ଓଡ଼ିଆ ଭଲ ରୂପେ କହି ପାରୁ ନ ଥିବା ଉଲ୍ଲେଖ କରି ବିଛିନ୍ନାଞ୍ଚଳ ଓଡ଼ିଆ କିଭଳି ଏକଶାସନାଧୀନ ହେବେ ତାର ବ୍ୟବସ୍ଥାରେ ଧନ ମନ ଦେଇ ଲାଗିବା ପାଇଁ ଉତ୍ସାହିତ କରିଥିଲେ (୩୪) ୧୯୧୮ ଓ ୧୯୧୯ରେ ଦୁର୍ଭିକ୍ଷ ଫଳରେ ବହୁଲୋକ ଅନାହାରରେ ମରି-ଗଲେ ତନ୍ନିମନ୍ତେ ଏହି ଅଧିବେଶନ (୨୮।୧୨।୧୯୧୯)ରେ ଅନ୍ୟାନ୍ୟ ପ୍ରସ୍ତାବ ମଧ୍ୟରେ ଦୁର୍ଭିକ୍ଷ ଅନୁସନ୍ଧାନ କମିଟି ଗଢ଼ାଗଲା । ସେଥିରେ ସର୍ବଶ୍ରୀ ଜଗବନ୍ଧୁ ସିଂହ, ଗୋପବନ୍ଧୁ ଦାସ, ଲକ୍ଷ୍ମୀନାରାୟଣ ସାହୁ, ଶଶିଭୂଷଣ ରଥ ରହିଲେ । ସେମାନେ ଗୋଟିଏ ଅନୁସନ୍ଧାନ ରିପୋର୍ଟରେ ଦର୍ଶାଇଲେ ଯେ—ଧନୀ ଓ ବେପାରୀମାନେ ଧାନ ଜମାଇ ରଖି ବିକ୍ରୀ କରୁ ନାହାନ୍ତି । ସେମାନଙ୍କ ଧାନ ସରକାର ଜବତ୍ କରନ୍ତୁ ଓ କଟକୀ ୧୩ ସେର ଦରରେ ବିକ୍ରି କରନ୍ତୁ । ବେପାରୀମାନେ ଅଯଥା ଲାଭ ନ ନେବା ଲାଗି ସରକାର ଶସ୍ତାରେ ଧାନ ଚାଉଳ ବିକ୍ରି କରିବା ବ୍ୟବସ୍ଥା କରନ୍ତୁ ।

ଏହି ସମୟରେ ପୁରୀର କେତେକ ଅଞ୍ଚଳ ଦୁର୍ଭିକ୍ଷରେ ସଢ଼ୁଥାଏ । ଗଞ୍ଜାମ ଜୟପୁର ଆଦିରେ ଅବସ୍ଥା କ୍ରମଶଃ ସୁଧୁରି ଥାଏ ।

ପଣ୍ଡିତ ଗୋପବନ୍ଧୁ ବିହାର ଓଡ଼ିଶା କାଉନସିଲରେ ଯେଉଁ ମର୍ମସ୍ପର୍ଶୀ ଭାଷାରେ ଦୁର୍ଭିକ୍ଷର କରାଳ ଚିତ୍ର ଦେଲେ ତାହା ବିଦେଶୀ ଶାସକଙ୍କୁ ସୁଦ୍ଧା ବିଚଳିତ କଲା । ଲାଟ ସାର୍ ଏଡ଼ଓ୍ୱାର୍ଡ଼ ଗେଟ୍ କମିଶନର ଓ କଲେକ୍ଟରଙ୍କୁ ସଙ୍ଗରେ ଧରି ଦୁର୍ଭିକ୍ଷଗ୍ରସ୍ତ ଅଞ୍ଚଳ ବୁଲିଲେ

---

(୩୪) ଶ୍ରୀ ଚନ୍ଦ୍ରଶେଖର ବେହେରା ୧୮୭୪ ମସିହାରେ ସମ୍ବଲପୁରରେ ଜନ୍ମଗ୍ରହଣ କରିଥିଲେ । ନାଗପୁର କଲେଜରେ ଏଫ୍.ଏ. ପାଶ୍ କରି ଶିକ୍ଷକ ହେଲେ । ପରେ ଓକିଲାତି ପଢ଼ି ଆଇନ ବ୍ୟବସାୟ କଲେ । ସମ୍ବଲପୁରକୁ ଓଡ଼ିଶାରେ ଅନ୍ତର୍ଭୁକ୍ତ କରାଇବାରେ ତାଙ୍କର ଚେଷ୍ଟା ଅତୁଳନୀୟ ଅଟେ । ସେ ସମ୍ବଲପୁର ମ୍ୟୁନିସିପାଲିଟିର ଚେୟାରମ୍ୟାନ ଥିଲେ । ୧୯୨୮ ମସିହାରେ ମହାତ୍ମାଗାନ୍ଧୀ ସସ୍ତ୍ରୀକ ତାଙ୍କ ଘରେ ଅତିଥି ହୋଇଥିଲେ । ସେ ସଂସ୍କାର ବାଦୀ, ପରୋପକାରୀ ଓ ଜାତୀୟ କଂଗ୍ରେସର ଭକ୍ତ ଥିଲେ । ୧୯୩୬ରେ ତାଙ୍କର ପରଲୋକ ହେଲା ।

Digitized by srujanika@gmail.com

ଲାଟ ସ୍ୱୀକାର କଲେ ଯେ--ଯାହା କରାଯିବା ଉଚିତ ତାହା କରାଯାଇ ନାହିଁ । (What should have done is not done) ଗୋପବନ୍ଧୁ ବାବୁଙ୍କ ଚେଷ୍ଟାରେ ଅମୃତ ଲାଲ ଠକ୍‌ରଙ୍କ ସହଯୋଗରେ ଏକ ଲକ୍ଷ ଯାଏ ଟଙ୍କା ଚାନ୍ଦା ଆଦାୟ ହେଲା । ଗରୀବ-ମାନେ ତୋକେ ପାଇ ବଞ୍ଚିଗଲେ ।

## ଗଞ୍ଜାମରେ ଦୁର୍ଭିକ୍ଷ–ମାନ୍ଦ୍ରାଜ ସରକାରଙ୍କ ଅବହେଳା

୧୯୧୮ ଓ ୧୯୧୯ ବର୍ଷର ଅଭାବ ହେତୁ ସମଗ୍ର ଗଞ୍ଜାମ ଓ ପୁରୀ ତଥା ବିଶାଖା-ପାଟଣା ଜିଲାର ଅଧିକାଂଶ ଅଞ୍ଚଳରେ ଦୁର୍ଭିକ୍ଷ ଅବସ୍ଥା ଉପୁଜିଲା । ଖାଦ୍ୟଶସ୍ୟ ଦୁର୍ମୂଲ୍ୟ ତଥା ଦୁର୍ଲଭ ହେଲା । ବହୁ ଲୋକ ଅନାହାରରେ ମଲେ । ଜିଲାର ଅଣଓଡ଼ିଆ କର୍ମଚାରୀ ଜାଣି ଶୁଣି ସୁଦୂରସ୍ଥ ମାନ୍ଦ୍ରାଜ ସରକାରଙ୍କୁ ଦୁର୍ଭିକ୍ଷର ଭୟାବହତା ଜଣାଇବାରେ ତତ୍ପର ହେଲେ ନାହିଁ । ସର୍ବସାଧାରଣଙ୍କ ଦାବୀ ପ୍ରବଳ ହୋଇ ଉଠିଲା । ବହୁ ବିଳମ୍ବରେ ସରକାର ବର୍ମାରୁ ଚାଉଳ ଆଣି ଯୋଗାଇ ଦେଲେ । ଖଲ୍ଲିକୋଟର ନାବାଳକ ରାଜା ରାମଚନ୍ଦ୍ର ମାନ୍ଦ୍ରାଜ ଗଭର୍ଣ୍ଣର ଲର୍ଡ଼ ଉଇଲିଂଡ଼ନ୍‌ଙ୍କୁ ଏ କଥା ଜଣାଇଲେ । ଲାଟ ଆସି ଜିଲା ବୁଲିଗଲେ । ଫଳରେ ଜିଲାରେ ବହୁତ ଘାଇ, ରୋଡ଼ କାମ କରାଗଲା । ଲୋକେ ମୂଲ ଲାଗି ବଞ୍ଚିଗଲେ । 'ମାନ୍ଦ୍ରାଜର ଏକ ପ୍ରାନ୍ତରେ ରହି ଅଣଓଡ଼ିଆଙ୍କ ଦ୍ୱାରା ଶାସିତ ହେବା ହେତୁ ଆମ ଦୁଃଖ ବୁଝିବାକୁ କେହି ନାହାନ୍ତି' ଏ ଧାରଣା ସଭ୍ୟ ଶିକ୍ଷିତ ଲୋକଙ୍କର ବୃଦ୍ଧି ପାଇଲା ।

## ଷୋଡ଼ଶ ଅଧିବେଶନ

ଏ ଅଧିବେଶନ ୧୯୨୦ ମସିହା ଡିସେମ୍ବର ମାସରେ ସିଂହଭୂମ ଜିଲାର ଚକ୍ରଧର ପୁରଠାରେ ଶ୍ରୀ ଜଗବନ୍ଧୁ ସିଂହଙ୍କ ସଭାପତିତ୍ୱରେ ଓ ଶ୍ରୀ ବିଶ୍ୱନାଥ କରଙ୍କ ସହଯୋଗୀ-ତାରେ ଅନୁଷ୍ଠିତ ହେଲା । ବିଭିନ୍ନ ଦିଗରୁ ଏ ଅଧିବେଶନ ଗୁରୁତ୍ୱପୂର୍ଣ୍ଣ ଥିଲା । (୩୫)

---

(୩୫) ଶ୍ରୀ ଜଗବନ୍ଧୁ ସିଂହ ଭୁବନପୁର ଗ୍ରାମ (ନିମାପଡ଼ା-ପୁରୀ)ରେ ୧୮୭୬ ମସିହା ଫେବୃୟାରୀ ୧୫ ତାରିଖରେ ଜନ୍ମ ହୋଇଥିଲେ । ଆଇ.ଏ. ପଢ଼ି ଓକିଲାତି କରିଥିଲେ । ପୁରୀ ଜିଲା ବୋର୍ଡ଼ ତଥା ମ୍ୟୁନିସିପାଲିଟିରେ ଭାଇସ ଚେୟାରମ୍ୟାନ ଭାବେ ଦୀର୍ଘକାଳ କଟାଇଥିଲେ । ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାରେ ଦୁଇ ଥର ସଭ୍ୟ ହୋଇଥିଲେ । କଂଗ୍ରେସରେ ଯୋଗ ଦେଇଥିଲେ । ସେ ବହୁ ଗ୍ରନ୍ଥ ଲେଖିଛନ୍ତି । ତାଙ୍କର ଦେହାନ୍ତ ୧୯୪୮ ମସିହାରେ ହୋଇଥିଲା ।

× × × × ×

ଶ୍ରୀ ବିଶ୍ୱନାଥ କର ୧୮୬୪ ମସିହା ଡିସେମ୍ବର ମାସରେ କଟକ ଜିଲ୍ଲା ମୂଳବସନ୍ତ ଗ୍ରାମରେ ଜନ୍ମ ହୋଇଥିଲେ । ମାଟ୍ରିକ ପାଶ୍ ପରେ ଶିକ୍ଷକତା, ''ସଂସ୍କାରକ'' ପତ୍ରିକାର

Digitized by srujanika@gmail.com

ପଣ୍ଡିତ ଗୋପବନ୍ଧୁ ସମ୍ମିଳନୀର ଲକ୍ଷ୍ୟ ଦେଶ ମଶ୍ରଣ ନ ରହି ସ୍ୱରଜ୍ୟ ପ୍ରାପ୍ତ ହେଉ ବୋଲି ପ୍ରସ୍ତାବ ଦେଲେ । ସକ୍ରିୟ ରଜନୀତିକୁ ଏହା ଗତି କରୁଛି ବୋଲି କେତେକ ପ୍ରତିବାଦ କଲେ । କିନ୍ତୁ ଯୁବଗୋଷ୍ଠୀଙ୍କ ପ୍ରରୋଚନା ବଳରେ ନାଗପୁର କଂଗ୍ରେସରେ ଧାର୍ଯ୍ୟ ହେବା ପ୍ରସ୍ତାବ ଉତ୍କଳ-ସମ୍ମିଳନୀ ବହୁ ମତରେ ଗ୍ରହଣ କଲା । ପ୍ରସ୍ତାବ ଆଣିଲେ ଶ୍ରୀ ଗୋପବନ୍ଧୁ ଦାସ, ସମର୍ଥନ କଲେ ସମ୍ବଲପୁରର ଶ୍ରୀ ଚନ୍ଦ୍ରଶେଖର ବେହେରା । ଅନ୍ୟ ପ୍ରସ୍ତାବରେ ଭାରତ ଜାତୀୟ ମହାସମିତି (କଂଗ୍ରେସ)ର ପ୍ରକୃତି ଏବଂ ଗଠନ ବଦଳାଇ ଭାଷା ସୂତ୍ରରେ ପ୍ରଦେଶ ଗଠନର ଯେଉଁ ବିଧାନ ଦେଇଛନ୍ତି ତାକୁ ସମର୍ଥନ କରଗଲା । ଗୋପବନ୍ଧୁଙ୍କ ପ୍ରବଳ ପ୍ରଭାବ ବଳରୁ ସମ୍ମିଳନୀର ଉଦ୍ଦେଶ୍ୟ ତଥା ଗତି ଭିନ୍ନ ରୂପ ଧରଲା । କଂଗ୍ରେସ କାର୍ଯ୍ୟ ମୁଖ୍ୟ ଓ ସମ୍ମିଳନୀ କାର୍ଯ୍ୟକୁ ଗୌଣ ମନେ କରଗଲା ।

ଏହି ସମ୍ମିଳନୀ ସମ୍ବନ୍ଧେ ଡକ୍‌ଟର ହରେକୃଷ୍ଣ ମହତାବ ତାଙ୍କ 'ସାଧନାର ପଥେ' ଗ୍ରନ୍ଥରେ ଯାହା ଲେଖିଛନ୍ତି ତାହା ଉଦ୍ଧୃତ ହେଲା ।

''୧୯୧୮ ମସିହାରେ କଟକରେ ଉତ୍କଳ ସମ୍ମିଳନୀର ଏକ ଅଧିବେଶନ ହୋଇ-ଥିଲା । ସେଥିରେ ମୁଁ ସ୍ୱେଚ୍ଛାସେବକ ହୋଇଥିଲି । ସେହି ସମୟରେ ସେତେବେଳକାର ଓଡ଼ିଶାର ନେତା ମଧୁବାବୁ ଯେ କି ସମ୍ମିଳନୀର ସର୍ବେସର୍ବା ଥିଲେ ତାଙ୍କ ଠାକୁ ବରବର ଯିବା ଆସିବା କରୁଥିଲି । ତାଙ୍କର ଚିନ୍ତାଧାରା, ସାହସ ଓ ଉତ୍ସାହବାଣୀରେ ମୁଁ ଖବ୍ ଅନୁ-ପ୍ରାଣିତ ହେଉଥିଲି । ଏପରିକି ସେତେବେଳର The oriya ବୋଲି ଯେଉଁ ସାପ୍ତାହିକ ପତ୍ରିକା ସେ ବାହାର କରୁଥିଲେ ତାର ଅନେକ ଲେଖା ମୁଁ ମୁଖସ୍ଥ କରି କେତେକକୁ ଆମ ମେସର ଘରିଆଡ଼େ ଟଙ୍ଗାଇ ଥିଲି । × × ×
ସେତେବେଳେ ଓଡ଼ିଶାର ଏକ ମାତ୍ର ରଜନୀତିକ ଚିନ୍ତାଥାଏ ଓଡ଼ିଆ ଭାଷୀ ପ୍ରଦେଶ-ମାନଙ୍କ ଏକତ୍ରୀକରଣ, ପଡ଼ୋଶୀ ବଙ୍ଗାଳୀମାନଙ୍କ ଔଦ୍ଧତ୍ୟରୁ ଆତ୍ମରକ୍ଷା (ସାଧନାର ପଥେ ୨୯ ଓ ୩୦ ପୃ) ।

× × × × ×

ନାଗପୁର କଂଗ୍ରେସ ପରେ ଚକ୍ରଧରପୁରଠାରେ ଯେଉଁ ଉତ୍କଳ ସମ୍ମିଳନୀ ୧୯୨୦ ମସିହା ଡ଼ିସେମ୍ବର ମାସରେ ହେଲା ସେଥିରେ ପଣ୍ଡିତ ଗୋପବନ୍ଧୁ ପ୍ରସ୍ତାବ କରିଥିଲେ ଯେ ସମ୍ମିଳନୀର ଉଦ୍ଦେଶ୍ୟ ଦେଶ ମିଶ୍ରଣ ନ ରହି କଂଗ୍ରେସର ଉଦ୍ଦେଶ୍ୟ ଅନୁସାରେ

---

ସମ୍ପାଦନ, ବ୍ରାହ୍ମଧର୍ମ ଗ୍ରହଣ, ୧୯୦୦ ମସିହାରେ ଶିକ୍ଷକ କର୍ମ ତ୍ୟାଗ ଓ ଉତ୍କଳ ସାହିତ୍ୟ ପ୍ରେସ ସ୍ଥାପନ, ଦେଶ ମିଶ୍ରଣ କାର୍ଯ୍ୟ ପରିଚାଳନ, ବିହାର ଓଡ଼ିଶାର କାଉନସିଲର ସଭ୍ୟ 'ଉତ୍କଳ ସାହିତ୍ୟ' ମାସିକ ପତ୍ରିକା ସମ୍ପାଦନ, ରାୟ ସାହେବ ପଦତ୍ୟାଗ, 'ସତ୍ୟସମାଚାର' ପତ୍ରିକା ସମ୍ପାଦନ କରିଥିଲେ । ସେ ପ୍ରସିଦ୍ଧ ବକ୍ତା ଓ ସାହିତ୍ୟିକ ତଥା ସଂସ୍କାରକ ଭ ଖ୍ୟାତ । ତାଙ୍କର ଦେହାନ୍ତ ତା ୧୯।୧୦।୧୯୩୪ରେ ହୋଇଥିଲା ।

Digitized by srujanika@gmail.com

ସ୍ୱରାଜ୍ୟ ପ୍ରାପ୍ତି ହେଉ । ଏ ପ୍ରସ୍ତାବ ଗୃହୀତ ହେବା ଫଳରେ ସମ୍ମିଳନୀରୁ ବହୁ ଲୋକ ଅପସରି ଯାଇଥିଲେ (୪୪ ପୃ) ।

## ସିଂହଭୂମିରେ ପଣ୍ଡିତ ଗୋଦାବରୀଶ

ପଣ୍ଡିତ ଗୋଦାବରୀଶଙ୍କ ନେତୃତ୍ୱରେ ଦଳେ ଉତ୍ସାହିଯୁବକ ସିଂହଭୂମି ଅଞ୍ଚଳର ଓଡ଼ିଆଙ୍କ ଓଷା ପର୍ବ-ପର୍ବାଣିର ପୁନଃ ପ୍ରଚଳନ କରାଇଲେ । ଓଡ଼ିଆଙ୍କ ସଂଖ୍ୟା ଅଣ-ଓଡ଼ିଆ ଜନଗଣନାକାରୀ ଯେପରି କମାଇ ନ ଦିଅନ୍ତି ସେଥି ନିମନ୍ତେ ସତର୍କ ଦୃଷ୍ଟି ରଖି ଆତ୍ମ-ବିସ୍ମୃତ ଓଡ଼ିଆଙ୍କ ମଧ୍ୟରେ ଚେତନା ଆଣି ଦେଲେ, ପ୍ରଚାରକ ଅନନ୍ତ ମିଶ୍ର ସେଠି ରହି ବିଶେଷ କାର୍ଯ୍ୟ କଲେ । ଗୋଦାବରୀଶଙ୍କ ପ୍ରତିଭା, ବଳିଷ୍ଠ ବ୍ୟକ୍ତିତ୍ୱ ସିଂହଭୂମିବାସୀଙ୍କୁ ଅଭୁତ ପ୍ରେରଣା ଆଣିଦେଲା । ଓଡ଼ିଶା ସହିତ ମିଶିବା ପାଇଁ ସମସ୍ତେ ଆତୁର ହୋଇ ଉଠିଲେ । ଚକ୍ରଧରପୁର ଓଡ଼ିଆ ପ୍ରଚାରର କେନ୍ଦ୍ର ହେଲା । ସେଠି ହାଇସ୍କୁଲ ସ୍ଥାପନ କରି ତାର ମାଧ୍ୟମରେ ଓଡ଼ିଆ ଭାଷାର ପ୍ରଚାର ମୁଖ୍ୟ ଲକ୍ଷ୍ୟ ହେଲା । ଏଥିରେ ସର୍ବଶ୍ରୀ କାହ୍ନୁକିଶୋର ପାଣି, ଦୀନନାଥ ପାଣ୍ଡେ, ଜୟନାରାୟଣ ରାମ, ଗତିକୃଷ୍ଣ ଷଡ଼ଙ୍ଗୀ, ସୁଦର୍ଶନ ପାଣିଗ୍ରାହୀ ଆଦିଙ୍କ ସାହାଯ୍ୟ ସହଯୋଗ ଉଲ୍ଲେଖନୀୟ । କଂଗ୍ରେସ ଆନ୍ଦୋଳନରେ ମଧ୍ୟ ଏହି ବିଦ୍ୟାଳୟ ମୁଖ୍ୟଭାଗ ନେଉଥିଲା, ସିଂହଭୂମି ଜିଲ୍ଲା କଂଗ୍ରେସ କମିଟି ବିହାର କଂଗ୍ରେସ ଅଧୀନରେ ରହିବ କି ଉତ୍କଳ ପ୍ରଦେଶ କଂଗ୍ରେସରେ ରହିବ ଏ ସମ୍ବନ୍ଧେ ମତଭେଦ ହେବାରୁ କଂଗ୍ରେସ ସଭ୍ୟମାନଙ୍କ ମତ ନିଆଗଲା । ଶତକରା ପଞ୍ଚାଅଶି ଭାଗ ମତ ଓଡ଼ିଶା ସପକ୍ଷରେ ଯିବାରୁ ବିହାରର ମୁଖ୍ୟ କଂଗ୍ରେସ ନେତା ରାଜେନ୍ଦ୍ର ପ୍ରସାଦ ଓଡ଼ିଶାରେ ମିଶାଇବା ଉଚିତ ମନେକଲେ । ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ଥିଲେ ସୁଦର୍ଶନ ପାଣିଗ୍ରାହୀ । ସେ ମେଦିନୀପୁରକୁ ଯିବା ଫଳରେ ସୁରେଶଚନ୍ଦ୍ର ଷଡ଼ଙ୍ଗୀ ସମ୍ପାଦକ ହେଲେ । ପଣ୍ଡିତ ଗୋଦାବରୀଶଙ୍କ ଉଦ୍ୟମ ସଫଳ ହେଲା । ସେ ସିଂହଭୂମିରେ ତା ୮-୨-୧୯୧୯ଠାରୁ ତା ୨୨-୯-୧୯୨୭ଯାଏ ଥିଲେ ।

## ଇମ୍ପେରିଅଲ କାଉନ୍‌ସିଲରେ ଓଡ଼ିଶା ପ୍ରସଙ୍ଗ

୧୯୨୦ ମସିହାରେ ଇମ୍ପରିୟଲ ବ୍ୟବସ୍ଥା ସଭାରେ ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ କନିକା ରାଜା ସାର ରାଜେନ୍ଦ୍ରନାରାୟଣ ଭଞ୍ଜଦେବ ଯେଉଁ ପ୍ରସ୍ତାବ ଆଣିଲେ ତାକୁ ଓଡ଼ିଶା ପ୍ରଦେଶ ଗଠନ ବିରୋଧୀ ସୁରେନ୍ଦ୍ରନାଥ ବାନାର୍ଜୀ ମଧ୍ୟ ସମର୍ଥନ କଲେ । ଏହା ମଧୁବାବୁଙ୍କ ପ୍ରଭାବର ଫଳ । ଏହି ସମସ୍ୟାର ଆଶୁ ସମାଧାନ ନିମନ୍ତେ ସରକାରୀ ଓ ବେସରକାରୀ ସଭ୍ୟଙ୍କୁ ନେଇ ଗୋଟିଏ କମିଟି ଗଠନ କରାଯାଉ ବୋଲି ବିହାରର ଶ୍ରୀ ସଚ୍ଚିଦାନନ୍ଦ ସିଂହ ତା ୨୦।୨।୧୯୨୦ରେ ପ୍ରସ୍ତାବ ଆଣିଲେ । ସାର ବି. ଏନ୍. ଶର୍ମା ମଧ୍ୟ ଓଡ଼ିଆମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠନ କରାଯିବା ଉଚିତ ବୋଲି ମତ ଦେଲେ,

Digitized by srujanika@gmail.com

ସରକାରଙ୍କ ହୋମ ମେମ୍ବର ସାର ଉଲିୟମ ଭିନ୍‌ସେଣ୍ଟ ମଧ୍ୟ ଏଥି ପ୍ରତି ସହାନୁଭୂତି ଜ୍ଞାପନ କଲେ । ଇଂରାଜି ପ୍ରସ୍ତାବଟି ହେଲା :—

This Council recomends to the Governor General in Council that a mixed Committee of non-officials and affiecals be appointed to formulate a scheme for the amalgamation of the Oriya speaking tracts at present administered on controlled by the Governments of Madras Bengal and central provinces with the existing Orissa division of the province of Bihar and Orissa.

ସାରାର୍ଥ ହେଲା ଏହି କାଉନ୍‌ସିଲ ଗଭର୍ଣ୍ଣର ଜେନେରାଲଙ୍କୁ ସୁପାରିଶ କରନ୍ତି ଯେ ସରକାରୀ ଓ ବେସରକାରୀ ସଭ୍ୟଙ୍କୁ ନେଇ ଗୋଟିଏ ମିଳିତ କମିଟି ନିଯୁକ୍ତ କରାଯାଉ, ସେମାନେ ମାନ୍ଦ୍ରାଜ, ବଙ୍ଗଳା, ମଧ୍ୟପ୍ରଦେଶ ଓ ବିହାର-ଓଡ଼ିଶାର ଶାସନରେ ଥିବା ଓଡ଼ିଆଭାଷୀମାନଙ୍କୁ ଏକ ଶାସନାଧୀନ ହେବା ପାଇଁ ବ୍ୟବସ୍ଥା ପ୍ରଣୟନ କରନ୍ତୁ, ଏ ପ୍ରସ୍ତାବ ଗୃହୀତ ହେଲା ।

## ପ୍ରାଦେଶିକ କଂଗ୍ରେସ କମିଟିରେ ସୀମା ବିବାଦ

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ନେତାମାନେ ବ୍ରିଟିଶଶାସନରୁ ଦେଶ କିଭଳି ମୁକ୍ତିଲାଭ କରିବ, ସେଥିରେ ମନ ଦେଲେ ସିନା, ଦେଶମିଶ୍ରଣ ବା ଓଡ଼ିଆ ଜାତିର ଅଭାବ, ଅସୁବିଧା ପ୍ରତି ବିଶେଷ ଗୁରୁତ୍ୱ ଦେଲେ ନାହିଁ । ଆଞ୍ଚଳିକ ସମସ୍ୟାଗୁଡ଼ିକ ସ୍ୱରାଜ୍ୟ ପ୍ରାପ୍ତି ପରେ ସମାଧାନ ହୋଇଯିବ ବୋଲି ଧରିନେଲେ । ଫଳରେ ଓଡ଼ିଆମାନେ ନାହିଁ ନ ଥିବା ଦୁଃଖ ଭୋଗିଲେ । କଂଗ୍ରେସ ପ୍ରଭାବରେ ଜାତି ପ୍ରୀତି ଓ ପ୍ରାଦେଶିକ ଭାବ ବଢ଼ିଲା ସିନା କମିଲା ନାହିଁ । ସଂଖ୍ୟାଲଘୁ ଲୋକେ ସଂଖ୍ୟାଧିକଙ୍କ ସକଳ ପ୍ରକାର ଉତ୍ପୀଡ଼ନ ଭୋଗ-କଲେ । ସେମାନଙ୍କ ଗୁହାରି ସରକାରୀ ତଥା ବେସରକାରୀ ସ୍ତରରେ କେହି ଶୁଣିଲେ ନାହିଁ ।

ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଓ ଆନ୍ଧ୍ର କଂଗ୍ରେସ କମିଟି ଗଞ୍ଜାମ ଜିଲ୍ଲାରେ ସ୍ୱସ୍ୱ ସୀମା ନିରୂପଣରେ ଅସମର୍ଥ ହେବା ଫଳରେ ମନୋମାଳିନ୍ୟ ଲାଗି ରହିଲା । ଫଳରେ ଜିଲ୍ଲାରେ କୌଣସି ଗଠନମୂଳକ କାମ ହୋଇ ପାରିଲା ନାହିଁ ଓ କଂଗ୍ରେସ ପ୍ରଚାର ମଧ୍ୟ ବାଧା ପ୍ରାପ୍ତ ହେଲା ।

## ମହାତ୍ମା ଗାନ୍ଧୀଙ୍କ ଓଡ଼ିଆଙ୍କ ପ୍ରତି ସହାନୁଭୂତି

ମହାତ୍ମା ଗାନ୍ଧୀ ୧୯୨୧ ମସିହାରେ ଗଞ୍ଜାମ ପରିଭ୍ରମଣରେ ଆସି ବ୍ରହ୍ମପୁରଠାରେ ଉଭୟ ପ୍ରଦେଶ କଂଗ୍ରେସ କର୍ମକର୍ତ୍ତାଙ୍କଠାରୁ ସେମାନଙ୍କ ଦାବୀ ଶୁଣିଲେ । କଂଗ୍ରେସ

Digitized by srujanika@gmail.com

ବାର୍ତ୍ତା ପ୍ରଚାର ନିମନ୍ତେ ସର୍ବସାଧାରଣଙ୍କ ଏକ ବିରାଟ ସଭାରେ ଓଡ଼ିଆ-ତେଲୁଗୁ ବିବାଦ ବିଷୟ ଅବତାରଣା କରି ସେ କହିଲେ—

"Before the Sun rises tomorrow the Oriya-Telugu dispute should be settled and the strong Audhras must yield to the weak Oriyas"
"କାଲି ସୂର୍ଯ୍ୟୋଦୟ ପୂର୍ବରୁ ଓଡ଼ିଆ ଓ ତେଲେଙ୍ଗା ଗଣ୍ଡଗୋଳର ସମାଧାନ ହେବା ଉଚିତ । ସବଳ ଆନ୍ଧ୍ରମାନେ ଦୁର୍ବଳ ଓଡ଼ିଆଙ୍କ ଦାବୀ ମାନି ନିଅନ୍ତୁ ।"

## ସୀମା ବିଚାରରେ ଆନ୍ଧ୍ରମାନେ ସହଯୋଗ କଲେ ନାହିଁ

ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶ ତଥା ଉତ୍କଳ ଓ ଆନ୍ଧ୍ର ପ୍ରଦେଶ କଂଗ୍ରେସ କମିଟି ପ୍ରସ୍ତାବରେ ସ୍ଥିର ହେଲା ଯେ, ତା ୧୦-୫-୧୯୨୧ରେ ଓଡ଼ିଆ ଓ ଆନ୍ଧ୍ରମାନଙ୍କ ପ୍ରତିନିଧିମାନେ ବ୍ରହ୍ମପୁରଠାରେ ମିଳିତ ହୋଇ ସୀମା ବିବାଦର ମୀମାଂସା କରିବେ । ଓଡ଼ିଆଙ୍କ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସ ଓ ଆନ୍ଧ୍ରଙ୍କ ପକ୍ଷରୁ କୋଣ୍ଡା ଭେଙ୍କଟାପାୟା ଏହାର ବିଚାର ପାଇଁ ପ୍ରତିନିଧି ନିଯୁକ୍ତ ହେଲେ । କିନ୍ତୁ ନିର୍ଦ୍ଧାରିତ ଦିବସରେ ଆନ୍ଧ୍ରଙ୍କ ପ୍ରତିନିଧି ବୈଠକରେ ଯୋଗ ଦେଲେ ନାହିଁ । ସେ ୧୯-୨-୧୯୨୧ରେ ଆନ୍ଧ୍ର ତଥା ଉତ୍କଳ ପ୍ରଦେଶ କଂଗ୍ରେସ କମିଟିକୁ ଜଣାଇ ଦେଲେ ଯେ ଦୁଇ ପ୍ରଦେଶ କଂଗ୍ରେସ କମିଟି ପ୍ରତ୍ୟେକ ଦୁଇ ଜଣ ପ୍ରତିନିଧି ବାଛନ୍ତୁ । ତଦନୁରୂପେ ଆନ୍ଧ୍ର ଶ୍ରୀ ଟି. ପ୍ରକାଶମ୍ ଓ ବି. ପଟ୍ଟାଭି ସୀତାରାମାୟାଙ୍କୁ ଓ ଉତ୍କଳ ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ପ୍ରତିନିଧି ରୂପେ ବାଛିଲେ । ଡ଼ାକ୍ତର ବି. ଏସ୍. ମୁଞ୍ଜେ କମିଟିର ସଭାପତି ମନୋନୀତ ହେଲେ ତା ୨୮-୯-୧୯୨୧ରେ ଏ ପଞ୍ଚାୟତ ବସିବା ସ୍ଥିର ହେଲା । ଆନ୍ଧ୍ର ପ୍ରତିନିଧି ଦ୍ୱୟ ଆଲୋଚନା ପାଇଁ ପ୍ରସ୍ତୁତ ନ ଥିବା ଜଣାଇ ମାସେ ସମୟ ଚାହିଁଲେ । ସଭାପତି ବୈଠକ ମୁଲତବି ରଖିଲେ ।

ନିଖିଳ ଭାରତ କଂଗ୍ରେସ କମିଟି କୋକନଦ (କାକିନାଡ଼ା) ବୈଠକରେ ତା ୨-୧-୧୯୨୪ ଦିନ ୫ ନମ୍ବର ପ୍ରସ୍ତାବରେ ନିର୍ଦ୍ଦେଶ ଦେଲେ ଯେ ଶ୍ରୀ ଚକ୍ରବର୍ତ୍ତୀ ରାଜଗୋପାଳାଚାରିଙ୍କ ଅଧ୍ୟକ୍ଷତାରେ ଆନ୍ଧ୍ର ଓ ଉତ୍କଳ କଂଗ୍ରେସ ପ୍ରତ୍ୟେକରୁ ଦୁଇଜଣ ଲେଖାଏ ପ୍ରତିନିଧି ରହି ତା ୩୧-୩-୧୯୨୪ ଆଗରୁ ନିଷ୍ପତ୍ତି ଶୁଣାଇ ଦେବେ । ଶ୍ରୀ ରାଜଗୋପାଳାଚାରି ଏ କମିଟିରୁ ତା ୧-୩-୧୯୨୪ରେ ଇସ୍ତଫା ଦେଲେ । ନି. ଭା.କଂ. କାର୍ଯ୍ୟକାରୀ କମିଟି ବମ୍ବେ ବୈଠକରେ ତା ୨୩-୪-୧୯୨୪ରେ ଏ ଇସ୍ତଫା ଗ୍ରହଣ କରି ଶ୍ରୀ ରାଜେନ୍ଦ୍ରପ୍ରସାଦଙ୍କୁ ମନୋନୀତ କଲେ । ସେ ଜୁନ ମାସ ଆଗରୁ ଏ ବିଷୟ ବିଚାର କରି ପାରିବେ ନାହିଁ ବୋଲି କହିଲେ । କଂଗ୍ରେସର ସବୁ ପ୍ରସ୍ତାବର ଏହି ପରିଣତି ଘଟିଲା ।

Digitized by srujanika@gmail.com

## ସପ୍ତଦଶ ଅଧିବେଶନ

୧୯୨୩ ମସହାରେ ଶ୍ରୀ କଳ୍ପତରୁ ଦାସଙ୍କ ସଭପତିତ୍ୱରେ ବ୍ରହ୍ମପୁରଠାରେ ସମ୍ମିଳନୀର ଅଧିବେଶନ ଅନୁଷ୍ଠିତ ହେଲା । କଂଗ୍ରେସ ଓଡ଼ିଆମାନଙ୍କ ନ୍ୟାଯ୍ୟ ଦାବୀକୁ କିପରି ପ୍ରତିହତ କରି ସବଳଙ୍କ ପକ୍ଷ ଗ୍ରହଣ କରୁଛି ତାଁର ଆଲୋଚନା କରଗଲା । "ସ୍ୱତନ୍ତ୍ର ପ୍ରଦେଶ ବିନା ଅନ୍ୟ କୌଣସି ବିକଳ୍ପ ପ୍ରସ୍ତାବରେ ଓଡ଼ିଆମାନେ ସନ୍ତୁଷ୍ଟ ହେବେ ନାହିଁ " ଏହି ପ୍ରସ୍ତାବ ଗୃହୀତ ହେଲା ।

## ମଧବାବୁଙ୍କ ମନ୍ତ୍ରୀ ପଦରୁ ଇସ୍ତଫା

୧୯୨୩ ମସହାରେ ମଧୁବାବୁ ବିହାର-ଓଡ଼ିଶା ସରକାରଙ୍କ ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । କାରଣ ମନ୍ତ୍ରୀ ହୋଇ ଦରମା ନେବା ଉଚିତ ନୁହେ ବୋଲି, ସେ ଲାଟଙ୍କୁ ପ୍ରସ୍ତାବ ଦେଲେ, ତାହା ଗୃହୀତ ହେଲା ନାହିଁ । ମଧୁବାବୁ ଏହାର ପ୍ରତିବାଦରେ ମନ୍ତ୍ରୀପଦ ତ୍ୟାଗ-କଲେ । "ମନ୍ତ୍ରୀ ଦରମା ନ ନେବା ଉଚିତ" ଏହି ପ୍ରସ୍ତାବ ନେଇ ଇସ୍ତଫା ଦେବାରେ ସେ ଭରତରେ ସର୍ବପ୍ରଥମ ଅଟନ୍ତି । ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବା ନିମନ୍ତେ ବିହାର ସରକାରଙ୍କୁ ପ୍ରବର୍ତ୍ତାଇବାରେ ମଧୁବାବୁଙ୍କ ଚେଷ୍ଟା ଅତୁଳନୀୟ ।

## ଅଷ୍ଟାଦଶ ଅଧିବେଶନ

୧୯୨୪ ମସିହାରେ ବ୍ରହ୍ମପୁରଠାରେ ଶ୍ରୀ ଚନ୍ଦ୍ରଶେଖର ବେହେରଙ୍କ ସଭପତିତ୍ୱରେ ସମ୍ମିଳନୀର ଅଷ୍ଟାଦଶ ଅଧିବେଶନ ଅନୁଷ୍ଠିତ ହୋଇ ଓଡ଼ିଆଙ୍କୁ ଏକ ଶାସନାଧୀନ ନ କଲେ ଫଳ ବିଷମୟ ହେବ ବୋଲି ସରକାରଙ୍କୁ ଚେତାଇ ଦିଆଗଲା ।

## ଫିଲିପ୍-ଡ଼ଫ୍ କମିଶନ ନିଯୁକ୍ତ

ଇମ୍ପରିୟଲ ଲେଜିସଲେଟିଭ କାଉନ୍ସିଲ ପ୍ରସ୍ତାବ ଗ୍ରହଣ କରିବା ଚାରିବର୍ଷ ବିତିଗଲା ପରେ ଭରତ ସରକାରଙ୍କ ଘରୋଇ ବିଭଗ ନ. ଏଫ୍. ୬୬୯ ତା ୮-୧୦-୧୯୨୪ରେ ନିମ୍ନୋକ୍ତ ବିଜ୍ଞପ୍ତି ପ୍ରକାଶ କଲେ ।

"The Governor General in Council is not however satisfied as to the wishes of the Oriyas in these areas. There may be or there may not be a genuine desire on the part of these Oriyas to be amalgamated with the Oriyas of Orissa and it is clear that if there is no such desire further steps not be taken at the present juncture".

Digitized by srujanika@gmail.com

ଭାରତ ହେଲ ସପରିଷଦ୍ ଗବର୍ଣ୍ଣରଜେନେରଲ ଓଡ଼ିଆମାନଙ୍କ ମିଶ୍ରଣ ଇଚ୍ଛାଥିବା ଭଳି ପ୍ରସ୍ତାବରେ ସନ୍ତୁଷ୍ଟ ହୋଇ ପାରୁ ନାହାନ୍ତି । ସେମାନଙ୍କର ଓଡ଼ିଶାରେ ଥିବା ଓଡ଼ିଆଙ୍କ ସହ ମିଶ୍ରଣରେ ପ୍ରକୃତ ଇଚ୍ଛା ଥାଇପାରେ, ନ ଥାଇ ବି ପାରେ । ଯଦି ଇଚ୍ଛା ନ ଥିବ, ତେବେ ବର୍ତ୍ତମାନ ପରିସ୍ଥିତିରେ ଆଉ କୌଣସି ପନ୍ଥାର ବିଗ୍ରହ କରଯିବ ନାହିଁ ।

ଭାରତ ସରକାରଙ୍କ ଉପର୍ଯୁକ୍ତ ମତରୁ ଓଡ଼ିଆ ଆନ୍ଦୋଳନ ପ୍ରତି ସେମାନେ କିଭଳି ଦୃଷ୍ଟି ରଖିଥିଲେ ତାହା ସ୍ପଷ୍ଟ ଜଣାଯାଏ ।

ଦେଶମିଶ୍ରଣର ଶେଷ ନିଷ୍ପତ୍ତି ପାଇଁ ଗବର୍ଣ୍ଣର ଜେନେରଲ ଶ୍ରୀ ସି. ଏଲ୍. ଫିଲିପ ଆଇ. ସ. ଏସ୍. (ଓଡ଼ିଶା ଷ୍ଟେଟ ଗୁଡ଼ିକର ପୋଲିଟିକାଲ ଏଜେଣ୍ଟ) ଓ ମାନ୍ଦ୍ରାଜ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଶ୍ରୀ ଏ. ସି. ଡ଼ଫ ଆଇ. ସି. ଏସ୍. (ବେଲରି ଜିଲ୍ଲା କଲେକ୍ଟର)ଙ୍କୁ ନିଯୁକ୍ତ କଲେ । ସେମାନେ ଶୀଘ୍ର କାର୍ଯ୍ୟାରମ୍ଭ କରି ଭାରତ ସରକାରଙ୍କୁ ରିପୋର୍ଟ ଦେବା ପାଇଁ ଆଦିଷ୍ଟ ହେଲେ । ଉଭୟେ ଗଞ୍ଜାମ ଓ ବିଶାଖାପାଟଣାର ଜୟପୁର ଅଞ୍ଚଳର ବହୁତ ସ୍ଥାନ ବୁଲି ଜନସାଧାରଣଙ୍କ ମତ ନେଲେ ।

କମିଶନ ରମ୍ଭାରେ ତା ୦୭-୧୨-୧୯୨୪ଠାରୁ ତା ୨୧-୧୨-୧୯୨୪ ଯାଏ ରହି ଦାବୀ ଶୁଣିଲେ । ଏ ସୁଯୋଗରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ଉତ୍କଳ ସମ୍ମିଳନୀର ଇତିହାସ, ତାଙ୍କ ସ୍ୱର୍ଗତ ପିତାଙ୍କ ଦେଶମିଶ୍ରଣ ପାଇଁ ମହନୀୟ ଚେଷ୍ଟା ଆଦର ବିବରଣ ଶୁଣାଇ ଲିଖିତ ଦାବୀ ଉପସ୍ଥାପନ କଲେ । କମିଶନ ରାଜାଙ୍କ ଦାବୀ ଯୁକ୍ତିଯୁକ୍ତ ବୋଲି ସ୍ୱୀକାର କରିଥିବା ତାଙ୍କ ରିପୋର୍ଟରୁ ଜଣାଯାଏ । ଖଲିକୋଟର ସର୍ବସାଧାରଣ ସଭାରେ ଯେଭଳି ଲୋକସମାଗମ ହୋଇଥିଲା ତାହା ଅତୁଳନୀୟ । ଏହି ତଦନ୍ତ କାର୍ଯ୍ୟରେ ସାହାଯ୍ୟ କରିବାରେ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ଶଶିଭୂଷଣ ରଥ (ସମ୍ପାଦକ ଆଶା) ହରିହର ପଣ୍ଡା, ମଧୁସୂଦନ ପାଣିଗ୍ରାହୀ, ଶରତଚନ୍ଦ୍ର ମହାପାତ୍ର ଆଦି ଯେ ଭଳି ପରିଶ୍ରମ କରିଥିଲେ ତାହା ଚିରସ୍ମରଣୀୟ । ୩୬ ।

ସୁରଙ୍ଗୀର କୁମାର ଚକ୍ରପାଣ ବିଦ୍ୟାଧର ସାମନ୍ତ ତାଙ୍କ ଅଞ୍ଚଳର ଓଡ଼ିଆ ସଂଖ୍ୟାଧିକତା ଓ ଦେଶମିଶ୍ରଣର ଜରୁର ଆବଶ୍ୟକତା ନେଇ କମିଶନଙ୍କୁ ଯେ ସବୁ ପ୍ରମାଣ ଦେଇଥିଲେ ତାହା ଯେପରି ଅଭ୍ରାନ୍ତ ସେହିଭଳି ଦେଶାତ୍ମବୋଧର ପରିଚୟ ଦେଇଥିଲା ।

---

୩୬ । ଶ୍ରୀ ହରିହର ପଣ୍ଡା ୧୮୬୫ ମସିହାରେ ଜନ୍ମ ହୋଇଥିଲେ । ସେ ଗଞ୍ଜାମର ପ୍ରଥମ ଓଡ଼ିଆ ଓକିଲ । ଅଣଓଡ଼ିଆଙ୍କ ଦାଉରୁ ଓଡ଼ିଆ ସ୍ୱାର୍ଥକୁ ରକ୍ଷା କରିବା ନିମନ୍ତେ 'ଓଡ଼ିଆ-ସମାଜ' ସ୍ଥାପନ କରିଥିଲେ । ଦେଶମିଶ୍ରଣର ଜଣେ ମୁଖ୍ୟ କର୍ମୀ ଥିଲେ ।

Digitized by srujanika@gmail.com

ଶ୍ରୀ ନିରଞ୍ଜନ ପଟ୍ଟନାୟକ ଓ ଶ୍ରୀ ଚକ୍ରପାଣି ପ୍ରଧାନଙ୍କ ଦ୍ୱାରା ଲିଖିତ ଶ୍ରୀ ମଧୁସୂଦନ ଦାସଙ୍କ ଅର୍ଥାନୁକୂଲ୍ୟରେ ଶ୍ରୀ ହରିହର ପଣ୍ଡାଙ୍କ ଦ୍ୱାରା ପ୍ରକାଶିତ ଦି ଓରିଆ ମୁଭମେଣ୍ଟ (The Oriya movement) ଗ୍ରନ୍ଥ ଓଡ଼ିଆ ଆନ୍ଦୋଳନର ଏକ ବିଶିଷ୍ଟ ଗ୍ରନ୍ଥ । ୧୯୧୭ ମସିହା ସୁଦ୍ଧା ଏ ବିଷୟରେ ଘଟିଥିବା ବହୁ ଘଟଣା ଏଥିରେ ସ୍ଥାନ ପାଇଛି । ଅଣଓଡ଼ିଆଙ୍କୁ ଓଡ଼ିଆଙ୍କର ଏକ ଶାସନାଧୀନ ହେବା ଦାବୀ ଜଣାଇବାରେ ଏହା ଏକମାତ୍ର ପ୍ରାମାଣିକ ଗ୍ରନ୍ଥ ।

ନିରଞ୍ଜନବାବୁ କିଛିଦିନ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ପରିଚାଳକ ଥିଲେ । ଓଡ଼ିଶାରେ ଖଦୀ ଆନ୍ଦୋଳନର ଭାର ନେଇଥିଲେ । 'ଗାନ୍ଧୀ ସମାଚାର' ନାମକ ସାମୟିକ ପତ୍ରିକା କରିଥିଲେ । ଦେଶସେବା ଲାଗି କାରାଦଣ୍ଡ ଭୋଗ କରିଥିଲେ । ଅକାଳରେ ଏ ଉଭୟ ଲେଖକଙ୍କ ପରଲୋକ ଘଟିଥିଲା ।

ଖଲିକୋଟ, ରମ୍ଭା, ବ୍ରହ୍ମପୁର, ପାରଳାଖେମୁଣ୍ଡୀ ଓ ଜୟପୁର ଆଦି ସଭାରେ ଜନ ସମାଗମ ଓ ଦେଶମିଶ୍ରଣ ଦାବୀରେ କମିଶନ ଅଭିଭୂତ ହୋଇ ପଡ଼ିଲେ । କେତେକ ତେଲୁଗୁ ଦେଶମିଶ୍ରଣ ବିରୁଦ୍ଧରେ ମଧ୍ୟ ମତ ଦେଲେ ।

## କମିଶନଙ୍କ ରିପୋର୍ଟ

କମିଶନ ଓଡ଼ିଆ ଜାତିର ଦାବୀ ଯଥାର୍ଥ ବୋଲି ମତ ଦେଇ ଗଞ୍ଜାମ ଜିଲ୍ଲାର ନାରସେନାପେଟା ତାଲୁକା ଛାଡ଼ି ସମଗ୍ର ପାରଳାଖେମୁଣ୍ଡୀ ରାଜ୍ୟ, ତରଳା, ଟିକାଲି, ମଞ୍ଜୁଷା, ଜଳନ୍ତର, ବୁଡ଼ାରସିଂହ, ଚିକିଟି, ଧରାକୋଟ ସୁରଙ୍ଗୀ, ଶେରଗଡ଼, ବଡ଼ଗଡ଼, ବଡ଼ଖେମୁଣ୍ଡୀ, ସାନଖେମୁଣ୍ଡୀ, ଆଠଗଡ଼, ଖଲିକୋଟ, ବିରୁଳି, ପାଲୁର, ହୁମା ଜମିଦାରୀ ସମେତ ବ୍ରହ୍ମପୁର, ଛତ୍ରପୁର ଓ ଘୁମୁସର ସବ୍‌ଡ଼ିଭିଜନମାନ, କିଲ୍ଲାର ମାଳ ଅଞ୍ଚଳ ଏବଂ ବିଶାଖପାଟଣା ଜିଲ୍ଲାର ଜୟପୁର ଜମିଦାରୀ ଓଡ଼ିଶାରେ ମିଶିଯିବା ଉଚିତ ବୋଲି ମତ ଦେଇ ସପକ୍ଷରେ ଭାଷା, ସମାଜ ଓ ଅନ୍ୟାନ୍ୟ ଦୃଷ୍ଟିରୁ ଅକାଟ୍ୟ ପ୍ରମାଣ ଦର୍ଶାଇ ତାଙ୍କ ରିପୋର୍ଟ ତା ୨୬-୦୨-୧୯୨୪ରେ ଭାରତ ସରକାରଙ୍କୁ ପଠାଇ ଦେଲେ । ୩୭

ଗଞ୍ଜାମର ଘରେ ଘରେ ଶୁଣାଗଲା—

ଚେତିଲେଣ ଦେଶ ସକଳ
ଏତିକି ବେଳେ କିପାଇଁ ଜଡ଼ ଉତ୍କଳ ?

---

୩୭ । ଭାଷାତତ୍ତ୍ୱବିତ୍ ଲାସେନ (Lassen) ତାଙ୍କର (Indishe Alter thumuschnde ) ଗ୍ରନ୍ଥରେ ଶିକାକୋଲଯାଏ ସମଗ୍ର ଗଞ୍ଜାମ ଜିଲ୍ଲା ଓଡ଼ିଆଭାଷୀ ଅଞ୍ଚଳ ବୋଲି ଦର୍ଶାଇଛନ୍ତି ।

Digitized by srujanika@gmail.com

ଆମେରିକା ଜରମାନୀ ନାମେ ଉଠେ ଜୟଧ୍ୱନି
ପୁଣି ଜାପାନ ଅବନୀ ମଣ୍ଡଳ —ଚୂର୍ଣ୍ଣ"
(ପ୍ରକ୍ରମ ପଦ୍ୟାବଳୀ)

## ଊନବିଂଶ ଅଧିବେଶନ

ଏହି ଅଧିବେଶନ ୧୯୨୫ ମସିହାରେ ଶ୍ରୀ ଭୁବନାନନ୍ଦ ଦାସଙ୍କ ସଭାପତିତ୍ୱରେ କଟକରେ ଅନୁଷ୍ଠିତ ହୋଇଥିଲା । ଫିଲିପ୍ ଡ଼ଫ୍ କମିଶନଙ୍କ ସୁପାରିଶକୁ ଗ୍ରହଣ କରିବା ନିମନ୍ତେ ଭାରତସରକାରଙ୍କୁ ଅନୁରୋଧ କରାଗଲା ।

ଭୁବନାନନ୍ଦ ଜଣେ ଇଞ୍ଜିନୀୟର ରାଜନୀତିରେ ଯୋଗ ଦେଇ ସେ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଦସ୍ୟ ହେଲେ । ବିଲାତରେ ତଥା ଦିଲ୍ଲୀରେ ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ବହୁ ପରିଶ୍ରମ କରିଥିଲେ । ପୁରୀର ଇଲେକ୍‌ଟ୍ରିକ କମ୍ପାନୀ ସ୍ଥାପନ ତାଙ୍କର ଉଦ୍ୟମର ଫଳ ।

## ସାଇମନ କମିଶନଙ୍କ ସୁପାରିଶ

୧୯୨୭ ମସିହାରେ ଶାସନ ସଂସ୍କାର ନିମନ୍ତେ ଇଂରେଜ ସରକାର ସର ଜନ ସାଇମନ (Sir John Simon)ଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଶନ ନିଯୁକ୍ତ କଲେ । ଏ କମିଶନଙ୍କୁ ଭାରତର ସର୍ବତ୍ର କଳାପତାକା ପ୍ରଦର୍ଶନ କରାଯାଇ ବର୍ଜନ କରାଗଲେ ହେଁ ଓଡ଼ିଶା ଲୋକେ ସହଯୋଗ କରିଥିଲେ । କମିଶନ ଅଟଲି ସବ୍ କମିଟି ଗଢ଼ି ଓଡ଼ିଆଙ୍କ ଦାବୀର ବିଚାର ଭାର ତାଙ୍କୁ ଦେଲେ ।

କମିଶନ ଓଡ଼ିଆଙ୍କ ଦାବୀ ସମ୍ବନ୍ଧେ ଲେଖିଲେ "An urgent case for Consideration and treatment is that of the Oriya speaking people (Simon report) ଓଡ଼ିଆଭାଷୀଙ୍କ ବିଷୟରେ ବିଚାର ଓ କାର୍ଯ୍ୟ ଜରୁରି ଆବଶ୍ୟକ । ସବ କମିଟି ହିସାବକିତାବ ବିଚାରକୁ ନ ନେଇ ଆନ୍ଧ୍ରଙ୍କ ପ୍ରଭାବରେ ପଡ଼ି ପାରଳା ଓ ଜୟପୁରକୁ ଛାଡ଼ି ଓଡ଼ିଶା ପ୍ରଦେଶର ସୀମା ନିରୂପଣ କଲେ । ସମଗ୍ର ପ୍ରାକୃତିକ ଓଡ଼ିଶାରୁ ଏହାର ପ୍ରତିବାଦ ହେଲା । ଫିଲିପ୍-ଡ଼ଫ୍ କମିଶନ ତିନି ବର୍ଷ ପୂର୍ବେ ଯେଉଁ ଅଞ୍ଚଳର ଓଡ଼ିଶା ସହ ମିଶ୍ରଣ ସପକ୍ଷରେ ଅକାଟ୍ୟ ପ୍ରମାଣ ଦେଇଥିଲେ ତାକୁ ଏହି କମିଶନ ଗ୍ରହଣ ନ କରିବା ସମସ୍ତଙ୍କ ପକ୍ଷରେ ବିସ୍ମୟ କ୍ରୋଧ ଓ ଦୁଃଖର କାରଣ ହେଲା । ଜୟପୁର ମହାରାଜା ଶ୍ରୀ ବିକ୍ରମଦେବ ଏହାର ପ୍ରତି-ବାଦରେ ଯେଉଁ ସ୍ମାରକପତ୍ର ଦେଇଥିଲେ, ତାହା ଉଲ୍ଲେଖଯୋଗ୍ୟ ।

Digitized by srujanika@gmail.com

ସାଇମନ କମିଶନକୁ ଯେଉଁ ସବୁ ସ୍ମାରକପତ୍ର ଦିଆଯାଇଥିଲା, ସେଥିରେ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ଯୁକ୍ତିଯୁକ୍ତ ସ୍ମାରକପତ୍ର ଅନ୍ତର୍ଗତ । ଏ ଜଣେ ଦେଶମିଶ୍ରଣ କର୍ମୀ ଥିଲେ । ୧୮୭୮ ମସିହାରେ ପୁରୀ ଜିଲ୍ଲା ସତ୍ୟବାଦୀ ନିକଟସ୍ଥ ସୋମେଶ୍ୱରପୁର ଶାସନରେ ଜନ୍ମ ହୋଇଥିଲେ । ରେଭେନ୍‌ସା କଲେଜରୁ ଏଫ୍. ଏ: ପାଶକରି ରସୁଲକୋଣ୍ଡା (ଭଞ୍ଜନଗର) ଟ୍ରେନିଂ ସ୍କୁଲରେ କିଛି ଦିନ ଶିକ୍ଷକ ଥିଲେ । ସେ ସମୟରୁ ଓଡ଼ିଆ ଭଷା ରକ୍ଷା, ଓଡ଼ିଶାର ଏକତ୍ରୀକରଣ ପ୍ରତି ସେ ମନ ଦେଇଥିଲେ । 'ପ୍ଲିଡ଼ରସିପ୍' ପରୀକ୍ଷା ପାଶ କରି ଗଞ୍ଜାମର ଆସିକାରେ ଓକିଲାତି କଲେ । ସେଠାରୁ ବିଲାତ (ଲଣ୍ଡନ) ଯାଇ ବାରିଷ୍ଟରି ପାଶକରି ପ୍ରଥମେ କଲିକତାରେ ପରେ ବ୍ରହ୍ମପୁର,କଟକ ଓ ପାଟଣାରେ ବାରିଷ୍ଟରି ବ୍ୟବସାୟକଲେ ୧୯୨୧ ମସିହାରେ ଓ ୧୯୩୧ ମସିହାରେ କେନ୍ଦ୍ର ବ୍ୟବସ୍ଥାପକ ସଭକୁ ନିର୍ବାଚିତ ହେଲେ । ସାଇମନ କମିଶନକୁ ସ୍ମାରକପତ୍ର ଦେଇ ଓଡ଼ିଶା ଏକତ୍ରୀକରଣ ଦାବୀରେ ପ୍ରଭବିତ କରାଇଥିଲେ । ତାଙ୍କର ଦେହାନ୍ତ ୧୩-୯-୧୯୩୩ ମସିହାରେ ହୋଇଥିଲା ।

## ବିହାର ଓଡ଼ିଶା ବିଧାନସଭାରେ ସ୍ୱତନ୍ତ୍ର ପ୍ରଦେଶ ପ୍ରସ୍ତାବ

୧୯୨୭ ମସିହା ଫେବ୍ରୁୟାରୀ ମାସରେ ପଣ୍ଡିତ ନୀଳକଣ୍ଠ ଦାସ ଦେଶମିଶ୍ରଣ ସମସ୍ୟା ନେଇ ବିଧାନସଭରେ ପ୍ରସ୍ତାବ କଲେ ଯେ ଓଡ଼ିଆମାନେ ସ୍ୱତନ୍ତ୍ର ପ୍ରଦେଶ ନ ପାଇଲେ ସନ୍ତୁଷ୍ଟ ହେବେ ନାହିଁ । ସରକାର ଆର୍ଥିକ ଅଭବ ଆଳ ଦେଖାଇ ସ୍ୱତନ୍ତ୍ର ପ୍ରଦେଶ ହୋଇ ପାରିବ ନାହିଁ ବୋଲି ଉତ୍ତର ଦେଲେ । ସଂଖ୍ୟାଗରିଷ୍ଠ ଅଣ ଓଡ଼ିଆମାନେ ପ୍ରସ୍ତାବ ବିରୁଦ୍ଧରେ ଭୋଟ ଦେବା ଆଶଙ୍କାରେ ପ୍ରସ୍ତାବକ ପ୍ରସ୍ତାବକୁ ପ୍ରତ୍ୟାହାର କଲେ । ସରକାର ଗଞ୍ଜାମ ଜିଲାର ଆର୍ଥିକ ପରିସ୍ଥିତି ବିଚାର ପାଇଁ ଶ୍ରୀ ୟୁ. ଏମ୍. ସେନଙ୍କୁ ନିଯୁକ୍ତ କଲେ । ସେ ବାସ୍ତବ ପରିସ୍ଥିତି ବୁଝିବାରେ ଆଦୌ ପରିଶ୍ରମ ନ କରି ଏ ଜିଲ୍ଲା ଆର୍ଥିକ ଦୁଃସ୍ଥିତି ବଢ଼ାଇବ ବୋଲି ମତ ଦେଲେ । ଏ ମତ ଯେ ଭ୍ରାନ୍ତ ଓ କୁପ୍ରଭବ ଜନିତ ତାହା ସ୍ପଷ୍ଟ ଜଣାପଡ଼ିଲା । ବହୁ ବାଦ ପ୍ରତିବାଦ ଫଳରେ ବିହାର-ଓଡ଼ିଶା ସରକାର ଓଡ଼ିଆ ଅଞ୍ଚଳର ସୀମା ନିର୍ଦ୍ଧାରଣ ପାଇଁ କମିଟି ଗଢ଼ିବା ଉଚିତ ବୋଲି ଭରତ ସରକାରଙ୍କୁ ଲେଖିଲେ ଓ ସ୍ୱୀକାର କଲେ ଯେ ଏଠି ସେଠି ସାମାନ୍ୟ ପରିବର୍ତ୍ତନ ନୁହେ , ଏ ପ୍ରଶ୍ନ ସମାଧାନ ଗୁରୁତର ବିଷୟ 'The amalgamation of Oriya speaking tracts standing on a very different footing from minor teritorial adjustment".

ମାନ୍ଦ୍ରାଜ ବିଧାନସଭରେ ଶ୍ରୀବିଶ୍ୱନାଥ ଦାସ ୧୯୨୬ ମସିହାରେ ଓ ୧୯୨୮ ମସିହାରେ ଗଞ୍ଜାମର ଉନ୍ନତି ପାଇଁ ମାନ୍ଦ୍ରାଜ ସରକାରଙ୍କ ଅବହେଳାର ସମାଲୋଚନା କଲାବେଳେ ସରକାରଙ୍କ ତରଫରୁ ଉତ୍ତର ଦିଆଗଲା ଯେ ଏ ଜିଲାର ରାଜସ୍ୱରୁ ସମସ୍ତ ଖର୍ଚ୍ଚ ଯାଇ ଆଠଲକ୍ଷ ଟଙ୍କା ଉଦ୍‌ବୃତ୍ତ ରହେ ।

Digitized by srujanika@gmail.com

# ସର୍ବଦଳୀୟ ସମ୍ମିଳନୀରେ ଓଡ଼ିଶା ପ୍ରସଙ୍ଗ

ଭାରତୀୟ ସମ୍ବିଧାନ ରଚନା କରିବା ନିମନ୍ତେ ସର୍ବଦଳୀୟ କମିଟି ଗଠନ କରାଗଲା । ନେତାମାନେ ବମ୍ବେଠାରେ ତା ୧୯-୫-୧୯୨୮ରେ ମିଳିତ ହୋଇ ବ୍ରିଟିଶ ସରକାରଙ୍କ କ୍ଷମତା ହସ୍ତାନ୍ତର ପାଇଁ ସମ୍ବିଧାନ ରଚନା କଲେ । ଦେଶର ବହୁ ମୁଖ୍ୟ ବିଷୟରେ ଆଲୋଚନା କରାଗଲା । ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବା ଓଡ଼ିଶା ପକ୍ଷରୁ ଯେ ଦାବୀପତ୍ର ଦିଆଯାଇଥିଲା ତାହା ବିଶେଷ ସ୍ମାରକ ପତ୍ର ନୁହେ ବୋଲି ବିଚାରକୁ ନେଲେ ନାହିଁ । ଶ୍ରୀ ସୁଭାଷଚନ୍ଦ୍ର ବୋଷ ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ଆବଶ୍ୟକ ବୋଲି କହିବା ହେତୁ ଆର୍ଥିକ ପରିସ୍ଥିତି ଅନୁକୂଳ ହେଲେ ଏହା ଭବିଷ୍ୟତରେ ବିଚାରକୁ ନିଆଯାଇପାରେ ବୋଲି ମନ୍ତବ୍ୟ ଦେଲେ

ମନ୍ତବ୍ୟ ହେଲା "We have also received a small book giving the case for Utkal but we regret we have been unable to consider it in the absence of any special memorandum or representation. Our collague, Mr Subhas Chandra Bose is however satisfied that the Oriya speaking areas should be amalgamated and constituted into a separate Province if this is financialy possible

(All parties conference 1928, Published by the A. I. C. C. page 63-64)

ଆମେ ଉତ୍କଳ ବିଷୟରେ କ୍ଷୁଦ୍ର ପୁସ୍ତକାଟିଏ ମଧ୍ୟ ପାଇଲୁ । ଦୁଃଖର କଥା ସେ ବିଷୟ ନେଇ ବିଶିଷ୍ଟ ସ୍ମାରକ ପତ୍ରାଦି ଅଭାବରେ କୌଣସି ବିଚାର କରିବାରେ ସମର୍ଥ ନୋହୁ । ଯାହାହେଉ ଆମର ସହଯୋଗୀ ଶ୍ରୀସୁଭାଷଚନ୍ଦ୍ର ବୋଷଙ୍କ ମତ ଗ୍ରହଣ କରି ଆର୍ଥିକ ଦୃଷ୍ଟିରୁ ସମ୍ଭବ ହେଲେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ତଥା ସ୍ୱତନ୍ତ୍ର ପ୍ରଦେଶ ଗଠନ କଥା ଆମେ ଗ୍ରହଣ କରୁଛୁ ।

କର୍ଣ୍ଣାଟକ ବିଷୟରେ ଲେଖିଲେ—

"In our opinion a strong primafaci case for unification and the formation of Karnataka as a separate province (Page 64)

ଆମ ମତରେ ଭାଷା ଭିତ୍ତିରେ କର୍ଣ୍ଣାଟକକୁ ମିଶ୍ରଣ ତଥା ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ପ୍ରବଳ ଯୁକ୍ତି ଅଛି ।

'ସିନ୍ଧ୍' ବିଷୟରେ ଲେଖିଲେ—

"We laid down two important general considerations in regard to the distribution of Provinces linguastic and the wishes of the majority.

Digitized by srujanika@gmail.com

Sind certainly satisfies both. × × × We feel therefore that the argument for the separation of Sind is very strong. × × Sind should be separated". (PP,65, to 68)

ଆମେ ପ୍ରଦେଶ ଗଠନ ନିମନ୍ତେ ଦୁଇଟି ସୂତ୍ର ସ୍ଥିରକଲୁ । ଗୋଟିଏ ହେଉଛି ଭାଷା ଏକ ହେବ ଓ ପ୍ରଦେଶର ଅଧିକାଂଶ ଲୋକଙ୍କ ଏଥିରେ ମତଥିବ । ଏ ଦୁଇଟି ଯାକ ବିଷୟ 'ସିନ୍ଧୁ' ପ୍ରଦେଶ ଗଠନରେ ଲାଗୁ ହେଉଛି । × × ଆମେ ସିନ୍ଧୁର ସ୍ୱତନ୍ତ୍ର ପ୍ରଦେଶ ପକ୍ଷରେ ପ୍ରବଳ ଯୁକ୍ତି ଦେଖୁଛୁ । ସିନ୍ଧୁ ନିଶ୍ଚୟ ସ୍ୱତନ୍ତ୍ର ପ୍ରଦେଶ ହେବ ।"

ଏ ସର୍ବଦଳୀୟ କମିଟିର ସଭାପତି ଥିଲେ ଡ଼ାଃ ଏମ୍. ଏ. ଆନସାରି ସର୍ବଶ୍ରୀ ମୋତିଲାଲ ନେହେରୁ, ସାର. ଆଲି ଇମାମ, ସାର ତେଜବାହାଦୁର ସାପ୍ରୁ, ଏମ୍. ଏସ୍. ଆନେ, ମଙ୍ଗଳ ସିଂହ,ସୁଆଇବ କୁରେସି,ସୁଭାଷଚନ୍ଦ୍ର ବୋଷ ଓ ଜି.ଆର. ପ୍ରଧାନ ସଦସ୍ୟ ।ଲେ । ଏମାନଙ୍କ ଛଡ଼ା ସ୍ୱତନ୍ତ୍ର ନିମନ୍ତ୍ରଣପାଇ ସର୍ବଶ୍ରୀ ଆବୁଲକାଲାମଆଜାଦ, ଟି.ଏ. କେ. ଶେରଓ୍ୱାନି, ମହମ୍ମଦ ସଫି ଦାଉଦି, ଡ଼ଃ ଏସ୍.ଡ଼ି. କିଚୁଲୁ, ଖଲିକୁଜଜାମନ, ଡ଼ାଃ ସୟଦ ମହମ୍ମଦ ଓ ଜବାହରଲାଲ ନେହେରୁ ଯୋଗ ଦେଇଥିଲେ ।

ସର୍ବଦଳୀୟ ନେତାମାନଙ୍କର ଓଡ଼ିଶା-ସ୍ୱତନ୍ତ୍ର ପ୍ରଦେଶ ପ୍ରତି କି ମନୋଭାବ ଥିଲା, ତାହା ଏଥିରୁ ସ୍ପଷ୍ଟ ଜଣାଯାଏ । ସୁଭାଷବାବୁ ନ କହିଥିଲେ ଓଡ଼ିଶାର ନାଁ ମଧ୍ୟ ପଡ଼ନ୍ତା ନାହିଁ ।

ଶ୍ରୀ ସୁଭାଷଚନ୍ଦ୍ର ବୋଷ କଟକରେ ତା ୨୩।୧।୧୮୯୭ରେ ଜନ୍ମ ହୋଇଥିଲେ । ୧୯୧୯ରେ କୃତିତ୍ୱସହ ବି.ଏ. ପାଶ କରି ବିଲାତ ଯାଇ ଆଇ.ସି.ଏସ୍. ପାଶ୍ ପରେ ଭାରତ ଆସିଲେ ଓ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ କାରାବରଣ କଲେ । ୧୯୨୪ରେ କଲିକତା କର୍ପୋରେଶନର 'ମେୟର' ହେଲେ । ୧୯୩୦ରେ ଆଇନ ଅମାନ୍ୟ ଓ କାରାବାସ ୧୯୩୮ରେ କଂଗ୍ରେସର ସଭାପତି ହେଲେ । ଫରଓ୍ୱାର୍ଡ଼ ବ୍ଲକ ଗଠନ, ୧୯୪୧ରେ ଗୃହତ୍ୟାଗ, ଆଜାଦହିନ୍ଦ୍ ଫଉଜ ଗଠନ ଓ ଭାରତର ସ୍ୱାଧୀନତା ପାଇଁ ଚରମ ତ୍ୟାଗର ସମ୍ମୁଖୀନ ହୋଇ ତା ୧୮।୮।୧୯୪୫ରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଲେ ବୋଲି କୁହାଯାଉଛି ।

## ଉତ୍କଳର ସର୍ବଦଳୀୟ ସମିତି

ତା ୭।୧୨।୧୯୨୮ରେ କଟକଠାରେ ଉପଯୁକ୍ତ ସମିତିର ବୈଠକ ବସି ସ୍ୱତନ୍ତ୍ର ପ୍ରଦେଶ ଗଠନ ଅତିଶୀଘ୍ର କରାଯାଉ ବୋଲି ଦାବୀ କରାଗଲା । ୧୯୨୮ ମସିହା ମଇ ମାସରେ ବମ୍ବେରେ ଓ ଅଗଷ୍ଟ ମାସରେ ଲକ୍ଷ୍ନୌଠାରେ ବସିଥିବା ସର୍ବଦଳୀୟ ସମ୍ମିଳନୀ ଓଡ଼ିଶା ଆର୍ଥିକ ଦୃଷ୍ଟିରୁ ସ୍ୱତନ୍ତ୍ର ପ୍ରଦେଶ ହୋଇ ନ ପାରିବା ମତ ଦେଇଥିବାରୁ ଦୁଃଖପ୍ରକାଶ କରାଗଲା

Digitized by srujanika@gmail.com

ଓ ସ୍ୱତନ୍ତ୍ର ପ୍ରଦେଶର ରାଜସ୍ୱ ଯଥେଷ୍ଟ ବୋଲି ହିସାବ ଦିଆଗଲା । ଏହି ଯୋଜନାଟି ସର୍ବ-ଦଳୀୟ କମିଟିର କଲିକତା ଅଧିବେଶନରେ ଦାଖଲ କରାଯାଇ ସେମାନଙ୍କ ଭ୍ରମଧାରଣା ଦୂର କରାଯିବା ପାଇଁ ସ୍ଥିର ହେଲା । ଏ ସ୍ୱତନ୍ତ୍ର ପ୍ରଦେଶ ଯୋଜନା ଶ୍ରୀ ଭୁବନାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ହେଲା । ଏହାର ସଦସ୍ୟ ରହିଲେ ସର୍ବଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଲିଙ୍ଗରାଜ ମିଶ୍ର, ହରେକୃଷ୍ଣ ମହତାବ, ନନ୍ଦକିଶୋର ଦାସ, ମୁକୁନ୍ଦପ୍ରସାଦ ଦାସ, ଯଦୁମଣି ମଙ୍ଗରାଜ, ଲିଙ୍ଗରାଜ ପାଣିଗ୍ରାହୀ, ବିଶ୍ୱନାଥ ଦାସ, ଯୋଗୀନ୍ଦ୍ର ନାରାୟଣ ଆଗ୍ରୀର୍ଯ୍ୟ (ସିଂହଭୂମ), ରାଧାନାଥ ପତି (ମେଦିନୀପୁର), ଗୋପବନ୍ଧୁ ଚୌଧୁରୀ ଓ ନିରଞ୍ଜନ ପଟ୍ଟନାୟକ (ସମ୍ପାଦକ) ।

## କଲିକତାରେ ସର୍ବଦଳୀୟ ସମ୍ମିଳନୀ

୧୯୨୮ ମସିହା ଡିସେମ୍ବର ମାସରେ ଭାରତୀୟ ସର୍ବଦଳୀୟ ସମ୍ମିଳନୀ କଲିକତା ଠାରେ ବସିଲା, କଂଗ୍ରେସ ଉପନିବେଶ ଶାସନଖସଡ଼ା ପ୍ରସ୍ତୁତ କରିବା ନିମନ୍ତେ ପଣ୍ଡିତ ମୋତିଲାଲ ନେହେରୁଙ୍କୁ ଭାର ଦେଇଥିଲେ । ତାହା ‘‘ନେହେରୁ ରିପୋର୍ଟ’’ ନାମରେ ପ୍ରକାଶ ପାଇଲା, ସେଥିରେ ବମ୍ବେ ପ୍ରଦେଶରୁ ସିନ୍ଧୁ ଅଞ୍ଚଳକୁ ଅଲଗା କରାଯାଇ ସ୍ୱତନ୍ତ୍ର ପ୍ରଦେଶ ଗଢ଼ିବା ସୁପାରିଶ କରାଗଲା ।

ମୁସଲମାନମାନଙ୍କ ସହାନୁଭୂତି ପାଇବା ଉଦ୍ଦେଶ୍ୟରେ ଏହା କରାଗଲା । ସେହିଭଳି କର୍ଣ୍ଣାଟୀମାନଙ୍କ ପ୍ରଭାବ ଫଳରେ ‘କର୍ଣ୍ଣାଟ’ ପ୍ରଦେଶ ଗଢ଼ାଯିବ ବୋଲି ଲେଖାଗଲା । କିନ୍ତୁ ଓଡ଼ିଶା କଥା ବିଚାରକୁ ନିଆଗଲା ନାହିଁ । ଓଡ଼ିଶା ସର୍ବଦଳୀୟ ସମିତିର ପ୍ରତିନିଧିମାନେ ଏ କଥା ସଭାରେ ଉଠାଇବାବେଳେ ସଭାପତି ପଣ୍ଡିତ ମୋତିଲାଲଙ୍କଠାରୁ ତାଚ୍ଛଲ୍ୟ ବ୍ୟବହାର ପାଇଲେ । ସର୍ବଭାରତୀୟ ଅନୁଷ୍ଠାନମାନଙ୍କରେ ଓଡ଼ିଆଙ୍କ ଦାବୀ ବାରମ୍ବାର କିପରି ପ୍ରତିହତ ହେଉଛି ତାହା ସମସ୍ତେ ଅନୁଭବ କଲେ । ଏହି ଅନ୍ୟାୟର ପ୍ରତିରୋଧ କରିବା ସ୍ଥିର ହେଲା । ନାହିଁ ନ ଥିବା ପ୍ରତିବାଦ ଶୋଭାଯାତ୍ରା ବାହାରି ସଭାମଣ୍ଡପରେ ପଶିଲା । ଯୁବନେତା ସୁଭାଷ-ଚନ୍ଦ୍ର ବୋଷ ଓ ପଣ୍ଡିତ ଜବାହରଲାଲ ନେହେରୁ ଓଡ଼ିଆ ନେତାମାନଙ୍କୁ ବୁଝା ସମଝା କରାଇ ଏକ ସମାଧାନ ମୂଳକ ପ୍ରସ୍ତାବ ଗ୍ରହଣ କରାଇଲେ । ଆୟବ୍ୟୟ ସମତୁଲ ହେଲେ ଓ ଓଡ଼ିଶା ଲୋକେ ବ୍ୟୟଭାର ତୁଲାଇବା ପାଇଁ କର ଦେଲେ ବିଭିନ୍ନ ପ୍ରଦେଶରେ ଥିବା ଓଡ଼ିଆ ଅଞ୍ଚଳକୁ ନେଇ ଓଡ଼ିଶା ପାଇଁ ମଧ୍ୟ ପ୍ରଦେଶଟିଏ ଗଢ଼ାଯାଇ ପାରେ ବୋଲି ପ୍ରସ୍ତାବଟିଏ ହେଲା ।

"Take steps to amalgamate the Oriya speaking tracts in the different provinces and constitute this amalgamated area are able or are prepared to bear the finacial burden which is incidental to separation".

Digitized by srujanika@gmail.com

The Indian constitution (As drafted in the Nehru report) Appendix 72 (Vi-b)

ବାହିଁ ମାମଁଠାରୁ କଣା ମାମୁ ଭଲ ଭବି ଓଡ଼ିଆମାନେ ମନମାରି ରହିଲେ ।

## ପ୍ରବାସୀ ଉତ୍କଳ-ସମ୍ମିଳନୀ

ଏହି ସମୟରେ ପ୍ରବାସୀ ଉତ୍କଳ-ସମ୍ମିଳନୀର ଏକ ଅଧିବେଶନ କଲିକତାରେ ଅନୁଷ୍ଠିତ ହେଲା । ପ୍ରବାସୀ ଓଡ଼ିଆଙ୍କୁ ସଙ୍ଗଠିତ କରିବା ଭାର ଶ୍ରୀ ହରେକୃଷ୍ଣ ମହତାବଙ୍କୁ ଦିଆଗଲା । ସେ "ଓଡ଼ିଆ ସମାଜ" ନାମରେ ଅନୁଷ୍ଠାନ ଗଢ଼ି ଓଡ଼ିଆଙ୍କୁ ଏକତ୍ର କରାଇବା ପାଇଁ ବହୁ ପରିଶ୍ରମ କଲେ । ଏହା ଫଳରେ ଓଡ଼ିଆଙ୍କ ମଧ୍ୟରେ ଥିବା ଭେଦ-ଭାବ ଓ ହୀନମନ୍ୟତା ବହୁତ କମିଗଲା । ବଙ୍ଗୀୟମାନେ ଓଡ଼ିଆଙ୍କ ସଙ୍ଗଠନ ଦେଖି ଏ ଜାତିଟା ଦୁର୍ବଳ, ମୂଲିଆ ତଥା ଅସଭ୍ୟ ବୋଲି ରଖିଥିବା ଧାରଣା କେତେକାଂଶରେ ଦୂର କରିବାକୁ ବାଧ୍ୟ ହେଲେ । ତଥାପି କେତେକ ବିଶିଷ୍ଟ ବଙ୍ଗୀୟ ବ୍ୟକ୍ତିଙ୍କ ମତାମତ ପାଠ କଲେ, ସେମାନଙ୍କ ଅଜ୍ଞତା ପ୍ରତି କରୁଣା ଜାତ ହୁଏ । ଭାରତ ସରକାରଙ୍କ ଆଇନ ସଦସ୍ୟ ଥିଲେ ସାର ନୃପେନ୍ଦ୍ରନାଥ ସରକାର । ନୌସେନାଙ୍କ ବ୍ୟୟ ବିଷୟ କେନ୍ଦ୍ର-ବ୍ୟବସ୍ଥା-ସଭାରେ ଆଲୋଚନା ହେଉଥିଲା । ଓଡ଼ିଆ ସଦସ୍ୟ ଭୁବନାନନ୍ଦ ଦାସ ବ୍ୟୟବ୍ୟବସ୍ଥାର ବିରୋଧରେ ଯୁକ୍ତି କରିବା ମାତ୍ରେ ନୃପେନ ବାବୁ ତାଚ୍ଛଲ୍ୟ ଭାବେ କହିଲେ "ଭୁବନାନନ୍ଦ ଅସଭ୍ୟ ଓଡ଼ିଶା ପ୍ରଦେଶର ଲୋକ" । ଏଭଳି କୁତ୍ସିତ ଉକ୍ତିର ପ୍ରତିବାଦ ବହୁ ସଭ୍ୟ କରିଥିଲେ । (ନବଭାରତ, ସିଂହ ୧୩୪୧ଦଷ୍ଟବ୍ୟ)

## ବିଂଶ ଅଧିବେଶନ

୧୯୨୯ ମସିହାରେ ରାୟବାହାଦୂର ଲକ୍ଷ୍ମୀଧର ମହାନ୍ତିଙ୍କ ସଭାପତିତ୍ୱରେ ବ୍ରହ୍ମପୁରଠାରେ ସମ୍ମିଳନୀର ବିଂଶ ଅଧିବେଶନ ଅନୁଷ୍ଠିତ ହେଲା । ସାଇମନ କମିଶନ ଓଡ଼ିଆଙ୍କ ପ୍ରତି କରି ଥିବା ଅବିଚାରର ସମାଲୋଚନା କରାଗଲା । ସାଇମନ୍ କମିଶନର ଅଟଲି ସବକମିଟିରେ ଲକ୍ଷ୍ମୀଧରବାବୁ ସଦସ୍ୟ ଥିଲେ ଓ ସାକ୍ଷ୍ୟ ପ୍ରମାଣ ଯୋଗାଇଥିଲେ । ବିହାର ଓଡ଼ିଶା ସରକାର ସାଇମନ୍ କମିଶନ ଓଡ଼ିଆଙ୍କ ସକାଶେ କରିଥିବା ସୁପାରିଶ ଉପରେ ନିର୍ଭର କରି ଅତିଶୀଘ୍ର ଓଡ଼ିଆ ଅଞ୍ଚଳର ସୀମା ନିର୍ଦ୍ଧାରଣ କରାଯାଉ ବୋଲି ଭାରତ ସରକାରଙ୍କୁ ଦେଇ ଥିବା ପ୍ରସ୍ତାବ ଅନୁସାରେ ସୀମା କମିଶନ ନିଯୁକ୍ତ କରାଯାଉ ବୋଲି ଦାବୀ କରାଗଲା ।

## ଏକବିଂଶତି ଅଧିବେଶନ

୧୯୩୦ ମସିହାରେ ରାୟବାହାଦୂର ଲୋକନାଥ ମିଶ୍ରଙ୍କ ସଭାପତିତ୍ୱରେ ବ୍ରହ୍ମପୁରଠାରେ ଏ ଅଧିବେଶନ ବସି ସାଇମନ କମିଶନ ସବ୍‌କମିଟି ନିରପେକ୍ଷ ବିଚାର ନ କରି

Digitized by srujanika@gmail.com

ସୋମପେଣ୍ଟ, ପାରଳା, ଟେକାଲି, ମଞ୍ଜୁଷା, ତରଳା ଓ ଜୟପୁର ଭଳି ଖାଣ୍ଟି ଓଡ଼ିଆ ରାଜ୍ୟକୁ ଓଡ଼ିଶାରେ ନ ମିଶାଇବା ମତ ଦେଇଥିବାରୁ ଓ ମାନ୍ଦ୍ରାଜ ସରକାର ବିଶାଖପାଟଣା ଜିଲ୍ଲାର, ଓଡ଼ିଆ ଅଞ୍ଚଳର କୌଣସି ହିସାବ ନ ଦେବା ଆଦିର ପ୍ରତିବାଦ କରି ନ୍ୟାୟସଙ୍ଗତ ସୀମା ନିର୍ଦ୍ଧାରଣ କରାଯାଉ ବୋଲି ଦାବୀ କରାଗଲା ।

ଏ ସମ୍ବନ୍ଧେ ଶ୍ରୀ ବିକ୍ରମଦେବ ବର୍ମା ମାନ୍ଦ୍ରାଜ ଓଡ଼ିଆ ଓ ସାଇମନ୍ କମିଶନ ନାମରେ ଯେଉଁ ପ୍ରତିବାଦ ତା ୧୫।୧।୧୯୩୦ରେ ପ୍ରକାଶ କରିଥିଲେ ଓ ସରକାରଙ୍କୁ ଦେଇଥିଲେ ତାହା ବିଶେଷ ଯୁକ୍ତି-ଯୁକ୍ତ ଥିଲା । (ପରିଶିଷ୍ଟରେ Madras Oriyas and the Simon Commission ଦେଖନ୍ତୁ) ସେ ସାଇମନ କମିଶନଙ୍କ ମତର ଅସଙ୍ଗତି ଦର୍ଶାଇ ଦେଢ଼ କୋଟି ଓଡ଼ିଆଙ୍କ ବିଷୟରେ ଯେ ଅବହେଳା କରାଯାଇଛି , ତାର ପ୍ରମାଣ ଦେଇ ଥରକୁ ଥର କମିଶନ ବସାଇ ପ୍ରଦେଶ ଗଠନର ଆବଶ୍ୟକତାରେ ସନ୍ଦେହ ପ୍ରକାଶ କରାଯିବା ଅନୁଚିତ ବୋଲି ଦୃଢ଼ମତ ଦେଇଥିଲେ ।

କନ୍ଧ-ଶବରମାନଙ୍କୁ ନେଇ ଆନ୍ଧ୍ରପ୍ରଦେଶରେ ରଖିବା ଓ ଖାଣ୍ଟି ଓଡ଼ିଆ ମୁଲକ ଜୟପୁର ରାଜ୍ୟକୁ ଛାଡ଼ି ଦେବା କିଭଳି ଅନ୍ୟାୟ ତଥା ଗୋଟାଏ ଜାତିର ଅସନ୍ତୋଷର କାରଣ ତାହା ପୁଙ୍ଖାନୁପୁଙ୍ଖ ରୂପେ ଦର୍ଶାଇଥିଲେ ।

## ଗୋଲଟେବୁଲ ବୈଠକରେ ଓଡ଼ିଶା କଥା

ମହାତ୍ମାଗାନ୍ଧିଙ୍କ ସ୍ୱରାଜ୍ୟ ଆନ୍ଦୋଳନ ଫଳରେ ୧୯୩୦ ମସିହାରେ ବ୍ରିଟିଶ ସରକାର ପ୍ରଥମେ ଦମନଲୀଳା ଚଳାଇ ସେଥିରେ କୃତକାର୍ଯ୍ୟ ହେବା ଅସମ୍ଭବ ମନେ କରି କ୍ଷମତା ହସ୍ତାନ୍ତର ବିଗ୍ୱର ନିମନ୍ତେ ନେତାମାନଙ୍କୁ ଡକାଇ ଲଣ୍ଡନରେ ଗୋଲଟେବୁଲ ବୈଠକ ବସାଇଲେ । ମହାତ୍ମା ଗାନ୍ଧି ମଧ୍ୟ ଏଥିରେ ଯୋଗ ଦେଲେ, କିନ୍ତୁ କାର୍ଯ୍ୟ ଗତିରେ ଭାରତର କୌଣସି ଉପକାର ନ ହେବା ବୋଧକରି ଭାରତକୁ ଫେରି ଆସିଲେ, ଆନ୍ଦୋଳନ ତୀବ୍ର ଗତିରେ ଚ୍ୱଲିଲା ।

୧୯୩୧ ମସିହାରେ ଗୋଲଟେବୁଲର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହେଲା । ଏଥିରେ ଦକ୍ଷିଣ ଭାରତ ଜମିଦାରୀମାନଙ୍କ ପ୍ରତିନିଧି ରୂପେ ପାରଳାର ରାଜା (ପରେ ମହାରାଜା) ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ଦାବୀ କରି ଯେଉଁ ଭାଷଣ ତା ୧୬।୧।୩୧ରେ ଦେଇଥିଲେ ତାହା ଯେପରି ଯୁକ୍ତି ଯୁକ୍ତ ସେହିପରି ସଭ୍ୟମାନଙ୍କର ହୃଦୟଗ୍ରାହୀ ହୋଇଥିଲା । ବକ୍ତୃତାର ସାର ମର୍ମ ହେଲା ।

''କୋଟିଏ ଓଡ଼ିଆ ଲୋକଙ୍କ ପକ୍ଷରୁ ମୁଁ ସେମାନଙ୍କ ବହୁ ଦିନର ଗୁହାରି ଶୁଣାଇ-ବାକୁ ଠିଆ ହୋଇଛି । ମୁଁ ଯେ ସ୍ମାରକପତ୍ର ଆପଣମାନଙ୍କୁ ଦେଇଛି, ସେଥିରୁ ଓଡ଼ିଆ ସମ-

Digitized by srujanika@gmail.com

ସ୍ୟାର ବିଶେଷ ବିବରଣୀ ଆପଣମାନେ ବୁଝି ପାରିବେ । ଓଡ଼ିଆମାନେ ଗ୍ରଗିଟା ବିଭିଃ ପ୍ରଦେଶରେ ବାଣ୍ଟି ହୋଇ ଅଛନ୍ତି । ମୁଁ ଆପଣମାନଙ୍କ ଆଗରେ ଓଡ଼ିଆ ଆନ୍ଦୋଳନର ବିଶେଷ ବିବରଣ ଦେଇ ଆପଣମାନଙ୍କ ବହୁ ମୂଲ୍ୟ ସମୟ ନଷ୍ଟ କରିବାକୁ ଯାଉ ନାହିଁ । ଏ କଥା ମୁଁ କହି ରଖଛି ଯେ ଓଡ଼ିଆମାନଙ୍କର ଏହା ଜୀବନ ମରଣ ସମସ୍ୟା । ଗ୍ରଗିଟା ସରକାରଙ୍କ ରାଜଧାନୀର ବହୁ ଦୂରରେ ଓଡ଼ିଆମାନେ ବିଛିନ୍ନ ହୋଇ ପଡ଼ିଥିବାରୁ ଏମାନେ ପ୍ରତ୍ୟେକ ପ୍ରଦେଶରେ ବହୁ ଜନସଂଖ୍ୟା ମଧ୍ୟରେ ଲୁଚି ଯାଉଛନ୍ତି ।

ଆପଣମାନେ ଓଡ଼ିଆମାନଙ୍କର ଏହି ଗୁହାରି ପ୍ରତି ସହାନୁଭୂତି ଦେଖାଇବେ ଓ ଓଡ଼ିଆଙ୍କ ଦାବୀ ପୂରଣ ଦିଗରେ ଚେଷ୍ଟା କରିବେ ବୋଲି ମୁଁ ଆଶା କରେ । ଆମେ ଲୋଡ଼ୁ ଭାଷା ଓ ଜାତି ହିସାବରେ ପ୍ରଦେଶ ଗଠନ । ଏହି ଭାବରେ ଓଡ଼ିଆମାନେ ମିଳିତ ହେଲେ ଭାବି ସଂସ୍କାର ଆଇନରେ ଏମାନେ ବିଶେଷ ଉପକାର ପାଇ ପାରିବେ । ଭାଷା ଓ ଜାତି ସୂତ୍ରରେ କେବେ ପ୍ରଦେଶ ଗଠିତ ହେବ, ସେଥିପ୍ରତି ବ୍ରିଟିଶ ଓ ଭାରତୀୟ ପ୍ରତିନିଧିଗଣ ଉଦ୍‌ଗ୍ରୀବ ହୋଇ ଚାହିଁ ରହିଛନ୍ତି । କୋଟିଏ ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ନ ଦେଇ ଆପଣମାନେ ଭାରତରେ ନୂତନ ଶାସନ ସଂସ୍କାର ଯଶସ୍ୱୀ କରି ପାରିବେ ନାହିଁ । ଭବିଷ୍ୟତ ସମ୍ମିଳିତ ରାଷ୍ଟ୍ର ତନ୍ତ୍ରରେ ଘୋର ବାଧା ପଡ଼ିବ ।

ଲର୍ଡ଼ କର୍ଜନ ଥରେ କହିଥିଲେ–"ଓଡ଼ିଆମାନେ ଉଗ୍ର ଆନ୍ଦୋଳନ ଚଳାଇ ପାରୁଥିଲେ ସେମାନଙ୍କ ପ୍ରତିବାଦ ସମସ୍ତେ ଶୁଣିପାରି ଥାନ୍ତେ । କିନ୍ତୁ ସେମାନେ ସେପରି ନୁହନ୍ତି । ଏହି ଓଡ଼ିଆମାନଙ୍କ ସ୍ୱାର୍ଥ ଉପରେ ନିଷ୍ଠୁର ଭାବରେ ଆଘାତ ଦିଆଯାଇଛି । ଓଡ଼ିଆଙ୍କ ପ୍ରତି ଦୟା ଧର୍ମ ନ ଦେଖାଇ ବଳି ଦିଆଯାଇଛି ।"

ମୁଁ ଆଶାକରେ ଆପଣମାନେ ସମସ୍ତେ ଉପଲବ୍‌ଧି କରି ସାରିଛନ୍ତି ଯେ ଏହି ଓଡ଼ିଆ ସମସ୍ୟା ସମ୍ବନ୍ଧେ କାହାରି ମତଦ୍ୱୈଧ ନାହିଁ । ଏ ସମ୍ମିଳନୀରେ ଯେତେ ବିଷୟ ଉପସ୍ଥାପିତ ହୋଇଛି, ଓଡ଼ିଆ ସମସ୍ୟା ଭଳି ଅନ୍ୟ କୌଣସି ସମସ୍ୟା ଏଡ଼େ ପ୍ରାଞ୍ଜଳ ଓ ସହଜସାଧ୍ୟ ନୁହେ । ଏହି ଓଡ଼ିଆ ସମସ୍ୟାର ଆଶୁ ସମାଧାନ ପାଇଁ ସାଇମନ କମିଶନ, ଭାରତ ସରକାରଙ୍କ ରିପୋର୍ଟ ଓ ଅନ୍ୟ ପ୍ରାଦେଶିକ ସରକାରମାନେ ଅନୁକୂଳ ମତ ଦେଇଛନ୍ତି ।

ଆର୍ଥିକ ଅବସ୍ଥା ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଅନ୍ତରାୟ ହୋଇପାରେ ବୋଲି ଆପଣମାନେ ଭାବୁଥିବେ । କିନ୍ତୁ ମୁଁ କହେ ଏଡ଼େ ବଡ଼ ଜାତିର ଉଦ୍ଧାର ନିମନ୍ତେ ଏହି ଆର୍ଥିକ ସମସ୍ୟା କୌଣସି ରୂପେ ପ୍ରତିବନ୍ଧକ ହେବା ବାଞ୍ଛନୀୟ ନୁହେ । ଏ ଜାତିର ଅତୀତ ସମ୍ପଦ, ଶିକ୍ଷା, ସଭ୍ୟତା, ରକ୍ଷା କରିବା ପାଇଁ ଛାର ଅର୍ଥ ଅଭାବ କିଛି ନୁହେ । ଯେତିକି ପିଠଉ ସେତିକି ପିଠା ବୋଲି ପ୍ରବାଦ ଅଛି । ଓଡ଼ିଆ ପ୍ରଦେଶ ଗଠନ ଦିଗରେ ଏହି ପ୍ରବାଦବାକ୍ୟ ପ୍ରଯୁକ୍ତ ହୋଇପାରେ । ଆସାମ ଓ ବିହାର ଓଡ଼ିଶା ପ୍ରଦେଶମାନ ଗଠନ ହେଲାବେଳେ ଭାରତ ସରକାର

Digitized by srujanika@gmail.com

ଯେପରି ଉଦାରତା ଦେଖାଇଥିଲେ, ଓଡ଼ିଆ ପ୍ରଦେଶ ଗଠନରେ ମଧ୍ୟ ସରକାର ସେପରି ଉଦାରତା ଦେଖାଇବେ ବୋଲି ମୋର ଆଶା ଅଛି ।

ଗୋଟିଏ ସୁଖର କଥା, ନୂଆ ଓଡ଼ିଆ ପ୍ରଦେଶ ଗଠନ ହେଲବେଳକୁ ଆମର ଋଣଭର ବୋଲି କିଛି ନ ଥିବ ଓ ଆସାମ ଦେଶ ଯେତେ ଟଙ୍କା ରାଜସ୍ୱ ନେଇ ଏକ ଶାସନ ପାଇଥିଲ, ଆମେ ତାଠାରୁ ଅଧିକ ରାଜସ୍ୱ ନେଇ ପ୍ରଦେଶ ପରିଚାଳନା କରି ପାରିବୁ । ବିହାର ସରକାର ସାଇମନ କମିଶନ ଆଗରେ ଯେ ମେମୋରଣ୍ଡାମ୍ ଉପସ୍ଥାପିତ କରିଛନ୍ତି, ସେହି ମେମୋରଣ୍ଡମ୍‌ର ୪୦୪ ପୃଷ୍ଠାରେ ଓଡ଼ିଆଙ୍କ ରାଜସ୍ୱ କୋଟିଏ ଟଙ୍କା ବୋଲି ଉଲ୍ଲେଖ କରାଯାଇଛି । ଅନ୍ୟାନ୍ୟ ଓଡ଼ିଆଭାଷୀ ଅଞ୍ଚଳର ସଂମିଶ୍ରଣ ଫଳରେ ଓଡ଼ିଆ ପ୍ରଦେଶର ରାଜସ୍ୱ ଦୁଇ କୋଟିରୁ କିଛି ନିଅଣ୍ଟ ହେବ ନାହିଁ ବୋଲି ମୋର ବିଶ୍ୱାସ ।

ମୁଁ ଆପଣମାନଙ୍କୁ ଜଣାଇ ଦେଉଛି ଯେ ଯଦ ଓଡ଼ିଆ ପ୍ରଦେଶ ଗଠନ ଲାଗି ଏହି ରାଜସ୍ୱ ନିଅଣ୍ଟ ହୁଏ, ତେବେ ଏକ ବିଶେଷ ଖଜଣା ଉଠାଇ ଓଡ଼ିଆ ପ୍ରଦେଶର ଆର୍ଥିକ ଅଭାବ ଦୂର କରାଯାଇ ପାରିବ । ମୁଁ ଆପଣମାନଙ୍କୁ ଓଡ଼ିଆମାନଙ୍କ ଦାବୀ ବିଶେଷ ରୂପେ ବୁଝାଇ ପାରିଛି ବୋଲି ମନେ କରେ । ଏଥର ଆପଣମାନେ ଓଡ଼ିଆଙ୍କ ଭାଗ୍ୟ କିପରି ଭାବରେ ଗଢ଼ିବେ ତାହା ଆପଣମାନଙ୍କ ହାତରେ ଅଛି

ଓଡ଼ିଆମାନଙ୍କ ସମସ୍ୟା ସମ୍ବନ୍ଧେ ଏଠାରେ ଏକୁଟିଆ ହୋଇ ମୁଁ ଯାହା କହିଛି ତାହା ପ୍ରତି ସମସ୍ତେ ପ୍ରଣୀଧାନ ଦୃଷ୍ଟି ଦେବେ ବୋଲି ଆଶା କରେ । ଭାରତ ପାଇଁ ଯେ ଔପନିବେଶିକ ସ୍ୱାୟତ୍ତଶାସନର ଯୋଜନା ପ୍ରସ୍ତୁତ ହେଉଛି, ଓଡ଼ିଆମାନେ ସେଥିରେ ଯେପରି ସମପ୍ରାଣରେ ଯୋଗଦେବେ ଏହାର ବିହିତ ବିଧାନ କରାଯାଉ ଏତିକିମାତ୍ର ମୋରକାମନା ।"

ଗୋଲଟେବୁଲ ବୈଠକରେ ଭାଷଣ ଦେବା ଆଗରୁ ସେ ଯେଉଁ ସ୍ମାରକପତ୍ର ଦେଇଥିଲେ ତାର ସାରମର୍ମ ନିମ୍ନରେ ଦିଆଗଲା ।

"ଓଡ଼ିଆ ସମସ୍ୟା ୯୫ ଲକ୍ଷ ଲୋକଙ୍କ ସମସ୍ୟା । ଏମାନେ ଚାରିଟି ପ୍ରଦେଶରେ ବିଛିନ୍ନ ହୋଇ ପଡ଼ିଛନ୍ତି । ବିହାର ଓଡ଼ିଶା, ମଧ୍ୟପ୍ରଦେଶ, ବଙ୍ଗ, ଓ ମାନ୍ଦ୍ରାଜରେ ସାଢ଼େ ୮୮ ହଜାର ବର୍ଗମାଇଲ ସ୍ଥାନ ଏହି ଓଡ଼ିଆମାନେ ଅଧିକାର କରିଛନ୍ତି । ଏ ଜାତି ଆର୍ଯ୍ୟଜାତିର ଶାଖା । ଏ ଜାତିର ଇତିହାସ, ସାହିତ୍ୟ ଅଛି । ସଂସ୍କୃତ ସାହିତ୍ୟ ଏ ଭାଷା ଉପରେ ବଡ଼ ପ୍ରଭାବ ବିସ୍ତାର କରିଛି । ଓଡ଼ିଆମାନଙ୍କର ସଭ୍ୟତା ମହାଭାରତ ଯୁଗରୁ ଆରମ୍ଭ । ଏ ଜାତି ଚୈତନ୍ୟ ପ୍ରଭୁଙ୍କ ମତାବଲମ୍ବୀ । ଚୈତନ୍ୟ ମହାପ୍ରଭୁ ଜଗତରେ ସାମ୍ୟଧର୍ମ ପ୍ରଚାର କରିଥିଲେ । ଚୈତନ୍ୟ ଧର୍ମ ଆଗରେ ଶିଖ, ପଞ୍ଜାବୀ, ମୁସଲମାନ, ହିନ୍ଦୁ, ନେପାଳୀ ଏମାନେ ସମସ୍ତେ ସମାନ । ଅନେକ ମୁସଲମାନ ଚୈତନ୍ୟଙ୍କ ଭକ୍ତ ହୋଇ ପାରିଥିଲେ । ଏହି ଓଡ଼ିଆ

Digitized by srujanika@gmail.com

ଜାତି ଚୈତନ୍ୟଙ୍କ ଧର୍ମାବଲମ୍ବୀ ବୋଲି ଭରତର ସବୁ ଜାତିକୁ ସମ୍ମାନ ଦେଇ ଏକ ଚକ୍ଷୁରେ ଦେଖି ଆସିଛି । ଏବେ ଭରତବାସୀ ତାର ଦାବୀ ପୂରଣ କରିବାକୁ ବାହାରିଲ-ବେଳେ ଏ ଦେଶବାସୀ ମଧ୍ୟ ମହାଭରତର ଆନ୍ଦୋଳନରେ ଯୋଗ ଦେଇଛନ୍ତି । ବ୍ରିଟିଶ ସାମ୍ରାଜ୍ୟର ଅନ୍ୟାନ୍ୟ ଉପନିବେଶମାନଙ୍କ ପରି ଭରତକୁ ମଧ୍ୟ ଅଧିକାର ଦିଆଯାଉ ବୋଲି ଯେ ସ୍ୱର ଉଠିଛି, ଓଡ଼ିଆ ସେଥିରେ ସ୍ୱର ମିଶାଇ ଉଠିଛି ।

ଆମ୍ଭେମାନେ ନିଜର ପ୍ରକୃତି ଓ ଧର୍ମ ବଳରେ ବଡ଼ ନିରୀହ ରାଜଭକ୍ତ ପ୍ରଜା । ଏ ଜାତି ଯୋଦ୍ଧା । କଳାକୌଶଳ ଇତ୍ୟାଦି ଏ ଜାତିର ଅସ୍ଥି ମଜ୍ଜାଗତ । ସାହିତ୍ୟ ବିଜ୍ଞାନ ଓ ସତ୍ ସାହସରେ ଏ ଜାତି କାହାର ପଛ଼ର ପଡ଼ି ନାହିଁ । ପଞ୍ଚଦଶ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶ ରଜାଙ୍କ ଅମଳରେ ଏ ଜାତିର ଗରିମା ମହତ୍ୱ ପ୍ରକାଶ ପାଇଥିଲା । ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଏହି ଓଡ଼ିଆ ରଜା ଜୟ କରିଥିଲେ । ସେତେବେଳେ ଏ ଦେଶରେ ସାହିତ୍ୟର ଅଭି-ବୃଦ୍ଧି ଚରମ ସୀମାରେ ଉପନୀତ ହୋଇଥିଲା । କିନ୍ତୁ ଏ ମଧ୍ୟାହ୍ନ ସୂର୍ଯ୍ୟର ପ୍ରଖର ଆଲୋକ କ୍ରମେ ମରହଟ୍ଟା ଆକ୍ରମଣ ଫଳରେ ହୀନପ୍ରଭ ହୋଇ ଆସିଲା । ୧୭୫୯ଠାରୁ ୧୮୦୩ ମଧ୍ୟରେ ଓ ଏହା ପରେ ଓଡ଼ିଆମାନେ ବ୍ରିଟିଶଙ୍କ ଅଧୀନତା ସ୍ୱୀକାର କଲେ । ଏହି ସ୍ମରଣୀୟ ଘଟଣାମାନଙ୍କରେ ଓଡ଼ିଆମାନଙ୍କୁ ଖଣ୍ଡ ବିଖଣ୍ଡିତ କରି ରଖାଯାଇଛି । ଅବଶ୍ୟ ବ୍ରିଟିଶ ରାଜତ୍ୱ ମଧ୍ୟରେ ଓଡ଼ିଆଙ୍କର ଅଭିବୃଦ୍ଧି ସମ୍ଭବ ହୋଇଛି । କିନ୍ତୁ ସମ୍ମିଳିତ ଓଡ଼ିଆ ପ୍ରଦେଶ ଏମାନଙ୍କ ଭାଗ୍ୟରେ ଘଟି ନ ଥିବାରୁ ଏ ଜାତିର ଉନ୍ନତିରେ ଘୋରତର ବାଧା ପଡ଼ିଛି ।

। ଦେଶରେ ପଠାଣୀସାମନ୍ତଙ୍କ ପରି ଜ୍ୟୋତିର୍ବିଦ୍ୟାବିଶାରଦ ଜନ୍ମଗ୍ରହଣ କରି-ଥିଲେ । ଏହାଙ୍କର ଗଣନା, ବିଦ୍ୟା ବୁଦ୍ଧି ଇତ୍ୟାଦିରେ ତତ୍କାଳୀନ ବଡ଼ଲାଟ ଲର୍ଡ କର୍ଜନ ପର୍ଯ୍ୟନ୍ତ ବିମୋହିତ ହୋଇଥିଲେ । ବର୍ତ୍ତମାନ ବୈଜ୍ଞାନିକଗଣ ମଧ୍ୟ ପଠାଣୀସାମନ୍ତଙ୍କ ଗଣନା ଇତ୍ୟାଦି ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଉଛନ୍ତି । ତାଙ୍କ ପାଖରେ ଆଧୁନିକ ଯନ୍ତ୍ରପାତି ନ ଥିଲା । ତଥାପ ସେ ତାଙ୍କ ଉର୍ବର ମସ୍ତିଷ୍କର ବିକାଶ କରି ପାରିଥିଲେ । ଜଗତ ଏହା ଦେଖି ଚମକି ଥିଲା । ଭୁବନେଶ୍ୱର, କୋଣାର୍କ ଓ ପୁରୀର ସାର୍ବଜନୀନ ହିନ୍ଦୁ ମନ୍ଦିରରେ ଓଡ଼ିଆର କଳା କୌଶଳ ଗରିମା ଫୁଟି ଉଠୁଛି ଓ ଏହି କଳା ସମ୍ପଦ ଉତ୍କଳକୁ ଚିରଦିନ ଜଗତରେ ଅମର କରି ରଖିଛି । ଆଜି ପର୍ଯ୍ୟନ୍ତ ସେହି କର୍ପୁରର ଗନ୍ଧ ରହିଛି । କଟକ ଓ ପାରଳାଖେମଣ୍ଡିର ଶିଂଘକାମ ଆଜି ପର୍ଯ୍ୟନ୍ତ ସେ କଳାର ଟେକ ରଖିପାରିଛି । ଏ ଜାତିର କବିତା, କାବ୍ୟ, ସଙ୍ଗୀତ ଶହ ଶହ ବର୍ଷ ତଳେ ଚମତ୍କାର ଉପମା, ଆଦର୍ଶ ଓ ମୌଳିକତାରେ ପୂର୍ଣ୍ଣ ହୋଇଥିଲା ।

କିନ୍ତୁ ଏ ସବୁ ଅତୀତର ସମ୍ବାଦ । ଆଜ ଓଡ଼ିଆମାନେ ଏହା ମନେ ପକାଇ ଗର୍ବ ଅନୁଭବ କରିପାରନ୍ତି । କିନ୍ତୁ ବ୍ରିଟିଶ୍ ଶାସନରେ ଓଡ଼ିଆମାନଙ୍କୁ ଚାରିଟା ପ୍ରଦେଶରେ ଖଣ୍ଡ ବିଖଣ୍ଡିତ କରି ରଖାଯାଇଛି । ଏ ଜାତିର ପରମ୍ପରା, ଏକତା ଓ ଜାତୀୟତା ଉପରେ

Digitized by srujanika@gmail.com

ଏଥିଯୋଗୁଁ ପ୍ରବଳ ପ୍ରତିଘାତ ପଡ଼ିଛି । କୌଣସ ଗୋଟିଏ ପ୍ରାଦେଶକ କାଉନ୍‌ସଲରେ ହେଲେ ଏ ଜାତିର ସଂଖ୍ୟା ଅଧିକା ନୁହେ । କୌଣସି ଠାରୁ ଉତ୍ସାହ ଉତ୍ତେଜନା-ପାଇବା ସମ୍ଭବ ନୁହେ । ବଙ୍ଗ ଓ ବର୍ମାରେ ଏ ଜାତି କୁଲି ବୋଲି ପରିଚିତ । ମାନ୍ଦ୍ରାଜ ଓ ଅନ୍ୟାନ୍ୟ ଅଞ୍ଚଳରେ ଏ ଜାତି ଅସ୍ପୃଶ୍ୟ ପରି ରହିଛି ।

ଆଜି ଭରତର ଅନ୍ୟାନ୍ୟ ଜାତିମାନେ ଉନ୍ନତି ସୋପାନରେ ଆରୋହଣ କରି ବ୍ରିଟିଶ ଶାସନର ସମସ୍ତ ସଖ ସବିଧା ପାଇ ସ୍ୱାୟତ୍ତ ଶାସନ ଦାବୀ କରୁଥିଲ ବେଳେ ଓଡ଼ିଆ ଜାତି ପରି ଏକ ବିରଟ ଜାତିର ଶିକ୍ଷା ସଭ୍ୟତା ଲୋପ କରି ସେ ଜାତିକୁ ଏପରି ହୀନ ପରିସ୍ଥିତିରେ ରଖିବା ଉଚିତ ହୋଇଛି କି ? ଓଡ଼ିଆଙ୍କ ପରି ଏକ ଜାତି ମଳିନ ହୋଇ ପଚସଢ଼ି ଯାଉଥିଲବେଳେ ଭରତରେ ପ୍ରକୃତ ସମ୍ମିଳିତ ରଷ୍ଟ୍ରତନ୍ତ୍ର ସମ୍ଭବ କଦାପି ନୁହେଁ ।

ଗ୍ରୀୟରସନଙ୍କ ''ଭରତର ଭଷା ଗବେଷଣା'' ପୁସ୍ତକରେ ଓଡ଼ିଆଙ୍କ ଖଣ୍ଡ ବିଖଣ୍ଡିତ ଅବସ୍ଥା ସମ୍ବନ୍ଧେ ଯାହା ଲିପିବଦ୍ଧ ହୋଇଛି, ତାହା ଥରେ ଏଠାରେ ଉଲ୍ଲେଖ କଲେ ଓଡ଼ିଆଙ୍କ ପ୍ରତି ହୋଇଥିବା ଅବିଗ୍ରରର ଜ୍ୱଳନ୍ତ ଦୃଷ୍ଟାନ୍ତ ମିଳିବ ।

''ବର୍ତ୍ତମାନ ଯେ ପ୍ରଦେଶକୁ ଓଡ଼ିଶା ବୋଲି କୁହା ଯାଉଛି, ସେଥିରେ ସମୁଦାୟ ଓଡ଼ିଆ ଦେଶ ନାହିଁ । ସରକାର 'ବଙ୍ଗ ବିହାର ଓଡ଼ିଶା' ସୃଷ୍ଟି କଲବେଳେ ମେଦିନୀପୁରରୁ ଖଣ୍ଡେ ଓ ବାଲେଶ୍ୱର ଜିଲ୍ଲରୁ ଖଣ୍ଡେ ମିଶାଇ ଓଡ଼ିଶା ଆଖ୍ୟା ଦେଇଥିଲେ । ଏ କଥା ୧୮ଶ ଶତାବ୍ଦୀରେ ଘଟିଥିଲ । ଛୋଟ ନାଗପୁର ଡ଼ିଭିଜନରେ ଓ ସିଂହଭୂମ ଜିଲ୍ଲରେ ଥିବା ଅଧିକାଂଶ ଲୋକ ଓଡ଼ିଆ କହନ୍ତି । ପଶ୍ଚିମରେ ସମ୍ବଲପୁର ଜିଲ୍ଲର ଭଷା ହେଉଛି ଓଡ଼ିଆ । ମଧ୍ୟ-ପ୍ରଦେଶର ରୟପୁର ଜିଲ୍ଲର ଅଧେ ସ୍ଥାନରେ ଓଡ଼ିଆ କଥିତ ଭଷା ହୋଇ ରହିଛି । ରୟପୁର ଓ ଓଡ଼ିଶା ଡ଼ିଭିଜନ ମଧ୍ୟରେ ଯେତେ ଗଡ଼ଜାତ ରଜ୍ୟ ଅଛି ସେ ସବୁ ଓଡ଼ିଆ ଭଷୀ । ଦକ୍ଷିଣରେ ମାନ୍ଦ୍ରାଜ ପ୍ରଦେଶର ଶେଷ ସୀମା ଗଞ୍ଜାମ ଜିଲ୍ଲରେ ଓ ଗଞ୍ଜାମ ଜିଲ୍ଲକୁ ଲଗା ଲଗି ହୋଇଥିବା ବିଶାଖାପାଟଣା ଜିଲ୍ଲର ମାଳ ଅଞ୍ଚଳ ଓ ଜୟପୁର ରଜ୍ୟ ଓଡ଼ିଆ ଭଷୀ । ଅର୍ଥାତ୍ ଓଡ଼ିଆ ଭଷା ତିନିଟା ବ୍ରିଟିଶ ପ୍ରଦେଶରେ ବଙ୍ଗ, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜରେ କଥିତ ଭଷା ରୂପେ ଚଳେ ।

ଏହି ଖଣ୍ଡ ବିଖଣ୍ଡିତ ରଜ୍ୟକୁ ଏକତ୍ର ମିଶାଇବା ପାଇଁ ଓଡ଼ିଆମାନେ ବରବର ନ୍ୟାୟ ସଙ୍ଗତ ଦାବୀ କରି ଆସୁଛନ୍ତି । ଅଷ୍ଟାଦଶ ଶତାବ୍ଦୀର ମରହଟା ଆକ୍ରମଣ ଓ ବ୍ରିଟିଶଙ୍କ ରାଜ୍ୟ ଶାସନ ବେଳ ଏହି ଦାବୀ ବରବର ଘୋଷିତ ହୋଇ ଆସିଛି । ଅନ୍ୟ ବିରଟ ଜାତିଙ୍କ ଆଗରେ ଛିନ୍ନ ବିଚ୍ଛିନ୍ନ ଅଳ୍ପସଂଖ୍ୟକ ଓଡ଼ିଆଙ୍କ ଗୁହାରି କିଏ ଶୁଣି ନାହାନ୍ତି । ଏହି ଅନ୍ୟାୟର ପ୍ରତିବାଦ କରିବା କାରଣ ଓ ସରକାରଙ୍କୁ ଓଡ଼ିଆମାନେ ତାଙ୍କ ଦାବୀ ଜଣାଇବା ପାଇଁ ୧୯୦୩ ଖ୍ରୀଷ୍ଟାବ୍ଦରେ ସ୍ୱର୍ଗତ ଖଲିକୋଟର ରଜା ସାହେବଙ୍କ ଯତ୍ନରେ

Digitized by srujanika@gmail.com

ଉତ୍କଳ ସମ୍ମିଳନୀର ଆରମ୍ଭ କରନ୍ତି । ଓଡ଼ିଆମାନଙ୍କୁ ସ୍ୱତନ୍ତ୍ର ପ୍ରଦେଶ ଦେବାପାଇଁ ଏହିଠାରେ ପ୍ରସ୍ତାବ ହୁଏ । ଏ ପ୍ରସ୍ତାବର ନକଲ ସରକାରଙ୍କ ଠାକୁ ପଠାଯାଏ । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଓଡ଼ିଆମାନେ ଯେ ଦାବୀ କରି ଆସିଛନ୍ତି, ତାହାର ଫଳରେ ଉତ୍ସାହ ସମ୍ବଳିତ ଜବାବ ମିଳିଥିଲେ ସୁଦ୍ଧା ଲକ୍ଷ୍ୟ ସ୍ଥାନ ସେହିପରି ଦୂରରେ ରହିଛି । ସରକାରି ପ୍ରାର୍ଥନା ପ୍ରଥମେ ଯେ ସ୍ଥାନକୁ ଓଡ଼ିଆମାନଙ୍କୁ ନେଇଥିଲା, ଏବେ ମଧ୍ୟ ଠିକ ସେହି ସ୍ଥାନରେ ସେମାନଙ୍କୁ ରଖିଛି । ଓଡ଼ିଆମାନଙ୍କର ବିଶେଷ କିଛି ଉପକାର ହୋଇ ନାହିଁ ।

ଲର୍ଡ କରଜନ୍ ବଙ୍ଗ ବିଚ୍ଛେଦ କଲାବେଳେ ଓଡ଼ିଆମାନଙ୍କ କଥା ବିସ୍ମରଣ ହୋଇ ନ ଥିଲେ । ମାନ୍ଦ୍ରାଜ ସରକାର ସାମାନ୍ୟ ସହାନୁଭୂତି ଦେଖାଇଥିଲେ ଏତେବେଳକୁ ଓଡ଼ିଆ-ମାନଙ୍କ ଦାବୀ ପୂରଣ ହୋଇ ଓଡ଼ିଆମାନେ ସ୍ୱତନ୍ତ୍ର ପ୍ରଦେଶ ଅନୁଭୋଗ କରୁଥାନ୍ତେ ।

ଯେଉଁ ଓଡ଼ିଆମାନେ ମରହଟ୍ଟା ଜାତିକୁ ଯୁଦ୍ଧରେ ଅନେକ ଦିନ ପର୍ଯ୍ୟନ୍ତ ପରାସ୍ତ କରି ସ୍ୱାଧୀନ ହୋଇ ପାରିଥିଲେ, ସେ ଜାତି ଆଜି ଏପରି ଶୋଚନୀୟ ଅବସ୍ଥାରେ ଖଣ୍ଡ ଖଣ୍ଡ ହୋଇ ପଡ଼ିଛି । ସଂସ୍କାର ଆଇନ ପ୍ରଚଳନ ପରେ ଓଡ଼ିଆମାନଙ୍କ ଦୁର୍ଦ୍ଦଶା ଚୁଲିରୁ ଯାଇ ତାତିଲା ତେଲୁଣିରେ ପଡ଼ିଛି । କୌଣସି ଏକ ପ୍ରାଦେଶକ ବ୍ୟବସ୍ଥା ସଭରେ ଏମାନଙ୍କ ସଂଖ୍ୟା ଅଧିକ ନାହିଁ । ବିହାର-ଓଡ଼ିଶାର ତିନିକୋଟି ୪୦ ଲକ୍ଷ ଜନସଂଖ୍ୟା ମଧ୍ୟରୁ ଓଡ଼ିଆ ଅଛନ୍ତି ମୋଟେ ୭୦ ଲକ୍ଷ । ମାନ୍ଦ୍ରାଜର ୪ କୋଟି ୨୦ ଲକ୍ଷ ଜନସଂଖ୍ୟା ମଧ୍ୟରେ ଓଡ଼ିଆ ଅଛନ୍ତି ପ୍ରାୟ ୧୫ ଲକ୍ଷ । ବଙ୍ଗ ଦେଶର ୪ କୋଟି ୬୦ ଲକ୍ଷ ଜନସଂଖ୍ୟା ମଧ୍ୟରୁ ପ୍ରାୟ ୩ଲକ୍ଷ ଲୋକ କାହିଁ ଲୁଚି ରହିଛନ୍ତି । ମଧ୍ୟପ୍ରଦେଶର କୋଟିଏ ୪୦ ଲକ୍ଷ ଜନସଂଖ୍ୟା ମଧ୍ୟରେ ପ୍ରାୟ ଦୁଇ ତିନି ଲକ୍ଷ ଓଡ଼ିଆ ବିଞ୍ଛି ହୋଇ ପଡ଼ିଛନ୍ତି ।

ଏହି ଭବରେ ଓଡ଼ିଶାର ଅଙ୍ଗ ପ୍ରତ୍ୟଙ୍ଗ ଖଣ୍ଡ ଖଣ୍ଡ କରା ହୋଇଛି । କେତୋଟି ରାଜନୈତିକ ଐତିହାସିକ ଦୁର୍ଘଟଣା ବେଳେ ଏହି ଭବରେ ମନଇଚ୍ଛା ଖଣ୍ଡ ଖଣ୍ଡ କରି ଜାତିଟାକୁ ଛିନ୍ନ ଭିନ୍ନ କରିଥିବାରୁ ଏ ଜାତିର ଦୁଃଖ ଦୈନ୍ୟ ବଢ଼ିଛି । ମାନ୍ଦ୍ରାଜ, ବଙ୍ଗ, ଏହି ଅଞ୍ଚଳମାନଙ୍କରେ ଓଡ଼ିଆର ଜାତୀୟତା ଓ ଏକତା ଲୋପ ହେବା ଉପରେ ବସିଛି । ଓଡ଼ିଆର ଅତୀତ ଶିକ୍ଷା ସଭ୍ୟତା ସବୁ ମାଟିରେ ମିଶିଛି ।

ଏହି ଅଞ୍ଚଳମାନଙ୍କର ଜନଗଣନା ହିସାବ ଥରେ ପରୀକ୍ଷା କରାଯାଉ । ୧୯୦୧ରେ ଗଞ୍ଜାମ ଜିଲ୍ଲାର ଓଡ଼ିଆଭଷୀ ସଂଖ୍ୟା ଥିଲା ୧୨ ଲକ୍ଷ ୬୪ ହଜାର ୯୭୫ । କିନ୍ତୁ ୧୯୧୧ରେ ଜନଗଣନାରେ ସମୁଦାୟ ଜନସଂଖ୍ୟା ୧୬,୮୯,୧୪୨ଠାରୁ ୧୮,୭୦,୮୨୬ ପର୍ଯ୍ୟନ୍ତ ବଢ଼ି-ଥିଲେ ସୁଦ୍ଧା ଓଡ଼ିଆଭଷୀ ସଂଖ୍ୟା ତିନିଲକ୍ଷ କମି ୯,୫୮,୬୬୧ ହୋଇଗଲା । ସେହିପରି ମେଦିନୀପୁର ଅଞ୍ଚଳରେ ୧୮୯୧ର ଜନଗଣନା ବେଳେ ୫ ଲକ୍ଷ ଓଡ଼ିଆ ସଂଖ୍ୟା ଉଡ଼ିଯାଇ ଲକ୍ଷେ ୮୦ ହଜାରକୁ ସଂଖ୍ୟା ଛିଡ଼ି ପଡ଼ିଛି । ଏହିପରି ଓଡ଼ିଆ ସଂଖ୍ୟା କମିବା ପାଇଁ

Digitized by srujanika@gmail.com

କୌଣସି କାରଣ ଦିଆ ହୋଇ ନ ଥିଲେ ସୁଦ୍ଧା, ୧୯୧୧ରେ ମିଷ୍ଟର ମଲେନୀ ଗଞ୍ଜାମର ଓଡ଼ିଆ ସଂଖ୍ୟା କମିଥିବା ଘଟଣାରେ ତେଲୁଗୁ ଓଡ଼ିଆ ଭେଦ ଭାବକୁ ଲକ୍ଷ୍ୟକରି ତାଙ୍କ ମତ ଦେଇଛନ୍ତି ।

ଏକଥା ମୁଁ ସ୍ପଷ୍ଟ ଭାବରେ କହି ରଖିଛି ଯେ, ଭାରତର ସ୍ୱୟତ୍ତ ଶାସନ ସଙ୍ଗେ ଓଡ଼ିଆମାନେ ମଧ୍ୟ ଏକ ଭାବରେ ଫଳ ଲାଭ କରିବା ପାଇଁ ଚାହିଁ ରହିଅଛନ୍ତି । କିନ୍ତୁ ବର୍ତ୍ତମାନର ବର୍ତ୍ତମାନର ଏ ଖଣ୍ଡ ବିଖଣ୍ଡିତ ପ୍ରଦେଶ ମଧ୍ୟରୁ ଓଡ଼ିଆଙ୍କର ଉନ୍ନତି ସମ୍ଭବ କି ?

୧୮୬୮ ଖ୍ରୀଷ୍ଟାବ୍ଦରେ ଭାରତର ସଚିବ ରୂପେ ସାରଷ୍ଟୋଫାର୍ଡ ନର୍ଥକୋଟ ଓଡ଼ିଆ-ମାନଙ୍କର ଏହି ଖଣ୍ଡ ବିଖଣ୍ଡିତ ଅପ୍ରାକୃତିକ ଶାସନ ଅବସ୍ଥା ବୁଝିପାରିଥିଲେ । ୧୮୯୫ରେ ଓଡ଼ିଶାର କମିଶନର ସାହେବ ଓଡ଼ିଶା ଡ଼ିଭିଜନର ରିପୋଟ ଲେଖିଲାବେଳେ ସମୁଦାୟ ଓଡ଼ିଆଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା ପାଇଁ ଦାବୀ କରିଥିଲେ । ରିପୋର୍ଟରେ ସେ କହିଛନ୍ତି, ମାନ୍ଦ୍ରାଜ, ମଧ୍ୟପ୍ରଦେଶରେ ଅଳ୍ପ ସଂଖ୍ୟକ ଓଡ଼ିଆଙ୍କୁ ନଗଣ୍ୟ ଭାବରେ ରଖିବା ଅପେକ୍ଷା ଏକ ଶାସନରେ ସମୁଦାୟ ଓଡ଼ିଆଭାଷୀ ଲୋକଙ୍କୁ ରଖିଲେ ବଡ଼ ଉପକାର ହୁଅନ୍ତା । ଏହି ଯୁକ୍ତିର ସମର୍ଥନ କରିବାକୁ ଯାଇ ସେ ରାଜନୈତିକ, ଭୌଗଳିକ ଓ ଦାର୍ଶନିକ ନାନା ତଥ୍ୟ ଓ ପ୍ରସ୍ତାବର ଉଲ୍ଲେଖ କରିଛନ୍ତି । ସରକାରଙ୍କ ଅନ୍ୟ ବଡ଼ ଅଫିସରମାନେ କଣ କହିଛନ୍ତି, ତାହା ପରେ ଦେଖାଯାଉ । ଭାରତ ସରକାର ଭାରତ ସେକ୍ରେଟରିଙ୍କ ଠାକୁ ୧୯୦୩ ଡ଼ିସେମ୍ବର ୩ ତାରିଖରେ ଯେ ପତ୍ର ଲେଖିଥିଲେ ସେଥିରୁ କିଛି କିଛି ଉଲ୍ଲେଖ କରାଗଲା——

"ଓଡ଼ିଆମାନଙ୍କୁ ଭିନ୍ନ ଭିନ୍ନ ପ୍ରଦେଶରେ ରଖାଯାଇ ଥିବାରୁ ସବୁବେଳେ ଏମାନଙ୍କ ଲାଗି ସରକାର ଅସୁବିଧା ଭୋଗକରି ଆସୁଛନ୍ତି । ପ୍ରତି ପ୍ରଦେଶର ସରକାର ମଧ୍ୟ ଏଥିଯୋଗୁଁ ଉତ୍‌କଣ୍ଠିତ ଓ ହନ୍ତସନ୍ତ ହେଉଛନ୍ତି । ମାନ୍ଦ୍ରାଜ ସରକାର ଓଡ଼ିଆ, ଟାମିଲ, ତେଲୁଗ, ମାଳୟାଳମ, କନାଡ଼ି, ଇତ୍ୟାଦି ଭାଷଭାଷୀ ଲୋକଙ୍କୁ ଶାସନ କରିବାକୁ ଯାଇ ମହା ଅସୁବିଧାରେ ପଡ଼ୁଛନ୍ତି । ଏହି ଅସୁବିଧା ଯୋଗୁଁ କେବଳ ଯେ ଶାସନ ପ୍ରଥାରେ ବାଧାପଡ଼ୁଛି ତାହା ନୁହେ । ଲୋକେ ଏଥିଯୋଗୁଁ ବହୁ ଅସୁବିଧା ଭୋଗ କରୁଛନ୍ତି ଓ ଏମାନଙ୍କର ଉନ୍ନତିରେ ବାଧା ପଡ଼ୁଛି । ଅଳ୍ପସଂଖ୍ୟାରେ ଥିବା ଲୋକଙ୍କୁ ହତାଦର ଓ ଅବହେଳା ପ୍ରଦର୍ଶନ ହୋଇଛି । ଏହି ଲୋକଙ୍କ ଭାଷା ଜାଣିଥିବା ଅଧିକ ସଂଖ୍ୟକ ଅଫସର ମିଳିବା କଷ୍ଟ । ଲୋକଙ୍କର ଭାଷା ଜାଣି ନ ଥିବା ବିଦେଶୀ ଲୋକେ ଏମାନଙ୍କୁ ଶାସନ କରି-ଥାନ୍ତି । ଅଫିସରମାନେ ଶାସିତଙ୍କ ଭାଷା, ସାମାଜିକ ରୀତିନୀତି ଜାଣିବାକୁ ହେବ ବୋଲି ସରକାର ଆଦେଶ ଦେଇ ପାରନ୍ତି । କିନ୍ତୁ ଏଥିରେ ବାଞ୍ଛିତ ଫଳଲାଭ ହେବା ଅସମ୍ଭବ । ହେଲେ ମଧ୍ୟ ତାହା କୌଣସି ସମୟରେ ପୂର୍ଣତା ଲାଭ କରିବାର ସମ୍ଭବ ନୁହେ, ଏ ଅଭାବ ଅସୁବିଧା ଓଡ଼ିଆଭାଷୀ ଲୋକେ ବହୁ ପରିମାଣରେଅନୁଭବ କରୁଛନ୍ତି । ତିନିଟା ପ୍ରଦେଶରେ (ବର୍ତ୍ତମାନ

Digitized by srujanika@gmail.com

୪୮। ପ୍ରଦେଶରେ) ଓଡ଼ିଆ ଲୋକେ ବିଛନ୍ନ ହୋଇ ସମସ୍ତଙ୍କଠାରୁ ଅଧିକ କଷ୍ଟ ଅନୁଭବ କରୁଅଛନ୍ତି । ଶାସକଗଣ ଏମାନଙ୍କଯୋଗୁଁ ଉତ୍କଣ୍ଠା ଓ ଅସୁବିଧା ଅନୁଭବ କରୁଛନ୍ତି । ଏଥି-ପାଇଁ ଯଥା ଶୀଘ୍ର ଭାଷା ସୂତ୍ରରେ ପ୍ରଦେଶ ଗଠନ କରିବା ବାଞ୍ଛନୀୟ । ଓଡ଼ିଆ ଭାଷୀ ଲୋକ-ଙ୍କର ଜାତୀୟ ବିଶିଷ୍ଟତା ଅଛି । ଏ କଥା କେହି ଅସ୍ୱୀକାର କରି ପାରିବେ ନାହିଁ ।]

୧୯୧୭ ଖ୍ରୀଷ୍ଟାବ୍ଦରେ ସର୍ଗତ ଭାରତ ସଚିବ ମଣ୍ଟେଗୁ ସାହେବଙ୍କ ସ୍ମରଣୀୟ ଭାରତ ପରିଭ୍ରମଣବେଳେ ଓଡ଼ିଆମାନେ ଶ୍ରୀଯୁକ୍ତ ଏମ୍. ଏସ୍. ଦାସ ଓ କନିକାର ରାଜା ସାହେବ ( ଯେ କି ବର୍ତ୍ତମାନ ବିହାର ସରକାରଙ୍କ ଅର୍ଥ ସଚିବ ହୋଇଛନ୍ତି ) ନେତୃତ୍ୱରେ ଓ ଅନ୍ୟାନ୍ୟ ଅନେକ ଭଦ୍ରବ୍ୟକ୍ତିଙ୍କ ଗୋଟିଏ ଜଣାଣ ପତ୍ର ଦାଖଲ କରିଥିଲେ । ସଂସ୍କାର ଆଇନ ପ୍ରଚଳନ ପୂର୍ବରୁ ଓଡ଼ିଆମାନଙ୍କୁ ଗୋଟିଏ ବିଶିଷ୍ଟ ଶାସନାଧୀନ କରି ରଖା-ଯାଉ ବୋଲି ଏମାନେ ମଣ୍ଟେଗୁ ସାହେବଙ୍କଠାରେ ଦାବୀ କରିଥିଲେ । କିନ୍ତୁ ଓଡ଼ିଆମାନଙ୍କ ପାଇଁ ବିଶେଷ କିଛି ସୁବିଧା ହୋଇପାରିଲା ନାହିଁ । ଅବଶ୍ୟ ସଂସ୍କାର ଆଇନରେ ଓଡ଼ିଆମାନଙ୍କ ସମସ୍ୟା ସମ୍ବନ୍ଧେ ବିଶେଷ ପ୍ରାଧାନ୍ୟ ଦିଆଯାଇଛି । ଭାଷା ସୂତ୍ରରେ ପ୍ରଦେଶ ଗଠନ ନୀତି ସଂସ୍କାର ରିପୋର୍ଟ ପସନ୍ଦ କରିଛନ୍ତି । କିନ୍ତୁ ସଂସ୍କାର ଆଇନ ପ୍ରବର୍ତ୍ତନ ପରେ ଓଡ଼ିଆଙ୍କ ଅବସ୍ଥା ପୂର୍ବଠାରୁ ଅଧିକ ଶୋଚନୀୟ ହୋଇଛି । କୌଣସି ଗୋଟିଏ ହେଲେ ପ୍ରାଦେଶିକ ବ୍ୟବସ୍ଥାପକ ସଭାରେ ଏ ଜାତିର ଲୋକେ ଅଧିକ ସଂଖ୍ୟାରେ ରହି ଏ ଜାତିର ହାରି ଗୁହାରି ଜୋର ଭାବରେ ଉପସ୍ଥାପିତ କରିବା କଥା ଆକାଶ କୁସୁମ ହେଲା । ସବୁଠାରେ ଏମାନଙ୍କ ସଂଖ୍ୟା ନଗଣ୍ୟ ହୋଇ ରହିଲା । ପ୍ରତିକୂଳ ଜାତିର ମତ ବିରୁଦ୍ଧରେ ଏମାନେ ସ୍ୱପ୍ନରେ ସୁଦ୍ଧା କେବେ ଲଢ଼ିବା ପାଇଁ ଶକ୍ତି ଲାଭ କରି ପାରିଲେ ନାହିଁ ।

ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାର ସଭ୍ୟ ରୂପେ ମୋର ଅନୁଭୂତିରୁ ମୁଁ ସଫା କହିପାରେ ଯେ ଓଡ଼ିଆଙ୍କ ଅବସ୍ଥା ସଂସ୍କାର ଆଇନ ପ୍ରବର୍ତ୍ତନ ପରେ ଅଧିକ ଶୋଚନୀୟ ହୋଇଛି । ସଂସ୍କାର ଆଇନ ପ୍ରବର୍ତ୍ତନ ପୂର୍ବରୁ ସରକାରଙ୍କଠାରୁ ଓଡ଼ିଆମାନେ ନାନା ସୂତ୍ରରେ ସାହାଯ୍ୟ ଦାବୀ କରୁଥିଲେ । ଓଡ଼ିଆମାନେ ଅନୁନ୍ନତଜାତି ବୋଲି ସରକାର ମଧ୍ୟ ବରାବର ସାହାଯ୍ୟ କରି ଆସୁଥିଲେ । ସେଥିପାଇଁ ମୋ ମନରେ ଏ ଧାରଣା ବଦ୍ଧମୂଳ ହୋଇଛି ଯେ, ଓଡ଼ିଆ-ମାନେ ଯେ କୌଣସି ଉନ୍ନତ ପ୍ରଦେଶରେ ରହିଥାନ୍ତୁ ପଛକେ ସେମାନଙ୍କ ଅବସ୍ଥା ଆଦୌ ବଦଳି ନାହିଁ । ବଙ୍ଗ ପରି ଶିକ୍ଷିତ ଉନ୍ନତ ଜାତି ସଙ୍ଗେ ଅଳ୍ପ ସଂଖ୍ୟକ ଓଡ଼ିଆଙ୍କର ନାମଗନ୍ଧ ପର୍ଯ୍ୟନ୍ତ ଉଡ଼ିଯାଇଛି ।

ଓଡ଼ିଆମାନଙ୍କର ଏହି ସ୍ୱତନ୍ତ୍ର ପ୍ରଦେଶ ଦାବୀ ଆନ୍ଦୋଳନ ଆରମ୍ଭ ହୋଇ-ଥିବା ଯୋଗୁଁ ପଡ଼ୋଶୀ ଜାତିମାନଙ୍କ ମଧ୍ୟରେ ବିରୁଦ୍ଧ ଆନ୍ଦୋଳନ ମଧ୍ୟ ସୂତ୍ରପାତ ହେଲାଣି ଏବଂ ଅନ୍ୟ ଅନେକ ଜାତି ଓଡ଼ିଆଙ୍କର ଏହି ଭାଷା ସୂତ୍ରରେ ପ୍ରଦେଶ ଗଠନ ଦାବୀ କଥା ଦେଖି ଶୁଣି ଅନ୍ୟ ଜାତି କେତେ ନିଜ ନିଜ ଭାଷା ପାଇଁ ପ୍ରଦେଶ ଦାବୀ କରୁଛନ୍ତି ।

Digitized by srujanika@gmail.com

ମୁଁ ପୁଣି ଜୋର ଦେଇ କହୁଛି, ସ୍ୱତନ୍ତ୍ର ପ୍ରଦେଶରୁ ଲବେ ମାତ୍ର ଊଣାହେଲେ ଓଡ଼ିଆମାନଙ୍କର କାମନା ପୂର୍ଣ୍ଣ ହେବ ନାହିଁ । ସେମାନଙ୍କର ଦାବୀ ସ୍ୱତନ୍ତ୍ର ପ୍ରଦେଶ । ଏହା ନ ହେଲେ ଓଡ଼ିଆମାନେ କଦାପି ତୃପ୍ତ ହେବେ ନାହିଁ । ଅନ୍ୟ କୌଣସି ବଡ଼ ପ୍ରଦେଶ ସଙ୍ଗେ ଓଡ଼ିଶା ପ୍ରଦେଶକୁ ନେଇ ଜୋଡ଼ି ରଖିଲେ ମଧ୍ୟ ଏ ଜାତି ତୃପ୍ତ ହେବ ନାହିଁ । ଅନ୍ୟ କୌଣସ ପ୍ରକାର ଆଂଶିକ ବିଧାନ ଏ ଜାତିର ମନ ବଦଳାଇବା ସମ୍ଭବ ନୁହେ । ଏ ଜାତି ଲୋଡ଼େ ସ୍ୱତନ୍ତ୍ର ପ୍ରଦେଶ ।

୧୯୧୯ର ଉତ୍କଳ ସମ୍ମିଳନୀରେ ଏହି ସ୍ୱତନ୍ତ୍ର ପ୍ରଦେଶ ଦାବୀ ସମ୍ପର୍କ ୀ ପ୍ରସ୍ତାବ ଗୃହୀତ ହୋଇଛି । ପ୍ରସ୍ତାବରେ ଅଛି,

"ମଣ୍ଟେଗୁ ଚେମ୍ସ ଫୋର୍ଡ଼ ରିପୋର୍ଟରେ ଓଡ଼ିଆଙ୍କ ଦାବୀକୁ ନ୍ୟାୟ ସଙ୍ଗତ ସମର୍ଥନ ଦିଆ ଯାଇଥିବା ଯୋଗୁଁ ଓ ଓଡ଼ିଆଙ୍କ ଦାବୀର ଗୁରୁତ୍ୱ ରିପୋର୍ଟ ଲେଖକଗଣ ଅନୁଭବ କରିଥିବା ଯୋଗୁଁ, ଏ ସମ୍ମିଳନୀ ସରକାରଙ୍କ ସହାନୁଭୂତିରେ ବିଶ୍ୱାସ କରୁଛି ଏବ ସ୍ପଷ୍ଟ ଭବରେ ପୁଣି କହି ରଖୁଛି, ଯଦି ଓଡ଼ିଆମାନଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଓ ସ୍ୱତନ୍ତ୍ର ପ୍ରାଦେଶିକ କାଉନସିଲ ଦିଆଯାଉ ନାହିଁ, ତେବେ ଓଡ଼ିଆ ସମସ୍ୟାର ସମୁଚିତ ସମାଧାନ ସମ୍ଭବ ନୁହେ । ଏ ଜାତିର ନ୍ୟାୟସଙ୍ଗତ ଦାବୀ ଏହାଛଡ଼ା ଅନ୍ୟ ଉପାୟରେ ପୂର୍ଣ୍ଣ ହୋଇ ନ ପାରେ ।"

୧୯୨୦ରେ ବିହାରର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ସିଂହ ସେତେବେଳର ଇମ୍ପିରିଏଲ ଭରତ ବ୍ୟବସ୍ଥା ସଭରେ ଓଡ଼ିଆ ସମସ୍ୟାର ଆଶୁ ସମାଧାନ ପାଇଁ ସରକାରୀ ଓ ବେସରକାରୀ ସଭ୍ୟଙ୍କୁ ନେଇ ଗୋଟିଏ କମିଟି ଗଠନ କରଯାଉ ବୋଲି ପ୍ରସ୍ତାବ କରିଥିଲେ । ଏହି ପ୍ରସ୍ତାବର ଆଲୋଚନାରେ ଅଧିକାଂଶ ବକ୍ତା ସହାନୁଭୂତି ଦେଖାଇ ଏ ସମସ୍ୟାର ଆସ ପ୍ରତିକାର ପାଇଁ ମତ ଦେଇଥିଲେ । କିନ୍ତୁ ସାର, ବି. ଏନ୍. ଶର୍ମା ଓଡ଼ିଆମାନଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ପ୍ରସ୍ତାବ କରିଥିଲେ । ଏ ପ୍ରସ୍ତାବରେ ସମୁଦାୟ ପରିଷଦ ଏକ ମତ ହୋଇଥିବାରୁ ପ୍ରଥମ ପ୍ରସ୍ତାବ ପ୍ରତ୍ୟାହାର କରଯାଇଥିଲ । ସେତେବେଳେ ଭରତ ସରକାରଙ୍କ ଘରେଇ ସଭ୍ୟ ଥିଲେ, ସାର୍ ଉଇଲିୟମ୍ ଭିନ୍‌ସଣ୍ଟ । ସେ କହିଥିଲେ ଓଡ଼ିଆଙ୍କ ନାଯ୍ୟ ଦାବୀରେ ସରକାର କୌଣସି ରୂପେ ବାଧା ଦେଉ ନାହାନ୍ତି । ୧୯୨୪ରେ ଫିଲପ ଡ଼ଫ୍ କମିଶନ ଓଡ଼ିଆଙ୍କ ଦାବୀର ଗୁରୁତ୍ୱ ଉପଲବ୍ଧି କରି ମତବ୍ୟକ୍ତ କରିଛନ୍ତି ।

ଓଡ଼ିଆଙ୍କ ବର୍ତ୍ତମାନ ପରିସ୍ଥିତି ସାଇମନ କମିଶନର ଦୃଷ୍ଟିରୁ ବହିର୍ଭୂତ ହୋଇ ନାହିଁ । ସାଇମନ ରିପୋର୍ଟ କହିଛି—କୌଣସି ପ୍ରକାର ପ୍ରାକୃତିକ ସମ୍ବନ୍ଧ ନ ଥିବା ଜାତିଙ୍କୁ ଏକାଠେ ଛନ୍ଦିବାର ଅସ୍ୱାଭାବିକ ଘଟଣା ଓଡ଼ିଆଙ୍କ ଭଗ୍ୟରେ ଜ୍ୱଳନ୍ତଭବରେ ପରିଲକ୍ଷିତ

Digitized by srujanika@gmail.com

ହୁଏ । ମାନ୍ଦ୍ରାଜ ସରକାର ତାଙ୍କ ରିପୋର୍ଟରେ ଓଡ଼ିଆଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ସପାରିଶ କରିଛନ୍ତି । ବିହାର ଓଡ଼ିଶା ସରକାର ମଧ୍ୟ ଆର୍ଥିକ ସମସ୍ୟା ସମ୍ବନ୍ଧେ ଉଲ୍ଲେଖ କରି ଓଡ଼ିଆଙ୍କ ସ୍ୱତନ୍ତ୍ର ପ୍ରଦେଶ ଦାବୀ ବିଶେଷ ଭାବରେ ସମର୍ଥନ କରିଛନ୍ତି । ଭାରତ ସରକାର ତାଙ୍କ ସଂସ୍କାର ଡିସ୍‌ପାଚରେ ଓଡ଼ିଆ ଦାବୀର ମହତ୍ୱ ବୁଝି ସ୍ୱତନ୍ତ୍ର ପ୍ରଦେଶ କଥା ସମର୍ଥନ କରିଛନ୍ତି । ବାଉଣ୍ଡେରି କମିଶନ ଶୀଘ୍ର ଏ ସମ୍ବନ୍ଧେ ମୀମାଂସା କରୁ ବୋଲି ସରକାର ସୁପାରି କରିଛନ୍ତି । କିନ୍ତୁ ଓଡ଼ିଆମାନଙ୍କର ଏହି ସଂମିଶ୍ରଣ ଦାବୀ ଏଡ଼େ ଜରୁର ହୋଇ ପଡ଼ିଛି ଯେ, ଭୟ ହୁଏ, ଆଉ ଏକ କମିଶନ ବସାଇବା ଫଳରେ ଲକ୍ଷ୍ୟ ପ୍ରାପ୍ତିରେ ପୁଣି ଅବହେଳା ହୋଇପାରେ ।

କାର୍ଯ୍ୟକାରୀ ପ୍ରସ୍ତାବ ଦୃଷ୍ଟିରେ ଦେଖିଲେ ଓଡ଼ିଶା ଦେଶର ଆୟତନ ହେବ, ସାଢ଼େ ୮୮ ହଜାର ବର୍ଗ ମାଇଲ । ଏଥିରେ ଯେ ଲୋକ ରହିବେ, ସେମାନଙ୍କର ଭାଷା, ଭାବ, ସାମାଜିକ ରୀତିନୀତି, ଧର୍ମ ଇତ୍ୟାଦି ସମସ୍ତ ବିଷୟରେ ଏକତା ଓ ସାମ୍ୟଭାବ ରହିବ । ଏହି ପ୍ରଦେଶର ଯେ ଜନସଂଖ୍ୟା ହେବ, ତାହା ଆସାମ, ବର୍ମା, ମଧ୍ୟପ୍ରଦେଶ ଏହି ପ୍ରଦେଶ ମାନଙ୍କର ଜନସଂଖ୍ୟାଠାରୁ କୌଣସି ଗୁଣରେ ଊଣା ହେବ ନାହିଁ ।

ଆଉ ଏକ କଥା, ସ୍ୱତନ୍ତ୍ର ପ୍ରଦେଶ ପ୍ରସ୍ତାବ ମୂଳରେ ଉଠୁଛି ! ଓଡ଼ିଶା ପ୍ରଦେଶ ନିଜ ଖର୍ଚ୍ଚ ନିଜେ ତୁଲାଇ ପାରିବ କି ନାହିଁ, ଏହି କଥା ଅନେକେ ଭାବିଥାନ୍ତି । ଆର୍ଥିକ ଅଭାବ ହୋଇପାରେ, କିନ୍ତୁ ଯଦି କର୍ତ୍ତୃପକ୍ଷ ଓଡ଼ିଆଙ୍କ ପ୍ରତି ସ୍ନେହ ସହାନୁଭୂତି ଦେଖାଇ ଏ ପ୍ରସ୍ତାବର ସମୁଚିତ ବିବେଚନା କରନ୍ତି ତେବେ ଏ ଛାର କଥା ଅନ୍ତରାୟ ହୋଇ ରହିବ ନାହିଁ । ଏ ଦେଶରେ ଖଣିଜ ଦ୍ରବ୍ୟ ପୂରି ରହିଛି । ଏ ସବୁର ଉନ୍ନତି ସାଧନ କରିବାକୁ ହେବ । ଆସାମକୁ ପ୍ରଥମେ ନୂତନ ପ୍ରଦେଶ ରୂପେ ଗଠନ କରାଗଲାବେଳେ ଭାରତ ସରକାର ଆସାମକୁ ଆର୍ଥିକ ସାହାଯ୍ୟ କରି ନ ଥିଲେ କି ? ଓଡ଼ିଶା ପ୍ରଦେଶ ଗଠନ ମଧ୍ୟ ଠିକ୍ ସେହି ଭାବରେ ହେବ ।

ଓଡ଼ିଶା ଗୋଟିଏ ବିରାଟ କୃଷି ପ୍ରଧାନ ପ୍ରଦେଶ । ଅନେକ ପ୍ରକାର ପ୍ରାକୃତିକ ନଦ, ନଦୀ, ଗିରି ବନ ଏହି ଅଞ୍ଚଳରେ ପରିପୂର୍ଣ୍ଣ । ଏ ଦେଶ ବଡ଼ ଉର୍ବର । ଏହି ଦେଶରେ ଧାନ ବିଶେଷ ପରିମାଣରେ ହୁଏ । ଭବିଷ୍ୟତରେ ଅଧିକ ପରିମାଣରେ ଏ ଅଞ୍ଚଳରେ କୃଷି ସମ୍ଭବ । ଯଦି ଏ ଦେଶର ନଦ ନଦୀର ବନ୍ୟା ଉତ୍ପାତ ବନ୍ଦକରି ହୁଏ ତେବେ ଏ ଦେଶର ସମୃଦ୍ଧି ସମ୍ଭବ, ଏଦେଶର ଦାରିଦ୍ର୍ୟ ଦୂର ହେବ । ଓଡ଼ିଶାରେ ନିବିଡ଼ ଜଙ୍ଗଲ ଅଛି । କୋଇଲା, ଲୁହା, ତମ୍ବା, ଅଭ୍ର, ଇତ୍ୟାଦି ଖଣି ଏ ଭୂଗର୍ଭରେ ରହିଛି । ଏସବୁ ଖଣିଜ ଓ ଜଙ୍ଗଲର ପ୍ରାକୃତିକ ସମ୍ପଦକୁ ବୈଜ୍ଞାନିକ ପ୍ରଣାଳୀରେ ବ୍ୟବହାର କରିପାରିଲେ ଏ ଦେଶର ସମ୍ପଦ ବୃଦ୍ଧି ହେବ । ରାଜ୍ୟସ୍ୱ ନିଅଣ୍ଟ ହେବ ନାହିଁ ।

ଏହି ବିରାଟ ସମସ୍ୟା ସମ୍ବନ୍ଧେ ମୋ ମନରେ ଯେ ଯେ ଭାବନା ରହିଛି ସେ ସବ ଏଠାରେ ବଖାଣିବାକୁ ସମୟ ଓ ସ୍ଥାନ ନାହିଁ । ଯେଉଁ କେତୋଟା ବିବରଣ ଏଥିରେ ଦିଆ

Digitized by srujanika@gmail.com

ଯାଇଛି ତାହା ବର୍ତ୍ତମାନ ପାଇଁ ଯଥେଷ୍ଟ । ଏ ସମସ୍ୟାର ଯେତେ ଶୀଘ୍ର ସମାଧାନ ହୋଇ-ପାରେ ସେତିକି ସମସ୍ତଙ୍କର ମଙ୍ଗଳ ।

## ଦ୍ୱାବିଂଶତ ଅଧିବେଶନ

୧୯୩୦ ମସିହାରେ ଜଳନ୍ଧରଠାରେ ସମ୍ମିଳନୀର ଦ୍ୱା ବିଂଶତି ଅଧିବେଶନ ଶ୍ରୀ ଦାମୋଦର ସାହୁଙ୍କ ଅଧ୍ୟକ୍ଷତାରେ ବସିଲା । ଓଡ଼ିଆମାନଙ୍କର ସଂସ୍କୃତି ବିଛିନ୍ନାଞ୍ଚଳରେ କିପରି ବଞ୍ଚି ରହିବ ତାର ଆଲୋଚନା ଓ ଜନଗଣନା ସନ୍ନିକଟ ହେତୁ ଓଡ଼ିଆମାନେ କୌଣସି ପ୍ରଭାବରେ ନ ଭୁଲି ନିଜକୁ ଓଡ଼ିଆ ବୋଲି କହନ୍ତୁ ବୋଲି ପ୍ରସ୍ତାବ ଗ୍ରହଣ କରି ଉତ୍ସାହୀ କର୍ମୀମାନଙ୍କୁ ନିଯୁକ୍ତ କରଗଲା ।

ଶ୍ରୀ ଦାମୋଦର ସାହୁ ବ୍ରହ୍ମପୁର ନମଖଣ୍ଡୀ ନିବାସୀ । ସମ୍ମିଳନୀର ଜନ୍ମକାଳରୁ ଯେଉଁ ମାଥୁରୀ ସାହୁ ସାହାଯ୍ୟ କରିଥିଲେ ସେ ସେହି ପରିବାରର ଉପଯୁକ୍ତ ଦାୟାଦ ଥିଲେ । ସେ ଦାନୀ ଓ ଗୁଣୀ, ଗୁଣଗ୍ରହଣ–ପଟୁ ଥିଲେ । ସେ ସାହିତ୍ୟ–ସଙ୍ଗୀତ–ବୈଦ୍ୟକ ଓ ଜ୍ୟୋତିଷଶାସ୍ତ୍ରରେ ଦକ୍ଷଥିଲେ । ସେ ତାନତରଙ୍ଗ, ମାୟାସଂସାର, ସମୁଦ୍ର, ଗାଥ ଆଦି କେତେକ କବିତା ପୁସ୍ତକ ଲେଖିଛନ୍ତି । ବିଶାଖାପାଟଣା କଲେଜରେ ଏଫ୍'ଏ. ପର୍ଯ୍ୟନ୍ତ ପଢ଼ି ବ୍ୟବସାୟରେ ମନ ଦେଲେ । ଆସିକା ଚିନି କାରଖାନା ଓ ରସୁଲକୋଣ୍ଡା କରତକଳର ପରିଚାଳକ ଥିଲେ । ପି.ଇ. ଏନ୍‌ର ସଦସ୍ୟ ଥିଲେ । ଜନ୍ମ ତା ୪।୧୧।୧୮୯୭ ଓ ମୃତ୍ୟୁ ତା ୨।୮।୦୯୬୨ରେ ହୋଇଗଲା ।

ଏ ସମ୍ମିଳନୀ ପରେ ଓଡ଼ିଆମାନେ ଟିକିଏ ବଳପାଇ ମଞ୍ଜୁଷା, ତରଳା, ଜଳନ୍ତର, ଟିକିଲି ଆଦିରେ ଅଣଓଡ଼ିଆ ଜନଗଣନାକାରୀମାନେ ଯେଉଁସବୁ ଭୁଲ କରିଥିଲେ, ତାର ତୀବ୍ର ପ୍ରତିବାଦ କଲେ । ମାନ୍ଦ୍ରାଜ ସରକାର ଏହି ଅଭିଯୋଗରେ ତଦନ୍ତ ପାଇଁ ଇଟସ ( M. W. yeats ) ସାହେବଙ୍କୁ ନିଯୁକ୍ତ କଲେ । ସେ ବହୁତ ଭୁଲଥିବା ସ୍ୱୀକାର କଲେ ଓ କେତେକାଂଶ ସଂଶୋଧନ କରଗଲା । ଅଣଓଡ଼ିଆ ଜନଗଣନାକାରୀଙ୍କ ସମସ୍ତ ଚକ୍ରାନ୍ତ ସତ୍ତ୍ୱେ ଗଞ୍ଜାମ ଜିଲ୍ଲାରେ ଓଡ଼ିଆଙ୍କ ସଂଖ୍ୟା ହେଲା ୧୧,୯୪,୩୩୭ ବିଶାଖାପାଟଣା ଜିଲ୍ଲାରେ ୬,୬୪,୬୭୯ ଓ ଗୋଦାବରୀ ଜିଲ୍ଲାରେ ହେଲା ୮୪୧୬ ।

ସିଂହଭୂମିରେ ବିହାରୀମାନଙ୍କ ସକଳପ୍ରକାର ଷଡ଼ଯନ୍ତ୍ର ସତ୍ତ୍ୱେ ଓଡ଼ିଆଙ୍କ ସଂଖ୍ୟା ୫୧,୨୦୨ ଓ ହିନ୍ଦୀ ଭଷୀଙ୍କ ସଂଖ୍ୟା ମାତ୍ର ୦୦,୨୨୬ ହେଲା ।

Digitized by srujanika@gmail.com

# ଓଡ଼ନେଲ କମିଟି

୧୯୩୧ ମସିହାରେ ଭାରତ ସରକାର ଓଡ଼ିଶାର ସୀମାନିର୍ଦ୍ଧାରଣ ନିମନ୍ତେ ସାର ସାମୁଏଲ ଓଡ଼ନେଲ (Sir Samuel O'dnel) ସାହେବଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ନିଯୁକ୍ତ କଲେ । ଏଥିରେ ଆସାମର ବିଶିଷ୍ଟନେତା, ଶ୍ରୀ ତରୁଣରାମ ଫୁକେନ ଓ ଆର. ଏନ୍. ମେହେଟ୍ଟା ଭାରତ କାଉନ୍‌ସିଲ ସଦସ୍ୟଙ୍କୁ ସଭ୍ୟ ରୂପେ ଓ ବି.ସି. ମୁଖାର୍ଜି ଆଇ. ସି. ଏସ୍.ଙ୍କୁ ସେକ୍ରେଟେରୀ ରୂପେ ନିଆଗଲା । ଏହାଛଡ଼ା ଓଡ଼ିଶାରୁ ପାରଳାଖେମୁଣ୍ଡି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମାନ୍ଦ୍ରାଜ ପ୍ରଦେଶରୁ ରାୟବାହାଦୂର ସି. ଭି. ଏସ୍. ନରସିଂହ ରାଜୁ ଓ ବିହାରର ନେତା ବାରିଷ୍ଟର ସଚ୍ଚିଦାନନ୍ଦ ସିଂହଙ୍କୁ ସହଯୋଗୀ ସଭ୍ୟ ରୂପେ ନିଆଯାଇଥିଲା ।

ଉକ୍ତ କମିଟି ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଦାବୀ ତଥା ସୀମା ବିଷୟରେ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ପାଇଁ ଗଞ୍ଜାମର ଗୋପାଳପୁରଠାରେ ଅଫିସ ଖୋଲିଲେ । ଚିକିଟିର ଯୁବରାଜ ଶ୍ରୀ ଗୌରଚନ୍ଦ୍ର ଦେବଙ୍କ ସଭାପତିତ୍ୱରେ ସର୍ବଶ୍ରୀ ଶଶିଭୂଷଣ ରଥ (ସମ୍ପାଦକ 'ଆଶା'), ନିରଞ୍ଜନ ପଟ୍ଟନାୟକ, ଦେବାନବାହାଦୂର ଶ୍ରୀକୃଷ୍ଣ ମହାପାତ୍ର, ବାରିଷ୍ଟର ବିଶ୍ୱନାଥ ମିଶ୍ର, ଭୁବନାନନ୍ଦ ଦାସ, ଆଡ଼ଭୋକେଟ ଲିଙ୍ଗରାଜ ପାଣିଗ୍ରାହୀ, ଅବସରପ୍ରାପ୍ତ ସବ୍‌ଜଜ ଲକ୍ଷ୍ମୀନାରାୟଣ ପଟ୍ଟାନୟକଙ୍କ ପ୍ରମୁଖ ଏକ କମିଟି ଗଢ଼ି ଓଡ଼ିଆଙ୍କ ଦାବୀ ଉପସ୍ଥାପିତ କରିଥିଲେ । ପାରଳାର ରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବ ଓ ଖଲ୍ଲିକୋଟ-ଆଠଗଡ଼ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଦେବ ଏହି କମଟିକୁ ବିଶେଷ ସାହାଯ୍ୟ କରିଥିଲେ । ଏ କମଟି ଐତିହାସିକ, ସାମାଜିକ ତଥା ଭାଷା ଦୃଷ୍ଟିରୁ ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ଓଡ଼ିଆ ଜମିଦାରୀ ତଥା ସମଗ୍ର ଜୟପୁର ଜମିଦାରୀ ଓଡ଼ିଶାର ଅନ୍ତର୍ଭୁକ୍ତ ହେବା ଉଚିତ ବୋଲି ଦୃଢ଼ ପ୍ରମାଣ ସବୁ କମିଟିଙ୍କ ଆଗେ ଉପସ୍ଥାପିତ କଲେ । କମିଶନକୁ ଜୟପୁର ମହାରାଜା ସାର ବିକ୍ରମ ଦେବବର୍ମା ତା ୨୪।୧୨।୧୯୩୧ ମସିହାରେ ଯେଉଁ ସ୍ମାରକପତ୍ର ଦେଲେ ସେଥିରେ ଓଡ଼ିଆ ଭାଷୀ ଅଞ୍ଚଳକୁ ଓଡ଼ିଶା ପ୍ରଦେଶର ଅନ୍ତର୍ଭୁକ୍ତ କରିବା ପାଇଁ ମତ ଦେବା ସଙ୍ଗେ ସଙ୍ଗେ ଯଦି ତାହା ହୋଇ ନ ପାରେ ତେବେ ବିକଳ୍ପ ପନ୍ଥା ରୂପେ ଗଞ୍ଜାମ, ବିଶାଖପାଟଣା ତଥା ଓଡ଼ିଶାର ସମଗ୍ର ମାଳ ଅଞ୍ଚଳକୁ ସ୍ୱତନ୍ତ୍ର ଭାବରେ ଭାରତ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖାଯାଉ ବୋଲି ଲେଖିଲେ ।

ଅଣଓଡ଼ିଆମାନେ ଜୟପୁର ମହାରାଜାଙ୍କ ମତକୁ କଦର୍ଥ କରି ସେ ଓଡ଼ିଶାରେ ନିଜ ରାଜ୍ୟକୁ ମିଶାଇବା ସପକ୍ଷରେ ନାହାନ୍ତି ବୋଲି ପ୍ରଚାର କଲେ । ଓଡ଼ିଶାର ନେତାମାନେ ମଧ୍ୟ ଏ ବିକଳ୍ପମତ ଦ୍ୱିଧାଭାବ ସୃଷ୍ଟି କରିବା ସମ୍ଭାବନା ଦୃଷ୍ଟିରୁ ତାଙ୍କୁ ଏହାର ପୁନର୍ବିଚାର ପାଇଁ ଅନୁରୋଧ କଲେ । ମହାରାଜା ମତ ଦେଲେ ଯେ ସ୍ୱତନ୍ତ୍ର ଓଡ଼ିଶାରେ ଜୟପୁର ମିଶ ଏଥିରେ ମୋର ଦୃଢ଼ ସମର୍ଥନ ରହିଛି । ସେ ଲେଖିଲେ—

Digitized by srujanika@gmail.com

"I have ever been favourable to the amalgamation of all the Oriya-speaking tracts including Jeypore and Ganjam agencies under one Government. × × ×

Explanatory letter from the Maharaja of Jeypore regarding his statement of 24th Dec 1931.

ଏ ସମସ୍ତ ବିଷୟ ଓଡ଼ନେଲ କମିଶନ ରିପୋର୍ଟରେ ଅଛି ।

ଓଡ଼ିଶାରେ ମିଶିବା ପାଇଁ ଦାବୀ ହେଉଥିବା ଅଞ୍ଚଳମାନଙ୍କରେ ଓଡ଼ିଆଙ୍କ ସଂଖ୍ୟାଧିକ ଦୃଷ୍ଟିରୁ ଓ ପାରଳାଖେମୁଣ୍ଡିର ଗୋଟିଏ ଅଞ୍ଚଳରେ ଓଡ଼ିଆଙ୍କ ସଂଖ୍ୟା ନ୍ୟୁନ ସତ୍ତ୍ୱେ ଓଡ଼ିଆ ଓ ଅଧିକାଂଶ ତେଲେଗୁ ଓଡ଼ିଶାରେ ମିଶିବା ଇଚ୍ଛା କରିବା ଦୃଷ୍ଟିରୁ, ପାରଳାଖେମୁଣ୍ଡି ଓ ଜୟପୁରକୁ ଛାଡ଼ି ଓଡ଼ିଶା ଗଠନ ନିରର୍ଥକ ବୋଲି ସମସ୍ତେ ଦାବୀ କରିଥିଲେହେଁ ଓଡ଼ନେଲ ଘୋର ଅନ୍ୟାୟ କଲେ । ଅନ୍ୟ ଦୁଇ ସଭ୍ୟଙ୍କ ନ୍ୟାୟାନୁମୋଦିତ ପନ୍ଥାକୁ ଏଡ଼ିଦେଇ ସେ ଇଚ୍ଛାପୁର, ମଞ୍ଜୁଷା, ତରଳା, ପାରଳା, ଟିକାଲି, ଜୟପୁର ସବୁ ମାନ୍ଦ୍ରାଜରେ ରହିବ ବୋଲି ମତ ଦେଲେ । ଅଣଓଡ଼ିଆଙ୍କ ପ୍ରଭବ ବିଶେଷତଃ ପାରଳାରଜାଙ୍କ ସେକ୍ରେଟରୀ ସିଭିଲିୟାନ କ୍ରମି ସାହେବ ଯେ କି ନିଜର ଅପକର୍ମ ଫଳରେ ରଜାଙ୍କଦ୍ୱାର ବିତାଡ଼ିତ ହୋଇଥିଲେ, ଅପମାନ ପ୍ରତିଶୋଧର ଏ ଗୋଟିଏ ସୁଯୋଗ ଭବି ଓଡ଼ନେଲ ସାହେବଙ୍କୁ କୁମନ୍ତ୍ରଣା ଦେବା ଫଳରେ ଏଭଳି ଅନ୍ୟାୟ କରଗଲା । କ୍ରମି ଏ ସମୟରେ ମାନ୍ଦ୍ରାଜ ସରକାରଙ୍କ ଅଧୀନରେ କାମ କରୁଥିଲେ ।

ଜୟପୁର ମହାରଜା ଶ୍ରୀ ବିକ୍ରମଦେବ ବର୍ମା ଜୟପୁର ମିଶ୍ରଣ ବିଷୟ ନେଇ ଯେଉଁ ସ୍ମାରକପତ୍ର ସରକାର ତଥା ସର୍ବସାଧାରଣଙ୍କ ଗୋଚର ନିମନ୍ତେ ପ୍ରକାଶ କରିଥିଲେ ତାହା "A Note on the Oriya speaking tracts of Madras" ନାମରେ ପରିଚିତ । ତାହାର ମୁଖବନ୍ଧ ଲେଖିଛନ୍ତି ଶ୍ରୀ ବିଶ୍ୱନାଥ ଦାସ ବି.ଏ.ବି.ଏଲ୍. ପୂର୍ବତନ ମାନ୍ଦ୍ରାଜ ସଭ ସଦସ୍ୟ । ଏଥିରେ ବିଶାଖାପାଟଣାମାଳ ଜୟପୁର ଅଞ୍ଚଳର ଓଡ଼ିଶାସହ ସମ୍ପର୍କ, ଆଦିବାସୀଙ୍କ ଓଡ଼ିଆ ପ୍ରୀତି, ତେଲୁଗୁଭଷୀଙ୍କ ସଂଖ୍ୟାନ୍ୟୁନତା ଓ ସେମାନଙ୍କର ଅଯୌକ୍ତିକ ଦାବୀ ଆଦିର ଖିନ୍‌ଭିନ୍ ଆଲୋଚନା କରଯାଇ, ଜଏଣ୍ଟ ସିଲେକ୍ଟ କମିଟି ଆଗରେ ଆନ୍ଧ୍ରମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ଦାବୀ କରି ଦେବାନ ବାହାଦୂର ଏମ୍. ରମଚନ୍ଦ୍ର ରଓ ଓ ଅନ୍ୟ ଆନ୍ଧ୍ର ନେତାମାନେ ଯେଉଁ ସବୁ ଯୁକ୍ତି ଦେଇଥିଲେ ତାକୁ ଦର୍ଶାଇ, ତଦନୁରୂପେ ଶିକାକୋଲ ତାଲୁକା ଛଡ଼ା ସମଗ୍ର ଗଞ୍ଜାମ ଜିଲ୍ଲ ଓ ଜୟପୁର ଜମିଦାରୀ ଓଡ଼ିଶାରେ ମିଶିବା ଉଚିତ ବୋଲି ଦର୍ଶାଇଥିଲେ ।

ଚିକିଟି ରଜନବରରେ ଓଡ଼ନେଲ କମିଟିଙ୍କ ସାକ୍ଷ୍ୟ ଗ୍ରହଣ ଉଦ୍ଦେଶ୍ୟରେ ଯେଉଁ ସଭର ଆୟୋଜନ ହୋଇଥିଲା ସେଥିରେ ଯୁବରଜ ଗୌରଚନ୍ଦ୍ରଦେବଙ୍କ ଭୂମିକା ଚିକିଟି ରଜ୍ୟକୁ ଓଡ଼ିଶାରେ ମିଶାଇବାରେ ବିଶେଷ ସହାୟକ ହେଲା । ସେହି ସଭରେ ପଣ୍ଡିତ

Digitized by srujanika@gmail.com

ଶ୍ରୀ ରାଧାମୋହନ ବକ୍‌ସୀଙ୍କ ସଂସ୍କୃତ ଅଭିନନ୍ଦନ ପତ୍ର ଶ୍ଳୋକାକାରରେ ରଚିତ "ନବରତ୍ନ-ମୟୀ ମାଳା" (ନଅଟି ଶ୍ଳୋକ ଯୁକ୍ତ) ଅର୍ପିତ ହୋଇ ଯେ ସବୁ ଯୁକ୍ତି ଦିଆଗଲା, ତାର ଫଳରେ ସାମୁଏଲ ଓଡ଼ନେଲ ଓ ଅନ୍ୟାନ୍ୟ ସଭ୍ୟମାନେ ସନ୍ତୁଷ୍ଟ ଥିବା ଜଣାଗଲା ।

ଅଭିନନ୍ଦନର ସାରମର୍ମ ହେଲା ଓଡ଼ିଶାର ଦୁଃଖାଶ୍ରୁ ଆପଣମାନଙ୍କର ପାଦ୍ୟ ହେଉ, ଆଜି ଓଡ଼ିଶା ଖଣ୍ଡୀକୃତ, ଲୁଣ୍ଠିତ, ଶୋକାକୁଳ ତଥାପି ତାର ଖ୍ୟାତି ଗିରି, ମନ୍ଦିର, ତାମ୍ରଫଳକ ସବୁଥିରେ ବିରାଜୁଛି । କୀର୍ତ୍ତିମାଳିନୀ ଉତ୍କଳ ଯେଉଁଠି ଚଣ୍ଡାଶୋକ ଧର୍ମାଶୋକ ହେଲେ, ସର୍ବଧର୍ମର ସମନ୍ୱୟବାଦୀ ଜଗନ୍ନାଥ ଧାମ ଉତ୍କଳର ଦୁର୍ଦ୍ଦଶା ଆଜି ଦେଖନ୍ତୁ ।

ଏ ବୀର ଜାତିକୁ ତେଲେଙ୍ଗା କହୁଛନ୍ତି "ପୋ ପୋ ରେ ଓଡ଼ିଓ୍ୱାଡ଼ୁ" (ଆରେ ଓଡ଼ିଆ ! ଯା ଯା) ବଙ୍ଗାଳୀ ଭେଡ଼େ ଉଡ଼େ ମୋଟିଆ (ମେଣ୍ଢା, ଭାରବୁହା, ଓଡ଼ିଆ) (ଶ୍ଳୋକାର୍ଦ୍ଧ:—ପୋପୋରେ ଓଡ଼୍ରିବାଡ୍ରୁ ପ୍ରବଦତି ତେଲୁଗୁ ଭେଡ଼େ ଉଡ଼େ ମୋଟିୟା ବଙ୍ଗାଃ ସଂବୋଧୟନ୍ତି ଶିରସି ବିଲିଖିତଂ ପାଦକନ୍ଦୁକ ମାତ୍ରମ୍) ଡାକି ଅପମାନ ଦେଉଛନ୍ତି ।

କବିସୂର୍ଯ୍ୟ, ଉପେନ୍ଦ୍ରଭଞ୍ଜାଦଙ୍କ ଭଳି ଓଡ଼ିଆ ଭାଷାର ମହାନ୍ କବି ଯେଉଁ ଅଞ୍ଚଳରେ ଜନ୍ମିଛନ୍ତି, ଯେଉଁଠି ରାଜାମାନଙ୍କ ସ୍ଥାପିତ ଶାସନମାନ ଶହେ ବର୍ଷ ହେଲା ରହିଛି ସେଠି ତେଲେଙ୍ଗା ବା ଅନ୍ୟମାନଙ୍କର ବସତି ଅଛି କି ? ସମସ୍ତେ ଏ ଦେଶକୁ ଖଣ୍ଡ ଖଣ୍ଡ କରିଛନ୍ତି ଆପଣମାନେ ସଂଯୋଗ କରି ପ୍ରଶଂସା ପାଆନ୍ତୁ । (ପରିଶିଷ୍ଟରେ ସଂସ୍କୃତ ଅଭି-ନନ୍ଦନଟି ଦିଆଯାଇଛି) ।

ଚିକିଟି ଯୁବରାଜ ଗୌରଚନ୍ଦ୍ର ଦେବ ଦେଶମିଶ୍ରଣ ତଥା ସ୍ୱତନ୍ତ୍ର ପ୍ରଦେଶ ଗଠନର ଜଣେ ମୁଖ୍ୟ କର୍ମୀ ଥିଲେ । ୧୯୩୧ ମସିହା ଜନଗଣନାରେ ମାନ୍ଦ୍ରାଜ ଓଡ଼ିଆଙ୍କୁ ହିମତ୍ ଦେଇ ଓଡ଼ିଆ ବୋଲି ପରିଚୟ ଦେବାରେ ବହୁ ଶ୍ରମ କରିଥିଲେ । ଓଡ଼ନେଲ କମିଟି ଆଗରେ ସେ ଯେଉଁ ସାକ୍ଷ୍ୟପ୍ରମାଣ ଦେଲେ ତାହା ମାନ୍ଦ୍ରାଜର ଓଡ଼ିଆ ଅଞ୍ଚଳ ମିଶ୍ରଣ ପକ୍ଷରେ ବିଶେଷ ସାହାଯ୍ୟ କଲା । ସେ ୧୯୩୭ରେ ପରଲୋକ ହେଲେ । ଚିକିଟି ରାଜବଂଶର ଓଡ଼ିଆ ସାହିତ୍ୟକୁ ଦାନ ଅସୀମ । ଉପାନ୍ତ ଅଞ୍ଚଳରେ ରହି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ଏ ରାଜବଂଶ ଅଗ୍ରାସନ ଲାଭ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । (୩୮)

ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଭଞ୍ଜନଗର ନିକଟସ୍ଥ ନୂଆଗାଁରେ ତା ୧।୧।୧୮୭୦ ମସିହାରେ ଜନ୍ମ ହୋଇଥିଲେ । ମାଟ୍ରିକ ପାଶ୍ ପରେ ମାନ୍ଦ୍ରାଜରେ ବି.ଏଲ୍. ପଢ଼ି ମୁନସିଫ

---

(୩୮) ପଣ୍ଡିତ ନୀଳମଣି ମିଶ୍ରଙ୍କ "ଓଡ଼ିଆ କବି ଓ କାବ୍ୟ"ରେ ଓଡ଼ିଆ ସାହିତ୍ୟକୁ ଚିକିଟୀ ରାଜବଂଶର ଦାନ ପରିଚ୍ଛେଦ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ହେଲେ । ୧୯୩୦ରେ ସବ୍‌ଜଜ ପଦରୁ ଅବ୍ୟାହତି ପାଇ ପାରଳା ପରେ ମଞ୍ଜୁଷାରେ କିଛି ଦିନ ଦେବାନ ହେଲେ । ସରକାରୀ କାର୍ଯ୍ୟରେ ଥାଇ ସୁଦ୍ଧା ସେ ଦେଶମିଶ୍ରଣ କାର୍ଯ୍ୟରେ ବିଶେଷ ସାହାଯ୍ୟ କରୁଥିଲେ । ଓଡ଼ିଶାର ଦୁଇ ସୀମାନ୍ତ ଜମିଦାରୀରେ କାର୍ଯ୍ୟ କରି ସୁଯୁକ୍ତ ରୂପେ କର୍ତ୍ତବ୍ୟ ପାଳନ ସଙ୍ଗେ ଓଡ଼ିଆତ୍ଵ ରକ୍ଷାରେ ଓଡ଼ିଆମାନଙ୍କୁ ପ୍ରବର୍ତ୍ତାଇବା ଫଳରେ ସେମାନେ ନିଜର ଦାବୀ ଉପସ୍ଥାପିତ କରିବାରେ ପଛାଇଲେ ନାହିଁ । ତାଙ୍କର ମୃତ୍ୟୁ ୧୯୪୧ ମସିହାରେ ହୋଇଗଲା ।

ଚିକିଟିର ଶ୍ରୀ ଦିବାକର ପଟ୍ଟନାୟକ ମଧ୍ୟ ଉପାନ୍ତ ଅଞ୍ଚଳରେ ପ୍ରଚ୍ଚର ଆଦରେ ଗୌରଚନ୍ଦ୍ରଙ୍କ ସହଯୋଗରେ କାର୍ଯ୍ୟ କରିବା ଫଳରେ ଚିକିଟି ଆଦି ଅଞ୍ଚଳ ଓଡ଼ିଶା ଅନ୍ତର୍ଭୁକ୍ତ ହୋଇ ପାରିଲା ଦିବାକର ବାବୁ ଗଞ୍ଜାମ ଜିଲ୍ଲା ବୋର୍ଡ଼ର ସଭପତି ରୂପେ ଜିଲ୍ଲାରେ ଶିକ୍ଷା ପ୍ରସାରରେ ସହାୟକ ହୋଇଥିଲେ ।

ବ୍ରହ୍ମପୁରର ଶ୍ରୀ ଆନନ୍ଦ ଆଚାର୍ଯ୍ୟ 'ଦି ଓଡ଼ିଆ' ନାମକ ସାପ୍ତାହିକ ପତ୍ରିକା ପ୍ରକାଶ ରି ଓଡ଼ିଆ ପ୍ରଚ୍ଚର ନିମନ୍ତେ କାମ କରିଥିଲେ ।

## ଓଡନେଲ କମଶନରେ ମଧ୍ୟପ୍ରଦେଶ ଓଡ଼ିଆଙ୍କ କଥା

କମିଶନ ମଧ୍ୟପ୍ରଦେଶରେ ଥିବା ଓଡ଼ିଆ ଅଞ୍ଚଳ ନରୂପଣ ନମନ୍ତେ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ଲାଗି ସମ୍ବଲପୁର ଗଲେ । ମଧ୍ୟପ୍ରଦେଶ ସରକାରଙ୍କ ତରଫରୁ ଛତିଶଗଡ଼ କମିଶନର ଓ ଓଡ଼ିଶା ତରଫରୁ ସମ୍ବଲପୁର ଡେ଼ପୁଟି କମିଶନର ଶ୍ରୀ ନୀଳମଣି ସେନାପତି ଆଇ. ସି. ଏସ୍. ସାକ୍ଷ୍ୟ ଦେଲେ । ସମ୍ବଲପୁରର ନେତୃସ୍ଥାନୀୟ ବ୍ୟକ୍ତି ସର୍ବଶ୍ରୀ ଶଙ୍କରପ୍ରସାଦ ମିଶ୍ର, ବ୍ରଜମୋହନ ପଣ୍ଡା, ରମନାରାୟଣ ମିଶ୍ର, ଅଚ୍ୟୁତାନନ୍ଦ ପୁରୋହିତ, ବୋଧରମ ଦୁବେ, ମହମ୍ମଦ ସଲିହା ଆଦି ଯଥାଯୁକ୍ତ ସହଯୋଗ କରି ପ୍ରମାଣ ଉପସ୍ଥାପିତ କଲେ ।

ଛତିଶଗଡ଼ କମିଶନର ପ୍ରମାଣ ଦର୍ଶାଇଲେ ଯେ ଖଡ଼ିଆଳ, ପଦ୍ମପୁର, ଫୁଲଝର ଓ ବିନ୍ଦ୍ରାନୂଆଗଡ଼ ଓଡ଼ିଆ ଅଞ୍ଚଳ ନୁହେଁ, କାରଣ ଏଠା ଜମିଦାରମାନେ ସବୁ ରେକଡ଼ ହିନ୍ଦୀରେ ଲେଖାଉଛନ୍ତି । ନୀଳମଣିବାବୁ ଆପତ୍ତିରେ ଦର୍ଶାଇଲେ ଯେ ସରକାରଙ୍କ ପାଖରେ ଥିବା ରେକଡ଼ ହିନ୍ଦୀ କାରଣ କର୍ମଚ୍ଚରୀମାନେ ଅନ୍ୟ ଭଷା ଜାଣନ୍ତି ନାହିଁ । କିନ୍ତୁ ରଇତ ଓ ଜମିଦାରଙ୍କ ପାଖରେ ଥିବା "ରେକଡ଼" ସବୁ ଓଡ଼ିଆ ଏହାର ପ୍ରମାଣ ମଧ୍ୟ ସେ ଦେଖାଇଲେ । ଏ ସବୁ ସତ୍ତ୍ୱେ କମିଶନ କେବଳ ଖଡ଼ିଆଳ ଓ ପଦ୍ମପୁର ମିଶିବା ପକ୍ଷରେ ମତ ଦେଲେ ।

Digitized by srujanika@gmail.com

ମଧ୍ୟପ୍ରଦେଶରେ ଥିବା ଓଡ଼ିଆ ଅଞ୍ଚଳର ସଂକ୍ଷିପ୍ତ ପରିଚୟ ପାଠକମାନଙ୍କ କୌତୂହଳ ନିବାରଣ ନିମନ୍ତେ ଏଠି ଦିଆଗଲା ।

ଖଡ଼ିଆଳ (Khariar) ଜମିଦାରୀ ରାୟପୁର ଜିଲ୍ଲାର ମହାସମୁନ୍ଦ ତହସିଲ ଅନ୍ତର୍ଗତ ଥିଲା. ଏହାର ଆୟତନ ୧,୪୮୯ ବର୍ଗମାଇଲ । ଏ ରାଜ୍ୟର ରାଜା ପ୍ରଜା ସମସ୍ତେ ଓଡ଼ିଆ, ପାଟଣା ରାଜ୍ୟ ଅଧୀନରୁ ଯାଇ ଏ ମଧ୍ୟପ୍ରଦେଶ ଅଧୀନ ହେଲା । ଜୟପୁର ରାଜା ଏ ରାଜ୍ୟ ପାଟଣା ରାଜପୁତ୍ର ଗୋପାଳଦେବଙ୍କୁ ଯୌତୁକ ଦେଇଥିଲେ । ଫୁଲଝର—ଏହା ଆଗେ ସମ୍ବଲପୁର ଜିଲ୍ଲାରେ ଥିଲା, ଆୟତନ ୮୪୨ ବର୍ଗ ମାଇଲ । ପରେ ରାୟପୁର ଜିଲ୍ଲାରେ ସାମିଲ କରାଗଲା । ଜନସଂଖ୍ୟା ଏକଲକ୍ଷ କୋଡ଼ିଏ ହଜାର, ରାଜା ଓ ଅଧିକାଂଶ ପ୍ରଜା ଓଡ଼ିଆ, ସଢ୍ଢେଟଇପଲି ଏହାର ରାଜଧାନୀ । ଚନ୍ଦ୍ରପୁର, ମାଲଖୋର୍ଦ୍ଧା, ପଦ୍ମପୁର କ୍ଷୁଦ୍ର ଜମିଦାରୀମାନ ୧୯୦୫ ମସିହାରେ ସମ୍ବଲପୁରରୁ ନିଆଯାଇ ବିଳାସପୁ[illegible] ଜିଲ୍ଲାରେ ସାମିଲ କରାଗଲା । ଏଠାର ରାଜା-ପ୍ରଜା ସମସ୍ତେ ଓଡ଼ିଆ ।

ଏ ସମସ୍ତ ଛଡ଼ା ଅନ୍ୟ କେତେକ ରାଜ୍ୟ ଯାହା କି ଓଡ଼ିଶାର ଅଙ୍ଗ ଅଟେ ସେମାନଙ୍କ ବିବରଣୀ ନିମ୍ନରେ ଦିଆଗଲା । ଦୁଃଖର କଥା ଏ ରାଜ୍ୟମାନଙ୍କରୁ ଓଡ଼ିଆ ଲୋପ ପାଉଛି । ରାଜ୍ୟ ସବୁ ଏପର୍ଯ୍ୟନ୍ତ ମଧ୍ୟପ୍ରଦେଶରେ ଅଛି ।

ବସ୍ତର—କ୍ଷେତ୍ରଫଳ ୧୩,୦୬୨ ବର୍ଗ ମାଇଲ । ରାଜା ଓଡ଼ିଆ । ଜନ ସଂଖ୍ୟା [illegible]ଲକ୍ଷରୁ ଅଧିକ । ପ୍ରଜାଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ । ଓଡ଼ିଆମାନେ ଦୀର୍ଘକାଳ [illegible]ନ୍ଦୀଭାଷୀଙ୍କ ଶାସନାଧୀନ ହେତୁ ଓଡ଼ିଆ ଛାଡ଼ି ହିନ୍ଦୀ ପଢ଼ିଲେ । କର୍ତ୍ତୃପକ୍ଷ ଓଡ଼ିଆ ଭାଷାର ପ୍ରଚଳନ ନାନା ଉପାୟରେ ବନ୍ଦ କଲେ ।

ରାୟଗଡ଼— (Raighar) ଏ ରାଜ୍ୟର ଆୟତନ ୧୪୮୬ ବର୍ଗ ମାଇଲ । ଲୋକ ସଂଖ୍ୟା ପ୍ରାୟ ଅଢ଼େଇ ଲକ୍ଷ । ରାଜା ଓ ଅଧିକାଂଶ ପ୍ରଜା ଓଡ଼ିଆ ଥିଲେ । ଦୀର୍ଘକାଳ ହିନ୍ଦୀଭାଷା ସଂସ୍ପର୍ଶରେ ରହି ଏମାନେ ଓଡ଼ିଆ ଛାଡ଼ି ହିନ୍ଦୀ ପଢ଼ିଲେ । କର୍ତ୍ତୃପକ୍ଷଙ୍କ ଓଡ଼ିଆ ଭାଷା ପ୍ରତି ଅନାଦର ଏହାର ମୁଖ୍ୟ କାରଣ ହେଲା ।

ସାରଙ୍ଗଗଡ଼—କ୍ଷେତ୍ରଫଳ ୫୪୦ ବର୍ଗ ମାଇଲ । ରାଜା ଓ ଅଧିକାଂଶ ପ୍ରଜା ଓଡ଼ିଆ । ଆଦିବାସୀ ସଂଖ୍ୟା ବହୁଳ । ହିନ୍ଦୀଭାଷୀ ପ୍ରଭାବରେ ଓଡ଼ିଆ ଲୋପ ହେବା ଅବସ୍ଥାକୁ ଆସିଗଲାଣି ।

ଏ ରାଜ୍ୟଗୁଡ଼ିକ ଉପରେ ଓଡ଼ିଶାର ଦାବୀ ଥିବା ସତ୍ତ୍ୱେ ପ୍ରବଳ ହିନ୍ଦୀଭାଷୀଙ୍କ କବଳରୁ ଏ ସବୁ ଆଣିବା ଅସମ୍ଭବ ମନେ କରି ଓଡ଼ିଆମାନେ ଦାବୀ କଲେ ନାହିଁ ।

Digitized by srujanika@gmail.com

# ବାହାରରେ ଓଡ଼ିଆ ଅଞ୍ଚଳ

କମିଶନ ବିହାରର ଓଡ଼ିଆ ଅଞ୍ଚଳରେ ସାକ୍ଷ୍ୟ ପ୍ରମାଣ ନେବା ପାଇଁ କେତେକ ସ୍ଥାନ ଦେଖିଲେ । ହୋ'ମାନଙ୍କୁ ବିହାରୀମାନେ ସଂଗଠିତ କରି ଓଡ଼ିଶା ପ୍ରଦେଶରେ ନ ମିଶିବା ପାଇଁ ନାନା ପ୍ରଭାବ ପକାଇଲେ । ତଥାପି ଷଢ଼େଇକଳା, ଖରସୁଆଁ ର ରଜାମାନେ ଓ ବିଶିଷ୍ଟ ଓଡ଼ିଆ ବ୍ୟକ୍ତି ଓଡ଼ିଶା ପ୍ରଦେଶରେ ଅନ୍ତର୍ଭୁକ୍ତ ହେବା ଇଚ୍ଛାକଲେ । କେବଳ ଧଳଭୂମ ଜମିଦାର ବିରୁଦ୍ଧ ମତ ଦେଲେ ।

ବିହାରରେ ଥିବା ଓଡ଼ିଆ ଅଞ୍ଚଳଗୁଡ଼ିକ ସମ୍ବନ୍ଧେ ସଂକ୍ଷିପ୍ତ ଟିପପ୍ପଣୀ ନିମ୍ନରେ ଦିଆଗଲା ।

ଷଢ଼େଇକଳା—ଏହା ଗୋଟିଏ ଦେଶୀୟ ରାଜ୍ୟ (State) ରଜା ଓ ଅଧିକାଂଶ ପ୍ରଜା ଓଡ଼ିଆ, ଯେଉଁ ହୋମାନେ ଅଛନ୍ତି ସେମାନେ ଓଡ଼ିଶାର ଆଦିବାସୀଙ୍କ ସହ ସମ୍ପୃକ୍ତ । ରାଜ୍ୟର କ୍ଷେତ୍ରଫଳ ୪୪୯ ବର୍ଗ ମାଇଲ । ଲୋକ ସଂଖ୍ୟା ପ୍ରାୟ ଦେଢ଼ ଲକ୍ଷ ।

ଖରସୁଆଁ—ଏ ମଧ୍ୟ ଦେଶୀୟ ରାଜ୍ୟ (State) ଆୟତନ ୧୫୩ ବର୍ଗ ମାଇଲ, ଲୋକ ସଂଖ୍ୟା ଲକ୍ଷେ କୋଡ଼ିଏ ହଜାର । ଅଧିକାଂଶ ଆଦିବାସୀ । ରଜା ଓଡ଼ିଆ, ଓଡ଼ିଆ ଭାଷୀ ସଂଖ୍ୟା ସର୍ବାଧିକ ।

ଧଳଭୂମ—ଏ ଅଞ୍ଚଳର ଅଧିବାସୀ ଅଧିକ ସଂଖ୍ୟକ ଓଡ଼ିଆ ଥିଲେ ହେଁ ବଙ୍ଗୀୟମାନଙ୍କ ପ୍ରଭାବରୁ ଏ ସଂଖ୍ୟା କ୍ରମେ କ୍ରମେ କମି ଆସିଲା, ୧୮୩୩ ମସିହା ଯାଏ ଏ ଅଞ୍ଚଳ ମେଦିନୀପୁର ଜିଲ୍ଲା ଜଙ୍ଗଲ ମାହାଲ ଅନ୍ତର୍ଭୁକ୍ତ ଥିଲା । ତାପରେ ମାନଭୂମ ଜିଲ୍ଲାରେ ସାମିଲ କରାଗଲା, ୧୮୪୬ ମସିହାରେ ସିଂହଭୂମି ଜିଲ୍ଲାର ଅନ୍ତର୍ଭୁକ୍ତ ହେଲା ।

ଯୋଡ଼ାହାଟ—ଏଥିରେ ଆନନ୍ଦପୁର, କେରା, ବନ୍ଦଗାଁ ଚଇନିପୁର ଜମିଦାରୀ ଅଛି, ରଜା ଓ ଅଧିକାଂଶ ପ୍ରଜା ଓଡ଼ିଆଭାଷୀ, ବଙ୍ଗ ଓ ହିନ୍ଦୀ ପ୍ରଭାବରେ ଓଡ଼ିଆଙ୍କ ସଂଖ୍ୟା ଦିନକୁ ଦିନ କମି ଆସୁଛି ।

ଓଡ଼ନେଲ କମିଟି ସିଂହଭୂମି ବିଷୟରେ ଓଡ଼ିଆଙ୍କ ଦାବୀ ଆଦୌ ଗ୍ରହଣ କଲେ ନାହିଁ । ବିଭିନ୍ନ ସ୍ଥାନରେ ଭିନ୍ନ ୨ ସିଦ୍ଧାନ୍ତ ଗ୍ରହଣ କଲେ । ଗଞ୍ଜାମର ମଞ୍ଜୁଷା, ପାରଳା ଆଦି ଜମିଦାରୀରେ ରଜାଙ୍କ ଇଚ୍ଛା ଅଛି ସିନା ପ୍ରଜାଙ୍କ ଇଚ୍ଛା ନ ଥିବା ହେତୁ ମିଶ୍ରଣ ଅଗ୍ରାହ୍ୟ କହିବା ବେଳେ ଧଳଭୂମ ରଜାଙ୍କ ଇଚ୍ଛା ନ ଥିବା ହେତୁ ପ୍ରଜାଙ୍କ ଇଚ୍ଛା ଥିଲେ ହେଁ, ଏ ରାଜ୍ୟ

Digitized by srujanika@gmail.com

ଓଡ଼ିଶା ସଙ୍ଗେ ମିଶି ନ ପାରେ ବୋଲି ଅଦ୍‌ଭୁତ ମତ ଦେଲେ । ସେମାନଙ୍କ ଆଉ କେତୋଟି ଅନାବଶ୍ୟକ ଅସଙ୍ଗତ ଯୁକ୍ତି ହେଲା—

୧ । ସଦର ସବ୍‌ଡ଼ିଭିଜନରେ ଥିବା ହୋମାନେ ଏଠାରେ ବାସ କରୁଥିବା ଅନ୍ୟମାନଙ୍କ ଅପେକ୍ଷା ସଂଖ୍ୟାରେ ବହୁତ ଅଧିକ ଏବଂ ଏମାନେ ଓଡ଼ିଆଙ୍କ ଦାବୀର ବିରୋଧ କରୁଛନ୍ତି ।

୨ । ଓଡ଼ିଶାର ଜିଲ୍ଲାମାନଙ୍କ ମଧ୍ୟରେ ଥିବା ଗଡ଼ଜାତ ରାଜ୍ୟମାନେ ଏକ ବ୍ୟାପକ ମେଖଳା ସୃଷ୍ଟି କରିଥିବାରୁ ଓଡ଼ିଶାରୁ ସିଂହଭୂମିକୁ ଅଲଗା କରି ରଖିଛି ।

୩ । ଖଡ଼ଗପୁର ବା କଲିକତା ମଧ୍ୟ ଦେଇ ଏକ ଦୀର୍ଘ ବୁଲଣିଆ ରେଲପଥ ଛଡ଼ା ନିକଟରେ ସିଧା ରେଲପଥ ନାହିଁ ।

ପରିଶେଷରେ ସିଂହଭୂମି କଟକରୁ ଶାସିତ ହେବା ଅପେକ୍ଷା ଏହା ରେଲ ଯୋଗାଯୋଗ ଦୃଷ୍ଟିରୁ ଛୋଟନାଗପୁରରେ ରହିବା ଉଚିତ ବୋଲି ଲେଖିଲେ ।

ଏ ସବୁ ଅବାନ୍ତର ଯୁକ୍ତି ଫଳରେ ବିହାରୀମାନେ ବିଶେଷ ଉତ୍ସାହିତ ହେଲେ ଓ ଯେଉଁ ବିଦ୍ୟାଳୟ ତଥା କଚେରିମାନଙ୍କରେ ପୂର୍ବରୁ ଓଡ଼ିଆଭାଷା ଚଳୁଥିଲା ତାକୁ ମଧ୍ୟ ଉଠାଇ ଦେଲେ, ଫଳରେ ଓଡ଼ିଆଭାଷୀଙ୍କ ସଂଖ୍ୟା ଦିନକୁ ଦିନ କମିଲା । ଓଡ଼ିଆ ଭାଷା ପ୍ରଚଳନରେ କିପରି ବାଧା ଦିଆ ଯାଇଥିଲା ତାହା ଡ଼ବ୍ଲୁ. କି. ଲେସିଙ୍କ ରିପୋର୍ଟ ପାଠକଲେ ଜଣାଯାଏ । ସେ ଲେଖିଛନ୍ତି ।

"In Singhbhum District for instance it is commouly agreed that this Oriya language is used very much less than it used to be, largely because it is not taught in schools and barred in the courts."

"ସିଂହଭୂମ ଜିଲ୍ଲାରେ ସାଧାରଣ ମତ ଏହି ଯେ ଓଡ଼ିଆ ଭାଷାର ବ୍ୟବହାର ଯେତେ ହେବା କଥା ତାହା ବହୁ ଅଂଶରେ କମାଇ ଦିଆଯାଇଛି, ଯେହେତୁ ଏ ଭାଷା ବିଦ୍ୟାଳୟରେ ଶିକ୍ଷା ଦିଆ ଯାଉ ନାହିଁ ଓ କଚେରିରେ ଏହାର ପ୍ରଚଳନ ବନ୍ଦ କରାଯାଇଛି ।"

ମେଦନୀପୁର ବିଷୟରେ କମିଟିଙ୍କ ପକ୍ଷପାତମୂଳକ । ଏହି ଜିଲ୍ଲାରେ ଛ ଲକ୍ଷ ଓଡ଼ିଆ ପଚାଶ ବର୍ଷରେ ପଞ୍ଚଚାଳିଶ ହଜାର ହୋଇ ଗଲେ । ଆହୁରି ଆଶ୍ଚର୍ଯ୍ୟ କଥା ଗୋଟିଏ ଗାଁରେ ଓଡ଼ିଆ ସ୍ତ୍ରୀ ସଂଖ୍ୟା ଦୁଇ ହଜାର ଥିବାବେଳେ ସେଠି ଜଣେ ମାତ୍ର ପୁରୁଷ ଓଡ଼ିଆ ବୋଲି ଲେଖାଗଲା । ଏ ସବୁ ଅନ୍ୟାୟ ଓ ଅସଙ୍ଗତି ପ୍ରତି କମିଶନ ଆଦୌ ଦୃଷ୍ଟି ଦେଲେ

Digitized by srujanika@gmail.com

ନାହିଁ । ଓଡ଼ିଆ କେଉଟମାନେ ମାହିଷ୍ୟ ପାଲଟିଗଲେ । ବଙ୍ଗୀୟ ସନ୍ତ୍ରାସବାଦୀମାନଙ୍କୁ ଡ଼ରି ଓଡ଼ିଆ କିଛି ପ୍ରତିବାଦ କଲେ ନାହିଁ । ପାରଳା ରଜାଙ୍କୁ ବେନାମୀ ଚିଠି "ଫେରିଯାଅ ଆରେ ଉଡ଼େ ରଜା ପରଣ ନେବୁ ତୋର" ଲେଖାଗଲା । କମିଶନ ଓଡ଼ିଆଙ୍କ ଦାବୀ ମୋଟେ ଗ୍ରହଣ କଲେ ନାହିଁ ।

ସର୍ବଶ୍ରୀ ମୃତ୍ୟୁଞ୍ଜୟ ତ୍ରିପାଠୀ, ରଧାନାଥ ପତି, ଭଗବତପ୍ରସାଦ ଦାସ ଆଦି କର୍ମୀମାନେ ଏ ଅଞ୍ଚଳକୁ ଓଡ଼ିଶାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ବହୁ ପରିଶ୍ରମ କରିଥିଲେ ।

ପାରଳାଖେମୁଣ୍ଡି ଓ ଜୟପୁର ଓଡ଼ିଶାରେ ନ ମିଶିବା ଶ୍ୱେତପତ୍ରରେ ଥିବା ଦେଖି ଅନ୍ୟ ଦୁଇଜଣ ସଭ୍ୟ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ଶ୍ରୀ ତରୁଣ ରମ ଫୁକେନ ସରକାର ଅଧିକ ସଂଖ୍ୟକ ମତ ଅଗ୍ରାହ୍ୟ କରି କେବଳ ସଭପତିଙ୍କ ମତ ଗ୍ରହଣ କରିଥିବା ହେତ ଯେଉଁ ମତ ଦେଲେ ତାହା ହେଲା—

"I am much disappointed and equally surprised at the tentative decision arrived at by the Secretary of State now pbublished in the white paper against the findings of the Orissa Committee regarding the boundary of the would be province. I am still of opinion that Jeypore with 90% of Oriya population should by no means have been excluded. Regarding Parlakhemidi supported by the strong desire of the Raja interested in the creation of the new province should have seriously been taken into consideration and besides we had it from evidence that the majority of Telugu population with in his estate wanted to go with the Raja. I hope the Oriyas will seek the oppertunity of expressing their strong sense of disappointment at the next meeting of the joint Parliamentary Committee and obtain redress of their legitemate grievances.

ସାରଥି ହେଲା, "ଶ୍ୱେତ ପତ୍ରରେ ଓଡ଼ିଶା ସୀମା କମିଟିର ନିର୍ଦ୍ଧାରଣ ବିରୁଦ୍ଧରେ ମତ ପ୍ରକାଶ ପାଇବା ଦେଖି ମୁଁ ବିଶେଷ ନିରଶ ଓ ବିସ୍ମିତ ହେଲି । ମୋର ଦୃଢ଼ ଧାରଣା ଜୟପୁର ରଜ୍ୟ ଯାହାର ନସଂଖ୍ୟାର ଶତକରନବେ ଓଡ଼ିଆ, ତାକୁ ଓଡ଼ିଶାରେ ଅନ୍ତର୍ଭୁକ୍ତ ନ କରିବା ପାଇଁ କୌଣସି କାରଣ ନାହିଁ । ପାରଳାଖେମଣ୍ଡୀ ବିଷୟରେ ଅଧିକାଂଶ ଏକମତ ଯେ ଓଡ଼ିଆ ଓ ତେଲୁଗୁ ଉଭୟଙ୍କ ମଙ୍ଗଳ ନିମନ୍ତେ ଏ ରଜ୍ୟ ଓଡ଼ିଶାରେ ମିଶିବା ଉଚିତ । ତା ନ ହେଲେ ଏମାନଙ୍କ ମଧ୍ୟରେ ଦ୍ୱେଷଭବ ଲଗି ରହିବ । ପାରଳାଖେମୁଣ୍ଡୀ ତଥା ଅନ୍ୟ ରଜାମାନଙ୍କର ଏ ସମ୍ବନ୍ଧେ ଯେ ଦାବୀ ତାହା ବିଗ୍ରରକୁ ନିଆ ଯାଇ ନାହିଁ । ରଜ୍ୟର ଅଧିକାଂଶ ତେଲୁଗୁ ଭଷୀ ରଜାଙ୍କ ସହିତ ଏକମତ । ଓଡ଼ିଆମାନେ ଜଏଣ୍ଟ ପାର୍ଲାମେଣ୍ଟରି କମିଟି ଆଗରେ ସେମାନଙ୍କର ଅସନ୍ତୋଷ ପ୍ରକାଶ କରନ୍ତୁ । ଫଳରେ ସେମାନଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବିଧାନ ହୋଇ ପାରିବ ।

Digitized by srujanika@gmail.com

ଅନ୍ୟତମ ସଦସ୍ୟ ଶ୍ରୀ ମେହେଟା କହିଲେ

"I was rather astonished at the dicision of the Secretary of State in the white paper in which he has excluded Jeypore agency which consists of 96 per cent of Oriyas and 4% of other nationality. I am still Convinced that Parlakhemidi should have been included in Orissa boundaries though the Telugu population to a certain degree is more in percentage than Oriyas. My reason for this is that Parlakhemidi is really an Oriya Country but it being so near the Madras Presidency natuarally the Telugus have migrated into this teritory knowing that the Raja of Parlakhimidi was an impartial administrator and gave equal rights to the Telugus as he gave to the Oriyas. I still hold that if Parlakhemidi is excluded there would be great friction between Oriyas and Telugus which the Government in all reasons should avoid in these times. I hope that at the joint Parliamentary Committee this point will be further considered and a solution be found.

ସାରର୍ଥ ହେଲା ଶ୍ୱେତପତ୍ରରେ ଜୟପୁର ଭଳି ଶତକରା ୯୬ ଓଡ଼ିଆ ଥିବା ରାଜ୍ୟକୁ ଓଡ଼ିଶାରେ ଅନ୍ତର୍ଭୁକ୍ତ ନ କରିବା ମୋ ପକ୍ଷେ ଆଶ୍ଚର୍ଯ୍ୟକର ବୋଧ ହେଲା । ମୋର ହୃଦ୍‌ବୋଧ ହେଉଛି ଯେ ପାରଳାଖେମଣ୍ଡି ଅବଶ୍ୟ ଓଡ଼ିଶାରେ ମିଶିବା ଉଚିତ । ତେଲୁଗୁ ସଂଖ୍ୟା ସାମାନ୍ୟ ଅଧିକ ହେଲେ ହେଁ ପାରଳାଖେମଣ୍ଡି ଗୋଟିଏ ଓଡ଼ିଆ ରାଜ୍ୟ । ମାନ୍ଦ୍ରାଜ ପ୍ରଦେଶରେ ଥିବା ହେତୁ ତେଲୁଗୁମାନେ ବାହାରୁ ଆସି ଏଠି ବସାବାନ୍ଧିଛନ୍ତି । କାରଣ ରାଜା ଓଡ଼ିଆ ଓ ତେଲୁଗୁ ସମସ୍ତଙ୍କ ପ୍ରତି ସମଭବସମ୍ପନ୍ନ । ମୋର ଧାରଣା ଯଦି ପାରଳାଖେମୁଣ୍ଡି ଓଡ଼ିଶାରେ ଅନ୍ତର୍ଭୁକ୍ତ ନ ହୁଏ, ତେବେ ଓଡ଼ିଆ ଓ ତେଲୁଗୁଙ୍କ ମଧ୍ୟରେ ଅତ୍ୟୁଗ୍ର ତିକ୍ତଭବ ସୃଷ୍ଟି ହେବ, ତାହା କୌଣସି ମତେ ସରକାର କରାଇ ନ ଦେବା ଉଚିତ । ମୁଁ ଆଶା କରେ ଜୟଣ୍ଟ -ପାର୍ଲାମେଣ୍ଟାରି କମିଟିରେ ପୁନର୍ବାର ଏ ବିଷୟର ବିଚାର କରାଯାଇ ସମାଧାନ ପନ୍ଥା ବାହାର କରାଯିବ ।

## ମାନ୍ଦ୍ରାଜ କାଉନସଲରେ ଓଡ଼ିଶା କଥା

ରାଜା ରାମଚନ୍ଦ୍ର ମଦରାଜ ଦେବ ତା ୨-୮-୧୯୩୨ରେ ମାନ୍ଦ୍ରାଜ କାଉନ୍‌ସିଲରେ ବୋବିଲି ରାଜା ଓଡ଼ିଶା ପ୍ରଦେଶ କଥା ପରେ ବିଚାର ହେବ ବୋଲି ପ୍ରସ୍ତାବ ଆଗତ କରିବା ଉପରେ ପ୍ରତିବାଦ ଜଣାଇ ଯାହା କହିଥିଲେ ତାର ସାରାଂଶ ହେଲା ''ମାନ୍ଦ୍ରାଜ କାଉନ୍‌ସିଲ ଓଡ଼ିଶା ପ୍ରଦେଶ ଗଠନର ବିରୋଧ କରି ଆସୁଛି । ଏ କାଉନ୍‌ସିଲର ୧୩୨ ଜଣ ସଭ୍ୟଙ୍କ ମଧ୍ୟରେ ଓଡ଼ିଆ ୩ ଜଣ ମାତ୍ର । ଏ ଅବସ୍ଥାରେ ଭୋଟ ପାଇଁ ଦାବୀ କରିବା ଅନୁଚିତ । କିନ୍ତୁ ଏ ଅନ୍ୟାୟ ରହିବ ନାହିଁ । ଆପଣମାନେ ଯେତିକି କାଳ ହରଣ କରିବେ ଆମର ଦାବୀ ସେତିକି ଶକ୍ତିଶାଳୀ ହେବ । ଆପଣମାନଙ୍କ ଉଦେଶ୍ୟ କେନ୍ଦ୍ର ସରକାର ବୁଝି ପାରିବେ । ଚାରିଟି ପ୍ରଦେଶରେ ବାଣ୍ଟି ହୋଇ ଦୁଃଖ ଭୋଗ କରୁଥିବା ଓଡ଼ିଆଙ୍କୁ ଏକତ୍ର କରିବା ନିମନ୍ତେ

Digitized by srujanika@gmail.com

ଗତ ୪୦ ବର୍ଷ ଧରି ଆମେ ଆନ୍ଦୋଳନ ଚଳାଇଛୁ । ଗଞ୍ଜାମଜିଲ୍ଲରେ ଶହ ଶହ ଶିକ୍ଷିତ ଓଡ଼ିଆ ବେକାର ଥିବାବେଳେ ସୁଦୂର ତାଞ୍ଜୋର ଓ ତ୍ରିଚିନାପଲ୍ଲିର ଲୋକମାନେ ଗଞ୍ଜାମରେ ସରକାରୀ କାମରେ ନିଯୁକ୍ତ ହେଉଛନ୍ତି ।

ଆମର ବିଶ୍ୱବିଦ୍ୟାଳୟ ନାହିଁ । ସାତଶ ମାଇଲ ଦୂରରେ ଥିବା ମାନ୍ଦ୍ରାଜ ବିଶ୍ୱ-ବିଦ୍ୟାଳୟ ଓଡ଼ିଆଙ୍କ ପାଇଁ କ'ଣ କରିଛି ? ଆନ୍ଧ୍ର ବିଶ୍ୱବିଦ୍ୟାଳୟ ତ ଏବେ ହେଲା, ସେ ବା କାହିଁକି ଓଡ଼ିଆ ଶିକ୍ଷାର ସୁବ୍ୟବସ୍ଥା କରିବେ ? ସ୍ୱତନ୍ତ୍ର ପ୍ରଦେଶ ହେଲେ 'ହାଇକୋର୍ଟ' ହେବ । ଲୋକେ ବହୁ ବ୍ୟୟରୁ ରକ୍ଷା ପାଇବେ ।

ଆମେ ଆନ୍ଧ୍ରମାନଙ୍କ ନିମନ୍ତେ ପ୍ରଦେଶ ଗଠନର ବିରୋଧୀ ନୋହୁ । ବରଂ ସେମାନେ ଆମ ଆନ୍ଦୋଳନରେ ଉଦ୍‌ବୁଦ୍ଧ ହୋଇ ସ୍ୱତନ୍ତ୍ର ପ୍ରଦେଶ ପାଇ ପରିବେ । ଆଜି ଗଞ୍ଜାମ ଜିଲ୍ଲର ଶିକ୍ଷିତ ଆନ୍ଧ୍ରମାନେ ପାଶୋରି ଯାଉଛନ୍ତି ଯେ ସେମାନେ ମୋର ପିତାଙ୍କ ଦ୍ୱାରା ସ୍ଥାପିତ ଖଲିକୋଟ କଲେଜ (ବ୍ରହ୍ମପୁର)ରୁ ଶିକ୍ଷା ପାଇଛନ୍ତି । ପ୍ରତିଦାନରେ ଜିଲ୍ଲର ଶିକ୍ଷା ପ୍ରଗତିରେ ବା ଅନ୍ୟାନ୍ୟ ଅନୁଷ୍ଠାନର ଉନ୍ନତି ପାଇଁ ସେମାନେ କ'ଣ କରିଛନ୍ତି ?

ଓଡ଼ିଶା କମିଟି ପାରଳା ଓ ଜୟପୁରକୁ ଓଡ଼ିଶାରେ ମିଶାଇବା କହିଥିବା ବଡ଼ ସୁଖର ବିଷୟ କିନ୍ତୁ ମଞ୍ଜୁଷା, ତରଳା, ଟିକିଲି ଆଦି ଜମିଦାରୀ ମଧ୍ୟ ଓଡ଼ିଶାକୁ ଛାଡ଼ିଦେବା ଉଚିତ ହେବ ।

ଆମ ଓଡ଼ିଶା ପ୍ରଦେଶରେ ବ୍ରାହ୍ମଣ-ଅବ୍ରାହ୍ମଣ , ହିନ୍ଦୁ-ମୁସଲମାନ ଆଦି ଜାତି, ଧର୍ମ ହେତୁକ ଅସୁବିଧା ଆଦୌ ରହିବ ନାହିଁ । ଆର୍ଥିକ ପରିସ୍ଥିତି ସୁଧୁରିଯିବ । ସରକାର ଆମଦାବୀକୁ କାର୍ଯ୍ୟକାରୀ କରନ୍ତୁ । ଏହିମାତ୍ର ନିବେଦନ ।

## ସମ୍ମିଳନୀର ବିଶେଷ ଅଧିବେଶନ

ଓଡ଼ିଶା କମିଟିର ରିପୋର୍ଟ ପ୍ରକାଶ ପାଇବା ପରେ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ ବ୍ରହ୍ମପୁରଠାରେ ତା ୨୧-୮-୧୯୩୨ରେ ବସିଲା । ସଭାପତି ହେଲେ ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତି, ସେ ବିହାର-ଓଡ଼ିଶା କାଉନ୍‌ସିଲର ଉପସଭାପତି ଥିଲେ । ଉଦ୍‌ଘାଟକ ଥିଲେ ମାନ୍ଦ୍ରାଜ କାଉନ୍‌ସିଲ ସଭ୍ୟ ଖଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ।

ଉଦ୍‌ଘାଟକ ତାଙ୍କ ଭାଷଣରେ ମୁଖ୍ୟତଃ ଆନ୍ଧ୍ର ମହାସଭା ବେଜୱାଡ଼ାଠାରେ ବସି ଓଡ଼ିଶା ସୀମା ବିଷୟରେ ଯେଉଁ ସବୁ ଅସଙ୍ଗତ ଦାବୀ ଉଠାଇ ଥିଲେ ତାକୁ ଖଣ୍ଡନ

Digitized by srujanika@gmail.com

କରିଥିଲେ । ଆନ୍ଧ୍ର ମହାସଭା ଋଷିକୂଲ୍ୟା ନଦୀର ଦକ୍ଷିଣ ଭାଗରୁ କୌଣସି ଅଞ୍ଚଳ ଓଡ଼ିଶାରେ ନ ମିଶୁ ବୋଲି ପ୍ରସ୍ତାବ ଦେଇଥିଲେ । ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ଦିଆ ନ ଯାଉ ବୋଲି ଏମାନେ ସରକାରଙ୍କୁ ଗୁହାରି କଲେ, ଅନ୍ତତଃ ଫେଡ଼େରାଲ ସରକାର ଗଠନ ଯାଏ ପ୍ରଦେଶ ଗଠନ ବନ୍ଦ କରିବା ପାଇଁ ନାନା ଅବାନ୍ତର କାରଣ ଦେଖାଇଥିଲେ । ରାଜା ବାହାଦୁର ଏ ସମସ୍ତ ଅସଙ୍ଗତ, ଅଯୌକ୍ତିକ , ଅସୂୟା ପ୍ରସୂତ କହି ଫିଲିପ୍-ଡ଼ଫ କମିଶନଙ୍କ ମତାନୁସାରେ ସୀମା ନିର୍ଦ୍ଧାରଣ କରାଯାଉ ବୋଲି ଦାବୀ କଲେ ।

ଓଡ଼ନେଲ କମିଟି ତାଙ୍କ ରିପୋର୍ଟରେ ଓଡ଼ିଶାର ଆର୍ଥିକ ସଂକଟ ନେଇ ଯାହା ଉଲ୍ଲେଖ କରିଛନ୍ତି, ତାହା ଯୁକ୍ତି ସଙ୍ଗତ ନୁହେଁ ବୋଲି ଦର୍ଶାଇଲେ ।

ଏ ପ୍ରଦେଶରେ ହିନ୍ଦୁ-ମୁସଲମାନ ବା ଅନ୍ୟାନ୍ୟ ଭେଦବାଦ ନ ଥିବା ହେତୁ ଏହାର ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ଆଶା କରିଥିଲେ ।

ସଭାପତି ତାଙ୍କ ଦୀର୍ଘ ଅଭିଭାଷଣରେ ମଣ୍ଟେଗୁ-ଚେମସ୍ ଫୋର୍ଡ଼ ରିପୋର୍ଟଠାରୁ ଓଡ଼ିଶା ପ୍ରଦେଶ ଦାବୀ ଉଲ୍ଲେଖ କରି ଖାଣ୍ଟି ଓଡ଼ିଆ ଅଞ୍ଚଳ ସବୁ କିପରି ପ୍ରଦେଶରେ ମିଶା ଯାଇ ନାହିଁ , ଅଟଲି ସବ୍‌କମିଟି ଯେଉଁ ଅଞ୍ଚଳମାନ ମିଶିବା ସପକ୍ଷରେ ମତ ଦେଇଥିଲେ, ତାହା ସବୁ ଛାଡ଼ି ଦେବା କିଭଳି ଅନ୍ୟାୟ ତାର ଆଲୋଚନା କରିଥିଲେ । ସେ ତେଲୁଗୁମାନଙ୍କ ଅସଙ୍ଗତ ଦାବୀ ଖଣ୍ଡନ କରିବା ସଙ୍ଗେ ପ୍ରତ୍ୟେକ ଅଞ୍ଚଳର ଓଡ଼ିଆ ଓ ତେଲୁଗୁ ସଂଖ୍ୟା ଦର୍ଶାଇ ଓଡ଼ିଆଙ୍କ ଦାବୀର ଦୃଢତା ପ୍ରତିପାଦନ କରିଥିଲେ ।

ଏଥିରେ ମୁଖ୍ୟପ୍ରସ୍ତାବମାନଙ୍କ ମଧ୍ୟରେ ଥିଲା ଓଡ଼ିଶାକୁ ଶୀଘ୍ର ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରାଯାଉ । ଓଡ଼ନେଲ କମିଟିଙ୍କ ରିପୋର୍ଟକୁ ଆପାତତଃ ଗ୍ରହଣ କରିବା ସଙ୍ଗେ ଇଚ୍ଛାପୁର, ମଞ୍ଜୁଷା, ବୁଢ଼ାରସିଂହ, ଜଳନ୍ତର, ତରଲା, ଟିକାଲି ଓ ସୋମପେଣ୍ଟ ତାଲକାମାନ; ସିଂହଭୂମି ଜିଲା, ଫୁଲଝର ଓ ରାୟପୁର ଜିଲ୍ଲାର ଅନ୍ୟ ଓଡ଼ିଆ ଭାଷୀ ଅଞ୍ଚଳ, ମେଦିନୀପୁରର ଦକ୍ଷିଣପଶ୍ଚିମାଂଶ ଓଡ଼ିଶା ସହିତ ମିଶା ଯାଉ ।

ଯଥେଷ୍ଟ ପ୍ରମାଣ ସତ୍ତ୍ୱେ ପାରଳାଖେମୁଣ୍ଡିକୁ ଓଡ଼ିଶାରେ ନ ମିଶାଇବା ସୁପାରିଶ ନମନ୍ତେ ଚେୟାରମାନ୍ ଓଡ଼ନେଲଙ୍କୁ ଦାୟୀ କରାଯାଇ ଏ ସୁପାରିଶର ପୁନର୍ବିଚାର କରାଯାଉ ବୋଲି ଦାବୀ କରାଗଲା ।

ଅନୁନ୍ନତ ଅଞ୍ଚଳ ହିସାବରେ ଓଡ଼ିଶାକୁ ଯଥେଷ୍ଟ ଆର୍ଥିକ ସାହାଯ୍ୟ ପାଇଁ ଅନୁରୋଧ ଓ ମାନ୍ଦ୍ରାଜ କାଉନସିଲର ଓଡ଼ିଶା ଗଠନ ପ୍ରତି ଦୁର୍ବିଚାରର ପ୍ରତିବାଦ କରାଗଲା । ଭାଇସରାୟଙ୍କୁ ଓଡ଼ିଶା ଦାବୀ ଜଣାଇବା ପାଇଁ ପାରଳାଖେମୁଣ୍ଡି ରାଜାଙ୍କ ନେତୃତ୍ୱରେ ଗୋଟିଏ କମିଟି

Digitized by srujanika@gmail.com

ଗଠିତ ହେଲା । କମିଟିରେ ଧରାକୋଟ ରାଜା, ସର୍ବଶ୍ରୀ ଭୁବନାନନ୍ଦ ଦାସ, ବିଶ୍ୱନାଥ ମିଶ୍ର, ଲିଙ୍ଗରାଜ ପାଣିଗ୍ରାହୀ, ମଧୁସୂଦନ ପାଣିଗ୍ରାହୀ, ଦୀନବନ୍ଧୁ ଦାସ, ଯୋଗେନ୍ଦ୍ରନାରାୟଣ ଆଚାର୍ଯ୍ୟ, ନିକୁଞ୍ଜକିଶୋର ଦାସ, ରାୟବାହାଦୂର ଲକ୍ଷ୍ମୀଧର ମହାନ୍ତି, ବିଶ୍ୱମ୍ବର ଦାସପ୍ରହରାଜ, (ବାଲିଆ-ବେଡ଼ା—ମେଦିନୀପୁର) ଗୌରଚନ୍ଦ୍ର ସାମନ୍ତରା, ଦେବାନ ବାହାଦୂର, ଶ୍ରୀକୃଷ୍ଣ ମହାପାତ୍ର, ଲାଲମୋହନ ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ସାହୁ, ବିଶ୍ୱନାଥ ଦାଶ, ରାମକୃଷ୍ଣ ଦେଓ (ମଞ୍ଜୁଷା ଦେବାନ) ଲୋକନାଥ ମିଶ୍ର, ଶଶିଭୂଷଣ ରଥ, ନିରଞ୍ଜନ ପଟ୍ଟନାୟକ ସଭ୍ୟ ରହିଲେ । [୩]

## ତୃତୀୟ ଗୋଲଟେବୁଲ ବୈଠକ

୧୯୩୨ ମସିହା ଡିସେମ୍ବର ମାସରେ ବିଲାତରେ ତୃତୀୟ ଗୋଲଟେବୁଲ ବୈଠକ ଅନୁଷ୍ଠିତ ହେଲା । ଦକ୍ଷିଣଭାରତ ଜମିଦାରଙ୍କ ପ୍ରତିନିଧି ଭାବେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଆମନ୍ତ୍ରିତ ହୋଇ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶର ଜରୁରୀ ଆବଶ୍ୟକତା ନେଇ ଯୁକ୍ତି ଦେଇ ଦୀର୍ଘକାଳ ଧରି ଗୋଟାଏ ବିରାଟ ଐତିହ୍ୟ-ସମ୍ପନ୍ନ ଜାତିକୁ ଅବହେଳିତ କରା-ଯାଇଥିବା ଦର୍ଶାଇଲେ । ବିଭିନ୍ନ ପ୍ରଦେଶରେ ସଂଖ୍ୟାନ୍ୟୁନ ଭାବେ ରହି ଏମାନେ କିପରି ସମସ୍ତ ପ୍ରକାର ଅସୁବିଧା ଭୋଗୁଛନ୍ତି ତାହା ବୁଝାଇ ସରକାର ଅତିଶୀଘ୍ର ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଢ଼ନ୍ତୁ ବୋଲି ଦାବୀ କଲେ । ତା ୭।୧୨।୧୯।୨ ଅନୁଷ୍ଠିତ ବୈଠକରେ ଅନ୍ୟାନ୍ୟ ଦାବୀ ମଧ୍ୟରେ ଓଡ଼ିଶାର ଏ ଦାବୀ ମୁଖ୍ୟ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ

## ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ଘୋଷଣା

ତା ୨୪।୧୨।୧୯୩୨ ଓଡ଼ିଆ ଜାତି ପକ୍ଷରେ ସ୍ମରଣୀୟ ଦିବସ । ସେ ଦିନ ଏ ସମ୍ବନ୍ଧେ ଯେ ପ୍ରତିନିଧି ସଭା ଲର୍ଡ଼ ସାଙ୍କି ( Lord Sankey )ଙ୍କ ସଭାପତିତ୍ୱରେ ବସିଥିଲା, ସେଥିରେ ସେକ୍ରେଟରୀ ଅଫ୍ ଷ୍ଟେଟ ଶ୍ରୀ ସାମୁଏଲ ହୋର ( Sir Samuel Hoare ) କହିଲେ ଗତ ଦୁଇ ବର୍ଷ ଧରି ଆମେ ନୂତନ ପ୍ରଦେଶ ଗଠନ କଥା ଭାବୁଛେ । ସିନ୍ଧୁପ୍ରଦେଶ କଥା ଦୁଇ ବର୍ଷ ଧରି ଆମ ଆଲୋଚନାରେ ସ୍ଥାନ ପାଇଛି । ଗତ ବର୍ଷ ପ୍ରଥମ କରି ଆମେ ଓଡ଼ିଶା ପ୍ରଶ୍ନ ପୁଂଖାନୁପୁଂଖ ଭାବେ ବିଚାର କଲେ । ସେତିକିବେଳୁ ଏ ଉଭୟ ପ୍ରଦେଶ ବିଷୟରେ ତଦନ୍ତ ବିଶେଷଜ୍ଞମାନଙ୍କ ଦ୍ୱାରା କରିଅଛେ ।

ଏହି ତଦନ୍ତ ଉପରେ ନିର୍ଭର କରି ଭାରତ ସରକାର ଓ ବିଲାତ ସରକାର ଏକମତ ହୋଇଅଛୁ ଯେ ସିନ୍ଧ ଓ ଓଡ଼ିଶା ନିଶ୍ଚୟ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବେ । ଆମେ ନିଃସନ୍ଦେହ ଯେ ଏ ବିଷୟରେ ନିଷ୍ପତ୍ତି ପାଇଁ ଅନେକ ବିବଦମାନ ବିଷୟ ଅଛି, ସେ ସବୁ ଠିକ୍ କରାଯିବ, ଓଡ଼ିଶାର ସୀମା ନିର୍ଣ୍ଣୟ ଗୋଟିଏ ବିବାଦୀୟ ବିଷୟ, ସେ ସମ୍ବନ୍ଧେ ନାନା

Digitized by srujanika@gmail.com

ପ୍ରଶ୍ନ ଉଠିଲଣି, ସେ ସବୁ ସଂପୂର୍ଣ୍ଣ ଭବେ ବିଗ୍ରର କରଯାଇ ନାହିଁ । ଏ ସମସ୍ତ ସତ୍ତ୍ୱେ ଏ ଦୁଇ ବିଶାଳ ଭୂଖଣ୍ଡ ସ୍ୱତନ୍ତ୍ର ପ୍ରଦେଶ ରୂପେ ଭରତ ଗଷ୍ଟ୍ରସଂଘରେ ସ୍ଥାନ ଲଭ କରିବେ ।

ଇଂରଜୀ ଘୋଷଣାଟି ଏଠାରେ ଉଦ୍ଧୃତ ହେଲ--

**EXTRACT FROM THE SECRETARY OF STATE'S SPECH. DATED 24th December 1932**

Lastly, let me say a word upon another side of this part of our dicsussions. For the last two years we have discussed the question of certain new Provinces. We have discussed the question of Sind from the very opening of our deliberations two years ago. Last year we discussed in detail for the first time the question of Orissa. Since those discussions we have had expert enquiries into both questions.

Basing our views upon the Reports of those enquiries, basing our views still more on what appears to be a very general agreement both in India and Great Britain, we have come difinitely to the conclusion that Sind and Orissa should both be separate Provinces. No doubt there will be details of machinery to settle end some of them of a rather complicated kind, For instance, there are questions connected with the boundary of Orissa that have not yet been fully considered. But it is the difinite intention of the Government that in any all-India Federation both those great territories should enter as distinct Provinces.

## ଓଡ଼ିଶା ସୀମା ସମ୍ବନ୍ଧେ ସ୍ମାରକ ପତ୍ର

ଗଜା ଗମଚନ୍ଦ୍ର ବ୍ରିଟିଶ ସରକାରଙ୍କୁ ଯେଉ ସ୍ମାରକପତ୍ର ଦେଇଥିଲେ, ତାହାର ଭବାଥ ହେଲ--

''ଆରମ୍ଭରେ ମୁ ବ୍ରଟଶ ସରକାରଙ୍କୁ ବିଶେଷତଃ ଗଷ୍ଟ୍ରୀୟ ସେକ୍ରେଟରୀଙ୍କୁ ମୋର ବ୍ୟକ୍ତିଗତ ତଥା ଏକଶତ କୋଡ଼ିଏ ଲକ୍ଷ ଓଡ଼ିଆ ଭଷା-ଭଷୀଙ୍କ ତରଫରୁ କୃତଜ୍ଞତାପୂର୍ଣ୍ଣ ଧନ୍ୟବାଦ ଅର୍ପଣ କରୁଅଛି । ଭରତ ନିମନ୍ତେ ନୂତନ ସମ୍ବିଧାନ ରଚିତ ହେବା ସଙ୍ଗେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେବ । ଏହା ଫଳରେ ଗଷ୍ଟ୍ର-ସେକ୍ରେଟରୀ ବ୍ରିଟିଶ ସରକାରଙ୍କ ଶାସନାଧୀନ ବାରଅୟୁତାଧିକ ଓଡ଼ିଆଭଷୀଙ୍କ ବିଶ୍ୱାସ ଓ କୃତଜ୍ଞତା ଲଭ କଲେ ।

ଆଲୋଚନା ଶେଷରେ ଗଷ୍ଟ୍ର-ସେକ୍ରେଟରୀ ଓଡ଼ିଶାର ପରିସୀମା ବିଷୟକ ପ୍ରଶ୍ନ ସବ ବିଗ୍ରରକୁ-ନେଇଥିଲେ । ମୁଁ ଆଶାକରେ ଭରତୀୟ-ଅଫିସ ଏ ବିଷୟରେ ଚୂଡ଼ାନ୍ତ ନିଷତ୍ତି

Digitized by srujanika@gmail.com

ଗ୍ରହଣ କରିବେ । ତଦନୁରୂପେ ରାଷ୍ଟ୍ର-ସେକ୍ରେଟରୀ ସୀମାନିର୍ଦ୍ଧାରଣ ଓ ନର୍ବାଚନ ସମ୍ପର୍କୀୟ ତଥା ଆନୁସଙ୍ଗିକ ବିଷୟର କାର୍ଯ୍ୟକାରୀତା ପାଇଁ ଆଦେଶ ଦେବେ । ପ୍ରାଦେଶିକ ସରକାରମାନେ ସେ ବିଷୟରେ ବାରମ୍ବାର ନିଜମତ ବ୍ୟକ୍ତ କରିଛନ୍ତି ।

ଓଡ଼ନେଲ କମିଟି ଆଲୋଚନାରେ ସେ ସବୁ ନିଷୟ ସ୍ଥାନ ପାଇଥିବ । ବିଂଶ-ଶତାବ୍ଦୀ ଆରମ୍ଭରୁ କେତେକ ପ୍ରାଦେଶିକ ସରକାର ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ହସ୍ତାନ୍ତର କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି । ପ୍ରତ୍ୟେକ ପ୍ରାଦେଶିକ ସରକାର ଏହି ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଅର୍ଥନୈତିକ ନ୍ୟୁନତା ଉପରେ ଜୋର ଦେଇଛନ୍ତି । ଏଣେ ସେଗୁଡ଼ିକ ହସ୍ତାନ୍ତର କରିବା ପାଇଁ ନାସ୍ତି କରୁଛନ୍ତି । ବିଭିନ୍ନ ପ୍ରଦେଶରେ ଥିବା ଓଡ଼ିଆ ଭାଷୀ ଅଞ୍ଚଳର ସୀମା ନିରୂପଣ ବିଷୟକ ବିରକ୍ତିପ୍ରଦ ଓ ଜଟିଳପ୍ରଶ୍ନ ଉପରେ ମତ କ'ଣ ଏବଂ ଓଡ଼ନେଲ କମିଟି ଓଡ଼ିଆ ନ୍ୟାଯ୍ୟଦାବୀ ପୂରଣରେ କିପରି ଅପାରଗ ମୁଁ ତାର ଆଲୋଚନା କରିବି । ଯଦି ପରସ୍ପର ଘନଷ୍ଟ ସମ୍ପର୍କଯୁକ୍ତ ଓଡ଼ିଆ ଅଞ୍ଚଳ ସବୁକୁ ଏକତ୍ରୀତ କରା ନ ଯାଏ, ତେବେ ସେମାନଙ୍କର ଅର୍ଥନୈତିକ ଉନ୍ନତି ଘୋର ବାଧାପ୍ରାପ୍ତ ହେବ । ବଙ୍ଗଳା, ବିହାର, ମଧ୍ୟ-ପ୍ରଦେଶ ଏବଂ ମାନ୍ଦ୍ରାଜରେ ଥିବା ସଂଖ୍ୟାଲଘୁ ସଂପ୍ରଦାୟର ସମସ୍ୟା ଦୂରୀକରଣ ପାଇଁ ଯଥାବିଧାନ କରାଯିବା ଉଚିତ ।

ଓଡ଼ିଆ ଲୋକଙ୍କ ଦୁର୍ଭାଗ୍ୟ, ସେମାନଙ୍କ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବୀକୁ ବହୁତ ଦିନ ହେଲା ଅବଜ୍ଞା କରାଯାଇଛି । ୧୯୩୨ ମସିହା ଡିସେମ୍ବର ୨୪ ତାରିଖରେ "ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ" ବୋଲି ଯେ ଘୋଷଣା ହୋଇଛି ତାହାକୁ ସ୍ୱାଗତ କରାଯାଇଛି । କିନ୍ତୁ ସୀମା ନିର୍ଦ୍ଧାରଣ ସଂକ୍ରାନ୍ତରେ ବିଭିନ୍ନ ବିବାଦଜନିତ ମନ୍ଦ ପରିଣାମ ଭାରତୀୟ ବାତା-ବରଣକୁ ଏପରି ତିକ୍ତ କରି ଦେଇଛି ଯେ ରାଜ୍ୟ ସରକାରମାନେ ମଧ୍ୟ ଏହି ଜଟିଳ ସମସ୍ୟା ଉପରେ ସ୍ୱାଧୀନ ମତପୋଷଣ କରି ପାରୁନାହାନ୍ତି । ସ୍ୱତନ୍ତ୍ର ଓଡ଼ିଶା ଗଠନ ଘୋଷଣା ମୋ ପାଇଁ ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ମୋ ସ୍ୱର୍ଗତ ପିତା (ରାଜା ଶ୍ରୀ ହରିହର ମର୍ଦ୍ଦରାଜ-ଦେବ) ଏବଂ ଅନ୍ୟାନ୍ୟ ବିଶିଷ୍ଟ ଓଡ଼ିଆ ନେତାମାନେ ଏହି ଶତାବ୍ଦୀର ଆରମ୍ଭରେ ବିଭିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ଦାବୀ କରିଥିଲେ । ତତ୍ପରେ ୩୦ ବର୍ଷ ବିତିଯାଇଥିଲେହେଁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇ ନାହିଁ । ସେତେବେଳେ ଯେଉଁ ଯେଉଁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଓଡ଼ିଶାରେ ମିଶାଇବା ପାଇଁ ବିଗ୍ଭର କରାଯାଉଥିଲା । ଏବେ ପୁଣି ତାର ବିଗ୍ଭର ହେଉଛି । ସ୍ୱର୍ଗତ ଲର୍ଡ଼ କର୍ଜନ ଯଦି ଓଡ଼ିଶାର ପରିସୀମା ସ୍ଥିର କରିଥାନ୍ତେ ତେବେ ଓଡ଼ିଶା ଓଡ଼ନେଲଙ୍କ ଅନୁସନ୍ଧାନ ଫଳରେ ଯେଉଁ ଅଞ୍ଚଳ ହରାଇଲା, ତାହା ହରାଇ ନ ଥାନ୍ତା । ରିସଲେଙ୍କ ( Rislev ) ଚିଠିର ଦ୍ୱାଦଶ ଅନୁଚ୍ଛେଦ ଅନୁସାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ହେଉଛି—"ସମୁଦାୟ ଗଞ୍ଜାମ ଜିଲ୍ଲା, ଗଞ୍ଜାମମାଳ ଅଞ୍ଚଳ (Ganjam Agency) ବିଶାଖାପାଟଣା ମାଳଅଞ୍ଚଳ ଏବଂ ସିଂହଭୂମି ଜିଲ୍ଲାର କେତେକ ଅଞ୍ଚଳ" । ଏହା ପରେ ମୁଁ ରିସେଲଙ୍କ ତାତ୍କାଳିକ ଜନଗଣନା ସମ୍ବନ୍ଧୀୟ ହିସାବ ସହିତ

Digitized by srujanika@gmail.com

ବର୍ତ୍ତମାନ ଜନଗଣନାର ହିସାବକୁ ତଜନାର କରି ଦର୍ଶାଇବି ଯେ ପଡ଼ୋଶୀ ପ୍ରଦେଶମାନଙ୍କ ଆଧିପତ୍ୟପୂର୍ଣ୍ଣ ପ୍ରଭବ ଓଡ଼ିଆମାନଙ୍କ ନ୍ୟାଯ୍ୟଦାବୀକୁ ଉପେକ୍ଷା କରିଛି ଏବଂ ସାର୍ ହବାର୍ଟ ରିସ୍‌ଲେଙ୍କ ତତ୍ତ୍ୱାବଧାନ ସତ୍ତ୍ୱେ ଜନଗଣନାର ପ୍ରକୃତଫଳକୁ ବିକୃତରୂପରେଖ ଦେଇଅଛି ଲର୍ଡ଼ କର୍ଜନ ଓଡ଼ିଆ ଭଷାଭଷୀ ଅଞ୍ଚଳକୁ ଏକତ୍ରିତ କରିବା ପାଇଁ ଇଚ୍ଛା କରିଥିଲେ । ସେ ସମୟରେ ବ୍ରିଟିଶ ସରକାର ଦୁଇବଙ୍ଗଳାକୁ ଏକତ୍ରିତ କରିଥିଲେ । କିନ୍ତୁ ଓଡ଼ିଆମାନଙ୍କ ସମସ୍ୟା ସମାଧାନ ପାଇଁ କିଛି କରିନଥିଲେ । ଗ୍ଭରି ପ୍ରଦେଶ ମଧ୍ୟରୁ ବିହାର ଏବଂ ମାନ୍ଦ୍ରାଜରେ ସଂଖ୍ୟାଲଘୁ ଓଡ଼ିଆ ଲୋକେ ଲେଜିସ୍‌ଲେଟିଭ ଆସାମ୍ବ୍ଲିରେ ଅତିକମ୍ ସଂଖ୍ୟାରେ ପ୍ରତିନିଧି ରୂପେ ସ୍ଥାନ ପାଉଛନ୍ତି । ମଣ୍ଟ-ଫୋର୍ଡ ସଂସ୍କାର ପୂର୍ବରୁ ଏବଂ ତା ପରେ ସୁଦ୍ଧା ବିହାର ଏବଂ ବଙ୍ଗଳାରେ ସେମାନେ ସିଧାସଳଖ ପ୍ରତିନିଧିତ କରିପାରୁ ନାହାନ୍ତି । ଏହା ଫଳରେ ଓଡ଼ିଆମାନଙ୍କ ଜାତୀୟତା ଏବଂ ଭଷା ସମ୍ବନ୍ଧୀୟ କ୍ଷତି ଘଟୁଛି । ଯାହା କି କ୍ରମାଗତ ଜନଗଣନା ହିସାବରୁ ସ୍ପଷ୍ଟ ଜାଣି ହେଉଛି । ତେଣୁ ରାଷ୍ଟ୍ର-ସେକ୍ରେଟରୀ ୧୯୩୦ ମସିହାଠାରୁ ସମସ୍ତ ପ୍ରମାଣପତ୍ର ଆଖି ଆଗରେ ରଖି ଓଡ଼ିଶା ସୀମା ବିଷୟରେ ନିଜେ ନିଷ୍ପତ୍ତି ଦେବା ନିତାନ୍ତ ଆବଶ୍ୟକ ।

ଓଡ଼ିଆ ଭଷାଭଷୀ ଅଞ୍ଚଳର ସୀମା ବିଷୟରେ ବିସ୍ତୃତ ବିବରଣୀ ଦେବା ପର୍ବରୁ ଫିଲିପ-ଡଫ୍ ତଦନ୍ତ କମିଟି ଏବଂ ସାଇମନ କମିଶନ କଥା କହିବି ।

ଫିଲିପ-ଡଫ କମିଟି ଗଞ୍ଜାମବାସୀଙ୍କ ମତ ଭଲ ରୂପେ ଜାଣିଛନ୍ତି । ସେମାନେ ତାଙ୍କର ଜମିଦାର ଯେଉଁଆଡ଼େ ରହିବେ, ସେଠି ରହିବା ପାଇଁ ଇଚ୍ଛୁକ । ଆମେ କେବଳ ସେହି ଓଡ଼ିଆ ଜମିଦାରୀ ଅଞ୍ଚଳ ଗୁଡ଼ିକୁ ଗ୍ଭହୁଁଛୁ ଯାହା କି ଶହ ଶହ ବର୍ଷ ଧରି ଓଡ଼ିଆ ଜମିଦାରଙ୍କ ଦ୍ୱାରା ପରିଗ୍ଭଳିତ ହେଉଛି । ଜମିଦାରୀ ଇଲାକାରେ ରୟତମାନେ ସେମାନଙ୍କ ଆର୍ଥିକ, ସାମାଜିକ ରକ୍ଷା ବିଧାନରେ ଜମିଦାରଙ୍କୁ ଆଶ୍ରୟ କରିଥାନ୍ତି, ଅଲେଲି ସବ୍‌କମିଟି (ସାଇମନ କମିଶନ ଭୁକ୍ତ) ଆର୍ଥିକ ସମସ୍ୟାକୁ ବିଗ୍ଭରକୁ ନେଇ ସୀମା ବିଗ୍ଭର କରିବା ପାଇଁ ସୁପାରିଶ କରିଥିଲେ, ଯେପରି କି ରେଲ ରାସ୍ତା ଓ ଅନ୍ୟାନ୍ୟ ସଂଯୋଗ ରାସ୍ତା ସବୁ ନୂତନ ଓଡ଼ିଶାର ଉନ୍ନତିରେ ସହାୟକ ହେବ । ରିସଲେ ତାଙ୍କର ତା ୩।୧୨।୧୯୦୩ ଚିଠିରେ ଜାତି, ଭଷା ସହିତ ଶାସନ ସୁବିଧା ମଧ୍ୟ ଯଥାର୍ଥରେ ବିଗ୍ଭର କରିବା କଥା ଦର୍ଶାଇ ଠିକ କରିଛନ୍ତି ।

ଗଞ୍ଜାମ ଜଲ କଥା ଦେଖାଯାଉ, ନ୍ୟସ୍ତସ୍ୱାର୍ଥବାଦୀମାନେ ଓଡ଼ିଆଙ୍କ ଦାବୀକୁ ପ୍ରତିହତ କରିବା ପାଇଁ ବହୁ ଉପାୟ କରିଥିଲେ । ଜନଗଣନା ପ୍ରତ୍ୟେକ ଥର ଭୁଲ ସଂଖ୍ୟା ଦେଇଛି । କେବଳ ଗତ ଜନଗଣନା ନୁହେ, ସବୁ ଗଣନା କିପରି ଭ୍ରମପୂର୍ଣ୍ଣ ତାହା ଆମର ପ୍ରତିନିଧିମାନେ ତା ୧୭।୯।୧୯୩୨ରେ ଭଇସରୟଙ୍କୁ ଜଣାଇ ଦେଇଛନ୍ତି । ରିସଲେ ଉପର୍ଯ୍ୟୁକ୍ତ ଚିଠିର ଦ୍ୱାଦଶ ଅନୁଚ୍ଛେଦରେ ଦର୍ଶାଇଛନ୍ତି ଯେ ଗଞ୍ଜାମ ଜିଲ୍ଲା ଯାହା କି ମାନ୍ଦ୍ରାଜରେ ଅଛି

Digitized by srujanika@gmail.com

ତାହାର ଲୋକସଂଖ୍ୟା ୧୬, ୮୯,୦୦୦ ମଧ୍ୟରୁ ଓଡ଼ିଆଭଷୀଙ୍କ ସଂଖ୍ୟା ୧୨,୭୩,୦୦୦ ତାପରେ ଯେ ଜନଗଣନା ( Census ) ହୋଇଛି ସେଥିରେ କିଭଳି ମାରପେଞ୍ଚ ଗ୍ଭଲିଛି ଦେଖାଯାଉ ।

୧୯୦୧ରେ ଓଡ଼ିଆଭଷୀ ୧୨,୭୪,୯୭୫
୧୯୧୧ରେ ଓଡ଼ିଆଭଷୀ ୯,୫୮,୬୬୧
୧୯୨୧ରେ ଓଡ଼ିଆଭଷୀ ୯,୩୧,୭୯୦
୧୯୩୧ରେ ଓଡ଼ିଆଭଷୀ ୯,୬୯,୬୪୪

୧୯୦୧ ପରେ ଜଂଲର ଜନସଂଖ୍ୟା ବୃଦ୍ଧି ପାଇ ୧୭,୬୧,୬୫୪ ହେବାବେଳେ ଓଡ଼ିଆଙ୍କ ସଂଖ୍ୟା କିପରି କମିଯାଉଛି ? ସମଗ ଗଞ୍ଜାମରେ ସିକାକୋଲ ତାଲୁକାଟି କେବଳ ତେଲଗ ଭଷୀ ଅଞ୍ଚଳ ।

ମାନଚତ୍ର ଦେଖଲେ ଜାଣି ହେବ ଯେ ଓଡ଼ନେଲ ତାଙ୍କ ସୀମାରେଖା ନକ୍ସାରେ ମଞ୍ଜୁଷା, ବୁଢ଼ାରସିଂହ, ଜଳନ୍ତର, ବାରୁଆ, ତରଳା, ନନ୍ଦିଗାଁ ଏବଂ ଟିକାଲି ଜମଦାରିକୁ ଅନ୍ତର୍ଭୁକ୍ତ କରିନାହାଁନ୍ତି ।

ପାରଳାଖେମୁଣ୍ଡୀ ରେଲରସ୍ତା ଦ୍ୱାର ସଂଯୁକ୍ତ, ଭବିଷ୍ୟତରେ ୧୩,୦୦୦ ବର୍ଗମାଇଲ ପରିମିତ ଅନୁନ୍ନତ ଅଞ୍ଚଳର ବ୍ୟବସାୟର କେନ୍ଦ୍ରସ୍ଥଳ ହେବ । ଗଞ୍ଜାମର ତଥା ବିଶାଖାପାଟଣାର ବହୁ ଓଡ଼ିଆ ଅଞ୍ଚଳ ଏହା ସହିତ ସଂଯୁକ୍ତ । ଏ ଅଞ୍ଚଳ ଓଡ଼ିଶାକୁ ଯିବା ସଂପୂର୍ଣ୍ଣ ସଙ୍ଗତ । ଉପକୂଳ ଅଞ୍ଚଳର ଏକ କ୍ଷୁଦ୍ର ବିଭଗକୁ ଓଡ଼ିଶାକୁ ନ ଦେବା ଦ୍ୱାର ପ୍ରାଚୀନ ଜମିଦାରମାନଙ୍କୁ ଓଡ଼ିଶାର ତଥା ଗଞ୍ଜାମରେ ଥିବା ତାଙ୍କର ଆତ୍ମୀୟ ରଜା ଜମଦାରଙ୍କଠାରୁ ଅଲଗା କରାଯାଉଛି । ଆର୍ଥିକ, ସାମାଜିକ ସବୁଥିରେ ସେମାନେ ଓଡ଼ିଶା ସହସଂଯୁକ୍ତ । ଏ ଦୃଷ୍ଟିରୁ ମଞ୍ଜୁଷା, ତରଳା ଟିକାଲି, ବୁଢ଼ାରସିଂହ ଜମିଦାରୀ ଓଡ଼ିଶାରେ ମିଶାଯାଉ ।

ନୂତନ ଓଡ଼ିଶାର ପାର୍ବତ୍ୟ-ନିବାସ ନାହିଁ । ମଞ୍ଜୁଷା ଓଡ଼ିଶାରେ ରହିଲେ ପାଞ୍ଚହଜାର ଫୁଟ ଉଚ୍ଚ ମହେନ୍ଦ୍ର-ଗିରି ଓଡ଼ିଶାରେ ରହିବ । ପାର୍ବତ୍ୟ-ନିବାସ ଅଭବ ଯିବ । ସରକାରଙ୍କ ସୁବିଧା ହେବ । ଏହା ଫଳରେ ଉତ୍ତରସ୍ଥ ବିଶିଷ୍ଟ ଜମିଦାରମାନେ ପରସ୍ପର ମିଳିତ ହେବେ ଓ ସମଗୋଷ୍ଠୀର ଲୋକେ ନିଜର ଆର୍ଥିକ ଉନ୍ନତି ଘଟାଇ ପାରିବେ । କାରଣ ଏମାନଙ୍କ ବ୍ୟବସାୟ ଉତ୍ତର ଓ ପଶ୍ଚିମ ଗଞ୍ଜାମ-ସହିତ ସଂପର୍କ । ତେଣୁ ଓଡ଼ନେଲଙ୍କ ଦ୍ୱାର ପରିତ୍ୟକ୍ତ ଅଞ୍ଚଳ ପ୍ରାକୃତିକ ଓଡିଶାସହ ଯୁକ୍ତ ହେଲେ ବହୁ ଅସୁବିଧା ଯିବ ଓ ପାର୍ବତ୍ୟ ନିବାସ ପ୍ରଶ୍ନ ସମାଧାନ ହୋଇଯିବ ।

Digitized by srujanika@gmail.com

## ବଙ୍ଗଳାର ଦକ୍ଷିଣ ମେଦିନୀପୁର

ସାଇମନ୍ କମିଶନର ଅଟଲି ସବ୍‌କମଟି ଦକ୍ଷିଣ ଏବଂ ପଶ୍ଚମ ମେଦନୀପୁରକୁ ଓଡ଼ିଶାରେ ମିଶାଇବା ପାଇଁ ଇଚ୍ଛା କରିଥିଲେ । ସେମାନେ କହିଥିଲେ ଯେ ବଙ୍ଗଳାର ଏକ କ୍ଷୁଦ୍ର ଅଞ୍ଚଳ ମୋହନପୁର ଓ ଗୋପୀବଲ୍ଲଭପୁର ଅଞ୍ଚଳରେ ସୀମା ନିର୍ଦ୍ଧାରଣବେଳେ ଓଡ଼ିଶା୍ ଯିବା ସମ୍ଭାବନା ରହିଛି । କିନ୍ତୁ ମୁଁ ଦର୍ଶାଇବାକୁ ଚାହେଁ ଯେ ପ୍ରତ୍ୟେକ ଜନଗଣନାକୁ ଅତିମାତ୍ରାରେ ବିକୃତ କରି ଓଡ଼ିଆ ସଂଖ୍ୟା କମାଇ ଦିଆଯାଇଛି । ଜନଗଣ ( Census ) ରିପୋର୍ଟରେ ମେଦିନୀପୁରରେ ଓଡ଼ିଆ କହୁଥିବା ଲୋକସଂଖ୍ୟା ହେଲା—

୧୮୯୧ ମସିହା ୫,୭୨,୭୯୮
୧୯୦୧ ମସିହା ୨,୭୦,୪୯୫
୧୯୧୧ ମସିହା ୧,୮୧,୮୦୧
୧୯୨୧ ମସିହା ୧,୪୨,୧୦୭
୧୯୩୧ ମସିହା ୪୫,୧୦୧

ଏହା ଉପରେ ଆଲୋଚନା ଅନାବଶ୍ୟକ । ଓଡ଼ନେଲ ରିପୋଟର ୯-୧୨ ଅନୁଚ୍ଛେଦମାନଙ୍କରୁ ସ୍ପଷ୍ଟ ଜଣାଯାଏ ଯେ ଏଠାରେ ଓଡ଼ିଆମାନଙ୍କୁ ଓଡ଼ିଆ ଶିକ୍ଷା ଦିଆ ନ ଯାଇ ବଙ୍ଗାଳୀ ପାଲଟାଇ ଦିଆଯାଇଛି । ଏକଥା ଡ଼ାକ୍ତର ଗ୍ରୀଏରସନ ସାହେବଙ୍କ ରିପୋର୍ଟରୁ ମଧ୍ୟ ଉଦ୍ଧାର କରାଯାଇଛି । ଓଡ଼ନେଲ ଭାଷାର ଆଲୋଚନା କଲେ ସିନା, ଐତିହାସିକ ଓ ଜାତିର ଅନ୍ୟାନ୍ୟ ବିଷୟକୁ ଉପେକ୍ଷା କଲେ । ସେମାନେ ଅଟଲି କମିଟିଙ୍କ ସୁପାରିଶକୁ ମଧ୍ୟ ଗ୍ରହଣ କଲେ ନାହିଁ । କାରଣ ଦର୍ଶାଇଲେ ଯେ ଏ ଜିଲ୍ଲାର କୌଣସି ଅଂଶ ଓଡ଼ିଶାକୁ ଦେବା ପାଇଁ ବହୁ ଲୋକ ଆପତ୍ତି କରୁଛନ୍ତି । ମେଦିନୀପୁରର ରାଜନୀତିକ ପରିସ୍ଥିତି ଭାରତ ଅଫିସକୁ ଖୁବ୍ ଭଲ ଜଣା । ଯେଉଁମାନେ ଓଡ଼ିଆମାନଙ୍କୁ ନିଜ ଭାଷା ଶିକ୍ଷା ପାଇବାରୁ ବଞ୍ଚିତ କରିଛନ୍ତି, ସେମାନେ ତାଙ୍କୁ ଭୀତତ୍ରସ୍ତ କରାଇ ଓଡ଼ିଶାକୁ ନ ଯିବା ପାଇଁ ମତ ସଂଗ୍ରହ କରିବାରେ ଆଶ୍ଚର୍ଯ୍ୟ ହେବା କିଛି ନାହିଁ । ଓଡ଼ିଆମାନଙ୍କ ଦାବୀ ଓଡ଼ନେଲ ରିପୋର୍ଟର ପଞ୍ଚମ ଅନୁଚ୍ଛେଦରେ ଦିଆ ଯାଇଛି ।

## ସିଂହଭୂମି ( ଛୋଟନାଗପୁର ) ବିଷୟ

ଓଡ଼ିଆମାନଙ୍କ ଦାବୀ ଓଡ଼ିଆ ପ୍ରତିନିଧିମାନେ ଭାଇସରାୟଙ୍କ ନିକଟରେ ବିସ୍ତାରିତ ଭାବେ ଉପସ୍ଥାପିତ କରିଥିବା ଆଗରୁ ଉଲ୍ଲେଖ ଅଛି । ୧୯୦୩ ମସିହାରେ ଯେତେବେଳେ ଏ ଭାଷା ବିବାଦ ଉଠି ନ ଥିଲା , ରିସ୍‌ଲେ ସାହେବ ମତ ଦେଇଥିଲେ ଯେ ବଙ୍ଗଳା ଅନ୍ତର୍ଗତ ଛୋଟନାଗପୁରର ସିଂହଭୂମି ଜିଲ୍ଲାର ଏକାଂଶ ନିଃସନ୍ଦେହ ରୂପେ ଓଡ଼ିଆଭାଷୀ ଅଞ୍ଚଳ । ୩୦ ବର୍ଷର ବିବାଦ ପରେ ଓଡ଼ିଆ ଶିକ୍ଷା ତଥା ଭାଷା ସମ୍ପୂର୍ଣ୍ଣ ଲୋପ ହୋଇଅଛି । ୧୯୧୨

Digitized by srujanika@gmail.com

ମସହାରେ ବିହାର ସହିତ ଓଡ଼ିଶାକୁ ଯୋଡ଼ି ଦିଆଗଲା, ଫଳରେ ସେଠାରେ ହିନ୍ଦୀ ଏବଂ ବଙ୍ଗାଳୀ ଭଷା ଚଳିଲା, ଓଡ଼ିଆ ଲୋପ ହେଲା । ଓଡନେଲ କମିଟି ଉକ୍ତ ପରିସ୍ଥିତିକୁ ବିକୃତ ଭାବେ ଦର୍ଶାଇଲେ । ହିନ୍ଦୀ ଏବଂ ବଙ୍ଗାଳୀ ଭଷୀଙ୍କ ସଂଖ୍ୟାକୁ ଏକତ୍ର ଯୋଡ଼ିବା କୁଉଦ୍ଦେଶ୍ୟ ରଖି ଓଡ଼ିଆଙ୍କୁ ଭଷା ଦୃଷ୍ଟିରୁ ସଂଖ୍ୟାଲଘୁ କରି ଦିଆଗଲା ରିପଲେ ତାଙ୍କ ପତ୍ରର ନବମ ଅନୁଚ୍ଛେଦରେ ଭରତ ସରକାରଙ୍କ ମତ ବ୍ୟକ୍ତ କରିଛନ୍ତି । ସେ ଛୋଟନାଗପୁରର ଅନୁନ୍ନତ ଅଞ୍ଚଳକୁ ମଧ୍ୟପ୍ରଦେଶ ସହିତ ମିଶାଇ ଦିଆଯାଉ ବୋଲି ମତ ଦେଇଥିଲେ । ପରେ ସେ ଲେଖିଥିଲେ—"ଛୋଟନାଗପୁରସ୍ଥ ଓଡ଼ିଆ ଭଷାଭଷୀ ଲୋକଙ୍କୁ ଛୋଟନାଗପୁରରୁ ଆଣି ବଙ୍ଗଳା (ସେତେବେଳେ ଓଡ଼ିଶା ଡିଭିଜନ ବଙ୍ଗଳାରେ ଥିଲା) ସହିତ ମିଶାଇ ଦେବା ଉଚିତ । ସିଂହଭୂମି ଜିଲ୍ଲର ସମୁଦାୟ ଲୋକ ସଂଖ୍ୟା ଛ ଲକ୍ଷ ତେର ହଜାର ମଧ୍ୟରୁ ଓଡ଼ିଆଙ୍କ ସଂଖ୍ୟା ଏକଲକ୍ଷ । ଜିଲ୍ଲର ମଧ୍ୟଭଗରେ ଦୁଇ ଲକ୍ଷ ପଞ୍ଚତିରିଶି ହଜାର ଲୋକ ଗୋଟିଏ ମୁଣ୍ଡା ଭଷା କହନ୍ତି । ଯାର ନାମ 'ହୋ' ଅଟେ । କାଳକ୍ରମେ ଏ ଭଷାଭଷୀମାନେ ଓଡ଼ିଆ ଭଷୀ ହୋଇଯିବେ ।"

ଓଡ଼ନେଲ କମଟି 'ହୋ'ମାନଙ୍କ ଜାତି ସମ୍ପର୍କୀୟ ସତ୍ୟକୁ ଉପେକ୍ଷା କଲେ । 'ହୋ'ମାନେ କେବଳ ଓଡ଼ିଶାରେ ଅଛନ୍ତି । ଅନ୍ୟ କୌଣସି ପ୍ରଦେଶରେ ନାହାନ୍ତି । ଗତ ଜନଗଣନାରେ ସଂହଭୂମି ଜିଲ୍ଲରେ ହୋ'ମାନଙ୍କ ସଂଖ୍ୟା ୨,୬୨,୫୪୩

| | |
|---|---|
| ଛୋଟନାଗପୁରରେ | ୬.. |
| ଓଡ଼ିଶାର ଗଡ଼ଜାତ (ଷଢ଼େଇକଳା-ଖରସୁଆ ସମେତ) | ୧,୮,୫୩୬ |
| ଓଡ଼ିଶା ଡିଭଜନ | ୩୦୮ |

ଏଥିରୁ ଦେଖାଯିବ ଓଡ଼ିଆଭଷୀ ଅଞ୍ଚଳରେ 'ହୋ'ମାନେ ରହିଛନ୍ତି । ସେମାନଙ୍କର ସାଂସ୍କୃତିକ, ସାମାଜକ ତଥା ଆର୍ଥିକ ସମ୍ପର୍କ ଓଡ଼ିଆମାନଙ୍କ ସହିତ ରହିଅଛି । ତେଣୁ ଓଡ଼ିଶା ସହିତ ସେମାନେ ଜଡ଼ିତ । ଏହିମାନଙ୍କୁ ଓଡ଼ିଆ ଆନ୍ଦୋଳନ ବିରୋଧୀ ବଙ୍ଗାଳୀ ଓ ହିନ୍ଦୀଭଷୀଙ୍କ ମିଳିତ ଜାତୀୟ ଆକ୍ରମଣରୁ ରକ୍ଷା କରିବାକୁ ହେବ । ଜାତୀୟତା ତଥା ସଂହତିର ଭବିଷ୍ୟତ ବଦ୍ଧି ଦୃଷ୍ଟିରୁ ସେମାନେ ଓଡ଼ିଶାରେ ରହିବା ଭଲ ହେବ । ସ୍ମରଣାତୀତ କାଳର ଓଡ଼ିଆ ରଜା-ଜମିଦାରମାନେ ଏମାନଙ୍କ ସମ୍ପର୍କରେ ଆସିଛନ୍ତି ।

ଓଡ଼ନେଲ କମଟି ଭୌଗୋଳିକ ଦୃଷ୍ଟକୋଣରୁ ସିଂହଭୂମି ଓଡ଼ିଶାଠାରୁ ବିଚ୍ଛିନ୍ନ ହେବ କହିବା ଠିକ୍ ନୁହେଁ । କାରଣ ଦର୍ଶାଯାଇଛି ଯେ ଓଡ଼ିଶାର ଗଡ଼ଜାତ (Orissa States) ଗୁଡ଼ିକ ଦକ୍ଷିଣ-ପଶ୍ଚିମରେ ସମ୍ବଲପୁର ଓ ଦକ୍ଷିଣ ପୂର୍ବରେ ବାଲେଶ୍ୱର ମଧ୍ୟରେ ରହି ସିଂହଭୂମିକୁ ଓଡ଼ିଶାରୁ ବିଚ୍ଛିନ୍ନ କରଉଛି । ଦେଖିବାକୁ ଗଲେ, ଗଡ଼ଜାତଗୁଡ଼ିକର ବ୍ୟବଧାନ ହେତୁ ସମ୍ବଲପୁର ଓ ଅନୁଗୁଳ ଜିଲ୍ଲା ଏବେ ମଧ୍ୟ ବ୍ରିଟିଶ ଶାସିତ ଓଡ଼ିଶାରୁ ଅଲଗା ରହିଛି । ସାମାଜିକ, ଭଷାଗତ, ସଂସ୍କୃତି ତଥା ଆର୍ଥିକ ସମ୍ପର୍କ ଓଡ଼ିଶା

Digitized by srujanika@gmail.com

ଗଡ଼ଜାତଗୁଡ଼ିକୁ ଓଡ଼ିଶା ସହିତ ଏକ ସୂତ୍ରରେ ଗ୍ରଥିତ କରିଅଛି । ପୁନଶ୍ଚ ଦେଖିବାକୁ ଗଲେ ଓଡ଼ିଶା ପ୍ରଦେଶ ପାଇଁ ଗୋଟିଏ ସଂଯୋଜକ ରେଲପଥ ଆବଶ୍ୟକ । ତାହା ସିଂହଭୂମି ସମ୍ବଲପୁର ଏବଂ ଓଡ଼ିଶା ଡ଼ିଭିଜନର ସଂଯୋଜକ ହେବ ।

## ମଧ୍ୟପ୍ରଦେଶର କେତୋଟି କ୍ଷୁଦ୍ର ଓଡ଼ିଆ ଭାଷା-ଭାଷୀ ଅଞ୍ଚଳ

ବାସ୍ତବ କାରଣ ନିରୂପଣ ନ କରି ପାରି ଓଡ଼ନେଲ କମିଟି ଫୁଲଝର, ବିନ୍ଦ୍ରା-ନୂଆଗଡ଼, ଚନ୍ଦ୍ରପୁର ଏବଂ ମାଲଖୋର୍ଦ୍ଧା ଅଞ୍ଚଳକୁ ଓଡ଼ିଶାରେ ଅନ୍ତର୍ଭୁକ୍ତ କଲେ ନାହିଁ । ଉକ୍ତ ଅଞ୍ଚଳ ବର୍ତ୍ତମାନ ମଧ୍ୟପ୍ରଦେଶରେ, ସମ୍ବଲପୁର ଓଡ଼ିଶା ଡ଼ିଭିଜନର ଅନ୍ତର୍ଭୁକ୍ତ ହେବା.. ପର୍ଯ୍ୟନ୍ତ ଫୁଲଝର ସମ୍ବଲପୁରର ଏକାଂଶ ଥିଲା । ଏ ସବୁ ସ୍ଥାନର ବାଣିଜ୍ୟ ଯୋଗା-ଯୋଗ ସମ୍ବଲପୁରରେ ଅବସ୍ଥିତ ସିନା ମଧ୍ୟପ୍ରଦେଶର ରାୟପୁରରେ ନୁହେଁ । ଏହି କ୍ଷୁଦ୍ର ଅଞ୍ଚଳଗୁଡ଼ିକ ଓଡ଼ିଆଭାଷୀ ଏବଂ ଏହି ଶତାବ୍ଦୀର ପ୍ରାରମ୍ଭରୁ ଓଡ଼ିଆମାନେ ଏଗୁଡ଼ିକୁ ନିଜର ବୋଲି ଦାବୀ କରି ଆସୁଛନ୍ତି ।

ଏଗୁଡ଼ିକୁ ଓଡ଼ିଶାରେ ମିଶାଇଲେ ଓଡ଼ିଶା ସରକାର ଆର୍ଥିକ ବୋଝ ବହନ କରିବେ କିନ୍ତୁ ଫଳରେ ଏହି ଅଞ୍ଚଳ ଲୋକଙ୍କ ଆର୍ଥିକ ଉନ୍ନତି ଘଟିବ । ଏହାର ବାସ୍ତବତା ମାନଚିତ୍ରକୁ ଚାହିଁ ଦେଲେ ଜଣାପଡ଼ିବ ।

ଉପଯୁକ୍ତ ବିଷୟ ପୁନର୍ବାର ବ୍ୟାଖ୍ୟା କରି କହିଲେ ହେବ ଯେ ଓଡ଼ିଆମାନେ ଏକ ସମଭାବ ଭାଷା ରକ୍ଷା କରିଥିବା ଅଞ୍ଚଳ ଚାହାଁନ୍ତି, କିନ୍ତୁ ଅନ୍ୟ କାହାରି ଅଞ୍ଚଳ ପାଇଁ ଲାଳାୟିତ ନୁହନ୍ତି । ପ୍ରତ୍ୟେକ ପ୍ରଦେଶର ଜ୍ୟାମିତିକ ସମତା ସୀମା ରହିବା ଉଚିତ । ସ୍ୱାୟତ୍ତଶାସିତ ପ୍ରଦେଶଟି ଆର୍ଥିକ ତଥା ସାମାଜିକ ଦୃଷ୍ଟିରୁ କେତେକାଂଶରେ ଆତ୍ମନିର୍ଭରଶୀଳ ହେବା ଉଚିତ । ପ୍ରଦେଶ କେନ୍ଦ୍ରଗୁଡ଼ିକ ବ୍ୟାବସାୟିକ ରାସ୍ତା ସହ ସଂଯୁକ୍ତ ହେବା ଆବଶ୍ୟକ । ବ୍ରିଟିଶ ଶାସନରେ ଓଡ଼ିଆଭାଷୀମାନଙ୍କ ଏହି ବିଶାଳ ଭୂଖଣ୍ଡ ଚାରିଟି ପ୍ରଦେଶରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ଦୀର୍ଘ ୧୩୦ ବର୍ଷ ସବୁ ଉନ୍ନତିରୁ ବଞ୍ଚିତ ହୋଇଥିଲେ ହେଁ ବ୍ୟବସାୟ ଗତ ସମ୍ପର୍କର କେନ୍ଦ୍ର ଓଡ଼ିଶାରେ ହିଁ ରହିଅଛି । ଯଦି ଉପଯୁକ୍ତ ଅଞ୍ଚଳଗୁଡ଼ିକୁ ଓଡ଼ିଶା ପ୍ରଦେଶରୁ ବାଦ ଦିଆଯାଏ, ତେବେ ଗମନାଗମନରେ ଘୋର ଅସୁବିଧା ଉପୁଜିବ । ଓଡ଼ିଶା ପାଇଁ ଏକ ପୂର୍ଣ୍ଣ ରେଲପଥ ଆବଶ୍ୟକ । ଯେଉଁସବୁ ଅଞ୍ଚଳ ଓଡ଼ିଶାରେ ଅନ୍ତର୍ଭୁକ୍ତ ହେବାରୁ ପରିତ୍ୟକ୍ତ ହେଉଅଛି, ସେ ସବୁ ମିଶିଗଲେ ଓଡ଼ିଶା ଲୋକେ ତାଙ୍କ ନିଜ ପ୍ରଦେଶ ମଧ୍ୟରେ ସବୁ ଆଡ଼କୁ ଯାଇ ପାରିବେ । ଉତ୍ତର-ପଶ୍ଚିମରେ ସମ୍ବଲପୁରଠାରୁ ଆରମ୍ଭ କରି ଜାମସେଦପୁର (ସିଂହଭୂମି) ଦେଇ ଖଡ଼ଗପୁର (ମେଦିନୀପୁର) ପାରଳାଖେମୁଣ୍ଡୀ-ଗୁଣପୁର ହୋଇ ଗଞ୍ଜାମମାଳର ଶେଷସୁଦ୍ଧା ଯାଇ ହେବ । ଲୋକେ ଓଡ଼ିଶା ଗଡ଼ଜାତ ମଧ୍ୟରେ ଶହେ ମାଇଲଯାଏ ଯିବେ । ସମଭାଷା ତଥା ଚଳଣୀର ଲୋକସବୁ ସେ ଅଞ୍ଚଳରେ

Digitized by srujanika@gmail.com

ଅଛନ୍ତି । ଫଳରେ ଆଧୁନିକ ଗମନାଗମନ ସୁଯୋଗ ଶାସନ କ୍ଷେତ୍ରକୁ ମଧ୍ୟ ସାହାଯ୍ୟ କରିବ । ଏ ରେଲବାଇ ସୁବିଧା ଓଡ଼ିଶାକୁ ଦିଆଗଲେ ବିହାର-ବଙ୍ଗଳା-ମାନ୍ଦ୍ରାଜ ପ୍ରଦେଶ କାହାରି ହେଲେ ଅସୁବିଧା ହେବ ନାହିଁ । ରେଲବାଇ କେନ୍ଦ୍ର ସରକାର ଅଧୀନରେ ରହିଲେ ହେଁ ବ୍ୟବସାୟ ବାଣିଜ୍ୟରେ ତାହା ପ୍ରାଦେଶିକ ଶ୍ରୀବୃଦ୍ଧିରେ ସହାୟକ ହେବ ।

ଆଶାକରଯାଉଅଛି ଯେ ନିକଟ ଭବିଷ୍ୟତରେ ( Terminal tax ) ପ୍ରାନ୍ତୀୟକର ଏକ ପ୍ରାଦେଶିକ ଆୟରେ ପରିଣତ ହେବ । ସୀମାରେଖା ଚିହ୍ନ ହେବା ସହିତ ସମ୍ପୂର୍ଣ୍ଣ ରେଲ ଯୋଗାଯୋଗର ଆବଶ୍ୟକତା ଯେ କେତେ ବେଶୀ ତାହା ଭଲଭାବେ ଅନୁମାନ କରଯାଇ ପାରେ ।

ଓଡ଼ିଶାର ଶତକଡ଼ା ପଅଚାଳିଶ ଭାଗ ଅନୁନ୍ନତ ଅଞ୍ଚଳ । ଦକ୍ଷିଣରେ ବିଶାଖପାଟଣା ଏବଂ ଗଞ୍ଜାମ ଅଞ୍ଚଳର ଆର୍ଥିକ ଉନ୍ନତି ପାଇଁ ଯଥେଷ୍ଟ ଉଦ୍ୟମ ଆବଶ୍ୟକ । ଗଞ୍ଜାମ ଅଞ୍ଚଳରୁ ଜୟପୁରକୁ ରେଲ ଓ ବଳଦଗାଡ଼ି ଯିବା ରାସ୍ତା ପାରଳାଖେମୁଣ୍ଡି ଦେଇ ଯାଇଅଛି । ଭୌଗୋଳିକ ପରିସ୍ଥିତି ତଥା ଗମନାଗମନ ପଥ ପାରଳାଖେମୁଣ୍ଡିକୁ ଦକ୍ଷିଣ ଓଡ଼ିଶାର କେନ୍ଦ୍ରସ୍ଥଳ କରିଅଛି । ସୋମପେଣ୍ଠ ଏବଂ ଟିକିଲି ତାଲୁକାର ଅବସ୍ଥା ମଧ୍ୟ ଠିକ୍ ପାରଳା-ଖେମୁଣ୍ଡି ସଦୃଶ ଅଟେ ।

ଉତ୍ତରରେ ସିଂହଭୂମ ସହ ଦକ୍ଷିଣ ପଶ୍ଚିମ ମେଦନୀପୁରକୁ ମିଶାଇ ଦେଲେ ଓଡ଼ିଶା ଅର୍ଥନୈତିକ ଏବଂ ଭାଷାଗତ ଦୃଷ୍ଟିକୋଣରୁ ଏକ ସମତାସମ୍ପନ୍ନ (Homogenious ) ପ୍ରଦେଶରେ ପରିଣତ ହେବ ।

ଅତୀତରେ ଦୁଃଖକଷ୍ଟ ପ୍ରପୀଡ଼ିତ ଓଡ଼ିଶା ସମସ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଶିକ୍ଷାଗତ ସୁବିଧା ଦେବ ଓ କୌଣସି ସଂଖ୍ୟାଲଘୁ ସମ୍ପ୍ରଦାୟ ଲୁପ୍ତ ହେବେ ନାହିଁ । ଏକତ୍ରିତ ଓଡ଼ିଶା ନିଜର ସନ୍ନିକଟ ପ୍ରଦେଶମାନଙ୍କରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ନ୍ୟାଯ୍ୟ ଅଧିକାର ସୁରକ୍ଷା ନିମନ୍ତେ ମଧ୍ୟ ତତ୍ପର ହେବ । ଆଜିଯାଏ ଓଡ଼ିଆ ପିଲମାନେ ବଙ୍ଗ, ମଧ୍ୟପ୍ରଦେଶ ଓ ସିଂହଭୂମିରେ ନିଜ ମାତୃଭାଷାରେ ଶିକ୍ଷା ପାଇବା ସୁଯୋଗ ପାଉ ନାହାନ୍ତି । ବଙ୍ଗଳା ଓ ମଧ୍ୟପ୍ରଦେଶର ଓଡ଼ିଆମାନେ ସେହି ପ୍ରଦେଶର ଲେଜିସ୍‌ଲେଟିଭ ଆସେମ୍ବ୍ଲି (ବିଧାନସଭା)ରେ ସିଧା-ସଳଖ ପ୍ରତିନିଧିତ୍ୱ କରିବା ସୁବିଧା ପାଉ ନାହାନ୍ତି । ଏହି ସବୁ ସମାଧାନ ରାଷ୍ଟ୍ରସଂଘ-ସରକାର ( Federal Government ) ଦ୍ୱାରା ହୋଇ ପାରିବ । ଶକ୍ତିଶାଳୀ ଓ ଆଧିପତ୍ୟ ବିସ୍ତାର କରିଥିବା ବଙ୍ଗାଳୀ ଓ ତେଲୁଗୁମାନେ ଯଦି ଆଶଙ୍କା କରୁଥାନ୍ତି ଯେ ଓଡ଼ିଶାରେ ତାଙ୍କ ସମ୍ପ୍ରଦାୟର ଲୋକେ ସଂଖ୍ୟାଲଘୁ ଭାବରେ ଦୁର୍ଦ୍ଦଶା ଭୋଗ କରିବେ , ତେବେ ଦୀର୍ଘକାଳ ଧରି ସେମାନଙ୍କ ପ୍ରଦେଶରେ ସଂଖ୍ୟାଲଘୁ ଭାବେ ଥିବା ଓଡ଼ିଆମାନଙ୍କୁ ସେହି ଆଶଙ୍କା ଉଚ୍ଚଭାବରେ ଧରିବ ନାହିଁ କି ?

Digitized by srujanika@gmail.com

ନୂତନ ସମ୍ବିଧାନର ସଫଳତା ପ୍ରଦେଶଗୁଡ଼ିକର ତଥା କେନ୍ଦ୍ର ସରକାରଙ୍କ ଆର୍ଥିକ ସ୍ୱଚ୍ଛଳତା ଉପରେ ନିର୍ଭର କରେ । ମୁଁ ବ୍ରିଟିଶ ସରକାର ତଥା ରାଷ୍ଟ୍ର-ସେକ୍ରେଟରୀଙ୍କ ନିକଟରେ ବିଶେଷ କୃତଜ୍ଞତା ପ୍ରକାଶ କରୁଅଛି ଯେ ସେମାନେ ଓଡ଼ିଶା ପ୍ରଦେଶକୁ ବାର୍ଷିକ ସାହାଯ୍ୟ ଦେବେ, ଯାହା ଫଳରେ ତାର ଅନୁନ୍ନତ ଅଞ୍ଚଳଗୁଡ଼ିକର ଆବଶ୍ୟକତା ପୂର୍ଣ୍ଣ ହେବ । ତା ସହିତ ମୁଁ ଅନୁରୋଧ କରୁଅଛି ଯେ ଓଡ଼ିଶାର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ତଥା ଆତ୍ମନିର୍ଭରଶୀଳ ହେବା ପାଇଁ ସୁଯୋଗ ଦିଅନ୍ତୁ । ଆମର ଦାବୀ ଅନୁରୂପ ସମଭବାପନ୍ନ ଜାତିଗତ ତଥା ଭାଷାସଂସ୍କୃତିସମ୍ପନ୍ନ ଅଞ୍ଚଳମାନଙ୍କୁ ନେଇ ପ୍ରଦେଶ ଗଠିତ ହେବା ସୁଯୋଗ ଦିଆଗଲେ ତାହା ଆତ୍ମନିର୍ଭରଶୀଳ ହେବ । ଓଡ଼ିଶା ଯଦି ତଥାକଥିତ ଅନୁନ୍ନତ ଜାତିମାନଙ୍କର ଉନ୍ନତିର ଦାୟିତ୍ୱ ନେଉଛି, ତେବେ ସେହି ଆଦିମ ଅଧିବାସୀ ସେମାନେ କନ୍ଧ, ଶବର ବା ହୋ ଯାହା ହୁଅନ୍ତୁ ତାଙ୍କ ଉନ୍ନତି ପାଇଁ ସେମାନଙ୍କୁ ଓଡ଼ିଆଭାଷୀଙ୍କ ନିକଟରେ ରଖିବା ଉଚିତ ହେବ । ଫଳରେ ସେମାନେ ନିଜ ନିଜର ଜାତିଗତ, ଅର୍ଥନୈତିକ ଏକତା ରକ୍ଷା କରି ପାରିବେ ଏବଂ ସଭ୍ୟତାର ଅଗ୍ରଗତି ସହିତ ସମତାଳରେ ଗତି କରି ପାରିବେ । ଏକ ଶାସନାଧୀନ ହେଲେ ଏସବୁ ଅନୁନ୍ନତ ଅଞ୍ଚଳର ଉନ୍ନତି ହୋଇ ପାରିବ । ଭବିଷ୍ୟତରେ ଯାହା ସବୁ ଅସୁବିଧା ହେବ, ମୁଁ ତାହା ଉପଲବ୍ଧି କରି ପାରୁଛୁ । ଏହି ଅନୁନ୍ନତ ଜାତିମାନଙ୍କର ସଭ୍ୟତାର ଅଗ୍ରଗତି ପାଇଁ ଓଡ଼ିଶା ବିଧାନସଭା ତଥା ଲାଟଙ୍କ ସତର୍କତାମୂଳକ ଯତ୍ନ ଆବଶ୍ୟକ । ଏହି ଅଞ୍ଚଳ ଗୁଡ଼ିକର ଗମନାଗମନ ପଥ ଓଡ଼ିଶା ଦେଇ ଯାଉ । ନୂତନ ଓଡ଼ିଶା ବ୍ୟବସାୟ କେନ୍ଦ୍ରଗୁଡ଼ିକର ଉନ୍ନତି କରୁ । ସୋମପେଣ୍ଟ ଓ ଟିକିଲି ତାଲୁକାମାନ, ଜାମସେଦପୁର ଓ ଖଡ଼ଗପୁରକୁ ଓଡ଼ିଶାର ଅନ୍ତର୍ଭୁକ୍ତ କରାଗଲେ, ଓଡ଼ିଶାର ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ ବହୁତ ସୁଯୋଗ ମିଳିବ ।

ଏହା ଲେଖି ମୁଁ ଏହି ସ୍ମାରକପତ୍ର ଶେଷ କରୁଛି । ଭାରତ କାର୍ଯ୍ୟାଳୟ ( India Office ) ର ଯେ କୌଣସି କର୍ମଚାରୀଙ୍କ ଆଗରେ ମାନଚିତ୍ର ସାହାଯ୍ୟରେ ଏ ସବୁ ବିଷୟ ବ୍ୟାଖ୍ୟା କରି ସୁଖୀ ହେବି । ଜାନୁୟାରୀ ୧୫ ତାରିଖ ସୁଦ୍ଧା ମୁଁ ଏଠାରେ ରହିବା ଇଚ୍ଛା କରୁଛି । ଯଦି ଦରକାର ହୁଏ, ମୁଁ ମୋର ସ୍ମାରକପତ୍ରର ଭିନ୍ନଭିନ୍ନ ଆଲୋଚନା ଆନନ୍ଦରେ କରିବି ।

ମୁଁ ପୁନର୍ବାର କହୁଛି ଭାରତ କାର୍ଯ୍ୟାଳୟରେ ସୀମାରେଖା ସମ୍ପର୍କୀୟ ନିଷ୍ପତ୍ତି ଶୀଘ୍ର ନିଆଯାଉ । ତା ଫଳରେ ବଙ୍ଗଳା, ତେଲୁଗୁ ଏବଂ ବିହାରୀମାନଙ୍କ ସହିତ ଓଡ଼ିଆମାନଙ୍କ ସମ୍ପର୍କ ତିକ୍ତତର ହେବ ନାହିଁ ।

ତା ୧୨।୧।୧୯୩୩ରେ ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ସାର ସାମୁଏଲ ହୋରଙ୍କୁ ସମ୍ବର୍ଦ୍ଧନା ଦେଇ ଯାହା କହିଥିଲେ ତାର ସାରମର୍ମ ହେଲା—

"ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ଘୋଷଣା କୋଟିଏ ଲୋକଙ୍କୁ ଆନନ୍ଦ ଦେଇଛି । ଏହି ପ୍ରାଚୀନ ସଭ୍ୟ ଜାତିକୁ ଗୋଟିଏ ପ୍ରଦେଶରେ ରଖି ସେମାନଙ୍କ ଉନ୍ନତିର ପଥରୋଧ

Digitized by srujanika@gmail.com

କରି ଦିଆଯାଇଛି । ପ୍ରଦେଶର ସୀମା ସରହଦ ବିଗ୍ଭର କଲାବେଳେ ଆମେ ଯେଭଳି ଆର୍ଥିକ ଦୁଃସ୍ଥିତିରେ ପଡ଼ି କେନ୍ଦ୍ର-ଅନୁଦାନକୁ ଚକାଇ ନ ରହିବୁ ସେଭଳି ବ୍ୟବସ୍ଥା କରିବା ଉଚିତ ।" ଇଂରଜି ବକ୍ତୃତାର କେତେକାଂଶ ଉଦ୍ଧୃତ ହେଲା—

SIR SAMUEL HOARE, LADIES AND GENTLMEN:—

I thank the Secretary of State for the opportunity he has given me to entertain him, and I thank you, ladies and gentlemen, for the manner in which you have responded to my invitation. I am only sorry that Lady Maud Harre was not able to come. I take this opportunity of thanking His Majesty's Government, and particularly Sir Samuel, for the great sympathy that has been shown to the long-neglected cause of the Oriyas, by the recent declaration that Orissa shall be constituted a separate Province, along with the inauguration of the new Reforms. By this declaration, the Secretary of State has pleased over ten millions of the Indian population, and I may assure you Sir Samuel, that you have won the loyalty and devotion of the Oriyas to the British Crown. I am sure, the Oriyas will cooperate and work the new Constitution in a friendly spirit. The Oriyas are a distinct race, with a culture, history, Language, and civilisation of their own, and they were in the unfortunate position of being divided in four Provinces, and in helpless minority in each. The agitation to uplift and unite the Oriyas is as old as the twentieth century, and I am glad to say, that in the hands of the able statesman, Sir Samuel Hoare, their cause has received the consideration it deserved.

The question of boundaries of the new Province is not only a matter of detail, but a problem of a rather complicated nature. I hope that this question also will be settled very soon, in a manner satisfactory to the Oriyas, so that the new Provience will be homogeneous, and the problem of Oriya minority will not arise in any other Province. Although we are grateful for the subvention from the Centre, particularly for the administration of the backward tracts, it is our ambition that the young Province of Orissa should not depend for ever on doles from the Centre, but should carve out her own destiny in the future Federation, and find fresh sources of income, to enable her to pay more attention to the Nation Building Departments. The Province can not achieve this object if some of the important trade routes and Railway communications, running through natural Orissa, are cut off from her.

Digitized by srujanika@gmail.com

ସାର ସାମୁଏଲ ହୋର ଉତ୍ତରରେ ଯାହା କହିଲେ ତାର ସାରମର୍ମ ହେଲା "ଦୁଇ ବର୍ଷ ପୂର୍ବେ ପ୍ରଥମେ ପାରଳାଖେମୁଣ୍ଡୀ ରଜା ଓଡ଼ିଆଙ୍କ ବିଷୟ ଗୋଲଟେବୁଲ ବୈଠକରେ ଉଠାଇଥିଲେ । ମାତ୍ର ଅତ୍ୟନ୍ତ ଲୋକେ ତାହାର ଗୁରୁତ୍ୱ ବୁଝିଲେ, ସେ ଆମ ଉପରେ ଯେଉଁ ପ୍ରଭାବ ପକାଇଥିଲେ, ଖଲିକୋଟ ରଜା ତାକୁ ବହୁଗୁଣିତ କଲେ ଓ ଆମର ହୃଦ୍‌ବୋଧ ହେଲା ଯେ ଷୋଡ଼ଶ ଶତକରୁ ଓଡ଼ିଆ ଜାତିକୁ ଯେଉଁଭଳି ଅଲଗା, ଶାସନାଧୀନ କରାଯାଇଛି, ତାହା ବାସ୍ତବିକ ଅସୁବିଧାକୁ ସୃଷ୍ଟି କରିଛି । ଏମାନଙ୍କୁ ଏକତ୍ରିତ କରିବାକୁ ହେବ ।

ଓଡ଼ିଆଙ୍କ ଇତିହାସ ଅତି ଉନ୍ନତ ଓ ହୃଦୟଗ୍ରାହୀ । ଏ ଜାତି ଖ୍ରୀଷ୍ଟଜନ୍ମର ବହୁ ଆଗରୁ ନିଜର ପ୍ରତିଷ୍ଠା ଓ ରାଜ୍ୟ ରକ୍ଷା କରି ପାରିଛି । ଏମାନଙ୍କ ରାଜ୍ୟ ପ୍ରଥମେ ମୋଗଲ ସାମ୍ରାଜ୍ୟ ଭୁକ୍ତ ହେଲା । ଏ ଭିତରେ ବହୁତ ସମୟ ଗଲାଣି । ତଥାପି ବହୁ ପ୍ରକାର ବାଧାବିଘ୍ନ ସତ୍ତ୍ୱେ ଓଡ଼ିଆମାନେ ସେମାନଙ୍କର ରୀତି ନୀତି ରକ୍ଷା କରି ଧର୍ମ ଜଗତରେ ଅନ୍ୟତମ ପ୍ରଧାନ ସ୍ଥାନ ଅଧିକାର କରିଛନ୍ତି ।

ମୋ ଦେଶର ସମସ୍ତେ ଜାଣନ୍ତି ନାହିଁ ଯେ ଓଡ଼ିଶାର ପୁରୀ, ଯେଉଁଠାରେ ମହାନ ଜଗନ୍ନାଥ ଦେବାଳୟ ରହିଛି, ଯାହା କି ଧାର୍ମିକ ଜନତାର ବିଶିଷ୍ଟ ଆରାଧନା କେନ୍ଦ୍ର ଅଟେ । ଶତାବ୍ଦୀ ପରେ ଶତାବ୍ଦୀ ଧରି ପୁରୁଷାନୁକ୍ରମେ ଅଗଣିତ ହିନ୍ଦୁ ଜନତା ଦେବଦର୍ଶନ ପାଇଁ ସେଠାରେ ରୁଣ୍ଡ ହୁଅନ୍ତି । ପ୍ରକୃତ ତତ୍ତ୍ୱ ବୋଧ କରି ନ ଥିବା ଇଂରାଜ ଲୋକେ ଜାଣନ୍ତି ଜଗନ୍ନାଥ ନରମେଧ ଯଜ୍ଞର ମୂର୍ତ୍ତିମାନ ପ୍ରତୀକ । ମାତ୍ର ଆଧୁନିକ ଐତିହାସିକମାନେ ଏକଥା ଭିତ୍ତିହୀନ ବୋଲି ଦର୍ଶାଇଛନ୍ତି । ପରନ୍ତୁ ପୁରୀ ଧର୍ମକ୍ଷେତ୍ର ରୂପେ ପୃଥିବୀର ଅନେକ ଆଦର୍ଶ ସ୍ଥାନ ଭିତରେ ଉଦାହରଣ ସ୍ୱରୂପ ରହିବ । ଜଗନ୍ନାଥ ମନ୍ଦିରରେ ଜାତିଭେଦ ପ୍ରଥା ନାହିଁ । ଏହି ପବିତ୍ର ଦେବାଳୟରେ ବ୍ରାହ୍ମଣ ତଥା ଅତି ନିମ୍ନ ବର୍ଣ୍ଣର ବ୍ୟକ୍ତି ଏକତ୍ର ପୂଜା-ଦର୍ଶନାଦି କରିବା ବ୍ୟବସ୍ଥା ରହିଛି । ମୁଁ ବୁଝୁଛି, ପୁରୀ ମନ୍ଦିରର ପ୍ରଭାବ ହିଁ ବିଭିନ୍ନ ଶାସନରେ ଖଣ୍ଡବିଖଣ୍ଡିତ ଓଡ଼ିଆ ଜାତିକୁ ଏକତା ସୂତ୍ରରେ ବାନ୍ଧି ରଖିଛି ଓ ସେମାନଙ୍କର ଭାଷା ତଥା ସଭ୍ୟତା ରକ୍ଷା ପାଇଛି । ମୁଁ ଆନନ୍ଦିତ ଯେ ପୁନଶ୍ଚ ସେମାନେ କେବଳ ଧାର୍ମିକ ଏକତା ନୁହେ ଶାସନଗତ ଏକତା ମଧ୍ୟ ପାଇଲେ । ଆର୍ଥିକ ପରିସ୍ଥିତିର ଅଭାବ ଅନୁଭୂତ ହେବ, ଯାହାକି ସବୁ ସରକାରଙ୍କ ଭାବନାର ବିଷୟ ।

ମୁଁ ଆନନ୍ଦିତ ଯେ ରଜାସାହେବ ତାଙ୍କ ଭାଷଣରେ କହିଛନ୍ତି ଯେ ଓଡ଼ିଆମାନେ ଅନ୍ୟର ଅନୁଦାନ ଉପରେ ନିର୍ଭର କରିବା ଇଚ୍ଛା କରନ୍ତି ନାହିଁ । ଅଳ୍ପ ସମୟ ମଧ୍ୟରେ ସେମାନେ ଆତ୍ମନିର୍ଭରଶୀଳ ହୋଇ ପାରିବେ । ମୁଁ ସେହିକଥା ହେଉ ବୋଲି ଭାବୁଛି, କାରଣ ମୁଁ ନିଶ୍ଚିତ ଭାବେ ଜାଣେ ଯେ ପ୍ରଦେଶଟି ଆର୍ଥିକ ସାହାଯ୍ୟ ପାଇଁ ଅଧିକ କାଳ କାହାକୁ ଚାହିଁବ ନାହିଁ । ଯାହା କି ରାଷ୍ଟ୍ରସଂଘ ସରକାର ଓ ସେହି ପ୍ରଦେଶ ସମସ୍ତଙ୍କ ପକ୍ଷେ

Digitized by srujanika@gmail.com

ହିତକର ହେବ । ମୋର ଆଶା ସେମାନେ ତାଙ୍କର ସାଂସ୍କୃତିକ ଅଭିବୃଦ୍ଧି ସହିତ ଦେଶର ଅନ୍ୟମାନଙ୍କ ସହିତ ସହଯୋଗ କରି ଭରତ ସଂଘ ଗଠନରେ ଯଥାର୍ଥ ଭଗ ନେବେ ।

ମୋର ଆଶା ପ୍ରଦେଶମାନେ ନଜର ଉନ୍ନତି ସହିତ ସମଗ୍ର ଭରତର ଉନ୍ନତିରେ ସହାୟକ ହେବେ । ଭବିଷ୍ୟତରେ ଭରତର ଅଙ୍ଗ ପ୍ରଦେଶମାନେ ଏକତାଠାରୁ ବିଭେଦ ଅଧିକ ଦେଖାଇଲେ ମଧ୍ୟ ଗଷ୍ଟ୍ରତନ୍ତ୍ରରେ ଏକତା ଅଧିକ ରଖିବେ । ଓଡ଼ିଆମାନେ ଏଭଳି ଦୃଷ୍ଟି ଦେବେ ଯେପରି କି ସେମାନଙ୍କ ଐତିହାସିକ କାର୍ଯ୍ୟଧ୍ୱଏ ଗଷ୍ଟ୍ରତନ୍ତ୍ରର ମୂଳଦୁଆ ହେବ ଓ ସେମାନେ ଭରତ ସରକାରଙ୍କ ଉନ୍ନତଶୀଳ ଯୋଜନାରେ ଆବଶ୍ୟକୀୟ ଭଗ ନେବେ ।

ଏ ସମ୍ବନ୍ଧ ରେମାର ବନ୍ଧୁଙ୍କ ପୁରୁଷାନୁକ୍ରମିକ ପୂର୍ବ କାର୍ଯ୍ୟ ସବୁ ସ୍ମରଣ କରଇ ଦେବା ଇଛାକରେ । ତାଙ୍କର ସ୍ୱର୍ଗତ ପିତା ଅନ୍ୟତମ ଶ୍ରେଷ୍ଠ ଓଡ଼ିଆ ନେତା ଯେ କି ଓଡ଼ିଆଙ୍କୁ ଏକ ଶାସନାଧୀନ କରିବା କାର୍ଯ୍ୟରେ ମନ ଦେଇ ଲଗିଥିଲେ । ସେ ହିଁ ପ୍ରଥମ ନେତା ଯେ କି ଏ କାର୍ଯ୍ୟକୁ ଆଗେଇ ନେଇଥିଲେ । ମୁଁ ବଂଶ ପରମ୍ପଗ ଉପରେ ବିଶ୍ୱାସ କରେ । ତେଣୁ ମୁଁ ଆନନ୍ଦିତ ଯେ ଗଜାସାହେବ ପର୍ବ ପୁରୁଷଙ୍କ କାର୍ଯ୍ୟର ଅନୁସରଣ କରୁଛନ୍ତି । ସର୍ବସାଧାରଣଙ୍କ କାର୍ଯ୍ୟରେ ପିତାଙ୍କ ପରେ ପୁତ୍ର ଲଗିପଡିବା ଉତ୍ତମ କଥା ।

ଆମର ବନ୍ଧୁ (Host ଭୋଜ୍ୟଦାତା) ଭରତୀୟ ଭୂସ୍ୱାମୀମାନଙ୍କ ମଧ୍ୟରେ ଅନ୍ୟତମ ପ୍ରଧାନ ପ୍ରତିନିଧି, ଆପଣମାନେ ମୋ ସହିତ ଏକମତ ହେବେ ଯେ ଯାହା କିଛି ଯୋଜନା ଭବିଷ୍ୟତ--ଭରତ ସରକାରଙ୍କ ନମନ୍ତେ ହେବ । ସେଥିରେ ଭୂସ୍ୱାମୀମାନେ ଯେଉଁମାନେ କି ଭରତର ପ୍ରଧାନ ଜୀବିକା (କୃଷି)ର ପ୍ରତିନିଧି ସେମାନେ ବିଶେଷ ଭଗ ନେବାକୁ ପଡ଼ିବ । ମୁଁ ସେହିମାନଙ୍କୁ ପୂର୍ବ ଇତିହାସ ଅନୁଧ୍ୟାନ ପୂର୍ବକ ଭରତୀୟଙ୍କ ଜୀବନଯାତ୍ରାରେ ନିଜକୁ ସମ୍ପୃକ୍ତ କରି ଗଜନୀତିରେ ଅଂଶ ଗ୍ରହଣ କରିବେ ବୋଲି ଅନୁରୋଧ କରୁଛି ।

ଗଜାସାହେବ ଲୋକ ପ୍ରତନିଧି ଅନୁଷ୍ଠାନମାନଙ୍କରେ ସମ୍ପୃକ୍ତ ହେବା ବିଶେଷ ସନ୍ତୋଷପ୍ରଦ । ସେ ତାଙ୍କ ଜିଲ୍ଲାବୋର୍ଡର ଅଧ୍ୟକ୍ଷ ଓ ନାନା ଭବରେ ସର୍ବସାଧାରଣ କାର୍ଯ୍ୟରେ ଭଗ ନେଉଛନ୍ତି ।

ଗଜାସାହେବ କହଲେ, ଆମର ଗୋଲଟେବୁଲ ଘୋଷଣା କୋଟିଏ ଓଡ଼ିଆଙ୍କୁ ସନ୍ତୋଷ ଦେବ । ମୁଁ ଏହା ମନେ ରଖିଛି । ମୁଁ ଆଶାୟୀ ନ ଥିଲି ଯେ ଏଭଳି କିଛି ଘୋଷଣା କୋଟିଏ ଲୋକଙ୍କ ସନ୍ତୋଷ ବିଧାୟକ ହେବ ବା ନ ହେବା ଭଳି ଗୋଲଟେବୁଲରୁ ଉପୁଜିବ । ଆମେ ନାନା ପ୍ରକାର ସମ୍ମିଳନୀ କରୁଛୁ । ଏପରି କି ସପ୍ତାହରେ ଦୁଇଥର ତିନିଥର ବସୁଛୁ । କାହାକୁ ପୂର୍ଣ୍ଣ ସନ୍ତୋଷ ଦେଇ ପାରୁ ନାହୁଁ । ଯଦି କୋଟିଏ ଓଡ଼ିଆ

Digitized by srujanika@gmail.com

ଏକତ୍ରିତ ହେବା ନିମନ୍ତେ ସନ୍ତୋଷ ଲାଭ କଲେ, ତେବେତ ଆମେ ସଫଳତା ସହ ସମ୍ମିଳନୀ କାର୍ଯ୍ୟ କଲୁ ବୋଲି ଭାବିବୁ । ମୋର ଅନୁଭୂତିରୁ କହିପାରେ ଏହାହିଁ ଗତ ପନ୍ଦର ବର୍ଷରେ ସନ୍ତୋଷପ୍ରଦ ଘଟନା । (ହର୍ଷଧ୍ୱନି) ।

(ସାର ସାମୁଏଲ ହୋରଙ୍କ ଇଂରାଜୀ ଭାଷଣର କେତେକାଂଶ)

"Two years ago, when the Rajah of Paralakimedi first came to put the case of the Oriyas to the British Goverment and the Round Table Conference, very few people realised the importance of the subject. He impressed this importance upon us, and now, in the last few weeks, the Rajah of Khallikote has reinforced the arguments he advanced and has convinced us that the time has come to reunite the Oriya population in one administration and to give them once again the chance to develop on the distinct lines they followed as a people until the sixteenth century. The Oriyas are under a great obligation to their distinguished representatives who have stated their case to us during the last two years. The history of the Oriyas is a very interesting history, particularly to a Conservative like myself. It extends, not only over centuries, but over thousands of years, for it began well before the Christian era, and the Oriyas stand their own distinctive Government until the sixteenth century, when they were first conquered by the Moghul Empire. In the long period which has since elapsed, in spite of many difficulties, the Oriyas have maintained their traditions and have kept their place as one of the great religious communities of the world. It may not be known to all my fellow-countrymen that Puri, in Orissa, with its great Temple of Juggannath is one of the great centres of religious devotion and pilgrimage, to which, generation after generation and century after century multitudes of Hindu people have continuoulsy flocked. To the uninformed Englishman the name of Jaggannath is associated by tradition with some form of human sacrifice,but I am told by modern historians that those ideas have no foundation in fact. On the contrary, Puri has been an example to many other places in the world, for at the Temple of Jaggannath there are no distinctions between caste and caste, between one Hindu and another. The sanctity of the temple is so great that the high caste Brahmin and the lowest caste sweeper may, without danger to their faith, partake in the most secred rites. I can imagine that this religious influence of Puri has been no inconsiderable factor in keeping closely together the administratively divided Oriya population. Since the sixteenth centry these people have been divided between several administrations, and I can imagine that it was this religious tradition which kept them together in a distinct language and civilisation. I am glad to think that now once again they are to have the opportunity to

Digitized by srujanika@gmail.com

enjoy not only religious but administrative unity. There will be difficulties to face, and particularly that which confronts all govenments at the present time—that of finance. I was glad to note that the Rajah Sahab in his speedch said that the Oriyas had no intention of remaining upon a dole from anyone and that they hoped at no distant t date to be self-supporting. I am glad to receiprocate that hope, for feel sure that the sooner the Province can support themselves without help from the centre the better it will be for the Federal Government of India and for themselves. I hope also that, whilst developing to the fullest possible extent their own distinctive cultural life, they will not develop separatist tendencies, but that, on the contrary, they will take a prominent and useful part in the work of the All-India Federation. I think it is very important for the fullest development and progress of the Provinces that they should do so. I hope that in the future, through the units of the Federation, India will show greater diversity and less uniformity than in recent years, along with firm unity in the Federation. I believe the Oriyas will apporach the problems of Indian Government from this angle—the full development of their own historic features on the basic foundation of an All-India Federation —and will play a very useful part in the scheme of Government for India which we have been developing.

In this connection I am pleased to recall that our host has an hereditary interest in this question. His late father was one of the most prominent Oriyas in recent times and pressed the scheme for a distinct Orissa administration, being, indeed, one of the first public men to bring it forward. I believe in heredity, and I am glad to see the Rajah Saheb carrying on this family tradition. It is always good when the son carries on the public work of his father. Our host is of one the most prominent representatives of Indian landowners,and you will agree with me that it is most important that in any scheme for a future Indian Government the landowners, representatives of the greatest ind stry of India, should play a really prominent part. I would venture to suggest to them to look back on the history of the landowning classes in this country in order to note the way in which they can make their influence felt in Indian public life by entering it themselves and taking their share in the day by day affairs of politics. It is a matter of great satisfaction to see that this is just what the Rajah Saheb has done. He is the chairman of the district board in t his part of the country and in ma ny ways has taken part in public affairs.

In this connection, I must note the observation of the Rajah Saheb, that the ten million Oriyas are completely satisfied with the results of the Round Table Conference. In my most hopeful moments

Digitized by srujanika@gmail.com

I never expected that ten million people would be satisfied with anything we might do, or might not do, at a conference. We have been having conferences of all kinds, as it seems to me, sometimes at the rate of two or three a week without giving complete satisfaction to any one. If ten millions of reunited Oriyas are satisfied, this will have been the most successful conference that has taken place, in my experience, in the last fifteen years. ( Langhter and applause ).

ଏହି ଐତିହାସିକ ଘୋଷଣାରେ ଆନ୍ଧ୍ରମାନଙ୍କ ମଧ୍ୟରେ ଚହଳ ପଡ଼ିଗଲା । ସେମାନେ ପାରଳାଖେମଣ୍ଡୀ ତଥା ଜୟପୁର କିଭଳି ଓଡ଼ିଶାକୁ ନ ଯିବ ସେଥିପାଇଁ ପ୍ରାଣପଣେ ଲାଗିଗଲେ । ଖଲ୍ଲିକୋଟ ରଜାଙ୍କ କାର୍ଯ୍ୟଦକ୍ଷତା ସାରା ଦେଶରେ ପ୍ରଶଂସିତ ହେଲା । ଶହ ଶହ ଅଭିନନ୍ଦନ ବାର୍ତ୍ତା ତାର ଓ ଡାକରେ ତାଙ୍କୁ ମିଳିଥିଲା ।

ପାରଳାଖେମୁଣ୍ଡୀ ରଜା ଆନନ୍ଦ ପ୍ରକାଶ କରି ଯେଉଁ ତାରବାର୍ତ୍ତା ଦେଇଥିଲେ ତାହା ଉଲ୍ଲେଖ କରାଗଲା ।

Rajah Khallikote.
Deligate R· T. Conference.
London.

Your speech seventh, Heardty Congratulation. Much gratified keep it up old boy. Despatched copies Mail sixth Hindu fourth for Circulation with a note deputation group. Dont ignore south and Singhbhum.

Parlakhemidy
8-12-32

ଭବାର୍ଥ—ଆପଣଙ୍କ ସାତ ତାରିଖ ଭାଷଣ ପାଇଁ ଆନ୍ତରିକ ଅଭିନନ୍ଦନ ଜଣାଉଛି । ବିଶେଷ ଉପକୃତ ହେଲି । ଏଭଳି ଗୁଲୁ (ମାନ୍ଦ୍ରାଜ) ମେଲ୍ ୬ ତାରିଖ ତଥା ହିନ୍ଦୁ ୪ତାରିଖର ଏବଂ ପ୍ରତିନିଧିମାନଙ୍କ ଆଲୋଚନା ପ୍ରଗ୍ରର ନିମନ୍ତେ ପଠାଇଲି । ଦକ୍ଷିଣ ଅଞ୍ଚଳ ତଥା ସିଂହଭୂମି କଥା ଅବହେଳିତ ନ ହେଉ ।

ପୁନଶ୍ଚ ଅପର ଅଭିନନ୍ଦନ ବାର୍ତ୍ତା ପାରଳାଖେମୁଣ୍ଡି ରଜା ୩।୧୨।୩୨ରେ ପଠାଇଥିଲେ ।

My dear Khallikote

Hearty congratulations on your most wonderful and historical achievement for the Oriyas. I do hope you got my cable and will stay on until the details are worked out.

Dont go back upon your evidence before the O'donel Committee at Gopalpur under any circumstances i. e. you dont want me to be left behind and the rest of Ganjam to go to Orissa. Dont you think it will

Digitized by srujanika@gmail.com

be hopelessly uncharitable to leave me now where I am, after utilising my service to this extent ? If you find it inconvient to stay until the details are worked out you should prevail upon Mr.B.Das at least to stay on there, we shall of course find his future expenses. I am on my way back from Ranchi.

With warmost and renewal congratulations

Your's Very Sincerely
((Sd)
Raja Parlakinedy

ଭବାର୍ଥ—ଓଡ଼ିଆଙ୍କ ନିମନ୍ତେ ଆପଣଙ୍କ ବିସ୍ମୟୋତ୍ପାଦକ ଓ ଐତିହାସିକ ସଫଳତା ଲାଗି ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରୁଅଛି । ମୋର ବିଶ୍ୱାସ ଆପଣ ମୋତେ 'କେବଲ' ପାଇଛନ୍ତି ଏ ଏିନକିନ ଭବେ ସବ୍ ବିଷୟ ନିଷ୍ପତ୍ତି ହେବା ଯାଏ ରହିବେ ।

ଗୋପାଳପୁରଠାରେ ଆପଣ ଓଡ଼ନେଲ କମିଟି ଆଗରେ ଯେଉଁ ପ୍ରମାଣ ଦେଇଥିଲେ, ଯେ କୌଣସି ଅବସ୍ଥାର ସମ୍ମୁଖୀନ ହେଲେ ସୁଦ୍ଧା ସେଥିରୁ ପଛଘୁଞ୍ଚା ଦେବେ ନାହିଁ । ମୋତେ ଛାଡ଼ି ଦେଇ ଗଞ୍ଜାମ ଓଡ଼ିଶାକୁ ନେବାକୁ କଦାପି ଇଚ୍ଛା କରିବେ ନାହିଁ । ଆପଣ କଣ ଭବୁ ନାହାନ୍ତି ମୁଁ ଓଡ଼ିଶାର ଯେ ସେବା କରିଛି ସେଥିରେ ମୋତେ ଛାଡ଼ି ଗ୍ଲଲିଂ ଯିବା ବିଶେଷ ଅନୁଦାରତା ହେବ ନାହିଁ ?

ଯଦି ସମସ୍ତ କାଯ୍ୟ ଖନ୍‌ଭନ୍ ଭବେ ତୁଟାଇବା ଯାଏ ସେଠ ରହବା ଅସୁବିଧ ଭବିବେ ତେବେ ଶ୍ରୀ ବି. ଦାସ ଙ୍କ ଉପରେ କାର୍ଯ୍ୟନ୍ୟସ୍ତ କରନ୍ତୁ, ସେ ଶେଷଯାଏ ରହନ୍ତୁ ତାଙ୍କର ବ୍ୟୟଭର ଆମେ ତୁଲଇବା ।

ମୁଁ ରାଞ୍ଚିଠାରୁ ଘରକୁ ଫେରୁଛି । ପୁନବାର ହାର୍ଦ୍ଦ କ ଅଭନନ୍ଦନ ଦେଇ ରହିଲି ;

ଆପଣଙ୍କ ପରମ ବିଶ୍ୱସ୍ତ
ସ୍ୱାକ୍ଷରିତ·
(ରଜା ପାରଳାଖେମୁଣ୍ଡି)

## ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି

୧୯୩୩ ମସିହାରେ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି ଆଗରେ ସାକ୍ଷ୍ୟ ଦେବା ପାଇଁ ରଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ପୁଣି ଲଣ୍ଡନ ଗଲେ । ସେଇଠି ଓଡ଼ିଶାର ସୀମା ପ୍ରଶ୍ନ ଉଠାଇ ଜୟପୁର ଓ ପାରଳାଖେମୁଣ୍ଡି ଓଡ଼ିଶାରେ ମିଶାଇ ଦେବା ପାଇଁ ଅକାଟ୍ୟ ଯୁକ୍ତି ଦେଲେ । ସର୍ବଶ୍ରୀ ଭୁବନାନନ୍ଦ ଦାସ, ଲିଙ୍ଗରାଜ ପାଣିଗ୍ରାହୀ ଲଣ୍ଡନରେ କର୍ତ୍ତୃପକ୍ଷଙ୍କୁ

Digitized by srujanika@gmail.com

ଓଡ଼ିଶାର ସୀମା ନର୍ଦ୍ଧାରଣରେ ନ୍ୟାୟୋଚିତ ପନ୍ଥା ଗ୍ରହଣ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ । ରଜାଙ୍କ ସେକେଟରୀ ଶ୍ରୀ ଜଗନ୍ମୋହନ ପଟ୍ଟନାୟକ ମଧ୍ୟ ବହୁ ପରିଶ୍ରମ କରିଥିଲେ ।

ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ହରିହରଙ୍କ ଏକମାତ୍ର ପୁତ୍ର, ଜନ୍ମ ତା ୧୩।୧।୧୯୦୦ ମସିହା । ନବମବର୍ଷରେ ପିତୃହୀନ । ମାନ୍ଦ୍ରାଜ ନିଉଇଙ୍ଗଟନ କଲେଜରେ ଶିକ୍ଷା ଲାଭ । ବି.ଏ. ପରୀକ୍ଷା ଆଗରୁ ୧୯୨୧ରେ ରାଜଗାଦୀ ପ୍ରାପ୍ତି ।

୧୯୨୨ଠାରୁ ଗଞ୍ଜାମ ଜିଲ୍ଲା ବୋର୍ଡ଼ ସଭାପତି ରୂପେ ଜିଲ୍ଲାର ବହୁ ଉନ୍ନତି-ଜନକ କାର୍ଯ୍ୟ କଲେ । ୧୯୨୩ଠାରୁ ମାନ୍ଦ୍ରାଜ ଲାଟସଭା ସଦସ୍ୟ ହେଲେ । ପିତାଙ୍କ ସ୍ଥାପିତ ଖଲିକୋଟ-କଲେଜ (ବ୍ରହ୍ମପୁର)କୁ ପ୍ରଥମ ଶ୍ରେଣୀରେ ପରିଣତ କଲେ । ୧୯୨୭ରେ ମହାତ୍ମା-ଗାନ୍ଧିଙ୍କୁ ଅତିଥି ରୂପେ ରମ୍ଭା ରାଜପ୍ରାସାଦରେ ରଖିଥିଲେ । ୧୯୩୨ରେ ଗୋଲଟେବୁଲ ବୈଠକରେ ଯୋଗ ଦେଇ ଓଡ଼ିଶା ପ୍ରଦେଶ ଦାବୀ ଉଠାଇ ଘୋଷଣା କରାଇଥିଲେ । ୧୯୩୩ରେ ପାର୍ଲାମେଣ୍ଟାରୀ କମିଟିରେ ସାକ୍ଷ୍ୟ ଦେଲେ । ୧୯୩୯ରେ ରାଜ୍ୟ ରକ୍ଷା କାଉନ ସିଲରେ ସଭ୍ୟ ହେଲେ । ଓଡ଼ିଶା ମନ୍ତ୍ରିମଣ୍ଡଳରେ ୧୯୫୯ରେ କିଛିକାଳ ଥିଲେ । ଫିଲିପ୍ ଡଫ୍ କମିଶନ ନିଯୁକ୍ତିଠାରୁ ସେ ଉତ୍କଳ-ଏକତ୍ରୀକରଣ ଓ ସ୍ୱତନ୍ତ୍ର ପ୍ରଦେଶ ଦାବୀରେ ଲାଗି-ଥିଲେ । ତାଙ୍କର ଲୋକପ୍ରିୟତା ଲାଗି ସରକାର ୧୯୩୪ରେ ବଂଶାନୁକ୍ରମିକ ରାଜା ଉପାଧି ; ୧୯୩୭ରେ ରାଜାବାହାଦୂର ଉପାଧି ଦେଲେ । ସେ 'ସାର' ଉପାଧିମଧ୍ୟ ପାଇଥିଲେ । ତାଙ୍କର ମୃତ୍ୟୁ ୨୩।୧।୧୯୬୩ରେ ହୋଇଗଲା ।

## ଓ୍ୱାଡ଼ାକ୍ କମିଟି

ଓଡ଼ିଶା ଗଠନ ନିମନ୍ତେ ସାର ଜନ ହବାକଙ୍କ ସଭାପତିତ୍ୱରେ କମିଟି ଗଠିତ ହୋଇ ସୀମା ସମସ୍ୟା ଓ ଆର୍ଥିକ ପରିସ୍ଥିତିର ବିଚାର ପାଇଁ ରମ୍ଭାଠାରେ ତା ୬।୧୦।୧୯୩୩ରେ ବୈଠକ ବସିଲା । ଏଥିରେ ସର୍ବଶ୍ରୀ ନିଉସାମ୍ (ଜିଲ୍ଲା ଜଜ୍) ମଧୁପୁର ରାଜା, ରାୟବାହାଦୂର ଲୋକନାଥ ମିଶ୍ର ଓ ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି ଯୋଗ ଦେଇଥିଲେ । କମିଟି ରାଜା-ବାହାଦୂରଙ୍କଠାରୁ ବହୁ ତଥ୍ୟ ସଂଗ୍ରହ କରିଥିଲେ । ଦକ୍ଷିଣ ଓଡ଼ିଶାର ପରିତ୍ୟକ୍ତ ଅଞ୍ଚଳ ସମ୍ବନ୍ଧେ ସର୍ବଶ୍ରୀ ଜୟମଙ୍ଗଳ ରଥ, କବିରାଜ କାମାକ୍ଷୀପ୍ରସାଦ ଶର୍ମା ଓ କବିରାଜ ମଧୁସୂଦନ ଶର୍ମା ବହୁ ତଥ୍ୟପୂର୍ଣ୍ଣ ଦାବୀ ଜଣାଇଥିଲେ ।

ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି ଏମ୍.ଏଲ୍.ସି. ବିହାର-ଓଡ଼ିଶା ବିଧାନସଭାର ଡେପୁଟି–ପ୍ରେସିଡେଣ୍ଟ ତାଙ୍କର ବହୁତଥ୍ୟ ପୂର୍ଣ୍ଣ ''ମେମୋରାଣ୍ଡମ ଅନ ଓରିଶା କୋଷ୍ଚିନ୍ସ ( Memorandum on Orissa questions ) କମିଟିକୁ ଦେଇଥିଲେ । ସେ ଦର୍ଶାଇଥିଲେ ଯେ ଓଡ଼ନେଲ କମିଟିର ଅନ୍ୟ ସଦସ୍ୟ ଦ୍ୱୟ ସର୍ବଶ୍ରୀ ତରୁଣରାମ ଫୁକେନ ଓ ଏନ୍.ଏମ୍. ମେହେଟା ଶ୍ୱେତପତ୍ରରେ ସେମାନଙ୍କର ସୁପା-

Digitized by srujanika@gmail.com

ଗିଶର ବିପରୀତ ବିଗ୍ରର ଦେଖି ଦୁଃଖପ୍ରକାଶ କରିଛନ୍ତି । ତେଣୁ ଏ ଉଭୟ ଗଜ୍ୟ ଓଡ଼ିଶାରେ ଅନ୍ତର୍ଭୁକ୍ତ କଗଯିବା ଉଚିତ ।

## ତ୍ରୟୋବିଂଶତ ଅଧିବେଶନ

ଏ ଅଧିବେଶନ ୧୯୩୩ ମସିହାରେ ବ୍ରହ୍ମପୁରଠାରେ ପାରଳାଖେମୁଣ୍ଡି ମହାଗଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାଗୟଣଦେବଙ୍କ ସଭପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପାରଳା ଓ ଜୟପୁର ଉଭୟ ଗଜ୍ୟକୁ ଓଡ଼ିଶାରେ ଅନ୍ତର୍ଭୁକ୍ତ କରିବା ପାଇଁ ଦୃଢ଼ଦାବୀ କଗଗଲା । ଏ ଦୁଇ ଗଜ୍ୟ ବିନା ଓଡ଼ିଶା ଗଠନ ନିରର୍ଥକ ବୋଲି ପ୍ରସ୍ତାବ ଗୃହୀତ ହେଲା ।

## ମାନ୍ଦ୍ରାଜକାଉନସିଲରେ ଶ୍ୱେତପତ୍ର ପ୍ରସଙ୍ଗ

ଗଜା ଗମଚନ୍ଦ୍ର ଶ୍ୱେତପତ୍ର (White Paper) ବିଷୟରେ ମାନ୍ଦ୍ରାଜ କାଉନ୍‌ସଲରେ ତା ୨୩।୩।୩୩ରେ ଯାହା କହିଥିଲେ ତାର ସାରମର୍ମ ହେଲା ଯେ ବ୍ରିଟିଶ ସରକାର ଆମ ଦାବୀ ପୂରଣ କଲେ ମାତ୍ର ଗ୍ୱରିଟି ପ୍ରଦେଶରେ ପଡ଼ିଥିବା ଓଡ଼ିଆଙ୍କ ଏକତ୍ରୀ-କରଣବେଳେ ସୀମାସରହଦ୍‌କୁ ନେଇ ପ୍ରାଦେଶିକ ସରକାରମାନେ ନ୍ୟାୟଦେବା ସମ୍ଭବ ନୁହେ । ଅଳ୍ପ ଦିନ ପୂର୍ବେ ଆପଣମାନେ ଏଠି ସ୍ଥିର କଲେ ଯେ ଋଷିକୁଲ୍ୟା ନଦୀର ଦକ୍ଷିଣସ୍ଥ କୌଣସି ଅଂଶ ଓଡ଼ିଶାକୁ ଯିବ ନାହିଁ । ଏହାଠାରୁ ଭଳି ଶୋଚନୀୟ କଥା ଆଉ କ'ଣ ଅଛି ?

ଓଡ଼ିଆ ଆନ୍ଦୋଳନର ଜଣେ ମୁଖ୍ୟ ନେତା ପାରଳାର ଗଜା ପ୍ରଥମ ଗୋଲ-ଟେବୁଲ ସମ୍ମିଳନୀରେ ଯେଉଁ ସବୁ ଆଲୋଚନା ଚଳାଇଲେ ତାକୁ ଅବହେଳା କରି ସେ ଗଜ୍ୟକୁ ଓଡ଼ିଶାରେ ନ ମିଶିବା ଶ୍ୱେତପତ୍ରରେ ଉଲ୍ଲେଖ ରହିବା ଦୁଃଖର କଥା । ଜୟପୁରର ଗଜା ତଥା ପ୍ରଜା ସମସ୍ତେ ଓଡ଼ିଆ । ଓଡ଼ନେଲ କମିଟି ଜୟପୁର ମିଶିବା ସପକ୍ଷରେ ମତ ଦେବା ସତ୍ତ୍ୱେ ଗଜ୍ୟକୁ ନ ମଶାଇବା ନିନ୍ଦାର କଥା । ଉପକୂଳ ଅଞ୍ଚଳରେ ମଞ୍ଜୁଷା, ଟିକାଲି, ତରଳା ଆଦି ଅଞ୍ଚଳ ଛାଡ଼ିଦେବା ଫଳରେ ଓଡ଼ିଶାକୁ ଗ୍ରୀଷ୍ମନିବାସଟିଏ ମିଳିବା ସମ୍ଭବ ନୁହେ, ସିଂହଭୂମି ଓ ମେଦିନୀପୁରର ଓଡ଼ିଆ ଅଞ୍ଚଳ ଛାଡ଼ି ଦିଆଯାଇଛି । ଯାହା ହେଉ, ଯେତିକି ମିଳିଲା, ତାକୁ ନେଇ କାର୍ଯ୍ୟକାରୀ କରିବାକୁ ହେବ ।

× × × ×

ମୋର ଆଶା, ସୀମା ବିଗ୍ୱରବେଳେ ଆମର ଦାବୀର ନ୍ୟାୟବିଗ୍ୱର ମାନ୍ଦ୍ରାଜ

(ପରିଶିଷ୍ଟରେ ଇଂରାଜୀ ବକ୍ତୃତାର କେତେକ ଅଂଶ ଦିଆଯାଇଛି)

Digitized by srujanika@gmail.com

## ଚତୁର୍ବିଂଶତି ଅଧିବେଶନ

ଏହି ଅଧିବେଶନ ୧୯୩୪ରେ କଟକଠାରେ ବ୍ରହ୍ମପୁରର ଆଡ଼ଭୋକେଟ ମଧୁସୂଦନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଓଡ଼ିଶାର ସୀମା ବିଷୟ ନେଇ ଆପତ୍ତି କରାଗଲା ।

## ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା

୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା, ଓଡ଼ିଶାର ପ୍ରଥମ ଲାଟ ହେଲେ ସାର ଜନ୍ ଅଷ୍ଟିନ୍ ହବାକ୍ । ବିଧାନସଭାରେ ୬୦ ଜଣ ସଦସ୍ୟ ରହିବା ସ୍ଥିର ହେଲା । ୧୯୩୬ ମସିହାରେ ବିଧାନସଭା ପାଇଁ ନିର୍ବାଚନ ହେଲା, କଂଗ୍ରେସ ଦଳ ୩୬ ସ୍ଥାନ ପାଇ ସଂଖ୍ୟାଗରିଷ୍ଠ ହେଲେ । କଂଗ୍ରେସ ଦଳର ନେତା ହେଲେ ଶ୍ରୀ ବିଶ୍ୱନାଥ ଦାସ, ତାଙ୍କୁ ମନ୍ତ୍ରିମଣ୍ଡଳ ଗଢ଼ିବାକୁ ଲାଟ ଅନୁରୋଧ କଲେ । ''ମନ୍ତ୍ରିମଣ୍ଡଳର ସୁପାରିଶ ଲାଟ ଗ୍ରହଣ କରିବାକୁ ବାଧ୍ୟ'' ଏ କଥା ନେଇ କଂଗ୍ରେସ ଦଳ ଓ ଲାଟଙ୍କ ମଧ୍ୟରେ ମତାନ୍ତର ହେତୁ କଂଗ୍ରେସ 'ମନ୍ତ୍ରିମଣ୍ଡଳ' ଗଠନ କଲା ନାହିଁ ।

## ପାରଳା ମନ୍ତ୍ରିମଣ୍ଡଳ

ଲାଟ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ମନ୍ତ୍ରିମଣ୍ଡଳ ଗଠନ ପାଇଁ ଅନୁରୋଧ କଲେ । ସେ ମାନଧାତା ଗୋଦାବରୀଶ ପଟ୍ଟନାୟକ ଓ ମୌଲାନା ଲତିଫୁର ରହମନଙ୍କୁ ନେଇ ୧।୪।୧୯୩୭ରେ ମନ୍ତ୍ରିମଣ୍ଡଳ ଗଠନ କଲେ । ସଂଖ୍ୟାଧିକ କଂଗ୍ରେସ ଦଳର ଏମାନଙ୍କ ପ୍ରତି ଆସ୍ଥା ନ ଥିବା ହେତୁ ବିଧାନସଭାର ବୈଠକ ଡକାଯାଇ ପାରିଲା ନାହିଁ ।

## କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ କଲେ

ବିଲାତ ସରକାରଙ୍କ ନିର୍ଦ୍ଦେଶକ୍ରମେ ଭାରତର ବଡ଼ଲାଟ ଲର୍ଡ଼ ଲିନଲିଥଗୋ ମନ୍ତ୍ରୀମାନଙ୍କ ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ଲାଟ ହସ୍ତକ୍ଷେପ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେବା ଫଳରେ ପାରଳା ମନ୍ତ୍ରିମଣ୍ଡଳ ଇସ୍ତଫା ଦେଲେ । କଂଗ୍ରେସ ୧୯୩୭ ଜୁଲାଇରେ ମନ୍ତ୍ରିମଣ୍ଡଳ ଗଢ଼ିଲେ । ଶ୍ରୀ ବିଶ୍ୱନାଥ ଦାସ ପ୍ରଧାନମନ୍ତ୍ରୀ, ଶ୍ରୀ ବୋଧରାମ ଦୁବେ ଓ ଶ୍ରୀ ନିତ୍ୟାନନ୍ଦ କାନନଗୋ ମନ୍ତ୍ରୀ ହେଲେ

ଏ ମନ୍ତ୍ରିମଣ୍ଡଳ ବନ୍ୟା ନିୟନ୍ତ୍ରଣ ପ୍ରତି ଦୃଷ୍ଟି ଦେଇ ଖ୍ୟାତନାମା ଇଞ୍ଜିନିୟର ସାର: ଏମ. ବିଶ୍ୱେଶ୍ୱରାୟାଙ୍କୁ ଅନୁସନ୍ଧାନରେ ନିଯୁକ୍ତ କଲେ । ସେ ମହାନଦୀରେ ହିରାକୁଦଠାରେ ବନ୍ଧ ପକାଇବା ପାଇଁ ସୁପାରିଶ କଲେ ।

Digitized by srujanika@gmail.com

# ଗଡ଼ଜାତରେ ପ୍ରଜାଆନ୍ଦୋଳନ

ଏ ମଧ୍ୟରେ ଗଡ଼ଜାତମାନଙ୍କରେ ପ୍ରଜାଙ୍କ ଆନ୍ଦୋଳନ ଆରମ୍ଭ ହେଲା । ବ୍ରିଟିଶ ରାଜ୍ୟସ୍ଥ ପ୍ରଜାମାନଙ୍କ ଅପେକ୍ଷାକୃତ ସ୍ୱାଧୀନତା ତଥା ଆର୍ଥିକ ସ୍ୱଚ୍ଛଳତା ଓ ଅନ୍ୟାନ୍ୟ କେତେକ କାରଣ ସେମାନଙ୍କ ମନରେ ରାଜଶାସନ ପ୍ରତି ବିତୃଷ୍ଣା ଆଣିଦେଲା । ଫଳରେ ପ୍ରଜାମେଳି ଆରମ୍ଭ ହେଲା ।

ବ୍ରିଟିଶ ଶାସିତ ଓଡ଼ିଶା ତୁଳନାରେ ରାଜ ଶାସତ ଗଡ଼ଜାତ ପ୍ରଜା ଯେ ଦୁଃଖ ଭୋଗୁଥିଲେ ଏହା ସରକାର ବୋଧ କରୁଥିଲେହେଁ ମଝିରେ ମଝିରେ ଶାସକଙ୍କୁ ସାମାନ୍ୟ ଡ଼ରାଇବା ଛଡ଼ା ଅଧିକ କିଛି କରୁ ନ ଥିଲେ । ଖୋଦ୍ ବଙ୍ଗଳା ପ୍ରଦେଶର ଚିଫ୍‌ସେକ୍ରେଟାରୀ (ଓଡ଼ିଶା ଡ଼ିଭିଜନ ବଙ୍ଗଳାରେ ଥିଲା ) ସାର ଗ୍ରିମ୍‌ସ ଏକ୍ ତାଙ୍କ ରିପୋର୍ଟରେ ଲେଖିଲେ "The whole question of the administration of these Orissa Mahals (States) seems to be unsatisfactory, and I am some times inclined to regret that they have not yet been declared to be British India. At present the whole thing is based on a fictitious assumption as Mr Macdonell points out and the result is that we flounder about in all illogical quagmire"

ସାରାର୍ଥ ହେଲା, ''ଗଡ଼ଜାତମାନଙ୍କର ପରିଚାଳନା ପ୍ରଣାଳୀ ସନ୍ତୋଷଜନକ ନୁହେଁ । ଦୁଃଖର ବିଷୟ ସେ ଗୁଡ଼ିକ ଏପର୍ଯ୍ୟନ୍ତ ବ୍ରିଟିଶ ଭାରତରେ ଅନ୍ତର୍ଭୁକ୍ତ ହେବା ଘୋଷିତ ହୋଇନାହିଁ । ସବୁକଥା ବର୍ତ୍ତମାନ ମାକ୍‌ଡ଼ୋନାଲ କହିବା ଭଳି କିମ୍ଭୂତ କିମାକାର ରୂପେ ଚାଲିଛି । ଆମେ ଯୁକ୍ତିହୀନ ଓ ଅନାବଶ୍ୟକ ବିଷୟ ନେଇ ଘାଣ୍ଟି ହେଉଛୁ ।''

ବଙ୍ଗଳାର ଲାଟମାନେ ଗଡ଼ଜାତ ସବୁ ବ୍ରିଟିଶ ଶାସିତ ରାଜ୍ୟ ହୋଇଗଲେ ପ୍ରଜାଙ୍କ ଅବସ୍ଥା ଭଲ ହେବ ବୋଲି ମତ ଦେଇଥିଲେ ।

କଲିକତା ହାଇକୋର୍ଟ ମଧ୍ୟ ଓଡ଼ିଶା ଗଡ଼ଜାତମାନଙ୍କୁ ବ୍ରିଟିଶ ଆଇନ ଅଧୀନକୁ ନେବାକୁ ଇଚ୍ଛା କରିଥିଲେ, କିନ୍ତୁ ଭାରତର ସେକ୍ରେଟାରୀ ରାଜାମାନଙ୍କ ଶାସନରେ ଆଞ୍ଚ ଆଣିବାରେ ପଶ୍ଚାତ୍‌ପଦ ହେଲେ । ଫଳରେ ଅନ୍ଧାରି ଶାସନ ଚାଲୁ ରହିଲା । ପ୍ରଜାଙ୍କ ଗୁହାରି କେହି ବୁଝିଲେ ନାହିଁ । ଆଶ୍ଚର୍ଯ୍ୟ କଥା, ବ୍ରିଟିଶ ସରକାର ପ୍ରଜାଙ୍କ ଦୁର୍ଦ୍ଦଶା ବୁଝିବା ପାଇଁ ଯେଉଁ ବଟଲର କମିଶନ ବସାଇଲେ ସେ ପ୍ରଜାଙ୍କ ଦାବୀକୁ ବେଖାତିର କରି ରାଜାମାନଙ୍କୁ ଅଧିକ ଅଧିକାର ଓ ସୁବିଧା ଦେବାପାଇଁ ୧୯୩୭ ମସିହାରେ ନୂଆ ସନନ୍ଦ ଦେଲେ ।

ଗଡ଼ଜାତମାନଙ୍କର ଅବସ୍ଥା ବୁଝିବା ନିମନ୍ତେ ନିଖିଳ ଭାରତ କଂଗ୍ରେସ କମିଟି ପଣ୍ଡିତ ଜବାହାରଲାଲଙ୍କ ଅଧ୍ୟକ୍ଷତାରେ ''ଷ୍ଟେଟ ପିପୁଲସ୍ ଷ୍ଟାଣ୍ଡିଂ କମିଟି

Digitized by srujanika@gmail.com

ଗଠନ କଲା । ଓଡ଼ିଶା ତରଫରୁ ଶ୍ରୀ ସାରଙ୍ଗଧର ଦାସ ଏହି କମିଟିରେ ରହିଲେ । ଏହା ଆଗରୁ ୧୯୩୧ ମସିହାରେ ଗଡ଼ଜାତ ପ୍ରଜାଙ୍କ ସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ ଶ୍ରୀ ରାଧାନାଥ ରଥ (ଆଠଗଡ଼) ଓ ଶ୍ରୀ ବାଲୁକେଶ୍ୱର ଆଚାର୍ଯ୍ୟ, ବୈଦ୍ୟରତ୍ନଙ୍କ (ହିନ୍ଦୋଳ) ଉଦ୍ୟମରେ 'ଗଡ଼ଜାତ ପ୍ରଜା ସମ୍ମିଳନୀ' ଗଠିତ ହୋଇଥିଲା । ଏଥିରେ ସର୍ବଶ୍ରୀ ମଧୁସୂଦନ ପଟ୍ଟନାୟକ (ତିଗିରିଆ), ଗୋବିନ୍ଦଚନ୍ଦ୍ର ମିଶ୍ର (ଦଶପଲ୍ଲା) ସହଯୋଗୀ ଥିଲେ । ଶ୍ରୀ ଭୁବନାନନ୍ଦ ଦାସ ଏହାର ସଭାପତି ଥିଲେ ।

କଟକରେ ତା ୨୪।୬।୧୯୩୭ରେ ଗଡ଼ଜାତ ପ୍ରଜାଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସାଧାରଣସଭା ଅନୁଷ୍ଠିତ ହୋଇ "କମିଟି" ଗଢ଼ା ଗଲା । ସେଥିରେ ଶ୍ରୀ ସାରଙ୍ଗଧର ଦାସ ସମ୍ପାଦକ ହେଲେ । ଡାକ୍ତର ପଟ୍ଟାଭି ସୀତାରାମାୟା ସଭାପତି ହୋଇଥିଲେ ।

୧୯୩୮ ମସିହାରେ ଏହି ସଭାର ଅଧିବେଶନ ବସି ଗଡ଼ଜାତପ୍ରଜାଙ୍କ ଦୁର୍ଦ୍ଦଶା ଅନୁସନ୍ଧାନ କମିଟି ଗଠନ କରାଗଲା । ଏଥିରେ ସର୍ବଶ୍ରୀ ହରେକୃଷ୍ଣ ମହତାବ, ଲାଲମୋହନ ପଟ୍ଟନାୟକ ଓ ଲୋକସେବକ-ମଣ୍ଡଳ ସଭ୍ୟ ବଳବନ୍ତରାୟ ମେହେଟା ସଭ୍ୟ ରହିଲେ । ସବୁ ଗଡ଼ଜାତରେ ପ୍ରଜାମଣ୍ଡଳ ଗଠିତ ହେଲା । ଅନୁସନ୍ଧାନ କମିଟି ଦୁଇହଜାର ଲୋକଙ୍କଠାରୁ ସାକ୍ଷ୍ୟ ଗ୍ରହଣ କଲେ । ରିପୋର୍ଟ ଦୁଇ ଭାଗରେ ପ୍ରକାଶ ପାଇଲା । ପ୍ରଜାମଣ୍ଡଳ କାର୍ଯ୍ୟରେ ସର୍ବଶ୍ରୀ ନବକୃଷ୍ଣ ଚୌଧୁରୀ, ଭଗବତୀ ପାଣିଗ୍ରାହୀ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ଅନନ୍ତ ପଟ୍ଟନାୟକ ଓ ଶ୍ରୀମତୀ ମାଳତୀ ଚୌଧୁରୀଙ୍କ ସହଯୋଗ ଥିଲା ।

୧୯୩୮ ମସିହା ସେପ୍‌ଟେମ୍ବର ମାସରେ ଶ୍ରୀ ପବିତ୍ରମୋହନ ପ୍ରଧାନଙ୍କ ନେତୃତ୍ୱରେ ତାଳଚେର ପ୍ରଜା ରାଜ୍ୟ ଛାଡ଼ି ଅନୁଗୋଳରେ ରହିଲେ । ନ ମାସ ପରେ ମିଳାମିଶା ହୋଇ ପ୍ରଜାଙ୍କ ଅଧିକାର କିୟଦଂଶ ସାଧିତ ହେବା ହେତୁ ନିଜ ଘରକୁ ଫେରିଲେ । ଢେଙ୍କାନାଳ ପଉଜ୍ ବାଜିରାଉତ ଆଦିଙ୍କୁ ହତ୍ୟା କଲେ । ଆନ୍ଦୋଳନ ସର୍ବତ୍ର ତେଜି ଉଠିଲା । ଏ ମଧ୍ୟରେ ରଣପୁରଠାରେ ପ୍ରଜାମାନେ ପଲିଟିକେଲ ଏଜେଣ୍ଟ ବେଜଲ-ଗେଟଙ୍କୁ ହତ୍ୟା କଲେ । ଗାଙ୍ଗପୁର ଆଦିରେ ବହୁ ଲୋକ ରାଜଶକ୍ତି ଦ୍ୱାରା ମାଡ଼ ଖାଇ ମଲେ । ସର୍ବତ୍ର ପ୍ରଜା ଅତ୍ୟାଚାର ଭୋଗ କଲେ ।

## ପଞ୍ଚବିଂଶତି ଅଧିବେଶନ

୧୯୩୮ ମସିହା ଏପ୍ରିଲ ୧୬ ଓ ୧୭ ତାରିଖରେ ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ (ସିଂହଭୂମି)ଙ୍କ ଅଧ୍ୟକ୍ଷତାରେ ମଞ୍ଜୁଷାଠାରେ ଅନୁଷ୍ଠିତ ହୋଇ ଓଡ଼ିଶାରୁ ପରିତ୍ୟକ୍ତ ହୋଇ ରହିବା ଅଞ୍ଚଳ ଗୁଡ଼ିକର ମିଶ୍ରଣ ଦାବୀ କରାଗଲା ଓ ସେହି ସେହି ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାର ବିଶେଷ ଭାବେ ଚଳାଇ ଓଡ଼ିଆ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସୁଚିନ୍ତିତ ଉପାୟ ସ୍ଥିର କରାଗଲା ।

Digitized by srujanika@gmail.com

ମଞ୍ଜୁଷା ଭଳି ଗୋଟିଏ ଖାଣ୍ଟି ଓଡ଼ିଆ ଅଞ୍ଚଳ, ଯାହାର ଗଜବଂଶ ବୀରତ୍ୱ ତଥା ଦାନଶୌଣ୍ଡ ଲଗି ଖ୍ୟାତ, ଓଡ଼ିଆ-ତେଲୁଗୁ ଉଭୟଙ୍କ ପ୍ରତି ସମଭବାପନ୍ନ, ଉତ୍କଳ ସମ୍ମିଳନୀ ଆରମ୍ଭରୁ ପୃଷ୍ଠପୋଷକ ତାହା ଓଡ଼ିଶାରେ ନ ରହିବା ହେତୁ ରଜା ତଥା ପ୍ରଜା ଦୁଃଖିତ ଥିଲେ । ଏହି ସମ୍ମିଳନୀ ସେମାନଙ୍କ ମନରେ କ୍ଷୀଣ ଆଶା ସଞ୍ଚାର କଲା ।

ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ୧୮୭୪ ମସିହାରେ ଖରସୁଆ ରେ ଜନ୍ମଲଭ କରି-ଥିଲେ । ସାହିତ୍ୟ, ଜ୍ୟୋତିଷ, କର୍ମକାଣ୍ଡରେ ନିପୁଣ ଥିଲେ । ବହୁକାଳ ଶିକ୍ଷା ବିଭଗରେ କାର୍ଯ୍ୟ କରିଥିଲେ । ସେ ସିଂହଭୂମି ଇତିହାସ, ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ଇତିହାସ ଓ ମାହାତ୍ମ୍ୟ ଆଦି କେତେକ ଉପାଦେୟ ପୁସ୍ତକ ରଚନା କରିଥିଲେ । ତାଙ୍କର ଦେହାନ୍ତ ୧।୨।୧୯୬୪ ମସିହାରେ ହୋଇଗଲା ।

## ଗାନ୍ଧିସେବା ସଂଘ

୧୯୩୮ ମସିହା ମାର୍ଚ୍ଚ ମାସରେ ପୁରୀ ଜିଲା ଡେଲଙ୍ଗଠାରେ ଗାନ୍ଧ ସେବା-ସଂଘର ଅଧିବେଶନ ବସିଲା । ମହାତ୍ମା ଗାନ୍ଧି, ସର୍ଦ୍ଦାର ବଲ୍ଲଭ ଭଇ ପଟେଲ, ଡକ୍ଟର ରାଜେନ୍ଦ୍ରପ୍ରସାଦ ପ୍ରମୁଖ ବହୁନେତା ଉଦ୍‌ବୋଧନ ଦେଇଥିଲେ । କୃଷୀ ସଙ୍ଗଠନ ଦୃଢ଼ ହେଲା । ଜମିଦାରମାନେ ତ୍ରସ୍ତ ହେଲେ । ଗଡ଼ଜାତ ପ୍ରଜାଙ୍କ ଆନ୍ଦୋଳନକୁ ଏ ସମ୍ମିଳନୀ ବିଶେଷ ସାହାଯ୍ୟ କଲା ।

## ଦ୍ୱିତୀୟ ମହାସମର

୧୯୩୯ ମସହାରେ ଇଂରେଜ ସରକାର ଭରତବାସୀଙ୍କ ମତ ନ ନେଇ ଭରତର ଜର୍ମାନୀ ସହିତ ଯୁଦ୍ଧଘୋଷଣା କରିଦେଲେ । ଏ ଯୁଦ୍ଧରେ ଭରତବାସୀ ସରକାରଙ୍କୁ ସବୁମତେ ସାହାଯ୍ୟ ଦିଅନ୍ତୁ, ସହଯୋଗ କରନ୍ତୁ କାରଣ ପୃଥିବୀର ସ୍ୱାଧୀନତା ରକ୍ଷା ଓ ଶାନ୍ତି ସ୍ଥାପନ ପାଇଁ ଏ ଯୁଦ୍ଧ କରଯାଉଛି ବୋଲି ପ୍ରଚ୍ଚର ଚଳାଇଲେ । ମହାତ୍ମାଗାନ୍ଧିଙ୍କ ସମେତ ଭରତୀୟ ନେତୃବୃନ୍ଦ ଦାବୀ କଲେ ଯେ ଯୁଦ୍ଧ ଶେଷ ପରେ "ଭରତ ବର୍ଷ ସ୍ୱାଧୀନ ହେବ" ପ୍ରତିଶ୍ରୁତି ସରକାର ଦିଅନ୍ତୁ ଓ ବର୍ତ୍ତମାନ ଜାତୀୟ ସରକାର ସ୍ଥାପନ କରନ୍ତୁ । ଏପରି ହେଲେ କଂଗ୍ରେସ ଭରତବାସୀଙ୍କୁ ଏ ଯୁଦ୍ଧରେ ସକଳ ପ୍ରକାର ସହ-ଯୋଗ କରିବା ପାଇଁ ଅନୁରୋଧ କରିବ । ଏ ପ୍ରସ୍ତାବରେ ବଡ଼ଲାଟ ଲର୍ଡ଼ ଲିନ୍‌ଲିଥଗୋ ସମ୍ମତ ହେଲେ ନାହିଁ । କଂଗ୍ରେସ ଘୋଷଣା କଲା ଯେ ଏ ଯୁଦ୍ଧରେ ଇଂରେଜ-ସରକାରଙ୍କୁ ସାହାଯ୍ୟ ଦେବା ଅନ୍ୟାୟ । ଅହିଂସା ଦ୍ୱାରା ଏହାର ବିରୁଦ୍ଧାଚରଣ କରିବାକୁ ହେବ ।

## ଭାରତ ଛାଡ଼ ଆନ୍ଦୋଳନ

୧୯୩୯ ମସହା ସେପ୍‌ଟେମ୍ବର ମାସରେ ଓଡ଼ିଶା ମନ୍ତ୍ରିମଣ୍ଡଳ ଇସ୍ତଫା ଦେଲେ । ଓଡ଼ିଶା ଲଟ ଶାସନ ଭର ଗ୍ରହଣ କଲେ । ଇ: ସି: ଆନସୋର୍ଜ (E.C. Ansorge)

Digitized by srujanika@gmail.com

ଲଟଙ୍କ ପରାମର୍ଶଦାତା ନିଯୁକ୍ତ ହେଲେ । ନାନା ଉପାୟରେ ବହୁତ ଗନ୍ଦା ଉଠାଇଲେ । ଆନସୋଳିଙ୍କ ପରେ ବି.କେ. ଗୋଖଲେ ପରାମର୍ଶ ଦାତା ହେଲେ ।

୧୯୪୦ ମସିହା ଏପ୍ରିଲ ମାସରେ କଂଗ୍ରେସ ଆଇନ-ଅମାନ୍ୟ ଆନ୍ଦୋଳନ ଆରମ୍ଭ କଲା । ୧୯୪୨ରେ ମହାତ୍ମାଗାନ୍ଧି 'ଭାରତଛାଡ଼' (quit india) ଆନ୍ଦୋଳନ ଚଳାଇଲେ । ସରକାର ସମସ୍ତ ନେତାଙ୍କୁ ବନ୍ଦୀ କଲେ ।

## ପାରଳା ମନ୍ତ୍ରିମଣ୍ଡଳ

୧୯୪୧ ମସିହାରେ ପାରଳାଖେମୁଣ୍ଡି ମହାରାଜାଙ୍କ ପ୍ରଧାନମନ୍ତ୍ରିତ୍ୱରେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଅବଦୁଲ୍ ଶୋଭନ ଖାଁଙ୍କୁ ନେଇ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହେଲା । ଏ ମନ୍ତ୍ରିମଣ୍ଡଳ ୧୯୪୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ୧୯୪୪ ମସିହାରେ କଟକରେ ମେଡ଼ିକାଲ କଲେଜ ପ୍ରତିଷ୍ଠା କଲେ । ୧୯୪୪ ମସିହାରେ ଏ ମନ୍ତ୍ରିମଣ୍ଡଳର ପତନ ହେଲା । ଲାଟ ସାର୍ ହାଥୋର୍ନ ଲୁଇ ଶାସନ ଚଳାଇଲେ ।

## ଷଡ଼୍‌ବିଂଶତ ଅଧିବେଶନ

ଏହି ଅଧିବେଶନ ୧୯୪୨ ମସିହାରେ ପୁରୀଠାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଚ୍ଛିନ୍ନାଞ୍ଚଳକୁ ଓଡ଼ିଶାରେ ମିଶାଇବା ଓ ଓଡ଼ିଆ ସଂସ୍କୃତିକୁ ସେହି ପରିତ୍ୟକ୍ତ ଅଞ୍ଚଳରେ ବଞ୍ଚାଇ ରଖିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା ।

ପଣ୍ଡିତ ନୀଳକଣ୍ଠ ଦାସ ସତ୍ୟବାଦୀ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର ଶାସନରେ ତା ୫।୮।୧୮୮୪ ମସିହାରେ ଜନ୍ମ ହୋଇଥିଲେ । ସେ ଏମ୍.ଏ. ପାଶ୍ କରି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହେଲେ । କଂଗ୍ରେସରେ ଯୋଗଦେଇ ଉତ୍କଳ ପ୍ରଦେଶ କଂଗ୍ରେସକମିଟିର ସଭାପତି ରହି ୧୯୩୭ ମସିହା ନିର୍ବାଚନରେ କଂଗ୍ରେସକୁ ଜୟଯୁକ୍ତ କରାଇବାରେ ବହୁ ପରିଶ୍ରମ କରିଥିଲେ । ୧୯୫୦ରେ କଂଗ୍ରେସ ତ୍ୟାଗ କରି ପୁଣି ୧୯୫୬ରେ ସେଥିରେ ଯୋଗଦେଇ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ବାଚସ୍ପତି (Speaker) ହେଲେ । ୧୯୬୧ରେ ''ପଦ୍ମଭୂଷଣ'' ଉପାଧି ପାଇଲେ । ସେ କିଛି ଦିନ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋଭାଇସ୍‌ଚାନ୍ସଲେର ହୋଇଥିଲେ । ସେ କୋଣାର୍କେ, ଦାସନାଏକ, ଓଡ଼ିଆ ଭାଷାର କ୍ରମ ପରିଣାମ ଆଦି ଉପାଦେୟ ପୁସ୍ତକମାନ ଲେଖିଛନ୍ତି । ସେ ନବଭାରତ ମାସିକ ତଥା ଲୋକମତ ସାପ୍ତାହିକ ପତ୍ରିକାର ସମ୍ପାଦକ ହୋଇଥିଲେ । ତାଙ୍କର ମୃତ୍ୟୁ ୬।୧୧।୧୯୬୭ରେ ହେଲା ।

ମହାତ୍ମାଗାନ୍ଧିଙ୍କ ଭାରତ ଛାଡ଼ ଆନ୍ଦୋଳନ ଫଳରେ ବ୍ରିଟିଶ ଅଧିକୃତ ଓଡ଼ିଶା ତଥା ଓଡ଼ିଶାର ଗଡ଼ଜାତମାନଙ୍କରେ ପ୍ରବଳ ଦମନଲୀଳା ଚାଲିଲା ।

Digitized by srujanika@gmail.com

## ୧୯୪୩ ମସିହାର ଦୁର୍ଭିକ୍ଷ

ଦ୍ୱିତୀୟ ମହାସମର, ଏଣେ ସରକାରୀ ଦମନଲୀଳା ତେଣେ ପ୍ରକୃତିର କୋପ ଫଳରେ ଅତିବୃଷ୍ଟି ହେତୁ ଦୁର୍ଭିକ୍ଷ ପଡ଼ିଲା । ବ୍ୟବସାୟୀଙ୍କ କାରସାଦି ହେତୁ ଖାଦ୍ୟ ଓ ବସ୍ତ୍ର ଦୁର୍ଲଭ ହେଲା । ସରକାରୀ ଅବ୍ୟବସ୍ଥା ଫଳରେ ବଙ୍ଗଳା ଓ ଓଡ଼ିଶା ଉଭୟ ରାଜ୍ୟରୁ ବହୁଲୋକ ମଲେ ।

## ସପ୍ତବିଂଶତ ଅଧିବେଶନ

ଏହି ଅଧିବେଶନ ୧୯୪୪ ମସିହାରେ ବ୍ରହ୍ମପୁରଠାରେ ମେଦିନୀପୁରର ଓକିଲ ଶ୍ରୀଭଗବତଚନ୍ଦ୍ର ଦାସ ବିଦ୍ୟାଭୂଷଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ସଭାପତି ବଙ୍ଗଳାରେ ଓଡ଼ିଆ ଭାଷୀଙ୍କ ଅବସ୍ଥା ବୁଝାଇ ଏକ ପ୍ରାଣସ୍ପର୍ଶୀ ଭାଷଣ ଦେଇ ବିଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରସାର ପାଇଁ ସମସ୍ତେ ଚେଷ୍ଟା କରନ୍ତୁ ବୋଲି କହିଥିଲେ ।

## ଅଷ୍ଟବିଂଶତ ଅଧିବେଶନ

ଏ ଅଧିବେଶନ ୧୯୪୪ ମସିହାରେ ଶ୍ରୀଲକ୍ଷ୍ମୀନାରାୟଣ ସାହୁଙ୍କ ସଭାପତିତ୍ୱରେ-ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଥିଲା । ପରିତ୍ୟକ୍ତ ଅଞ୍ଚଳର ମିଶ୍ରଣ ତଥା ସେ ଅଞ୍ଚଳ ମାନଙ୍କରେ ଓଡ଼ିଆ ଭାଷାର ପ୍ରସାର ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ଦାବୀ କରାଗଲା ।

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ୩।୧୦।୧୮୯୦ ମସିହାରେ ବାଲେଶ୍ୱରଠାରେ ଜନ୍ମ-ଗ୍ରହଣ କରିଥିଲେ । ସେ ଯେପରି ମେଧାବୀ ସେପରି ପରିଶ୍ରମୀ ଥିଲେ । ଗ୍ୟରିଟି ବିଷୟରେ ଘରେଇ ଭାବେ ଏମ୍.ଏ. ପରୀକ୍ଷା ଦେଇ କୃତକାର୍ଯ୍ୟ ହେବା ତାଙ୍କ ପକ୍ଷେ ସମ୍ଭବ ହୋଇ-ଥିଲା । ଭାରତସେବକ ସମିତିର ସଦସ୍ୟ ଭାବେ ଜନସେବା କରିଥିଲେ । ସହକାର, ସହଯୋଗ ସମାଗ୍ରତ, ଷ୍ଟାର ଅଫ୍ ଉତ୍କଳ (Star of Utkal) ତଥା ବୈତରଣୀ ପତ୍ରିକାର ସମ୍ପାଦକ ଥିଲେ । ସେ ଅନେକ ପୁସ୍ତକ ଲେଖିଛନ୍ତି ।

## ଊନତ୍ରିଂଶତ୍ ଅଧିବେଶନ

୧୯୪୫ ମସିହାରେ ବ୍ରହ୍ମପୁରଠାରେ ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଏ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ବିଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଯେଉଁଳି ବିପନ୍ନ ଅବସ୍ଥାରେ ପହଞ୍ଚିଲାଣି ସେଥିରୁ ରକ୍ଷା କରିବା ଉପାୟ ତଥା ସେହି ସେହି ଅଞ୍ଚଳ ଗୁଡ଼ିକର ମିଶ୍ରଣ ପାଇଁ ଦାବୀ ଉପସ୍ଥାପିତ କରାଗଲା । ମୁଖ୍ୟ ବିଷୟ ହେଲା 'ତୁଡୁମା' ଜଳ-

Digitized by srujanika@gmail.com

ପ୍ରପାତ ନେଇ ଦାବୀ, ଓଡ଼ିଶା ସରକାରଙ୍କ ଅଣଓଡ଼ିଆ କର୍ମଚାରୀମାନେ ଡୁଡୁମା ସମ୍ପର୍କରେ ଯେଉଁ ମନୋବୃତ୍ତି ଧରିଲେ ତାହା ଓଡ଼ିଶାର କ୍ଷତି କରିଥାନ୍ତା । ଏହାର ପ୍ରତିବାଦ ଲାଗି ବ୍ରହ୍ମପୁର ଆଦିରୁ ସ୍ୱେଚ୍ଛାସେବକମାନେ କଟକ ଯାଇ ସେଠି ପ୍ରତିବାଦ ସଭା କରାଇଲେ । କେବଳ ଡୁଡୁମା ନୁହେଁ, ତା ସାଙ୍ଗରେ ହଜାରେ ବର୍ଗମାଇଲ ଭୂଖଣ୍ଡ ଓଡ଼ିଶାରୁ ନେଇଯିବା ଭଳି ଅବସ୍ଥା ମାନ୍ଦ୍ରାଜ ସରକାର ସୃଷ୍ଟି କଲେ । ଶ୍ରୀ ହରିହର ମିଶ୍ର ଜୟପୁରରେ ଓକିଲ ଅଟନ୍ତି । ସେ ''ପ୍ରଜା ବାଣୀର'' ସମ୍ପାଦକ ଥିଲେ । ଦେଶମିଶ୍ରଣ ତଥା ସ୍ୱତନ୍ତ୍ର ପ୍ରଦେଶ ନିମନ୍ତେ ତାଙ୍କର ଅବଦାନ ଅତୁଳନୀୟ ।

## ତ୍ରିଂଶ ଅଧିବେଶନ

ଏ ଅଧିବେଶନ ୧୯୪୬ ମସିହାରେ ପୁରୀଠାରେ ମଞ୍ଜୁଷାରାଜା ଶ୍ରୀଜଗନ୍ନାଥ ରାଜମଣି ରାଜଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଲା । ତାଙ୍କ ଅଭିଭାଷଣର କିୟଦଂଶ ଉଦ୍ଧୃତ ହେଲା ।

ଓଡ଼ିଶା ପ୍ରଦେଶର ସୀମା ନେଇ ସେ କହିଲେ ''ଓଡ଼ିଶା ପ୍ରଦେଶ ଗଠନ ହୋଇ ଦଶ ବର୍ଷ ହୋଇ ଚାଲିଲାଣି । ଯେଉଁ ସୀମାରେଖା ଅପ୍ରାକୃତିକ ଭାବରେ ଟଣା ହୋଇଛି, ସେଥିରେ ପ୍ରଦେଶର ଶାସନ ସୁବିଧା ହେବା ଅସମ୍ଭବ । ପ୍ରଦେଶ ଗଠନ ସମ୍ପର୍କରେ କୌଣସି କଳ୍ପନା ନ ଥିବା ଲୋକେ ସୀମା କମିଟିର ସଭ୍ୟ ହୋଇ ଗୋପାଳପୁର ସମୁଦ୍ର ତଟରେ ବସି, ଖଣ୍ଡେ ମାନଚିତ୍ର ଓ ଜନଗଣନାର କେତେକ ଭ୍ରମପୂର୍ଣ୍ଣ ହିସାବକୁ ସମ୍ବଳ କରି ଗୋଟିଏ ଜାତିର ଏକତା ବନ୍ଧନ ଛିଣ୍ଡାଇ ଦେବାକୁ ସୀମାରେଖା ଟାଣି ଦେଲେ । ଓଡ଼ିଶା ପ୍ରଦେଶ ବୋଲି ମାନଚିତ୍ରରେ ସ୍ଥାନ ନିର୍ଣ୍ଣୟ ହେଲା ସତ, କିନ୍ତୁ ଏ ପ୍ରଦେଶର ଅପ୍ରାକୃତିକ ସୀମାରେଖା ଚିରଦିନ ଜାତିର ସମ୍ମାନ ଉପରେ ପଦାଘାତ କରୁଥିବ ।

୧୯୩୧ ଜନଗଣନାରେ ଓଡ଼ିଆ ସଂଖ୍ୟା ଲୋପ କରିବା ପ୍ରଚେଷ୍ଟା ଉଦାହରଣସହ ପ୍ରାଞ୍ଜଳ ଭାବେ ଦର୍ଶାଇଥିଲେ ।

× × × × ×

ପ୍ରଦେଶର ଶାସନ ଅସୁବିଧା ନେଇ ସେ କହିଲେ ଶତ ବାଧାବିଘ୍ନ ସତ୍ତ୍ୱେ, ପ୍ରତିବେଶୀଙ୍କ ଚକ୍ରାନ୍ତ ଓ ପ୍ରତିରୋଧ ମଧ୍ୟରେ ପ୍ରଦେଶ ଗଢ଼ା ହେଲା । ସେପରି ଅବସ୍ଥାରେ ଶିଶୁ ପ୍ରଦେଶର ଲାଳନପାଳନ ନିମନ୍ତେ ସମସ୍ତଙ୍କର ମନ ଧ୍ୟାନ ରହିଥିଲେ, ଦଶ ବର୍ଷରେ ପ୍ରଦେଶର ଉନ୍ନତି ଓ ଉପକାର ହୋଇ ପାରିଥାନ୍ତା । ଦଶ ବର୍ଷ ମଧ୍ୟରେ ଏକ ପ୍ରକାର ଆଇନ, କାନୁନ ଓଡ଼ିଶାର ଛଟି ଜିଲ୍ଲାରେ ପ୍ରଚଳନ ହୋଇ ପାରି ନାହିଁ । ତିନି ଚାରି ପ୍ରକାର ପ୍ରଜାସ୍ୱତ୍ୱ ଆଇନ ଦ୍ୱାରା ରେଭେନ୍ୟୁ ବିଭାଗ ଚାଳିତ ହେଉଛି । ସ୍ୱାୟତ୍ତ ଶାସନ

Digitized by srujanika@gmail.com

ବିଭଗରେ ମଧ୍ୟ ତିନିପ୍ରକାର ବିଧାନ ଚଳୁଛି । ଛୋଟ ପ୍ରଦେଶରେ ଭେଦଭବ ମଧ୍ୟ ଯଥେଷ୍ଟ ରହିଛି । ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଓଡ଼ିଶା ବୋଲି ସରକାରୀ କାଗଜ ପତ୍ରରେ ଅବାଞ୍ଛନୀୟ ଭେଦ ସୃଷ୍ଟି କରଯାଇଛି । ସରକାରୀ ଅଫିସ ଇତ୍ୟାଦିରେ ଦକ୍ଷିଣ ଓଡ଼ିଶା ତାର ହକ ଦାବୀ ପାଉ ନାହିଁ ବୋଲି ଅଭିଯୋଗ ଶୁଣା ଯାଉଛି । ମାନ୍ଦ୍ରାଜର ଉନ୍ନତ ଶାସନ ପ୍ରଣାଳୀ ଅନେକାଂଶରେ ଓଡ଼ିଶା ଅନୁସରଣ କରି ପାରିଥାନ୍ତା । ମାନ୍ଦ୍ରାଜରେ ବାଧ୍ୟ ହୋଇ ଯେଉଁ ଓଡ଼ିଆ ଅଫିସରମାନେ ରହିଗଲେ ସେମାନେ ଓଡ଼ିଶାରେ ରହିଥିଲେ ଉପକାର ହୋଇଥାନ୍ତା । ମାନ୍ଦ୍ରାଜ ଏବଂ ବିହାରରେ ଯାହା ଉତ୍କୃଷ୍ଟ ତାକୁ ନେଇ ପ୍ରଦେଶର ନିୟମକାନୁନ ପ୍ରଣୟନ ହୋଇ ପାରିଥାନ୍ତା । ସବୁ କଥାରେ ବିହାର ଅଫିସରମାନେ ବିହାରପ୍ରଥାକୁ ବଳଦ୍ଧାର ଭବରେ ଓଡ଼ିଶାରେ ଭର୍ତ୍ତି କରିବା ଉଚିତ ନୋହ ନାହିଁ । ବିହାରର ସିଭିଲିଏନ-ମାନେ ଏ ଦେଶର ଶାସନ ହୋଇ ଆସୁଥିଲାବେଳେ ଅନ୍ତତଃ ଦଶବର୍ଷ ଓଡ଼ିଶାରେ ରହିବା ପାଇଁ ବାଧ୍ୟ କରଯାଉ ଥିଲେ ପ୍ରଦେଶର ସ୍ୱାର୍ଥ ସଙ୍ଗେ ସେମାନଙ୍କର ସମ୍ପର୍କ ରହୁଥାନ୍ତା । ବହୁତ ଅଳ୍ପ ବୟସ ଶାସନ ଅନଭିଜ୍ଞ ସିଭିଲିଏନ ବିହାରରୁ ଓଡ଼ିଶା ଆସି ଟ୍ରେନିଂ ପାଉଛନ୍ତି ମାତ୍ର । ଟ୍ରେନିଂ ସମୟ ଶେଷ ହେଲେ ବିହାରକୁ ଫେରି ଯାଉଛନ୍ତି । ଓଡ଼ିଶାରେ ସେମାନେ ଯେଉଁ ଅନୁଭୂତି ଲଭ କରୁଛନ୍ତି, ଓଡ଼ିଶାରେ ତାହା ପ୍ରୟୋଗ କରିବା ଅବକାଶ ଘଟୁ ନାହିଁ । ଏପରି ଅସ୍ଥାୟୀ ବ୍ୟବସ୍ଥାରେ ଓଡ଼ିଶାର ଉନ୍ନତି ହେବ କିପରି ?

## ପ୍ରଦେଶର ଆର୍ଥିକ ଅଭାବ

ଶାସନ ଗତ ଅସୁବିଧା ସଙ୍ଗେ ଆର୍ଥିକ ହିସାବରେ ଓଡ଼ିଶାର ବହୁତ ଅଭବ ରହିଛି । କେନ୍ଦ୍ର ସରକାରଙ୍କଠାରୁ ବାର୍ଷିକ ୪୦ ଲକ୍ଷ ଟଙ୍କା ନ ପାଇଲେ ପ୍ରଦେଶର କୃତ୍ୟ ଚଳିବା କଷ୍ଟ । ଏହି ସାହାଯ୍ୟ ଧନ ଯଥେଷ୍ଟ ନୁହେ ବୋଲି ବହୁତ ଦାବୀ ହୋଇଥିଲା । କିନ୍ତୁ ସେ ସମୟରେ ଓଡ଼ିଶାର ସରକାର ନ ଥିବାରୁ ଏହି ଦାବୀ ଅଗ୍ରାହ୍ୟ ହୋଇଗଲା । ଆର୍ଥିକ ସ୍ୱଚ୍ଛଳତା ନ ଥିଲେ ମଧ୍ୟ ଆୟକୁ ଦେଖି ବ୍ୟୟ ସମାନ ଭବରେ ହେଉ ନାହିଁ ବୋଲି ସମାଲୋଚନା ହେଉଛି । ବହୁତ ଉଚ୍ଚ ପାହ୍ୟା ଅଫିସରମାନେ ମୋଟା ଦରମା ପାଉଛନ୍ତି, ଅବସରପ୍ରାପ୍ତ ଅଫିସରମାନେ ଏ ଦେଶରେ ବେଶୀ ଦରମାରେ ରହିଛନ୍ତି । ଉପର ପାହ୍ୟାରେ ଖର୍ଚ୍ଚ ବଢ଼ୁଥିଲାବେଳେ ନିମ୍ନସ୍ତରର ଉନ୍ନତି ପାଇଁ ଧନ ଅଭବ ହେବା ସ୍ୱାଭବିକ । ଗରୀବ ପ୍ରଦେଶ ବୋଲି ଶୁଣା ଯାଉଥିଲେ ମଧ୍ୟ ନିଶା ବ୍ୟସନରୁ ଏ ଦେଶର ସରକାର ୫୮ ଲକ୍ଷ ଟଙ୍କା ଆଦାୟ କରି ପାରୁଛନ୍ତି ଓ ଆଦାୟର ଶତକେ କୋଡ଼ିଏ ଟଙ୍କା ସେହି ବିଭଗ ପୋଷିବାକୁ ଖର୍ଚ୍ଚ କରୁଛନ୍ତି । ଭରତର ଅନ୍ୟ କୌଣସି ପ୍ରଦେଶରେ ଏପରି ନିଶା ଆଦାୟ ଓ ବ୍ୟୟର ଅନୁପାତ ନାହିଁ । ଏଥିରୁ କେହି ମନେ କରନ୍ତୁ ନାହିଁ, ଓଡ଼ିଶାର ଅବସ୍ଥା ସ୍ୱଚ୍ଛଳ । ଧ୍ୱଂସ ମୁଖରେ ଓଡ଼ିଶା ଗତି କରୁଛି ବୋଲି ଜ୍ଞାନ କରି ଏହି ବ୍ୟାଧିରୁ ଓଡ଼ିଶାକୁ ଶୀଘ୍ର ମୁକ୍ତ କରିବାକୁ ସମସ୍ତେ ଯତ୍ନବାନ ହୁଅନ୍ତୁ ।

Digitized by srujanika@gmail.com

"ଓଡ଼ିଶାରେ ଯେତେ ଅନୁନ୍ନତ ଅଞ୍ଚଳ ରହିଛି, ଭରତର ଅନ୍ୟ କୋଣସି ପ୍ରଦେଶରେ ସେପରି ନାହିଁ । ଓଡ଼ିଶାର ମୋଟ ଆୟତନ ୩୨ ହଜାର ବର୍ଗମାଇଲରୁ ୨୧ ହଜାର ବର୍ଗ-ମାଇଲ ଏଜେନସି ବା ମାଳ ଅଞ୍ଚଳ । ଏଠାରେ ଶିକ୍ଷା ସଭ୍ୟତାର ଆଲୋକ ଏ ପର୍ଯ୍ୟନ୍ତ ପଡ଼ି ନାହିଁ । ଏହି ଅଞ୍ଚଳର ଉନ୍ନତି ପାଇଁ ଭରତ ସରକାର ଓଡ଼ିଶାକୁ ଆବଶ୍ୟକ ବ୍ୟୟ ଦେବା ଉଚିତ ଥିଲା । କିନ୍ତୁ କେନ୍ଦ୍ର ସରକାର ଓଡ଼ିଶାକୁ ଯେପରି ହତାଦର ଦେଖାଇ ଆସିଛନ୍ତି, ସେଥିରେ ଓଡ଼ିଶାର ନ୍ୟାଯ୍ୟ ଦାବୀ ଅସୁଲ କରିବା ଅସମ୍ଭବ । ସେହି ଅବହେଳା ଯୋଗୁଁ ଓଡ଼ିଶାର ବନ୍ୟା ସମସ୍ୟା ପୂର୍ବପରି ରହିଛି । ନଇବଢ଼ିକୁ ଦିଅଁଙ୍କ ଗଣ ପକାଇ ଓଡ଼ିଶାବାସୀ କର୍ମ ଆଦରି ବସିଛନ୍ତି । ବଙ୍ଗ, ବିହାର ଅଧୀନରେ ଓଡ଼ିଶା ଥିଲାବେଳେ ଏ ସମସ୍ୟା ଯେ ଭବରେ ଥିଲା ବର୍ତ୍ତମାନ ମଧ୍ୟ ସେହି ପରି ଅଛି ବୋଲି କହିଲେ ଅତିରଞ୍ଜିତ ହେବ ନାହିଁ । ଯୁଦ୍ଧପର ପୁନର୍ଗଠନରେ କିଛି ହୋଇ ପାରିବ ବୋଲି ଆଶାହୁଏ ।"

ସେ ହୁଡ଼ୁମା ସମସ୍ୟା ନେଇ କହିଲେ "ସୁଖର କଥା ହୁଡ଼ୁମା ସମସ୍ୟା ଜାତିର ନିଦ୍ରା ଓ ଜଡ଼ତା ଭଙ୍ଗିଛି । ଉତ୍କଳମଣିଙ୍କ ପ୍ରତିଷ୍ଠିତ 'ସମାଜ' ପତ୍ରିକା ଓଡ଼ିଆଙ୍କ କାନରେ ଠିକ୍ ସମୟରେ ବିପଦ ଘଣ୍ଟି ବଜାଇ ଦେଇଛି । ବ୍ରହ୍ମପୁର ଉତ୍କଳ ସମ୍ମିଳନୀ ଜାତି ଆଗରେ ସ୍ଥିର ସିଦ୍ଧାନ୍ତ ଜଣାଇ ଦେଇଛି ଯେ ପୁର୍ବ ପରି ହୁଡ଼ୁମା ଯୋଜନାକୁ ଓଡ଼ିଶା କାର୍ଯ୍ୟ-କାରୀ କରିବ । ସୀମା ଗଣ୍ଡଗୋଳ ସ୍ୱାର୍ଥପରଙ୍କ କୂଟ ବ୍ୟବସାୟ ହୋଇ ପାରେ । ଭଗବଣ୍ଟା ନୀତି ମଧ୍ୟ ତଦ୍ରୂପ ଓଡ଼ିଶାର ଅନିଷ୍ଟକାରୀ । ଉତ୍କଳ ସମ୍ମିଳନୀର ନିର୍ଦ୍ଧାରଣ ପୂରଣ ନ ହେଲା ପର୍ଯ୍ୟନ୍ତ ଓ ସରକାର ଏ ସମ୍ବନ୍ଧେ ଶେଷ ସିଦ୍ଧାନ୍ତ ଜଣାଇଲା ପର୍ଯ୍ୟନ୍ତ କୌଣସି କଳ୍ପନା ଜଳ୍ପନାରେ ଭୁଲିବା ଉଚିତ ନୁହେଁ ।

× × × × ×

ହୁଡ଼ୁମାରୁ ଯେତେ ବିଦ୍ୟୁତ୍ ଜାତହେବ ତାକୁ ଗ୍ରହଣ ଓ ଉପଯୋଗ କରି-ବାକୁ ଓଡ଼ିଶାରେ କଳ କାରଖାନା ଇତ୍ୟାଦି ଶିଳ୍ପ ଅନୁଷ୍ଠାନ ନାହିଁ । ସେଥିପାଇଁ ପ୍ରଥମ କେତେ ବର୍ଷ ଏହି ବିଦ୍ୟୁତ ବିକ୍ରି କରିବାକୁ ଓଡ଼ିଶା ବାଧ୍ୟ ହେବ । ମାନ୍ଦ୍ରାଜ ସରକାର ଏହି ଯୋଜନାରୁ ଆବଶ୍ୟକ ହେବା ବିଦ୍ୟୁତ୍ ନିଶ୍ଚୟ ପାଇବେ । କିମ୍ବା କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଭଡ଼ା ସୂତ୍ରରେ ବିଦ୍ୟୁତ୍ ନେବାକୁ ଓଡ଼ିଶା ସଙ୍ଗେ ଚୁକ୍ତି କରି ନେଇ ପାରିବେ । ଦୁଇ ସରକାର ମଧ୍ୟରେ ଏହି ଭବରେ ସୁବ୍ୟବସ୍ଥା କରଯାଇ ପାରିବ । ଏହା ଦ୍ୱାର ଓଡ଼ିଶାର ଲଭ ହେବ, ଅନ୍ୟ ସରକାରଙ୍କ ସୁବିଧା ମଧ୍ୟ ହେବ । ବର୍ତ୍ତମାନ ପର୍ଯ୍ୟନ୍ତ ହୁଡ଼ୁମା ସମ୍ବନ୍ଧେ ଦେଶବାସୀଙ୍କର ଯେଉଁପରି ଜାଗ୍ରତ ଦୃଷ୍ଟି ରହିଛି, ସେହିପରି ଥିଲେ ଓଡ଼ିଆର ଜାତୀୟ ସମ୍ପତ୍ତି କୌଣସି ପ୍ରକାରେ ହସ୍ତାନ୍ତର ହୋଇ ପାରିବ ନାହିଁ । ଏ କଥା ଆପଣମାନେ ମନେ ରଖି ଆନ୍ଦୋଳନକୁ ବରବର ସତେଜ ରଖିଥାନ୍ତୁ ।

ଏହି ଆନ୍ଦୋଳନକୁ ଜାଗ୍ରତ ରଖିବା ଅର୍ଥ, ଓଡ଼ିଆ ଆନ୍ଦୋଳନକୁ ଜାଗ୍ରତ ଓ ସତେଜ ରଖବା । ଓଡ଼ିଆମାନେ ଆତ୍ମନିର୍ଭରଶୀଳ ହେବାକୁ ଯେତିକି ଉଦ୍‌ଗ୍ରୀବ

Digitized by srujanika@gmail.com

ହେବେ, ଅଣଓଡ଼ିଆମାନେ ଓଡ଼ିଆ ସ୍ୱାର୍ଥରେ ବାଧା ଦେଇ ପାରିବେ ନାହିଁ । ପୃଥିବୀର ବାୟୁମଣ୍ଡଳରେ ଏହି ଆତ୍ମ ନିୟନ୍ତ୍ରଣ ଭବ ଖେଳୁଛି । ପ୍ରତ୍ୟେକ ଜାତି ତାର ଦେଶ, ଜାତି ଓ ଭଷାର ଉତ୍କର୍ଷ ସାଧନ ପାଇଁ ପ୍ରାଣପାତ କରି ଲଗିଛନ୍ତି । ଏ ସମୟରେ ଓଡ଼ିଆମାନେ ସେମାନଙ୍କ ସ୍ୱାର୍ଥରକ୍ଷା ପାଇଁ ନ ବାହାରିଲେ ଦୁର୍ବଳ ଜାତିକୁ ସବଳ ଜାତି ସହଜରେ ଦଳିତ କରି ଦେବେ । ପ୍ରାଦେଶିକତା ଭରତରୁ କଦାପି ଲୋପ ପାଇବ ନାହିଁ । ଭାରତରେ ରାଷ୍ଟ୍ରସଂଘ ପ୍ରଚଳିତ ହେଲବେଳେ ପ୍ରତ୍ୟେକ ବଳିଷ୍ଠ ପ୍ରଦେଶର ସଂଯୋଗରେ ତାହା ଗଢ଼ା ଯିବ । ଏଥିପାଇଁ ଓଡ଼ିଆ ଭଷା, ଇତିହାସ ଓ ଭବକୁ ସୁଦୃଢ଼ ନ କଲେ ରାଷ୍ଟ୍ରତନ୍ତ୍ରରେ ଓଡ଼ିଶାର ସ୍ଥାନ, ଓଡ଼ିଶାର ବିଚ୍ଛିନ୍ନ ଅଞ୍ଚଳ ଦାବୀର ମହତ୍ୱ ରହିବ ନାହିଁ ।

X X X

ପରିଶେଷରେ ପରିତ୍ୟକ୍ତ ଓଡ଼ିଆ ଅଞ୍ଚଳର ଓଡ଼ିଆ ମାନଙ୍କୁ ଆନ୍ଦୋଳନ ବଞ୍ଚାଇ ରଖିବା ପାଇଁ ଅନୁରୋଧ ସେ କରିଥିଲେ ।

୧୯୪୫ରେ ଲର୍ଡ଼ ଓ୍ୱାଭେଲ ବଡ଼ଲଟ ହେଲେ, ସେ ମହାତ୍ମାଗାନ୍ଧୀଙ୍କ ସମେତ ସମସ୍ତ କଂଗ୍ରେସ ନେତାଙ୍କୁ ବନ୍ଦୀଶାଳାରୁ ମୁକ୍ତକରି ଦେଲେ, ହବାକଙ୍କ ପରେ ସାର୍ ଚନ୍ଦୁଲଲ ଓଡ଼ିଶାର ରାଜ୍ୟପାଳ ହେଲେ ।

୧୯୪୬ ମସିହାରେ ସାଧାରଣ ନିର୍ବାଚନରେ "କଂଗ୍ରେସ ଦଳ" ଓଡ଼ିଶା ବିଧାନସଭରେ ସଂଖ୍ୟାଧିକ ହେଲେ, ଶ୍ରୀ ହରେକୃଷ୍ଣ ମହତାବଙ୍କ ପ୍ରଧାନମନ୍ତ୍ରିତ୍ୱରେ ସର୍ବଶ୍ରୀ ରାଧାକୃଷ୍ଣ ବିଶ୍ୱାସରାୟ, ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନଗୋ, ପଣ୍ଡିତ ଲିଙ୍ଗରାଜ ମିଶ୍ର ମନ୍ତ୍ରୀ ହେଲେ । ରାଜ୍ୟପାଳ ହେଲେ ଶ୍ରୀ କୈଳାସନାଥ କାଟ୍‌ଜୁ ।

ସମସ୍ତ ଗଡ଼ଜାତରେ ପ୍ରଜା ଆନ୍ଦୋଳନ ତୀବ୍ରତର ହେଲ, ପ୍ରଜାମଣ୍ଡଳରେ ଡକ୍‌ଟର ହରେକୃଷ୍ଣ ମହତାବ, ସର୍ବଶ୍ରୀ ରଥାନାଥ ରଥ, ସାରଙ୍ଗଧର ଦାସ, କୈଳାସଚନ୍ଦ୍ର ମହାନ୍ତି ରହି ସମସ୍ତ ପ୍ରକାର ଅତ୍ୟାଚରରୁ ପ୍ରଜାଙ୍କୁ ରକ୍ଷା କଲେ । ପ୍ରଜାମଣ୍ଡଳ ଆନ୍ଦୋଳନ ତଥା ଗଡ଼ଜାତ ମିଶ୍ରଣରେ ମହତାବଙ୍କ ଚେଷ୍ଟା ତଥା ତ୍ୟାଗ ଅତୁଳନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

"ପ୍ରଜାମଣ୍ଡଳ" ଲଗି ବିଶେଷତଃ ତାର ନେତା ସର୍ବଶ୍ରୀ ସାରଙ୍ଗଧର ଦାସ ଓ ପବିତ୍ରମୋହନ ପ୍ରଧାନଙ୍କ ପ୍ରଚେଷ୍ଟା ଓ ତ୍ୟାଗ ବଳରେ ଗଡ଼ଜାତ ମିଶ୍ରଣ ଯେ ସୁଗମ ହେଲ ଏଥିରେ ସନ୍ଦେହ ନାହିଁ ।

ଶ୍ରୀ ସାରଙ୍ଗଧର ଦାସ ଓଡ଼ିଶା ଗଡ଼ଜାତର ସ୍ୱାଧୀନତା ସଂଗ୍ରାମରେ ବିଶେଷ ଭଗ ନେଇଥିଲେ । ତାଙ୍କର ଜନ୍ମ ୧୮୮୬ ମସିହାରେ ଢେଙ୍କାନାଳରେ ହୋଇଥିଲ ।

Digitized by srujanika@gmail.com

ଏଠି ଶିକ୍ଷା ସମାପ୍ତି କରି ଉତ୍କଳ ସମ୍ମିଳନୀର ଓ ଅନ୍ୟାନ୍ୟ ସାହାଯ୍ୟ ପାଇ ସେ ବୈଷୟିକ ଶିକ୍ଷା ଲାଭ ପାଇଁ ଜାପାନ ଗଲେ । ସେଠାରୁ ଶିକ୍ଷା ସମାପ୍ତି ପରେ ଆମେରିକା ଗଲେ, ଆମେରିକାନିବାସୀ ରମଣୀଙ୍କୁ ବିବାହ କରି ସେଠି ରହିଲେ । କିଛିକାଳ ପରେ ଓଡ଼ିଶାକୁ ଆସି ଚିନି ଶିଳ୍ପର ଅଭିବୃଦ୍ଧିରେ ମନ ଦେଇ ୧୯୨୭ ମସିହାରେ ଢେଙ୍କାନାଳରେ ଚିନି କାରଖାନା ପ୍ରତିଷ୍ଠା ପାଇଁ ଚେଷ୍ଟା କଲେ । ସେଥିରେ ବିଘ୍ନ ଘଟିବାରୁ ନିବୃତ୍ତ ହୋଇ ପ୍ରଜାମଣ୍ଡଳ ସଙ୍ଗଠନରେ ଯୋଗଦେଲେ । କଂଗ୍ରେସ ପ୍ରାର୍ଥୀ ରୂପେ ଓଡ଼ିଶା ବିଧାନସଭାକୁ ଗଲେ । କଂଗ୍ରେସ ଛାଡ଼ି ସୋସାଲିଷ୍ଟ ଦଳରେ ଯୋଗଦେଇ ପୁଣି ୧୯୫୧ରେ ଲୋକସଭାକୁ ନିର୍ବାଚତ ହେଲେ । ସମସ୍ତ ସମ୍ପତ୍ତିକୁ ଶିକ୍ଷା ଓ ନିଜର ରାଜନୈତିକ ଆଦର୍ଶ ପ୍ରଚାର ପାଇଁ 'ଦାଇଲ' ଦାନ ଦେଇ ତା ୧୮।୯।୧୯୫୬ ମସିହାରେ ପରଲୋକ ପ୍ରାପ୍ତ ହେଲେ ।

## ଏକବିଂଶତ ଅଧିବେଶନ

ଏ ଅଧିବେଶନ ୧୯୪୬ ମସିହା ଡିସେମ୍ବର ମାସରେ "ସମାଜ" ସମ୍ପାଦକ ଶ୍ରୀ ରାଧାନାଥ ରଥଙ୍କ ସଭାପତିତ୍ୱରେ ଜୟପୁରଠାରେ ଅନୁଷ୍ଠିତ ହେଲା । ସଭାପତି ଓଡ଼ିଆଙ୍କ ପ୍ରତି ହୋଇଥିବା ଅନ୍ୟାୟର ଦୃଢ଼ ପ୍ରତିବାଦ କରି ଯୁକ୍ତିଯୁକ୍ତ ଦାବୀ ଉପସ୍ଥାପିତ କରିଥିଲେ । 'ଡୁଡୁମା' ଆନ୍ଦୋଳନ ସଭାପତିଙ୍କ ପ୍ରୋତ୍ସାହନରେ ଫଳବତୀ ହେବା ସମ୍ଭବ ହେଲା । ଉପାନ୍ତ ଅଞ୍ଚଳର ଓଡ଼ିଆମାନେ ଆଶ୍ୱାସନା ପାଇଥିଲେ । ଜୟପୁରର ସର୍ବଶ୍ରୀ ହରିହର ମିଶ୍ର, ଶ୍ରୀ ରାଧାକାନ୍ତ ବିଶ୍ୱାସରାୟ, ଶ୍ରୀ ସଦାଶିବ ତ୍ରିପାଠୀ, କୁମାର ବିଦ୍ୟାଧର ସିଂହଦେବ, ଜଗଦୀଶଚନ୍ଦ୍ର ନାୟକ ଓ ରାୟଗଡ଼ର ଶ୍ରୀ ଗୋପୀନାଥ ବକ୍ସିପାତ୍ର ଆଦି ବିଶିଷ୍ଟ ବ୍ୟକ୍ତିମାନଙ୍କର ସହଯୋଗ ବଳରେ ସମ୍ମିଳନୀ ସଫଳ ହେଲା ।

—

"ଡୁଡୁମା" କଥା ଏଠି ସଂକ୍ଷେପ ଭାବେ ଲେଖାଯାଉଛି । 'ଡୁଡୁମା' ଆଦିବାସୀ ନାମ, ଏହାର ଅର୍ଥ 'ଜଳପ୍ରପାତ', ଜୟପୁର ଠାରୁ ଦକ୍ଷିଣରେ ପ୍ରାୟ ୪୯ ମାଇଲ ଦୂରରେ ଏହି ସ୍ଥାନ ଅବସ୍ଥିତ ।

କୋଲାବନଦୀ ସିଙ୍କାରମ ପର୍ବତରୁ ବାହାରି ପାଞ୍ଚମାଇଲ ଗତି କରି କୋରାପୁଟର ଦକ୍ଷିଣରେ ପ୍ରବାହିତ ହେଉଅଛି । 'ମୋଟୁ'ଠାରେ ସିଲେରୁ ସହିତ ମିଳିତ ହୋଇ, ଶବରୀ ନାମରେ ଗୋଦାବରୀ ନଦୀରେ ମିଳିତ ହେଉଅଛି । ଏହାର ଦୀର୍ଘ ୨୮୦ ମାଇଲ, କୋଲାବ ନଦୀ ଗର୍ଭରେ 'ବାଗରା' ଜଳପ୍ରପାତ ଅବସ୍ଥିତ ।

ମାଛକୁଣ୍ଡ ନଦୀ ମାଡ଼ଗୁଲ (ବର୍ତ୍ତମାନ ବିଶାଖାପାଟଣା ଜିଲ୍ଲା ଅନ୍ତର୍ଗତ) ପର୍ବତରୁ ବାହାରି ଆନ୍ଧ୍ର ଓ ଓଡ଼ିଶାର ସୀମା ରୂପେ ପ୍ରବାହିତ ହୋଇ ଡୁଡୁମାଠାରେ ୫୪୦

Digitized by srujanika@gmail.com

ଫୁଟ ଉଚ୍ଚରୁ ପଡ଼ୁଅଛି । ଏହି ନଦୀ 'ସିଲେରୁ' ନାମରେ ପରିଚିତ ହୋଇ ଶବରୀ ସହିତ ମୋଟୁ ଠାରେ ମିଶିଛି । କୋରାପୁଟ ଜିଲ୍ଲାର ଜଳାପୁଟଠାରେ ମଧ୍ୟ ଜଳାଧାର ନିର୍ମିତ ହୋଇଅଛି । 'ମାଛକୁଣ୍ଡ' ଜଳବିଦ୍ୟୁତ ଯୋଜନା ଓଡ଼ିଶାର ଅନ୍ତର୍ଗତ ହେଲେହେ ମାନ୍ଦ୍ରାଜ ଓ ଓଡ଼ିଶା ମିଳିତ ଭାବେ ଏହାର ଭାଗିଦାର ହେବେ ବୋଲି ସ୍ଥିର ହେଲା । ୧୪।୧।୧୯୪୬ରେ ଉଭୟ ରାଜ୍ୟ ମଧ୍ୟରେ ଚୁକ୍ତି ହେଲା ଯେ ୯୯ ବର୍ଷ ଯାଏ ଓଡ଼ିଶା ଏହି ବିଦ୍ୟୁତ୍ ଶକ୍ତିର ଶତକଡ଼ା ତିରିଶ ଭାଗ ପାଇବ, ତା ପରେ ଉଭୟ ରାଜ୍ୟ ସମାନ ଅଂଶୀଦାର ହେବେ ।

ଓଡ଼ିଶାର ଦୁର୍ଭାଗ୍ୟ ଏହି ସାଧାରଣ ଅଂଶ ମଧ୍ୟ କାର୍ଯ୍ୟରେ ଲଗାଯାଇ ପାରୁନାହିଁ । ପ୍ରଦତ୍ତର ସବୁଥିରେ ସୁଯୋଗ ଭଳି ଓଡ଼ିଶାର ସୌଭାଗ୍ୟ ସମ୍ପଦ ମଧ୍ୟ ମାନ୍ଦ୍ରାଜ ସରକାର ଓ ପରେ ଆନ୍ଧ୍ର ସରକାରଙ୍କ ଉପଯୋଗରେ ଲଗୁ ଅଛି । ଓଡ଼ିଆମାନେ ଏଥିପାଇଁ ଯେତେ ଆନ୍ଦୋଳନ କଲେ ତାହା ଅରଣ୍ୟ ରୋଦନରେ ପରିଣତ ହୋଇଅଛି । ଓଡ଼ିଶା ପାଞ୍ଚକୋଟି ଟଙ୍କା ବ୍ୟୟ କରି ସୁଦ୍ଧା ଲାଭ ପାଇଲା ନାହିଁ ।

ଏହ ଚୁକ୍ତି ଆମର ଅହିତକାରୀ । 'ସମାଜ' ସମ୍ପାଦକ ଶ୍ରୀ ରାଧାନାଥ ରଥ 'କୁତୁମା' ଚୁକ୍ତି ଆମର ବହୁତ କ୍ଷତି କରିବା କଥା ତା ୨୩।୭।୪୭ ସମାଜର ସମ୍ପାଦକୀୟରେ ଦେଶବାସୀଙ୍କୁ ଚେତାଇ ଦେଇଥିଲେ ।

## ଭାରତ ସ୍ୱାଧୀନ ହେଲା

ତା ୧୫ । ୮ । ୧୯୪୭ ମସିହା ଭାରତ ପକ୍ଷେ ଏକ ମହାନ୍ ସୌଭାଗ୍ୟ ତଥା ସ୍ମରଣୀୟ ଦିବସ । ବ୍ରିଟିଶ ସରକାର ଭାରତବାସୀଙ୍କୁ କ୍ଷମତା ହସ୍ତାନ୍ତର କରି ଦେଇ ଏ ଦେଶ ତ୍ୟାଗ କଲେ । ଭାରତକୁ ଦୁଇ ଭାଗ କରି ଦେଇ ପାକିସ୍ଥାନ ସୃଷ୍ଟି କଲେ । ଗଡ଼ଜାତ ଗୁଡ଼ିକ ସ୍ୱାଧୀନ ରାଜ୍ୟ ବୋଲି ଘୋଷଣା କଲେ । ଲର୍ଡ଼ ମାଉଣ୍ଟବେଟେନ ସ୍ୱାଧୀନ ଭାରତର ପ୍ରଥମ ବଡ଼ଲାଟ ହେଲେ ।

ତା ୧୩।୧୧।୧୯୪୭ରେ ଭାରତର ଉପ-ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ରାଜନୀତିକ ବିଚକ୍ଷଣତା ବଳରେ ମୟୂରଭଞ୍ଜ ଛଡ଼ା ଅନ୍ୟ ସବୁ ଗଡ଼ଜାତର ଶାସକମାନେ ଓଡ଼ିଶା ପ୍ରଦେଶ ସରକାରଙ୍କ ଅଧୀନରେ ନିଜ ନିଜ ରାଜ୍ୟକୁ ମିଶାଇ ଦେଲେ । ମୟୂରଭଞ୍ଜ ସେତେବେଳେ ନ ମିଶିବା ଫଳରେ ତା ୧।୧।୧୯୪୮ରେ ଓଡ଼ିଶାରେ ଅନ୍ତର୍ଭୁକ୍ତ ହୋଇଥିବା ଦୁଇଟି ଗଡ଼ଜାତ ଷଢ଼େଇକଳା ଓ ଖରସୂଆଁ ଓଡ଼ିଶା ସହିତ ଅସଂଲଗ୍ନ ହୋଇ ରହିଲା । ଓଡ଼ିଶା ସରକାର ତଥା ଓଡ଼ିଆ ଲୋକଙ୍କ ବିରୁଦ୍ଧରେ ବିହାରୀମାନେ ଆଦିବାସୀଙ୍କୁ ମତାଇ ନାନା ଗଣ୍ଡଗୋଳ ସୃଷ୍ଟ କଲେ । ପୁଲିସ ଗୁଳିରେ

Digitized by srujanika@gmail.com

କେତେକ ମଲେ, ଭରତ ସରକାରଙ୍କଠାରେ ଗୁହାରୀ ହେଲ । ଭରତ ସରକାର ବାସ୍ତବ କଥା ନ ବୁଝି ଏହା ଓଡ଼ିଶାକୁ ଲଗି ନାହିଁ, ତେଣୁ ଶାସନ ପରିଗ୍ଳନାରେ ତ୍ରୁଟି ଘଟୁଛି, ଏହି ଆଳରେ ପଣି ରଜ୍ୟ ଦୁଇଟିକୁ ବିହାରରେ ମିଶାଇଦେଲେ । ପରେ ମୟୂରଭଞ୍ଜ ଓଡ଼ିଶାରେ ଅନ୍ତର୍ଭୁକ୍ତ ହେଲେ ସୁଦ୍ଧା କେନ୍ଦ୍ରସରକାର ଓଡ଼ିଆଙ୍କ ନ୍ୟାଯ୍ୟ ଦାବୀ ପ୍ରତି ଅବହେଳା କରି ଦୁଇଟି ଯାକ ଓଡ଼ିଆ ରଜ୍ୟ ଓଡ଼ିଶାକୁ ଦେଲେ ନାହିଁ, ବିହାରରେ ରଖିଲେ ।

ଗଡ଼ଜାତ ଗୁଡ଼ିକର ମିଶ୍ରଣ ପରେ ଓଡ଼ିଶା ରଜ୍ୟର ଆୟତନ ହେଲ ୬୦,୧୬୪ ବର୍ଗମାଇଲ ଓ ଜନସଂଖ୍ୟା ହେଲ ଏକ କୋଟି ସତୁରୀ ଲକ୍ଷ, ଓଡ଼ିଶା ବାହାରେ ଯେଉଁସବୁ ଓଡ଼ିଆ ଭଷୀ ଅଞ୍ଚଳ ରହିଗଲ, ତାର ଆୟତନ ପ୍ରାୟ ଚରିହଜାର ବର୍ଗମାଇଲ ଓ ଜନସଂଖ୍ୟା ପ୍ରାୟ ଦଶଲକ୍ଷ ହେବ ।

ଓଡ଼ିଶାରେ ତେରଟି ଜିଲ୍ଲ ରହିଲ । ସେ ଗୁଡ଼ିକର ନାମ ହେଲ ୧-କଟକ, ୨-ପୁରୀ, ୩-ବାଲେଶ୍ୱର, ୪-ଗଞ୍ଜାମ, ୫-ସମ୍ବଲପୁର, ୬-ବଲଙ୍ଗୀର, ୭-କଳାହାଣ୍ଡି, ୮-କୋରାପୁଟ, ୯-ଢେଙ୍କାନାଳ, ୧୦-ସୁନ୍ଦରଗଡ଼, ୧୧-କେନ୍ଦୁଝର, ୧୨-ଫୁଲବାଣୀ, ୧୩-ମୟୂରଭଞ୍ଜ ।

## ଦ୍ୱାତ୍ରିଂଶତ୍ ଅଧିବେଶନ

ଏ ଅଧିବେଶନ ଶ୍ରୀ ବିଶ୍ୱନାଥ ଦାସଙ୍କ ସଭପତିତ୍ୱରେ ୧୯୪୭ ମସିହାରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେଲ । ପରିତ୍ୟକ୍ତ ଅଞ୍ଚଳର ଓଡ଼ିଆମାନେ କିପରି ନିଜର ଭଷା ତଥା ସାଂସ୍କୃତିକ ମର୍ଯ୍ୟାଦା ରକ୍ଷାକରି ପାରିବେ ତାର ଉପାୟ ସ୍ଥିର କରଗଲ । ଖାଣ୍ଟି ଓଡ଼ିଆ ଅଞ୍ଚଳ ଯାହା ସବୁ ଅନ୍ୟାୟରେ ବିଭିନ୍ନ ପ୍ରଦେଶରେ ରହିଯାଇଛି ସେ ସମସ୍ତ ଅବିଳମ୍ବେ ଓଡ଼ିଶାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଭରତ ସରକାରଙ୍କଠାରେ ଦାବୀ କରଗଲ । ଓଡ଼ିଶାର ଜନସାଧାରଣ ତଥା ସରକାର ବିଚ୍ଛିନ୍ନାଞ୍ଚଳ ନିମନ୍ତେ ଯଥାଯୁକ୍ତ ସାହାଯ୍ୟ କରିବା ପାଇଁ ନିବେଦନ କରଗଲ ।

## ତ୍ରୟସ୍ତ୍ରିଂଶତ୍ ଅଧିବେଶନ

୧୯୪୭ ମସିହା ଡିସେମ୍ବର ମାସରେ ମହେନ୍ଦ୍ରଗିରିଠାରେ ଶ୍ରୀ ରଘୁନାଥ ରଯଙ୍କ ସଭପତିତ୍ୱରେ ଅନୁଷ୍ଠିତ ହେଲ । ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନେ ସଂଘବଦ୍ଧ ନ ହେଲେ ତାଙ୍କ ଦାବୀ ବରବର ଅବହେଳିତ ହେଉଥିବ । ତେଣୁ ସେମାନେ ଏ ବିଷୟରେ ଅହରହ ଚେଷ୍ଟା ଚଳାନ୍ତୁ ବୋଲି ଉଦ୍‌ବୋଧନ ଦିଆଗଲ ।

Digitized by srujanika@gmail.com

ଏ ମଧ୍ୟରେ ୧୯୪୮ରେ ମହତାବଙ୍କ ମନ୍ତ୍ରିମଣ୍ଡଳରୁ ଶ୍ରୀ ରାଧାକୃଷ୍ଣ ବିଶ୍ୱାସ-ରାୟ ଓ ଶ୍ରୀ ନବକୃଷ୍ଣ ଚୌଧୁରୀ ଇସ୍ତଫା ଦେବା ଫଳରେ, ମହତାବ ସର୍ବଶ୍ରୀ ନିତ୍ୟାନନ୍ଦ କାନୁନଗୋ, ଲିଙ୍ଗରାଜ ମିଶ୍ର, ଲାଲ ରଣଜିତ ସିଂହ ବରିହା, ରାଜକୃଷ୍ଣ ବୋଷ ଓ ସଦାଶିବ ତ୍ରିପାଠୀଙ୍କୁ ନେଇ ମନ୍ତ୍ରିମଣ୍ଡଳର ପୁନର୍ଗଠନ କଲେ।

## ଓଡ଼ିଶା ହାଇକୋର୍ଟ

ବିହାର ଓ ଓଡ଼ିଶା ଉଭୟ ପ୍ରଦେଶ ବିହାର ହାଇକୋର୍ଟ ଅଧୀନରେ ଥିଲେ। ତା ୨୬।୭।୧୯୪୮ ମସିହାରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ହାଇକୋର୍ଟ କଟକେଠାରେ ସ୍ଥାପିତ ହେଲା।

## ବଡ଼ଲାଟଙ୍କୁ ଓଡ଼ିଆଙ୍କ ନିବେଦନ

୧୯୪୮ ମସିହାରେ ଲର୍ଡ ମାଉଣ୍ଟବାଟେନ ବଡ଼ଲାଟ ପଦରୁ ଇସ୍ତଫାଦେଲେ ଓ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ ବଡ଼ଲାଟ ହେଲେ। ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନେ କିଭଳି ହନ୍ତସନ୍ତ ହେଉଛନ୍ତି, ତାହା ନୂଆ ବଡ଼ଲାଟଙ୍କୁ ଜଣାଇ ଦିଆଗଲା। ଫଳ କିନ୍ତୁ କିଛି ହେଲା ନାହିଁ।

## ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ

ଭାରତର ମୁକ୍ତିସାଧକ, ଶାନ୍ତିର ଅଗ୍ରଦୂତ, ସତ୍ୟ ଓ ଅହିଂସାର ଅବତାର ମହାତ୍ମାଗାନ୍ଧୀ ତା ୩୦।୧।୧୯୪୮ରେ ନିହତ ହେଲେ। କେବଳ ଭାରତରେ ନୁହେଁ, ପୃଥିବୀରେ ସର୍ବତ୍ର ଶୋକୋଚ୍ଛ୍ୱାସ ଖେଳିଗଲା।

## ହୀରାକୁଦ ବନ୍ଧ

ତା ୧୩।୪।୧୯୪୮ ଓଡ଼ିଶା ପକ୍ଷରେ ଏକ ସ୍ମରଣୀୟ ଦିବସ। ସେ ଦିନ ପ୍ରଧାନ-ମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ହିରାକୁଦ ବନ୍ଧର ଶୁଭ ଦେଲେ, ଓଡ଼ିଶାର ଆର୍ଥିକ ଉନ୍ନତିରେ ଏକ ନୂତନ ଅଧ୍ୟାୟ ସଂଯୋଜିତ ହେଲା, ବନ୍ୟା ନିୟନ୍ତ୍ରଣ, ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ ଫଳରେ ଅବହେଳିତ ଓଡ଼ିଶା କିଞ୍ଚିତ ସାହାଯ୍ୟ ପାଇଲା।

## ଭୁବନେଶ୍ୱରରେ ରାଜଧାନୀ

ମହତାବ ମନ୍ତ୍ରିମଣ୍ଡଳ ସମୟରେ ଓଡ଼ିଶାର ରାଜଧାନୀ କେଉଁଠି ହେବ, ଏ ବିଷୟରେ କଟକ, ଭୁବନେଶ୍ୱର, ରଙ୍ଗେଇଲୁଣ୍ଡା ସମ୍ବନ୍ଧେ ବହୁ ସପକ୍ଷ ତଥା ବିପକ୍ଷଯୁକ୍ତି

Digitized by srujanika@gmail.com

ପରେ ଭୁବନେଶ୍ୱରକୁ ଉପଯୁକ୍ତ ସ୍ଥାନ ମନେ କରଯାଇ ରାଜଧାନୀ ନିର୍ମାଣ ହେଲା । ବୁର୍ଲାଠାରେ ଇଞ୍ଜିନିୟରିଂ କଲେଜ, ଭୁବନେଶ୍ୱରରେ କୃଷି ମହାବିଦ୍ୟାଳୟ, କଟକରେ ହାଇକୋର୍ଟ ତଥା ବେତାର କେନ୍ଦ୍ର, ରାଜଗାଙ୍ଗପୁରଠାରେ ସିମେଣ୍ଟ କାରଖାନା ସ୍ଥାପିତ ହେଲା । ଶ୍ରୀ କୈଳାସନାଥ କାଟଜୁ ଓ ପରେ ଶ୍ରୀ ଭି. ପି. ମେନନ୍ ଲାଟ ହୋଇଥିଲେ ।

## ଭାରତ ସାର୍ବଭୌମ ରାଷ୍ଟ୍ର ହେଲା

୧୯୫୦ ମସିହାର ନୂତନ ସମ୍ବିଧାନ ପ୍ରକାରେ ଭାରତ ସାର୍ବଭୌମ ରାଷ୍ଟ୍ର ହେଲା । ଶ୍ରୀ ରାଜେନ୍ଦ୍ରପ୍ରସାଦ ପ୍ରଥମ ରାଷ୍ଟ୍ରପତି ହେଲେ । ପ୍ରଦେଶର ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ( Chief Minister ) କୁହାଗଲା । ପ୍ରଧାନମନ୍ତ୍ରୀ ଶ୍ରୀ ହରେକୃଷ୍ଣ ମହତାବ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଯୋଗଦେବାରୁ ଶ୍ରୀ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ହେଲେ । ସର୍ବଶ୍ରୀ ନିତ୍ୟାନନ୍ଦ କାନୁନଗୋ, ପଣ୍ଡିତ ଲିଙ୍ଗରାଜ ମିଶ୍ର, ଲାଲ ରଣଜିତ୍ ସିଂହ ବରିହା, ରାଜକୃଷ୍ଣ ବୋଷ, ସଦାଶିବ ତ୍ରିପାଠୀ, ପବିତ୍ରମୋହନ ପ୍ରଧାନ ମନ୍ତ୍ରୀମଣ୍ଡଳରେ ରହିଲେ । ଏମାନେ ୧୯୫୨ ସୁଦ୍ଧା ଦାୟିତ୍ୱରେ ରହି ଜମିଦାରୀ ଉଚ୍ଛେଦ୍ ତଥା ଭୋଗରାଷ୍ଟ ଆଇନ ପ୍ରଣୟନ କଲେ

ଓଡ଼ିଶା ବିଧାନସଭାର ସଭ୍ୟ ସଂଖ୍ୟା ୬୦ରୁ ୧୪୦କୁ ବୃଦ୍ଧି ହେଲା । ଶ୍ରୀ ଆସଫ ଆଲି ଓଡ଼ିଶାର ଲାଟ ହେଲେ ।

୧୯୫୨ ମସିହା ନିର୍ବାଚନରେ କଂଗ୍ରେସ ୬୨ଟି ସ୍ଥାନ ପାଇଲା, ଶ୍ରୀ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ହେଲେ । ସର୍ବଶ୍ରୀ ସଦାଶିବ ତ୍ରିପାଠୀ, ରାଧାନାଥ ରଥ, କିଶୋରଚନ୍ଦ୍ର ଭଞ୍ଜଦେବ, ଦୀନବନ୍ଧୁ ସାହୁ ଓ ସୋନାରାମ ସୋରେନ୍ ମନ୍ତ୍ରୀ ହେଲେ । ଉପମନ୍ତ୍ରୀ ରୂପେ ସର୍ବଶ୍ରୀ ଭୈରବଚନ୍ଦ୍ର ମହାନ୍ତି, ନୀଳମଣି ରାଉତରାୟ, ଶାନ୍ତନୁକୁମାର ଦାସ, କୃପାନିଧି ନାୟକ, ତୀର୍ଥବାସୀ ପ୍ରଧାନ, ଅନୁପସିଂହ ଦେବ, ଶ୍ରୀମତୀ ବସନ୍ତମଞ୍ଜରୀ ଦେବୀ ନିଆଗଲେ । ସାବାଳକ ଭୋଟରେ ଏହାହିଁ ଓଡ଼ିଶାର ପ୍ରଥମ ନିର୍ବାଚିତ ମନ୍ତ୍ରିମଣ୍ଡଳ ।

ଏହି ନିର୍ବାଚନରେ ବିହାର ବିଧାନସଭାକୁ ଷଢ଼େଇକଳାର ଶ୍ରୀ ମହିର କବି ଷଢ଼େଇକଳା ଓ ଖରସୁଆଁ ଓଡ଼ିଶାରେ ମିଶିବା ପ୍ରସ୍ତାବ ଉପରେ ଭୋଟ ଦ୍ୱନ୍ଦ୍ୱରେ, ଜୟଯୁକ୍ତ ହୋଇ ଓଡ଼ିଆଙ୍କ ବାସ୍ତବ ଇଚ୍ଛା ଓ ବିହାରୀଙ୍କ ଦାବୀର ଅସାରତା ପ୍ରତିପାଦନ କଲେ । ଏହାଙ୍କ ଛଡ଼ା ବିଧାନସଭାର ପାଞ୍ଚଜଣ 'ହୋ' ସଦସ୍ୟ ବିହାରରୁ ସିଂହଭୂମିକୁ ନେଇ ଓଡ଼ିଶାସହ ସଂଯୁକ୍ତ କରଯାଉ ବୋଲି ଦାବୀ କଲେ । ଭାରତ ସରକାର ଲୋକ ପ୍ରତିନିଧି-ମାନଙ୍କ ଯୁକ୍ତିଯୁକ୍ତ ଦାବୀ ପ୍ରତି କର୍ଣ୍ଣପାତ କଲେ ନାହିଁ । ବିହାରୀଙ୍କ ଅନ୍ୟାୟ ଦାବୀ ଆଗରେ ମୁଣ୍ଡ ପୋତିଦେଲେ ।

Digitized by srujanika@gmail.com

ଶ୍ରୀ ଆସଫ୍ ଅଲି ୧୯୫୪ ସୁଦ୍ଧା ରାଜ୍ୟପାଳ ଥିଲେ, ତାଙ୍କ ପରେ ସୟଦ ଫଜଲ ଅଲି ରାଜ୍ୟପାଳ ହେଲେ । କ୍ରମେ କୁମାର ସ୍ୱାମୀ ରାଜା ଓ ଭୀମସେନ ସାଚର ରାଜ୍ୟପାଳ କାର୍ଯ୍ୟ ତୁଲାଇଥିଲେ ।

## ଚତୁସ୍ତ୍ରିଂଶତ୍ ଅଧିବେଶନ

ଏ ଅଧିବେଶନ ୧୯୫୩ ମସିହାରେ ପାଟଣା ମହାରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେବଙ୍କ ସଭାପତିତ୍ୱରେ ମଞ୍ଜୁଷାଠାରେ ଅନୁଷ୍ଠିତ ହୋଇଥିଲା । ପ୍ରଦେଶର ସୀମା ପୁନଶ୍ଚ ନିର୍ଣ୍ଣୟ କରିବା ନିମନ୍ତେ ଭାରତ ସରକାର ଯେ 'କମିଶନ୍' ବସାଇବେ ସେଥି ନିମନ୍ତେ ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରିବା ସ୍ଥିର ହେଲା । ପରିତ୍ୟକ୍ତ ଅଞ୍ଚଳରେ ଓଡ଼ିଶାର ଦାବୀ ସମ୍ବନ୍ଧେ ଯଥେଷ୍ଟ ଯୁକ୍ତି ଦିଆଗଲା । ଶ୍ରୀ ଜଗନ୍ନାଥ ରାଜମଣି ରାଜଦେବ (ମଞ୍ଜୁଷା ରାଜା) ଓ ଶ୍ରୀ ନରସିଂହ ପାଣିଗ୍ରାହୀ ଆଦିଙ୍କ ଉଦ୍ୟମ ବଳରେ ସମ୍ମିଳନୀ ଅବହେଳିତ ଓଡ଼ିଆଙ୍କ ମଧ୍ୟରେ ନବଜାଗରଣ ଆଣି ଦେଲା ।

## ଷଡ୍‌ଢେଇକଳାରେ ଓଡ଼ିଆ ନେତାଙ୍କ ଅପମାନ

ଓଡ଼ିଶାର କେତେକ ବିଶିଷ୍ଟ ବ୍ୟକ୍ତି ଷଡ୍‌ଢେଇକଳାଠାରେ ତା ୬।୨।୧୯୫୪ରେ ଶୁଭେନ୍ଦ୍ର ଜୟନ୍ତୀ ପାଳନ ଉତ୍ସବରେ ଯୋଗଦେବାକୁ ଯାଇଥିଲେ । ସେ ଅବସରରେ ସେଠି ସମ୍ମିଳନୀର ବିଶେଷ ଅଧିବେଶନ ବସି ପରିତ୍ୟକ୍ତ ଅଞ୍ଚଳ ଗୁଡ଼ିକରେ ଓଡ଼ିଆଙ୍କ ଦୁରବସ୍ଥା ଆଲୋଚନା କରଯାଇ ସେଗୁଡ଼ିକର ଓଡ଼ିଶା ସହିତ ଆଶୁମିଶ୍ରଣ ଦାବୀ କରଗଲା । ବିହାରୀ ନେତାମାନେ ଏ କଥା ସହି ପାରିଲେ ନାହିଁ । ସେମାନେ ଗୁଣ୍ଡା ଲଗାଇ କଳାହାଣ୍ଡି ମହାରାଜା ପ୍ରତାପକେଶରୀ ଦେବ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦିଙ୍କୁ ମାଡ଼ ଦେଲେ ।

୧୯୫୧ରେ ସିଂହଭୂମି ଜିଲ୍ଲାର ସଦର ସବ୍‌ଡ଼ିଭିଜନ (ଷଡ୍‌ଢେଇକଳା-ଖରସୁଆ ସମେତ)ର ଜନସଂଖ୍ୟା ୬,୬୭,୩୧୦, ଏଥିରୁ ଓଡ଼ିଆଙ୍କ ସଂଖ୍ୟା ୧,୦୪,୪୯୩; ବଙ୍ଗଭାଷୀଙ୍କ ସଂଖ୍ୟା ୩୦,୨୭୦; ହିନ୍ଦିଭାଷୀ ଥିଲେ ୩୪,୫୫୪; ବାକି ସବୁ ଆଦିବାସୀ ହୋ ବା ସାନ୍ତାଳ ଭାଷା କହିବା ବ୍ୟକ୍ତି, ବିହାରୀ ଜନଗଣନାକାରୀଙ୍କ ଚକ୍ରାନ୍ତ ସତ୍ତ୍ୱେ ଓଡ଼ିଆ ଭାଷୀଙ୍କ ସଂଖ୍ୟା ବିହାରୀ ଓ ବଙ୍ଗାଳୀଙ୍କ ଠାରୁ ଅଧିକ ଥିଲେହେଁ ତାହା ବିହାରରେ ରହିଲା । ଖଣିଜ ସମ୍ପଦ ପୂର୍ଣ୍ଣ ଏହି ଅଞ୍ଚଳ ନାଳେ ଓଡ଼ିଶାକୁ ଗଲିଯିବ, ସେଥିପାଇଁ ବିହାରୀମାନେ ବହୁ ଅସଦୁପାୟ ଅବଲମ୍ବନ କଲେ । ଓଡ଼ିଆଙ୍କ ଦାବୀ ପ୍ରତି ଭାରତ ସରକାର କର୍ଣ୍ଣପାତ କଲେ ନାହିଁ ।

Digitized by srujanika@gmail.com

ଓଡ଼ିଆମାନେ ନଜର ମାତୃଭଷା ଶିକ୍ଷା କରିବାରେ ଆଗରୁ ଯାହା କିଛି ସାମାନ୍ୟ ସୁବିଧା ପାଉଥିଲେ, ତାହା ମଧ୍ୟ ୧୯୧୨ ମସିହାରେ ବିହାର-ଓଡ଼ିଶା ପ୍ରଦେଶ ଗଠନଠାରୁ କମିଗଲା । ପ୍ରବଳ ବିହାରୀ ଓ ବଙ୍ଗାଳୀମାନଙ୍କ ମିଳିତ ଉଦ୍ୟମରେ ଓଡ଼ିଆ ଭଷାର ପ୍ରଚଳନ ସିଂହଭୂମି ଅଞ୍ଚଳରୁ ଏକରକମ ବନ୍ଦ ହେଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ବିହାରରେ ରହିଥିବା ଓଡ଼ିଆଭଷୀମାନଙ୍କ ଦୁର୍ଦ୍ଦଶାର ସୀମା ରହିଲା ନାହିଁ ।

## ଫଜଲ ଅଲ ସୀମା କମିଶନ

୧୯୫୪ ମସହାରେ ଭରତ ସରକାର କେତେକ ପ୍ରଦେଶର ସୀମା ନରୂପଣ କରିବା ନିମନ୍ତେ ଓଡ଼ିଶା ରାଜ୍ୟପାଳ ସୟଦ ଫଜଲ ଅଲିଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଶନ ଗଠନ କଲେ । ଏଥିରେ ପଣ୍ଡିତ ହୃଦୟନାଥ କୁଞ୍ଜୁରୁ ଓ ଡା: ପନିକର ସଭ୍ୟ ଥିଲେ ।

ତା ୧୬।୨।୧୯୫୫ରେ ସୀମା କମିଶନର ଦୁଇ ଜଣ ସଭ୍ୟ ବ୍ରହ୍ମପୁରକୁ ଆସିଲେ । ଉଦ୍ୟାନଖଣ୍ଡ, ଜଳନ୍ତର, ମଞ୍ଜୁଷା ଆଦି ପରିତ୍ୟକ୍ତ ଅଞ୍ଚଳର କେତେକ ବ୍ୟକ୍ତିଙ୍କଠାରୁ ସାକ୍ଷ୍ୟ ଗ୍ରହଣ କଲେ । ଅବସରପ୍ରାପ୍ତ ସବ୍‌ଜଜ ଶ୍ରୀ ଗଣେଶ ମହାପାତ୍ର ସାକ୍ଷ୍ୟ ଦେଇ ଦକ୍ଷିଣାଞ୍ଚଳର ଖାଣ୍ଟି ଓଡ଼ିଆ ମୁଲକ ଓଡ଼ିଶାରେ ମିଶିବା ସପକ୍ଷରେ ଯୁକ୍ତିଯୁକ୍ତ ସ୍ମାରକପତ୍ର ଦେଇଥିଲେ ।*

ଏ କମିଶନ ସିଂହଭୂମି ତଥା ମଧ୍ୟପ୍ରଦେଶର ଓଡ଼ିଆ ଅଞ୍ଚଳର ଦାବୀ ଶୁଣିଲେ । ଏମାନେ ଦାବୀର ଯଥାର୍ଥତା ହୃଦୟଙ୍ଗମ କଲେ ମଧ୍ୟ ନ୍ୟାୟଦେବାରେ କୁଣ୍ଠାବୋଧ କଲେ । ଅଧ୍ୟକ୍ଷ ବିହାରର ଲୋକ ଏଣେ ଓଡ଼ିଶାର ରାଜ୍ୟପାଳ, ତେଣୁ ଏ ବିଷୟରେ କୌଣସି ମତ ଦେବା ତାଙ୍କ ପକ୍ଷରେ ସମୀଚୀନ ନୁହେ ବୋଲି ଭବିଲେ । ଫଳରେ କୌଣସି ନିଷ୍ପତ୍ତି ହେଲା ନାହିଁ । ପ୍ରଦେଶର ସୀମା ବୃଦ୍ଧି ତ ହେଲା ନାହିଁ ଓଲଟି ସଂପୃକ୍ତ ପ୍ରଦେଶମାନଙ୍କରେ ଥିବା ଓଡ଼ିଆଙ୍କ ଅବସ୍ଥା ଶୋଚନୀୟ ହେଲା । ମଧ୍ୟପ୍ରଦେଶ ଓଡ଼ିଆଙ୍କ ଆନ୍ଦୋଳନ ଦବାଇବା ପାଇଁ ନିଜେ ସେଠାର ମୁଖ୍ୟମନ୍ତ୍ରୀ ରବିଶଙ୍କର ଶୁକ୍ଳ ଓଡ଼ିଆ ନେତାମାନଙ୍କୁ ଧମକ ଦେଲେ ଯେ ଯଦି ଓଡ଼ିଆମାନେ ଓଡ଼ିଶାରେ ମିଶିବା ପାଇଁ କୌଣସି ଆନ୍ଦୋଳନ କରନ୍ତି, ସେମାନଙ୍କୁ ଯାବଜ୍ଜୀବନ ଜେଲରେ କଟାଇବାକୁ ପଡ଼ିବ ।

---

* ଶ୍ରୀ ଗଣେଶ ମହାପାତ୍ର ତା ୫।୨।୧୮୮୬ରେ ଗଞ୍ଜାମ ଜିଲ୍ଲା ସୋରଡ଼ାଠାରେ ଜନ୍ମ ହୋଇଥିଲେ । ଶିକ୍ଷା ଶେଷ କରି ମୁନସିଫ୍ ପରେ ସବ୍‌ଜଜ ହେଲେ । ୧୯୪୨ରେ କାର୍ଯ୍ୟରୁ ଅବସର ନେଲେ । ଦେଶମିଶଣ ତଥା ଓଡ଼ିଆଙ୍କ ସ୍ୱାର୍ଥରକ୍ଷାରେ ବହୁ ପରିଶ୍ରମ କରିଥିଲେ । ତାଙ୍କର ମୃତ୍ୟୁ ତା ୧୧।୨।୧୯୭୪ରେ ହେଲା ।

Digitized by srujanika@gmail.com

## ପଞ୍ଚତ୍ରିଂଶତ୍ ଅଧିବେଶନ

୧୯୫୫ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସଭାପତିତ୍ୱରେ ଏହି ଅଧିବେଶନ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେଲା । ସଭାପତି ଦେଶମିଶ୍ରଣ-କର୍ମୀ ଭାବରେ ନିଜର ଅନୁଭୂତି ବର୍ଣ୍ଣନା କରି କହିଲେ ବିଦେଶୀ ସରକାର ଓଡ଼ିଆଙ୍କ ଦାବୀ ପ୍ରତି ବୀତଶ୍ରଦ୍ଧ ଥିଲେ ବହୁ ଆନ୍ଦୋଳନ ଫଳରେ ଖଣ୍ଡିଆ ପ୍ରଦେଶଟିଏ ଦେଲେ । ଆଜି ସ୍ୱାଧୀନତା ଲାଭ ପରେ ମଧ୍ୟ ଆମ ଦେଶୀୟ କ୍ଷମତାଶାଳୀ ଲୋକେ ଆମ ଦାବୀ ଶୁଣୁ ନାହାଁନ୍ତି । କମିଶନ ବସୁଛି, ଆମକୁ ନ୍ୟାୟ ମିଳୁ ନାହିଁ । *

## ଧେବର କମିଟି

ଓଡ଼ିଆମାନେ ଫଜଲ ଅଲି କମିଶନଙ୍କ ବିଚାରରେ କ୍ଷୁନ୍ନ ହୋଇ ପୁଣି ଆନ୍ଦୋଳନ ଚଳାଇଲେ । ନିଖିଳ ଭାରତ କଂଗ୍ରେସ କମିଟି ଦାବୀର ବିଚାର ନିମନ୍ତେ ଧେବର କମିଟି ନିଯୁକ୍ତ କଲେ । ଏ କମିଟିରେ ମୌଲାନା ଆବୁଲ କାଲାମ ଆଜାଦ, ପଣ୍ଡିତ ଗୋବିନ୍ଦବଲ୍ଲଭ ପନ୍ଥ ସଦସ୍ୟ ରହିଲେ । ରାଜ୍ୟ ପୁନର୍ଗଠନ ନେଇ ମୌଲାନା ଆଜାଦଙ୍କ ଗୃହରେ ଓଡ଼ିଶା ସୀମା ଆଲୋଚନା ଚାଲିଲା । ଏଥିରେ ଓଡ଼ିଶା ପକ୍ଷରୁ ସର୍ବଶ୍ରୀ ବିଶ୍ୱନାଥ ଦାସ, ଭୁବନା-

---

* ପଣ୍ଡିତ ଗୋଦାବରୀଶ ମିଶ୍ର ପୁରୀ ଜିଲ୍ଲା ବାଣପୁର ନିକଟସ୍ଥ ଶ୍ରୀନିବାସପୁର ଶାସନରେ ତା ୨୬।୧୦।୧୮୮୬ ମସିହାରେ ଜନ୍ମ ହୋଇଥିଲେ । ସେ ଏମ୍.ଏ. ପଢ଼ି ସାରି ପଣ୍ଡିତ ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ ସରକାରୀ ଚାକିରୀ ନ କରି ସତ୍ୟବାଦୀ ଜାତୀୟ ବିଦ୍ୟାଳୟରେ ଶିକ୍ଷକ ହେଲେ । ସିଂହଭୂମିରେ ଓଡ଼ିଆ ପ୍ରଚାର କାମରେ ତା ୮।୨।୧୯୧୯ଠାରୁ ତା ୨୨।୯।୧୯୨୨ ପର୍ଯ୍ୟନ୍ତ ଯୋଗ ଦେଲେ । ଚକ୍ରଧରପୁରରେ ଓଡ଼ିଆ ହାଇସ୍କୁଲ ପ୍ରତିଷ୍ଠା କଲେ । ବାଣପୁରରେ ହାଇସ୍କୁଲ ସ୍ଥାପନ, ୧୯୨୪ଠାରୁ ୧୯୩୩ ଯାଏ ଜିଲ୍ଲାବୋର୍ଡ଼ରେ ସଭ୍ୟ, ୧୯୨୪, ୧୯୨୭ ଓ ୧୯୩୦ରେ ବିହାର ଓଡ଼ିଶା କାଉନସିଲରେ ସଭ୍ୟ ରହି ଲୋକଙ୍କ ଉପକାର କରିଥିଲେ, ଓଡ଼ିଶା ବ୍ୟବସ୍ଥାପକ ସଭାରେ ପରାମର୍ଶ ଦାତା ଓ ୧୯୩୭ଠାରୁ ୧୯୪୦ ଯାଏ ବିଧାନସଭାର ନିର୍ବାଚିତ ସଭ୍ୟ ହେଲେ । ୧୯୪୧ ନଭେମ୍ବର ଠାରୁ ୧୯୪୪ ଜୁନ୍ ଯାଏ ମନ୍ତ୍ରୀ ଥିଲେ । ସେ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଡାକ୍ତରୀ କଲେଜ ସ୍ଥାପିତ ହେଲା । ୧୯୫୨ରେ ବ୍ୟବସ୍ଥା ସଭାର ସଭ୍ୟ ହେଲେ । ସେ ଓଡ଼ିଆରେ ବହୁତ ବହି ଲେଖିଛନ୍ତି । ଇଂରାଜୀରେ ମଧ୍ୟ ୪ ଖଣ୍ଡ ବହି ଲେଖିଛନ୍ତି । ସେ ''ଲୋକମୁଖ'' ଓ ''ସମାଜ''ର ସମ୍ପାଦକ ମଧ୍ୟ ଥିଲେ । ମହାତ୍ମାଗାନ୍ଧି ତାଙ୍କର ଅତିଥି ହୋଇଥିଲେ । ସୀମା ଆନ୍ଦୋଳନ ଚଳାଇ କାରାବରଣ କରିଥିଲେ । ତା ୨୬।୭।୧୯୫୬ ମସିହାରେ ପରଲୋକ ହେଲେ । ସେ ସୁବକ୍ତା ଲୋକସେବୀ ଓ ରାଜନୀତିଧୁରିଣ ଥିଲେ ।

ନନ୍ଦ ଦାସ, ବିଜୟକୁମାର ପାଣି ସିଂହଭୂମି, ଷଡ଼େଇକଳା ଓ ଖରସୁଆଁ ମିଶ୍ରଣ ନେଇ ଯୁକ୍ତି ଦର୍ଶାଇଲେ । ବିହାର ପକ୍ଷରୁ ସେଠାର ମୁଖ୍ୟମନ୍ତ୍ରୀ ଶ୍ରୀ କୃଷ୍ଣ ସିଂହ, ରାଜସ୍ୱମନ୍ତ୍ରୀ ଶ୍ରୀ ସହାୟ ଭାରତ ସରକାରଙ୍କ ଉପମନ୍ତ୍ରୀ ବିହାର ଅଧିବାସୀ ଡକ୍‌ଟର ସୟଦ୍ ମହମ୍ମଦ, ବିହାର ସରକାରଙ୍କ ଚିଫ୍ ସେକ୍ରେଟରୀ ଶ୍ରୀ ଏନ୍. ପି. ସିଂହ ଉପସ୍ଥିତ ଥାଇ ଆଲୋଚନାରେ ଭାଗ ନେଇଥିଲେ ।

୧୯୪୮ ମସିହାରେ ଷଡ଼େଇକଳା ଓ ଖରସୁଆଁର ଓଡ଼ିଶାସହ ମିଶ୍ରଣ ପରେ ଯେଉଁ ଗଣ୍ଡଗୋଳ ବିହାରୀମାନଙ୍କ ପ୍ରୋତ୍ସାହରେ ଘଟିଥିଲା ତାକୁ ଆଳକରି ବିହାର ନେତାମାନେ ଯୁକ୍ତି କଲେ ଯେ ଆଦିବାସୀମାନେ ଓଡ଼ିଶାକୁ ଯିବା ଇଚ୍ଛା କରୁନାହାନ୍ତି ।

ଓଡ଼ିଶା ନେତାମାନେ ଯୁକ୍ତି କଲେ ଯେ ବର୍ତ୍ତମାନ ପୂର୍ବ ପରିସ୍ଥିତି ନାହିଁ । ସେତେବେଳେ ମୟୂରଭଞ୍ଜ ଓଡ଼ିଶାରେ ଅନ୍ତର୍ଭୁକ୍ତ ହୋଇ ନ ଥିଲା, ତେଣୁ ସିଂହଭୂମି ଅଲଗା ରହୁଥିଲା । ଏବେ ବ୍ୟବଧାନ ନାହିଁ । ଓଡ଼ିଶା ଆଦିବାସୀ ବହୁଳ, ସିଂହଭୂମିର ଆଦିବାସୀ ଓଡ଼ିଶାରେ ରହିବା ଇଚ୍ଛା କରୁଛନ୍ତି । ତେଣୁ ଏ ଦୁଇ ରାଜ୍ୟ ଓଡ଼ିଶାରେ ରହୁ, ପ୍ରବଳର ସର୍ବତ୍ର ଜୟ କ୍ରମରେ ବିହାରୀଙ୍କ ଜୟ ହେଲା, ଦୁର୍ବଳ ଓଡ଼ିଶାର କଥା କଂଗ୍ରେସ ନେତାଙ୍କୁ ପ୍ରଭାବିତ କରିପାରିଲା ନାହିଁ । ନ୍ୟାୟକୁ ବଳି ଦିଆଗଲା, ଖାଣ୍ଟି ଓଡ଼ିଆ ରାଜ୍ୟ ଦୁଇଟି ବିହାରରେ ରହିଲା ।

ରାଜ୍ୟ ପୁନର୍ଗଠନ କମିଟିରେ ଏ ଅନ୍ୟାୟ ଲାଗି ସମଗ୍ର ଓଡ଼ିଶାରେ ପ୍ରତିବାଦ ଚାଲିଲା ।

୧୯୫୬ ମସିହା ଜାନୁୟାରୀ ୨୨ ଓ ୨୩ ତାରିଖରେ ପୁରୀ ଓ କଟକରେ ପ୍ରତିବାଦାତ୍ମକ ହରତାଳ ପାଳିତ ହୋଇ ଅବସ୍ଥା ଉତ୍କଟ ହେଲା । ଗୁଳିମାଡ଼ରେ ପୁରୀରେ ବେଙ୍ଗପାଣିଆ ଓ କଟକରେ ସୁନିଲ ଦେ ମଲେ । ବହୁଲୋକ ଲାଠି ମାଡ଼ରେ ଆହତ ହେଲେ । ୧୪୪ ଧାରା ଅମାନ୍ୟ କରି ପଣ୍ଡିତ ଗୋଦାବରୀଶ, ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ଆଦି ଜେଲଗଲେ । କିନ୍ତୁ ହାଇକୋର୍ଟ ବିଚାରରେ ଏ ଗିରଫ ଦାରୀ ବେ-ଆଇନ କାର୍ଯ୍ୟ ବୋଲି ଧରାଯିବାରୁ ସମସ୍ତେ ମୁକ୍ତ ହେଲେ । କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବିଚାର ସମସ୍ତେ ଅନୁଭବ କଲେ, ଫଳରେ ଓଡ଼ିଶାର କଂଗ୍ରେସମନ୍ତ୍ରୀ, ଏମ୍.ଏଲ୍.ଏ. ଓ ପାର୍ଲ୍ୟାମେଣ୍ଟର ଓଡ଼ିଆ ସଭ୍ୟମାନେ ଇସ୍ତଫା ଦେଲେ । କଂଗ୍ରେସ ସଭାପତି ଶ୍ରୀ ୟୁ.ଏନ୍ ଧେବର ତା ୩।୨।୧୯୫୬ରେ କଟକ ଆସି ବୁଝାସମଝା କରି ଦେବାରେ ସମସ୍ତେ ଇସ୍ତଫା ଉଠାଇ ନେଲେ । ଓଡ଼ିଆଙ୍କ ଦାବୀର କୌଣସି ଫଳ ହେଲା ନାହିଁ ।

୧୯୫୬ ଅକ୍‌ଟୋବର ମାସରେ ଶ୍ରୀ ନବକୃଷ୍ଣ ଚୌଧୁରୀ ଇସ୍ତଫା ଦେଲେ । ଶ୍ରୀ ହରେକୃଷ୍ଣ ମହତାବ ବମ୍ବେ ଲାଟ ପଦରୁ ଅବ୍ୟାହତି ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ ।

Digitized by srujanika@gmail.com

୧୯୫୭ ସାଧାରଣ ନିର୍ବାଚନରେ କଂଗ୍ରେସ କମ୍‌ସଂଖ୍ୟକ ସ୍ଥାନ ବିଧାନ-ସଭାରେ ପାଇଲା । ତେଣୁ ଶ୍ରୀ ମହତାବଙ୍କ ମୁଖ୍ୟମନ୍ତ୍ରୀତ୍ୱରେ କେତେକ ସ୍ୱାଧୀନ ସଭ୍ୟଙ୍କୁ ନେଇ ମନ୍ତ୍ରିମଣ୍ଡଳ ଗଠନ କରାଗଲା । ଏଥିରେ ସର୍ବଶ୍ରୀ ରାଧାନାଥ ରଥ, ସତ୍ୟପ୍ରିୟ ମହାନ୍ତି ଓ କିଶୋରଚନ୍ଦ୍ର ଭଞ୍ଜଦେବ ମନ୍ତ୍ରୀ ରୂପେ ଓ ସର୍ବଶ୍ରୀ ନୀଳମଣି ରାଉତରାୟ, କୃପାନିଧି ନାୟକ, ଅନୁପସିଂହ ଦେବ, ଶାନ୍ତନୁକୁମାର ଦାସ, ଶ୍ରୀମତୀ ବସନ୍ତ ମଞ୍ଜରୀ ଦେବୀ ଉପମନ୍ତ୍ରୀ ରୂପେ ରହିଲେ । ଚାରି ମାସ ପରେ ଏ ମନ୍ତ୍ରିମଣ୍ଡଳ ଭଙ୍ଗାଯାଇ ପୁଣି ଶ୍ରୀ ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ହେଲେ ଓ ସର୍ବଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ, ରାଧାନାଥ ରଥ, ସତ୍ୟପ୍ରିୟ ମହାନ୍ତି, ଶୈଳେନ୍ଦ୍ରନାରାୟଣ ଭଞ୍ଜଦେବ, ଦୀନବନ୍ଧୁ ସାହୁ, ନୀଳମଣି ରାଉତରାୟ, ରାମଚନ୍ଦ୍ର ମର୍ଦ୍ଦିରାଜ ଦେବ ଓ ଶ୍ରୀମତୀ ବସନ୍ତ ମଞ୍ଜରୀ ଦେବୀ ମନ୍ତ୍ରୀ ହେଲେ । ଉପମନ୍ତ୍ରୀ ଭାବରେ ସର୍ବଶ୍ରୀ ଶାନ୍ତନୁକୁମାର ଦାସ, ବୀରବିକ୍ରମ ସିଂହ ବରିହା, କୁମୁଦଚନ୍ଦ୍ର ସିଂହ ଓ ହିମାଂଶୁଶେଖର ପାଢ଼ୀ ନିଯୁକ୍ତ ହେଲେ, ଏ ସମୟରେ ଶ୍ରୀ ଯଶୋବନ୍ତନାରାୟଣ ସୁକ୍‌ଠଣକର ରାଜ୍ୟପାଳ ଥିଲେ । ଏ ମନ୍ତ୍ରିମଣ୍ଡଳ ୧୯୫୯ ମସିହାରେ ଇସ୍ତଫା ଦେଲେ ଓ କଂଗ୍ରେସ ତଥା ଗଣତନ୍ତ୍ର ପରିଷଦ ମିଳିତ ମନ୍ତ୍ରିମଣ୍ଡଳ ଗଢ଼ିଲେ । ଶ୍ରୀ ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ହେଲେ । ସର୍ବଶ୍ରୀ ରାଜେନ୍ଦ୍ରନାରାୟଣ ସିଂହଦେବ, ରାଧାନାଥ ରଥ, ଶୈଳେନ୍ଦ୍ରନାରାୟଣ ଭଞ୍ଜଦେବ, ସତ୍ୟପ୍ରିୟ ମହାନ୍ତି, ଉଦିତପ୍ରତାପ ଶେଖର ଦେବ, ରାଜବଲ୍ଲଭ ମିଶ୍ର, ବୃନ୍ଦାବନ ନାୟକ, ନୀଳମଣି ରାଉତରାୟ, ଲକ୍ଷ୍ମୀପ୍ରସାଦ ମିଶ୍ର, ରାମପ୍ରସାଦ ମିଶ୍ର ମନ୍ତ୍ରୀ ହେଲେ ।

ଏ ମଧ୍ୟରେ ସମ୍ମିଳନୀର କେତେକ ସ୍ୱତନ୍ତ୍ର ଅଧିବେଶନ ବାଲେଶ୍ୱର ଓ ମେଦିନୀପୁରଠାରେ ଅନୁଷ୍ଠିତ ହୋଇଥିଲା ।

## ଏକପଞ୍ଚାଶତ୍ ଅଧିବେଶନ

ବ୍ରହ୍ମପୁରଠାରେ ତା ୧୪ ତଥା ତା ୧୫।୩।୫୯ରେ ଡକ୍‌ଟର ପ୍ରାଣକୃଷ୍ଣ ପରିଜାଙ୍କ ସଭାପତିତ୍ୱରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସଭାପତିଙ୍କ ଗୁରୁତ୍ୱପୂର୍ଣ୍ଣ ଭାଷଣର କିୟଦଂଶ ଉଦ୍ଧୃତ ହେଲା । ସେ ଅନ୍ୟାନ୍ୟ ବିଷୟ ମଧ୍ୟରେ କହିଥିଲେ ଭାଷାର ଏକତା ସଂସ୍କୃତିର ଏକତାର ପ୍ରତୀକ । ଓଡ଼ିଆଭାଷୀ ଅଞ୍ଚଳ ସବୁ ଏକ କୃଷ୍ଟିରେ ଆବଦ୍ଧ । × × ଉତ୍କଳ ସମ୍ମିଳନୀ ଏ ବିଷୟ ନେଇ ପ୍ରଦେଶ ପୁନର୍ଗଠନ କମିଶନ ଆଗରେ ସ୍ମାରକ-ପତ୍ର ଉପସ୍ଥାପିତ କରିଥିଲେ, କିନ୍ତୁ କମିଶନ ଏଥିର ନ୍ୟାୟସଙ୍ଗତ ବିଚାର କଲେ ନାହିଁ । × × ଦୁଃଖର କାରଣ ହେଉଛି ଓଡ଼ିଶାର ଅନେକ ନେତୃସ୍ଥାନୀୟ ଲୋକ ନିଜର ଭୀତ ମନୋଭାବରୁ ହେଉ ବା ନିଜ ଶକ୍ତିରେ ଅବିଶ୍ୱାସ ଯୋଗୁଁ ହେଉ କୃଷ୍ଟିଗୋଷ୍ଠୀ ଏହି ବିଚ୍ଛେଦ ଘୁଞ୍ଚାଇବାକୁ ମନ ଦେଉ ନାହାନ୍ତି । ବରଂ କେହି ସେ ଦିଗରେ ଚେଷ୍ଟା କଲେ ତାକୁ ଅବହେଳା ବା ବିରୋଧ କରିବା ଦେଖାଯାଉଅଛି । କେବଳ ବିଖଣ୍ଡୀକରଣରୁ କୃଷ୍ଟି ଉପରେ ଆଘାତ ପଡ଼େ ନାହିଁ । ଅର୍ଥନୀତିକ ଆକ୍ରମଣରୁ ମଧ୍ୟ କୃଷ୍ଟିରେ ବ୍ୟାଘାତ ଅଟେ ।

Digitized by srujanika@gmail.com

ଆମ୍ଭେମାନେ ଦେଖୁଅଛୁ ଯେ ବର୍ତ୍ତମାନ ଉତ୍ତର-ଦକ୍ଷିଣ ଓ ପୂର୍ବ-ପଶ୍ଚିମରୁ ଓଡ଼ିଶା ଉପରେ ଆର୍ଥନୀତିକ ଅଭିଯାନ ଚାଲିଅଛି । ସେ ବିଷୟରେ ମଧ୍ୟ ଆମ୍ଭମାନଙ୍କ କୃଷ୍ଟି ରକ୍ଷା ବିଷୟରେ ଉଦ୍ୟମ ନାହିଁ । ଆର୍ଥନୀତିକ ଅଭିଯାନର ପ୍ରତିରୋଧ ନ କଲେ ଆମ୍ଭର କୃଷ୍ଟି ରକ୍ଷା ସମ୍ଭବ ହେବ ନାହିଁ । ଏ କ୍ଷେତ୍ରରେ ମଧ୍ୟ ଭୀତ ମନୋଭବର ସୂଚନା ମିଳୁ ଅଛି ବୋଲି ମନେ ହୁଏ । ଏହି ଭାବନାରେ ଅଭିଭୂତ ହୋଇ ବର୍ତ୍ତମାନ ଓଡ଼ିଶାକୁ ମୁଷ୍ଟିମେୟ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ କରଗତ କରାଯାଇ ଅଛି । ଏମାନେ ଓଡ଼ିଶାର ବାହାରେ ଥିବା ଅନୁନ୍ନତ କୃଷ୍ଟି ବିଶିଷ୍ଟ ଲୋକଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି । ଯେଉଁମାନେ ଏ ଅକ୍ରିୟବାଦର ପୋଷକ ସେମାନେ କହୁଛନ୍ତି ଯେ ଭାରତର ସ୍ୱାଧୀନତା ଲାଭ ପରେ ଏ ଭଳି ପ୍ରାନ୍ତୀୟ ଭାବନା ଅଶୋଭନୀୟ । ଆମ୍ଭମାନଙ୍କର ମହାଭାରତୀୟ ଭାବ ପୋଷଣ କରିବା ଉଚିତ । କିନ୍ତୁ କେବଳ ଓଡ଼ିଶା କ'ଣ ଏକା ଦେଖାଇବ ବିଶ୍ୱଭାରତୀୟ ମନୋଭବ ? ଅଥଚ ଅନ୍ୟାନ୍ୟ ପ୍ରାନ୍ତ ତ ଏ ଭାବ ଦେଖାଉ ନାହାନ୍ତି ? ଯଦି ଏ ମନୋଭବ ଭାରତବ୍ୟାପୀ ହୋଇଥାଆନ୍ତା, ତାହାହେଲେ ଭାଷାସୂତ୍ରରେ ପ୍ରଦେଶ ପୁନର୍ଗଠନ କମିଶନର ଆବଶ୍ୟକତା କ'ଣ ଥିଲା ? ଏ କମିଶନର ଅଯୌକ୍ତିକ ନିଷ୍ପତ୍ତିରେ ନାନାସ୍ଥାନରେ ଏତେ ଆନ୍ଦୋଳନର କାରଣ କଣ ? ସମସ୍ତେ ଯଦି ଏହି ବିଶ୍ୱଭାରତୀୟ ମନୋଭବରେ ପ୍ରଣୋଦିତ ହୋଇଥାଆନ୍ତେ ତେବେ ସରେଇ-କଳା ଖରସୁଆଁ ଛାଡ଼ିବାକୁ ପ୍ରାନ୍ତ ବିଶେଷର ଏତେ ଆପତ୍ତି କାହିଁକି ? ଆଉ ଓଡ଼ିଶାର ଅନ୍ୟ ଅଂଶ ଦାବୀ କରିବାକୁ ଅନ୍ୟାନ୍ୟ ପ୍ରାନ୍ତ ଏତେ ଉଦ୍‌ବିଗ୍ନ କାହିଁକି ?

ଭାଷାସୂତ୍ରରେ ପ୍ରଦେଶ ଗଠନ ଯଦି ସମିଚୀନ ନୁହେ ତାହା ହେଲେ ଲାଟିଚ୍ୟୁଡ୍ ଓ ଲଞ୍ଜିଚ୍ୟୁଡ୍ ଅନୁସାରେ ଭାରତର ପ୍ରଦେଶ ଗଠିତ ହେଉ । ଏଥିରେ କାହାରି ଆପତ୍ତି ନ ହେଉ । କିନ୍ତୁ ଯେ ପର୍ଯ୍ୟନ୍ତ ସବୁ ପ୍ରାନ୍ତ ନିଜ ନିଜର କୃଷ୍ଟିଗୋଷ୍ଠୀକୁ ଏକତ୍ର କରିବା ପାଇଁ ସଚେଷ୍ଟ ଓଡ଼ିଶାରେ ଯେଉଁମାନେ ବିଶ୍ୱଭାରତୀୟ ମନୋଭବ ଦେଖାନ୍ତି ତାହା ସେମାନଙ୍କର ଭୀତମନୋଭବ ଓ ଦୁର୍ବଳତାର ଚିହ୍ନ ମାତ୍ର ।

ଏହି ସବୁ କାରଣରୁ ଉତ୍କଳ ସମ୍ମିଳନୀ ପରି ସର୍ବବାଦ ସମ୍ମତ ସମାଜର ସ୍ଥିତି ନିତାନ୍ତ ଆବଶ୍ୟକ । କେବଳ ଯେ ସ୍ଥିତି ଯଥେଷ୍ଟ ହେବ, ତାହା ନୁହେ । କର୍ମଠ ସ୍ଥିତିଇ ନିତାନ୍ତ ଆବଶ୍ୟକ ଉତ୍କଳୀୟ କୃଷ୍ଟିଗୋଷ୍ଠୀ ପ୍ରତି ଯେଉଁ ଅନ୍ୟାୟ କରାଯାଇଅଛି ଏବଂ କରାଯାଉ-ଅଛି ତାହାର ଉପଯୁକ୍ତ ମୀମାଂସା ନ ହେବା ପର୍ଯ୍ୟନ୍ତ ସକ୍ରିୟ ଆନ୍ଦୋଳନର ନିତାନ୍ତ ଆବ-ଶ୍ୟକ । ଯେଉଁମାନେ ଏପରି ଆନ୍ଦୋଳନର ବିରୋଧୀ ସେମାନଙ୍କୁ ଜଟାୟୁର ପକ୍ଷଚ୍ଛେଦ ପରି ଶକ୍ତିହୀନ କରିବାକୁ ହେବ । ତାହା ନ ହେଲେ କେବଳ ସାମୟିକ ସଭା କରି କେତେ ଗୁଡ଼ିଏ ପ୍ରସ୍ତାବ ଗ୍ରହଣ କଲେ ଫଳ ହେବ ନାହିଁ । ସମ୍ମିଳନୀ ଯଦି ମନେ କରନ୍ତି ଯେ ଲୋକେ ସମ୍ମି-ଳନୀର ଏହି ଉଦ୍ୟମକୁ ସମର୍ଥନ କରୁଛନ୍ତି, ତାହା ହେଲେ ଏହି ଏକତ୍ରୀକରଣକୁ ମୂଳକରି ଲୋକମତ ସଂଗ୍ରହ କରାଯାଉ । ନିର୍ବାଚନରେ ଏହାକୁ ଭିତ୍ତିକରି ପ୍ରାର୍ଥୀ ଉପସ୍ଥାପିତ କରା-ଯାଉ । ଯଦି ଏ ଦିଗରେ ଲୋକମତ ନାହିଁ, ତେବେ ଉତ୍କଳ ସମ୍ମିଳନୀର ସ୍ଥିତିର କାରଣ

Digitized by srujanika@gmail.com

ନାହିଁ । ବୃଥା ଆସ୍ଫାଳନର ଫଳ କିଛି ନାହିଁ । ବରଂ ବିଳୟ ଶ୍ରେୟସ୍କର, ଆପଣମାନେ ଏ ବିଷୟରେ ଚିନ୍ତା କରନ୍ତୁ । ଭୀତଭାବ ଦୂରକରନ୍ତୁ ଏବଂ କର୍ମପନ୍ଥା ନିର୍ଣ୍ଣୟ କରନ୍ତୁ । *

* ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ଜନ୍ମ କଟକ ଜିଲ୍ଲା ବାଲିକୁଦା ଅଞ୍ଚଳ ଇଛାପୁରରେ ୧୮୯୧ ମସିହା ଏପ୍ରିଲ ମାସରେ ହୋଇଥିଲା । ସେ ବି.ଏସ୍.ସି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସରକାରୀ ବୃତ୍ତି ପାଇ ବିଲାତ ଗଲେ । ସେଠାରେ ଏମ୍.ଏ. ପାଶ କଲେ । ସେଠାରୁ ଆସି ରେଭେନ୍ସା କଲେଜରେ ଯୋଗଦେଲେ ଓ ସେ କଲେଜର ଅଧ୍ୟକ୍ଷ ହେଲେ । ସେ ଶିକ୍ଷା ବିଭାଗର ନିର୍ଦ୍ଦେଶକ ( Director of Public Instructions ) ଓ ପରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ହେଲେ । ପ୍ରାଣୀ ବିଜ୍ଞାନରେ ତାଙ୍କର ଖ୍ୟାତି ଉଲ୍ଲେଖଯୋଗ୍ୟ ।

୧୯୬୧ ମସିହାର ଜନଗଣନାରେ ମଧ୍ୟପ୍ରଦେଶର ରାୟଗଡ଼ ଜିଲ୍ଲାର ଭାଷା କଥା ଆଲୋଚନା କରାଯାଇ ଲେଖାଯାଇଛି ଯେ ଏ ଜିଲ୍ଲାର ପୂର୍ବଭାଗଲୋକେ ଓଡ଼ିଆଭାଷୀ ଓ ପଶ୍ଚିମଭାଗ ଲୋକେ ଛତିଶଗଡ଼ି ତଥା ହିନ୍ଦୀଭାଷୀ ଅଟନ୍ତି । ରିପୋର୍ଟର ଏକାଂଶ ଉଦ୍ଧୃତ ହେଲା ।

× × × × It will be observed that Oriya is spoken in the eastern part of Sarangarh and Raigarh Tahasils and Chhatisgadhi and Hindi are spoken in the west of the area.

୧୯୬୧ ନିର୍ବାଚନରେ ବିଧାନସଭାର ୧୪୦ ସ୍ଥାନ ମଧ୍ୟରୁ କଂଗ୍ରେସ ୮୧ ସ୍ଥାନ ପାଇଲା । ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ, ସର୍ବଶ୍ରୀ ବୀରେନ ମିତ୍ର, ସଦାଶିବ ତ୍ରିପାଠୀ, ହରିହର ସିଂହ ମର୍ଦ୍ଦରାଜ, ନୀଳମଣି ରାଉତରାୟ, ପବିତ୍ରମୋହନ ପ୍ରଧାନ, ଡା. ପି. ଭି. ଜଗନ୍ନାଥ ରାଓ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଲେ ।

୧୯୬୩ ମସିହାରେ କାମରାଜ ଯୋଜନାରେ ବିଜୁବାବୁ ଇସ୍ତଫା ଦେଲେ । ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ । କିଛି ଦିନ ପରେ ବୀରେନ୍ ମିତ୍ର ଇସ୍ତଫା ଦେଲେ । ଶ୍ରୀ ସଦାଶିବ ତ୍ରିପାଠୀ ମନ୍ତ୍ରିମଣ୍ଡଳ ଗଢ଼ିଲେ, ଏଥିରେ ସର୍ବଶ୍ରୀ ନୀଳମଣି ରାଉତରାୟ, ସତ୍ୟପ୍ରିୟ ମହାନ୍ତି, ଡା. ପି. ଭି. ଜଗନ୍ନାଥ ରାଓ, ଟି. ସାଙ୍ଗାନା, ବନମାଳୀ ବାବୁ ଓ ରାମପ୍ରସାଦ ମିଶ୍ର ମନ୍ତ୍ରୀ ହେଲେ । ଉପମନ୍ତ୍ରୀ ରୂପେ ସର୍ବଶ୍ରୀ ସନ୍ତୋଷକୁମାର ସାହୁ, ପ୍ରହ୍ଲାଦ ମଲିକ, ଚନ୍ଦ୍ରମୋହନ ସିଂହ, ନିରଞ୍ଜନ ନାୟକ, ଅନୁପ ସିଂହଦେବ, ମଦନମୋହନ ପ୍ରଧାନ ଓ ଶ୍ରୀମତୀ ସରସ୍ୱତୀ ପ୍ରଧାନ ରହିଲେ । ଏ ସମୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଇନ କରାଯାଇ ୧୯୬୭ ମସିହାରୁ କାର୍ଯ୍ୟକାରୀ କରାଗଲା । ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ (ଅବସରପ୍ରାପ୍ତ ହାଇକୋର୍ଟର ମୁଖ୍ୟ ଜଜ୍ ଓ ପୂର୍ବତନମନ୍ତ୍ରୀ) କୁଳପତି (Vice chancellor) ହେଲେ ।

Digitized by srujanika@gmail.com

୧୯୬୭ ନିର୍ବାଚନପରେ ସ୍ୱତନ୍ତ୍ର ଓ ଜନକଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଶ୍ରୀରାଜେନ୍ଦ୍ରପ୍ରସାଦ ସିଂହଦେବଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗଠିତ ହେଲା । ଏଥିରେ ସର୍ବଶ୍ରୀ ପବିତ୍ରମୋହନ ପ୍ରଧାନ, ରାଜବଲ୍ଲଭ ମିଶ୍ର, ସୁରେନ୍ଦ୍ରନାଥ ପଟ୍ଟନାୟକ, ହରିହର ପଟେଲ, ଶାନ୍ତନୁକୁମାର ଦାସ, ନିତ୍ୟାନନ୍ଦ ମହାପାତ୍ର, ହରପ୍ରସାଦ ମହାପାତ୍ର, ଦୟାନିଧି ନାୟକ, ମୁରଲୀପ୍ରସାଦ ମଣ୍ଡ, ବନମାଳୀ ପଟ୍ଟନାୟକ, ମନମୋହନ ଟୁଡ଼ୁ, କାର୍ତ୍ତିକଚନ୍ଦ୍ର ମାଝି ଓ ଗଙ୍ଗାଧର ପ୍ରଧାନ ମନ୍ତ୍ରୀ ଥିଲେ, ଉପମନ୍ତ୍ରୀ ରୂପେ ସର୍ବଶ୍ରୀ ଅନନ୍ତନାରାୟଣ ସିଂହଦେବ, ହିମାଂଶୁଶେଖର ପାଢ଼ୀ, ବୃନ୍ଦାବନ ତ୍ରିପାଠୀ, ଗୋବିନ୍ଦ ମୁଣ୍ଡା ଓ ଡମ୍ବରୁଧର ମାଝି ଥିଲେ । ଏ ମନ୍ତ୍ରିମଣ୍ଡଳ ଭୂରାଜସ୍ୱ ଛାଡ଼ କରିଦେଲେ । କେବଳ ଭୂରାଜସ୍ୱ ଉପରେ ପଡ଼ୁଥିବା କର ବା ସେସ୍ ନେଲେ, ଏ ସମୟରେ ଶ୍ରୀ ଅଯୋଧ୍ୟାନାଥ ଖୋସଲା ପରେ ୧୯୬୮ରେ ସୌକତଉଲ୍ଲା ଆନ୍‌ସାରି ରାଜ୍ୟପାଳ ହେଲେ ।

## ଅଷ୍ଟପଞ୍ଚାଶତ୍ ଅଧିବେଶନ

ଦୀର୍ଘ ଦଶବର୍ଷ ବିତିଗଲା ପରେ 'ଉତ୍କଳ ସମ୍ମିଳନୀ' କଥା ଦେଶପ୍ରେମୀ ଓଡ଼ିଆମାନଙ୍କ ମନରେ ଉଠିଲା । କୋରାପୁଟ ଜିଲ୍ଲାର ଜୟପୁର ଠାରେ ସମାଜ-ସମ୍ପାଦକ ଶ୍ରୀ ରାଧାନାଥ ରଥଙ୍କ ସଭାପତିତ୍ୱରେ ତା ୧୭।୫।୬୯ ଓ ୧୮।୫।୬୯ରେ ଉପର୍ଯ୍ୟୁକ୍ତ ଅଧିବେଶନ ଅନୁଷ୍ଠିତ ହେଲା । ସଭାପତି ବିଭିନ୍ନ ପ୍ରଦେଶସ୍ଥ ଓଡ଼ିଆମାନଙ୍କ ସଂସ୍କୃତି ରକ୍ଷା ନିମନ୍ତେ ସଚେତନ କରାଇ ସମଗ୍ର ଭାରତର କୃଷ୍ଟି ତଥା ସଭ୍ୟତାର ପରାକାଷ୍ଠା ଓ ଗୌରବର ପ୍ରତୀକ ରୂପେ ଓଡ଼ିଶାର ପ୍ରତିଷ୍ଠା ଚିରକାଳ ରହିଥିବା ଏବଂ କୋଣାର୍କ, ଭୁବନେଶ୍ୱର, ଶ୍ରୀକ୍ଷେତ୍ର ଆଦିର ଗୌରବଗାଥା ଯେ ଅତୁଳନୀୟ ତଥା ସର୍ବତ୍ର ସ୍ୱୀକୃତ ତାହା ବୁଝାଇ ଦେଇ ସେ ଡକ୍ଟର କେ. ପି. ଜୟସ୍ୱାଲଙ୍କ ଉକ୍ତି ଉଦ୍ଧାର କରି କହିଲେ ଯେ ଓଡ଼ିଶାକୁ ଛାଡ଼ି ଦେଲେ ଅତୁଳନୀୟ ଭାରତୀୟ ପରମ୍ପରାର ବିଶେଷତ୍ୱ କିଛି ରହିବ ନାହିଁ । ତାଙ୍କର ଉକ୍ତି—

"If Orissa was taken out of India, the cultural greatness of India's past would disappear".

ଓଡ଼ିଆ ସାହିତ୍ୟର ପ୍ରାଚୀନତା ନେଇ ସେ ଭାଷାତତ୍ତ୍ୱବିଦ୍ ଡକ୍ଟର ସୁନୀତି କୁମାର ଚାଟାର୍ଜିଙ୍କ ଉକ୍ତି—

"It may be said without travesty of lingustick truth that Oriya is the eldest of three sisters, when we consider the archaic character of the language"

ଦର୍ଶାଇ ଓଡ଼ିଆ ଭାଷାର ପ୍ରାଚୀନତା ତଥା ସମୃଦ୍ଧି ପ୍ରତିପାଦନ କରିଥିଲେ

Digitized by srujanika@gmail.com

ଓଡ଼ିଶା ଗୋଟଏ ଆଦବାସୀ ତଥା ହରିଜନ ବହୁଳ ରାଜ୍ୟ ଯାଙ୍ଗକୁ ଓଡ଼ଶାର ଆର୍ଥିକ ଦୁର୍ଗତି ଅତିରେକ ହେତୁ ଏହାର ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ଉଦ୍ୟମ ଆବଶ୍ୟକ ଓ ଏହା ମଧ୍ୟ ଉତ୍କଳ ସମ୍ମିଳନୀର କାର୍ଯ୍ୟ ପରିସର ମଧ୍ୟରେ ରହିବା ଉଚିତ ବୋଲି ସେ ଦୃଢ଼ତାର ସହିତ କହିଥିଲେ । ଅନ୍ୟ ରାଜ୍ୟର ଅଧିବାସୀମାନେ ଓଡ଼ିଶାରେ ଯେଉଁ ସବୁ ସୁବିଧା ପାଉଛନ୍ତି, ସେହି ରାଜ୍ୟମାନଙ୍କରେ ସଂଖ୍ୟାନ୍ୟୂନ ଓଡ଼ିଆ ଲୋକେ ଏଠାଭଳି ସବୁ ସୁବିଧା ପାଇବାରୁ ଯେପରି ବଞ୍ଚିତ ନ ହେବେ ଓ ପ୍ରାଦେଶିକ ମନୋଭବ ଦୂର ହୋଇ ସମଗ୍ର ଦେଶର ସଂହତି ଯେପରି ଦୃଢ଼ ହେବ ତାହାର ଆଲୋଚନା କରି, ଓଡ଼ିଆ ଭାଷୀମାନେ ଏକତା ରକ୍ଷାକରିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ସେମାନଙ୍କୁ ସଂଖ୍ୟାନ୍ୟୂନ କରାଇବା ଚେଷ୍ଟାକୁ ପ୍ରତିହତ କରିବା ପାଇଁ ଧନ-ମନ ଦେଇ ଲାଗିବା ପାଇଁ ଉଦ୍‌ବୋଧନ ଦେଇଥିଲେ ।

୧୯୭୧ ମସିହା ନିର୍ବାଚନ ପରେ ଶ୍ରୀ ବିଶ୍ୱନାଥ ଦାସଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ମନ୍ତ୍ରୀମଣ୍ଡଳ ଗଢ଼ାଗଲା । ଏଥିରେ ସର୍ବଶ୍ରୀ ରାଜେନ୍ଦ୍ରନାରାୟଣ ସିଂହଦେଓ, ରାମକୃଷ୍ଣ ପଟ୍ଟନାୟକ, ଶରତକୁମାର କର, ସିଦ୍ଧିଲାଲ ମୁର୍ମୁ, ବୃନ୍ଦାବନ ନାୟକ, ପ୍ରତାପଚନ୍ଦ୍ର ମହାନ୍ତି ଓ ପ୍ରହ୍ଲାଦ ମଲ୍ଲିକ ମନ୍ତ୍ରୀ ଥିଲେ । ସର୍ବଶ୍ରୀ ରାମଚନ୍ଦ୍ର ପ୍ରହରାଜ, ରବିସିଂ ମାଝି, ଶରତଚନ୍ଦ୍ର ଦେବ, ସହରାଇ ଓରାମ ଉପମନ୍ତ୍ରୀ ଥିଲେ । ରାଜ୍ୟପାଳ ଥିଲେ ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ।

୧୯୭୧ରେ ପ୍ରବଳ ଝଡ଼ ଫଳରେ ପୂର୍ବ ଉପକୂଳ ବିଶେଷତଃ କଟକ ତଥା ବାଲେଶ୍ୱର ଜିଲା ସମୁଦ୍ର ଉପକୂଳ ସ୍ଥାନମାନଙ୍କର ଅକଳନା କ୍ଷତି ଘଟିଲା ।

ବିହାରରେ ଥିବା ଓଡ଼ିଆମାନଙ୍କୁ ଓଡ଼ିଆ ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା କରିବା ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ବିହାର ରାଜ୍ୟପାଳ ଶ୍ରୀ ଦେବକାନ୍ତ ବଡ଼ୁଆଙ୍କୁ ୧୯୭୨ ମାର୍ଚ୍ଚ ମାସରେ ଜଣାଇଥିଲେ । ତଦନୁସାରେ ଲିଖିତ ଇସ୍ତାହାର ପ୍ରକାଶ ପାଇଲା ଯେ ଛାତ୍ରର ମାତୃଭାଷାରେ ପ୍ରାଥମିକ ଶିକ୍ଷା ଦିଆଯିବ । ଓଡ଼ିଆରେ ତାଲିମପ୍ରାପ୍ତ ଶିକ୍ଷକ ତଥା ଓଡ଼ିଆ ପାଠ୍ୟ ବହି ଯଥା ସମୟରେ ଯୋଗାଇ ଦିଆଯିବ । ଅଷ୍ଟମ ଶ୍ରେଣୀଠାରୁ ଯେଉଁ ଯେଉଁ ଶ୍ରେଣୀରେ ଅନ୍ତତଃ ୧୫ ଜଣ ଓଡ଼ିଆ ଛାତ୍ର ଥିବେ । ସେମାନେ ଓଡ଼ିଆ ଭାଷା ମାଧ୍ୟମରେ ଶିକ୍ଷା ପାଇବେ ।

ଏ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଲେ ଅଳ୍ପକାଳ ରାଷ୍ଟ୍ରପତି ଶାସନ ଚାଲିଲା । ପରେ ୧୯୭୨ ମସିହା ଜୁନ୍ ମାସରେ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ସର୍ବଶ୍ରୀ ନୀଳମଣି ରାଉତରାୟ, ବ୍ରଜମୋହନ ମହାନ୍ତି, ବାଙ୍କବିହାରୀ ଦାସ, ବିନାୟକ ଆଚାର୍ଯ୍ୟ, ଗଙ୍ଗାଧର ପ୍ରଧାନ, ଲକ୍ଷ୍ମଣ ମଲ୍ଲିକ, ମନ୍ତ୍ରୀ ହେଲେ । କିଛି ଦିନ ପରେ ସର୍ବଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ, ଅଚ୍ୟୁତାନନ୍ଦ ମହାନନ୍ଦ, ସୋମନାଥ ରଥ, ଭାଗୀରଥି ଗମାଙ୍ଗ, କୃପାସିନ୍ଧୁ

Digitized by srujanika@gmail.com

ଭୋଇ ମନ୍ତ୍ରୀ ରୂପେ ନିଆଗଲେ । କେନ୍ଦୁପତ୍ର ଜାତୀୟକରଣ, ଭୂସଂସ୍କାର ଆଦିରେ ଅଗ୍ରସର ହେବାବେଳେ ମତଭେଦ ଉପୁଜି ମନ୍ତ୍ରିମଣ୍ଡଳ ଇସ୍ତଫା ଦେଲେ । ତା ୩।୩।୧୯୭୩ଠାରୁ ପୁନଶ୍ଚ ରାଷ୍ଟ୍ରପତି ଶାସନ ଚାଲିଲା । ଶ୍ରୀ ବାସ୍‌ପା ଦାନ୍‌ପା ଜତି ପ୍ରଦେଶର ଲାଟ୍ ଥିଲେ । ରାଷ୍ଟ୍ରପତି ଭେଙ୍କେଟଗିରି ବରାହଗିରିଙ୍କ ଜନ୍ମସ୍ଥାନ ଓଡ଼ିଶାର ବ୍ରହ୍ମପୁର, ବାଲ୍ୟ-ଯୌବନ ଏଠି କଟାଇଛନ୍ତି । ଆଶା ଥିଲା ଓଡ଼ିଶାର ବିଶେଷ କିଛି ଉନ୍ନତି ହେବ । ତାଙ୍କର ବର୍ଷେକାଳ ଶାସନ ମଧ୍ୟରେ ବନ୍ୟାରେ କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ସାହାଯ୍ୟଦାନ, ଚିଲିକାରେ ନୌ-ତାଲିମ କେନ୍ଦ୍ର, ପାରଦ୍ୱୀପରେ ସାର କାରଖାନା, ସର୍ଗିପାଲି ଓ ସୁକିନ୍ଦାରେ ସୀସା ଓ ଦସ୍ତା କାରଖାନା, ଦ୍ୱେଙ୍ଗାଲି ଯୋଜନାରେ ଶୁଭ ଦିଆଗଲା । ଆଶା ହୁଏ ଏ ସମସ୍ତ ଖୁବ ନିକଟରେ କାର୍ଯ୍ୟକାରୀ ହେବ ।

୧୯୭୪ ନିର୍ବାଚନ ପରେ ଶ୍ରୀମତୀ ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ଓ ସର୍ବଶ୍ରୀ ବିନାୟକ ଆଚାର୍ଯ୍ୟ, ବାଙ୍କବିହାରୀ ଦାସ,ଶ୍ରୀବତ୍ସ ପାଣିଗ୍ରାହୀ, ଲକ୍ଷ୍ମଣ ମଲ୍ଲିକ, ଯଦୁନାଥ ଦାଶ ମହାପାତ୍ର, ପଦ୍ମଶ୍ରୀ ମୋହନ ନାୟକ, ସୋମନାଥ ରଥ, ଡାକ୍ତର ବେଣୁଧର ବଳିଆରସିଂହ, ଡା·କୃପାସିନ୍ଧୁ ଭୋଇ, କାହ୍ନୁଚରଣ ଲେଙ୍କା, ଦିବ୍ୟଲୋଚନ ଶେଖର ଦେଓ ଓ ବ୍ରହ୍ମାନନ୍ଦ ବିଶ୍ୱାଳ ମନ୍ତ୍ରୀ ହେଲେ ।

ଉପମନ୍ତ୍ରୀ ରୂପେ ସର୍ବଶ୍ରୀ ଜଗନ୍ନାଥ ପଟ୍ଟନାୟକ, ଶେଖ ମତ୍‌ଲୁବ୍ ଅଲି ଓ କୁଆଁରିଆ ମାଝୀ ରହିଲେ ।

ଦୀର୍ଘଦିନ ଧରି ଅବହେଳିତ ଓଡ଼ିଶାର ଉନ୍ନତି ପାଇଁ ସମସ୍ତେ ଲାଗି ପଡ଼ିଛନ୍ତି । ପ୍ରଭୁ ଜଗନ୍ନାଥଙ୍କ କରୁଣା ହେଲେ ଓଡ଼ିଶା ସମଗ୍ର ଭାରତର ଉନ୍ନତ ପ୍ରଦେଶ ହୋଇ ପାରିବ ।

ଦୁର୍ବଳ ହେତୁ ବା ଉଦାରତା ହେତୁ ଓଡ଼ିଶାର ସରକାରୀ ଓ ବେସରକାରୀ ପ୍ରତି-ଷ୍ଠାନମାନଙ୍କରେ ଓଡ଼ିଆମାନେ ଯେପରି ବିପୁଳ ସଂଖ୍ୟାରେ ସ୍ଥାନ ପାଇବେ ତାର ସୁବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇପାରୁ ନାହିଁ । ବିଶେଷ କ୍ଷୋଭର କଥା ଓଡ଼ିଆ ଭାଷାକୁ ଯେଉଁଭଳି ପ୍ରାଧାନ୍ୟ ଦିଆଯିବା କଥା, ତା ମଧ୍ୟ ହେଉ ନାହିଁ । ପ୍ରଦେଶର ତିନୋଟି ବିଶ୍ୱବିଦ୍ୟାଳୟ ଥିବା ସତ୍ତ୍ୱେ ଓଡ଼ିଆ ଭାଷାର ଆଶାଜନକ ପ୍ରସାର ଘଟି ନାହିଁ । ଓଡ଼ିଆ ଭାଷା ପ୍ରତି ଅବହେଳା ନିନ୍ଦନୀୟ ବୋଲି ଶିକ୍ଷାବିତ୍ ତଥା ରାଷ୍ଟ୍ରପତି ଜାକୀର ହୋସେନ ଉଲ୍ଲୁଗୁଣା ଦେଲେ ମଧ୍ୟ ଆମର ଚେତା ଆସୁ ନାହିଁ । ଦୁଇ କୋଟି ଓଡ଼ିଆଙ୍କ ମଧ୍ୟରେ ଶିକ୍ଷିତ ତଥା ଭାଷାପ୍ରେମୀଙ୍କ ସଂଖ୍ୟା କମ୍ ହେତୁ ପତ୍ରିକା ତଥା ଛାପା ବହିର ପ୍ରକାଶନ ଆଶାନୁରୂପ ହୋଇପାରୁ ନାହିଁ । ଆର୍ଥିକ ଦୁଃସ୍ଥିତି ମଧ୍ୟ ଅନ୍ୟକାରଣ ହୋଇପାରେ, ଆଶାହୁଏ ଏସବୁ ବାଧାବିଘ୍ନ ଦୂର ହେବ ଭାରତବର୍ଷରେ ପ୍ରାଦେଶିକତା ବିଶେଷ ବୃଦ୍ଧି ପାଇବା ଜାତୀୟ ଏକତା ପକ୍ଷେ ବିପଦ, ତଥାପି ଏହା ରୋକିବାକୁ କେହି ସମର୍ଥ ହୋଇପାରୁ ନାହାନ୍ତି । ବିଭିନ୍ନ

Digitized by srujanika@gmail.com

ପ୍ରାନ୍ତରେ ମାତୃ ଭାଷା ପ୍ରତି ଆଗ୍ରହ ଏତେ ବଢ଼ିଲାଣି ଯେ, ରାଷ୍ଟ୍ରଭାଷା ହିନ୍ଦିକୁ ଅଣହିନ୍ଦି ଭାଷୀମାନେ ଘୃଣା କରୁଛନ୍ତି । ମୁଖ୍ୟ ରାସ୍ତାମାନଙ୍କର ନାମ ଫଳକରେ, ପ୍ରାନ୍ତୀୟ ଭାଷା ଲେଖି ଅନ୍ୟ ଭାଷାଭାଷୀଙ୍କୁ ଅସୁବିଧାରେ ପକାଉଛନ୍ତି ।ଇଂରାଜୀ ବରଂ ରହୁ, ହିନ୍ଦୀ ରାଷ୍ଟ୍ରଭାଷା ନ ରହୁ ବୋଲି ଇଚ୍ଛା କରୁଛନ୍ତି । ଏପରି ଅବସ୍ଥାରେ ଓଡ଼ିଆମାନେ ନିଜତ୍ୱ ରକ୍ଷା ନ କଲେ ଏ ଜାତିର ଉନ୍ନତି ହେବ ନାହିଁ ।

## ନୀଳଚକ୍ରର କାର୍ଯ୍ୟ

ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ଦୁରବସ୍ଥା ଲୋକଲୋଚନକୁ ଆଣି ଯଥାଶକ୍ତି ସାହାଯ୍ୟ କରିବା ଲାଗି 'ନୀଳଚକ୍ର' ଅନୁଷ୍ଠାନ ଗଢ଼ାଯାଇ ଅଛି । ଏହାର କେନ୍ଦ୍ର ଦଳପତି ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା ମଞ୍ଜୁଷାରେ ଅନୁଷ୍ଠାନର ବାର୍ଷିକ ସମ୍ମିଳନୀରେ କହିଥିଲେ ''ନୀଳଚକ୍ର ସର୍ବଦା ବିଚ୍ଛିନ୍ନାଞ୍ଚଳ ପ୍ରତି ଦୃଷ୍ଟି ଦେବ ଓ ଓଡ଼ିଆମାନଙ୍କର ଅଭାବ ଅସୁବିଧା ଯେତେ ଦୂର ସମ୍ଭବ ଦୂର କରିବ ।'' ଏହି ଅନୁଷ୍ଠାନ ଦୀର୍ଘଜୀବୀ ହେଉ । ବେସରକାରୀ କ୍ଷେତ୍ରରେ ଯାହା କିଛି ସେବା କାର୍ଯ୍ୟ ସମ୍ଭବ କରାଯାଉ ।

ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ଭାଇମାନେ ସେମାନଙ୍କ ତ୍ୟାଗ ଓ ଅନ୍ୟମାନଙ୍କ ସୌହାର୍ଦ୍ଦ୍ୟ ବଳରେ ଦିନେ ଉତ୍କଳଜନନୀଙ୍କ କ୍ରୋଡ଼ରେ ସ୍ଥାନ ପାଇବେ । ହତାଶ ନ ହୋଇ ନିଜର ଦୃଷ୍ଟି ତଥା ମାତୃଭାଷା ପ୍ରତି ମମତା ରଖି ତାର ପ୍ରସାର କରନ୍ତୁ । ସବୁ ବାଧା ବିଘ୍ନ ଆଡ଼େଇ ଚାଲନ୍ତୁ । ଓଡ଼ିଆ ଆନ୍ଦୋଳନ ଚାଲିଥାଉ ।

## ଉତ୍କଳସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ

ଏ ମଧ୍ୟରେ ପାରଳା ମହାରାଜା ସ୍ୱର୍ଗୀୟ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡୀ ଠାରେ ସ୍ୱତନ୍ତ୍ର ଅଧିବେଶନ ତା ୨୩।୬।୧୯୭୪ରେ 'ସମାଜ ସମ୍ପାଦକ ପଦ୍ମଭୂଷଣ ରାଧାନାଥ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗୀୟ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ବିଭିନ୍ନ ପ୍ରଦେଶରେ ଥିବା ସଂଖ୍ୟାନ୍ୟୂନ ଓଡ଼ିଆଙ୍କ ସଂସ୍କୃତିର ତଥା ନିଯୁକ୍ତି କ୍ଷେତ୍ରରେ ପାତର ଅନ୍ତର କରଯିବା ପାଇଁ ପ୍ରତିବାଦ ଜ୍ଞାପନ କରାଯାଇଥିଲା । ସୀମାନ୍ତ ଅଞ୍ଚଳ ପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଅନୁରୋଧ କରାଗଲା । ଖଣିଜ ସମ୍ପଦର ବ୍ୟବହାର କରି ବୃହତ୍ ତଥା ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା, ଜଖପୁର-ବାଂଶପାଣି ରେଲରାସ୍ତା, କୃଷିର ବିକାଶ ଆଦି ଦ୍ୱାରା ଦେଶର ଆର୍ଥିକ ଉନ୍ନତି ଘଟାଇବା ପ୍ରସ୍ତାବ ଧାର୍ଯ୍ୟ ହେଲା ।

ଅନବରତ ବର୍ଷା ଓ ମରୁଡ଼ିରେ କୃଷିହାନି, ବୈଦେଶିକମାନଙ୍କ

Digitized by srujanika@gmail.com

ଶୋଷଣ, ଦେଶର ଖଣିଜ ସମ୍ପଦ ଓ ପ୍ରଚୁର ଜଳସମ୍ପଦର ବ୍ୟବହାରରେ ଅଭାବ, ବନ୍ୟ ସମ୍ପଦର ଅସଦ୍‌ବିନିଯୋଗ, କୃଷି ନିମନ୍ତେ ଜଳ ଓ ସାରର ଅଭାବ ସବୁ ମିଶି ଉତ୍କଳୀୟ ଉତ୍କଳକୁ ଦରିଦ୍ର କରି ରଖିଛନ୍ତି । କେନ୍ଦ୍ର ସରକାରଙ୍କ ବୈମାତୃକଭାବ, ରାଜ୍ୟ ସରକାରଙ୍କ ସାହସହୀନତା, ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସହଯୋଗ ଅଭାବ ତଥା ସ୍ୱଳ୍ପ ମୂଳଧନରେ ଏକୈକ ବ୍ୟବସାୟରେ ଆଶଙ୍କା ନେଇ ଏଦେଶ ଧନବଳରେ ଅନ୍ୟାନ୍ୟ ପ୍ରଦେଶ ସହିତ ସମପଦକ୍ଷେପରେ ଗତି କରିବା ସମ୍ଭବ ହେଉ ନାହିଁ । ଅଣଓଡ଼ିଆମାନେ ପ୍ରାୟ ସବୁ କଳକାରଖାନାର ମାଲିକ ହୋଇଛନ୍ତି ।

ଚିଲିକା ହ୍ରଦ ଯାହା କି ପ୍ରାୟ ୪୦୦ ବର୍ଗମାଇଲ ବିସ୍ତୃତ ସେଥିରୁ ମାଛ, ଶୁଖୁଆ, ଚିଙ୍ଗୁଡ଼ି, କଙ୍କଡ଼ା ଆଦି ପଦାର୍ଥ ରପ୍ତାନିରୁ ଓଡ଼ିଶା ପ୍ରାୟ ଦୁଇକୋଟି ଟଙ୍କା ପାଏ । ସାମାନ୍ୟ ଚେଷ୍ଟା କଲେ ଏ ସମ୍ପଦରୁ ଦଶକୋଟି ଟଙ୍କା ମିଳିବ । ବିଦେଶରେ ଚିଙ୍ଗୁଡ଼ି ପ୍ରତି ଯେପରି ଆଗ୍ରହ ବଢ଼ୁଛି ସେଥିରେ ଏଭଳି ଆଶା ଅସଙ୍ଗତ ନୁହେ ।

ଚିଲିକାର ଦଳରୁ ଯେଭଳି ରସାୟନିକ ତଥା ସୁଗନ୍ଧଦ୍ରବ୍ୟ ଉତ୍ପାଦନର ଚେଷ୍ଟା ହେଲଣି ତାହା ମଧ୍ୟ ଲାଭପ୍ରଦ ହେବ । ଚିଲିକା ନୌତାଲିମ୍ କେନ୍ଦ୍ରର ଶୁଭ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ବହୁ ଆଶାଜନକ ବାଣୀଶୁଣାଇ ଛନ୍ତି, ଆଶା ତାହା ଶୀଘ୍ର କାର୍ଯ୍ୟରେ ପରିଣତ କରାଯିବ । କେନ୍ଦ୍ର ସରକାରଙ୍କୁ ମଗାଇ ଆମର ପାରାଦ୍ୱୀପ, ଚାନ୍ଦ-ବାଲି, ଗୋପାଳପୁର ବନ୍ଦରମାନଙ୍କର ଉନ୍ନତି କରାଯିବା ଫଳରେ ଦେଶର ଆର୍ଥିକ ଉନ୍ନତି ଘଟିବ ।

ଦେଶର ଲୁକ୍‌କାୟିତ ଖଣିଜ ସମ୍ପଦକୁ କାର୍ଯ୍ୟରେ ଲଗାଇବା ପାଇଁ ଆମ ସରକାର ପ୍ରବଳ ଚେଷ୍ଟା କରୁଥିବା ଜଣାଯାଏ । ଫଳରେ କେତେ କାରଖାନା ଗଢ଼ି ଉଠିବ । ସର୍ଗିପାଲି ଆଦିର କାର୍ଯ୍ୟାରମ୍ଭରେ ବିଳମ୍ବ ଘଟିବା ହେତୁ ନାନା ଆଶଙ୍କା ଜାତ ହେବା ସ୍ୱାଭବିକ । ଦେଶ ଶିଳ୍ପ ସମୃଦ୍ଧ ନ ହେଲେ ଉନ୍ନତି ଲାଭ କରି ନ ପାରେ । ବର୍ତ୍ତମାନ କେନ୍ଦ୍ରସରକାର ଓଡ଼ିଶା ପ୍ରତି ସାମାନ୍ୟ ଶୁଭଦୃଷ୍ଟି ଦେଉଛନ୍ତି, ଏହା ବର୍ଦ୍ଧିତ ହେଉ । ଓଡ଼ିଶାର ଉନ୍ନତିରେ ସମଗ୍ର ଭାରତର ଉନ୍ନତି ନିହିତ ଅଛି, ଏହା ଭାରତର ବୁଦ୍ଧିଜୀବୀ-ମାନେ ବୁଝିଲେ ଭଲ ହେବ ।

----

# ପରିଶିଷ୍ଟ

ଶ୍ରୀ ହେନେରି ରିକେଟସ ଓଡ଼ିଶାର କମିଶନର ଭବେ ସମ୍ବଲପୁର ଓଡ଼ିଶାରେ ମିଶିବା ଆବଶ୍ୟକତା ଉପଲବ୍ଧି କରି ୧୮୫୫ ମସିହାରେ ଯେଉଁ ମତ ଦେଇଥିଲେ ତାହା ପ୍ରଣିଧାନ ଯୋଗ୍ୟ । ତାଙ୍କ ଅଭିମତ ହେଲ ।

"After much consideration, I am decidedly of opinion, that unless reasonable and strong objections can be offered by the inhabitants, Sambalpur should be transferred to Cuttack. The inhabitants are most of them Orriahs and have no affinity of Community of interest of any kind with the people of Chot Nagpur.

ସେ ମଧ୍ୟ ବଙ୍ଗଳା ସହିତ ଓଡ଼ିଶାର ପ୍ରାକୃତିକ ସାମଞ୍ଜସ୍ୟ ନଥିବା ଓ ତାର ସ୍ୱତନ୍ତ୍ର ଭଷା ହେତୁ ଏହି ଅଞ୍ଚଳକୁ ଅଲଗା ପ୍ରଦେଶ କରିବା ଉଚିତ ହେବା ମତ ଦେଇ, ଲେଖିଥିଲେ :—

"The province of Orissa may certainly be advantageously separated from Bengal.

× × ×

Even to this day Cuttack is more easily approached by sea from Calcutta than by land, and at certain seasons it can scarcely be reached at all by either route. This isolation, and specially the difference of language, render a separate administration of officers stationed permanently in the province a great desideratum for Cuttack

ଓଡ଼ିଶାର ଆଉ ଜଣେ କମିଶନର ଏଚ. ଜି. କୁକ୍ ୧୮୯୫ ମସିହାର ବାର୍ଷିକ ରିପୋର୍ଟରେ ଲେଖିଲେ :—

"As a question of administrative reform for which there is much to be said, I have to advocate the extension of the divisional boundaries so as to include the whole area populated by races speaking, the Oriya language, on at any rate, some definite areas adjoining Orissa where the Oriya language prevails. × × ×

The areas that I refer to are the Sambalpur district of the Chatisagarh Division of the Central Provinces with the tributary states of Patna, Sonepur, Rarhakhole, Bamra, Kalahandi and the whole part of Ganjam district with the states of Kimidi and Gumsur."

Digitized by srujanika@gmail.com

ଉବାର୍ଥ ହେଲା ପ୍ରଶାସନିକ ସଂସ୍କାର ବହୁତ କଥା କହିବା ମଧ୍ୟରେ ମୋତେ ପ୍ରାଦେଶିକ ସୀମା ବୃଦ୍ଧିନେଇ ଯୁକ୍ତି ବାଢ଼ିବାକୁ ହେବ ଯେପରି କି ଓଡ଼ିଆ ଭାଷୀ ଅଞ୍ଚଳ ସମେତ ସନ୍ନିକଟସ୍ଥ ଗଡ଼ଜାତ ଓ ମଧ୍ୟପ୍ରଦେଶାନ୍ତର୍ଗତ ଛତିଶଗଡ଼ ଡ଼ିଭିଜନର ସମ୍ବଲପୁର ଜିଲ୍ଲା ଓ ପାଟଣା, ସୋନପୁର, ରେଢ଼ାଖୋଲ, ବାମଣ୍ଡା, କଳାହାଣ୍ଡି ରାଜ୍ୟ ଏବଂ ଖେମଣ୍ଡି, ଘୁମୁସର ସହ ସମଗ୍ର ଗଞ୍ଜାମ ଏକ ପ୍ରଦେଶ ଅନ୍ତର୍ଭୁକ୍ତ ହେବ ।

## ଗଞ୍ଜାମ କୋର୍ଟ-କଚେରୀରେ ଓଡ଼ିଆ ପ୍ରଚଳନ ପ୍ରସ୍ତାବ

ଗଞ୍ଜାମ ଉତ୍କଳ ସମିତି ପ୍ରସ୍ତାବ ଗ୍ରହଣ କଲେ ଯେ ଗଞ୍ଜାମର ଓକିଲମାନେ ଜିଲ୍ଲାର କୋର୍ଟ—କଚେରିମାନଙ୍କୁ ଆପତ୍ତି, ଅଭିଯୋଗ, ଜବାବ, ଅନୁରୋଧ ଓଡ଼ିଆରେ ଲେଖିଦେବେ । ଏ ପ୍ରସ୍ତାବ ଓକିଲ ଶ୍ରୀ ବିଶ୍ୱନାଥ ମିଶ୍ର (ପରେ ବାରିଷ୍ଟର) ଆଗତ କରିଥିଲେ ଓ ଓକିଲ ହରିହର ପଣ୍ଡା ସମର୍ଥନ କରିଥିଲେ । ଏ ପ୍ରସଙ୍ଗ ୧୩।୧।୧୯୦୬ରେ "ଷ୍ଟାର ଅବ୍ ଉତ୍କଳ"ରେ ପ୍ରକାଶ ପାଇଥିଲା । ପୁଣି ସେଥିରେ ଉଲ୍ଲେଖଥିଲା ଯେ ଶ୍ରୀ ବିଶ୍ୱନାଥ ମିଶ୍ର, ଶ୍ରୀ ହରିହର ପଣ୍ଡା ଓ ଶ୍ରୀ ନୀଳମଣି ବିଦ୍ୟାରତ୍ନ ଓଡ଼ିଶା ଗଠନ ପାଇଁ କଠୋର ପରିଶ୍ରମ କରୁଛନ୍ତି ଓ ପ୍ରଧାନ ବିଷୟମାନଙ୍କରେ ଖଲିକୋଟ ତଥା ଧରାକୋଟ ରାଜାଙ୍କ ପରାମର୍ଶରେ ଚଳୁଛନ୍ତି । ଓଡ଼ିଆଭାଷା ବ୍ୟବହାର ଦ୍ୱାରା ତେଲେଙ୍ଗା ମହକିଲ ଓଡ଼ିଆ ଓକିଲଙ୍କ ପାଖକୁ ଆସି ନ ପାରନ୍ତି ଓ ଫଳରେ ଓଡ଼ିଆ ଓକିଲ କ୍ଷତିଗ୍ରସ୍ତ ହେବେ । ଏହା ସତ୍ତ୍ୱେ ସେମାନେ ଦେଶପାଇଁ ସ୍ୱାର୍ଥ ତ୍ୟାଗକଲେ ।

At a Special meeting of the Ganjam Utkal-Samiti it was resolved to request the Oriya pleaders of Ganjam to use the Oriya language in all the petitions, applications and statements submitted by them to the different Courts of Ganjam This was moved by Baboo Biswanath Misra and seconded by Harihar Panda, both of them pleaders. We are glad that these two gentlemen bound themselves by such a self denying ordinance. We believe it means that in the courts instead of Telugu, they will argue in Oriya. This may lead to their losing Andhra Clients. It is for this reason we have called it a self denying ordinance. The two gentlemen deserve our praise for determining to sacrifie their interest for what they consider to be beneficial to their country.

× × × × Baboo Biswanath Misra, Baboo Harihar Panda and Pandit Nilamani Vidyaratna have been working very hard for the country. But when they propose something in the name of the Utkal Community they should gather the view of the leading men of the community, particularly of the Rajas of Khallikote and Dharakote etc."

(*Star of Utkal* 13-1-1906)

Digitized by srujanika@gmail.com

ବି: ଦ୍ର :—ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ସଂକ୍ଷିପ୍ତ ପରିଚୟ ୧୭୮ ପୃଷ୍ଠାରେ ଅଛି । ସେ ବ୍ୟବସ୍ଥାପକ ସଭରେ ସ୍ୱତନ୍ତ୍ର ପ୍ରଦେଶ ପାଇଁ ବହୁ କାମ କରିଥିଲେ—ଫକୀରମୋହନ ତାଙ୍କ ଉତ୍କଳ ଭ୍ରମଣରେ ଲେଖିଛନ୍ତି —

ଉଏଲ ମିଷ୍ଟର ବି: ଏନ୍ ମିଶ୍ର ଗୁଡ଼ଙ୍କାଇ ଗୁଡ଼ବାଇ
ଭଲ ଆଦର୍ଶଟା ଏକା ଦେଲତ ଦେଖାଇ ।

× × × ×

ବିଚରା ମୁଁ କରୁଅଛି ପ୍ରାର୍ଥନା ଏତେକ
ହାଇକୋର୍ଟରେ ରଖିଦେବ ଏ ଜାତିର ଟେକ ।
ଆଇ ସେ ମିଷ୍ଟର ମିଶ୍ର ଏଗେନ୍ ଗୁଡ଼ବାଇ
ଦୁଃଖିନୀ ଜନମଭୂମି ନ ଭୁଲିବ ଭଇ ।

## ଗଞ୍ଜାମର ପ୍ରଥମ ଓଡ଼ିଆ ଓକିଲ

୬ ତାରିଣୀଚରଣ ରଥ ୧୮୮୩ ମସିହାରେ ବ୍ରହ୍ମପୁରଠାରେ ଜନ୍ମ ହୋଇଥିଲେ । ୧୯୦୪ରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରୁ ବି: ଏ ପାଶକଲେ ଓ ଶିକ୍ଷା ବିଭଗରେ ସବ୍-ଆସିଷ୍ଟାଣ୍ଟ ଇନ୍‌ସପେକ୍‌ଟର ରୂପେ ନିଯୁକ୍ତି ପାଇଲେ । ସେ ଓକିଲତି ପାଶ୍ କରି ପ୍ରଥମ ଓଡ଼ିଆ ଓକିଲ ରୂପେ ବ୍ରହ୍ମପୁରରେ ବ୍ୟବସାୟ କଲେ । ୧୯୦୮ ମସିହାରେ ମୁନସିଫ ହେଲେ । ୧୯୨୨ରେ ପ୍ରାଣତ୍ୟାଗ କଲେ । ସେ ଘୁମୁସର ଇତିହାସ ଆଦି ଉପାଦେୟ ପୁସ୍ତକମାନ ଲେଖି ଗଞ୍ଜାମରେ ଓଡ଼ିଆ ପ୍ରଗ୍ୱରରେ ସହାୟକ ହୋଇଥିଲେ ।

## ମାଇଲ୍ ଖଣ୍ଟରେ ତେଲୁଗୁ ଲେଖା

ଶିକ୍ଷା ପରିଦର୍ଶକ—ବଳରମ ମହାରଣା ମାନ୍ଦ୍ରାଜ ଲାଟଙ୍କ ଗଞ୍ଜାମ ପରିଦର୍ଶନ ବେଳେ ତାଙ୍କ ଆଗକୁ ଯାଇ ଉଚ୍ଚସ୍ୱରରେ କହିଲେ

This is Odiya country.
Odiya man going going
not knowing mile stone.

ଗେଡ଼ରେ ଥିବା ପଥ ନିର୍ଦ୍ଦେଶକ ପଥର ଖୁଣ୍ଟରେ ମାର୍ଗର ଦୂରତା ତଥା ସ୍ଥାନର ନାମ ତେଲୁଗୁରେ ଲେଖା ଯାଉଥିଲା । କିଛିଦିନ ପରେ ଇଂରାଜିରେ ଲେଖାଗଲା ।

Digitized by srujanika@gmail.com

# ୭୧ ପୃଷ୍ଠାରେ ସଂଯୋଜନ

୧୯୦୩ ମସିହା ମାନ୍ଦ୍ରାଜରେ ଭାରତର ଜାତୀୟ କଂଗ୍ରେସ ଅଧିବେଶନରେ ଓଡ଼ିଶାର କୌଣସି ପ୍ରତିନିଧି ଯୋଗ ଦେଇ ନ ଥିଲେ । ବଙ୍ଗଳାକୁ ଦୁଇଭାଗ କରିବା ବିରୋଧରେ ଯେଉଁ ପ୍ରସ୍ତାବ ଆସିଲା, ସେଥିରେ ବ୍ରହ୍ମପୁରର ଜି: ଗଙ୍ଗା ରାଉ ମାନ୍ଦ୍ରାଜ ପ୍ରଦେଶରୁ ମଧ୍ୟ କୌଣସି ଅଂଶ ବିଚ୍ଛିନ୍ନ ନ କରାଯାଉ ବୋଲି ସଂଶୋଧନ ଯୋଡ଼ି ଦେଲେ, ମାନ୍ଦ୍ରାଜର ତାମିଲ ସଭ୍ୟ ଭି: କୃଷ୍ଣସ୍ୱାମୀ ଆୟାର ଏହି ସଂଶୋଧନର ବିରୋଧ କଲେ, କିନ୍ତୁ ତାଙ୍କୁ ସମର୍ଥନ ନ ମିଳିବାରୁ ସଂଶୋଧନ ସହ ପ୍ରସ୍ତାବଟି ପାଶ ହୋଇଗଲା, ମୂଳ ପ୍ରସ୍ତାବଟି ହେଲା—

"The Congress views with deep concern the present policy of the Government of India in bringing up territorial divisions which have been of long standing and are closely writed by ethnological, linguistic, social and administrative relations and the Congress depreciates the separation from Bengal of Dacca, Rajasahi and Chittgong Divisions.

ଏ ପ୍ରସ୍ତାବରେ ଯୋଡ଼ା ହେଲା ।

"and also separation of the District of Ganjam and the agency tracts of Ganjam and Vizagpatam from Madras Presidency.

ବଙ୍ଗଭଙ୍ଗ ବିରୋଧ ପ୍ରସ୍ତାବର ସାରମର୍ମ ହେଲା ଯେଉଁ ଅଞ୍ଚଳ ସବୁ ଜାତି ଭାଷା ସାମାଜିକ ସଂସ୍କୃତି ଓ ଶାସନ ସୁବିଧା ଦୃଷ୍ଟିରୁ ବହୁକାଳ ଧରି ପରସ୍ପର ସହ ସଂଶ୍ଳିଷ୍ଟ ହୋଇ ରହିଛନ୍ତି, ସେ ଅଞ୍ଚଳ ଗୁଡ଼ିକୁ ବିଚ୍ଛିନ୍ନ କରିଦେବା ପାଇଁ ଭାରତ ସରକାର ଯେଉଁ ନୀତି ଗ୍ରହଣ କରୁଛନ୍ତି ସେଥିରେ କଂଗ୍ରେସ ବିଶେଷ ଉଦ୍‌ବିଗ୍ନ ହେବା ସଙ୍ଗେ ବଙ୍ଗଦେଶରୁ ଢ଼ାକା, ରାଜସାହୀ ଓ ଚିଟାଗଙ୍ଗ ଡ଼ିଭିଜନମାନଙ୍କୁ ବିଚ୍ଛିନ୍ନ କରିବା ଘୋର ଅନ୍ୟାୟ ବୋଲି ମନେକରନ୍ତି ।

ସଂଶୋଧିତ ପ୍ରସ୍ତାବରେ ଯୋଡ଼ି ଦିଆଗଲା "ପୁଣି ମାନ୍ଦ୍ରାଜ ପ୍ରଦେଶରୁ ଗଞ୍ଜାମ ଜିଲ୍ଲା ଓ ଗଞ୍ଜାମର ତଥା ବିଶାଖପାଟଣାର ମାଳ ଅଞ୍ଚଳ ବିଚ୍ଛିନ୍ନ କରିବା" (ଘୋର ଅନ୍ୟାୟ) ।

ବି. ଦ୍ର:—ଏସମ୍ବନ୍ଧେ ମଧୁବାବୁଙ୍କ ଉପସ୍ଥିତି ଆଦି ଯାହା ଲେଖା ଯାଇଛି ସେ ସବୁ ଠିକ୍ ନୁହେଁ ।

Digitized by srujanika@gmail.com

*Extracts from*

*The imperial Gazetter of India Vol. VI.*

*by E. W. Hunter.*

**The Indian Vernaculars**

While Uriya occupies the Mahanadi delta and the coast of the bay of Bengal from north mouth of Hugli to the Northern district of Madras.

× × ×

As regards the isolated vernacular of Orissa, the present writer has elsewhere given an analytical catalogue of 107 Uriya authors, with a brief description of 47 Uriya manuscripts of underternined authorship. × × Page 343.

Famine-Page 54

Again in 1865-66 which will ever be known as the year of the Orissa famine, the Government attempted to organize relief works and to distribute charitable funds. But on neither of these occasions can it be said that its efforts were successful. In Orissa especially, the admitted loss one fourth of it proved the danger, to which an isolated province is exposed.

The people of Orissa died because they had no surplus stocks of their own, and because importation, on an adequate scale was physicaly impossible by sea or land.

୧୮୮୧ ମସିହାରେ କଟକ ସହରର ଜନସଂଖ୍ୟା ୪୨,୬୫୬, ବ୍ରହ୍ମପୁର ୨୩,୫୯୯, ପୁରୀ ୨୨,୦୯୫ (ଇମ୍ପିରିଅଲ ଗେଜେଟ)

## ୧୯୭୧ ମସିହାର ଜନଗଣନାରେ ଓଡ଼ିଶାର ଜନସଂଖ୍ୟା

| | ଜିଲ୍ଲ | ଜନସଂଖ୍ୟା | ଆୟତନ (ବର୍ଗ କିଲୋମିଟର) |
|---|---|---|---|
| ୧ । | ଗଞ୍ଜାମ | ୨,୨୯୩,୮୦୮ | ୧୨,୫୨୭ |
| ୨ । | କୋରାପୁଟ | ୨,୦୪୩,,୨୮୧ | ୨୭,୦୨୦ |
| ୩ । | ପୁରୀ | ୨,୩୪୦,୮୫୯ | ୧୦,୧୫୯ |
| ୪ । | କଟକ | ୩,୮୨୭,୬୭୮ | ୧୧,୨୧୧ |
| ୫ । | ବାଲେଶ୍ୱର | ୧,୮୩୦,୫୦୪ | ୬,୩୯୪ |
| ୬ । | ମୟୂରଭଞ୍ଜ | ୧,୪୩୪,୨୦୦ | ୧୦,୪୧୨ |
| ୭ । | କେନ୍ଦୁଝର | ୯୫୫,୫୧୪ | ୮,୨୪୦ |
| ୮ । | ସମ୍ବଲପୁର | ୧,୮୪୪,୮୯୮ | ୧୭,୫୭୦ |
| ୯ । | ସୁନ୍ଦରଗଡ଼ | ୧,୦୩୦,୭୫୮ | ୯,୬୭୫ |
| ୧୦ । | କଳାହାଣ୍ଡି | ୧,୧୬୩,୮୬୯ | ୧୧,୮୩୫ |
| ୧୧ । | ଢେଙ୍କାନାଳ | ୧,୨୯୩,୯୧୪ | ୧୦,୮୨୬ |
| ୧୨ । | ଫୁଲବାଣୀ | ୬୨୧,୬୩୫ | ୧୧,୦୭୦ |
| ୧୩ । | ବଲାଙ୍ଗୀର | ୧,୨୬୩,୬୫୭ | ୮,୯୦୩ |
| | | ୨୧,୯୪୪,୬୧୫ | ୧,୫୫,୮୪୨ |

## MADRAS ORIYAS AND THE SIMON COMMISSION.

The recommendation for a Boundary Commission along with a few words of sympathy in the Report of the Simon Commission seems to have caught the imagination of some of our friends. The readers have to realise that the problem of the Oriyas is quite distinct and separate from the larger one of a federation of India on the basis of linguistic provinses.

× ×

### STILL RECOMMENDATIONS

We have long passed the stage of recommendations. The readers of Blue Books from 1902 to 1905 will see that the Government of Lord Curzon made their recommendations after a long and elaborate enquiry. The coronation despatches of 1911 speak of the grave injustice done to Orissa and resulted only in creating confusion worse confounded by adding the present political Orissa Division to the newly created Province of Bihar and Orissa. *The Montford Report made a special recommendation to the reformed Government to take early action regarding Orissa and Berar as an urgent and immediate case for their consideration.* Agitation from the people has been continuous, persistent, vigorous and spread all over the Oriya speaking tracts. Public opinion on this question was so strong that the Government of India was obliged to appoint the Phillip-Duff Commission for a detailed enquiry. The Government of Orissa deputed a special officer for the collection of further materials. The Simon Commission appointed a Sub-committee to make detailed proposals on this question made a part of the general one of the creation of provinces in India on a language basis This, to say the least, is an attempt to hood-wink public opinion on the plea of an enquiry.

### FOR THE ENQUIRY

The Sub-Committee of Simon Commission seems to have tackled the question neither properly nor fairly so for as their recommendations relate to the Oriya speaking tracts of Madras. No reason was assigned why the Vizag. Agency as also the Taluks of Sompeta, Parlakimidi and Tekkali in Ganjam are to be excluded from the proposed Oriya Province. From a reply given to Sriman Biswanath Das Mahasay to a series of his interpellations, the Government of Madras admitted that figures of Vizagapatam Agency have not been called for, by the Commission and that they had to furnish only such information as was required by them. These prove beyond doubt that the Sub-Committee has not at all considered the necessity of the inclusion of Vizag-Agency in the new Orissa Province. In my article published in the "East Coast" as also in the Dailies of Madras, have clearly shown from Official reports how the Vizag Agency is

Digitized by srujanika@gmail.com

predominantly Oriya, a fact recognised by the Government in all its reports and publications. Oiiyas form the majority of the population in the Agency. Oriya has been the court language and the language taught to the Khond have all their kinsmen in the adjoining Oriya tributary States and British areas of Orissa, I have quotted Mr. Macpherson and other special officers deputed to the Khond area with their findings that the Oriyas even in the fiftees of the last century had as close and intimate a relation with the Khonds as they have today. Some military authorities were also quotted in my letter showing the startagic importance of this proposal. Regrettable therefore, that the inclusion of this extensive and important area should have altogether been omitted by a set of gentlmen who called themselves responsible and earnest.

## IMPORTANCE OF THE AREA AND VIEW OF THE ANDHRAS.

The Oriya portion of Vizagapatam Agency consists of about 12000 (twelve thousand) square miles surrounded on three sides by the Oriya speaking tracts of the Orissa Division, the Oriya Agency tracts of. Ganjam and the Tributary States of Orissa. This vast area is being connected with the Railway system connecting the Central Provinces with the sea board at Vizagapatam. The agency with its vast area of forests, fertile plains and the mineral wealth is bound to play an important part in the economic history of any province to which it may be attached. If this vast area is to be added to the Andhra province to be you not only decide the entire Khond and Savara population between two provinces, but also undo all the work done during a period of 100 years of British rules and leave a big discontented minority community of Oriyas in the Andhra country which will neither add to their peaceful growth nor be conducive to a peaceful administration. With this view the Andhra leaders never claimed the Vizag-Agency for inclusion in the proposed Andhra Province. This is seen from the pamphlet published by the Andhra Provincial Committee as also from the written and oral evidence of the Andhra representatives before the Joint Select Committee of both Houses of Parliament on the Government of India Bill of 1919. Let not any one. therefore, be deceived by the recommendation of the Simon Commission so far as Orissa is concerned. We can not allow scattered limbs of Orissa to be turn as under in the way proposed by a commission which never waited to solve the problem. The proper course for the Oriyas, therefore, is not to accept the recommendation unless the Oriya speaking tracts of the Vizagapatam Agency are included in the proposed Oriya province.

Vizagapatam. **Sree Vikrama Deo Varma**

15-1-30

Digitized by srujanika@gmail.com

CONFIDENTIAL

# NOTE BY RAJASAHEB OF KHALLIKOTE ON BOUNDERIES OF ORISSA PROVINCE.

At the outset, I record my personal gratitude, and also convey the fateful thanks of twelve millions of Oriya-speaking people, living either in British or Indian India, to His Majesty's Government, and particularly to the Secretary of State for the declaration that Orissa should become a separate province, simultaneously with the new Constitution. Thereby, the Secretary of State has won over the loyalty and devotion of over twelve millions of Oriyas living in British India to the British Crown and to the new Constitution as well.

2. The Secretary of State was pleased to observe at the final session of the Conference that there are questions connected with the boundary of Orissa and have to be fully considered. I do hope it will be possible for the India Office to come to a final decision on the same, and that instructions may be given by the Secretary of State to the Government of India to arrange delimitation of boundaries and to settle electoral and other details, in the light of that decision. The Provincial Governments have given their views on the question so very often, and the latest Government of India despatch must have recorded their opinion on the O'Donnel Committee's scheme. Unwillingness of certain Provincial Governments to part with certain Oriya-speaking tracts is as old as the beginning of the twentieth century. Each Provincial Government has remarked on the low economic life of the Oriya-speaking territories but each Government has paradoxically refused to part with such territories. I will detail province by province the considered views of the Oriya people on this vexed and complex question of delimitation of boundaries, and how far the O'Donnel scheme fails short of the legitimate demands of the Oriyas. I would also illustrate later that unless a homogenous area be conceded to the Oriyas, the economic development of Oriyas will be a good deal hampered, and the problem of Oriya minorities have to be faced equally strongly in all the four provinces of Bengal, Bihar, Central Provinces and Madras.

Digitized by srujanika@gmail.com

3. The misfortune of the Oriya people has been that their legitimate demand for a separate Province has been overlooked so long, and although the declaration for the separate Orissa province on the 24th instant. is so very welcome, the evils arising out of the boundary controversy, have so embittered the situation in India that even Provincial Governments cannot keep independent views on this complex issue, as would no doubt appear from perusal of their opinions. To myself, this announcement of a separate Orissa province is doubly welcome, as it was in the beginning of this century that my late lamented father (Raja Sri Hari Hara Mardaraja Deo) along with other prominent public leaders of Oriya speaking people, ennunciated the demand for the unification and amalgamation of all the Oriya speaking tracts. It is nearly thirty years after that Orissa is to be created a separate province. Perhaps it may not include the same areas as was thought then to be Oriya-speaking tracts, and had the late Lord Curzon settled the boundaries of Orissa, greater Orissa would include tracts which have been lost to us through the O'Donnel findings. In para 12 of the well-known Risley letter, Oriya speaking tracts included the whole of the Ganjam District, the Ganjam Agency Tracts, the Vizagapatam Agency Tracts and a part of the Singhbhum District. In subsequent paras I intend to compare the Risley figures of census with modern census figures to show how powerful influences of dominating neighbouring races, have undermined the Oriya cause, and vitiated even the accuracy of census figures on which Sir Herbet Risley was so great an authority. Lord Curzon wanted to unify the Oriya speaking tracts. The British Government of the time unified the two Bengal Provinces, and left the Oriya problem unsolved. Oriya people, in miscroscopic minorities in four different provinces, having microscopic representation only in two Legislative Councils, Bihar and Madras. and having no direct representation previously, or even after, the Montform Reforms in Central Provinces and Bengal, suffered obliteration of their race and language as would be evident from successive census figures quoted hereafter. How important it is therefore, that the Secretary of State would give his decision on the boundaries of Orissa, taking into account the past records of the Government of India dating from 1903, and onwards.

Before going into details of boundaries of Oriya speaking tracts, I wish to refer to two other reports-namely, the report of the Philip-Duff Enquiry Committee and the Simon Commission. The Philip-Duff Enquiry Committee ascertained the wishes of the people in my District-the Ganjam District-and found that they were everywhere anxious to go with the zemindars, and the Oriya people only claim those zemindaries which have been under the Oriya zemindars for centuries. In these zemindari areas, the tenants look up to the landholders for protection, socially and economically. The Attlee

Digitized by srujanika@gmail.com

Sub-Committee of the Simon Commission also recommended that the boundary problem should be placed on an economic basis, whereby railway and road communications would favour the development of the new Orissa. Rightly did Risley point out in his letter of 3rd December 1903, the fact that "questions of race and language, in addition to or apart from, the more arbitrary distinction of administrative partition" were involved.

## THE CASE OF GANJAM DISTRICT.

The influences of interested persons did much to vitiate the Oriya demand. Census figures were wrong in every subsequent census, not even excepting the last one, as was pointed out to H. E. the Viceroy on the 17th September 1932 by the Oriya Deputation. Risley in 1903, mentions in para 12 of his letter:

> "(c) The Ganjam District, now under Madras in which, out of a total population of 1,689,000: 1,275,000 are Oriya speaking".

Subsequent censuses gave a different story of the Oriya speaking people.

| | |
|---|---|
| 1901 | 1,274,975 |
| 1911 | 958,661 |
| 1921 | 931,790 |
| 1931 | 969,244 |

Yet, the population of the District has grown to 1,761,554 for the Oriya speaking areas of Ganjam Plains, minus Chicacole Taluk which is purely a Telugu speaking tract.

A look at the map would show that the .. O'Donnel findings in the boundary scheme exclude the Oriya zemindaries of Mandasa, Budharsing, Jalantara, Baruva, Tarla, Nandigam and Tekkali, lying to the South-East coast, and thereby, a strip of land, varying from 6 to 20 miles in breadth and 60 miles in length, on the sea board, thus leaving railway and trade communications in the hand of Madras. Yet 6 miles to the east of South Parlakimedi Taluk, on the south of Tekkali, would have joined Orissa province to the sea.

5. From the aspect of giving railway and road communications to the new province, Parlakimedi happens to be the trade route and nerve centre of business for 13,000 square miles of backward tracts-viz. the Ganjam District and the Vizag Agency that are preponderan-

Digitized by srujanika@gmail.com

tly Oriya speaking tracts, and will form part of the Orissa province. To deprive Orissa province of the small strip of land on the sea coast, is to deprive ancient Oriya zemindaries of their social and economic ties with Oriya princes of Orissa States, and also zemindaries of Orissa and Ganjam, to whom they are closely related. It is, therefore, very essential that the Estates of Mandasa, Tekkali, Budharsing etc., should form part of Orissa province.

6. It has been observed often that the new province of Orissa has not a site for hill-station. With Mandasa Estate in Orissa Province this obstacle will be removed, and the Mahendragiri, which is 5,000 feet above sea level, and yet only a few miles from the sea, would form a delightful hill station for the Government. The solution indicated above would solve many issues. It would unite powerful Oriya zemindars with their brethern in the north, it would make the people homogeneous from an economic aspect (their trade communications are entirely with North and West Ganjam). It will solve once and for all the search for a suitable hill station, and finally, it will include that portion of natural Orissa, excluded by the O'Donnel scheme.

## SOUTH MIDNAPUR IN BENGAL.

7. The Attlee Sub-Committee of the Simon Commission was for inclusion of South and West Midnapur. They obesrved "In Bengal, there is only the possibility of minor adjustments of boundary in the circles of Mohanpur and Gopiballavpur in the interests of Orissa." I wish to point out at this stage, that nowhere, the census figures underwent such manipulations as was the case in Midnapur District. Census figures show the Oriyas as follows:

**Oriya-speakers in Midnapur District.**

| | |
|---|---|
| 1891 | 572,798 |
| 1901 | 270,495 |
| 1911 | 181,801 |
| 1921 | 142,107 |
| 1931 | 45,101 |

No comment is needed. Paras 9-12 of the O'Donnel Report throw lucid light on the fact that Oriya language was not taught to the Oriya race and how the Oriyas became Bengalised. The Report quotes the authority of Dr. Grierson over the process of Bengalisation. The O'Donnel Committee applied only the language test, ignored historic facts as to race origin, and even brushed away Attlee Committee's recommendations, on the grounds that there was an overwhelming majority opposed to the transfer to Orissa of any part

Digitized by srujanika@gmail.com

of the district. The political situation in Midnapur is too well-known to the India Office, to mention here, and no wonder that the Oriyas, who are already deprived of the advantages of education in their mother tongue, were terrorised into expressing unwillingness to leave Bengal. The Oriya claims are narrated in Para 5 of the O'Donnel Report.

### The case of Singhbhum in Chotanagpur.

8. The Oriya claims were fully dealt with in the aforementioned address to the Viceroy by the Oriya Deputation. In the pre-controversial days of 1903, Risley was of the opinion that "a part of Singhbhum District of Chutia Nagpur now under Bengal was purely Oriya speaking." Thirty years of controversy drove out the Oriya vernacular and the Oriya language. Since the forced alliance with Bihar took place in 1912, both Bengalee and Hindi languages ousted the Oriya language from the field, and the O'Donnel Committee misinterpreted the situation. Similar influences, combining the Bengalee and Hindi speaking people, went to prove that linguistically and ethnically the Oriyas are a small minority.

9. And yet, Risley, in para 9 of his letter, set down the Government of India viewpoint. Risley wanted the backward tracts of Chotanagpur to go with Central Provinces and observed:—

"It may be desirable to exclude such Oriya speaking elements as there are in Chotanagpur, and to leave them in Bengal" (Orissa was part of Bengal at that time). They are contained almost exclusively in the District of Singhbhum where there are 100,000 Oriya-speaking people out of a total population of 613,000. In the centre of the District, 235,000 people speak a Munda language, named Ho, which, in course of time, will probably give place to Oriya". The O' Donnel Committee ignored ethnological facts of these Hos, who are to be found Nowhere except in Orissa States. The last census figures are as follows:—

| | Number of Hos. |
|---|---|
| Singhbhum District | 262,543 |
| Other Districts in the Chotanagpur Division | 251 |
| Orissa Division | 729 |
| Orissa State (including Serai Kella and Kharswan) | 181,532 |

Digitized by srujanika@gmail.com

Surely, the associations of the Hos are in the Oriya speaking tracts, and culturally, socially and economically, their interests are closely interwoven with Orissa. The Ho people must be protected from aggressive nationalism of Bengali-cum-Hindi races who organised the anti-Oriya agitation. The Hos must be allowed to remain together for the furtherance of their ethnic and tribal interests. Oriya zemindars and chiefs have from time immemorial, dealt with these people.

10. The O' Donnel Committee was mistaken in saying, that geographically, Singhbhum would be isolated from Orissa, bringing in the point that Orissa States separate Singhbhum from Sambalpur District, as also Angul District, are today isolated from main British Orissa. Social, linguistic, cultural and economic ties must always interweave the lives of the people of Orissa States and British Orissa. On the other hand, Orissa Province needs thorough Railway communications and Singhbhum forms the link between Sambalpur and main Orissa.

**The case of certain minor Oriya-speaking tracts in Central Provinces.**

11 On certain untenable grounds the O'Donnel Committee excluded Phuljhar, Bindra Nawagarh, Chandrapur and Malkhorda in the Central Provinces from forming part of Orissa Province. Phuljhar was part of Sambalpur District until Sambalpur became part of Orissa Division. Trade communications are with Sambalpur District, and not with Raipur of Central Provinces. Controversy apart, these small areas were all along regarded as Oriya speaking, and have been claimed by Oriya people as part of Orissa, since the beginning of this century. Their inclusion would add to the financial burden of the Orissa Government, but will foster economic prosperity of the people. A glance at the map will confirm this.

12. To recapitulate, the Oriyas claim a homogeneous country, and do not covet other people's lands. Each Federated Province should have boundaries in approximate geometrical symmetry. An autonomous province should have its economic and social life independent to a certain extent. Trade routes and trade communications should centre in the province. Oriya speaking tracts under British Administration formed always distant adjuncts of four different provinces, and in spite of 130 years of neglect over development of the common interests of this "great territory" of Orissa, trade communications of the areas mentioned above, centre in Orissa Province. If these parts are excluded, Orissa would suffer from lack of facilities for communications. What I ask for the new Orissa province is a full route of railway communications. The areas, left out, when included,

Digitized by srujanika@gmail.com

will enable the Governor of Orissa to travel in his own territory, from Sambalpur on the North-West via Jamshedpur (Singhbhum) Kharagpur (Midnapur) to Paralakimedi and Gunupur-the last point being a place in the Ganjam Agency. Of course, the Governor will travel a hundred miles or so, in Orissa States, but to the common people the route is in Oriya country and the administration thus becomes homogeneous through modern communications. Neither Behar nor Bengal nor Madras suffer from any loss of trade through important railway lines being transferred to Orissa. While the railways would remain a Federal subject, the beneficial effect of development of trade and commerce should go to the province. It is hoped that in the near future, terminal taxes would be a provincial source of income. How essential it is, therefore, that the Orissa province should have thorough railway, communications at the outset of the delimitation.

13. Orissa Province bears a burden of grave responsibilities in having 15,000 square miles or 45% of her area, in backward tracts. The Vizag and Ganjam Agencies in the South require great care to promote economic development. The trade route of Jeypore of Ganjam Agency is through Parlakimedi by rail road and cart road. The geographical situation, the lines of communication, therefore make Parlakimedi the nerve centre of South Orissa. The same considerations apply mutatis mutandis, to the Oriya Estates comprised in the Sompeta and Tekkali Taluks, excluded by the O'Donnel Committee, but so much supported by the Philip Duff Enquiry Committee. On the North, the inclusion of Singhbhum and south and west Midnapur complete the picture of a homogeneous province, from linguistic and economic aspects.

14. There would remain some problems in Orissa, but every province has some difficulty to contend with. A new, modern province with such greatsufferings in the past, will provide educational facilities to all minorities, and no minority race will get obliterated in Orissa province. The Federal Government will surely intervene to protect the rights of minority races living in neighbouing provinces. So far, Oriya children do not receive education in their mother tongue in Bengal, Central Provinces, and certain parts of the Singhbhum District. Nor have the Oriyas any direct representation in the legislative councils of Bengal or Central Provinces. These problems require careful solution in the hand of the Federal Government. If the Telugus, the Bengalis-powerful, dominant races-feel that their minority interests in Orissa would suffer, does not the same dictum apply more forcibly to Oriyas living so far under perpetual minority in these provinces ?

Digitized by srujanika@gmail.com

15. The success of the new constitution depends on the financial solvency of the provinces and the Centre. Whilst I am very grateful to His Majesty's Government and the Secretary of State for the provision of financial subvention to Orissa province, to meet the needs of most of the backward tracts included in Orissa, I must urge His Majesty's Government to give Orissa province the opportunity of making herself self-supporting and solvent. She can alone do that if she becomes a homogeneous unit, where the people are culturally, ethnically, and linguistically united. If Orissa bears the responsibility of uplifting the so called backward tracts, peopled by tribes of primitive habits and customs, let these tribes, be they Khonds, Savaras or Hos, be made as complete a unit as possible within the borderland of Oriya speaking territory. Then alone can they progress in the march of civilisation without losing their ethnical or economic solidarity. The vast, undeveloped tracts, can develop only if they are placed under the care of one administration. I realise the difficulties ahead. Very watchful care, both from the Governor and the Orissa legislature, is needed, to advance these tribes in the path of civilisation. Let there be no economic handicap placed on Oriya people. Let trade communications of these areas, lie in Orissa province. Let new Orissa develop these trade centres. How very important it is, for the future financial solvency of Orissa that the Sompeta, Tekkali taluka should form part of Orissa in the south, and Jamshedpur and Kharagpur should be part of north Orissa.

I must conclude this note by saying that I will be only too glad to lelucidate these points on the map to any official of the India Office. I intend to stay here until about mid-January, and would be pleased to discuss the issues raised here, if required. I must once again plead that the final decision on the boundaries, take place at an early date at India Office. Thereby, further embitterment of relations of Oriyas, with Telugus, Bengalis, and Biharis, would be so aptly avoided.

---

Digitized by srujanika@gmail.com

## Indian Round Table Conference, 1932.

Minutes of the Thirteenth Meeting of the Conference held at the House of Lords on Wednesday, 7th December, 1932 at 2.30 P. M.

### Present.

### Lord Sankey (In the Chair)

The Raja of Khallikote held that all income tax should be provincial and that the Percy Committee overestimated expenditure especially on the army.

He was concerned chiefly to advocate the claims of Orissa to be constituted a separate province. He thought that the deficit had been overestimated by the Lord Committee and that adjustment in respect of backward tracts and irrigation debt would, in any case, practically overcome the difficulty. At all events the case of Orissa was as strong as that of the North West Frontier Province and Sind and the amount of money required very much less, and he appealed to His Majesty's Government for an early declaration in favour of separation.

Digitized by srujanika@gmail.com

# ନାମ ସୂଚନା


ଅଚ୍ୟୁତାନନ୍ଦ ପୁରୋହିତ ୧୯୭
ଅଚ୍ୟୁତାନନ୍ଦ ମହାନନ୍ଦ ୨୪୭
ଅନନ୍ତ ପଟ୍ଟନାୟକ ୨୨୬
ଅନନ୍ତ ବର୍ମା ୮
ଅନନ୍ତ ମିଶ୍ର ୧୪୫
ଅନଙ୍ଗଭୀମଦେବ ୮, ୯
ଅନୁପ ସିଂହଦେବ ୨୪୫
ଅବଦୁଲ ଶୋଭନ ଖାଁ ୨୨୮
ଅଭିରାମ ଭଞ୍ଜ ୧୦୭, ୧୦୯, ୧୧୬
ଅଯୋଧ୍ୟାନାଥ ଖୋସଲ ୨୪୬
ଅଶୋକ ୭, ୮
ଆଉରେଙ୍ଗଜୀବ ୧୨
ଆଦ୍ରିଲ ହୋସେନ ୧୨
ଆର୍ତ୍ତତ୍ରାଣ ତର୍କପଞ୍ଚାନନ ୩୫
ଆନଓ୍ୱାର୍ଦ୍ଦି ଖାନ୍ ୧୨
ଆବୁଲକାଲମ ଆଜାଦ ୧୮୦
ଆଶୁତୋଷ ବେନାର୍ଜି ୭୩
ଆସଫ ଅଲି ୨୩୯
ଆର. ଏନ. ମେହେଟ୍ଟା ୧୯୪
ଆନନ୍ଦ ଆଚାର୍ଯ୍ୟ ୧୯୭
ଇଟ୍ସ୍ ୨୫, ୧୯୩
ଇନ୍ଦିରା ଗାନ୍ଧୀ ୨୫୦
ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ୫୧
ଇ. ସି. ଆନସୋର୍ଜ ୨୨୮
ଇଉ. ଏମ. ସେନ୍ ୧୭୮
ଉଇଲିୟମ ମହାନ୍ତି ୧୯, ୨୦, ୫୯
ଉତ୍କଳ ୨
ଉଡ୍‌ବର୍ଣ୍ଣ ୨୭, ୪୮, ୪୯, ୫୨
ଉଦିତପ୍ରତାପ ଶେଖରଦେବ ୨୪୩
ଏଡ଼ ଓ୍ୱାଡ଼ (ସପ୍ତମ) ୫୭
ଏନ୍. ପି. ସିଂହ ୨୪୨
ଏମ୍. ଏଚ୍. ଆରନଟ୍ ୮
ଏଲ୍‌ଗିନ୍ ୪୮
ଏ. ସି. ଡ଼ଫ୍ ୧୭୫
ଏମ୍. ଏ. ଆନ୍‌ସାରି ୧୮୦
ଏମ୍. ଏସ୍. ଆନେ ୧୮୦
ଏସ୍. ଡ଼ି. କିଚଲୁ ୧୮୦
ଓ. ଏସ୍. ମଲେ ୧୪
ଓଡ଼ନେଲ ୧୯୪, ୧୯୫
ଓ୍ୱେଲିଂଟନ ୧୬
କକ୍‌ବର୍ଣ୍ଣ ୪୨
କପିଳେନ୍ଦ୍ର ଦେବ ୯, ୧୦
କପିଳେଶ୍ୱର ବିଦ୍ୟାଭୂଷଣ ୩୫
କରୁଣାକର ପରମଗୁରୁ ୧୭
କର୍ଣ୍ଣ ୨, ୫
କର୍ଣ୍ଣେଲ ମଟନ୍ ୩୪
କର୍ଣ୍ଣେଲ ହାରକୋଟ ୧୩
କଲଭିନ୍ ଷ୍ଟୁଆଟ ୪୭
କାର୍ତ୍ତିକଚନ୍ଦ୍ର ମାଝି ୨୪୬
କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ୩୮
କାଳୀଚରଣ ବାନୁର୍ଯ୍ୟା ୭୩
କାହ୍ନୁକିଶୋର ପାଣି ୧୭୧
କାହ୍ନୁଚରଣ ଲେଙ୍କା ୨୪୮
କିଶୋରଚନ୍ଦ୍ର ଭଞ୍ଜଦେବ ୨୩୮, ୨୪୩
କିଶୋରଚନ୍ଦ୍ର ସିଂହଦେବ ୧୨୨
କୁକ୍ (ଏଚ୍. ଜି.) ୨୫୧


Digitized by srujanika@gmail.com

କୁମାରବିଦ୍ୟାଧର ସିଂହଦେବ ୨୩୪
କୁମାରସ୍ୱାମୀ ରାଜା ୨୪୩
କୁମୁଦଚନ୍ଦ୍ର ସିଂହ ୨୪୩
କୃପାନିଧି ନାୟକ ୨୪୩
କୃପାମୟ ଅନଙ୍ଗଭୀମଦେବ ୧୨୬
କୃପାସିନ୍ଧୁ ଖେଇ (ଡା) ୨୪୭
କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବ
୧୮୩, ୧୯୪, ୨୨୪
କୃଷ୍ଣଚନ୍ଦ୍ର ପାଲିତ ୧୧୨
କୃଷ୍ଣଚନ୍ଦ୍ର ସାହାଣୀ ୫୮, ୬୦
କୃଷ୍ଣଦେବ ରାୟ ୧୧
କୃଷ୍ଣ ସିଂହ ୩୫
କେ. ପି. ଜୟସ୍ୱାଲ ୨୪୬
କୈଳାସଚନ୍ଦ୍ର ମହାନ୍ତି ୨୩୩
କୈଳାସନାଥ କାଟ୍‌ଜୁ ୨୩୮
କୋଣ୍ଡାଭେଙ୍କଟ ଆପାୟା ୧୬୭୭
କୌଟିଲ୍ୟ ୬
ବ୍ୟାମ୍ପେଲ ୩୪
କ୍ରଫୋର୍ଡ଼ ୧୧୪, ୧୨୫
କ୍ରମ୍ପ ୨୮
କ୍ରମ୍ବି ୧୯୫
ଖାରବେଳ ୭
ଗଣେଶ ମହାପାତ୍ର ୨୪୦
ଗତିକୃଷ୍ଣ ଷଡ଼ଙ୍ଗୀ ୧୭୧
ଗଗନବିହାରୀ ଚୌଧୁରୀ ୧୦୩
ଗଙ୍ଗାଧର ପ୍ରଧାନ ୧୦୭, ୨୪୭
ଗଙ୍ଗାଧର ମିଶ୍ର ୧୩୧
ଗଙ୍ଗାଧର ମେହେର
୧୧୧, ୧୨୯, ୧୩୦, ୧୩୧
ଗୁହ ୬
ଗୋକୁଳାନନ୍ଦ ଚୌଧୁରୀ
୪୪, ୫୮, ୧୦୪, ୧୩୪
ଗୋପବନ୍ଧୁ ଚୌଧୁରୀ ୧୮୧
ଗୋପାଳବଲ୍ଲଭ ଦାସ ୩୭, ୪୯, ୧୦୭
ଗୋପାଳଚନ୍ଦ୍ର ପ୍ରହରାଜ ୫୮, ୧୦୬
ଗୋପାଳ (ଭଣ୍ଡ) ଓଡ଼ିଆ ୩୭
ଗୋପାଳ (ତେଲେଙ୍ଗା) ୧୩୧
ଗୋପୀନାଥ ନନ୍ଦ ୫୯
ଗୋପୀନାଥ ବକ୍‌ସୀପାତ୍ର ୨୩୪
ଗୋପୀନାଥ ବଡ଼ଜେନା ୧୧
ଗୋପୀନାଥ ଷଡ଼ଙ୍ଗୀ ୧୩୧
ଗୋପୀବଲ୍ଲଭ ଦାସ ୩୭
ଗୋବିନ୍ଦ ମିଶ୍ର ୨୨୬
ଗୋବିନ୍ଦ ମୁଣ୍ଡା ୨୪୬
ଗୌରଚନ୍ଦ୍ର ଦେବ ୧୯୪, ୧୯୬
ଗୌରଚନ୍ଦ୍ର ମାନସିଂହ ୧୩୩
ଗୌରୀଶଙ୍କର ରାୟ
୩୩, ୩୪, ୩୫, ୩୮, ୪୮, ୧୧୪
ଚକ୍ରପାଣି ପ୍ରଧାନ ୧୭୬
ଚକ୍ରପାଣି ବିଦ୍ୟାଧର ସାମନ୍ତ ୧୭୫
ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ ୧୭୩
ଚନ୍ଦ୍ରଗୁପ୍ତ ୭
ଚନ୍ଦ୍ରଚୂଡ଼ାମଣି ହରିଚନ୍ଦନଜଗଦେବ
୧୨୯, ୧୩୨, ୧୩୩
ଚନ୍ଦ୍ରମୋହନ ସିଂହ ୧୪୫
ଚନ୍ଦ୍ରଶେଖର ବେହେରା
୧୦୨, ୧୬୮, ୧୬୯, ୧୭୪
ଚନ୍ଦ୍ରଶେଖର ସିଂହସାମନ୍ତ ୩୩
ଚିନ୍ତାମଣି ପଟ୍ଟନାୟକ ୧୪୫
ଚିନ୍ତାମଣି ମହାନ୍ତି ୧୨୭, ୧୨୮
ଚୋଳଗଙ୍ଗ ୮
ଜଗଦୀଶଚନ୍ଦ୍ର ନାୟକ ୨୩୪
ଜଗନ୍ନାଥ ଦାସ ୧୧, ୧୨, ୧୫୨
ଜଗନ୍ନାଥ ପଟ୍ଟନାୟକ ୨୪୮

Digitized by srujanika@gmail.com

ଜଗନ୍ନାଥ ରାଓ (ପି. ଭି.) ୨୪୫
ଜଗନ୍ନାଥ ଗଜପତି ରାଜଦେବ ୨୩୯
ଜଗବନ୍ଧୁ ସିଂହ ୧୩୩, ୧୬୮, ୧୬୯
ଜନାର୍ଦ୍ଦନ ଦାସ ୧୯
ଜୟନାରାୟଣ ରାମ ୧୭୧
ଜବାହରଲାଲ ନେହେରୁ ୧୮୦, ୧୮୧
ଜଗନ୍ନାଥ ଦାସ ୧୧, ୨୨, ୧୫୨
ଜଗନ୍ମୋହନ ପଟ୍ଟନାୟକ ୨୨୨
ଜି. ଆର. ପ୍ରଧାନ ୧୮୦
ଟି. ପ୍ରକାଶମ୍ ୧୭୩
ଟି. ସାଙ୍ଗାନା ୨୪୫
ତରୁଣରାମ ଫୁକେନ ୧୯୪
ତାରିଣୀଚରଣ ରଥ ୨୫୩
ଦୟାନିଧି ନାଏକ ୨୪୬
ଦାନିଏଲ ମହାନ୍ତି ୧୦୭
ଦାମୋଦର କବିରତ୍ନ ୧୨୭
ଦାମୋଦର ପଟ୍ଟନାୟକ ୧୧୪
ଦାମୋଦର ସାହୁ ୧୯୩
ବାସପା ଦାନପା ଜଟ୍ଟି ୨୪୮
ଦିବ୍ୟଲୋଚନ ଶେଖରଦେଓ ୨୪୮
ଦିବ୍ୟସିଂହ ଦେବ ୩୨, ୪୫, ୪୬
ଦୀନନାଥ ପାଣ୍ଡେ ୧୭୧
ଦିବାକର ପଟ୍ଟନାୟକ ୧୯୭
ଦୁର୍ଯ୍ୟୋଧନ ୨
ଦେବକାନ୍ତ ବଡ଼ୁଆ ୨୪୭
ଦେବାନବାହାଦୂର ଶ୍ରୀକୃଷ୍ଣ ମହାପାତ୍ର ୧୯୪
ଦୈତ୍ୟାରିପ୍ରସାଦ ଦାସ ୧୬୭
ଦ୍ୱାରିକାନାଥ ଚକ୍ରବର୍ତ୍ତୀ ୫୨
ନଗେନ୍ଦ୍ରନାଥ ଚୌଧୁରୀ ୬୩
ନନ୍ଦକିଶୋର ବଳ ୫୮, ୧୩୧
ନନ୍ଦିନୀ ଶତପଥୀ ୨୪୭, ୨୪୮
ନବକୃଷ୍ଣ ଚୌଧୁରୀ ୨୩୮
ନରସିଂହ ଦାସ ୧୨୬
ନରସିଂହ ପାଣିଗ୍ରାହୀ ୨୩୯
ନରସିଂହ ଦେବ ୯
ନସୀମୁଦ୍ଦିନ ୧୫
ନାନକ ୯୩
ନାରାୟଣ ମର୍ଦ୍ଦରାଜ ଦେବ ୩୬
ନିଜାମ୍ ୨୨୭
ନିମାଇଁଚରଣ ମିତ୍ର ୧୧୫
ନିତ୍ୟାନନ୍ଦ କାନୁନଗୋ ୨୭୪
ନିତ୍ୟାନନ୍ଦ ପଟ୍ଟନାୟକ ୧୫୫
ନିତ୍ୟାନନ୍ଦ ମହାପାତ୍ର ୨୪୬
ନିରଞ୍ଜନ ନାୟକ ୨୪୬
ନିରଞ୍ଜନ ପଟ୍ଟନାୟକ ୧୭୬, ୧୮୧, ୧୦୫
ନୀଳକଣ୍ଠ (ରାଜା) " ୧୨
ନୀଳମଣିଚନ୍ଦ୍ର ଦେ ୧୨୨
ନୀଳମଣି ବିଦ୍ୟାରତ୍ନ ୫୪, ୫୭, ୧୨୫, ୧୨୯
ନୀଳମଣି ରାଉତରାୟ ୨୪୫, ୨୪୭
ନୀଳମଣି ସେନାପତି ୧୯୭
ପଟ୍ଟାଭି ସୀତାରାମେୟା ୧୭୩
ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ୨୨୬, ୨୨୭
ପଣ୍ଡିତ ଗୋଦାବରୀଶ ମିଶ୍ର ୧୬୭, ୧୭୧, ୨୨୮, ୨୪୧, ୨୪୩
ପଣ୍ଡିତ ଗୋପବନ୍ଧୁ ଦାସ ୪୪, ୫୮, ୧୪୧, ୧୪୬, ୧୫୯, ୧୬୯, ୧୭୩, ୧୭୮, ୧୮୧, ୨୨୮
ପଣ୍ଡିତ ଗୋବିନ୍ଦ ରଥ ୪୯, ୫୦, ୫୧, ୫୨
ପଣ୍ଡିତ ଗୋବିନ୍ଦବଲ୍ଲଭ ପନ୍ଥ ୨୪୧
ପଣ୍ଡିତ ନୀଳକଣ୍ଠ ଦାସ ୧୭୩, ୧୭୮, ୨୨୮

Digitized by srujanika@gmail.com

ପଣ୍ଡିତ ଲିଙ୍ଗରାଜ ମିଶ୍ର ୧୮୧, ୨୩୩
ପଦ୍ମନାଭ ନାରାୟଣଦେବ ୫୯
ପଦ୍ମଶ୍ରୀ ମୋହନ ନାୟକ ୧୨୧, ୨୪୮
ପଦ୍ମନାଭ ଶତପଥୀ ୧୦୭
ପାନିକର ୨୪୦
ପବିତ୍ରମୋହନ ପ୍ରଧାନ ୨୩୩, ୨୩୮, ୨୪୫
ପର୍ଶୁରାମ ପାତ୍ର ୫୯
ପାଣିନୀ ୬
ପିଅରସନ୍ (ଡବ୍ଲ୍ୟୁ) ୧୧୮
ପୁରୁଷୋତ୍ତମ ତର୍କାଳଙ୍କାର ୧୦୭
ପୁରୁଷୋତ୍ତମ ଦେବ ୯, ୧୦, ୧୩୧
ପ୍ୟାରିମୋହନ ଆଚାର୍ଯ୍ୟ ୫୧
ପ୍ରତାପକେଶରୀ ଦେବ ୨୩୯
ପ୍ରତାପରୁଦ୍ରଦେବ ୧୦, ୧୧
ପ୍ରଭାକର ବିଦ୍ୟାରତ୍ନ ୩୫
ପ୍ରତାପଚନ୍ଦ୍ର . ମହାନ୍ତି ୨୪୭
ପ୍ରହ୍ଲାଦ ମଲ୍ଲିକ ୨୪୭
ପ୍ରାଇଡ୍ · ୧୬
ପ୍ରାଣକୃଷ୍ଣ ପରିଜା (ଡଃ) ୨୪୫
ପ୍ଲିନି ୬
ଫକୀରମୋହନ ସେନାପତି ୩୪, ୩୮, ୩୯, ୪୧, ୫୨, ୫୪, ୧୩୯, ୧୪୧, ୧୫୭
ଫଜଲ ଆଲି ୨୪୦
ଫିଲିପ୍ (ଡି.ଏ.) ୧୭୫
ଫେରିସ୍ ୧୬
ଫୋଲ୍ଲେ ୧୬୮
ବକ୍ସି ଜଗବନ୍ଧୁ ୧୬, ୧୭
ବନବିହାରୀ ପାଲିତ ୧୦୬
ବନମାଳୀ ପଟ୍ଟନାୟକ ୨୪୬
ବନମାଳୀ ବାବୁ ୨୪୫
ବଳଭଦ୍ର ସୂପକାର ୨୮
ବଳବନ୍ତ ରାୟମେହେଟ୍ଟା ୨୪୫
ବଳରାମ ଦେବ ୧୩୧
ବଳରାମ ନରିନ୍ଦ୍ର ୧୩୨
ବଳରାମ ମହାରଣା ୫୯, ୬୦, ୨୫୫
ବସନ୍ତମଞ୍ଜରୀ ଦେବୀ ୨୪୩
ବାଭରିଂ ୨୬
ବାଙ୍କବିହାରୀ ଦାସ ୨୪୭
ବାବୁରାଓ ନାଇଡୁ ୫୯
ବାରିଷ୍ଟର ବିଶ୍ୱନାଥ ମିଶ୍ର ୧୭୮,୧୯୪,୨୫୨
ବାଲୁକେଶ୍ୱର ଆଚାର୍ଯ୍ୟ ୨୨୬
ବାଲୁକେଶ୍ୱର ମିଶ୍ର ୧୫୫
ବି. କେ. ଗୋଖଲେ ୨୪୩
ବି. ଏସ୍. ମୁଞ୍ଜେ ୧୭୩
ବିକ୍ରମଦେବ ବର୍ମା ୭୨, ୧୦୧, ୧୪୮, ୧୭୬, ୧୮୦, ୧୯୪
ବିଚିତ୍ରାନନ୍ଦ ଦାସ ୪୦, ୪୨
ବିଜୟାନନ୍ଦ (ବିଜୁ) ପଟ୍ଟନାୟକ ୨୪୫
ବିଜୟକୁମାର ପାଣି ୨୪୨
ବିନାୟକ ଆଚାର୍ଯ୍ୟ ୨୪୭, ୨୪୮
ବି. କେ. ଗୋଖ୍ଲେ ୨୨୮
ବି. ସି ମୁଖାର୍ଜି ୧୯୪
ବିପିନ ପାଲ ୫୨
ବିରଜମୋହନ ସେନାପତି ୧୩୩
ବିଶ୍ୱନାଥ କର ୧୦୧, ୧୬୯
ବିଶ୍ୱନାଥ ଦାସ ୧୭୮, ୧୯୫,୨୨୪, ୨୫୭
ବିଶ୍ୱନାଥ ଶତପଥୀ ୧୦୭
ବିଶ୍ୱମ୍ଭରଦାସ ପ୍ରହରାଜ ୨୦୫
ବିଶ୍ୱମ୍ଭର ବିଦ୍ୟାଭୂଷଣ ୨୫
ବିହାରିଲାଲ ପଣ୍ଡିତ ୧୧୫
ବୀରବିକ୍ରମ ସିଂହ ବରିହା ୨୪୩

Digitized by srujanika@gmail.com

ବୀରେନ୍ ମିତ୍ର ୨୪୫
ବୁଦ୍ଧ ୭
ବୁସସି ୧୩
ବୃହଦବଳ ୨
ବେଙ୍ଗପାଣିଆ ୨୪୨
ବେଙ୍କଲଗେଟ୍ ୨୪୩
ବେଣୁଧର ବଳୀୟାର ସିଂହ ୨୪୮
ବେବରଲି ୪୭
ବୈକୁଣ୍ଠନାଥ ଦେବବାହାଦୂର (ରଜା)
୬୫, ୧୦୭, ୧୧୩, ୧୨୨, ୧୩୪
ବୈଜଲ ୧୩୧
ବୋଧରାମ ଦୁବେ ୨୨୪
ବ୍ରଜମୋହନ ପଟ୍ଟନାୟକ ୨୨୮, ୧୦୧
ବ୍ରଜମୋହନ ମହାନ୍ତି ୨୪୭
ବ୍ରଜସୁନ୍ଦର ଦାସ ୧୦୭
ବ୍ରଜାନନ୍ଦ ଦାସ ୧୦୭
ବ୍ରହ୍ମାନନ୍ଦ ବିଶ୍ୱାଳ ୨୪୮
ବ୍ରୁକ୍ ୨୬
ଭଗବତୀ ପାଣିଗ୍ରାହୀ ୨୬୭
ଭଗୀରଥି ଗମାଙ୍ଗ ୨୪୭
ଭଗୀରଥି ମହେନ୍ଦ୍ର ବାହାଦୂର ୩୬
ଭିକ୍ଟୋରିଆ (ସାମ୍ରାଜ୍ଞୀ) ୧୨୭
ଭି. ପି. ମେନନ୍ ୨୩୮
ଭୀମ ୫
ଭୀମସେନ ସାଗ୍ରର ୨୪୩
ଭୁବନାନନ୍ଦ ଦାସ
୧୭୭, ୧୮୧, ୧୮୨, ୨୦୫, ୨୨୧
ଭଗବତପ୍ରସାଦ ଦାସ ୨୦୧
ଭଗବତଚନ୍ଦ୍ର ଦାସ ୨୨୯
ଭୈରବଚନ୍ଦ୍ର ମହାନ୍ତି ୨୩୮
ଭୋଳାନାଥ ସାମନ୍ତରାୟ ୧୧୫
ମଙ୍ଗଳ ସିଂହ ୧୮୦
ମଣ୍ଟେଗୁ ୧୫୮, ୧୯୧
ମଣିରାମମୂର୍ତ୍ତି ପଟ୍ଟନାୟକ ୧୫୪
ମଦନମୋହନ ପ୍ରଧାନ ୨୪୫
ମଦନ୍‌ମୋହନ ମିଶ୍ର ୨୮
ମଦନମୋହନ ସିଂହଦେବ ୧୨୧
ମଧୁବାବୁ ୨୭, ୩୮, ୪୨, ୪୩, ୪୪,
୪୫, ୪୮, ୫୩, ୫୪, ୫୫, ୫୮,
୬୪, ୭୩, ୧୦୪, ୧୨୫, ୧୨୬,
୧୨୭, ୧୫୯, ୧୭୪
ମଧୁସୂଦନ ପଟ୍ଟନାୟକ ୧୨୬
ମଧୁସୂଦନ ପାଣିଗ୍ରାହୀ ୨୦୫
ମଧୁସୂଦନ ରାଓ ୧୦୯
ମନମୋହନ ଟୁଡ଼ୁ ୧୪୬
ମହାତ୍ମାଗାନ୍ଧି
୬୧, ୧୪୮, ୧୭୨, ୧୭୩, ୧୮୩
ମ. ମ. ହରପ୍ରସାଦ ଶାସ୍ତ୍ରୀ ୪୪
ମହନ୍ତବିହାରୀ ଦାସ ୨୮
ମହେଶ୍ୱର କବିଚନ୍ଦ୍ର ୧୪୫
ମାକ୍‌କଲମ ସ୍କଟ ୧୩୫
ମାର୍ଟିନ୍ ୩୮
ମାଥୁରି ସାହୁ ୫୨
ମାନଧାତା ଗୋରଚନ୍ଦ ପଟ୍ଟନାୟକ ୨୨୪
ମାୟାଧର ଦାସ ୧୧୪
ମାଳତୀ ଚୌଧୁରୀ ୨୪୩
ମିଲସ୍ ୨୨
ମିହିର କବି ୨୪୩
ମକୁନ୍ଦଦେବ ୧୧, ୧୨, ୧୪, ୧୬, ୧୭
ମୁରାରିପ୍ରସାଦ ମିଶ୍ର ୨୪୬
ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାର ୨୫, ୩୭
ମୃତ୍ୟୁଞ୍ଜୟ ତ୍ରିପାଠୀ ୨୦୧
ମୃତ୍ୟୁଞ୍ଜୟ ରଥ ୫୭
ମୋତିଲାଲ ନେହେରୁ ୧୮୦, ୧୮୧

Digitized by srujanika@gmail.com

ମୌଲବି ରଫିଉଦ୍ଦିନ ମହମ୍ମଦ ୧୧୪

ମୌଲବି ଲତିଫୁର ରହମନ ୨୨୪

ମୌଲବି ସୟଦନୁରୁଲ ହକ୍ ୧୧୪

ମ୍ୟାକ୍ ଡ଼ୋନାଲ୍ଡ ୨୨୫

ଯଦୁନାଥ ଦାସମହାପାତ୍ର ୨୪୮

ଯଦମଣି ମଙ୍ଗରାଜ ୧୮୧

ଯଯାତି କେଶରୀ ୮

ଯଶୋବନ୍ତ ନାରାୟଣ ସକ୍ଥାଙ୍କର ୨୪୩

ଯୁଧିଷ୍ଠିର ୧, ୫

ଯୋଗେଶଚନ୍ଦ୍ର ରାୟ ୬୯

ଯୋଗେନ୍ଦ୍ର ନାରାୟଣ ଆଗ୍ୱର୍ଯ୍ୟ ୧୮୧

ୟ. ଏନ୍. ଧେବର

ରଘୁ ୬

ରଘୁନାଥ ରାୟ ୫୮

ରଣକଦେବ ୮

ରବଟପେରି ୩୬

ରବିଶଙ୍କର ଶୁକ୍ଳ ୨୪୦

ରଣଜିତ ସିଂହବରିହା ୨୩୬

ରବି ସିଂ ମାଝି ୨୪୭

ରାଜକିଶୋର ଦାସ ୪୪, ୧୧୫

ରାମକଷ୍ଣ ଦେଓ ୨୦୫

ରାଜକୃଷ୍ଣ ମୁଖୋପାଧ୍ୟାୟ ୩୮

ରାଜଗୋପାଳାଚାରୀ (ମଞ୍ଜୁଷା) ୧୦୩

ରାଜନାରାୟଣ ମିଶ୍ର ୧୦୪

ରାଜବଲ୍ଲଭ ମିଶ୍ର ୨୪୬, ୧୦୧,

ରାଜାବୈକୁଣ୍ଠନାଥ ଦେ ବାହାଦୁର ୬୫, ୧୦୧, ୧୩୪

ରାଜେନ୍ଦ୍ର ପ୍ରସାଦ ୧୭୧, ୧୭୩

ରାଜେନ୍ଦ୍ରନାରାୟଣ ସିଂହଦେବ ୨୩୮, ୨୪୬

ରାଜେନ୍ଦ୍ରଲାଲ ମିତ୍ର ୩୬, ୩୭, ୩୮

ରାଧାକୃଷ୍ଣ ଦାସ ଗୋସ୍ୱାମୀ ୧୫୫

ରାଧାକୃଷ୍ଣ ବିଶ୍ୱାସରାୟ ୨୩୪, ୨୩୮, ୨୪୩

ରାଧାଗୋବିନ୍ଦ ଦାସ ୧୫୬

ରାଧାନାଥ ପତି ୧୦୪, ୧୮୧, ୨୦୧

ରାଧାନାଥ ବର୍ମା ୧୩୩

ରାଧାନାଥ ରଥ (ପଦ୍ମଭୂଷଣ, ଡକ୍ଟର) ୨୨୬, ୨୩୩, ୨୩୪, ୨୪୩, ୨୪୯

ରାଧାନାଥ ରାୟ ୫୪, ୫୫, ୫୬, ୫୮

ରାଧାପ୍ରସାଦ ଭଗତ ୬୩

ରାଧାମୋହନ ବକ୍ସୀ ୧୯୬

ରାମକୃଷ୍ଣ ପଟ୍ଟନାୟକ ୨୪୭

ରାମଚନ୍ଦ୍ର ଦାସ ୫୮

ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ୧୬୯, ୧୭୫, ୧୯୪, ୨୦୨, ୨୦୩, ୨୦୫, ୨୦୬, ୨୨୨

ରାମପ୍ରସାଦ ମିଶ୍ର ୨୪୫

ରାମଶଙ୍କର ରାୟ ୩୩

ରାମାନୁଜ ୯୩

ରାମାନୁଜ ଗଦାଧର ଦାସ ୧୩୯

ରାୟରାମାନନ୍ଦ ୧୧

ରିକେଟସ୍ ୨୨

ରିସ୍ଲି (ଏଚ୍. ଏନ.) ୧୧୮, ୨୬୩

ରେଭେନ୍ସା (ଟି.ଇ.) ୩୫, ୪୦, ୧୩୪

ରେଭେରେଣ୍ଡ ଏ. ଏ. ୟଙ୍ଗ ୧୦୪

ରେଭେରେଣ୍ଡ ଶେମ ସାହୁ ୫୩

ରେଭେରେଣ୍ଡ ୟଙ୍ଗ ୬୯

ରେଭେରେଣ୍ଡ ହାଉଲସ୍ ୭୦

ରେଭେରେଣ୍ଡ ହ୍ୱାଇଟ ୫୩

ଲର୍ଡ ଆମ୍ପଥିଲ ୧୧୯, ୧୨୦ ୧୨୨

ଲର୍ଡ ଉଇଲିଂଡ଼ନ ୧୬୯

ଲର୍ଡ ଓ୍ୱାଭେଲ ୨୩୩

ଲର୍ଡ କର୍ଜନ ୫୩, ୧୨୦, ୧୪୨, ୧୪୩, ୧୮୬

ଲର୍ଡ କାରମାଇକେଲ ୧୪୬

ଲର୍ଡ କିଚନର ୧୨୦


Digitized by srujanika@gmail.com

ଲର୍ଡ କ୍ରିୟୁ ୧୪୩
ଲର୍ଡ ଚେମସ୍ ଫୋଡ଼୍ ୧୫୮
ଲର୍ଡ ପେଣ୍ଟଲଣ୍ଡ ୧୪୮
ଲର୍ଡ ମର୍ଲେ ୧୨୭
ଲର୍ଡ ମାଉଣ୍ଟ ବାଟେନ ୨୩୭
ଲର୍ଡ ସାଂକି ୨୦୫, ୨୬୭
ଲର୍ଡ ଲିନ୍‌ଲିଥ୍‌ଗୋ ୨୩୮
ଲର୍ଡ ହାର୍ଡିଞ୍ଜ ୧୩୪, ୧୩୫
ଲକ୍ଷ୍ମଣ ମଲିକ ୨୪୭, ୧୪୮
ଲଲଟେନ୍ଦୁ କେଶରୀ ୮
ଲକ୍ଷ୍ମୀଧର ମହାନ୍ତି (ଗ.ବା.) ୧୮୧
୧୧୨, ୨୦୩, ୨୦୫, ୨୨୨
ଲକ୍ଷ୍ମୀନାରାୟଣ ପଟ୍ଟନାୟକ ୭୦, ୧୯୪,
୧୯୬
ଲକ୍ଷ୍ମୀନାରାଣ ସାହୁ ୧୬୮, ୧୮୧ ୨୨୯
ଲକ୍ଷ୍ମୀନାରାୟଣ ସିଂହଦେବ ୧୫୫
ଲରେନସ ୨୭, ୨୮
ଲଲମୋହନ ପଟ୍ଟନାୟକ ୨୪୫
ଲସେନ ୧୭୬
ଲିଫ୍‌ବେ ୧୬
ଲିଙ୍ଗରାଜ ପାଣିଗ୍ରାହୀ ୧୯୪, ୨୨୧, ୨୪୫
ଲେସି (ଡ଼ବ୍ଲ୍ୟୁ, ଜି.) ୨୦୦
ଲୋକନାଥ ମିଶ୍ର (ଗ. ବା.) ୨୨୨
ଶରତକୁମାର କର ୨୪୭
ଶଶିଭୂଷଣ ରଥ ୧୪୬,୧୪୭,୧୪୮,୧୯୪
ଶଙ୍କର ପ୍ରସାଦ ମିଶ୍ର ୧୯୭
ଶରଚ୍ଚନ୍ଦ୍ର ଦେବ ୨୪୭
ଶାନ୍ତନୁକୁମାର ଦାସ ୨୪୬
ଶୈଳେନ୍ଦ୍ରନାରାୟଣ ଭଞ୍ଜଦେବ ୨୪୩
ଶ୍ୟାମସୁନ୍ଦର ରାଜଗୁରୁ ୫୮, ୫୯
ଶ୍ରୀକୃଷ୍ଣ ସିଂହ ୨୪୨
ଶ୍ରୀପତି ମିଶ୍ର ୨୮
ଶ୍ରୀବତ୍ସ ପଣ୍ଡା ୬୦, ୧୩୨
ଷ୍ଟୁଆଟ (ଡ଼ବ୍ଲ୍ୟୁ) ୪୩
ସଚ୍ଚିଦାନନ୍ଦ ସିଂହ ୧୭୧, ୧୯୪, ୧୯୮
ସଟନ ୨୨, ୨୫, ୪୩
ସତ୍ୟପ୍ରିୟ ମହାନ୍ତି ୨୪୩
ସଦାଶିବ ତ୍ରିପାଠୀ ୨୩୭, ୨୪୫
ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୨୨୭, ୨୩୫
ସର୍ଦ୍ଦାର ଯୋଗେନ୍ଦ୍ର ସିଂହ ୨୪୭
ସନ୍ତୋଷକୁମାର ସାହୁ ୨୪୬
ସୟଦ ନୁରୁଲ ହକ୍ ୧୦୭
ସୟଦ ମହମ୍ମଦ ଆଲି ୧୦୭
ସରସ୍ୱତୀ ପ୍ରଧାନ ୨୪୫
ସଲ୍ଲବତ୍ ଜଙ୍ଗ ୧୨
ସହଦେବ ୧, ୨
ସହରାଇ ଓରାମ ୨୪୭
ସାମସନ୍ ରାଉତ ୧୧୬
ସାର ଅଷ୍ଟିନ ହବାକ ୨୨୪
ସାର ଆଣ୍ଡ୍ରୁ ଫ୍ରେଜର ୫୩, ୧୧୯
ସାର ଅର୍ଥର କଟନ ୩୨
ସାର ଆର୍ଥର ଲଲି ୧୩୪
ସାର ଆଲି ଇମାମ ୧୪୨, ୧୫୮, ୧୮୦
ସାର ଆଶୁତୋଷ ମୁଖାର୍ଜି ୧୪୧
ସାର ଉଲିୟମ ଭିନ୍‌ସେଣ୍ଟ ୧୭୭
ସାର ଏମ୍ ବିଶ୍ୱେଶ୍ୱରାୟା ୨୨୪
ସାର ଓ୍ୱାଲଟିୟର ହାମିଲଟନ ୪୦
ସାର ଗ୍ରର୍ଲସ ଫେରି ୧୫୬
ସାର ଗ୍ରର୍ଲସ ଷ୍ଟୁଆଟ ୧୫୬
ସାର ଗ୍ରନ୍ଦୁଲଲ ୨୩୩
ସାର ତେଜବାହାଦୁର ସାପ୍ରୁ ୧୮୦
ସାର ନଗେନ୍ଦ୍ରନାଥ ସରକାର ୧୮୨
ସାର ଜନ୍ ବିମସ୍ ୩୯
ସାର ଜନ ସାଇମନ ୧୭୭

Digitized by srujanika@gmail.com

ସାର ବାସୁଦେବ ସୁଦ୍ଧଳ ଦେବ ୫୬, ୬୨
ସାର ବି: ଏନ୍: ଶର୍ମା ୧୭୧
ସାର ମନରେ ହାମିକ ୧୧୯
ସାର ରଜେନ୍ଦ୍ରନାରାୟଣ ଭଞ୍ଜଦେବ ୧୨୫, ୧୪୭, ୧୭୨
ସାର ରିଚ୍ଚର୍ଡ ଟେମ୍ପଲ ୪୨
ସାର ସାମଏଲ ଓଡ଼ନେଲ ୧୯୪
ସାର ସାମୁଏଲ ହୋର ୨୦୫
ସାର ହର୍ଥୋର୍ନ ଲୁଇ ୨୨୮
ସାରଙ୍ଗଧର ଦାସ ୨୨୬, ୨୩୭
ସି. ଏଲ୍. ଫିଲିପସ ୧୭୫
ସିଦ୍ଧିଲାଲ ମୁର୍ମୁ ୨୪୭
ସି: ସି: ଟାଲେଣ୍ଟ ୧୪୪
ସି: ଭି: ନରସିଂହ ରାଜୁ ୧୯୪
ସୁଆଇବ କୁରେସି ୧୮୦
ସୁଦର୍ଶନ ପାଣିଗ୍ରାହୀ ୧୭୧
ସୁଦେଷ୍ଣା ୬
ସୁଦ୍ୟୁମ୍ନ ୨
ସୁନୀତିକୁମାର ଚଟ୍ଟୋପାଧ୍ୟାୟ ୨୪୬
ସୁନୀଲ ଦେ ୨୪୨
ସୁଭଷଚନ୍ଦ୍ର ବୋଷ ୧୭୯, ୧୮୦, ୧୮୧
ସୁରେନ୍ଦ୍ରନାଥ ଦ୍ୱିବେଦୀ ୨୨୬
ସୁରେନ୍ଦ୍ରନାଥ ପଟ୍ଟନାୟକ ୨୪୬
ସୁରେନ୍ଦ୍ରନାଥ ବାନାର୍ଜି ୧୭୧
ସୁରେନ୍ଦ୍ରନାଥ ଷଡ଼ଙ୍ଗୀ ୧୭୧
ସୋନାରାମ ସୋରେନ ୨୩୮
ସୋମନାଥ ରଥ ୨୪୭
ସ୍ୱାମୀ ଦୟାନନ୍ଦ ୬୧
ହଣ୍ଟର ୨୨, ୨୫୪
ହରପ୍ରସାଦ ମହାପାତ୍ର ୨୪୬
ହରିଶ୍ଚନ୍ଦ୍ର ଘୋଷ ୧୧୬
ହରିହର ପଟେଲ ୨୪୬
ହରିହର ପଣ୍ଡା ୬୦, ୧୧୪, ୧୨୩, ୧୭୫
ହରିହର ମର୍ଦରାଜ ଦେବ ୫୪, ୫୫, ୫୬, ୫୭, ୧୨୨, ୧୩୩
ହରିହର ମିଶ୍ର ୨୨୯
ହରିହର ସଦସା ୫୯, ୬୦
ହରିହର ସିଂହ ମର୍ଦରାଜ ୨୪୪
ହର୍ଷ ବର୍ଦ୍ଧନ ୮
ହରେକୃଷ୍ଣ ମହତାବ (ଡ଼ା) ୧୭୦, ୧୮୨, ୨୪୨, ୨୪୩
ହରେକଷ୍ଣ ମହାନ୍ତି ୧୧୩
ହିମାଂଶୁଶେଖର ପାଢ଼ୀ ୨୪୩
ହୃଦୟନାଥ କୁଞ୍ଜୁରୁ ୨୪୦
ହେନେରି ଜନ୍ ଷ୍ଟେଡ଼ମେନ ୨୩
ହେନେରି ଜିରଡ଼କୁକ୍ ୪୯
ହେନେରି ରିକେଟସ୍ ୨୫୧
ହେଲି ୪୫